An Authenticated Edition

OF

# LAVANYAVATI

BY

## UPENDRA BHANJA

## Part I.

*Edited with different readings, introduction & notes.*

*By*

Rai Bahadur A. B. MOHANTI M.A.

# ଲାବଣ୍ୟବତୀ

ରସିକରାଜ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

## ପ୍ରଥମ ଭାଗ

ବହୁପାଠ, ମୁଖବନ୍ଧ ଟୀକା ସହ

ରାୟ ବାହାଦୁର ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଏମ୍.ଏ.ଙ୍କ ଦ୍ୱାରା

ସଙ୍କଳିତ

ବିଶୁଦ୍ଧ ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ଉତ୍କଳ ବିଶ୍ୱବିଦ୍ୟାଳୟ

କଟକ

୧୯୫୭

ମୂଲ୍ୟ ତିନି ଟଙ୍କା

ଅନୁଶୀଳନ କରିବା ତ ଦୂରର କଥା; କିନ୍ତୁ ସେସବୁକୁ ସେମାନଙ୍କର ଦୃଷ୍ଟିରେ ଆଣିବା ବିଷୟରେ ଆମ୍ଭେମାନେ ସନ୍ଦିହାନ । ସେମାନେ ନିଜେ କିଛି ଭାବି ଚିନ୍ତି ନ କରି ଗଡ୍ଡଳିକା ପ୍ରବାହ ନ୍ୟାୟରେ ପୁରୁଣା ଘସରା ବାଟେ ମତକୁ ନିଜର ଗଣ୍ଠିଧନ କରି ସର୍ବଦା ନିଜର ମତରୂପେ ପ୍ରକାଶପୂର୍ବକ ସ୍ୱପାଣ୍ଡିତ୍ୟାଭିମାନ ଦେଖାନ୍ତି । କବିଙ୍କ କାବ୍ୟାଦିର ଗୁଣ ଦୋଷ ଦର୍ଶନପୂର୍ବକ ତତ୍ପ୍ରତି ସ୍ତୁତି ନିନ୍ଦା ପ୍ରକାଶ ନ କରି କବିଙ୍କ ଉପରେ ଅର୍ଥାତ୍ କବିଙ୍କ ନାମ ମାତ୍ର ଉପରେ ତାଙ୍କ ସ୍ତୁତି ନିନ୍ଦା ବୁଜୁଲି ଝାଡ଼ି ଦିଅନ୍ତି । ଇଂରେଜ କବି ଓ ସମାଲୋଚକ "ପୋପ" ଏପରି ସମାଲୋଚକଙ୍କୁ ଆକ୍ଷେପ କରି ଯଥାର୍ଥ କହି ଅଛନ୍ତି ( ମତ୍ ସଂକଳିତ ରସକଲ୍ଲୋଳର ମୁଖବନ୍ଧ ଦ୍ରଷ୍ଟବ୍ୟ ) ।

## କାବ୍ୟର ଶରୀର

କାବ୍ୟର ସ୍ୱରୂପ ଓ ଲକ୍ଷଣମାନ ନିର୍ଣ୍ଣୟ କରି ଭଞ୍ଜଙ୍କ କାବ୍ୟସ୍ଥିତ ବିଷୟମାନ ଯଥାଯଥ ଆଲୋଚନା କଲେ ପ୍ରକୃତ ଓ ପ୍ରକୃଷ୍ଟ ଅଭିମତ ପ୍ରଦତ୍ତ ହୋଇ ପାରିବ । କାବ୍ୟର ଶରୀର:—ଧ୍ୱନି, ବର୍ଣ୍ଣ, ପଦ ଓ ବାକ୍ୟ ଯଥାକ୍ରମେ ସୂକ୍ଷ୍ମା, ପଶ୍ୟନ୍ତୀ, ମଧ୍ୟମା ଓ ବୈଖରୀ ରୂପେ ବାଗ୍ଦେବୀଙ୍କ ଶରୀରର ଚାରିଗୋଟି ଅବସ୍ଥା ।

## ବର୍ଣ୍ଣାଦିର ଉତ୍ପତ୍ତି

ଆତ୍ମା ବୁଦ୍ଧିଦ୍ୱାରା ସ୍ୱ-ଭାବ ପ୍ରକାଶ କରିବାକୁ ଇଚ୍ଛା କଲେ ମନରେ ପ୍ରକ୍ରିୟା ହୁଏ । ତହୁଁ ମନ ଶରୀରସ୍ଥ ଅଗ୍ନିକୁ ଆଘାତ କରେ, ତେଣୁ ବାୟୁ ଊର୍ଦ୍ଧ୍ୱକୁ ପ୍ରେରିତ ହୁଏ । ଅଗ୍ନି ଓ ବାୟୁର ସଂଯୋଗରୁ ଓ ବାକ୍ଇନ୍ଦ୍ରିୟର କ୍ଷୋଭବଶରୁ ପ୍ରଥମତଃ ସୂକ୍ଷ୍ମା ବାକ୍ ଜାତ ହୁଏ, ତାହାର ଅପର ନାମ ଧ୍ୱନି । କଣ୍ଠମୂର୍ଦ୍ଧାଦି ସ୍ଥାନରେ ବାକ୍ ଇନ୍ଦ୍ରିୟ ସହିତ ବାୟୁ ସଞ୍ଚରଣ କଲେ ବର୍ଣ୍ଣରୂପ ବାକ୍ ଜାତ ହୁଏ, ତାହାର ନାମ ପଶ୍ୟନ୍ତୀ । ଏହି ବର୍ଣ୍ଣମାନଙ୍କ ସମଷ୍ଟିରେ ପଦ ( ଅର୍ଥଯୁକ୍ତ ) ଜାତ ହୁଏ, ତାହାର ନାମ ମଧ୍ୟମା ଓ ପଦମାନଙ୍କ ସମଷ୍ଟିରେ ବାକ୍ୟରୂପ ବୈଖରୀ ଜାତ ହୁଏ । ଏମାନଙ୍କର ଉତ୍ପତ୍ତି ପ୍ରୟୋଜନ-ହେତୁକ; କାରଣ ବିନା ପ୍ରୟୋଜନରେ କୌଣସି କାର୍ଯ୍ୟ ସଂଘଟିତ ହୁଏ ନାହିଁ ।

## ତାର ପ୍ରୟୋଜନ

ଭାବପ୍ରକାଶ ନିମିତ୍ତ ଧ୍ୱନି, ବର୍ଣ୍ଣ, ପଦ ଓ ବାକ୍ୟାଦିର ଜନ୍ମ । ଭାବ ଅରୂପ, ପଦ ଓ ବାକ୍ୟାଦି ଦ୍ୱାରା ତାହା ରୂପବାନ୍ ହୁଏ । ଭାବ ଓ ବାଣୀ, ଅର୍ଥ ଓ ଶବ୍ଦ କେତେକଙ୍କ ମତରେ କାବ୍ୟର ଶରୀର । କିନ୍ତୁ ଶବ୍ଦ ( ଅର୍ଥଯୁକ୍ତ ପଦାବଳୀ ) କାବ୍ୟର ଶରୀର—ଏହା କହିବା ସମୀଚୀନ । ଏହା ଜଗନ୍ନାଥ ପଣ୍ଡିତ ତାଙ୍କ ରସ ଗଙ୍ଗାଧରରେ ଯଥାଯଥ ଦେଖାଇ ଅଛନ୍ତି । ବାଣୀ ଦ୍ୱାରା ଭାବ

ଅଭିବ୍ୟକ୍ତ ହୁଏ । ଭାବ ଓ ବାଣୀର, ପୁରୁଷ ଓ ପ୍ରକୃତିର, ଚର୍ ଓ ଅଚର୍‌ର ସମ୍ବନ୍ଧରେ ସଂସାରଧାରା ନିର୍ବାହିତ ହୁଏ । ଭାବମୟୀ ବାଣୀହିଁ ଚିନ୍ମୟୀ ପ୍ରକୃତି । ଯେପରି ସ୍ଥାବର ଜଗତ୍ ଚର୍ ଓ ଅଚର୍ ଆତ୍ମକ । ସେହିପରି ବାକ୍ୟ ବା କାବ୍ୟଜଗତ୍ ଭାବ ଓ ବାଣୀ ଆତ୍ମକ । ବାକ୍ ଓ ଅର୍ଥର ଲୀଳା, ପ୍ରକୃତି ଓ ପୁରୁଷର ଲୀଳା, ରାଧା ଓ କୃଷ୍ଣଙ୍କ ଲୀଳା ଏକ ଭାବାପନ୍ନ । ମନୁଷ୍ୟ ନିଜର ମନୋଗତ ଭାବକୁ ପ୍ରକାଶ କରିବାକୁ ଇଚ୍ଛା କଲେ କେତେବେଳେ ତାକୁ ସମ୍ପୂର୍ଣ୍ଣ ଉପଯୁକ୍ତ ବାଣୀ ମିଳେ ନାହିଁ, କିଛି ଅଭାବ ରହିଗଲା ପରି ବୋଧ ହୁଏ । କେତେବେଳେ ବା ସେ ଭାବର ଯଥାର୍ଥ ବାଣୀ ପାଏ—ଅର୍ଥାତ୍ ତାହାର ଭାବ ଓ ବାଣୀର ସମ୍ପୂର୍ଣ୍ଣ ମେଳ ହୁଏ । ପୁନଶ୍ଚ କେତେବେଳେ ଭାବ ପ୍ରକାଶ ନିମନ୍ତେ ଆଦୌ ବାଣୀ ମିଳେ ନାହିଁ । ଯଥା—ମତ୍‌କୃତ ପଦ :—

ଭାବ ଖୋଜେ ବାଣୀ, ବାଣୀ ଖୋଜେ ଭାବ, ଲାଗେ ଖୋଜାଖୋଜି ବଡ଼ ।
କାହିଁ ଛଡ଼ାଛଡ଼ି କାହିଁ ଭେଟାଭେଟି କାହିଁ ବା ବଡ଼ ଅନ୍ତର ॥
ରାଧା କୃଷ୍ଣ ପ୍ରେମ ବଡ଼ ଅନୁପମ ତୁମ୍ଭେହିଁ ରସିକବର ।
ଯୋଗିଜନ ଧାମ ବ୍ରହ୍ମାସ୍ୱାଦ ସମ ମୁଦ ଲଭ ଯେ ଚିରର ॥

ସେହି କବି ଓ ଲେଖକ ସିଦ୍ଧ, ଯାହାଙ୍କର ଭାବ ଓ ବାଣୀ ସମଭାବରେ ଗତି କରନ୍ତି । ଉପଯୁକ୍ତ ବାଣୀରେ ସ୍ୱ ଭାବକୁ ଅଭିବ୍ୟକ୍ତ କରିବା ନିମିତ୍ତ ଜଗତ୍ ବିଖ୍ୟାତ ମହାକବି କାଳିଦାସ ଶବ୍ଦାର୍ଥରୂପୀ ପାର୍ବତୀ ପରମେଶ୍ୱରଙ୍କୁ ରଘୁବଂଶର ଆଦ୍ୟରେ ସ୍ତୁତି କରିଅଛନ୍ତି ।

## କାବ୍ୟର ସ୍ୱରୂପ

ମନୁଷ୍ୟର ଯେପରି ଶରୀର, ଗୁଣ, ଦୋଷ, ଅଳଙ୍କାର ଓ ଆତ୍ମା ଅଛି, ସେହିପରି କାବ୍ୟର ଶରୀର-ଶବ୍ଦ ( ଅର୍ଥଯୁକ୍ତ ପଦାବଳୀ; ) ଗୁଣ—ପ୍ରସାଦ, ମାଧୁର୍ଯ୍ୟାଦି; ଦୋଷ—ଶ୍ରୁତିକଟୁ, ପୁନରୁକ୍ତ ପ୍ରଭୃତି; ଅଳଙ୍କାର—ଅନୁପ୍ରାସ ଓ ଉପମାଦି; ଆତ୍ମା—ରସ ବା ଧ୍ୱନି । ପ୍ରସିଦ୍ଧ ଆଳଂକାରିକମାନେ କାବ୍ୟର ସ୍ୱରୂପ ବା ସଂଜ୍ଞା ଭିନ୍ନ ଭିନ୍ନ ରୂପେ ନିର୍ଦ୍ଦେଶ କରିଥିଲେହେଁ କାବ୍ୟ ପାଠ ଓ ଶ୍ରବଣରେ ଲୋକଙ୍କ ସାମାଜିକଙ୍କ ମନରେ ରମଣୀୟ ବା ଚମତ୍କାର ଭାବ ଜନ୍ମେ —ଏ ବିଷୟରେ ସମସ୍ତେ ଏକମତ । ବର୍ତ୍ତମାନ ସଂସ୍କୃତ ଆଳଂକାରିକମାନଙ୍କ ପ୍ରଦତ୍ତ କାବ୍ୟର ସ୍ୱରୂପ ବା ସଂଜ୍ଞାମାନଙ୍କୁ ବିଚାର କଲେ କାବ୍ୟଗତ ସମସ୍ତ ବିଷୟ ସ୍ପଷ୍ଟଭାବରେ ପ୍ରତିପନ୍ନ ହେବ ।

### ଅଗ୍ନି ପୁରାଣ

"ସଂକ୍ଷେପାଦ୍ ବାକ୍ୟମିଷ୍ଟାର୍ଥବ୍ୟବଚ୍ଛିନ୍ନା ପଦାବଳୀ ।
କାବ୍ୟଂ ସ୍ଫୁଟମଲଙ୍କାରଂ ଗୁଣବତ୍ ଦୋଷବର୍ଜିତମ୍ ।"

ଅଭିପ୍ରେତ ଅର୍ଥ ପ୍ରକାଶ କରିବା ପଦାବଳୀ ଯେ ବାକ୍ୟ ତାହା କାବ୍ୟ ନାମରେ ଅଭିହିତ, ତାହା ଅଲଙ୍କାରଯୁକ୍ତ, ସଗୁଣ ଓ ଦୋଷଶୂନ୍ୟ । ଗୁଣ ରସର ସ୍ଥାୟୀ ଧର୍ମ । ଏଠାରେ ଗୁଣ ସ୍ୱୀକାର କରିବା ହେତୁ ଗୌଣଭାବରେ ରସ ମଧ୍ୟ ସ୍ୱୀକାର କରିବାକୁ ହେଲା ।

## ଆଚାର୍ଯ୍ୟ ଦଣ୍ଡୀ

କାବ୍ୟାଦର୍ଶକାର ଲେଖିଅଛନ୍ତି :—ଇଷ୍ଟାର୍ଥବ୍ୟବଚ୍ଛିନ୍ନା ପଦାବଳୀ (ଏହି ସ୍ୱରୂପ କଥନରୁ ଜଣାଯାଏ ଯେ ଅଗ୍ନି ପୁରାଣ କାବ୍ୟାଦର୍ଶ ପରେ ଲିଖିତ ।) ଅଭିପ୍ରେତାର୍ଥ ପ୍ରକାଶ କରିବା ପଦାବଳୀହିଁ କାବ୍ୟ—ଏପରି ପଦାବଳୀ ନିଶ୍ଚୟ ଚିତ୍ତର ଆନନ୍ଦଦାୟକ । ଆନନ୍ଦ ଭାବ ବା ଚମତ୍କାର ପ୍ରତିପାଦକ ପଦାବଳୀ ପ୍ରଧାନତଃ ରସାଶ୍ରିତ ।

## ବାମନାଚାର୍ଯ୍ୟ

"ରୀତିରାତ୍ମା କାବ୍ୟସ୍ୟ"—ରୀତି ହେଉଛି କାବ୍ୟର ଆତ୍ମା । ଏଠାରେ ରୀତିର ଅର୍ଥ ବିଶିଷ୍ଟ ପଦରଚନା । ବିଶିଷ୍ଟ ଶବ୍ଦଦ୍ୱାରା ବିଶେଷ ଗୁଣଯୁକ୍ତ ବନ୍ଧ ବୁଝାଯାଏ । ଅର୍ଥାତ୍ ପ୍ରସାଦ ମାଧୁର୍ଯ୍ୟାଦି ଗୁଣଯୁକ୍ତ । ବିଭିନ୍ନ ରସ ନିମନ୍ତେ ବିଭିନ୍ନ ଗୁଣର ଉପଯୋଗିତା ଅଛି—ତହୁଁ ଗୌଣରୂପେ ରସ ସ୍ୱୀକୃତ ହେଲା ।

## ଧ୍ୱନିକାର

ଆନନ୍ଦବର୍ଦ୍ଧନାଚାର୍ଯ୍ୟ—"ଧ୍ୱନିରାତ୍ମା କାବ୍ୟସ୍ୟ"—କାବ୍ୟର ଆତ୍ମା ଧ୍ୱନି । ବ୍ୟଙ୍ଗ୍ୟ ହେତୁ ରସ ସ୍ୱୀକୃତ ହେଲା । ଏ ସ୍ୱରୂପ କଥନରେ ଚିତ୍ରକାବ୍ୟ, ଅର୍ଥଚିତ୍ର ଓ ଶବ୍ଦଚିତ୍ର ପରିହୃତ ହେଲା ।

## ବକ୍ରୋକ୍ତି ଜୀବିତକାର

"ବକ୍ରୋକ୍ତିଃ କାବ୍ୟଜୀବିତମ୍" ବକ୍ରୋକ୍ତି କାବ୍ୟର ପ୍ରାଣ । ପୂର୍ବବତ୍ ଏ ମଧ୍ୟ ଅବ୍ୟାପ୍ତି ଦୋଷଦୁଷ୍ଟ । ଭୋଜରାଜଙ୍କ ମତରେ କାବ୍ୟ ବକ୍ରୋକ୍ତି, ସ୍ୱଭାବୋକ୍ତି ଓ ରସୋକ୍ତିରେ ଗଠିତ । ବକ୍ରୋକ୍ତି ଓ ସ୍ୱଭାବୋକ୍ତି ଅଧିକାଂଶ ସ୍ଥଳରେ ରସାଶ୍ରିତ । ବକ୍ରୋକ୍ତିକୁ ପଦାଲଙ୍କାର ରୂପେ ଭୋଜରାଜ ପ୍ରଭୃତି ଗ୍ରହଣ କରିଅଛନ୍ତି । ବକ୍ରୋକ୍ତିକାରଙ୍କ ମତରେ ବକ୍ରୋକ୍ତି ବାଚ୍ୟ ଅର୍ଥ ବ୍ୟତୀତ ବ୍ୟାପକ ଅର୍ଥରେ ସମସ୍ତ ରସାତ୍ମକ ରମଣୀୟାର୍ଥ ପ୍ରତିପାଦକ ଉକ୍ତିକୁ ବୁଝାଏ; କିନ୍ତୁ ସଂକୀର୍ଣ୍ଣ ଅର୍ଥରେ ଏହା ପଦାଲଙ୍କାର ମାତ୍ର ।

## ଭୋଜରାଜ

"ଅଦୋଷଂ ଗୁଣବତ୍ କାବ୍ୟମଲଂକାରୈରଲଂକୃତମ୍ ।
ରସାନ୍ୱିତଂ କବିଃ କୁର୍ବନ୍ କୀର୍ତ୍ତିଂ ପ୍ରୀତିଂ ଚ ବିନ୍ଦତି ।"

ଦୋଷବର୍ଜ୍ଜିତ, ଗୁଣଯୁକ୍ତ, ଅଲଙ୍କାରମଣ୍ଡିତ ଓ ରସଯୁକ୍ତ ପଦାବଳୀହିଁ କାବ୍ୟ । (ସରସ୍ୱତୀ-କଣ୍ଠାଭରଣ) ।

## ମମ୍ମଟ ଭଟ୍ଟ

କାବ୍ୟପ୍ରକାଶକାର :—“ଅଦୋଷୌ ଶବ୍ଦାର୍ଥୌ ସଗୁଣାବନଲଂକୃତୀ ପୁନଃ କ୍ୱାପି ।” ଦୋଷଶୂନ୍ୟ, ଗୁଣଯୁକ୍ତ, ଅଲଙ୍କାର ନ ଥାଇ ମଧ୍ୟ ଶବ୍ଦାର୍ଥ କାବ୍ୟ ଅଟେ । ଗୁଣ ଗ୍ରହଣ ହେତୁ ଗୌଣଭାବରେ ରସ ସ୍ୱୀକୃତ ହେଲା ।

## ବିଶ୍ୱନାଥ କବିରାଜ

ସାହିତ୍ୟଦର୍ପଣକାର :—“ବାକ୍ୟଂ ରସାତ୍ମକଂ କାବ୍ୟମ୍” କାବ୍ୟର ଆତ୍ମା ରସ । ବିଶ୍ୱନାଥ ପୂର୍ବ ଆଲଂକାରିକଙ୍କ ସ୍ୱରୂପକଥନମାନଙ୍କୁ ଖଣ୍ଡନ କରିଅଛନ୍ତି । ଯଥା—ଅବୟବ ସଂଯୋଜନ ମାତ୍ର; ତହୁଁ ବାମନଙ୍କ ଉକ୍ତି ଦୋଷବହ । ବକ୍ରୋକ୍ତି ଅଲଂକାର ବିଶେଷ ! ସଦୋଷ ହୋଇ ମଧ୍ୟ ରସ ବା ଧ୍ୱନିଯୁକ୍ତ ପଦାବଳୀ କାବ୍ୟରୂପେ ଗୃହୀତ ହୁଏ—ଯେପରି କୀଟବିଦ୍ଧ ରତ୍ନ । କୀଟ ଭେଦରେ ରତ୍ନର ରତ୍ନତ୍ୱ ନଷ୍ଟ ହୁଏ ନାହିଁ; ଦୋଷଯୁକ୍ତ ହୋଇ ମଧ୍ୟ କାବ୍ୟ କୀଟବିଦ୍ଧ ରତ୍ନବତ୍ ତାରତମ୍ୟ ଭେଦରେ ଗୃହୀତ ହୁଏ । ଗୁଣ ରସର ସ୍ଥାୟୀ ଧର୍ମ, ଅଳଙ୍କାର ଅସ୍ଥାୟୀ ଧର୍ମ । ତହୁଁ ଧର୍ମୀ, ଅଙ୍ଗୀକୁ ନ କହି ଧର୍ମ ବା ଅଙ୍ଗ ଗୁଣକୁ କହିବା ସମୀଚୀନ ନୁହେଁ । ତେଣୁ “ରସାତ୍ମକଂ ବାକ୍ୟଂ କାବ୍ୟମ୍” କହିବା ଉଚିତ—ଏହି ଉକ୍ତିରେ ମମ୍ମଟ ଓ ଭୋଜରାଜଙ୍କୁ ଆକ୍ଷେପ କରାଗଲା । କାବ୍ୟସ୍ଥ ନୀରସ ପଦାବଳୀର ବର୍ଣ୍ଣନାସ୍ଥଳ ରସାତ୍ମକ କାବ୍ୟର ଅଙ୍ଗୀଭୂତ ହେତୁ ଗୌଣଭାବରେ ରସାଶ୍ରିତ । ତେଣୁ ତାହା କାବ୍ୟରୂପେ ବିଶ୍ୱନାଥ ଗ୍ରହଣ କରିଅଛନ୍ତି ।

## ଜଗନ୍ନାଥ ପଣ୍ଡିତ

ରସଗଙ୍ଗାଧରକାର :—କାବ୍ୟାନ୍ତର୍ଗତ ନୀରସ ବସ୍ତୁର ବର୍ଣ୍ଣନକୁ ଗୌଣ-ଭାବରେ ରସାଶ୍ରିତ ନ କହି “ବାକ୍ୟଂ ରସାତ୍ମକଂ କାବ୍ୟମ୍” ବିଶ୍ୱନାଥଙ୍କ ଏହି ସ୍ୱରୂପକଥନରେ ଦୋଷ ଦର୍ଶାଇ କହନ୍ତି—“ଜଳ ପ୍ରବାହ, ବେଗ ନିପତନ, ଉତ୍ପତନ, ଭ୍ରମଣ, କପି ବାଳକ କ୍ରୀଡ଼ାଦିରେ ରସସ୍ପର୍ଶ ଅଛି । ଏହା କିପରି ଭାବିବାକୁ ହେବ ।” ତହୁଁ ସେ “ଚମତ୍କାର-ଉତ୍ପାଦକଶବ୍ଦଃ କାବ୍ୟମ୍” ଏପରି ସ୍ୱରୂପ ନିର୍ଦ୍ଦେଶ କରିଅଛନ୍ତି । ଏହା ଅବ୍ୟାପ୍ତି ଓ ଅତିବ୍ୟାପ୍ତି ଦୋଷଶୂନ୍ୟ । ଏହା ଦ୍ୱାରା ଗୁଣ, ଅଲଙ୍କାର, ବକ୍ରୋକ୍ତି, ସ୍ୱଭାବୋକ୍ତି, ରସୋକ୍ତି, ସମସ୍ତ ଗୃହୀତ ହେଲା ।

## କାବ୍ୟର ପ୍ରୟୋଜନ

ମନୁଷ୍ୟର ଜୀବନଯାତ୍ରା ନିର୍ବାହ ପ୍ରସଙ୍ଗରେ ଚାରିଗୋଟି ଅର୍ଥ, ଉଦ୍ଦେଶ୍ୟ ବା ପ୍ରୟୋଜନ ଅଛି, ତାହା ଯଥାକ୍ରମେ ଧର୍ମ, ଅର୍ଥ, କାମ ଓ ମୋକ୍ଷ । ଏହି

ଏହାର ସାରାର୍ଥ ଏହି ଯେ :—ଯେ ଶବ୍ଦମାନଙ୍କର ଯୋଜନା କରି ଜାଣନ୍ତି, ଶବ୍ଦ ଓ ଅପଶବ୍ଦ ନିର୍ଣ୍ଣୟ କରି ପାରନ୍ତି ଓ ଉପଯୁକ୍ତ କାଳରେ ଯଥାର୍ଥ ପ୍ରୟୋଗ କରି ପାରନ୍ତି, ସେ ସ୍ୱର୍ଗରେ ଅନନ୍ତ ଜୟ (ସୁଖ) ଲାଭ କରନ୍ତି ଏବଂ ଯେ ନ ଜାଣନ୍ତି ସେ ଅପଶବ୍ଦ ପ୍ରୟୋଗ ଦ୍ୱାରା ଦୋଷଯୁକ୍ତ ଅର୍ଥାତ୍ ପାପଭାକ୍ ହୁଅନ୍ତି । ପୁନଶ୍ଚ "ଏକଃଶବ୍ଦଃ ସୁପ୍ରଯୁକ୍ତଃ ସମ୍ୟକ୍ଜ୍ଞାତଃ ସ୍ୱର୍ଗେ ଲୋକେ ଚ କାମଧୁକ୍ ଭବତି ।" ଭଲ ଜଣା ଥିବା ଓ ଉତ୍ତମରୂପେ ପ୍ରଯୁକ୍ତ ହେବା ଶବ୍ଦ ସ୍ୱର୍ଗରେ ଓ ମର୍ତ୍ତ୍ୟରେ କାମଧେନୁବତ୍ କାର୍ଯ୍ୟ କରେ—କାମଧେନୁ ଅଭୀଷ୍ଟ ଫଳ ପ୍ରଦାନ କଲା ଭଳି କାବ୍ୟ ଅଭୀଷ୍ଟ ଅର୍ଥ ପ୍ରଦାନ କରେ । ଧ୍ୱନିପ୍ରଧାନ ଶାସ୍ତ୍ର କାନ୍ତାସମ୍ମିତ କାବ୍ୟ । ବ୍ୟାକରଣ ବିନା ଧ୍ୱନି ବୁଝିବା ବଡ଼ କଷ୍ଟକର । ତେଣୁ କାବ୍ୟର ବ୍ୟାକରଣ ଅତୀବ ଯୁକ୍ତିଯୁକ୍ତ । ଶ୍ରୁତି, ସ୍ମୃତି, ଇତିହାସ ଓ ପୁରାଣମାନଙ୍କରେ ପୁଣ୍ୟକୀର୍ତ୍ତି ମହାପୁରୁଷ-ମାନଙ୍କର ଗୁଣପ୍ରତିପାଦକ ବାକ୍ୟମାନ ପରିଦୃଷ୍ଟ ହୁଏ—ତାହାହିଁ କାବ୍ୟର କର୍ତ୍ତବ୍ୟସାଧକ ଅର୍ଥାତ୍ କାବ୍ୟ ସେହି ସେହି ବିଷୟମାନଙ୍କୁ ଶ୍ରୁତି, ସ୍ମୃତି, ପୁରାଣ ଓ ଇତିହାସାଦିରୁ ଗ୍ରହଣ କରେ । ତେଣୁ କାବ୍ୟର କରଣୀୟ ବିଷୟ ଶ୍ରୁତି ସ୍ମୃତି ପୁରାଣ ଇତିହାସାଦିରେ ପରିଦୃଷ୍ଟ ହୁଏ । ପୁରାଣ, ମହାଭାରତ ଓ ସ୍ମୃତି ବେଦରୂପେ ସ୍ୱୀକୃତ ଯଥା:—ପୁରାଣଂ ପଞ୍ଚମୋ ବେଦଃ । ଭାରତଂ ପଞ୍ଚମୋ ବେଦଃ । ଶ୍ରୁତିମୂଳା ବୈ ସ୍ମୃତିଃ । ତହୁଁ କାବ୍ୟର ମୂଳ ଉପାଦାନ ଶ୍ରୁତି, ସ୍ମୃତି, ଇତିହାସ ଓ ପୁରାଣାଦିରୁ ଗୃହୀତ । ପୁନଶ୍ଚ କାବ୍ୟାଲାପାଂଶ୍ଚ ବର୍ଜୟେତ୍—କାବ୍ୟ ଲାପ ତ୍ୟାଗ କରିବ—ଏହା ଦ୍ୱାରା ଅସତ୍ କାବ୍ୟ କେବଳ ନିଷିଦ୍ଧ ହେଲା । ଯଦ୍ୟପି କାବ୍ୟ ମାତ୍ର ନିଷିଦ୍ଧ ହୁଏ, ତେବେ ଭାରତ ରାମାୟଣ ମଧ୍ୟ ନିଷିଦ୍ଧ ହେବ ! ତାହା ହୋଇ ନ ପାରେ; କାରଣ ବାଲ୍ମୀକି ଏବଂ ବ୍ୟାସ ରାମାୟଣ ଓ ଭାରତକୁ କାବ୍ୟ ଆଖ୍ୟା ପ୍ରଦାନ କରିଅଛନ୍ତି । ବେଦରେ ମଧ୍ୟ କାବ୍ୟଲକ୍ଷଣଯୁକ୍ତ ବାକ୍ୟ-ମାନ ଦୃଷ୍ଟ ହୁଏ । ତାହା ଯଥା—ଅର୍ଥବ୍ୟକ୍ତି ପ୍ରଭୃତି ଗୁଣ; ଉପମା, ରୂପକ ଅତିଶୟୋକ୍ତି ପ୍ରଭୃତି ଅଳଙ୍କାର; ଶୃଙ୍ଗାର, ବୀର, ବୀଭତ୍ସ ଓ ଶାନ୍ତ ପ୍ରଭୃତି ରସ । କାବ୍ୟ ସାଧାରଣତଃ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତ୍ରିବିଧ । ବ୍ୟଙ୍ଗ୍ୟ, ଗୁଣୀଭୂତ ବ୍ୟଙ୍ଗ୍ୟ ଓ ଚିତ୍ର କାବ୍ୟ । ଜଗନ୍ନାଥ ପଣ୍ଡିତ ଏହି ବିଭାଗକରଣକୁ ଆକ୍ଷେପ କରି କହନ୍ତି ଯେ ଏହା ଠିକ୍ ନୁହେଁ । ଅର୍ଥଚିତ୍ର ଓ ଶବ୍ଦଚିତ୍ରକୁ ସମାନ ଭାବରେ ଅଧମ କାବ୍ୟ କହିବା ଅଯୁକ୍ତ । ଅର୍ଥଚିତ୍ର ଓ ଶବ୍ଦଚିତ୍ର ମଧ୍ୟରେ ତାରତମ୍ୟ ସ୍ପଷ୍ଟ ଭାବରେ ଜଣାଯାଏ । ତାରତମ୍ୟ ଥାଇ ଯଦି ଗୋଟିଏ ଭେଦରେ ସେ ଦୁଇଟିଙ୍କୁ ନେବ ତେବେ ଧ୍ୱନି ଓ ଗୁଣୀଭୂତ ବ୍ୟଙ୍ଗ୍ୟରେ ସାମାନ୍ୟ ଭେଦ ଥାଇ କପରି ତାଙ୍କୁ ପୃଥକ୍ ଭାବରେ ଗ୍ରହଣ କଲ । ପ୍ରାଧାନ୍ୟ ଓ ଅପ୍ରାଧାନ୍ୟରେ ଭେଦ ମାତ୍ର; ତେଣୁ ଏହା ସାମାନ୍ୟ । ଧ୍ୱନି ଓ ଗୁଣୀଭୂତ ବ୍ୟଙ୍ଗ୍ୟ ମଧ୍ୟରେ ଭେଦ ସ୍ୱଳ୍ପ, ଏହା କହିବା ଠିକ୍ ନ ହେଲେହେଁ—କିନ୍ତୁ ଚାରି ଭାଗରେ

କାବ୍ୟକୁ ଗ୍ରହଣ କରିବା ଉଚିତ । ଯଥା :—୧ । ଉତ୍ତମୋତ୍ତମ—ଧ୍ୱନି । ଉତ୍ତମ—ଗୁଣୀଭୂତ ବ୍ୟଙ୍ଗ୍ୟ; ମଧ୍ୟମ—ଅର୍ଥଚିତ୍ର, ଅଧମ—ଶବ୍ଦଚିତ୍ର । ଧ୍ୱନିକାରଙ୍କ ମତରେ କାବ୍ୟ ବାଚ୍ୟ ଓ ବ୍ୟଙ୍ଗ୍ୟ ଭେଦରେ ଦ୍ୱିବିଧ—ଏ ଉକ୍ତି ମଧ୍ୟ ସମୀଚୀନ । ଧ୍ୱନି ଓ ଗୁଣୀଭୂତ ବ୍ୟଙ୍ଗ୍ୟ ଏକଭାଗାନ୍ତର୍ଗତ ।

## ରସ

ପରମଜ୍ୟୋତି ପରଂବ୍ରହ୍ମ ଭଗବାନଙ୍କର ସମୟ ବିଶେଷରେ ସହଜ ଆନନ୍ଦ ପ୍ରକଟିତ ହୁଏ, ଅର୍ଥାତ୍ ଭଗବାନ ଲୀଳା କରିବାକୁ ଇଚ୍ଛାକଲେ ତାଙ୍କର ଲଳିତାମ୍ଭାରୁ ସ୍ୱାଭାବିକ ଆନନ୍ଦଭାବ ପ୍ରକାଶିତ ହୁଏ । ଚୈତନ୍ୟର ଚମତ୍କାର ରସ ନାମରେ ସେହି ଆନନ୍ଦ ପ୍ରକାଶିତ ହୁଏ ।

"ପ୍ରକାଶାନନ୍ଦଚିଦ୍‌ରୂପାଂ ରସତାଂ ପ୍ରତିପଦ୍ୟତେ ।"

ଭଗବାନ୍ ପ୍ରଥମେ ଆନନ୍ଦମୟ, ସେ ପୁଣି ଚିନ୍ମୟ ଓ ସତ୍ତ୍ୱମୟ । ରସୋ ବୈ ସଃ, ଆନନ୍ଦଚିଦ୍‌ଘନଃ ସଃ, ସଚ୍ଚିଦାନନ୍ଦମୟଃ ସଃ । ଆନନ୍ଦର ଅଦ୍ୟ ବିକାରହିଁ ଅହଙ୍କାର (ପରମପୁରୁଷଙ୍କ ଶକ୍ତି ସଞ୍ଚାରରେ ପ୍ରକୃତିର କ୍ଷୋଭରୁ ମହତ୍ତତ୍ତ୍ୱ ବା ବୁଦ୍ଧି ଜାତ ହୁଏ । ସେହି ମହତ୍ତତ୍ତ୍ୱ ବା ବୁଦ୍ଧିଶକ୍ତିକୁ ଚିତ୍ ବା ଜ୍ଞାନଶକ୍ତି କୁହାଯାଏ । ବୁଦ୍ଧିରୁ ଅହଂକାର ଜନ୍ମେ । ସେ ଅହଂକାର ସତ୍ତ୍ୱ, ରଜ ଓ ତମୋମୟ । ସେହିପରି ଚିନ୍ମୟ ଭାବଯୁକ୍ତ ହୋଇ ଆନନ୍ଦ ଅହଂକାରକୁ ଜାତ କରେ । ପୁନଶ୍ଚ ସେହି ଅହଂକାରରୁ ଅଭିମାନ ଜାତ ହୁଏ) । ଅହଂକାର ସମଷ୍ଟିଭାବରେ ସତ୍ତ୍ୱରଜସ୍ତମୋମୟ—କିନ୍ତୁ ବ୍ୟଷ୍ଟିଭାବରେ ସତ୍ତ୍ୱମୟ ଅହଂକାର, ରଜୋମୟ ଅହଂକାର ଓ ତମୋମୟ ଅହଂକାର । ତାହା ଯଥାକ୍ରମେ ସତ୍ତ୍ୱାଭିମାନ, ରଜୋଭିମାନ ଓ ତମୋଭିମାନ ରୂପେ ଜାତ । ଅହଂକାରରୂପୀ ପରମପୁରୁଷଙ୍କର ସତ୍ତ୍ୱ ରଜ ଓ ତମଗୁଣରୁ ରତ୍ୟାଦି ସ୍ଥାୟି ଭାବମାନେ ଜାତ ହୁଅନ୍ତି । ସେହି ସ୍ଥାୟି ଭାବଗଣ ସ୍ୱ ସ୍ୱଜାତି ବିଷୟୋଦ୍ଭୂତ ପରିପୋଷଣଦ୍ୱାରା ଅର୍ଥାତ୍ ବିଭାବ, ଅନୁଭାବ ଓ ବ୍ୟଭିଚାରିଭାବ ଯୋଗରେ ଭିନ୍ନ ଭିନ୍ନ ଲକ୍ଷଣାକ୍ରାନ୍ତ ହୋଇ ଭିନ୍ନ ଭିନ୍ନ ରସରୂପରେ 'ପରିଣତ ହୁଅନ୍ତି । ଯେପରି ରତି ପରିପୋଷଣ ଦ୍ୱାରା—ସ୍ତ୍ରୀ ପୁରୁଷ ଅବଲମ୍ବନ, ମାଲ୍ୟ-ଚନ୍ଦନାଦି ଉଦ୍ଦୀପନ ରୂପ ବିଭାବ; କଟାକ୍ଷ, ଭ୍ରୂବିକ୍ଷେପ, ସ୍ତମ୍ଭସ୍ୱେଦାଦି ଅନୁଭାବ; ଜୁଗୁପ୍ସା, ଆଲସ୍ୟାଦି ବ୍ୟଭିଚାରିଯୋଗେ ସମ୍ଭୋଗ ଏବଂ ବିପ୍ରଲମ୍ଭରୂପ ଶୃଙ୍ଗାର-ରସରେ ପରିଣତ ହୁଏ, ସେହିପରି ଅନ୍ୟ ସ୍ଥାୟିଭାବଗଣ ହାସଶୋକାଦି ହାସ୍ୟ କରୁଣାଦି ରସରୂପେ ପରିଣତ ହୁଅନ୍ତି । ରତିରୁ ଶୃଙ୍ଗାର, ତୈକ୍ଷ୍ଣ୍ୟ ବା କ୍ରୋଧରୁ ରୌଦ୍ର, ଅବଷ୍ଟମ୍ଭ ବା ଉତ୍ସାହରୁ ବୀର, ସଂକୋଚ ବା ଜୁଗୁପ୍ସାରୁ ବୀଭତ୍ସ ଜାତ ହୁଏ । କୁସୁମର ବିକାଶ ରୂପ ଚିତ୍ତର ବିକାଶରେ ଶୃଙ୍ଗାର; ସମୁଦ୍ରର ବିକ୍ଷୋଭରୂପ ଚିତ୍ତର ବିକ୍ଷେଭରେ ରୌଦ୍ର; ବୃକ୍ଷର ବିସ୍ତାର ରୂପ ଚିତ୍ତର ବିସ୍ତାରରେ ବୀର ଓ ବାୟୁର ବିକ୍ଷେପ ରୂପ ଚିତ୍ତର ବିକ୍ଷେପରେ ବୀଭତ୍ସ ଜାତ

ହୁଏ । ଏହି ଶୃଙ୍ଗାରାଦି ଚାରି ଗୋଟି ମୌଳିକ ରସ । ଅପର ଚାରି ଗୋଟି ହାସ୍ୟ, କରୁଣ, ଅଦ୍ଭୁତ ଓ ଭୟାନକ ଯଥାକ୍ରମେ ଶୃଙ୍ଗାର, ରୌଦ୍ର, ବୀର ଓ ବୀଭତ୍ସରୁ ଜାତ ( ଭରତନାଟ୍ୟସୂତ୍ରାଦ୍ଧ ) । ଆଧୁନିକ ଆଲଂକାରିକଙ୍କ ମତରେ ଏମାନଙ୍କ ମଧ୍ୟରେ କାର୍ଯ୍ୟକାରଣ ସମ୍ବନ୍ଧ ନାହିଁ, କିନ୍ତୁ ପରସ୍ପରରେ ମିତ୍ରଭାବ ବିଦ୍ୟମାନ । ହାସ୍ୟରେ ଚିତ୍ତର ବିକାଶ, ସ୍ଥାୟିଭାବ ହାସ; କରୁଣରେ ବିକ୍ଷୋଭ, ସ୍ଥାୟୀଭାବ ଶୋକ; ଅଦ୍ଭୁତରେ ବିସ୍ତାର, ସ୍ଥାୟିଭାବ ବିସ୍ମୟ; ଭୟାନକରେ ବିକ୍ଷେପ, ସ୍ଥାୟୀଭାବ ଭୟ । ଶୃଙ୍ଗାରର ବୀଭତ୍ସ, ବୀରର ଭୟାନକ, ରୌଦ୍ରର ଅଦ୍ଭୁତ, ହାସ୍ୟର କରୁଣ ବିରୋଧୀ । ସାହିତ୍ୟଦର୍ପଣକାରଙ୍କ ମତରେ ଶୃଙ୍ଗାରର ଶତ୍ରୁ କରୁଣ, ବୀଭତ୍ସ, ବୀର ଓ ଭୟାନକ; ହାସ୍ୟର ଭୟାନକ ଓ କରୁଣ; କରୁଣର ହାସ୍ୟ ଓ ଶୃଙ୍ଗାର; ରୌଦ୍ରର ହାସ୍ୟ, ଶୃଙ୍ଗାର ଓ ଭୟାନକ; ବୀରରସର ଭୟାନକ ଓ ଶାନ୍ତ; ଭୟାନକର ଶୃଙ୍ଗାର, ବୀର, ରୌଦ୍ର, ହାସ୍ୟ ଓ ଶାନ୍ତ; ଶାନ୍ତର ବୀର, ଶୃଙ୍ଗାର, ରୌଦ୍ର, ହାସ୍ୟ ଓ ଭୟାନକ । ଏହି ଉକ୍ତି ଦୋଷାବହ; କାରଣ ଶୃଙ୍ଗାରର ବିରୋଧୀ ବୀରରସ ଏହା ଠିକ୍ ନୁହେଁ । ଶୃଙ୍ଗାରର କରୁଣ ବିରୋଧୀ ରୂପେ କଥିତ, କିନ୍ତୁ ରୌଦ୍ରର ବିଷୟ ଉଲ୍ଲେଖ ନାହିଁ । ପ୍ରକୃତରେ କରୁଣ ବିରୋଧୀ ହେଲେ ରୌଦ୍ର ମଧ୍ୟ ବିରୋଧୀ ହେବ । ହାସ୍ୟର ବିରୋଧୀ କରୁଣ ଓ ଭୟାନକ କଥିତ; କିନ୍ତୁ ରୌଦ୍ର ଓ ବୀଭତ୍ସ ସ୍ବୀକୃତ ହୋଇନାହିଁ । ଶୃଙ୍ଗାରର ବିରୋଧୀ ବୀଭତ୍ସ; ବୀରର ବିରୋଧୀ ଭୟାନକ । ବୀଭତ୍ସ ଓ ଭୟାନକ ମଧ୍ୟରେ ମିତ୍ରଭାବ ଥିବା ହେତୁ ବୀରର ମଧ୍ୟ ବୀଭତ୍ସ ବିରୋଧୀ । ଶୃଙ୍ଗାରର ବିରୋଧୀ ବୀଭତ୍ସ ହେତୁ ଶୃଙ୍ଗାର ଓ ବୀରର ମିତ୍ରଭାବ ଥିବା ସମ୍ଭବପର । ଏହିପରି ମତର ଅନୈକ୍ୟ ପରିଦୃଷ୍ଟ ହୁଏ । ସାହିତ୍ୟରତ୍ନାକରରେ ବୀଭତ୍ସ କରୁଣର ଓ ରୌଦ୍ର ଭୟାନକର ମିତ୍ରରୂପେ ଲକ୍ଷିତ—ଏହା ମଧ୍ୟ ବିଚାର୍ଯ୍ୟ । 'ରସଗଙ୍ଗାଧରରେ ଉକ୍ତ ଅଛି, ବୀର ଶୃଙ୍ଗାରର, ଶୃଙ୍ଗାର ହାସ୍ୟର, ବୀର ଅଦ୍ଭୁତର, ବୀର ରୌଦ୍ରର, ଶୃଙ୍ଗାର ଅଦ୍ଭୁତର ଅବିରୋଧୀ । ( ଉପେନ୍ଦ୍ର ମଧ୍ୟ ଶାନ୍ତକୁ ନବମ ରସରୂପେ ଗ୍ରହଣ କରି ଅଛନ୍ତି । ରସପଞ୍ଚକ ଦେଖ । )

କେତେକ ଆଲଂକାରିକ ଶାନ୍ତକୁ ରସ ରୂପେ, କେତେକ ବତ୍ସଳକୁ ରସରୂପେ, ପୁଣି କେହି ସ୍ନେହ ଓ ଭକ୍ତିକୁ ରସରୂପେ ସ୍ୱୀକାର କରନ୍ତି । ଭୋଜରାଜ ଶୃଙ୍ଗାର ପ୍ରକାଶରେ କହନ୍ତି—ଲୋକେ ରସକୁ ଦଶବିଧ ବୋଲି କହନ୍ତି; କିନ୍ତୁ ପ୍ରକୃତରେ ଆସ୍ୱାଦନର ଉପଯୋଗୀ ହେତୁ ଶୃଙ୍ଗାରହିଁ କେବଳ ରସ । ଅପରଙ୍କ ମତ ପୋଷଣ କରି ଭୋଜରାଜ ସରସ୍ୱତୀ କଣ୍ଠାଭରଣରେ ରସ ଦ୍ୱାଦଶ କହି ଶାନ୍ତ ସହିତ ନବରସ ଏବଂ ପ୍ରେୟ, ଉଦାତ୍ତ ଓ ଉଦ୍ଧତକୁ ନେଇ ଅଛନ୍ତି । ତାଙ୍କ

ମତରେ ଶୃଙ୍ଗାରହିଁ କେବଳ ରସ । ଭୋଜରାଜଙ୍କ ଏ ମତ ସମୀଚୀନ ନୁହେଁ । କାରଣ ଭୋଜରାଜଙ୍କ ଉକ୍ତ ମତ ଅନୁସାରେ ବିପ୍ରଲମ୍ଭ ଶୃଙ୍ଗାରରେ ମଧ୍ୟ ଆନନ୍ଦ ଆବିର୍ଭାବର ତ କଥା ନୁହେଁ । କରୁଣାଦି ରସର ଅନୁଭବ ପରେ ଲୋକେ କହିଥାନ୍ତି ଆମେ ଏତେକାଳ ଅପୂର୍ବ ଆନନ୍ଦ ଅନୁଭବ କଲୁ । ଯଦି ପ୍ରକୃତରେ ଦୁଃଖ ଅନୁଭବ ହେଉଥାନ୍ତା ତେବେ ଲୋକେ କରୁଣରସାତ୍ମକ ଦୃଶ୍ୟ ଓ ଶ୍ରାବ୍ୟ କାବ୍ୟ ଦେଖନ୍ତେ ବା ପଢ଼ନ୍ତେ ନାହିଁ । ଲୌକିକ ହେତୁରେ ଦୁଃଖ ହୁଏ ଯେପରି ରାମଙ୍କ ବନବାସରେ ରାମଙ୍କ ଦୁଃଖ ଲୌକିକ କିନ୍ତୁ କାବ୍ୟ ସଂସ୍ପର୍ଶରୁ ଅଲୌକିକ କାରଣତ୍ୱରୁ ବନବାସାଦିରୁ ସୁଖ ଜାତ ହୁଏ । ରସ ହେତୁ କାବ୍ୟ ରମଣୀୟ ହୁଏ । ରସ ବିନା କିଛି ପ୍ରବର୍ତ୍ତେ ନାହିଁ କହିଲେ ଚଳେ । ସାମାଜିକଙ୍କ ଅନ୍ତଃକରଣରେ ବିଶିଷ୍ଟ ଶୁଭକର୍ମଜନିତ ଭାଗ୍ୟବଳରୁ ରସ ଜାତ ହୁଏ । ଏହି ରସ ଦୟା ଦାକ୍ଷିଣ୍ୟାଦି ଗୁଣାବଳୀର ଅଦ୍ୱିତୀୟ କାରଣରୂପେ ବିଦ୍ୟମାନ । ଭୋଜରାଜଙ୍କ ମତେ କବି କାବ୍ୟ ରଚନାରେ ଶୃଙ୍ଗାରୀ ହେଲେ—ରସବାନ୍ ହେଲେ ଜଗତ୍ ରସମୟ, ଆନନ୍ଦମୟ ହୁଏ; କିନ୍ତୁ କବି ଅଶୃଙ୍ଗାରୀ—ଅରସିକ ହେଲେ ଜଗତ୍ ନିରାନନ୍ଦମୟ ହୁଏ । ସେ ଯାହା ହେଉ ଶୃଙ୍ଗାର ରସ ମଧ୍ୟରେ ପ୍ରଧାନ । ଶୃଙ୍ଗଂ ପ୍ରାଧାନ୍ୟମିୟର୍ତ୍ତୀତି ଶୃଙ୍ଗାରଃ । ଧ୍ୱନିକାର ମଧ୍ୟ କହନ୍ତି, "ଶୃଙ୍ଗାର ଏବଂ ମଧୁରଃ ପରପ୍ରହ୍ଲାଦକାରିକଃ । ତନ୍ମୟଃ କାବ୍ୟମାଶ୍ରିତ୍ୟ ମାଧୁର୍ଯ୍ୟଂ ହି ପ୍ରତୀୟତେ ।" ସକଳ ଜୀବଲୋକଙ୍କୁ ଆନନ୍ଦ ପ୍ରଦାନ କରିବାରେ ସାମର୍ଥ୍ୟ ଥିବା ହେତୁ କାମର—ଶୃଙ୍ଗାରର ସମସ୍ତଙ୍କ ପ୍ରତି ମନୋହାରିତ୍ୱ ଅଛି; ତେଣୁ ରସର ମୂଳଭୂତ ହେତୁ ଶୃଙ୍ଗାର ପ୍ରଥମରେ କଥିତ । କାମର ସ୍ୱରୂପ 'ଶ୍ରୋତ୍ରତ୍ୱକ୍‌ଚକ୍ଷୁର୍ଜିହ୍ୱାଘ୍ରାଣନାମାତ୍ମସଂଯୁକ୍ତେନ ମନସାଽଧିଷ୍ଠିତାନାଂ ସ୍ୱେଷୁ ସ୍ୱେଷୁ ବିଷୟେଷ୍ୱାନୁକୂଲ୍ୟତଃ ପ୍ରବୃତ୍ତିଃ କାମଃ" ବାତ୍ସ୍ୟାୟନ । ଶୃଙ୍ଗାର ପ୍ରଧାନ ରାଜା ସଦୃଶ । ତାର ଅନୁଗାମୀ ହାସ୍ୟ । ହାସ୍ୟର ବିରୋଧୀ କରୁଣ । ତେଣୁ ତାହା ମଧ୍ୟ ଶୃଙ୍ଗାରର ବିରୋଧୀ । ରୌଦ୍ରରସ କରୁଣର ହେତୁଭୂତ ବା ମିତ୍ର ହେତୁ ତାହା ଶୃଙ୍ଗାରର ତଥା ହାସ୍ୟର ବିରୋଧୀ । କାମ (ଶୃଙ୍ଗାର) ଓ ଅର୍ଥ ଧର୍ମମୂଳକ । ବୀର ରସ ମଧ୍ୟ ଧର୍ମମୂଳକ । ଶୃଙ୍ଗାର ଓ ବୀର ଉଭୟ ଧର୍ମମୂଳକ ହେତୁ ବୀରରସର ଆଶ୍ରୟରେ ବା ଆନୁକୂଲ୍ୟରେ ସାଧାରଣତଃ ଶୃଙ୍ଗାର ରସର ପ୍ରତିପତ୍ତି ବଢ଼େ; ତେଣୁ ବୀରରସ ଶୃଙ୍ଗାରର ବିରୋଧୀ ନୁହେଁ, ବୀରରସର ବିରୋଧୀ ଭୟାନକ । ଭୟାନକର ନିମିତ୍ତଭୂତ ବା ମିତ୍ର ବୀଭତ୍ସ; ତେଣୁ ବୀଭତ୍ସ ମଧ୍ୟ ବୀରରସର ବିରୋଧୀ । ଶୃଙ୍ଗାରର ବିରୋଧୀ ବୀଭତ୍ସ; ତେଣୁ ସ୍ୱତଃ ଭୟାନକ ମଧ୍ୟ ଶୃଙ୍ଗାରର ବିରୋଧୀ, ଏହି ବିଚାରରେ ବୀଭତ୍ସ ଓ ଭୟାନକ ଶୃଙ୍ଗାରର ଓ ବୀରର ବିରୋଧୀ । ଏହି ନ୍ୟାୟରେ ଶୃଙ୍ଗାର ବୀରର ମିତ୍ର କହିଲେ ଚଳେ । ଅଦ୍ଭୁତ ବୀର ରସର ମିତ୍ର ବା ଜନକ; ତେଣୁ ଶୃଙ୍ଗାରର ଅଦ୍ଭୁତ ମିତ୍ର କହିଲେ ଦୋଷାବହ ନୁହେଁ । ସଂସାରଲୀଳାରେ ଶୃଙ୍ଗାର ରସର ବିଶେଷ ଉପଯୋଗିତା

ତଥା ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ତେଣୁ ସେ ରସର ପ୍ରକାଶ, ସ୍ଥିତି, ପ୍ରତିପତ୍ତି ଓ ପ୍ରବୃଦ୍ଧି ନିମିତ୍ତ ଅନ୍ୟ ରସମାନଙ୍କର ମିତ୍ର, ଶତ୍ରୁ ତଥା ଉଦାସୀନ ଭାବରେ ମୁଖ୍ୟତଃ ଗୌଣତଃ ପ୍ରସଙ୍ଗର ଅନୁରୋଧରେ ପ୍ରୟୋଜନ ଅଛି ।

## ଭାବ

ବିକାରୋ ମାନସୋ ଭାବଃ—ମନର ବିକାରହିଁ ଭାବ । ରସମାନଙ୍କୁ ପ୍ରକାଶ ବା ବ୍ୟକ୍ତ କରନ୍ତି ବୋଲି ସେମାନେ ଭାବ ( ଭାବୟନ୍ତି କର୍ତ୍ତୃତ ରସାନ୍ ) । ବାକ୍ୟ ଦ୍ୱାରା ବା ଅଭିନୟ ଦ୍ୱାରା ପ୍ରକାଶିତ ହେବା ସାମାଜିକଙ୍କ ସୁଖ ଦୁଃଖାଦିର ଅନୁଭବଜନିତ ବାସନାରୂପ ମନର ବିକାରକୁ ଭାବ କହନ୍ତି । ନିଜ ନିଜର ରସୋଦ୍‌ଗମର କାରଣ ଭୂତ ଆଲମ୍ବନ ବିଭାବ—ନାୟକ ନାୟିକାଦିଙ୍କ—ହେତୁ ରତ୍ୟାଦିରୂପେ ପ୍ରକାଶମାନ ହେଲେ, ଶୃଙ୍ଗାରାଦି ରସ ଭାବରୂପରେ କଥିତ ହୁଅନ୍ତି । ଯେ ଅର୍ଥ ହୃଦୟର ଅନୁକୂଳ ତାହାର ଭାବ ରସୋଦ୍ଭବ ଅଟେ । ଅଗ୍ନି ଦ୍ୱାରା ଶୁଷ୍କ କାଷ୍ଠତୁଲ୍ୟ ଭାବଦ୍ୱାରା ଶରୀର ଅଭିବ୍ୟାପ୍ତ ହୁଏ । ସ୍ଥାୟିଭାବ ୮ଗୋଟି ( କେତେକଙ୍କ ମତରେ ୯ଗୋଟି ), ସଞ୍ଚାରିଭାବ ୩୩ ଗୋଟି ଓ ସାତ୍ତ୍ୱିକ ଭାବ ୮ଗୋଟି । ସାମାଜିକ ସୁଖ ଦୁଃଖ ଭାବକୁ ଅନୁଭବ କରେ । ହୃଦୟରେ ସେହି ଭାବରେ ଭାବନାକୁ ( ତନ୍ମୟତ୍ୱକୁ ) ଭାବ କହନ୍ତି ।

## ସ୍ଥାୟିଭାବ

ଉପରି ଜଥିତ ସ୍ଥାୟିଭାବ ସନ୍ନିହିତ ଓ ବ୍ୟବହିତରୂପେ ଦ୍ୱିବିଧ । ପ୍ରଥମ ସନ୍ନିହିତ । ସାମାଜିକଙ୍କ ମନୋବିକାର ବିଶେଷ ଯାହା ବ୍ରହ୍ମାନନ୍ଦ ସଦୃଶ ରସର ପୂର୍ବାବସ୍ଥା ତାହା ସ୍ଥାୟିଭାବ । ଯାହା ପୋଷକମାନଙ୍କ (ବିଭାବ, ଅନୁଭାବ ଓ ବ୍ୟଭିଚାରୀ ) ଦ୍ୱାରା ପୁଷ୍ଟ ହୋଇ ରସତ୍ୱ ପ୍ରାପ୍ତ ହୁଏ ଏବଂ ଚିତ୍ତରେ ଚିରକାଳ ଅବସ୍ଥିତ କରେ ତାହା ସ୍ଥାୟିଭାବ । ପୁନଶ୍ଚ ଯାହା ବିରୁଦ୍ଧ ବା ଅବିରୁଦ୍ଧ ଭାବ ଦ୍ୱାରା ବିଚ୍ଛିନ୍ନ ବା ଲୁପ୍ତ ହୁଏ ନାହିଁ ଓ ଅନ୍ୟ ବିଷୟକୁ ନିଜର ଭାବ ପ୍ରଦାନ କରେ ତାହା ସ୍ଥାୟିଭାବ—ଅନ୍ତଃକରଣର ବୃତ୍ତି ହେତୁ ଶୀଘ୍ର ବିନାଶଶୀଳ ହେଲେହେଁ ରତ୍ୟାଦି ସ୍ଥାୟିଭାବମାନେ ସଂସ୍କାର ରୂପରେ ଚିତ୍ତରେ ଚିରକାଳ ସ୍ଥାୟୀ ଅଟନ୍ତି । ପଞ୍ଚପ୍ରତି ତନ୍ତୁ ତୁଲ୍ୟ ରସପ୍ରତି ଅକାର ମାତ୍ର ବ୍ୟବହିତ ( ନାମତଃ ବ୍ୟବହିତ କିନ୍ତୁ ସନ୍ନିହିତ ) ସ୍ଥାୟିଭାବ । ଯେ ଭାବ-ପ୍ରକର୍ଷ ଲାଭ କରି ରସରୂପରେ ପରିଣତ ହୁଏ ତାହାର ନାମ ସ୍ଥାୟୀ । ଦ୍ୱିତୀୟ ବ୍ୟବହିତ—ଲୁବ୍ଧାଦି ତୁଲ୍ୟ ଭାବାନ୍ତର ବ୍ୟବହିତ ବିଭାବାଦି (ବିଭାବ, ଅନୁଭାବ ଓ ବ୍ୟଭିଚାରୀ) । ସେହି ବିଭାବାଦି ସ୍ଥାୟିଭାବ ଦ୍ୱାରା ରସର ଉଲ୍ଲାସକୁ ସମର୍ଥନ କରନ୍ତି । ସାମାନ୍ୟ ଗୁଣ ଯୋଗରେ ସ୍ଥାୟୀ, ବ୍ୟଭିଚାରୀ ଓ ସାତ୍ତ୍ୱିକମାନଙ୍କ

ହେତୁ ରସର ନିଷ୍ପତ୍ତି ହୁଏ ଅର୍ଥାତ୍ ବିଭାବ ଓ ଅନୁଭାବ ଦ୍ୱାରା ବ୍ୟଞ୍ଜିତ ଉକ୍ତ ୪୯ ଭାବ ଦ୍ୱାରା (ସାତ୍ତ୍ୱିକ ୮ + ବ୍ୟଭିଚାରୀ ୩୩ + ସ୍ଥାୟିଭାବ ୮) ସାମାନ୍ୟ ଗୁଣ-ଯୋଗରେ ରସର ନିଷ୍ପତ୍ତି ହୁଏ । ତେବେ କିପରି ସ୍ଥାୟିଭାବମାନେ ରସତ୍ୱ ପ୍ରାପ୍ତ ହୁଅନ୍ତି । ଯେପରି ସମାନ ଲକ୍ଷଣଯୁକ୍ତ ଓ ସମାନ ଅଙ୍ଗ ପ୍ରତ୍ୟଙ୍ଗବିଶିଷ୍ଟ ପୁରୁଷଙ୍କ ମଧ୍ୟରେ ବିଶିଷ୍ଟ ପୁରୁଷ ନିଜର କୁଳ, ବିଦ୍ୟା ଓ କର୍ମକୁଶଳତା ଦ୍ୱାରା ରାଜା ହୁଅନ୍ତି ଓ ଅନ୍ୟ ଅଳ୍ପବୁଦ୍ଧି ଲୋକମାନେ ତାଙ୍କର ଅନୁଚର ହୁଅନ୍ତି, ସେହିପରି ବିଭାବ, ଅନୁଭାବ ଓ ବ୍ୟଭିଚାରିଗଣ ସ୍ଥାୟିଭାବକୁ ଆଶ୍ରୟ କରି ରହନ୍ତି । ସ୍ୱାଶ୍ରିତ ବହୁ ଜନଯୋଗରେ ରାଜା ଯେପରି ରାଜକାର୍ଯ୍ୟ ସାଧନ କରନ୍ତି, ସେହିପରି ବିଭାବାଦି ଦ୍ୱାରା ସ୍ଥାୟିଭାବ ରସତ୍ୱ ପ୍ରାପ୍ତ ହୁଏ । ଲୋକଙ୍କର ରାଜା, ଶିଷ୍ୟଙ୍କର ଗୁରୁତୁଲ୍ୟ ସବୁ ଭାବଙ୍କର ସ୍ଥାୟିଭାବ ଆଶ୍ରୟଣୀୟ । ବ୍ୟଞ୍ଜନାଦି ଯୋଗରେ ଅନ୍ନର ସ୍ୱାଦୁତ୍ୱ ତୁଲ୍ୟ ବିଭାବାଦି ଯୋଗେ ସ୍ଥାୟିଭାବର ସ୍ୱାଦୁତ୍ୱ ହୁଏ ।

## ରତି

ରତି !—ଅନୁକୂଳ ଅର୍ଥରେ ଚିତ୍ତର ପ୍ରେମରସରେ ଆର୍ଦ୍ରତା, ବସନ୍ତାଦି ଋତୁ, ପୁଷ୍ପମାଲ୍ୟାଦି ଆଭରଣ, ଉତ୍ତମ ଭୋଜନ, ଉତ୍କୃଷ୍ଟ ଭବନ ଚିନ୍ତା ପ୍ରଭୃତି ଅନୁକୂଳ ଭାବ ଦ୍ୱାରା ଜାତ ହୁଏ । ସ୍ମିତ, ମଧୁର ବଚନ, ଭ୍ରୂକ୍ଷେପାଦି ଅନୁଭାବ ଦ୍ୱାରା ଅଭିନୀତ ହୁଏ ।

## ହାସ

ବାଗଙ୍ଗାଦି ବିକୃତିରୁ ଚିତ୍ତର ବିକାର—ପରର ଚେଷ୍ଟାନୁକରଣ, ଅସମ୍ବଦ୍ଧ ପ୍ରଳାପ, ମୂର୍ଖତା ଓ ସୌଖ୍ୟାଦି ବିଭାବ ଦ୍ୱାରା ଜାତ ହୁଏ । ତାହା ସ୍ମିତ, ହସିତ, ବିହସିତ, ଉପହସିତ, ଅପହସିତ ଓ ଅତିହସିତ ଦ୍ୱାରା ଅଭିନୀତ ହୁଏ ।

## ଶୋକ

ଇଷ୍ଟନାଶାଦିହେତୁକ ଚିତ୍ତର ବିକ୍ଳବତା—ଇଷ୍ଟଜନ ବିୟୋଗ, ବିଭବନାଶ, ବଧବନ୍ଧନ ଦୁଃଖାନୁଭବ ବିଭାବ ଦ୍ୱାରା ଜାତ ହୁଏ । ଅଶ୍ରୁପାତ, ବିଳାପ, ବୈବର୍ଣ୍ଣ୍ୟ, ସ୍ରସ୍ତଗାତ୍ରତା, ଭୂମିପାତ, ପରିଦେବିତ, ଆକ୍ରନ୍ଦିତ, ଦୀର୍ଘନିଶ୍ୱାସ ପ୍ରଭୃତି ଅନୁଭାବ ଦ୍ୱାରା ଅଭିନୀତ ହୁଏ ।

## କ୍ରୋଧ

ଆଧର୍ଷଣ କ୍ଷୁଣ୍ଣ, ବିବାଦ, କଲହ ପ୍ରତିକୂଳ ବିଭାବ ଦ୍ୱାରା ଜାତ ହୁଏ । ଉତ୍ଫୁଲ୍ଲ ନାସାପୁଟ, ଉଦ୍ଧୃତ ନୟନ, ସନ୍ଦଷ୍ଟ ଓଷ୍ଠପୁଟ, ଗଣ୍ଡ ସ୍ଫୁରଣାଦି ଦ୍ୱାରା ଅଭିନୀତ ହୁଏ । ପ୍ରତିକୂଳ ବିଷୟରେ ତୀକ୍ଷ୍ଣତା କ୍ରୋଧ ।

## ଉତ୍ସାହ

କାର୍ଯ୍ୟାରମ୍ଭରେ ସ୍ଥିରତର ସମାବେଶ, ଉତ୍ତମ ପ୍ରକୃତିସମ୍ପନ୍ନ, ଅବିଷାଦ ଶକ୍ତି ଧୈର୍ଯ୍ୟ ଶୌର୍ଯ୍ୟାଦି ବିଭାବ ଦ୍ୱାରା ଜାତ ହୁଏ । ଅପ୍ରମାଦ କ୍ରିୟାଦ୍ୱାରା ଏହା ଅଭିନୀତ ହୁଏ ।

## ଭୟ

ଭୀଷଣ ଶକ୍ତିଜନିତ ଚିତ୍ତର ବ୍ୟାକୁଳ ଭାବ । ସ୍ତ୍ରୀ ଓ ନୀଚ ପ୍ରକୃତିର, ଗୁରୁ ଓ ରାଜ ଅପରାଧ, ଶୂନ୍ୟ ଗୃହ, ବନ ପର୍ବତ ଦର୍ଶନ, ତିରସ୍କାର, କାନ୍ତାର, ଦୁର୍ଦ୍ଦିନ, ନିଶାନ୍ଧକାର, କାକ ପେଚକ ଓ ରାତ୍ରିଚରଙ୍କ ଶବ୍ଦ ଶ୍ରବଣାଦି ବିଭାବ ଦ୍ୱାରା ଜାତ ହୁଏ । କର ଚରଣ ହୃଦୟ କମ୍ପନ, ସ୍ତମ୍ଭ, ମୁଖର ଶୁଷ୍କତା, ଜିହ୍ୱା ପରିଲେହନ, ସ୍ୱେଦ ବେପଥୁ ପରିତ୍ରାଣ ଅନ୍ୱେଷଣ ଧାବନ ଚିତ୍କାର ପ୍ରଭୃତି ଅନୁଭାବ ଦ୍ୱାରା ଏହା ଅଭିନୀତ ହୁଏ ।

## ଜୁଗୁପ୍ସା

ସ୍ତ୍ରୀ ନୀଚ ପ୍ରକୃତିକ—ଦୋଷ ଦର୍ଶନ ହେତୁକ ବିଷୟପ୍ରତି ଜନିତ କୁତ୍ସା ବା ଗର୍ହା । ଅହୃଦ୍ୟ ଶ୍ରବଣ ଓ ଦର୍ଶନ ଆଦି ବିଭାବ ଦ୍ୱାରା ଜାତ ହୁଏ । ଗାତ୍ରସଂକୋଚ ଦ୍ୱାରା ଉତ୍ତମ ଲୋକଙ୍କର ଓ ହର୍ଷ ପୁଲକାଦି ଦ୍ୱାରା ନୀଚଲୋକଙ୍କ କର୍ତ୍ତୃକ ଏହା ଅଭିନୀତ ହୁଏ ।

## ବିସ୍ମୟ

ଅଲୌକିକ ପଦାର୍ଥ ଦର୍ଶନରେ ଚିତ୍ତର ବିକାଶ । ମାୟା, ଇନ୍ଦ୍ରଜାଲ, ଅତିମାନୁଷ କର୍ମ, ବିଚିତ୍ର ଶରୀର, ଶିଳ୍ପାତିଶୟାଦି ଅଲୌକିକ ପଦାର୍ଥ ରୂପ ବିଭାବ ଦ୍ୱାରା ଜାତ । ନୟନ ବିସ୍ତାର, ଅନିମେଷ ଦୃଷ୍ଟି, ଭ୍ରୂବିକ୍ଷେପ, ରୋମହର୍ଷ, ସ୍ୱେଦ, ସାଧୁବାଦାଦି ଅନୁଭାବରେ ଅଭିନୀତ ।

## ନିର୍ବେଦ

ଦାରିଦ୍ର୍ୟ, ଅଧିକ୍ଷେପ, କ୍ରୋଧ, ତାଡ଼ନ, ଇଷ୍ଟଜନ ବିୟୋଗ, ଭବ ଭଙ୍ଗୁରାଦି ତତ୍ତ୍ୱଜ୍ଞାନାଦି ବିଭାବରୁ ଜାତ । ବାଷ୍ପପରିପ୍ଲୁତ ନୟନ, ନିଶ୍ୱାସପାତ, ପୁଲକ, ଓ ନୟନର ନିସ୍ତରଙ୍ଗାଦି ଅନୁଭାବ ଦ୍ୱାରା ଅଭିନୀତ ହୁଏ । ପୁନଶ୍ଚ ନିଷ୍ପୃହଦଶାରେ ପରମତତ୍ତ୍ୱରେ ବିଶ୍ରାମଜନିତ ସୁଖ—ଶମ ।

## ବିଭାବ

ବିଭବୋ ବିଜ୍ଞାନାର୍ଥଃ । "ବିଭାବ୍ୟନ୍ତେ ଜ୍ଞାୟନ୍ତେ ଅନେନ ବାଗଙ୍ଗସତ୍ତ୍ୱାଭିନୟା ଇତ୍ୟତୋ ବିଭାବଃ" (ଭରତ) । ବାକ୍‌ଅଙ୍ଗ ଅଭିନୟାଶ୍ରିତ ବହୁ ଅର୍ଥ ଏହା ଦ୍ୱାରା ଜଣାଯାଏ ବୋଲି ଏହାର ନାମ ବିଭାବ ।

"ତତ୍ର ଜ୍ଞେୟା ବିଭାବାସ୍ତୁ ରତ୍ୟାସାଦନହେତବଃ ।
ତେ ଦ୍ୱିଧାଲମ୍ବନା ଏକେ ତଥୈବୋଦ୍ଦୀପନାଃ ପରେ ।"

କାବ୍ୟ ଓ ନାଟକରେ ରତ୍ୟାଦି ସ୍ଥାୟିଭାବମାନଙ୍କର ଉଦ୍‌ବୋଧକାରଣ ରାମ ସୀତାଦି ( ଆଲମ୍ବନ ) ଏବଂ ମାଲ୍ୟ ଚନ୍ଦ୍ର, ଚନ୍ଦନ କୋକିଳାଳାପ ( ଉଦ୍ଦୀପନ ) ଇତ୍ୟାଦିଙ୍କୁ ବିଭାବ କୁହାଯାଏ ।

"ଆଲମ୍ବନବିଭାବଃ ସ ଜ୍ଞାନକରଣମୁଚ୍ୟତେ ।
ତେନାଦରାଦି ରୂପେଣ ସଂସ୍କାରସ୍ତେନ ଜାୟତେ ।
ଅନ୍ୟତଃ ପଟୁରଭ୍ୟସ୍ୟ ଆଶ୍ରୟାଦେର୍ଗୁଣେନ ସଃ ।
ତତ୍ ପ୍ରବୋଧାୟ ମାଲ୍ୟର୍ତୁଚନ୍ଦନେନ୍ଦୂଦୟାଦୟଃ ।
ଉଦ୍ଦୀପନବିଭାବାସ୍ତେ ସ ତୈଃ ସ୍ମରତି ବାଞ୍ଛତି ।
ଦ୍ୱେଷ୍ଟି ପ୍ରୟତତେ ଚେତ୍ୟେବଂ ମନ୍ୟତେ ବକ୍ତି ଚେଷ୍ଟତେ"—ଭୋଜରାଜ ।

ଆଲମ୍ବନ ବିଭାବ ରସବୋଧର କାରଣ । ସେହି ସଂସ୍କାର ଅଦରାଦି ରୂପରେ ଅଲମ୍ବନାଦିର ଗୁଣଦ୍ୱାରା ଓ ଅନ୍ୟ ପ୍ରକାରରେ ଉଦ୍‌ବୁଦ୍ଧ ଓ ପୁନଃ ପୁନଃ ଅବୃତ୍ତ ହୁଏ । ସେହି ସଂସ୍କାରର ଉଦ୍ରେକ ନିମିତ୍ତ ପୁଷ୍ପମାଲ୍ୟ, ବସନ୍ତାଦି ଋତୁ, ଚନ୍ଦ୍ର, ଚନ୍ଦନ ଉଦ୍ଦୀପନ ବିଭାବ ହୁଅନ୍ତି । ସେହି ସଂସ୍କାର ବା ସେହି ସଂସ୍କାରର ଆଶ୍ରୟୀ ନାୟକ ବା ନାୟିକା ଉଦ୍ଦୀପନ ବିଭାବମାନଙ୍କ ଦ୍ୱାରା ସ୍ମରଣ, ବାଞ୍ଛା, ଦ୍ୱେଷ, ଚେଷ୍ଟା କରେ, ବୁଝେ, ମଣେ, କହେ ଓ ଚେଷ୍ଟା କରେ । 'ରତ୍ୟାଦିର ବିଷୟ ନାୟିକାଦି ଅଲମ୍ବନ । ରତ୍ୟାଦିର ଉତ୍କର୍ଷକର ହେତୁ ଚନ୍ଦ୍ର, ଚନ୍ଦନ କୋକିଳା-ଳାପାଦି ଉଦ୍ଦୀପନ ।' ଯାହା ରସକୁ ଉଦ୍ଦୀପିତ ଅର୍ଥାତ୍ ଉଦ୍‌ବୁଦ୍ଧ କରେ ତାହା ଉଦ୍ଦୀପନ ବିଭାବ । ତାହା ଆଲମ୍ବନର ରୂପ, ଭୂଷଣ ଚେଷ୍ଟାଦି, ଦେଶ କାଳାଦି (ଆଦି ଶବ୍ଦଦ୍ୱାରା ଚନ୍ଦ୍ର, ଚନ୍ଦନ କୋକିଳାଲାପ ଭ୍ରମର ଝଙ୍କାର ପ୍ରଭୃତି) । ଅଲମ୍ବନର ତଥା ଉଦ୍ଦୀପନର ବିଷୟ ଉପେନ୍ଦ୍ରଭଞ୍ଜଙ୍କ ରସପଞ୍ଚକରେ ଦେଖ ।

## ନାୟକ

ନାୟକ ନାୟିକାଦି ଆଲମ୍ବନ :—ଧୀରୋଦାତ୍ତ, ଧୀରୋଦ୍ଧତ, ଧୀର ଲଳିତ, ଧୀର ପ୍ରଶାନ୍ତ ଭେଦରେ ଚତୁର୍ବିଧ । ଏମାନେ ଦକ୍ଷିଣ, ଧୃଷ୍ଟ, ଅନୁକୂଳ, ଶଠରୂପେ ଷୋଡ଼ଶ ବିଧ । ଏମାନେ ପୁଣି ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ଅଷ୍ଟଚତ୍ୱାରିଂଶତ୍ ହୁଅନ୍ତି । ନାୟକଠାରୁ ଗୁଣରେ କିଛି ଊଣା ପୀଠମର୍ଦ୍ଦ । ଶୃଙ୍ଗାର ରସରେ ନାୟକର ସହାୟ ବିଟ, ଚେଟ ଓ ବିଦୂଷକ । ରାଜକାର୍ଯ୍ୟ ଚିନ୍ତନ ବ୍ୟାପାରରେ ମନ୍ତ୍ରୀ ରାଜାଙ୍କ ସାହାଯ୍ୟକାରୀ । ରାଜାଙ୍କ ଅନ୍ତଃପୁରରେ କଞ୍ଚୁକୀ, ବାମନ, ଷଣ୍ଢ, କିରାତ, ମ୍ଲେଚ୍ଛ, ଆଭୀର, ଶକାର, କୁବ୍‌ଜାଦି ସହାୟକ ଅଟନ୍ତି । ଧର୍ମକାର୍ଯ୍ୟରେ ପୁରୋହିତ ଓ ତାପସାଦି ସହାୟକ । ଏମାନେ ମଧ୍ୟ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତ୍ରିବିଧ । ମନ୍ତ୍ରୀ ପୁରୋହିତ ତାପସାଦି

ଉତ୍ତମ; ବିଟ, ବିଦୂଷକାଦି ମଧ୍ୟମ; ଶକାର, ଚେଟ, ତାମ୍ବୂଳିକ ଓ ଗାନ୍ଧିକାଦି ଅଧମ । ରାଜା ବା ନାୟକଙ୍କର ଦୂତ ତ୍ରିବିଧ । ତାହା ଯଥାକ୍ରମେ ନିସୃଷ୍ଟାର୍ଥ, ମିତାର୍ଥ ଓ ସନ୍ଦେଶହାରକ ( ଉପେନ୍ଦ୍ର ଏହି ନିସୃଷ୍ଟାର୍ଥଙ୍କୁ ଲାବଣ୍ୟବତୀରେ ସୁଶ୍ଳିଷ୍ଟାର୍ଥ କହିଅଛନ୍ତି ) । ନାୟକଙ୍କର ଶୋଭା, ବିଳାସ, ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟ, ଧୈର୍ଯ୍ୟ, ତେଜ, ଲଳିତ ଓ ଔଦାର୍ଯ୍ୟ ଏହି ଆଠଗୋଟି ସାତ୍ତ୍ୱିକ ଗୁଣ । ଭିନ୍ନ ଭିନ୍ନ ନାୟକ ଓ ନାୟିକାଙ୍କର କେତେକ ଲକ୍ଷଣ ରସପଞ୍ଚକରେ ଦେଖ ।

## ନାୟିକା

ନାୟିକା ତ୍ରିବିଧା :—ସ୍ୱକୀୟା, ପରକୀୟା ଓ ସାଧାରଣୀ । ମୁଗ୍ଧା, ମଧ୍ୟା ଓ ପ୍ରଗଳ୍‌ଭା ଭେଦରେ ସେ ସ୍ୱକୀୟା ପୁଣି ତ୍ରିବିଧା । ମୁଗ୍ଧା ମଧ୍ୟ ଜ୍ଞାତଯୌବନା ଓ ଅଜ୍ଞାତଯୌବନା ରୂପେ ଦୁଇ ପ୍ରକାର । ଏହା ମଧ୍ୟ ନବୋଢ଼ା ଓ ବିଶ୍ରବ୍ଧନବୋଢ଼ା ଭେଦରେ ଦ୍ୱିବିଧା । ମଧ୍ୟା—ଅତି ବିଶ୍ରବ୍ଧା ନବୋଢ଼ା । ପ୍ରଗଳ୍‌ଭା—ପତିମାତ୍ର ବିଷୟକ କେଳିକଳାପକୋବିଦା । ମଧ୍ୟା ଓ ପ୍ରଗଳ୍‌ଭା ମାନାବସ୍ଥାରେ ତ୍ରିବିଧା :— ଧୀରା, ଅଧୀରା ଓ ଧୀରାଧୀରା । ପୁନଶ୍ଚ ଧୀରାଦି ଷଡ଼ଭେଦ ଜ୍ୟେଷ୍ଠା କନିଷ୍ଠା ଭେଦରେ ଦ୍ୱିବିଧା । ପରକୀୟା :—ଦ୍ୱିବିଧା, ପରୋଢ଼ା ଓ କନ୍ୟକା । ଗୁପ୍ତା, ବିଦଗ୍ଧା, ଲକ୍ଷିତା, କୁଳଟା, ଅନୁଶୟାନା ଓ ମୁଦିତା ଏମାନେ ପରୋଢ଼ାର ଅନ୍ତର୍ଗତା । ଗୁପ୍ତା ମଧ୍ୟ ତ୍ରିବିଧା :—ବୃତ୍ତସୁରତଗୋପନା, ବର୍ତ୍ତିଷ୍ୟମାଣ ସୁରତ-ଗୋପନା, ବୃତ୍ତବର୍ତ୍ତିଷ୍ୟମାଣ ସୁରତଗୋପନା । ବିଦଗ୍ଧା କ୍ରିୟାବିଦଗ୍ଧା ଓ ବାଗ୍‌ବିଦଗ୍ଧାରୂପେ ଦ୍ୱିବିଧା । ଅନୁଶୟାନା ତ୍ରିବିଧା :—ବିଦ୍ୟମାନ ସଂକେତ ସ୍ଥାନର ଭଙ୍ଗରେ, ଭାବୀ ସଂଯୋଗ ସ୍ଥାନର ଅଭାବ ଶଙ୍କାରେ ଓ ନିଜଦ୍ୱାରା ଅପ୍ରାପ୍ତ ସଂକେତ ସ୍ଥାନରେ କାନ୍ତଗମନର ଅନୁମାନରେ ଦୁଃଖିତା । ସାଧାରଣୀ —ବେଶ୍ୟା । ସ୍ୱକୀୟା, ପରକୀୟା ଓ ସାମାନ୍ୟ ବନିତାମାନେ ଅନ୍ୟ ଭୋଗ ଦୁଃଖିତା, ବକ୍ରୋକ୍ତିଗର୍ବିତା ଓ ମାନବତୀ ଭେଦରେ ତ୍ରିବିଧା । ବକ୍ରୋକ୍ତି-ଗର୍ବିତା—ପ୍ରେମଗର୍ବିତା ଓ ସୌନ୍ଦର୍ଯ୍ୟ ଗର୍ବିତା ଭେଦରେ ଦ୍ୱିବିଧା । ମାନବତୀ— ପ୍ରିୟର ଅପରାଧ ସୂଚନାକାରୀ ଚେଷ୍ଟାର ନାମ ମାନ । ମାନ ତ୍ରିବିଧ— ଲଘୁ, ମଧ୍ୟମ ଓ ଗୁରୁ । ଅଳ୍ପରେ, କଷ୍ଟରେ ଓ ଅତି କଷ୍ଟରେ ମାନ ଦୂର ହେଲେ ଯଥାକ୍ରମେ ଲଘୁ, ମଧ୍ୟମ ଓ ଗୁରୁ ହୁଏ । ଅବାଧ ମାନରେ ରସାଭାସ । ପର ନାୟିକା ଦର୍ଶନଜନିତ ମାନ ଲଘୁ । ଗୋତ୍ରସ୍ଖଳନାଦି ଜନିତ ମଧ୍ୟମ । ଅପର ସ୍ତ୍ରୀସଙ୍ଗଜନିତ ଗୁରୁ । ଏହି ଷୋଡ଼ଶବିଧ ନାୟିକା ଅଷ୍ଟ ଅବସ୍ଥାରେ ପ୍ରତ୍ୟେକ ଅଷ୍ଟବିଧ :—ପ୍ରୋଷିତଭର୍ତ୍ତୃକା, ଖଣ୍ଡିତା, କଳହାନ୍ତରିତା, ବିପ୍ରଲବ୍ଧା, ଉତ୍କା, ବାସକସଜ୍ଜା, ସ୍ୱାଧୀନଭର୍ତ୍ତୃକା ଓ ଅଭିସାରିକା । ଏପରି ନାୟିକାମାନେ ଗଣନାରେ ଅଷ୍ଟବିଂଶୋତ୍ତର ଶତ—୧୨୮ ଭେଦ ଅଟନ୍ତି । ସେହି ନାୟିକା-ମାନେ ପୁନଶ୍ଚ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତ୍ରିବିଧା :—ପ୍ରିୟତମ

ଅହିତକାରୀ ହେଲେହେଁ ହିତକାରିଣୀ ନାୟିକା ଉତ୍ତମା, ହିତ ଓ ଅହିତକାରୀ ପ୍ରିୟତମ ହେଲେ ହିତାହିତ ଚେଷ୍ଟାକାରିଣୀ ନାୟିକା ମଧ୍ୟମା । ପ୍ରିୟତମ ହିତକାରୀ ହେଲେହେଁ ପ୍ରିୟତମା ଅହିତକାରିଣୀ ଯେ ଅଧମ ଅଟେ । ବିଶ୍ୱାସ ବିଶ୍ରାମକାରିଣୀ ମାର୍ଗଗ୍ଧାରିଣୀ ସଖୀ ନାମରେ କଥିତ ।

## ଉଦ୍ଦୀପନ

ଉଦ୍ଦୀପନ ବିଭାବ ଚତୁର୍ବିଧ :—ଆଲମ୍ବନର ଗୁଣ, ଚେଷ୍ଟା, ଅଳଙ୍କାର ଏବଂ ତଟସ୍ଥ । (୧) ଆଲମ୍ବନ ଗୁଣ—ରୂପଯୌବନାଦି, (୨) ଆଲମ୍ବନର ଚେଷ୍ଟା ଯୌବନୋଦ୍ଭୂତ ହାବଭାବାଦି, (୩) ନାୟିକାର ଅଳଙ୍କାର ନୂପୁର, ଅଙ୍ଗଦ ଓ ହାରାଦି, (୪) ତଟସ୍ଥ—ବସନ୍ତାଦି ଋତୁ, ମାଲ୍ୟ, ଚନ୍ଦନ, ଚନ୍ଦ୍ର, କୋକିଳାଳାପ, ଉଦ୍ୟାନ, ମଳୟାନଳ ପ୍ରଭୃତି ( ସାହିତ୍ୟରତ୍ନାକର ଓ ପ୍ରତାପରୁଦ୍ରୀୟ ) । ଆଲମ୍ବନର ଚେଷ୍ଟା ହାବଭାବାଦିକୁ ଭରତ, ଧନଞ୍ଜୟ ପ୍ରଭୃତି ସ୍ୱାମୀମାନଙ୍କର ଯୌବନରେ ସତ୍ତ୍ୱଜ ଅଳଙ୍କାରରୂପେ କହନ୍ତି ।

"ଅଳଂକାରାସ୍ତୁ ସତ୍ତ୍ୱସ୍ଥା ଜ୍ଞେୟା ଭାବସମାଶ୍ରୟାଃ ।
ଯୌବନେଽଭ୍ୟଧିକାଃ ସ୍ତ୍ରୀଣାଂ ବିକାରା ବକ୍ତ୍ରଗାତ୍ରଜାଃ" ।
(ଭରତ)

ଭରତଙ୍କ ମତେ ଭାବ, ହାବ ଓ ହେଲା ଅଙ୍ଗଜାତ ତିନିଗୋଟି । ( ଅଙ୍ଗଜ—ନେତ୍ରାନ୍ତ, ଭ୍ରୂ, ଗ୍ରୀବାଭଙ୍ଗୀ ଆଦି ତାହାର ସୂଚକ ବୋଲି ସେହି ଅଙ୍ଗରୁ ଜାତରୂପେ ପ୍ରଖ୍ୟାତ ହେତୁ ଅଙ୍ଗଜ ) । ଅଯତ୍ନଜ—ଶୋଭା, କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ଧୈର୍ଯ୍ୟ, ପ୍ରାଗଲ୍‌ଭ୍ୟ ଓ ଔଦାର୍ଯ୍ୟ (ଶୋଭାଦି କମ୍ପିତ୍ର ବେଶାଦି ପ୍ରଯତ୍ନର ଅଭାବରେ ଶୋଭାଦି ହୁଅନ୍ତି) । ସ୍ୱଭାବଜ—ଲୀଳା, ବିଳାସ, ବିଚ୍ଛିତ୍ତି, ବିଭ୍ରମ, କିଳକିଞ୍ଚିତ, ମୋଟ୍ଟାୟିତ, କୁଟ୍ଟମିତ, ବିବ୍‌ବୋକ, ଲଳିତ ଓ ବିହୃତ ( ଯୁବତୀମାନଙ୍କ ସ୍ୱାଭାବିକ ପ୍ରଯତ୍ନାଦିରୁ ଲୀଳାଦି ଜାତ ହୁଏ ) । ଅଙ୍ଗଜ ୩, ସ୍ୱଭାବଜ ୧୦, ଅଯତ୍ନଜ ୭ । ଦଶରୂପକାର ଧନଞ୍ଜୟ ଭରତଙ୍କ ମତକୁ ଅନୁସରଣ କରିଅଛନ୍ତି । ଭୋଜରାଜଙ୍କ ମତରେ

"ସ୍ମୃତିଚ୍ଛାଯତ୍ନଜନ୍ମାନୋ ମନୋବାକ୍‌କାୟସଂଶ୍ରୟାଃ ।
ବିଳାସା ଯେ ବରସ୍ତ୍ରୀଣାଂ ଜ୍ଞେୟା ଲୀଳାଦୟସ୍ତୁ ତେ ।"

ସ୍ମରଣ, ଅଭିଳାଷ ଓ ପ୍ରବୃତ୍ତି ବିଶେଷରୁ ଜାତ ନାୟିକାଙ୍କ ମାନସ, ବାଚିକ ଓ କାୟିକ ବିଳାସ ( ଭାବବିଶେଷ ) ଲୀଳାଦି ଅଟନ୍ତି । ଏମାନେ ସ୍ୱଭାବଜ । ଏମାନଙ୍କ ସଂଖ୍ୟା ଦ୍ୱାଦଶ । ପୂର୍ବ ଦଶ ସଙ୍ଗରେ ଭୋଜରାଜ କ୍ରୀଡ଼ିତ ଓ କେଳି ଏହି ଦୁଇଙ୍କୁ ଗ୍ରହଣ କରିଅଛନ୍ତି । ସାହିତ୍ୟଦର୍ପଣକାର

ଆଉ କହନ୍ତି ଯେ ଅଙ୍ଗଜ ଓ ଅଯତ୍ନଜ ଦଶଗୋଟି ସ୍ତ୍ରୀ ଓ ପୁରୁଷ ଉଭୟଙ୍କର । ଭୋଜରାଜ ମଧ୍ୟ ତାହା ସୂଚିତ କରିଅଛନ୍ତି ।

" ହେଲାହାବାଦୟଶ୍ଚାନ୍ୟେ ଜ୍ଞେୟାଃ ସ୍ତ୍ରୀପୁରୁଷୟୋରପି ।"

କିନ୍ତୁ ଭରତ ଓ ଧନଞ୍ଜୟ ଏହି ଦଶକୁ ପୁରୁଷଙ୍କ ଅଳଙ୍କାରରୂପେ କହି ନାହାନ୍ତି । ଭରତ ସ୍ତ୍ରୀମାନଙ୍କର ସତ୍ତ୍ୱସ୍ଥ ଭାବ ସମାଶ୍ରିତ ବିଂଶ ଅଳଙ୍କାର କହି ଆଠଗୋଟି ପୌରୁଷ ସତ୍ତ୍ୱଭେଦ ଅଳଙ୍କାର କହିଅଛନ୍ତି । ତାହା ଯଥାକ୍ରମେ ଶୋଭା, ବିଳାସ, ମାଧୁର୍ଯ୍ୟ ସ୍ଥୈର୍ଯ୍ୟ, ଗାମ୍ଭୀର୍ଯ୍ୟ, ଲଳିତ, ଔଦାର୍ଯ୍ୟ ଓ ତେଜ । ଏହି ଅଠଗୋଟିକୁ ଧନଞ୍ଜୟ, ବିଶ୍ୱନାଥ ପ୍ରଭୃତି ସାତ୍ତ୍ୱିକ ନାୟକ-ଗୁଣ ରୂପେ କହିଅଛନ୍ତି । ହାବ, ଭାବ ଓ ହେଳା—ଶରୀରଜ, ଏ ବିଷୟରେ ସମସ୍ତ ଆଳଂକାରିକ ଏକମତ । ଅଯତ୍ନଜ ସାତଗୋଟି—ଏ ବିଷୟରେ ଭରତ, ବିଶ୍ୱନାଥ, ଧନଞ୍ଜୟ ଓ ଉଜ୍ଜ୍ୱଳନୀଳମଣିକାର ରୂପଗୋସ୍ୱାମୀ ଏକମତ । କିନ୍ତୁ ପ୍ରତାପରୁଦ୍ରୀୟ ଓ ରତ୍ନାକରରେ ଅଯତ୍ନଜ ମଧ୍ୟରୁ କେବଳ ମାଧୁର୍ଯ୍ୟ ଓ ଧୈର୍ଯ୍ୟ ସ୍ୱୀକୃତ । ବିଶ୍ୱନାଥ କବିରାଜ ସ୍ୱଭାବଜକୁ ୧୮ କହିଅଛନ୍ତି—ସେ ପୂର୍ବୋକ୍ତ ଦଶରୁ ବହୁତଙ୍କୁ ବିକୃତ କହି ଆଉ ଆଠଗୋଟି ଗ୍ରହଣ କରିଅଛନ୍ତି । ତାହା ମଦ, ତପନ, ମୌଗ୍ଧ୍ୟ, ବିକ୍ଷେପ, କୁତୂହଳ, ହସିତ, ଚକିତ ଓ କେଳି । ସାହିତ୍ୟରତ୍ନାକର ଓ ପ୍ରତାପରୁଦ୍ରୀୟରେ ଅଙ୍ଗଜ ୩, ଅଯତ୍ନଜ ୨ । ତାହା ମାଧୁର୍ଯ୍ୟ ଓ ଧୈର୍ଯ୍ୟ ଏବଂ ସ୍ୱଭାବଜ ଭରତୋକ୍ତ ଦଶ ଛଡ଼ା ଆଉ ତିନିଗୋଟି କୁତୂହଳ, ହସିତ ଓ ଚକିତକୁ ଗ୍ରହଣ କରିଅଛନ୍ତି । ପ୍ରତାପରୁଦ୍ରୀୟ ଓ ରତ୍ନାକରର ମତ ସମାନ । ସାହିତ୍ୟଦର୍ପଣକାର ଅନୁଭାବର ବିଚାର ପ୍ରସଙ୍ଗରେ କହନ୍ତି ଯେ ସ୍ତ୍ରୀମାନଙ୍କର ଅଙ୍ଗଜ ଓ ସ୍ୱଭାବଜ ଅଳଙ୍କାର କଥିତ ହେଲା; ତଦ୍ରୂପ ସାତ୍ତ୍ୱିକ ଭାବ ଓ ଅନ୍ୟ ଚେଷ୍ଟା ମଧ୍ୟ ଅନୁଭାବ ଅଟେ । ସ୍ତ୍ରୀମାନଙ୍କର ଅଙ୍ଗଜ, ସ୍ୱଭାବଜ ଅଳଙ୍କାର ଓ ସାତ୍ତ୍ୱିକ ଭାବ ସମରୂପ ବୋଲି ବିଶ୍ୱନାଥ ଇଙ୍ଗିତ ମାତ୍ର ପ୍ରଦାନ କଲେ । ଭୋଜରାଜ ହାବ, ଭାବ, ଲୀଳା ବିଳାସାଦିଙ୍କୁ ସ୍ତ୍ରୀମାନଙ୍କର ଭାବବିଶେଷରୂପେ ବର୍ଣ୍ଣନା କରି ସାରି କହନ୍ତି ।

" ଉପସଂଖ୍ୟାନମେତେଷାମନୁଭାବେଷୁ ମନ୍ୟତେ ।"

ପଣ୍ଡିତମାନେ ଏମାନଙ୍କୁ ଅନୁଭାବ ରୂପେ ଜାଣନ୍ତି । ଉଜ୍ଜ୍ୱଳନୀଳମଣିରେ

" ଉଦ୍ଦୀପନବିଭାବା ହରେସ୍ତଦୀୟ ପ୍ରିୟାଣାଂ ଚ ।
କଥିତା ଗୁଣାନାମଚରିତ୍ରମଣ୍ଡନସମ୍ବନ୍ଧିନସ୍ତଟସ୍ଥାଶ୍ଚ ।"

## ଭାବାଦିର ସ୍ୱରୂପ କଥନ

" ଦେହାତ୍ମକଂ ଭବେତ୍ ସତ୍ତ୍ୱଂ ସତ୍ତ୍ୱାତ୍ ଭାବଃ ସମୁତ୍ଥିତଃ ।
ଭାବାତ୍ ସମୁତ୍ଥିତୋ ହାବୋ ହାବାଦ୍ ହେଳା ସମୁତ୍ଥିତା ।"

ଦେହର ସାର ସତ୍ତ୍ୱ, ସତ୍ତ୍ୱରୁ ଭାବ, ଭାବରୁ ହାବ ଓ ହାବରୁ ହେଳା ଯଥାକ୍ରମେ ଜାତ ( ଭରତ )।

ଭାବ—ନିର୍ବିକାର ଚିତ୍ତରେ ପ୍ରଥମ ବିକାର ଉଦ୍ଭୂତକୁ ଭାବ କହନ୍ତି। ହାବ—ଭ୍ରୂ ନେତ୍ରାଦି ବିକାରରୁ ସମ୍ଭୋଗ ଇଚ୍ଛା ପ୍ରକାଶକ ଭାବରୂପ ଅଳ୍ପ ପ୍ରକାଶମାନ ବିକାରକୁ ହାବ କହନ୍ତି। ହେଳା—ସେହି ଭାବ ଅତିଶୟ ଭାବରେ ପ୍ରକାଶିତ ହେଲେ ହେଳା ହୁଏ। ଶୋଭା—ରୂପ, ଯୌବନ, ଲାଳିତ୍ୟ ଓ ଭୋଗାଦି ଦ୍ୱାରା ଯେ ଅଙ୍ଗମାନଙ୍କର ଭୂଷଣ ତାହା ଶୋଭା। କାନ୍ତି—କାମଦ୍ୱାରା ବର୍ଦ୍ଧିତ ଶୋଭା ବା ଶ୍ରୀ କାନ୍ତି ନାମରେ କଥିତ। ଦୀପ୍ତି—ଅତି ବିସ୍ତୀର୍ଣ୍ଣ କାନ୍ତିକୁ ଦୀପ୍ତି କହନ୍ତି। ମାଧୁର୍ଯ୍ୟ—ସର୍ବାବସ୍ଥାବିଶେଷରେ ରମଣୀୟତା। ପ୍ରାଗଲ୍‌ଭ୍ୟ—ନିର୍ଭୀକତ୍ୱ। ଔଦାର୍ଯ୍ୟ—ସର୍ବ ସମୟରେ ନମ୍ରତା, ଶିଷ୍ଟାଚାର ବା ସେପ୍ରତି ଅନୁକୂଳତା। ଧୈର୍ଯ୍ୟ—ଆତ୍ମଶ୍ଲାଘାଶୂନ୍ୟ ଓ ଅଚଞ୍ଚଳ ମନର ବୃତ୍ତିକୁ ଧୈର୍ଯ୍ୟ କହନ୍ତି। ଲୀଳା—ମଧୁର ଅଙ୍ଗବିଚେଷ୍ଟା ଦ୍ୱାରା ପ୍ରିୟର ଅନୁକରଣ। ବିଳାସ—ପ୍ରିୟର ଦର୍ଶନାଦି ଦ୍ୱାରା ଶରୀର, କ୍ରିୟା ଓ ବାକ୍ୟରେ ସାତିଶୟ ବିଶିଷ୍ଟ ଭାବ ଉତ୍ପତ୍ତିର ନାମ ବିଳାସ।

" ଯାନସ୍ଥାନାସନାଦୀନାଂ ମୁଖନେତ୍ରାଦିକର୍ମଣାଂ।
ବିଶେଷସ୍ତୁ ବିଳାସଃ ସ୍ୟାଦିଷ୍ଟସନ୍ଦର୍ଶନାଦିନା"—.

ପ୍ରିୟ ଦର୍ଶନାଦିରୁ ଗମନ କରିବା, ଦଣ୍ଡାୟମାନ ହେବା ଓ ଉପବେଶନ କରିବାର ଓ ମୁଖ ଚକ୍ଷୁ ପ୍ରଭୃତିଙ୍କର ଅତିଶୟ ବିଶିଷ୍ଟ ଭାବକୁ ବିଳାସ କହନ୍ତି—ଭରତ ଓ ଦର୍ପଣ। ବିଚ୍ଛିତ୍ତି—ବେଶ ରଚନାର ଅଳ୍ପତାରେ ମଧ୍ୟ ଯାହା କାନ୍ତିକୁ ପୋଷଣ କରେ ଅର୍ଥାତ୍ ଅତୀବ ସୌନ୍ଦର୍ଯ୍ୟଦାୟୀ ତାହା ବିଚ୍ଛିତ୍ତି। ବିଭ୍ରମ—ପ୍ରିୟର ଆଗମନାଦିରେ ଆନନ୍ଦ ଓ ଅନୁରାଗବଶରୁ ତ୍ୱରାରେ ଅସ୍ଥାନରେ ଭୂଷଣାଦିର ପରିଧାନକୁ ବିଭ୍ରମ କହନ୍ତି। ଲଳିତ—ଅଙ୍ଗମାନଙ୍କର ସୁକୋମଳତା ହେତୁ ମନୋହର ବିନ୍ୟାସ ବିଶେଷକୁ ଲଳିତ କହନ୍ତି। କିଳକିଞ୍ଚିତ—କ୍ରୋଧ, ଅଶ୍ରୁ, ହର୍ଷ ଓ ଭୀତ୍ୟାଦିର ମିଶ୍ରଣ; ପ୍ରିୟତମର ସଙ୍ଗମରୁ ଏକ କାଳରେ ହର୍ଷର ସ୍ମିତ, ରୁଦିତ, ହସିତ, ଭୟ, ମୋହ, ଦୁଃଖ, ଶ୍ରମାଦିର ମିଶ୍ରୀକରଣକୁ କିଳକିଞ୍ଚିତ କହନ୍ତି :—

"ସ୍ମିତରୁଦିତହସିତଭୟରାଗମୋହ - ଦୁଃଖଶ୍ରମାଭିଷଙ୍ଗାଣାଂ
ସଙ୍କରକରଣଂ ହର୍ଷାଦସକୃତ୍ କିଳକିଞ୍ଚିତଂ ଜ୍ଞେୟମ୍।"
(ଭରତ ଓ ଦର୍ପଣ ମଧ୍ୟ ଦେଖ)

ମୋଟ୍ଟାୟିତ—ପ୍ରିୟତମର କଥାନୁକରଣାଦିରେ ପ୍ରିୟର ଅନୁରାଗରେ ଅନ୍ତଃକରଣର ତନ୍ମୟତାକୁ ମୋଟ୍ଟାୟିତ କହନ୍ତି—(ଧନଞ୍ଜୟ)।

ଇଷ୍ଟଜନସ୍ୟ କଥାୟାଂ ଲୀଳାହେଲାଦିଦର୍ଶନେନାପି ।
ତଦ୍ଭାବଭାବନକୃତଂ ମୋଟ୍ଟାୟିତମୁଦାହୃତମ୍" ।
( ଭରତ, ଦର୍ପଣ ମଧ୍ୟ ଦେଖ )

କୁଟ୍ଟମିତ—କେଶ, ଅଧର, ସ୍ତନାଦି ଗ୍ରହଣ ବ୍ୟାପାରରେ ଆନନ୍ଦମୟୀ ହୃଦୟବତୀ ସ୍ତ୍ରୀର ମଧ୍ୟ ଯେ କୋପାଦି ପ୍ରକାଶ ତାହା କୁଟ୍ଟମିତ (ଧନଞ୍ଜୟ) ।

"କେଶସ୍ତନାଧରାଦି ଗ୍ରହଣେଷ୍ୱତିହର୍ଷସମ୍ଭ୍ରମୋତ୍ପନ୍ନମ୍ ।
କୁଟ୍ଟମିତଂ ବିଜ୍ଞେୟଂ ସୁଖମପି ଦୁଃଖୋପଚାରେଣ" ।
( ଭରତ ଓ ଦର୍ପଣ ମଧ୍ୟ ଦେଖ )

ବିବ୍ବୋକ—ଅତି ଗର୍ବରେ ଇଷ୍ଟ ବସ୍ତୁରେ ମଧ୍ୟ ଅନାଦର—(ଦର୍ପଣ) ।

'ଇଷ୍ଟାନାଂ ଭାବନାଂ ପ୍ରାପ୍ତାବଭିମାନୋ ଗର୍ବସମ୍ଭୂତଃ ।
ସ୍ତ୍ରୀଣାମନାଦରକୃତୋ ବିବ୍ବୋକ ନାମ ବିଜ୍ଞେୟଃ ।"

ବିହୃତ ବା ବିକୃତ—ବାକ୍ୟ କହିବାକୁ ଅବସର ପାଇଥିଲେ ମଧ୍ୟ ଲଜ୍ଜାରେ ନ କହିବାକୁ ବିହୃତ କହନ୍ତି ।

"ବିହୃତଂ ତ୍ୱପ୍ରାପ୍ତକାଲସ୍ୟ ବାକ୍ୟସ୍ୟାକଥନଂ ହ୍ରିୟା" ।
(ପ୍ରତାପରୁଦ୍ରୀୟ) ।

"ପ୍ରାପ୍ତାନାମପି ବଚସାଂ କ୍ରିୟତେ ଯଭାଷଣଂ ହ୍ରିୟା ସ୍ତ୍ରୀଭିଃ ।
ବ୍ୟାଜାତ୍ ସ୍ୱଭାବାଦ୍ ବାପ୍ୟେତତ୍ ସମୁଦାହୃତଂ ବିହୃତମ୍ ।"

କୁତୂହଳ—ରମ୍ୟ ଦର୍ଶନରେ ଚପଳତାକୁ କୁତୂହଳ କହନ୍ତି । ଚକିତ—ପ୍ରିୟତମର ସମ୍ମୁଖରେ ଅଳ୍ପ କାରଣରୁ ମଧ୍ୟ ଭୟରେ ବ୍ୟଗ୍ରତା, "ଚକିତଂ ଭୟସମ୍ଭ୍ରମଃ" । ହସିତ—ଯୌବନାଦି ବିକାରଜାତ ବୃଥା ବା ଆକସ୍ମିକ ହାସ । କେଳି—ବିହାରକାଳରେ କାନ୍ତଙ୍କ ସହିତ କ୍ରୀଡ଼ା । ବିକ୍ଷେପ—ପ୍ରିୟର ନିକଟରେ ଅଳଙ୍କାରମାନଙ୍କର ଅର୍ଦ୍ଧରଚନା, ବୃଥା ଚତୁର୍ଦ୍ଦିଗକୁ ଦୃଷ୍ଟିପାତ, ମନ୍ଦମନ୍ଦ ରହସ୍ୟ ଖ୍ୟାପନ । ମୌଗ୍ଧ୍ୟ—ଜଣାବିଷୟର ଅଜଣାଭଳି ସ୍ୱାମୀ ଆଗରେ ଜିଜ୍ଞାସାକୁ ତତ୍ତ୍ୱବେତ୍ତାମାନେ ମୌଗ୍ଧ୍ୟ କହନ୍ତି । ତପନ—କାନ୍ତ ବିରହରେ କାମର ଆବେଗରେ ଜାତ ବ୍ୟାପାରର ନାମ ତପନ । ମଦ—ସୌନ୍ଦର୍ଯ୍ୟ ଓ ଯୌବନାଦି ଦ୍ୱାରା ଯେ ଗର୍ବଜ ବିକାରର ପ୍ରକାଶ । (ରସପଞ୍ଚକର ପଞ୍ଚାର ଛନ୍ଦର ଉଦାହରଣମାନ ଦ୍ରଷ୍ଟବ୍ୟ) ।

## ଅନୁଭାବ

"ଅନୁଭାବୋ ଭାବବୋଧକଃ ।" ଚିତ୍ତସ୍ଥ ଭାବମାନଙ୍କର ଜ୍ଞାପକ । ଅନୁ ପଶ୍ଚାତ୍ ଭବଃ ଉତ୍ପତ୍ତିର୍ଯେଷାମ୍—ଯେଉଁମାନଙ୍କର ବିଭାବର ପଛରେ ଜନ୍ମ ।

"ଯାନି ଚ କାର୍ଯ୍ୟଭୂତା ତାନ୍ୟନୁଭାବଶବ୍ଦେନ"—ସ୍ଥାୟୀଭାବର କାର୍ଯ୍ୟସ୍ୱରୂପ ଅଟନ୍ତି ବା ଉତ୍ପନ୍ନ ସ୍ଥାୟୀଭାବକୁ ଯେ ଅନୁଭବ କରନ୍ତି। "ଅନୁଭାବୟନ୍ତୀତି ଅନୁଭାବାଃ" ଭାବର ସୂଚକ ଗୁଣ କ୍ରିୟାଦି । ଯେଉଁ ଭ୍ରୂକ୍ଷେପ, କଟାକ୍ଷ, ସ୍ମିତାଦି ଦ୍ୱାରା ସାମାଜିକଙ୍କ ହୃଦୟସ୍ଥ ସ୍ଥାୟୀଭାବ ପ୍ରକାଶିତ ହୁଏ ଓ ରସ ପୁଷ୍ଟ ହୁଏ, ତାହା ଅନୁଭାବ ।

## ସାତ୍ତ୍ୱିକ

ହୃଦୟସ୍ଥ ଭାବ ସୂଚନା କରିବା ହେତୁ ସାତ୍ତ୍ୱିକମାନେ କଟାକ୍ଷାଦି ତୁଲ୍ୟ ସ୍ଥାୟୀଭାବମାନଙ୍କର କାର୍ଯ୍ୟ ହୋଇ ଅନୁଭାବତ୍ୱ ପ୍ରାପ୍ତ ହେଲେହେଁ ସେମାନଙ୍କର ବ୍ରାହ୍ମଣ ପରିବ୍ରାଜକ ନ୍ୟାୟରେ ପୃଥକ୍ ଗ୍ରହଣରେ ଅସାଧାରଣ କାରଣ ଅଛି । ଅଭିନୟାଦି ଦ୍ୱାରା ପରଗତ ସୁଖଦୁଃଖାଦି ଭାବନାରେ ହୃଦୟର ଅତ୍ୟନ୍ତ ଅନୁକୂଳ ଭାବକୁ ସତ୍ତ୍ୱ କହନ୍ତି । ସତ୍ତ୍ୱ ଦ୍ୱାରା ନିଷ୍ପାଦିତ ଭାବ ସାତ୍ତ୍ୱିକ ।

"ପରସ୍ୟ ସୁଖଦୁଃଖାଦେରନୁଭାବେନ ଚେତସଃ ।
ଅତ୍ୟନ୍ତାନୁକୂଲତ୍ୱେନ ଯେ ଚ ତଦ୍‌ଭାବଭାବନମ୍ ।
ତତ୍‌ସତ୍ତ୍ୱଂ ତେନ ନିର୍ବୃତ୍ତାଃ ସାତ୍ତ୍ୱିକା ଇତି ଢ଼ୀରିତାଃ ।
ଅନୁଭାବତ୍ୱ ସାମାନ୍ୟେ ସତ୍ୟପ୍ୟେଷାଂ ପୃଥଗ୍‌ଗତିଃ ।
ଲକ୍ଷଣଂ ସ୍ୱଭାବଜତ୍ୱାଦ୍ଧି ତେ ଚ ସ୍ତମ୍ଭାଦୟଃ ସ୍ମୃତାଃ" ।
(ଭାବପ୍ରକାଶ) ।

(ତଦ୍‌ଭାବ ଭାବନମ୍—ତନ୍ମୟୀଭାବସ୍ଥାନମ୍, ତନ୍ମୟ ଭାବପ୍ରାପ୍ତି) ।

"ସତ୍ତ୍ୱଂ ନାମ ମନଃପ୍ରଭବତ୍ୱାଚ୍ଚ ସମାହିତମନସ୍ତ୍ୱାଦ୍ ଉତ୍ପଦ୍ୟତେ । ମନଃ ସମାଧାନାଚ୍ଚ ସତ୍ତ୍ୱୋ ନିର୍ବୃତ୍ତିରିତି । ତସ୍ୟ ଯୋଽସୌ ସ୍ୱଭାବଃ ରୋମାଞ୍ଚାଶ୍ରୁାଦିକୃତଃ ସ ନ ଶକ୍ୟତେଽନ୍ୟମନସା କର୍ତ୍ତୁମ୍ ଲୋକସ୍ୱଭାବାନୁକରଣାଚ୍ଚ ନାଟ୍ୟସ୍ୟ ସତ୍ତ୍ୱମୀପ୍‌ସିତମ୍ । କୋ ଦୃଷ୍ଟାନ୍ତଃ ? ଇହହି ନାଟ୍ୟଧର୍ମପ୍ରବୃତ୍ତାଃ ସୁଖ ଦୁଃଖକୃତୋ ଭାବାସ୍ତଥା ସତ୍ତ୍ୱବିଶୁଦ୍ଧା କାର୍ଯ୍ୟା ଯଥା ସରୂପା ଭବନ୍ତି । ତତ୍ର ଦୁଃଖଂ ନାମ ରୋଦନାତ୍ମକଂ ତତ୍କଥମଦୁଃଖିତେନ, ସୁଖଂ ଚ ପ୍ରହର୍ଷାତ୍ମକଂ ତତ୍କଥଂ ଅସୁଖିତେନ ଅଭିନେତୁଂ ଶକ୍ୟତେ ଇତି । ଏତଦେବାସ୍ୟ ସତ୍ତ୍ୱଂ ଯଦ୍ଦୁଃଖିତେନ ବାଶ୍ରୁରୋମାଞ୍ଚୌ ଦର୍ଶୟିତବ୍ୟାବିତି କୃତ୍ୱା ସାତ୍ତ୍ୱିକଭାବା ଇତ୍ୟଭିବ୍ୟାଖ୍ୟାଃ" (ଭରତ) ।

ସତ୍ତ୍ୱ ମନରୁ ଜାତ । ତାହା ନିଶ୍ଚଳ ମନରୁ ଜାତ ହୁଏ । ମନର ସମାଧାନରେ ସୁଖପ୍ରାପ୍ତି । ରୋମାଞ୍ଚ, ଅଶ୍ରୁ ପ୍ରଭୃତି ଅନ୍ୟ ମନୋଭାବରୁ ଜନ୍ମେ ନାହିଁ—ଅର୍ଥାତ୍ ଚଞ୍ଚଳ ମନରୁ ଜନ୍ମେ ନାହିଁ । ଲୋକସ୍ୱଭାବାନୁକରଣରୁ ନାଟ୍ୟର ସତ୍ତ୍ୱ ଇପ୍‌ସିତ ଅଟେ । ଇତ୍ୟାଦି ।

ପୁନଶ୍ଚ "ରଜସ୍ତମୋଭ୍ୟାମସ୍ପୃଷ୍ଟଂ ମନଃ ସତ୍ତ୍ୱମିହୋଚ୍ୟତେ ।
ନିର୍ବର୍ତ୍ତ୍ୟତେଽସ୍ୟ ତଦ୍‌ଯୋଗାତ୍ ପ୍ରଭବନ୍ତୀତି ସାତ୍ତ୍ୱିକାଃ ।"
(ଭୋଜରାଜ) ।

ରଜ ତମୋଗୁଣରୁ ଜାତ ହୋଇ ମଧ୍ୟ ଭାବ ସତ୍ତ୍ୱଗୁଣ ଆଶ୍ରୟରେ ହୃଦୟକୁ ଅଧିକାର କରି ରହେ ଓ ପରେ ରଜ ଓ ତମଗୁଣ ଦ୍ୱାରା ବିଚଳିତ ନୁହେଁ ବା ପ୍ରଭାବାନ୍ୱିତ ନୁହେଁ । ସେହି ହୃଦୟ ସତ୍ତ୍ୱମୟ ବା ସତ୍ତ୍ୱ ନାମରେ କଥିତ ହୁଏ ଓ ମନର ପ୍ରୀତି ନିମିତ୍ତ ସେହି ସତ୍ତ୍ୱର ଯୋଗରୁ ସାତ୍ତ୍ୱିକ ଜାତ ହୁଏ । ସାତ୍ତ୍ୱିକ ଭାବ ଆଠଗୋଟି—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ ଓ ପ୍ରଳୟ । କେତେକଙ୍କ ମତରେ ମନୋମୟ ପିଣ୍ଡସ୍ଥିତ ରତ୍ୟାଦି ସ୍ଥାୟିଭାବଗଣ ପଞ୍ଚଭୂତାତ୍ମକ ଅନ୍ନମୟ ପିଣ୍ଡକୁ ସଞ୍ଚାଳିତ କରି ସତ୍ତ୍ୱ ଗୁଣର ଉତ୍କର୍ଷରୁ ଓ ସାଧୁତାରୁ ସତ୍ତ୍ୱଶବ୍ଦରେ କଥିତ ପ୍ରାଣମୟ ପିଣ୍ଡରେ ପ୍ରବେଶ କରି ସାତ୍ତ୍ୱିକ ଭାବକୁ ଅନୁଭବ କରନ୍ତି । ପ୍ରାଣର ଭୂଭାଗ ଅନୁରୋଧରେ ସ୍ତମ୍ଭ, ଜଳଭାଗର ଅନୁରୋଧରେ ବାଷ୍ପ, ତେଜର ଯୋଗୁଁ ସ୍ୱେଦ, ତାର ବିପର୍ଯ୍ୟୟରେ ବୈବର୍ଣ୍ଣ୍ୟ, ଆକାଶ ଯୋଗୁଁ ପ୍ରଳୟ । ଅନିଳ ଅନୁରୋଧରେ ମନ୍ଦ, ମଧ୍ୟ ଓ ଉତ୍କୃଷ୍ଟ ଭେଦରେ ରୋମାଞ୍ଚ, ବେପଥୁ ଓ ବୈସ୍ୱର୍ଯ୍ୟ ଜାତ ହୁଏ । ପୁନଶ୍ଚ କେତେକ କହନ୍ତି—ଅନ୍ୟ ଭାବର ନିରପେକ୍ଷତାରେ ରସର ପ୍ରତ୍ୟକ୍ଷୀଭୂତ ବଳବିଶେଷ ସତ୍ତ୍ୱ—ତଜ୍ଜନ୍ୟ ସାତ୍ତ୍ୱିକ । ପୁନଶ୍ଚ କେତେକ କହନ୍ତି—ଅନ୍ନମୟ ପ୍ରାଧାନ୍ୟରେ ଦୁକାଶ ଦିକଠ ଯାଦି ସାଧାରଣତାରେ ପଙ୍କଜାଦିବତ୍ ଯୋଗରୂଢ଼ ଭାବରେ ସ୍ତମ୍ଭାଦିଙ୍କୁ ସାତ୍ତ୍ୱିକ କହନ୍ତି । ଅନ୍ୟ କେତେକ କହନ୍ତି କଣାଦଙ୍କ ବୈଶେଷିକ ଶାସ୍ତ୍ରରେ ପଦାର୍ଥମାନ ଦ୍ରବ୍ୟ ଗୁଣକ୍ରିୟାରୂପେ କଥିତ ହେବା ଭଳି ଅଳଙ୍କାର ଶାସ୍ତ୍ରରେ ସ୍ତମ୍ଭାଦିଙ୍କୁ ସାତ୍ତ୍ୱିକ କହନ୍ତି । ଏହିପରି ପ୍ରାଚୀନ ଆଲଂକାରିକଗଣଙ୍କ ମତମାନଙ୍କରେ ଅନୈକ୍ୟ ପରିଦୃଷ୍ଟ ହୁଏ । ଯେ ଯାହା ହେଉ, ଆମର ସେଥିରେ ଆଦର ନାହିଁ, କିନ୍ତୁ ସ୍ତମ୍ଭାଦି ଅନୁଭାବର ଅନ୍ତର୍ଗତ ହେଲେହେଁ କୌଣସି ବିଶିଷ୍ଟତା ହେତୁ ପାର୍ଥକ୍ୟ ଥିବାରୁ ସାତ୍ତ୍ୱିକ ନାମରେ କଥିତ (ମଲ୍ଲିନାଥ ପୁତ୍ର କୁମାରସ୍ୱାମିକୃତ ପ୍ରତାପରୁଦ୍ରୀୟ ରତ୍ନାର୍ପଣ ଟୀକାରୁ ଅନୂଦିତ) ❋ ।

---

❋ ତେଇଦମୁଚ୍ୟତେ ମନୋମୟପିଣ୍ଡବର୍ତ୍ତୀରତ୍ୟାଦିଗଣଃ ପଞ୍ଚଭୂତାତ୍ମକାନ୍ନମୟକ୍ଷୋଭକତୟା ମନୋମୟତାଦାତ୍ମ୍ୟମାପନ୍ନଂ ସୀଦତ୍ୟସ୍ମିନ୍ ମନୋମୟ ଇତି ବ୍ୟୁତ୍ପତ୍ତ୍ୟା ସତ୍ତ୍ୱଗୁଣୋତ୍କର୍ଷାତ୍ ସାଧୁତ୍ୱାଚ୍ଚ ସତ୍ତ୍ୱାଂଶବଦ୍‌ଧେୟଂ ପ୍ରାଣମୟଂ ପ୍ରବିଷ୍ଟଃ ସାତ୍ତ୍ୱିକତ୍ୱମନୁଭବତି । ତତ୍ର ପ୍ରାଣସ୍ୟ ଭୂଭାଗାନୁଗ୍ରହେ ସ୍ତମ୍ଭଃ, ଜଳଭାଗାନୁଗ୍ରହେ ବାଷ୍ପଃ, ତାଭ୍ରତେଜୋଽନୁଗ୍ରହେ ସ୍ୱେଦଃ, ବୈପରୀତ୍ୟେ ବୈବର୍ଣ୍ଣ୍ୟମାକାଶାନୁଗ୍ରହେ ପ୍ରଳୟଃ । ଅନିଳାନୁଗ୍ରହସ୍ୟ ମନ୍ଦମଧ୍ୟମୋତ୍କୃଷ୍ଟତୟା ତ୍ରୈବିଧ୍ୟେ କ୍ରମେଣ

**ସେହି ବୈଶିଷ୍ଟ୍ୟ :** — ପରଗତ ସୁଖ ଦୁଃଖାଦି ଭାବନାରେ ମନର ଅତ୍ୟନ୍ତ ଅନୁକୂଳ ଭାବ ଇତ୍ୟାଦି । ମନ ସେହି ସୁଖ ଦୁଃଖଭାବାତ୍ମକ ହୁଏ ଓ ସେତେବେଳେ ମନରେ ଅନ୍ୟ ଭାବର ଗନ୍ଧ ନ ଥାଏ । ସେହି ଭାବର ପ୍ରାଧାନ୍ୟ ହେତୁ ତାହା ସତ୍ତ୍ୱ— ତେଣୁ ରଜ ଓ ତମ ଦ୍ୱାରା ମନ ଆକ୍ରାନ୍ତ ହୁଏ ନାହିଁ । ସେହି ସତ୍ତ୍ୱମୟ ମନର କ୍ରମଶଃ ଆନନ୍ଦଚିନ୍ମୟ ଭାବ ହେଲେ ରସାସ୍ୱାଦ ହୁଏ । ତେଣୁ ତାହା ବ୍ରହ୍ମାସ୍ୱାଦସହୋଦର ବା ସଚ୍ଚିଦାନନ୍ଦମୟ ଅଟେ । ଯେପରି ସାତ୍ତ୍ୱିକ ସ୍ତମ୍ଭ ସ୍ୱେଦ ଦ ଅନୁଭାବ ସେହିପରି ହାବ ଭାବାଦି ଯୁଗପତ୍ ଅନ୍ତର୍ବହିଃ ବିକାର ହେତୁ ମଧ୍ୟ ଅନୁଭାବ (ଉଜ୍ଜ୍ୱଳନୀଳମଣିର ବିଶ୍ୱନାଥ ଟୀକା) ।

## ସ୍ତମ୍ଭାଦିର ଲକ୍ଷଣ

ସ୍ତମ୍ଭ—ହର୍ଷ ଭୟ ରୋଗ ବିସ୍ମୟ ବିଷାଦ ମଦ ରୋଷ ଦ ବିକାରରୁ ଶରୀରର ଚେଷ୍ଟାହୀନତା ଅର୍ଥାତ୍ ନିଶ୍ଚଳୀଭାବ । ସ୍ୱେଦ—କ୍ରୋଧ ଭୟ ହର୍ଷ ଲଜ୍ଜା ଦୁଃଖ ଶ୍ରମ ରୋଗ ତାପ ଘାତ ସଂପୀଡ଼ନାଦିରୁ ଶରୀରରେ ଜଳୋଦ୍‌ଗମ । ରୋମାଞ୍ଚ -- ସ୍ପର୍ଶ ଭୟ ଶୀତ ହର୍ଷ କ୍ରୋଧ ରୋଗାଦିରୁ ଶରୀରରେ ରୋମର ବିକାର—ରୋମ ଟାଙ୍କୁରିବା । ଗଦ୍‌ଗଦ (ସ୍ୱରଭଙ୍ଗ,—ଭୟ ହର୍ଷ କ୍ରୋଧ ଜ୍ୱର ରୋଗ ମଦରୁ ବିସ୍ୱରତା । ବେପଥୁ (କମ୍ପ)--ଶୀତ ଭୟ ହର୍ଷ ରୋଷ ସ୍ପର୍ଶ ଜରାରୁ ଜାତ । ଗାତ୍ରର କମ୍ପ (ରାଗ ଦ୍ୱେଷ ଶ୍ରମାଦିରୁ ଗାତ୍ରକମ୍ପ—ସାହିତ୍ୟଦର୍ପଣ) । ବୈବର୍ଣ୍ଣ୍ୟ-- ଶୀତ କ୍ରୋଧ ଭୟ ଶ୍ରମ ରୋଗକ୍ଲମ ତାପରୁ ଶରୀରର ବର୍ଣ୍ଣର ବିଭିନ୍ନତା (ବିଷାଦମଦରୋଷାଦୈ ର୍ବର୍ଣ୍ଣାନ୍ୟତ୍ୱମ୍) । ଅଶ୍ରୁ—ଶୋକ, ଅଜମ୍ଭତ୍ୱେଷ୍ଟା ଶୀତ ରୋଗ ଓ ସୁଖରୁ ନେତ୍ରଜାତ ଜଳ । ପ୍ରଳୟ—ଶ୍ରମ ମୂର୍ଚ୍ଛା ମଦ ନିଦ୍ରା ଅଭିଘାତ ମୋହାଦିରୁ ଚେଷ୍ଟା ଓ ଜ୍ଞାନର ନାଶ । (ଭରତ) ।

---

ରୋମାଞ୍ଚବେପଥୁବୈସ୍ୱର୍ଯ୍ୟାଣୀତି ବଦନ୍ତି । କେଚିତ୍ ଭାବାନ୍ତରନୈରପେକ୍ଷେଣ ରସାପରୋକ୍ଷୀକରଣତ୍ୱଲକ୍ଷଣେ। ବଳବିଶେଷଃ ସତ୍ତ୍ୱଂ, ତଜ୍ଜନ୍ୟାଃ ସାତ୍ତ୍ୱିକା ଇତ୍ୟାହୁଃ । ଅନ୍ୟେ ପୁନରନ୍ତର୍ମୟପ୍ରାଧାନ୍ୟେନାଭିବ୍ୟକ୍ତଂ ଚ ଲକ୍ଷଣସତ୍ତ୍ୱଜନ୍ୟତୋପଧେଃ କଣ୍ଠାଖ୍ୟାଦସାଧାରଣ୍ୟେଽପି ପଙ୍କଜାଦିବତ୍ ଯୋଗରୂଢ଼ତ୍ୱେନ ସ୍ତମ୍ଭାଦୟ ଏବ ସାତ୍ତ୍ୱିକା ଇତ୍ୟାହୁଃ । କେଚିତ୍ତୁ କଣାଦଶାସ୍ତ୍ରପ୍ରସିଦ୍ଧ୍ୟା ଦ୍ରବ୍ୟାଦିସଂବାଚକାର୍ଥ ଶବ୍ଦବଦଲଂକାରଶାସ୍ତ୍ରପ୍ରସିଦ୍ଧ୍ୟା ସ୍ତମ୍ଭାଦଷ୍ୱେବ ସାତ୍ତ୍ୱିକ ବ୍ୟବହାର ଇତି ବର୍ଣ୍ଣୟନ୍ତି ଏବଂ ପ୍ରାଚୀନାଲଂକାରିକାଣାମନେକଧା ପାରିଭାଷ୍ୟ ବର୍ତ୍ତତେ । ତଦ୍ୟଥା ତଥାବାସ୍ତୁ ନ ତତ୍ରାସ୍ମାକମାଗ୍ରହଃ । କିନ୍ତୁ ସ୍ତମ୍ଭାଦୀନାମନୁଭାବାନ୍ତର୍ଭାବେଽପି କେନଚିଦ୍‌ବିଶେଷେଣ ପାର୍ଥକ୍ୟମିତ୍ୟେତଦେବାପେକ୍ଷିତ ଇତି । ( ପ୍ରତାପରୁଦ୍ରୀୟ ଟୀକା ) ।

## ବ୍ୟଭିଚାରୀ ଭାବ

( ସଞ୍ଚାରୀ ) :—ବ୍ୟଭିଚାରିଣ ଇତି କସ୍ମାତ୍ ? ଉଚ୍ୟନ୍ତେ—ବି ଅଭି ଇତ୍ୟେତାବୁପସର୍ଗୌ । ଚର ଗତୌ ଧାତୁଃ । ଧ ତ୍ୱର୍ଥବାଗଙ୍ଗସତ୍ତ୍ୱୋପେତାନ୍ ବିବିଧମଭିମୁଖେନ ରସେଷୁ ଚରନ୍ତୀତି ବ୍ୟଭିଚାରିଣଃ । ଚରନ୍ତି ନୟନ୍ତୀତ୍ୟର୍ଥଃ । କଥଂ ନୟନ୍ତି ? ଉଚ୍ୟତେ—ଯଥ ସୂର୍ଯ୍ୟ ଇଦଂ ନକ୍ଷତ୍ରମମୁଂ ବାସରଂ ନୟତୀତି । ନ ଚ ତେନ ବାହୁଭ୍ୟାଂ ସ୍କନ୍ଧେନ ବା ନୀୟତେ । କିଂ ତୁ ଲୋକପ୍ରସିଦ୍ଧମେତତ୍ । ଯଥାୟଂ ସୂର୍ଯ୍ୟୋ ନକ୍ଷତ୍ରମିଦଂ ବା ନୟତୀତି ଏବମେତେ ବ୍ୟଭିଚାରିଣ ଇତ୍ୟବଗନ୍ତବ୍ୟାଃ ।' ଏମାନଙ୍କ ସଂଖ୍ୟା ୩୩ । ଏମାନେ ସବୁ ରସରେ ସଞ୍ଚାର କରନ୍ତି; ତେଣୁ ଏମାନଙ୍କୁ ସଞ୍ଚାରୀ ବା ବ୍ୟଭିଚାରୀ କହନ୍ତି । ଏମାନେ ସ୍ଥାୟିଭାବ ଓ ରସର ସହକାରୀ କାରଣ ଅଟନ୍ତି । ଆଲମ୍ବନ ବିଭାବ—ନାୟକ ନାୟିକାଙ୍କର ପରସ୍ପର ସଙ୍ଗମ ନିମନ୍ତେ ଚିନ୍ତା ଆଦି ଯେ ଚିତ୍ତବୃତ୍ତି ହୁଏ ତାକୁ ବ୍ୟଭିଚାରୀ କହନ୍ତି । ସ୍ଥାୟିଭାବକୁ ପୁଷ୍ଟି କରିବା ପାଇଁ ପ୍ରକାଶିତ ହୁଅନ୍ତି ଓ ପୁଷ୍ଟି କରି ତିରୋହିତ ହୁଅନ୍ତି । ବ୍ୟଭିଚାରୀ ଭାବ କ୍ଷଣସ୍ଥାୟୀ, ଯେପରି ସମୁଦ୍ରରେ ତରଙ୍ଗ ଜାତ ହୋଇ ବିଲୀନ ହୋଇଯାଏ, ସେହିପରି ସ୍ଥାୟିଭାବମାନଙ୍କ ଉପସ୍ଥିତିରେ ସେମାନେ ଆବିର୍ଭୂତ ହୋଇ ନିଜ ନିଜ ରତ୍ୟାଦିର ପୋଷଣ ରୂପ ଉପକାର କରି ତିରୋହିତ ହୁଅନ୍ତି । ନିର୍ବେଦ, ଗ୍ଳାନି ଶଙ୍କା, ଶ୍ରମ, ଧୃତି, ଜଡ଼ତା, ହର୍ଷ, ଦୈନ୍ୟ, ଔଗ୍ର୍ୟ, ଚିନ୍ତା, ତ୍ରାସ, ଈର୍ଷା, ଅମର୍ଷ, ଗର୍ବ, ସ୍ମୃତି, ମରଣ, ମଦ, ସୁପ୍ତି, ନିଦ୍ରା, ବିବୋଧ, ବ୍ରୀଡ଼ା, ଅପସ୍ମାର, ମୋହ, ଅଲସତା, ଆବେଗ, ତର୍କ, ଅବହିତ୍ଥା, ବ୍ୟାଧି, ଉନ୍ମାଦ, ବିଷାଦ, ଉତ୍ସୁକ, ଚପଳ ଏପରି ୩୩ ଗୋଟି ।

"ଯଥା ବାରିଧୌ ସତ୍ୟେବ କଲ୍ଲୋଳା ଉଦ୍ଭବନ୍ତି ବିଲୀୟନ୍ତେ ତଦ୍ଵଦେବ ରତ୍ୟାଦୌ ସ୍ଥାୟିନି ସତ୍ୟେବାବିର୍ଭବତିରୋଭାବାଭ୍ୟାମାଭିମୁଖ୍ୟେନ ଚରନ୍ତୋ ବର୍ତ୍ତମାନା ନିର୍ବେଦାଦୟୋ ବ୍ୟଭିଚାରିଣୋ ଭାବାଃ"—ଦଶରୂପ ।

"ଯେ ଉପକର୍ତ୍ତୁମାୟାନ୍ତି ସ୍ଥାୟିନଂ ରସମୁତ୍ତମମ୍ ।
ଉପକୃତ୍ୟ ତୁ ଗଚ୍ଛନ୍ତି ତେ ମତା ବ୍ୟଭିଚାରିଣଃ" ପ୍ରଭା ।

ଉପେନ୍ଦ୍ର ଭଞ୍ଜଙ୍କ ରସପଞ୍ଚକରେ ଉଦାହରଣମାନ ଦେଖ ।

## ରସନିଷ୍ପତ୍ତି

ତତ୍ର ବିଭାବାନୁଭାବବ୍ୟଭିଚାରିସଂଯୋଗାଦ୍ରସନିଷ୍ପତ୍ତିଃ"—(ଭରତ)

ବିଭାବ, ଅନୁଭାବ ଓ ବ୍ୟଭିଚାରୀ ଯୋଗରୁ ରସ ବୋଧ ହୁଏ । ଦୃଷ୍ଟାନ୍ତ ସ୍ୱରୂପ ବ୍ୟଞ୍ଜନାଦି ଦ୍ରବ୍ୟ ଯୋଗେ ଯେପରି ଅନ୍ନ ସ୍ୱାଦୁମୟ—ରସମୟ ହୁଏ, ସେହିପରି ନାନାଭାବ ପ୍ରାପ୍ତ ହୋଇ ସ୍ଥାୟିଭାବଗଣ ରସତ୍ୱ ପ୍ରାପ୍ତ ହୁଅନ୍ତି ( ଭରତ ) । ଉକ୍ତ କଥିତ ଭରତଙ୍କ ଉକ୍ତିକୁ ନାନା ଆଲଂକାରିକ ନାନାପ୍ରକାରରେ ଗ୍ରହଣ

କରିଅଛନ୍ତି । ଉତ୍ପତ୍ତିବାଦୀ ଭଟ୍ଟଲୋଲ୍ଲଟଙ୍କ ମତରେ—ବିଭାବଦ୍ୱାରା ଉତ୍ପାଦିତ ଓ ଅନୁଭାବଦ୍ୱାରା ବିଶେଷରୂପେ ପ୍ରକାଶିତ ଏବଂ ବ୍ୟଭିଚାରୀ ଦ୍ୱାରା ପରିବର୍ଦ୍ଧିତ ରାମାଦିଗତ ରସ ଅଭେଦଭାବନାରେ ନଟଠାରେ ପ୍ରତୀତ ହୁଏ । ଅନୁକାରୀ ନଟ ଓ ନଟୀ ଅନୁକାର୍ଯ୍ୟ ରାମ ଓ ସୀତାଙ୍କର ପରୋକ୍ଷ । ଅନୁକାରୀ ନଟର ଚିତ୍ତ ସଭାର ମନୋରଞ୍ଜନ ଓ ଅର୍ଥାର୍ଜନରେ ଅଭିନିବିଷ୍ଟ; ତେଣୁ ତାହାର ରସାସ୍ୱାଦ ହେବା ଅସମ୍ଭବ । ରସାସ୍ୱାଦ ହେଲେ ସେ ନଟ ନ ହୋଇ ସାମାଜିକ ହେବ । ଅନୁମିତିବାଦୀ ଶ୍ରୀଶଙ୍କୁକଙ୍କ ମତ:—ରାମାଦିଙ୍କ ଅଭେଦ ଭାବନାରେ ନଟଠାରେ ପ୍ରକାଶିତ ବିଭାବାଦି ଦ୍ୱାରା ଅନୁମିତ ସ୍ଥାୟୀଭାବ ସାମାଜିକଙ୍କ ଦ୍ୱାରା ଆସ୍ୱାଦିତ ହୋଇ ରସତ୍ୱ ପ୍ରାପ୍ତ ହୁଏ । ଅନୁକାର୍ଯ୍ୟ ରାମ ସୀତାଦିଙ୍କଠାରେ ଓ ଅନୁକାରୀ ନଟ ନଟୀଠାରେ ବା ସାମାଜିକଙ୍କଠାରେ ରସ ଅନୁମିତ ହୋଇ ନ ପାରେ; କାରଣ ଅନୁକାର୍ଯ୍ୟ ରାମ ସୀତା ନିଜ ରୂପରେ ସାମାଜିକଙ୍କ ସମ୍ମୁଖରେ ଉପସ୍ଥିତ ନ ଥିବାରୁ ରାମାଦିଙ୍କ ଶୃଙ୍ଗାରାଦି ରସ ନଟ ନଟୀଠାରେ ତେଣୁ ସମ୍ଭବପର ନୁହେଁ ଏବଂ ଯାହାର ଅସ୍ତିତ୍ୱ ନାହିଁ ତାହା କିପରି ଅନ୍ୟଠାରେ ଥିବା ରୂପେ ଅନୁମିତ ହେବ । ପୁନଶ୍ଚ ରସ ମଧ୍ୟ ଉତ୍ପାଦିତ ହୋଇ ପାରେ ନାହିଁ—କାରଣାଦି ପ୍ରକୃତ ହେଲେ ପ୍ରକୃତ କାର୍ଯ୍ୟ ଉତ୍ପାଦିତ ହେବ । ସଂସାରରେ ଦେଖାଯାଏ ଯେ, କାରଣ ଦ୍ୱାରା କାର୍ଯ୍ୟ ଉତ୍ପାଦିତ ହୁଏ । ଏଠାରେ ବିଭାବାଦି ଲୌକିକ କାରଣବତ୍ କାରଣ ନୁହନ୍ତି; ତେଣୁ ରସ କାର୍ଯ୍ୟରୂପେ କିପରି ବା ଉତ୍ପାଦିତ ହେବ । ପୁନଶ୍ଚ ରସ ମଧ୍ୟ ବ୍ୟଙ୍ଗ୍ୟ ହୋଇ ପାରେ ନାହିଁ; କାରଣ ସିଦ୍ଧବସ୍ତୁହିଁ କେବଳ ବ୍ୟଙ୍ଗ୍ୟ ହୁଏ । ରସ ସିଦ୍ଧବସ୍ତୁ ନୁହେଁ; ତେଣୁ ଏହା ବ୍ୟଙ୍ଗ୍ୟ ନୁହେଁ । ଏହିପରି କାର୍ଯ୍ୟକାରଣ ଭାବ, ଅନୁମାନ ଓ ବ୍ୟଞ୍ଜନା ଦ୍ୱାରା ରସର ନିଷ୍ପତ୍ତି ହୋଇ ପାରେ ନାହିଁ । ଏହା ଦର୍ଶାଇ ଭଟ୍ଟନାୟକ ସ୍ୱମତ ଖ୍ୟାପନ କରି କହନ୍ତି ଯେ, ଭରତଙ୍କ ସୂତ୍ରର ଅର୍ଥ—ଭୋଜ୍ୟଭୋଜକ ଭାବ ସମ୍ବନ୍ଧରେ ବିଭାବାଦିମାନଙ୍କ ଯୋଗରେ ରସ ନିଷ୍ପତ୍ତି ହୁଏ । କାବ୍ୟ ନାଟକରେ ସାଧାରଣ ଭାବ ପନ୍ନ ବିଭାବାଦିମାନଙ୍କ ଯୋଗେ ସାଧାରଣରୂପେ ଗ୍ରହଣୀୟ ସ୍ଥାୟୀଭାବ—ସତ୍ତ୍ୱୋଦ୍ରେକ ପ୍ରକାଶାନନ୍ଦ ସଂବିଦ୍‌ମୟ ଭୋଗରୂପ ବା ଭୋଗର ଅପର ନାମ ଭାବନା ବ୍ୟାପାରରେ ଭୋଗ କରାଯାଏ । ଭୁକ୍ତିବାଦୀ ଭଟ୍ଟନାୟକାଦିଙ୍କ ମତରେ କାବ୍ୟରେ ପଦମାନଙ୍କର ତିନିଗୋଟି ବୃତ୍ତି ଅଛି—ଅଭିଧା, ଭାବକତ୍ୱ ଓ ଭୋଜକତ୍ୱ । ତାଙ୍କ ମତରେ ଅଭିଧାଦ୍ୱାରା ଅଭିଧା ଓ ଲକ୍ଷଣା ବୁଝାଏ । ଭାବକତ୍ୱର ଅର୍ଥ ସାଧାରଣୀକରଣ—ଏହାଦ୍ୱାରା ବିଭାବାଦି ଓ ସ୍ଥାୟିଭାବଗଣ ବ୍ୟକ୍ତିଗତ ନ ହୋଇ ସାଧାରଣ ଭାବରେ ଜ୍ଞାତ ହୁଅନ୍ତି । ଯଥା—ବିଭାବ—ରାମ ସୀତା ବ୍ୟକ୍ତିଗତ ରାମ-ସୀତାରୂପେ ବୋଧ ନ ହୋଇ ନାୟିକା ସାମାନ୍ୟରୂପେ ଏବଂ ରାମଙ୍କର ସୀତାଙ୍କଠାରେ ରତି ମଧ୍ୟ ରାମଗତ ଓ ସୀତାଗତ ନ ହୋଇ ସାଧାରଣ ରତିରୂପରେ ବୁଝାଏ । ଭୋଜକତ୍ୱ ବଳରେ ସାଧାରଣ ଭାବରେ ସ୍ଥାୟିଭାବ

ସାଧାରଣ ଭାବାପନ୍ନ ବିଭାବାଦି ଯୋଗେ ଭୋଗ କରିହୁଏ । ବ୍ୟକ୍ତିବାଦୀ ଅଭିନବ ଗୁପ୍ତାଦିଙ୍କ ମତରେ—କାବ୍ୟରେ ଗୁଣାଳଂକାର ଯୋଗେ ଓ ନାଟକରେ ଚତୁର୍ବିଧ ଅଭିନୟ—ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ ଯୋଗେ ଲୋକପ୍ରସିଦ୍ଧ କାର୍ଯ୍ୟକାରଣ ସହକାରୀ ରୂପ—ସାଧାରଣଭାବେ ଗ୍ରହଣୀୟ ଅଲୌକିକ ବିଭାବାଦି ଶବ୍ଦରେ ନାମିତ ବିଭାବାଦି ଦ୍ୱାରା ଅନୁଭବଜନିତ ବାସନାରୂପରେ ସ୍ଥିତ ସ୍ଥାୟୀଭାବଗଣ ସାଧାରଣରୂପେ ଆସ୍ୱାଦ୍ୟମାନ ହୋଇ ରସରୂପରେ ବ୍ୟକ୍ତ ହୁଏ । ସ୍ଥାୟୀଭାବାଦିଙ୍କର ବିଭାବାଦି ଯୋଗେ ବ୍ୟଙ୍ଗ୍ୟବ୍ୟଞ୍ଜକ ସମ୍ବନ୍ଧରେ ରସ ବ୍ୟକ୍ତ ହୁଏ । ରସ ନିଷ୍ପତ୍ତିର ଅର୍ଥ ରସାଭିବ୍ୟକ୍ତି । ସାମାଜିକ ହୃଦୟରେ ବାସନାରୂପେ ବିଦ୍ୟମାନ ସ୍ଥାୟୀଭାବଗଣ ନୟିତ ସାଂସାରିକ କାରଣ —ଯଥା ନାୟକ, ନାୟିକା, ଚନ୍ଦ୍ର, ମଳୟପବନ, ଉଦ୍ୟାନାଦି ଦ୍ୱାରା ଅନୁମିତ ହୁଏ (ଅନୁମାନର ଅର୍ଥ ଏ ପ୍ରସଙ୍ଗରେ ଏହି ଯେ—ଏହି ବ୍ୟକ୍ତି ରତିମାନ୍, କାରଣ ରତିର କାର୍ଯ୍ୟ କଟାକ୍ଷାଦି ଏହାଙ୍କଠାରେ ଦେଖାଯାଉଅଛି—ଯାହାର କଟାକ୍ଷାଦି ନାହିଁ ସେ ରତିମାନ୍ ନୁହେଁ—ଯେପରି ବିରକ୍ତ, ସନ୍ନ୍ୟାସୀ ପ୍ରଭୃତି) ଓ କାବ୍ୟ ପାଠକ ଏବଂ ନାଟକ ଦ୍ରଷ୍ଟାଙ୍କ ଦ୍ୱାରା ଆସ୍ୱାଦିତ ହୁଏ । ସ୍ଥାୟୀଭାବଗଣ ବିଭାବାଦିଙ୍କ ଯୋଗେ ସ୍ୱାଦୁତାଲାଭ କରି ରସନାମରେ ଅଭିହିତ ହୁଅନ୍ତି । ତେଣୁ ରସ ବିନା ବିଭାବାଦି ପୃଥକ୍ ପ୍ରକାଶିତ ହୁଅନ୍ତି ନାହିଁ । ଅମ୍ଳ, ଖଣ୍ଡ, ମରିଚ ଓ କର୍ପୂରାଦି ଯୋଗେ ଏକ ଅପୂର୍ବ ଆସ୍ୱାଦବିଶିଷ୍ଟ ପାନକ ରସ ନିର୍ମିତ ହୁଏ । ତାର ପାନକାଳରେ ଖଣ୍ଡ ମରିଚାଦିଙ୍କର ସ୍ୱତନ୍ତ୍ର ଆସ୍ୱାଦ ନ ମିଳି ସମୂହ ପାନକ ରସର ଆସ୍ୱାଦ ମିଳେ । ସେହିପରି ବିଭାବାଦିଙ୍କ ସମସ୍ତ ଯୋଗ ରସନାମରେ ଖ୍ୟାତ ହୁଏ । ଏହାର ଆସ୍ୱାଦକାଳରେ ବିଭାବାଦି ସମୂହର ଆସ୍ୱାଦ ମିଳେ, ସ୍ୱତନ୍ତ୍ରଭାବରେ ସେମାନଙ୍କର ଆସ୍ୱାଦ ମିଳେ ନାହିଁ ।

"କାରଣଂ କାର୍ଯ୍ୟସଂସ୍କାରରୂପା ଆଦି ହି ଲୋକତଃ ।
ରସୋଦ୍‌ବୋଧେ ବିଭାବାଦ୍ୟାଃ କାରଣାନ୍ୟେବ ତେ ମତାଃ ।
ପ୍ରତୀୟମାନଃ ପ୍ରଥମଂ ପ୍ରତ୍ୟେକଂ ହେତୁରୁଚ୍ୟତେ ।
ତତଃ ସଂବଳିତା ସର୍ବେ ବିଭାବାଦି ସଚେତସାମ୍ ।
ପ୍ରପାନକରସନ୍ୟାୟାଚ୍ଚର୍ବ୍ୟମାଣୋ ରସୋ ଭବେତ୍ ।"

(ସାହିତ୍ୟଦର୍ପଣ)

ଦର୍ପଣକାର ପୁନଶ୍ଚ କହନ୍ତି ବିଭାବାଦିଙ୍କ ମଧ୍ୟରୁ ଗୋଟିଏ ବା ଦୁଇଟି ଥିଲେ ମଧ୍ୟ ଅନ୍ୟର ବା ଅନ୍ୟଙ୍କ ଅଧ୍ୟାହାରରେ ରସବୋଧ ହୁଏ ଓ ଦୋଷ ସମ୍ଭବେ ନାହିଁ । "ସଦ୍‌ଭାବଶ୍ଚେଦ୍ ବିଭାବାଦେର୍ଦ୍ୱୟୋରେକସ୍ୟ ବା ଭବେତ୍ ।

ଝଟିତ୍ୟନ୍ୟସମାକ୍ଷେପେ ତଦା ଦୋଷୋ ନ ବିଦ୍ୟତେ ।"

## ଅଭିଧା

ରସ ସ୍ୱପ୍ନରେ ମଧ୍ୟ ଅଭିଧା ବୃତ୍ତିରେ ବାଚ୍ୟ ହୋଇ ପାରେ ନାହିଁ । ଯଦି ବାଚ୍ୟ ହୁଏ ତେବେ କଣ ସ୍ୱଶବ୍ଦଦ୍ୱାରା ( ନିଜର ନାମ ସାମାନ୍ୟଭାବରେ ରସ ଦ ଶବ୍ଦଦ୍ୱାରା ) ବା ଶୃଙ୍ଗାରାଦି ଶବ୍ଦଦ୍ୱାରା ( ବିଶେଷ ଯଥା—ଶୃଙ୍ଗାର, କରୁଣ, ବୀରାଦି ) କଥିତ ହେବ । ଏହି ଉଭୟପକ୍ଷ ସମ୍ଭବପର ନୁହେଁ । ବିଭାବାଦିକୁ ପ୍ରୟୋଗ ନ କରି "ଶୃଙ୍ଗାର, ଶୃଙ୍ଗାର" ଶବ୍ଦ ସହସ୍ର ବର୍ଷାବଧି କହିଲେ ରସର ପ୍ରତୀତି ହେବ ନାହିଁ । ବିଭାବାଦିଙ୍କର ପ୍ରୟୋଗରେ ଓ ରସ ଶବ୍ଦର ଅପ୍ରୟୋଗରେ ଅର୍ଥାତ୍ ବିଭାବ ଅନୁଭାବାଦିଙ୍କ ଯୋଗରେ ଓ ରସ ଶବ୍ଦର ଜ୍ଞାନର ଅଭାବରେ ମଧ୍ୟ ରସ ପ୍ରତୀତ ହୁଏ । ଏହି ଅନ୍ୱୟ ବ୍ୟତିରେକ ବ୍ୟାପାର ଦ୍ୱାରା ଅର୍ଥାତ୍ ବିଭାବାଦିଙ୍କ ଯୋଗେ ରସ ନିଷ୍ପତ୍ତି ଓ ବିଭାବାଦିଙ୍କ ଅଭାବରେ ରସ ଅନିଷ୍ପତ୍ତି ହେତୁ ଅଭିଧା ବୃତ୍ତିଦ୍ୱାରା ରସ ନିଷ୍ପତ୍ତି ହୁଏ ନାହିଁ ।

## ତାତ୍ପର୍ଯ୍ୟ

ରସ ତାତ୍ପର୍ଯ୍ୟବୃତ୍ତିରେ ଲବ୍ଧ ହୁଏ, ଏହା ମଧ୍ୟ ଠିକ୍ ନୁହେ । କାରଣ ରସ ଅଭିଧା ବୃତ୍ତିରେ ଲଭ୍ୟ ନୁହେ । ଅଭିଧା ବୃତ୍ତି ଉପରେହିଁ ତାତ୍ପର୍ଯ୍ୟ ଅବସ୍ଥିତ । ବିଧେୟ ଓ ଅନୁବାଦ୍ୟ ଯୋଗରେ ବିଧେୟ ନିମନ୍ତେ ଅନୁବାଦ୍ୟ ଉଦ୍ଦିଷ୍ଟ ବା ଅଭିପ୍ରେତ । ଅନୁବାଦ୍ୟ ବା ସିଦ୍ଧ ହେଉଛି ସେ ଶବ୍ଦ, ଯାହାର ଅର୍ଥ ଆଗରୁ ଅନ୍ୟ ଉପାୟରୁ ଜଣା ଯାଇଅଛି । ସାଧ୍ୟ ବା ବିଧେୟର ଅର୍ଥ ହେଉଅଛି ଯେ ଅର୍ଥ ସାଧନ ବା ଲାଭ କରିବାକୁ ହେବ, ଯାହା ଜଣା ନ ଥିଲା ବର୍ତ୍ତମାନ ଜଣା ଯାଉଅଛି । ସିଦ୍ଧ ବା ଅନୁବାଦ୍ୟ ସାଧ୍ୟ ବା ବିଧେୟପର ହେଲେ ତାତ୍ପର୍ଯ୍ୟ ହୁଏ । ବାଳକମାନଙ୍କ ମଧ୍ୟରେ ରାମ, ଶ୍ୟାମ ଓ ଗୋବିନ୍ଦ ଦୁଷ୍ଟ । ଏହି ତିନିଜଣଙ୍କ ଦୁଷ୍ଟତ୍ୱ ଏଠାରେ ବିଧେୟ । ଲାଲପଗଡ଼ିଆ ପୋଲିସ ଯାଉଅଛନ୍ତି । ପୋଲିସମାନଙ୍କ ଯିବା ଅନ୍ୟ ପ୍ରମାଣରୁ ଲବ୍ଧ ହୋଇଅଛି । ଲାଲ ପଗଡ଼ିର ଭାବ ହେଲା ଏଠାରେ ବିଧେୟ ( ଅପ୍ରାପ୍ତ ଯେ ସେ ବିଧେୟ; ଆଗରୁ ଜଣା ନ ଥିଲା, ପ୍ରାପ୍ତ ହୋଇ ନ ଥିଲା, ବର୍ତ୍ତମାନ ପ୍ରାପ୍ତ ହେଲା ) । ଏହିପରି ଅନ୍ୟ ପ୍ରକାରରେ ଅପ୍ରାପ୍ତ ହେବା ଯେତେକ ବିଷୟର କଥନ ହୁଏ ଶବ୍ଦର ସେତିକ ଅର୍ଥରେ ତାତ୍ପର୍ଯ୍ୟ ନାମକ ବ୍ୟାପାର ଘଟେ । କିନ୍ତୁ ପ୍ରତୀତି ମାତ୍ରରେ ହୁଏ ନାହିଁ । ଯଦି ପ୍ରତୀତି ମାତ୍ର ଅର୍ଥରେ ତାତ୍ପର୍ଯ୍ୟର ପ୍ରୟୋଗ ସମ୍ଭବପର ହୁଏ, ତେବେ ଆଗ ଘୋଡ଼ା ଦଉଡ଼ୁଛି, ଏହା ଦ୍ୱାରା ପଛ ଘୋଡ଼ା ଦଉଡ଼ୁଛି; ଏ ଅର୍ଥ ମଧ୍ୟ ଆସିଯିବ । ପଛ ଦଉଡ଼ୁ ବା ନ ଦଉଡ଼ୁ ସେଥିରେ ତାତ୍ପର୍ଯ୍ୟରେ କିଛି ଯାଏ ଆସେ ନାହିଁ । ତହିଁ ରସ ତାତ୍ପର୍ଯ୍ୟଗମ୍ୟ ନୁହେ ।

## ଲକ୍ଷଣା

ରସ ମଧ୍ୟ ଲକ୍ଷଣାଗମ୍ୟ କି ଲକ୍ଷଣୀୟ ନୁହେ । କାରଣ ଲକ୍ଷଣାବୃତ୍ତିରେ ମୁଖ୍ୟାର୍ଥର ବାଧା ଥାଏ । ତେଣୁ ରସବୋଧରେ ମୁଖ୍ୟାର୍ଥର ବାଧା ନ ଥିବାରୁ ରସ ଲକ୍ଷଣୀୟ ନ ହୋଇ ବ୍ୟଙ୍ଗ୍ୟ ହୁଏ,

( ମୁଖ୍ୟାର୍ଥ ବାଧେ ତଦ୍‌ଯୁକ୍ତୋ ଯୟାନ୍ୟାର୍ଥଃ ପ୍ରତୀୟତେ ।
ରୂଢ଼େଃ ପ୍ରୟୋଜନାଦ୍‌ବାଽସୌ ଲକ୍ଷଣା ଶକ୍ତିରର୍ପିତା—ଦର୍ପଣ)

## ଅନୁମାନ

ରସ ମଧ୍ୟ ଅନୁମେୟ ନୁହେଁ । ବିଭାବାଦି ରସର ବ୍ୟଞ୍ଜକମାତ୍ର । ଲୌକିକ କାରଣ ତୁଲ୍ୟ ସେମାନେ କାରଣ ନୁହନ୍ତି । ଲିଙ୍ଗ ସାଧ୍ୟ ଦ୍ୱାରା ବ୍ୟାପ୍ତ ହୁଏ ଯଥା—"ପର୍ବତୋ ବହ୍ନିମାନ୍ ଧୂମାତ୍" । ଏଠାରେ ଧୂମ ହେଲା ଲିଙ୍ଗ । ଯେଉଁଠାରେ ଧୂଆଁ ଥାଏ, ସେହିଠାରେ ନିଆଁ ଥାଏ । ପର୍ବତରେ ଧୂମ ଅଛି, ତେଣୁ ପର୍ବତ ବହ୍ନିମାନ୍ । ଏଠାରେ ଲିଙ୍ଗ ଧୂମ, ବହ୍ନି ସାଧ୍ୟ । ବହ୍ନି ଧୂମ ଦ୍ୱାରା ବ୍ୟାପ୍ତ, କାରଣ ବହ୍ନିର କାର୍ଯ୍ୟ ଧୂମ । ଅଗ୍ନିବ୍ୟତୀତ ଧୂମ ହୋଇପାରେ ନାହିଁ । ଅନୁମାନ ପ୍ରସଙ୍ଗରେ ଧୂମକୁ ଆମେ କାରଣରୂପେ ଧରିବୁ । ଲୌକିକ କାରଣ ବା ଲିଙ୍ଗ( ଧୂମପରି ) ବିଭାବାଦିଙ୍କୁ ଓ କାରଣ କରି ରସକୁ ଅନୁମାନ କରାଯାଇ ପାରିବ ନାହିଁ । କାରଣ ବିଭାବାଦି ବ୍ୟଞ୍ଜକମାତ୍ର; ତନ୍ମିମିତ୍ତ ରସାଦିର ବିଭାବାଦି-ମାନେ ଲିଙ୍ଗ ହୋଇ ନ ପାରନ୍ତି ।

## ପ୍ରତ୍ୟକ୍ଷ

ରସ ପ୍ରତ୍ୟକ୍ଷଗମ୍ୟ ନୁହେଁ । ପ୍ରତ୍ୟକ୍ଷ ନିର୍ବିକଳ୍ପକ ଓ ସବିକଳ୍ପକରୂପେ ଦ୍ୱିବିଧ । ସବିଶେଷ ଜ୍ଞାନ ଅର୍ଥାତ୍ ବିଶେଷ ଭାବରେ ବିଶିଷ୍ଟ ଧର୍ମ ବା ଗୁଣଦ୍ୱାରା ଯାହାର ବୋଧ ହୁଏ, ତାହାର ଜ୍ଞାନ ସବିକଳ୍ପକ । ବିଶିଷ୍ଟ ଭାବରେ ବୋଧ ନ ହୋଇ ମୋଟାମୋଟି ସାମାନ୍ୟ ଭାବରେ ଯାହାର ବୋଧହୁଏ, ତାହା ନିର୍ବିକଳ୍ପକ । ରସ ନିର୍ବିକଳ୍ପକ ହୋଇ ନ ପାରେ, କାରଣ ବିଭାବ-ଅନୁଭାବାଦିଙ୍କ ଦ୍ୱାରା ତାହାର ନିଷ୍ପତ୍ତି ହୁଏ । ସବିକଳ୍ପକ ମଧ୍ୟ ହୋଇ ନ ପାରେ, କାରଣ ସବିକଳ୍ପକ ନିର୍ବିକଳ୍ପକ ଉପରେ ପ୍ରତିଷ୍ଠିତ । ବିଶିଷ୍ଟ ବାକ୍ୟାଦିର ଅନୁଶୀଳନ ତଥା ବିଭାବାଦିଙ୍କ ବୋଧର ସାହଚର୍ଯ୍ୟରେ ରସର ନିଷ୍ପତ୍ତି ହୁଏ; ତେଣୁ ରସ ନିର୍ବିକଳ୍ପକ ନୁହେ । ପୁନଶ୍ଚ ସବିକଳ୍ପକ ବିଷୟରେ କାବ୍ୟପ୍ରକାଶକାର ପ୍ରମାଣାନ୍ତର ଦର୍ଶାଇ କହନ୍ତି ଯେ, ରସ ଅଲୌକିକ ଆନନ୍ଦସ୍ୱରୂପ । ତାହା ସାମାଜିକଙ୍କ ଦ୍ୱାରା ଆସ୍ୱାଦିତ ହୁଏ । ସ୍ୱୟଂ ପ୍ରକାଶମାନ ହୋଇ ଜ୍ଞାନର ବିଷୟୀଭୂତ ହୁଏ ବୋଲି ଏହା ଲୌକିକ କାରଣକୁ ଅପେକ୍ଷା କରେ ନାହିଁ । ରସର ନିଷ୍ପତ୍ତିରେ ଲୌକିକ କାର୍ଯ୍ୟ-କାରଣ ଭାବ ସମ୍ଭବେ ନାହିଁ । କାରଣ ନାଶରେ କାର୍ଯ୍ୟର

ଉପସ୍ଥିତ ହୁଏ । ଯଥା ଘଟରୂପ କାର୍ଯ୍ୟରେ କୁଲାଲରୂପ କାରଣ ବିଦ୍ୟମାନ ନ ଥାଏ; କିନ୍ତୁ ରସରେ ବିଭାବାଦି ନିମିତ୍ତଙ୍କର ନାଶ ହୁଏ ନାହିଁ । ବିଭାବାଦି ଲୌକିକ କାରଣ ନ ହୋଇ ଅଲୌକିକ ଭାବେ କାରଣରୂପେ ଅଲୌକିକ କାର୍ଯ୍ୟଭୂତ ରସ ସହିତ ବିଦ୍ୟମାନ ଥାଆନ୍ତି । ତେଣୁ ପ୍ରକାଶାନନ୍ଦ ଚିନ୍ମୟାତ୍ମକ ଅଲୌକିକ ରସର ଲୌକିକ ପ୍ରମାଣ ଦ୍ୱାରା ବୋଧ ହୋଇପାରେ ନାହିଁ ।

## ଜ୍ଞାପ୍ୟ

ରସ ମଧ୍ୟ ଜ୍ଞାପ୍ୟ ନୁହେଁ । ଜ୍ଞାନର ବିଷୟରୂପେ ଏହା ଜଣାଯାଏ ନାହିଁ । ସାଧାରଣ ଉପାୟଦ୍ୱାରା ରସ ଜ୍ଞାତ ହୋଇ ପାରେ ନାହିଁ, କାରଣ ରାମାଦିଙ୍କ ସ୍ଥାୟିଭାବ ରତ୍ୟାଦି ଅତୀତ । ତାହା ବର୍ତ୍ତମାନ ସ୍ଥାନ ଓ କାଳର ଇନ୍ଦ୍ରିୟର ଗୋଚରରେ ଆସି ପାରିବ ନାହିଁ । ମମ୍ମଟଭଟ୍ଟ କହନ୍ତି ଯେ ସିଦ୍ଧ ବସ୍ତୁହିଁ ଜ୍ଞାନର ବିଷୟ ହୁଏ । ରସ ସିଦ୍ଧବସ୍ତୁ ନୁହେଁ, ତେଣୁ ତାହା ଜ୍ଞାପ୍ୟ ହୋଇ ନ ପାରେ । ଘଟ ସିଦ୍ଧବସ୍ତୁ, ତାହା ଦର୍ଶନ ଇନ୍ଦ୍ରିୟଦ୍ୱାରା ଜଣାଯାଏ । ରସ ଘଟପରି ନିଷ୍ପନ୍ନ ହୋଇ ବିଦ୍ୟମାନ ହେଉ ନ ଥିବାରୁ ତାହା ସିଦ୍ଧ ନୁହେ, ତେଣୁ ତାହା ଜ୍ଞାପ୍ୟ ନୁହେଁ । ସାହିତ୍ୟଦର୍ପଣକାର କହନ୍ତି—ଜ୍ଞାନର ବିଷୟୀଭୂତ ସିଦ୍ଧ ପଦାର୍ଥ ମଧ୍ୟ ସମୟ ସମୟରେ ଜଣାଯାଏ ନାହିଁ । ଘଟ ଜ୍ଞାପ୍ୟ ହୋଇ ମଧ୍ୟ କେବେ କେବେ ଜଣାଯାଏ ନାହିଁ । ରସ ସେପରି ନୁହେ; କାରଣ ରସର ବୋଧ ବିନା ତାହାର ଅସ୍ତିତ୍ୱ ନାହିଁ ।

## ସ୍ମରଣ

ରସ ସ୍ମରଣର ବିଷୟ ନୁହେଁ । ପଦାର୍ଥ ସହିତ ଇନ୍ଦ୍ରିୟର ସଂଯୋଗ ତଥା ଅନ୍ୟ କାରଣରୁ ପଦାର୍ଥର ଜ୍ଞାନ ହୁଏ । ପଦାର୍ଥଜ୍ଞାନ ମନରେ ଗୋଟିଏ ସଂସ୍କାର ପ୍ରଦାନ କରେ । ସଂସ୍କାରର ଜାଗରଣରେ ସମୟ ବିଶେଷରେ ପଦାର୍ଥର ସ୍ମୃତି ଜାତ ହୁଏ । ସଂସ୍କାର ହେତୁ ଅନୁଭବକୁ ସ୍ମୃତିର କାରଣରୂପେ ଗ୍ରହଣ କରିବାକୁ ହେବ । ଅନୁଭବ ପ୍ରକୃତରେ ରସରେ ନାହିଁ, ବିଭାବାଦିଙ୍କ ଅନୁଭବ ରସରେ ଆରୋପ କରାଯାଏ ମାତ୍ର । ଯଦି ଅନୁଭବର ବିଷୟରୂପେ ରସକୁ ସ୍ୱୀକାର କରାହୁଏ, ତେବେ ତାହା ବ୍ୟଙ୍ଗ୍ୟ ହୋଇ ପାରିବ ନାହିଁ । ଅନୁଭବର ଅଭାବରେ ସ୍ମୃତିର ଅଭାବ । ରସ ସ୍ମୃତିର ବିଷୟ ନୁହେଁ, ତେଣୁ ତାହା ବ୍ୟଙ୍ଗ୍ୟ ।

## ଶୃଙ୍ଗାର

ଶୃଙ୍ଗାର ଦ୍ୱିବିଧ, ସମ୍ଭୋଗ ଓ ବିପ୍ରଲମ୍ଭ । ସ୍ଥାୟୀଭାବ—ରତି । ଆଲମ୍ବନ—ସ୍ତ୍ରୀ ପୁରୁଷ । ଉଦ୍ଦୀପନ—ବସନ୍ତାଦି ଋତୁ, ମାଲ୍ୟ, ଅନୁଲେପନ, ଅଲଂକାର, ଚନ୍ଦ୍ର, ଚନ୍ଦ୍ରିକା, ଚନ୍ଦନ, ଉପବନ, ମଳୟ ପବନ, ଏକାନ୍ତ

ସ୍ତମ୍ଭାଦି । ଅନୁଭାବ—ନୟନଙ୍ଗୀଭୁଷା, ଭ୍ରୂବିକ୍ଷେପ, କଟାକ୍ଷ, ଲଳିତ ମଧୁର ଅଙ୍ଗ ବିକ୍ଷେପ, ମୁଖାବଲୋକନ, ଗୁଣ ଶ୍ରବଣ ଓ କୀର୍ତ୍ତନ, ସ୍ତମ୍ଭସ୍ୱେଦାଦି । ବ୍ୟଭିଚାରୀ—ଉଗ୍ରତା, ମରଣ, ଆଳସ୍ୟ ଓ ଜୁଗୁପ୍‌ସା ବ୍ୟତୀତ ନିର୍ବେଦାଦି ଅନ୍ୟ ସମସ୍ତ ଭାବ । ବିପ୍ରଲମ୍ଭ ଶୃଙ୍ଗାରରେ ଅନୁଭାବ—ନିର୍ବେଦ, ଗ୍ଲାନି, ଶଙ୍କା, ଅସୂୟା, ଶ୍ରମ, ଚିନ୍ତା, ଔତ୍ସୁକ୍ୟ, ନିଦ୍ରା, ସ୍ୱପ୍ନ, ବିବ୍‌ବୋକ, ବ୍ୟାଧି, ଉନ୍ମାଦ ଓ ଅପସ୍ମାର ଆଦି । ଶୃଙ୍ଗାରର ବର୍ଣ୍ଣ ଶ୍ୟାମ, ଦେବତା ବିଷ୍ଣୁ । ଶୃଙ୍ଗାରର ବିଭାଗ—ଅଯୋଗ, ବିପ୍ରଯୋଗ ଓ ସଂପ୍ରଯୋଗ ( ସମ୍ଭୋଗ )। ପରସ୍ପରର ସମାଗମରେ ସଂଯୋଗ ବା ସମ୍ଭୋଗ, ତାହାର ଅଭାବରେ ଅଯୋଗ । ପରାଧୀନତା ହେତୁ, ଦୂରଦେଶବର୍ତ୍ତନ, ଦୈବପିତୃ ଗୁରୁଙ୍କ ଅଧୀନତା ହେତୁ ଅସମାଗମ ବଶତଃ ଅଯୋଗ ହୁଏ । ଅଯୋଗ ଓ ବିପ୍ରଯୋଗରେ ବିପ୍ରଲମ୍ଭ ଶୃଙ୍ଗାର । କେତେକଙ୍କ ମତରେ ବିପ୍ରଲମ୍ଭ ଚତୁର୍ବିଧ—ପୂର୍ବରାଗ, ମାନ, ପ୍ରବାସ ଓ କରୁଣ । କେତେକ କରୁଣକୁ ଭେଦରୂପେ ମାନନ୍ତି ନାହିଁ । ସାହିତ୍ୟଦର୍ପଣକାରଙ୍କ ମତରେ କରୁଣକୁ ବିପ୍ରଲମ୍ଭ ଶୃଙ୍ଗାରର ଭେଦବିଶେଷରୂପେ ସ୍ୱୀକାର କରିବାର ଅର୍ଥ ଏହି ଯେ, ତାହା ପ୍ରଥମତଃ କରୁଣ ରସରୂପେ ସ୍ଥାପିତ ହେଲେହେଁ ପରେ ଆକାଶବାଣୀ ଶ୍ରବଣ ବା ଦୈବବଳରୁ ଶୃଙ୍ଗାରର ଭାବକୁ ପ୍ରାପ୍ତ ହୁଏ । ସଙ୍ଗମ ପ୍ରତ୍ୟାଶାରେ ରତିର ଉତ୍ପତ୍ତି ହୁଏ । "ପୁନରଲଭ୍ୟେ ଶରୀରାନ୍ତରେଣ ବା ଲଭ୍ୟେ ତୁ କରୁଣାଖ୍ୟ ଏବ ରସଃ ଶୃଙ୍ଗାରାକାଶସରସ୍ୱତୀ ଭାଷାନନ୍ତରମେବ ଶୃଙ୍ଗାରଃ । ସଙ୍ଗମ ପ୍ରତ୍ୟାଶାୟା ରତେରୁଦ୍ଭବାତ୍ । ଅୟଂ ତୁ କରୁଣଃ ଇତ୍ୟଭିଯୁକ୍ତା ମନ୍ୟନ୍ତେ ।" କିନ୍ତୁ ପ୍ରାଚୀନ ପଣ୍ଡିତମାନେ ଏହାକୁ କରୁଣ ରସରୂପେ ଗ୍ରହଣ କରିଅଛନ୍ତି । ମମ୍ମଟଭଟ୍ଟ ବିପ୍ରଲମ୍ଭକୁ ଅନ୍ୟଭାବରେ ପଞ୍ଚବିଧ କହନ୍ତି । ଅଭିଳାଷ ହେତୁକ (ପୂର୍ବରାଗ) ବିରହହେତୁକ, ଈର୍ଷାହେତୁକ, ପ୍ରବାସହେତୁକ ଓ ଶାପହେତୁକ । ଦଶରୂପକକାରଙ୍କ ମତରେ ବିପ୍ରଲମ୍ଭ ଶୃଙ୍ଗାରର ଦଶଗୋଟି ଅବସ୍ଥା, ତାହା ଯଥାକ୍ରମେ ଅଭିଳାଷ, ଚିନ୍ତନ, ସ୍ମୃତି, ଗୁଣକଥା, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ସଂଜ୍ୱର, ଜଡ଼ତା ଓ ମରଣ । ସମାଗମର ପୂର୍ବ ଅଯୋଗ ବା ପୂର୍ବରାଗରେ ସମାଗମ ପର ବିପ୍ରଯୋଗରେ ଏହି ଦଶ ଦଶା ଦେଖା ହୋଇଥାଏ । ଦର୍ଶନ ଓ ଶ୍ରବଣ ଯୋଗୁଁ ସୁନ୍ଦର କାନ୍ତଠାରେ ସ୍ପୃହା, ତାହା ତ୍ରିବିଧ—ବିସ୍ମୟ, ଆନନ୍ଦ ଓ ସାଧ୍ୱସ ହେତୁକ । ସାକ୍ଷାତ୍ ଦର୍ଶନ, ଛବି, ସ୍ୱପ୍ନଛାୟା ମାୟାରେ ଦର୍ଶନ, ସଖୀ ଗୀତ ଓ ମାଗଧାଦିଙ୍କ ଗୁଣ ପ୍ରଶଂସା ଶ୍ରବଣରେ ଅଭିଳାଷ ହୁଏ (ପୂର୍ବରାଗ) । ଗାଢ ପ୍ରଣୟ ଜନିତ ନାୟକ ନାୟିକାଙ୍କ ବିରହର ଦୁଇଟି ଭେଦ ହୁଏ, ତାହା ମାନ ଓ ପ୍ରବାସ । ମାନ ମଧ୍ୟ ଦ୍ୱିବିଧ—ପ୍ରଣୟମାନ ଓ ଈର୍ଷାମାନ । ପ୍ରେମରେ ବଶୀକରଣହିଁ ପ୍ରଣୟ । ପ୍ରଣୟର ଭଙ୍ଗରେ ମାନକୁ ପ୍ରଣୟମାନ କହନ୍ତି । ତାହା ନାୟକ ନାୟିକା ଉଭୟଙ୍କର । ପ୍ରିୟର ଅନ୍ୟ ସ୍ତ୍ରୀସଙ୍ଗମ ପରେ

ନାୟିକାର କୋପର ନାମ ଈର୍ଷାମାନ । ତାହା ଶ୍ରବଣ, ଅନୁମାନ ଓ ଦର୍ଶନଜନିତ । ଏଠାରେ ମାନ ଉତ୍ତରୋତ୍ତର ଗୁରୁତର । ଶ୍ରବଣ ସଖୀ ମୁଖରୁ; ଅନୁମାନ ଉତ୍ସ୍ୱପ୍ନାୟିତ (ବାଲିବାଲାଇବା), ଭୋଗାଙ୍କ ଓ ଗୋତ୍ର ସ୍ଖଳନରୁ (କେହି କେହି ଅସାବଧାନତାରେ କାନ୍ତାର ନାମ କହିଦେବା) ଓ ଦର୍ଶନ ଇନ୍ଦ୍ରିୟ ଗୋଚରରୁ ଜାତ ହୁଏ । ସେହି ମାନ ନିବାରଣ ଉପାୟ ଷଡ଼ୁବିଧ—ସାମ, ଭେଦ, ଦାନ, ନତି, ଉପେକ୍ଷା ଓ ରସାନ୍ତର । ମଧୁର ବଚନର ନାମ ସାମ । ନାୟିକାର ସଖୀକୁ ହସ୍ତଗତ କରିବା ଭେଦ । ଛଳରେ ଭୂଷଣାଦି ଅର୍ପଣର ନାମ ଦାନ । ପାଦପତନର ନାମ ନତି । ସାମାଦି ପ୍ରୟୋଗ ବ୍ୟର୍ଥ ହେଲେ ଅବହେଳା ପ୍ରଦର୍ଶନ ଉପେକ୍ଷା । ଭୟ, ହାସ ହର୍ଷାଦିରୂପ ରସାନ୍ତରରୁ କୋପଭ୍ରଂଶର ନାମ ରସାନ୍ତର । ପ୍ରବାସ ବିପ୍ରଯୋଗ ତ୍ରିବିଧ—କାର୍ଯ୍ୟଜାତ, ସମ୍ଭ୍ରମଜାତ ଓ ଶାପଜ । କାର୍ଯ୍ୟଜାତ ତ୍ରିବିଧ—ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ସମ୍ଭ୍ରମଜ—ଉତ୍ପାତ ନିର୍ଘାତ ବାତାଦି ଜନ୍ୟ ବିପ୍ଳବରୁ ଜାତ । ଶାପଜ—ନିକଟରେ ଥାଇ ମଧ ଶାପ ହେତୁ ସ୍ୱରୂପର ଅନ୍ୟ ପ୍ରକାର ହେବା । ଚତୁର୍ବିଧ ବିପ୍ରଲମ୍ଭର ପରେ ସମ୍ଭୋଗ ମଧ ଚତୁର୍ବିଧ । ରସ, ରତି, ପ୍ରୀତି, ଭାବ, ରାଗ, ବେଗ ସମାପ୍ତି ଏମାନେ ରତିର ପର୍ଯ୍ୟାୟ—ଫଳାବସ୍ଥା ରତିଃ । ହେତ୍ୱବସ୍ଥା ଚ ରତମ୍ । ତୟୋଃ ପର୍ଯ୍ୟାୟଶବ୍ଦାନାମେକାର୍ଥବିଷୟତ୍ୱେଽପି ନିମିତ୍ତଂ ଭିଦ୍ୟତେ । ଯଥା ଐଶ୍ୱର୍ଯ୍ୟଯୋଗାଦିନ୍ଦ୍ରଃ । ଶକ୍ତିଯୋଗାତ୍ ଶକ୍ରଃ । ତତ୍ର ଉପସ୍ଥେନ୍ଦ୍ରିୟେଣ ରସନାଦନୁଭବନାଦ୍ରସଃ । ଫଳାବସ୍ଥାୟାଂ ସୁଖତ୍ୱେନ ଚିତ୍ତପରିସ୍ପନ୍ଦନେନ ରମଣାଦ୍ରତିଃ । ତତ୍ର ପ୍ରଣୟନାତ୍ ପ୍ରୀତିଃ । କାମିତାଽଖ୍ୟେନ ଭାବେନ ଭାବ୍ୟମାନତ୍ୱାଦ୍ ଭାବଃ । ଚିତ୍ତରଞ୍ଜନାଦ୍ ରାଗଃ । ଶୁକ୍ରଧାତୋଃ ସୁଖାନୁବନ୍ଧସ୍ୟ ନାଡ଼ୀମୁଖାତ୍ ପୃଥଗ୍ ଭବନାଦ୍ ବେଗଃ । ରତସ୍ୟ ସମାପନାତ୍ ସମାପ୍ତିଃ । ସଂପ୍ରୟୋଗ, ରତ, ରହ, ଶୟନ, ମୋହନ ଓ ସୁରତ ଏକପର୍ଯ୍ୟାୟ—ସଙ୍ଗତୟୋଃ ସ୍ତ୍ରୀପୁଂସୟୋଃ ସମ୍ୟକ୍ ପ୍ରକୃଷ୍ଟୋ ଯୋଗଃ ସଂପ୍ରୟୋଗଃ । ହେତ୍ୱବସ୍ଥାୟାଂ ବାକ୍କାୟଚିତ୍ତ ପରିସ୍ପନ୍ଦନେନ ରମଣାଦ୍ ରତମ୍ । ଦମ୍ପତୀବ୍ୟତିରିକ୍ତମନ୍ୟଂ ରହୟତୀତି ରହଃ । ଶୟନୀୟେ ପ୍ରତିଶର୍ଯ୍ୟାକୟୋଃ ଶୟନାତ୍ ଶୟନୀୟମ୍ । ଅନ୍ୟ ବ୍ୟାପାରେଷୁ ମୋହନାଦ୍ ବୈଚିତ୍ର୍ୟକରଣାତ୍ ମୋହନମିତି । ସଂପ୍ରୟୋଗର ଚତୁଃଷଷ୍ଟି ଭେଦ—ଆଲିଙ୍ଗନ ଚୁମ୍ବନ ନଖଚ୍ଛେଦ୍ୟ ଦଶନଚ୍ଛେଦ୍ୟ ସଂବେଶନ ସୀତ୍କୃତ ପୁରୁଷାୟିତୌପରିଷ୍ଟିକାନାମଷ୍ଟାନାମଷ୍ଟଧା ବିକଳ୍ପଭେଦା ଦଷ୍ଟାବଷ୍ଟକାଶ୍ଚତୁଃଷଷ୍ଟିରିତି ବାଭ୍ରବୀୟାଃ—କାମସୂତ୍ର । କରୁଣ ଓ ବିପ୍ରଲମ୍ଭର ମଧ୍ୟ ରେ ଭେଦ ଏହି ଯେ ବଧ ବନ୍ଧନାଦିରୁ ଜାତ କରୁଣ—ତାହା ନିରପେକ୍ଷ (ଅବଲମ୍ବନର ନାଶରୁ ); ବିପ୍ରଲମ୍ଭରେ ଅପେକ୍ଷା ଅଛି ନାୟକାଦିଙ୍କ ଠାରେ । ଏକ କରୁଣ ଅନ୍ୟ ବିପ୍ରଲମ୍ଭ । କରୁଣସ୍ତୁ ଶାପକ୍ଲେଶ......ବଧ

ବନ୍ଧନସମୁତ୍‌ଥ ନିରପେକ୍ଷଭାବ ଔତ୍ସୁକ୍ୟ ଚିନ୍ତାସମୁତ୍‌ଥ ସାପେକ୍ଷ ଭାବୋ ବିପ୍ରଲମ୍ଭକୃତଃ ଏବମନ୍ୟକରୁଣଃ ଅନ୍ୟସ୍ତୁ ବିପ୍ରଲମ୍ଭଃ ଏବଂ ସର୍ବଭାବ ସଂଯୁକ୍ତଃ ଶୃଙ୍ଗାରୋ ଭବତି ।

## ହାସ୍ୟ

ସ୍ଥାୟୀଭାବ—ହାସ । ବିଭାବ—ବିକୃତବେଶାଲଙ୍କାର, ଧୃଷ୍ଟତା, ଲୌଲ୍ୟ, ଅସତ୍ ପ୍ରଳାପ, ବ୍ୟଙ୍ଗଦର୍ଶନ, ଦୋଷାଦାହରଣ । ଅନୁଭବ—ଓଷ୍ଠଦଂଶନ, ନାସା କପୋଳ ସ୍ପନ୍ଦନ, ଦୃଷ୍ଟି ବିସ୍ତାର ଓ ସଂକୋଚ, ସ୍ୱେଦ, ମୁଖର ରକ୍ତିମା ଓ ପାର୍ଶ୍ୱଗ୍ରହଣ । ବ୍ୟଭିଚାରୀ—ଅଲସ୍ୟ, ଅବହିତଥା, ତନ୍ଦ୍ରା, ନିଦ୍ରା, ସ୍ୱପ୍ନ, ପ୍ରବୋଧ ଓ ଅସୂୟାଦି । ହାସ୍ୟ ଦ୍ୱିବିଧ—ଆତ୍ମସ୍ଥ ଓ ପରସ୍ଥ । ତାହା ନିଜେ ହସିବା ଓ ପରକୁ ହସାଇବା । ହାସ୍ୟର ଭେଦ ଛଅଗୋଟି । ତାହା ଯଥାକ୍ରମେ—ସ୍ମିତ, ହସିତ, ବିହସିତ, ଉପହସିତ ଅପହସିତ ଓ ଅତିହସିତ—ସ୍ମିତ ହସିତ ଉତ୍ତମଙ୍କର । ବିହସିତ ଉପହସିତ ମଧ୍ୟମଙ୍କର । ଅପହସିତ ଓ ଅତି ହସିତ ଅଧମଙ୍କର । ଈଷତ୍ ଫୁଲ୍ଲକପୋଳ, ମୃଦୁକଟାକ୍ଷ, ଅଦୃଶ୍ୟଦନ୍ତ ଓ ମଧୁର ହାସ୍ୟରେ ସ୍ମିତ । ଉତ୍‌ଫୁଲ୍ଲମୁଖ ନେତ୍ର ଓ କପୋଳ ଓ କିଞ୍ଚିତ୍ ଦନ୍ତ ଲକ୍ଷିତ ହେଲେ ହସିତ । କୁଞ୍ଚିତ କପୋଳ ଓ ଚକ୍ଷୁ, ମଧୁରସ୍ୱର ଓ ମୁଖର ରକ୍ତିମା ପ୍ରଦର୍ଶନରେ ବିହସିତ । ଉତ୍‌ଫୁଲ୍ଲ ନାସିକା, କୁଟିଳ ଦୃଷ୍ଟିପାତ, ନିକୁଞ୍ଚିତ ସ୍କନ୍ଧ ଓ ଶିରରେ ଉପହସିତ । ଅସ୍ଥାନରେ ହସିବା, ଅଶ୍ରୁଯୁକ୍ତ ଦୃଷ୍ଟି, ସ୍କନ୍ଧ ଓ ଶିରର ଉତ୍‌କମ୍ପନରେ ଅପହସିତ । ଅଶ୍ରୁପୂର୍ଣ୍ଣ ଚକ୍ଷୁ, ତୀବ୍ର ଉଚ୍ଚହାସ୍ୟ, ହସ୍ତରେ ପାର୍ଶ୍ୱ ଧାରଣ ପ୍ରଭୃତିରେ ଅତିହସିତ । ବର୍ଣ୍ଣ—ଶ୍ୱେତ । ଦେବତା—ପ୍ରମଥ ।

## କରୁଣ ରସ

ସ୍ଥାୟୀଭାବ—ଶୋକ । ବିନଷ୍ଟବନ୍ଧୁ ଶୋଚନୀୟ ବ୍ୟକ୍ତି ଆଲମ୍ବନ । ଶାପକ୍ଳେଶ ବିନିପାତ, ଇଷ୍ଟଜନ ବିରହ, ବିତ୍ତନାଶ, ବଧ, ବନ୍ଧନ, ଉତ୍ପାତ, ବ୍ୟସନ ପ୍ରାପ୍ତି ପ୍ରଭୃତି ବିଭାବ । (ବନ୍ଧୁର ଦାହକର୍ମ; ବନ୍ଧୁର ଗୃହ ବସ୍ତ୍ର ଭୂଷଣାଦି ଉଦ୍ଦୀପନ ) ଅନୁଭାବ—ଅଶ୍ରୁପାତ, କ୍ରନ୍ଦନ, ମୁଖ ଶୋଷଣ, ବୈବର୍ଣ୍ଣ୍ୟ, ସ୍ରସ୍ତଗାତ୍ରତା, ନିଶ୍ୱାସ ଓ ସ୍ମୃତିବିଲୋପ, ଦୈବନିନ୍ଦା, ସ୍ତମ୍ଭ, ପ୍ରଳାପ ପ୍ରଭୃତି । ସଞ୍ଚାରୀ—ନିର୍ବେଦ, ଗ୍ଲାନି, ଔତ୍ସୁକ୍ୟ, ଆବେଗ, ମୋହ, ଶ୍ରମ, ଅପସ୍ମାର, ବ୍ୟାଧି, ବିଷାଦ, ଜଡ଼ତା, ଉନ୍ମାଦ, ତ୍ରାସ, ଅଲସ୍ୟ, ଚିନ୍ତା, ଅଶ୍ରୁ, ବୈବର୍ଣ୍ଣ୍ୟ, ବେପଥୁ ପ୍ରଭୃତି । ବର୍ଣ୍ଣ—କପୋତ । ଦେବତା—ଯମ ।

## ରୌଦ୍ର ରସ

ସ୍ଥାୟୀଭାବ କ୍ରୋଧ । ଆଲମ୍ବନ—ରାକ୍ଷସ, ଦାନବ, ଉଦ୍ଧତ ମନୁଷ୍ୟ, ଅପରାଧୀ ଓ ଶତ୍ରୁ । ଉଦ୍ଦୀପନ—ତତ୍‌କୃତ ଅପରାଧାଦି, କ୍ରୋଧ, ଧର୍ଷଣ, ଅଧିକ୍ଷେପ,

ଅବମାନନ, ଅନୃତ ବଚନ, ବାକ୍ ପାରୁଷ୍ୟ, ଦ୍ରୋହ ଓ ମାତ୍ସର୍ଯ୍ୟ । କାର୍ଯ୍ୟ—ତାଡ଼ନ, ପାଟନ, ପୀଡ଼ନ, ଛେଦନ, ଭେଦନ, ପ୍ରହରଣ, ଆହରଣ, ଶସ୍ତ୍ରସଂପାତ, ସଂପ୍ରହାର, ରୁଧିରାକର୍ଷଣାଦି । ଅନୁଭାବ—ରକ୍ତ ନୟନ, ସ୍ୱେଦ, ଭ୍ରୂକୁଟି, କରଦନ୍ତ ଓଷ୍ଠ ପୀଡ଼ନ, ଗଣ୍ଡସ୍ଫୁରଣ, ହସ୍ତାଗ୍ର ନିକ୍ଷେପଣାଦି । ସଞ୍ଚାରୀ—ସମ୍ମୋହ, ଉତ୍ସାହ, ବେଗ, ଅମର୍ଷ, ଚପଳତା, ଉଗ୍ରତ, ସ୍ୱେଦ, ବେପଥୁ, ରୋମାଞ୍ଚ ଓ ଗଦ୍‌ଗଦାଦି । ରାକ୍ଷସଙ୍କ ତୁଲ୍ୟ ଅନ୍ୟଙ୍କର ମଧ୍ୟ ରୌଦ୍ର ରସ ଅଛି; କେବଳ ରାକ୍ଷସଙ୍କର ତାହା ନୁହେ । ରାକ୍ଷସଙ୍କ ରୂପ ଭୀଷଣ, ସେମାନଙ୍କ ଶରୀର ଓ ବଚନାଦି ରୌଦ୍ର ସେମାନଙ୍କ ଅନୁଚରଙ୍କ ରସ ରୌଦ୍ର । ବର୍ଣ୍ଣ—ରକ୍ତ ବା ପିଙ୍ଗଳ । ଦେବତା—ରୁଦ୍ର ।

## ବୀର

ସ୍ଥାୟୀଭାବ ଉତ୍ସାହ । ବିଭାବ, ଅସଂମୋହ, ଅଧ୍ୟବସାୟ, ନୟ, ବିନୟ, ପରାକ୍ରମ, ବଳ, ଶକ୍ତି, ପ୍ରତାପ ପ୍ରଭାବାଦି ବିଭାବ । ଅନୁଭାବ—ସ୍ଥୈର୍ଯ୍ୟ, ଶୌର୍ଯ୍ୟ, ତ୍ୟାଗ, ବୈଶାରଦାଦି । ବ୍ୟଭିଚାରୀ—ଧୃତି, ମାନ, ଗର୍ବ, ଆବେଗ, ଉଗ୍ରତା ଅମର୍ଷ, ସ୍ମୃତି ଓ ରୋମାଞ୍ଚାଦି । ଅଧିକାଂଶ ଆଲଙ୍କାରିକ ବୀର ରସକୁ ଚତୁର୍ବିଧ ରୂପେ କହନ୍ତି—ଧର୍ମବୀର, ଦାନବୀର, ଦୟାବୀର ଓ ଯୁଦ୍ଧବୀର । କାବ୍ୟପ୍ରକାଶକାରଙ୍କ ମତେ ଯୁଦ୍ଧବୀରହିଁ କେବଳ ବୀର । ରସଗଙ୍ଗାଧରକାରଙ୍କ ମତରେ ଶୃଙ୍ଗାର ରସ ପରି ବୀରରସର ଅନେକ ଭେଦ ହୋଇପାରେ । ଯଥା:—ଧର୍ମବୀର, ଦାନବୀର, ଦୟାବୀର, ସତ୍ୟବୀର, ପାଣ୍ଡିତ୍ୟବୀର, କ୍ଷମାବୀର, ଯୁଦ୍ଧବୀର ଓ ବଳବୀର ପ୍ରଭୃତି । କେବଳ ଯୁଦ୍ଧବୀର କହିବା ମଧ୍ୟ ଠିକ୍ ନୁହେଁ, କାରଣ ଧର୍ମବୀର କହିଲେ ଯଥେଷ୍ଟ ହୁଅନ୍ତା । ଯେହେତୁ ଯୁଦ୍ଧବୀର ଧର୍ମକୁ ଅନୁସରଣ କରନ୍ତି । ଯୁଦ୍ଧବୀର ଅଧର୍ମକୁ ଅନୁସରଣ କଲେ ବୀରରସରେ ଦୋଷ ସମ୍ଭବ ରସାଭାସ ହେବ । କେବଳ ଧର୍ମବୀର କହି ବିଷୟମାନଙ୍କର ତତ୍‌ସହିତ ଯୋଗ କଲେ ଯଥେଷ୍ଟ ହେବ—ଧର୍ମବୀର ଦୟା ବା ଦାନ ପ୍ରଭୃତି ହେତୁ । କିନ୍ତୁ ଏପରି ନ କହି ଦୟାବୀର କ୍ଷମାବୀର କହିଲେ ଠିକ୍ ହେବ । ବର୍ଣ୍ଣ—ଗୌର । ଦେବତା—ମହେନ୍ଦ୍ର ।

## ଅଦ୍ଭୁତ

ସ୍ଥାୟୀଭାବ ବିସ୍ମୟ । ବିଭାବ—ଦିବ୍ୟଦର୍ଶନ ଈପ୍‌ସିତ ମନୋରଥ ପ୍ରାପ୍ତି, ଉପବନ, ଦେବମନ୍ଦିର ଗମନ, ଅସଂଭାବ୍ୟମାନ ମାୟା ଇନ୍ଦ୍ରଜାଲାଦି । ଅନୁଭାବ—ନୟନ ବିସ୍ତାର ଓ ଅନିମେଷ ଦୃଷ୍ଟି, ରୋମାଞ୍ଚ, ଅଶ୍ରୁ, ସ୍ୱେଦ, ହର୍ଷ, ସାଧୁବାଦ ପ୍ରଦାନ, ହାହାକାର, କରଚରଣ ଅଙ୍ଗୁଳି ଆଦି ଭ୍ରମଣାଦି । ବ୍ୟଭିଚାରୀ—ଆବେଗ, ସମ୍ଭ୍ରମ, ଜଡ଼ତା, ପ୍ରଳୟ, ଅଶ୍ରୁ, ସ୍ତମ୍ଭ ଓ ଗଦ୍‌ଗଦାଦି । ବର୍ଣ୍ଣ—ପୀତ । ଦେବତା—ବ୍ରହ୍ମ ।

## ବୀଭତ୍ସ

ସ୍ଥାୟିଭାବ ଜୁଗୁପ୍‌ସା । ଅହୃଦ୍ୟ ଓ ଅପ୍ରିୟ ଦର୍ଶନ, ଅନିଷ୍ଟ ଶ୍ରବଣ ଦର୍ଶନ ଓ ପରକୀର୍ତ୍ତନ । ବିଭାବ ( ଶବ—ଆଲମ୍ବନ, ଅନ୍ତର୍ବିଦାରଣାଦି ଉଦ୍ଦୀପନ ) । ଅନୁଭାବ—ସର୍ବାଙ୍ଗବିକ୍ଷେପ, ମୁଖନେତ୍ର ଘୂର୍ଣ୍ଣନ, ହୃଲ୍ଲେଖ, ନିଷ୍ଠୀବନ, ଉଦ୍‌ବେଜନ, ରୋମାଞ୍ଚ, ନେତ୍ରନିମୀଳନାଦି । ବ୍ୟଭିଚାରୀ—ଅପସ୍ମାର, ମୋହ, ଆବେଗ, ବ୍ୟାଧି ଓ ମରଣାଦି । ବର୍ଣ୍ଣ—ନୀଳ । ଦେବତା—ମହାକାଳ ।

## ଭୟାନକ

ସ୍ଥାୟିଭାବ—ଭୟ । ବିଭାବ—ବିକୃତ ଶବ୍ଦକାରୀ ପ୍ରାଣିଦର୍ଶନ, ଶିବା, ଉଲ୍ଲୁକ, ଶ୍ୟେନ, ତ୍ରାସ, ଉଦ୍‌ବେଗ, ଶୂନ୍ୟଗୃହ, ଅରଣ୍ୟପ୍ରବେଶ ଓ ମରଣ । ସ୍ୱଜନ ବଧ ବନ୍ଧନର ଦର୍ଶନ ଶ୍ରବଣ ଓ କଥନ, ଚୌର ଇତ୍ୟାଦି । ଅନୁଭାବ—କମ୍ପିତ କରଚରଣ, ଚକ୍ଷୁଚଳନ, ପୁଲକ, ମୁଖବୈବର୍ଣ୍ଣ୍ୟ, ସ୍ୱରଭେଦ । ସଞ୍ଚାରୀ—ଶଙ୍କା, ମୋହ, ଦୈନ୍ୟ, ଆବେଗ, ଚପଳତା, ତ୍ରାସ, ଅପସ୍ମାର, ମରଣ, ସ୍ତମ୍ଭ, ସ୍ୱେଦ, ଗଦ୍‌ଗଦ, ରୋମାଞ୍ଚ, ବେପଥୁ, ବୈବର୍ଣ୍ଣ୍ୟାଦି । ବର୍ଣ୍ଣ—କୃଷ୍ଣ । ଦେବତା—କାମଦେବ ।

## ଶାନ୍ତ

ସ୍ଥାୟୀ—ନିର୍ବେଦ ବା ଶମ । ଆଲମ୍ବନ—ଜଗତର ଅନିତ୍ୟତା । ଉଦ୍ଦୀପନ—ବେଦାନ୍ତ ଶ୍ରବଣ, ତପୋବନ ତାପସ ଦର୍ଶନାଦି । ଅନୁଭାବ—ବିଷୟରେ ଅରୁଚି, ଶତ୍ରୁ ମିତ୍ର ପ୍ରତି ଉଦାସୀନତା, ଚେଷ୍ଟାଶୂନ୍ୟତା, ନାସାଗ୍ରେ ଦୃଷ୍ଟି ଆଦି । ବ୍ୟଭିଚାରୀ—ହର୍ଷ, ଉନ୍ମାଦ, ସ୍ମୃତି ଓ ମତି ପ୍ରଭୃତି ।

## ଭାବ

ଦେବ, ଦ୍ୱିଜ, ଗୁରୁ ଓ ରାଜାଦିଙ୍କର ରତିକୁ ଭାବ କହନ୍ତି । କେତେକ ମିତ୍ର ଓ ପୁତ୍ରଙ୍କର ରତିକୁ ଭାବ କହନ୍ତି; କିନ୍ତୁ ଅନ୍ୟଙ୍କ ମତରେ ତାହା ସଖ୍ୟ ଓ ବାତ୍ସଲ୍ୟ ରୂପେ ଗ୍ରହଣୀୟ । ସାମଗ୍ରୀର ଅଭାବରୁ ରସ ରୂପ ପ୍ରାପ୍ତ ନ ହେବାରୁ ସ୍ଥାୟୀ ରତ୍ୟାଦିଙ୍କୁ ଭାବ କୁହାଯାଏ । ବିଭାବାଦିଙ୍କ ଦ୍ୱାରା ପୁଷ୍ଟ ବ୍ୟଭିଚାରୀ ନିର୍ବେଦାଦି ପ୍ରାଧାନ୍ୟରେ ବ୍ୟଞ୍ଜିତ ହେଲେ ଭାବ ପ୍ରାପ୍ତ ହୁଏ । ରସ ଓ ଭାବ ମଧ୍ୟରେ ପାର୍ଥକ୍ୟ ଏହି ଯେ ଦେବ ଦ୍ୱିଜାଦି ଆଲମ୍ବନ ହେଲେ ସ୍ଥାୟୀ ରତିକୁ ଭାବ କହନ୍ତି । ନାୟକ ନାୟିକା ଆଲମ୍ବନ ହେଲେ ରତି ରସ ସଞ୍ଜ୍ଞା ଲାଭକରେ । କାନ୍ତାବିଷୟକ ରତି ମଧ୍ୟ ଅନୁଭାବ ଓ ସଞ୍ଚାରୀଙ୍କ ଦ୍ୱାରା ପୁଷ୍ଟ ନ ହେଲେ ଭାବ ହୁଏ । ଏହାପରି ରସତ୍ୱ ପ୍ରାପ୍ତ ହେବା ପୂର୍ବରୁ ସ୍ଥାୟିଭାବଗଣ ଭାବରୂପେ କଥିତ ହୁଅନ୍ତି । ଯେଉଁଠାରେ ସଞ୍ଚାରୀ ପ୍ରଧାନ ରୂପରେ ପ୍ରତୀତ ହୁଏ ସେଠାରେ ତାହାକୁ ଭାବ କହନ୍ତି । ସଞ୍ଚାରୀ ତ ରସର ଅଙ୍ଗ, ତେବେ କିପରି ତାହାର ପ୍ରଧାନତା ସ୍ୱୀକାର କରି ହୁଏ । ଉଦାହରଣ-ସ୍ୱରୂପ ମନ୍ତ୍ରୀ ଭିତରେ ବିବାହରେ ମନ୍ତ୍ରୀ

ପ୍ରଧାନ ହୋଇ ବରରୂପେ ଆଗେ ଆଗେ ଯାଏ, ତାର ସ୍ୱାମୀ ହୋଇ ମଧ୍ୟ ରାଜା ପଛେ ପଛେ ଚାଲନ୍ତି। ସେହିପରି କୌଣସି ବିଶେଷ ପ୍ରସଙ୍ଗରେ ସଞ୍ଚାରୀ ପ୍ରଧାନରୂପେ ପ୍ରତୀତ ହେଲେ ନିଜର ସ୍ୱାମୀଭୂତ ରସ ଉପରେ ପ୍ରଧାନ ହୋଇ ଭାବ ସଂଜ୍ଞା ପ୍ରାପ୍ତ ହୁଏ । ଏହିପରି କୁହାଯାଇ ପାରେ କି ଶୃଙ୍ଗାରାଦି ରସରେ ବିଭାବ, ଅନୁଭାବ ଓ ସଞ୍ଚାରୀ ଆଦି ମିଳି ପ୍ରପାନକ ରସ ସଦୃଶ ଏକମାତ୍ର ସ୍ୱାଦରୂପେ ଜଣାଯାନ୍ତି—ସଞ୍ଚାରୀ ଭାବର ପୃଥକ୍ ଆସ୍ୱାଦ ତ ରହେ ନାହିଁ, ତେବେ ତାହାର ପ୍ରଧାନଭାବରେ କିପରି ପ୍ରତୀତି ହୋଇପାରେ । ସେହି ପ୍ରପାନକରେ ଯେବେ କୌଣସି ଉପାଦାନର ଆଧିକ୍ୟ ହୁଏ ତେବେ ତାହାର ପ୍ରଧାନ ଭାବରେ ବୋଧ ହୁଏ, ସେହିପରି ସଞ୍ଚାରୀ ସ୍ଥଳବିଶେଷରେ ପ୍ରଧାନରୂପେ ପ୍ରତୀତ ହୁଏ ଓ ଭାବ ସଂଜ୍ଞା ପ୍ରାପ୍ତ ହୁଏ । "ଯଦ୍ୟପି ସକଲମେବ କାବ୍ୟଂ ପ୍ରସେନୈବ ଜୀବତି ରସସ୍ୟୈକଘନଚମତ୍କାରାତ୍ମା ତଥାପି କ୍ୱାପି ବ୍ୟଭିଚାରିଣଃ ସଦାକ୍ଷାଦଧିକଃ ଚମତ୍କାରୋ ଭବତୀତି ସୋଽପି ବିଭବାନୁଭାବପ୍ରକାଶିତୋ ଭାବ ଉଚ୍ୟତେ।" ଏକାବଳୀ ୩ୟ ଉନ୍ମେଷ । ପ୍ରକୃତିର ବୈଷମ୍ୟରେ ଅକାର ପ୍ରକାର ଭେଦ ହେତୁ ରସ—ରସାଭାସ, ଭାବାଭାସ, ଭାବଶାନ୍ତି, ଭାବୋଦୟ, ଭାବସନ୍ଧି, ଭାବଶବଳତା ରୂପ ପ୍ରାପ୍ତ ହୁଏ ।

## ରସାଭାସ

ରସ ନିଜର ପ୍ରକୃତି ବା ଉଚିତ ଭାବକୁ ଛାଡ଼ି ଅନ୍ୟ ପ୍ରକାର ପ୍ରତୀତ ହେଲେ ରସାଭାସ ହୁଏ । ସ୍ୱପତି ତ୍ୟାଗ କରି ଅନ୍ୟ ପୁରୁଷରେ ରତି, ଗୁରୁପତ୍ନୀଠାରେ ରତି, ନୀଚ ବ୍ୟକ୍ତିଠାରେ ରତି, ରୌଦ୍ରରେ ଗୁରୁଙ୍କଠାରେ କ୍ରୋଧ, ଶାନ୍ତରେ ଦୁଃଶୀଳରେ ଶାନ୍ତି, ହାସ୍ୟରେ ଗୁରୁ ଓ ପୂଜ୍ୟଙ୍କର ଆଲମ୍ବନ ହେବା, କରୁଣରେ ବିରକ୍ତଠାରେ କରୁଣା, ବୀରରେ ନୀଚପାତ୍ରରେ ଉତ୍ସାହ, ଭୟାନକରେ ଉତ୍ତମ ପାତ୍ରରେ ଭୟ, ବୀଭତ୍ସଠାରେ ପଶୁ ପ୍ରଭୃତିରେ ଗ୍ଲାନି, ଅଦ୍ଭୁତରେ ଐନ୍ଦ୍ରଜାଲିକାଦିଙ୍କଠାରେ ବିସ୍ମୟ ହେବା ପ୍ରଭୃତି ରସାଭାସ । ଭୋଜ, ବିଶ୍ୱନାଥ, ବିଦ୍ୟାନାଥ ପ୍ରଭୃତିଙ୍କ ମତରେ ପଶୁପକ୍ଷୀଙ୍କ ରତିକୁ ରସାଭାସ କୁହାଯାଏ ।

"ହୀନପାତ୍ରେଷୁ ତିର୍ଯ୍ୟକ୍ଷୁ ନାୟକପ୍ରତିଯୋଗିଷୁ ।
ଗୌଣେଷ୍ୱେବ ପଦାର୍ଥେଷୁ ତମାଭାସଂ ବିଜାନତେ" ( ଭୋଜ ) ।

ନୀଚ ନାୟକଠାରେ, ପଶୁପକ୍ଷୀ ସର୍ପାଦିଙ୍କଠାରେ, ପ୍ରତିନାୟକଠାରେ, ଅପ୍ରଧାନ ପାତ୍ରଙ୍କଠାରେ ସେହି ରସକୁ ଆଭାସ—ନିକୃଷ୍ଟ ବୋଲି କହନ୍ତି । ଏକାବଳୀକାର ବିଦ୍ୟାଧରଙ୍କ ମତେ ଏ ଉକ୍ତି ସମୀଚୀନ ନୁହେଁ । ତିର୍ଯ୍ୟକ୍ ପ୍ରାଣୀଙ୍କଠାରେ ମଧ୍ୟ ବିଭାବାଦିର ସମ୍ଭାବନା ଅଛି । କିନ୍ତୁ ବାଦ ଜ୍ଞାନଶୂନ୍ୟ ତିର୍ଯ୍ୟକ୍ପ୍ରାଣୀମାନେ ରସର ପାତ୍ର ହେବାରେ ଯୋଗ୍ୟ ନୁହନ୍ତି—ଏ ଉକ୍ତି ମଧ୍ୟ ଯୁକ୍ତିଯୁକ୍ତ ନୁହେଁ ।

ଏପରି ଯୁକ୍ତିର ଉତ୍ତରରେ ମଧ୍ୟ କୁହାଯିବ ଯେ କେତେକ ମନୁଷ୍ୟଙ୍କଠାରେ ମଧ୍ୟ ବିଭାବାଦିର ଜ୍ଞାନ ନ ଥାଏ । ବିଭାବାଦିର ସମ୍ବନ୍ଧହିଁ ରସ ପ୍ରୀତି ପ୍ରଯୋଜକ । ବିଭାବାଦି ଜ୍ଞାନ ନୁହେଁ; ତେଣୁ ତିର୍ଯ୍ୟକ୍ ପ୍ରାଣୀଙ୍କର ରସ ଅଛି ।

## ଭାବାଭାସ

ଅନୁଚିତ ରୂପରେ ଭାବ ବର୍ଣ୍ଣିତ ହୋଇ ରସାଦିର ଅଙ୍ଗ ହେଲେ ଭାବାଭାସ ହୁଏ । ଯେବେ ବ୍ୟଭିଚାରୀ ପ୍ରଧାନ ଭାବରେ ପ୍ରତୀତ ହୋଇ ଭାବର ଅବସ୍ଥା ପ୍ରାପ୍ତ ହୁଏ ଓ ଅନ୍ୟ କୌଣସି ଆଭାସର ଅଙ୍ଗ ହୁଏ, ତେବେ ସେ ମଧ୍ୟ ଭାବାଭାସ ହୁଏ ।

## ଭାବଶାନ୍ତି

ଯେବେ ଗୋଟିଏ ଭାବର ପ୍ରବୃତ୍ତି ହେବା କାଳରେ ଅନ୍ୟ କୌଣସି ବିରୁଦ୍ଧଭାବ ଉପସ୍ଥିତ ହୁଏ ଓ ପ୍ରଥମ ଭାବର ସମାପ୍ତିରେ ଚମତ୍କାର ଭାବ ଜନ୍ମେ, ତେବେ ତାହା ଭାବଶାନ୍ତି ହୁଏ ।

## ଭାବୋଦୟ

ଯେଉଁଠାରେ କୌଣସି ଭାବର ଶାନ୍ତି ପରେ କୌଣସି କାରଣରୁ ଅନ୍ୟ ଏକ ଭାବର ଉଦୟ ହୁଏ ଓ ତାହା ଦ୍ୱାରା ଚମତ୍କାରିତା ଜନ୍ମେ, ତେବେ ସେଠାରେ ଭାବୋଦୟ ହୁଏ ।

## ଭାବସନ୍ଧି

ଏକ କାଳରେ ସମାନ ଭାବରେ ଚମତ୍କାରପ୍ରଦ ଦୁଇଟି ଭାବର ଉପସ୍ଥିତିରେ ଭାବସନ୍ଧି ହୁଏ ।

## ଭାବଶବଳତା

ଗୋଟିଏ ପରେ ଗୋଟିଏ ହୋଇ ଯେବେ ବହୁତ ଭାବର ଏକ ସ୍ଥାନରେ ମେଳନ ହୁଏ ତେବେ ଭାବଶବଳତା ହୁଏ ।

ଭରତ ନାଟ୍ୟସୂତ୍ରରେ ଶାନ୍ତ ରସର ଉଲ୍ଲେଖ ନାହିଁ; ତେଣୁ ସେଥିରେ ତାର ସ୍ୱରୂପ ଓ ଲକ୍ଷଣ ପ୍ରଦତ୍ତ ହୋଇ ନାହିଁ । ଅନ୍ୟ ଆଠ ରସର ବିଭାଗ ଦ୍ୱିବିଧ, ତ୍ରିବିଧ ଓ ଚତୁର୍ବିଧ ରୂପେ କଥିତ ହେଲେହେଁ ତାହା ସାଧାରଣତଃ ତ୍ରିବିଧ । ଶୃଙ୍ଗାର—ବାକ୍ୟ, ନେପଥ୍ୟ ଓ କ୍ରିୟାତ୍ମକ । ହାସ୍ୟ ଓ ରୌଦ୍ର—ଅଙ୍ଗ, ନେପଥ୍ୟ ଓ ବାକ୍ୟଜ ଭାବେ ତ୍ରିବିଧ । କରୁଣ—ଧର୍ମୋପଘାତଜ, ଅପଚୟ ଜାତ ଓ ଶୋକଜ । ବୀର—ଦାନବୀର, ଧର୍ମବୀର, ଯୁଦ୍ଧବୀର, ଓ ରସବୀର । ଭୟାନକ—ବ୍ୟାଜ, ଅପରାଧ ଓ ଭୟଜ । ବୀଭତ୍ସ—କ୍ଷୋଭଜ, ଉଦ୍‌ବେଗଜ ଓ ଶୁଦ୍ଧ । ( ବିଷ୍ଠା କୃମି ପ୍ରଭୃତି ଦ୍ୱାରା ଉଦ୍‌ବେଗୀ, ରୁଧିରାଦିରୁ

ଜାତ ଶୋଭକ )। ଅଦ୍ଭୁତ—ବିବ୍ୟ ଓ ଆନନ୍ଦକ। ଏହି ଆଠ ରସମାନେ ଉକ୍ତ ଲକ୍ଷଣାଦି ଦ୍ୱାରା ଲକ୍ଷିତ ଅଟନ୍ତି।

## ରସ

ରସବୋଧରେ ପରମ ସୁଖ ଜାତ ହୁଏ। ସଂସାରରେ ଲୌକିକ ସୁଖ ଦୁଃଖର କାରଣଭୂତ ବ୍ୟାପାର ଧନ, ରାଜ୍ୟ, ପୁତ୍ରାଦି ଲାଭରୁ ତଥା ବନ୍ଧୁବିୟୋଗ, ବିତ୍ତନାଶ ଓ ବନବାସାଦିରୁ ଲୌକିକ ସୁଖ ଦୁଃଖ ଜାତ ହୁଏ। ଲୌକିକ ସୁଖ ଦୁଃଖ କାବ୍ୟରେ ବର୍ଣ୍ଣିତ ହେଲେ ଓ ନାଟକରେ ଅଭିନୀତ ହେଲେ ପରମ ସୁଖ ଜାତ ହୁଏ। ଲୌକିକ ସୁଖର ତ ପରମ ସୁଖ ହେବାର କଥା; ଲୌକିକ ଦୁଃଖର କିପରି ହେବ, ଏ ବିଷୟ ଅପୂର୍ବବତ୍ ପ୍ରତୀତ ହୁଏ। ରାମଚନ୍ଦ୍ରଙ୍କ ବନବାସ, ସୀତାହରଣ, ହରିଶ୍ଚନ୍ଦ୍ରଙ୍କ ରାଜ୍ୟତ୍ୟାଗ ଓ ପୁତ୍ର ମରଣାଦି ରାମଚନ୍ଦ୍ରାଦିଙ୍କୁ ଦୁଃଖପ୍ରଦ ହୋଇଥିଲା; କିନ୍ତୁ ତାହା କାବ୍ୟ ଓ ନାଟକରେ ବର୍ଣ୍ଣିତ ହେବାରୁ ଅଲୌକିକ ଭାବାପନ୍ନ ହୋଇ ମହା ସୁଖପ୍ରଦ ହେଲା। ଏହା କିପରି ? ଏଥିପ୍ରତି ଉତ୍ତର ପ୍ରଦତ୍ତ ହୋଇଅଛି ଯେ, ସହୃଦୟଙ୍କ ଅନୁଭବହିଁ ତାହାର କେବଳ ପ୍ରମାଣ। ଯଦି ଦୁଃଖ ଅନୁଭୂତ ହେଉଥାଆନ୍ତା, ନାଟକ ଦର୍ଶନରେ ଓ କାବ୍ୟ-ପାଠରେ କେହି ପ୍ରବୃତ୍ତ ହେଉ ନ ଥାଆନ୍ତେ। କରୁଣ ରସପ୍ରଧାନ ରାମାୟଣାଦିରୁ ସୁଖର ଉତ୍ପତ୍ତି ହୁଏ ବୋଲି ଲୋକେ ତତ୍ପ୍ରତି ଆଗ୍ରହାନ୍ୱିତ ହୁଅନ୍ତି। ଲୋକେ ହରିଶ୍ଚନ୍ଦ୍ରାଦିଙ୍କ ଚରିତ ଦର୍ଶନ ଓ ଶ୍ରବଣରେ ଅଶ୍ରୁପାତ କରନ୍ତି; ତାହା ତାଙ୍କ ହୃଦୟର ଦ୍ରୁତତା ପ୍ରକାଶ କରେ; ଅର୍ଥାତ୍ ସେହି ଅଶ୍ରୁପାତାଦି ଆନନ୍ଦସଂବଳିତ ଅଟେ। ସାହିତ୍ୟଦର୍ପଣକାର ଏହା ଲେଖି ଅଛନ୍ତି। ରସ ଗଙ୍ଗାଧରରେ ମଧ୍ୟ ଲିଖିତ ଅଛି ଯେ ଏହା ଅଲୌକିକ କାବ୍ୟ ବ୍ୟାପାରର ମହିମା ଯେ ପ୍ରଯୋଜ୍ୟ ଅରମଣୀୟ ଶୋକାଦି ପଦାର୍ଥ ଅଲୌକିକ ଆହ୍ଲାଦ ପ୍ରଦାନ କରନ୍ତି। "ଅୟଂ ହି ଲୋକୋତ୍ତରସ୍ୟ କାବ୍ୟବ୍ୟାପାରସ୍ୟ ମହିମା ଯତ୍ ପ୍ରଯୋଜ୍ୟା ଅରମଣୀୟା ଅପି ଶୋକାଦୟଃ ପଦାର୍ଥା ଆହ୍ଲାଦମଲୌକିକଂ ଜନୟନ୍ତି।" ଲୌକିକ କାରଣ କାବ୍ୟରେ ଅଲୌକିକ ଭାବ ପ୍ରାପ୍ତ ହୁଏ। କାରଣ ଲୌକିକ ବିଶିଷ୍ଟତାକୁ ତ୍ୟାଗ କରି ବିଭାବାଦି, ରତ୍ୟାଦି ଓ ସାମାଜିକ ତଥା ପାଠକଗଣ ସାଧାରଣରୂପେ ଗୃହୀତ ହୁଅନ୍ତି; ଅର୍ଥାତ୍ ରାମ ସୀତାଦି ସ୍ୱ ସ୍ୱ ବ୍ୟକ୍ତିତ୍ୱ ହରାଇ ସାଧାରଣ ମାନବରୂପରେ, ସ୍ଥାୟୀ ରତ୍ୟାଦି ରାମଗତ ଓ ସୀତାଗତ ନ ହୋଇ ସାଧାରଣ ମାନବଗତ ରତ୍ୟାଦି ଭାବରେ—(ରତ୍ୟାଦି ସାଧାରଣ ଭାବରେ) ସାମାଜିକ ଓ ପାଠକ ବିଶିଷ୍ଟ ସାମାଜିକ ଓ ପାଠକ ନ ହୋଇ ସାଧାରଣ ପାଠକ ଓ ସାମାଜିକ ଭାବରେ ଗୃହୀତ ହୁଅନ୍ତି। ଏଣୁ ଏ ସବୁ ଲୌକିକ ଭାବାପନ୍ନ ନ ହୋଇ ଅସାଧାରଣ ବା ଅଲୌକିକ ଭାବାପନ୍ନ ହୁଅନ୍ତି।

ତହିଁ ଅଲୌକିକ ସୁଖ ଜାତ ହୁଏ । ଅନୁକାର୍ଯ୍ୟ-ନାୟକ ନାୟିକା ରାମ ସୀତାଦିଙ୍କ ସୁଖ ଦୁଃଖ ଭୋଗ ଲୌକିକ । ସାମାଜିକଙ୍କ ସୁଖ ରସବୋଧ ଅଲୌକିକ । ତେବେ ଅନୁକାରୀ ନଟ ନଟୀଙ୍କର କଥା କଣ । ତାଙ୍କର ରସବୋଧ ହୁଏ କି ନାହିଁ । ଯେତେବେଳେ ରାମ ସୀତାଦିଙ୍କ ଚରିତ ସେମାନଙ୍କ ଦ୍ୱାରା ଅନୁକୃତ ହୋଇ ପ୍ରଦର୍ଶିତ ହୁଏ ଓ ସୁଖ ଦୁଃଖ ଭାବ ତାଙ୍କ ଦ୍ୱାରା ଅଭିବ୍ୟକ୍ତ ହୁଏ, ସେ ନଟ ନଟୀ-ମାନେ ମାନବ ହେତୁ ସ୍ୱୟଂ ଲୌକିକ ସୁଖଦୁଃଖଭାବାପନ୍ନ—ତାଙ୍କ ଦ୍ୱାରା ସେହି ସେହି ରାମ ସୀତାଦିଗତ ଭାବମାନ କିପରି ଅନୁଭୂତ ନ ହେବ । ନିଶ୍ଚୟ ସେ ଭାବମାନଙ୍କ ପ୍ରଭାବ କିଛି ତାଙ୍କ ଉପରେ ପଡୁଥିବ । ପରନ୍ତୁ କର୍ତ୍ତବ୍ୟ ଅନୁରୋଧରେ ତାଙ୍କର ମନ ସାମାଜିକଙ୍କ ଚିତ୍ତରଞ୍ଜନରେ ତଥା ଅର୍ଥାର୍ଜନରେ ଅଭିନିବିଷ୍ଟ ଥିବା ହେତୁ ତତ୍ ତତ୍ ଭାବର ବୋଧ ହେଲେହେଁ ଶିକ୍ଷା ଅଭ୍ୟାସ-ବଶତଃ ସେଥିରେ ତନ୍ମୟ ହୋଇ ନିଜର ସ୍ୱାତନ୍ତ୍ର୍ୟ ହରାନ୍ତି ନାହିଁ । ନାୟକ ନାୟିକାଙ୍କ ଭାବର ବୋଧ ନ ହେଲେ ନଟ ନଟୀମାନେ ସୁନ୍ଦରଭାବରେ ନିଜର କାର୍ଯ୍ୟ ସାଧନ କରି ପାରିବେ ନାହିଁ । କୃତ୍ରିମ ଭାବ ଅବଲମ୍ବନ କରି ଅକୃତ୍ରିମ ଭାବ ଦର୍ଶାଇବାହିଁ ତାଙ୍କର କାର୍ଯ୍ୟ । ତାଙ୍କର ସେହି ରସର ଅନୁଭବ ଲୌକିକ ତ ନୁହେଁ, କଣ ତା ଅଲୌକିକ ? ଅଲୌକିକ ଭାବରେ ତାଙ୍କର ରସର ଅନୁଭବ ମାତ୍ର ହୁଏ । କିନ୍ତୁ ପ୍ରାୟ ଯନ୍ତ୍ରବତ୍ ଚାଳିତ ହୋଇ ସେମାନେ ନିଜର କାର୍ଯ୍ୟ ସାଧନ କରନ୍ତି । ନଟନଟୀମାନେ ଯେବେ ରସ ଆସ୍ୱାଦନ କରନ୍ତି ଅର୍ଥାତ୍ ସେ ରସରେ ତନ୍ମୟ ହୁଅନ୍ତି (ଅର୍ଥାତ୍ ତଦ୍‌ଭାବ ଭାବିତ ହୁଅନ୍ତି) ସେମାନେ ନିଜର ସ୍ୱାତନ୍ତ୍ର୍ୟ ହରାଇବେ ଓ ନିଜର ଉଦ୍ଦେଶ୍ୟ ସାଧନ କରି ପାରିବେ ନାହିଁ । ଅନୁକାରୀ ନଟ ନଟୀ ନ ହୋଇ ସାମାଜିକ ହୋଇଯିବେ । ପୁନଶ୍ଚ କୌଣସି ଧନୀ ବା ରାଜା ପୁରାଣ ଧର୍ମଗ୍ରନ୍ଥ ବା କାବ୍ୟାଦି ଶ୍ରବଣ କରିବାକୁ ଇଚ୍ଛା କରନ୍ତି ଓ ସେଥି ନିମନ୍ତେ ଜଣେ ଉପଯୁକ୍ତ ପାଠକ ନିଯୁକ୍ତ କରନ୍ତି, ତେବେ ସେ ପାଠକର ହୃଦୟରେ ରସବୋଧ ହେବ କି ନାହିଁ ? ସେ ପାଠକର ଅବସ୍ଥା ଠିକ୍ ସେହି ନଟ ନଟୀଙ୍କ ସଦୃଶ ଅଟେ ।

ସାମାଜିକ ପାଠକ ତଥା ଶ୍ରୋତାଙ୍କର କିପରି ରସବୋଧ ହୁଏ ତାହା ଅଧୁନା ବିଚାର୍ଯ୍ୟ । ପାଠକ, ଶ୍ରୋତା ତଥ ସାମାଜିକ ତ୍ରିବିଧ—କେତେକ ଅତ୍ୟଧିକ ଭାବପ୍ରବଣ, କେତେକ ନିର୍ବାସନ ଓ କେତେକ ମଧ୍ୟ ଧରଣର—ଅର୍ଥାତ୍ ନିତାନ୍ତ ନିର୍ବାସନ ବା ନିତାନ୍ତ ଅତ୍ୟଧିକ ଭାବପ୍ରବଣ । ଯେଉଁମାନେ ଅତ୍ୟଧିକ ଭାବପ୍ରବଣ ସେମାନେ ଅତ୍ୟଧିକ କରୁଣ ଭାବାପନ୍ନ ପ୍ରବନ୍ଧ ଦର୍ଶନ ଶ୍ରବଣରେ ଅସମ୍ଭୃତ ହୁଅନ୍ତି: ଦେଖିଲେ ଶୁଣିଲେ କ୍ରନ୍ଦନରେ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି । ଏପରି ବିଷୟ ଅଭିନୀତ ହେବା କାଳରେ ସ୍ଥାନ ଛାଡ଼ି ଚାଲିଯାଆନ୍ତି ବା ଅତ୍ୟଧିକ କ୍ରନ୍ଦନାଦି ବିକ୍ରିୟା ପ୍ରଦର୍ଶନ କରନ୍ତି । ସେମାନେ କଣ ଆନନ୍ଦ ଅନୁଭବ କରିବାକୁ ଚାହାନ୍ତି ନାହିଁ ? ଏହା କହିବା ସମୀଚୀନ ନୁହେଁ । ସେମାନେ ସେ ବିଷୟମାନ ଜାଣନ୍ତି ଓ

ତତ୍ପର ବିଷୟରେ ତାଙ୍କର ଅତ୍ୟଧିକ ସହାନୁଭୂତି ଅଛି ଓ ତତ୍ ବିଷୟମାନଙ୍କ ସୂଚନାଦ୍ୱାରା ତାଙ୍କର ହୃଦୟ ଦ୍ରବୀଭୂତ ହୋଇଯାଏ । ସେମାନେ ଜାଣନ୍ତି, ମାନବ ଜୀବନ ସୁଖ ଦୁଃଖମୟ, ଦୁଃଖ ପରେ ସୁଖ ଆସିବ, ପରମାନନ୍ଦ ଲାଭ ହେବ । କିନ୍ତୁ ସେ ଯନ୍ତ୍ରଣା, କ୍ଳେଶ, ଉତ୍ପୀଡ଼ନ, ନିପୀଡ଼ନ ଆଦିର ପୁନରାବୃତ୍ତି ସେମାନେ ସହିପାରନ୍ତି ନାହିଁ । ମଧ୍ୟମ ଶ୍ରେଣୀର ପାଠକ ଓ ଦର୍ଶକଙ୍କ ବିଷୟ ବିଗ୍ରହ—ମାନବ ସାଧାରଣତଃ ସତ୍ୟର, ନ୍ୟାୟର, ସୁନ୍ଦରର, ଧର୍ମର, ସୌଖ୍ୟର ଓ ଶିବ ପ୍ରଭୃତିର ଅନୁରାଗୀ ତଥା ପକ୍ଷପାତୀ । ସେମାନଙ୍କ ଅଭାବ ବୋଧରେ ସହୃଦୟ ମାନବର ହୃଦୟରେ ବିକ୍ରିୟା ବା ଅଶାନ୍ତି ଆସେ । ମାନବଜାତିର ପ୍ରତିନିଧି ବୋଧରେ ମାନବବିଶେଷର ଦୁଃଖରେ—ସୌଖ୍ୟ ବା ଶାନ୍ତିର ଅଭାବରେ ସେ ଅସହମନ ହୋଇ ସହାନୁଭୂତି ହେତୁ ସମବେଦନା ପ୍ରକାଶ ପୂର୍ବକ ଅଶ୍ରୁପାତାଦିଦ୍ୱାରା ସହୃଦୟତାର ପରିଚୟ ପ୍ରଦାନ କରେ । ସେହି କରୁଣ କାହାଣୀରେ ମାନବଚରିତ୍ରର ଉଚ୍ଚଭାବ ପରିସ୍ଫୁଟ ହୁଏ । ହୃଦୟସ୍ଥ ପ୍ରେମର ଅନୁରାଗର ଗଭୀରତା, ହୃଦୟର ପବିତ୍ରତା, ଧର୍ମପ୍ରାଣତା ଓ ଅନ୍ୟାନ୍ୟ ସଦ୍‌ଗୁଣାବଳୀ ବର୍ଣ୍ଣନରେ ସାମାଜିକର ହୃଦୟ ଅତି ଉନ୍ନତ ଭାବ ପ୍ରାପ୍ତ ହୁଏ । ଏହା ଅତୀବ ସ୍ପୃହଣୀୟ, ସୁଖମୟ ତଥା ଆନନ୍ଦମୟ । ଭବଭୂତି ତହିଁ କରୁଣ ରସକୁ ପ୍ରଧାନ ଆଖ୍ୟା ପ୍ରଦାନ କରିଅଛନ୍ତି ।

ସତ୍ୟ ପ୍ରତି, ନ୍ୟାୟ ପ୍ରତି, ଶିବ ଓ ସୁନ୍ଦରାଦି ପ୍ରତି ଅଯଥା ଆଚରଣରେ ଚିତ୍ତର ବିକ୍ଷୋଭ ଆସେ । ସେହି ବିକ୍ଷୋଭ କ୍ରୋଧର ଆକାର ଧାରଣ କରେ ଓ ସେ ମାନବର ପ୍ରତି ସହାନୁଭୂତି ହେତୁ ମାନବର ପ୍ରତିନିଧିରୂପେ ତାହାର ଚିତ୍ତରେ ବିକ୍ରିୟା ଆସେ । ଧର୍ମର ଅନୁରୋଧରେ, ସତ୍ୟର ଅନୁରୋଧରେ ସେହି ଭାବ ସ୍ପୃହଣୀୟ—ତେଣୁ ତାହା ସୁଖପ୍ରଦ । ଜୁଗୁପ୍ସାରେ ମଧ୍ୟ ସେହିପରି । ଗର୍ହିତ ଘୃଣ୍ୟ ଆଚରଣ ଦର୍ଶନରେ ଶିବ, ସୁନ୍ଦର, ମଧୁର, ସୁକୁମାର ଆଦି ଭାବ ପ୍ରତି ଆସ୍ଥାବାନ୍ ମାନବହୃଦୟ ତତ୍ପ୍ରତି ଉତ୍ୟକ୍ତ ହୁଏ ଓ ତଦନୁରୂପ ଚିତ୍ତର ବିକ୍ରିୟା ପ୍ରଦର୍ଶନ କରେ । ଏହି ସଂସାର ବିଶ୍ୱରୂପ । ସମସ୍ତ ଭାବର ଚିତ୍ରଣଦ୍ୱାରା ଶିବ ଅଶିବର, ସୁନ୍ଦର ଓ ଅସୁନ୍ଦରର, ହୃଦ୍ୟ ଓ ଅହୃଦ୍ୟର ଓ ନାନାବିଧ ପଦାର୍ଥମାନଙ୍କର ବିଦ୍ୟମାନତାରେ ସଂସାରର ବୈଚିତ୍ର୍ୟ ପ୍ରକାଶମାନ ହୁଏ । ଏହି ଯଥାଯଥ ଚରିତ୍ର ଚିତ୍ରଣରେ ଯେ ସ୍ୱାଭାବିକତା, ପ୍ରସଙ୍ଗ ଅନୁରୋଧରେ ବିଷୟମାନଙ୍କ ଉପଯୋଗିତା ଓ ସେହି ପରମ ଉଦ୍ଦେଶ୍ୟ ସାଧନରେ ମୁଖ୍ୟ, ଗୌଣ ଭାବରେ ଅନୁକୂଳ ବା ପ୍ରତିକୂଳ ଭାବରେ ବିଷୟମାନଙ୍କର ପ୍ରୟୋଜନୀୟତା ପ୍ରଭୃତି ଏହି ଭିନ୍ନ ଭିନ୍ନ ଭାବମାନଙ୍କ ଦ୍ୱାରା ପ୍ରତିପନ୍ନ ହୁଏ । ଏହି ପରମ ଉଦାର ଭାବରେ ପଦାର୍ଥମାନଙ୍କର ଗ୍ରହଣରେ ଯେ ସୁଖ ଲାଭ ତାହା ଅକଳନୀୟ । ଏହିପରି ଭୟାନକ ରସରେ ମଧ୍ୟ ସାଧାରଣ

ମାନବର ଧର୍ମ ପ୍ରଦର୍ଶିତ ହୁଏ । ରସବୋଧ କାଳରେ ପାଠକ ଓ ସାମାଜିକର ହୃଦୟ ସେହି ରସରେ ତନ୍ମୟ ହୁଏ, ଅନ୍ୟ କୌଣସି ଭାବର ଚିହ୍ନ ନ ଥାଏ । ଏହା ଅଲୌକିକ ଭାବ । ସେହି ଭାବରେ ହୃଦୟ ତନ୍ମୟ ହୁଏ; ମାତ୍ର ସେହି ରସକୁ କେବଳ ଯେ ଆସ୍ୱାଦ କରେ । ହୃଦୟ ଯେ ମୁଖ୍ୟତଃ ଆନନ୍ଦମୟ ହୁଏ ତାହା ନୁହେଁ—ହୃଦୟରେ ଯେ ଭାବ, ରସସ୍ୱାଦ ହୁଏ ତାହା ସୁଖପ୍ରଦ । ମାନବଜୀବନର ସାର୍ଥକତା ପ୍ରତି ପ୍ରତିପାଦକ ହେତୁ ତାହା ସ୍ପୃହଣୀୟ ଓ ସୁଖମୟ ।

କାବ୍ୟରେ ତିନପ୍ରକାର ଶବ୍ଦ ପରିଦୃଷ୍ଟ ହୁଏ—ବାଚକ, ଲାକ୍ଷଣିକ ଓ ବ୍ୟଞ୍ଜକ । ତେଣୁ ତାହାର ଅର୍ଥ ତିନ ପ୍ରକାର—ବାଚ୍ୟାର୍ଥ, ଲକ୍ଷ୍ୟାର୍ଥ ଓ ବ୍ୟଙ୍ଗ୍ୟାର୍ଥ । ବାଚକ ଶବ୍ଦର ଯେ ଅର୍ଥ ତାହା ବାଚ୍ୟାର୍ଥ; ଲାକ୍ଷଣିକ ଶବ୍ଦର ଯେ ଅର୍ଥ ହୁଏ ତାହା ଲକ୍ଷ୍ୟାର୍ଥ ଓ ବ୍ୟଞ୍ଜକ ଶବ୍ଦର ଯେ ଅର୍ଥ ହୁଏ ତାହା ବ୍ୟଙ୍ଗ୍ୟାର୍ଥ । ଯେଉଁ ଶକ୍ତିଦ୍ୱାରା ଏହି ତିନ ପ୍ରକାର ଅର୍ଥ ହୁଏ ତାହା କ୍ରମଶଃ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା । ଶବ୍ଦ କାରଣ, ଅର୍ଥ କାର୍ଯ୍ୟ, ତେଣୁ ଅର୍ଥବୋଧକ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନାମାନେ ବ୍ୟାପାର ଅଟନ୍ତି । ଏହି ତିନଗୋଟି ଶବ୍ଦର ଶକ୍ତି ଅଟନ୍ତି, ଏହାକୁ ବୃତ୍ତି ମଧ୍ୟ କହନ୍ତି ।

## ଅଭିଧା

ବାଚକ ଶବ୍ଦର ଅର୍ଥବୋଧ କରିବା ଶକ୍ତିକୁ ଅଭିଧା କହନ୍ତି । କୌଣସି ବସ୍ତୁକୁ ଦେଖି ବୁଝାହୁଏ ଏହାର ନାମ ଏହା ଅଟେ ବା ଏହି ନାମର ଏହି ବସ୍ତୁ ରୂପ ଅର୍ଥ ଅଟେ, ଏହି ନିର୍ଦ୍ଦେଶକୁ ସଙ୍କେତ କହନ୍ତି । ଯେଉଁ ଶବ୍ଦ ସାକ୍ଷାତ୍ ସଙ୍କେତ ହୋଇଥିବା ବସ୍ତୁ ବା ଅର୍ଥକୁ କହେ ତାହା ବାଚକ ଶବ୍ଦ ଅଟେ । ବାଚକ ଶବ୍ଦ ସାଧାରଣତଃ ତ୍ରିବିଧ—ଯୌଗିକ, ରୂଢ଼ ଓ ଯୋଗରୂଢ଼ । ଯୌଗିକ—ଯେଉଁ ଶବ୍ଦର ଅର୍ଥ ନିଜର ଅବୟବମାନଙ୍କ ଅର୍ଥ ଦ୍ୱାରା ବୋଧହୁଏ, ଯଥା ଭଜନ ସ୍ଥାପନ ମାନସିକ । ପ୍ରକୃତି ପ୍ରତ୍ୟୟଜନିତ ଅର୍ଥକୁ ଅପେକ୍ଷା ନ କରି ଯେଉଁ ଶବ୍ଦର ଅର୍ଥ ହୁଏ, ତାହା ରୂଢ଼—ବୃକ୍ଷ, ଗୋ ( ଯେ କଟା ହୁଏ ତାହା ବୃକ୍ଷ; ଯେ ଗମନ କରେ ସେ ଗୋ; ଏଠାରେ ପ୍ରକୃତିପ୍ରତ୍ୟୟଜନିତ ଅର୍ଥ ନ ବୁଝାଇ ଅନ୍ୟ ଏକ ଅର୍ଥରେ ଶବ୍ଦ ପ୍ରସିଦ୍ଧି ଲାଭ କରିଛି ) । ଯୋଗରୂଢ଼—ଯେଉଁ ଶବ୍ଦରେ ପ୍ରକୃତିପ୍ରତ୍ୟୟଜନିତ ଅର୍ଥ ଓ ରୂଢ଼ି ଅର୍ଥ ଅଛି, ତାହା ଯୋଗରୂଢ଼—ପଙ୍କଜ, ପୀତାମ୍ବର ( ପଙ୍କରୁ ଅନେକ ପଦାର୍ଥ ଜାତ ହୁଏ—ଏଠାରେ ପ୍ରକୃତିପ୍ରତ୍ୟୟଜନିତ ଅର୍ଥ ଅଛି ଅର୍ଥାତ୍ ଯୌଗିକ ଅର୍ଥ ଅଛି ଓ କେବଳ ଅଟଳେ ପଦ୍ମ ଅର୍ଥରେ ରୂଢ଼ି—ପ୍ରସିଦ୍ଧି ଲାଭ କରିଛି ) ।

## ଲକ୍ଷଣା

ଲକ୍ଷ୍ୟାର୍ଥରେ (୧) ମୁଖ୍ୟାର୍ଥର ବାଧ, (୨) ମୁଖ୍ୟାର୍ଥର ଯୋଗ ବା ସମ୍ବନ୍ଧ, (୩) ରୂଢ଼ି ବା ପ୍ରୟୋଜନ ଏହି ତିନି କାରଣ ଆବଶ୍ୟକ । ରୂଢ଼ ଲକ୍ଷଣ :—

କଳିଙ୍ଗ ସାହସିକ—କଳିଙ୍ଗ ଶବ୍ଦଦ୍ୱାରା କଳିଙ୍ଗ ଦେଶ ବୁଝାଏ—ଏଠାରେ ଦେଶ ଅର୍ଥ ବାଧିତ ହୋଇ କଳିଙ୍ଗ ଦେଶର ସହିତ ସମ୍ବନ୍ଧ ଥିବା ଅର୍ଥାତ୍ ତହିଁରେ ବାସ କରୁଥିବ ବ୍ୟକ୍ତିଙ୍କୁ ବୁଝାଇଲା । କଳିଙ୍ଗବାସୀ ସ୍ଥାନରେ କେବଳ କଳିଙ୍ଗ କହିବାରୁ ତାହା ରୂଢ଼ି ହେଲା । ପ୍ରୟୋଜନ ଲକ୍ଷଣା—ମହାନଦୀରେ ଗଉଡ଼ ଗାଁ । ମହାନଦୀ ସ୍ରୋତରେ ଗଉଡ଼ ଗାଁ ହେବା ଅସମ୍ଭବ; ତେଣୁ ମୁଖ୍ୟାର୍ଥ ଅର୍ଥ ମହାନଦୀରେ ବାଧ ହେଲା—ମହାନଦୀ ସଙ୍ଗରେ ସମ୍ବନ୍ଧ ଯେ ତଟ ବୁଝାଇଲା । ମହାନଦୀ ତଟରେ ଗଉଡ଼ଗାଁ କହିବା ଦ୍ୱାରା ଶୀତଳତା ଓ ପବିତ୍ରତା ବୁଝାଇଲା । ଏହା ହେଲା ପ୍ରୟୋଜନ । ବ୍ୟଙ୍ଗ୍ୟରେ ଯୁକ୍ତ ହେଲେ ପ୍ରୟୋଜନଲକ୍ଷଣା ଓ ବ୍ୟଙ୍ଗ୍ୟରହିତ ହେଲେ ରୂଢ଼ିଲକ୍ଷଣା ହୁଏ । ଲକ୍ଷଣା ପୁଣି ଦୁଇ ଭାଗରେ ବିଭକ୍ତ—ଯଥା—ଉପାଦାନ ଲକ୍ଷଣା ଓ ଲକ୍ଷଣ ଲକ୍ଷଣା ( ତାହା ଯଥାକ୍ରମେ ଅଜହତ୍ସ୍ୱାର୍ଥା ଓ ଜହତ୍ସ୍ୱାର୍ଥା ରୂପେ ଖ୍ୟାତ ) । ସେ ଚାରୋଟି ପୁଣି ସାରୋପା ଓ ସାଧ୍ୟବସାନା ଭେଦରେ ଦ୍ୱିବିଧ । ଏହି ଅଷ୍ଟବିଧ ପୁଣି ଶୁଦ୍ଧା ଓ ଗୌଣୀରୂପେ ଦ୍ୱିବିଧ ହୋଇ ଷୋଡ଼ଶ-ପ୍ରକାର ହୁଅନ୍ତି । ଏମାନଙ୍କ ସବିସ୍ତର ବିଚାର ନିମନ୍ତେ ସାହିତ୍ୟଦର୍ପଣ ବା କାବ୍ୟପ୍ରକାଶ ଦ୍ରଷ୍ଟବ୍ୟ । କେତେକ ଅବଶ୍ୟଜ୍ଞାତବ୍ୟ ବିଷୟମାନ ମାତ୍ର ପ୍ରଦତ୍ତ ହେଲା ।

## ଗୌଣୀ

'ମୁଖଚନ୍ଦ୍ର' ଏଠାରେ ମୁଖକୁ ଚନ୍ଦ୍ର କହିଲେ ମୁଖ୍ୟାର୍ଥ ବାଧ ହେଲା; କାରଣ ମୁଖ କିପରି ଚନ୍ଦ୍ର ହେବ । କିନ୍ତୁ କାନ୍ତି ଆଦି ସମାନ ଗୁଣ ବା ଧର୍ମର ସମ୍ବନ୍ଧ ଦ୍ୱାରା ଲକ୍ଷ୍ୟାର୍ଥର ବୋଧ ହେଲା । ଅର୍ଥାତ୍ ମୁଖ ଚନ୍ଦ୍ରର ସମାନ କାନ୍ତିଯୁକ୍ତ ଅଟେ । ଶୁଦ୍ଧା—ମହାନଦୀରେ ଗଉଡ଼ଗାଁ । ଏଠାରେ ସାଦୃଶ୍ୟ ସମ୍ବନ୍ଧ ବିନା ଅନ୍ୟ ସମ୍ବନ୍ଧଦ୍ୱାରା ସାମୀପ୍ୟ ସମ୍ବନ୍ଧଦ୍ୱାରା ଲକ୍ଷ୍ୟାର୍ଥ ଜ୍ଞାନ ହେଲା— ତେଣୁ ଶୁଦ୍ଧା ଲକ୍ଷଣା ହେଲା । ( ଶୁଦ୍ଧା ଲକ୍ଷଣା ସାଦୃଶ୍ୟ ସମ୍ବନ୍ଧ ବ୍ୟତୀତ ଆଂଶିକ ଭାବ, ତାଦାତ୍ମ୍ୟ, ତାଦର୍ଥ୍ୟ ଓ ସାମୀପ୍ୟାଦି ସମ୍ବନ୍ଧରେ ହୁଏ ) । ସାଦୃଶ୍ୟ ସମ୍ବନ୍ଧରେ ଗୌଣୀ ଲକ୍ଷଣା ହୁଏ ।

## ଉପାଦାନ ଲକ୍ଷଣା

ଅର୍ଥଲାଭ ପାଇଁ ଯେଉଁଠାରେ ମୁଖ୍ୟ ଅର୍ଥକୁ ନ ଛାଡ଼ି ଅନ୍ୟ ଅର୍ଥକୁ ଆକ୍ଷେପ ବା ଗ୍ରହଣ କରାହୁଏ, ସେଠାରେ ଉପାଦାନ ଲକ୍ଷଣା ହୁଏ । ଏହାକୁ ଅଜହତ୍ସ୍ୱାର୍ଥା କହନ୍ତି । ଖଣ୍ଡା ଗୁଡ଼ାକ ପଶି ଯାଉଛି—ଖଣ୍ଡାଗୁଡ଼ାକ ଦ୍ୱ

ପଶି ପାରିବ ନାହିଁ—ମୁଖ୍ୟାର୍ଥ ବାଧ ହେଲା; କିନ୍ତୁ ଅନ୍ୱୟ ସିଦ୍ଧି ନିମନ୍ତେ ଖଣ୍ଡା ଶବ୍ଦର ସଂଯୋଗ ସମ୍ବନ୍ଧର କାରଣ ଖଣ୍ଡାଧାରୀ ଲୋକଙ୍କୁ ବୁଝାଉଛି। ଏଠାରେ ଖଣ୍ଡା ଶବ୍ଦ ନିଜ ଅର୍ଥକୁ ଛାଡ଼ି ନାହିଁ, ପୁଣି 'ଧରିବାବାଲା' ଏହି ଅର୍ଥକୁ ଆଣି ଲଗାଉଛି। ଏହାକୁ ଉପାଦାନ ଲକ୍ଷଣା କହନ୍ତି। ଅର୍ଥାନ୍ତର ସଂକ୍ରମିତ ଧ୍ୱନିରେ ଏହି ଲକ୍ଷଣା ହୁଏ। ସମାସୋକ୍ତି ଅଳଙ୍କାରର ବୀଜ।

## ଲକ୍ଷଣ ଲକ୍ଷଣା

ଅର୍ଥଲାଭ ପାଇଁ ଯେଉଁଠାରେ ମୁଖ୍ୟ ଅର୍ଥକୁ ଛାଡ଼ି ଅନ୍ୟ ଅର୍ଥକୁ ଗ୍ରହଣ କରାହୁଏ ସେଠାରେ ଲକ୍ଷଣଲକ୍ଷଣା ହୁଏ। ମହାନଦୀରେ ଗଉଡ଼ ସାହି—ଏଠାରେ ମୁଖ୍ୟ ଅର୍ଥ ମହାନଦୀପ୍ରବାହକୁ ଛାଡ଼ି ଲକ୍ଷ୍ୟାର୍ଥ ତଟକୁ ଗ୍ରହଣ କରାହେଉଅଛି।

"ଭଲ କରି ଦେଖ ମୋର ଭ୍ରାତାଙ୍କ ବଦନ।
ଉପକାରୀ ପୁରୁଷ ଗୋ ଅଟନ୍ତି ଏ ଜନ।"

ଏଠାରେ ମୁଖ୍ୟାର୍ଥ—ଅପକାର କରିବା ଲୋକକୁ ଉପକାରୀ ବୁଝାଯାଏ ନାହିଁ; ତେଣୁ ମୁଖ୍ୟାର୍ଥର ବାଧ ହେଲା। ମୁଖ୍ୟାର୍ଥକୁ ଛାଡ଼ି ବିପରୀତ ଅର୍ଥ ଅପକାରୀ ଲକ୍ଷ୍ୟାର୍ଥ ହେଲା। ଏହାକୁ ଜହତ୍‌ସ୍ୱାର୍ଥା କହନ୍ତି। ଅତ୍ୟନ୍ତତିରସ୍କୃତ ବାଚ୍ୟ ଧ୍ୱନିରେ ଲକ୍ଷଣ ଲକ୍ଷଣା ହୁଏ। ଅପ୍ରସ୍ତୁତପ୍ରଶଂସା ଓ ଅନନ୍ୱୟାଦି ଅଳଙ୍କାରର କାରଣ। ବିପରୀତ ଅର୍ଥରେ—ବ୍ୟାଜସ୍ତୁତିର କାରଣ। ସାରୋପା:—ଯେଉଁଠାରେ ଆରୋପ କରାଯିବା ବିଷୟ ଓ ଆରୋପ ବିଷୟ ଦୁଇଟି ଥାଆନ୍ତି ସେଠାରେ ସାରୋପା ଲକ୍ଷଣା ହୁଏ। ଅଗ୍ନି ଶର୍ମା, ଘୃତ ଆୟୁ, ଧଳା ଘୋଡ଼ା ଦଉଡ଼ୁଛି, ଇତ୍ୟାଦି। ରୂପକ ଅଳଂକାରରେ ଏହି ଲକ୍ଷଣା ହୁଏ। ସାଧ୍ୟବସାନା:—ଯେଉଁଠାରେ ଆରୋପ ବିଷୟ ନ ଥାଇ କେବଳ ଆରୋପ୍ୟମାଣ (ଆରୋପ କରାଯିବା ବିଷୟ) ଥାଏ, ସେଠାରେ ସାଧ୍ୟବସାନା ଲକ୍ଷଣା ହୁଏ (ବିଷୟୀ ଦ୍ୱାରା ବିଷୟର ତିରୋଭାବରେ ଏହି ଲକ୍ଷଣା ହୁଏ)। ଏ ବାଘ, ଏ ଗଧ, ଏ ଚନ୍ଦ୍ର, ଏ ପାରିଜାତ, ଏ ଆନନ୍ଦ। ବାଘ ଗଧାଦି ସଦୃଶ ବିଷୟ କଥିତ ହୋଇ ନାହିଁ। ତେଣୁ ବିଷୟୀ ବାଘ ଗଧାଦିରେ ତାହା ନିଗୀର୍ଣ୍ଣ ହୋଇଅଛି (ପଶିଯାଇଛି)। "ଏ" ଏହି ଶବ୍ଦ ବିଷୟରୂପେ ଗୃହୀତ ହେବ ନାହିଁ, ଏହା ଅତିଶୟୋକ୍ତିର ମୂଳ ବୀଜ ଅଟେ; ଗୃହୀତ ହେଲେ ସାରୋପା ହୋଇଯିବ। ସାରୋପାରେ ବିଷୟ ବିଷୟୀ ଉଭୟେ କଥିତ, ସାଧ୍ୟବସାନାରେ ବିଷୟୀ ମଧ୍ୟରେ ବିଷୟ ଲୁପ୍ତ। ଅନ୍ୟ ଭେଦମାନ ଅଳଙ୍କାର ଗ୍ରନ୍ଥାଦିରୁ ଦ୍ରଷ୍ଟବ୍ୟ।

## ତାତ୍ପର୍ଯ୍ୟ

ଅନୁବାଦ ବା ସିଦ୍ଧ ଯେବେ ବିଧେୟ ବା ସାଧ୍ୟପର ହୁଏ, ତେବେ ତାତ୍ପର୍ଯ୍ୟ ବୃତ୍ତି ହୁଏ । ପୂର୍ବେ ଏହା କଥିତ ହୋଇଅଛି । ବିଦ୍ୟାନାଥ ପ୍ରଭୃତି ଆଲଂକାରିକମାନେ କହନ୍ତି ଯେ, ତାତ୍ପର୍ଯ୍ୟହିଁ ବ୍ୟଙ୍ଗ୍ୟାର୍ଥ । ବ୍ୟଞ୍ଜନାବୃତ୍ତିଃ—ଅଭିଧା, ଲକ୍ଷଣା ଓ ତାତ୍ପର୍ଯ୍ୟ ବୃତ୍ତିମାନ ନିଜର ଅର୍ଥକୁ ବୁଝାଇ ବିରତ ହେଲାପରେ ଯାହାଦ୍ୱାରା ଅନ୍ୟ ଅର୍ଥର ବୋଧହୁଏ ସେହି ଶବ୍ଦ ଓ ଅର୍ଥ ଥିବା ଶକ୍ତିକୁ ବ୍ୟଞ୍ଜନା କହନ୍ତି । ଯେପରି ସାଧାରଣ ଅଞ୍ଜନ ଅପ୍ରକଟ ବସ୍ତୁକୁ ପ୍ରକଟ କରିଦିଏ, ସେହିପରି ଏହି ବ୍ୟଞ୍ଜନ ଅଭିଧେୟାର୍ଥ ଓ ଲକ୍ଷ୍ୟାର୍ଥର ଅତିରିକ୍ତ ଅର୍ଥକୁ ବୋଧ କରାଏ । ଅତଏବ ଏହି ଅତିରିକ୍ତ ଅର୍ଥ ଯାହାଦ୍ୱାରା ବୋଧ ହୁଏ ତାହା ବ୍ୟଞ୍ଜନାବୃତ୍ତି । ଏହି ବ୍ୟଞ୍ଜନା ଦ୍ୱାରା ଜ୍ଞାତ ଅର୍ଥକୁ ବ୍ୟଙ୍ଗ୍ୟାର୍ଥ, ଧ୍ୱନ୍ୟର୍ଥ, ଆକ୍ଷେପାର୍ଥ, ଆଶୟାର୍ଥ, ସୂଚ୍ୟର୍ଥ ଓ ପ୍ରତୀୟମାନାଦି ଅର୍ଥ କହନ୍ତି । ଯେଉଁ ଶବ୍ଦ ବାଚକ ହୁଏ ସେ ଲକ୍ଷଣିକ ଓ ବ୍ୟଞ୍ଜକ ମଧ୍ୟ ହୁଏ । ମହାନଦୀରେ ଗଡ଼ଗଡ଼ସାହି । ମହାନଦୀ ଶବ୍ଦ ପ୍ରବାହବୋଧରେ ବାଚକ ଅଟେ । ଏଦ୍ୱାରା ମହାନଦୀ ଶବ୍ଦ ପ୍ରବାହ ବୋଧରେ ବାଚକ; ତଟ ବୋଧରେ ଲକ୍ଷଣିକ; ଶୀତଳତା ଓ ପବିତ୍ରତା ବୋଧରେ ବ୍ୟଞ୍ଜକ ଅଟେ । ଅଭିଧା ଓ ଲକ୍ଷଣା ଶକ୍ତି କେବଳ ଶବ୍ଦକୁ ଆଶ୍ରୟ କରେ । ବ୍ୟଞ୍ଜନା ଶବ୍ଦ ଓ ଅର୍ଥ ଉଭୟକୁ ଆଶ୍ରୟ କରେ । ତେଣୁ ବ୍ୟଞ୍ଜନା ଦୁଇ ପ୍ରକାର ହୁଏ—ଶାବ୍ଦୀ ଓ ଆର୍ଥୀ । ଶାବ୍ଦୀ ବ୍ୟଞ୍ଜନାର ମଧ୍ୟ ଦୁଇଟି ଭେଦ; ଅଭିଧାମୂଳା ଓ ଲକ୍ଷଣାମୂଳା ।

## ଅଭିଧାମୂଳା ଶାବ୍ଦୀ ବ୍ୟଞ୍ଜନା

ବହୁତ ଶବ୍ଦ ଅଛି ଯେଉଁମାନଙ୍କର ଅର୍ଥ ଅନେକ । ସଂଯୋଗ ଆଦିଦ୍ୱାରା କେତେକ ଅର୍ଥ ନିୟନ୍ତ୍ରିତ ହୋଇ ଯେବେ କେବଳ ଗୋଟିଏ ଚମତ୍କାରବୋଧକ ଅର୍ଥ ପ୍ରତୀତ ହୁଏ—ତେବେ ତାହା ଅଭିଧାମୂଳକ ବ୍ୟଞ୍ଜନା ଦ୍ୱାରା ହୁଏ । ଅର୍ଥାତ୍ ଅନେକାର୍ଥ ଶବ୍ଦମାନଙ୍କର ମୁଖ୍ୟାର୍ଥବୋଧକ ଅଭିଧା ଶକ୍ତିକୁ ନିୟନ୍ତ୍ରଣ କରିବା ସଂଯୋଗ ଆଦି ଅନେକ କାରଣ ଅଛନ୍ତି । ସଂଯୋଗ, ବିୟୋଗ, ସାହଚର୍ଯ୍ୟ, ବିରୋଧ, ଅର୍ଥ, ପ୍ରକରଣ, ଲିଙ୍ଗ ଅନ୍ୟ ଶବ୍ଦର ସନ୍ନିଧି, ସାମର୍ଥ୍ୟ, ଔଚିତ୍ୟ, ଦେଶ, କାଳ, ବ୍ୟକ୍ତି ଓ ସ୍ୱର ଆଦି । ସଂଯୋଗ—ଶଙ୍ଖଚକ୍ରଯୁକ୍ତ ହରି । ବିୟୋଗ—ଶଙ୍ଖଚକ୍ରରହିତ ହରି । ସାହଚର୍ଯ୍ୟ—ରାମ ଲକ୍ଷ୍ମଣ । ବିରୋଧ—ରାମ ରାବଣ । ଅର୍ଥ—ଭବବନ୍ଧନ ନାଶ ନିମନ୍ତେ କାହିଁକି ସ୍ଥାଣୁଙ୍କୁ ଭଜୁ ନାହିଁ—ସ୍ଥାଣୁର ଅର୍ଥ ଖୁଣ୍ଟଗଛ ଓ ଶିବ-ଏଠାରେ ଅର୍ଥରୁ ଶିବ । ପ୍ରକରଣ—ଦେବ ଶବ୍ଦର ଅର୍ଥ ଦେବତା, ରାଜା ଓ ପର୍ଜନ୍ୟ ମେଘ ଦେବ; ହେ ଦେବ ଆପଣ ସବୁ ଜାଣନ୍ତି-ରାଜାଙ୍କ ଅର୍ଥରେ । ଲିଙ୍ଗ—କୁପିତ ମକରଧ୍ୱଜ—ମକରଧ୍ୱଜର

ଅର୍ଥ ସମୁଦ୍ର ଓ କାମଦେବ; ଏଠାରେ ଅର୍ଥ କାମଦେବ, କାରଣ ସମୁଦ୍ର ଜଡ଼ ଓ ଅଚେତନ । ଅନ୍ୟର ସନ୍ନିଧି—ଶୃଙ୍ଗାର ଦେବଙ୍କର—ଶୃଙ୍ଗାର ଶବ୍ଦ ସାନ୍ନିଧ୍ୟରୁ କାମଦେବ ବୁଝାଇଲା । ସାମର୍ଥ୍ୟ—ମଧୁମତ୍ତ କୋକିଳ; ମଧୁ ଶବ୍ଦର ଅନେକ ଅର୍ଥ—ମଧୁଦୈତ୍ୟ, ମଦ୍ୟ; ମକରନ୍ଦ ଓ ବସନ୍ତକାଳ; କିନ୍ତୁ ବସନ୍ତ କାଳରହିଁ ସାମର୍ଥ୍ୟ କୋକିଳକୁ ମତ୍ତ କରିବାରେ । ଔଚିତ୍ୟ—ଦୟିତା ମୁଖକୁ ରକ୍ଷା କରନ୍ତୁ, ଅନେକ ପ୍ରକାର ରକ୍ଷଣ—ଏଠାରେ ଦୟିତା ମୁଖକୁ ଅପେକ୍ଷା କରି ଔଚିତ୍ୟରୁ ଅନୁଗ୍ରହ ରୂପ ପାଳନ ନିୟମିତ ହେଲା । ଦେଶ—ଏଠାରେ ପରମେଶ୍ୱର ବିରାଜମାନ; ରାଜଧାନୀ ରୂପ ଦେଶରୁ ରାଜାଙ୍କୁ ବୁଝାଇଲା । କାଳ—ଚିତ୍ରଭାନୁ ଶୋଭା ପାଉଅଛନ୍ତି—ଦିବସରେ ସୂର୍ଯ୍ୟ; ରାତ୍ରିରେ ଅଗ୍ନି । ବ୍ୟକ୍ତି—ମିତ୍ରଂ ଭାତି—ଏଠାରେ ସୁହୃଦକୁ ବୁଝାଇଲା, ମିତ୍ର ପୁଂଲିଙ୍ଗରେ ସୂର୍ଯ୍ୟ—ଏହା ସଂସ୍କୃତରେ—ଓଡ଼ିଆରେ ନୁହେଁ । ଓଡ଼ିଆରେ ଏହା ପ୍ରକରଣରୁ ସ୍ୱୀକୃତ ହେବ । ସ୍ୱର—ବେଦରେ ପ୍ରଯୁଜ୍ୟ ପୁନଶ୍ଚ ଅଭିନୟରେ, ଅପଦେଶରେ ଓ ନିର୍ଦ୍ଦେଶରେ ମଧ୍ୟ ବ୍ୟଞ୍ଜନା ହୁଏ ।

## ଆର୍ଥୀ ବ୍ୟଞ୍ଜନା

ବକ୍ତା, ବୋଦ୍ଧବ୍ୟ, କାକୁ, ବାକ୍ୟ, ବାଚ୍ୟ, ଅନ୍ୟସନ୍ନିଧି, ପ୍ରସ୍ତାବ, ଦେଶ କାଳ ଆଦିର ବୈଶିଷ୍ଟ୍ୟ ଓ ବିଲକ୍ଷଣତା ଦ୍ୱାରା ଅର୍ଥାନ୍ତରକୁ (ଅଭିଧା ଓ ଲକ୍ଷଣା ଜଣା ନ ହେବା ବ୍ୟଙ୍ଗ୍ୟାର୍ଥ) ପ୍ରତୀତ କରାଇବା ଅର୍ଥର ବ୍ୟାପାରକୁ ଆର୍ଥୀ ବ୍ୟଞ୍ଜନା କହନ୍ତି । କବିଙ୍କ ଇଚ୍ଛାନୁସାରେ ବ୍ୟଞ୍ଜନାବୃତ୍ତି ବାଚ୍ୟ, ଲକ୍ଷ୍ୟ ଓ ବ୍ୟଙ୍ଗ୍ୟ ତିନି ଅର୍ଥରେ ହୋଇ ପାରେ । ଏଥିନିମିତ୍ତ ଉପରିକଥିତ ବକ୍ତାଆଦିଙ୍କ ବୈଶିଷ୍ଟ୍ୟଦ୍ୱାରା ହେବା ଆର୍ଥୀ ବ୍ୟଞ୍ଜନା ତିନି ପ୍ରକାର ହୋଇ ପାରନ୍ତି—ବାଚ୍ୟ-ସମ୍ଭବା, ଲକ୍ଷ୍ୟସମ୍ଭବା ଓ ବ୍ୟଙ୍ଗ୍ୟ ସମ୍ଭବା । ଅଳଙ୍କାର ଶାସ୍ତ୍ର ଦେଖ ।

## ଧ୍ୱନି

ବାଚ୍ୟାର୍ଥ ଭିନ୍ନ ବ୍ୟଙ୍ଗ୍ୟ ଅର୍ଥ ଶବ୍ଦଦ୍ୱାରା କଥିତ ହୋଇ ପାରେ ନାହିଁ । ବ୍ୟଙ୍ଗ୍ୟ ଧ୍ୱନିତ ହୁଏ—ଧ୍ୱନିଦ୍ୱାରା ପ୍ରକାଶିତ ହୁଏ—ଏଥି ହେତୁ ଯେଉଁଠାରେ

---

ସଙ୍କେତ—ଏହି ଶବ୍ଦରୁ ଏହି ଅର୍ଥ ଜଣାଯିବ, ଏହିରୂପ ଶକ୍ତି ଗ୍ରହଣ କରିବା ସମୟ—ନିୟମ । ସଂସାରରେ ବ୍ୟବହାରରୁ ଓ ଅନ୍ୟାନ୍ୟ କାରଣରୁ ଏହି ଶବ୍ଦର ଏହି ବିଶିଷ୍ଟ ଅର୍ଥ ଏହା ଯେ ବହନ କରେ ତାହା ଶକ୍ତି ଅର୍ଥାତ୍ ଯାହାଦ୍ୱାରା ଶବ୍ଦର ଅର୍ଥ ଜଣାଯାଏ, ତାହା ଶକ୍ତି । ଶକ୍ତିଗ୍ରହଣର ଉପାୟମାନ ଯଥାକ୍ରମେ—ବ୍ୟାକରଣ, ଉପମାନ, କୋଷ, ଆପ୍ତବାକ୍ୟ, ବ୍ୟବହାର ବାକ୍ୟର ଶେଷ, ବାଖ୍ୟା, ଜଣା ପଦର ସାମୀପ୍ୟରୁ ଅର୍ଥ ବୋଧ ହୁଏ ।

ବ୍ୟଙ୍ଗ୍ୟାର୍ଥର ପ୍ରଧାନତା ହୁଏ ତାକୁ ଧ୍ୱନି କହନ୍ତି । ଯେଉଁ ସ୍ଥାନରେ ବାଚ୍ୟାର୍ଥର ଚମତ୍କାର ହୁଏ ସେଠାରେ ବାଚ୍ୟାର୍ଥର ପ୍ରାଧାନ୍ୟ, ପୁଣି ଯେଉଁଠାରେ ବ୍ୟଙ୍ଗ୍ୟାର୍ଥର ଚମତ୍କାର ହୁଏ, ସେଠାରେ ବ୍ୟଙ୍ଗ୍ୟାର୍ଥର ପ୍ରଧାନ୍ୟ ଓ ବାଚ୍ୟାର୍ଥର ଅପ୍ରାଧାନ୍ୟ ହୁଏ । ଧ୍ୱନିର ଦୁଇଟି ପ୍ରଧାନ ଭେଦ—ଲକ୍ଷଣାମୂଳ ଓ ଅଭିଧାମୂଳ ।

## ଲକ୍ଷଣାମୂଳ ଧ୍ୱନି

ଯେଉଁ ଧ୍ୱନିରେ ବାଚ୍ୟାର୍ଥର ବାଧା ହୁଏ ସେଠାରେ ଲକ୍ଷଣାମୂଳ ଧ୍ୱନି ହୁଏ । ଏହାକୁ ଅବିବକ୍ଷିତ ବାଚ୍ୟଧ୍ୱନି କହନ୍ତି । ଏହି ଧ୍ୱନିରେ ଗୂଢ଼ବ୍ୟଙ୍ଗ୍ୟ ପ୍ରୟୋଜନବତୀ ଲକ୍ଷଣା ହୁଏ, ରୂଢ଼ି ଲକ୍ଷଣା ହୁଏ ନାହିଁ, କାରଣ ରୂଢ଼ିଲକ୍ଷଣାରେ ବ୍ୟଙ୍ଗ୍ୟ ହୁଏ ନାହିଁ । ଦୁଇଗୋଟି ଭେଦ (୧) ଅର୍ଥାନ୍ତର ସଂକ୍ରମିତ ବାଚ୍ୟଧ୍ୱନି, (୨) ଅତ୍ୟନ୍ତ ତିରସ୍କୃତ ବାଚ୍ୟଧ୍ୱନି । ଅର୍ଥାନ୍ତର ସଂକ୍ରମିତ ବାଚ୍ୟ—ଯହିଁରେ ବାଚ୍ୟ ଅର୍ଥ ଅନ୍ୟ ଅର୍ଥରେ ସଂକ୍ରମଣ କରେ; ଅର୍ଥାତ୍ ଲକ୍ଷ୍ୟାର୍ଥରେ ପ୍ରବେଶ କରେ ସେଠାରେ ଅର୍ଥାନ୍ତରସଂକ୍ରମିତ ବାଚ୍ୟ ଧ୍ୱନି ହୁଏ । ଏ ଧ୍ୱନି ପଦଗତ ଓ ବାକ୍ୟଗତ । ଏଥିରେ ପ୍ରୟୋଜନବତୀ ଉପାଦାନ ଲକ୍ଷଣା ହୁଏ । (୩) ଅତ୍ୟନ୍ତ ତିରସ୍କୃତ ବାଚ୍ୟ ଧ୍ୱନି—ଯେଉଁଠାରେ ବାଚ୍ୟାର୍ଥର ସର୍ବପ୍ରକାରରେ ତିରସ୍କାର—ଦୂର କରାହୁଏ ସେଠାରେ ଅତ୍ୟନ୍ତ-ତିରସ୍କୃତ ବାଚ୍ୟଧ୍ୱନି ହୁଏ । ଏଠାରେ ବାଚ୍ୟାର୍ଥ ସମ୍ପୂର୍ଣ୍ଣରୂପେ ଖଣ୍ଡିତ ହୁଏ । ଏଥିରେ ପ୍ରୟୋଜନବତୀ ଲକ୍ଷଣଲକ୍ଷଣା ହୁଏ । ଏହା ପଦଗତ ଓ ବାକ୍ୟଗତ ।

## ଅଭିଧାମୂଳ ଧ୍ୱନି

ଏହାକୁ ବିବକ୍ଷିତ ଅନ୍ୟ ପରବାଚ୍ୟ ଧ୍ୱନି କହନ୍ତି । କାରଣ ଏଥିରେ ବାଚ୍ୟାର୍ଥକୁ ଅପେକ୍ଷା ରହେ; ଅର୍ଥାତ୍ ବାଚ୍ୟାର୍ଥ ମଧ୍ୟ ବାଞ୍ଛନୀୟ ହୁଏ । ଏଥିରେ ବାଚ୍ୟାର୍ଥ ନିଜର ସ୍ୱରୂପ ପ୍ରକାଶ କରେ ଓ ବ୍ୟଙ୍ଗ୍ୟାର୍ଥକୁ ମଧ୍ୟ ପ୍ରକାଶ କରେ । ଏହା ଦ୍ୱିବିଧ—ଅସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଓ ସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ।

ଅସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଧ୍ୱନି—ଯେଉଁଥିରେ ରସ, ଭାବ ଆଦି ବ୍ୟଙ୍ଗ୍ୟ ହୁଏ, ତାକୁ ଅସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଧ୍ୱନି କହନ୍ତି । ଏଥିରେ କାବ୍ୟର ସର୍ବୋପରି ଅକଥନୀୟ ଚମତ୍କାର ହୁଏ । ଏହା ପୂର୍ବେ ସବିସ୍ତର କଥିତ ହୋଇଅଛି ।

ସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଧ୍ୱନି—ବାଚ୍ୟ ଅର୍ଥର ବୋଧ ହେବାପରେ କ୍ରମଶଃ ବ୍ୟଙ୍ଗ୍ୟ ଅର୍ଥ ପ୍ରତୀତ ହେଲେ ସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଧ୍ୱନି ହୁଏ । ଏହା ତ୍ରିବିଧ:—ଶବ୍ଦଶକ୍ତ୍ୟୁଦ୍ଭବ, ଅର୍ଥଶକ୍ତ୍ୟୁଦ୍ଭବ ଏବଂ ଶବ୍ଦ ଓ ଅର୍ଥ ଉଭୟ

ଶକ୍ତିଉଦ୍ଭବ । ଶବ୍ଦଶକ୍ତିଉଦ୍ଭବ ମଧ୍ୟ ଦ୍ୱିବିଧ:—ବସ୍ତୁ ଧ୍ୱନି ଓ ଅଳଙ୍କାର ଧ୍ୱନି । ଅର୍ଥଶକ୍ତି ଉଦ୍ଭବ ଧ୍ୱନି—ଯେଉଁଥିରେ ଶବ୍ଦ ପରିବର୍ତ୍ତିତ ହେବା ପରେ ମଧ୍ୟ 'ବ୍ୟଙ୍ଗ୍ୟ'ାର୍ଥର ପ୍ରତୀତି ହୁଏ, ସେଠାରେ ଅର୍ଥଶକ୍ତିଉଦ୍ଭବ ଧ୍ୱନି ହୁଏ । ବ୍ୟଞ୍ଜକ ଓ ବ୍ୟଙ୍ଗ୍ୟ ଦୁଇ ଅର୍ଥହିଁ ହୁଏ । ବ୍ୟଞ୍ଜକ ଅର୍ଥ ତିନିପ୍ରକାର--ସ୍ୱତଃ ସମ୍ଭବୀ, କବି ପ୍ରୌଢ଼ୋକ୍ତିମାତ୍ରସିଦ୍ଧ, କବିନିବଦ୍ଧପାତ୍ରର ପ୍ରୌଢ଼ୋକ୍ତିମାତ୍ରସିଦ୍ଧ । ଏ ପ୍ରତ୍ୟେକ ପୁଣି ଚାରି ଭାଗରେ ବିଭକ୍ତ—ବସ୍ତୁରେ ବସ୍ତୁ ବସ୍ତୁରେ ଅଳଙ୍କାର, ଅଳଙ୍କାରରେ ବସ୍ତୁ ଓ ଅଳଙ୍କାରରେ ଅଳଙ୍କାର । ଶବ୍ଦ ଓ ଅର୍ଥ ଉଭୟ ଶକ୍ତି ଉଦ୍ଭବ ଧ୍ୱନି:— ଯହିଁରେ କେତେକ ପଦର ପରିବର୍ତ୍ତନରେ ଓ ଅନ୍ୟ କେତେକ ପଦର ଅପରିବର୍ତ୍ତନରେ ମଧ୍ୟ ବ୍ୟଙ୍ଗ୍ୟ ସୂଚିତ ହୁଏ, ସେଠାରେ ଏହି ଧ୍ୱନି ହୁଏ । ଏହାର ଅନେକ ଭେଦ ଅଛି । ଅଳଙ୍କାର ଗ୍ରନ୍ଥାଦିରେ ଦ୍ରଷ୍ଟବ୍ୟ ।

## ଗୁଣୀଭୂତ ବ୍ୟଙ୍ଗ୍ୟ

ଯେ ବ୍ୟଙ୍ଗ୍ୟାର୍ଥ ବାଚ୍ୟାର୍ଥଠାରୁ ଉତ୍ତମ ନୁହେ—ଅର୍ଥାତ୍ ବାଚ୍ୟାର୍ଥର ସମାନ ବା ବାଚ୍ୟାର୍ଥଠାରୁ ନ୍ୟୂନ ଚମତ୍କାର ଅଟେ, ତାକୁ ଗୁଣୀଭୂତବ୍ୟଙ୍ଗ୍ୟ କହନ୍ତି । ଧ୍ୱନିରେ ବ୍ୟଙ୍ଗ୍ୟ ମୁଖ୍ୟ ଓ ଏଥିରେ ବ୍ୟଙ୍ଗ୍ୟ ଗୌଣ ଅଟେ । ଏହି ହେତୁ ଏହାକୁ ଗୁଣୀଭୂତ ବ୍ୟଙ୍ଗ୍ୟ କହନ୍ତି । ଏହାର ଅଷ୍ଟଭେଦ ଅଛି । ଅଗୂଢ଼, ଅପରାଙ୍ଗ, ବାଚ୍ୟସିଦ୍ଧ୍ୟଙ୍ଗ, ଅସ୍ଫୁଟ, ସନ୍ଦିଗ୍ଧ, ତୁଲ୍ୟପ୍ରଧାନ, କାକ୍ୱାକ୍ଷିପ୍ତ ଓ ଅସୁନ୍ଦର । ଅଲଂକାର ଶାସ୍ତ୍ର ଦେଖ ।

## ଗୁଣ

ଗୁଣ ରସର ସ୍ଥାୟୀ ଧର୍ମ । ରସ କାବ୍ୟର ଆତ୍ମା । ତେଣୁ ଗୁଣ ରସର ଅନ୍ତରଙ୍ଗ । ରସର ଅସ୍ଥାୟୀ ଧର୍ମ ଅଳଙ୍କାର, ତେଣୁ ଅଳଙ୍କାର ରସର ବହିରଙ୍ଗ । ଆତ୍ମାର ଶୌର୍ଯ୍ୟାଦି ଧର୍ମ (ଗୁଣ) ପରି ରସର ପ୍ରସାଦ ମାଧୁର୍ଯ୍ୟାଦି ଗୁଣ ଅଛନ୍ତି । ଗୁଣ ସମବାୟ ବୃତ୍ତିରେ (ଅପୃଥକ୍ ଭାବରେ, ଅଚଳ ସ୍ଥିତିରେ, ଅବିନା ଭାବରେ, ଅର୍ଥାତ୍ ଯେଉଁଠାରେ ରସ ସେଠାରେ ଗୁଣ ଓ ଯେଉଁଠାରେ ଗୁଣ ସେଠାରେ ରସ) ରସର ଉତ୍କର୍ଷର କାରଣ ଅଟେ । ଅଳଙ୍କାର ସଂଯୋଗ ବୃତ୍ତିରେ (ଥାଇ ବା ନ ଥାଇ) ରହି ରସର ଉତ୍କର୍ଷର କାରଣ ଅଟେ । ଗୁଣ ରସ ବିନା ରହେ ନାହିଁ ଅଳଙ୍କାର ରସ ବିନା ରହେ । ଗୁଣ ନିଶ୍ଚୟ ରସର ଉପକାର କରେ । ଅଳଙ୍କାର କିନ୍ତୁ ନିଶ୍ଚିତ ଭାବରେ ରସର ଉପକାର କରେ ନାହିଁ । ଗୁଣ ସ୍ଥାୟୀ ଧର୍ମ ହେତୁ ସାକ୍ଷାତ୍ ସମ୍ବନ୍ଧରେ ରସରେ ରହେ । କିନ୍ତୁ ଅଳଙ୍କାର ଅସ୍ଥାୟୀ ହେତୁ ସାକ୍ଷାତ୍ ସମ୍ବନ୍ଧରେ ରସରେ ରହେ ନାହିଁ । କାବ୍ୟର ଶବ୍ଦ ଅର୍ଥରୂପ ଶରୀରରେ

ଅଲଙ୍କାର ରହେ । ଗୁଣ ରସରେ ରହିଲେହେଁ ଗୌଣସମ୍ବନ୍ଧରେ—ପରମ୍ପରା ସମ୍ବନ୍ଧରେ—ସମ୍ବନ୍ଧୀର ସମ୍ବନ୍ଧରେ, ଶବ୍ଦ ଓ ଅର୍ଥରେ ରହେ । ଯେପରି ଶୌର୍ଯ୍ୟାଦି ଆତ୍ମାର ଧର୍ମ ଆକାରର ନୁହେଁ, ସେହିପରି ମାଧୁର୍ଯ୍ୟାଦି ଗୁଣମାନେହିଁ ରସର ଧର୍ମ—ବର୍ଣ୍ଣମାନଙ୍କର ନୁହେଁ । ବର୍ଣ୍ଣମାନେ ଗୁଣର ବ୍ୟଞ୍ଜକ ମାତ୍ର । ଯେପରି ବିଶାଳକାୟ ପୁରୁଷକୁ ଦେଖି ଅଶୂର ବ୍ୟକ୍ତିଠାରେ ଏ ଶୂର ବୋଲି ଶୂରତ୍ୱବୁଦ୍ଧି ମନ୍ଦମତି ଲୋକେ ପୋଷଣ କରନ୍ତି, ସେହିପରି ଶୃଙ୍ଗାରାଦି ରସ ଧର୍ମର (ରସର ଯେ ଧର୍ମ—ଗୁଣ ତାହାର) ବ୍ୟଞ୍ଜକ ସୁକୁମାରାଦି ବର୍ଣ୍ଣ ଦର୍ଶନରେ ସେହି ସୁକୁମାରାଦି ବର୍ଣ୍ଣମାନଙ୍କରେ ମାଧୁର୍ଯ୍ୟାଦି ଗୁଣ ବିଦ୍ୟମାନ ବୋଲି ଲୋକେ କହନ୍ତି । ବସ୍ତୁତଃ ଗୁଣ ରସର ଧର୍ମ । ଗୁଣ ଓ ଅଲଙ୍କାର ସମବାୟ ବୃତ୍ତିରେ ରସରେ ରହନ୍ତି; ସେ ଦୁହିଙ୍କ ମଧ୍ୟରେ ପ୍ରଭେଦ ନାହିଁ ଏହା କେତେକ କହନ୍ତି ।

"ଯୁବତେରିବ ରୂପମଙ୍ଗ କାବ୍ୟଂ ସ୍ୱଦତେ ଶୁଦ୍ଧଗୁଣଂ ତଦପ୍ୟତୀବ ।
ବିହିତଂ ପ୍ରଣୟଂ ନିରନ୍ତରାଭିଃ ସଦଲଂକାରବିକଳ୍ପ-କଳ୍ପନାଭିଃ ॥
ଯଦି ଭବତି ବଚଶ୍ଚ୍ୟୁତଂ ଗୁଣେଭ୍ୟୋ ବପୁରିବ ଯୌବନ ବନ୍ଧ୍ୟମଙ୍ଗନାୟାଃ ।
ଇତି ଜନଦୟିତାନି ଦୁର୍ଭଗତ୍ୱଂ ନିୟତମଲଂକରଣାନି ସଂଶ୍ରୟନ୍ତେ ।
( ଯୁବତେରିବ ରୂପଭଣି—ପାଠାନ୍ତର )"

ଯୁବତୀଙ୍କ ରୂପସଦୃଶ ସର୍ବଦା ସୁନ୍ଦର ଅଲଙ୍କାର ବିଶେଷ ଯୋଜନା ଦ୍ୱାରା ଶୁଦ୍ଧ ଗୁଣଯୁକ୍ତ କାବ୍ୟ ଅତି ପ୍ରୀତିପ୍ରଦ । ଅର୍ଥାତ୍ ଯୁବତୀର ସୁନ୍ଦରରୂପ ସଦୃଶ କାବ୍ୟର ଗୁଣ ସର୍ବଦା ଅଲଙ୍କାରମଣ୍ଡିତ ହେବା ଉଚିତ । କାବ୍ୟ ଗୁଣହୀନ ହେଲେ ତାହା ସ୍ତ୍ରୀର ଯୌବନହୀନ ରୂପ ତୁଲ୍ୟ କୁତ୍ସିତ ଅଟେ । ତେଣୁ ଅତି ପ୍ରିୟ ହେଲେହେଁ ଅଲଙ୍କାର ଶୋଭାପ୍ରଦାନ କରେ ନାହିଁ । ( ଭୋଜରାଜ ) "କାବ୍ୟଶୋଭାୟାଃ କର୍ତ୍ତାରୋ ଧର୍ମା ଗୁଣାସ୍ତଦତିଶୟହେତବ ସ୍ତ୍ୱଲଂକାରାଃ ।" ଗୁଣମାନେ କାବ୍ୟଶୋଭାର ଜନକ ଓ ଅଲଂକାରମାନେ ଶୋଭାର ଅତିଶୟ ବୃଦ୍ଧିକାରକ ଅଟନ୍ତି । ତେବେ କଣ ସର୍ବଗୁଣ ଯୋଗରେ ନା କତିପୟଗୁଣ ଯୋଗରେ କାବ୍ୟ ହୁଏ । ଯଦି ସବୁ ଗୁଣରେ କାବ୍ୟ ହେବାର କଥା ତେବେ ସବୁ ଗୁଣରେ ଯୁକ୍ତ ନୁହନ୍ତି ଯେ ଗୌଡ଼ୀ ଓ ପାଞ୍ଚାଳୀ ରୀତି କପରି କାବ୍ୟର ଆତ୍ମା ହେବେ (କାରଣ ବାମନାଚାର୍ଯ୍ୟଙ୍କ ମତେ କାବ୍ୟର ଆତ୍ମା ରୀତି ) । ତେବେ କଣ କେତେକ ଗୁଣ ଯୋଗରେ କାବ୍ୟ ହେବ । ହଁ, ତା ନିଶ୍ଚୟ ହୋଇ ପାରେ । ଗୁଣ ନ ଥାଇ ଅଲଂକାର ଯୋଗେ ମଧ୍ୟ କାବ୍ୟ ହୁଏ । ଏଣୁ ବାମନ ଓ ଭୋଜଙ୍କ ଉକ୍ତି ଦୋଷାବହ । ଅଗ୍ନିପୁରାଣରେ ଯଥାର୍ଥ ଲକ୍ଷିତ ଅଛି ।

ଅଲଂକୃତମପି ପ୍ରୀତ୍ୟୈ ନ କାବ୍ୟଂ ନିର୍ଗୁଣଂ ଭବେତ୍ ।
ବପୁଷ୍ୟଲଳିତେ ସ୍ତ୍ରୀଣାଂ ହାରୋ ଭାରାୟତେ ପରମ୍ ।"

ସ୍ତ୍ରୀର ଅସୁନ୍ଦର ଶରୀରରେ ହାର ଯେପରି ଭାର ସେହିପରି ଗୁଣହୀନ କାବ୍ୟରେ ଅଲଂକାର ପ୍ରୀତିପ୍ରଦ ନୁହେଁ ।

## ରୀତି

ଭୋଜରାଜଙ୍କ ମତେ ରୀତି ଷଡ଼୍‌ବିଧ:—ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ, ଆବନ୍ତିକା, ଲାଟୀ ଓ ମାଗଧୀ । ବୈଦର୍ଭୀ ସମସ୍ତ ଗୁଣଯୁକ୍ତ । ଗୌଡ଼ୀ କିନ୍ତୁ ଓଜ ଓ କାନ୍ତିଗୁଣଯୁକ୍ତ ଏବଂ ଅତି ଉତ୍କଟ ତଥା ବହୁଳପଦବିଶିଷ୍ଟ । ପାଞ୍ଚାଳୀ ଓଜ ଓ କାନ୍ତିଗୁଣରହିତ, ପଞ୍ଚ ବା ଷଟ୍ ପଦ ନିର୍ମିତ । ଲାଟୀ ସମସ୍ତ ରୀତି ମିଶ୍ରଣରେ ନିର୍ମିତ । ଆବନ୍ତିକା ପାଞ୍ଚାଳୀ ଓ ବୈଦର୍ଭୀର ମଧ୍ୟବର୍ତ୍ତୀ ଓ ଦୁଇ ତିନ, ଚାରି ପଦରେ ନିର୍ମିତ । ମାଗଧୀ ଏକ ଖଣ୍ଡରୀତି, ପୂର୍ବରୀତିମାନଙ୍କର ଅନିର୍ବାହରେ ଏହା ସ୍ଥାପିତ:—ଅଗ୍ନିପୁରାଣ ମତେ ରୀତି ଚତୁର୍ବିଧ—ପାଞ୍ଚାଳୀ ଗୌଡ଼ୀ, ବୈଦର୍ଭୀ ଓ ଲାଟୀ । ତେଣୁ ଗୁଣଙ୍କ ସଂଖ୍ୟା ଓ ନାମ ଜାଣିବା ଦରକାର ।

ମୁନୀନ୍ଦ୍ର ଭରତଙ୍କ ମତେ ଗୁଣସଂଖ୍ୟା ଦଶ । ବାମନ, ଦଣ୍ଡୀ ପ୍ରଭୃତି ଏହା ସମର୍ଥନ କରନ୍ତି । ଶ୍ଳେଷ, ପ୍ରସାଦ, ସମତା, ମାଧୁର୍ଯ୍ୟ, ଓଜ, ସୌକୁମାର୍ଯ୍ୟ, ଅର୍ଥବ୍ୟକ୍ତି, ସମାଧି, ଉଦାରତା ଓ କାନ୍ତି । ଭୋଜରାଜ ଓ ବିଦ୍ୟାନାଥାଦିଙ୍କ ମତେ ଗୁଣସଂଖ୍ୟା ଚତୁର୍ବିଂଶ । ପୂର୍ବୋକ୍ତ ଦଶ ବ୍ୟତୀତ ସେସବୁ ଉଦାରତା, ସୁଶବ୍ଦତା, ପ୍ରେୟାନ୍, ଔର୍ଜିତ୍ୟ, ବିସ୍ତର, ସୌକ୍ଷ୍ମ୍ୟ, ଗାମ୍ଭୀର୍ଯ୍ୟ, ସଂକ୍ଷେପ, ଭାବିକ, ସମ୍ମିତତ୍ୱ, ପ୍ରୌଢ଼ି, ରୀତି, ଗତି ଓ ଉକ୍ତି ଅଛନ୍ତି । କେତେକଙ୍କ ମତରେ ଗୁଣସଂଖ୍ୟା ନବ—ତାହା ଯଥାକ୍ରମେ ଓଜ, ପ୍ରସାଦ, ମାଧୁର୍ଯ୍ୟ, ଉକ୍ତି, କାନ୍ତି, ସୁଶବ୍ଦତା, ଗାମ୍ଭୀର୍ଯ୍ୟ, ଭାବିକ ଓ ରୀତି । ଭାମହ, ମମ୍ମଟ, ବିଶ୍ୱନାଥ, ବିଦ୍ୟାଧର ପ୍ରଭୃତିଙ୍କ ମତରେ ଗୁଣ ତିନିଗୋଟି—ମାଧୁର୍ଯ୍ୟ, ଓଜ ଓ ପ୍ରସାଦ [ଅଗ୍ନିପୁରାଣମତେ ଗୁଣ ଦ୍ୱିବିଧ—ସାମାନ୍ୟ ଓ ବୈଶେଷିକ । ସାମାନ୍ୟ ପୁନଶ୍ଚ ତ୍ରିବିଧ—ଶବ୍ଦାଶ୍ରୟୀ, ଅର୍ଥାଶ୍ରୟୀ ଓ ଶବ୍ଦାର୍ଥ ଉଭୟାଶ୍ରୟୀ । ଶବ୍ଦାଶ୍ରୟୀ ଗୁଣ ସପ୍ତବିଧ—ଶ୍ଳେଷ, ଲାଳିତ୍ୟ, ଗାମ୍ଭୀର୍ଯ୍ୟ, ସୌକୁମାର୍ଯ୍ୟ, ଉଦାରତା, ସତ୍ୟ ଓ ଯୌଗିକୀ । ଅର୍ଥଗୁଣ ଷଡ଼୍‌ବିଧ:—ମାଧୁର୍ଯ୍ୟ, ସଂବିଧାନ, କୋମଳତା, ଉଦାରତ, ପ୍ରୌଢ଼ି ଓ ସାମୟିକତା । ଶବ୍ଦାର୍ଥ ଉଭୟଗୁଣ ଷଡ଼ବିଧ—ପ୍ରସାଦ, ସୌଭାଗ୍ୟ, ଯଥାସଂଖ୍ୟ, ପ୍ରଶସ୍ତତା, ପାକ ଓ ରାଗ ।] ବିଶ୍ୱନାଥ କବିରାଜ ଓ ଜଗନ୍ନାଥ ପଣ୍ଡିତଙ୍କ ସ୍ଥୂଳ ବିକ୍ଷେପର ଉକ୍ତି ଅନୁସାରେ

> "ଶ୍ଳେଷସମାଧିରୌଦାର୍ଯ୍ୟଂ ପ୍ରସାଦ ଇତି ଯେ ପୁନଃ
> ଗୁଣାଶ୍ଚିରନ୍ତନୈରୁକ୍ତା ଓଜସ୍ୟାନ୍ତର୍ଭବନ୍ତି ତେ ।"

ଶ୍ଳେଷ, ସମାଧି ଔଦାର୍ଯ୍ୟ ଓ ପ୍ରସାଦ ଓଜ ଗୁଣର ଅନ୍ତର୍ଗତ । ଏ ଯୁକ୍ତି ଅନୁସାରେ ଗୁଣ ରହିଲା ଦୁଇଗୋଟି ମାତ୍ର । ଏହି ଦୁଇଟିକୁ ଦୋଷ ନିବାରକରୂପେ ଗ୍ରହଣ

କଲେ (ଅନବ୍ୟୂଢ଼ର ମାଧୂର୍ଯ୍ୟ, ଅସମସ୍ତର ଓଜ) ଗୁଣର ସତ୍ତ୍ୱ ସ୍ୱୀକାର କରିବାରେ ମଧ୍ୟ ବାଧା ପଡ଼ିବ । ଏହିପରି ବିଚାର କଲେ କାବ୍ୟର ଗୁଣ ମଧ୍ୟ ସ୍ୱୀକାର କରିବାକୁ ହେବ ନାହିଁ । ସବଂଶ ଦୋଷର ଅଭାବ ଗୁଣ ନୁହେଁ । ଗୁଣ ଶବ୍ଦଗତ ଓ ଅର୍ଥଗତ । ଅଗ୍ନିପୁରାଣ ବ୍ୟତୀତ ସର୍ବତ୍ର ନାମ ଏକମାତ୍ର, ଲକ୍ଷଣ ଭିନ୍ନ । ପ୍ରଥମତଃ ଶବ୍ଦଗୁଣର ବିଚାର ପ୍ରଦତ୍ତ ହେଲା । (୧) ଶ୍ଳେଷ—ଅନେକ ପଦର ଏକପଦରୂପେ ବୋଧ । (୨) ପ୍ରସାଦ—ପ୍ରସିଦ୍ଧାର୍ଥ ପଦ-ଯୋଜନା ବା ଗାଢ଼ତ୍ୱ ଓ ଶିଥିଳତ୍ୱର ବ୍ୟତିକ୍ରମରେ ଯୋଜନା । (୩) ସମତା—ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରୀତିର ଅଭିନ୍ନତା (ମୃଦୁ, ଗାଢ଼ ଓ ମିଶ୍ରବର୍ଣ୍ଣ-ମାନଙ୍କରେ ଆରମ୍ଭ କରି ଶେଷ କରିବା)। (୪) ସୁକୁମାରତା—କୋମଳବର୍ଣ୍ଣ ଯୋଜନା । (୫) ଅର୍ଥବ୍ୟକ୍ତି—ଶୀଘ୍ର ଅର୍ଥବୋଧକତା । (୬) ଉଦାରତା—କଠିନ ବର୍ଣ୍ଣଯୋଜନା ରୂପ ବିକଟତ୍ୱ ଲକ୍ଷଣତା—(ବିକଟତ୍ୱ—ପଦମାନଙ୍କର ନାଚିଲାପରି ହେବା)। (୭) ଓଜ—ସମାସବହୁଳତା । (୮) କାନ୍ତି—ଗାଢ଼ବନ୍ଧ ପ୍ରୟୋଗରେ କର୍ଣ୍ଣ ଓ ମନର ପ୍ରସାଦଜନକତା ବା ବନ୍ଧର ଉଜ୍ଜ୍ୱଳତା । (୯) ସମାଧି—ବନ୍ଧର ଗାଢ଼ତ୍ୱ ଓ ଶିଥିଳତ୍ୱର କ୍ରମଶଃ ସ୍ଥିତି ବା ଅନ୍ୟ ଧର୍ମର ଅନ୍ୟତ୍ର ଆରୋପ । (୧୦) ମାଧୁର୍ଯ୍ୟ—ବାକ୍ୟରେ ପୃଥକପଦତା । (୧୧) ଉଦାରତା—ଉତ୍କୃଷ୍ଟ ବିଶେଷଣରେ ନିଷ୍ପନ୍ନ ଗୁଣ । (୧୨) ସୁଶବ୍ଦତା—ସୁବନ୍ତ ଓ ତିଙନ୍ତରେ ବ୍ୟୁତ୍ପତ୍ତିମନ୍ତ ପଦବିନ୍ୟାସ । (୧୩) ପ୍ରେୟ—ପ୍ରିୟ ଉକ୍ତିରେ ପ୍ରୀତିଯୁକ୍ତ ବଚନ । (୧୪) ଔର୍ଜିତ୍ୟ—ଗାଢ଼ବନ୍ଧତା ବା ସୁସନ୍ଧିନିଷ୍ପନ୍ନ । (୧୫) ବିସ୍ତର—ସ୍ୱୋକ୍ତିର ସମର୍ଥନ ନିମନ୍ତେ ବେଶି କହିବା । (୧୬) ସମ୍ମିତତ୍ୱ—ଅର୍ଥାନୁଯାୟୀ ପଦଯୋଜନା । ଅଭିଧେୟ ଦୃଷ୍ଟିରେ ପଦ ଊଣା ବା ଅଧିକ ନ ହେବା । (୧୭) ଗାମ୍ଭୀର୍ଯ୍ୟ—ବାକ୍ୟରେ ଧ୍ୱନିଦ୍ୱାରା ଉକ୍ତି କରିବା । (୧୮) ସଂକ୍ଷେପ—ସଂକ୍ଷିପ୍ତ ଭାବରେ ଉଦ୍ଦେଶ୍ୟ କଥନ । (୧୯) ସୌକ୍ଷ୍ମ୍ୟ—ବିଷୟରୁ ଅଳ୍ପ ପ୍ରକାଶ କରିବା । (୨୦) ପ୍ରୌଢ଼ି—ଉକ୍ତିର ବୈଚିତ୍ର୍ୟ—ଉକ୍ତିରେ ଶବ୍ଦର ପରିବର୍ତ୍ତନ ଅସହତା (ଉକ୍ତିର ପରିପାକକୁ ପ୍ରୌଢ଼ି କହନ୍ତି—ପରିପାକ—ନାରିକେଳ, ଖର୍ଜୁର, ମୃଦ୍ୱୀକା ଗୁଡ଼ ଦ୍ରୁତ)। (୨୧) ଉକ୍ତି—ବିଶିଷ୍ଟ ବା ଚତୁର ଭଣିତ । (୨୨) ରୀତି—ଆରମ୍ଭ ଅନୁରୂପ ନିର୍ବାହ; ଯେପରି ପଦ ସନ୍ନିବେଶରେ ଆରମ୍ଭ ହୋଇଅଛି, ସେହିପରି ବୃତ୍ତି ନିର୍ବାହରେ ଏ ଗୁଣ । (୨୩) ଗତି—ସ୍ୱରର ଆରୋହ ଅବରୋହରେ ସୁରମ୍ୟତା (୨୪) ଭାବିକ—ପ୍ରେମଯୁକ୍ତ ବାକ୍ୟବିନ୍ୟାସ ।

## ଅର୍ଥ ଗୁଣ

ଶ୍ଳେଷ-ଯୋଜନା ନ ହେବା ବାକ୍ୟାର୍ଥରେ ବୁଦ୍ଧିର ଚତୁରତାରେ ସୁନ୍ଦର ଯୋଜନା । ପ୍ରସାଦ—ନ୍ୟୂନାଧିକ ପଦ ନ ଥାଇ ଅର୍ଥର ବିମଳତା ।

ମାଧୁର୍ଯ୍ୟ—ଉକ୍ତିର ଭଙ୍ଗୀରେ ପୁନଃ କଥନରେ ଉକ୍ତି ବୈଚିତ୍ର୍ୟ ବା କ୍ରୋଧାଦିରେ ଅତୀବ୍ରତା । ସମତା—ପ୍ରକ୍ରମ ଅଭଙ୍ଗରେ ଅର୍ଥର ଯୋଜନାରେ ଅବିଷମତା ବା ଯେଉଁ ରୂପରେ ଅର୍ଥ ବୋଧ ହୁଏ ତାହାର ବ୍ୟତିକ୍ରମ ନ ହେବା । ସୌକୁମାର୍ଯ୍ୟ—ଅନିଷ୍ଠୁରତା ବା ହଠାତ୍ ଶୋକଦାୟିତ୍ୱ ଅଭାବରୂପ ଅପାରୁଷ୍ୟ । ଅର୍ଥବ୍ୟକ୍ତି—ସ୍ୱରୂପର ସାକ୍ଷାତ୍ କଥନ ବା ବିଷୟର ଅସାଧାରଣ କ୍ରିୟା ଓ ରୂପର ବର୍ଣ୍ଣନ । ଉଦାରତା—ସମ୍ପଦର ଉତ୍କର୍ଷକଥନ ବା ଗ୍ରାମ୍ୟାର୍ଥ ପରିହାର । ଓଜ—ବିଷୟମାନଙ୍କର ବର୍ଣ୍ଣନରେ ଅଭିପ୍ରାୟବିଶେଷ କଥନ ବା ଗୋଟିଏ ପଦାର୍ଥର ବହୁ ପଦରେ କଥନ ବା ବହୁ ପଦାର୍ଥର ଏକ ପଦରେ କଥନ । ଗୋଟିଏ ବାକ୍ୟାର୍ଥରେ ବହୁ ବାକ୍ୟର, ବହୁ ବାକ୍ୟାର୍ଥର ଏକ ବାକ୍ୟରେ ଓ ବିଶିଷ୍ଟ ଅଭିପ୍ରାୟ କଥନ । କାନ୍ତି—ଦୀପ୍ତରସତ୍ୱ ଅର୍ଥାତ୍ ନିରନ୍ତର ପୁଷ୍ଟ ହେବା ରସର ଉତ୍କର୍ଷ ପ୍ରାପ୍ତି । ସମାଧି—ବ୍ୟାଜର ଅବଲମ୍ବନ । ଉଦାତ୍ତ—ଅଭିପ୍ରାୟର ଉତ୍କର୍ଷ । ଊର୍ଜସ୍ୱୀତ୍ୱ—ବଡ଼ ଅହଙ୍କାର । ପ୍ରେୟ—ଅର୍ଥରେ ଅଭୀଷ୍ଟତା । ସୁଶବ୍ଦତା—ଦାରୁଣ ବିଷୟାଦିରେ ଅଦାରୁଣରୂପ ବ୍ୟବହାର । ସୌକ୍ଷ୍ମ୍ୟ—ସଙ୍କେତରୁ ତୀକ୍ଷ୍ଣବୁଦ୍ଧି ଦ୍ୱାରା ଯାହାର ଅର୍ଥ ଜ୍ଞାନ । ଗାମ୍ଭୀର୍ଯ୍ୟ—ଅର୍ଥବୋଧ ନିମିତ୍ତ ଶାସ୍ତ୍ରର ଅପେକ୍ଷା । ବିସ୍ତର—ଅର୍ଥର ବିସ୍ତୃତି । ସଂକ୍ଷେପ—ଅର୍ଥର ସଂକୋଚ । ସମ୍ମିତ—ଶବ୍ଦ ଓ ଅର୍ଥର ତୁଲ୍ୟତା । ଭାବିକ—ସାଭିପ୍ରାୟ ଉକ୍ତି-ବିନ୍ୟାସ । ଗତି—ଅର୍ଥରୁ ଅର୍ଥାନ୍ତର ବୋଧ । ରୀତି—ବିଷୟମାନଙ୍କର ଉତ୍ପତ୍ତି ଆଦି କ୍ରିୟାର କ୍ରମ । ଉକ୍ତି—ଅଭୀଷ୍ଟ ଅର୍ଥର ସାକ୍ଷାତ୍ ପ୍ରତିପାଦନ ଅନୁଚିତ, ତେଣୁ ଭଙ୍ଗୀରେ ପ୍ରତିପାଦନ । ପ୍ରୌଢ଼ି—କବିଙ୍କ ଅଭିମତ ବିବକ୍ଷିତ ବିଷୟର ସୂକ୍ଷ୍ମରେ ପ୍ରତିପାଦନ । ଅଗ୍ନିପୁରାଣୋକ୍ତ ଗୁଣମାନଙ୍କ ମଧ୍ୟରୁ ଅଧିକାଂଶର ସୁଖ ପ୍ରତୀତି ହୁଏ । ପୁନଶ୍ଚ ଗାମ୍ଭୀର୍ଯ୍ୟ—ବିଶିଷ୍ଟ ଲକ୍ଷଣାନୁସାରେ ଉଲ୍ଲେଖ୍ୟ ଉଚ୍ଚଭାବବ୍ୟଞ୍ଜକ ବିଶିଷ୍ଟ ଶବ୍ଦାବଳୀରେ ହୁଏ । ସଂବିଧାନ—ଅପେକ୍ଷିତ ସିଦ୍ଧିର ନିମିତ୍ତ ଯେ ସହକାରୀ ତାହା ସଂବିଧାନ । ପ୍ରୌଢ଼ି—ଯେ ସ୍ଥାନରେ ଅଭିପ୍ରାୟ ନିର୍ବାହ ପ୍ରତି ଉପପାଦିକା ହେତୁଗର୍ଭିଣୀ ଯୁକ୍ତି ଉଦ୍ୟମାନ । ସାମୟିକା—ନିୟମ ବା ପ୍ରତିଜ୍ଞା ସହିତ ଅର୍ଥର ବ୍ୟୁତ୍ପତ୍ତି । ସୌଭାଗ୍ୟ—ଯେ ଉକ୍ତିରେ କୌଣସି ଉତ୍କର୍ଷବିଶିଷ୍ଟ ଗୁଣ ପ୍ରତୀତ ହୁଏ ସେହି ଉଦାରତାକୁ ସୌଭାଗ୍ୟ କହନ୍ତି । ଯଥାସଂଖ୍ୟ—ପଶ୍ଚାତ୍ କଥନରେ ସାମାନ୍ୟର ଅନ୍ୟତ୍ର ଆରୋପ । ପ୍ରଶସ୍ତତା—ବର୍ଣ୍ଣନୀୟ ନିଦାରୁଣ ବସ୍ତୁର ଅନିଦାରୁଣ ଶବ୍ଦଦ୍ୱାରା ବର୍ଣ୍ଣନ । ପାକ—କୌଣସି ଉଚ୍ଚ ପରିଣତି । ତାହା ମୃଦ୍ୱୀକା, ନାରିକେଳ, ଖର୍ଜ୍ଜୁର, ଗୁଡ଼ ଭେଦରେ ଅନେକବିଧ । ରାଗ—କାବ୍ୟର ବିଶିଷ୍ଟ ଛାୟା ବା ଶୋଭା—କାବ୍ୟେ ଛାୟାବିଶେଷଃ । ତାହା ହାରିଦ୍ର ( ମାଞ୍ଜିଷ୍ଠ ), କୌସୁମ୍ଭ

ଓ ମାଳୀ ଭେଦରେ ନିବଦ୍ଧ । ଯାହା ସ୍ୱଲକ୍ଷଣଗୋଚର ତାହା ବୈଶେଷିକ । ପ୍ରଶସ୍ତତା ପୂର୍ବୋକ୍ତ ସୁଶବ୍ଦତା ( ଅର୍ଥଗୁଣ ) । ସୌଭାଗ୍ୟ—ପ୍ରସାଦ ( ଶବ୍ଦଗୁଣ ) ଯଥାସଂଖ୍ୟ—ସମାଧିରୂପେ ପ୍ରତୀତ । ଏମାନଙ୍କ ମଧ୍ୟରେ କେତେକ ଦୋଷପରିହାରକ ରୂପେ ଗୁଣ । କେତେକ ସ୍ୱତଃ ଉତ୍କର୍ଷ ହେତୁ ଗୁଣ । ଏମାନଙ୍କ ମଧ୍ୟରୁ ପୁଣି କେତେକ ଅତିଶୟ ଶୋଭା ହେତୁ ପରମ ଉତ୍କୃଷ୍ଟ । ଗୁଣ ଯେ ଦୋଷ ପରିହାରକ ଏହା ସର୍ବସମ୍ମତ ନୁହେଁ । କଠୋର ବା ଶ୍ରୁତିକଟୁ ନିବାରକ ସୌକୁମାର୍ଯ୍ୟ । ଗ୍ରାମ୍ୟତାର ବାରଣାର୍ଥ କାନ୍ତି । ଅପୁଷ୍ଟାର୍ଥ ଓ ନେୟାର୍ଥର ନିବାରକ ଅର୍ଥବ୍ୟକ୍ତି । ନ୍ୟୂନାଧିକ ପଦର ନିବାରକ ସମ୍ମିତତ୍ୱ । ଅନଲଂକାର ଓ ଅନୁଚିତାର୍ଥର ଉଦାରତା । ରସନ୍ଧିର ଔଚିତ୍ୟ, ପତତ୍ପ୍ରକର୍ଷର ଗତି, ଅପ୍ରସନ୍ନ ଓ କ୍ଲିଷ୍ଟର ପ୍ରସାଦ । ଅଶ୍ଳୀଳର ଉକ୍ତି । ଚ୍ୟୁତସଂସ୍କୃତର ସୌଶବ୍ଦ୍ୟ । ବିଷମ ଓ ପ୍ରକ୍ରମଭଙ୍ଗରୁ ସମତା । ପରୁଷର ପ୍ରେୟାନ୍ । ଶିଥିଳର ଶ୍ଳେଷ । ଅସମସ୍ତର ଓଜ । ଅନବ୍ୟୂଢ଼ର ମାଧୁର୍ଯ୍ୟ । ଏହିପରି ବିଚାର କରି ବସିଲେ ଗୁଣ ତିନି ହେଉନ୍ତୁ, ଚାରି ହେଉନ୍ତୁ, ନଅ ହେଉନ୍ତୁ, ଊଣେଇଶ ହେଉନ୍ତୁ ବା ଚବିଶ ହେଉନ୍ତୁ, ସମସ୍ତେ ଦୋଷର ବିପର୍ଯ୍ୟୟ ରୂପେ ଗ୍ରହଣ କରାଯାଇ ପାରନ୍ତି । ପୁନଶ୍ଚ କେତେକ କହନ୍ତି, ଅର୍ଥବ୍ୟକ୍ତି ପ୍ରସାଦର ଅନ୍ତର୍ଗତ । ଔଦାର୍ଯ୍ୟ ବା ଉଦାରତା ଓ ଔଚିତ୍ୟ ଓଜର; ପ୍ରୌଢ଼ି, ଉକ୍ତି, ସଂକ୍ଷେପ, ସୌକ୍ଷ୍ମ୍ୟ, ବିସ୍ତାର, ସମ୍ମିତତ୍ୱ, ପ୍ରେୟାନ୍ ଓ ସମତା ଉକ୍ତିର ଅନ୍ତର୍ଗତ । ସମାଧି ରୂପକର ଅନ୍ତର୍ଗତ । ଶ୍ଳେଷ ଶ୍ଳେଷାଲଙ୍କାରର ଅନ୍ତର୍ଗତ । ଓଜ, ପ୍ରସାଦ, ମାଧୁର୍ଯ୍ୟ, ଉକ୍ତି, କାନ୍ତି, ସୁଶବ୍ଦତା, ଗାମ୍ଭୀର୍ଯ୍ୟ, ଭାବିକ ଓ ଗତି ଏହି ନବବିଧ ଗୁଣ । ଧର୍ମସୁରି ମାଧୁର୍ଯ୍ୟ, ଓଜ, ପ୍ରସାଦ ଓ ସୁଶବ୍ଦତା ଏହି ଚାରି ଗୋଟିକୁ ଗୁଣରୂପେ ସ୍ୱୀକାର କରି କହନ୍ତି ଯେ, ତିନିଗୋଟି ଗୁଣ ଓଜ, ପ୍ରସାଦ ଓ ମାଧୁର୍ଯ୍ୟ ମୋତେ କିନ୍ତୁ ପ୍ରୀତିପଦ । ରସ-ଗଙ୍ଗାଧରରେ ଲକ୍ଷିତ ଅଛି—ସମତା ସର୍ବତ୍ର ଅନୁଚିତ । ଓଜର ଆଦ୍ୟ ଚାରିଗୋଟି ଭେଦ କେବଳ ବୈଚିତ୍ର୍ୟମାତ୍ର, ଗୁଣ ହୋଇ ପାରେ ନାହିଁ, ତା ହେଲେ ପ୍ରତି ଶ୍ଳୋକ ଅର୍ଥବୈଚିତ୍ର୍ୟ ହେତୁ ଗୁଣଯୁକ୍ତ ହେବ । ଅଭିପ୍ରାୟଯୁକ୍ତ ପଦାବଳୀ ଓଜର ପଞ୍ଚମ ଭେଦ । ଅନବୀକୃତ, ଅମଙ୍ଗଳରୂପ, ଅଶ୍ଳୀଳ, ଗ୍ରାମ୍ୟ, ଭଗ୍ନପ୍ରକ୍ରମ, ଅପୁଷ୍ଟାର୍ଥ ଦୋଷମାନଙ୍କର ନିରାକରଣରେ ସ୍ୱଭାବୋକ୍ତି ଅଲଙ୍କାରର ରସଧ୍ୱନି ରସବତ୍ ଅଲଂକାରାଦି ସୃଷ୍ଟିତ । ସମାଧି କବିଗତ ଜ୍ଞାନ ରୂପ, ଗୁଣ ନୁହେଁ । ତାହେଲେ ପ୍ରତିଭା ମଧ୍ୟ କାବ୍ୟଗୁଣ ହେବ । ଏଣୁ ମମ୍ମଟାଦି ତିନିଗୋଟି ଗୁଣ ସ୍ୱୀକାର କରନ୍ତି । ତାହା ପ୍ରସାଦ, ଓଜ ଓ ମାଧୁର୍ଯ୍ୟ । ପୂର୍ବାଚାର୍ଯ୍ୟଙ୍କ ମତସମୂହ ଆଲୋଚନାରେ ଗୁଣର ପ୍ରକୃତ ସ୍ୱରୂପ ପ୍ରତିପନ୍ନ ହେବ—ଏହି ଉଦ୍ଦେଶ୍ୟରେ ଉପରି କଥିତ ବିଷୟମାନ ପ୍ରଦତ୍ତ ହେଲା । ସମ୍ଭୋଗ ଶୃଙ୍ଗାର, କରୁଣ, ବିପ୍ରଲମ୍ଭ ଶୃଙ୍ଗାର ଓ ଶାନ୍ତ ରସରେ ମାଧୁର୍ଯ୍ୟ ଗୁଣର କ୍ରମାନ୍ୱୟରେ ଆଧିକ୍ୟ ବର୍ତ୍ତମାନ । ବୀର, ବୀଭତ୍ସରେ

( ବିଦ୍ୟାନାଥଙ୍କ ମତରେ ଭୟାନକରେ ) କ୍ରମଶଃ ଓଜଗୁଣର ଆଧିକ୍ୟ ବର୍ତ୍ତିମାନ । ଅନ୍ୟ କେତେକଙ୍କ ମତରେ ଅଦ୍ଭୁତ, ହାସ୍ୟ ଓ ଭୟାନକରେ ମାଧୁର୍ଯ୍ୟ ଓ ଓଜ ଉଭୟ ଗୁଣ ବିଦ୍ୟମାନ ।

ମାଧୁର୍ଯ୍ୟ—ଟ, ଠ, ଡ, ଓ ଢ ଭିନ୍ନ କ ଠାରୁ ମ ପର୍ଯ୍ୟନ୍ତ ସମସ୍ତ ବର୍ଣ୍ଣ; ଙ, ଞ, ଣ, ନ ଓ ମ ଯୁକ୍ତ, ହ୍ରସ୍ୱ ର ଓ ଣ, ଅସମାସ ଓ ଅଳ୍ପ ସମାସ ଯୁକ୍ତ ମଧୁର ରଚନା । ଓଜ—ବର୍ଗର ପ୍ରଥମ ଓ ତୃତୀୟ ବର୍ଣ୍ଣଙ୍କ ସହିତ ଦ୍ୱିତୀୟ ଚତୁର୍ଥ ବର୍ଣ୍ଣଙ୍କର ଯୋଗ; ଟ, ଠ, ଡ ଓ ଢ ବର୍ଣ୍ଣମାନଙ୍କ ବାହୁଲ୍ୟ; ଦୀର୍ଘ ସମାସ, କଠୋର ବର୍ଣ୍ଣ ରଚନାରେ ଓଜ ଗୁଣ, । ପ୍ରସାଦ—ସବୁ ରସରେ ଓ ସବୁ ରଚନାରେ ବ୍ୟବହୃତ । ଯାହାର ଶ୍ରବଣମାତ୍ରେ ଅର୍ଥ ବୋଧହୁଏ, ତାହା ପ୍ରସାଦ ଗୁଣ ।

ଭୋଜରାଜ କହନ୍ତି ଯେ ଅଳଙ୍କାର ଯୋଗେ କାବ୍ୟ ଶ୍ରବଣସୁଭଗ ହେଲେହେଁ ଗୁଣବର୍ଜିତ ହେବ ନାହିଁ । ଗୁଣ ଓ ଅଳଙ୍କାର ଯୋଗମଧ୍ୟରେ ଗୁଣଯୋଗ ମୁଖ୍ୟ । କାବ୍ୟରେ ଗୁଣମାନେ ତ୍ରିବିଧ—ବାହ୍ୟ, ଅଭ୍ୟନ୍ତର ଓ ବୈଶେଷିକ । ଶବ୍ଦଗୁଣ ବାହ୍ୟ, ଅର୍ଥଗୁଣ ଅଭ୍ୟନ୍ତର, ଦୋଷ ସତ୍ତ୍ୱେ ଯେଉଁମାନେ ଗୁଣରୂପେ ବିଶେଷିତ ସେମାନେ ବୈଶେଷିକ । ଦୋଷ ବିଚାରର ପ୍ରସଙ୍ଗରେ ସେ ବିଷୟ କଥିତ ହେବ । ଅଗ୍ନିପୁରାଣରେ ଶବ୍ଦ ଓ ଅର୍ଥ ଉଭୟାଶ୍ରିତ ଅଳଙ୍କାରରୂପେ ପ୍ରଶସ୍ତି, କାନ୍ତି, ଔଚିତ୍ୟ ସଂକ୍ଷେପ ଯାବଦର୍ଥତା ଓ ଅଭିବ୍ୟକ୍ତି ଗୃହୀତ । ପ୍ରଶସ୍ତି ଦ୍ୱିବିଧ—ସ୍ତୁତି ଓ ପ୍ରେମୋକ୍ତି । ପ୍ରିୟକୀର୍ତ୍ତନରେ ପ୍ରେମୋକ୍ତି ଓ ଗୁଣକୀର୍ତ୍ତନରେ ସ୍ତୁତି । ତାହା ପୂର୍ବୋକ୍ତ ଶ୍ଳେଷ ଓ ଉଦାତ୍ତ ଗୁଣରୂପେ ଧରାଯାଇ ପାରେ । କାନ୍ତି ଓ ସଂକ୍ଷେପ ଗୁଣ ବିଚାରରେ କଥିତ ହୋଇଅଛି । ଯାବଦର୍ଥତା ଓ ସମ୍ମିତତ୍ୱ ଏକ ବିଷୟ । ଔଚିତ୍ୟ ସୁଶବ୍ଦତାରୂପେ ଗୃହୀତ ହୋଇପାରେ । ଅଭିବ୍ୟକ୍ତି—ଅର୍ଥର ପ୍ରକଟତ୍ୱ । ତାହା ଶ୍ରୁତି ଓ ଆକ୍ଷେପରୂପେ ଦ୍ୱିବିଧ । ଶ୍ରୁତି ନୈମିତ୍ତିକ ଓ ପାରିଭାଷିକରୂପେ ଦ୍ୱିବିଧ । ସଙ୍କେତହିଁ ପରିଭାଷା, ତାହା ହେତୁ ପାରିଭାଷିକ ହୁଏ । ସେମାନେ ମୁଖ୍ୟ ଓ ଉପଚାରିକରୂପେ ଦ୍ୱିବିଧ । କୌଣସି ନିମିତ୍ତ ହେତୁ ସ୍ୱ ଅଭିଧେୟରୁ ସ୍ଖଳିତ ହୋଇ ଯାହା ଦ୍ୱାରା ଶବ୍ଦ ମୁଖ୍ୟାର୍ଥର ବାଚକ ହୁଏ, ତାହା ଉପଚାରିକ । ଏହା ଲକ୍ଷଣା ଯୋଗେ ଲାକ୍ଷଣିକୀ ଓ ଗୌଣୀ । ଅଭିଧେୟ ବ୍ୟତିରେକରେ ଯେ ଅନ୍ୟାନ୍ୟ ବୋଧ ତାହାକୁ ଲକ୍ଷଣା କହନ୍ତି । ଅଭିଧେୟର ସହିତ ସମ୍ବନ୍ଧ ହେତୁ, ସାମୀପ୍ୟ ହେତୁ, ସମବାୟ ହେତୁ, ବୈପରୀତ୍ୟ ହେତୁ ଓ କ୍ରିୟାଯୋଗରେ ଲକ୍ଷଣା ପାଞ୍ଚ ପ୍ରକାର । ଗୁଣମାନଙ୍କର ଅନନ୍ତତା ହେତୁ ଗୌଣୀ ଅନନ୍ତ । ଇଷ୍ଟର ପ୍ରତିଷେଧ ତୁଲ୍ୟ ଅଭିଧାଦ୍ୱାରା କଥନେଚ୍ଛାର ଯେ ବିଶେଷ ତାହାକୁ ଆକ୍ଷେପ କହନ୍ତି । ଶ୍ରୁତିର ଅର୍ଥ ଲଭ୍ୟମାନ ନ ହୋଇ ଯହିଁରୁ ଅର୍ଥ ସଚେତନରୂପେ ପ୍ରତିଭାତ ହୁଏ; ସ୍ୱୟଂ ଶବ୍ଦ ଓ ଅର୍ଥଦ୍ୱାରା ଲବ୍ଧ ହେଲେହେଁ

ଧ୍ୱନିଦ୍ୱାରା ବ୍ୟକ୍ତ ହୁଏ ବୋଲି ତାହାକୁ ଆକ୍ଷେପ ଧ୍ୱନି କହନ୍ତି । ଅଭିବ୍ୟକ୍ତି ବ୍ୟତୀତ ଅନ୍ୟ ସମସ୍ତେ ଗୁଣରୂପେ ସ୍ୱୀକୃତ ହୋଇ ଅଛନ୍ତି ।

## ଦୋଷ

ଉଦ୍‌ବେଗଜନକକୁ ଦୋଷ କହନ୍ତି; ଅର୍ଥ ପ୍ରତୀତିରେ ବାଧା ହେଲେ ଦୋଷ ହୁଏ । ଯେ କାବ୍ୟର ଅପକର୍ଷର ହେତୁ ତାହା ଦୋଷ । ରସର ଅପକର୍ଷର ହେତୁକୁ ଦୋଷ କହନ୍ତି । ପଣ୍ଡିତମାନେ କହନ୍ତି ଯେ ଯେପରି ସୁନ୍ଦର ଶରୀର କୁଷ୍ଠଦୋଷରେ ଦୂଷିତ ହେଲେ ତ୍ୟାଜ୍ୟ, ସେହିପରି ଦୋଷଯୁକ୍ତ କାବ୍ୟ ବର୍ଜ୍ୟ ; "ସ୍ୟାଦପି ସୁନ୍ଦରଂ ବପୁଃ ଶ୍ୱିତ୍ରେଣୈକେନ ଦୁର୍ଭଗମ୍" । ଦୋଷ ପଦ, ପଦାଂଶ, ବାକ୍ୟ, ବାକ୍ୟାର୍ଥ ଓ ରସରେ ଦୃଷ୍ଟ ହୁଏ ।

ପଦଦୋଷ—ଅସାଧୁ ବା ଚ୍ୟୁତସଂସ୍କୃତି—ବ୍ୟାକରଣଗତ ଦୋଷ । ଅପ୍ରଯୁକ୍ତ—ଅଭିଧାନାଦିରେ କଥିତ ହେଲେ ହେଁ କବିଙ୍କ ଦ୍ୱାରା ପ୍ରଯୁକ୍ତ ନୁହେଁ ଯଥା—ଦୁଷ୍ଟ୍ୟବନ ଇନ୍ଦ୍ର । କର୍ପୂର-ସ୍ୱର୍ଣ୍ଣ-ଅପୁଷ୍ଟାର୍ଥ । ତୁଙ୍ଗତାଭିଧେୟ; ଦୁଇ ନ କହି ଯେବେ ଅଷ୍ଟାବକ୍ରାର୍ଦ୍ଧ କୁହାଯାଏ । ଅସମର୍ଥ ଶବ୍ଦଶାସ୍ତ୍ରରେ ଯୋଗ ମାତ୍ରରେ ପ୍ରଯୁକ୍ତ; ଜଳଧର, ଅମ୍ବୁଧର ମେଘ ଅର୍ଥରେ ପ୍ରସିଦ୍ଧ; ଯେବେ ତାହା ସମୁଦ୍ର ଅର୍ଥରେ ପ୍ରଯୁକ୍ତ ହୁଏ । ଅନର୍ଥକ—ପାଦପୂରଣ ନିମନ୍ତେ କେବଳ ପ୍ରଯୁକ୍ତ । ନେୟାର୍ଥ— ସ୍ୱସଙ୍କେତ କଳ୍ପିତାର୍ଥ । ରସ ବିପରୀତ, ରମା ବିପରୀତ, ସର (ଶର) ମାର ଅର୍ଥରେ । ସନ୍ଦିଗ୍ଧ—ଅର୍ଥରେ ସନ୍ଦେହ ଜନ୍ମିଲେ—ମହୀଭୃତ—ରାଜା ଓ ପର୍ବତ ଅର୍ଥରେ ପ୍ରଯୁକ୍ତ, ତାହା ନିର୍ଣ୍ଣୟ କରି ନ ହେବା; ତଥା ଜ୍ୱଳିତ ମୂର୍ତ୍ତି—ଅଗ୍ନି, ଶିବ ଓ ଅର୍କ ଅର୍ଥରେ ପ୍ରଯୁକ୍ତ, କିନ୍ତୁ ଠିକ ନିର୍ଣ୍ଣୟ କରି ନ ହେବା । କ୍ଲିଷ୍ଟ—ବହୁତ ଦୂରରେ ଅର୍ଥବୋଧ; ଯଥା—ମହୀସୁତ ସୁତ ବା ସୁତ ସୁତ ବା ଇତ୍ୟାଦି । ଅପ୍ରଯୋଜକ—ବୃଥା ବିଶେଷଣ ଯୋଗ, ଯେଉଁ ବିଶେଷଣରେ କୌଣସି ପ୍ରୟୋଜନ ନାହିଁ । ପ୍ରଭାର୍ଥ—ଅପ୍ରସିଦ୍ଧ ଅର୍ଥରେ ପ୍ରଯୁକ୍ତ, ଶୋଣିତ ରକ୍ତ ଅର୍ଥରେ ନୋହି ପାଟଳ ବର୍ଣ୍ଣ ବୁଝାଇଲେ । ଅନ୍ୟାର୍ଥ—ରୂଢ଼ିଚ୍ୟୁତ—ବିଭଜନ—ସେବା ଅର୍ଥରେ (ବାଣ୍ଟିବା ଅର୍ଥ ନ ହୋଇ) । ଅପ୍ରତୀତ-କେବଳ ଶାସ୍ତ୍ରରେ ପ୍ରସିଦ୍ଧ, ମନ୍ତ୍ର—ମନ୍ତ୍ରଅସ୍ତ୍ରରେ, ରୂପସ୍କନ୍ଧ ଇତ୍ୟାଦି । ବିରୁଦ୍ଧମତିକୃତ୍—ଅମ୍ବିକାରମଣ, ଶିବ ନ କହି ଅମ୍ବିକାରମଣ କହିଲେ ଅମ୍ବିକାଙ୍କ ଦ୍ୱିତୀୟାନ୍ତର ସୂଚନା, ଅକାର୍ଯ୍ୟ ମିତ୍ର—ସହଜ ବନ୍ଧୁ ନ ବୁଝାଇ ଅକାର୍ଯ୍ୟରେ ମିତ୍ର ବୁଝାଏ । ପରୁଷ ବା ଶ୍ରୁତିକଟୁ ।

## ବାକ୍ୟଦୋଷ

ଶବ୍ଦହୀନ—ପଦଦ୍ୱୟର ଯୋଗରେ ବ୍ୟାକରଣଗତ ଦୋଷ । କ୍ରମଭଙ୍ଗ—ହାତୀ ଘୋଡ଼ା ନ କହି ଘୋଡ଼ା ହାତୀ । ବିସନ୍ଧି—ସନ୍ଧି କରିବା ସ୍ଥାନରେ

ସନ୍ଧି ନ କରିବା ଓ ସନ୍ଧି ନ କରିବା ସ୍ଥାନରେ ସ କରିବା । ପୁନରୁକ୍ତ—ସ୍ପଷ୍ଟ । ସଙ୍କୀର୍ଣ୍ଣ—ପଦମାନଙ୍କ ମଧ୍ୟରେ ବିଭକ୍ତିମାନଙ୍କର ଅସଂଗତି । ସଂକୀର୍ଣ୍ଣ—ଗୋଟିଏ ବାକ୍ୟର ପଦ ଯେବେ ଅନ୍ୟ ବାକ୍ୟର ପଦ ସଙ୍ଗରେ ମିଶେ ଓ ଅର୍ଥରେ ବାଧା ଜନ୍ମାଏ । ଅପଦ—ବିଭିନ୍ନ ପ୍ରକୃତିର ବର୍ଣ୍ଣମାନଙ୍କର ଯୋଗରେ ଜାତ ବା କୋମଳ, କଠୋର ଓ ଗ୍ରାମ୍ୟପଦମାନଙ୍କର ଏକତ୍ର ସମାବେଶ । ବାକ୍ୟ ଗର୍ଭିତ—ଏକ ବାକ୍ୟ ମଧ୍ୟରେ ଅନ୍ୟ ବାକ୍ୟର ସ୍ଥିତିରେ ଅର୍ଥବୋଧରେ ବିଘ୍ନ ଘଟିବା । ଭଗ୍ନଛନ୍ଦ ଓ ଭଗ୍ନଯତି । ଅକ୍ଷମୀର ବା ଅନନ୍ୱୟ—କ୍ରିୟାପଦର ହୀନତା । ଅସ୍ୱୀତ—ରସର ଅନୁରୂପ ଶବ୍ଦବିନ୍ୟାସ ନ ହେବା; କରୁଣ ରସରେ ପରୁଷ ବର୍ଣ୍ଣ ରଚନା । ବିସର୍ଗଲୁପ୍ତ—ଯେଉଁଠାରେ ବିସର୍ଗ ଲୋପ କରି ବିହୃତ ଓକାରର ବ୍ୟବହାର—ଓଡ଼ିଆରେ କେଉଁଠାରେ ବିସର୍ଗ ଲୋପ ଗୁଣ ଯଥା—ମନଯୋଗ (ଏଠାରେ ଓକାର ନ ହୋଇ ଗୁଣ—କାରଣ ପ୍ରସିଦ୍ଧି ହେତୁ ଏହା ସିଦ୍ଧ) । ଅପଦସ୍ଥ ସମାସ—ସମାସ ନ କରିବା ସ୍ଥାନରେ ସମାସ କରିବା । ବାଚ୍ୟବିବର୍ଜିତ—ବକ୍ତବ୍ୟ ଉକ୍ତ ନ ହେଲେ ଏହି ଦୋଷ ହୁଏ । ସମାପ୍ତ ପୁନରାତ୍ତ—ବାକ୍ୟର ସମାପ୍ତି ହେବା ପରେ ପୁଣି ସେହି ବାକ୍ୟରେ ସମ୍ବନ୍ଧ ଥିବା ପଦର ବ୍ୟବହାର । ପତତ୍ପ୍ରକର୍ଷ—ପ୍ରଥମତଃ ଉତ୍କୃଷ୍ଟ କଥା କହି ପରେ ଅପ୍ରକୃଷ୍ଟ କଥନ । ଅଧିକ ପଦ, ନ୍ୟୂନ ପଦ ଓ ପ୍ରକ୍ରମଭଙ୍ଗ ସ୍ପଷ୍ଟ । ଅସ୍ୱୀଭମତ୍—ଶ୍ଳେଷାଦିଗୁଣମାନଙ୍କର ବିପର୍ଯ୍ୟୟ ଦର୍ଶନରେ ଏ ଦୋଷ । ଶ୍ଳେଷର ବିପରୀତ ଶିଥିଳ । ସମତାର ବିଷମ; ସୌକୁମାର୍ଯ୍ୟର କଠୋର—ସ୍ୱତନ୍ତ୍ର ପଦର ଶ୍ରୁତିକଠୁତା ପଦ-ଦୋଷ । ପ୍ରସାଦର ଅପ୍ରସନ୍ନ । (ପ୍ରସିଦ୍ଧ ପଦମାନଙ୍କର ଅପ୍ରୟୋଗରେ ଏ ଦୋଷ) :—ଅର୍ଥବ୍ୟକ୍ତିର ନେୟାର୍ଥ । କାନ୍ତିର ଗ୍ରାମ୍ୟ । ଓଜର ଅସମସ୍ତ । ମାଧୁର୍ଯ୍ୟ—ଅନବ୍ୟୂଢ଼ (ପଦଯୋଜନାର ଅନଟାଦି) । ଉଦାର୍ଯ୍ୟର ଅନଲଙ୍କାର ଓ ଅପୁଷ୍ଟତା ଇତ୍ୟାଦି ।

## ବାକ୍ୟାର୍ଥ ଦୋଷ

ଅପାର୍ଥ—ସମୁଦାୟ ଅର୍ଥଶୂନ୍ୟ । ବ୍ୟର୍ଥ—ପ୍ରୟୋଜନହୀନ ପଦର ବିନ୍ୟାସ । ଏକାର୍ଥ—ଉକ୍ତିରେ ଅଭିନ୍ନାର୍ଥର ପ୍ରୟୋଗ । ସଂଶୟ—ଶବ୍ଦର ଉଭୟାର୍ଥ ହେତୁ ଅର୍ଥ ବିଶେଷ ପ୍ରତୀତିରେ ବାଧା । କ୍ରମଭଙ୍ଗ ବା ଅପକ୍ରମ । ଖିନ୍ନ—ଉପକ୍ରାନ୍ତ ନିର୍ବାହରେ ଅସମର୍ଥ । ଅତିମାତ୍ର—ଅତି ଅଲୌକିକ ଯଥା:—ଗୋପୀଙ୍କ ଅଶ୍ରୁଯୋଗରେ ଯମୁନା ଉଚ୍ଛୁଳିବା । ପରୁଷ—କଠୋର ବ୍ୟବହାର—ନାରୀଙ୍କ କେଶାକର୍ଷଣ କରି ପ୍ରହାର କରିବା । ବିରସ—ଅପ୍ରସ୍ତୁତ ରସ, ପିତୃ ବା ପତିମୃତ୍ୟୁରେ ଦୁଃଖିତା ନାରୀକୁ ସମ୍ଭୋଗ ପ୍ରାର୍ଥନା । କରୁଣ ରସ ଏଠାରେ ପ୍ରସ୍ତୁତ, ତତ୍ ସ୍ଥାନରେ ଶୃଙ୍ଗାରର ଅବସ୍ଥିତି । ଅନବୀକୃତ—ଏକ ଶବ୍ଦର ପୁନଃପୁନଃ କଥନ । ନିର୍ହେତୁ—ହେତୁ ନ ଥାଇ ବିଷୟର କଥନ । ସବିଶ ଅରଣ୍ୟ

ସମାନ, ଏହା ଦେଖି ଶତ୍ରୁମାନେ ବନ୍ଧ୍ୟାଚଳରେ ରହିଲେ । ବନ୍ଧ୍ୟାଚଳରେ ରହିବାର କାରଣ ଉକ୍ତ ହେଲ ନାହିଁ । ଅପୁଷ୍ଟ—ଅପ୍ରଯୋଜକ ପଦଦୋଷ ତୁଲ୍ୟ; ଏହା ମମ୍ମଟ ଓ ବିଶ୍ୱନାଥ ଅର୍ଥାଲଙ୍କାର ରୂପେ ଧରିଛନ୍ତି । ଅଧିକ ପଦରେ ପଦାର୍ଥର ଅନ୍ୱୟବୋଧ ସଙ୍ଗେ ସଙ୍ଗେ ବାଧା ଜଣାଯାଏ । ଏହା ଅନ୍ୱୟବୋଧ ପରେ ଜଣା ହୁଏ । ବ୍ୟାହତ—କୌଣସି ବିଷୟର ଉତ୍କର୍ଷ ବା ଅପକର୍ଷ ପରେ ଅନ୍ୟରୂପେ କହିବା । ଅଶ୍ଳୀଳ ସ୍ପଷ୍ଟ । କଷ୍ଟ—ବହୁ ଚିନ୍ତା ପରେ ଯାହାର ଅର୍ଥବୋଧ ହୁଏ ।

ପ୍ରସିଦ୍ଧବିରୋଧିତା—ପ୍ରସିଦ୍ଧ ବିଷୟର ବିପରୀତ ବା ଅନ୍ୟଥା କଥନ—ଶୂଳପାଣି ହରି । କାମଦେବଙ୍କ ଚକ୍ର, ଅଧରରେ ନଖକ୍ଷତ ଇତ୍ୟାଦି । ସାକାଙ୍କ୍ଷ—ଯାହା ସହିତ ଯାହାର ଆକାଙ୍କ୍ଷା ନାହିଁ ତାହା ସହିତ ତାର ଯୋଗ କରିବା—ଶିବଙ୍କର ଧନୁର୍ଭଙ୍ଗ କ୍ଷମିଯ୍ୟ ଉନ୍ନତ । ସ୍ତ୍ରୀରତ୍ନ କ କ୍ଷମିବ ଭାର୍ଗବ ସମ୍ପ୍ରତି—ସ୍ତ୍ରୀରତ୍ନ ଏଠାରେ ଦୋଷାବହ । ସହଚରଭିନ୍ନତା—ସନ୍ନ୍ୟାସୀ ସଙ୍ଗେ କାମିନୀ । ଖଳ ସଙ୍ଗେ ସାଧୁର ସଂଯୋଗ । ଅସ୍ଥାନଯୁକ୍ତତା—ନିଷ୍ପ୍ରୟୋଜନ ବାକ୍ୟର ଉକ୍ତି ପରେ ବୃଥାରେ କିଛି କହିବା । ଅବିଶେଷରେ ବିଶେଷ—ହୀରକର ନିଧି ସିନ୍ଧୁ—ସାମାନ୍ୟ ରତ୍ନ ସ୍ଥାନରେ ହୀରକର ଉକ୍ତି ଦୋଷାବହ । ବିଶେଷରେ ଅବିଶେଷ—ନୀଳନଗ୍ରୈଳନୀ ଅଭିସାରିକା ରଜନୀରେ ଗମନ କରନ୍ତି—ତମିସ୍ରା ସ୍ଥାନରେ ରଜନୀ । ବିଧି ଅଯୁକ୍ତତା—ବିଧେୟ ସ୍ପଷ୍ଟଭାବରେ ପ୍ରଧାନରୂପେ କଥିତ ନ ହେବା—ଆନନ୍ଦିତ ବା ସପକ୍ଷ ଏହି ବୀର ପରପକ୍ଷ ନାଶ କରିବେ—ଦୋଷାବହ । ପରପକ୍ଷ ନାଶ କରି ସ୍ୱପକ୍ଷ ଆନନ୍ଦିତ କରିବା ହିଁ ବିଧେୟ । ଲୋକବିମୋହହ ଚନ୍ଦ୍ର, ବିରହିପ୍ରାଣହରଣ ମୋତେ ଯନ୍ତ୍ରଣା ଦିଅ ନାହିଁ । ବିରହିପ୍ରାଣହରଣ—ଏହା ବିରହିଣୀର କହିବା ଉଚିତ ନୁହେଁ ।

## ରସ ଦୋଷ

ରସ, ସ୍ଥାୟିଭାବ ଓ ବ୍ୟଭିଚାରୀଙ୍କର ସ୍ୱଶବ୍ଦ—ବାଚ୍ୟତା । ଅନୁଭାବ ଓ ବିଭାବର କଷ୍ଟକଳ୍ପନା—ପ୍ରକରଣାଦିର ବିଚାର କରିବା ପରେ ବହୁତ ବିଳମ୍ବ ଓ କଷ୍ଟରେ ବିଭାବାଦିଙ୍କ କଳ୍ପନା ହେବା । ପ୍ରତିକୂଳ ବିଭାବାଦିର ଗ୍ରହଣ, ଯଥା—ଶାନ୍ତାଦିର ବିଭାବାଦି ଶୃଙ୍ଗାରାଦି ରସରେ ଗ୍ରହଣ । ପୁନର୍ଦୀପ୍ତି—ରସକୁ ବାରମ୍ବାର ଦୀପ୍ତ କରିବା:—କୁମାରସମ୍ଭବରେ ରତିର ବିଳାପ ପ୍ରସଙ୍ଗରେ ମୋହପରାୟଣା ହୋଇ କରୁଣକୁ ଦୀପ୍ତ କରି ପୁଣି "ଅଥ ସା ପୁନରେବ ବିହ୍ୱଳା" ତାକୁ ଦୀପ୍ତ କରିବାରେ ଦୋଷ । ଅକାଣ୍ଡପ୍ରଥନ—ଅସମୟରେ ବିସ୍ତାର କରିବା; ବେଣୀସଂହାର ନାଟକରେ ଅନେକ ବୀରଙ୍କୁ ନାଶ କରିବା ସମୟରେ ରାଣୀ ଭାନୁମତୀଙ୍କ ସହ ଦୁର୍ଯୋଧନଙ୍କ ଶୃଙ୍ଗାର ରସ ବର୍ଣ୍ଣନ । ଅକାଣ୍ଡ ଚ୍ଛେଦ—

ଅସମୟରେ ରସଭଙ୍ଗ ହେବା—ମହାବୀରଚରିତ ନାଟକର ଦ୍ୱିତୀୟ ଅଙ୍କରେ ରାମ ଓ ପର୍ଶୁରାମଙ୍କ ସମାରମ୍ଭ କାଳରେ ବୀରରସର ଅବସରରେ ରାମଙ୍କର "କଙ୍କଣ ମୋଚନ ନିମନ୍ତେ ଯାଉଛି"—ଏହି ଉକ୍ତିରେ ଶୃଙ୍ଗାରରସ ଦ୍ୱାରା ବୀରରସର ଭଙ୍ଗ । ଅଙ୍ଗଭୂତ ରସର ଅତ୍ୟନ୍ତ ବିସ୍ତୃତି—କିରାତାର୍ଜୁନୀୟ ବୀରରସର କାବ୍ୟ—ଅଷ୍ଟମ ସର୍ଗରେ ଅପ୍ସରାଙ୍କ ଶୃଙ୍ଗାରରସର ବିସ୍ତୃତ ବର୍ଣ୍ଣନା ଦୋଷାବହ । ପ୍ରଧାନ ନାୟିକାଙ୍କ ଅନନୁସନ୍ଧାନ—ରତ୍ନାବଳୀରେ କାଞ୍ଚୁକୀୟର ସାଗରିକାଙ୍କୁ ଭୁଲିଯିବା । ପ୍ରକୃତିବିପର୍ଯ୍ୟୟ—ପ୍ରକୃତି ତ୍ରିବିଧଃ—ଦିବ୍ୟ, ଅଦିବ୍ୟ ଓ ଦିବ୍ୟାଦିବ୍ୟ । ଏମାନେ ପୁଣି ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଲଳିତ ଓ ଧୀରପ୍ରଶାନ୍ତ ଭେଦରେ ଚତୁର୍ବିଧ । ପୁନଶ୍ଚ ଏମାନେ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତ୍ରିବିଧ । ଯାହାର ଯେଉଁ ପ୍ରକୃତି ତାକୁ ସେ ରୂପେ ବର୍ଣ୍ଣନ ନ କଲେ ପ୍ରକୃତିବିପର୍ଯ୍ୟୟ ଦୋଷ ହୁଏ । ଧୀରୋଦାତ୍ତ ରାମଙ୍କର ଧୀରୋଦ୍ଧତ ତୁଲ୍ୟ କପଟରେ ବାଳିବଧ । କୁମାରସମ୍ଭବରେ ମାତୃ ପିତୃ ରୂପ ପାର୍ବତୀ ପରମେଶ୍ୱରଙ୍କ ସମ୍ଭୋଗ ବର୍ଣ୍ଣନା । ଅନଙ୍ଗବର୍ଣ୍ଣନା—ରସର ଅନୁପକାରର ବର୍ଣ୍ଣନା । କର୍ପୂରମଞ୍ଜରୀରେ ନାୟିକାଙ୍କ ବସନ୍ତ ବର୍ଣ୍ଣନକୁ ଅନାଦର କରି ବନ୍ଦିବର୍ଣ୍ଣନାର ପ୍ରଶଂସା ।

## ଅଳଂକାର ଦୋଷ

ଉପମାରେ—ନ୍ୟୂନତା, ଅଧିକତା, ଲିଙ୍ଗଭେଦ, ବଚନଭେଦ, କାଳ-ଭେଦ, ପୁରୁଷଭେଦ, ବିଧିଭେଦ, ଅସାଦୃଶ୍ୟ ଓ ଅସମ୍ଭବରେ ଉପମା ଦୋଷ । ଉତ୍ପ୍ରେକ୍ଷା ଦୋଷ—ଯଥା ଯେପରି ଶବ୍ଦମାନଙ୍କ ପ୍ରୟୋଗ । ଉତ୍ପ୍ରେକ୍ଷାମୂଳକ ଅର୍ଥାନ୍ତରନ୍ୟାସ ଦୋଷ ଉତ୍ପ୍ରେକ୍ଷାର ସମର୍ଥନଲାଗି ଅର୍ଥାନ୍ତରନ୍ୟାସର ପ୍ରୟୋଗ ଦୂଷିତ । ଉତ୍ପ୍ରେକ୍ଷାରେ ଅସତ୍‌କଳ୍ପନା ହୁଏ ଏପରି ଉତ୍ପ୍ରେକ୍ଷିତ ଅର୍ଥର ସମର୍ଥନ ଲାଗି ଅର୍ଥାନ୍ତରନ୍ୟାସର ସାହାଯ୍ୟ ଅତ୍ୟନ୍ତ ଅଯୁକ୍ତ; ତେଣୁ ଅନୁଚିତାର୍ଥ ଦୋଷ ହୁଏ । ସମାସୋକ୍ତିରେ ଉପମାବାଚକ ଶବ୍ଦ ଓ ଅପ୍ରସ୍ତୁତ ପ୍ରଶଂସାରେ ଉପମେୟବାଚକ ଶବ୍ଦମାନଙ୍କ ପ୍ରୟୋଗ ଦୋଷାବହ ।

## ପଦଦୋଷର ଗୁଣରୂପେ ଗ୍ରହଣ

ଅସାଧୁତା ବା ଚ୍ୟୁତସଂସ୍କୃତି—ଅନୁକରଣରେ । ଅପ୍ରଯୁକ୍ତ—ଅନୁକରଣରେ । କଷ୍ଟ—(ଦୁର୍ବାଚକାଦି—ଯେ ଚତୁଃଷଷ୍ଟିକଳା ମଧ୍ୟରେ କଳା ବିଶେଷରୂପେ ଗଣିତ ସେ ସବୁର) ଅନୁପ୍ରାସରେ ଗୁଣ । ଅନର୍ଥକ—ଯମକରେ ଦୁରୂଢ଼ଚ୍ୟୁତ ପ୍ରହେଳିକାଦିରେ ଗୁଣ । ଅପୁଷ୍ଟାର୍ଥ ଛନ୍ଦାନୁରୋଧରେ । ଅବାଚକ—ଚତୁଃଷଷ୍ଟୀ କଳାନ୍ତର୍ଗତ ସାଙ୍କେତିକାଦିରେ । ଅପ୍ରତୀତ—ପଣ୍ଡିତଙ୍କ ଆଳାପରେ । କ୍ଲିଷ୍ଟ—ଶୀଘ୍ର ଅର୍ଥବୋଧରେ । ଗୂଢ଼ାର୍ଥ—ବ୍ୟାଖ୍ୟାରେ । ନେୟାର୍ଥ—ପ୍ରହେଳିକାଦିରେ । ସନ୍ଦିଗ୍ଧ—ପ୍ରକରଣାଦିରେ । ବିରୁଦ୍ଧ—

ତଦ୍‌ରୂପ କଥନରେ । ଅପ୍ରଯୋଜକ—ସ୍ୱରୂପମାତ୍ର କଥନରେ । ଦେଶ୍ୟ—ମହାକବି ନିବଦ୍ଧହେତୁ । ଗ୍ରାମ୍ୟ—ଘୃଣାବତ୍, ଅଶ୍ଳୀଳ ଓ ଅମଙ୍ଗଳରୂପେ ତ୍ରିବିଧ; ଘୃଣାବତ୍—ସଂବୀତ ( ଲୋକାନୁମତ, ଲୋକରେ ପ୍ରଚଳନ ) ହେତୁ । ଗୁପ୍ତରେ—(ଭଗିନୀ, ଭଗବତୀ—ଶବ୍ଦମାନଙ୍କ ପ୍ରଥମ ଭାବନା ଗୁପ୍ତ ହେତୁ ) ଅନ୍ୟତ୍ର ଲକ୍ଷିତରୁ, ବାକ୍ୟା-ନ୍ତରରେ ଗୁପ୍ତତାରୁ, ଗୌଣଭାବରେ ଘୃଣାବତ୍ (ନିଷ୍ଠ୍ୟୂତ, ଉଦ୍‌ଗୀର୍ଣ୍ଣ, ବାନ୍ତ ସ୍ୱରୂପମାନଙ୍କରେ କଥିତ ନ ହୋଇ ଗୌଣଭାବରେ, ସୂର୍ଯ୍ୟ, ଅଗ୍ନି ତେଜ ଉଦ୍‌ଗୀରଣ କରନ୍ତି) ଇତ୍ୟାଦି ଗୁଣରୂପେ ବିବେଚିତ ।

## ବାକ୍ୟ-ଦୋଷର ଗୁଣ

ଶବ୍ଦହୀନ— ବିବକ୍ଷାବଶରୁ ସହଜସୁନ୍ଦରତ୍ୱରେ ଗୁଣ । କ୍ରମଭଙ୍ଗ—ସମ୍ବନ୍ଧ ଜ୍ଞାନର ହେତୁ ଥିଲେ ଗୁଣ । ବିସନ୍ଧି—ଦୁର୍ବାଚକ ଓ ସଂସ୍କୃତ ପ୍ରଶସ୍ତ୍ୟରେ ଗୁଣ । ପୁନରୁକ୍ତ —ଅନୁକମ୍ପାଦି ସହିତ ଉକ୍ତିରେ ଗୁଣ । ବ୍ୟାକୀର୍ଣ୍ଣ—ବିଶେଷ ଲକ୍ଷଣରେ ଗୁଣ । ସଂକୀର୍ଣ୍ଣ—ବାକ୍ୟୋବାକ୍ୟରେ ଗୁଣ । ଅପଦ—ଭାଷାଚିତ୍ରରେ ଗୁଣ । ଗର୍ଭିତ ରସାନ୍ତର ତିରସ୍କାରରେ ଗୁଣ । ବାକ୍ୟ ମଧ୍ୟରେ ବାକ୍ୟ ରହିଲେହେଁ ରସ ଅନୁକୂଳ ରସତ୍ୱ'ରୁ ସମର୍ଥିତ ହେଲେ ଦୋଷ ହୁଏ ନାହିଁ । ଭିନ୍ନଲିଙ୍ଗ ଓ ବଚନ—ସଜ୍ଜନମାନଙ୍କର ଉଦ୍‌ବେଗ ନ ହେଲେ ଗୁଣ । ଶବ୍ଦର ପର୍ଯ୍ୟାୟ ଶବ୍ଦ ଅଭାବ ହେତୁ ଉଦ୍‌ବେଗକର ହେବାର କଥା ନୁହେଁ । ହୀନୋପମ—ପ୍ରସିଦ୍ଧ ଶବ୍ଦ ପ୍ରୟୋଗରେ ଦୋଷ ନୁହେଁ । ଅଧିକୋପମ—ଯେଉଁଠାରେ ଅନୁମାନରେ ଉପମେୟର ଅଙ୍ଗ ପ୍ରତୀତ ହୁଏ ସେଠାରେ ଦୋଷ ନୁହେଁ । ଛନ୍ଦୋଭଙ୍ଗ—ଅସ୍ଥାନରେ ଗୁରୁ ହେଲେ ଯଦି ପୁଣି ତତ୍‌ପରେ ଲଘୁ ହୁଏ ତେବେ ଗୁଣ ହୁଏ । ଅଶରୀର—ପ୍ରାଶସ୍ତ୍ୟ ହେତୁ ଦୋଷ ନୁହେଁ, କ୍ରିୟା ଅଛି, ହୁଏ, ଅଟେ ପ୍ରୟୋଗ କରିବାକୁ ହେବ । ଶ୍ଳେଷର ବିପରୀତ ଶିଥିଳ— ବନ୍ଧର ପ୍ରାଶସ୍ତ୍ୟରେ ଗୁଣ । ବିଷମ—ଅର୍ଥାଲଂକାର ବଶରୁ ଗୁଣ । କଠୋର—ବୀରରସାଦିର ଅନୁଗୁଣ ହେତୁ ଦୋଷ ନୁହେଁ । ଅପ୍ରସନ୍ନ ପ୍ରସାଦର ବିପରୀତ —ଚିତ୍ରକାବ୍ୟ ଅର୍ଥାତ୍ ଅଷ୍ଟଦଳକମଳାଦି ବନ୍ଧରେ ଗୁଣ । ନେୟତ୍ୱ (ଅଧ୍ୟାହାର ଗମ୍ୟତ୍ୱ)—ଯଦି ତାହା ଅତି ପ୍ରସିଦ୍ଧ ହୁଏ ତାହା ସହଜରେ ଜଣାଯାଏ । ଗ୍ରାମ୍ୟ—ଗ୍ରାମ୍ୟ ଉକ୍ତିରେ ଦୋଷ —ପଣ୍ଡିତଙ୍କ ଉକ୍ତିରେ ତାହା ଗୁଣତ୍ୱ ପ୍ରାପ୍ତ ହୁଏ । ଓଜର ବିପରୀତ ଅସମସ୍ତ —ପ୍ରୌଢ଼ିବନ୍ଧରେ ଦୀପ୍ତ ହେଲେ ଗୁଣ । ଅନିର୍ବ୍ୟୂଢ଼—ସମସ୍ତ ସ୍ଥିତରେ ଅନିର୍ବାହ ହେଲେହେଁ ଅନ୍ୟ ରସ ଆଶ୍ରୟରେ ଅନ୍ୟ ସ୍ଥିତି ଗ୍ରହଣ କଲେ ଗୁଣ ହୁଏ । ଅନଲଂକାର—ପୂର୍ବାପର ଅନୁସନ୍ଧାନ ପ୍ରୟୋଜନବଶରୁ ଗୁଣ ।

## ବାକ୍ୟାର୍ଥ ଦୋଷର ଗୁଣ—

ଅପାର୍ଥ—ମତ୍ତ, ଉନ୍ମତ୍ତ, ବାଲୋକ୍ତିରେ ଗୁଣ । ଅପ୍ରଯୋଜକ—ପ୍ରୟୋଗବଶରେ ସ୍ଥାନେ ସ୍ଥାନେ ଗୁଣ । ବିଶେଷାନଭିଧାୟକ—ଅବିଶେଷରେ ଉକ୍ତି—ଇସା କ୍ଷେପରେ ଗୁଣ । ଅପକ୍ରମ—ଚିନ୍ତହେତୁ ରାଗ ଉଦ୍ଦୀପନ ପ୍ରକର୍ଷ ପ୍ରକାଶରେ ଗୁଣ ହୁଏ ।

ସନ୍ଦିଗ୍ଧ—ସଂଶୟ ନିମିତ୍ତ ପ୍ରୟୋଗରେ ଏହି ଗୁଣ । କ୍ରମଭଙ୍ଗ—ଚିନ୍ତ ହେତୁରେ ଗୁଣ—(ପ୍ରସିଦ୍ଧ ରୂପ ବିପର୍ଯ୍ୟାସରେ ହେତୁ ବଚନ ଦ୍ୱାରା ପ୍ରକୃତ ବାକ୍ୟ ପରିପୋଷଣ କରିବାହିଁ ଚିନ୍ତ ହେତୁ) । ଖିନ୍ନ—ସୀତାର ଅନିର୍ବାହ; କବିଗୃତୁଣୀ ଦ୍ୱାରା ବର୍ଣ୍ଣନାର ଚମତ୍କାରିତାରେ ଗୁଣ । ଅଭିମାନ ବା ଅତ୍ୟୁକ୍ତି—ବାଗ୍‌ଭିଧାନ (ସୁଖକର ପ୍ରିୟାଲାପ) ଓ ବର୍ଣ୍ଣନାରେ ଗୁଣ, ଏହା ଗୌଡ଼ବାସୀଙ୍କ ପ୍ରିୟ । ପରୁଷ—ବିରୁଦ୍ଧ ଲକ୍ଷଣାଦ୍ୱାରା ଅର୍ଥାନ୍ତରରେ ଲକ୍ଷିତ ହେତୁ ଗୁଣ; ହେ ସଖି ବିଷ ଭକ୍ଷଣ କର, ସେଠାରେ ବିଶ୍ୱାସ କରନା । ମୋ ମତରେ ତୁ ଅଳ୍ପ କାଳରେ ପୋଡ଼ି ହେବୁ ନାହିଁ । ବିରସ—ଅଲୌକିକ ପ୍ରଭାବ ଦେବାଦିଙ୍କ ବର୍ଣ୍ଣନାରେ ବିରୁଦ୍ଧ ରସର ଅବସ୍ଥିତି ହୁଏ । ହୀନୋପମା, ଅଧିକୋପମା—କବିଗୃତୁଣୀରେ ରାଗାତିଶୟ୍ୟ ଦେବ ବା ଦେବଭାବାପନ୍ନଙ୍କ ବର୍ଣ୍ଣନରେ ଗୁଣ । ଅସଦୃଶୋପମା—ବ୍ୟତିରେକ ଉପପାଦକତାରେ ଗୁଣ । ଅପ୍ରସିଦ୍ଧୋପମା— ରସ ଭାବର ଉଦ୍ଦୀପକତ୍ୱରେ ଗୁଣ । ନିରଲଙ୍କାର-ଅର୍ଥର ଊର୍ଜିତ୍ୟରେ ଗୁଣ । ଅସଭ୍ୟ ଅଶ୍ଳୀଳାଦି— କବି ପ୍ରୟୋଗରେ ଗୁଣ । ଦେଶବିରୁଦ୍ଧ—ରାଜା ଓ ଦେବତାଙ୍କ ପ୍ରଭାବରେ କାଳବିରୁଦ୍ଧ—ଅନିଷ୍ଟସୂଚକ ଉତ୍ପାତାଦି ହେତୁ । ଲୋକବିରୁଦ୍ଧ—ଅବସ୍ଥା ବିଶେଷ ହେତୁ, ଦୁଃଖୀ ବା ବିରହୀଙ୍କ ଅବସ୍ଥା ବର୍ଣ୍ଣନା । ଯୁକ୍ତିବିରୋଧ— ଅବସ୍ଥାବିଶେଷରେ କବିଗୃତୁଣୀରେ । ଔଚିତ୍ୟବିରୋଧ—ସମୟ ବିଶେଷ ଯୋଗୁଁ । ବଚନବିରୋଧ—ଅବସ୍ଥା ବିଶେଷ ଯୋଗୁଁ; ଧର୍ମବିରୋଧ— ବିଧିବଶତଃ । ଧର୍ମଶାସ୍ତ୍ରବିରୁଦ୍ଧ—ଉଦ୍ଧତ ପରୁଷବଚନ ବଶତଃ । କାମଶାସ୍ତ୍ର-ବିରୋଧ—ଭୟ ଓ ହର୍ଷରେ ଲୟବୈଷମ୍ୟ ହେତୁ ଗାନ ବିଷୟର ରାଗ ହେତୁରେ ଗୁଣ । ନବୀନ କେତେକ ଆଲଂକାରିକଙ୍କ ମତେ ରୌଦ୍ରାଦି ରସରେ ଦୁଃଶ୍ରବତ୍ୱ ଗୁଣ । ଅଶ୍ଳୀଳ—ସୁରତାରମ୍ଭ, ଗୋଷ୍ଠୀରେ (ସମ୍ଭୋଗାର୍ଥ ସମବେତ ସ୍ତ୍ରୀ ପୁରୁଷଙ୍କ ସମବାୟ) ଗୁଣ । ନିହତାର୍ଥ, ଅପ୍ରଯୁକ୍ତ ପ୍ରଭୃତି ଶ୍ଳେଷ ଯମକାଦିରେ ଗୁଣ । କଥିତପଦତ୍ୱ—ବିହିତ ଅନୁବାଦତ୍ୱ ବିସ୍ମୟ, ବିପଦ, କ୍ରୋଧ, ଦୈନ୍ୟ, ଲାଟାନୁପ୍ରାସ, ପ୍ରସାଦନ, ଅର୍ଥାନ୍ତରସଂକ୍ରମିତବାଚ୍ୟ ଓ ହର୍ଷାଦିରେ ଗୁଣ । ସନ୍ଦିଗ୍ଧ—ବ୍ୟାଜ ସ୍ତୁତିରେ ଗୁଣ । କଷ୍ଟତ୍ୱ ଓ ଦୁଃଶ୍ରବତ୍ୱ —ବୈୟାକରଣାଦିଙ୍କଠାରେ ଗୁଣ । ଗ୍ରାମ୍ୟ—ଅଧମୋକ୍ତିରେ ଗୁଣ ।

ନିର୍ହେତୁ—ଖ୍ୟାତ ଅର୍ଥରେ ଗୁଣ । କବି ସମୟୋକ୍ତିରେ ଖ୍ୟାତ ବିରୁଦ୍ଧତାରେ ଗୁଣ । ଆକାଶ ଓ ପାପରେ ମଳିନତା; କୀର୍ତ୍ତି ଓ ଯଶରେ ଧବଳତା; କ୍ରୋଧ ଓ ରାଗରେ ରକ୍ତିମା; ନଦୀ ଓ ସମୁଦ୍ରରେ ପଦ୍ମ ଓ ଇନ୍ଦୀବର ବିକାଶ; ହ୍ରଦ ସରୋବରରେ ହଂସାଦିପକ୍ଷିସମୂହର ସ୍ଥିତି, ଚକୋରର ଜ୍ୟୋତ୍ସ୍ନାପାନ । ବର୍ଷାଋତୁରେ ହଂସଙ୍କର ମାନସସର ଗମନ, ନାରୀଙ୍କ ପଦାଘାତରେ ଓ ମୁଖମଦ୍ୟରେ ଅଶୋକ ଓ ବକୁଳର କ୍ରମଶଃ ବିକାଶ । ବିରହତାପରେ ଯୁବତୀଙ୍କ ଅଙ୍ଗରେ ହାର ଫୁଟିବା । କନ୍ଦର୍ପଙ୍କ ଧନୁ ଓ ଶର ପୁଷ୍ପ-ନିର୍ମିତ ଓ ଧନୁର ଗୁଣ ଭ୍ରମରମାଳାନିର୍ମିତ । ମଦନବାଣରେ ଓ ସ୍ତ୍ରୀଙ୍କ କଟାକ୍ଷରେ ଯୁବକଙ୍କ ହୃଦୟର ବିଦୀର୍ଣ୍ଣତା । ଦିବସରେ ପଦ୍ମ ଓ ରାତ୍ରିରେ କୁମୁଦର ବିକାଶ । ଶୁକ୍ଳପକ୍ଷରେ ଚନ୍ଦ୍ରକିରଣ; ମେଘଧ୍ୱନିରେ ମୟୂରଙ୍କ ନୃତ୍ୟ; ଅଶୋକର ଫଳଶୂନ୍ୟତା; ବସନ୍ତରେ ଜାତିପୁଷ୍ପର ବିକାଶହୀନତା । ଚନ୍ଦନ ବୃକ୍ଷର ଫଳ ଓ ପୁଷ୍ପର ଶୂନ୍ୟତା । ଏପରି ପ୍ରୟୋଗମାନ କାବ୍ୟାଦିରେ ପରିଦୃଷ୍ଟ ହୁଏ । ପୁନଶ୍ଚ ଧନୁର୍ଜ୍ୟା, ପୁଷ୍ପମାଳା, ମୁକ୍ତାହାର, ଜଘନକାଞ୍ଚି ଓ କରକଙ୍କଣାଦି ପ୍ରୟୋଗ । ଧନୁର୍ଜ୍ୟା—ଧନୁରେ ଗୁଣଦେଇ ଠଣା ହେବା ଅର୍ଥରେ ( ଜ୍ୟା କହି ଧନୁ କହିବା ନିଷ୍ପ୍ରୟୋଜନ ) । ପୁଷ୍ପମାଳା—ଉତ୍କୃଷ୍ଟ ପୁଷ୍ପମାଳା । ମୁକ୍ତାମାଳା—ଅନ୍ୟ ରତ୍ନମିଶ୍ରିତ ନୁହେଁ । ଜଘନକାଞ୍ଚି, କରକଙ୍କଣ—ଉତ୍କୃଷ୍ଟ ଜଘନ ଓ କର ଅର୍ଥରେ ପ୍ରଯୁକ୍ତ । ନ୍ୟୂନପଦତା—ଆନନ୍ଦ ଓ ପ୍ରମତ୍ତତାଦିରେ ଗୁଣ । ଅଧିକପଦତା—କାବ୍ୟରେ ଶୋଭା ଥିଲେ ତାହା ଗୁଣ । ପତିତପ୍ରକର୍ଷତା—ସୁକୁମାର ଅର୍ଥ ଯୋଗରେ ଗୁଣ । ରସ ଓ ବିଭାବାଦିଙ୍କ ସ୍ୱଶବ୍ଦକଥନ ଦୋଷ—ବିଭାବ ଓ ଅନୁଭାବଙ୍କ ଅକଥନରେ କେବଳ ସଞ୍ଚାରୀର ସ୍ୱଶବ୍ଦ କଥନରେ ଗୁଣ । ପ୍ରତିକୂଳ ସଞ୍ଚାରୀ ଆଦିଙ୍କ ବାଧ୍ୟତ୍ୱରେ କଥନ ଗୁଣ । ବିରୁଦ୍ଧ ରସର ସମାବେଶରେ ଦୋଷ—ବିରୁଦ୍ଧ ରସ ସ୍ମରଣରେ ବା ସାଦୃଶ୍ୟ ହେତୁକଥନରେ ଅଙ୍ଗୀ ରସରେ ଅଙ୍ଗ ଭାବରେ ( ଅପ୍ରଧାନ ଭାବରେ ) ସ୍ଥିତ ରସମାନଙ୍କର ବିରୋଧ ହୁଏ ନାହିଁ । ମୁନି ଭରତଙ୍କ ମତରେ କାବ୍ୟଦୋଷ ଦଶବିଧ; ଯଥା—ଗୂଢ଼ାର୍ଥ, ଅର୍ଥାନ୍ତର, ଅର୍ଥହୀନ, ଭିନ୍ନାର୍ଥ, ଏକାର୍ଥ, ଅଭିପ୍ଲୁତାର୍ଥ ( ଅସ୍ପଷ୍ଟାର୍ଥ ), ନ୍ୟାୟରହିତ, ବିଷମ, ବିସନ୍ଧି ଓ ଶବ୍ଦଚ୍ୟୁତ । ଏହି ଦୋଷମାନଙ୍କର ସ୍ୱରୂପ ଜ୍ଞାନରେ ଲେଖକ ଓ କବି ସୁନ୍ଦର ତଥା ଶୁଦ୍ଧ ପ୍ରବନ୍ଧ ଓ କବିତା ଲେଖିବାରେ ସମର୍ଥ ହେବେ ।

## ଅଳଙ୍କାର

ଅଳଙ୍କାର ତ୍ରିବିଧ—ଶବ୍ଦାଶ୍ରିତ, ଅର୍ଥାଶ୍ରିତ ଓ ଶବ୍ଦାର୍ଥ ଉଭୟାଶ୍ରିତ । ଶବ୍ଦ—ଶରୀର, ପ୍ରଥମପ୍ରତିସନ୍ଧେୟ, ଅବଚ୍ଛେଦକ ଓ ବାହ୍ୟ । ଅର୍ଥ—ପଶ୍ଚାତ ଅନୁସନ୍ଧେୟ, ଅବଚ୍ଛେଦ୍ୟ, ଆତ୍ମାତୁଲ୍ୟ ଆଭ୍ୟନ୍ତର ବିଷୟ । ଯେଉଁମାନେ ବ୍ୟୁତ୍ପତ୍ତି ଆଦି ଦ୍ୱାରା ( ବିଶିଷ୍ଟ ଉତ୍ପତ୍ତି—ବ୍ୟୁତ୍ପତ୍ତି, ଲୋପ; ଆଗମ, ବିକାର,

ଗୁରୁ ଓ ଲଘୁ ପ୍ରଭୃତି ସନ୍ନିବେଶାଦି ଯୋଗୁ ) ଶବ୍ଦକୁ ଅଳଙ୍କୃତ କରିବାରେ ସମର୍ଥ ସେମାନଙ୍କୁ ଶବ୍ଦାଳଙ୍କାର କହନ୍ତି । ମୁନିଙ୍କ ମତେ ଯମକ ଏକମାତ୍ର ଶବ୍ଦାଳଙ୍କାର । ଅଗ୍ନିପୁରାଣମତେ ଏହା ନବବିଧ :—ଛାୟା, ମୁଦ୍ରା, ଉକ୍ତି, ଯୁକ୍ତି, ଗୁମ୍ଫନା, ବାକୋବାକ୍ୟ, ଅନୁପ୍ରାସ, ଚିତ୍ର ଓ ଦୁଷ୍କର ( ଦୁର୍ବାଚକ ) । ଭୋଜରାଜାଦିଙ୍କ ମତରେ ଶବ୍ଦାଳଙ୍କାର ଚତୁର୍ବିଂଶତି :—ଜାତି, ଗତି, ରୀତି, ବୃତ୍ତି, ଛାୟା, ମୁଦ୍ରା, ଉକ୍ତି, ଯୁକ୍ତି, ଭଣିତି, ଗୁମ୍ଫନା, ଶଯ୍ୟା, ପଠିତି, ଯମକ, ଶ୍ଳେଷ, ଅନୁପ୍ରାସ, ଚିତ୍ର, ବାକୋବାକ୍ୟ, ପ୍ରହେଳିକା, ଗୂଢ଼, ପ୍ରଶ୍ନୋତ୍ତର, ଅଧ୍ୟେୟ, ଶ୍ରବ୍ୟ, ପ୍ରେକ୍ଷ୍ୟ ଓ ଅଭିନେୟ । ମମ୍ମଟ ଭଟ୍ଟ ଓ ବିଶ୍ୱନାଥ କବିରାଜଙ୍କ ମତରେ ଶବ୍ଦାଳଙ୍କାର ଷଡ୍‌ବିଧ :—ବକ୍ରୋକ୍ତି, ଅନୁପ୍ରାସ, ଯମକ, ଶ୍ଳେଷ, ଚିତ୍ର ଓ ପୁନରୁକ୍ତବଦାଭାସ । ବିଶ୍ୱନାଥଙ୍କ ମତେ ପ୍ରହେଳିକା ଅଳଙ୍କାର ନୁହେଁ, ରସର ପ୍ରତିକୂଳ ହେଲେହେଁ ଉକ୍ତିରେ ବୈଚିତ୍ର୍ୟ ଅଛି । ଜାତି :—ସଂସ୍କୃତ, ପ୍ରାକୃତ ଓ ଅପଭ୍ରଂଶାଦି । ଗତି—ପଦ୍ୟ, ଗଦ୍ୟ ଓ ମିଶ୍ର । ଏମାନଙ୍କ ପାଠସଞ୍ଚାର ଷଡ୍‌ବିଧ—ଦ୍ରୁତ, ମଧ୍ୟ, ବିଲମ୍ବିତ, ଦ୍ରୁତମଧ୍ୟ, ଦ୍ରୁତ ବିଲମ୍ବିତ, ମଧ୍ୟବିଲମ୍ବିତ । ( ପଦ୍ୟାଦି ପ୍ରକୃତିରେ ଗତି ନୁହନ୍ତି; କିନ୍ତୁ ପାଠର ସଞ୍ଚାରହିଁ ଗତି ) । ରୀତି—ବୈଦର୍ଭୀ, ପାଞ୍ଚାଳୀ, ଗୌଡ଼ୀ, ଆବନ୍ତୀ, ଲାଟୀ ଓ ମାଗଧୀ ( ପୂର୍ବେ ସ୍ୱରୂପ କଥିତ ହୋଇଅଛି ) । ବୃତ୍ତି—ଯାହା ଚିତ୍ତକୁ ବିକାଶିତ, ବିକ୍ଷିପ୍ତ, ସଂକୁଚିତ ଓ ବିସ୍ତୃତ କରି ରସରେ ପ୍ରବର୍ତ୍ତାଏ ତାହା ବୃତ୍ତି । ତାହା ଚତୁର୍ବିଧ—କୈଶିକୀ, ଆରଭଟୀ, ଭାରତୀ ଓ ସାତ୍ତ୍ୱତୀ । ଭୋଜଙ୍କ ମତରେ କୈଶିକୀ ବୃତ୍ତିରେ ରଜ ଓ ତମଗୁଣ ବିଲୀନ ହେବା ହେତୁ ସତ୍ତ୍ୱୋଦ୍ରେକ ପ୍ରକାଶାନନ୍ଦମୟ ସଂବିତ୍‌ର ବିଶ୍ରାମ ହେତୁ ଶୃଙ୍ଗାର ତଥା ହାସ୍ୟ ରସ ପ୍ରବର୍ତ୍ତେ । କେବଳ ସତ୍ତ୍ୱଗୁଣର ପ୍ରତିଷ୍ଠା ହେତୁ ଶୃଙ୍ଗାର ହାସ୍ୟ ଶୃଙ୍ଗାରାଭାସାଦି ପ୍ରଭୃତିର ପ୍ରସର ହୁଏ । ବିନାଶ ନ ହୋଇ ଅନ୍ୟ କୌଣସି ଗୁଣର ପ୍ରାଦୁର୍ଭାବ (ଆତିଶଯ୍ୟ ନ ହେବା ହେତୁ ଚିତ୍ତ ବିକ୍ଷିପ୍ତ ହୁଏ; ତହିଁରେ ଉଚିତ ବିଭାବାଦି ବୈଚିତ୍ର୍ୟରୁ ଆବିର୍ଭୂତ ରଜୋଗୁଣମୟ ଚିତ୍ତରୁ ବିକ୍ଷେପ ତଥା ପ୍ରଚ୍ୟୁତିଦଶାରେ ରୌଦ୍ର ଓ କରୁଣ ରସର ଉନ୍ମେଷ ହୁଏ । ସତ୍ତ୍ୱ ଓ ରଜଗୁଣ ବିଲୀନ ହୋଇଥିବା ଓ ତମୋମୟ ଚିତ୍ତରୁ ସଙ୍କୋଚମୟ ଅବସ୍ଥା ଜନ୍ମେ; ତହିଁ ବୀଭତ୍ସ ଓ ଭୟାନକ ଜାତ ହୁଏ । ସତ୍ତ୍ୱ ଓ ତମଗୁଣ ବିଲୀନ ହୋଇ ହୃଦୟରେ କେବଳ ରଜଗୁଣ ପ୍ରତିଷ୍ଠିତ ହେଲେ ବହିର୍ମୁଖ ବ୍ୟାପାରର ଉନ୍ମେଷରୁ ଚିତ୍ତ ବିସ୍ତାରାଖ୍ୟ ଅବସ୍ଥା ପ୍ରାପ୍ତ ହୁଏ, ତହିଁ ବୀର ଓ ଅଦ୍ଭୁତ ରସ ଜାତ ହୁଏ । ବିଶ୍ୱନାଥ ଓ ଭୋଜଙ୍କ ମତେ ଶୃଙ୍ଗାର ହାସ୍ୟରେ କୈଶିକୀ; ବୀର ଓ ଅଦ୍ଭୁତରେ ସାତ୍ତ୍ୱତୀ; ରୌଦ୍ର ଓ କରୁଣରେ ଆରଭଟୀ; ବୀଭତ୍ସ ଓ ଭୟାନକରେ ଭାରତୀ । ଭରତ ସୂତ୍ରରେ କରୁଣ ବୀଭତ୍ସରେ ଭାରତୀ, ରୌଦ୍ର ଭୟାନକରେ ଆରଭଟୀ ରୂପେ ମୁଦ୍ରିତ ଅଛି । ବୋଧ ହୁଏ ମୁଦ୍ରଣ ପ୍ରମାଦକ । ପୂର୍ବେ ରସବିଚାର ପ୍ରସଙ୍ଗରେ କଥିତ ହୋଇଅଛି ଯେ,

ହୃଦୟର ବିକ୍ଷୋଭରେ ରୌଦ୍ର ଓ କରୁଣ, ହୃଦୟର ବିକ୍ଷେପରେ ବୀଭତ୍ସ ଓ ଭୟାନକ । ଏଠାରେ ଭୋଜରାଜ ଓ ବିଶ୍ୱନାଥ ବିକ୍ଷୋଭ ସ୍ଥାନରେ ବିକ୍ଷେପ ଓ ବିକ୍ଷେପ ସ୍ଥାନରେ ସଂକୋଚ ଗ୍ରହଣ କରିଅଛନ୍ତି । ଏଣୁ ଉକ୍ତଦ୍ୱୟରେ ବୈଷମ୍ୟ ପରିଦୃଷ୍ଟ ହେଲା ।

## ଛାୟା

ଅନ୍ୟ ଉକ୍ତିର ଅନୁକରଣକୁ ଛାୟା କହନ୍ତି । ତାହା ଲୋକ, ଛେକ (ପଣ୍ଡିତ), ଅର୍ଭକ (ଶିଶୁ),ଉନ୍ମତ୍ତ, ପୋଟା (ନୀଚଯୁବତୀ) ଓ ମତ୍ତଙ୍କ ଉକ୍ତିଭେଦରେ ଷଡ଼୍‌ବିଧ । ଲୋକୋକ୍ତିଛାୟା—ଆଖି ବୁଜି ଦେଇ ଚାରିମାସ ରହିଯାଅ । ଛେକୋକ୍ତିରେ—'ଯେ କାନ୍ତାମୁଖଲାବଣ୍ୟରେ ମୁଗ୍ଧ ନୁହେଁ ସେ ନର-ପଶୁ । ଅର୍ଭକୋକ୍ତି—ସେ ଗୋଟାଏ କଣ ଅଦ୍ଭୁତ ସ୍ୱର୍ଗବୃକ୍ଷ, ଯାହାର ପୁଷ୍ପ ଚନ୍ଦ୍ର । ମାତ୍ର ସେ ବୃକ୍ଷଗଣ ଉପରି, ଯାହାର ଫଳ ମୁକ୍ତାଫଳ । ଉନ୍ମତ୍ତୋକ୍ତି—ଦେଖୁଛ କି ସେ ସୁନ୍ଦରୀକୁ, କଣ କରୁଅଛନ୍ତି, ସେ ଆମ କଥା କଣ ପଚାରୁଛନ୍ତି, ସେ ଆମ କଥା ଜଣାଇଲେ ଶୁଣୁଅଛନ୍ତି । ତାଙ୍କ କଥାରେ କଣ । କହ ବା ନ କହ ତେବେ ଶୀଘ୍ର ସେହି ଅଭିମାନୀ ଏଠାକୁ ନିଶ୍ଚୟ ଆସିବେ କି (ଏହା ପ୍ରମତ୍ତର ଉକ୍ତି) । ପୋଟାର ଉକ୍ତି—ଲଳିକ ମୁଁ ସହିବାରେ ଅସମର୍ଥା, ଚନ୍ଦନରେ ମୋର ଅତିସାର ଦୋଷ ଘଟୁଛି, କୁଙ୍କୁମରାଗ ମୋର ଦୁର୍ବଳତା ଜନ୍ମାଉଛି । ମତ୍ତୋକ୍ତି—ପି ପି ପ୍ରିୟ ସ ସ ସ୍ୱୟଂ ସୁ ସୁ ସୁଖ ମଦିରା ମତେ ଦିଅ ଇତ୍ୟାଦି ।

## ମୁଦ୍ରା

ବାକ୍ୟରେ ସ୍ୱ ଅଭିପ୍ରାୟଯୁକ୍ତ ଉକ୍ତିର ଯୋଜନା—ଯାହା କି ସ୍ୱତଃ ଆନନ୍ଦ ପ୍ରଦାନ କରେ, ତାହା ପଦ, ବାକ୍ୟ, ବିଭକ୍ତି, ବଚନ, ସମୁଚ୍ଚୟ ଓ ସଂବୃତ୍ତି ଭେଦରେ ଷଡ଼୍‌ବିଧ । ଯଥା—ପଦମୁଦ୍ରା:—ଚନ୍ଦ୍ର, ତାହା ମୁଖର ଦାସ, କାମଧନୁ ଭ୍ରୂଯୁଗ୍ମ ସଦୃଶ ଇତ୍ୟାଦି । ବିଭକ୍ତିରେ:—ତାର ବୁଦ୍ଧିରୂପ କାମଧେନୁ ଲକ୍ଷ୍ମୀ ପ୍ରଦାନ କଲା, ବିପଦ ଦୂର କଲା, କୀର୍ତ୍ତି ପ୍ରସବ କଲା, ମଳିନତା ଦୂର କଲା ଇତ୍ୟାଦି ଏହା ସଂସ୍କୃତରେ ପ୍ରଯୁଜ୍ୟ ) । ବଚନମୁଦ୍ରା—ଦେବୀ ବସୁମତୀ ତୁମ୍ଭଙ୍କୁ ଜାତ କରିଅଛନ୍ତି । ପ୍ରଜାପତି ସମ ରାଜା ଜନକ ତୁମ୍ଭର ପିତା; ହେ କଲ୍ୟାଣି, ଯେଉଁ କୁଳରେ ସୂର୍ଯ୍ୟ ଓ ଆମ୍ଭେ ଗୁରୁ ସେହି କୁଳର ରାଜାମାନଙ୍କର ତୁମ୍ଭେ ବଧୂ । ସମୁଚ୍ଚୟ ମୁଦ୍ରା:—ଯାହା ପୂର୍ବେ ଭ୍ରୂକୁଟିରେ ପ୍ରଣୟୀ ଥିଲା ସେହି ତୁମ୍ଭର ଏହି ମୁଖଚନ୍ଦ୍ର ଜାତ ହେଲା । ସଂବୃତ୍ତି ମୁଦ୍ରା—ଅନାର୍ଯ୍ୟ ବିଷ୍ଣୁଙ୍କ ଦ୍ୱାରା ପ୍ରସେନଙ୍କର ସେହି ମଣିରତ୍ନ ଆଜ ଯେଉଁ ଯୋଗରେ ଲବ୍ଧ ହେଲା ତାହାର କୀର୍ତ୍ତନରେ

ଆପଣମାନଙ୍କର କି ପ୍ରୟୋଜନ । ଏଠାରେ "ପାପୀଙ୍କ କଥା ମଧ୍ୟ କିଣ୍ଟସ୍ଥ ଅମଙ୍ଗଳକର" ତେଣୁ ଆପଣଙ୍କ କୀର୍ତ୍ତିନରେ କଣ ସ୍ୱାଭିପ୍ରାୟ ଗୋପନ ହେତୁ ଏହା ସଂବୃତ୍ତ ମୁଦ୍ରା ।

## ଉକ୍ତି

ବିଧି ବା ନିଷେଧଦ୍ୱାରା ବିଶିଷ୍ଟ ଅର୍ଥ ବୋଧ ହେଲେ ଉକ୍ତ ହୁଏ । ବିଧି:— ଗୁରୁଙ୍କ ସେବା କରିବୁ ଓ ସପତ୍ନୀଙ୍କୁ ଭଲ ପାଇବୁ । ନିଷେଧ—ସ୍ୱାମୀଙ୍କ ଦ୍ୱାରା ଲାଞ୍ଛିତ ହେଲେହେଁ କ୍ରୋଧରେ ପ୍ରତିକୂଳ ଆଚରଣ କରିବୁ ନାହିଁ । ଅଧିକାର— ଅନୁଚାରିଣୀଙ୍କଠାରେ ଅନୁରାଗିଣୀ ହେବୁ, ସମ୍ପଦରେ ଗର୍ବ କରିବୁ ନାହିଁ ଏହି- ପରି ଯୁବତୀମାନେ ଗୃହିଣୀ ହୁଅନ୍ତି । ପ୍ରତିକୂଳାଚାରିଣୀ କୁଳର ଦୁଃଖପ୍ରଦା । ବିକଳ୍ପ:—ନେତା ଜଣେ, କ୍ଷତ୍ରିୟ ବା ଦ୍ୱିଜ ହେଉ । ବିଦ୍ୟା ଏକ ଅଧ୍ୟାତ୍ମ ବା ବେଦ ହେଉ, ଭାର୍ଯ୍ୟା ଜଣେ ସତ୍‌ବଂଶଜାତା ବା ପ୍ରିୟା ହେଉ । ମିତ୍ର ଜଣେ ରାଜା ହେଉ ବା ଯତି ହେଉ । ନିୟମ ବିବାଦ ହିଁ ଅର୍ଥହୀନ, ଏହି ପାର୍ଥହିଁ ଧନୁର୍ଦ୍ଧର, ଯେ କେବଳ ଆତ୍ମୀୟଙ୍କ ଦ୍ୱାରା ନୁହେଁ, ଶତ୍ରୁଙ୍କ ଦ୍ୱାରା ପୂଜିତ । ଅଟନ୍ତି । ଅଯୋଗ, ଅନ୍ୟଯୋଗ, ଅତ୍ୟନ୍ତ ଯୋଗ ଲକ୍ଷଣ ରୂପ ତ୍ରିପ୍ରକାର ନିୟମ । ପରିସଂଖ୍ୟୋକ୍ତି—କାଠିନ୍ୟ ସ୍ତନରେ ଏହାର, ତେଣୁ ଏ ପ୍ରୀତିପ୍ରଦା ।

## ଯୁକ୍ତି

ଯୋଜନା ନ ହେବା ପରସ୍ପର ଶବ୍ଦର ବା ଅର୍ଥର ପୁନଃ ଯୋଜନାକୁ ଯୁକ୍ତି କହନ୍ତି:—ପଦ, ପଦାର୍ଥ, ବାକ୍ୟ, ବାକ୍ୟାର୍ଥ ପ୍ରବନ୍ଧ ଓ ପ୍ରକରଣରେ ଏହା ଷଡ଼୍‌ବିଧ—ପଦ:—ଯୋଗରୂଢ଼ି, ହେତୁ, ପର୍ଯ୍ୟାୟ, ଅଙ୍ଗାଙ୍ଗିଭାବ ଓ ପରମ୍ପରାରେ ନିର୍ମିତ:—ପୂର୍ବ ଦିଗରେ ଜମ୍ବୁଦ୍ୱୀପଶିରସିନ୍ଦୂର (ଇନ୍ଦ୍ରଙ୍କ ହସ୍ତୀଙ୍କ ସିନ୍ଦୂର ) ଶୋଭିବୁ ଜିଣୁଛି ଓ ପଶ୍ଚିମ ଦିଗରେ ହୟାଙ୍ଗନାସ୍ୟ ହୁତଭୁକ୍ ( ବଡ଼ବାର ମୁଖଅଗ୍ନି ) ଜ୍ୟୋତିକୁ ତିରସ୍କାର କରୁଛି ଏପରି ଯେ ସୂର୍ଯ୍ୟଙ୍କ ତେଜ ତୁମ୍ଭମାନଙ୍କୁ ରକ୍ଷା କରନ୍ତୁ ଇତ୍ୟାଦି । ଗର୍ଭ, ନିଗର୍ଭ ଓ ସମୁଚ୍ଚୟାଦି ଯୋଜନାର କାରଣ ହେଲେ ବାକ୍ୟଯୁକ୍ତି । ବିରୁଦ୍ଧ ଜାତି ଗୁଣ କ୍ରିୟା ଓ ଦ୍ରବ୍ୟାଦି ଯୋଜନାରେ ପଦାର୍ଥଯୁକ୍ତି । କ୍ରିୟାସମୁଚ୍ଚୟ, କ୍ରିୟା‧ଅଭ୍ୟାସ, କ୍ରିୟାସମଭିବ୍ୟା- ହାର, ଯଥା ତଥା ବା ଯେ ସେ ଯୋଗରେ ବାକ୍ୟାର୍ଥଯୁକ୍ତି । ଅଣ୍ଡଜେୟ ପର୍ବତାଦି ବର୍ଣ୍ଣନ ଯୁକ୍ତିରେ ପ୍ରକରଣ ବିଷୟଯୁକ୍ତି । ପ୍ରବନ୍ଧବ୍ୟାପୀ ବସ୍ତୁର ଉପପତ୍ତି ହେତୁ ପ୍ରବନ୍ଧଯୁକ୍ତି । ( ଭୋଜ ଦେଖ ) ।

## ଭଣିତ

ଉକ୍ତିର ଭଙ୍ଗୀକୁ ଭଣିତ କହନ୍ତି । ତାହା ସମ୍ଭବ, ଅସମ୍ଭବ, ନିଷେଧ, ସଂବୃତ, ଆଶ୍ଚର୍ଯ୍ୟ ଓ କଳନା ଭେଦରେ ଷଡ଼୍‌ବିଧ । ସମ୍ଭବ—କେତକୀପୁଷ୍ପର ଗର୍ଭସ୍ଥିତ ଦଳ ଜଳରୂପେ ବିଗଳିତ ସ୍ରୋତ ସହିତ ଜ୍ୟୋତ୍ସ୍ନାର ସାଦୃଶ୍ୟ ହେଲେ । ଅସମ୍ଭବ—ମୃଣାଳଦ୍ୱାରା ଜ୍ୟୋତ୍ସ୍ନାପାନ, ମୃଣାଳତନ୍ତୁରେ ବସ୍ତ୍ର ନିର୍ମାଣ । ନିଷେଧ—ରେବତୀ-ଦଶନୋଚ୍ଛିଷ୍ଟ ନୟନଦ୍ୱାରା ମଦମତ୍ତ ବଳଦେବ ତୁମ୍ଭଙ୍କୁ ରକ୍ଷା କରନ୍ତୁ ( ଉଚ୍ଛିଷ୍ଟ ଓ ମଦ୍ୟପାନ—ଅପବିତ୍ର—କିନ୍ତୁ ପବିତ୍ର ହେବା )। ସଂବୃତଭଣିତ:—ସେ ନାରୀ ଭୂଷଣର ଭୂଷଣ । ଉପମାନର ଉପମାନ । ଆଶ୍ଚର୍ଯ୍ୟ—ଜ୍ୟୋତିରୁ ତମ,ଜଳରୁ ଅଗ୍ନି ଜାତ ହେବା । କଳନା:—ସହସ୍ର ଚକ୍ଷୁରେ ଦୃଶ୍ୟ, ଦଶସହସ୍ର ମନରେ ଚିନ୍ତନୀୟ ସେହି ରୂପ ବଡ଼ ପ୍ରୀତିପଦ ।

## ଗୁମ୍ଫନା

ବାକ୍ୟରେ ଶବ୍ଦ ଓ ଅର୍ଥର ଆନୁପୂର୍ବ୍ୟରେ ରଚନା ଅର୍ଥାତ୍ ଅର୍ଥ ଅନୁରୂପ ଶବ୍ଦର ଯୋଜନା ବା କ୍ରମ ସମନ୍ୱିତ ହୋଇ ଶବ୍ଦାର୍ଥର ରଚନାବିଧିର ନାମ ଗୁମ୍ଫନା । ଶବ୍ଦ, ଅର୍ଥ, କ୍ରମ, ପର୍ଯ୍ୟାୟ, ପଦ ଓ ବାକ୍ୟର ରଚନାରେ ଏହା ଷଡ଼୍‌ବିଧ । ଶବ୍ଦ—ନିରର୍ଥକ ଶ୍ଳୋକପାଦ ଅର୍ଥାନୁରୂପ ବାକ୍ୟରେ ରଚିତ ହେଲେ, ଯଥା—ରାମଙ୍କ ଅଭିଷେକରେ ମଦବିହ୍ୱଳା ତରୁଣୀ ହସ୍ତରୁ ଚ୍ୟୁତ ହୋଇ ସ୍ୱର୍ଣ୍ଣଘଟ ସୋପାନରେ ପତିତ ହୋଇ ଠଂଠଂଠ, ଠଠଠଡ, ଠଂଠ, ଠଠଂଠ ପ୍ରଭୃତି ଶବ୍ଦ କଲା । ଅର୍ଥ:—ଆକାଶ ଅର୍ଥରେ ଦକ୍‌କାଳାମ୍ବି ତୁଳ୍ୟ ବିଭୂତି ଯାହାଙ୍କର, ସୂର୍ଯ୍ୟ—ଯେ ଆକାଶରେ ପ୍ରକାଶମାନ । ଯେଉଁ ଆକାଶରେ ଯାହାଙ୍କ କିରଣ ଅମୃତତ୍ୱ ପ୍ରାପ୍ତ ହୁଏ—ଚନ୍ଦ୍ର । ଯେ ଏମାନଙ୍କ ରାଶିରୁ ଜାତ—ଜଳରାଶିରୁ ଜାତ—ସେମାନଙ୍କର ପିତୃ-ବନ୍ଧୁ-ଇତ୍ୟାଦି । କ୍ରମ:—ନୀଳପଦ୍ମର ଦଳପ୍ରାନ୍ତ ( କର୍ଣ୍ଣଭୂଷଣ ) ସଦୃଶ ନୟନଦ୍ୱୟର ଦୈର୍ଘ୍ୟ । ସ୍ତନାଭୋଗ—ଇଭ କୁମ୍ଭକୁ ପରାଜୟ କରୁଛି । ଭ୍ରୂବିଳାସ କାମଧନୁର ବିଭ୍ରମକୁ ଅନୁକରଣ କରୁଛି । ଯାହାର ମୁଖଶୋଭା ଚନ୍ଦ୍ରଶୋଭାକୁ ଦୂଷିତ କରୁଛି । ଅର୍ଥାନୁରୂପ ରଚନାରୁ କୌଣସି ବିଷୟର ପର୍ଯ୍ୟାୟରେ ପର୍ଯ୍ୟାୟ ରଚନା—ଶୁକ ସଙ୍ଗରେ ସଂଳାପ କରିବାରେ ଅଭ୍ୟସ୍ତା ଯେ ଶୁକୀ ସେ ଶୁକର ପ୍ରଳାପକୁ ଜାଣେ, କୋକିଳବାଣୀ ଛାଡ଼, ମୁଁ ତ ଧୂର୍ତ୍ତ ଶୁକୀ ନୁହେଁ ( ରେ ପୁରୁଷ, ମିଠାକଥା ଛାଡ଼, ମୁଁ ସେଥିରେ ଭୁଲିବା ଜନ୍ତୁ ନୁହେଁ )। ପଦକୃତ—ଅନେକ ଅପୁଷ୍ଟାର୍ଥ ପଦମାନଙ୍କର ଅନୁପ୍ରାସ ଓ ଛନ୍ଦପୂରଣ ନିମନ୍ତେ ଅର୍ଥାନୁଗୁଣରେ ରଚିତ ହେବୁ ପଦରଚନା ( ଭୋଜ ଦେଖ )। ବାକ୍ୟକୃତ—ଜ୍ୟେଷ୍ଠରେ ପତି ଶ୍ୱଶୁରତା, ଅନୁଜରେ ପତି ଦେବରତା ଓ ପାଞ୍ଚାଳୀଙ୍କ ଅନ୍ୟ ତିନିଙ୍କଠାରେ

ବିତୟ ବିଜୟ ବୃଦ୍ଧି ହୁଏ । ବହୁତ ଅର୍ଥର ଅଳ୍ପ ଶବ୍ଦରେ କଥନ ବ୍ୟୁତ୍କ୍ରମରେ ମଧ ଗ୍ରନ୍ଥଲାଘବ ନିମନ୍ତେ ବାକ୍ୟାର୍ଥ ରଚିତ ହେଲା ।

## ଶଯ୍ୟା

ପଦାର୍ଥମାନଙ୍କର ପରସ୍ପର ଯୋଜନାରେ ଶଯ୍ୟା ହୁଏ । କୌଣସି ଏକ ବିଷୟ ମନେ ରଖି ସେହି ବିଷୟର ପ୍ରବନ୍ଧ ରଚନାରେ ପ୍ରକୃତ ବିଷୟର ମଝିରେ ମଝିରେ ଅଧିକତର ଯୋଜନାକୁ ଶଯ୍ୟା କହନ୍ତି । ପ୍ରକ୍ରାନ୍ତ, ଅପକ୍ରାନ୍ତ, ଅତିକ୍ରାନ୍ତ, ପଦ, ବାକ୍ୟ, ପ୍ରକୀର୍ଣ୍ଣ ଭେଦରେ ଷଡ୍‌ବିଧ । ପ୍ରକ୍ରାନ୍ତ—ଏହା ତଥା ଏପରି ପ୍ରତିଜ୍ଞା କରି କଷ୍ଟରେ ଉମାଙ୍କୁ ବିଦାୟ ଦେଇ ସ୍ମରରିପୁ ସପ୍ତଜ୍ୟୋତିର୍ମୟ ଋଷିଙ୍କୁ ସ୍ମରଣ କଲେ । ସପ୍ତର୍ଷିଙ୍କ ଆଗମନ ପ୍ରକ୍ରାନ୍ତ ହେଲା । ଅପକ୍ରାନ୍ତ—ଏହି ପ୍ରସଙ୍ଗରେ ପୁରାତନ ଇତିହାସ କଥିତ ଅଛି, ନିଷାଦ ଓ ସମ୍ବରଣ ଋଷିଙ୍କ ସମ୍ବାଦ ମଧ୍ୟ କଥିତ । ଅତୀତ ନିଷାଦ ସମ୍ବାଦ ହେତୁ ଅପକ୍ରାନ୍ତ । ଅତିକ୍ରାନ୍ତ—ଅତୀତ ସମୟର ହେଲେହେଁ ସ୍ପୃଷ୍ଟ ଟିତ ନୂତନ ମୁକୁଳୋଦ୍‌ଗମ ହେବା କଦମ୍ବବନ-ସମୂହ ତାଙ୍କର ଚମତ୍କାରପ୍ରଦ ହେଲା । ସ୍ମୃତିଦ୍ୱାରା ରାମଙ୍କ ଯୋଜନା । ପଦଘଟନା—ଯାହାର ମୁଖ ଛିନ୍ନ ହୋଇ ହଠାତ୍ ବହ୍ନିରେ ପତିତ ହେବା ଦ୍ୱାରା ହରଙ୍କ ଦ୍ୱାରା 'ସ୍ୱ' ଓ 'ହା' କହିବାରେ ସ୍ୱାହା ହେଲା, ସେହି ଏ ରାବଣ । ସ୍ୱ ଓ ହା ପଦର ଯୋଜନାରେ ସ୍ୱାହା ହେଲା । ବାକ୍ୟଘଟନା—ରେ ହଂସ, ମୋର କାନ୍ତାକୁ ପ୍ରଦାନ କର, ତୁମ୍ଭେ ଏହାର ଗତି ହରଣ କରିଛ, ଏକ ଦେଶର ନିର୍ଦ୍ଦେଶରୁ ଆଉ ଯାହା ଦେୟ ତାହା ଯୋଗାଉଛି । ପ୍ରକୀର୍ଣ୍ଣ—ଏକ ଚକ୍ଷୁରେ ଶ୍ରାବଣ, ଅନ୍ୟରେ ଭାଦ୍ର, ମହୀତଳ ଶଯ୍ୟାରେ ମାଧବ ( ବସନ୍ତ ), ଗଣ୍ଡସ୍ଥଳେ ଶରତ୍, ଅଙ୍ଗରେ ଗ୍ରୀଷ୍ମ, ହେମନ୍ତରେ ସୁଖଶଯ୍ୟା ତିଳବନରେ, ମୁଗ୍ଧାର ମୁଖପଦ୍ମ ସରୋବରରେ ଶିଶିର ବାସ କରିଛି ।

## ପଠିତ

ଏକ ଅର୍ଥରେ ପ୍ରବୃତ୍ତ ଉଚ୍ଚାରଣ ଅନ୍ୟ ଅର୍ଥରେ ପ୍ରବର୍ତ୍ତିଲେ ପଠିତ ହୁଏ । କାକୁ, ସ୍ୱର, ପଦଚ୍ଛେଦ, ଅଭିନୟ ଓ କାନ୍ତି ଭେଦରେ ଏହା ଷଡ୍‌ବିଧ । ଭିନ୍ନ କଣ୍ଠଧ୍ୱନିରେ କାକୁ ହୁଏ । ତାହା ବିଧି ଓ ନିଷେଧ ରୂପେ ଦ୍ୱିବିଧ ।

ଯଦି ମୋହର ଦୂତୀ ପ୍ରିୟବତୀ । ମୁହିଁ ତାହାର ତେବେ ପ୍ରିୟା ଅତି ।
ହେତ ପ୍ରିୟ ଯଦି ବାକ୍ୟ ତାହାର । ତାହାର ବିନା ମୁହିଁ ପ୍ରିୟାବର ।

ପ୍ରଥମ ଉଚ୍ଚାରଣରେ ବିଧି, ପର ଉଚ୍ଚାରଣରେ ନିଷେଧ । ଶଠ ନାୟକଗତ କୃତ୍ରିମ ପ୍ରୀତି ହେତୁ ମୁଁ ପ୍ରିୟା ନୁହେଁ । ସ୍ୱର ଭେଦାଦିରେ ମଧ୍ୟ ପଠିତ

ଏହିପରି । କେତେକ ପଣ୍ଡିତଙ୍କୁ ଅନ୍ୟରୂପେ ଗ୍ରହଣ କରନ୍ତି । ସେ ମତରେ ପୂର୍ବୋକ୍ତ ପାଠର ପଦ, ପାଦ, ଶ୍ଳୋକାର୍ଦ୍ଧ ଭାଷାଦିର ଅନ୍ୟଥା କରଣରେ ପଠିତ ହୁଏ ।

"ସ୍ୱର୍ଗେ ବସନ୍ତି ଯେ ତ୍ୟାଗଶୀଳ ଜନ । ନରକେ ଗମନ୍ତି ଜନ ତ୍ୟାଗହୀନ ।
ତ୍ୟାଗୀରେ ନାହିଁ ତ କଷ୍ଟ ଦୁଷ୍କର । ତ୍ୟାଗ କରେ ସର୍ବ ବ୍ୟସନ ଦୂର ।"

ଯଦି ଚତୁର୍ଥ ପାଦକୁ ପ୍ରଥମ ପାଦ କରି ଅନ୍ୟ ତିନି ପାଦ ବଦଳାଯାଏ, ତ୍ୟାଗର ପ୍ରଶଂସା ନ ହୋଇ ନିନ୍ଦା ହେବ । ଯଥା:—

"ସର୍ବ ବ୍ୟସନ କରେ ତ୍ୟାଗ ଦୂର । ମିଥ୍ୟା ରୂପେ ଏହି ପ୍ରଣୀତ ସଂସାର ।
ପର୍ଯ୍ୟାଲୋଚନା କରି ଏବେ ତ୍ୟାଗ । ମୋର ହେଉ ସର୍ବ ବ୍ୟସନ ଯୋଗ ।"

ଏହିପରି ପ୍ରକୃତି, ବିଭକ୍ତି, ପାଦ, ପାଦାର୍ଦ୍ଧ ଓ ଭାଷାର ଅନ୍ୟଥାକରଣରେ ପଠିତ ହୁଏ । ଭୋଜରାଜଙ୍କ ସରସ୍ୱତୀକଣ୍ଠାଭରଣ ଦେଖ ।

## ଯମକ

ନିରର୍ଥକ ବା ଭିନ୍ନ ଭିନ୍ନ ଅର୍ଥଯୁକ୍ତ ସାର୍ଥକ ସ୍ୱର ବ୍ୟଞ୍ଜନ ସଂହତିର ପୂର୍ବକ୍ରମ ଅନୁଯାୟୀ ଆବୃତ୍ତିକୁ ଯମକ କହନ୍ତି । ଯମକରେ ଯେଉଁ ସ୍ୱର ବ୍ୟଞ୍ଜନ ସମୁଦାୟ ରୂପ ପଦର ଦୁଇ ବା ତତୋଽଧିକବାର ପୂର୍ବକ୍ରମ ଅନୁସାରେ ଆବୃତ୍ତି ହୁଏ, ସେହି ପଦ କେଉଁ ସ୍ଥଳରେ ନିରର୍ଥକ ବା କେଉଁ ସ୍ଥଳରେ ସାର୍ଥକ ହୁଏ । ପୁନଶ୍ଚ କେଉଁଠି ପ୍ରଥମ ଗୃହପଦ ସାର୍ଥକ ଓ ତାହାର ଆବୃତ୍ତ ପଦ ନିରର୍ଥକ; କେଉଁଠାରେ ଉଭୟ ନିରର୍ଥକ ଓ କେଉଁଠି ଉଭୟ ସାର୍ଥକ । ତିନିହେଁ ଲକ୍ଷଣରେ କୁହାଗଲା, ସାର୍ଥକ ହେଲେହେଁ ଭିନ୍ନ ଭିନ୍ନ ଅର୍ଥଯୁକ୍ତ ହେବା ଉଚିତ । କାରଣ ଯେଉଁଠି ଦୁଇଟି ଯାକ ଗୋଟିଏ ଅର୍ଥଯୁକ୍ତ ପଦ ହୁଅନ୍ତି, ସେଠାରେ ଲାଟାନୁପ୍ରାସ ହୁଏ । ବର୍ଣ୍ଣାନୁପ୍ରାସରେ କେବଳ ବ୍ୟଞ୍ଜନର ଆବୃତ୍ତି ହୁଏ; କିନ୍ତୁ ଯମକରେ ସ୍ୱର ଓ ବ୍ୟଞ୍ଜନ ଉଭୟଙ୍କର ଆବୃତ୍ତି ହୁଏ । ଲାଟାନୁପ୍ରାସ ଓ ବର୍ଣ୍ଣାନୁପ୍ରାସରୁ ଯମକ ପୃଥକ୍ । ଯମକ, ଶ୍ଳେଷ ଓ ଚିତ୍ର ଅଳଙ୍କାରମାନଙ୍କରେ ଡ, ର ଓ ଲଙ୍କ ମଧ୍ୟରେ ଅଭେଦ ବୁଝିବାକୁ ହେବ । ଭରତଙ୍କ ମତରେ ଶବ୍ଦର ଅଭ୍ୟାସରେ ଯମକ ହୁଏ । ତାହା ଦଶବିଧ—ପାଦାନ୍ତ, କାଞ୍ଚୀ, ସମୁଦ୍ଗ, ବିକ୍ରାନ୍ତ, ଚକ୍ରବାଳ, ସଂଦଷ୍ଟ, ପଦାଦି ଯମକ, ଆମ୍ରେଡ଼ିତ, ଚତୁର୍ବ୍ୟବସିତ ଓ ମାଳା ଯମକ । ଅଗ୍ନିପୁରାଣରେ ଭରତଙ୍କ ମତ ସ୍ୱୀକୃତ । ପାଦାନ୍ତ ଯମକ—ଚତୁଷ୍ପାଦବିଶିଷ୍ଟ ପ୍ରତ୍ୟେକ ପାଦର ଅନ୍ତରେ ସମାନ ବର୍ଣ୍ଣବିଶିଷ୍ଟ ପଦ ଥିଲେ; ଅର୍ଥାତ୍ ପ୍ରଥମ ପାଦର ଅନ୍ତରେ ଥିବା ପଦ ଅନ୍ୟ ପାଦମାନଙ୍କରେ ଆବୃତ୍ତ ହେଲେ ଏହି ଯମକ ହୁଏ । କାଞ୍ଚୀ—ପାଦର ଆଦିରେ ଓ ଅନ୍ତରେ ସମାନ ବର୍ଣ୍ଣବିଶିଷ୍ଟ ପଦ ଥିଲେ ଏହି ଯମକ ହୁଏ; ଏହାକୁ ଆଧୁନିକ ଆଳଙ୍କାରିକମାନେ ଆଦ୍ୟପ୍ରାନ୍ତ ଯମକ କହନ୍ତି । ଆଧୁନିକଙ୍କ

କାଞ୍ଚୀ ଯମକ ଅନ୍ୟପ୍ରକାର, ତାହା ପରେ ପ୍ରଦତ୍ତ ହେବ । ସମୁଦ୍‌ଗ—ପଦର ଅର୍ଦ୍ଧ ଯେବେ ଅବୃତ୍ତ ହୁଏ ଅର୍ଥାତ୍‌ ଦ୍ୱିପାଦବଶିଷ୍ଟ ପଦରେ ଯେବେ ପ୍ରଥମ ପାଦ ଦ୍ୱିତୀୟ ପାଦରେ ଓ ଚତୁଷ୍ପାଦବଶିଷ୍ଟ ପଦରେ ପ୍ରଥମ ପାଦ ଓ ଦ୍ୱିତୀୟ ପାଦ ତୃତୀୟ ଓ ଚତୁର୍ଥ ପାଦରେ ଆବୃତ୍ତ ହୁଏ । ବକ୍ରାନ୍ତ ଯମକ—ଗୋଟିଏ ଗୋଟିଏ ପାଦର ତ୍ୟାଗରେ ଦୁଇଟି ପାଦ ସଦୃଶ ହେଲେ ଏହି ଯମକ ହୁଏ । ଚକ୍ରବାଳ—ପୂର୍ବ ପାଦର "ଅନ୍ତ"ର ସହିତ ପର ପାଦର "ଆଦ୍ୟ" ସମ ହେଲେ ଏହି ଯମକ ହୁଏ—ଏହା ଶୃଙ୍ଖଳା । ସନ୍ଦଷ୍ଟ—ଦ୍ୱିତୀୟ ପାଦ ଚତୁର୍ଥ ପାଦରେ ଆବୃତ୍ତ ହେଲେ ଏହି ଯମକ ହୁଏ । ପାଦାଦ୍ୟ ଯମକ—ପ୍ରଥମ ପାଦର ଆଦ୍ୟରେ ଥିବା ବର୍ଣ୍ଣ ସହିତ ଯଦି ଅନ୍ୟ ତିନିପାଦର ଆଦ୍ୟରେ ଆବୃତ୍ତ ହୁଏ । ଆମ୍ରେଡ଼ିତ—ପ୍ରତ୍ୟେକ ପାଦର ଶେଷରେ ଅକ୍ଷର ସଂହତିର ଆବୃତ୍ତିରେ ଏହି ଯମକ—ଏହା ପ୍ରାନ୍ତ ଯମକ । ଚତୁର୍ବ୍ୟବସିତ—ଚତୁଷ୍ପାଦବଶିଷ୍ଟ ପଦରେ ପ୍ରଥମ ପାଦ ଆଉ ତିନ ପାଦରେ ଆବୃତ୍ତ ହେବା । ଏହା ସଂସ୍କୃତରେ ମହାଯମକ ଓ ଓଡ଼ିଆରେ ସର୍ବଯମକ । ମାଳା ଯମକ—ନାନାରୂପ ସ୍ୱରରେ ଯୁକ୍ତ ହୋଇ ଗୋଟିଏ ବ୍ୟଞ୍ଜନ ପୁନଃପୁନଃ ଆବୃତ୍ତ ହେଲେ ଏହି ଯମକ ହୁଏ । ଉପେନ୍ଦ୍ର ମାଳ ଯମକକୁ ଅନ୍ୟ ପ୍ରକାରରେ କହନ୍ତି । ଯମକ ପ୍ରଧାନତଃ ପାଦାବୃତ୍ତି ଓ ଭାଗାବୃତ୍ତିରେ ଦ୍ୱିବିଧ । ଭରତଙ୍କ ମତରେ ପାଦାବୃତ୍ତି ଓ ଭାଗାବୃତ୍ତିରେ ଯମକ ଦଶବିଧ । ତାଙ୍କ ପରବର୍ତ୍ତୀ ଅଳଙ୍କାରିକଙ୍କ ମଧ୍ୟରୁ କେତେକଙ୍କ ମତରେ ଯମକ କେବଳ ପାଦର ଆବୃତ୍ତିରେ ଦଶବିଧ । ତାହା ମୁଖ, ସଂଦଂଶ, ଆବୃତ୍ତି, ଗର୍ଭ, ସଂଦଷ୍ଟକ, ପୁଚ୍ଛ, ପଂକ୍ତି, ଯୁଗ୍ମକ, ପରିବୃତ୍ତି ଓ ସମୁଦ୍‌ଗକ । ପ୍ରଥମ ପାଦର ଦ୍ୱିତୀୟ ପାଦରେ ଆବୃତ୍ତିକୁ ମୁଖ, ପ୍ରଥମ ପାଦର ତୃତୀୟ ପାଦରେ ଆବୃତ୍ତି ସଂଦଂଶ । ପ୍ରଥମ ପାଦର ଚତୁର୍ଥ ପାଦରେ ଆବୃତ୍ତିକୁ ଆବୃତ୍ତି । ଦ୍ୱିତୀୟ ପାଦରେ ତୃତୀୟ ପାଦର ଆବୃତ୍ତିକୁ ଗର୍ଭ, ଦ୍ୱିତୀୟରେ ଚତୁର୍ଥ ପାଦର ଆବୃତ୍ତିକୁ ସଂଦଷ୍ଟକ; ତୃତୀୟର ଚତୁର୍ଥରେ ଆବୃତ୍ତିକୁ ପୁଚ୍ଛ । ପ୍ରଥମର ଚତୁର୍ଥରେ ଓ ଦ୍ୱିତୀୟର ତୃତୀୟରେ ଆବୃତ୍ତିକୁ ପରିବୃତ୍ତି । ପ୍ରଥମ ପାଦର ଦ୍ୱିତୀୟ ପାଦରେ ଓ ତୃତୀୟର ଚତୁର୍ଥରେ ଆବୃତ୍ତିକୁ ଯୁଗ୍ମକ । ପ୍ରଥମ ପାଦର ଅନ୍ୟ ତିନ ପାଦରେ ଆବୃତ୍ତିକୁ ପଂକ୍ତି । ପ୍ରଥମ ଓ ଦ୍ୱିତୀୟ ଏହି ପାଦର ତୃତୀୟ ଓ ଚତୁର୍ଥ ଏହି ଦୁଇ ପାଦରେ ଆବୃତ୍ତିକୁ ସମୁଦ୍‌ଗକ କହନ୍ତି । ପୁନଶ୍ଚ ପାଦର ଅର୍ଦ୍ଧଭାଗ; ଅର୍ଥାତ୍‌ ପଦର ଆଠ ଅଂଶରେ ଆବୃତ୍ତି ହେଲେ କୋଡ଼ିଏ ଗୋଟି ଭେଦ ହୁଏ । ପାଦର ପ୍ରଥମ ଅର୍ଦ୍ଧର ସହିତ ପ୍ରଥମ ଅର୍ଦ୍ଧର ଆବୃତ୍ତିରେ ଦଶ । ପର ଅର୍ଦ୍ଧର ( ଅନ୍ତ ଅର୍ଦ୍ଧ ) ସହିତ ପର ଅର୍ଦ୍ଧର ଆବୃତ୍ତିରେ ଦଶ । ପୂର୍ବପର ପାଦର ପାଦ ସହିତ ଆବୃତ୍ତି ଦଶ, ଏରୂପ ମୋଟରେ ତିରିଶ ଭେଦ ହୁଏ । ପୁଣି ପାଦକୁ ତିନଭାଗ, ଅର୍ଥାତ୍‌ ପାଦକୁ ବାରଭାଗ କଲେ ପୂର୍ବପର ପ୍ରଥମ, ମଧ୍ୟ ଓ ଅନ୍ତ ଭେଦରେ ତିନ୍‌ ପାଦର ଆବୃତ୍ତିରେ ଦଶ ଏରୂପ ମୋଟରେ ଚାଳିଶ ଭେଦ

ହୁଏ । ପୁନଶ୍ଚ ଯମକର ନାନା ପ୍ରକାରରେ ଭେଦ ହୁଏ । ପ୍ରଥମତଃ ଯମକ ଅବ୍ୟପେତ ( ଲଗି ଲଗି ହୋଇ ), ବ୍ୟପେତ ( ଛାଡ଼ି ଛାଡ଼ି ରହି ) ଭେଦରେ ଦ୍ୱିବିଧ । ସ୍ଥାନ, ଅସ୍ଥାନ ଓ ପାଦଭେଦରେ ତାହା ଅନେକବିଧ । ପାଦମଧ୍ୟରେ ଆଦି, ମଧ୍ୟ ଓ ଅନ୍ତ କ୍ରମରେ ରହିଲେ ତାହା ସ୍ଥାନଯମକ । ଏହା ନ ହୋଇ ସନ୍ଧିବଶତଃ ଅନ୍ୟାନ୍ୟ ପଦମାନେ ରହିଲେ ଅସ୍ଥାନ ଯମକ ହୁଏ । ଅସ୍ଥାନ ଯମକ ପୁଣି ସ୍ଥୂଳ ଓ ସୂକ୍ଷ୍ମ ଭେଦରେ ଦ୍ୱିବିଧ । ବହୁବର୍ଣ୍ଣର ଆବୃତ୍ତିରେ ସ୍ଥୂଳ ଓ ଅଳ୍ପ ବର୍ଣ୍ଣର ଆବୃତ୍ତିରେ ସୂକ୍ଷ୍ମ ହୁଏ । ଅସ୍ଥାନ ଯମକ ମଧ୍ୟ ସ୍ଥାନ ଯମକ ପରି ବ୍ୟପେତ ଓ ଅବ୍ୟପେତ । ଚାରିପାଦ ବିଶିଷ୍ଟ ପଦରେ ପ୍ରତ୍ୟେକ ପାଦରେ ଅବ୍ୟପେତ ଆଦି, ଅନ୍ତ, ମଧ୍ୟ, ଆଦିମଧ୍ୟ, ଆଦିଅନ୍ତ, ମଧ୍ୟାନ୍ତ ଓ ଆଦିମଧ୍ୟାନ୍ତ ଯମକ ହୁଏ ତିନିଗୋଟି, ଦୁଇଗୋଟି ଓ ଗୋଟିଏ ପାଦରେ ମଧ୍ୟ ସେହିପରି ଯମକମାନ ହୁଏ । ଯେଉଁ ପଦମାନ ଦୁଇପାଦ ବା ଚାରିପାଦରୁ ଅଧିକ ପାଦବିଶିଷ୍ଟ (ଓଡ଼ିଆରେ ବିଶେଷ ଦେଖାଯାଏ) ସେମାନଙ୍କର ମଧ୍ୟ ସେହିପରି ଯମକମାନ ହୁଏ । ଅବ୍ୟପେତ ଯମକରେ ଗୋଟିଏ ପାଦରେ ଆବୃତ୍ତି ହୁଏ, ତେଣୁ ଏକ ପାଦର ଶବ୍ଦ ଅନ୍ୟ ପାଦରେ ଆବୃତ୍ତି ହୁଏ ନାହିଁ । ଆବୃତ୍ତିର ଆଧିକ୍ୟରେ ଅବ୍ୟପେତ ଯମକରେ ଆଦି, ମଧ୍ୟ ଓ ଅନ୍ତ ହେତୁ ନିବିଧ ଯମକ ହୁଏ । ବ୍ୟପେତ ଯମକରେ ମଧ୍ୟ ଅବ୍ୟପେତ ତୁଲ୍ୟ ଭେଦମାନ ପରିଦୃଷ୍ଟ ହୁଏ; ଅର୍ଥାତ୍ ପଦର ଚାରି ପାଦରେ, ତିନି ପାଦରେ, ଦୁଇ ପାଦରେ ଓ ଏକ ପାଦରେ ଆଦି ମଧ୍ୟାଦି ସପ୍ତ ପ୍ରକାର ଭେଦରେ ଯମକମାନ ହୁଏ । ଏହା ସ୍ଥୂଳ ଓ ସୂକ୍ଷ୍ମରୂପେ ପାଦରେ, ପାଦ ସନ୍ଧିରେ, ସ୍ୱଭେଦରେ ଓ ଅନ୍ୟ ଭେଦାଦିରେ ପରିଦୃଷ୍ଟ ହୁଏ । ଚତୁଷ୍ପାଦ ଏକାକାର ହେଲେ ମହାଯମକ ହୁଏ —ଏହା ସଂସ୍କୃତ ଆଳଙ୍କାରିକମାନେ କହନ୍ତି । ଭରତ ଏହାକୁ ଚତୁର୍ବ୍ୟବସିତ କହନ୍ତି । ଓଡ଼ିଆରେ ଏହାକୁ ସର୍ବଯମକ କହନ୍ତି । କାଞ୍ଚୀଯମକ—ଭୋଜରାଜ ପ୍ରଭୃତିଙ୍କ ମତେ ଏଥିରେ ପାଦର ଶେଷ ଶବ୍ଦ ପର ପାଦର ଆଦ୍ୟରେ ଆବୃତ୍ତି ହୁଏ । ଏହାକୁ ଭରତ ଚକ୍ରବାଳ କହନ୍ତି । ଓଡ଼ିଆରେ ଏହା ଶୃଙ୍ଖଳା ନାମରେ ଖ୍ୟାତ । ଭରତଙ୍କ ମତେ କାଞ୍ଚୀଯମକ ଅନ୍ୟ ପ୍ରକାର । ତାହା ଆଧୁନିକ ଆଦ୍ୟନ୍ତ ଯମକ ଅଟେ । ଶ୍ରୀ ଦଣ୍ଡ୍ୟାଚାର୍ଯ୍ୟଙ୍କ ମତେ ସନ୍ଦଷ୍ଟ ପୂର୍ବପାଦର ଶେଷ ପରପାଦର ଆଦ୍ୟରେ ଆବୃତ୍ତି ହୁଏ । ସମୁଦ୍ଗକ ତିନି ପ୍ରକାର—ପ୍ରଥମ ତୃତୀୟ ସହିତ ଦ୍ୱିତୀୟ ଚତୁର୍ଥ; ପ୍ରଥମ ସହିତ ଦ୍ୱିତୀୟ; ତୃତୀୟ ସହିତ ଚତୁର୍ଥ; ପ୍ରଥମ ସହିତ ଚତୁର୍ଥ, ଦ୍ୱିତୀୟ ସହିତ ତୃତୀୟ ସମାନ ହେଲେ ।

ଓଡ଼ିଆ ସାହିତ୍ୟରୁ କେତେକ ଯମକର ଉଦାହରଣ ପ୍ରଦତ୍ତ ହେଲା । ଯଥା:—ଏକାକ୍ଷର ଯମକ, ଦ୍ୱିବର୍ଣ୍ଣାଦି ଯମକ , ଦ୍ୱିକ୍ଷାଦ୍ୟ ଯମକ, ଦ୍ୟୁରୁକ୍ତି ଯମକ, ଯୁଗ୍ମ ଯମକ, ଅନୁଚ୍ଛନ୍ଦ ଯମକ, ସମପାଦ ଯମକ, ଧ୍ୱନ ଯମକ, ଆଦିଯମକ,

ମଧ୍ୟ ଯମକ, ଆଦ୍ୟନ୍ତ ଯମକ, ଆଦି ମଧ୍ୟ ଯମକ, ମଧ୍ୟଅନ୍ତ ଯମକ, ମାଳ ଯମକ, ନିୟମ ଯମକ, ଶୃଙ୍ଖଳା, ଯମକପ୍ରାନ୍ତ ଶୃଙ୍ଖଳା, ସିଂହାବଲୋକନ, ଚକ୍ରସିଂହା-ବଲୋକନ' ମଣ୍ଡୁକପ୍ଲୁତଶୃଙ୍ଖଳା, ଗଙ୍ଗାସ୍ରୋତାଧିକାର ଶୃଙ୍ଖଳା ଇତ୍ୟାଦି ।

## ଏକାକ୍ଷରାଦ୍ୟ ଯମକ

( ବି: ଚି: ୩୬।୭ )—ଝିଲ୍ଲ ମୁଖ ନଳିନ, ଝସ ମୁଖ ନୟନ, ଝସକେତନ ଶର ଘର—ଇତ୍ୟାଦି । ଏହାକୁ ଅନୁପ୍ରାସ ଓ ଚିତ୍ର ଅଳଙ୍କାରରେ ନ ନେଇ ଯମକରେ କି ନିମନ୍ତେ ଗ୍ରହଣ କରାଯିବ । ଯମକର ଅର୍ଥ ଗୋଟିଏ ନୁହେଁ, ଦୁଇଟି, ଜାଆଁଳା, ଜାଆଁଳାରୁ ଗୋଟିଏ ଇତ୍ୟାଦି । ଭରତ ମାଳା ଯମକର ଲକ୍ଷଣ ଉଦାହରଣ ଦେଇଅଛନ୍ତି । ସେ କହନ୍ତି ଯେ ଗୋଟିଏ ବ୍ୟଞ୍ଜନ ନାନାରୂପ ସ୍ୱରରେ ଯୁକ୍ତ ହୋଇ ମାଳାଯମକ ହୁଏ । ଉଦାହରଣରେ ଦେଇଅଛନ୍ତି:—ହଲୀ ବଲୀ ଲଲୀ ମାଲୀ ଶୂଲୀ ଆଲୀ ଲଲୀ ଜଲୀ । ବଲୋ ବଲୋଚ୍ଚଲୋଲ୍ଲକ୍ଷ୍ୟୋ ମୁସଲୀ ତ୍ୱଭିରକ୍ଷତୁ । ଏଠାରେ କାମୋଦୀ ରାଗରେ ଏ ପଦ "ଝଲୀ ମୁଖ ଇତ୍ୟାଦି" ବନ୍ଧା ହୋଇଅଛି । ଏହାର ଯତିପାତ ୨।୨।୯, ୪।୪।୯;୭,୯,୯—ଯତି ପ୍ରତ୍ୟେକ ଭାଗର ଶେଷ ଅକ୍ଷରରେ ପଡ଼େ । ଏଥିରେ ପ୍ରତ୍ୟେକ ଭାଗର ପ୍ରଥମ ଅକ୍ଷର ଅନ୍ୟ ଭାଗମାନଙ୍କର ପ୍ରଥମ ବା ଆଦ୍ୟରେ ଆବୃତ୍ତ ହୋଇଅଛି । ବର୍ଣ୍ଣାନୁପ୍ରାସରେ କେବଳ ବ୍ୟଞ୍ଜନର ଆବୃତ୍ତି ହୁଏ, ଯମକରେ ସ୍ୱର ବ୍ୟଞ୍ଜନ ଉଭୟଙ୍କର—ଏଠାରେ ଉକ୍ତ ନିୟମର ବ୍ୟତିକ୍ରମ ହୋଇଛି । ଦ୍ୱିବର୍ଣ୍ଣାଦ୍ୟ ଯମକ—ପ୍ରତ୍ୟେକ ଭାଗର ଆଦ୍ୟ ଅକ୍ଷରମାନ ଆବୃତ୍ତ ହେଲେ ଏହି ଯମକ ହୁଏ—ଗଗନାଦି ତ୍ରିଲୋକ, ସୁମୁଖ ସୃଷ୍ଟିଯାକ, ଛି ଛି କରୁଛି ମନେ ଭାବି । ଇତ୍ୟାଦି ବି: ଚି: ୩୬।୭ । ଦ୍ୱନ୍ଦ୍ୱାଦ୍ୟଯମକ—ପୂର୍ବବତ୍ ପ୍ରତ୍ୟେକ ଭାଗର ଆଦ୍ୟରେ ଗୋଟିଏ ଶବ୍ଦ ଆବୃତ୍ତ ହେଲେ—ଆବୃତ୍ତ ଶବ୍ଦଟି ନିରର୍ଥକ ଓ ସାର୍ଥକ ହୋଇ ପାରେ । କିନ୍ତୁ ଯୋଡ଼ି ଯୋଡ଼ି ପରି ଜଣାଯାଏ—ବରବରନା ଅଶ୍ରୁ ଦିଶେ ଦିଶେ ଦିଶୁଛି ମାର ମାରଣା ମାରୁଅଛି । ୩୬।୯ । ଏହା ଅବ୍ୟପେତ । ଦ୍ୱିରୁକ୍ତ ଯମକ—ଶବ୍ଦମାନେ ପ୍ରତ୍ୟେକ ଭାଗର ଶେଷରେ ଆବୃତ୍ତ ହେଲେ ଏହି ଯମକ ହୁଏ । ସ୍ୱେଦରେ ଗମ ଗମ, ବଦନ ତମ ତମ, ଦିଶଇ ସୀତ ଆନ ଆନ । ବି: ଚି: ୩୬।୧୦ । ଏଥିରେ ଦୁଇଟି ଶବ୍ଦ ସାର୍ଥକ ଓ ଏହା ଅବ୍ୟପେତ । ଯୁଗ୍ମ ଯମକ—ପ୍ରତ୍ୟେକ ଭାଗର ଶେଷରେ ଦ୍ୱିବର୍ଣ୍ଣବିଶିଷ୍ଟ ନିରର୍ଥକ ବା ସାର୍ଥକ ଶବ୍ଦର ଦ୍ୱିତ୍ୱରେ ଏହି ଯମକ ହୁଏ । ସୁଜଳା କରଙ୍କର ହାସ ସୁଧାର ଧାର ହରେ ଜୀବ କାତରତର ଇତ୍ୟାଦି ବି: ଚି: ୩୬ । ୧୧ । ଅନୁଚ୍ଛନ୍ଦ ଯମକ—ଶବ୍ଦମାନେ ଯେବେ ସ୍ୱ ଅବୟବସ୍ଥ ପରବର୍ତ୍ତୀ ବର୍ଣ୍ଣମାନଙ୍କରେ

ଘଟିତ ପଦମାନଙ୍କ ସନ୍ଧି ଛନ୍ଦାଛନ୍ଦି ହୋଇ ରହନ୍ତି, ତେବେ ଏହି ଯମକ ହୁଏ । ରମଣୀମଣି ସରସ ରସ ସାର ସାରଙ୍ଗ ରଙ୍ଗବର ଧନ । ବ: ଚ: ୩୬ । ୧୨ । ସମଗ୍ର ଯମକ—ଯମକ (କେବଳ) ଦୁଇ ବା ତତୋଽଧିକ ବର୍ଣ୍ଣ-ସଂହତି ପଦରେ ପୁନଃପୁନଃ ବହୁଶଃ ଆବୃତ୍ତି ହେଲେ ଏହି ଯମକ ହୁଏ । ବାରଣଗତି ସାର, ଚରଣେ ସଦା ମୋର, ଶରଣରକ୍ଷଣୀ ବୋଲାଅ । ମାରଣ କଟେ ମାର, କାରଣ ନାହିଁ ମୋର, ତାରଣ ଧନୀ ମୋର ହୁଅ ରେ ଇତ୍ୟାଦି ପଦରେ ରଣ ବାରଥର ଆବୃତ୍ତି ବ: ଚ: ୩୬ । ୧୪ । ସମଗ୍ର ଯମକ—ପଦ ମଧ୍ୟରେ ସର୍ବତ୍ର ବର୍ଣ୍ଣଦ୍ୱୟର ସଂହତିମାନ ବହୁଶଃ ଆବୃତ୍ତିରେ ଏହି ଯମକ ହୁଏ । ଏହା ସ୍ଥାନ ଓ ଅସ୍ଥାନ ଯମକ ଅଟେ । କୁନ୍ଦର କୋରକର, ସୁନ୍ଦର ସୁରଦର, ହୃଦର ହରଷର ସର । ଭଙ୍ଗୀର ପରସ୍ପର, ସଙ୍ଗୀ ରଚିର ବର, ଯୋଗୀର ଧୀର ପୁର ଖେର ଇତ୍ୟାଦି । ଏଠାରେ ଦର, ସନ୍ଧି ଗିର ପ୍ରଭୃତିର ପୁନଃ ପୁନଃ ଆବୃତ୍ତି ହେତୁ ଏହା ସମଗ୍ର ଯମକ । ଧ୍ୱନି ଯମକ—କେତେକ ବର୍ଣ୍ଣସଂହତି ବା ପଦର ପୁନଃପୁନଃ ଆବୃତ୍ତିରେ ଉଚ୍ଚାରିତ ଧ୍ୱନିର ସମତା ପ୍ରତୀତ ହୁଏ ଓ କର୍ଣ୍ଣପ୍ରୀତିକର ହୁଏ । ସର ସର ସରତ ରସ ରସ ରସତ ରାଜ ରାଜିବ ତୋଷେ ଇତ୍ୟାଦି । ୩୬ । ୧୯ ବ: ଚ: ।

ଆଦ୍ୟ ଯମକ—ଏହା ପାଦର ବା ପାଦଭାଗର ଆଦ୍ୟରେ ରହେ । ଅବ୍ୟପେତ, ବ୍ୟପେତ ଭେଦରେ ଦ୍ୱିବିଧ । ବଳସି ବଳସି ବନେ ପକ୍ଷିବାସେ ଯାଇଁ । ବଦିତ ଆଦ୍ୟ ଯମକ ପିଶିତ ଗୁଚ୍ଛେ ତହିଁ । ବଳ ବଳ ପୁଷ୍ପ ଧାମେ ଆହାର ନେଉଛେ । ଚଳେ ବଳ ଶୋଭନୀ ତାହାର ନିବାରଟେ ବୈ: ବ: ୧୯—୩୫।୩୬ । ଏଠାରେ ପ୍ରଥମ ପାଦଦ୍ୱୟରେ ଅବ୍ୟପେତ । ଦ୍ୱିତୀୟ ପଦ ଦ୍ୱୟରେ ଅବ୍ୟପେତ ଓ ବ୍ୟପେତ ବା ବିରାଜ ବିରାଜ ଅଛନ୍ତି ମୀନ ଭକ୍ଷଣ ପାଇଁ । ରାଜିବ ରାଜିବନଯ଼ୂନା ଏଥି ଖେଳା କରଇ—ଅବ୍ୟପେତ । ସଲିଳେ ଉଦ୍ରୂପ ଦେଖ ରେ ହୋଇଅଛି ଶୋଭନ । ସଲିଳେ ଉଦ୍ରୂପ ବଦନୀ ଖେଳବାକୁ ମୋ ମନ—ବ୍ୟପେତ । ଲ: ୬—୧୯।୨୦ ଓ ପ୍ରେମସୁଧାନିଧି ୧ମ ଛାନ୍ଦ ଦେଖ । ମଧ୍ୟ ଯମକ—ନବୀନ ଜୀମୂତ ଜୀମୂତସ୍ତନୀ କଏ ଉଦିତ । ଏ ନୀଳ କମଳ କମଳ ବନ୍ଧୁ ବହି ଭେମନ୍ତ । ଲ:—୬ । ୨୧ ଓ ପ୍ରେମସୁଧାନିଧି ୩ୟ ଛାନ୍ଦ । ପ୍ରାନ୍ତ ଯମକ...ବଶିଷ୍ଠର ଅନୁକୂଳ ପୁଂସ ଦୀନବନ୍ଧୁ । ବନୋଦରେ ସଙ୍ଗେ ଘେନି ହରେ ଦୀନବନ୍ଧୁ । ବୈ: ବ: ୧୯।୩୯ ଓ ପ୍ରେ: ସୁ: ୯ମ ଛାନ୍ଦ । ଆଦ୍ୟପ୍ରାନ୍ତ—ବସନ୍ତରେ ବିରହୀ ଅବଶ । ବସନ୍ତ ଦୂତ ଭାଷିରେ ବଶ । ବସଇ ତଠରେ ପିକକୁ କହଇ ଯୁଗ ସମ ରଜନୀ ଦିବସ—ପ୍ରେ: ସୁ: ୧୧ଶ ଛାନ୍ଦ । ଭୁବନ ଏଥିରେ ପୂରିତ ମୋହେ ସର୍ବ ଭୁବନ । ଜୀବନବନ୍ଧୁ ଏ ନିଃସ୍ୱ ପ୍ରାଣୀଙ୍କର ଜୀବନ । ଲ: ୬।୨୨ । ପାଦଭାଗର ଆଦ୍ୟନ୍ତ—ବି: ଚ: ୩୬।୧୫—ସୁରମଣି ଅସୁର, ସର

ତାପ ନାଶର, ସାରଙ୍ଗମୁହ ତୁ ଆସାର ଇତ୍ୟାଦ । ମଧ୍ୟବ୍ୟପେତ—ଖେଳୁଛନ୍ତି କଳକଣ୍ଠ ଚଳୁଛନ୍ତି କଳକଣ୍ଠ ଅବରରେ । କାହିଁ କୁମୁଦ ଗନ୍ଧସାର ଛାୟାଦ କାହିଁ କୁମୁଦ ଗନ୍ଧସାର । ଭ୍ରମରେ । ବ୍ରଜତ ଭ୍ରମରେ ବ୍ରଜତ । କେ ମଧୁର ବାସ କେ ମଧୁର ବାସ ବେନ ମଧୁର ବାସ ସତ । କୋ: ବ୍ର: ସୁ:—୯।୧୦ । ଆଦ ମଧ ଓ ଅନ୍ତ ଯମକ—ରଣ ରଣକ ଦର୍ପ ବାରଣ । ରଣ ରଣ ନୂପୁର ଚରଣ । ରଣରେ ତାର ତାକୁ ଜୟ କାରଣ ଘେନଥାଇ ସେ ମୋ ଶରଣ ହେ । କୋକଳ । ପ୍ରେ: ସୁ: ୧୧।୬୩ । ମହାଯମକ—ଯଦ ପ୍ରଥମ ପାଦ ଅନ୍ୟ ତନ ପାଦରେ ଆବୃତ୍ତ ହୁଏ ପାଦମାନଙ୍କୁ ଦୁଇଭାଗ କର ପଦକୁ ଆଠଭାଗ କଲେ—ପ୍ରଥମ, ତୃତୀୟ, ପଞ୍ଚମ, ସପ୍ତମ ସମାନ; ତଥା ଦ୍ୱିତୀୟ, ଚତୁର୍ଥ ଷଷ୍ଠ ଓ ଅଷ୍ଟମ ସମାନ ହେଲେ ମହାଯମକ ହୁଏ । ଏହାପର ଭୋଜରାଜଙ୍କ ମତ । ଓଡ଼ିଅରେ ତାହା ମହାଯମକ ଓ ସର୍ବଯମକ ରୂପେ ଦ୍ୱିବଧ, କନ୍ତୁ ଓଡ଼ିଆରେ ତାହା ଭନ୍ନ । ପ୍ରଥମ ଦୁଇପାଦ ସମାନ ଅର୍ଥାତ୍ ପ୍ରଥମ ପାଦ ଦ୍ୱିତୀୟରେ ଆବୃତ୍ତ ହେଲେ ତୃତୀୟ ଚତୁର୍ଥରେ ଆବୃତ୍ତ ହେଲେ ମହାଯମକ ହୁଏ । ଏଥିରେ ପ୍ରଥମ ତୃତୀୟରେ, ଦ୍ୱିତୀୟ ଚତୁର୍ଥରେ ଆବୃତ୍ତ ହୁଏ । ରମ୍ଭା ଊରୁବଶୀବାର ଆଣି କ ଲୋକରେ । ରମ୍ଭା ଉରୁ ବସିବାର ଆଣି କ ଲୋକରେ । ଖରେ ହଂସ ଗତ ରହେ କାନ୍ତ ଆଲୋକରେ । ଖରେ ହଂସ ଗତ ରହେ କାନ୍ତ ଆଲୋକରେ । ବ: ଚ: ୩୪।୩୨—ସର୍ବଯମକ—ବଭାବରେ ହରବର ସୁମନର ଶରେ । ବଭାବରେ ହରବର ସୁମନର ଶରେ । ବଭାବରେ ହରବର ସୁମନର ଶରେ । ବଭାବରେ ହରବର ସୁମନର ଶରେ । ଉପେନ୍ଦ୍ର ଭଞ୍ଜ ପ୍ରଥମ ପାଦର ଅନ୍ତରେ ଓ ଦ୍ୱିତୀୟ ପାଦର ଅନ୍ତରେ ଏକ ଶବ୍ଦର ପୁନଃପୁନଃ ଆବୃତ୍ତିକୁ ମହାଯମକ କହନ୍ତ । ବୀଥି ବୀଥି ଶୋଭା ଦଶି କୁମୁଦ କୁମୁଦ । ବଲୋକ ହାସ ପ୍ରକାଶି କୁମୁଦ କୁମୁଦ—ବୈ: ବ-୧୯-୨୬।୧୩।୧୪ । ପୁନଶ୍ଚ ବଶ ପ୍ରକାଶିବ ସୁମନଶର ସୁମନଶର । ମହାକ ଆଣିଲ ସୁମନସର ସୁମନସର—ମହାଯମକ । ଦ୍ୱିପାଦ ବଶିଷ୍ଟ ପଦରେ ଉଭୟ ପାଦ ସମାନ ଥିଲେ ଅର୍ଥାତ୍ ପ୍ରଥମପାଦ ଦ୍ୱିତୀୟପାଦରେ ଆବୃତ୍ତ ହେଲେ ବୈଦେହୀଶ-କାରଙ୍କ ମତେ ତାହା ସର୍ବଯମକ । ବୈଦେହୀ ସୁମନା ସୁମନା ଏ ସୁରଭ । ବଇଦେହୀ ସୁମନା ସୁମନା ଏ ସୁରଭ । ବୈ: ବ ୧୯—୧୬୫। ୬।୧୭ । ପୁନଶ୍ଚ ଅହମକର ତପନାଶେ ଶୋଭା ସାରସ ଚକ୍ରେ । ଅହମକର ତାପନାଶେ ଶୋଭା ସରସ ଚକ୍ରେ । ଲା. । ଉପେନ୍ଦ୍ର ଯାହାକୁ ମହାଯମକ କହନ୍ତ ତାକୁ ସଂସ୍କୃତ ଆଲଂକାରକମାନେ ମହାଯମକରୂପେ ସ୍ୱୀକାର କରନ୍ତ ନାହିଁ । ସେ ଯାହାକୁ ସର୍ବ ଯମକ ଓ ଅଭିମନ୍ୟୁ ଯାହାକୁ ମହାଯମକ ଓ ଯାହାକୁ ସର୍ବଯମକ ବୋଲ କହନ୍ତି ସେ ସମସ୍ତ ସଂସ୍କୃତରେ ମହାଯମକ ଅଟେ । ମାଳଯମକ—ପଦର ପାଦମାନଙ୍କରେ ପ୍ରାୟ ଆଦ୍ୟକୁ ଛାଡ଼ି ପରେ ଶବ୍ଦମାନଙ୍କ ପୁନଃପୁନଃ ଆବୃତ୍ତିରେ ମାଳ ଯମକ ହୁଏ । ବଗୃହଇ ମାଳଯମକରେ କବ ମନେ । ବୁଲେ ରାମ ରାମ ରାମ ନେହୀ

ଘେନ ବଚନ । ବୈ: ବ ୧୯—୧୩ । ଯୋଡ଼ ଯମକ—ପଦମାନଙ୍କ ମଧ୍ୟରେ ଶବ୍ଦମାନ ଯୋଡ଼ ଯୋଡ଼ ହୋଇ ଥିଲେ ଯୋଡ଼ ଯମକ ହୁଏ । ଏହା ପ୍ରାୟ ଯୁଗ୍ମ ଯମକ ତୁଲ୍ୟ ଅଟେ—ପ୍ରେ: ସୁ: ୧୩ ଛାନ୍ଦ । ନିଯୁମ ଯମକ—ପାଦର ଆଦ୍ୟରେ ଶବ୍ଦର ତ୍ରିଧା ଆବୃତ୍ତିରେ ଏହି ଯମକ ହୁଏ । ଧୀରେ ଧୀରେ ଧୀରେ ଘେନ ଏଥି ଦେଇ ଶ୍ରୁତି । ଧର ଧର ଧରଣୀଶୋଭିକ କହୁଛନ୍ତି ଯେ—ବ: ଚ: ୨୦ ଛାନ୍ଦ । ତ୍ରିଭଙ୍ଗୀ ଯମକ—ପାଦଟା ତିନୋଟି ଭାଗରେ ପଡ଼ି, ପ୍ରତ୍ୟେକ ଭାଗ ଶେଷରେ ଯମକ, ଯଥା—ସମା ଶିଶିରେ ଘୋର ନିଶିରେ ଦୁଃଖରାଶିରେ ଭାସି । ପ୍ରେମ-ସୁଧାନିଧି ୧୦ମ ଛାନ୍ଦ ।

## ଶୃଙ୍ଖଳା

ପୂର୍ବ ପାଦର ଅନ୍ତ ଯେ ପର ପାଦରେ ଆଦ୍ୟରେ ଆବୃତ୍ତି ହୁଏ ଏବଂ ଏହି କ୍ରମରେ ପ୍ରସଙ୍ଗ ଶେଷ ହୁଏ, ତାକୁ ଶୃଙ୍ଖଳା କହନ୍ତି । କର ଶ୍ରବଣ ସଜ୍ଜନ ଜନ ରସବର । ବରଜ ଈଶ ନନ୍ଦନ ସରମ୍ୟ ଉତ୍ତର ଇତ୍ୟାଦି ବ: ଚ:—୩୬ ଛାନ୍ଦ । ଯମକପ୍ରାନ୍ତ ଶୃଙ୍ଖଳା—ପାଦର ଅନ୍ତରେ ଯମକ ଥାଇ—ପାଦର ଅନ୍ତ ଶବ୍ଦ ପରପାଦର ଆଦ୍ୟରେ ଆବୃତ୍ତି ହୁଏ ଏବଂ ଏହି କ୍ରମରେ ପ୍ରସଙ୍ଗ ସମାପ୍ତି ହୁଏ, ତେବେ ଏହି ଯମକ ହୁଏ । ଧୀର ଚକୋର ଆନନ୍ଦବର ଧନ ଶୁନ ଏ ଛାନ୍ଦ ରସ ସଂସାରସାର । ସାରସବାସୀ ରାଧିକା ସୁପ୍ରେମାରାଧିକା ମଦନେ ହୋଇ କାତର ତର । ବ: ଚ: ୩୮ ଛାନ୍ଦ । ଶୃଙ୍ଖଳାକୁ ମଧ୍ୟ ସିଂହାବଲୋକନ କହନ୍ତି । ଚକ୍ରସିଂହାବଲୋକନ—ପ୍ରଥମ ପାଦର ଆଦିରେ ଥିବା ଶବ୍ଦ ପ୍ରାନ୍ତରେ ଆବୃତ୍ତି ହୋଇ ପୁନଶ୍ଚ ପର ପାଦର ଆଦ୍ୟରେ ଆବୃତ୍ତି ହେବ ଏବଂ ପରେ ପାଦର ପ୍ରାନ୍ତ ଶବ୍ଦ ପର ପାଦର ଆଦିରେ ନିଜେ ବା ତାର ଅଙ୍ଗସ୍ଥିତ ବର୍ଣ୍ଣମାନ ଆବୃତ୍ତି ହେଲେ ଏହି ଯମକ ହୁଏ ବ: ଚ: ୩୩—ଧୀରେ ଏ ଛାନ୍ଦ ଆନନ୍ଦ ସିନ୍ଧୁ ଶୁନ ବଣ୍ଟରଣା କର ଧୀରେ । ଧୀରେ ଭାବନା କଲେ ହୋଉ ଚେତନା ଗୋବିନ୍ଦ ସୁଗପୃନରେ ଇତ୍ୟାଦି । ମଣ୍ଡୁକପ୍ଳୁତ ଶୃଙ୍ଖଳା:—ପୂର୍ବ ପାଦର ଶେଷ ଶବ୍ଦ ପର ପଦର ଆଦ୍ୟରେ ଆବୃତ୍ତି ହୋଇ ମଧ୍ୟରେ ମଧ୍ୟରେ ଅକ୍ଷରମାନ ଛାଡ଼ ଛାଡ଼ ଆବୃତ୍ତି ହୁଏ ଓ ବର୍ଣ୍ଣ ବିଶେଷ ମଧ୍ୟ ଛାଡ଼ ଛାଡ଼ ହୋଇ ପ୍ରାୟ ମୂଳରୁ ଶେଷ ପର୍ଯ୍ୟନ୍ତ ପଦରେ ରହେ । ବର ବାରଣଗମନା ମନାଉଛି ଅନା । ଅନାୟତ୍ତିରେ ସୁମୁହିଁ ମୁହିଁ ତ ବମନା । ମନାକ କରୁଣା କର କରକ ଦଶନା । ସନାମ ହେବ ନିରତ ରତ ପାଇ ସିନା । ଏଥିରେ ମନା ମନା, ମୁହିଁ ମୁହିଁ, କର କର, ରତ ରତ ମଧ୍ୟରେ ଯମକ ଓ ନଅଟି 'ନା' ଅଛି—ମଣ୍ଡୁକର ପ୍ଳୁତି ତୁଲ୍ୟ ଏହି ନା ଅକ୍ଷର-ମାନଙ୍କୁ ଛାଡ଼ ଛାଡ଼ ବସିଛି । ଗଙ୍ଗା ସ୍ରୋତାଧିକାର ଶୃଙ୍ଖଳା:—ପ୍ରଥମ ପାଦର ପ୍ରଥମ ଅକ୍ଷର ସ୍ଥିର ଏବଂ ପାଦର ଶେଷ ଓ ଆଦ୍ୟ ସବୁଠାରେ ଗୋଟିଏ

ଅକ୍ଷର ରହିଥାଏ; ଅର୍ଥାତ୍ ପ୍ରଥମ ପାଦର ପ୍ରଥମ ଅକ୍ଷର ପାଦର ପ୍ରାନ୍ତ ଓ ଆଦ୍ୟ ଅକ୍ଷର ସହିତ ପଠିତ ହେଲେ ଏକ ଅର୍ଥ ବୋଧକ ଶବ୍ଦ ବୁଝାଇବ—ଯେପରି ଗଙ୍ଗାର ଜଳ ସର୍ବତ୍ର ବିସ୍ତୃତ ହେଲେ ଲୋକେ ସେ ଜଳକୁ ଗଙ୍ଗାଜଳ କହନ୍ତି, ସେହିପରି ଏଠାରେ ଏକ ବିଷୟ ଜଣାଯିବ । ପୁନଶ୍ଚ ପ୍ରଥମ ପାଦର ପ୍ରଥମ ଅକ୍ଷର ପରେ ଗୋଟିଏ ଗୋଟିଏ ବର୍ଣ୍ଣର ଦ୍ୱିରୁକ୍ତି ମୂଳରୁ ଶେଷ ପର୍ଯ୍ୟନ୍ତ ରହେ । ଯଥା:—ବର ର ସରର ସାସା ରର ସସ ହି । ହିତତ ସେସେ ବି ବି ଖ୍ରି ଖ୍ରି ବବ ତତ ହିଁ—ଇତ୍ୟାଦି ୩୪—୪୨ ।

ସର୍ବାଙ୍ଗ ପାଦ ଶୃଙ୍ଖଳ—ପ୍ରତ୍ୟେକ ପାଦରେ ଏହି ଶୃଙ୍ଖଳ—ଘଟେ—ପାଦର ପଦମାନଙ୍କର୍ ଏପରି ଯୋଜନା ଯେ ଶିକୁଳିରେ ବନ୍ଧାବନ୍ଧି ହେଲାପରି ପଦକୁ ପଦ ବାନ୍ଧି ହୋଇ ରହିଛି । ଯଥା ସାରଙ୍ଗ ରଙ୍ଗତ ଗତରୁ ତରୁଣୀ ଋଣୀ ଇତ୍ୟାଦି:—ସାରଙ୍ଗରୁ ରଙ୍ଗ; କିନ୍ତୁ ସାରଙ୍ଗରପର ଶବ୍ଦ ରଙ୍ଗତ; ପୁଣି ରଙ୍ଗତରୁ ଗତ ବାହାରିଅଛି—କିନ୍ତୁ ପରଶବ୍ଦ ଗତରୁ—ଏହିପରି ପାଦରେ ସର୍ବଅଙ୍ଗ ଶୃଙ୍ଖଳରେ ବଦ୍ଧ । ଦଣ୍ଡାଚାର୍ଯ୍ୟ ପ୍ରତିଲୋମକୁ ଯମକ ମଧ୍ୟରେ ଗ୍ରହଣ କରିଅଛନ୍ତି, ତାଙ୍କୁ ତ୍ରିବିଧ କହିଅଛନ୍ତି (୧) ପାଦ ପ୍ରତିଲୋମ ଯମକ; (୨) ଶ୍ଳୋକାର୍ଦ୍ଧ ପ୍ରତିଲୋମ ଯମକ, (୩) ଶ୍ଳୋକ ପ୍ରତିଲୋମ ଯମକ: । ଏ ଯମକରେ ଓଲଟାଇ କରି ପଢ଼ିବାକୁ ହେବ । ଏପରି ପଢ଼ିଲେ ପୂର୍ବ ପାଠ ଓ ପର ପାଠ ସମାନ ହେବ । ଉପେନ୍ଦ୍ର ଭଞ୍ଜାଦି ଓଡ଼ିଆରେ ତାକୁ ବିଲୋମ ଅନୁଲୋମ କହନ୍ତି । କାରଣ ପ୍ରଦତ୍ତ ପାଠଟି ଅନୁଲୋମରେ ଥାଏ; ଓଲଟାଇ ପଢ଼ିବାଟି ବିଲୋମ, ଯଥା—ବୀର ଯେତେ ସେନାବାର ରସା ସାର ରବା ନାଶେ ତେତେ ରବି । ବହି ତଜ ପୂରିତର ତମ ମତ ରତ ରିପୁଜିତ ହେବ । ବୈ. ବି: ୪।୧୭ । ଏହା ପାଦଗତ । ପଦଗତ, ଶ୍ଳୋକଗତ ବା ପ୍ରବନ୍ଧଗତ ନିମନ୍ତେ ପ୍ରେମସୁଧାନିଧିର ପଞ୍ଚଦଶ ଛାନ୍ଦ ଦେଖ । ଦିଗ ଦର୍ଶନ ମାତ୍ର ହେଲା—ପାଠକେ ଅନ୍ୟାନ୍ୟ ଯାହା ଛାଡ଼ ହେଲା ଦେଖି ନେବେ ।

## ଅନୁପ୍ରାସ

ସ୍ୱରର ସମତା ନ ଥାଇ ଅନତିଦୂରସ୍ଥ ବର୍ଣ୍ଣଙ୍କର ସାମ୍ୟକୁ ଅନୁପ୍ରାସ କହନ୍ତି । ଏଠାରେ ବର୍ଣ୍ଣର ଅର୍ଥ ବ୍ୟଞ୍ଜନ ବର୍ଣ୍ଣ । ସାମ୍ୟର ଅର୍ଥ—ଥରେ ଲୁହାଯାଇ ଆଉ ଥରେ ଲୁହା ହେବା । 'ଅନୁ' ର ଅର୍ଥ ବାରମ୍ବାର । 'ପ୍ର' ର ଅର୍ଥ ପ୍ରକର୍ଷ । ଯେଉଁଠାରେ ରସମାନଙ୍କରଅ ନୁଗତ ବର୍ଣ୍ଣମାନଙ୍କର ଆସ କ ନ୍ୟାସ ହୁଏ କ ବାରମ୍ବାର ରଖାଯାଏ । ଭରତଙ୍କ ମତେ ଅଲଙ୍କାର ଗୁରିଗୋଟି ମାତ୍ର । ଉପମା, ଦୀପକ, ରୂପକ, ଓ ଯମକ । ଅନୁପ୍ରାସ ବିଷୟ ଭରତଙ୍କ ନାଟ୍ୟଶାସ୍ତ୍ରରେ ନାହିଁ । ପ୍ରଧାନତଃ ଏହା ଦୁଇ ପ୍ରକାର ବର୍ଣ୍ଣାନୁପ୍ରାସ ଓ ଶବ୍ଦାନୁପ୍ରାସ । ଦଣ୍ଡାଚାର୍ଯ୍ୟଙ୍କ ମତେ ଅନୁପ୍ରାସ ଦ୍ୱିବିଧ—ବୃତ୍ତ୍ୟନୁପ୍ରାସ

ଓ ଶ୍ରୁତ୍ୟନୁପ୍ରାସ । ସାହିତ୍ୟଦର୍ପଣକାରିଙ୍କ ମତେ ଅନୁପ୍ରାସ ପଞ୍ଚବିଧ । ଛେକ, ବୃତ୍ତି, ଶ୍ରୁତି, ଅନ୍ତ୍ୟ ଓ ଲାଟ । ଭୋଜରାଜଙ୍କ ମତରେ ଅନୁପ୍ରାସ ଷଡ୍‌ବିଧ । ଶ୍ରୁତି, ବୃତ୍ତି, ବର୍ଣ୍ଣ, ପଦ, ବିଭକ୍ତି ଓ ଲାଟ ଅନୁପ୍ରାସ । ଭୋଜରାଜଙ୍କ ମତ ଅନୁସାରେ ଅନୁପ୍ରାସର ବିସ୍ତୃତ ପ୍ରଦତ୍ତ ହେଲା । କାରଣ ଏହା ଦ୍ୱାରା ଅନୁପ୍ରାସର ସ୍ୱରୂପ ଓ ପ୍ରକୃତି ଉତ୍ତମରୂପେ ଅବଗତ ହେବ । ପ୍ରାଚୀନ ଆଲଙ୍କାରିକଙ୍କ ମତେ ଶ୍ରୁତି ଅନୁପ୍ରାସ ସର୍ବଶ୍ରେଷ୍ଠ । ଶ୍ରୁତ୍ୟନୁପ୍ରାସ ତ୍ରିବିଧ—ଗ୍ରାମ୍ୟ, ନାଗର ଓ ଉପନାଗର । ଗ୍ରାମ୍ୟ ଚତୁର୍ବିଧଃ—ମସୃଣ, ବର୍ଣ୍ଣ ମସୃଣ, ବର୍ଣ୍ଣୋତ୍କଟ ଓ ବର୍ଣ୍ଣାନୁତ୍କଟ । ପଦସ୍ଥିତ ବର୍ଣ୍ଣମାନଙ୍କର ଏପରି ସନ୍ନିବେଶ ହେବ ଯେପରି କି ସେ ସବୁ ଏକପଦରୂପେ ବୋଧ ହେବ । ତାହା ମସୃଣ—କୁଞ୍ଜ କୁଟିରେ ଫୁଲ ଶେଯ ଉପରେ । କେଳି କରନ୍ତି କାନ୍ତ କାନ୍ତା ସଙ୍ଗରେ ଇତ୍ୟାଦି ର-କ: ୨୦-୧ । ବର୍ଣ୍ଣ ମସୃଣ—ସୂତ୍ର ମଧ୍ୟସ୍ଥିତ ନାନା ବର୍ଣ୍ଣର ପୁଷ୍ପମାନଙ୍କ ସଦୃଶ ବର୍ଣ୍ଣମାନଙ୍କର ସ୍ଥାନଭେଦରେ ସନ୍ନିବେଶ—ଚେତି ଚତୁରୀ ଗୃହିଁଲା କାଳି ନାଶେ ପାଶେ ନାହିଁ ଦିବ୍ୟ ତରୁଣ । ମାରି ହୃଦେ ହାଣେ ନାଥ ନାଥ ବୋଲି ଉଚ୍ଚ ସ୍ୱରେ କଲା କାରୁଣ । ଲ. ୯୬-୧ । ବର୍ଣ୍ଣୋତ୍କଟ—ଉଲ୍ବଣ ବା ଉଦ୍ଭଟ ( କଡ଼ା ) ରୂପ ବର୍ଣ୍ଣମାନଙ୍କର ସଜାତୀୟତାରେ ବର୍ଣ୍ଣୋତ୍କଟ ହୁଏ । ଅସ୍ଥି ବଜ୍ର ମଲ୍ଲିକଣ୍ଠ, ବିଧାତା କି ବଜ୍ରେ ଗଢ଼ି । ସୁନ୍ଦରୀ ସଂସାରେ ଇନ୍ଦ୍ର କରି ଦେଇଛି । ଧଇର୍ଯ୍ୟ ବୃତ୍ତ ଅସୁର ନାଶ କରଣ ଏଥିର ଇତ୍ୟାଦି ଲ:୧୧-୧୮ । ବର୍ଣ୍ଣାନୁତ୍କଟ—ଉଦ୍ଭଟ ନୁହେଁ କି ମସୃଣ ନୁହେଁ । ରୋଗ ଋଣ ଶତ୍ରୁ ଶେଷକୁ ରଖିଲେ ଆପଣାର ବାଧ ଏ କଥା । ସର୍ବ ସର୍ବଜ୍ଞତା କଲି କଥା ପୁଣି କାହିଁକି କଲେ ସେ ଅନ୍ୟଥା । ଲ—୯୬-୨୨ ।

## ନାଗର

ଗ୍ରାମ୍ୟର ବିପରୀତ ଭାବାତ୍ମକ, ଯେ ଅତି ପ୍ରସିଦ୍ଧ ନୁହେଁ ସେ ନାଗର । ସମାନ ସ୍ଥାନରୁ ଉଚ୍ଚାରିତ ହେଲେହେଁ ଭେଦ ଥିବା ସତ୍ତ୍ୱେ ଏକତ୍ୱ ବୁଦ୍ଧି, ଅସମାନ ସ୍ଥାନରୁ ଉଚ୍ଚାରିତ ହୋଇ ଭେଦରେ ଏକତ୍ୱ ବୁଦ୍ଧି । ଏକତ୍ୱରେ ମଧ୍ୟ ଏକତ୍ୱ ଅବଭାସ ଅର୍ଥାତ୍ ସାଜାତ୍ୟର ଅପ୍ରକାଶମାନତାରେ ମଧ୍ୟ ସହୃଦୟଙ୍କ ପ୍ରଣିଧାନ ଦ୍ୱାରା ସାଜାତ୍ୟ ଅବଭାସ [ ୧ ] ହକାରର ସହ ଘକାର ଯଥା—ହଂସ, ହଘ ଇତ୍ୟାଦି ( ସମସ୍ଥାନ ) । ସ୍ତ୍ରୀର ଛ—(ଅସମସ୍ଥାନ) ଡ ଓ ବ; ଡ, ବ ଓ ଲ ଇତ୍ୟାଦି ( ଏକତ୍ୱନଲକ୍ଷିତ ) । ଉପନାଗର—ଡ ଓ ଲ କାର ଭିନ୍ନ ଶ୍ରୁତିରୁ ପ୍ରତ୍ୟକ୍ଷ ଅଟେ, କିନ୍ତୁ ତାଙ୍କର ଶ୍ରୁତିସାମ୍ୟ ଅନୁମାନରୁ ପ୍ରତୀତ ହୁଏ । ସେହିପରି ନ ଓ ଣ; ର ଓ ଲ; ଦନ୍ତ୍ୟ ଓ ତାଲବ୍ୟ ବର୍ଣ୍ଣମାନଙ୍କର । ସବୁ ଅନୁପ୍ରାସ ପ୍ରାୟ ବିସଦୃଶ ବର୍ଣ୍ଣମାନଙ୍କ ଦ୍ୱାରା ବ୍ୟବହୃତ ହୋଇ ପ୍ରୀତିକର ହୁଏ । ଜ୍ୟୋତ୍ସ୍ନା ଚନ୍ଦ୍ରମାକୁ, ଲାବଣ୍ୟ ଅଙ୍ଗନାକୁ ମଣ୍ଡିତ କଲା ପରି ଅନୁପ୍ରାସ କାବ୍ୟକୁ ମଣ୍ଡିତ କରେ । ଅନୁପ୍ରାସ ବର୍ଣ୍ଣସ୍ଥ ଓ ପଦସ୍ଥ । ସ୍ୱ ବର୍ଗସ୍ଥ ବର୍ଣ୍ଣମାନଙ୍କରେ ରଚିତ କାବ୍ୟବ୍ୟାପୀ

ସନ୍ଦର୍ଭକୁ ବୃତ୍ତ୍ୟନୁପ୍ରାସ କୁହାଯାଏ, ତାହା ଦ୍ୱାଦଶବିଧ । କାର୍ଣ୍ଣାଟିକୀ—କ ବର୍ଗର । କୌନ୍ତଳୀ—ଚ ବର୍ଗର । କୌଙ୍କୀ—ଟ ବର୍ଗର । କୌଙ୍କଣୀ—ତ ବର୍ଗର । ବାନବାସିନୀ—ପ ବର୍ଗର । ଦ୍ରାବିଡ଼ୀ—ଅନ୍ତଃସ୍ଥ ବର୍ଣ୍ଣର । ମାଥୁରୀ—ଊଷ୍ମ ବର୍ଣ୍ଣର । ମାତ୍ସୀ—ଦୁଇ ବା ତିନିବର୍ଗର । ମାଗଧୀ—ଅନ୍ତ୍ୟସ୍ଥ ସହିତ କ ଓ ଚ ବର୍ଗର । ତାମ୍ରଲିପ୍ତିକା—ସ୍ୱ ବର୍ଗର ଅନ୍ତ୍ୟ ସଂଯୋଗରେ (ପଞ୍ଚମବର୍ଣ୍ଣ) ଯୋଗରେ । ଔଣ୍ଡ୍ରୀ—ବର୍ଗର ସରୂପ ସଂଯୋଗ ଗ୍ରଥନରେ 'ଲ୍ଲ, କ୍କ, ଓ ପ୍ରଭୃତିରେ' । ପୌଣ୍ଡ୍ରୀ—ଅସମାନ ରୂପ ସଂଯୋଗରେ, 'ସ୍ତ, ର୍ଜ, ଷ୍ଟ' । କାବ୍ୟରେ ବର୍ଣ୍ଣ ଶିଥିଳ ବା କଠୋର ହେବ ନାହିଁ, ହେଲେ ଅନୁପ୍ରାସ ଭଙ୍ଗ ହେବ । କିନ୍ତୁ ବୀର ରୌଦ୍ରାଦିରେ କଠୋର ବର୍ଣ୍ଣବିନ୍ୟାସ ପ୍ରୟୋଜନୀୟ । ଅନୁପ୍ରାସ ଓ ବୃତ୍ତି ମଧ୍ୟରେ ପାର୍ଥକ୍ୟ ଏହି ଯେ 'ଅନୁପ୍ରାସ' ଚରଣର ଆଦି ଅନ୍ତ ଓ ମଧ୍ୟରେ ହୁଏ, ଅଂଶଭେଦରେ ହୁଏ ବା ହୁଏ ନାହିଁ । କିନ୍ତୁ ବୃତ୍ତି କାବ୍ୟର ଶରୀର ସମସ୍ତ ବ୍ୟାପି ରହେ । ଅନ୍ୟ କେତେକ ଆଳଙ୍କାରିକ ବୃତ୍ତ୍ୟନୁପ୍ରାସକୁ ଅନ୍ୟଥା ଗ୍ରହଣ କରନ୍ତି । ସ୍ପର୍ଶ, ଊଷ୍ମ, ଅନ୍ତଃସ୍ଥାଦି ବର୍ଣ୍ଣମାନଙ୍କର ସମ୍ବନ୍ଧ ଓ ଅସମ୍ବନ୍ଧରେ ତଥା ସମସ୍ତ ଓ ବ୍ୟସ୍ତ ଭେଦରେ (ସଂଘଟନ ଓ ବିଘଟନ ଭେଦରେ) ବୃତ୍ତି ପ୍ରଧାନତଃ ଦ୍ୱିବିଧ । ବୃତ୍ତିର ଗୁଣ ତ୍ରିବିଧ; ତାହା ଯଥାକ୍ରମେ ସୁକୁମାରତା, ପ୍ରୌଢ଼ି ଓ ମଧ୍ୟମତା । ବୃତ୍ତି ଦ୍ୱାଦଶଧା ପରିଦୃଷ୍ଟ ହୁଏ । ଗମ୍ଭୀରା, ଓଜସ୍ୱିନୀ, ପ୍ରୌଢ଼ା, ମଧୁରା, ନିଷ୍ଠୁରା, ଶ୍ଳଥା, କଠୋରା, କୋମଳା, ମିଶ୍ରା, ପରୁଷା, ଲଳିତା ଓ ଅମିତା । ଗମ୍ଭୀରା—ପ୍ରାୟ ତ ବର୍ଗ ଓ ପ ବର୍ଗର ତୃତୀୟ ଚତୁର୍ଥ ବର୍ଣ୍ଣ, ପକାର ଓ ଫକାରର ସ୍ୱ ସଂଯୋଗ ଓ ବିନ୍ଦୁ ସଂଯୋଗରେ ଗଠିତ—ବାରୁଣୀ ତରୁଣୀ ସଙ୍ଗେ ଫଗୁ ଖେଳି ସିନ୍ଧୁମଜ୍ଜନକୁ ଗଲା । ସେହି ରାଗରଙ୍ଗ ଯୁଗତେ ଜଗତ ହୃଦରେ ପ୍ରକାଶ ଜଲା । ତା ଗୃହେଁ । ନୃପନନ୍ଦନ ଆନନ୍ଦ ହୋଇ । ଗଣ୍ଡଦେଶ ରୋମ ଉଲ୍ଲସାଇ । ଏଥି ଭାବନାମାନ କରାଇ—ଲା: ୩୯।୯ ବା ଲା: ୨୪।୬ । ଓଜସ୍ୱିନୀ—ବର୍ଗର ପ୍ରଥମ ଚତୁର୍ଥ ପଞ୍ଚମର ଦୁଇ ତିନିଥର ଆବୃତ୍ତି ଓ ମୂର୍ଦ୍ଧଣ୍ୟ ବର୍ଣ୍ଣ ଯୋଗରେ ନିହିତ । ବିଭୂଷିତର ଭୂଷିତ ବିଗ୍ରହ । ବିକ୍ଷେପ ଅଳଙ୍କାର ଅଳଙ୍କାର ଇତ୍ୟାଦି ବି. ଚି. ୨୭।୧୩ । ପ୍ରୌଢ଼ା—ମୂର୍ଦ୍ଧଣ୍ୟ ଓ ଅନ୍ତଃସ୍ଥ ବର୍ଣ୍ଣର ବହୁଳ ସଂଯୋଗରେ ଓ ପୂର୍ବ ବର୍ଣ୍ଣର ଗୁରୁତାରେ—ବଇଶ୍ରବ ତନୟ ବର ଶର ଆଳୟ ଷଭେଦେ ଅର୍ଦ୍ଧ ଜର ଖ୍ୟାତ । ଦଳେ ଜ୍ୟେଷ୍ଠ ନିର୍ଣ୍ଣୟ ଆଷାଢ଼ ପାଇ କାଯ୍ୟ ଶ୍ରମ ଶ୍ରାବଣ ପରିଚିତ । ବୈ. ବି. ୪୪।୩୬ ବା ବୈ. ବି. ୪୬।୨୯ । ମଧୁରା—ପ୍ରାୟ ଅନୁସ୍ୱାରଯୁକ୍ତ ସ୍ପର୍ଶବର୍ଣ୍ଣରେ—ସଜଳ ଜଳଦ କାନ୍ତି । ନୀଳମଣି ଛବି ଭାନ୍ତି । ର:ମ:୯—୨୪ । ନିଷ୍ଠୁରା—ସଂଯୋଗ ବହୁଳତାରେ । ବିଶିଷ୍ଟଙ୍କ ଧୂମ୍ରାକ୍ଷ ନାହିଁ ଲକ୍ଷକ ଲକ୍ଷ ଲୁଲାପ ରଥେ ଯୋଚ ଯେ ଇତ୍ୟାଦି । ବୈ: ବି: ୪୩।୨୫ । ଶ୍ଳଥ—ବ୍ୟଞ୍ଜନ ବର୍ଣ୍ଣମାନଙ୍କ ଅସଂଯୋଗରେ । ବି: ଚି: ୯୮।୪ । ଚରମ ଦେବାର ନୋହିଛି ନୋହିବ କାହ ଏ ଶୀତ ଆଚର ଇତ୍ୟାଦି । କଠୋରା—ପ୍ରାୟ କଣ୍ଠ୍ୟବର୍ଣ୍ଣ ଓ ରେଫାଦି ସଂଯୋଗରେ—

କର୍କଟରେ ସ୍ୱର୍ଗ ମାର୍ଗେ ଘୋଟେ ଅର୍କଧର । ଚଡ଼ଚଡ ଗର୍ଜି ପଡ଼େ ଘଡ଼ଘଡ଼ ବଜ୍ରର । କର୍କଶ ସଙ୍ଘର୍ଷ ଲଭି ନଭେ ଝଞ୍ଜାବାତ । ପ୍ରଚଣ୍ଡ ବିକଟ ଜାତ କରଇ ନିର୍ଘାତ । କୋମଳ—'ର'କାର 'ଣ'କାରାଦି ବର୍ଣ୍ଣ ଯୋଗରେ ଓ ପ୍ରାୟ ଅସଂଯୁକ୍ତ-କୋମଳ ବର୍ଣ୍ଣରେ ରଚନା—କଳୀୟ ରମଣୀ ସ୍ତୁତିବାଣୀ ଶୁଣି କରୁଣା-ନିଧି କରୁଣାରେ । କଲେ ଅଭୟ ମହାସୁଖେ ରହିଲା ବରୁଣ ଦେବ ଶରଣରେ ଇତ୍ୟାଦି ର: କ: ୯—୨୮ ବା ବ: ର: ୭୫—୪ । ମିଶ୍ର—ପ୍ରାୟ କଠୋରବର୍ଣ୍ଣ, ଦନ୍ତ୍ୟ, କଣ୍ଠ୍ୟ ଓ ମୂର୍ଦ୍ଧଣ୍ୟ ବର୍ଣ୍ଣମାନଙ୍କର ବାହୁଲ୍ୟରେ ରଚିତ । କଷ୍ଟେ କଷ୍ଟେ ଯାଇ କ୍ରୋଧଭର ହୋଇ ବୋଇଲେ ଶୁଣ ହେ କରୁଣା, କୃପାସିନ୍ଧୁ ଛାଡ଼ିଲେଟି କରୁଣା ଇତ୍ୟାଦି ର: ସ: ୬୧—୧୭ । ପରୁଷ :—ଉଷ୍ମ ଅନ୍ତଃସ୍ଥ ବର୍ଣ୍ଣମାନଙ୍କ ବାହୁଲ୍ୟରେ ରଚିତ :—ସରସୀ କହ୍ଲାର ଆହ୍ଲାଦକର । ସାରସନିର୍ହ୍ରାଦ ଅତି ମଧୁର । ଲଳିତ :—ଦନ୍ତ୍ୟ, ଓଷ୍ଠ୍ୟ ଓ ତାଲବ୍ୟ ବର୍ଣ୍ଣମାନଙ୍କ ମଧ୍ୟରେ ଅନ୍ତଃସ୍ଥ ବର୍ଣ୍ଣ ସଂଯୋଗରେ ରଚିତ :—ବିଭ୍ରେ ତନୁଶୋଭା ଅତିଶୟ । ତନୁଶୋଭା କନ୍ଦର୍ପ ଉଦୟ । ଗଉର ଶ୍ୟାମ କାନ୍ତିରୁ ଅନୁମାନ ତୁମ୍ଭେ ଦେହ ସେ ଛଇ କାଷ୍ଠମୟ—ଇତ୍ୟାଦି କୋ. ସୁ: ୬୪—୨୩ ଅମିତ:—କକାର ଓ ଲକାର ବହୁଳରେ ରଚିତ:—କୁଟିଲ କୁନ୍ତଳା କାମକେଳି କଳ କୁଶଳା କମଳବଦନା । କରୀନ୍ଦ୍ର-ଗମନା କରିକୁମ୍ଭସ୍ତନା କୁନ୍ଦକଳିକତରଦନା ଇତ୍ୟାଦି ର: କ: ୯—୧୭ । ଏହି ଦ୍ୱାଦଶ ବୃତ୍ତ୍ୟନୁପ୍ରାସ ସୌକୁମାର୍ଯ୍ୟାଦି ଗୁଣମାନଙ୍କରେ ଓ କୈଶିକ୍ୟାଦି ବୃତ୍ତିଗଣରେ ଅନ୍ତର୍ଗତରୂପେ ଜାଣିବ । ଶ୍ରୁତ୍ୟନୁପ୍ରାସ ଓ ବର୍ଣ୍ଣାନୁପ୍ରାସ ମଧ୍ୟରେ ଭେଦ ନିର୍ଣ୍ଣୟ କରିବା ଦୁଷ୍କର । ବର୍ଣ୍ଣର ଆବୃତ୍ତିରେ ବର୍ଣ୍ଣାନୁପ୍ରାସ । ଏହା ମଧ୍ୟ ଦ୍ୱାଦଶବିଧ । ଯଥା :—ସ୍ତବକବାନ୍, ସ୍ଥାନୀ, ଗର୍ଭ, ବିବୃତସଂବୃତ, ଗୁମ୍ଫିତମୁକ୍ତ, କ୍ରମବାନ୍, ବିପର୍ଯ୍ୟସ୍ତ, ସଂପୁଟ, ମିଥୁନ, ବେଣିକା, ଚିନ ଓ ବିଚିନ । ( ୧ ) ସ୍ଥାନେ ସ୍ଥାନେ ପୁଷ୍ପ-ସ୍ତବକ ତୁଲ୍ୟ ଅନୁପ୍ରାସ :—କଉଶିକୀ ତଟ ନିକଟ ଅଟବୀ ମଧ୍ୟେ ବ୍ରଜଲୀଳା ହେଉଛି । ଗୁଣନିଧାନୀ ସାବଧାନୀ ହୁଅ ରେ ଦେଖିପରିବାକୁ ମୁଁ କହୁଛି । ମଉକାଶିନୀ ପଶୁରିଲା । ଚତୁରୀ ସଖୀ ବହିତ ଚିତ୍ତୁରରେ ତୁରିତେ ବାଣୀ ଉଚାରିଲା—କୋ: ସୁ: ୧୦ । (୨) ସ୍ଥାନୀ—କୌଣସି ସ୍ଥାନରେ ସ୍ଥିର ହୋଇ ବର୍ଣ୍ଣର ଆବୃତ୍ତିରେ ଅନୁପ୍ରାସ:—ନିକଟ ପ୍ରକଟ ସରସୀ ଦେଖାଇ ସଖିବଜନନ୍ଦନ ଭାଷୁଛି—କୋ: ସୁ: ୬—୧୭ । ଏଠାରେ ପ୍ରଥମ ପାଦର ଆଦ୍ୟଭାଗରେ ନିୟମରେ 'କଟ'ର ଆବୃତ୍ତି ହେବାରୁ ସ୍ଥାନୀ ଅନୁପ୍ରାସ । ( ୩ ) ଗର୍ଭ :—ଅନ୍ୟବର୍ଣ୍ଣମାନଙ୍କ ମଧ୍ୟରେ ରହି ବର୍ଣ୍ଣମନଙ୍କ ଆବୃତ୍ତି:—ଜମ୍ବୁ ଜମ୍ବାଲ ପିତୁଳା ପରେ ତାଳ ବିଧି ନୀଳମଣିକାଚନୀ ପ୍ରଭିଭା ଏ ଦଶି ପ୍ରଭାକୁ ପ୍ରକାଶି ବିବେକ ଗଣାକୁ ପାଞ୍ଚି—କୋ: ସୁ: ୩୦—୧୦ । ( ୪ ) ବିବୃତସଂବୃତ:—ବର୍ଣ୍ଣମାନଙ୍କ ବିକାଶ ସଙ୍କୋଚରୁ ଏ ଅନୁପ୍ରାସ ହୁଏ । ଉପମା ଅପମାନ ପାଇ ଗଲେ । ବନ ଗହନରେ ଯାଇ ପଶିଲେ । ଚନ୍ଦ୍ରାରୁ ଚନ୍ଦ୍ରନ ହେବାରୁ ବଳେ । କବି ତୁଳନାରୁ ମୋକ୍ଷ ପାଇଲେ ଇତ୍ୟାଦି— ବି: ଚି: ୫୫

୧୯ । ଏଠାରେ ଉପମା ଅପମାନେ ଏହି ଦୁଇଟି ପଦ ମଧ୍ୟରେ 'ଅ' ବର୍ଣ୍ଣ ଦୁଇଟି 'ପମା' ମଧ୍ୟରେ । ବନ ଗହନରେ ନର ଆବୃତ୍ତି ମଧ୍ୟରେ ଦୁଇଟି 'ଗ ଓ ହ' ବର୍ଣ୍ଣ ; ଚନ୍ଦ୍ରାକୁ ଚନ୍ଦନ—ଏଠାରେ "ଦୁ" ଗୋଟିଏ ବର୍ଣ୍ଣର ବ୍ୟବଧାନ, ଏହିପରି ଅସମସ୍ତ ହେତୁ ବିକାଶ ସଙ୍କୋଚରୁ ବିବୃତସଂବୃତ । (୫) ଗୃହୀତମୁକ୍ତ:—ପଦର ବର୍ଣ୍ଣମାନଙ୍କ ମଧ୍ୟରୁ କେତେକ ଛାଡ଼ି ଓ କେତେକ ଘେନି ପରପଦର ନିର୍ମାଣ । ସାରଙ୍ଗରଙ୍ଗ ତପତରୁ ତରୁଣୀ ରଣୀ । ବିତପତ ପର ପରମ ରମଣୀ ଇତ୍ୟାଦି ବି: ଚି:୩୪-୬୩ । (୬) କ୍ରମବାନ୍:—କ୍ରମେ ଯୋଡ଼ି ଯୋଡ଼ି ହୋଇ ବର୍ଣ୍ଣମାନଙ୍କର ସ୍ଥିତି—ତୃହ୍ନିଁ ହୁହେଁ ଦୁହିଁଙ୍କ ମନ ନେଇ କାହିଁକି ନ ଯାଇ ଉପୁଜାଇ ସ୍ନେହ । ଅଲେକତ ଲେକତବନ୍ଧୁଁ ଭଙ୍ଗ ଚକିତ ସ୍ଥକିତ ହୋଇଗଲ୍ ଦେହ ସେ—କୋ:ସୁ:୧୭—୨୪ । (୭) ବିପର୍ଯ୍ୟସ୍ତ—ବ୍ୟତ୍କ୍ରମ—ବର୍ଣ୍ଣାନୁପ୍ରାସ ବିପର୍ଯ୍ୟୟ ! ସଦା ଦାସ ଭବେ ନର ଭଜିଲେ ଶିବ । ବଶୀଭୂତ ତାର ନିଶ୍ଚେ ସର୍ବ ବିଭବ । (୮) ସଂପୁଟ :—ପଦର ପାଦସ୍ଥ ଆଦ୍ୟଭାଗର ବର୍ଣ୍ଣସ୍ଥ ସ୍ୱର ସହିତ ପାଦର ମଧ୍ୟ ଭାଗ ଓ ଅନ୍ତ୍ୟଭାଗରେ ଆବୃତ୍ତି । ଆଜ୍ଞା ପ୍ରମାଣେ ନାୟିକାଗଣେ, ଆବୋରି ପଦ୍ମଦଳ, ଯାହା ଯେ କୋଣେ ର: ମ: ୧୬—୩୫ । ବା ବଦନେ ବଦନେ ଚଉରୀ, ପ୍ରେମେ ହୋଇ ଆତୁରୀ, ମିତେ ଏକାନ୍ତେ ଜାହାନ୍ତି ବଂଶୀଗୁଉରୀ—ବି: ଚି: ୭୧-୧ । (୯) ମିଥୁନ—ଦୁଇଟି ସମ ବର୍ଣ୍ଣର ଏକତ୍ର ସନ୍ନିବେଶ—ଆସ ମୋର ଗୃହେ ହେ ଜଗତ ଠାକୁର । ଏ ହୃଦସଂପୁଟରୁ ରଜାକୁ କର ଦୂର । (୧୦) ଶ୍ରେଣିକା :—ଶ୍ରେଣି ପଡ଼ିଲ୍ ପରି ବର୍ଣ୍ଣରେ ଅନୁପ୍ରାସ—ସିତ ପୀତ ପିଙ୍ଗ ରଙ୍ଗ ଅସିତ । ଅଛି ଜ୍ୟୋତି ମଣି ଫୁଲ୍ଲ ଲଳିତ—ଇତ୍ୟାଦି ବି: ଚି: ୫୯—୩୭ । (୧୧) ଚିତ୍ର:—ପୂର୍ବୋକ୍ତ ଲକ୍ଷଣମାନଙ୍କରୁ ଭିନ୍ନ କୌଣସି ନିୟମ ନ ଥିବ—ଭୁଜଙ୍ଗ ଅଙ୍ଗ ଦଗାଦ୍ରି ପୁରନ୍ଦରନାଦଦର ପ୍ରଦ ହୋଇ । ଭୁଜଙ୍ଗବନ୍ଧନୀ ବନ୍ଧସଂଯୋଗରୁ ଚକ୍ରଯୁଗେ ଗଲେ ଥୋଇ ଇତ୍ୟାଦି କୋ: ସୁ: ୧୬—୨ । (୧୨) ବିଚିତ୍ର—ଏକବର୍ଣ୍ଣର ବହୁଶଃ ଆବୃତ୍ତି—ଚୁରୁଚୁମୀକର ଚମତ୍କବରଣୀ ଚଞ୍ଚଳ ଭ୍ରମର ଲୋଚନୀ । ଚଉଷଠି କଳା ରସରେ କୁଶଳା କନ୍ଦର୍ପ-ଦର୍ପ-ବିମୋଚନୀ, ସୁଜନେ, ଚନ୍ଦ୍ରବଦନୀ ଚୂରୁକେଶୀ—ଜ: ଛ: ୭ । ୧୮ ବା ର: କ: ୬ । ୨୯ ଦେଖ ।

## ପଦାନୁପ୍ରାସ

ପଦସ୍ଥ ସମଗ୍ର ଓ ଅସମଗ୍ର ବର୍ଣ୍ଣମାନଙ୍କର ଆଶ୍ରୟରେ ଆବୃତ୍ତି । ତାହା ମସୃଣ, ଦନ୍ତୁର, ଶ୍ଳକ୍ଷ୍ଣ, ସଂପୁଟ, ସଂପୁଟାବଳୀ, ଖିନ୍ନ, ସ୍ତବକବାନ୍, ସ୍ଥାନୀ, ମିଥୁନ, ମିଥୁନାବଳୀ, ଗୃହୀତମୁକ୍ତ ଓ ପୁନରୁକ୍ତି ଭେଦରେ ଦ୍ୱାଦଶବିଧ । ୧ । ମସୃଣ—ଯାବକସରଜା ସ୍ତବକଉରଜା ରଞ୍ଜାଇବାର ଉତ୍ସବ । ଜଗତେ ଗତେ ସୁକୃତ କୃତଫଳ ତୁଳନା କାହିଁକି ହେବ ବି:ଚି:୪୪।୨୬ । ୨ । ଦନ୍ତୁରତା

—ସଂଯୁକ୍ତ ବର୍ଣ୍ଣର ଆଧିକ୍ୟରେ ଅନୁପ୍ରସାର ଦନ୍ତୁରତା:— ବ୍ୟକଳ କେତେ ଗାନ୍ତ ଇକଳ ଅର୍ଦ୍ଧଗାନ୍ତ ଜର୍ଜର ଅଶକତ ଯେ । ବିଳାସ କୃକଳାସ ସଦୃଶ ବାନ୍ଧ ଲସ୍ୟ ବୃନ୍ତଶିର ଏମନ୍ତ ଯେ—ବୈ: ବ: ୪୩।୬।୩। ଶ୍ଳକ୍ଷ୍ଣ—ସ୍ୱର ସହିତ ଆବୃତ୍ତି:— ଶୁଣ ଆଗୋ ପ୍ରାଣସହି ସହିବ କି ବନେ କ୍ଳେଶ । ନବକ ବନ୍ଧନେ କିସ କରସି ସାହସ । ୪ । ସଂପୁଟ:—ସଦର୍ପ ସର କନ୍ଦର୍ପ କ୍ଷିପ୍ର ଅମୃ ମତ । ଅସାର ସର ସଂସାର କର ଦୟା ଅତ । ସର ଚନ୍ଦ ଅପବାଦ ହେତୁ ଅବ୍ୟବଧାଯୁକ୍ତରେ ସଂପୁଟ । ୫ । ସଂପୁଟାବଳୀ:— କରବ କିସ ଶବର ସମାକର୍ଷି ଶର । ଶର ସମାକର୍ଷି କିସ କରବ ଶବର । ୬ । ଖିନ୍ନ—ଅନୁପ୍ରାସ କ୍ରମରେ ନ ରହି ଚିତର ଅନବାହରେ- ବାଣୀକା କଳା ପ୍ରମାଣ ମାଣବକ ମୃଗଜିତନେତ୍ରା ଉତ୍ତର । ଏଥିରେ ବାଲା- କାଳାନ୍ତରେ ଅଛ ରେ ଏହି ବହାର ବ୍ୟବହାର । ଥିବାବେଳରେ ସୁମନାବଳୀ ମନୋହରେ । ସ୍ତବକ ବରଅଁ ଲଲସ ଗଣିକାଲବେ ସୁବାସ ହରିବାରେ— ଏଠାରେ ମାଣ ମାଣ ଲଗି ଲଗି; ବାଲା କାଳା "କା" ଗୋଟିଏ ବର୍ଣ୍ଣ ଛାଡ଼ି, କାଳାନ୍ତରେ ଅଛରେ ଦୁଇ ରେ ମଧ୍ୟରେ "ଅଛ" ଦୁଇଟି ବର୍ଣ୍ଣ ଅଛି । ବହାର ବ୍ୟବହାର—ଦୁଇଟି ବର୍ଣ୍ଣ ଛାଡ଼ି । ବେଳରେ ସୁମନାବଳୀ ଏଠାରେ "ବେଳ" ଦୁଇଟି ମଧ୍ୟରେ ଗୃରିଗୋଟି ବର୍ଣ୍ଣ ଅଛି । ସୁମନାବଳୀ ମନୋହରେ—"ମନ" ମଧ୍ୟରେ ଦୁଇଟି ବର୍ଣ୍ଣ ଅଛି:—ଏଣୁ ଚିତରେ ଅନବାହ ହେତୁ ଖିନ୍ନ ହେଲେହେଁ ପ୍ରଶାନ୍ତରେ ବାଧା ନ ଘଟିବାରୁ ଦୋଷ ନ ହୋଇ ଗୁଣ ହେଲା । ୭ । ସ୍ତବକବାନ୍:— ପରସନ୍ନ ସନମତ ମତ୍ତକାଶିନୀର ନୀରବାସପର—ଇତ୍ୟାଦି ବ: ଚ: ୪୪-୨୧ । ସ୍ଥାନେ ସ୍ଥାନେ ପୁଷ୍ପସ୍ତବକ ପରି ବୈଚିତ୍ର୍ୟବାଧାଯୁକ୍ତ ପଦ ନୁପ୍ରାସ । ୮ । ସ୍ଥାଣୀ— ବିଶ୍ରାମାନୁପ୍ରାସ ମଧ୍ୟ କହନ୍ତି:—କଦଳୀ ଭେଳାରେ ତରିବି ହେଳାରେ ଭବପର- ସାଗରକୁ—ବ: ଚ: ୭୦-୨୧ । ୯ । ମିଥୁନ:—ଯୋଡ଼ି ଯୋଡ଼ି ହୋଇ ରହିବା—ବର ବରନା ଚକ୍ର ଚକ୍ରବର୍ତ୍ତୀ ଯେଣୁ ତେଣୁ ତ ନମିବାର ନାହିଁ । ଝୁଣ୍ଟିଆ ଝୁଣ୍ଟିଆ ପ୍ରପଦେ ଥିବ— ବ: ଚ: ୫୯-୪୭ । ୧୦ । ମିଥୁନାବଳୀ:—ତରୁର ଶିଖେ ଶିଖୀ ମୁଖରେ ମୁଖର । କଣ୍ଠକରଠେ ରଠଇ ଝରଇ ନଝର । ଘନ ଘନ ଘନାଘନ ଗଗନେ ଘୋଟଇ । ପ୍ରିୟା ପ୍ରିୟ ବନେ ଦିନ ଧ୍ୟାନରେ ବଞ୍ଚଇ । ପଦମାନେ ଯୋଡ଼ି ଯୋଡ଼ି ହୋଇ ସବନ ବିଦ୍ୟମାନ । ୧୧ । ଗୁମ୍ଫିତମୁକ୍ତ:— ପୂର୍ବବତ୍ ଲକ୍ଷଣ:—ରସିବ ଶିବ ମୋହିତ ମୋହିତରେ ବାନ୍ଧ ବାହିବ କି ସତେ । ଜୀବନ ବନଜ ମୁହିଁ ମୁହିଁ କି ବୋଲିବି ନୋହୁଛି ପ୍ରତେ । ମିତ ହେ । ସୁକୃତ କୃତ ମୋ କେତେ । ଦାସ ତ ସତ ହେବାର ବାରପତ ପତିତ ହେବ କେମନ୍ତେ:—ବ: ଚ: ୫୩-୫ । ୧୨ । ପୁନରୁକ୍ତିମାନ୍:—ସଙ୍ଗୀତରେ ଅଭିଳାଷୀ ପରସଙ୍ଗୀ । ରଙ୍ଗୀ ହେଲେ କଥାକୁ କି ମୁଁ ଅନୁରଙ୍ଗୀ । ଭଙ୍ଗୀ କରିବା କାହିଁ ଆଉ କି ଭଙ୍ଗୀ । ଯୋଗୀ କଳ୍ପକ ହୁଅନ୍ତି କି ବିଯୋଗୀ ।

## ଦ୍ୱିରୁକ୍ତି

ଏହା ଲାଟାନୁପ୍ରାସ ରୂପେ ଗୃହୀତ ହୋଇ ପାରେ, କିନ୍ତୁ ସ୍ୱତନ୍ତ୍ରରୂପେ କଥିତ ହେଲା । ଦ୍ୱିରୁକ୍ତି ସ୍ୱଭାବତଃ ଗୌଣ, ଆଭୀକ୍ଷ୍ଣ୍ୟ ଓ ନାମର ଦ୍ୱିରୁକ୍ତିରୁ ହୁଏ । ସ୍ୱଭାବତଃ ଦ୍ୱିରୁକ୍ତି—ଯାହା ଦ୍ୱିରୁକ୍ତ ଯମକରୂପେ କଥିତ ହୋଇଅଛି—ସ୍ୱେଦରେ ଗମ ଗମ ବଦନ ତମ ତମ ଦିଶଇ ଗ୍ରୀଷ୍ମ ଆନ ଆନ ବି: ଚି: ୩୬-୧୦ । ଗୌଣତଃ—ଅମୃତଟି ଅମୃତ ଚନ୍ଦନ ଯେ ଚନ୍ଦନ ଅମ୍ବୁଜ ଅମ୍ବୁଜ କାମଟି କାମ ପୁଣ । ମଧୁ ତ ଅଟେ ମଧୁର ତହିଁ ସିନା ରତି । ସଂସାରେ ଏସବୁର ନାହିଁ ଏକ ସଂଗତି । ଏହୁ ସକଳ ରୀତି ଏକାଧାରରେ ପୁଣ । ଧରନ୍ତି ବାଳାମଣି ଅପୂର୍ବ ଏହା ଜାଣ । ବୀପ୍‌ସା—ଗୁଣ, ଜାତି ଓ କ୍ରିୟାରେ ହୁଏ—ଏହାପରି ଆଭୀକ୍ଷ୍ଣ୍ୟରେ—ପିଉ ପିଉ, ଦେଖୁ ଦେଖୁ ପ୍ରଭୃତି ପ୍ରୟୋଗରେ ତିନି ଥରର ଆବୃତ୍ତି ମଧ୍ୟ ହୁଏ । ଜୟ ଜୟ ଜଗନ୍ନାଥ ଜଗତର ନାଥ । ତୋହର ଚରଣେ ସଦା ଲୁଟୁ ମୋର ମାଥ ( ୨ ଥର ):—୩ ଥର—ଜୟ ଜୟ ଜୟ ରାମ ଜନକସୁଖଦ । ହମ ହରଷ ଦାନରେ ସଦା ବିଶାରଦ ଲା: ୧ ଓ ଜୟ ଜୟତୁ ଜୟ ପରମାନନ୍ଦ । ଜୟ ଅନାଦି ଅଚ୍ୟୁତ ଆଦିକନ୍ଦ- ର: ମ: ୪ ଛାନ୍ଦ । ଦ୍ୱିରୁକ୍ତି ପୁନଶ୍ଚ—ସମ୍ଭ୍ରମ, ହର୍ଷ ଆବେଗ, ବିସ୍ମୟାଦିରୁ ହୁଏ । କ୍ରିୟା ସମଭିବ୍ୟାହାର ଓ କ୍ରିୟାଭ୍ୟାସଯୁକ୍ତ ପଦାଳଂକାରରେ କଥିତ ହୋଇଅଛି, ତାକୁ ନାମାନୁପ୍ରାସ ମଧ୍ୟ କହନ୍ତି ।

## ଲାଟାନୁପ୍ରାସ

ଭିନ୍ନ ପ୍ରବୃତ୍ତି ହେତୁ ଅର୍ଥର ଅଭେଦରେ ପଦାବୃତ୍ତି । ବ୍ୟବହିତ, ଅବ୍ୟବହିତ, ବ୍ୟସ୍ତ, ସମସ୍ତ, ବ୍ୟସ୍ତସମସ୍ତ, ଚକ୍ରବାଳ ଓ ଗର୍ଭ ଭେଦରେ ଅନେକବିଧ । ମୋଟରେ କେତେକ ଉଦାହରଣ ମାନ ପ୍ରଦତ୍ତ ହେଲା :— ଅବ୍ୟବହିତ ବ୍ୟସ୍ତ (୧) ସ୍ୱରେ ସ୍ୱର ଯଶେ ଯକ୍ଷ ପୁଣ ଗୌରବେ ଗୌରବ । ଧୈର୍ଯ୍ୟ ଧୈର୍ଯ୍ୟ ଉଦଧିର ଲଂଘି ଭାସଇ ରାଘବ । (୨) ତୋର ମୁଖ ତୋର ମୁଖସମ । ତୁଲ୍ୟ ତୋ ଲୋଚନ ତୋ ଲୋଚନ । ତୋର ମୂର୍ତ୍ତି ତୋର ମୂର୍ତ୍ତି ସରି । ତୁହି ତ ଅଟୁ ତୁଳନା ତୋହରି; ତୋର ବିନା ଗତି ସରି ଆଗୋ କୃଶୋଦରି । (୩) ଶୁଣ ଶୁଣ ଆଲୋ ଭାଇ ହେଉ ହୃଦରେ । ପୁଣ ପୁଣ କହେ ମୁହିଁ ଟେକି ବାହୁରେ । ଭବେ ନାହିଁ କିଛି ରମ୍ୟ ଲଳନା ସମ । ଭବେ ନାହିଁ କିଛି ରମ୍ୟ ଲଳନା ସମ । (୪) ଧନେ ଅକୁଳୀନ ନର କୁଳୀନ ହୋଇ । ଧନେ ମହାପାପୁଁ ଯେ ଲୋକ ନିସ୍ତରଇ । ଧନଠାରୁ ଆନ ମିତ୍ର ସଂସାରେ ନାହିଁ । ଧନ ଅର୍ଜ ଧନ ଅର୍ଜ ସନ୍ତତ ଭାଇ । (୫) ଶ୍ରଦ୍ଧା ଯହିଁ ଯଦି ଥାଇ ମେଧାରେ କି ପ୍ରୟୋଜନ । ନ ଥିଲେ ସେହି ପୁଣି ତ ମେଧାରେ କି ପ୍ରୟୋଜନ । (୬) ଯେ ଦେଖିଛି ନାଥ ତବ ବଦନସରୋଜ । ନାହିଁ ତାର

ସଂସାରେ ଆନ ବିଷୟେ କାର୍ଯ୍ୟ । ଯେ ନ ଦେଖିଛୁ ନାଥ ତବ ବଦନ ସରୋଜ । ନାହିଁ ତାର ସଂସାରେ ଆନ ବିଷୟେ କାର୍ଯ୍ୟ । ଇତ୍ୟାଦି ନାନାପ୍ରକାରରେ ଲାଟାନୁପ୍ରାସ ହୋଇପାରେ । ଏହି ଲାଟାନୁପ୍ରାସର ଉଦାହରଣ ଓଡ଼ିଆ କାବ୍ୟମାନଙ୍କରେ ସ୍ଥାନେ ସ୍ଥାନେ ପରିଦୃଷ୍ଟ ହୁଏ ।

ଓଡ଼ିଆ କାବ୍ୟମାନଙ୍କରେ ବର୍ଣ୍ଣମାନଙ୍କ ପୂର୍ବାନୁପ୍ରାସ ଅନେକ ସ୍ଥଳରେ ପରିଦୃଷ୍ଟ ହୁଏ । ରସକଲ୍ଲୋଳରେ "କ" ଅକ୍ଷର, ସୁଭଦ୍ରା ପରିଣୟରେ "ସ" ଅକ୍ଷର, ବୈଦେହୀଶ ବିଳାସରେ "ବ" ଅକ୍ଷର, ବାସୁଦେବ ବିଳାସରେ "ବ" ଅକ୍ଷର, କଳାକଉତୁକରେ—ପୂର୍ବ ଓ ପ୍ରାନ୍ତ "କ" ଅନୁପ୍ରାସ । ପୁନଶ୍ଚ ବିଦଗ୍ଧ ଚିନ୍ତାମଣିରେ "ଅ, ଆ, ଇ, ଈ, ଉ, ଊ, କ, ଜ, ଝ, ତ, ନ, ପ ଓ ମ ପ୍ରଭୃତି ବର୍ଣ୍ଣର ପୂର୍ବ ଅନୁପ୍ରାସ; କ ଚ ଟ ତ ପ ର ପୂର୍ବାନୁପ୍ରାସ ୧୭ ଛାନ୍ଦ; ଏକବର୍ଣ୍ଣ ଦ୍ୱିବର୍ଣ୍ଣ, ତ୍ରିବର୍ଣ୍ଣ, ଚତୁର୍ବର୍ଣ୍ଣ, ପଞ୍ଚବର୍ଣ୍ଣମାନଙ୍କ ଅନୁପ୍ରାସ ୩୫-୯୫ । ପୁନଶ୍ଚ ଆଦ୍ୟ ମଧ୍ୟ, ପ୍ରାନ୍ତ, ଆଦ୍ୟମଧ୍ୟ, ଆଦ୍ୟପ୍ରାନ୍ତ, ମଧ୍ୟପ୍ରାନ୍ତ, ଆଦ୍ୟମଧ୍ୟପ୍ରାନ୍ତ, ଅନୁପ୍ରାସମାନ ଯଥା—ଆଦ୍ୟାନୁପ୍ରାସ କଥିତ ହୋଇଅଛି । ମଧ୍ୟାନୁପ୍ରାସ—ହା ହା ନବରମଣୀମଣି ତୋ ଗୁଣ ଗୁଣି ଗୁଣି ଯିବ କି ମୋର ଜୀବ ଇତ୍ୟାଦି ବି: ଚି: ୩୬-୪ ଓ ୮୫ । ୨୧-୨୫ । ପ୍ରାନ୍ତାନୁପ୍ରାସ :—କୃଷ୍ଣପରିଗଣ୍ଡ କାଳ ଅନ୍ତରେ । ନବକିଶୋର ବୟ ଆଗତରେ । ବି: ଚି: ୩୨ ଛାନ୍ଦ ୧୫-୧୬-୨୦ । ଆଦ୍ୟପ୍ରାନ୍ତମଧ୍ୟାନୁପ୍ରାସ । ଧୀରେ ଧୀରେ ଶୁଣ ରସ କିଶୋରୀ ବିରସ କରପଟରେ ସଞ୍ଚିତଚିତ୍ତ । ବି: ଚି: ୨୩ । ଆଦ୍ୟ ମଧ୍ୟାନୁପ୍ରାସ—କରିବ କି ବୁଦ୍ଧି ଧରିବ କେହି କାର୍ଯ୍ୟ ବିବେକ । ମରିବ ତା ଲାଗି ତରିବ ସୁର ସିନ୍ଧୁ ପାତକ । ବି: ଚି: ୧୩-୫ । ଆଦ୍ୟପ୍ରାନ୍ତାନୁପ୍ରାସ—ସରସେ ଛାନ୍ଦ କରିବ । ସନ୍ତ ମାନସ ହରିବ । ସଖୀ ସଙ୍ଗ ଗମନେ ଗୋବିନ୍ଦ ବିମନେ ବୋଲନ୍ତି କେହି ତରିବ । ବି: ଚି: ୨୮ ଛାନ୍ଦ ଓ ୮୫।୨୬-୩୦ । ଦ୍ୱିଭଙ୍ଗ ଅନୁପ୍ରାସ । ଜଗବାନ୍ଧବ ଲୀଳା ସାଧବି ଜନେ ଶୁଣ ଦେଇ ମନ ଇତ୍ୟାଦି ବି: ଚି: ୧୯ ଛାନ୍ଦ । ବିଶ୍ରାମାନୁପ୍ରାସ—ଦ୍ୱିବିଧ; ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଅର୍ଥାତ୍ ସମଗ୍ର ବା ଅସମଗ୍ର । ଅସମ୍ପୂର୍ଣ୍ଣ—ସୁଧୀରେ ଘେନ ଧୀରେ ଛାନ୍ଦ କଳାନିଧିରେ ତୁଲ ସୁସ୍ୱାଦ ସୁଧାଦାୟୀ ଇତ୍ୟାଦି ବି: ଚି: ୮୧ ଛାନ୍ଦ । ସମ୍ପୂର୍ଣ୍ଣ—ଘେନ ଅହେ ଅନଘ ସୁରମ୍ୟ ଛାନ୍ଦ ଅଘ ନାଶନ ପ୍ରେମରସ ଶ୍ଲାଘ ଇତ୍ୟାଦି ବି: ଚି: ୩୬-୧ । ଅଦ୍ଭୁତ ବିଶ୍ରାମାନୁପ୍ରାସ—ଧୀରେ ଘେନ ଧୀରେ ଗୋବିନ୍ଦ ଅଧୀରେ ଚନ୍ଦ୍ର କିରଣରେ ବସି । ସୁଧା ଅପ୍ରାପ୍ତରେ କହନ୍ତି ମିତରେ ଗଲଟି ମୁଁ ଖରେ ଭସି ଇତ୍ୟାଦି ବି:ଚି: । ଯୁଗ୍ମପ୍ରାନ୍ତାନୁପ୍ରାସ—ଦୁଇବର୍ଣ୍ଣର ଅନ୍ତରେ ଆବୃତ୍ତି । କୃଷ୍ଣବୃନ୍ଦାକାନନ ମଧ୍ୟେ ବସି ଆନନ୍ଦ ଭିବନ୍ତ ରାଧାର ସହିତ । ଶରବାର ମାରର ପଡ଼ିଲା ଭିଦୁରର ସମକୁ ବଳିଲା ଘାତ ତ ଇତ୍ୟାଦି ବି: ଚି: ୩୬-୨ । ଛେକାନୁପ୍ରାସ—ଏକରୁ ବହୁ ବ୍ୟଞ୍ଜନର ଥରେ ମାତ୍ର ଆବୃତ୍ତି ବିଶ୍ୱନାଥ ଓ ମମ୍ମଟଭଟ୍ଟଙ୍କ ମତେ । ବିଦ୍ୟାଧରଙ୍କ

ମତେ ଦୁଇଟି ବ୍ୟଞ୍ଜନର ବହୁଶଃ ଆବୃତ୍ତିରେ ଛେକାନୁପ୍ରାସ । ଏହି ମତ ଓଡ଼ିଆ କାବ୍ୟକାରମାନେ ଗ୍ରହଣ କରିଅଛନ୍ତି । ଏହାର ଓ ବଣ୍ଣାମାନୁପ୍ରାସର ପାର୍ଥକ୍ୟ ଏହି ଯେ ଏଥିରେ ବର୍ଣ୍ଣ ସମଷ୍ଟିର ବଣ୍ଣାମାନୁପ୍ରାସରେ ପ୍ରାନ୍ତ ଗୋଟିଏ ବର୍ଣ୍ଣର ଆବୃତ୍ତି । ତୋହୋ ପ୍ରାପ୍ତି ଆଶରେ ବାଞ୍ଛାବନ୍ତ ପାଶରେ ତପ ସାଧିବ ନିରାଶରେ ଇତ୍ୟାଦି ବୈ: ଚି: ୩୬-୪ । ପ୍ରେ: ସୁ: ୭ମ ଛାନ୍ଦ—ଅପୂର୍ଣ୍ଣ ଛେକାନୁପ୍ରାସ—ପୂର୍ଣ୍ଣ ପଦ ଆଦିଭାଗରେ ଆବୃତ୍ତି ନ ହୋଇ କେବଳ ପ୍ରାନ୍ତରେ ପ୍ରେ: ସୁ:—୩ୟ ଛାନ୍ଦ । ଚନ୍ଦ୍ରକୁ କହେ କୁମାର ମାରକୁ ଏହି ନିକଟେ ଲସାଇବ । ଥିବ ଜୀବ ଜୀବବଲ୍ଲଭୀ ଲଭିବା ଯାଏ କି ଭାଗ୍ୟ ଦଶାଇବ ଇତ୍ୟାଦି । ଅନ୍ତର୍ହିତାନୁପ୍ରାସ—ପଦର ପଦମାନଙ୍କ ମଧ୍ୟରେ ବର୍ଣ୍ଣମାନଙ୍କର ଆବୃତ୍ତି । ନବୀନା ବିନା ମୁହିଁ ସଂନ୍ୟାସ ନ୍ୟାସ ବହି ଧୀଆନ ଆନ ନ କରିବି ଇତ୍ୟାଦି ବୈ: ଚି: ୩୬-୫ । ତ୍ରିଭଙ୍ଗୀ ଅନୁପ୍ରାସ—ମିତ ଅନ୍ତରେ କୁଞ୍ଜ କାନ୍ତରେ କୁଞ୍ଜ ଭିତରେ ବସି ଇତ୍ୟାଦି ବୈ: ଚି: ୭୯ ଛାନ୍ଦ । ବର୍ଣ୍ଣାନୁପ୍ରାସ—ବୈ: ଚି: ୮୫ । ୧୧-୧୫ ରାଧା ସୁଧାକରମୁହିଁ ନିଦ୍ରା ବିନାଶନେ ଇତ୍ୟାଦି । ଅନୁପ୍ରାସ ସାହିତ୍ୟଦର୍ପଣକାର ଓ କାବ୍ୟପ୍ରକାଶକାରଙ୍କ ମତେ ପଞ୍ଚବିଧ—ଛେକ, ଶ୍ରୁତି, ବୃତ୍ତି, ଅନ୍ତ୍ୟ ଓ ଲାଟ । କେବଳ ବୃତ୍ତ୍ୟନୁପ୍ରାସ ବିଷୟରେ ମତର ଅନୈକ୍ୟ ଦୃଷ୍ଟ ହୁଏ । ଅନେକ ବ୍ୟଞ୍ଜନର ଏକଧା ସ୍ୱରୂପତଃ ବୃତ୍ତି କ୍ରମତଃ ନୁହେଁ ବା ପୁନଃପୁନଃ ଅନେକଧା ସ୍ୱରୂପତଃ ବ କ୍ରମତଃ ବା ଏକ ଏକ ଆବୃତ୍ତିରେ ବୃତ୍ତ୍ୟନୁପ୍ରାସ ହୁଏ ।

## ଶ୍ଳେଷ

ଯେଉଁ ପଦ ଦୁଇ ବା ତତୋଽଧିକ ଅର୍ଥ ବହନ କରେ ତାହାକୁ ଶ୍ଲିଷ୍ଟ ପଦ କହନ୍ତି ; ଅର୍ଥାତ୍ ଯେଉଁ ପଦରେ ଗୋଟିକରୁ ଅଧିକ ଅର୍ଥ ହୁଏ ସେଠାରେ ଶ୍ଳେଷ ହୁଏ । ଏହା ଶବ୍ଦଶ୍ଳେଷ ଓ ଅର୍ଥଶ୍ଳେଷ ଭେଦରେ ଦ୍ୱିବିଧ । କଣ୍ଠାଶ୍ରିତ ଅଳଙ୍କାର—କଣ୍ଠାଳଙ୍କାର; କର୍ଣ୍ଣାଶ୍ରିତ ଅଳଙ୍କାର—କର୍ଣ୍ଣାଳଙ୍କାର ସଦୃଶ । ଶବ୍ଦାଶ୍ରିତ ଅଳଙ୍କାର—ଶବ୍ଦାଳଙ୍କାର ଓ ଅର୍ଥାଶ୍ରିତ ଅଳଙ୍କାର-ଅର୍ଥାଳଙ୍କାର ହୁଏ । ବାରେ ଉଚ୍ଚାରିତ ଶବ୍ଦ କେବଳ ଗୋଟିଏ ଅର୍ଥ ପ୍ରକାଶ କରେ । ସମସ୍ତ ବା ବ୍ୟସ୍ତ ଶବ୍ଦ ଗୋଟିକରୁ ବହୁତ ଅର୍ଥ ପ୍ରକାଶ କଲେ ଅର୍ଥ ଭେଦରୁ ଶବ୍ଦଭେଦ ସ୍ୱୀକାର କରିବାକୁ ହେବ । ଭିନ୍ନ ହେଲେହେଁ ସ୍ୱରବ୍ୟଞ୍ଜନ ଗଠିତ ଶବ୍ଦମାନେ ବେଳେ ବେଳେ ସମପ୍ରଯତ୍ନ, ସ୍ୱର ଓ ସ୍ଥାନାଦିରେ ଉଚ୍ଚାରିତ ହୁଅନ୍ତି । ବେଳେ ବେଳେ ସ୍ୱରପ୍ରଯତ୍ନ ସ୍ଥାନାଦିର ଭିନ୍ନତାରେ ସେମାନେ ଉଚ୍ଚାରିତ ହୁଅନ୍ତି । ପ୍ରଥମଟି ଅର୍ଥଶ୍ଳେଷ ଓ ଦ୍ୱିତୀୟଟି ଶବ୍ଦଶ୍ଳେଷ । ଭିନ୍ନ ପ୍ରଯତ୍ନାଦିରୁ ଉଚ୍ଚାରିତ ଶବ୍ଦମାନଙ୍କର ଯୋଗ ଜତୁକାଷ୍ଠ ତୁଲ୍ୟ । ଏହା ସଭଙ୍ଗ ଶ୍ଳେଷ ନାମରେ କଥିତ । ପ୍ରଯତ୍ନାଦିର ସମତାରେ ଉଚ୍ଚାରିତ ଶବ୍ଦ ଦୁଇଟି ଅର୍ଥ ବହନ

କଲେ ତାହା ଏକ ବୃନ୍ତରୁ ଦୁଇଟି ଫଳସଦୃଶ ଅଟେ—ଏହା ଅଭଙ୍ଗ ଶ୍ଳେଷ ନାମରେ ବିଦିତ । କାବ୍ୟପ୍ରକାଶକାର ମମ୍ମଟଭଟ୍ଟ ଏହା ସ୍ୱୀକାର ନ କରି କହନ୍ତି ଯେ, "ଆଶ୍ରୟାଶ୍ରୟିଭାବ ନ କହି ଅନ୍ୱୟବ୍ୟତିରେକ ଭାବ କହିବା ଉଚିତ" ଶବ୍ଦ ପରିବର୍ତ୍ତନ ସହିଷ୍ଣୁତ୍ୱ ଅର୍ଥଶ୍ଳେଷର ଧର୍ମ ଅଟେ । ମମ୍ମଟଙ୍କ ମତରେ କିନ୍ତୁ ସଭଙ୍ଗ ଓ ଅଭଙ୍ଗ ଶ୍ଳେଷ ଉଭୟ ଶବ୍ଦାଳଙ୍କାର ଅଟନ୍ତି । ତାଙ୍କ ମତରେ ଗୁଣ, ଦୋଷ ଓ ଅଲଙ୍କାରମାନଙ୍କର ଶବ୍ଦଗତ ଓ ଅର୍ଥଗତ ବିଭାଗ ଅନ୍ୱୟ ବ୍ୟତିରେକ ଉପରେହିଁ ନିର୍ଭର କରେ । କୌଣସି ଶବ୍ଦର ସ୍ଥିତି ଅନୁସାରେ ଯଦି ଦୋଷ, ଗୁଣ ଓ ଅଲଙ୍କାର ପ୍ରବର୍ତ୍ତିନ୍ତି ଓ ସେହି ଶବ୍ଦର ପରିବର୍ତ୍ତନରେ ଯଦି ଦୋଷ, ଗୁଣ ଓ ଅଲଙ୍କାରରେ ବାଧା ପଡ଼େ, ତେବେ ତାହା ଶବ୍ଦଗତ ବୋଲି ଜାଣିବ । ପୁନଶ୍ଚ ଶବ୍ଦର ପରିବର୍ତ୍ତନଦ୍ୱାରା ଅର୍ଥାତ୍ ପର୍ଯ୍ୟାୟ ଶବ୍ଦର ପ୍ରୟୋଗରେ ଦୋଷ, ଗୁଣ ଓ ଅଲଙ୍କାର ପୂର୍ବବତ୍ ରହନ୍ତି, ତେବେ ତାହା ଅର୍ଥଗତ ରୂପେ ଧରାଯିବ । ଶ୍ଳେଷ ଭଙ୍ଗ, ଅଭଙ୍ଗ ଓ ଭଙ୍ଗାଭଙ୍ଗ ଭେଦରେ ତ୍ରିବିଧ । ପୁନଶ୍ଚ ପ୍ରତ୍ୟେକେ ପ୍ରକୃତ-ମାତ୍ରାଶ୍ରିତ, ଅପ୍ରକୃତ ମାତ୍ରାଶ୍ରିତ ଓ ଉଭୟାଶ୍ରିତ । ଏହି ତିନିଗୋଟି ମଧ୍ୟରୁ ପ୍ରକୃତ ମାତ୍ରାଶ୍ରିତ (ଅର୍ଥାତ୍ ପ୍ରାକରଣିକ ମାତ୍ରାଶ୍ରିତ), ଅପ୍ରକୃତ ମାତ୍ରାଶ୍ରିତ (ଅପ୍ରାକରଣିକ ମାତ୍ରାଶ୍ରିତ)—ଦୁଇଟି ବିଶେଷ୍ୟଶ୍ଳିଷ୍ଟ ଓ ବିଶେଷ୍ୟଅଶ୍ଳିଷ୍ଟ । ଉଭୟାଶ୍ରିତ କେବଳ ବିଶେଷଣମାତ୍ରାଶ୍ଳିଷ୍ଟ । ଶ୍ଳେଷ ଅଲଙ୍କାର ବହୁତ ଅଲଙ୍କାରରେ ଦେଖାଯାଏ । ଆଚାର୍ଯ୍ୟ ଦଣ୍ଡୀ କହନ୍ତି, "ଶ୍ଳେଷଃ ସର୍ବାସୁ ପୁଷ୍ଣାତି ପ୍ରାୟୋ ବକ୍ରୋକ୍ତିଷୁ ଶ୍ରିୟମ୍" (କାବ୍ୟାଦର୍ଶ ୨-୩୬୦) ଅର୍ଥାତ୍ ଶ୍ଳେଷ ପ୍ରାୟ ସମସ୍ତ ବକ୍ରୋକ୍ତିରେ ଶୋଭା ବଢ଼ାଏ । ପୁନଶ୍ଚ ମନେ ରଖିବା ଉଚିତ ଯେ, ଅନ୍ୟ ଅଲଙ୍କାରମାନଙ୍କ-ମଧ୍ୟରେ ଶୁଦ୍ଧ ଶ୍ଳେଷର ଉଦାହରଣ ହୋଇ ପାରେ ନାହିଁ । ଯେଉଁଠାରେ ଶ୍ଳେଷ ଥାଏ ସେଠାରେ ଅନ୍ୟ ଅଲଙ୍କାର ମଧ୍ୟ ଅବଶ୍ୟ ରହେ । ଯଦି ଏପରି ଅବସ୍ଥାରେ ସର୍ବତ୍ର ଅନ୍ୟ ଅଲଙ୍କାରମାନଙ୍କ ନାମରେହିଁ ଶ୍ଳେଷର ବ୍ୟବହାର କରାଯାଏ, ତେବେ ଶ୍ଳେଷ ଅଲଙ୍କାରର ନାମ ମଧ୍ୟ ରହିପାରିବ ନାହିଁ । ଶ୍ଳେଷର ସହିତ ମିଳିତ ଅନ୍ୟ ଅଲଙ୍କାରମାନଙ୍କର ବାଧକ ରୂପେ ଶ୍ଳେଷକୁ ସ୍ୱୀକାର କରି ତାହାର ପ୍ରାଧାନ୍ୟ ମାନିବାକୁ ହେବ । ସମାସୋକ୍ତି ଓ ଅପ୍ରସ୍ତୁତ ପ୍ରଶଂସାରେ ମଧ୍ୟ ଦୁଇଗୋଟି ଅର୍ଥ ହୁଏ; କିନ୍ତୁ ସେହି ଦୁଇଟିରେ ଗୋଟିଏ ଅର୍ଥ ଅଭିଧେୟ (ବାଚ୍ୟ) ହୁଏ, ଅନ୍ୟ ଅର୍ଥ ବାଚ୍ୟ ଅର୍ଥ ନୁହେଁ, କିନ୍ତୁ ଗୁଣୀଭୂତ ବ୍ୟଙ୍ଗ୍ୟରୂପ ହୁଏ । ସମାସୋକ୍ତିରେ କେବଳ ପ୍ରସ୍ତୁତ ଅର୍ଥହିଁ ବାଚ୍ୟାର୍ଥ ହୁଏ । ଅପ୍ରସ୍ତୁତ ପ୍ରଶଂସାରେ କେବଳ ଅପ୍ରସ୍ତୁତର ବର୍ଣ୍ଣନାହିଁ ବାଚ୍ୟାର୍ଥ ହୁଏ; କିନ୍ତୁ ଶ୍ଳେଷରେ ଦୁଇଟି ଅର୍ଥ ବାଚ୍ୟାର୍ଥ ହୁଏ । ପ୍ରାଚୀନ କାବ୍ୟମାନଙ୍କରେ ବିଶେଷତଃ ଉପେନ୍ଦ୍ରଭଞ୍ଜଙ୍କର ପ୍ରାୟ ପ୍ରତ୍ୟେକ କାବ୍ୟର ପ୍ରାରମ୍ଭରେ ଓ କାବ୍ୟମାନଙ୍କର ସ୍ଥାନେ ସ୍ଥାନେ ଶ୍ଳେଷର ବହୁଳପ୍ରୟୋଗ ବିଦ୍ୟମାନ । ବିଶେଷତଃ ବୈଦେହୀଶବିଳାସର ପ୍ରଥମ ଛାନ୍ଦର ପ୍ରଥମ ଦୁଇପଦରେ ସଭଙ୍ଗ, ଅଭଙ୍ଗ ଓ ଭଙ୍ଗାଭଙ୍ଗ ଶ୍ଳେଷର ଉଦାହରଣ

ପରିଦୃଷ୍ଟ ହୁଏ । ଲାବଣ୍ୟବତୀର ପ୍ରାରମ୍ଭରେ ମଧ୍ୟ ତଦ୍ରୂପ । ବୈଦେହୀଶ ବିଳାସର ଆଦ୍ୟରେ—ରାମ, ସୂର୍ଯ୍ୟ ଓ ଶିବଙ୍କର, ଲାବଣ୍ୟବତୀର ପ୍ରାରମ୍ଭରେ ରାମ, ପର୍ଶୁରାମ ଓ ବଳରାମଙ୍କର ସ୍ତୁତିପ୍ରସଙ୍ଗରେ ଶ୍ଳେଷର ପ୍ରୟୋଗ ବିଦ୍ୟମାନ । ବିଦଗ୍ଧ-ଚିନ୍ତାମଣିର ୩୪ଛାନ୍ଦ, ଷଷ୍ଠ, ସପ୍ତମ ଓ ଅଷ୍ଟମ ପଦମାନ ଯଥାକ୍ରମେ ସଭଙ୍ଗ, ଅଭଙ୍ଗ ଓ ଭଙ୍ଗାଭଙ୍ଗର ଉଦାହରଣ । ଶ୍ଳେଷର ନାନାପ୍ରକାର ପ୍ରୟୋଗ କାବ୍ୟମାନଙ୍କରେ ବ୍ୟବହୃତ । ଲକ୍ଷଣା ଶ୍ଳେଷ :—ବି: ଚି: ୩୪।୧୨ :—ବ୍ୟଙ୍ଗ୍ୟ ଶ୍ଳେଷ ଅପ୍ରୟୋଜନାର୍ଥ ବି: ଚି: ୩୪।୧୪ । ଶ୍ଳେଷରୂପ ଛନ୍ଦାଶୟାଭାସ ସଙ୍କର ବି: ଚି: ୩୪।୨୩ :—ବିଦଗ୍ଧ ଚିନ୍ତାମଣି ଟୀକା ଦେଖ । ଅନ୍ୟାନ୍ୟ ଅଳଙ୍କାର ସହିତ ଶ୍ଳେଷର ସଙ୍କର କାବ୍ୟମାନଙ୍କରେ ଦ୍ରଷ୍ଟବ୍ୟ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ୨୫ ଛାନ୍ଦ ଶ୍ଳେଷରେ ବର୍ଷା, ଶୀତ ଓ ଗ୍ରୀଷ୍ମ ବର୍ଣ୍ଣିତ । ଲାବଣ୍ୟବତୀରେ ଋତୁର ବର୍ଣ୍ଣନା ଶ୍ଳେଷାଶ୍ରୟରେ ଲକ୍ଷିତ ହୁଏ । ଲାବଣ୍ୟବତୀ, ସୁଭଦ୍ରାପରିଣୟ, ବିଦଗ୍ଧଚିନ୍ତାମଣି ପ୍ରଭୃତିରେ ଚାରି ଅର୍ଥ, ତିନି ଅର୍ଥ ଶ୍ଳେଷରେ ଅଭିପ୍ରେତ । ସୁଭଦ୍ରାପରିଣୟରେ ନବ ଅର୍ଥରେ ଏକ ପଦ ଶ୍ଳିଷ୍ଟ ହେବା କଥିତ :—ସୁ: ପ: ଛାନ୍ଦ—୬୦ ପଦ ଦେଖ । ଚାରି ଅର୍ଥ :—ସୁ: ପ: ୮।୨୨ ଓ ବି: ଚି: ୩୪।୯, ତିନି ଅର୍ଥ :—ବି: ଚି: ୩୪।୧୦ ଇତ୍ୟାଦି ଇତ୍ୟାଦି ।

## ପୁନରୁକ୍ତ ବଦାଭାସ

ଭିନ୍ନ ଭିନ୍ନ ରୂପଗତ ଶବ୍ଦମାନଙ୍କର ଏକଅର୍ଥରେ ପ୍ରୟୋଗର ପ୍ରତୀତିରେ —ଅର୍ଥାତ୍ ଏକାର୍ଥବୋଧକ ଶବ୍ଦ ପୁନର୍ବାର ଉକ୍ତ ହେଲାପରି ଜଣାଗଲେ ପୁନରୁକ୍ତବଦାଭାସ ହୁଏ । 'ପତି କାନ୍ତ ପ୍ରିୟ ବଚନକୁ କର୍ଣ୍ଣେ ଶୁଣି । କୋପ ମାନ ନାଶ କଲା ରାମା ଶିରୋମଣି । ହେମ କନକ ଗାତ୍ର ତା ପୁଲକିତ ହୋଇ । ପଦ୍ମ କମଳ ବଞ୍ଚିତନେତ୍ରେ ତାଳ ଗ୍ରହି' ଇତ୍ୟାଦି ପ୍ରେ: ସୁ: ୧୬-୧ । ପ୍ରିୟ ଓ କାନ୍ତ—ଏକାର୍ଥବୋଧକ—ପ୍ରିୟର ଅର୍ଥ ମଧୁର । କୋପ ଓ ମାନ ଏକାର୍ଥ କିନ୍ତୁ ଏଠାରେ ସବୁ ଅର୍ଥ । ହେମ କନକ—ସୁନା ଅର୍ଥରେ ଏକାର୍ଥ—କିନ୍ତୁ ପ୍ରୟୋଗ—କନକର ଅର୍ଥ ଚମ୍ପକ । ପଦ୍ମ କମଳ ଅର୍ଥ ଏକ, କିନ୍ତୁ କମଳ ଏଠାରେ ମୃଗ ଅର୍ଥରେ ପ୍ରଯୁକ୍ତ । କେତେକ ଆଳଙ୍କାରିକଙ୍କ ମତରେ ଆଶ୍ରୟାଶ୍ରୟି ଭାବରୁ ଅର୍ଥାଳଙ୍କାରର ନିର୍ଣ୍ଣୟ ହୁଏ । ଶ୍ଳେଷ ଅଧ୍ୟାୟରେ ଏହାର ବିଚାର ପ୍ରଦତ୍ତ ହୋଇଅଛି । ସେମାନଙ୍କ ମତେ ଅର୍ଥକୁ ଆଶ୍ରୟ କରିବାରୁ ଏହା ଅର୍ଥାଳଙ୍କାର । ଅନ୍ୱୟବ୍ୟତିରେକ ନ୍ୟାୟରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ନିର୍ଣ୍ଣୟ ହୁଏ । ମମ୍ମଟଙ୍କ ମତେ ପୁନରୁକ୍ତବଦାଭାସ ଶବ୍ଦାଳଂକାର ଓ ଉଭୟାଳଙ୍କାର ( ଶବ୍ଦ ଓ ଅର୍ଥାଳଙ୍କାର ଉଭୟ ) ପୁନରୁକ୍ତବଦାଭାସ ନାମଗତ ଓ ଆଖ୍ୟାତଗତ ହେତୁ ଦ୍ୱିବିଧ । ଏହା ମଧ୍ୟ ସଭଙ୍ଗଶବ୍ଦନିଷ୍ଠ ଓ ଅଭଙ୍ଗଶବ୍ଦନିଷ୍ଠ । ପ୍ରାଚୀନ କାବ୍ୟମାନଙ୍କରେ ପୁନରୁକ୍ତବଦାଭାସର ବହୁଳ ଉଦାହରଣ ପରିଦୃଷ୍ଟ ହୁଏ ।

## ଶବ୍ଦାଳଂକାର

ଶବ୍ଦ ଅଳଙ୍କାର ଷଡ଼୍‌ବିଧ :—ବର୍ଣ୍ଣ, ସ୍ଥାନ, ସ୍ୱର, ଆକାର, ଗତି ଓ ବନ୍ଧ । ବର୍ଣ୍ଣଦ୍ୱାରା ଏଠାରେ ବ୍ୟଞ୍ଜନ ବୁଝିବାକୁ ହେବ, କାରଣ ସ୍ୱରର ପୃଥକ୍ ନିର୍ଦ୍ଦେଶ ହୋଇଅଛି ।

### ବର୍ଣ୍ଣଶବ୍ଦ

ଏକ, ଦୁଇ, ତିନି, ଚାରି, ତଥା ସର୍ବ ବ୍ୟଞ୍ଜନରେ ଶବ୍ଦକାବ୍ୟ ରଚିତ ହୁଏ । ଏକାକ୍ଷର—କାକୁ କାକୁ କୋକୋ କାକ କାକା କାକୁ କାକ୍ର । କିକେ କାକ ·କେକା କେକୋ କାକ କାଙ୍କ କାକ :—ପ୍ରେ: ସୁ: ୧୬-୭ । ପୁନଶ୍ଚ ଶ: ବ: ୪୨-୨୩ । ଦ୍ୱିଅକ୍ଷର :—ରସାରେ ସାର ସୁରସ ସରସୀ । ସଂସାର ସିରି ସୁରସ ସରସୀ ଶ: ବ: ୨-୨୧ । ତ୍ରିଅକ୍ଷର :—ମାର ମାରଣ ରଣ ରଣ ମରମେ ଭଣି । ମୁର ମାରଣେ ରମେ ରମା ରମଣୀ ମଣି । ଏପରି ଚତୁରକ୍ଷର ମଧ୍ୟ । ସର୍ବ ବ୍ୟଞ୍ଜନ—କେଖଗା ଘନେ ଗୃଞ୍ଝ ଇତ୍ୟାଦି ଯଦୁମଣି । ଛନ୍ଦ ଅକ୍ଷର (ବ୍ୟଞ୍ଜନ):—ମ ଯ ର ସ ତ ଜ ଭ ନ ଗ ଓ ଲ :—ଗଜରାଜ ଗତିରେ ସେ ରସରାଜ ମନ । ଯତନେ ସନମାନଭରେ ହେଲା ମଗନ । ଷଡ଼ଜ ସ୍ୱର ବ୍ୟଞ୍ଜନ ରଚିତ କାବ୍ୟ:—ସ ରି ଗ ମ ପ ଧ ନି :—ନୀପ ସନ୍ନିଧିରେ ରସନିଧି ପୁରୁଷ । ନିଗମ ଧ୍ୱନି ପ୍ରସାରେ ମଧୁର ରସ । ମୁରଜାକ୍ଷର ବ୍ୟଞ୍ଜନ ରଚିତ ଶବ୍ଦକାବ୍ୟ :—ଲ, ହ, ତ, ଥ, ଦ, ଧ, ଛ, ମ, ର, ନ, ଣ, କ, ଖ, ଟ, ଘ ଓ ଙ ଏହି ଷୋଳ ଅକ୍ଷର ମୁରଜବର୍ଣ୍ଣ । "ଦଧି ମାଛ କରିଗଲେ ରାଧାରମଣ । ମାଥେ ହାତ ମାରି କାନ୍ଦେ ଗୋପିନୀଗଣ ।" ସକାରନ୍ୟସ୍ତ :—"ସାଶ ଶଶୀ ଶିଶୁ ଶ୍ରୀଶେଷାଶେଷ । ସାଶ ଶଶୀ ଶିଶୁ ଶୀର୍ଷେଶ ଶ୍ରୀଶ" :—ଶ: ବ: ୨-୨୨ ।

### ସ୍ଥାନ

ଉର କଣ୍ଠାଦି ସ୍ଥାନରୁ ଉଚ୍ଚାରିତ ବର୍ଣ୍ଣମାନଙ୍କରେ ରଚିତ ଶବ୍ଦକାବ୍ୟ :—ଯଥା ନିଷ୍କଣ୍ଠ୍ୟ, ନିସ୍ତାଲବ୍ୟ, ନିର୍ଦ୍ଦନ୍ତ୍ୟ, ନିରୋଷ୍ଠ୍ୟ, ନିର୍ମୂର୍ଦ୍ଧଣ୍ୟ, ନିରୋଷ୍ଠ୍ୟଦନ୍ତ୍ୟ, ନିରୋଷ୍ଠ୍ୟମୂର୍ଦ୍ଧଣ୍ୟ, ଦନ୍ତ୍ୟକଣ୍ଠ୍ୟ ଓ କଣ୍ଠ୍ୟ । ନିଷ୍କଣ୍ଠ୍ୟ :—ଶ୍ରୁତିରୂପୀ ଭୃଗୁଭୂତ ପୃଥୁପ୍ରୀତିସ୍ଥିତି । ଶୁଚିରୁଚି ଉରୁମୂର୍ତ୍ତି ପୁରୁହୂତ ନତ । ନିସ୍ତାଲବ୍ୟ :—ପରମପୁରୁଷ ପାଦେ ରହୁ ମୋର ମନ । ସଦା ମୋ ଭାବନା ଘୁଚେ କର ହେ କାରଣ । ନିର୍ଦ୍ଦନ୍ତ୍ୟ :—ପରମପୁରୁଷ ହରି ରାମ ରଘୁବର । ଭଜି ଭଜି ନର ଜୀବ ହୁଅ ଭବ ପାର । ନିରୋଷ୍ଠ୍ୟ :—ଚନ୍ଦ୍ର ଚନ୍ଦନ ଅଙ୍ଗେ ଦେଲେ ନେଇ । ଅନଳ-ସରି ନାଗରୀ ଘେନଇ । ଶ: ବ: ୨-୩୨; ପ୍ରେ: ସୁ: ୧୬-୯ । ନିର୍ମୂର୍ଦ୍ଧଣ୍ୟ :—ପଦ୍ମତପ-ବନ ଧାତା ଜଗତଜୀବନ । ପାହି ସତ୍ୟ ଭବପତି ସଂଶୟଭଞ୍ଜନ । ନିରୋଷ୍ଠ୍ୟଦନ୍ତ୍ୟ :—ହେ ଶିରୀଈଶ ଶଙ୍ଖଚକ୍ର କର । ରକ୍ଷ ହିରଣାକ୍ଷ ଶରୀରହର । ନିରୋଷ୍ଠ୍ୟମୂର୍ଦ୍ଧଣ୍ୟ :—ଅଳି ନୀଳ ଅଳକ ଯୁକ୍ତ ଯାହା ଆନନ । କଳିକ ନାୟକ

ନଯୂନ ଅତ ଅଛନ୍ତ । ଦନ୍ତ୍ୟକଣ୍ଠ୍ୟ :—ସଦାନଘ ସଦାନନ୍ଦ ତଥା ସନାତନ । ଦାସ ସଖା ଭନ ମନ କଲ ଅଘହ୍ନାନ । କଣ୍ଠ୍ୟ :—ଅଗ ଅଗ ଖଗ କହ୍ନକ । ଅଘ ଅହହ୍ନ ହକ ଅକ । ସ ଓଷ୍ଠ୍ୟ (ଯାହାକୁ ଓଡ଼ିଆ କାବ୍ୟକାର ସରେଷ୍ଠକ କହନ୍ତି) :—ହ୍ନମ ପ୍ରାଭବ ଭୂମିପ ପ୍ରାଭବେ । ବାସ୍ପ ପ୍ରଭବ ଭବ ଭବ ଭାବେ । ପ୍ରେ: ସୁ: ୧୬-୮ ଇତ୍ୟାଦ ।

## ସ୍ୱର

ହ୍ରସ୍ୱ ଏକସ୍ୱର, ଦୀର୍ଘ ଏକସ୍ୱର, ହ୍ରସ୍ୱ ଦ୍ୱିସ୍ୱର, ଦୀର୍ଘ ଦ୍ୱିସ୍ୱର, ହ୍ରସ୍ୱ ତ୍ରିସ୍ୱର, ଦୀର୍ଘ ତ୍ରିସ୍ୱର, ହ୍ରସ୍ୱ ଚତୁଃସ୍ୱର, ଦୀର୍ଘ ଚତୁଃସ୍ୱର, ପ୍ରତ ବ୍ୟଞ୍ଜନସ୍ୱରଯୁକ୍ତ ଓ ସ୍ୱରହୀନ । ଓଡ଼ିଆରେ ଏମାନଙ୍କର ଉଦାହରଣ ବରଲ, [ ଭୋଜରାଜଙ୍କ ସରସ୍ୱତୀ କଣ୍ଠାଭରଣ ଦେଖ ] :—ବନା ଅର୍ଥାତ୍ ପ୍ରତ ବ୍ୟଞ୍ଜନ ସ୍ୱରଯୁକ୍ତ— ଧୀରେ ଧୀରେ ବେଲେ ଦେ'ରେ ଛଭକ ମୋ ଯୋଣି । ଦଶେ ଦଶୁ ଅଟୁ ନାହୁଁ କ ଦୋଷେ ସୁମୁଖି । ବ: ଚ: ୩୪-୧୬ ।

## ଅବନା

ମଦମତ୍ତ ଉନ୍ନତ ଗଜମସ୍ତକବତ । ଓଲଟେ ବେଲ ରମ୍ୟ ମଣ୍ଡପତ ସତ । ବ: ଚ: ୩୪-୧୫ । ଗୁରୁଲଘୁ ବର୍ଣ୍ଣାଭ୍ୟାସ—ବର୍ଣ୍ଣ ସ୍ୱର୍ଣ୍ଣ ମୂର୍ତ୍ତି ବୃତ୍ତ ଅଛଇ ଯୁଗତେ । ବ୍ୟର୍ଥ ଅର୍ଥ ପୃଥ୍ୱୀ ଅର୍ଥୀ ହୁଅନ୍ତ ଜଗତେ । ବ: ଚ: ୩୪-୩୫ । ସ୍ୱର ସଂଯୋଗାଭ୍ୟାସ—ଅକ୍ଷ ଆକ୍ଷେପରେ ଈଶ ଇତସ୍ତତଃ ହର । ଉରୁ ଉଜ୍ଜ୍ୱଳକୁ ରୁଚ ରୂପ ଦାନକର । ବ: ଚ: ୩୬-୩୬ ।

## ଆକାର

ନାନା ପ୍ରକାର ଅଷ୍ଟଦଳକମଳବନ୍ଧ, ଚତୁଷ୍ପତ୍ର କମଳବନ୍ଧ, ଷୋଡ଼ଶପତ୍ର କମଳବନ୍ଧ, ଷଡ଼ର ଚକ୍ରବନ୍ଧ ନାନାବଧ, ଦ୍ୱିଚତୁଷ୍କଚକ୍ରବନ୍ଧ, ତ୍ରିଶୃଙ୍ଗାଟକ ଚକ୍ରବନ୍ଧ, ବବଡ଼ତ ଚକ୍ରବନ୍ଧ, ଶରଯନ୍ତ୍ରବନ୍ଧ, ବ୍ୟୋମବନ୍ଧ, ମୁରଜବନ୍ଧ—ନାନାବଧ; ଉପେନ୍ଦ୍ରଭଞ୍ଜଙ୍କ ଚତ୍ରକାବ୍ୟ ବନ୍ଧୋଦୟରେ ନନା-ବନ୍ଧର ବଷୟ ଅଛ । ଯଥା:—ଅଟ୍ଟାଳୀ, ସୂର୍ଯ୍ୟରଥ, ପ୍ରାସାଦ, ପୀଢ଼ ପ୍ରାସାଦ, ବମାନ, ମଣ୍ଡପ, ମହାରଥ, ପୁଷ୍ପକରଥ, ରଥ, ପ୍ରାଚୀନରଥ, ଚକ୍ର, ପଞ୍ଚମତ୍ସ୍ୟ, ଯୁଗଳନାଗ, ଜଳମତ୍ସ୍ୟ, ଶୂଳ, ଖଡ୍ଗ, ମୁରଜବନ୍ଧଦ୍ୱୟ, ପରଶୁ, ଗୁଚ୍ଛ, ମତ୍ସ୍ୟ, ଶଙ୍ଖ, ଷୋଡ଼ଶଦଳ ପଦ୍ମ, ଶିବ, କବାଟ, ଅଷ୍ଟଦଳ ପଦ୍ମ, ଦୋପୁର ପଦ୍ମ, ଆବୃତ ପଦ୍ମ, ଚତୁରଙ୍ଗ, ଗୁଚ୍ଛ, ଗଦା, ଡମ୍ବରୁ, ଶକଟ, ବଜ୍ର, ନାଗନାଡ଼, କୂର୍ମ, ବୀଣା, ଋବା, ଜ୍ୟୋତଷ୍କ, କାକପାଦ, ମାଳା, ତ୍ରିଶାଖା, ବୃକ୍ଷ, ଯମଦର, ଫଳକ, କଙ୍କିଣୀ, ଲଗୁଡ଼, ତ୍ରିଶାଖାଗୁଚ୍ଛ, ରଥ, ଢରବାଣୀ, ତୀର, କାଣ୍ଡ, ଧନୁ, ଲତା, ପାଶ, ନାଗପାଶ, ମହାପଦ୍ମ, ମହାଚକ୍ର, ଗବାକ୍ଷ, ସ୍ୱସ୍ତିକ, ଛତ୍ର, ଜଗତୀ, ପଦ୍ମଛଦ,

ଶ୍ୱାସ, ବହ୍ନିକ, ହଳ, ଲଙ୍ଗଳ, ଚନ୍ଦ୍ରବିମ୍ବ, ଆକାଶ, ଯୁଗଳମୁକୁଟ, ଅଷ୍ଟକୋଣ, ଗୃମର, ପର୍ଯ୍ୟଙ୍କ ପ୍ରଭୃତି ବନ୍ଧମାନ ପରିଦୃଷ୍ଟ ହୁଏ । ଉପେନ୍ଦ୍ର ଭଞ୍ଜ ଆକାର, ଗତି ଓ ବନ୍ଧ ପ୍ରଭୃତିକୁ ଏକତ୍ର ଗ୍ରହଣ କରିଅଛନ୍ତି । ଏହି ବନ୍ଧମାନଙ୍କ ବିଷୟରେ ଜ୍ଞାନ ନିମିତ୍ତ ଚିତ୍ରକାବ୍ୟବନ୍ଧୋଦୟ ଦ୍ରଷ୍ଟବ୍ୟ । ଏପରି ବନ୍ଧମାନଙ୍କ ବିଷୟର ଅନ୍ୟତ୍ର କୌଣସି କବିଙ୍କ ଦ୍ୱାରା ପ୍ରଦତ୍ତ ହୋଇ ନାହିଁ । ଦୁଃଖର କଥା, ଏହି ବନ୍ଧମାନଙ୍କର ପ୍ରାପ୍ୟ ଲକ୍ଷଣ ଉପେନ୍ଦ୍ର ଦେଇ ନାହାନ୍ତି । ତାହା ଗ୍ରନ୍ଥାନ୍ତରରେ ପ୍ରଦତ୍ତ ହେବ ।

## ଗତଚିତ୍ର

ଗତପ୍ରତ୍ୟାଗତ, ତୁରଙ୍ଗପଦ, ଅଜାମେଷ ଯୁଦ୍ଧ, ମଣ୍ଡୂକପ୍ଲୁତି, ଶାର୍ଦ୍ଦୂଳବିକ୍ରୀଡ଼ିତ, ଗୋମୂତ୍ରିକା ଓ ସର୍ବତୋଭଦ୍ର ଭେଦରେ ନାନାବିଧ:— ଗତପ୍ରତ୍ୟାଗତ ଅର୍ଥାତ୍ ଅନୁଲୋମ ବିଲୋମ—ତାହା ମଧ୍ୟ ମେଷଯୁଦ୍ଧ ରୂପେ କଥିତ । ମେଷଯୁଦ୍ଧ :—ବୈ ବି: ୧୯ଛନ୍ଦ—୩୨।୩୩ ପଦ । ଅଲୋମ ବିଲୋମ ଅର୍ଥାତ୍ ଗତପ୍ରତ୍ୟାଗତ—ପଦଗତ, ପାଦଗତ ଓ କାବ୍ୟଗତ ରୂପେ ପରିଦୃଷ୍ଟ ହୁଏ । ପାଦଗତ ଯଥା:—ପଦର ପାଦକୁ ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ପଢ଼ିଲେ ଯାହା, ଶେଷରୁ ଲେଉଟାଇ ପଢ଼ିଲେ ତାହା ହୁଏ । ଯଥା:—ବୀର ଯେତେ ସେନାବାର ରସାସାର ରବିନାଶେ ତେଜେ ରବି । ବିହେ ଛଳପୂରିତର ତମ ମତରତ ରିପୁଜିତ ହେବ । ବୈ.ବି: ୪୯।୧୭ । ପୁନଶ୍ଚ କାବ୍ୟଗତ ଲୋମ ବିଲୋମ ପ୍ରେ: ସୁ: ୧୫ ଛନ୍ଦ :—ଏହି ଛନ୍ଦ ୨୦ ପଦ । ମୂଳ ଦଶ ପଦ ଅନୁଲୋମ ଓ ଶେଷ ୧୦ ପଦ ବିଲୋମରେ ପଢ଼ିଲେ ପଦ ବଳୀ ଏକ ହୁଏ; କିନ୍ତୁ ୨୦ ପଦର ମଧ୍ୟ ଅନୁଲୋମରେ ଅର୍ଥ ଅଛି । ତୁରଙ୍ଗ ପଦ:— ଅଶ୍ୱ ଯେପରି ନ୍ୟାୟବଳ ଖେଳ ପରି ଅଡ଼େଇ ଘର ଛାଡ଼ି ପାଦ ପକାଏ ସେହିପରି ପଦର ବର୍ଣ୍ଣମାନଙ୍କର ବିସାଣ । ଯଥା—ଗଜପତି ଢୀରୁଇଶ । କରି ନାହିଁ ମୁଁ ତ ଦୋଷ । ତେଜ ଅତି ଗୁରୁବେଷ । ତାରି ସହି ସତି ତୋଷ । ଚି: ବ । ପୃ ୩୭।୫୪।୫୫ । ଅଶ୍ୱଗତିବନ୍ଧ—ଚି:ବ ପୃ୫୫—ପୃ୭୨ । ଅଜଯୁଦ୍ଧ—ରକ୍ଷବଳଧ୍ୱଂସି ସାତ ରଜମାରର । ରମାରସ ଧନରକ୍ଷ ଲସିତକର ଚି: ବି:—୫୨ପୃ—୨୭ପଦ । ମଣ୍ଡୂକପ୍ଲୁତି—ଦୁଇ ଦୁଇ ବର୍ଣ୍ଣ ଛାଡ଼ି ପଢ଼ିଲେ ଅର୍ଥ ମିଳିବ—ଯଥା 'ଦେ'ଖାଇ'ବି' 'ଅସ୍ତ୍ର' 'ସୁଖ' 'ଦା'ନ'ରେ । 'ଆ' ସୁ ତୋ 'ଥି'ଲୀ ପ୍ରା'ଣ' ରଖ 'ମୋ' ରେ । 'ପାଶେ' ଆ'ସ' ଗୋ ଛା'କୁ' ବୋଲି କରି । ବିଜେ କରି ରହି ନେଶ ତେଜି ଦେବ ସୁନିଆଁ ଅଣ ମୋ ପାଶକୁ—ଚି: ବି:—ଛ ୨।୫୨।୫୭ ପଦ ଦେଖ । ଶାର୍ଦ୍ଦୂଳବିକ୍ରୀଡ଼ିତ— "—କବିର ଶୋହେ ରେ ତୋ ମାନସରେ । ରସସାଭିଳାଷୀ ରତି

ରୂପରେ" । ପ୍ରଥମ ପାଦର ବର୍ଣ୍ଣମାନଙ୍କ ସହିତ ଦ୍ୱିତୀୟ ପାଦର ବର୍ଣ୍ଣ ତଳ ଉପରକୁ ପଢ଼ିଲେ ହେବ :—କର ବସ ରସା ଶୋଭ ହେଲାରେ । ତୋଷି ମାର ନାନ୍ତ ସବୁରେ ପରେ । ଛ୨।୬୪।୬୬ ପଦ ଚ: ବ: ଦେଖ । ବ୍ୟାଘ୍ର ଗଡ଼:—ବୈ: ବ: ୧୯ଛ ୧୦।୧୧ ପଦ । ସର୍ବତୋଭଦ୍ର:—ପଦର ପାଦକୁ ଅନୁଲୋମ ବିଲୋମରେ ପଢ଼ିଲେ ସମାନ ହୁଏ । ପୁନଶ୍ଚ ପ୍ରତି ପାଦର ପ୍ରଥମ ଅକ୍ଷରମାନଙ୍କୁ ଉପରୁ ତଳକୁ ଓ ସେହି ପାଦମାନଙ୍କୁ ତଳୁ ଉପରକୁ ପଢ଼ିଲେ ଦ୍ୱିତୀୟ ପାଦର ବର୍ଣ୍ଣମାନ—ସେହିପରି ତୃତୀୟ ଓ ଚତୁର୍ଥ ପାଦର ବର୍ଣ୍ଣମାନଙ୍କର ପାଠରେ ସର୍ବତୋଭଦ୍ର ହୁଏ । ହ ର ସ ର ର ସ ହ ର ତ ର ସ ସ ର ତ ର । କ୍ଷ ର ଧ ର ର ଧ ର ସ ର ତ ର ସ ସ ର ତ ର । ବ: ଚ: ପୃ୬୩-୭ ପଦ ଦେଖ ।

## ଗୋମୂତ୍ର

ପାଦ ଗୋମୂତ୍ରିକା, ଯୁଗ୍ମତ ଗୋମୂତ୍ରିକା, ଅର୍ଦ୍ଧଶ୍ଳୋକ ଗୋମୂତ୍ରିକା, ଶ୍ଳୋକ ଗୋମୂତ୍ରିକା, ବିପରୀତ ଗୋମୂତ୍ରିକା, ଅର୍ଦ୍ଧ ଗୋମୂତ୍ରିକା, ଅର୍ଦ୍ଧଗୋମୂତ୍ରିକା, ପ୍ରସାର ଅର୍ଦ୍ଧ ଗୋମୂତ୍ରିକା ବନ୍ଧ, ଗୋମୂତ୍ରିକା ଧେନୁ, ଶତ ଧେନୁ, ସହସ୍ର ଧେନୁ, ଅଯୁତ ଧେନୁ, ଲକ୍ଷ ଧେନୁ କୋଟି ଧେନୁ ଓ କାମ ଧେନୁ । ଗୋମୂତ୍ରଛନ୍ଦ ବନ୍ଧର ଉଦାହରଣ:—ହା ହା ହାରିହାସୀ ବର ଭାବସିନ୍ଧୁ । ସାହାଧରି ଭୂଷୀ ମୋର ଜୀବବନ୍ଧୁ—ଚ: ବ: ପୃ୪୧-୭ପଦ, ବୈ:ବ: ୪୯-୧୩ପଦ, ଲ: ୭ମ ଛାନ୍ଦ ୮,୯ପଦ । ପ୍ରଥମ ପାଦର ୧ମ, ୩ୟ, ୫ମାଦି ବର୍ଣ୍ଣସହ ଦ୍ୱିତୀୟ ପାଦର ୨ୟ, ୪ର୍ଥ, ୬ଷ୍ଠାଦି ବର୍ଣ୍ଣ ପାଠ ଓ ଦ୍ୱିତୀୟ ପାଦର ୧ମ ୩ୟ, ୫ମାଦି ବର୍ଣ୍ଣ ସହ ପ୍ରଥମ ପାଦର ୨ୟ, ୪ର୍ଥ, ୬ଷ୍ଠାଦି ବର୍ଣ୍ଣମାନଙ୍କର ପାଠ କଲେ ଯଥାକ୍ରମେ ପ୍ରଥମ ପାଦ ଓ ଦ୍ୱିତୀୟ ପାଦ ହେବ । ଚିତ୍ରକାବ୍ୟର ଏହିପରି କେତେକ ନିର୍ଦ୍ଦେଶ କରି ଭୋଜରାଜ କହନ୍ତି ଯେ ଦୁଷ୍କର, କଠୋର ଓ ଦୁର୍ବୋଧ ହେତୁ ଏବଂ ଏହା ଅସୀମ ହେତୁ କେବଳ ଦିକ୍ ମାତ୍ର ଦର୍ଶିତ ହେଲା ।

## ବାକୋବାକ୍ୟ

ଉକ୍ତି ପ୍ରତ୍ୟୁକ୍ତି ସହ ବାକ୍ୟକୁ ବାକୋବାକ୍ୟ କହନ୍ତି:—ତାହା ଋଜୂକ୍ତି, ବକ୍ରୋକ୍ତି, ବୈୟାତ୍ୟୋକ୍ତି, ଗୂଢ଼ୋକ୍ତି, ପ୍ରଶ୍ନୋତ୍ତରୋକ୍ତି ଓ ଚିତ୍ରୋକ୍ତି ଭେଦରେ ଷଡ଼ବିଧ । ଏହି ଉକ୍ତିମାନ ଓଡ଼ିଆ କାବ୍ୟମାନଙ୍କରେ ବହୁଳ ପରିଦୃଷ୍ଟ ହୁଏ— ରସକଲ୍ଲୋଳ, ବୈଦେହୀଶ, ଲାବଣ୍ୟବତୀ, ବିଦଗ୍ଧଚିନ୍ତାମଣିରେ ନାୟକ ନାୟିକା ଓ ନାୟିକା ସହଚରୀଙ୍କ କଥୋପକଥନରେ ଏହା ପରିପୂର୍ଣ୍ଣ । ଲାବଣ୍ୟବତୀ ୫ମ ଓ ୬ଷ୍ଠ ଛାନ୍ଦ ଓ ଅନ୍ୟତ୍ର ଦ୍ରଷ୍ଟବ୍ୟ । ଦୀନକୃଷ୍ଣ ବକ୍ରୋକ୍ତିକୁ ବକ୍ରବାଣୀ କହିଅଛନ୍ତି ।

## ପ୍ରହେଳିକା

ଚ୍ୟୁତାକ୍ଷର, ଦତ୍ତାକ୍ଷର, ଦତ୍ତଚ୍ୟୁତାକ୍ଷର, ମୁଷ୍ଟି, ବିନ୍ଦୁମତୀ ଓ ଅର୍ଥ ପ୍ରହେଳିକା ଭେଦରେ ଏହା ଷଡ଼୍‌ବିଧ:—ଦତ୍ତାକ୍ଷର, ଚ୍ୟୁତାକ୍ଷର ଓ ଦତ୍ତଚ୍ୟୁତାକ୍ଷର—ପ୍ରେ: ସୁ: ୧୭ ଛାନ୍ଦ ୪ । ୫ । ୬ ପଦମାନ ଓ ଉପେନ୍ଦ୍ରଙ୍କ ପ୍ରାୟ ସମସ୍ତ କାବ୍ୟରେ ପରିଦୃଷ୍ଟ ହୁଏ ।

## ଅକ୍ଷର ମୁଷ୍ଟି

ପଦକୁ ଗୃହପାଦ କରି ମୁରଜବନ୍ଧ ନ୍ୟାୟରେ ପଢ଼ିବାକୁ ହେବ:—ଆଜି ଆଜି ଆର୍ମ ଆର୍ମ । ପ୍ରୀଜି ଭଜି ଧଜି କଜି । ମୋଭ ମୋଭ ମୋଭ ମୋଭ । ଲସୁ ଲସୁ ଲସୁ ଲସୁ । ଏହାକୁ ମୁରଜବନ୍ଧ ନ୍ୟାୟରେ ପଢ଼ିଲେ..ଆଜି ମୋ ସୁଲଭ ପ୍ରୀତି । ଆଜି ମୋ ସୁଲଭ ରତି । ଆଜି ମୋ ସୁଲଭ ଧର୍ମ । ଆଜି ମୋ ସୁଲଭ କର୍ମ ।

## ବିନ୍ଦୁମତୀ

ବ୍ୟଞ୍ଜନବର୍ଣ୍ଣ ସ୍ଥାନରେ ବିନ୍ଦୁ ଅର୍ଥାତ୍ ‘୦’ ଲେଖି ସ୍ୱରମାନଙ୍କୁ ତତ୍ ସଙ୍ଗରେ ଯୋଗ କରିବ—( ସଂଯୁକ୍ତ ବ୍ୟଞ୍ଜନସ୍ଥାନରେ ମଧ୍ୟରେ କେବଳ ଗୋଟିଏ ବିନ୍ଦୁ ବା ‘୦’ ଦେବାକୁ ହେବ । ୦ ୦ ୦ ୦ୋ । ୦ ୦ ୦ୀ । ୦ ୦ି । ୦ ୦େ ୦ ୦ଂ ୦ ୦ ୦ ୦ା । ୦ୀ=କମଲଲୋଚନ ଶ୍ରୀହରି । କରେଣ ଶଙ୍ଖଚକ୍ରଧାରୀ ।

## ଅର୍ଥ ପ୍ରହେଳିକା

ଦଶନ ସଙ୍କେତ ଦହକ କନକ ତୁଲ । କୃଷ୍ଣ ବୃନ୍ତାରେ ରସେ ଚୁମ୍ବିତ କେସନ ଉତ୍ଫୁଲ । ଦ୍ୱିଅର୍ଥ ପଦ ପ୍ରୟୋଗଦ୍ୱାରା ପକ୍ୱ ଆମ୍ବ ଫଳ ସୂଚିତ ହେବା ହେତୁ ଏହା ଅର୍ଥ ପ୍ରହେଳିକା ।

## ଗୂଢ଼

ଭୋଜରାଜଙ୍କ ମତେ—କ୍ରିୟା, କାରକ, ସମ୍ବନ୍ଧ, ପାଦ, ଅଭିପ୍ରାୟ ଓ ବସ୍ତୁମାନଙ୍କର ଗୋପନରେ ଗୂଢ଼ ପଦାଳଂକାର ହୁଏ । ଯାନ ବାହନ ଯୋଗେ ତୁ ଗୋପପୁର ପଛ । ତୋର ମୁଖ ସିନା ନାଶେ ଆମ୍ଭର ବିପତ୍ତି । ଏଠାରେ କ୍ରିୟା ଗୁପ୍ତ ହେଲା । ‘ତୁ ଗୋପପୁର ଛାଡ଼ି ଯାଅ ନାହିଁ’ ଏ ଅର୍ଥ ସୂଚିତ ଗୁପ୍ତରେ ହେଲା । ବସ୍ତୁଗୂଢ଼—କମଳବଦନୀ ତୋର ରସ ପାନେ ଇଚ୍ଛା ମୋର । ତୁହି ଅଟୁ ସୁଧାର ଆଧାର । ଦେବୀନା ବୋଇଲେ ତୁହି । ଇଚ୍ଛା ମୋର ତୋର ତହିଁ । ନ ବୋଇଲେ ଛାଡ଼ିବି ନକର । ‘ଦେବୀ ନା— ଦେବୀ ନୁହେଁ, ଦେବୀ ଈଶ୍ୱରୀ; ଦେବ ନାହିଁ’—ଏପରି ବସ୍ତୁଗୂଢ଼ । ଏହିପରି କାରକାଦି ମଧ୍ୟ ଗୂଢ଼ ହୁଏ ।

## ପ୍ରଶ୍ନୋତ୍ତର

ଅନ୍ତଃ ପ୍ରଶ୍ନ, ବହିଃ ପ୍ରଶ୍ନ, ବହିରନ୍ତ ପ୍ରଶ୍ନ, ଜାତି ପ୍ରଶ୍ନ, ପୃଷ୍ଟ ପ୍ରଶ୍ନ ଉତ୍ତର ପ୍ରଶ୍ନ—ଉପେନ୍ଦ୍ରଭଞ୍ଜଙ୍କ 'ଚିତ୍ରକାବ୍ୟ ବନ୍ଧୋଦୟ' ଦେଖ। "ଗୃହୁ ଆରମ୍ଭିଲ ପ୍ରଶ୍ନ ଉତ୍ତରେ। ଅନୁଷ୍ଟୁପ ଶ୍ଳୋକ ଛାନ୍ଦ ଗୀତରେ"—୨ୟ ଛାନ୍ଦ —୪୩ ପଦ—୫୦ ପଦ ଦେଖ ଚିତ୍ର କାବ୍ୟ ବନ୍ଧୋଦୟ। ଏହି ପ୍ରଶ୍ନୋତ୍ତରରେ ଉପେନ୍ଦ୍ର, ମଣ୍ଡୁକପ୍ଲୁତ, ଶାର୍ଦ୍ଦୂଳବିକ୍ରୀଡ଼ିତ ପ୍ରଭୃତି ଓ ନାନାବିଧ ଅନ୍ତର୍ଲପି ଓ ବହିର୍ଲପି—ଚିତ୍ରକାବ୍ୟ ବନ୍ଧୋଦୟର ୨ୟ ଓ ୩ୟ ଛାନ୍ଦ ଦେଖ।

## ଅଧେୟ

ବିଧିରେ, ନିଷେଧରେ ଓ ବ୍ୟୁତ୍ପତ୍ତିରେ ଯେ କାରଣ ସେ ଅଧେୟ। ତଦ୍ଧି ଗ୍ର ଲୋକବ୍ୟବହାର ହୁଏ—ତାହା ଷଡ଼୍‌ବିଧ। କାବ୍ୟ, ଶାସ୍ତ୍ର, ଇତିହାସ, କାବ୍ୟଶାସ୍ତ୍ର, କାବ୍ୟ ଇତିହାସ, ଶାସ୍ତ୍ର ଇତିହାସ—ଇତ୍ୟାଦି; ଭୋଜରାଜ ଦେଖ। ଶ୍ରାବ୍ୟକାବ୍ୟ, ଦୃଶ୍ୟକାବ୍ୟ ଓ ଅଭିନୟାଦି ମଧ୍ୟ ପଦାଳଂକାର ମଧ୍ୟରେ ଭୋଜ ଗ୍ରହଣ କରିଅଛନ୍ତି।

ମାଘ, ନୈଷଧ, ଭଟ୍ଟି ପ୍ରଭୃତି ସଂସ୍କୃତ କାବ୍ୟମାନଙ୍କରେ ଉପେନ୍ଦ୍ର, ଅଭିମନ୍ୟୁ ପ୍ରଭୃତିଙ୍କ ଓଡ଼ିଆ କାବ୍ୟମାନଙ୍କରେ ଏମାନଙ୍କର ପ୍ରୟୋଗ ଥିବା ସ୍ଥଳେ ଏମାନଙ୍କ ବିଚାର ପରିହାର କରିବା ସମୀଚୀନ ନୁହେଁ। କାବ୍ୟପ୍ରକାଶ ଓ ସାହିତ୍ୟଦର୍ପଣରେ ଚିତ୍ରକାବ୍ୟର ବିଶେଷ ବିଚାର ନାହିଁ। ବିଶ୍ୱନାଥ କବିରାଜ କହନ୍ତି—ପ୍ରହେଳିକା ରସର ପରିପନ୍ଥୀ, ଅଳଂକାର ନୁହେଁ; ଉକ୍ତିର ବୈଚିତ୍ର୍ୟ ମାତ୍ର। ଆମ୍ଭମାନଙ୍କ ମତରେ ଯାହା ବୈଚିତ୍ର୍ୟ ବିଧାନ କରେ ତାହାହିଁ ଅଳଙ୍କାର। ରସ ନ ଥାଇ ମଧ୍ୟ କ'ଣ ଅଳଙ୍କାର ସମ୍ଭବପର ନୁହେଁ। ପ୍ରହେଳିକା ? ରସର ପରିପନ୍ଥୀ ଏହା ମଧ୍ୟ କହିବା ସମୀଚୀନ ନୁହେଁ। ଉକ୍ତିମାନେ ଭାବାଶ୍ରିତ ବା ରସାଶ୍ରିତ। ରସର ପୁଷ୍ଟି ମୁଖ୍ୟତଃ ନ ହେଲେହେଁ ଗୌଣତଃ ରସର ପୁଷ୍ଟି ହୁଏ। ଏହା ସ୍ୱୀକାର କରିବାକୁ ହେବ। ଏହା କଳାବିଦ୍ୟାର ଅନ୍ତର୍ଗତ। ଉପେନ୍ଦ୍ରଭଞ୍ଜ ତାଙ୍କ କାବ୍ୟମାନଙ୍କରେ ବାତ୍ସ୍ୟାୟନଙ୍କ ନାମ ଉଲ୍ଲେଖ କରିଅଛନ୍ତି। ସେ ମଧ୍ୟ ବାତ୍ସ୍ୟାୟନଙ୍କ କାମସୂତ୍ରରେ ପାରଦର୍ଶୀ ଥିଲେ। ସେ ତତ୍‌କୃତ ରସପଞ୍ଚକରେ ନାୟକ ନାୟିକା ଲକ୍ଷଣ, ଆଲମ୍ବନ, ଉଦ୍ଦୀପନ, ଦଶଦଶା ଦୂତୀ-ଲକ୍ଷଣ, ରସବିଚାର, ଦନ୍ତକ୍ଷତ, ନଖକ୍ଷତ, ଚୁମ୍ବନ, ଆଲିଙ୍ଗନମାନଙ୍କର ଭେଦ, ସାତ୍ତ୍ୱିକଭାବ ପ୍ରଭୃତିର ଯେ ବିଶ୍ଳେଷଣ ପ୍ରଦର୍ଶନ କରିଅଛନ୍ତି, ସେଥିରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ, ସେ ବାତ୍ସ୍ୟାୟନଙ୍କ କାମସୂତ୍ରରେ ବିଶେଷ ଅଭିଜ୍ଞ ଥିଲେ। ଆଜିକାଲି ପାଶ୍ଚାତ୍ୟ ଶିକ୍ଷାଭିଜ୍ଞ କହନ୍ତି ଯେ—ଛେକୋକ୍ତି, ଗୂଢ଼ୋକ୍ତି, ସମସ୍ୟାପୂରଣ,

ଅନ୍ତଲ୍‌ପି, ବହିଲ୍‌ପି ପ୍ରଭୃତି କାବ୍ୟକୁ ଅପ୍ରାକୃତିକ ଦୋଷରେ ଦୁଷ୍ଟ କରେ
ଦୁଃଖର କଥା, ସେମାନେ ପ୍ରକୃତ ବିଷୟ ନ ଜାଣି ଅଯଥା ଏପରି ମତ ବ୍ୟକ୍ତ
କରନ୍ତି । ବାତ୍ସ୍ୟାୟନଙ୍କ କାମସୂତ୍ରରେ ଲିଖିତ ଅଛି, "ଅଭ୍ୟାସପ୍ରୟୋଜ୍ୟାଂଶ୍ଚ
ଚତୁଃଷଷ୍ଟିକାନ୍ ଯୋଗାନ୍ ରହସ୍ୟେ କାକନ୍ୟଭ୍ୟସେୟତ୍" । ରାଜକନ୍ୟା,
ସମ୍ଭ୍ରାନ୍ତବଂଶୀୟ କନ୍ୟାମାନେ ଚତୁଃଷଷ୍ଟି କଳା ଏକାନ୍ତରେ ଅଭ୍ୟାସ କରିବେ ।
ଚତୁଃଷଷ୍ଟି କଳା ମଧ୍ୟରୁ ନୃତ୍ୟ, ଗୀତ, ବାଦ୍ୟ, ଆଲେଖ୍ୟ ସହ ପ୍ରହେଳିକା,
ପ୍ରତିମାଳା, ଦୁର୍ବାଚକ ଯୋଗ, ପୁସ୍ତକ ବାଚକ, ନାଟକାଖ୍ୟାୟିକା ଦର୍ଶନ, କାବ୍ୟ
ସମସ୍ୟାପୂରଣ, ଅକ୍ଷରମୁଷ୍ଟିକା କଥନ, ମ୍ଳେଚ୍ଛିତ ବିକଳ୍ପ, ଦେଶଭାଷା ବିଜ୍ଞାନ,
ନିମିତ୍ତଜ୍ଞାନ, ଯନ୍ତ୍ରମାତୃକା, ଧାରଣା ମାତୃକା, ସମ୍ପାଠ୍ୟ, ମାନସୀ, କାବ୍ୟକ୍ରିୟା,
ଛନ୍ଦୋଜ୍ଞାନ, କ୍ରିୟାକଳ୍ପ, ଛଳିତକ, ଯୋଗ ପ୍ରଭୃତି ବିଶେଷରେ କୁମାର କୁମାରୀ-
ମାନେ ଶିକ୍ଷାଲାଭ କରୁଥିଲେ ଏବଂ ଏହାର ଏପରି ଆଲୋଚନା ହେଉଥିଲା
ଯେ ତାହାର ଶିକ୍ଷା ଓ ଜ୍ଞାନରେ କିଛି କଷ୍ଟବୋଧ ହେଉ ନ ଥିଲା । ଉତ୍କଳରେ
ରାଜପରିବାର, କ୍ଷତ୍ରିୟ ସାମନ୍ତ ପରିବାର ଓ ଉଚ୍ଚ କରଣ ସାମନ୍ତ ପରିବାରରେ
ଏ ସବୁର ବିଶେଷ ଆଲୋଚନା ହେଉଥିଲା । ତାହାର ନିଦର୍ଶନ ଆଜି ସୁଦ୍ଧା ଦେଖା-
ଯାଏ । ଦୁଃଖର କଥା ଏହି କଳାବିଦ୍ୟାମାନଙ୍କ ପ୍ରତି ଆଧୁନିକ ରୀତିର ଶିକ୍ଷା-
ପଦ୍ଧତିଦ୍ୱାରା ଅବହେଳା ପ୍ରଦର୍ଶିତ ହେଉଅଛି । ଉପେନ୍ଦ୍ରଭଞ୍ଜ କୋଟିବ୍ରହ୍ମାଣ୍ଡ
ସୁନ୍ଦରୀର ନବମ ଛାନ୍ଦର ଉପସଂହାରରେ କହନ୍ତି, "ଏ ତ ପରିକୃତ କାବ୍ୟ ଗ୍ରନ୍ଥ-
ଭ୍ରାନ୍ତ ସତ । କୃଷ୍ଣି କୃଷ୍ଣାନ୍ତର ଏଥି ଅଛି ବିଶେଷତ । ଯେଉଁ ନୈଷଧ ପରିଚୟେ ।
ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରିଏ ।" ନୈଷଧକୁ ଆଦର୍ଶ କରି ଉପେନ୍ଦ୍ର ପ୍ରମୁଖ
କାବ୍ୟମାନ ଲେଖି ଅଛନ୍ତି । ନୈଷଧ ଦ୍ୱାଦଶ ଶତାବ୍ଦୀରେ ଲିଖିତ । ଭୋଜ-
ରାଜଙ୍କ ସରସ୍ୱତୀକଣ୍ଠାଭରଣ ନୈଷଧକାରଙ୍କ ସମୟର ପ୍ରାୟ ୧୫୦ ବର୍ଷ ପୂର୍ବେ
ଲିଖିତ ହେବା ସମ୍ଭବପର । ତହୁଁ ଶ୍ରୀହର୍ଷ ତାହା ପାଠ କରିଥିବେ । ତେଣୁ
ଭୋଜରାଜଙ୍କ ସରସ୍ୱତୀକଣ୍ଠାଭରଣ ପାଠ ନ କଲେ ନୈଷଧ ତଥା ଉପେନ୍ଦ୍ର
ଭଞ୍ଜଙ୍କ କାବ୍ୟକଳାପର ମହତ୍ତ୍ୱ ବୁଝିବା ଦୁରୂହ ମାତ୍ର । ଏଥିହେତୁ ଭୋଜରାଜଙ୍କ
ସରସ୍ୱତୀ କଣ୍ଠାଭରଣକୁ ପ୍ରଧାନତଃ ଆଶ୍ରୟ କରି ଶବ୍ଦାଳଂକାରର ବିଚାର ପ୍ରଦତ୍ତ
ହେଲା ।

## ଅଳଂକାର

ଭୋଜରାଜ ଅଳଂକାରମାନଙ୍କୁ ତ୍ରିଧା ବିଭକ୍ତ କରିଅଛନ୍ତି :—
ଯଥା ଶବ୍ଦାଳଂକାର, ଅର୍ଥାଳଂକାର ଓ ଶବ୍ଦାର୍ଥ ଉଭୟାଳଂକାର ।
ଜାତ୍ୟାଦି ଅଭିନୀତି ପର୍ଯ୍ୟନ୍ତ ଚତୁର୍ବିଂଶତି ଶବ୍ଦାଳଂକାର ବିଷୟ କଥିତ ହେଲା ।
ତାଙ୍କ ମତରେ ଅର୍ଥାଳଂକାର—ଜାତି, ବିଭାବନା, ହେତୁ, ଅହେତୁ, ସୂକ୍ଷ୍ମ, ଉତ୍ତର,
ବିରୋଧ, ସମ୍ଭବ, ଅନ୍ୟୋନ୍ୟ, ପରିବୃତ୍ତି, ନିଦର୍ଶନ, ଭେଦ, ସମାହିତ, ଭ୍ରାନ୍ତି,
ବିତର୍କ, ମିଳିତ, ସ୍ମୃତି, ଭାବ, ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ, ଅର୍ଥାପତ୍ତି,

ରତିରଙ୍ଗ ଅଭିସାରିକା ତଥା ନଷ୍ଟଚରିତ୍ର ଜାରପୁରୁଷଙ୍କ ବିଷୟ ଯାହା କାବ୍ୟାଦିରେ ପରିଦୃଷ୍ଟ ହୁଏ ତାହା ସମାଜଗତ ଚିତ୍ରଣ ଛଳରେ ପ୍ରଦତ୍ତ ମାତ୍ର । ଉପେନ୍ଦ୍ର ରସପଞ୍ଚକରେ ବାରାଙ୍ଗନାମାନଙ୍କ ନିନ୍ଦା ଓ ପ୍ରଶଂସା କରିଅଛନ୍ତି । ବେଶ୍ୟାସଙ୍ଗ ବର୍ଜନୀୟ—ଏହା ଉପେନ୍ଦ୍ର ବାତ୍ସ୍ୟାୟନଙ୍କ ତୁଲ୍ୟ ଉପଦେଶ ଦେଇ ଅଛନ୍ତି । "ସୁପ୍ରୀତିହୀନା. ଧନ ଅଧୀନା, ସେଥିରୁ ପ୍ରୀତି ବିଗୁର କି ନା" ଇତ୍ୟାଦି ଇତ୍ୟାଦି । ଯେ ବେଶ୍ୟା ପ୍ରଗଲ୍ଭା ସେ ଗଣିକା ନାମରେ ଅଭିହିତା । ଗଣିକା ଦ୍ୱାରା ଗୃହସ୍ଥ ଦୋଷଜନିତ ଅନିଷ୍ଟ ସ୍ଥାପିତ ହୁଏ ନାହିଁ । ବାତ୍ସ୍ୟାୟନଙ୍କ କାମଶାସ୍ତ୍ର ଦ୍ରଷ୍ଟବ୍ୟ । ଏ ସମସ୍ତର ବର୍ଣ୍ଣନ ସମାଜର ସାମୟିକ ଚିତ୍ରର ଚିତ୍ରଣ ମାତ୍ର । ଏ ପ୍ରସଙ୍ଗରେ ମଧ୍ୟ ଉପେନ୍ଦ୍ର ପ୍ରାଚୀନ ସଂସ୍କୃତ ସାହିତ୍ୟକଙ୍କ ପଦାଙ୍କ ଅନୁସରଣ କରିଅଛନ୍ତି ।

ଉପେନ୍ଦ୍ରଙ୍କ ପୂର୍ବକାଳୀନ ଓ ସମକାଳୀନ ଉତ୍କଳର ଗଜପତିମାନଙ୍କ ତଥା ତାଙ୍କ ଅଧୀନସ୍ଥ ସାମନ୍ତ ରାଜନ୍ୟ ମଣ୍ଡଳୀଙ୍କର କାଳମାହାତ୍ମ୍ୟ ରହସ୍ୟ ତଥା ହୀନନୈତିକତା ଓ ସେମାନଙ୍କ ଉତ୍ପୀଡ଼ନାରେ ବାଧ୍ୟ ହୋଇ ପ୍ରଜାବର୍ଗଙ୍କର ଘୃଣ୍ୟବୃତ୍ତି ଅବଲମ୍ବନ କରିବା ବିଷୟ ବିଜୟଚନ୍ଦ୍ର ଓ ତାଙ୍କ ଓଡ଼ିଆ ସାହିତ୍ୟ ପରିଚୟର ମୁଖବନ୍ଧରେ ଦର୍ଶାଇ ଅଛନ୍ତି । ପାଶବିକ କାମ ଚରିତାର୍ଥତା, ହୀନ ନୈତିକତା ଓ ଉପାଂଶୁବଧାଦି ଘୃଣ୍ୟକ୍ରିୟା କଳାପ ଘୁମୁସର ରାଜବଂଶରେ ସ୍ଥାନଲାଭ କରିଥିଲା । ରାଜବଂଶରେ ଉପାଂଶୁହତ୍ୟା ଓ ବ୍ୟକ୍ତିବିଶେଷଙ୍କ ହୀନଚରିତ୍ରବତ୍ତା ସର୍ବ ଯୁଗରେ ସର୍ବତ୍ର ପ୍ରାୟ ପରିଦୃଷ୍ଟ ହୁଏ । ବାଣଭଟ୍ଟଙ୍କ ହର୍ଷ ଚରିତର ଷଷ୍ଠ ଉଚ୍ଛ୍ୱାସରେ ହୀନଚରିତ୍ରବତ୍ତାହେତୁକ ଉପାଂଶୁବଧାଦିର ଜ୍ୱଳନ୍ତ ଘଟଣାମାନ ପ୍ରଦତ୍ତ ହୋଇଅଛି । ଘୁମୁସର ରାଜବଂଶରେ ରାଜ୍ୟଲିପ୍ସା ହେତୁ ରାଜାମାନଙ୍କର ଉପାଂଶୁବଧ ଅତି ଘୃଣ୍ୟ ବିଷୟ । ଏହା କେହି ଅସ୍ୱୀକାର କରିବେ ନାହିଁ । ଗୋପୀନାଥ ଭଞ୍ଜଙ୍କ ଦ୍ୱାରା ଜ୍ୟେଷ୍ଠଭ୍ରାତା ବନମାଳୀଙ୍କ ହତ୍ୟା; ଗୋପୀନାଥ ଭଞ୍ଜଙ୍କ ପୁତ୍ର ନ୍ୟାୟବାନ୍, ପରମଧାର୍ମିକ, ସତ୍ୟନିଷ୍ଠ କବିଶ୍ରେଷ୍ଠ ଧନଞ୍ଜୟଙ୍କର ପ୍ରିୟବତୀ ନୟାଗଡ଼ ରାଜଜେମା ପରମରୂପବତୀ କନିଷ୍ଠା ମହିଷୀ ମଣ୍ଡୋଦେଈଙ୍କ ଦ୍ୱାରା ହତ୍ୟା; ମାତାଙ୍କ ପ୍ରରୋଚନାରେ ନୀଳକଣ୍ଠଙ୍କ ଦ୍ୱାରା ଧନଞ୍ଜୟଙ୍କ ଜ୍ୟେଷ୍ଠ ପୁତ୍ର ଗଙ୍ଗାଧର ଓ ତତ୍ପୁତ୍ର ଶତ୍ରୁଞ୍ଜୟଙ୍କ ବଧ ଓ ଘନଭଞ୍ଜଙ୍କ ଦ୍ୱାରା ରଣଭଞ୍ଜଙ୍କ ହତ୍ୟା ବ୍ୟାପାରମାନ ଅତୀବ ଗର୍ହିତ । ଘାତକ ଗୋପୀନାଥଙ୍କ ପୁତ୍ର ଧନଞ୍ଜୟ ଯେପରି ଧାର୍ମିକ-ସେପରି ସତ୍ୟନିଷ୍ଠ ଥିଲେ । ନୀଳକଣ୍ଠଙ୍କ ପୁତ୍ର ଉପେନ୍ଦ୍ର ଅତୀବ ଧାର୍ମିକ, ଉଦାର ସରଳପ୍ରାଣ ଓ ସଚ୍ଚିଦାନନ୍ଦମୟୀ ଦେବୀ ବୀଣା-ପାଣିଙ୍କ ଆରାଧନାରେ ସାତ୍ତ୍ୱିକ ହୃଦୟରେ ଅନାରତ ବ୍ୟାପୃତ ଥିଲେ । ଘୁମୁସର ରାଜବଂଶର ହୀନନୈତିକତାର ପ୍ରଭାବ ଉପେନ୍ଦ୍ରଙ୍କ ଜୀବନରେ ପ୍ରତିଫଳିତ ହେବାରୁ ତାଙ୍କ କାବ୍ୟାଦି ଉଚ୍ଚ ଆଦର୍ଶମୟ ଜୀବନର ଚିତ୍ର ପରିବର୍ତ୍ତେ ଅନୁଦାର ଚରିତ୍ର

ଓ ଘୋର ଅଶ୍ଳୀଲ ବର୍ଣ୍ଣନାଦିରେ ମୂର୍ଚ୍ଛିତ । ଏହି ଅଶ୍ଳୀଳ ବର୍ଣ୍ଣନାମାନଙ୍କର ସନ୍ନିବେଶ ହେତୁ ଉପେନ୍ଦ୍ରଙ୍କ ହୀନଚରିତ୍ରବିହି ପ୍ରମାଣିତ କରିବା ବିଜୟଚନ୍ଦ୍ରଙ୍କ ଉଦ୍ଦେଶ୍ୟରୂପେ ଅନୁମିତ ହୁଏ । ହୀନ ନୈତିକତା ଓ ଚରିତ୍ରହୀନତା ଯଦି କାବ୍ୟଗତ ଅଶ୍ଳୀଳତାର କାରଣ ହୁଏ, ତେବେ ଅମ୍ଭେମାନେ କାଳିଦାସ, ମାଘ, ଶ୍ରୀହର୍ଷ, ଜୟଦେବ, ଭୋଜରାଜ, ବିଦ୍ୟାପତି, ଦୀନକୃଷ୍ଣ ପ୍ରଭୃତିଙ୍କୁ ହୀନଚରିତ୍ର ଓ ହୀନଚରିତ୍ରମୟ ଯୁଗର ବ୍ୟକ୍ତି ମଧ୍ୟ କହି ପାରୁ । ଏ ଯୁକ୍ତି କେବଳ ହାସ୍ୟ ଉଦ୍ଦୀପନ କରେ । ପୂର୍ବେ କଥିତ ହୋଇଅଛି ଯେ କାଳିଦାସ, ଶ୍ରୀହର୍ଷ ପ୍ରଭୃତିଙ୍କ ପଦାଙ୍କ ଅନୁସରଣ କରି ଉପେନ୍ଦ୍ର ସ୍ୱ କାବ୍ୟମାନ ଲେଖି ଅଛନ୍ତି । ପାର୍ବତୀ ପରମେଶ୍ୱରଙ୍କ ସମ୍ଭୋଗ ବର୍ଣ୍ଣନା କରି କାଳିଦାସ ସମାଲୋଚକଙ୍କ ହସ୍ତରୁ ନିଷ୍କୃତି ଲଭି ନାହାନ୍ତି । ଶ୍ରୀହର୍ଷଙ୍କ ଅତ୍ୟଧିକ ଅଶ୍ଳୀଳତାର ବିଶ୍ଳେଷଣ ଓ ଜୟଦେବଙ୍କ ବାରମ୍ବାର ପୁରୁଷାୟିତାଦି ବର୍ଣ୍ଣନା ସାହିତ୍ୟିକଙ୍କ ଦୃଷ୍ଟିରେ ଦୋଷାବହ । କବି ଉପେନ୍ଦ୍ର ଏହି ପରମ୍ପରା ରକ୍ଷା କରି ଅଛନ୍ତି । କେବଳ ଯେ ପରମ୍ପରା ରକ୍ଷା କରି ଅଛନ୍ତି ତାହା ନୁହେଁ, ସେ ଦିଗରେ ମଧ୍ୟ ସେ ଅତି ଉତ୍କୃଷ୍ଟ ପଦବୀ ଲାଭ କରି ଅଛନ୍ତି । ସେ ଯାହା କରିଅଛନ୍ତି ତାହା ତାର ଚରମସୀମା ଲାଭ କରିଅଛି । ଅଶ୍ଳୀଳତା ସେ ପରିହାର କରି ପାରି ଥାଆନ୍ତେ; କିନ୍ତୁ ଭୋଜରାଜ ପ୍ରଭୃତିଙ୍କ "ଶୃଙ୍ଗାରୀ ଚେତ୍ କବିଃ" ଏହି ଭାବ ସେହି କାଳରେ ସାହିତ୍ୟିକଙ୍କ ହୃଦୟରେ ବଦ୍ଧମୂଳ ଥିବାରୁ ଏପରି ଅଶ୍ଳୀଳତା ସ୍ୱତଃ ସାହିତ୍ୟରେ ସ୍ଥାନଲାଭ କରିଅଛି । ଆଲଙ୍କାରିକମାନେ ଅଶ୍ଳୀଳତା, ଗ୍ରାମ୍ୟତା ପ୍ରଭୃତିକୁ ଦୋଷରୂପେ ଦର୍ଶାଇ ତତ୍ ପରିହାର ନିମନ୍ତେ ଉପଦେଶ ପ୍ରଦାନ କରି ଅଛନ୍ତି । କିନ୍ତୁ ଯେଉଁ ଅଶ୍ଳୀଳାର୍ଥ ବିଷୟମାନ ପ୍ରସିଦ୍ଧ କବିମାନଙ୍କ ଦ୍ୱାରା ବ୍ୟବହୃତ ହୋଇଅଛି ତାହା ଗୁଣରୂପେ ସ୍ୱୀକାର କରିବାକୁ ହେବ । ଏହିପରି ନିୟମ, ବିଧି ନିର୍ଦ୍ଦେଶିତ ହେଲା । "ଅସଭ୍ୟାର୍ଥଂ ଯଦଶ୍ଳୀଳଂ ତତ୍ତଦର୍ଥାନ୍ତରାଣି ବା । ତତ୍ସେୟଦି ଦୃଶ୍ୟତେ ଭୂମ୍ନା ପ୍ରୟୋଗୋ ନାଭିଦୁଷ୍ୟତି"—ଭୋଜରାଜ ସରସ୍ୱତୀ କଣ୍ଠାଭରଣ ପ୍ରଥମ ପରିଚ୍ଛେଦ । ଉପେନ୍ଦ୍ର ସତ୍ୟନିଷ୍ଠ, ଜିତେନ୍ଦ୍ରିୟ, ପୁଣ୍ୟାତ୍ମା, ସମଦର୍ଶୀ ଓ ଲୋକପ୍ରିୟ ଥିଲେ । ରାମତାରକ ମନ୍ତ୍ରରେ ସିଦ୍ଧି ଲାଭ କରିବା ବିଷୟ ଉପେନ୍ଦ୍ର ସ୍ୱକାବ୍ୟମାନଙ୍କରେ ଉଲ୍ଲେଖ କରି-ଅଛନ୍ତି । ଯଥା—ତାରକମନ୍ତ୍ର ପରସାଦେ । ମୋହର କବିପଣ ଉଦେ-ଲା-୧୬ ୪୨ । "ତାରକ ମନ୍ତ୍ର ନାମ ଯାହାର । ଜାଣ ସେହି ଉପଇନ୍ଦ୍ର ଭଞ୍ଜର" ଛ: ଭୂ: 'ଛ' ୧୬-୨୦ ପଦ । କୋ. ସୁ. ଛ ୬-୩୦ ପଦ ଇତ୍ୟାଦି । ପୁରୁଷ ଜିତେନ୍ଦ୍ରିୟ ନ ହେଲେ ରାମତାରକ ମନ୍ତ୍ର ସିଦ୍ଧ ହୁଏ ନାହିଁ । ମହାଦେବ, ହନୁମାନ୍, ତୁଳସୀଦାସ ପ୍ରଭୃତି ରାମତାରକ ମନ୍ତ୍ରର ଅଧିକାରୀ । ଆମ ଉତ୍କଳ ଦେଶରେ କୃପାସିନ୍ଧୁ ବଳରାମ ଦାସ ଓ ଉପେନ୍ଦ୍ର ଭଞ୍ଜ ରାମତାରକ ମନ୍ତ୍ରରେ ସିଦ୍ଧି-ଲାଭ କରିଥିଲେ । ଲୋକେ କହନ୍ତି ଯେ, ବ୍ରହ୍ମଚାରୀମାନେହିଁ କେବଳ ରାମ-ତାରକ ମନ୍ତ୍ରରେ ସିଦ୍ଧିଲାଭ କରନ୍ତି, ତା ଠିକ୍ ନୁହେଁ । ଗୃହୀମାନେ ମଧ୍ୟ

ବ୍ରହ୍ମଚର୍ଯ୍ୟ ରକ୍ଷା କରି ତହିଁରେ ଅଧିକାରୀ ହୋଇ ପାରନ୍ତି । ଉପେନ୍ଦ୍ର ଦାରପରିଗ୍ରହ କରିଥିଲେ ଏବଂ ଗୃହୀ ଥିଲେ । ନୂଆଗଡ଼ ରାଜା ବିନାୟକ ସିଂହଙ୍କ କନ୍ୟା ଭଞ୍ଜଙ୍କର ପ୍ରଥମା ସ୍ତ୍ରୀ ଓ ବାଣପୁର ରାଜା ଅଚ୍ୟୁତ ହରି-ଚନ୍ଦନଙ୍କ କନ୍ୟା କବିଙ୍କର ଦ୍ୱିତୀୟା ସ୍ତ୍ରୀ ଥିଲେ । ବାଣପୁର ରାଜକେମା ସୁପଣ୍ଡିତା, ପତିପ୍ରାଣା ଓ କାବ୍ୟକୁଶଳା ଥିବାରୁ କବିଙ୍କର ଯଥାର୍ଥ ଜୀବନରେ ତ୍ରିବର୍ଗ ସାଧନର ସହାୟଭୂତା ଥିଲେ । କବି ୪୦ ବର୍ଷରେ ଦେହତ୍ୟାଗ କରିଥିଲେ । ତାଙ୍କର ହୃଦୟରେ ବିଷୟବାସନା ଥିଲେ ଓ ତାଙ୍କ ଚରିତ୍ର ହୀନ ଓ ଘୃଣ୍ୟ ହୋଇଥିଲେ, ସେ ଅଳ୍ପ କାଳ ମଧ୍ୟରେ ୪୦।୪୫ ଖଣ୍ଡ ଖଣ୍ଡକାବ୍ୟାଦି ଲେଖିପାରି ନ ଥାଆନ୍ତେ । କାଳିଦାସଙ୍କ ଚରିତ୍ରହୀନତା ଆଜିସୁଦ୍ଧା ଲୋକମୁଖରେ କଥିତ ହୁଏ, କିନ୍ତୁ ସମଗ୍ର ଉତ୍କଳ ଖଣ୍ଡରେ ଉପେନ୍ଦ୍ରଙ୍କ ବିଷୟରେ କିଛି ତ ଶୁଣାଯାଏ ନାହିଁ । ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ସେ ଜଣେ ଚରିତ୍ରବାନ୍ ମହାପୁରୁଷ ଥିଲେ । ଏପରି ଦୋଷାରୋପ ମହାପୁରୁଷଙ୍କଠାରେ କରିବା ଅତ୍ୟନ୍ତ କ୍ଷୋଭର ବିଷୟ । ବିଜୟଚନ୍ଦ୍ର ଉତ୍କଳର ପ୍ରାଚୀନ ସାହିତ୍ୟରେ ଅଧିକାରୀ ନ ଥିଲେ ଏବଂ ତାଙ୍କ ସାହାଯ୍ୟକାରୀମାନଙ୍କର ମଧ୍ୟ ପ୍ରାଚୀନ ସାହିତ୍ୟରେ ପ୍ରବେଶ ନ ଥିଲା । ଏ ବିଷୟ ଆମ୍ଭମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଜଣା । ପୁନଶ୍ଚ ତାହାର ପ୍ରତ୍ୟକ୍ଷ ପ୍ରମାଣ ସ୍ୱରୂପ ଗୋଟିଏ ମାତ୍ର ଉଦାହରଣ ପ୍ରଦତ୍ତ ହେଲା । ବିଜୟଚନ୍ଦ୍ର ତାଙ୍କ ଓଡ଼ିଆ ସାହିତ୍ୟ ପରିଚୟରେ ଓଡ଼ିଆ ପ୍ରାଚୀନ କାବ୍ୟମାନଙ୍କରୁ ଅଶ୍ଳୀଳାଂଶ ବର୍ଜନ-ପୂର୍ବକ କେବଳ ଉପାଦେୟ ଶ୍ଳୀଳାଂଶମାନ ପ୍ରଦାନ କରିଅଛନ୍ତି । ଏହା ତାଙ୍କ ମୁଖବନ୍ଧରେ କହିଅଛନ୍ତି । ବିଦଗ୍ଧର ୩୪ ଛାନ୍ଦଟି ସେ ତାଙ୍କ ଓଡ଼ିଆ ସାହିତ୍ୟ ପରିଚୟରେ ପୂର୍ଣ୍ଣଭାବରେ ପ୍ରକାଶିତ କରିଅଛନ୍ତି । ସେ ଛାନ୍ଦଟି ଯେପରି ଅଶ୍ଳୀଳ ସେପରି ଅଶ୍ଳୀଳ ପଦାବଳୀ ଅନ୍ୟତ୍ର ବିରଳ । ଏଥିରୁ ବିଜୟଚନ୍ଦ୍ରଙ୍କ ଜ୍ଞାନର ପରିଚୟ ମିଳେ । ଅନ୍ୟ ଏକ ଦୋଷ ଆରୋପ କରାଯାଏ ଯେ ଉପେନ୍ଦ୍ରଙ୍କର ବ୍ୟାକରଣଜ୍ଞାନ ନ ଥିଲା । ବିଜୟଚନ୍ଦ୍ର କହନ୍ତି, "ସମ୍ଭବତଃ ପଣ୍ଡିତମାନେ ଉପେନ୍ଦ୍ରଙ୍କୁ ଅଳଙ୍କାର ଓ ସାହିତ୍ୟ ବିଷୟରେ କିଛି କିଛି ଶିକ୍ଷା ଦେଇଥିଲେ; କିନ୍ତୁ ବ୍ୟାକରଣ ବିଷୟରେ ଭଲ ରକମ ଶିକ୍ଷା ଦେଇ ନ ଥିଲେ । ଘୁମୁସର ରାଜବଂଶର କେତେକ ଆଳସ୍ୟପରାୟଣ ଓ ପଲ୍ଲବଗ୍ରାହୀ ବ୍ୟକ୍ତି ସ୍ୱ ସ୍ୱ କୃତିମାନଙ୍କରେ ନିଜ ନିଜର ପାଣ୍ଡିତ୍ୟାଭିମାନ ଦର୍ଶାଇବା ଉଦ୍ଦେଶ୍ୟରେ ଅଭିଧାନମାନଙ୍କରୁ ଅପ୍ରଚଳିତ ଶବ୍ଦମାନ ସଂଗ୍ରହ କରିଥିଲେ ।" ଏହାଦ୍ୱାରା ବିଜୟଚନ୍ଦ୍ର କହନ୍ତି ଯେ ଉପେନ୍ଦ୍ରଙ୍କର ସାମାନ୍ୟ ସାହିତ୍ୟ ଓ ଅଳଙ୍କାର ଜ୍ଞାନ ଥିଲା, ବ୍ୟାକରଣଜ୍ଞାନ ଭଲ ନ ଥିଲା ଓ କେତେକ ଅପ୍ରଚଳିତ ଶବ୍ଦମାନ ସ୍ୱ କାବ୍ୟମାନଙ୍କରେ ବ୍ୟବହାର କରି ନିଜର ପାଣ୍ଡିତ୍ୟାଭିମାନ ଉପେନ୍ଦ୍ର ଦର୍ଶାଇଅଛନ୍ତି । ସେ ଜଣେ ଆଳସ୍ୟପରାୟଣ ଓ ପଲ୍ଲବଗ୍ରାହୀ ଥିଲେ । ଉପେନ୍ଦ୍ରଙ୍କ ବିଦ୍ୱତ୍ତା ବିଷୟରେ ଏପରି କହି ସେ ଅଭିମନ୍ୟୁଙ୍କ ବିଷୟରେ ମତ ବ୍ୟକ୍ତ କରନ୍ତି ଯେ, "ଅଭିମନ୍ୟୁ ଜଣେ ଉଚ୍ଚଶିକ୍ଷାସମ୍ପନ୍ନ

ବ୍ୟକ୍ତି ଥିଲେ । ସେ ସଂସ୍କୃତ, ମରହଟ୍ଟୀ, ହିନ୍ଦୀ ଓ ବଙ୍ଗଳା ଜାଣିଥିଲେ । ଅଳଙ୍କାର ବିନ୍ୟାସରେ ସେ କେତେକ ସ୍ଥଳରେ ଉପେନ୍ଦ୍ରଙ୍କ ତୁଲ୍ୟ ନ କରି ଖାଣ୍ଟି ସରଳ ଓଡ଼ିଆ ଭାଷାରେ ତାଙ୍କ କାବ୍ୟମାନ ରଚନା କରିଥିଲେ ।"

ବର୍ତ୍ତମାନ ବିଚାର୍ଯ୍ୟ ଉଭୟଙ୍କ ବ୍ୟାକରଣ ଜ୍ଞାନ କିପରି ଥିଲା । ବିଜୟଚନ୍ଦ୍ରଙ୍କ ଉକ୍ତିରୁ ପ୍ରକାଶ ଯେ ଉପେନ୍ଦ୍ରଙ୍କ ତୁଲ୍ୟ ଅଭିମନ୍ୟୁ ବ୍ୟାକରଣରେ ଅନଭିଜ୍ଞ ନ ଥିଲେ । ଆମ୍ଭେମାନେ ପ୍ରାଚୀନ ସାହିତ୍ୟ ଯଥାସମ୍ଭବ ତନ୍ନ ତନ୍ନ କରି ପାଠ କରିଅଛୁଁ । ତେଣୁ ଦୃଢ଼ଭାବରେ ବ୍ୟକ୍ତ କରି ପାରୁଁ ଯେ ବିଜୟଚନ୍ଦ୍ରଙ୍କ ଉକ୍ତି ସମ୍ପୂର୍ଣ୍ଣ ଦୋଷାତ୍ମକ ଓ ବିଦ୍ୱେଷମୂଳକ । ଭାଷା ଜ୍ଞାନ, ସାହିତ୍ୟ ଜ୍ଞାନ, ଅଳଙ୍କାର ଜ୍ଞାନ, ସମସ୍ତ ବିଷୟରେ ଉପେନ୍ଦ୍ର ଅଭିମନ୍ୟୁଙ୍କ ଗୁରୁ । ଅଭିମନ୍ୟୁ ମଧ୍ୟ ଶ୍ଳେଷରେ ତାହା ବ୍ୟକ୍ତ କରିଅଛନ୍ତି, "ଉପଇନ୍ଦ୍ର ପଦ ଅଭିମନ୍ୟୁ ମନୁଁ । ପାସୋର ନ ଯିବ ବନ୍ଦୁଁ ।" ବିଦଗ୍ଧଚିନ୍ତାମଣିର ଅଧିକାଂଶ ସ୍ଥଳ ଉପେନ୍ଦ୍ରଙ୍କ କାବ୍ୟମାନଙ୍କରୁ ବିଶେଷତଃ ଲାବଣ୍ୟବତୀରୁ ଏପରି ଅବିକଳ ଗୃହୀତ ହୋଇଅଛି ଯେ, ତାହା ପାଠ କଲେ ଅଭିମନ୍ୟୁଙ୍କ ପ୍ରତି ଆଦର ଅନେକାଂଶରେ ତୁଟିଯାଏ । ଆହୁରି ମଧ୍ୟ ଯେଉଁ ତଥାକଥିତ ବ୍ୟାକରଣଗତ ପ୍ରମାଦମାନ ଆଧୁନିକ ସାହିତ୍ୟ-ପୁଙ୍ଗବଙ୍କ ଦୃଷ୍ଟିରେ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟମାନଙ୍କରେ ଗୋଚରୀଭୂତ ହୁଏ, ସେହି ପ୍ରମାଦମାନ ଦୀନକୃଷ୍ଣ ବିଶେଷତଃ ଅଭିମନ୍ୟୁଙ୍କ କାବ୍ୟମାନଙ୍କରେ ପୂର୍ଣ୍ଣଭାବରେ ପରିଲକ୍ଷିତ ହୁଏ । ଉପେନ୍ଦ୍ରଙ୍କ ଉତ୍ତମ ବ୍ୟାକରଣ ଜ୍ଞାନ ନ ଥିଲା; କିନ୍ତୁ ସେ ଉତ୍କଳ ଭାଷାରେ ପ୍ରକାଣ୍ଡ କାବ୍ୟସୌଧମାନ ନିର୍ମାଣ କରିବାରେ ସମର୍ଥ ହୋଇଥିଲେ—ଏହାହିଁ ବଡ଼ ଆଶ୍ଚର୍ଯ୍ୟର ବିଷୟ । ସାହିତ୍ୟ ସହିତ ବ୍ୟାକରଣର କି ସମ୍ବନ୍ଧ, ତାହା ଉତ୍ତମରୂପେ ଜାଣିବା ଉଚିତ । ଉପେନ୍ଦ୍ରଭଞ୍ଜଙ୍କ କାବ୍ୟମାନଙ୍କରେ ଉତ୍କଳଭାଷାର ପାରମ୍ପରିକତା ଅକ୍ଷୁଣ୍ଣଭାବରେ ସଂରକ୍ଷିତ କି ନା ତାହା ପ୍ରଥମତଃ ବିଚାର୍ଯ୍ୟ । ଯଦି ତାଙ୍କ ପୂର୍ବତନ କବିମାନଙ୍କ ଭାଷାଠାରୁ ତାଙ୍କ ଭାଷାରେ କିଛି ବ୍ୟତିକ୍ରମ ଲକ୍ଷିତ ହୁଏ ଓ ଯଦି ଉପେନ୍ଦ୍ରଙ୍କ କାବ୍ୟମାନଙ୍କରେ ଯେଉଁ ତଥାକଥିତ ବ୍ୟାକରଣ-ଗତ ପ୍ରମାଦମାନ ତାଙ୍କ ପୂର୍ବବର୍ତ୍ତୀ କବିଙ୍କ କାବ୍ୟମାନଙ୍କରେ ପରିଦୃଷ୍ଟ ନ ହୁଏ, ତେବେ ଆମ୍ଭେମାନେ ଉପେନ୍ଦ୍ରଙ୍କଠାରେ ଦୋଷାରୋପ କରି ପାରୁଁ । ଯଦି ସେହି ପ୍ରମାଦମାନ ପୂର୍ବତନ କାବ୍ୟମାନଙ୍କରେ ପରିଲକ୍ଷିତ ହୁଏ, ତେବେ ସେହି ପ୍ରୟୋଗମାନଙ୍କୁ ପ୍ରମାଦରୂପେ କହିବା ଭାଷାତତ୍ତ୍ୱ ଜ୍ଞାନର ବିମୁଖତା ଅଭିବ୍ୟକ୍ତ କରେ ମାତ୍ର । ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତ ଭାଷା ଓ ସାହିତ୍ୟ ପରି ସ୍ଥିର ଓ ଅପରିବର୍ତ୍ତନୀୟ ନୁହେଁ । ଉତ୍କଳ ଭାଷା ଓ ସାହିତ୍ୟ ଜୀବନ୍ତ ଓ ବର୍ଦ୍ଧିଷ୍ଣୁମାଣ । ତେଣୁ ଭାଷା ଓ ସାହିତ୍ୟକୁ ବ୍ୟାକରଣ ଅନୁସରଣ କରିବ । ଦୁଃଖର କଥା, ପାଶ୍ଚାତ୍ୟ ରୀତିରେ ଶିକ୍ଷାର ପ୍ରବର୍ତ୍ତନ ପରେ ଓଡ଼ିଆ ଭାଷା ଗୋଟିଏ ଅଭିନବ ତଥା ବିକୃତ ରୂପ ପ୍ରାପ୍ତ ହେଲା । ସେ ସମୟରେ ଯେଉଁମାନେ ନୂତନ ଧରଣର କାବ୍ୟ କବିତା

ପ୍ରବନ୍ଧାଦି ଲେଖିଲେ, ସେମାନେ ଓଡ଼ିଆ ଭାଷାର ପ୍ରକୃତି ଭଲ ରକମ ଜାଣି ନ ଥିଲେ, କାରଣ ସେମାନଙ୍କର ପ୍ରାଚୀନ ଓଡ଼ିଆ ଭାଷା ଓ ସାହିତ୍ୟରେ ଯଥାଯଥ ଅଭିଜ୍ଞତା ନ ଥିଲା। ସେମାନେ ଓଡ଼ିଆ ଭାଷାକୁ ସଂସ୍କୃତ ଭାଷାର ଅନୁରୂପ କରିବାକୁ ଚେଷ୍ଟା କରି ତାର ସରଳ ସହଜ ପ୍ରକୃତିକୁ ନଷ୍ଟ କରିଦେଲେ ଓ ଶୁଦ୍ଧ କରିବାକୁ ଯାଇ ତାହା ବିକୃତ କରିଦେଲେ। ସେମାନେ ସଂସ୍କୃତ ଭାଷା ଓ ସାହିତ୍ୟରେ ମଧ୍ୟ ବିଶେଷ ପାରଦର୍ଶୀ ନ ଥିବାର ସୂଚନା ପ୍ରଦାନ କରିଅଛନ୍ତି। ଓଡ଼ିଆ ଭାଷାର ବିଶେଷତ୍ୱ ଏହି ନବୀନ ଲେଖକଙ୍କ ହସ୍ତରେ ଲୋପ ପାଇବାକୁ ଲାଗିଲା। (୧) ଓଡ଼ିଆରେ ହଲନ୍ତ ଶବ୍ଦର ପ୍ରୟୋଗ ନ ଥିଲା। କିଞ୍ଚିତ, ମହତ, ମନାକ, ଈଷତ, ହଠାତ, ବାକ, ଦିଗ, ପୃଥକ, ଧିକ, ତାବତ, ଯାବତ, ଠିକ। କିନ୍ତୁ ଏମାନଙ୍କ ହସ୍ତରେ ତାହା ହଲନ୍ତ ହେଲା। ପୁନଶ୍ଚ କେତେକ ଯାବନିକ ଶବ୍ଦ ଓଡ଼ିଆ ଭାଷାରେ ହଲନ୍ତ ହରାଇ ସ୍ୱରାନ୍ତ ହୋଇଥିଲା—ଇଜତ, ତାଲିମ, ଗରମ, ଗରଜ, ଫାଜିଲ, ନିଶାପ, କବୁଲିୟତ, ଅସୁଲ ପ୍ରଭୃତି। କିନ୍ତୁ ତାହାଁ ସବୁ ହଲନ୍ତ ହେବାକୁ ଲାଗିଲାଣି। (୨) ସଂସ୍କୃତରେ ଅସ୍ତି ଅର୍ଥରେ ମତୁପ୍‌ର 'ମ' ଓ 'ବ' ବିକଳ୍ପରେ ହୁଏ; କିନ୍ତୁ ପ୍ରାଚୀନ ଓଡ଼ିଆରେ କେବଳ 'ବ' ହୁଏ—ବ୍ୟାଧିବନ୍ତ, ଧୀବନ୍ତ, ବପୁବନ୍ତ, ଶ୍ରୀବନ୍ତ, କୀର୍ତ୍ତିବନ୍ତ, ଧନବନ୍ତ, ଯଶୋବନ୍ତ, ତେଜବନ୍ତ, ବିଦ୍ୟାବନ୍ତ, ଲକ୍ଷ୍ମୀବନ୍ତ-ଏବଂ ସ୍ତ୍ରୀଲିଙ୍ଗରେ—ଧୀବନ୍ତୀ, ଶ୍ରୀବନ୍ତୀ, ଯଶୋବନ୍ତୀ, ଗୁଣବନ୍ତୀ—ଇତ୍ୟାଦି। (୩) ଦିଶି, ଶୋହି, ବିସ୍ତରି, ନୋହି, କହି, ଥରି, ବଞ୍ଚି—ପଦମାନଙ୍କୁ କବିତାରେ ଦେଖି ଏମାନେ କହନ୍ତି ଏ ସବୁ ପ୍ରୟୋଗ ପ୍ରାମାଦିକ—ସମାପିକା ଅର୍ଥରେ ଅସମାପିକାର ପ୍ରୟୋଗ। କିନ୍ତୁ ଏସବୁ ସମାପିକା—ଦିଶଇ, ଶୋହଇ, ବିସ୍ତରଇ ପ୍ରଭୃତିର ସଂକୁଚିତ ରୂପ ମାତ୍ର। (୪) ପ୍ରବେଶ ହେଲେ, ଆନନ୍ଦ ହେଲେ, ସନ୍ତୋଷ ହେଲେ, ଉତ୍ପତ୍ତି ହେଲା, ଶାନ୍ତ କରାଇ, ସେ କ୍ରୋଧ ହେବେ, ପ୍ରକାଶ ହୋଇଲା, ତୋଷ ହେଲା, ବିସ୍ମୟ ହୋଇ, ତୁଷ୍ଟି ହେଲା—ଏହି ପ୍ରୟୋଗମାନଙ୍କୁ ପ୍ରାମାଦିକ ଓ ସେ ସ୍ଥାନରେ ପ୍ରବିଷ୍ଟ ହେଲେ, ଆନନ୍ଦିତ ହେଲେ, ସନ୍ତୁଷ୍ଟ ହେଲେ ପ୍ରଭୃତି କହି ସଂସ୍କୃତ ଜ୍ଞାନର ପରିଚୟ ଦିଅନ୍ତି। (୫) ବିରସ ତେଜି, ଶିରୀଷରୁ କୋମଳ ନେଇ, ଚମରରୁ କୁଟିଳ ହରିଲା, ବ୍ୟାକୁଳ ମୋତେ ନ ଦେବୁଟି, ଶତ୍ରୁଙ୍କୁ ନ ଛାଡ଼ିଲା କାତର, ଶୁଣିବ ଚପଳେ, ଦେଖି ତା ଚୃକୁ, ଚଞ୍ଚଳ ପ୍ରବେଶ ହେଲା ଆସି ନେଦାଇଁଲେ—ବିଶେଷ୍ୟ ସ୍ଥାନରେ ବିଶେଷଣର ପ୍ରୟୋଗମାନ ଦୋଷାବହ ବୋଲି କହନ୍ତି। ଏମାନଙ୍କର ପ୍ରାକୃତ ଭାଷାରେ ତଥା ସଂସ୍କୃତ ଭାଷାରେ ଅନଭିଜ୍ଞତା ସୂଚିତ ହୁଏ; କାରଣ ଏପରି ପ୍ରୟୋଗମାନ ପ୍ରାକୃତରେ ବହୁଳ ଓ ସଂସ୍କୃତରେ ମଧ୍ୟ ସ୍ଥାନେ ସ୍ଥାନେ ପରିଦୃଷ୍ଟ ହୁଏ। ପରୁଷଂ ନ ଆଶ୍ରମବାସିଷୁ ପ୍ରଯୋଜ୍ୟଂ ଭସ। ସକଳସୁନ୍ଦରସନ୍ନିବେଶ—ଭାଗବତ ୧୧ଶ ସ୍କନ୍ଧ। ଏ ପ୍ରୟୋଗମାନଙ୍କୁ—କୋମଳ—କୋମଳଭାବ ବା ଗୁଣ ଅର୍ଥରେ ଗ୍ରହଣୀୟ।

(୭) ଶୋଭିତ, ଲୋଭିତ, ଗତ, ସଙ୍ଗତ, ପ୍ରସନ୍ନ, ପ୍ରାପତ, ରଚିତ, ଚରିତ, ବୃନ୍ଦ, ଭାବିତ, ଗୃହୀତ, ମତ, ପୋଷିତ ପ୍ରଭୃତି ଶବ୍ଦମାନଙ୍କୁ ବିଶେଷଣ ରୂପେ ପ୍ରାମାଦିକ କହିବା ଅତ୍ୟନ୍ତ ଦୁଃଖର ବିଷୟ । ସଂସ୍କୃତରେ ଭାବୋକ୍ତ ପ୍ରତ୍ୟୟ କରି ଶବ୍ଦ ନିଷ୍ପନ୍ନ ହେଲେ ବିଶେଷ୍ୟ ଅର୍ଥ ବୁଝାଏ । ସଂସ୍କୃତରେ ଏପରି ପ୍ରୟୋଗମାନ ବହୁଳ, ବିଶେଷତଃ କାଳିଦାସଙ୍କର ଏ ପ୍ରୟୋଗମାନ ଅତି ପ୍ରିୟ । (୭) ସନମତ, ମନାନନ୍ଦ, ମନାନ୍ତର, ମନମୋହନ, ଜଗମୋହନ, ଜଗବନ୍ଧୁ, ଜଗତାନନ୍ଦ, ଉରାଞ୍ଚଳ, ମହାପ୍ରତାପୀ, ମହାବିବେକୀ, ସଜ୍ଞାନୀ, ନିର୍ଧନୀ, ଅହର୍ନିଶି, ମନକାମନା, ମନବାଞ୍ଛା, ଉପରୋକ୍ତ, ଜପଗୁରୀ, ତୃଷାର୍ତ୍ତୀ ପ୍ରଭୃତି ଖାଣ୍ଟି ଓଡ଼ିଆ ପଦମାନଙ୍କୁ ଆଜିକାଲି ସମାଲୋଚକମାନେ ପ୍ରାମାଦିକ କହି ସ୍ୱ ସଂସ୍କୃତ ଭାଷାଭିଜ୍ଞତାର ପରିଚୟ ପ୍ରଦାନ କରନ୍ତି । (୮) ବିଶେଷ୍ୟର ଯେ ଲିଙ୍ଗ, ବିଶେଷଣର ସେହି ଲିଙ୍ଗ ହେବ—ଏହା ସଂସ୍କୃତ ଭାଷାର ଧର୍ମ । ଓଡ଼ିଆ ଭାଷାରେ ଏହାର ବ୍ୟତିକ୍ରମ ଦେଖାଯାଏ; ଏହି ବ୍ୟତିକ୍ରମ ଦେଖାଯିବା ସ୍ୱାଭାବିକ । ବୈଦିକ ସାହିତ୍ୟରେ ଏହା ପରିଦୃଷ୍ଟ ହୁଏ, ସଂସ୍କୃତରେ ମଧ୍ୟ ତାହାର ଆଭାସ ଅଛି । କିନ୍ତୁ କଠୋର ନିୟମ ହେତୁ ତାହା ବିଶେଷଭାବରେ ସ୍ଥାନଲାଭ କରି ପାରିଲା ନାହିଁ । ( ସାମାନ୍ୟେ ନପୁଂସକମ୍, ବିଧେୟ ଇତ୍ୟାଦି—ସଂସ୍କୃତରେ ତାହାର ନିଦର୍ଶନ) । ବିବେକୀ, ଅନୁରାଗୀ, ମନୋହାରୀ, ସର୍ବଭୂତମୋହୀ, ରଞ୍ଜନବେଶୀ, ପଦ୍ମବାସୀ, ବିଜ୍ଞସୁକୁମାରୀ, ସ୍ୱଇଚ୍ଛା-ବିହାରୀ, ଚନ୍ଦ୍ରକହାସୀ, ଗୁଣଶାଳୀ, ବୀଣାଭାଷୀ, ଭୃତ୍ୟଚିତ୍ତଉଲ୍ଲାସୀ, ଲୀଳାବିଳାସୀ, ରସରାଜପୁରବାସୀ ପ୍ରଭୃତି ଶବ୍ଦମାନ ଲାବଣ୍ୟବତୀରେ ଦେଖାଯାଏ । ଦୀନକୃଷ୍ଣ ଉପେନ୍ଦ୍ରଙ୍କଠାରୁ ପ୍ରାଚୀନ, ସମକାଳୀନ ନ ହେଲେହେଁ ଦୀନକୃଷ୍ଣ ବୟୋଜ୍ୟେଷ୍ଠ ଥିଲେ ଏବଂ ତାଙ୍କର ରସକଲ୍ଲୋଳ ଲାବଣ୍ୟବତୀର ବହୁପୂର୍ବେ ଲିଖିତ । ବେଶକାରୀ, ଯଶୋଦା ଭାଗ୍ୟବନ୍ତ, କଳାକରହାସୀ, ପିକଭାଷୀ (ଦୀନକୃଷ୍ଣ) ଦୀନକୃଷ୍ଣଙ୍କଠାରୁ ପ୍ରାଚୀନ ଦେବଦୁର୍ଲ୍ଲଭ—ବିବିଧରୂପୀ, ଅପରାଧୀ, ଅଯୋଗ୍ୟ ଯୁବତୀ, ମହାପାପୀ ପ୍ରଭୃତି (ରହସ୍ୟମଞ୍ଜରୀ):— ଦେବଦୁର୍ଲଭଙ୍କଠାରୁ ଶିଶୁ-ଶଙ୍କର ପ୍ରାଚୀନ, ଅବୋଧବାଳା, ଆକୁଳଚକୋରୀ, ପରବାସୀ ରମଣୀ, ପ୍ରାଚୀ ଅନୁରାଗୀ (ଉଷାଭିଳାଷ) ଏହି କେତେକ କବିଙ୍କର ପ୍ରୟୋଗ କେବଳ ପ୍ରଦତ୍ତ ହେଲା । ଏଥିରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ ପ୍ରାଚୀନ ଓଡ଼ିଆ ଭାଷାରେ ବିଶେଷଣ ବିଶେଷ୍ୟର ଲିଙ୍ଗକୁ ଯଥାସମ୍ଭବ ଛାଡ଼ିବାକୁ ଲାଗିଥିଲା । ଭାଷାର ସହଜ ସରଳ ଓ ନିର୍ବାଧଗତି ହୋଇଥିଲେ ବିଶେଷଣର ଲିଙ୍ଗ ବହୁପରିମାଣରେ କମି ଯାଇଥାଆନ୍ତା । ଓ ଇଂରାଜୀ ଭାଷା ପରି ଭାଷାରେ ବଳ ଆସିଥାନ୍ତା ଏବଂ ସୁନ୍ଦର ବାଳକା କହିବାରେ ସଙ୍କୋଚ ବୋଧ କରୁ ନ ଥାଆନ୍ତେ— ଆମ୍ଭମାନଙ୍କ ମତରେ ଏସବୁ ନିଗଡ଼ରୁ ଭାଷାକୁ ମୁକ୍ତ କରିବା ଉଚିତ । କିନ୍ତୁ ଦୁଃଖର କଥା ନୂତନ ପଦ୍ଧତିର ଲେଖକମାନଙ୍କ ହସ୍ତରେ ଭାଷା ପୁନର୍ବାର

ପଣ୍ଡିତ ଗଣ ଜଣେ କର ସଂସ୍କୃତ-ମାତାର ସ୍ତନ୍ୟ ପାନ କରିବାକୁ ଲାଗିଲେ । ପୁନଶ୍ଚ ସଂସ୍କୃତ ସ୍ତ୍ରୀଲିଙ୍ଗ ପ୍ରୟୋଗଠାରୁ ସ୍ୱତନ୍ତ୍ରରୂପେ ଓଡ଼ିଆରେ ସ୍ତ୍ରୀଲିଙ୍ଗର ଶବ୍ଦମାନ—କୁଟିଳାକ୍ଷୀ, ସୁଦନ୍ତୀ, କାଳସଦୃଶୀ, ଦକ୍ଷିଣଦୃଶୀ, ଆତୁରୀ, ବଲ୍ଲଭୀ, ବନସ୍ଥା, କୃପାପରୀ, ସ୍ୱଦୃଶୀ,ସୁଦୃଶୀ,ସ୍ୱଭାବୀ,ସ୍ୱାଧୀନଭର୍ତ୍ତ୍ରୀ ଓ ବିଦଗ୍ଧଚିନ୍ତାମଣିର ୪୩ ଛାନ୍ଦରେ ପ୍ରବର୍ତ୍ତିକା, ବିତରଣୀ, ବିବର୍ଦ୍ଧନକାରୀ, ଉପୃତ୍ତିକା, କୋଡ଼ଗଡ଼ଦାୟୀ, ପ୍ରଦୀପ୍ତିକା, କଉତୁକୀ, ଛାପଦାରୀ, ଉର୍ଗିନୀ, ସୁହଂସିକା, ରସସ୍ଥାନୀ, ଉନ୍ମାଦକୀ, ଅନୁରାଗୀ, ଅପେକ୍ଷୀ—ପ୍ରାଚୀନ ଓ ଉପେନ୍ଦ୍ରଙ୍କ ଅର୍ବାଚୀନ ଅଭିମନ୍ୟୁଙ୍କ କାବ୍ୟାଦିରେ ପରିଦୃଷ୍ଟ ହୁଏ । ଦୁଃଖର କଥା ବିଜୟଚନ୍ଦ୍ର ପ୍ରମୁଖ ସମାଲୋଚକମାନେ ପ୍ରାଚୀନ ସାହିତ୍ୟର ଧାର ନ ଧରି ନିଜ ନିଜକୁ ଭାଷାର ବିଶେଷଜ୍ଞ ରୂପେ ପରିଚୟ ପ୍ରଦାନପୂର୍ବକ ମହାଜନଙ୍କ ପ୍ରତି ଆକ୍ଷେପ କରିଅଛନ୍ତି । ସାରଳାଦାସଙ୍କଠାରୁ ଆରମ୍ଭ କରି ବଳରାମ, ଜଗନ୍ନାଥ, ଅଚ୍ୟୁତ, ହଳଧର, ପୀତାମ୍ବର, ରଘୁନାଥ, ଧନଞ୍ଜୟ, ଦୀନକୃଷ୍ଣ, ଉପେନ୍ଦ୍ର, ଦାଶରଥି, ସଦାନନ୍ଦ, ଅଭିମନ୍ୟୁ, ଦନାଇ ଓ ଭକ୍ତଚରଣ ପ୍ରଭୃତିଙ୍କ କୃତିମାନଙ୍କରେ ଉପରିକଥିତ ପ୍ରୟୋଗମାନ ଅଳ୍ପାଧିକ ପରିମାଣରେ ପରିଦୃଷ୍ଟ ହୁଏ । ଅଭିମନ୍ୟୁ ଉପେନ୍ଦ୍ରଙ୍କୁ ଏ ବିଷୟରେ ବଳିଯାଇଅଛନ୍ତି—ପୂର୍ବକଥିତ ସାତଗୋଟି ଦଫାର ବିଷୟମାନ ଅଭିମନ୍ୟୁଙ୍କ ବିଦଗ୍ଧଚିନ୍ତାମଣିରେ ପୂର୍ଣ୍ଣଭାବରେ ବିଦ୍ୟମାନ; କିନ୍ତୁ ଆଠ ଦଫାରେ ବିଶେଷଣର ଲିଙ୍ଗ ପ୍ରୟୋଗରେ ଅଭିମନ୍ୟୁ ବିଶେଷ ସ୍ୱାଧୀନତା ଅବଲମ୍ବନ କରିଅଛନ୍ତି—ବିଜୟଚନ୍ଦ୍ରଙ୍କ ଯୁକ୍ତି ଅନୁସାରେ ଅଭିମନ୍ୟୁଙ୍କ ବ୍ୟାକରଣଜ୍ଞାନ ଉପେନ୍ଦ୍ରଙ୍କଠାରୁ ଅତ୍ୟଧିକ ନ୍ୟୂନ ଥିଲା । ଆଉ ବିଶେଷ କହିବା ନିଷ୍ପ୍ରୟୋଜନ—ଏହି ପ୍ରସଙ୍ଗରେ "ମୌନଂ ହି ଶୋଭନଂ" କହି ଯାନ୍ତି ହେଲୁ । ଶେଷରେ ଆମ୍ଭମାନଙ୍କର ସବିଶେଷ ଅନୁରୋଧ, ଯଦି ସାହିତ୍ୟାନୁରାଗୀମାନେ ପ୍ରାଚୀନ ହିନ୍ଦୀ (ତୁଳସୀଦାସଙ୍କ ରାମଚରିତମାନସ), ବଙ୍ଗଳା, ମରହଟ୍ଟି ପ୍ରଭୃତିର ସାହିତ୍ୟମାନ ପାଠ କରନ୍ତି, ତେବେ ଯାଇ ସେମାନେ ଆମ୍ଭମାନଙ୍କ ଯୁକ୍ତିର ସାରବତ୍ତା ଉପଲବ୍ଧି କରି ପାରିବେ ।

ତୃତୀୟ ଦୋଷ :—କ୍ଲିଷ୍ଟତା :—ଉପେନ୍ଦ୍ରଙ୍କର କାବ୍ୟ କବିତାଦିରେ କ୍ଲିଷ୍ଟତା ଛଡ଼ା ଅନ୍ୟାନ୍ୟ ଦୋଷମାନ ଲକ୍ଷିତ ହୁଏ । ବିଶେଷତଃ ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ, କଳାକଉତୁକ କାବ୍ୟମାନଙ୍କରେ କ୍ଲିଷ୍ଟତା ସହିତ ଅପ୍ରଯୁକ୍ତତା, କଷ୍ଟତା, ଅନ୍ୟାର୍ଥ, ଅସ୍ପଷ୍ଟାର୍ଥ, ଅସମର୍ଥ, ଗୂଢ଼, ନେୟାର୍ଥାଦି ପ୍ରାୟଶଃ ପରିଦୃଷ୍ଟ ହୁଏ । ପୂର୍ବେ କଥିତ ହୋଇଅଛି ଯେ ସ୍ଥଳବିଶେଷରେ ଦୋଷମାନେ ଗୁଣ ରୂପରେ ପରିଣତ ହୁଅନ୍ତି । ଲୋକେ ଉପେନ୍ଦ୍ରଙ୍କ କାବ୍ୟ କବିତାମାନ ପାଠ କରି ଏହି ଦୋଷମାନ ସାଧାରଣତଃ ଆରୋପ କରନ୍ତି । ସେଥିନିମନ୍ତେ ଶବ୍ଦାଲଙ୍କାର, ଦୋଷ, ଗୁଣ ଓ ରସ ପ୍ରଭୃତି ବିସ୍ତୃତ ଭାବରେ ଆମ୍ଭମାନଙ୍କ ଦ୍ୱାରା ଆଲୋଚିତ ହୋଇଅଛି । ପୂର୍ବେ ନିର୍ଦ୍ଦେଶିତ ହୋଇଅଛି ଯେ କଷ୍ଟ, ଅନର୍ଥକ, ଅପ୍ରଯୁକ୍ତାଦି ଦୋଷ, ଅନ୍ୟାର୍ଥ, ନେୟାର୍ଥ, ଅସ୍ପଷ୍ଟାର୍ଥ, ଅବାଚକ, ଅପ୍ରତୀତ,

କ୍ଳିଷ୍ଟ, ଗୂଢ଼ାର୍ଥ, ସନ୍ଦିଗ୍ଧ, ଦ୍ୱେଶ୍ୟ, ଗ୍ରାମ୍ୟ, ଘୃଣ୍ୟ ଓ ଅଶ୍ଳୀଳାଦି ଯଥାକ୍ରମେ ଅନୁପ୍ରାସ, ଯମକ, ଅନୁକରଣ, ପ୍ରହେଳିକା, ଛନ୍ଦର ଅନୁରୋଧ, କାମଶାସ୍ତ୍ରବିଧି, ପଣ୍ଡିତଙ୍କ ଆଳାପ, ଶୀଘ୍ର ଅର୍ଥବୋଧ, ବ୍ୟାଖ୍ୟା, ପ୍ରକରଣ, ମହାକବିନିବନ୍ଧ, ସଙ୍ଗୀତ, ଗୁପ୍ତ ଓ ଲକ୍ଷିତାଦି ଦ୍ୱାରା ଗୁଣରୂପେ ଗୃହୀତ ହୁଅନ୍ତି । ତେଣୁ ହଠାତ୍ ଦୋଷ ନ କହି ତାହାର ବିଚାର କରିବା ଆବଶ୍ୟକ । ଉପେନ୍ଦ୍ର ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ, କଳାକଉତୁକାଦିରେ ବ, ସ ଓ କ ବର୍ଣ୍ଣମାନଙ୍କର ଆଦ୍ୟାନୁପ୍ରାସ ଓ ପ୍ରାନ୍ତାନୁପ୍ରାସ ରକ୍ଷା କରିଅଛନ୍ତି । ଏହା ସହଜ ବିଷୟ ନୁହେଁ । ମୂର୍ଖଙ୍କ କଥା ଦୂରେ ଥାଉ ଅତି ବିଦ୍ୱାନ୍ ବ୍ୟକ୍ତି ମଧ୍ୟ ଅଭିଧାନ ସାହାଯ୍ୟ ନେଇ ଏପରି କାବ୍ୟ ଲେଖିବା ସମ୍ଭବପର ନୁହେଁ । ଅଦ୍ଭୁତପ୍ରତିଭା, ବୁଦ୍ଧି, ବ୍ୟୁତ୍ପତ୍ତି, ବିବେକ ଓ ବହୁଶାସ୍ତ୍ରଦର୍ଶିତାବଳରେ ଓ ଭଗବତ୍ କୃପାବଶତଃ ଏପରି କାର୍ଯ୍ୟ ସମାହିତ ହୋଇପାରେ । ଏହିସବୁ ଗୁଣ ଥିବାସତ୍ତ୍ୱେ କେତେ କଷ୍ଟ ସ୍ୱୀକାର-ପୂର୍ବକ ଶବ୍ଦମାନଙ୍କୁ ସଂଗ୍ରହ କରି ଉପଯୁକ୍ତ ସ୍ଥାନରେ ବ୍ୟବହାର କରିବାକୁ ହେଉଥିଲା, ତାହା କେବଳ ପଣ୍ଡିତଙ୍କ ଦ୍ୱାରା ଅନୁମେୟ । ରସକଲ୍ଲୋଳକାର ଦୀନକୃଷ୍ଣ ରସକଲ୍ଲୋଳର ଷୋଡ଼ଶ ଛାନ୍ଦର ୨୦ ପଦରେ ଉଲ୍ଲେଖ କରିଅଛନ୍ତି :— "କଅ ଅକ୍ଷରେ କଲି ଯେ ଗୀତ । କେବେହେଁ ଏଥି ନ ଦେବ ଘାତ । କବି ହେଲେହେଁ ଜାଣିବ ଏଥି ଶ୍ରମହିଁ ଯେତେ ହେ ॥" ଉପେନ୍ଦ୍ର ମଧ୍ୟ ତାଙ୍କ କାବ୍ୟ-ମାନଙ୍କରେ ଏହି ମର୍ମରେ କହିଅଛନ୍ତି :—"କେତେ କଷ୍ଟେ ହୁଏ ଗୀତ ନାହିଁ ଏ ବିଚାର । କରନ୍ତି ନାହିଁ ସେ ଭଲ କଥାରେ ଆଦର ॥" ଛାନ୍ଦଭୂଷଣ ୱ ୧-୧୨ ପଦ । ସେହିରୂପେ ଏ ଗୀତ ସ ବର୍ଣ୍ଣଶ୍ରମ ଦେଖି । ସୁଧୀ ସୁରସିକ-ମାନେ ଶୁଣେ ହେବେ ସୁଖୀ ॥ ସୁ: ପ: ୧ ଛାନ୍ଦ ସତର ଛାନ୍ଦ ଏ ସରସ ଗୀତ । ସତ ଚରିଅ ଏ ନୁହଇ କଳିତ । ସହିତ ବହୁତ ସକାରମାନ । ସାତଶତ ପଞ୍ଚବିଂଶ ପଦେ ପୂର୍ଣ୍ଣ । ଶରମ ବହୁତ । ସକାର ଦଣ୍ଡ ପାଦାଦ୍ୟେ ବିହିତ । ସୁ: ପ: ୧୨-୨୦ ପଦ । କଳାକଉତୁକ ଏ ଗୀତ ନାମ ହେବ ଖ୍ୟାତକ । କରୁଥିବେ ପ୍ରତି ପାଦରେ ବାସ ଆଦ୍ୟପ୍ରାନ୍ତ କ । କଷ୍ଟକୁ ଜାଣିବେ ସୁକବି ଯେଉଁମାନେ ପ୍ରାଶକ । କ ଥାଉ ଭ୍ରମରେ ଯେ ଖଳ ସେହି ପରିପନ୍ଥିକ । କଲି ନ ଥିବ ଅଭିଧାନ ଶବ୍ଦମାନଙ୍କ । କଥା ପ୍ରସଙ୍ଗ ବୋଲାଇବ କଥା ସେହି ସେ ଲୋକ ॥ ବୈଦେହୀଶ ବିଳାସରେ ବର୍ମ୍ମ, ବିକୁଷ, ବିକୁଣ୍ଠି, ବ୍ୟାକୋଷ ପ୍ରଭୃତି ଶବ୍ଦମାନଙ୍କର ପ୍ରୟୋଗ ବିଜୟଚନ୍ଦ୍ରଙ୍କ ଚକ୍ଷୁଶୂଳ ହେବା ତ ଆଶ୍ଚର୍ଯ୍ୟର ବିଷୟ ନୁହେଁ । ଦୀନକୃଷ୍ଣ ମଧ୍ୟ ରସକଲ୍ଲୋଳରେ 'କ'ର ଆଦ୍ୟାନୁପ୍ରାସ ରକ୍ଷା କରିବା ନିମିତ୍ତ "କତୁଭୃଜ ସରିତ, କୁମୁଦଦାମା, କୁଧର, କପର୍ଦ୍ଦୀଯାନ କମଳମୋଦକକୁମାର-ଦଶେ, କମଳଧର, କାଳସ୍କନ୍ଧ, କଶ୍ୟପନନ୍ଦନ-ବଇରି-ସ୍ୱେଦଜ କୁବଳୟ ପ୍ରଭୃତି ଶବ୍ଦମାନ ପ୍ରୟୋଗ କରିଅଛନ୍ତି । ଅମ୍ଭେମାନେ କହୁଁ ଯେଉଁମାନେ ମହାକାବ୍ୟ ରଚନାରେ ପ୍ରବୃତ୍ତ ହୁଅନ୍ତି, ସେମାନେ ଅଭିଧାନ

ସାହାଯ୍ୟ ନେବାରେ ପ୍ରାୟ ବାଧ ହୁଅନ୍ତି ଏବଂ ଯଦି ପ୍ରସଙ୍ଗର ଅନୁରୋଧରେ ( ପୁନରବୃତ୍ତି ଅର୍ଥାତ୍ ପୁନଃପୁନଃ ଉକ୍ତ ଦୋଷ ପରିହାର ଛଳରେ ) ଯଦି ଅଭିଧାନସ୍ଥ ସାଧାରଣରେ ଅପ୍ରଚଳିତ ଶବ୍ଦ କବି ପ୍ରୟୋଗ କରନ୍ତି, ତେବେ କିପରି ଦୋଷ ସମ୍ଭବିଲା ତାହା ଆମ୍ଭେମାନେ ବୁଝିବାରେ ଅକ୍ଷମ (ଅନୁପ୍ରାସର ଅନୁରୋଧରେ ଏହା ଗୁଣ ହେଲା ) । ଯେଉଁମାନେ ଉଦ୍ଦେଶ୍ୟ, ଅର୍ଥ ନ ବୁଝି ଚିତ୍କାର କରନ୍ତି, କବିଙ୍କଠାରେ ବୃଥା ଦୋଷାରୋପ କରନ୍ତି, ଉପେନ୍ଦ୍ର ତାଙ୍କୁ ଆକ୍ଷେପ କରି ସୁଭଦ୍ରା ପରିଣୟର ୧୩ ଶ ଛାନ୍ଦ ଶେଷରେ କହିଅଛନ୍ତି, "ସାରମେୟ ପ୍ରାୟ ହୋଇ ହେ ନୃଶଂସବ୍ରାତ । ସ୍ୱନ ବ୍ୟର୍ଥ ନ କରିବ ବୁଝି ଏ ଗୀତ । ସ୍ୱଭାବେ କୁଟିଳ ତୁମ୍ଭେ ତାହା ପୁଚ୍ଛ ପରି । ସିଦ୍ଧି ଲେଖିବାର ଶିଶୁ କି କାବ୍ୟ ଅର୍ଥ କରି । ସମ୍ଭାବ୍ୟ ନୋହିବ କିଛି ତୁମ୍ଭ କହିବାର । ଶୁଣିଲା ବେଳରେ ବାଚଂଯମ ଭୂତଧର ।।"

ସ୍ୱ କାବ୍ୟସ୍ଥ ଶବ୍ଦମାନଙ୍କ ଅର୍ଥ ସହଜରେ ବୋଧଗମ୍ୟ ହେବ, ଏହି ଅଭିପ୍ରାୟରେ ଉପେନ୍ଦ୍ର ଗୀତାଭିଧାନ ପ୍ରଣୟନ କରି ପରବର୍ତ୍ତୀ ସାହିତ୍ୟିକ ଓ ପାଠକଙ୍କ ପନ୍ଥା ସୁଗମ କରି ଦେଇଅଛନ୍ତି । ସେକ୍ସପିଅର, ମିଲଟନ୍, ଟେନିସନ୍ ପ୍ରଭୃତି ଇଂରେଜ କବିମାନଙ୍କ ପ୍ରଯୁକ୍ତ ଶବ୍ଦାବଳୀର ଅଭିଧାନ ପରବର୍ତ୍ତୀ ପଣ୍ଡିତଙ୍କ ଦ୍ୱାରା କି ଶ୍ରମସହକାରେ ସଙ୍କଳିତ ହୋଇଅଛି, ତାହା ସହଜେ ଅନୁମେୟ । ଉପେନ୍ଦ୍ର ସେହି କାର୍ଯ୍ୟ ନିଜେ ସାଧନ କରିଥିବାରୁ କି ଉପକାର ସାଧନ କରି ନାହାନ୍ତି । ତ୍ରିବେଣୀ ଏହି ଶବ୍ଦ ସ୍ଥାନ ର ବେଣୀ ତ୍ରିପୂର୍ବ । ବିଚକ୍ଷଣ ସ୍ଥାନରେ ବିଗତ ଯେ କ୍ଷଣ, ଋଷ୍ୟଶୃଙ୍ଗ ସ୍ଥାନରେ ବିଷାଣ ଋଷ୍ୟ· କହି ଉପେନ୍ଦ୍ର କି ଅନ୍ୟାୟ କଲେ ତାହା ବୁଝାଯାଉ ନାହିଁ । ସଂସ୍କୃତ ସାହିତ୍ୟରେ କାଳିଦାସ, ଭାରବି ପ୍ରଭୃତି ଦେବ ପୂର୍ବ ଗିରି, ଧନୁ ଉପପଦ ବେଦ, ପ୍ରଭ୍ରଂଶୟାଂ ଯୋ ନହୁଷଂ ଚକାର—ପଦମାନ ଦେବଗିରି, ଧନୁର୍ବେଦ, ନହୁଷଂ ପ୍ରଭ୍ରଂଶୟାଂଚକାର ସ୍ଥାନରେ ଲେଖିଅଛନ୍ତି । ଉକ୍ତ ପ୍ରୟୋଗମାନ ଉପେନ୍ଦ୍ରଙ୍କର ସଂସ୍କୃତ ସାହିତ୍ୟରେ ଉତ୍ତମରୂପେ ଅଧିକାର ଥିବା ପ୍ରତୀତ ହୁଏ । ବାଲ୍ୟାବସ୍ଥାରେ ବିଦ୍ୟାଭ୍ୟାସସହ କଳାବିଦ୍ୟାର ମଧ୍ୟ ଶିକ୍ଷା ପ୍ରଦତ୍ତ ହେଉଥିଲା । ଚତୁଃଷଷ୍ଟିକଳାର ଅନୁଶୀଳନ ବିଷୟ ଶୁକ୍ରନୀତି ଓ ବାତ୍ସ୍ୟାୟନଙ୍କ କାମସୂତ୍ର ତଥା ଜୟମଙ୍ଗଳ ଟୀକାରେ ଲିଖିତ ଅଛି । ବାତ୍ସ୍ୟାୟନ କହନ୍ତି କନ୍ୟାମାନେ ମଧ୍ୟ ଚତୁଃଷଷ୍ଟି-କଳାର ଅଭ୍ୟାସ କରିବେ । କଳା ବିଦ୍ୟା ସହିତ ସାହିତ୍ୟର ଯେ ଘନିଷ୍ଠ ସମ୍ବନ୍ଧ ବିଦ୍ୟମାନ ତାହା ଚିନ୍ତାଶୀଳ ସାହିତ୍ୟିକଙ୍କୁ ଉତ୍ତମରୂପେ ବିଦିତ ଅଟେ । ସୌନ୍ଦର୍ଯ୍ୟ, ଚାତୁର୍ଯ୍ୟ, ବୈଚିତ୍ର୍ୟ ଓ ରହସ୍ୟମୟ ବ୍ୟାପାର-ମାନ କଳାବିଦ୍ୟାରେ ପରିପୂର୍ଣ୍ଣ । କଳାବିଦ୍ୟାର ଅନୁଶୀଳନ ନିମିତ୍ତ କି

ବୁଦ୍ଧିମତ୍ତା, ଚତୁରତା ଓ ପାଣ୍ଡିତ୍ୟ ଆବଶ୍ୟକ ତାହା ବିଚକ୍ଷଣ କାଳଜ୍ଞ ବ୍ୟକ୍ତିମାନେ ଜାଣନ୍ତି । ପୂର୍ବେ ନିର୍ଦ୍ଦେଶିତ ହୋଇଅଛି ଯେ ଚତୁଃଷଷ୍ଟି କଳା ମଧ୍ୟରେ ଅନ୍ୟାନ୍ୟଙ୍କ ସହିତ ପ୍ରହେଳିକା, ଦୁତମାଳା, ଦୁର୍ବାଚକ ଯୋଗ ପୁସ୍ତକ ବାଚନ, ନାଟକାଖ୍ୟାୟିକାଜ୍ଞାନ, କାବ୍ୟସମସ୍ୟା ପୂରଣ- ( ଏହି ଛଅଗୋଟି କଳାବିଦ୍ୟାରେ ବଚନକୌଶଳ ), ଅକ୍ଷର ମୁଷ୍ଟିକା କଥନ, ମାନସ କାବ୍ୟକ୍ରିୟା ଓ ଛଳିତକ ଦୁଭିଙ୍କ ଅନ୍ତର୍ଗତ । ଏହିସବୁ ଇତର ସାଧାରଣଙ୍କ ବୁଦ୍ଧିର ଅଗୋଚର । ନାୟକ ନାୟିକା, ନାୟିକା ଓ ସହଚରୀଙ୍କ ମଧ୍ୟରେ ଏ ସବୁର ପ୍ରୟୋଗ ଉପେନ୍ଦ୍ରାଦିଙ୍କ କାବ୍ୟ ପ୍ରଭୃତିରେ ପରିଦୃଷ୍ଟ ହୁଏ । ଏହାକୁ ଆଧୁନିକ ଶିକ୍ଷିତମାନେ ଅସ୍ୱାଭାବିକ ବୋଲି କହନ୍ତି । ପୂର୍ବକାଳରେ ଏ ସବୁରେ ସେମାନେ ଶିକ୍ଷା ଅଭ୍ୟାସ କରୁଥିବା ହେତୁ ତାହା ସେମାନଙ୍କଠାରେ ସୁଗମ ହୋଇଥିଲା । ଉପେନ୍ଦ୍ରଙ୍କ କାବ୍ୟ କବିତାରେ ପୂର୍ବୋକ୍ତ ବିଷୟମାନଙ୍କ ସନ୍ନିବେଶ ବହୁଶଃ ପରିଦୃଷ୍ଟ ହୁଏ । କବିତାସୁନ୍ଦରୀ ରହସ୍ୟମୟୀ ଓ ଚାତୁର୍ଯ୍ୟମୟୀ—ଏହା ମହାକବି ଉପେନ୍ଦ୍ର ସ୍ୱ କାବ୍ୟମାନଙ୍କରେ ନାନାସ୍ଥାନରେ ନିର୍ଦ୍ଦେଶ କରିଅଛନ୍ତି । କବି ଚାତୁରୀ ଅନେକ ଅଛି ପୂରି ଲ: ଛ ୫—୩୦ ପଦ' ଏ ଛନ୍ଦେ ଯେତେ ଚାତୁରୀ: ର: ହା: ୫-୨୨ ପଦ । ସେ ଲଛନ୍ଦ ଷୋଳକଳା ସଦା ପୂର୍ଣ୍ଣ ତହିଁ— ପ୍ରେ: ସୁ ଛ: ୧୬-୧୩ ପଦ । ଶୁଣ ଜନେ ଗୁଣି ମନେ ଏଥି ରହସ୍ୟ; କୋ: ସୁ: ଛା ୯-୧ ପଦ । ରସିବେ ରସିକ କୋବିଦ ଜନେ ଯେ ଏ ଛନ୍ଦ ଚାତୁରୀ ପୁଣି—କୋ: ସୁ: ୯ ଛନ୍ଦ । ବୁଧବୋଧକ କ ରହସ୍ୟ-ଲ୨୨-୨୨-୨୩ ପଦମାନ । ବିନ୍ୟାସ କରନ୍ତି କବିତ୍ୱ ଚାତୁରୀ କବି ସମ୍ମତେ ମତେ-ବୈ: ବି: ୧୧-୮ ପଦ । ଚାତୁର୍ଯ୍ୟ ଜାଣେ ଉପେନ୍ଦ୍ର ଗ୍ରନ୍ଥ ଉପଯୋଗ ରସପଞ୍ଜିକ । ଏହି ଚାତୁର୍ଯ୍ୟୋକ୍ତି ରହସ୍ୟମୟୀ ଉକ୍ତି ତଥା ବକ୍ରୋକ୍ତିର ଅନୁରୋଧରେ ଓ କଳାଭଙ୍ଗୀର ସମର୍ଥନରେ ରାମା ଅର୍ଥରେ—ରାମଶବ୍ଦ ବହୁବଚନରେ କଲି ଜପ । ମାର ଅର୍ଥରେ—ରମା ବିପରୀତ ସେହିକାଳେ । ଅନଳ ଅର୍ଥରେ—ତ୍ୟଜ ଅନଳ ଇକାର—ପ୍ରୟୋଗମାନ ଲାବଣ୍ୟବତୀ ପ୍ରଭୃତିରେ ପରିଦୃଷ୍ଟ ହୁଏ । ସେ ସବୁ ଅନ୍ୟତ୍ର ଦୋଷରୂପେ ସ୍ୱୀକୃତ ହେଉଥିଲେହେଁ କଳା ଦୃଷ୍ଟିରେ ଉତ୍କଳର ପ୍ରାଚୀନ ସାହିତ୍ୟରେ ସେମାନଙ୍କୁ ଦୋଷରୂପେ ଗ୍ରହଣ କରିବାକୁ ହେବ ନାହିଁ । ସସ୍ତୁ ତରେ କଳାବିତ୍ ରସିକ କବିମାନଙ୍କର ଏପରି ଉକ୍ତିମାନଙ୍କୁ ଦୋଷ ମଧ୍ୟରେ ଗ୍ରହଣ କରି ଆଲଙ୍କାରିକମାନେ ଲକ୍ଷ୍ୟଭ୍ରଷ୍ଟ ହେଲା ପରି ଜଣାଯାଆନ୍ତି । ଏପରି ଚାତୁରୀ ଉକ୍ତିମାନ ଦୀନକୃଷ୍ଣ, ଉପେନ୍ଦ୍ର, ଭକ୍ତଚରଣ, ଅଭିମନ୍ୟୁ ପ୍ରଭୃତିଙ୍କ କାବ୍ୟମାନଙ୍କରେ ପ୍ରାୟ ପରିଦୃଷ୍ଟ ହୁଏ । ତେଣୁ ତାହା ଉତ୍କଳ କାବ୍ୟର ବିଶେଷତ୍ୱ ରୂପେ ଗ୍ରହଣ କରିବାକୁ ହେବ । ଆହୁରି ମଧ୍ୟ ଜାଣିବା ଉଚିତ ଯେ ସହଜରେ ଅର୍ଥ ପ୍ରତୀତ ହେଲେ ଏବଂବିଧ ଦୋଷମାନ ଗୁଣରୂପେ ପରିଗଣିତ ହେବା ଉଚିତ ।

ଉପେନ୍ଦ୍ର ଭଞ୍ଜ ପ୍ରମୁଖଙ୍କର 'ଏ ସବୁରେ ଦୋଷ ହୁଏ' ଏହି ଜ୍ଞାନ ଯେ ନ ଥିଲା, ଏହା କହିବା ବୁଦ୍ଧିମାନ୍ଦ୍ୟର ନିଦର୍ଶନ ମାତ୍ର । ବିଜୟଚନ୍ଦ୍ର କହନ୍ତି, "ଲୋକେ ଅଛନ୍ତି ଯାହାଙ୍କୁ ଉପେନ୍ଦ୍ରଙ୍କ କାବ୍ୟ ପୂରା ଦୁର୍ବୋଧ; ସେମାନେ ତାଙ୍କ କାବ୍ୟରୁ କିଛି ନ ପଢ଼ି କେବଳ ଶୁଣାଶୁଣିରୁ ମନେ ରଖିଥିବା ପଦେ ଅଧେ ବଖାଣି ନିଜ ନିଜ ପାଣ୍ଡିତ୍ୟ ପ୍ରକର୍ଷର ପରିଚୟ ପ୍ରଦାନ କରନ୍ତି; ଏହା ଅଧିକାଂଶଙ୍କ ପ୍ରତି ପ୍ରଯୁଜ୍ୟ ।" ଆମ୍ଭମାନଙ୍କ ମତରେ ବିଜୟଚନ୍ଦ୍ର ଓ ତାଙ୍କ ସାହାଯ୍ୟକାରୀମାନେ ଏହି ପନ୍ଥାର ପଥିକ ଥିଲେ । ଏପରି ମନ୍ତବ୍ୟ ପ୍ରକାଶ କରିବାର ଅଭିପ୍ରାୟ କଣ ? ଅନଭିଜ୍ଞତା ଗୋପନପୂର୍ବକ ଜନସାଧାରଣରେ ପର ପ୍ରତି ଆକ୍ଷେପ କରି ଗୌଣଭାବରେ ନିଜର ପାଣ୍ଡିତ୍ୟ ପ୍ରକାଶ କରିବାର ଏହା ଗୂଢ଼ଭିସନ୍ଧିପୂର୍ଣ୍ଣ ଉପାୟବିଶେଷ ଅଟେ । ଆମ୍ଭେମାନେ ଦୃଢ଼ଭାବରେ କହିପାରୁଁ ଯେ, ବିଜୟଚନ୍ଦ୍ର ଓ ମନମୋହନଙ୍କର ସଂସ୍କୃତ ସାହିତ୍ୟରେ ପ୍ରକୃତ ଅଭିଜ୍ଞତା ଥିଲେ ଓ ସେମାନେ ଉପେନ୍ଦ୍ରଙ୍କ କାବ୍ୟମାନ ଅଭିନିବେଶ ସହି ଯଥାଯଥ ପାଠ କରିଥିଲେ ସେମାନଙ୍କ ସ୍ୱର ନିଶ୍ଚୟ ଅନ୍ୟ ରୀତି ଧାରଣ କରି ଥାଆନ୍ତା । ସମୟ ସମୟରେ ବିଦ୍ୱେଷ ମଧ୍ୟ ଗୁଣୀଙ୍କ ଗୁଣ ସ୍ୱୀକାର କରେ ନାହିଁ । ଯଦ୍ୟପି କୌଣସି ବଙ୍ଗୀୟ କବି ଉପେନ୍ଦ୍ରଙ୍କର ଷୋଡ଼ଶାଂଶରୁ ଏକ ଅଂଶର ଅଧିକାରୀ ହୋଇ ଭଞ୍ଜୀୟ ରୀତିରେ କାବ୍ୟ ପ୍ରଣୟନ କରିଥାଆନ୍ତେ, ତେବେ ସମ୍ଭବତଃ ଭାରତ ଆକାଶ ପ୍ରଶଂସାର ଅତ୍ୟୁଚ୍ଚ ଧ୍ୱନିରେ ସହସ୍ରଧା ବିଦୀର୍ଣ୍ଣ ହୋଇ ଥାଆନ୍ତା । ପୁନଶ୍ଚ ଅନ୍ୟ କେତେକ ଦୋଷ ଉପେନ୍ଦ୍ରଙ୍କଠାରେ ନ୍ୟସ୍ତ କରାହୁଏ—"ଉପେନ୍ଦ୍ରଙ୍କ କାଳ୍ପନିକ ବା ଔପନ୍ୟାସିକ କାବ୍ୟମାନଙ୍କରୁ ସ୍ପଷ୍ଟତଃ ବୋଧ ହୁଏ ଯେ, ତାଙ୍କର ମାନବଜୀବନ ବିଷୟରେ ଅତି ସଂକୀର୍ଣ୍ଣ ଧାରଣା ଥିଲା । ରାଜକୀୟ ଭବନର ଅପ୍ରାକୃତିକ ଜୀବନନିର୍ବାହରେ ଚିର ଅଭ୍ୟସ୍ତ ଥିବା ହେତୁ ଏବଂ ସଂସାରର ଦୁଃଖଯନ୍ତ୍ରଣାମୟ ଜୀବନର ବିପର୍ଯ୍ୟୟମାନଙ୍କର ସମ୍ମୁଖୀନ ହୋଇ ନ ଥିବା ହେତୁ ମାନବଜୀବନର ପ୍ରଶସ୍ତ ଉଦାର ଭାବ ତାଙ୍କୁ ପୂର୍ଣ୍ଣଭାବରେ ଅବଦିତ ଥିଲା; ଉପେନ୍ଦ୍ରଙ୍କ ଭୌଗୋଳିକ ଜ୍ଞାନ ଦୋଷଯୁକ୍ତ । ଘୁମୁସରର ଦୂଷିତ ଜଳବାୟୁରେ ତଥା ପରିବେଷ୍ଟନୀରେ ତାଙ୍କର ହୃଦୟର ବଳ ଓ ସରସତା ନଷ୍ଟପ୍ରାୟ ହୋଇ ଯାଇଥିବା ହେତୁ ବିଶାଳ ସମୁଦ୍ର ଓ ପାର୍ବତ୍ୟ ଅଞ୍ଚଳାଦିର ମନୋହର ଦୃଶ୍ୟରାଜି ତାଙ୍କ ହୃଦୟରେ ଭାବାନ୍ତର ଜାଗରିତ କରାଇ ପାରି ନ ଥିଲା । ଲାବଣ୍ୟବତୀରେ ସମୁଦ୍ରର ବର୍ଣ୍ଣନା ନ କରିବା ଅର୍ଥାତ୍ ସମୁଦ୍ର ଦୃଶ୍ୟର କିଛି ଆଭାସ ନ ଦେବା ତାହାର ପ୍ରକୃଷ୍ଟ ନିଦର୍ଶନ । ତାଙ୍କ କାବ୍ୟମାନଙ୍କରେ ଚିତ୍ରିତ ମାନବଜୀବନରେ ପ୍ରାଣବତ୍ତା ଓ ସରସତା ନାହିଁ; ଅର୍ଥାତ୍ ଚିତ୍ରିତ ମାନବଜୀବନ ଆଳସ୍ୟ ତଥା ବ୍ୟସନମୟ ଇତ୍ୟାଦି ଇତ୍ୟାଦି । ଉପେନ୍ଦ୍ରଙ୍କ ଔପନ୍ୟାସିକ କାବ୍ୟମାନଙ୍କରେ ମାନବଜୀବନର ସଂକୀର୍ଣ୍ଣତା, ଅନୁଦାରଭାବ ଏବଂ ନିସ୍ତେଜ ଭାବାଦି ପରିଦୃଷ୍ଟ ହୁଏ" । ଯେଉଁ ରୀତିରେ ଉପେନ୍ଦ୍ରଙ୍କ କାବ୍ୟମାନ ଲିଖିତ ସେହି ରୀତିରେ ପ୍ରାୟ ଭାରତର ଅନ୍ୟତ୍ର ତଥା ଉତ୍କଳର

ପ୍ରାଚୀନ କବିମାନେ ସ୍ୱ ସ୍ୱ କାବ୍ୟମାନ ଲେଖିଅଛନ୍ତି । ଏହି ଦୋଷ ତେଣୁ ସମସ୍ତଙ୍କଠାରେ ଅଳ୍ପାଧିକ ପରିମାଣରେ ପ୍ରଯୁଜ୍ୟ । ଔପନ୍ୟାସିକ କାବ୍ୟ—ଧର୍ମ ବା ନୀତି ଶାସ୍ତ୍ର ନୁହେଁ । ମାନବଜୀବନର ଚାରିଗୋଟି ଉଦ୍ଦେଶ୍ୟ ତାହା ଯଥାକ୍ରମେ ଧର୍ମ, ଅର୍ଥ, କାମ ଓ ମୋକ୍ଷ । ସାଧାରଣ ମାନବଜୀବନରେ ଅର୍ଥାତ୍ ସଂସାରର ଭୋଗମୟ ଜୀବନରେ ମୋକ୍ଷର ବିଷୟ ମୁଖ୍ୟତଃ ବିଚାର୍ଯ୍ୟ ନୁହେ । ମାନବର ସମସ୍ତ କ୍ରିୟା କଳାପ ଧର୍ମ ଉପରେ ପ୍ରତିଷ୍ଠିତ । ମନୁଷ୍ୟ କାର୍ଯ୍ୟ ନ କରି ରହି ପାରେ ନାହିଁ; ତେଣୁ ସେ ଯାହା କରେ ତାହା କର୍ମ, ଅକର୍ମ ଓ ବିକର୍ମ ନାମରେ କଥିତ । ଶାସ୍ତ୍ରବିହିତ ଆଚରଣ ନାମ କର୍ମ । ଶାସ୍ତ୍ରବିହିତ ସଦାଚରଣର ଅପାଳନାହିଁ ଅକର୍ମ ଓ ଶାସ୍ତ୍ରନିଷିଦ୍ଧ ଆଚରଣ ବିକର୍ମ ନାମରେ ଅଭିହିତ । ଧର୍ମ ଅଚରଣହିଁ କର୍ମ, ତାହାର ଅପର ନାମ ଯଜ୍ଞ । ମନୁକ୍ତ ପଞ୍ଚ ମହାଯଜ୍ଞଦ୍ୱାରା ତାହା ସ୍ପଷ୍ଟ ଜଣାଯାଏ । କର୍ମ ପରିପାଳନୀୟ, ଅପର ଦୁଇଟି ପରିତ୍ୟାଜ୍ୟ । ଧର୍ମର ଯଥାଯଥ ଆଚରଣ ନିମିତ୍ତ ସ୍ୱାସ୍ଥ୍ୟ ସଂରକ୍ଷଣ ଆଦୌ କର୍ତ୍ତବ୍ୟ । "ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍ ।" ଶରୀରର ରକ୍ଷା ନିମନ୍ତେ ଆହାର ତୁଲ୍ୟ କାମ ମଧ୍ୟ ନିତାନ୍ତ ଅବଶ୍ୟକ । କାମର ଉପଯୁକ୍ତ ସେବା ନ ହେଲେ ସ୍ନାୟୁର ଉଦ୍ରେକବଶତଃ ଉନ୍ମାଦାଦି ନାନା ଦୋଷ ହେତୁ ଶରୀରର ଅପଚୟ ହୁଏ । ଧର୍ମ, ଅର୍ଥ ଓ କାମ ମଧ୍ୟରେ କାମଠାରୁ ଅର୍ଥ ଗରୀୟାନ୍, କାରଣ ପ୍ରାୟଶଃ ଅର୍ଥଦ୍ୱାରା କାମ ସାଧିତ ହୁଏ । ପୁନଶ୍ଚ ଅର୍ଥଠାରୁ ଧର୍ମ ଗରୀୟାନ୍, କାରଣ ଅର୍ଥ ଧର୍ମଦ୍ୱାରା ସାଧିତ ହୁଏ । ମାନବଜୀବନର ସୁଖ ନିର୍ବାହ ନିମନ୍ତେ କାମଶାସ୍ତ୍ରର ଅନୁଶୀଳନ ଓ ଉପଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଅବଶ୍ୟ କରଣୀୟ । ନାୟକ ନାୟିକାଙ୍କ ପ୍ରେମ ବିଷୟ ପ୍ରଧାନତଃ ଔପନ୍ୟାସିକ କାବ୍ୟମାନଙ୍କରେ ବର୍ଣ୍ଣିତ ହୁଏ । ଧର୍ମ, ନୀତି ଓ ଅର୍ଥଗତ ବିଷୟମାନ ଗୌଣଭାବରେ ସ୍ଥାନ ଲାଭ କରେ, ଧର୍ମ ଓ ଅର୍ଥ ହୀନ ହେଲେ କାମର ସ୍ଥିତି, ଗୁରୁତ୍ୱ ତଥା ମହତ୍ତ୍ୱର ଅବସାନ ଘଟେ । କାମର ଚରିତାର୍ଥତା ପରେ ନିଷ୍କାମଭାବ ସ୍ୱତଃ ଆସେ । ତାହା ଏ ସ୍ଥଳରେ ବିଚାର୍ଯ୍ୟ ନୁହେଁ । ଆତ୍ମସଂଯତ ଆତ୍ମସଂସ୍ଥ ଲୋକର ପ୍ରବୃତ୍ତିମାର୍ଗରେ ଭୋଗ ପରେ ନିବୃତ୍ତି ସ୍ୱତଃ ଆସେ । ଯେଉଁ ସ୍ତ୍ରୀର ସହିତ ଧର୍ମ, ଅର୍ଥ ଓ କାମର ଯଥାଯଥ ସେବା ସଂବିହିତ ହୁଏ, ସେହି ସ୍ତ୍ରୀ ମଧ୍ୟ ନିବୃତ୍ତି ମାର୍ଗର ସଦାଚରଣରେ ସ୍ୱାମୀର ମୁକ୍ତିକୁ ସୁଗମ କରାଏ । ମହାଭାରତକାର ଯଥାର୍ଥ କହିଅଛନ୍ତି—"ଅର୍ଦ୍ଧଂ ଭାର୍ଯ୍ୟା ମନୁଷ୍ୟସ୍ୟ ଭାର୍ଯ୍ୟା ପ୍ରିୟତମା ସଖା, ଭାର୍ଯ୍ୟା ମୂଳଂ ତ୍ରିବର୍ଗସ୍ୟ ଭାର୍ଯ୍ୟା ମୂଳଂ ତରିଷ୍ୟତଃ ।" ଔପନ୍ୟାସିକ କାବ୍ୟଗତ ଭୋଗମୟ ଜୀବନରେ କାମର ପ୍ରାଧାନ୍ୟ ସ୍ୱୀକରଣୀୟ । ପ୍ରାଣର ତନ୍ମୟତାରେ, ଅନୁରାଗର ପ୍ରାବଲ୍ୟରେ ନାୟକ ନାୟିକାଙ୍କ ବୈଧ ପ୍ରେମ ବା କାମଗତ ସତ୍ୟ ମୁକ୍ତ ବାସ୍ତବ କ୍ରିୟାକଳାପର ଯଥାଯଥ ଅଭିବ୍ୟକ୍ତି ମାନବଜୀବନରେ ସଂକୀର୍ଣ୍ଣତା, ଅନୁଦାରତା ତଥା ତେଜୋହୀନତାର ପରିଚାୟକ ନ ହୋଇ ବରଂ ପ୍ରାଣର ଉଚ୍ଛ୍ୱାସ ଆବେଗ, ଉତ୍ତେଜନା ଓ ଉନ୍ମାଦନାର ମଙ୍ଗଳମୟ ପରିଣାମରୂପେ ଗ୍ରହଣୀୟ । ଏବଂବିଧ

ଶୃଙ୍ଗାରରସର ଅତ୍ୟଧିକ ବିଶ୍ଳେଷଣରେ ମାନବଜୀବନରେ ସଙ୍କୀର୍ଣ୍ଣତା ଆଦି ସୂଚିତ ହୁଏ । ଏପରି ମତ ବ୍ୟକ୍ତ କରିବା ଜୀବନର ନୀରସ ଜଡ଼ଭାବ ତଥା ମତିର ବିକ୍ଷିପ୍ତତା ଓ ପ୍ରମତ୍ତତାର ନିର୍ଦ୍ଦେଶକ । ତହୁଁ, ଅମ୍ଭେମାନେ କହୁଁ ବିଜୟଚନ୍ଦ୍ରଙ୍କ ସମାଲୋଚନା ଏକଦେଶଦର୍ଶିତା ତଥା ବିଦ୍ୱେଷରେ ପୂର୍ଣ୍ଣ ଅଟେ । ଉପେନ୍ଦ୍ରଙ୍କ ଭୌଗୋଳିକ ଜ୍ଞାନ ଭ୍ରମାତ୍ମକ । ଏ ବିଷୟରେ ଆମ୍ଭେମାନେ ଏକମତ, କାରଣ ସେ ଅନେକ ସ୍ଥଳରେ ଦେଶମାନଙ୍କ ନାମ ଉଲ୍ଲେଖକ୍ରିୟାରେ ମଗଧ ଓ ମଘକୁ ଦୁଇଟି ଭୂଖଣ୍ଡରୂପେ ଗ୍ରହଣ କରିଅଛନ୍ତି । ମଗଧର ଅପଭ୍ରଷ୍ଟ ମଘ—ତାହା ତାଙ୍କୁ ଅବିଦିତ ଥିଲା । ଦେଶମାନଙ୍କର ଅବସ୍ଥିତି ବିଷୟରେ ମଧ୍ୟ ସେ ଭ୍ରମ ମତ ଖ୍ୟାପନ କରିଅଛନ୍ତି । ଦେଶ, ପର୍ବତ, ନଦୀମାନଙ୍କ ଅବସ୍ଥିତି ଓ ନାମକରଣରେ ଅମ୍ଭେମାନେ ସାରଳା ଦାସ, ବଳରାମ ଦାସ ପ୍ରଭୃତି ପ୍ରାକୃତ ପୁରାଣ ଲେଖକ ତଥା କାବ୍ୟମାନଙ୍କରେ ଭ୍ରମ ସ୍ୱୀକାର ଦେଖୁଁ । ସେ ଭ୍ରମ ତେତେଦୂର ଧର୍ତ୍ତବ୍ୟ ନୁହେଁ । କାବ୍ୟର ପ୍ରସଙ୍ଗ ବିଶେଷରେ ତାହା ଗୌଣାଂଶ ମାତ୍ର । ଏ ଦୋଷକୁ ଅବଶ୍ୟ ଅମ୍ଭେମାନେ ସମର୍ଥନ କରୁ ନାହୁଁ । ଏହି ଦୋଷ ମଧ୍ୟ ସଂସ୍କୃତ ପୁରାଣ ଓ କାବ୍ୟାଦିରେ ଅଲ୍ପାଧିକ ପରିମାଣରେ ପରିଦୃଷ୍ଟ ହୁଏ ।

ପ୍ରକୃତିର ମନୋହର ଦୃଶ୍ୟରାଜି—ଯଥା ସମୁଦ୍ର ଓ ପର୍ବତାଦିର ଦୃଶ୍ୟ ଉପେନ୍ଦ୍ରଙ୍କ ହୃଦୟରେ ଭାବାନ୍ତର ଆଣି ପାରି ନ ଥିଲା । ବିଜୟଚନ୍ଦ୍ର କାଳିଦାସଙ୍କ ସମୁଦ୍ର ବର୍ଣ୍ଣନାକୁ ଲକ୍ଷ୍ୟ କରି ବୋଧହୁଏ ଉପେନ୍ଦ୍ରଙ୍କୁ ଆକ୍ଷେପ କରିଅଛନ୍ତି । କାଳିଦାସଙ୍କ ସମୁଦ୍ରବର୍ଣ୍ଣନାର ଅନୁରୂପ ସମୁଦ୍ରବର୍ଣ୍ଣନା ଅମ୍ଭେମାନେ ମହାଭାରତରେ ଦେଖିବାକୁ ପାଉଁ, କିନ୍ତୁ ରାମାୟଣରେ ଦେଖିବାକୁ ପାଉ ନା । ପୁନଶ୍ଚ ସମୁଦ୍ର ବର୍ଣ୍ଣନାର ଅବକାଶ ଥିବା ସତ୍ତ୍ୱେ ଅନେକ କବି ମଧ୍ୟ ସମୁଦ୍ର ବର୍ଣ୍ଣନା କରି ନାହାନ୍ତି, ତେବେ କଣ ସେମାନେ ପ୍ରକୃତିର ମନୋହର ଦୃଶ୍ୟରେ ଆକୃଷ୍ଟ ହୋଇ ନ ଥିଲେ । ସମୁଦ୍ରର ବର୍ଣ୍ଣନ ନ ହେଲା ବୋଲି ଯେ ପ୍ରବନ୍ଧ ଅଶୁଦ୍ଧ ହେଲା ଏହା କହିବା ସମୀଚୀନ ନୁହେଁ । ନଗର, ନଗରୀ, ହ୍ରଦ, ସରୋବର, ନଦୀ, ନଦୀର ତୀର, ବନଭୂମି, ବନ, ଉପବନ, ଚନ୍ଦ୍ର ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତକାଳୀନ ପ୍ରଭାତ ଓ ସନ୍ଧ୍ୟା, ମୃଗୟା, ବନବିହାରାଦିର ଜୀବନ୍ତ ଜ୍ୱଳନ୍ତ ବର୍ଣ୍ଣନ ଓ ବନସ୍ଥ ବୃକ୍ଷ, ଲତା, ପଶୁ ଓ ପକ୍ଷୀଗଣଙ୍କ ଚେଷ୍ଟାଦିର ସରସ ଓ ବୈଚିତ୍ର୍ୟମୟ ଆଲେଖ୍ୟ ବିଜୟଚନ୍ଦ୍ରଙ୍କ ହୃଦୟରେ ଯେ ଭାବାନ୍ତର ଆଣି ପାରି ନ ଥିଲା, ତାହା ଅମ୍ଭମାନଙ୍କ ହୃଦୟରେ ଅତ୍ୟଧିକ ବିସ୍ମୟ ଉତ୍ପାଦନ କରେ ।

"ଉପେନ୍ଦ୍ର ଶୃଙ୍ଗାରରସ ନାମରେ ଯାହା ବର୍ଣ୍ଣନା କରିଅଛନ୍ତି, ତାହା ବୀଭତ୍ସ ।" ଲାବଣ୍ୟବତୀ, ପ୍ରେମସୁଧାନିଧି, କୋଟିବ୍ରହ୍ମାଣ୍ଡସୁନ୍ଦରୀ ଯେ ପାଠ କରିଥିବ ସେ ଏହି ଉକ୍ତିର ସାରହୀନତା ଉତ୍ତମରୂପେ ହୃଦୟଙ୍ଗମ କରିବ; ବିଶେଷ କହିବା ନିଷ୍ପ୍ରୟୋଜନ । ସ୍ଥାନେ ସ୍ଥାନେ ବର୍ଣ୍ଣନାରେ ଅଶ୍ଳୀଳତା ରହିବା ହେତୁ ଯେବେ

ଶୃଙ୍ଗାର ବୀଭତ୍ସରେ ପରିଣତ ହୁଏ ତେବେ ଭାରତର ପ୍ରାୟ ସମସ୍ତ ସଂସ୍କୃତ ଓ ପ୍ରାକୃତ କାବ୍ୟମାନଙ୍କୁ ଏହି ଦୋଷରେ ଦୁଷ୍ଟ ବୋଲି କହିବୁଁ । ଔପନ୍ୟାସିକ କାବ୍ୟରେ ନାୟକର ନାୟିକା ପ୍ରତି ପ୍ରୀତିକୁ ଉପେନ୍ଦ୍ର ରକ୍ତପିପାସୁର ରକ୍ତପିପାସା ଚରିତାର୍ଥ କରିବା ସଦୃଶ ଗ୍ରହଣ କରିଅଛନ୍ତି—

"ମଶା ମଶାରିରେ ପଡ଼ି ଯେମନ୍ତ" ଏହି ପଦ୍ୟାଂଶ ବିଜୟଚନ୍ଦ୍ର ଉଦ୍ଧାର କରି କହନ୍ତି ଯେ, ଏହି ଉଦାହରଣଟି ଉପେନ୍ଦ୍ରଙ୍କ ପ୍ରିୟ ଓ ଏହା ସେ ଅନେକ ସ୍ଥାନରେ ବ୍ୟବହାର କରି ଅଛନ୍ତି । ଏହାର ଏକ ଅପୂର୍ବ ଅର୍ଥ କରି ସେ ଉପରିକଥିତ ମନ୍ତବ୍ୟ ପ୍ରକାଶ କରିଅଛନ୍ତି । କବି ଲାବଣ୍ୟବତୀର ୪୨ ଛାନ୍ଦରେ ନାୟକମୁଖରେ ବିରହୋକ୍ତି କରାଇ "ମନ ମୋହର ଭ୍ରମୁଛି କରତେ । ମଶା ମଶାରୀରେ ପଡ଼ି ଯେମନ୍ତେ ॥" ଏହାର ପ୍ରକୃତ ଅର୍ଥ ହେଉଛି ଯେପରି ମଶା ମଶାରିରେ ବନ୍ଦୀ; ଅନ୍ୟତ୍ର ଯାଇ ପାରେ ନାହିଁ ସେହିପରି ନାୟକର ମନ ନାୟିକାଠାରେ ବନ୍ଦୀ ଅର୍ଥାତ୍ ଆସକ୍ତ, ଅନ୍ୟ କୌଣସି ବିଷୟ ପ୍ରତି ପ୍ରବର୍ତ୍ତେ ନାହିଁ । ଆମ୍ଭେମାନେ ମଶାରି ମଶକ ବିଷୟ ବୈଦେହୀଶ, ଲାବଣ୍ୟବତୀ, ରସିକହାରାବଳୀ ଓ ପ୍ରେମସୁଧାନିଧିରୁ କେତେକ ପଦମାନ ଉଦ୍ଧୃତ କଲୁ । ସେ ସବୁର ଅର୍ଥ ଘନ ଏବଂ ଏପରି କୁତ୍ସିତ ବା ବୀଭତ୍ସ ଅର୍ଥ କୌଣସି ଗୋଟିକର ନୁହେଁ । "ବୃକ୍ଷବଲ୍ଲୀ ପଦଘର୍ଷରୁ କରି । ବାୟୁ ତେ ମଶକ ମଶାରି ସରି" ବୈ: ବି: ଛ ୭-୩୭ ପଦ । କି ବୋଲି ବୋଲିବି ମଶାରି ମଶକ ପରାୟେ ଭ୍ରମୁଛି ମନରେ—ଲା: ଛ ୧୯-୧୯ପଦ । ମଶାରି ଉଦର ଅନ୍ଧାର ଆଲୋକ ଦ୍ୱିମତ ଥିବାରେ—ଲା: ୪୩—୧୦ ପଦ । ମଶହରିରେ ଉଦରେ ମୋର ହିତେ ବରଷୁଁ କେଳି ଉହସ—ର: ହା: ୧୧-୧୩ । ମଶହରିରେ ଶୋଇ ଶଯ୍ୟାରେ ବାସ ପରିରେ ଜଡ଼—ପ୍ରେ: ସୁ: ଛ ୧୦-୧୩ ପଦ । କୁମତ ମତ ମଶକ ମଶାରି—ରସପଞ୍ଚକ ଶେଷ ଛାନ୍ଦ । ଏପରି ବିପରୀତ ଅର୍ଥ କରି କବିଙ୍କୁ ଦୂଷା କରିବା ଅତ୍ୟନ୍ତ ପରିତାପର ବିଷୟ । ( ୧ ) ଶବ୍ଦର ବୈଚିତ୍ର୍ୟ ତଥା ଆଡ଼ମ୍ବରଜନିତ ବାଜିଗିରିହିଁ କାବ୍ୟ—ଏହା ଉପେନ୍ଦ୍ରଙ୍କ ମତ । ଏପରି ଆକ୍ଷେପ ମଧ୍ୟ ଦୋଷାବହ; କାରଣ ଉପେନ୍ଦ୍ରଙ୍କ କାବ୍ୟମାନଙ୍କରେ କାବ୍ୟର ସମସ୍ତ ଲକ୍ଷଣ ପୂର୍ଣ୍ଣଭାବରେ ସନ୍ନିବିଷ୍ଟ—ଏହା ପୂର୍ବେ ପ୍ରଦର୍ଶିତ ହୋଇଅଛି । ( ୨ ) ଆବେଗବତୀ ହୃଦୟର ଭାବ ଅଭିବ୍ୟକ୍ତ କରିବାରେ ଉପେନ୍ଦ୍ର ଅସମର୍ଥ ଥିଲେ—ବିଜୟଚନ୍ଦ୍ରଙ୍କ ଏଉକ୍ତି ହାସ୍ୟ ଉଦ୍ଦୀପନ କରେ । ଉପେନ୍ଦ୍ର କାବ୍ୟମାନଙ୍କରେ ନାୟକ ନାୟିକାଙ୍କ ବିରହ ଉକ୍ତି କି ପ୍ରାଣସ୍ପର୍ଶୀ ତାହା ପାଠ କଲେ ସୁସ୍ପଷ୍ଟଭାବେ ପ୍ରତିପନ୍ନ ହୁଏ । ( ୩ ) ଉପେନ୍ଦ୍ରଙ୍କର ରସଜ୍ଞାନ ନ ଥିଲା; କାରଣ ରସପଞ୍ଚକରେ ରସମାନଙ୍କର ଯେ ଉଦାହରଣମାନ ପ୍ରଦତ୍ତ ହୋଇଅଛି ସେଥିରେ ରସବାଚକ ହାସ୍ୟ କରୁଣାଦି ଶବ୍ଦମାନ କେବଳ ସନ୍ନିବେଶିତ ହୋଇଅଛି । ଦୁଃଖର କଥା, ବିଜୟଚନ୍ଦ୍ର ରସପଞ୍ଚକ ନ

ପଣ୍ଡିତ ଏପରି ମତ ବ୍ୟକ୍ତ କରିଅଛନ୍ତି । ତତ୍ପ୍ରତି ଦୃଷ୍ଟିପାତ କଲେ ସ୍ପଷ୍ଟ ପ୍ରତୀତ ହୁଏ ଯେ କେବଳ ହାସ୍ୟ ରସର ଉଦାହରଣରେ 'ହାସ' ଶବ୍ଦର ପ୍ରୟୋଗ ଅଛି —ଅନ୍ୟତ୍ର ନାହିଁ । କବି ଉପେନ୍ଦ୍ର ସୁଭଦ୍ରା ପରିଣୟରେ କହିଅଛନ୍ତି—ସପ୍ତ-ଚରଣ ପଦେ ପୂରିତ । ବୀର କାରୁଣ୍ୟ ହାସ୍ୟ ଅଦ୍ଭୁତ ବୀଭତ୍ସ । ଭୟାନକ ସୁଶାନ୍ତ ରୌଦ୍ର ଶୃଙ୍ଗାରେ ଯେ ଇତ୍ୟାଦି—୭ମ ଛାନ୍ଦ ୩୭ ପଦ । ସେ ଚରିତ ନବରସ ବର୍ଣ୍ଣନା ବିଧାନେ ।ସଂଗରୂପେ ଅବକାଶ ଅଛି କଲି ମନେ ଯେ । ଛାଂ—୧୨ ପଦ । ତାଙ୍କର ପ୍ରତ୍ୟେକ କାବ୍ୟ ପାଠ କଲେ ଜଣାଯାଏ ଯେ ଉପେନ୍ଦ୍ର ଶୃଙ୍ଗାର, କରୁଣ, ବୀର, ବୀଭତ୍ସାଦି ରସର ଯେପରି ବର୍ଣ୍ଣନା କରିଅଛନ୍ତି ତାହା ଅନ୍ୟ କୌଣସି ଉତ୍କଳୀୟ କବି କରି ନାହାନ୍ତି—ତାହା କାଳିଦାସ, ଶ୍ରୀହର୍ଷଙ୍କ ବର୍ଣ୍ଣନା ସହିତ ସମକକ୍ଷ । ପୂର୍ବେ ପ୍ରଦର୍ଶିତ ହୋଇଅଛି ଯେ ଧର୍ମଶିକ୍ଷା କାବ୍ୟର ମୁଖ୍ୟ ଧର୍ମ ନୁହେ । ଆର୍ଯ୍ୟ ଋଷିମାନେ ଧର୍ମଶିକ୍ଷା ପ୍ରଦାନ ନିମିତ୍ତ ଧର୍ମଶାସ୍ତ୍ରମାନ ପ୍ରଣୟନ କରିଅଛନ୍ତି । ବେଦ, ପୁରାଣ, ଇତିହାସାଦିରେ ମଧ୍ୟ ଧର୍ମର ଉପଦେଶ ନିହିତ । ଧର୍ମାନୁମୋଦିତ ଭୋଗାତ୍ମକ ସୁଖମୟ ଜୀବନର ଚିତ୍ର କାବ୍ୟରେ ପ୍ରଦର୍ଶିତ ହୁଏ । ପୂର୍ବବର୍ତ୍ତୀ କବିମାନଙ୍କ ତୁଲ୍ୟ ଉପେନ୍ଦ୍ର ତାଙ୍କ କାବ୍ୟମାନଙ୍କରେ ଧର୍ମଶିକ୍ଷା ଦେଇ ନାହାନ୍ତି । ବିଜୟଚନ୍ଦ୍ରଙ୍କ ଏ ଉକ୍ତିରେ ସ୍ୱତଃ ପ୍ରଶ୍ନ ଉଦିତ ହୁଏ ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ କେଉଁ କବି ସ୍ୱକାବ୍ୟରେ ଧର୍ମଶିକ୍ଷା ପ୍ରଦାନ କରିଅଛନ୍ତି । ଆମ୍ଭେମାନେ ଦୃଢ଼ଭାବରେ କହିପାରୁ ଯେ କୌଣସି କାବ୍ୟରେ ତାହା ପ୍ରଦତ୍ତ ହୋଇ ନାହିଁ । କିନ୍ତୁ ପୁରାଣ, ଇତିହାସ ଲେଖକଙ୍କ କୃତିମାନଙ୍କରେ ତାହାର ଯଥାଯଥ ଉପଦେଶ ପ୍ରଦତ୍ତ ହୋଇଅଛି । କାବ୍ୟକାରଙ୍କ ସହ ପୁରାଣ ଓ ସ୍ମୃତିକାରଙ୍କୁ ଏକ ଆସନରେ ଆସୀନ କରାଇ ବିଚାର କରିବା ଯୁକ୍ତିଯୁକ୍ତ ନୁହେଁ । ବୈଦେହୀଶ ବିଳାସ ମଧ୍ୟ ଲାବଣ୍ୟବତୀ ତୁଲ୍ୟ ଲୌକିକ କାବ୍ୟକୋଟିରେ ଉପନ୍ୟାସର ସ୍ୱରୂପ ପ୍ରାପ୍ତ ହୋଇଅଛି । ଏହି ମତ ସହିତ ଆମ୍ଭମାନଙ୍କର ଐକ୍ୟ ନାହିଁ । ରାମାୟଣ ଅନୁରୂପ ଏଥିରେ ଉଚ୍ଚ ଆଦର୍ଶ ପ୍ରଦର୍ଶିତ ହୋଇଅଛି । ଦଶରଥ, ଭରତ, ଲକ୍ଷ୍ମଣ, ବିଭୀଷଣ, ହନୁମାନ ଓ ରାମଚନ୍ଦ୍ର ; କୌଶଲ୍ୟା, ସୁମିତ୍ରା ଓ ସୀତା ପ୍ରଭୃତିଙ୍କ ବିମଳୋଦାତ୍ତ ଚରିତ୍ର ଚିତ୍ରଣରେ ଉପେନ୍ଦ୍ରଙ୍କ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । କାବ୍ୟମାନଙ୍କରେ ବିଶେଷତଃ ବୈଦେହୀଶ ବିଳାସରେ ଉପେନ୍ଦ୍ରଙ୍କର ଯେ ଦେବଭକ୍ତି ଓ ଧାର୍ମିକପ୍ରାଣତା ପ୍ରଦର୍ଶିତ ହୋଇଅଛି ତାହା ଭାରତର ଖ୍ୟାତନାମା ପୁଣ୍ୟାତ୍ମା ଭକ୍ତପ୍ରବରମାନଙ୍କ ଭକ୍ତିଠାରୁ କୌଣସି ଅଂଶରେ ନ୍ୟୂନ ନୁହେ ।

ଜୟଦେବ ଓ ଦୀନକୃଷ୍ଣଙ୍କ ବ୍ୟତୀତ ଉପେନ୍ଦ୍ର କାହାରିକୁ କବିରୂପେ ଗଣନା କରନ୍ତି ନାହିଁ, ଏହାର ସମର୍ଥକ ଉକ୍ତି "କହେ ଉପଇନ୍ଦ୍ର ବୀର ଠେକି ବେନି ବାହାକୁ, ରବିତଳେ କବିପଣେ ନ ଗଣେ ସେ କାହାକୁ । ଜୟଦେବ ଦୀନକୃଷ୍ଣ ପଦ୍ୟରେ

ତା ଶରଣ, ଆନ କବିମାନଙ୍କର ମାଥେ ବାମଚରଣ” ଉପେନ୍ଦ୍ରଙ୍କଠାରେ ଆରୋପ କରି ହୋଇଅଛି । ଆମ୍ଭେମାନେ କହୁ, ଏହା କସ୍ମିନ୍ କାଳେ ଉପେନ୍ଦ୍ରଙ୍କ ଉକ୍ତି ହୋଇ ନ ପାରେ । ଉପେନ୍ଦ୍ର ଏପରି ଅହଙ୍କାରୀ ନ ଥିଲେ, ପୁନଶ୍ଚ ଏ ପଦ ଦୁଇଟି ଜଣେ ହୀନ ଧରଣର ପଦ୍ୟରଚକର ରଚନା ରୂପେ ପ୍ରତୀତ ହୁଏ । ଉତ୍କଳର କବିସମ୍ରାଟ ଭାରତର କବିସମ୍ରାଟଙ୍କ ତୁଲ୍ୟ ନିଜର ବିନୟଭାବ ପ୍ରକାଶ କରିଅଛନ୍ତି । କାଳିଦାସ ରଘୁବଂଶର ପ୍ରାରମ୍ଭରେ “କ୍ୱ ସୂର୍ଯ୍ୟପ୍ରଭବୋ ବଂଶଃ କ୍ୱ ଚାଳ୍ପବିଷୟା ମତିଃ । ପ୍ରାଂଶୁଲଭ୍ୟେ ଫଳେ ଲୋଭାଦୁଦ୍‌ବାହୁରିବ ବାମନଃ ।” ଯେପରି ଉକ୍ତି କରିଅଛନ୍ତି ଉପେନ୍ଦ୍ର ଠିକ ସେହିପରି ବୈଦେହୀଶ ବିଳାସର ପ୍ରାରମ୍ଭ ଛାନ୍ଦରେ—“ବାଲ୍ମୀକି ବ୍ୟାସ କବି ଯହିଁରେ, ମହାକାବ୍ୟକେ ପୁରାଣ କରେ, ମହାନାଟକ ବାତସୁତରେ ହେଲେ ରଚିତ ଯେ । ବିହିଲେ କାବ୍ୟ ଯେ କାଳିଦାସେ ଚମ୍ପୂରଚନା ଭୋଜ ନରେଶେ କୃପାସିନ୍ଧୁ ଏ ଗୀତ ପ୍ରକାଶେ ଛାଡ଼ିଲ ଚିନ୍ତା ଯେ । ବିବେକହିଁ ଉଦୟ ଏମନ୍ତ ଧ୍ୟାୟି ଯେ । ବେଦ୍ୟାମେ ତାରକା ଯେବେ ଝଲକୁଥାଇ ଯେ । ବିଭାବରୀରେ ଜ୍ୟୋତିରିଙ୍ଗଣ ଜ୍ୟୋତିକି ଦେଖାନ୍ତି ପୁଣ ସୁଜନେ ସାବଧାନରେ ଶୁଣ ଛାନ୍ଦ ରଚଇ ଯେ । ବୈ: ବି: ଛା ୧-୪ ପଦ ପୁନଶ୍ଚ—ଛାନ୍ଦଭୂଷଣର ଉପସଂହାରରେ “ଯେମେ ଏ ଛାନ୍ଦଭୂଷଣ ଗୀତ ହେଲ ଶେଷ, ସ୍ୱଳ୍ପକ ବୁଦ୍ଧି ଉପେନ୍ଦ୍ରଭଞ୍ଜ କହେ ରସ ଯେ ।” କବି ନିଜକୁ ଅଳ୍ପବୁଦ୍ଧି ରୂପେ କହିଅଛନ୍ତି । ଏପରି ନମ୍ରତା ପଣ୍ଡିତମାନଙ୍କର ଭୂଷଣ—“ନମ୍ରନ୍ତି ଗୁଣିନୋ ଜନାଃ” ଏହି ଉକ୍ତି ଉପେନ୍ଦ୍ରଙ୍କ ଠାରେ ଚରିତାର୍ଥ ହୋଇଅଛି । ପୁନଶ୍ଚ ଲୋକେ କହି ପାରନ୍ତି, ସେ କପରି ନିଜର ପାଣ୍ଡିତ୍ୟ ଓ ଅଦ୍ଭୁତ ଶକ୍ତିମତ୍ତାର ପ୍ରକାଶ କରିଅଛନ୍ତି:—“ଭରଣିକୁଳର ସାର । ଆଶ୍ରୟରୁ ନିରନ୍ତର । ଯହେ ଉପଇନ୍ଦ୍ର ଭଞ୍ଜ ମୁଁ ଲଭିଛି ଶବଦ ସମୁଦ୍ର ପାର ।” କୋ:ସୁ: ୨୪-୩୮ । କହେ ଉପଇନ୍ଦ୍ର ମୋ ପ୍ରଭୁ ଶ୍ରୀରାମ ବୈକୁଣ୍ଠ-ନାଥ ସାକ୍ଷାତ । ଜାତ କଲେ ଯେ ଗର୍ଭରୁଁ ସୁଧା ମୋର ଯୀରିଣ୍ଡରୁଁ ଉପର୍ଗାତ । ସେ ସତ । ସେ ବୁଧ ଏ ବୁଧ ରଞ୍ଜିତ । ଦୈତ୍ୟ ଖଳରେ ଅଧିକ୍ଷିପ୍ତ । ଯେ ଗ୍ରାସିବ ହେବ ରାହୁମନ୍ତ । କୋ:ସୁ ୨୬-୩୦ । ପାଶ୍ୱ ଏ ଛାନ୍ଦର ବିସ୍ତାର ନୁହଇ ଆନର ପ୍ରକାର । କହେ ଉପଇନ୍ଦ୍ର ଭଞ୍ଜ ଉତ୍ତମ କବିପୁଞ୍ଜ ଦୁର୍ଲ୍ଲଭ ମାର୍ଗେ ମୋ ସଂଚାର—କୋ: ସୁ: ୧୩-୨୮ । ବିଚିତ୍ରକର୍ମା ରଘୁନାଥ । ତାଙ୍କ ଧ୍ୟାନରେ ଉପଇନ୍ଦ୍ର ବିଚିତ୍ର ଚରିତ୍ର ରଚନେ ସମର୍ଥ—କୋ:ସୁ: ୧୦-୩୧ । ବିଚିତ୍ର କବିତ୍ୱମାର୍ଗେ ପ୍ରସରିଲା ବୁଦ୍ଧି । ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି । ବୈ. ବି: ୫୨-୫୨ । ଏଥିରେ ଉପେନ୍ଦ୍ରଙ୍କର ଗର୍ବ ସୂଚିତ ହେଉ ନାହିଁ; ଏପରି ଉକ୍ତି କବିମାନଙ୍କଠାରେ ସଚରାଚର ଦୃଷ୍ଟ ହୁଏ । “ନାହଂ ବେଦ୍ମି, ଶୁକୋ ବେତ୍ତି ବ୍ୟାସୋ ବେତ୍ତି ନ ବେତ୍ତି ବା । ଶ୍ରୀଧରଃ ସକଳଂ ବେତ୍ତି ଶ୍ରୀନୃସିଂହପ୍ରସାଦତଃ । ଏହିପରି ରାମଚନ୍ଦ୍ରଙ୍କ ଅନୁଗ୍ରହରେ ଅଦ୍ଭୁତଶକ୍ତି ପ୍ରାପ୍ତ ହେବା ବିଷୟ କବି

କହିଅଛନ୍ତି । ଭବଭୂତିଙ୍କ ଉକ୍ତି ଏ ପ୍ରସଙ୍ଗରେ ଭୁଲିମାଯି; "ଯଂ ବ୍ରହ୍ମାଣମୟଂ ଦେବୀ ବାକ୍ ବଶ୍ୟେବାନୁବର୍ତ୍ତିତେ" ଇତ୍ୟାଦି ଇତ୍ୟାଦି । ଆଗୃଷି ଦଣ୍ଡୀ କହିଅଛନ୍ତି; "ଗୁଣାନାମାବଶ୍ୟକ୍ରିୟା ଦୋଷୋ ନାସ୍ତି ଭୂତାର୍ଥଶଂସିନା" ନିଜର ଗୁଣ ପ୍ରକାଶ ସତ୍ୟବକ୍ତାଙ୍କ ପକ୍ଷରେ ଦୋଷାବହ ନୁହେଁ । ଉପେନ୍ଦ୍ର ନିଜର ଛନ୍ଦଶାସ୍ତ୍ରରେ ଅଭୁତ ପାଣ୍ଡିତ୍ୟ କଥା ଯାହା କହିଅଛନ୍ତି, ତା ଅକ୍ଷରେ ଅକ୍ଷରେ ସତ୍ୟ । ପୃଥିବୀରେ କୌଣସି କବି ଏପରି ଛନ୍ଦଶାସ୍ତ୍ରରେ ପଣ୍ଡିତ ନ ଥିଲେ, କହିଲେ ସତ୍ୟର କିଛିମାତ୍ର ଅପଲାପ ହେବ ନାହିଁ । ସବୁ ଦେଶରେ ଓ ସବୁ କାଳରେ କେତେକ ଲୋକ ଥାଆନ୍ତି, ସେମାନେ ନିଜକୁ ସର୍ବଜ୍ଞରୂପେ ପ୍ରକାଶ କରନ୍ତି ଓ ଅବ୍ୟାପାରରେ ବ୍ୟାପାର କରି ସମାଜରେ ବିଶୃଙ୍ଖଳା ସୃଷ୍ଟି କରନ୍ତି । ସେମାନଙ୍କ ସଂଖ୍ୟା ଖୁବ୍ ବେଶି । ତେଣୁ ସେମାନେ ଗୋଷ୍ଠୀ ବାନ୍ଧି ଏପରି ପରିସ୍ଥିତି ସୃଷ୍ଟି କରନ୍ତି, ଯହିଁରେ ଭଣ୍ଡତା ପୂର୍ଣ୍ଣଭାବରେ ରାଜତ୍ୱ କରେ—ସତ୍ୟ, ନ୍ୟାୟ ଓ ବିଦ୍ୟା ସେ ସ୍ଥଳରୁ ନିଜର ସମ୍ମାନ ରକ୍ଷାର୍ଥ ବିଦାୟଗ୍ରହଣପୂର୍ବକ ଶ୍ରୀହରି ମଧୁସୂଦନ କହି ନିଭୃତରେ ସ୍ୱ ସମୟ ଅତିବାହିତ କରନ୍ତି । ଏହି ଦୃଷ୍ଟିରେ ଉତ୍କଳର ପ୍ରାଚୀନ କବିମାନେ ସ୍ୱ କାବ୍ୟମାନଙ୍କରେ ଉକ୍ତ ପଣ୍ଡିତମ୍ମନ୍ୟ ବ୍ୟକ୍ତିମାନଙ୍କୁ ଖଳରୂପେ ଗ୍ରହଣ କରି ସେମାନଙ୍କୁ ଯଥୋଚିତ ଉକ୍ତିରେ ସମ୍ଭାଷଣ କରିଅଛନ୍ତି । ଉପେନ୍ଦ୍ର ସେମାନଙ୍କୁ ବାଲୀଶ, କଥାପ୍ରସଙ୍ଗ ( କେଳା ), ବାତୁଳ, ଶ୍ୱାନପୁଚ୍ଛବତ୍ କୁଟିଳ ଇତ୍ୟାଦି ନାନା ଆଖ୍ୟାରେ ଆହ୍ୱାନ କରିଅଛନ୍ତି ।

ସଂସ୍କୃତ ଆଲଂକାରିକଙ୍କ ମତରେ ଆଶୀ, ନମସ୍କ୍ରିୟା ଓ ବସ୍ତୁନିର୍ଦ୍ଦେଶ ମଧ୍ୟରୁ ଗୋଟିକରେ କାବ୍ୟ ଆରମ୍ଭ ହେବା ବିଧେୟ । କାବ୍ୟର କଥାବସ୍ତୁ ଇତିହାସ ପୁରାଣଗତ ବା ସତ୍ୟମୂଳକ ହେବ । କାବ୍ୟର ଉଦ୍ଦେଶ୍ୟ—ଧର୍ମାର୍ଥ କାମମୋକ୍ଷ ଚତୁର୍ବର୍ଗ ପ୍ରାପ୍ତି । ନାୟକ ସାଧାରଣତଃ ଧୀରୋଦାତ୍ତ ହେବା ଉଚିତ । ନଗର, ସମୁଦ୍ର, ପର୍ବତ, ଋତୁ, ଚନ୍ଦ୍ର ଓ ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତ ଅର୍ଥାତ୍ ପ୍ରଭାତ ଓ ସନ୍ଧ୍ୟା, ଉଦ୍ୟାନ, ସରୋବର, ପୂର୍ବରାଗ, ବିରହ, ବିବାହ, ପୁତ୍ରଜନ୍ମାଜନ୍ମ, ମନ୍ତ୍ର, ଦୂତପ୍ରେରଣ, ଯୁଦ୍ଧଯାତ୍ରା, ଯୁଦ୍ଧ, ନାୟକର ଜୟ ଓ ସୁଖରେ ରାଜ୍ୟପାଳନ ପ୍ରଭୃତି କାବ୍ୟରେ ବର୍ଣ୍ଣିତ ହେବା ଉଚିତ । ରସ ଓ ଅଳଂକାର ଯୁକ୍ତ ହୋଇ ମନୋହର ବୃତ୍ତରେ ରଚିତ ହେବା ବିଧେୟ । ଉପେନ୍ଦ୍ରଙ୍କ କେତେକ କାବ୍ୟମାନଙ୍କର କଥାବସ୍ତୁ ପୁରାଣ ଇତିହାସରୁ ଗୃହୀତ (ବୈଦେହୀଶ, ସୁଭଦ୍ରାପରିଣୟ, କଳା-କଉତୁକ, ଛାନ୍ଦଭୂଷଣ ପ୍ରଭୃତି) ଓ କେତେକ କାଳ୍ପନିକ (ଅନୁଭବର ପ୍ରଖ୍ୟାତ ମାନସ ରଚନା—ଉଃ ହ :—ଚମ୍ପୁ ଛାନ୍ଦ, ଲାବଣ୍ୟବତୀ, ରସିକହାରାବଳୀ, ପ୍ରେମସୁଧାନିଧି, କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି) । ଉପେନ୍ଦ୍ରଙ୍କ ପ୍ରତ୍ୟେକ କାବ୍ୟର ପ୍ରାରମ୍ଭରେ ରାମଚନ୍ଦ୍ର ବା ଜଗନ୍ନାଥଙ୍କ ସ୍ତୁତି ପ୍ରଦତ୍ତ । ନାୟକ ପ୍ରାୟ ଧୀରୋଦାତ୍ତ

ନଗର, ନଗରୀ, ବନ, ଉପବନ ଓ ସରୋବର କ୍ରୀଡ଼ାଦିର ସରସ ଜୀବନ୍ତ ଚିତ୍ର; ଷଡ଼ଋତୁମାନଙ୍କର ସୁନ୍ଦର ମଧୁମୟ ବର୍ଣ୍ଣନା; ପ୍ରଭାତ ଓ ସନ୍ଧ୍ୟାର ମନୋହର ଆଲେଖ୍ୟ; ପୂର୍ବରାଗ, ମିଳନ ଓ ବିରହର ସହଜ ପ୍ରାଣସ୍ପର୍ଶୀ, ଆବେଗମୟ ତଥା ସରସ ଚିତ୍ରଣ; ବିବାହ, କୁମାର କୁମାରୀ ଜନ୍ମର ସାମାଜିକ ସ୍ୱାଭାବିକବିଧିବଦ୍ଧ ବର୍ଣ୍ଣନ; ମନ୍ତ୍ର, ଆଳାପ ଓ ଦୂତାଦିଙ୍କ ବାସ୍ତବ ଚିତ୍ର; ଯୁଦ୍ଧଯାତ୍ରା ଓ ଯୁଦ୍ଧାଦିର ଜୀବନ୍ତ ଲୋମହର୍ଷଣକର ଉଦ୍‌ବେଗପ୍ରଦ ଆଲେଖ୍ୟ; ନାୟକ ନାୟିକାଙ୍କ ମଧୁମୟ ମିଳନ ଓ ଅତି ମନୋହର ବୃତ୍ତିମାନଙ୍କର ଉପଯୁକ୍ତ ବିନ୍ୟାସ ହେତୁ ମହାକାବ୍ୟର ଲକ୍ଷଣମାନ ଉପେନ୍ଦ୍ରଙ୍କ କାବ୍ୟମାନଙ୍କରେ ଯଥାଯଥ ପରିଦୃଷ୍ଟ ହୁଏ । ପୁନଶ୍ଚ ବର୍ଣ୍ଣିତ ବିଷୟମାନଙ୍କର ଯଥାଯଥ ବିନ୍ୟାସ ଓ ରଚନାମାଧୁରୀ କାବ୍ୟରସିକଙ୍କ ଚିତ୍ତରେ ପ୍ରୀତି ପ୍ରଦାନ କଲେ ଉପରିକଥିତ ଲକ୍ଷଣମାନଙ୍କ ମଧ୍ୟରୁ କୌଣସି ବିଷୟର ଅଭାବରେ ଦୋଷ ସମ୍ଭବେ ନାହିଁ । (ଉପେନ୍ଦ୍ରଙ୍କ ଦ୍ୱାରା ସମୁଦ୍ର ବର୍ଣ୍ଣିତ ନ ହେବା ହେତୁ ଯେ ଆକ୍ଷେପ ବିଜୟଚନ୍ଦ୍ର କରିଅଛନ୍ତି ତାହା ଉପେକ୍ଷଣୀୟ ।)

## କବି

ଯାହାଙ୍କ କୃତି ପାଠ କଲେ ଲୋକର ଚିତ୍ତରେ ପରମ ଆହ୍ଲାଦ ଅର୍ଥାତ୍ ଚମତ୍କାର ଭାବ ଜନ୍ମେ ସେ କବିନାମରେ ଖ୍ୟାତ । ତ୍ରିକାଳଦର୍ଶୀ କ୍ରାନ୍ତକର୍ମୀ, ପଣ୍ଡିତ, ଜ୍ଞାନୀ, ଋଷି, ବ୍ରହ୍ମା, ବାଲ୍ମୀକି, ଶୁକ୍ରାଚାର୍ଯ୍ୟ ଓ କାବ୍ୟନିର୍ମାତା ପ୍ରଭୃତି ଅର୍ଥରେ କବିଶବ୍ଦ ପ୍ରଯୁକ୍ତ ହୁଏ । ଏଠାରେ କେବଳ କାବ୍ୟ ରଚକଙ୍କ ବିଷୟ ବିବୃତ । ତାହା ହେଲେହେଁ ଯେ କବି ସେ ପଣ୍ଡିତ, ବୁଦ୍ଧିମାନ୍, ଜ୍ଞାନୀ ଓ ତ୍ରିକାଳଦର୍ଶୀ ଅଟନ୍ତି । ମାନବଜୀବନର ସତ୍ୟ ଓ ଆଦର୍ଶ କବି ଉପସ୍ଥାପିତ କରନ୍ତି । ସତ୍ୟ ଓ ଆଦର୍ଶର ଦେଶ କାଳ ଭେଦରେ ତାରତମ୍ୟ ଥିଲେହେଁ ତ୍ରିକାଳଦର୍ଶୀ କବି ସ୍ୱ ପ୍ରତିଭାବଳରେ ଚିରନ୍ତନ ସତ୍ୟ ଓ ଆଦର୍ଶଭୂତ ବିଷୟକୁ ସ୍ୱ ସୂକ୍ଷ୍ମଦୃଷ୍ଟିରେ ଯଥାଯଥ ନିର୍ଣ୍ଣୟ କରି ଜନସମାଜକୁ ଗୁରୁ ଓ ଉପଦେଷ୍ଟା ରୂପେ ଶିକ୍ଷା ପ୍ରଦାନପୂର୍ବକ ସନ୍ମାର୍ଗରେ, ସୁଖ ଶାନ୍ତିମୟ ରାଜ୍ୟରେ ପରିଚାଳିତ କରନ୍ତି । ପ୍ରତିଭା, ବହୁଶାସ୍ତ୍ରଦର୍ଶିତା, ଶିକ୍ଷା ଓ ଅଭ୍ୟାସ—ଏ ସମସ୍ତଙ୍କ ସମଷ୍ଟିହିଁ କାବ୍ୟର ଏକ କାରଣରୂପେ ଗ୍ରହଣୀୟ । ଏମାନେ ପ୍ରତ୍ୟେକେ ସ୍ୱତନ୍ତ୍ରଭାବରେ କାବ୍ୟର କାରଣ ହୋଇ ପାରନ୍ତି ନାହିଁ । କେତେକଙ୍କ ମତରେ ପ୍ରତିଭାହିଁ କବିତ୍ୱର ଏକମାତ୍ର କାରଣ । କିନ୍ତୁ ତାହା ଠିକ୍ ନୁହେଁ । ଅବଶ୍ୟ ପ୍ରତିଭା ଉପରେ କାବ୍ୟତ୍ୱର ପ୍ରସକ୍ତ । କିନ୍ତୁ କେତେକ ବାଳକଙ୍କଠାରେ ପ୍ରତିଭା ଦୃଷ୍ଟ ହେଲେହେଁ ଶାସ୍ତ୍ରଜ୍ଞାନ, ଶିକ୍ଷା ତଥା ଅଭ୍ୟାସର ଅଭାବରେ ତାଙ୍କ ଦ୍ୱାରା କାବ୍ୟ ରଚିତ ହୋଇ ପାରେ ନାହିଁ; ତେଣୁ ସେ ସମସ୍ତଙ୍କର ମିଳନହିଁ କବିତ୍ୱର ଏକ କାରଣ କହିବା ସମୀଚୀନ । ପୁନଶ୍ଚ ସ୍ଥଳବିଶେଷରେ ପ୍ରତିଭା ନ ଥାଇ ମଧ୍ୟ କବିତ୍ୱର

ଉଦ୍ଭବ ହୁଏ । ଅଗ୍ରଣୀ ଦଣ୍ଡୀ ଯଥାର୍ଥ କହିଅଛନ୍ତି—ଯଦ୍ୟପି ପ୍ରାକ୍ତନ ସଂସ୍କାର ଓ ପ୍ରତିଭା ନ ଥାଏ ତଥାଚ ଶାସ୍ତ୍ରାନୁଶୀଳନ, କାବ୍ୟଜ୍ଞ ଗୁରୁଙ୍କ ଉପଦେଶ, ନିଷ୍ଠାସହ ଅଭ୍ୟାସଦ୍ୱାରା ବାଗ୍‌ଦେବୀଙ୍କ ଉପାସନା କଲେ ଦେବୀ ଅବଶ୍ୟ ଅନୁଗ୍ରହ ପ୍ରକାଶ କରନ୍ତି, ଅର୍ଥାତ୍ କବିତ୍ୱ ଶକ୍ତି ପ୍ରଦାନ କରନ୍ତି । 'ନ ବିଦ୍ୟତେ ଯଦ୍ୟପି ପୂର୍ବବାସନା ଗୁଣାନୁବନ୍ଧି ପ୍ରତିଭାନମଦ୍ଭୁତମ୍ । ଶ୍ରୁତେନ ଯତ୍ନେନ ଚ ବାଗୁପାସିତା ଧ୍ରୁବଂ କରୋତ୍ୟେବ କମପ୍ୟନୁଗ୍ରହମ୍' କାବ୍ୟାଦର୍ଶ ୧ମ ପରିଚ୍ଛେଦ ।

## ପ୍ରତିଭା

'ବୁଦ୍ଧିସ୍ତାତ୍‌କାଳିକୀ ଜ୍ଞେୟା ପ୍ରଜ୍ଞା ତ୍ରୈକାଲ୍ୟଗୋଚରା । ନବ ନବୋନ୍ମେଷଶାଳିନୀଂ ପ୍ରଜ୍ଞାଂ ପ୍ରତିଭାଂ ବିଦୁଃ । ଯେଉଁ ଶକ୍ତିଦ୍ୱାରା ଦର୍ଶନମାତ୍ରେ ପଦାର୍ଥବିଶେଷର ଜ୍ଞାନ ଜନ୍ମେ ତାହା ବୁଦ୍ଧି ( Intelligence ), ଯେଉଁ ଶକ୍ତିଦ୍ୱାରା ପଦାର୍ଥବିଶେଷର ତ୍ରିକାଳଗତ ଜ୍ଞାନ ହୁଏ ତାହା ପ୍ରଜ୍ଞା (Wisdom)। କଳ୍ପନା ପ୍ରଜ୍ଞାର ଅନ୍ତର୍ଗତ । ଯେଉଁ ପ୍ରଜ୍ଞା ପଦାର୍ଥବିଶେଷର ପ୍ରଚ୍ଛନ୍ନ ଅର୍ଥାତ୍ ଏତାବତ୍ ଅଜ୍ଞାତ ଥିବା ବିଶେଷତ୍ୱ ବା ବିଶେଷ ଧର୍ମକୁ ନୂତନ ନୂତନ ଭାବେ ପ୍ରକାଶ କରେ, ତାହା ପ୍ରତିଭା ନାମରେ ଖ୍ୟାତ । କଳ୍ପନା ଶକ୍ତି ଓ ନିର୍ମାଣକୌଶଳ ଏଥିର ଅନ୍ତର୍ଗତ । କେତେକ ଏହି ପ୍ରତିଭାକୁ ପ୍ରକାରାନ୍ତରେ କହନ୍ତି :— ରସାନୁକୂଳ ଶବ୍ଦ ଓ ଅର୍ଥର ଚିନ୍ତାଦ୍ୱାରା ସ୍ଥିରନିଶ୍ଚିତ ମତିମାନ୍ ଲୋକଙ୍କର ଯେଉଁ ପ୍ରଜ୍ଞା ଦର୍ଶନକାଳରେ ପଦାର୍ଥର ବିଶିଷ୍ଟ ଅର୍ଥ ବା ଧର୍ମ ଗ୍ରହଣ କରିବାରେ ସମର୍ଥ ହୁଏ, ତାହା ପ୍ରତିଭା । ପ୍ରତିଭା, ଶାସ୍ତ୍ର ବ୍ୟୁତ୍ପତ୍ତି, ଶିକ୍ଷା, ଅଭ୍ୟାସାଦିଙ୍କର ସମଷ୍ଟି କବିତ୍ୱର ଏକ ହେତୁ ହେଲେହେଁ ତନ୍ମଧ୍ୟରେ ପ୍ରତିଭା ପ୍ରଧାନଭୂତା ସତ୍ତ୍ୱେ ଶାସ୍ତ୍ରବ୍ୟୁତ୍ପତ୍ତି କାବ୍ୟର ଗୁରୁତା ବିଧାନର କାରଣ ଓ ଶିକ୍ଷା ଅଭ୍ୟାସାଦି ତାହାର ବୃଦ୍ଧିର ହେତୁରୂପେ ଜାଣିବାକୁ ହେବ । ପ୍ରତିଭା କ୍ୱଚିତ୍ ସ୍ୱତଃ ଜାତ ହୁଏ, କ୍ୱଚିତ୍ ଦେବାନୁଗ୍ରହରୁ ଜାତ ହୁଏ । ଉପେନ୍ଦ୍ରଙ୍କ ପ୍ରାକ୍ତନ ସଂସ୍କାରଗତ ସ୍ୱାଭାବିକ ଶକ୍ତି ଥିଲା ଓ ପ୍ରତିଭା ସ୍ୱତଃ ଜାତ ହୋଇଥିଲା । ପୁଣି ତଦୁପରି ରାମତାରକ ମନ୍ତ୍ରସିଦ୍ଧିରୁ ରାମଚନ୍ଦ୍ରଙ୍କ ଅନୁଗ୍ରହ ଓ ଭଗବତୀ ଦେବୀ କାଳୀଙ୍କ ବରପ୍ରଦାନ ବଳରେ ସେ ପ୍ରତିଭା ଶୁଦ୍ଧପୂତ ସତ୍ତ୍ୱମୟ ତଥା ଅତି ଉତ୍କୃଷ୍ଟରୂପେ ଉଦ୍ଭାସମାନ ହୋଇ ଦିବ୍ୟଦୀପ୍ତି ପ୍ରକାଶ କରିଥିଲା । କିମ୍ବଦନ୍ତୀରୁ ପ୍ରକାଶ ଯେ ତାଙ୍କ ପିତାମହ ଧନଞ୍ଜୟ ଭଞ୍ଜ ସ୍ୱରଚିତ ରଘୁନାଥବିଳାସ କାବ୍ୟ ଉପେନ୍ଦ୍ରଙ୍କୁ ପାଠ କରି ମନ୍ତବ୍ୟ ପ୍ରକାଶ କରିବାକୁ କହିଥିଲେ । ପ୍ରତିଭାବାନ୍ ଉପେନ୍ଦ୍ର କାବ୍ୟକୁ ଆମୂଳଚୂଳ ପାଠ କରିସାରି କହିଲେ, "ଏ କାବ୍ୟ ପୂର୍ବତନ ସମସ୍ତ କାବ୍ୟମାନଙ୍କଠାରୁ ଉତ୍ତମ, କିନ୍ତୁ ଏ କାବ୍ୟରେ କଳାଶୃଙ୍ଖଳା, ରସ-ମାଧୁରୀ ତଥା ଆଶୟାଦିର ଯଥାଯଥ ବିଳାସ ନାହିଁ, ତେଣୁ ଏହା ଯଥାସମ୍ଭବ

ସୁନ୍ଦର ହୋଇ ପାରେ ନାହିଁ ।'' ପିତାମହ କହିଲେ, "ଏହାଠାରୁ ଉତ୍ତମ ଓ ସର୍ବାଙ୍ଗସୁନ୍ଦର କାବ୍ୟ ଲେଖି ପାରିବ କି ?'' ଉପେନ୍ଦ୍ର ଶୁଣି ସ୍ମିତବଦନରେ କହିଲେ, "ମହିମାଙ୍କର ଆଶୀର୍ବାଦ ଥିଲେ ଏହି ରାମଚରିତରେ କାବ୍ୟ ଲେଖି ନିଶ୍ଚୟ ପ୍ରଶଂସାଭାଜନ ହେବି ।'' ଏପରି ଭୀଷମ ପ୍ରତିଜ୍ଞା କରି କ୍ଷତ୍ରିୟ ଯୁବକ ଉପେନ୍ଦ୍ର ଅଶ୍ୱପୃଷ୍ଠରେ ନୟାଗଡ଼ରେ ଉପସ୍ଥିତ ହୋଇ ରଘୁନାଥଙ୍କ ଶରଣାପନ୍ନ ହେଲେ । ଧ୍ୟାନ, ଧାରଣା ଓ ଉପାସନା ବଳରେ ଦେବ ରଘୁନାଥଙ୍କୁ ପ୍ରୀତ କରି ସେ ରାମତାରକ ମନ୍ତ୍ରରେ ସିଦ୍ଧିଲାଭ କଲେ । ତତ୍ପରେ ଅଶ୍ୱପୃଷ୍ଠରେ ଘୁମସରକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଅରଣ୍ୟ ମଧ୍ୟରେ ଅର୍ଦ୍ଧରାତ୍ରିରେ ମନୁଷ୍ୟ ଶବର ବକ୍ଷଦେଶରେ ଆସୀନ ହୋଇ ଜଣେ ଦକ୍ଷ ମହାବିଦ୍ୟା ସାଧକ ତାନ୍ତ୍ରିକ ମନ୍ତ୍ର ଓ ଉଚ୍ଚସ୍ୱର ବଳରେ ଭଗବତୀ ଦେବୀଙ୍କୁ ଆହ୍ୱାନ କରିବା ଓ ଭୀଷଣ ମୂର୍ତ୍ତି ମହାଭୈରବୀ କରାଳୀ କାଳୀଙ୍କ ଆକସ୍ମିକ ଆବିର୍ଭାବରେ ତାନ୍ତ୍ରିକର ଭୀତରେ ସଂଜ୍ଞାଶୂନ୍ୟ ହୋଇ ଭୂଲୁଣ୍ଠିତ ହେବା ଦର୍ଶନରେ ଉପେନ୍ଦ୍ର ହଠାତ୍ ଅଶ୍ୱପୃଷ୍ଠରୁ ଅବତରଣ କରି ଶବର ବକ୍ଷରେ ଆସୀନ ହେଲେ । ଦେବୀ 'ବରଂ ବୃଣୀହି' କହନ୍ତେ ନିର୍ଭୀକ କ୍ଷତ୍ରିୟ ଯୁବକ ଭକ୍ତିନମ୍ରଭାବରେ ବଦ୍ଧାଞ୍ଜଳିପୂର୍ବକ କହିଲେ, "ଦେବି କୃପାମୟି ବରାଭୟଦାୟିନି କୃପୟା ଦେହି ମେଽତ୍ୟଦ୍ଭୁତାଂ କବିତ୍ୱଶକ୍ତିମ୍ ।" ଦେବୀ ପ୍ରୀତ ହୋଇ କହିଲେ, "ବତ୍ସ ପ୍ରାକୃତ ଭାଷାୟାଂ ତେଽଭୂତପୂର୍ବଂ କବିତ୍ୱଂ ପ୍ରସରିଷ୍ୟତି ।'' ଏହା କହି ଦେବୀ ଅନ୍ତର୍ହିତ ହେଲେ । ହୃଷ୍ଟଚିତ୍ତରେ ଉପେନ୍ଦ୍ର ଘୁମସରକୁ ଆସି ବର୍ଷକ ମଧ୍ୟରେ ବୈଦେହୀଶବିଳାସ କାବ୍ୟ ରଚନା କରି ସ୍ୱ ପିତାମହ ଧନଞ୍ଜୟ ଭଞ୍ଜଙ୍କୁ ଦେଖାଇଲେ । କାବ୍ୟରସିକ ପଣ୍ଡିତ ଧନଞ୍ଜୟ ପୌତ୍ରଙ୍କ ରଚିତ କାବ୍ୟରତ୍ନ ପାଠ କରି ପରମ ପ୍ରୀତ ହେଲେ ଓ ଉପେନ୍ଦ୍ରଙ୍କୁ ଭୂରି ଭୂରି ପ୍ରଶଂସା ପ୍ରଦାନ କଲେ । କାଳୀଙ୍କଠାରୁ ବରପ୍ରାପ୍ତି ବିଷୟ ସେ ତାଙ୍କର କୌଣସି କାବ୍ୟରେ ଉଲ୍ଲେଖ କଲା ପରି ଜଣାଯାଉ ନାହିଁ । କିନ୍ତୁ ରାମତାରକ ମନ୍ତ୍ରରେ ସିଦ୍ଧିଲାଭ କରିବା ବିଷୟରେ ଅନେକ ସୂଚନା ଦେଇ ଅଛନ୍ତି । ଦେବୀଙ୍କଠାରୁ ବରପ୍ରାପ୍ତି ବିଷୟ କାଳ୍ପନିକ ହୋଇ ପାରେ; କିନ୍ତୁ ଏହା ସର୍ବସମ୍ମତିକ୍ରମେ ସ୍ୱୀକାର୍ଯ୍ୟ ଯେ ଦେବାନୁଗ୍ରହ ବ୍ୟତୀତ ଏପରି ଅଦ୍ଭୁତ ଶକ୍ତିମତ୍ତାର ପ୍ରକାଶ ସମ୍ପୂର୍ଣ୍ଣ ଅସମ୍ଭବ । ବହୁ ଶାସ୍ତ୍ରଦର୍ଶିତା ବିଷୟରେ ବିଚାର କଲେ ଜଣାଯାଏ ଯେ ଉପେନ୍ଦ୍ରଙ୍କର ସ୍ଥାବର ଜଙ୍ଗମାତ୍ମକ ସଂସାରର ଚରିତଜ୍ଞାନ, ନାନା ଅଭିଧାନ, ଛନ୍ଦ, ଅଳଙ୍କାର, ବ୍ୟାକରଣ, ନାନା ପୁରାଣଶାସ୍ତ୍ର, କଳାବିଦ୍ୟା, କାମସୂତ୍ର, ସ୍ମୃତି, ଇତିହାସ, ବାର୍ତ୍ତା, ଦଣ୍ଡନୀତି, ନ୍ୟାୟାଦି ଷଡ଼ଦର୍ଶନ, ସଂସ୍କୃତ ପଞ୍ଚକାବ୍ୟ ଗଜାଶ୍ୱାୟୁର୍ବେଦ, ରତ୍ନଜ୍ଞାନ, ଉତ୍କଳର ପ୍ରାଚୀନ କାବ୍ୟ, ପୁରାଣ, ଜ୍ୟୋତିଷ, ତନ୍ତ୍ର, ଆୟୁର୍ବେଦ, ଧନୁର୍ବେଦାଦି ବିଦ୍ୟାମାନଙ୍କରେ ପାରଦର୍ଶିତା ଥିଲା । ଅଭିମନ୍ୟୁ ବିଦଗ୍ଧଚିନ୍ତାମଣିର ପ୍ରଥମ ଛାନ୍ଦରେ ଯଥାର୍ଥ କହିଅଛନ୍ତି, "ନ୍ୟାୟାଦି ଶାସ୍ତ୍ରପୁରାଣ

ବେଦାଗମ କାବ୍ୟ । ନ୍ୟାସ କଲ୍ପ ଲୋକର ଏ ହୋଇବଣି ଭାବ୍ୟ ।” ଆମ୍ଭେମାନେ ପୂର୍ବେ ଦର୍ଶାଇଅଛୁଁ ଯେ ମାନବଜୀବନର ସୁଖନିର୍ବାହ ନିମିତ୍ତ ନାନାବିଧ ବିଦ୍ୟାର ଉଦ୍ଭବ ହୋଇଅଛି । ଯିବି ମାନବଜୀବନର ଯଥାଯଥ ଚରିତ୍ର ଚିତ୍ରଣ କରନ୍ତି; ତହୁଁ ତାଙ୍କର ସମ୍ବନ୍ଧ ଶାସ୍ତ୍ରରେ ଅନ୍ତତଃ ସାଧାରଣ ଜ୍ଞାନ ଥିବା ବାଞ୍ଛନୀୟ । ଶିକ୍ଷା ଅଭ୍ୟାସର ବିଚାର କଲେ ଆମ୍ଭେମାନେ ଅବଗତ ହେଉଁ ଯେ, ପ୍ରାଚୀନ ଉତ୍କଳର ରାଜସଭାରେ ପଣ୍ଡିତମାନେ ଶାସ୍ତ୍ରାଦି ଆଲୋଚନାରେ ସର୍ବଦା ବ୍ୟାପୃତ ରହି ବିଦ୍ୟାର ଉତ୍ତରୋତ୍ତର ବୃଦ୍ଧି ଓ ପ୍ରସାରକଲେ୍ପ ବିଶେଷ ଯତ୍ନବାନ୍ ହେଉଥିଲେ । ବିଶେଷତଃ ସାହିତ୍ୟରେ ତଥା ନୈଷଧ କାବ୍ୟରେ ବିଶେଷ ଅନୁରାଗୀ ଥିଲେ । ଘୁମୁସର ରାଜବଂଶ ଅର୍ଥାତ୍ ଉପେନ୍ଦ୍ରଙ୍କ ପୂର୍ବପୁରୁଷମାନେ ଗୋବିନ୍ଦଭଞ୍ଜ, ଗୋପାଳଭଞ୍ଜ, ଧନଞ୍ଜୟଭଞ୍ଜ, ଯୁଗଭଞ୍ଜ, ଘନଭଞ୍ଜ ପ୍ରଭୃତି ସାହିତ୍ୟରେ ବିଶେଷ ରସିକ ଥାଇ ଉପାଦେୟ କାବ୍ୟମାନ ପ୍ରଣୟନ କରିଅଛନ୍ତି । ଘୁମୁସର ରାଜବଂଶ ବ୍ୟତୀତ ଉତ୍କଳରେ ଚତୁର୍ଦ୍ଦଶ ଶତାବ୍ଦୀଠାରୁ କାବ୍ୟ କବିତା ଲିଖିତ ହୋଇ ସର୍ବତ୍ର ପ୍ରଚାରିତ ହେଉଥିଲା । ଅର୍ଜୁନଦାସଙ୍କ ରାମବିଭା, ନରସିଂହଙ୍କ ପଦ୍ମମଳା, ଶିଶୁଶଙ୍କରଙ୍କ ଉଷାଭିଳାଷ, ଚକ୍ରପାଣିଙ୍କ କୃଷ୍ଣବିଳାସ, ଦେବଦୁର୍ଲଭଙ୍କ ରହସ୍ୟମଞ୍ଜରୀ, କାର୍ତ୍ତିକଙ୍କ ରୁକ୍ମଣୀବିଭା, ବିଷ୍ଣୁଦାସଙ୍କ ପ୍ରେମଲୋଚନା, ରଘୁନାଥଙ୍କ ଲୀଳାବତୀ, ଧନଞ୍ଜୟଙ୍କ ରଘୁନାଥବିଳାସ ଓ ରତ୍ନମଞ୍ଜରୀ; ଦୀନକୃଷ୍ଣଙ୍କ ଜଗମୋହନ ଛନ୍ଦ ଓ ରସକଲ୍ଲୋଳ ପ୍ରଭୃତି ଉଚ୍ଚ ଧରଣର କାବ୍ୟ କବିତା ସାହିତ୍ୟରସିକଙ୍କ ଦ୍ୱାରା ପଠିତ, ଆଲୋଚିତ, ଆଦୃତ ଓ ପ୍ରଚାରିତ ହେଉଥିଲା । ସତତ ଅନୁଶୀଳନ ତଥା ଆଲୋଚନା ଫଳରେ ଓ ବିଦ୍ୟାର ପାରମ୍ପରିକତାରେ ପ୍ରତିଭାବାନ୍ ଉପେନ୍ଦ୍ରଙ୍କ ହସ୍ତରେ ଏପରି ଉନ୍ନତ ଧରଣର କାବ୍ୟମାନ ଲିଖିତ ହେବା ସ୍ୱାଭାବିକ । ଏହା ସର୍ବଜନବିଦିତ ଯେ ପ୍ରବଳପ୍ରତାପ ଗଙ୍ଗବଂଶ ଓ ସୂର୍ଯ୍ୟ-ବଂଶର ଉତ୍କଳ ଗଜପତିମାନଙ୍କ ପୋଷକତାରେ ଶାସ୍ତ୍ରାଦିର ଆଲୋଚନା ବିଶେଷତଃ ସାହିତ୍ୟ, ଅଳଙ୍କାର, ଛନ୍ଦ ପ୍ରଭୃତିର ଅନୁଶୀଳନ ପରାକାଷ୍ଠା ଲାଭ କରିଥିଲା । ଅନେକ କାବ୍ୟ, ନାଟକ, ଏକାବଳୀ ଓ ସାହିତ୍ୟଦର୍ପଣ ସହିତ ନାନା ଅଳଙ୍କାର ଓ ଛନ୍ଦ ଗ୍ରନ୍ଥ ପ୍ରଭୃତି ଉତ୍କଳରେ ଲିଖିତ ହୋଇଥିଲା । ଏହିପରି ବିଦ୍ୟା-କ୍ଷୀରାବ୍ଧିର ମନ୍ଥନରୁ ଯେ କାବ୍ୟସୁଧାର ମାଧୁରୀ ଉତ୍କଳଖଣ୍ଡରେ ବିଳସିତ ହୋଇଥିଲା, ତାହା ଧୀରଚିତ୍ତରେ ପ୍ରଣିଧାନ କଲେ ବିସ୍ମୟାନ୍ୱିତ ହେବାକୁ ହୁଏ । ଉପେନ୍ଦ୍ରଙ୍କ କାବ୍ୟାବଳୀରେ ପୂର୍ବତନ କବିମାନଙ୍କ ପ୍ରଭାବ ସ୍ଥାନେ ସ୍ଥାନେ ପତିତ ହେବାର ଆମ୍ଭେମାନେ ଦେଖିବାକୁ ପାଉଁ । ଏ ବିଷୟରେ ବିଶେଷ ଆଲୋଚନା କଲେ ପ୍ରବନ୍ଧ ଅତି ବିଶାଳ ହେବ—ଏହି ଭୟରୁ କେବଳ ରତ୍ନମଞ୍ଜରୀ, ଉଷାଭିଳାଷ ଓ ଜଗମୋହନ ରାମାୟଣର ପ୍ରଭାବ କିପରି ଲାବଣ୍ୟବତୀରେ ପତିତ ହୋଇଅଛି ତାହାର କିଞ୍ଚିତ୍ ସୂଚନା ମାତ୍ର ପ୍ରଦତ୍ତ ହେଉଅଛି । ଲାବଣ୍ୟବତୀ

ରତ୍ନମଞ୍ଜରୀ ସଦୃଶ କାଳ୍ପନିକ କାବ୍ୟ । ଏପରି କାଳ୍ପନିକ କାବ୍ୟ ରଚନା ସଂସ୍କୃତ ଆଲଙ୍କାରିକମାନେ ଅନୁମୋଦନ କରନ୍ତି ନାହିଁ । "ଇତିହାସ କଥୋଦ୍ଭୂତମିତରଦ୍ ବା ସଦାଶ୍ରୟମ୍" ସେମାନଙ୍କ ମତରେ ଇତିହାସ ପୁରାଣାଦିର କଥା ଓ ସତ୍ୟ, ଲୋକପ୍ରଚଳିତ କଥା ବା ଆଖ୍ୟାୟିକା ଅବଲମ୍ବନ କରି କାବ୍ୟ ଲେଖିବା ବିଧେୟ । କିନ୍ତୁ ଉତ୍କଳର ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ କବି ଧନଞ୍ଜୟ-ପ୍ରମୁଖ କାଳ୍ପନିକ ବିଷୟକୁ କଥାବସ୍ତୁ ରୂପେ ଗ୍ରହଣପୂର୍ବକ କାବ୍ୟରଚନା କରି ସ୍ୱତନ୍ତ୍ରାବିଭବର ସ୍ୱାତନ୍ତ୍ର୍ୟ ଦର୍ଶାଇ ଅଛନ୍ତି । ଧନଞ୍ଜୟ ଭଞ୍ଜଙ୍କ କୃତ ରତ୍ନ-ମଞ୍ଜରୀର କଥାବସ୍ତୁ କାଳ୍ପନିକ । ଏ କାବ୍ୟର ଲିଖନଶୈଳୀ ପୂର୍ବତନ କାବ୍ୟ-ମାନଙ୍କଠାରୁ ପୃଥକ୍ । ଏହି ରତ୍ନମଞ୍ଜରୀ କାବ୍ୟର ରୀତିରେ ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀ ପ୍ରଭୃତି କାବ୍ୟମାନ ରଚନା କରିଥିଲେହେଁ ନିଜର ପ୍ରତିଭାବଳରେ କାବ୍ୟମାନଙ୍କୁ ସାତିଶୟ ଗୁରୁର୍ଯ୍ୟମୟ ଓ ମାଧୁର୍ଯ୍ୟମୟ କରିବାରେ ସମର୍ଥ ହୋଇ ନିଜର ବିଶେଷତ୍ୱ ଦର୍ଶାଇ ଅଛନ୍ତି । ରତ୍ନମଞ୍ଜରୀର ପ୍ରାରମ୍ଭରେ ଧନଞ୍ଜୟ ଜଗନ୍ନାଥଙ୍କ ବନ୍ଦନା କରିଅଛନ୍ତି । ଉପେନ୍ଦ୍ର ମଧ୍ୟ ରସିକହାରାବଳି, କୋଟି-ବ୍ରହ୍ମାଣ୍ଡସୁନ୍ଦରୀ, ସୁଭଦ୍ରାପରିଣୟ ପ୍ରଭୃତି କେତେକ କାବ୍ୟମାନଙ୍କର ପ୍ରାରମ୍ଭରେ ଜଗନ୍ନାଥଙ୍କ ସ୍ତୁତି କରି ଅଛନ୍ତି ଓ ଅନ୍ୟାନ୍ୟ କାବ୍ୟମାନଙ୍କରେ ପ୍ରାୟ ରାମଚନ୍ଦ୍ରଙ୍କ ବନ୍ଦନା କରି ଅଛନ୍ତି । କାବ୍ୟର ପ୍ରାରମ୍ଭରେ ଜଗନ୍ନାଥ ଓ ରାମଚନ୍ଦ୍ରଙ୍କ ସ୍ତୁତି କରା ହେଲେହେଁ ପ୍ରାୟ କାବ୍ୟମାନଙ୍କର ଛାନ୍ଦମାନଙ୍କ ଶେଷରେ ପୁନଶ୍ଚ ରାମଚନ୍ଦ୍ରଙ୍କୁ ନମସ୍କାର କରା ହୋଇଅଛି । ରାମଚନ୍ଦ୍ର ଓ ଜଗନ୍ନାଥ ଏ ଦୁହିଙ୍କୁ ସ୍ତୁତି କରିବାର ଅର୍ଥ କଣ ? ଉତ୍କଳରେ କାହିଁକି ଭାରତରେ ମଧ୍ୟ ଜଗନ୍ନାଥ ସର୍ବୋପରି ଉପାସ୍ୟ—ଜଗନ୍ନାଥ ପଞ୍ଚଦେବତାତ୍ମକ । ରାମଚନ୍ଦ୍ର ଉପେନ୍ଦ୍ରଙ୍କର ସିଦ୍ଧିଦାତା ଓ ଅଭୀଷ୍ଟ ଦେବ । ଉପେନ୍ଦ୍ର ରାମଭକ୍ତ ଥିଲେହେଁ ପଞ୍ଚଦେବତାଙ୍କ ବିଶେଷତଃ ବିଷ୍ଣୁଙ୍କ ସହିତ ହରପାର୍ବତୀଙ୍କର ମଧ୍ୟ ଉପାସକ ଥିଲେ । ତାଙ୍କ କାବ୍ୟମାନଙ୍କରେ ହରପାର୍ବତୀଙ୍କ ମାହାତ୍ମ୍ୟ ବହୁଳ ପରିଦୃଷ୍ଟ ହୁଏ । ଲାବଣ୍ୟବତୀର ୧୨ ଛାନ୍ଦର ଉପସଂହାରରେ ସେ କହିଅଛନ୍ତି, "ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ" ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀରେ ସେ ଶିବଙ୍କୁ ମହାଗୁରୁରୂପେ ଗ୍ରହଣ କରିଅଛନ୍ତି—"ଯେହୁ ତାରକ ପ୍ରବର୍ତ୍ତିକ ଜଗତେ, ତାରକ ସ୍ୱଭାବେ ସେ ହିତ । ମହାଗୁରୁ ଭାବୁଁ ସେ କାଶୀଶ୍ୱରଙ୍କ ବନ୍ଦନା କରିବା ବିହିତ । ହୋଇଲି କବି ଉପେନ୍ଦ୍ର ଭଞ୍ଜର । କାମଦାୟକ ବିନାୟକ ଜନକ, ଏ ଭାବରେ ପୁଣି ଜର୍ଜର ।" ୬ଷ୍ଠ ଛାନ୍ଦ ୩୦ ପଦ । ଉପେନ୍ଦ୍ରଙ୍କ ମତରେ ରାମ ଅବତାରୀ, ଅଂଶୀ, ପୂର୍ଣ୍ଣବ୍ରହ୍ମ ଓ ସ୍ୱୟଂ ଭଗବାନ୍, ମତ୍ସ୍ୟ, କଚ୍ଛପ, ନୃସିଂହ, କୃଷ୍ଣାଦି ଅବତାର ଅଂଶ । "ବିପକ୍ଷ ପକ୍ଷହିଁ ମୋକ୍ଷଦାୟୀ । ବିଷ୍ଣୁ ଏ ସ୍ୱୟଂ ଅବତୀର୍ଣ୍ଣ ମହୀ । ବପୁରେ ଲୀନ ଅବତାରମାନ । ବହନ୍ତି ପୁରୁଷ ଲକ୍ଷଣେ ମୀନ । ବିଖ୍ୟାତ ହେଲେ ମନ୍ଦର ପତନେ । ବରାହବରେ ଏ ନିପୁଣ ଗୁଣେ ।

ବସନ ହିରଣ୍ୟ ପ୍ରଭା ଗଞ୍ଜନ । ବଳି ଶିରେ ପାଦ ଦେଇ ଗମନ । ଜଗତ ତେଜରେ ସଂହାର୍ କର । ବର୍ଣ୍ଣରେ କୃଷ୍ଣ କର ଅଙ୍ଗୀକାର । ବଳ ସଙ୍ଗେ ହୋଇଅଛୁ ସହଜେ । ବୁଦ୍ଧତ୍ୱ ବୁଦ୍ଧିରେ ପୁଣି ଉପୁଜେ । ବର୍ତ୍ତମାନ ସାଯୁଜରେ ଅଛ । ବାହତ କରୁଛ ଗନ୍ଧର୍ବ ଗଛ । ବର୍ତ୍ତମାନ ଭୂତ ଭବିଷ୍ୟ ଘେନ । ବାଞ୍ଛନେ ଅବତାରୀ ଏହି ଚହ୍ନି ।" ବୈ: ବ: ୬ଷ୍ଠ ଛାନ୍ଦ ପଦମାନ । ପୁନଶ୍ଚ ଉପେନ୍ଦ୍ର ଛାନ୍ଦଭୂଷଣରେ ଜଗନ୍ନାଥ ସ୍ୱୟଂ ଭଗବାନ୍, ପରଂବ୍ରହ୍ମ, ନିତ୍ୟ ସନାତନ ଏବଂ ସେ ନାନା ଅବତାର ଗ୍ରହଣପୂର୍ବକ ସଂସାରଲୀଳା କରନ୍ତି । "କମ୍ବୁ କଣ୍ଠକରେ ଯେହୁ ଦାରୁ ରୂପଧାରୀ । କାଳେ କାଳେ ଶ୍ୱେତଦ୍ୱୀପ ମଧ୍ୟେ ଯେ ବିହରି । କମଳବନ୍ଧୁ ବଂଶେ ଯେ ଥିଲେ ଅବତରି । କଣ୍ଠୀରବ ତନୁ ଯେ ସ୍ତମ୍ଭରେ ଥିଲେ ଧରି । କୁତୁକେ ସେ ବିଧୁଜାତ ଦେବକୀ ଉଦର । କମଳଧିରୁ ପ୍ରକାଶ ରାଜା ଆକାଶର ।" ରାମ, ନୃସିଂହ ଓ କୃଷ୍ଣରୂପେ ଜଗନ୍ନାଥ ଅବତୀର୍ଣ୍ଣ ହେଲେହେଁ ରାମ ସ୍ୱ ଉପାସ୍ୟ ହେତୁ ସେ ରାମଚନ୍ଦ୍ରଙ୍କୁ ଅବତାରୀ, ସ୍ୱୟଂ ଭଗବାନ୍ ରୂପେ ଗ୍ରହଣ କରିଅଛନ୍ତି । ତାଙ୍କ ଛାନ୍ଦଭୂଷଣର ଅଧିକାଂଶ ଛାନ୍ଦର ଶେଷରେ ରାମଚନ୍ଦ୍ରଙ୍କୁ ସ୍ତୁତି କରିଅଛନ୍ତି । ଛାନ୍ଦଭୂଷଣ କୃଷ୍ଣଙ୍କର କଂସନିଧନ ପର୍ଯ୍ୟନ୍ତ ଲୀଳା ୩୪ ଛାନ୍ଦରେ ଚଉତିଶା ରୀତିରେ —ଅର୍ଥାତ୍ ପ୍ରତ୍ୟେକ ଛାନ୍ଦ ପ୍ରତ୍ୟେକ ବର୍ଣ୍ଣରେ ରଚିତ ହୋଇଅଛି । କବି ଦୀନକୃଷ୍ଣଙ୍କ ମତେ ଜଗନ୍ନାଥ ଅବତାରୀ; ସ୍ୱୟଂ ଭଗବାନ୍—ମତ୍ସ୍ୟ, କଚ୍ଛପ, ନୃସିଂହ, ରାମକୃଷ୍ଣାଦି ଅବତାର, ଅଂଶ । ରସକଲ୍ଲୋଳ ୧ମ ଛାନ୍ଦ ଦ୍ରଷ୍ଟବ୍ୟ । ଏହା ଉତ୍କଳୀୟ କୃଷ୍ଣୋପାସକ ବୈଷ୍ଣବଙ୍କ ମତ । ଏପରି ମତରେ କୃଷ୍ଣାଦି ଅବତାର ମାତ୍ର; ତେବେ ତାଙ୍କୁ କାହିଁକି ସେମାନେ ଉପାସନା କରନ୍ତି? ତାହାର ଉତ୍ତର ଜଗନ୍ନାଥ ଦାସଙ୍କ ଅତିବଡ଼ି ସମ୍ପ୍ରଦାୟର ଭକ୍ତ ବିପ୍ର ଦିବାକର ଦାସ 'ଜଗନ୍ନାଥ ଚରିତାମୃତ'ରେ ପ୍ରଦାନ କରିଅଛନ୍ତି । "ଜଗନ୍ନାଥ ଯେ ଷୋଳକଳା । ତହୁଁ କଳାଏ ନନ୍ଦବାଳା । କଳାକେ ଷୋଳକଳା କରି । ଗୋପେ ବିହରେ ନରହରି ।" ସଂସ୍କୃତ ଭାଗବତ ଅନୁଯାୟୀ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଭକ୍ତ ସଦାନନ୍ଦ, ଅଭିମନ୍ୟୁ ପ୍ରଭୃତି କୃଷ୍ଣଙ୍କୁ ଅବତାରୀ - ମତ୍ସ୍ୟ, କଚ୍ଛପ, ରାମାଦି ଅବତାର ରୂପେ କହନ୍ତି । ଏହା ସଂସ୍କୃତ ଭାଗବତର, "ଏତେ ଚାଂଶକଳା ପୁଂସଃ କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍" ଉକ୍ତିର ଅନୁରୂପ । ଏହା ମନେ ରଖିବାକୁ ହେବ ଯେ, ପଞ୍ଚ ଦେବତାଙ୍କ ଉପାସକମାନେ ସ୍ୱ ଆରାଧ୍ୟ ଦେବଙ୍କୁ ଅବତାରୀ ରୂପେ ଗ୍ରହଣ କରନ୍ତି । ଏତଦ୍ ଦୃଷ୍ଟିରେ କୃଷ୍ଣୋପାସକ କୃଷ୍ଣଙ୍କୁ ଅବତାରୀ କହିବା ସମୀଚୀନ । ଉପେନ୍ଦ୍ର କିନ୍ତୁ ଜଗନ୍ନାଥ ଓ ରାମଚନ୍ଦ୍ର ଉଭୟଙ୍କୁ ଅଂଶୀ, ଅବତାରୀ, ସ୍ୱୟଂ ଭଗବାନ୍ ରୂପେ ଓ ଅନ୍ୟାନ୍ୟଙ୍କୁ ଅଂଶ, ଅବତାର ରୂପେ ଗ୍ରହଣ କରିଅଛନ୍ତି । ଉପେନ୍ଦ୍ର ଜଣେ ନୈଷ୍ଠିକ, ପରମ ଭାଗବତ ରାମୋପାସକ ବୈଷ୍ଣବ ଥିଲେ । ତାଙ୍କ କାବ୍ୟମାନଙ୍କ ଛାନ୍ଦଗୁଡ଼ିକର ଶେଷ ପଦମାନ ପାଠ କଲେ ସ୍ୱତଃ ଉପେନ୍ଦ୍ରଙ୍କ ଦ୍ରବ ହୃଦୟ ଭକ୍ତିରସରେ ଆପ୍ଲୁତ ହୁଏ । ସେ

ନିଜ କାବ୍ୟମାନଙ୍କରେ ଦେବପ୍ରଭାବକୁ ଯେପରି ସ୍ଥାନ ଦେଇ ଅଛନ୍ତି, ସେଥିରୁ ଜଣାଯାଏ, ସେ ଜଣେ ପ୍ରଧାନ ଦେବଭକ୍ତ ଥିଲେ । ଲାବଣ୍ୟବତୀରେ ରହ୍ନମଞ୍ଜରୀର ପ୍ରଭାବ କେତେଦୂର ପଡ଼ିଅଛି ତାହା ବର୍ତ୍ତମାନ ଦର୍ଶାଇବାସ୍ଥଳେ ଉଭୟ କାବ୍ୟର କଥାବସ୍ତୁର ଓ ବର୍ଣ୍ଣନୀୟ ବିଷୟମାନଙ୍କର ଉଲ୍ଲେଖ କରାଗଲା । ଉଭୟ କାବ୍ୟରେ ନାୟକ ନାୟିକାଙ୍କ ଜନ୍ମ ଦୈବହେତୁକ । ରହ୍ନମଞ୍ଜରୀରେ ଅପ୍ସରା ମନୋରମା ମଳୟାଚଳ ବନରେ ଦେବତାଙ୍କ ସହ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସମ୍ମୁଖରେ ଗାନ ଓ ନୃତ୍ୟ କରୁ କରୁ ସ୍ୱ ସ୍ୱାମୀ ଗନ୍ଧର୍ବ କଳାକର ପ୍ରତି ଦୃଷ୍ଟି ନିକ୍ଷେପ କରନ୍ତେ କାମବିହ୍ୱଳ ହେଲା ଓ ଫଳତଃ ତାଳ ଲୟ ରକ୍ଷା ନ କରିବା ହେତୁ ସ୍ୱାମୀ ସହ ମର୍ତ୍ତ୍ୟରେ ଜନ୍ମ ଲଭିବା ରୂପ ଇନ୍ଦ୍ରଙ୍କଦ୍ୱାରା ଅଭିଶାପ ପ୍ରାପ୍ତ ହେଲା । ମନୋରମା ହିମାଚଳପାର୍ଶ୍ୱସ୍ଥ କୌମୁଦୀ ନଗରର ରାଜା କୁସୁମାକରଙ୍କ ଔରସରୁ ଚନ୍ଦ୍ରାବତୀଙ୍କ ଗର୍ଭରୁ ରହ୍ନମଞ୍ଜରୀ ନାମରେ ଜାତ ହେଲା । ମଳୟ ଗିରିପାର୍ଶ୍ୱସ୍ଥ ରହ୍ନସାନୁପୁରର ରାଜା ଗୁଣସାଗର ଓ ତତ୍ ପତ୍ନୀ କଳାବତୀ ପୁତ୍ରହୀନା ଥିବାରୁ ନାରଦଙ୍କ ଆଦେଶରେ ଅଷ୍ଟାକ୍ଷରୀ ନାରାୟଣ ମନ୍ତ୍ର ଜପ କରି ନାରାୟଣଙ୍କ ଠାରୁ ଗୁଣସାଗରଙ୍କ ପୁତ୍ରବର ପ୍ରାପ୍ତି ଓ କଳାକରର କୁସୁମଶରୂପ ରୂପେ ତାଙ୍କ ପୁତ୍ରରୂପେ ଜନ୍ମ ହେବା ବର୍ଣ୍ଣିତ । ଲାବଣ୍ୟବତୀରେ— ପାର୍ବତୀଙ୍କ ବାଞ୍ଛାରେ ବାଞ୍ଛାବତୀର ଜନ୍ମ । ଶିବଙ୍କ ଦର୍ଶନହେତୁରୁ ଗଣଦେବୀ ଦ୍ୱାରା ନିୟମସହ ବାଞ୍ଛାବତୀର ଅରଣ୍ୟରେ ସ୍ଥାପନ । ପ୍ରଭାକରର ଅଙ୍ଗସ୍ପର୍ଶରେ ବାଞ୍ଛା-ବତୀର ମୃତ୍ୟୁ । ଦୈବବାଣୀ ଅନୁସାରେ ବାଞ୍ଛାବତୀର ଶରୀର ସଂସ୍କାର ନ କରିବା ଓ ପରଜନ୍ମରେ ସ୍ତ୍ରୀରୂପେ ପ୍ରାପ୍ତି ଆଶାରେ ଗଙ୍ଗାସାଗରରେ ପ୍ରଭାକରର ଝାସ ପ୍ରଦାନ । ଶିବପାର୍ବତୀଭକ୍ତ କର୍ଣ୍ଣାଟେଶ୍ୱରଙ୍କ ପୁତ୍ରରୂପେ ପ୍ରଭାକରର ଚନ୍ଦ୍ରଭାନୁ ରୂପେ ଜନ୍ମଗ୍ରହଣ, ବାଞ୍ଛାବତୀର ମୃତ ଶରୀରରେ ପାର୍ବତୀଙ୍କ ଦ୍ୱାରା ପ୍ରାଣସଞ୍ଚାର ଓ ତାକୁ ଆମ୍ରଫଳ ରୂପେ ପରିଣତ କରି ଗୌରୀଭକ୍ତା ସିଂହଳ ରାଜପତ୍ନୀ ବିଦ୍ୟୁଲ୍ଲତାକୁ ସ୍ୱପ୍ନରେ ଆମ୍ରଫଳ ପ୍ରଦାନ । ଆମ୍ରଫଳ ଭକ୍ଷଣ କରିବାହେତୁ ବିଦ୍ୟୁଲ୍ଲତା ଗର୍ଭରୁ ବାଞ୍ଛାବତୀର ଲାବଣ୍ୟବତୀରୂପେ ଜନ୍ମ । ରହ୍ନମଞ୍ଜରୀରେ ନାୟକ ନାୟିକାଙ୍କ ମିଳନ, ବ୍ରହ୍ମାଙ୍କ ବାହନ ହଂସର ସ୍ତ୍ରୀ ଦ୍ୱାରା ସଂଘଟିତ । ଲାବଣ୍ୟ ବତୀରେ ମଧ୍ୟ ନାୟକ ନାୟିକାଙ୍କ ମିଳନ ମୁଖ୍ୟତଃ ଶୁକଦ୍ୱାରା ସମ୍ପାଦିତ । ବ୍ରହ୍ମଶୁକୀ, ରତ୍ନାକର ସୌଦାଗର, ଇନ୍ଦ୍ରଜାଲିକ, ମାଳତୀ, ପୁରୋଧା ପ୍ରଭୃତି ଗୌଣଭାବରେ ମିଳନରେ ସହାୟ ଥିଲେ । ରହ୍ନମଞ୍ଜରୀରେ—ସଖୀମାନଙ୍କ ସହ ବନବିହାର, ବନମଧ୍ୟସ୍ଥ ରହ୍ନବେଦିକାରେ କାମଦେବଙ୍କ ଅର୍ଚ୍ଚନା, ସରୋବର ତୀରରେ ପ୍ରବେଶ, ଅରଣ୍ୟମଧ୍ୟସ୍ଥ ରହ୍ନପ୍ରାସାଦରେ ଶିବଙ୍କ ପୂଜା ଓ ରହ୍ନମଞ୍ଜରୀର ଉପଯୁକ୍ତ ବର ପ୍ରାର୍ଥନା । "ବ୍ରହ୍ମାଙ୍କ ବାହନ ହଂସର ସ୍ତ୍ରୀ ତୋର ପୂର୍ବଜନ୍ମର ପତି ସହିତ ମିଳନ କରାଇବ" ଏରୂପ ଦୈବବାଣୀ ଶ୍ରବଣ । ହଂସର ଆଗମନ । କଳାକରର ଓ ରହ୍ନମଞ୍ଜରୀର ପୂର୍ବଜନ୍ମବୃତ୍ତାନ୍ତ କଥନ ଓ ରହ୍ନମଞ୍ଜରୀଠାରୁ ପତ୍ର

ନେଇ କୁସୁମଗୃପ ନିକଟକୁ ଗମନ । କୁସୁମଗୃପର ମଧ୍ୟ ସହଚରଙ୍କ ସହ ମଳୟାଚଳ ବନଖଣ୍ଡରେ ବିହାର—ମଦନବାଧା, ଚନ୍ଦନବନ ପ୍ରଦେଶ ଗମନ, ସରୋବର ଦର୍ଶନ, ଅପ୍‌ସରାମାନଙ୍କ ସ୍ନାନ ଓ ବେଶବିନ୍ୟାସ ଦର୍ଶନରେ କୁସୁମଗୃପର ମୋହ । ସଂଜ୍ଞାପ୍ରାପ୍ତି ପରେ ମନ୍ତ୍ରିପୁତ୍ର ସହ ଅଗସ୍ତି ଆଶ୍ରମ ଗମନ । ଅଗସ୍ତିଙ୍କ ଦ୍ୱାରା ମନ୍ତ୍ର ପ୍ରଦାନ ଓ ସିଦ୍ଧ ବନରେ ଜପ କରିବା ନିମିତ୍ତ ଆଦେଶ । କୁସୁମଗୃପର ସିଦ୍ଧବନରେ ଜପ । ଜଙ୍ଗମ ପୁରୁଷର ଆଗମନ ଓ ହଂସୀର ଆଗମନରେ ଦୁଃଖ ମୋଚନ ହେବା କଥନ । ଜଙ୍ଗମ ପୁରୁଷଦ୍ୱାରା ହଂସୀକୁ କୁସୁମଗୃପକୁ ଭେଟାଇ ଅନ୍ତର୍ଦ୍ଧାନ; ହଂସୀର କୁସୁମଗୃପକୁ ରତ୍ନମଞ୍ଜରୀର ବିଷୟ କଥନ ଓ ପତ୍ରିକା ଦାନ । କୁସୁମଗୃପଠାରୁ ପତ୍ରିକା ନେଇ ରତ୍ନମଞ୍ଜରୀକୁ ହଂସୀର ପତ୍ରଦାନ । ଉଭୟଙ୍କର ମିଳନ ନିମିତ୍ତ ଉତ୍କଣ୍ଠା । ହଂସୀର ଇଙ୍ଗିତ ଅନୁସାରେ କୁସୁମଗୃପର ପିତୃ ଆଦେଶ ମତେ କୌମୁଦୀ ନଗରୀସ୍ଥ ଦେବବିବାହ ଉତ୍ସବ ଦର୍ଶନନିମିତ୍ତ ଯାତ୍ରା । ପଥ ମଧ୍ୟରେ ସରଯୂ ତଟରେ ମୃଗୟା । କୌମୁଦୀ ନଗରୀରେ ଅନ୍ୟାନ୍ୟ ରାଜାଙ୍କ ସହ କୁସୁମଗୃପର ପ୍ରବେଶ, ହଂସୀ ସାହାଯ୍ୟରେ ରାଜପ୍ରାସାଦଠାରୁ ଉପବନସ୍ଥ ସୌଧ ସମୀପକୁ କୁସୁମଗୃପର ଗମନ । ଉଭୟଙ୍କର ଉଭୟଙ୍କୁ ଦର୍ଶନ । ରାଜାମାନଙ୍କର ଉପସ୍ଥିତି ଜାଣି ରତ୍ନମଞ୍ଜରୀର ପିତାଙ୍କ ଦ୍ୱାରା ସ୍ୱୟମ୍ବର ବିଧାନ । ରତ୍ନମଞ୍ଜରୀର କୁସୁମଗୃପକୁ ମାଳାପ୍ରଦାନ କରି ସ୍ୱାମୀରୂପେ ବରଣ । ଉଭୟଙ୍କର ବିବାହ ନିଷ୍ପାଦନ...ଇତ୍ୟାଦି ଇତ୍ୟାଦି ।

ଲାବଣ୍ୟବତୀର ଶୋଭା ବର୍ଣ୍ଣନା, ଉପବନ ବିହାର ଓ ସରସୀକ୍ରୀଡ଼ାର ବର୍ଣ୍ଣନା ସହିତ ରତ୍ନମଞ୍ଜରୀର ଶୋଭା ବର୍ଣ୍ଣନା; ଇନ୍ଦ୍ରଙ୍କ ଉପବନ ବିହାର ଓ ରତ୍ନମଞ୍ଜରୀର ସ୍ନାନ ସରସୀର ବର୍ଣ୍ଣନାରେ ବିଶେଷ ସାମ୍ୟ ଅଛି ।

## ରତ୍ନମଞ୍ଜରୀର ଶୋଭା ବର୍ଣ୍ଣନା

"ସଂସାର ଲାବଣ୍ୟ ସାର ରଖିଲା ଛାଣି । ଶିରୀଷ ପୁଷ୍ପର ସର୍ବ କୋମଳ ଆଣି । ଚନ୍ଦ୍ର ତନ୍ତୁ ଆହ୍ଲାଦ ଘେନିଲା । ଜମ୍ବୁନଦ ସୁବର୍ଣ୍ଣର ଜ୍ୟୋତି ହରିଲା । ଏମନ୍ତେ ସର୍ବ ରତନୁ ଆଣିଲା ସାର । ଏଥେ କରି ନିର୍ମାଣିଲା ସୁନ୍ଦରୀବର । ଏଣୁ କରି ଜାତ କଲେ ନୀରଜଯୋନି । ହରହତ କାମ ମୃତ୍ୟୁ ଏ ସଞ୍ଜୀବନୀ ।" ରତ୍ନମଞ୍ଜରୀରେ ଇନ୍ଦ୍ରଙ୍କ ବନବିହାର ବର୍ଣ୍ଣନରୁ କିୟଦଂଶ ଉଦ୍ଧୃତ ହେଲା । (୧) ଚନ୍ଦ୍ରମାବଦନୀ ମଦନମୋହନୀ କୋକିଳବଚନୀ ରଙ୍ଗିଣୀ । ପୃଥୁ ନିତମ୍ବିନୀ, ଭିରୁ ଯଉବନୀ ସୁରରାଜମନରଞ୍ଜନୀ । ସମସ୍ତେ ବିବିଧ ବେଶେ ମନୋହାରୀ । ନବଦହ ହେମ କେତକୀ ଗଉରୀ ଶିରୀଷ ପୁଷ୍ପ ସୁକୁମାରୀ । (୨) କେବଣ ତରୁଣ ତରୁଣୀ ବଦନେ କାଶ୍ମୀରରଜ ପକାଇଲା । ବଦନ ବକ୍ର କରି ରହି କାମିନୀ କାନ୍ତକୁ ଆଲିଙ୍ଗନ କଲା । ଏମନ୍ତ

କ୍ଷୋଭି ତା ବଦନ ଦିଶୁଛି । 'ମଳୟ ମରୁତେ ଉଲଟି ପଡ଼ି କି ହେମ ସରସିଜ ରହିଛି ।" ଲାବଣ୍ୟବତୀର ଉପବନବିହାର ଓ ସରୋବରରେ ସ୍ନାନତୁଲ୍ୟ ରହମଞ୍ଜରୀର ସଖୀମାନଙ୍କ ସହ ବସନ୍ତ ଋତୁରେ ବନକେଳି ବର୍ଣ୍ଣନା—
"ଏମନ୍ତ ବନଶୋଭା ଦେଖି ରହମଞ୍ଜରୀ ବାଳୀ । ପ୍ରିୟସଖୀଙ୍କି କହେ ବାଣୀ ବନେ କରିବା କେଳି । ××××  ନାଗେଶ୍ୱର ବନ ପରିମଳ ଗନ୍ଧେ ମଧୁକର । ଚୁମ୍ବନ୍ତି ଉଡ଼ନ୍ତି ପଡ଼ନ୍ତି ହୋଇଣ ମତ୍ତଭର । ତୋର ଶ୍ୱାସ ସଉରଭରେ ମଧୁ ତେଜି ଧାଇଁବେ । ମଞ୍ଜୁଳ ମଧୁର ବଧୂଲି ଅଧରରେ ଚୁମ୍ବିବେ । ବଦନେ ବସନ ଦେଇଣ ଧୀରେ କର ଗମନ । ଏ ସଖୀ କାମ ପରିଗ୍ରହଗଣ ଅଟି ପିଶୁନ ।। ××× ଏମନ୍ତେ ନାନା କଉତୁକ ହାସ୍ୟ ଗୀତ ରହସ୍ୟେ । ପ୍ରବେଶ ହୋଇଲେ କାନନେ ରତ୍ନବେଦିକା ପାଶେ ।।" ନାୟିକାର ନାୟକ ନିକଟକୁ ପ୍ରଥମେ ପତ୍ର ଦେବା ବିଷୟ ସଂସ୍କୃତ ସାହିତ୍ୟ, କାବ୍ୟ, ନାଟକରେ ପରିଦୃଷ୍ଟ ହୁଏ । ରହମଞ୍ଜରୀରେ ନାୟିକା ନାୟକ ନିକଟକୁ ନିଜେ ପତ୍ର ଲେଖିଥିଲେହେଁ ନିଜ ସଖୀଙ୍କ ନାମରେ ପତ୍ର ଦେଇଥିଲି—

"ସଖୀ ନାମ ଧରି ଚନ୍ଦ୍ରମାବଦନୀ ଲେଖିଛି ମୋତେ ଉଦନ୍ତ । ନୃପନନ୍ଦନୀ ସନ୍ଦର୍ଭ ବାଣୀ ବିନ୍ଦୁ ନୁହେ ଏ ଆନ ଲିଖିତ ।"

ଲାବଣ୍ୟବତୀରେ କିନ୍ତୁ ଏହି ପଦ୍ଧତି ପରିହୃତ ହୋଇଅଛି । ଏହାର ବ୍ୟତିକ୍ରମର କାରଣ କବି ଲାବଣ୍ୟବତୀର ୧୭ ଛାନ୍ଦରେ କହିଛନ୍ତି । "ସେ ବୋଇଲେ ଆମ୍ଭେ ନାରୀ । ପ୍ରଥମରେ ଲେଖିବୁଁ ଟି ପତ୍ରିକା କି କରି ? ××× କାର ବୋଇଲି ଏ ସତ । ତେବେ ପ୍ରେମପତ୍ର ଯାଇ ଅଣୁ ଆମ୍ଭ ଦୂତ ।।" ୪୫—୪୭ ପଦମାନ । ଶୁକର ଅନୁରୋଧରୁ ଓ ଲାବଣ୍ୟବତୀର ଚନ୍ଦ୍ରଭାନୁଠାରେ ଆସକ୍ତ ବିଷୟ କହିବାରୁ ଲାବଣ୍ୟବତୀରେ ନାୟକ ପ୍ରଥମେ ପତ୍ର ନାୟିକା ନିକଟକୁ ଦେଲି । ନାୟକଠାରୁ ପତ୍ର ପାଇ ନାୟିକା ସଖୀଙ୍କ ନାମରେ ପତ୍ର ଦେବା ଲାବଣ୍ୟବତୀରେ ବିହିତ ହୋଇଅଛି । ଉପେନ୍ଦ୍ର ଭଞ୍ଜ ପୂର୍ବ ପ୍ରାଚୀନ ରୀତିକୁ ଭାଙ୍ଗି ଯାହା କରିଅଛନ୍ତି, ତାହା ପ୍ରୀତିର ଗାଢ଼ତା ସୂଚନାରେ ନ୍ୟୂନତା ଦର୍ଶାଇଲେହେଁ ନାରୀଜନସୁଲଭ ଲଜ୍ଜା ଦୃଷ୍ଟିରେ ସମୀଚୀନ ହୋଇଅଛି । ଏପରି କବିଙ୍କ ହସ୍ତରେ ଶୃଙ୍ଗାର ରସ ବୀଭତ୍ସ ରସରେ ପରିଣତ ହୋଇଛି କହିବା କେଣେ କମ୍ ଧୃଷ୍ଟତାର ବିଷୟ ! ନାୟକ ନାୟିକାଙ୍କ ପତ୍ରମାନର ମର୍ମ ପ୍ରାୟ ଉଭୟ କାବ୍ୟରେ ସମାନ । ରହମଞ୍ଜରୀରେ ରହମଞ୍ଜରୀଠାରୁ ପତ୍ରିକା ପାଇବାରେ କୁସୁମଶରର ଯେ ଅବସ୍ଥା ତାହା କବି ସୁନ୍ଦରଭାବରେ ବର୍ଣ୍ଣନା କରିଅଛନ୍ତି । ତାହା ଉପେନ୍ଦ୍ରଭଞ୍ଜଙ୍କ କାବ୍ୟାଦିରେ ମଧ୍ୟ ପରିଦୃଷ୍ଟ ହୁଏ । "ସଂଭ୍ରମ ହୋଇ ପତ୍ରିକା ଘେନି କରେ ହୃଦେ ନେଇ ଲଗାଇଲି । ଶରତ୍ତୃଷିତ ଚାତକ କି ନବୀନ ଘନ ଜୀବନ ଲଭିଲି ।

ରଙ୍କ କି ପାଇଲା ବିବିଧ ଶାଳଅନ୍ନ ଯେସନ କୁମରବର । ଦାବତାପିତ ନବୀନବଲ୍ଲରୀ କି ପାଇଲା ଘନ ଆସାର । ଚକୋର ଲଭିଲା କି ସୁଧା କିରଣ ପଦ୍ମବନ କି ମିହିର । ରଥାଙ୍ଗଯୁଗ କି ଲଭିଲେ ପ୍ରଭାତ କୋକିଲ କି ସହକାର । ଦରିଦ୍ର ହସ୍ତେ କି କୋଟିନିଧି ହେଲା ସେହ୍ନେ ପ୍ରାପ୍ତିକ ହୋଇଲା । ମୃତ୍ୟୁଶରୀର କି ଜୀବନ ଲଭିଲା ସେସନ ଆନନ୍ଦ ହେଲା ।” ପତ୍ର ପ୍ରାପ୍ତିକାଳରେ ଇନ୍ଦ୍ରିୟଗଣଙ୍କ ମଧ୍ୟରେ ବାଦ ବିବାଦ ବିଷୟ ଯାହା ରହସମଞ୍ଜରୀରେ ଲିଖିତ, ତାହା ଲାବଣ୍ୟବତୀରେ ମଧ୍ୟ ଦୃଷ୍ଟ ହୁଏ । ‘ଏମନ୍ତେ ତାର ଇନ୍ଦ୍ରିୟଗଣ ମିଳି ଏକ ଆରକେ ବୋଲନ୍ତି । ନୃପତି ତନୁଜା ଶିରୀଷକୋମଳା କି ଲେଖିଛି କୁନ୍ଦଦନ୍ତୀ । କର୍ଣ୍ଣ ବୋଲଇ ନୟନ ତୁମେ ମୋ ର ଏ ବିନୟ ବାଣୀ ଘେନ । ତୁମ୍ଭ ଗୁଣ ମୋତେ ଥରେ ମାତ୍ର ଦିଅ ଦେଖିବି ଲେଖିଲା ବର୍ଣ୍ଣ । ନୟନ ବୋଲଇ ଶୁଣ ହେ ଶ୍ରବଣ ତୁମ୍ଭେ ସିନା ଭାଗ୍ୟବନ୍ତ । ଅନୁରାଗ ବାଲୀ ପ୍ରେମରସଗର୍ଭ ଶୁଣିମ ସେହୁ ଉଦନ୍ତ ।। ମନ ବୋଲଇ ରସନା ତୁମ୍ଭେ ଧନ୍ୟ ରସବତୀ ମଧୁବାଣୀ । ପ୍ରଥମେ ତୁମ୍ଭେ ତା ଆସ୍ୱାଦ କରିବ କହିବ ପୁଣି ବଖାଣି । ‘ରସନା ବୋଲଇ ତୁମ୍ଭେ ମନ ସବୁ ‘ପୁଣ୍ୟବନ୍ତ ତପସ୍ୱୀ । ଯାହା ତୁମ୍ଭରେ ଅବିରତରେ ବିହାର କରିଅଛି ମନୋହାରୀ ।’ ଇତ୍ୟାଦି ଇତ୍ୟାଦି । ଏହାର ପ୍ରତିରୂପ ପଦ୍ୟାବଳୀ ନିମିତ୍ତ ଲବଣ୍ୟବତୀ ୨୧ ଛାନ୍ଦ ୨୨-୩୧ ପଦମାନ ଦେଖ । ରହସମଞ୍ଜରୀ କାବ୍ୟରେ କୁସୁମପୁରର ଯାତ୍ରାରେ ନାନାବିଧ ଲୋକଙ୍କ ଗମନ ଓ ସ୍ୱ ସ୍ୱ ସ୍ତ୍ରୀଙ୍କଠାରୁ ବିଦାୟ ନେଇ ପୁରୁଷମାନଙ୍କ ଯିବା ବେଳର ଉକ୍ତି ପ୍ରାୟ ଲାବଣ୍ୟବତୀ କାବ୍ୟର ସମରୂପ । ତନ୍ମଧ୍ୟରୁ ଗୋଟିଏ ଦୁଇଟି ମାତ୍ର ଉଦାହରଣ ପ୍ରଦତ୍ତ ହେଲା :

ଶତ୍ରୀ ଘରନ୍ତ ଘେନଣ ଆଗେ ଗଲେ ଓଠଗଣ, ତହିଁ ପଛେ ବାହାର ହୋଇଲେ ବଜାରୀ । ଶକଟ ବହନ ଘେନ, ବାହାର ହୋଇଲେ ଧନୀ, ବସ୍ତ୍ର ଅଳଙ୍କାର ଧନ ସମ୍ପତ୍ତି କରି । ଦ୍ୱିଜବର ହେଲେ ବାହାର । କେ . ସୁଖ ଆସନ ହସ୍ତିବଳ ଉପର । ‘ଇତ୍ୟାଦି ରହସମଞ୍ଜରୀ । ନାୟିକାଠାରୁ .ନାୟକର ବିଦାୟ:—କେବଳ କାନ୍ତ କାନ୍ତାରେ ମଜ୍ଜିଅଛି ସେ ସ୍ନେହରେ । ବୋଲଇ ରେ ମୃଗାକ୍ଷି କରିବୁଁ ଗମନ । ତୋର ଅଙ୍ଗସଙ୍ଗ ବିନୁ କେସ୍ନେ ରହିବ ମୋ ତନୁ । ତୋର ସଙ୍ଗେ ମୋର ଜୀବ ନେବ ଶମନ ଅଧର ପୀୟୂଷ ତୋହର । ପିଇଥିଲି ଜୀବ ରହିଥିବ ମୋହର । ଲବଣ୍ୟବତୀର ୨୩ ଛାନ୍ଦରେ ଏରୂପ ବର୍ଣ୍ଣନା ଅଛି ।

କୁସୁମପୁରର ସରଯୂ ନଦୀତୀରସ୍ଥ ଅରଣ୍ୟରେ ବୃକ୍ଷ ଲତା ପଶୁପକ୍ଷୀମାନଙ୍କ ବର୍ଣ୍ଣନା ସହ ମୃଗୟାର ଜ୍ୱଳନ୍ତ ଚିତ୍ର ଯେପରି ରହସମଞ୍ଜରୀରେ ସେହିପରି ଲାବଣ୍ୟବତୀରେ ଚନ୍ଦ୍ରଭାନୁଙ୍କ ମୃଗୟା ତଥା ଅରଣ୍ୟ ବର୍ଣ୍ଣନାର ଚିତ୍ର ପ୍ରଦତ୍ତ ହୋଇଅଛି । ମୃଗୟାର ବର୍ଣ୍ଣନାରୁ ପଦେ ଅଧେ ଯଥା :—

ଶୁଭିଲା ଯହିଁ ଭୟଙ୍କର ଧ୍ୱନି । ପାଦ ଶବଦେ କମ୍ପିଲା ଅବନୀ । ଭୟେ ବନଜୀବେ ହେଲେ ବାହାର । ଯେଙ୍ଗୁ ପଶିଥିଲେ ଗିରିକନ୍ଦର । ସେ କନ୍ଦର ଛାଡ଼ି । ଆସନ୍ତେ କରୁଛନ୍ତି ଘୋର ରଡ଼ି ॥ ସିଂହ ଶାର୍ଦ୍ଦୂଳ ଗବୟ ମହିଷ । ପାଇଛନ୍ତି ଯେଣୁ ସେ ଗୁରୁ ତ୍ରାସ । ଗଜ ଶୂକର ଶଶ ଷଅମ୍ବର । ଏଣୀ କୁରଙ୍ଗ ମୃଗ ବନଚର । ଶରଭ ଚମର । ନେଉଳ ମର୍କଟ ମୂଷା କୁକୁର ॥ ବ୍ୟାଘ୍ର ଭଲ୍ଲୁକ ଅହି ଅଜଗର । ଖଡ଼୍ଗୀ ମାଳ ଶଲ୍ଲକୀନିକର । ଖୁରାଣ୍ଟି ଶୃଗାଳ ଗୋଧି ଶାଳଅ । ରଞ୍ଜୁକାପଚ ବିଲୁଆ କୋଳିଆ । କସ୍ତୁରୀ କୁଆଦ । ଉଧ ବଣଭୁଆଁ କରି ଶବଦ ॥ ବାହାର ହେଲେ ବନଗିରି ମାଡ଼ି । କେହୁ ଭୟେ ଗଲେ ଜଗିବା ଛାଡ଼ି । ନୃପତିସୁତ ଦେଖଇ ଆନନ୍ଦେ । କେବଣ ଶାର୍ଦ୍ଦୂଳ ଚରଣି ଚଧେ । ଅଙ୍ଗେ ବାଣ ଛଡ଼ି । କେଉଁ ଶାର୍ଦ୍ଦୂଳ କରେ ଘୋର ରଡ଼ି ॥ (ରସମଞ୍ଜରୀ) ।

ପୂର୍ବ ରଙ୍ଗରେ ନାୟକ ନାୟିକାଙ୍କ ଉତ୍କଣ୍ଠାତିଶଯ୍ୟ ହେତୁକ ଚେଷ୍ଟା ଦର୍ଶନରେ ମାଧୁର୍ଯ୍ୟମୟୀ ବର୍ଣ୍ଣନା ଓ ପରେ ପ୍ରାପ୍ତି ନିମିତ୍ତ ଆତ୍ୟନ୍ତିକ ଉତ୍ସୁକତା ଓ ବିବାହାଦି ଉଭୟ କାବ୍ୟରେ ପ୍ରାୟ ଏକ ରୀତିରେ ବର୍ଣ୍ଣିତ । ଉପେନ୍ଦ୍ରଙ୍କ ଅଦ୍ଭୁତ ପ୍ରତିଭା, ଅଲୌକିକ କଳ୍ପନାଶକ୍ତି, ସୃଜନକୌଶଳ, କଳାବୈଶାରଦ୍ୟ ଓ ଔଚିତ୍ୟଜ୍ଞାନବଳେ ବିଷୟମାନଙ୍କର ସୁସଙ୍ଗତ ବର୍ଣ୍ଣନ ଓ ଯଥାଯଥ ଉପସ୍ଥାପନ ହେତୁ ତାଙ୍କ କାବ୍ୟମାନ ଅପେକ୍ଷାକୃତ ସରସ ଓ ଜୀବନ୍ତ ।

## ଉଷାଭିଳାଷର ପ୍ରଭାବ

ଯୋଗିନୀଦ୍ୱାରା ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ମିଳନ ଓ ଚନ୍ଦ୍ରଭାନୁର ତିରୋଧାନ ପରେ ଲାବଣ୍ୟବତୀର ହୃଦୟବିଦାରକ ଖେଦ ଶିଶୁଶଙ୍କରଙ୍କ ଉଷାଭିଳାଷସ୍ଥିତ ଉଷାର ଖେଦର ଅନୁରୂପ । ପାର୍ବତୀଙ୍କ ଅନୁଗ୍ରହରୁ ସ୍ୱପ୍ନରେ ଉଷାର ଅନିରୁଦ୍ଧ ସହ କ୍ଷଣିକ ସଙ୍ଗମଜନିତ ସୁଖାନୁଭବ ଓ ଅନିରୁଦ୍ଧର ତିରୋଭାବ ପରେ ଉଷାର ବିଳାପର ଛାୟା ଲାବଣ୍ୟବତୀରେ ପତିତ । "ପଲଙ୍କ ଚେଜଣ ଉଠିଲା ସୁମୁଖୀ ସପନ ସଙ୍କେତ ପାଇଣ । ଆହା ପ୍ରାଣନାଥ କେଣେ ଗଲ ବୋଲି ଉଚ୍ଚସ୍ୱରେ କରେ କାରୁଣ୍ୟ । ଦଇବ । ଦେଖାଇ ନିଧି ହରି ନେଲୁ । ଶିଶୁ କୁମାରୀ ମୁଁ କିଛି ନ ଜାଣଇଁ କିପାଁଇ ମୋତେ ଏହା କଲୁ । ଇତ୍ୟାଦି ଇତ୍ୟାଦି ଉଷାଭିଳାଷ ଛାନ୍ଦ—୧ପଦ । ଚେତି ଚତୁର୍ଦ୍ଦିଗ ଚାହିଁଲା କଶି ନାହିଁ ପଶେ ନାହିଁ ଦିବ୍ୟ ତରୁଣ । ମାରି ହୃଦେ ହାତ ନାଥ ନାଥ ବୋଲି ଅଙ୍କ ଉଚ୍ଚେ କଲା କାରୁଣ । ଇତ୍ୟାଦି—ଲାବଣ୍ୟବତୀ ୧୨ଛାନ୍ଦ ୧ପଦ । ପୁନଶ୍ଚ ସେହି ପଞ୍ଚମ ଛାନ୍ଦର ୪ର୍ଥ ପଦରେ "ଆହେ ସଙ୍ଘାତ, ସ୍ୱରୂପ କହ ମୋତେ ବାଣୀ । ରବି ପବନ ଅଗମ୍ୟ ଅନ୍ତଃପୁରେ କାହୁଁ ପୁରୁଷ କଲୁ ଆଣି" ସହିତ ଲାବଣ୍ୟବତୀର ୧୨ ଛାନ୍ଦ ୫ ପଦ "ଆଳୀ

ଭ୍ରିଲେ ଚନ୍ଦନ ମହୀରୁହ ପର୍ଯ୍ୟେ ଏହୁ ଅନ୍ତଃପୁର । ଭୁରଗ କଞ୍ଚୁକି ବେଷ୍ଟିତ ହେବାରେ ଘୋର ବିବରେ ଭୟଙ୍କର । ଅଛି ତହିଁରେ—ପବନର ମାତ୍ର ସ୍ମରଣ । ଏ କଉଁ ଦେବରେ ଗମ୍ୟ ହୋଇଥିବ ଭେଦ ତ ନ ଥିବ ମନୁଷ୍ୟ ।” ସହ ତୁଳନୀୟ । ପୁନଶ୍ଚ ନାରଦଙ୍କ ପ୍ରଦତ୍ତ ତାମସୀ ବିଦ୍ୟା ବା ମନ୍ତ୍ରପ୍ରଭାବରେ ସଖୀ ଚିତ୍ରଲେଖାଦ୍ୱାରା ଅନିରୁଦ୍ଧଙ୍କୁ ଅଣାଇ ଉଷାର ଶୟନକକ୍ଷରେ ଉଷା ପ୍ରତି ଅନିରୁଦ୍ଧର ଶୃଙ୍ଗାରର ଚିତ୍ର ଅତି ଉତ୍କୃଷ୍ଟ ଧରଣର—ଉଷାଭିଲାଷ ୭ମ ଛାନ୍ଦର ୧୧ ପଦ ଓ ୧୭ ପଦର ଛାୟା ଲାବଣ୍ୟବତୀର ୧୧ ଛାନ୍ଦର ୩୦ ପଦ ଓ ୩୩ ପଦରେ ପଡ଼ିତ । ଯଥା—ଉଷାଭିଲାଷ—ପ୍ରିୟେ ମୋ ବିନୟ ଘେନ ଭାଷସି ମୃଦୁ ବଚନ ନିର୍ଦ୍ଦୟ ମଦନଭୀତି ଅଭୟ କର । କପାଳେ ମକରୀ ଲେଖି, ଚରଣେ ଅଳତା ଦେଇ, ପଙ୍କଜ କରବି ମୋର ଏ ବେନି କର, ସୁଧାରସ ଅଧରୁ ନେଇ । ଦାସ କରି କ୍ଷଣ ମୋତେ କମଳମୁହିଁ । ଉଷା ୭ମ ଛାନ୍ଦ ୧୧ ପଦ ସହ “ଏକାଳେ କର ଯୋଡ଼ିକ କରି ତରୁଣୀତିଳକ ବୋଇଲା ହେ ଜୀବେଶ୍ୱର ବିନୟ ଘେନ । ଚରଣେ ଅଳତା ପରି ପଛେ ପଛେ ଛାଇ ସରି ଅନୁସରି ଥିବାକୁ ମୋ ହେଉଛି ମନ । ମୋତେ ଏଥି ବସନଭାଗ୍ୟ । ହେଲିଣି ସବୁମତେ ମୁଁ କୃତାର୍ଥ ଯୋଗ୍ୟ । ଲା- ୧୫ ଛାନ୍ଦ ୩୦ ପଦ ତୁଳନୀୟ । “ମଦନେ କାତର ହୋଇ ଚଢ଼ୋଇଲା ଶୃଙ୍ଗ କହି ଚରଣ ଧରନ୍ତେ କରେ ସୁଜାଣ ରାମା । ସାତ୍ତ୍ୱିକ ବିକାରେ ତନୁ, ବାନ୍ଧିଲା କୁସୁମଧନୁ ଉଠି ପ୍ରଣମିତ କଲା ଅସୁରଜେମା । ଭୁଜେ ଭିଡ଼ି ମଦନସୁତ । ବଦନ ଚୁମ୍ବିଲା ହୋଇ ଉତ୍ସୁକଚିତ୍ତ ।” ଉଷାର ୭ ଛାନ୍ଦ ୧୭ ପଦ ସହ “ସେ ରମଣୀ ଚନ୍ଦ୍ରମଣି ହୋଇଲା ଏମନ୍ତ ମଣି ଶୃଙ୍ଗାରଚନ୍ଦ୍ରେ ଦ୍ରବୀଭୂତ କଲା ନାଗର । ହାସ ପୂରିଲା ପର୍ଯ୍ୟେ ଶ୍ରୀମୁଖ ପ୍ରସନ୍ନ ହୋୟେ ହେଲା ଜାଣି ବଙ୍କନେତ୍ରେ ତା ସୀତ୍କାର । କର ଧରି ଶିରେ ଲଗାଇ । କୋଳ କରି ସୁରସିକ ପଲ୍ୟଙ୍କେ ନେଇ ।” ଲାବଣ୍ୟବତୀର ୧୧ ଛାନ୍ଦ ୩୩ ପଦ ତୁଳନୀୟ ।

## ଜଗମୋହନ ରାମାୟଣର ପ୍ରଭାବ

ବଳରାମ ଦାସଙ୍କ ଦାଣ୍ଡି ବା ଜଗମୋହନ ରାମାୟଣ ଉପେନ୍ଦ୍ର ଭଞ୍ଜଙ୍କ ସମୟରେ ସର୍ବଜନାଦୃତ ହୋଇ ଉତ୍କଳର ଗୃହେ ଗୃହେ ପଠିତ ଓ ପୂଜିତ ହେଉଥିଲା । ବଳରାମଙ୍କ ରାମାୟଣ ଯେପରି ଇତିହାସ ସେହିପରି ମଧ୍ୟ କାବ୍ୟ । ବଳରାମ ଦାସଙ୍କ କବିତ୍ୱରେ ଉପେନ୍ଦ୍ର ମୁଗ୍ଧ ହୋଇ- ଥିଲେ । ବୈଦେହୀଶର ପ୍ରଥମ ଛାନ୍ଦର ଚତୁର୍ଥ ପଦରେ ଉପେନ୍ଦ୍ର ତାଙ୍କୁ କାଳିଦାସ ଓ ଭୋଜଙ୍କ ସହିତ ସମାନ ଆସନ ପ୍ରଦାନ କରିଅଛନ୍ତି । ବୈଦେହୀଶ ବିଳାସର କଥାବସ୍ତୁ ଉପେନ୍ଦ୍ର ଦାଣ୍ଡି ରାମାୟଣରୁ ଗ୍ରହଣ କରିଅଛନ୍ତି । ଲାବଣ୍ୟବତୀର ୧୫ଶ ଛାନ୍ଦରେ ଐନ୍ଦ୍ରଜାଲିକଦ୍ୱାରା ଯେ ରାମଚରିତ ବର୍ଣ୍ଣିତ ତାହା ଜଗମୋହନ ରାମାୟଣର ଅନୁରୂପ—ଏଥିନିମନ୍ତେ ମୂଳ ଓ ଟୀକା ଦେଖ ।

## ଲୀଳାବତୀ (ରଘୁନାଥହରଚନ୍ଦନ କୃତ)ର ପ୍ରଭାବ

ଲୀଳାବତୀର ପ୍ରଭାବ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟମାନଙ୍କରେ ବିଶେଷତଃ ଲାବଣ୍ୟବତୀରେ ଯେପରି ରହିଛି ତାହାର କିଛି ନିଦର୍ଶନ:—

ଲୀଳାବତୀରେ ଜଗନ୍ନାଥଙ୍କ ସ୍ତୁତିର ପ୍ରଭାବ ଉପେନ୍ଦ୍ରଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ, ସୁଭଦ୍ରାପରିଣୟ, ରସିକହାରାବଳୀରେ ଦ୍ରଷ୍ଟବ୍ୟ । ଲୀଳାବତୀର ପୁଷ୍ପବିଳାସ, ଯୌବନପ୍ରାପ୍ତି ବର୍ଣ୍ଣନା, ଘୋର ଅଶ୍ଳୀଳ ଓ ଉଦ୍‌ବେଗଜନକ । ରଘୁନାଥ ହରିଚନ୍ଦନ ସ୍ୱଗୁରୁ ବିପ୍ରଦାସଙ୍କ ଗୃଳକାବ୍ୟରେ ନୈଷଧକୁ ଅବଲମ୍ବନ କରିଛନ୍ତି । ଲାବଣ୍ୟବତୀର ପୁଷ୍ପବିଳାସ ଲୀଳାବତୀର ପୁଷ୍ପବିଳାସ ସଂକ୍ଷିପ୍ତକରଣମାତ୍ର । ଗୁହ୍ୟାଙ୍ଗ ବର୍ଣ୍ଣନା ନିନ୍ଦ୍ୟ କେତେକ କହନ୍ତି, ଏହା କଳାଦୃଷ୍ଟିରେ ସମର୍ଥନୀୟ; କିନ୍ତୁ କାବ୍ୟଚନ୍ଦ୍ରର ଏକ କଳଙ୍କ । ବସ୍ତ୍ରକୁ ଭ୍ରମର ଗୋଡ଼ାଇବା ଉଭୟଙ୍କ ସମାନ । ଲୀଳାବତୀରେ ବେଶପେଶଲ ରଘୁନାଥ ୪୦ ପଦରେ କରିଛନ୍ତି । ଲୀଳାବତୀରେ ପୁଷ୍ପରେ ଭୂଷଣ କରିବା ବେଶି—ଉପେନ୍ଦ୍ରଙ୍କର ଅଳଙ୍କାରରେ ବେଶି—ବେଶପେଶଲରେ ମଧ୍ୟ ଲୀଳାବତୀର ପ୍ରଭାବ ଲାବଣ୍ୟବତୀରେ ପରିଲକ୍ଷିତ ହୁଏ ।

ଲୀଳାବତୀ କାବ୍ୟର ନାୟକ ଚନ୍ଦ୍ରାପୀଡ଼—ଚନ୍ଦ୍ରାପୀଡ଼ଙ୍କ ପିତାଙ୍କ ନାମ ଚନ୍ଦ୍ରଭାନୁ—ଲାବଣ୍ୟବତୀର ନାୟକର ନାମ ଚନ୍ଦ୍ରଭାନୁ—କାଦମ୍ବରୀ ପ୍ରଭାବ ଲୀଳାବତୀ ଓ ଲାବଣ୍ୟବତୀରେ ପରିଦୃଷ୍ଟ ହୁଏ । ଐନ୍ଦ୍ରଜାଲିକ ଆସି ଉଭୟଙ୍କ କାର୍ଯ୍ୟ କରିବା ପ୍ରାୟ ସମାନ । ଲୀଳାବତୀର ପିତା ବସୁଭୂତି ନିକଟରେ ଐନ୍ଦ୍ରଜାଲିକର ନଟୀ ସହ ପ୍ରବେଶ—ରଜାଙ୍କ ପ୍ରଶ୍ନରେ ଐନ୍ଦ୍ରଜାଲିକର କୁହୁକ ଗୋଟିକା ଅଞ୍ଜନ ପ୍ରଭୃତିରେ ପ୍ରବୀଣତାରେ କହିବା—ରଜାଙ୍କ ଆଜ୍ଞାରେ ସନ୍ଧ୍ୟା ପରେ ରାମଚରିତ ଦର୍ଶାଇ କୁହୁକରେ ଚନ୍ଦ୍ରାପୀଡ଼କୁ ଆଣି ଲୀଳାବତୀକୁ ଦର୍ଶାଇ ପ୍ରେମାଳାପ କରାଇବା, ସେହିପରି ଲାବଣ୍ୟବତୀର ପିତା ରତ୍ନେଶ୍ୱରଙ୍କ ନିକଟରେ ଐନ୍ଦ୍ରଜାଲିକର ନଟୀ ସହ ପ୍ରବେଶ—ଉକ୍ତ ବିଦ୍ୟାମାନଙ୍କରେ ନିଜର ପ୍ରବୀଣତା ପ୍ରକାଶ କରିବା ପରେ ରାଜାଦେଶରେ ସନ୍ଧ୍ୟା ପରେ ରାମଚରିତ ଦର୍ଶନ କରାଇ କୁହୁକରେ ଲାବଣ୍ୟବତୀ ସମ୍ମୁଖରେ ଚନ୍ଦ୍ରଭାନୁକୁ ଆଣି ଦେଖାଇବା—ଲାବଣ୍ୟବତୀର ସଖୀ ଛଡ଼ା ଅନ୍ୟ କେହି ନ ଜାଣିବା ପ୍ରଭୃତି ଅବିକଳ ମଧ୍ୟ ଲାବଣ୍ୟବତୀରେ ତାହା ଅଛି ।

ଲୀଳାବତୀର ସଖୀମାନେ ତାର ଚିତ୍ରପଟ ସହ ଜଣେ ସିଦ୍ଧ ପୁରୁଷଙ୍କୁ ଚନ୍ଦ୍ରାପୀଡ଼ ନିକଟକୁ ପଠାଇଥିଲେ । ଲାବଣ୍ୟବତୀରେ ଲାବଣ୍ୟବତୀର ପିତା ସିଦ୍ଧଜ୍ଞାନାନନ୍ଦଙ୍କଦ୍ୱାରା ମୟଦାନବ କର୍ତ୍ତୃକ ଲାବଣ୍ୟବତୀର ଚିତ୍ରପଟ ଅଙ୍କିତ କରାଇ ବ୍ରହ୍ମଚାରୀ ହସ୍ତରୁ ଚନ୍ଦ୍ରଭାନୁ ନିକଟକୁ ପଠାଇବା ।

ଲୀଳାବତୀରେ ଯେପରି ବସନ୍ତ ସେନା ବେଶ୍ୟା ଆସି ଉପସ୍ଥିତ ହୁଅନ୍ତେ ମିତ୍ର ସହ ଚନ୍ଦ୍ରାପୀଡ଼ଙ୍କର ବିସ୍ମିତ ହେବା କାଳରେ ସିଦ୍ଧପୁରୁଷ ଉପସ୍ଥିତ ହୋଇ ଲୀଳାବତୀର ଲକ୍ଷେ ଅଂଶକୁ ଏ ସବୁ ନୁହେଁ, ଏହା କହନ୍ତେ ଚନ୍ଦ୍ରପୀଡ଼ର ଲୀଳାବତୀ ବା ତାର ଚିତ୍ରପଟ ଦର୍ଶନ କରିବାରୁ ଆଗ୍ରହ ପ୍ରକାଶ କରନ୍ତେ ସିଦ୍ଧ ପୁରୁଷଂ ତାଙ୍କୁ ଚିତ୍ରପଟ ପ୍ରଦର୍ଶନ କରିବା—ସେହିପରି ଲାବଣ୍ୟବତୀରେ ସଖୀମାନଙ୍କ ସହ ଚନ୍ଦ୍ରଭାନୁ ଲାବଣ୍ୟବତୀ ବିଷୟ ଆଲାପ କରନ୍ତେ ମଦନକା ବେଶ୍ୟାର ଉପସ୍ଥିତ—ତାହାର ଶୋଭାଦର୍ଶନରେ ସମସ୍ତଙ୍କର ବିସ୍ମିତ ହୋଇ ଏ "ଏପରି ସୁନ୍ଦରୀ ଜଗତରେ ନାହିଁ" କହିବା ସମୟରେ ବ୍ରହ୍ମଗୃହୀ ଆସି କହିଲେ ଏ ବେଶ୍ୟା ଲାବଣ୍ୟବତୀ ତୁଳନାରେ କିଛି ନୁହେ—ଏହା କହନ୍ତେ ଚନ୍ଦ୍ରଭାନୁଙ୍କ ଆଗ୍ରହ ପ୍ରକାଶ ଓ ବ୍ରହ୍ମଗୃହୀଙ୍କଦ୍ୱାରା ଚିତ୍ରପଟ ପ୍ରଦର୍ଶନ ।

ଲୀଳାବତୀର ପ୍ରେମପତ୍ରିକା ଚନ୍ଦ୍ରାପୀଡ଼ଙ୍କୁ ପଠାଇବା ଓ ଚନ୍ଦ୍ରାପୀଡ଼ର ସେହିପରି ପ୍ରେମପତ୍ରିକା ପଠାଇବା ପରି ଉପେନ୍ଦ୍ର ଆଗେ ନାୟକଦ୍ୱାରା ପ୍ରେମପତ୍ରିକା ଅଣାଇ ପରେ ନାୟିକା ହସ୍ତରେ ଲେଖାଇ ଅଛନ୍ତି ।

ଲୀଳାବତୀ ଉପଯୁକ୍ତ ବରପ୍ରାପ୍ତି ନିମିତ୍ତ ଶିବଦୁର୍ଗା ପୂଜା ଓ ମଦନପୂଜା କରିଥିଲା । ଚନ୍ଦ୍ରାପୀଡ଼ ମଧ୍ୟ ଦେବୀ ଦୁର୍ଗାଙ୍କୁ ସ୍ତୁତି କରିଥିଲା । ଲୀଳାବତୀ ଭାବନାରେ ଶୋଇପଡ଼ିଲା ପରେ ଜଣେ ଦେବୀ ଚନ୍ଦ୍ରାପୀଡ଼ଙ୍କୁ ତାର ମିତ୍ର ସହ ମାୟାରେ ନେଇ ଲୀଳାବତୀ ସଦନରେ ଉପସ୍ଥିତ ହେଲେ—ଲୀଳାବତୀର ମାତା ଦେବୀଙ୍କୁ ଡକାଇବାରେ ଦେବୀଙ୍କର ଚନ୍ଦ୍ରାପୀଡ଼ଙ୍କୁ ସମ୍ବର୍ଦ୍ଧନା କରିବାକୁ କହିବା—ତହୁଁ ତାଙ୍କୁ ହାର ବସ୍ତ୍ର ଚନ୍ଦନ ପୁଷ୍ପରେ ବିଭୂଷିତ କରାଇଲେ—ନିଦ୍ରାଭଙ୍ଗ ପରେ ଚନ୍ଦ୍ରାପୀଡ଼ର ଭାବନା—ଚନ୍ଦନ ହାର ପ୍ରଭୃତି କେଉଁ ଦେଶର ? ଜଣେ ବୋହିତୁଆଳ ଆସି କହିଲା ଏସବୁ ମଳୟାଚଳ ଦେଶର ।

ଲାବଣ୍ୟବତୀରେ ବୋହିତୁଆଳ ଆସି ରାଜାଙ୍କୁ ଭେଟି ଦେବା ଓ ଲାବଣ୍ୟବତୀର କଥା କହିବା—ହର ପାର୍ବତୀଙ୍କ ଆଜ୍ଞାରେ ଯୋଗିନୀ ଦ୍ୱାରା ନିଦ୍ରିତା ଲାବଣ୍ୟବତୀ ପାଖରେ ଚନ୍ଦ୍ରଭାନୁଙ୍କୁ ପହଞ୍ଚାଇବା—ଚନ୍ଦ୍ରଭାନୁର ମୁଦିକା ପ୍ରଦାନ ଓ ଲାବଣ୍ୟବତୀର ହାର ପ୍ରଦାନ ।

ଋତୁମାନଙ୍କ ବର୍ଣ୍ଣନା, ନାୟକ—ନାୟିକା ଅନୁଚିନ୍ତା ଉଭୟଙ୍କ ପ୍ରାୟ ସମାନ ।

ଚୈତ୍ର ପୂର୍ଣ୍ଣମୀ ରାତ୍ରିରେ ରାମଙ୍କ ଯାତ୍ରାକାଳରେ ଭେଟ ହେବା ନିମିତ୍ତ ଲୀଳାବତୀର ପତ୍ର ଲେଖିବା; ସେହିପରି ଲାବଣ୍ୟବତୀର ଶିବରାତ୍ରିରେ ରାମେଶ୍ୱର ଠାରେ ଭେଟ ହେବାନିମିତ୍ତ ପତ୍ର ଦେବା—ଉଭୟଙ୍କ ପିତାଙ୍କ ଅନୁମତିରେ

ନାୟକଙ୍କର ଯାତ୍ରା ପଥରେ ଉଦ୍ୟାନରେ ମୃଗୟା ବର୍ଣ୍ଣନା ପରସ୍ପର ଦର୍ଶନ ଓ ପତ୍ରିକା ଆଦାନ ପ୍ରଦାନ ।

ଲୀଳାବତୀରେ—ରାକ୍ଷସ ଆସି ଲୀଳାବତୀର ପିତାଙ୍କୁ ବନ୍ଦୀ କରିବା, ଯୁଦ୍ଧରେ ପରାସ୍ତ କରିବା ଶୁଣି ଚନ୍ଦ୍ରାପୀଡ଼ ରାକ୍ଷସକୁ ପରାସ୍ତ କରି ରାଜାଙ୍କୁ ମୁକ୍ତ କରିବା—ତତ୍‌ପରେ ଲୀଳାବତୀ ସହ ବିବାହ । କିନ୍ତୁ ଲାବଣ୍ୟବତୀର ପ୍ରଥମେ ବିବାହ ପରେ କାଳକେୟ ଅସୁରଗଣ ଋଷିମାନଙ୍କ ଯଜ୍ଞଭଙ୍ଗ କରନ୍ତେ ଚଣ୍ଡୀ ମାୟାରେ ନିଦ୍ରିତାବସ୍ଥାରେ ଚନ୍ଦ୍ରଭାନୁଙ୍କୁ ନେଇ ତାଙ୍କ ଦ୍ୱାରା ଯୁଦ୍ଧରେ ସେମାନଙ୍କୁ ପରାସ୍ତ କରାଇବା । ବିରହରେ ଋତୁମାନଙ୍କର ନାୟକ-ନାୟିକାଙ୍କ ଅନୁଚିନ୍ତା—ପରେ ଚନ୍ଦ୍ରଭାନୁର ଆସିବା ପରେ ନାୟିକା ସହ ମେଳନ—ଇତ୍ୟାଦି ।

## ଲାବଣ୍ୟବତୀ କାବ୍ୟର ଛାନ୍ଦମାନଙ୍କର ସଂକ୍ଷିପ୍ତ ସୂଚନା ଓ ବିଗୁର

### ପ୍ରଥମ ଛାନ୍ଦ

ରାମଙ୍କ ସ୍ତୁତି, କାବ୍ୟରଚନା ପ୍ରସ୍ତାବ, କାବ୍ୟର ସଂକ୍ଷିପ୍ତକଥନ, ସାଧୁସ୍ତୁତି, ପାର୍ବତୀଙ୍କ ବାଞ୍ଛାରୁ ବାଞ୍ଛାବତୀର ଜନ୍ମ ଓ ପାର୍ବତୀଙ୍କ ସହ ପଶାକ୍ରୀଡ଼ା; ହରଦର୍ଶନ ଭୀତିରୁ ଗଣଦେବାଙ୍କ ଦ୍ୱାରା ନିୟମସହ ଅରଣ୍ୟରେ ସ୍ଥାପନ । ଦିବ୍ୟ ସ୍ତ୍ରୀ ପ୍ରାପ୍ତି ନିମନ୍ତେ କଠୋର ତପସ୍ୟାକାରୀ କେଦାରେଶ୍ୱର ଦର୍ଶନେଚ୍ଛୁ ପ୍ରଭାକରର ପଥରେ ବନ ମଧ୍ୟରେ ବାଞ୍ଛାବତୀର ଦର୍ଶନ । ଉଭୟଙ୍କର ପରସ୍ପରଠାରେ ଆସକ୍ତି । ପ୍ରଭାକରର ସ୍ପର୍ଶରେ ବାଞ୍ଛାବତୀର ମୃତ୍ୟୁ । "ପରଜନ୍ମରେ ସ୍ତ୍ରୀରୂପେ ଏହାକୁ ପାଇବୁ, ଶରୀର ସଂସ୍କାର ନ କରି ଗଙ୍ଗାସାଗରରେ ଝାସ ପ୍ରଦାନ କର" ଦୈବବାଣୀ ଶ୍ରବଣରେ ପ୍ରଭାକରର ଗଙ୍ଗାସାଗରରେ ଝାସ । ପୁତ୍ରାର୍ଥିନୀ ଶିବଭକ୍ତା କର୍ଣ୍ଣାଟେଶ୍ୱର ଶଶିଶେଖରଙ୍କ ମହିଷୀ ଶଶିରେଖାଙ୍କ ଗର୍ଭରୁ ପ୍ରଭାକରର ଚନ୍ଦ୍ରଭାନୁ ନାମରେ ଜନ୍ମ । ତାହାର ଶୋଭା ଓ ଗୁଣ କଥନ । ଚନ୍ଦ୍ରଭାନୁର ସହଚର, ମନ୍ତ୍ରୀ, ଜ୍ୟୋତିଷ, ପୁରୋହିତ ଓ ସାଧୁତ କୁମାର ଯଥାକ୍ରମେ ଗୁଣନିଧି, ବସନ୍ତକ, ଋତୁଧ୍ୱଜ ଓ ପୁରନ୍ଦରଙ୍କ ନାମ କଥନ । ଦୈବବଳର ମାହାତ୍ମ୍ୟ, ଶିବ ପାର୍ବତୀଙ୍କ ମହିମା, ତପସ୍ୟାର ପ୍ରଭାବ, ବାଞ୍ଛାବତୀକୁ ପ୍ରଭାକରର ସୁନ୍ଦର ଉକ୍ତି ଏ ଛାନ୍ଦର ବିଶେଷତ୍ୱ । ଲାବଣ୍ୟବତୀ କାବ୍ୟ ସରଳ ଓ ଧ୍ୱନ୍ୟାତ୍ମକ, ଏହାର ସୂଚନା ମଧ୍ୟ ପ୍ରଦତ୍ତ ହୋଇଅଛି ।

### ଦ୍ୱିତୀୟ ଛାନ୍ଦ

ସିଂହଳ ଦେଶର ଅପୂର୍ବ ଶୋଭା ଓ ଅତ୍ୟନ୍ତ ସମୃଦ୍ଧି କଥନ । ସିଂହଳ-ରାଜ ଋଦ୍ଧେଶ୍ୱରଙ୍କ ମହିଷୀ ବିଦ୍ୟୁଲ୍ଲତାଙ୍କ କନ୍ୟାପ୍ରାପ୍ତି ନିମନ୍ତେ ପାର୍ବତୀଙ୍କୁ ପୂଜା । ଦେବୀ ଦୁର୍ଗା ବାଞ୍ଛାବତୀକୁ ଜୀବଦାନ କରି ଆମ୍ରଫଳରେ ପରିଣତ କଲେ ଓ ସ୍ୱପ୍ନରେ ବିଦ୍ୟୁଲ୍ଲତାଙ୍କୁ ପ୍ରଦାନ କଲେ । ତଦ୍ ଭକ୍ଷଣରେ ଲାବଣ୍ୟବତୀର ଜନ୍ମ ।

ଲାବଣ୍ୟବତୀର ଶିଶୁ, ବାଲ୍ୟ ଓ କୌମାର ଅବସ୍ଥା ତଥା ଅନୁପମ ଶୋଭା ବହୁ ଚାତୁର୍ଯ୍ୟରେ ବର୍ଣ୍ଣିତ। ଗର୍ଭିଣୀ ଲକ୍ଷଣ, ପାର୍ବତୀଙ୍କ ମାହାତ୍ମ୍ୟ ଓ ଚାତୁର୍ଯ୍ୟସହ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ବର୍ଣ୍ଣନା—ଏହି ଛାନ୍ଦର ବିଶେଷତ୍ୱ ।

## ତୃତୀୟ ଛାନ୍ଦ

ଯୌବନ ପ୍ରାପ୍ତି ପୂର୍ବର ଲାବଣ୍ୟବତୀ ଶୋଭାର ସଙ୍କେତ। ଧାତ୍ରୀସୁତା ଓ ମନ୍ତ୍ରୀସୁତା ବ୍ୟତୀତ ଷୋଳସାମନ୍ତ ସୁତାମାନଙ୍କ ନାମ ଓ ସେମାନଙ୍କ ସେବା କଥନ। ଲାବଣ୍ୟବତୀର ଯୌବନପ୍ରାପ୍ତିରେ ବିଧି ବିଧାନ ତଥା ଉପଚାରମାନଙ୍କ କଥନ। ସହଚରୀ ଜ୍ୟୋତିଷକନ୍ୟାର ଲାବଣ୍ୟବତୀଠାରୁ ପୁରସ୍କାରରୂପେ ଗୋଟିଏ ଶୁକପ୍ରାପ୍ତି ଓ ତାର ଶୁକ ସହ ଶ୍ୱଶୁରାଳୟ କର୍ଣ୍ଣାଟ ଦେଶକୁ ଗମନ। ଏହି ଶୁକଦ୍ୱାରାହିଁ ଭବିଷ୍ୟତରେ ଚନ୍ଦ୍ରଭାନୁ ସହ ଲାବଣ୍ୟବତୀର ମେଳନ ସଂଘଟିତ ହେବ—ଏହି ଉଦ୍ଦେଶ୍ୟରେ କବି ବୁଦ୍ଧିମତ୍ତାର ସହିତ ଏହି ବିଷୟର ଯୋଜନା କରିଅଛନ୍ତି। ଲାବଣ୍ୟବତୀର ଗୁହ୍ୟାଙ୍ଗର ସବିସ୍ତୃତ ବର୍ଣ୍ଣନା। ନୀତି ଦୃଷ୍ଟିରେ ଏହା ନିନ୍ଦ୍ୟ, କଳାଦୃଷ୍ଟିରେ ଏହା ସମର୍ଥନୀୟ। କେତେକ କହନ୍ତି, ନୈଷଧକାରଙ୍କ ପଦବୀ ଅନୁସରଣ କଲେହେଁ ଏହା ଶୋଭନୀୟ ନୁହେଁ। ଅନ୍ୟ ପ୍ରସିଦ୍ଧ ପ୍ରାଚୀନ କବିଙ୍କ ଦ୍ୱାରା ଯାହା କିଛି କଥିତ ତାହାର ଉତ୍କର୍ଷ ବିଧାନ କରିବା ପ୍ରୟାସରେ ନିଜର ବର୍ଣ୍ଣନାପାଟବ ତଥା ଚାତୁରୀ ଦର୍ଶାଇଲେହେଁ କବି ଔଚିତ୍ୟର ମାତ୍ରା ଲଙ୍ଘନ କରିଅଛନ୍ତି। ଏହାହିଁ ଏହି କାବ୍ୟଚନ୍ଦ୍ରମାର କଳଙ୍କ ।

## ଚତୁର୍ଥ ଛାନ୍ଦ

କାମସୂତ୍ରାନୁଯାୟୀ ଲାବଣ୍ୟବତୀର ରସପ୍ରବନ୍ଧ ଶ୍ରବଣ, ଚତୁଃଷଷ୍ଟି ବନ୍ଧପଟମାନଙ୍କ ଦର୍ଶନର ସଙ୍କେତ ପ୍ରଦାନ ପରେ ସଖୀମାନଙ୍କ ଦ୍ୱାରା ତାଙ୍କ ଶରୀରସଂସ୍କାର ଓ ବେଶବିନ୍ୟାସ ଚାତୁର୍ଯ୍ୟସହ ବର୍ଣ୍ଣିତ ।

## ପଞ୍ଚମ ଛାନ୍ଦ

ବସନ୍ତ ଋତୁରେ ସଖୀଗଣଙ୍କ ସହ ଲାବଣ୍ୟବତୀର ଉପବନବିହାର, ଛେକୋକ୍ତି, ନର୍ମୋକ୍ତି, ହାସପରିହାସମୟ ଆଳାପଜନିତ ବିନୋଦ ବର୍ଣ୍ଣିତ କବିଙ୍କ ରସିକତା, ବୁଦ୍ଧିମତ୍ତା ଓ ସୌନ୍ଦର୍ଯ୍ୟବିବୋଧର ପରିଚାୟକ ।

## ଷଷ୍ଠ ଛାନ୍ଦ

ସରୋବର ବର୍ଣ୍ଣନା ଓ ସରସୀ ବିହାରରେ ସଖୀଙ୍କ ସହ ଲାବଣ୍ୟବତୀର ଚାତୁର୍ଯ୍ୟମୟୀ ଉକ୍ତି ପ୍ରତ୍ୟୁକ୍ତିରେ ସମସ୍ୟା ପୂରଣ, ଛଳଉକ୍ତି, ଅନ୍ତର୍ଲିପି, ବହିର୍ଲିପି ତଥା ଶ୍ଳେଷୋକ୍ତିମାନଙ୍କ ପ୍ରୟୋଗ—ଏହା ନାରୀଙ୍କ ପକ୍ଷେ ଅସ୍ୱାଭାବିକ ଏପରି ଦୋଷାରୋପ ହୋଇପାରେ। ସମ୍ଭ୍ରାନ୍ତବଂଶୀୟା କନ୍ୟାମାନେ କଳାବିଦ୍ୟାରେ

ବିଶେଷତଃ ଏ ସବୁ ବିଷୟରେ ଶିକ୍ଷା ଅଭ୍ୟାସ କରିବା ବିଷୟ ପୂର୍ବେ କଥିତ ହୋଇଅଛି ।

## ସପ୍ତମ ଛାନ୍ଦ

ମିତ୍ରମାନଙ୍କ ସହ ଚନ୍ଦ୍ରଭାନୁର ଆଳାପ, ବନ୍ଦୀ ପ୍ରଶସ୍ତି, ନୃତ୍ୟ, କେଳାନାଟ ପ୍ରଭୃତି ଜନିତ ଚିତ୍ତର ପ୍ରସନ୍ନତା କାଳରେ ମିତ୍ର ବସନ୍ତକଦ୍ୱାରା ଚନ୍ଦ୍ରଭାନୁକୁ ଉକ୍ତ ଶୁକଟି ଉପାୟନରୂପେ ପ୍ରଦାନ । ସିଂହଳ ଦ୍ୱୀପବାସୀ ରତ୍ନାକର ସେ ଧୂର୍ତ୍ତର ଅମୂଲ୍ୟ ଦ୍ରବ୍ୟମାନ ଚନ୍ଦ୍ରଭାନୁଙ୍କୁ ଉପହାର ଦେବା । ସେହି ପଦାର୍ଥମାନଙ୍କ ଦର୍ଶନରେ ସମସ୍ତଙ୍କର ଆଶ୍ଚର୍ଯ୍ୟ ହେବାରେ "ଲାବଣ୍ୟବତୀର ଜନ୍ମଭୂମିରେ ଏ ପଦାର୍ଥମାନଙ୍କ ସମ୍ଭବ କିଛି ଆଶ୍ଚର୍ଯ୍ୟାବହ ନୁହେଁ" ଏହା ସୌଦାଗର କହନ୍ତେ ଓ ଲାବଣ୍ୟବତୀର ଦିବ୍ୟଶୋଭା ଓ ଗୁଣ ବର୍ଣ୍ଣନରେ ଚନ୍ଦ୍ରଭାନୁ ଚିତ୍ତରେ ପ୍ରଥମେ ଅନୁରାଗ ସଞ୍ଚାର । ତାହାର ବୃଦ୍ଧି ଓ ଦୃଢ଼ୀକରଣ ନିମନ୍ତେ ଉପସ୍ଥିତ ଶୁକମୁଖରେ ପୁନରପି ଲାବଣ୍ୟବତୀର ଅନୁପମ ରୂପ ଗୁଣ ପ୍ରଶସ୍ତି କରାଇବା କବିଙ୍କ ଚତୁର ବସ୍ତୁସଂଯୋଜନପାଟବର ଉତ୍କୃଷ୍ଟ ପରିଚାୟକ ଅଟେ । ଏତଦ୍ଦ୍ୱାରା ଚନ୍ଦ୍ରଭାନୁର ଉତ୍କଣ୍ଠାତିଶଯ୍ୟ ପ୍ରକାଶ ଓ ଲାବଣ୍ୟବତୀର ମନୋଭାବ ନିର୍ଣ୍ଣୟ ନିମନ୍ତେ ରତ୍ନାକର ସହ ଶୁକ ଓ ବ୍ରହ୍ମଗିରିଙ୍କ ପ୍ରେରଣ । ବ୍ରହ୍ମଗିରି ପୂଜ୍ୟ ଓ ଅବାରିତଦ୍ୱାର । ରତ୍ନାକର ଓ ଶୁକଦ୍ୱାରା କାର୍ଯ୍ୟ ସିଦ୍ଧ ହୋଇ ପାରିଥାଆନ୍ତା, କିନ୍ତୁ ରତ୍ନାକର ଓ ଶୁକ ଉଭୟ ତ ସିଂହଳ ଦେଶୀୟ । ତାଙ୍କ ଉକ୍ତିରେ ଲାବଣ୍ୟବତୀର ଆସ୍ଥା ହୋଇ ନ ପାରେ; ତେଣୁ ନ୍ୟାୟତଃ ସାମାଜିକ ପଦ୍ଧତିର ଅନୁରୋଧରେ ପ୍ରତିନିଧିକଳ୍ପେ ବ୍ରହ୍ମଗିରିଙ୍କ ପ୍ରେରଣ ସମୀଚୀନ ।

## ଅଷ୍ଟମ ଛାନ୍ଦ

ଲାବଣ୍ୟବତୀର ପରିଣୟ ବିଷୟରେ ସିଂହଳରାଜଙ୍କର ମନ୍ତ୍ରୀଙ୍କ ସହ ମନ୍ତ୍ରଣା । ମନ୍ତ୍ରୀଙ୍କ ଅନୁରୋଧରେ ସନ୍ନ୍ୟାସୀ ଜ୍ଞାନାନନ୍ଦଙ୍କର ଦାନବଶିଳ୍ପୀ ମୟଠାରୁ ଜେମାର ଚିତ୍ରପଟ ଗ୍ରହଣ ଓ ତତ୍ସହ ଦେଶ ବିଦେଶ ଭ୍ରମଣରେ ବିଭିନ୍ନ ଦେଶସ୍ଥ ରାଜା ପ୍ରଜାଙ୍କ ମନୋଭାବ ବର୍ଣ୍ଣନା । ବ୍ରହ୍ମଗିରି ସଦୃଶ ବା ତତୋଽଧିକ ସନ୍ନ୍ୟାସୀ ଧର୍ମପ୍ରାଣ ଓ ପୂଜ୍ୟ । ତାଙ୍କଦ୍ୱାରା ପ୍ରସ୍ତାବ ଆଗତ କରାଇବା ଅତୀବ ଯୁକ୍ତିଯୁକ୍ତ । ଅତ୍ୟଦ୍ଭୁତ ଶିଳ୍ପ ପୁରାଣପ୍ରସିଦ୍ଧ ମୟଦାନବ ଦ୍ୱାରା ଚିତ୍ରପଟ ଅଙ୍କିତ କରାଇବା ଦ୍ୱାରା ଚିତ୍ରପଟର ସରୂପତା, ମନୋହାରିତା ଓ ଅକୃତ୍ରିମତା ହେତୁ ଅତି ମହାର୍ଘ୍ୟତା, ଏହା କବିଙ୍କ ବୁଦ୍ଧିମତ୍ତାର ନିଦର୍ଶନ ।

## ନବମ ଛାନ୍ଦ

ଲାବଣ୍ୟବତୀଗତପ୍ରାଣ ଚନ୍ଦ୍ରଭାନୁର ମିତ୍ରଗଣଙ୍କ ସହ କଥୋପକଥନର ଅବସରରେ ମଲ୍ଲାରଦେଶୀୟା ଅପୂର୍ବଶୋଭାମୟୀ ମଦନିକା ଗଣିକାର

ଆଗମନ । ତାର ଅଦୃଷ୍ଟପୂର୍ବ ସୌନ୍ଦର୍ଯ୍ୟ ଦର୍ଶନରେ ସମସ୍ତଙ୍କର ବିସ୍ମିତ ହୋଇ ପ୍ରଶଂସା କରିବା ସମୟରେ ଲାବଣ୍ୟବତୀର ଚିତ୍ରପଟ ସହ ସନ୍ନ୍ୟାସୀଙ୍କର ଉପସ୍ଥିତି । ଲାବଣ୍ୟବତୀର ଶୋଭା ତୁଳନାରେ ଏହାର ଶୋଭା ଅତି ତୁଚ୍ଛ ଏହା କହି ସନ୍ନ୍ୟାସୀଙ୍କ ଦ୍ୱାରା ଚିତ୍ରପଟ ପ୍ରଦର୍ଶନ । ଏହି ତୁଳନାରେ ଅବଶ୍ୟ କବି ଲାବଣ୍ୟବତୀର ଶୋଭାର ଉତ୍କର୍ଷ ଚତୁରତା ସହିତ ପ୍ରତିପାଦିତ କରିଅଛନ୍ତି; କିନ୍ତୁ ରାଜପୁତ୍ରଙ୍କ ସମକ୍ଷରେ ଗୋଟିଏ ଗଣିକାର ଉପସ୍ଥାନରେ କି ଉପଯୋଗିତା, ଔଚିତ୍ୟ ବା ପ୍ରୟୋଜନ ତାହା ବିଚାର୍ଯ୍ୟ । ବର୍ତ୍ତମାନ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ଯୌବନଦଶା ପ୍ରାପ୍ତି ହେତୁ ବିବାହ ସମୟ ସନ୍ନିହିତ । କଳାବିଦ୍ୟାରେ ଚତୁରତା ଲାଭ କରିବାର ଯଥାର୍ଥ ସମୟ ଜାଣି କବି କାମସୂତ୍ରାନୁଯାୟୀ 'କାମସ୍ୟ ତଦାତ୍ମକତ୍ୱାତ୍' କାମ କଳାତ୍ମକ, ତେଣୁ ଶିକ୍ଷଣୀୟ । ଆଭିରଭ୍ୟୁଚ୍ଛ୍ରିତା ବେଶ୍ୟା ଶୀଳଗୁଣରୂପାନ୍ୱିତା, ଲଭତେ ଗଣିକା ଶବ୍ଦଂ ସ୍ଥାନଂ ଚ ଜନସଂସଦି । ପୂଜିତା ସା ସଦା ରାଜ୍ଞା ଗୁଣବଦ୍ଭିଶ୍ଚ ସଂସ୍ତୁତା, ପ୍ରାର୍ଥନୀୟାଭିଗମ୍ୟା ଚ ଲକ୍ଷ୍ୟଭୂତା ତୁ ଜାୟତେ । କଳାବିଦ୍ୟାରେ ନିପୁଣା, ଚତୁର, ରୂପ ଓ ଗୁଣଯୁକ୍ତା ବେଶ୍ୟାକନ୍ୟା ଗଣିକା ପଦବାଚ୍ୟା ଅଟେ । ସେ ରାଜାଙ୍କଠାରୁ ସମ୍ମାନ ଲାଭ କରେ, ଗୁଣବନ୍ତଙ୍କ ଦ୍ୱାରା ପ୍ରଶଂସ୍ୟା, ପ୍ରାର୍ଥନୀୟା, ଅଭିଗମ୍ୟା ଓ ଲକ୍ଷ୍ୟଭୂତା ଅଟେ । ତତ୍କାଳୋଚିତ ସମାଜପଦ୍ଧତିର ଅନୁରୋଧରେ ଗଣିକାକୁ ଉପସ୍ଥିତ କରାଇ କବି ନିଜର କଳାଭିଜ୍ଞତ୍ୱ ତଥା କାମଶାସ୍ତ୍ରଦର୍ଶିତ୍ୱର ଶୋଭନ ପରିଚୟ ପ୍ରଦାନ କରିଅଛନ୍ତି ।

## ଦଶମ ଛାନ୍ଦ

ମିତ୍ରଗଣଙ୍କ ସହ ଚନ୍ଦ୍ରଭାନୁର ଚିତ୍ରପଟ ଦର୍ଶନ । ଏହି ଚିତ୍ରପଟର ବର୍ଣ୍ଣନରେ କବିଙ୍କ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ଜ୍ଞାନସହ ଅସାଧାରଣ ରଚନାପାଟବର ସୁସ୍ପଷ୍ଟ ପରିଚୟ ମିଳେ । ସନ୍ନ୍ୟାସୀ ସିଂହଳକୁ ପ୍ରତ୍ୟାବର୍ତ୍ତନ କରି ଚନ୍ଦ୍ରଭାନୁ ଲାବଣ୍ୟବତୀର ଉପଯୁକ୍ତ ବର ଓ ସେ ଲାବଣ୍ୟବତୀଠାରେ ଗାଢ଼ ଭାବରେ ଆସକ୍ତ; ଏହା ମନ୍ତ୍ରୀଙ୍କୁ କହନ୍ତେ ମନ୍ତ୍ରୀଙ୍କ ସହ ରାଜାଙ୍କର ମନ୍ତ୍ରଣା । ଦେବଦର୍ଶନ ନିମିତ୍ତ ରାମେଶ୍ୱର ଗମନରେ ବରପକ୍ଷ ମେଳନର ସମ୍ଭାବନା ଓ ବିବାହର ଉପାୟ—ତତ୍ପରେ ସ୍ଥିରୀକରଣ—ଇତ୍ୟାଦି ବର୍ଣ୍ଣିତ । ଏହା ଦ୍ୱାରା ସିଂହଳରାଜଙ୍କ ଗୌରବରକ୍ଷା, ବରପକ୍ଷର ମତ ପ୍ରଖ୍ୟାପନର ଅବକାଶ ଓ ପ୍ରସଙ୍ଗ ନିର୍ଣ୍ଣୟ ନିମିତ୍ତ ଉପାୟା-ବଲମ୍ବନ ପ୍ରଭୃତି ସମାଜିକ ନୀତିର ଅନୁକୂଳ ବ୍ୟବସ୍ଥା—ଏଥିପ୍ରତି କବି ଦୃଷ୍ଟି ରଖିଥିବା ହେତୁ ପ୍ରଶଂସ୍ୟ ।

## ଏକାଦଶ ଛାନ୍ଦ

ଚନ୍ଦ୍ରଭାନୁର ଲାବଣ୍ୟବତୀ ଚିନ୍ତାରେ କାମରେ ଅଧୀର ହେବା ଓ ଶୂନ୍ୟ ନିଶାରେ ଶୋଇ ଯୌବନରେ ପତିସଙ୍ଗମ ନ ହେବା ହେତୁ ଲାବଣ୍ୟବତୀର

ମଦନବିକାରରେ ଅତ୍ୟଧିକ ସନ୍ତପ୍ତ ହେବା ବର୍ଣ୍ଣିତ । ହରପାର୍ବତୀଙ୍କ ନିଦେଶରେ ଯୋଗିନୀବିଶେଷ ଦ୍ୱାରା ଲାବଣ୍ୟବତୀ ପାର୍ଶ୍ୱରେ ଚନ୍ଦ୍ରଭାନୁକୁ ଉପସ୍ଥିତ କରାଇ ନିଦ୍ରିତା ଲାବଣ୍ୟବତୀର ରୂପଲାବଣ୍ୟ ବର୍ଣ୍ଣନା ଓ ନିଦ୍ରାଭଙ୍ଗ କରାଇବା, ଚନ୍ଦ୍ରଭାନୁ ଦର୍ଶନରେ ଲାବଣ୍ୟବତୀର ବିସ୍ମୟ ଓ ନାନାବିଧ ତର୍କଣା, ଚନ୍ଦ୍ରଭାନୁର ଚୁଡ଼ୁଲି ଓ ସ୍ୱମୁଦ୍ରିକା ପ୍ରଦାନ, ଲାବଣ୍ୟବତୀର ଚନ୍ଦ୍ରଭାନୁକୁ ମୋତିମାଳା ପ୍ରଦାନ କରିବା, ସଙ୍ଗେ ସଙ୍ଗେ ମାୟାଭଙ୍ଗ ଅତି ଚମତ୍କାର ଭାବରେ ସାଧିତ ହୋଇଅଛି । ଏହି ବର୍ଣ୍ଣନାରେ ଉଷାଭିଳାଷର ପ୍ରଭାବ ପତିତ ହୋଇଅଛି । ଚନ୍ଦ୍ରଭାନୁକୁ ଲାବଣ୍ୟବତୀର ଅଜ୍ଞାତରେ ରଖି କେବଳ ଚନ୍ଦ୍ର, କୋକିଳାଳାପ, ମଳୟ ପବନାଦି ଦ୍ୱାରା ଲାବଣ୍ୟବତୀର କାମ ଉଦ୍ଦୀପନ କରାଇ ଦୈବବଳରେ ଚନ୍ଦ୍ରଭାନୁକୁ ଭେଟାଇବାରେ, ନାରୀସୁଲଭ ଲଜ୍ଜାଶୀଳତାର ଅନୁରୋଧରେ ପ୍ରେମ ପ୍ରଦର୍ଶନରେ ନାରୀର ସ୍ୱଚ୍ଛନ୍ଦାଚରଣ ନ ଦର୍ଶାଇ କବି ନାରୀଧର୍ମର ସମୁଚିତ ସମ୍ମାନନା କରିଅଛନ୍ତି ।

## ଦ୍ୱାଦଶ ଛାନ୍ଦ

ଲାବଣ୍ୟବତୀର ଖେଦ । ସଖୀଙ୍କୁ ସ୍ୱପ୍ନ ବିଷୟ କଥନ । ଲାବଣ୍ୟବତୀ ଶରୀରରେ ସମ୍ଭୋଗଚିହ୍ନ, ଅଙ୍ଗୁଳିରେ ଦିବ୍ୟ ମୁଦ୍ରିକା ଓ ଭିତ୍ତିରେ ଚନ୍ଦ୍ରଭାନୁର ପ୍ରତିକୃତି ଦର୍ଶନରେ ମେଳନର ସତ୍ୟତା ଜ୍ଞାନ । ଦୈବୀ ମାୟାରେ ଏହା ସଂଘଟିତ କହି ଲାବଣ୍ୟବତୀକୁ ସାନ୍ତ୍ୱନା ପ୍ରଦାନ । ମଳୟ, ପିକ, ଚନ୍ଦ୍ର ଓ କାମଙ୍କ ପ୍ରତି ସଖୀଙ୍କ ଚାତୁରୀରେ ଭର୍ତ୍ସନା । ଜେମାର ବ୍ୟାଧି ଉପଶମ ନିମନ୍ତେ ରାଜା ଓ ରାଣୀଙ୍କ ଚିନ୍ତା ।

## ତ୍ରୟୋଦଶ ଛାନ୍ଦ

ମାଳିନୀର ଆଗମନ ଓ ତାହାର ଶୋଭା ବର୍ଣ୍ଣନ । 'ଜେମାଙ୍କ ନିମନ୍ତେ ଉପବାସ କରି ଜାଗର ପାଳିବା ସମୟରେ କ୍ଷଣିକ ନିଦ୍ରା ମଧ୍ୟରେ "ଯୋଗିନୀ-ଦ୍ୱାରା ଚନ୍ଦ୍ରଭାନୁ ଓ ଲାବଣ୍ୟବତୀଙ୍କ ମିଳନ ହେବା ଓ ଲାବଣ୍ୟବତୀ ନିଶ୍ଚୟ ଚନ୍ଦ୍ରଭାନୁର ପତ୍ନୀ ହେବ" ସ୍ୱପ୍ନରେ ହର ପାର୍ବତୀଙ୍କ ଉକ୍ତିକୁ କହିବାରେ ଆଶାର ସଞ୍ଚାର ଓ ମାଳିନୀକୁ ପୁରସ୍କାର ଦାନ । ଶିବପାର୍ବତୀଙ୍କ ପୂଜାର ସଂବିଧାନ । ସଖୀଙ୍କ ଦ୍ୱାରା ଲାବଣ୍ୟବତୀକୁ ସାନ୍ତ୍ୱନା ପ୍ରଦାନ । ନାୟିକା ନାୟକଠାରୁ ବେଶୀ ଭାବପ୍ରବଣା, ତେଣୁ ତାର ବିଳାପ ପ୍ରଥମେ କବି କରାଇ କାବ୍ୟର ସରସତା ପ୍ରତିପାଦିତ କରିଅଛନ୍ତି ।

## ଚତୁର୍ଦ୍ଦଶ ଛାନ୍ଦ

ଚନ୍ଦ୍ରଭାନୁର ଶୋକ ଓ ସଖାମାନଙ୍କ ଦ୍ୱାରା ସାନ୍ତ୍ୱନା ପ୍ରଦାନ । ଏହାଦ୍ୱାରା ଆସକ୍ତିର ଗାଢ଼ତା ସୂଚିତ ହେଲା ।

## ପଞ୍ଚଦଶ ଛାନ୍ଦ

ଐନ୍ଦ୍ରଜାଲିକ ବିନୋଦ ଓ ନଟୀ ପ୍ରେମରୂପାର ସିଂହଳ ରାଜପୁରକୁ ଆଗମନ, ତାଙ୍କ ରୂପ ଓ ଶୋଭା ବର୍ଣ୍ଣନା । ମାୟାରେ ସମଗ୍ର ରାମଚରିତ ପ୍ରଦର୍ଶନ । ରାମଙ୍କ ସମ୍ମୁଖରେ ଚନ୍ଦ୍ରଭାନୁର ସ୍ତୁତି ଓ ଚନ୍ଦ୍ରଭାନୁର ଲାବଣ୍ୟବତୀ ପ୍ରାପ୍ତି ନିମିତ୍ତ ସ୍ତୁତି ଓ ରାମଙ୍କର 'ତଥାସ୍ତୁ' କଥନ । ଏହା କେବଳ ଲାବଣ୍ୟବତୀଙ୍କୁ ଗୋଚରୀଭୂତ ହୁଅନ୍ତେ ଲାବଣ୍ୟବତୀ ସ୍ୱ ସଖୀକୁ ଚନ୍ଦ୍ରଭାନୁଙ୍କୁ ଦର୍ଶାଇବା । ମାୟାରେ ଲାବଣ୍ୟବତୀ ନିକଟକୁ ଆସି ଚନ୍ଦ୍ରଭାନୁର ଗୃହ କରିବା ଓ ସଖୀର ଲାବଣ୍ୟବତୀ ନିମିତ୍ତ ଅନୁନୟ କରିବା । ବାହୁ ପ୍ରସାର କରି ଚନ୍ଦ୍ରଭାନୁଙ୍କୁ ଆଲିଙ୍ଗନ କରିବାରେ ଲାବଣ୍ୟବତୀ ପ୍ରବୃତ୍ତ ହୁଅନ୍ତେ ଓ ସଖୀର ସ୍ଥାନାନ୍ତର ହେବା ସଙ୍ଗେ ସଙ୍ଗେ ମାୟାର ଭଙ୍ଗ ଅତି ଚମତ୍କାରଭାବରେ ପ୍ରଦର୍ଶିତ ହୋଇଅଛି । କର୍ପୂରମଞ୍ଜରୀରେ ଭୈରବାନନ୍ଦଙ୍କ ଦ୍ୱାରା କର୍ପୂରମଞ୍ଜରୀର ଆନୟନ ଓ ରାଜାଙ୍କ ସହ ମେଳନ ଓ ବିବାହର ଛାୟା ଏ ସ୍ଥାନରେ ପଣ୍ଡିତପ୍ରାୟ ଅନୁମିତ ହୁଏ । ଐନ୍ଦ୍ରଜାଲିକ କର୍ଣ୍ଣାଟକୁ ଆସି ଲାବଣ୍ୟବତୀର ଚନ୍ଦ୍ରଭାନୁଠାରେ ଅତ୍ୟାସକ୍ତି ବିଷୟ ଚନ୍ଦ୍ରଭାନୁଙ୍କୁ କହିବା ପ୍ରଭୃତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଅଛି ।

## ଷୋଡ଼ଶ ଛାନ୍ଦ

ମିତ୍ରମାନଙ୍କ ସମ୍ମୁଖରେ ଲାବଣ୍ୟବତୀର ଅନୁପମ ରୂପ ଓ ଗୁଣ ବିଷୟ ଚନ୍ଦ୍ରଭାନୁ ମୁଖରେ ଅତି ଚମତ୍କାର ଭାବାତ୍ମିକା ଭାଷାରେ କଥିତ ହୋଇଅଛି ।

## ସପ୍ତଦଶ ଛାନ୍ଦ

ଲାବଣ୍ୟବତୀର ସଖୀ ସ୍ୱ ଭଗିନୀ ମେଘମାଳାକୁ ରତ୍ନାକରର ସ୍ୱ ସ୍ତ୍ରୀ ଦ୍ୱାରା ହେମାଙ୍କ ବିବାହ ବିଷୟ ପ୍ରଶ୍ନ ଓ ଚନ୍ଦ୍ରଭାନୁର ଲାବଣ୍ୟବତୀଠାରେ ଆସକ୍ତି ବିଷୟ କଥନ । ଉପଯୁକ୍ତ ବରପ୍ରାପ୍ତିରେ ହେମାଙ୍କ ବିବାହ ସୁନିଶ୍ଚିତ, କିନ୍ତୁ ହେମା ସ୍ୱପ୍ନରେ ଯେଉଁ ପୁରୁଷରତ୍ନକୁ ଦେଖିଛନ୍ତି ତାଙ୍କୁ ସ୍ୱାମୀ ରୂପେ ବରଣ କରିବେ; ମେଘମାଳାର ଏହିପରି ଉକ୍ତିକୁ ରତ୍ନାକରଙ୍କୁ ତାର ସ୍ତ୍ରୀ କହିଲେ । ରତ୍ନାକର, ଶୁକ ଓ ବ୍ରହ୍ମଗୃହୀଙ୍କ ମନ୍ତ୍ରଣା । ଚନ୍ଦ୍ରଭାନୁ ହେମାଙ୍କ ଦ୍ୱାରା ସ୍ୱପ୍ନରେ ଦୃଷ୍ଟ ରତ୍ନାକର ଏ ବିଷୟ ପ୍ରଚାର କରିବାକୁ କହନ୍ତେ ବ୍ରହ୍ମଗୃହୀ ନିଜେ ସ୍ୱପ୍ନରେ ବନଦୁର୍ଗାଙ୍କର "ଉଭୟେ ଉଭୟଙ୍କଠାରେ ଆସକ୍ତ" ଉକ୍ତି ଶୁଣିବା ବିଷୟ ପ୍ରକାଶ କଲେ । ତହୁଁ ମେଘମାଳା ଶୁକ ସହ ଲାବଣ୍ୟବତୀ ନିକଟକୁ ପ୍ରେରିତ ହେଲା । ଲାବଣ୍ୟବତୀର ଶୟନକକ୍ଷର ଭିତ୍ତିରେ ଚନ୍ଦ୍ରଭାନୁର ଅଙ୍କିତ ପ୍ରତିମୂର୍ତ୍ତି ଓ କାମବାଧାରେ ଲାବଣ୍ୟବତୀର ଜୀର୍ଣ୍ଣଶୀର୍ଣ୍ଣତା ଦେଖିବା ଓ ଚନ୍ଦ୍ରଭାନୁଙ୍କ ଚିନ୍ତାରେ ହେମା ସର୍ବଦା ଦୁଃଖିନୀ ସଖୀର ଏହି ଉକ୍ତିରେ ଶୁକ ସାତିଶୟ ଦୁଃଖ ପ୍ରକାଶ କରି ଚନ୍ଦ୍ରଭାନୁଙ୍କ ନିକଟ ପତ୍ର ଦେବା ନିମିତ୍ତ ଲାବଣ୍ୟବତୀକୁ

ଅନୁରୋଧ କଲା । ଆମେ ସ୍ତ୍ରୀ, ପ୍ରଥମତଃ ଆମର ପତ୍ର ଲେଖିବା ଉଚିତ ନୁହେଁ, ତୁମେ ଯାଇ ସଖୀଙ୍କ ଅବସ୍ଥା ଜଣାଇ ଚନ୍ଦ୍ରଭାନୁଙ୍କଠାରୁ ପତ୍ର ଆଣିଲେ ଆମର ପତ୍ର ଦିଆଯିବ, ଏହା ସଖୀମାନେ ଏକସ୍ୱରରେ କହିଲେ । ଏହି ସ୍ଥଳରେ ମେଘମାଳାର ଚତୁରତା ସହିତ ଉତ୍ତର ଓ ଲାବଣ୍ୟବତୀ ଦ୍ୱାରା ପତ୍ର ପ୍ରଥମତଃ ନ ଲେଖାଇବା କବିଙ୍କ ବିଶେଷତ୍ୱ ।

### ଅଷ୍ଟାଦଶ ଛାନ୍ଦ

ବ୍ରହ୍ମଗୃହୀ ଲାବଣ୍ୟବତୀର ପ୍ରାଣ କଣ୍ଠଗତ କହି ଚନ୍ଦ୍ରଭାନୁଙ୍କଠାରୁ ପତ୍ର ନେଇ ଲାବଣ୍ୟବତୀଙ୍କୁ ପ୍ରଦାନ କରିବା ।

### ଊନବିଂଶ ଛାନ୍ଦ

ଲାବଣ୍ୟବତୀ ଦ୍ୱାରା ଚନ୍ଦ୍ରଭାନୁଙ୍କ ବିନୟପତ୍ରିକା ପଠନ । ଲାବଣ୍ୟବତୀର ଆନନ୍ଦ ଓ ମନୋହର ରସଗର୍ଭ ବାଣୀରେ ପତ୍ରିକା ଲେଖନ ।

### ବିଂଶ ଛାନ୍ଦ

ଲାବଣ୍ୟବତୀର ପତ୍ରିକା ନେଇ ଶୁକ ଓ ବ୍ରହ୍ମଗୃହୀର ଚନ୍ଦ୍ରଭାନୁ ନିକଟରେ ପ୍ରବେଶ ଓ ପତ୍ରିକା ଦାନ ଓ ଚନ୍ଦ୍ରଭାନୁର ଆନନ୍ଦ ।

### ଏକବିଂଶ ଛାନ୍ଦ

ବର୍ଷାଋତୁର ତଥା ଚନ୍ଦ୍ରଭାନୁର ବିରହ ବର୍ଣ୍ଣନା । ଶିବରାତ୍ରିରୁ ରାମେଶ୍ୱର ଦର୍ଶନ ନିମନ୍ତେ ଯିବା ଅର୍ଥେ ଲାବଣ୍ୟବତୀର ସଙ୍କେତ ପ୍ରଦାନ ହେତୁ ଚନ୍ଦ୍ରଭାନୁର ରାମେଶ୍ୱର ଗମନ ବିଚାର । ଲାବଣ୍ୟବତୀ ସଖୀ ନାମରେ ପତ୍ର ଲେଖି ନିଜର ବିରହକାତରତାର ସୁନ୍ଦର ସୂଚନା ଦେବା ଦ୍ୱାରା ନିଜର ଚତୁରତା ଦର୍ଶାଇଅଛି ।

### ଦ୍ୱାବିଂଶ ଛାନ୍ଦ

ବର୍ଷା ଋତୁରେ ଲାବଣ୍ୟବତୀର ବିରହ ବର୍ଣ୍ଣନା । "ମେଘାଲୋକେ ଭବତି ସୁଖିନୋଽପ୍ୟନ୍ୟଥାବୃତ୍ତି ଚେତଃ । କଣ୍ଠାଶ୍ଳେଷପ୍ରଣୟିନି ଜନେ କିଂ ପୁନର୍ଦୂରସଂସ୍ଥେ" କାଳିଦାସଙ୍କ ଏହି ଉକ୍ତିର ବିଶଦ ବ୍ୟାଖ୍ୟା ଏକରକମ ଏହି ଛାନ୍ଦରେ କବି ଉପେନ୍ଦ୍ର ସ୍ୱକଳ୍ପନା ଓ କବିତ୍ୱଚାତୁରୀରେ ପ୍ରଦାନ କରିଅଛନ୍ତି । କାମର ଦଶ ଦଶା ମଧ୍ୟରୁ ନବ ଦଶା ଏହି ବିରହ ଯନ୍ତ୍ରଣାରେ ବର୍ଣ୍ଣିତ ହୋଇଅଛି ।

### ତ୍ରୟୋବିଂଶ ଛାନ୍ଦ

ପିତା ସମ୍ମତ ହୋଇ ଚନ୍ଦ୍ରଭାନୁସହ ରାମେଶ୍ୱର ଯାତ୍ରା କଲେ । ସୈନ୍ୟ, ସାମନ୍ତ, ସଖା, ପରିଜନ, ଅନ୍ତଃପୁର, ଛତିଶପାଟକ ତଥା ନାନାବିଧ ଉପକରଣ ସହ ମହାସମ୍ଭାରରେ ଯାତ୍ରା ହେଲା । ଏହି ଯାତ୍ରା ନିମନ୍ତେ ବିଦାୟକାଳରେ

ଦମୟନ୍ତୀଙ୍କ ଉକ୍ତ ପ୍ରତ୍ୟୁକ୍ତି ଅତିକରୁଣ ଓ ହୃଦୟସ୍ପର୍ଶୀ ବାକ୍ୟବିନ୍ୟାସରେ ଉପନିବଦ୍ଧ ହେବା ହେତୁ କବିଙ୍କ ରସିକତାର ବିଲକ୍ଷଣ ପରିଚୟ ପ୍ରଦାନ କରେ ।

## ଚତୁର୍ବିଂଶ ଛାନ୍ଦ

ଯାତ୍ରାକାଳରେ ପତ୍ର ଦେଇ ଲାବଣ୍ୟବତୀ ନିକଟକୁ ବ୍ରହ୍ମଗୃହୀ ପ୍ରେରଣ ଓ ମୃଗୟାର ଜୀବନ୍ତ ଜ୍ୱଳନ୍ତ ଚିତ୍ର ପ୍ରଦାନ । ମୃଗୟାବିଧିର ଆଲେଖ୍ୟ । ନାନାବିଧ ପୁଷ୍ପଲତା ବୃକ୍ଷଙ୍କ ବର୍ଣ୍ଣନା ସହ ପଶୁପକ୍ଷୀମାନଙ୍କ ଚେଷ୍ଟାଦିର ଯଥାଯଥ ବିବରଣ ପ୍ରଦାନ ।

## ପଞ୍ଚବିଂଶ ଛାନ୍ଦ

ଅନ୍ତଃପୁର ସହିତ ଲାବଣ୍ୟବତୀର ସିଂହଳରାଜାଙ୍କ ସଙ୍ଗେ ବିହିତଯୋଗେ ରାମେଶ୍ୱର ଯାତ୍ରା । ଲାବଣ୍ୟବତୀର ଦୋଲାରେ ଆରୋହଣ କରି ମନ୍ଦିରକୁ ଯିବା ସମୟରେ ବ୍ରହ୍ମଗୃହୀ ଦ୍ୱାରା ପତ୍ରିକା ଦାନ । ପତ୍ର ପଢ଼ି ଲାବଣ୍ୟବତୀର ପ୍ରତ୍ୟୁତ୍ତର ପତ୍ରିକା ଦାସୀହସ୍ତରେ ପ୍ରଦାନ । ବ୍ରହ୍ମଗୃହୀ ସମୀପସ୍ଥ ଚନ୍ଦ୍ରଭାନୁଙ୍କୁ ଦାସୀଦ୍ୱାରା ପତ୍ରିକା ପ୍ରଦାନ ।

## ଷଡ଼୍ବିଂଶ ଛାନ୍ଦ

ଚନ୍ଦ୍ରଭାନୁ ସ୍ତ୍ରୀବେଶରେ ମନ୍ଦିରକୁ ଆସିଲେ ଲାବଣ୍ୟବତୀର ସାକ୍ଷାତ ହେବ; ମନ୍ତ୍ରୀକନ୍ୟାର ଏହି ପ୍ରସ୍ତାବକୁ ଶୁକର ଚନ୍ଦ୍ରଭାନୁଙ୍କୁ କହିବା । ନାନାଦେଶ ରାଜାଙ୍କର ରାମେଶ୍ୱରଠାରେ ସମାବେଶ । ସେ ସ୍ଥାନର ତୀର୍ଥର ମହିମା ବର୍ଣ୍ଣନା, ସିଂହଳରାଜଙ୍କ ଅନ୍ତଃପୁରର ଦେବଦର୍ଶନାର୍ଥ ଯାତ୍ରାବେଳେ କର୍ଣ୍ଣାଟରାଜଙ୍କ ଅନ୍ତଃପୁର ମଧ୍ୟ ଯିବେ ଏପରି ସିଂହଳରାଜଙ୍କ ଅନୁମତିରେ ଚନ୍ଦ୍ରଭାନୁର ସ୍ତ୍ରୀବେଶରେ ନାରୀରୂପେ ଅନ୍ତଃପୁର ମନ୍ଦିରେ ପ୍ରବେଶ ।

## ସପ୍ତବିଂଶ ଛାନ୍ଦ

ଲାବଣ୍ୟବତୀର ମନ୍ଦିରଗମନକାଳୀନ ଶୋଭା ବର୍ଣ୍ଣନା । ଚନ୍ଦ୍ରଭାନୁ ସହ ସାକ୍ଷାତ ନିମିତ୍ତ ଶୁକର ନିର୍ଦ୍ଦେଶ "ସୁମନା ରସାତୁର ହୋଇ ଭ୍ରମର ଏଡ଼ିଗେ କଣ୍ଠଅଛି ଆଶା" କହନ୍ତେ ଲାବଣ୍ୟବତୀର ସରସ ମଧୁର ଦୃଷ୍ଟିପାତ । ଦର୍ଶନ ଅବସରରେ ଆମ୍ଭମାନଙ୍କ ସୁରସିକ କବିଙ୍କ କି ଚମତ୍କାର ଉକ୍ତି, "ନୋହିଲେ ପତ୍ର ବେନି ଶୋଭା ରତ୍ନାକର ଦରଶନ ଲୋଭୀ ନୟନେ । ପ୍ରେମରତନ ଯତନ କରି ଖୋଜୁଅଛନ୍ତି କି ଅନିମିଷନେ । ମନ ଯେ ମହା କୃପଣ ଜନ ପରି । ସେ ବେନି କାମଧେନୁ କଳ୍ପପାଦପ ଯେଣୁ ବାଞ୍ଛାକୁ ସିଦ୍ଧି କରି—୨୬ । ୩୦ ଛାନ୍ଦ । ମାତାଙ୍କ ଆଦେଶରେ ଲାବଣ୍ୟବତୀର ମନ୍ଦିରତ୍ୟାଗ । ସେହି ସମୟର ବିଦାୟ ଉଭୟଙ୍କ ପ୍ରତି କପରି ଦୁଃସହ ତାହା କବିଙ୍କ ଉକ୍ତିରେ, "ଏ ବଚନ ଗ୍ରନ୍ଥି ପେସନ ଟେଳଇ ହରଷ ହରିଭୂଷଣକୁ । ବାହୁଡ଼ିଲା ବେଗେ ଶିବ 'ଦେଖି'

ସ୍ୱମା ଜଗାଇ ହୃଦକମଳକୁ । ମଦନ ଆବେଶ ଭୁମାର ପ୍ରବେଶ ହୋଇଲା କେଶର କାନନ । ଯେଣେ ଅନାଇଲେ ତେଣେ ଦିଶୁଅଛି କେବଳ ସୁନ୍ଦରୀ ଆନନ ।" ଚନ୍ଦ୍ରଭାନୁର ସ୍ତ୍ରୀବେଶରେ ଲାବଣ୍ୟବତୀକୁ ଦେଖିବା, ନାୟକ ପକ୍ଷରେ ସମୁଚିତ ନୁହେଁ, ଏହା କୁହାଯାଇ ପାରେ । କିନ୍ତୁ ପ୍ରେମର ଉନ୍ମାଦନାରେ ଲୋକ ଯନ୍ତ୍ରବତ୍ ଚାଳିତ ହୁଏ—ଏହାହିଁ ଅଭିପ୍ରାୟ ।

## ଅଷ୍ଟାବିଂଶ ଛାନ୍ଦ

ପ୍ରଭୃତିବର୍ଣ୍ଣନ.—ଲାବଣ୍ୟବତୀକୁ ବିବାହ କରିବାରେ ଚନ୍ଦ୍ରଭାନୁକୁ ସମ୍ମତ କରାଇବା ନିମନ୍ତେ ସିଂହଳେଶ୍ୱରଙ୍କଦ୍ୱାରା ପୁରୋହିତପ୍ରେରଣ । ଲାବଣ୍ୟବତୀଗତ-ପ୍ରାଣ ଚନ୍ଦ୍ରଭାନୁ ସମୀପରେ ପୁରୋହିତଙ୍କ ଉପସ୍ଥିତି ଓ ତାଙ୍କ ଦ୍ୱାରା ଦମ୍ପତୀ ସୁଖର ପ୍ରଶସ୍ତି କଥନ । 'ଚନ୍ଦ୍ରଭାନୁଙ୍କ ସହିତ ଲାବଣ୍ୟବତୀର ବିବାହ ବିଷୟରେ ଆପଣ ଯତ୍ନବାନ୍ ହେଉନ୍ତୁ' ଏହା ପୁରୋଧାପୁତ୍ର ରତ୍ନଧ୍ୱଜ କହନ୍ତେ କର୍ଣ୍ଣାଟ ପୁରୋହିତଙ୍କର ଚନ୍ଦ୍ରଭାନୁର ବିରହ ବେଦନାରେ ଦୁଃଖପ୍ରକାଶ । ଲାବଣ୍ୟବତୀର ପ୍ରଶଂସା କଥନ । ରତ୍ନଧ୍ୱଜ ସହ ସିଂହଳରାଜଙ୍କ ନିକଟ ପୁରୋହିତଙ୍କ ଗମନ । ବିବାହ ବିଷୟ ଉତ୍ଥାପନରେ ସିଂହଳେଶ୍ୱରଙ୍କ ସମ୍ମତିପ୍ରଦାନ । ଉତ୍ତମ ଭାବରେ ଜାତି-ଜମେଳନ ପରେ ବିବାହର ସ୍ଥିରୀକରଣ ।

## ଊନତ୍ରିଂଶ ଛାନ୍ଦ

ସିଂହଳରାଜଙ୍କର ଅନ୍ତଃପୁର ସହିତ ସ୍ୱରାଜ୍ୟ ପ୍ରତ୍ୟାବର୍ତ୍ତନ । ଲାବଣ୍ୟବତୀର ଖେଦ । ଲାବଣ୍ୟବତୀର କ୍ଷୀଣ ଶରୀର ଦେଖି ମାତାଙ୍କ ଦ୍ୱାରା ବିବାହ ସ୍ଥିର ହେବା ପ୍ରକାଶ । କର୍ଣ୍ଣାଟରାଜ ମଧ୍ୟ ସ୍ୱପୁତ୍ର ପରିଜନଙ୍କ ସହ ସିଂହଳରେ ପ୍ରବେଶ । ସିଂହଳ ଦର୍ଶନରେ ଚନ୍ଦ୍ରଭାନୁର ପ୍ରଶଂସା ଓ ଲାବଣ୍ୟବତୀ ସଂଯୋଗରେ ଭାବୀ ସୁଖଚିନ୍ତା । ଏହି ସମୟରେ ସିଂହଳର ମାଳିନୀ ଫୁଲ ଚନ୍ଦନ ସହ ଚନ୍ଦ୍ରଭାନୁଙ୍କ ସମୀପରେ ପ୍ରବେଶ । ଶୁକଦ୍ୱାରା ପରିଚୟ ପରେ ଚନ୍ଦ୍ରଭାନୁର ସାଗ୍ରହ ଫୁଲଚନ୍ଦନ ଗ୍ରହଣ । "ବୋଇଲା ଏ ଦ୍ରବ୍ୟେ କର । ଜୀବନ ପ୍ରଭୁର ମୋର ଲାଗିଥିବାରୁ ଶୀତଳ କରିବ ବିରହାନଳ ।" ଚନ୍ଦ୍ରଭାନୁର ଏହି ଉକ୍ତିରେ ମାଳିନୀର ସାତିଶୟ ସନ୍ତୋଷ ସହ ଉକ୍ତି, "ଏହି ସାନୁକ୍ରୋଶ ଗୁଣରୁ ସିନା ରାଜକେମାଙ୍କୁ ଏ କିଣା କିଙ୍କରୀ କରିଅଛନ୍ତି ।" ଏତତ୍ ପରେ ସିଂହଳରାଜଙ୍କ ଅନ୍ତଃପୁରରେ ଲାବଣ୍ୟବତୀ ସହ ସଖୀମାନଙ୍କ ନିକଟରେ ବୃଦ୍ଧା ଦାସୀର ସ୍ୱାମୀବଶୀକରଣାଦି ବିଧିମାନଙ୍କ କଥନ । ସ୍ତ୍ରୀ ଶରୀରକୁ ରମଣୋପଯୋଗୀ ତଥା ପୁଷ୍ଟ କରିବା ନିମନ୍ତେ ଔଷଧ, ଉରଜର କଠିନତା ସମ୍ପାଦାନ ନିମନ୍ତେ ତୈଳ, କେଶକୁ ପ୍ରଲମ୍ବ କରିବା ନିମନ୍ତେ ମସଲା, ଶରୀରଜ ସ୍ୱେଦର ଗନ୍ଧନାଶ ନିମନ୍ତେ ଲେପ ପ୍ରଭୃତିର ପ୍ରୟୋଗ ଓ କାମଶାସ୍ତ୍ର ପଠନର ଉପଯୋଗିତା କହନ୍ତେ

ବୃଦ୍ଧା ଦାସୀକୁ ସଖୀମାନେ 'ଲାବଣ୍ୟବତୀର ସେ ସବୁର ନିଷ୍ପ୍ରୟୋଜନୀୟତା' ଯୁକ୍ତିରେ ଦର୍ଶାଇ ବିଶେଷ ଚତୁରତାର କାର୍ଯ୍ୟ କରିଅଛନ୍ତି ।

## ତ୍ରିଂଶ ଛାନ୍ଦ

ବିବାହ ମଣ୍ଡପର ବର୍ଣ୍ଣନା । ଚିରପ୍ରଚଳିତ ବୈଦିକ ବିଧି ଅନୁସାରେ ବିବାହ ନିଷ୍ପାଦନ । ବିବାହ ବିଧିର ଆଦ୍ୟପ୍ରାନ୍ତ ଯଥାଯଥ ସରସ ବର୍ଣ୍ଣନା ।

## ଏକତ୍ରିଂଶ ଛାନ୍ଦ

ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ଭାବୀ ସଂଯୋଗ ତଥା ସମ୍ଭୋଗ ସୁଖର ଚିନ୍ତା । ନବ ଦମ୍ପତୀଙ୍କର ଶୟନଗୃହର ଚିତ୍ର—ଗୃହ ଭିତରେ ଚତୁଃଷଷ୍ଟି (ସଂଭୋଗର) ବନ୍ଧର ଚିତ୍ର, ସୁନ୍ଦର ମଣିମୟ ଗୃହ, ସରୋବର ସଦୃଶ ପ୍ରତୀୟମାନ କାଚ ତଳା ଚତ୍ୱରରେ ନାନା ବିଧ ରତ୍ନର ପଦ୍ମ, କୁମୁଦ, ହଂସ ଓ ଭ୍ରମରର ରୂପ । ନୀଳମଣିମୟ ସୋପାନରେ ନୃତ୍ୟଶୀଳ ମୟୂରର ଚିତ୍ର । ଶୟନକକ୍ଷର ଭିତ୍ତିରେ ରାଧାକୃଷ୍ଣ, ସୀତାରାମ, ମୋହିନୀ ଶିବ, କନକଶ୍ରୀ କୁବେର ,ଅଞ୍ଜନା ପବନ, ମେନକା ବିଶ୍ୱାମିତ୍ର ପ୍ରଭୃତି ପ୍ରେମୀ ପ୍ରଣୟିନୀମାନଙ୍କର ପ୍ରୀତି ଉଦ୍ଦୀପକ ଚିତ୍ରମାନ; ଦ୍ୱାରରେ ଛିଟର ଯବନିକା; ନାନାବିଧ ବସ୍ତ୍ର, ଚାମର, ଖଡ଼, ଫୁଲମାଳା, ରୁପାର ଦର୍ପଣ, ଜଳପୂର୍ଣ୍ଣ କାଚଝର, ସ୍ୱର୍ଣ୍ଣପାତ୍ରମାନଙ୍କରେ ଚନ୍ଦନ, କର୍ପୂର, ଅତର, ତାମ୍ବୂଲବଟିକା, ପିକ ପରିଖା ପ୍ରଭୃତିର କକ୍ଷରେ ଯଥା ସ୍ଥାନରେ ସ୍ଥାପନ । ପଲଙ୍କର ଚକସିଂହ ଖୁରା ତଳେ ଜଳଯନ୍ତ୍ର ଯୋଗ । ରତ୍ନମୟ ପଲଙ୍କୋପରି କର୍ପୂରରଜମଣ୍ଡିତ କୋମଳ ଶଯ୍ୟା, ନାଗେଶ୍ୱର ଫୁଲର ଉପଧାନ, ପଲଙ୍କର ଊର୍ଦ୍ଧ୍ୱରେ ମୁକୁରବିତାନ । ଶଯ୍ୟା ଉପରେ ସେବତୀ ଦଳ ଓ ଅତରଯୁକ୍ତ ଝୀନବସ୍ତ୍ରପାତ, ପଲଙ୍କ ଉପଶସ୍ଥ ଶଯ୍ୟାତୁଲ୍ୟ ଭୂମି ଉପରେ ମଧ୍ୟ ଅପରଶଯ୍ୟା ବିରଚନ । ଜରୀପଞ୍ଜରୀ ମଧ୍ୟସ୍ଥ ଦୀପ ପ୍ରଭୃତି ପଦାର୍ଥମାନଙ୍କରେ ସଖୀମାନେ କେଳିପୁରକୁ ମନୋହର ସାଜସଜ୍ଜାରେ ମଣ୍ଡିତ କଲେ ଓ ପୁରପାର୍ଶ୍ୱରେ କପୋତ, ଶୁକ, ସାରୀମାନଙ୍କ ପଞ୍ଜରୀ ସ୍ଥାପନ କଲେ । (ବାତ୍ସ୍ୟାୟନଙ୍କ କାମସୂତ୍ରର ସାଧାରଣ ଅଧିକରଣର ୪ର୍ଥ ଅଧ୍ୟାୟରେ ନାୟକ ନାୟିକଙ୍କ ଶୟନଗୃହର ଯେ ଚିତ୍ର ଅଛି, ତାହାର ଏ ବର୍ଣ୍ଣନ ପ୍ରାୟ ଅନୁରୂପ) । ପୁନଶ୍ଚ ମଧୁଶଯ୍ୟା ରାତ୍ରିରେ ଭୂମିରେ ଶଯ୍ୟାନ୍ତର ନିର୍ମାଣ ବିଷୟ କାମସୂତ୍ରରେ ସୁନ୍ଦରଭାବରେ ବର୍ଣ୍ଣିତ ହୋଇଅଛି । (ବିବାହାନନ୍ତରଂ ମଙ୍ଗଳାଚାରମାହ—ସଙ୍ଗତୟୋସ୍ତ୍ରିରାତ୍ରମଧଃ ଶଯ୍ୟା ବ୍ରହ୍ମଚର୍ଯ୍ୟଂ କ୍ଷାରଲବଣବର୍ଜମାହାରସ୍ତଥା ଆସପ୍ତାହଂ ସତୂର୍ଯ୍ୟମଙ୍ଗଳସ୍ନାନ-ପ୍ରସାଧନଂ ସହଭୋଜନଂ ଚ ପ୍ରେକ୍ଷାସମ୍ବନ୍ଧିନାଂ ଚ ପୂଜନମିତି ସାର୍ବବର୍ଣ୍ଣିକମ୍ । ତସ୍ମିନ୍ନେତାଂ ନିଶି ବିଜନେ ମୃଦୁଭିରୁପଚାରୈରୁପକ୍ରମେତ । ଉପକ୍ରମେତ୍ ବିସ୍ରମ୍ଭୟେଚ୍ଚ; ନ ତୁ ବ୍ରହ୍ମଚର୍ଯ୍ୟମତିବର୍ତ୍ତେତେତି ବାତ୍ସ୍ୟାୟନଃ । କୁସୁମଧର୍ମାଣୋ ହି ଯୋଷିତଃ ସୁକୁମାରୋପକ୍ରମ ଇତ୍ୟାଦି । ୩ୟ ଅଧିକରଣର ୨ୟ ଅଧ୍ୟାୟ ) ।

ଦିନରାତ୍ର ବା ସାତରାତ୍ର ବ୍ରହ୍ମଚର୍ଯ୍ୟ ପାଳନୀୟ; ଏପରି ଅର୍ଥ କରା ହୁଏ, କିନ୍ତୁ ଅନ୍ତତଃ ତିନିରାତ୍ର ବ୍ରହ୍ମଚର୍ଯ୍ୟ ପାଳନୀୟ । ଏହା ସର୍ବମତରେ ସ୍ୱୀକୃତ । ଉପେନ୍ଦ୍ର ନାୟକ ନାୟିକାଙ୍କ ସମ୍ଭୋଗଲୀଳା ବିବାହ ପରେ ପରେ ଅର୍ଥାତ୍ ଚତୁର୍ଥୀ ପୂର୍ବରୁ ଦର୍ଶାଇ ଅଶାସ୍ତ୍ରୀୟ କାର୍ଯ୍ୟ ସମ୍ପାଦନରେ ଅନ୍ୟାୟ କରିଅଛନ୍ତି ବୋଲି ପ୍ରତୀତ ହୁଏ । ଶ୍ରୁତି ଓ ସ୍ମୃତି ଅନୁମୋଦିତ ନ ହେଲେହେଁ ଆଗ୍ରହବଳରେ ଲୋକ କାର୍ଯ୍ୟ କରିବାକୁ ବାଧ୍ୟ ହୁଏ । ଏହି ହେତୁ ନ୍ୟାୟ ବା ଧର୍ମାନୁମୋଦିତ ହେଉ ବା ନ ହେଉ ସାଧାରଣ ଆଚରିତ କାର୍ଯ୍ୟ—ଆଗ୍ରହରୂପେ ଏପରି ବଳବାନ୍ ହୋଇ ପଡ଼େ ଯେ ତାହା ଲଙ୍ଘନ କରିବା ବଡ଼ ଦୁରୂହ । ଏ ପ୍ରସଙ୍ଗରେ ଉପେନ୍ଦ୍ର ବାତ୍ସ୍ୟାୟନଙ୍କ କାମସୂତ୍ର ନିଦେଶକୁ ପ୍ରତିପାଳନ ନ କରି ଲୋକାଚରିତ ବିଷୟକୁ ଗ୍ରହଣ କରିଅଛନ୍ତି । ପୁନଶ୍ଚ ଏ ବ୍ରୀଡ଼ାପ୍ରସଙ୍ଗ—ଏଥିରେ ବିଳମ୍ବ ଅସହ୍ୟମାନ । ଆଗ୍ରହର ସହାୟତା ହେତୁ ଉପେନ୍ଦ୍ର ବ୍ରୀଡ଼ାକୁ ଯଥାଯଥ ଶୃଙ୍ଖଳିତ କରିବାରେ ବୋଧ ହୁଏ ସାହସୀ ହେଲେ ନାହିଁ ।

## ଦ୍ୱାବିଂଶ ଛାନ୍ଦ

ବସନ୍ତକାଳର ଚନ୍ଦ୍ରୋଦୟକାଳୀନ ସନ୍ଧ୍ୟାର ଅତି ବାସ୍ତବ ଜ୍ୱଳନ୍ତ ଅପୂର୍ବ ମନୋହର ବର୍ଣ୍ଣନା । ଏପରି ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ଚାତୁର୍ଯ୍ୟ ଓ ରସିକତ୍ୱର ସମନ୍ୱୟ କ୍ୱଚିତ୍ ପରିଦୃଷ୍ଟ ହୁଏ । ପ୍ରକୃତିର ସୌନ୍ଦର୍ଯ୍ୟ ଉପେନ୍ଦ୍ରଙ୍କ ହୃଦୟ ଉପରେ ଓ ଉପେନ୍ଦ୍ରଙ୍କ ସୌନ୍ଦର୍ଯ୍ୟ ଅବବୋଧ ପ୍ରକୃତି ଉପରେ ଯୁଗପତ୍ କି ପ୍ରଭାବ ବିସ୍ତାର କରିଥିଲା, ତାହା ଭାବୁକ ରସିକଙ୍କ ଦ୍ୱାରାହିଁ ଅବଗତ ହୋଇପାରେ । ଛାନ୍ଦର ପ୍ରାରମ୍ଭରୁ ଦୀର୍ଘ ଏକବିଂଶାତ୍ମକ ପଦସମଷ୍ଟିରେ ସନ୍ଧ୍ୟା ବର୍ଣ୍ଣନ ପ୍ରବନ୍ଧ କି ଚମତ୍କାର ଭାଷାରେ ଓ ମନୋହର ଭଙ୍ଗୀରେ ସମ୍ପାଦିତ ତାହା କାବ୍ୟରାଜ୍ୟରେ ବିରଳ । ବିବାହ ପରେ ମଧୁଶଯ୍ୟା ପୁରକୁ ଯିବାର ଠିକ୍ ପୂର୍ବକାଳୀନ ଚନ୍ଦ୍ରିମା ନିଶି ଉଦ୍ଦୀପନକାରକ ହେତୁ ତାହାର ବର୍ଣ୍ଣନା ସମୀଚୀନ । କବି ମଧ୍ୟ ତାହା ଯଥାସ୍ଥାନରେ କହିଅଛନ୍ତି; “ଉଦ୍ଦୀପନକାରକ ଚନ୍ଦ୍ରିମା ନିଶି ଦେଖି । କଲେ ବେଗ ଜେମାକୁ ଚତୁରୀ ପ୍ରାଣସଖୀ ।” ଲାବଣ୍ୟବତୀର ସଖୀମାନଙ୍କ ଦ୍ୱାରା ବେଶବିନ୍ୟାସ, ନାନା ଛଳ, ଚାତୁରୀ ଓ ପରିହାସମୟୀ ଉକ୍ତି ଓ ସଖୀ-ମାନଙ୍କର ଲାବଣ୍ୟବତୀକୁ ନେଇ କେଳିପୁରର ଦ୍ୱାରଦେଶରେ ଉପସ୍ଥିତି । ଏ ଛାନ୍ଦର ବର୍ଣ୍ଣନା ଅତି ରସ ଓ କୌତୁକମୟ ।

## ତ୍ରୟସ୍ତ୍ରିଂଶ ଛାନ୍ଦ

ବଳାତ୍କାରରେ ଲାବଣ୍ୟବତୀକୁ କେଳିପୁରରେ ପ୍ରବେଶ କରାଇବା, ଗୃହ କବାଟ ବନ୍ଦ କରିବା ଓ ମୃଦୁ ସମ୍ଭୋଗ ନିମିତ୍ତ ସଖୀମାନଙ୍କର ଚନ୍ଦ୍ରଭାନୁକୁ ସବିନୟ ଅନୁରୋଧ କରିବା “ଅଳ୍ପରେ ଭୋଗ କରନ୍ତୁ ରଖି କ୍ଷଣୀ ଶେଷ” ଇତ୍ୟାଦି ।

ମେଲନ ପରେ କବି ଔପରିଷ୍ଟକ ବ୍ୟତୀତ ଆଲିଙ୍ଗନ, ଚୁମ୍ବନ, ଦନ୍ତକର୍ମ, ନଖକ୍ଷତ, ସୀତ୍କୃତ, ପାଣିଘାତ, ସଂବେଶନ, ଉପସୃତ ଓ ନିରାୟିତ—ନବବିଧ ରମଣର ବିଷୟ ବର୍ଣ୍ଣନା କରିଅଛନ୍ତି । ଔପରିଷ୍ଟକ ଅସଭ୍ୟ ଓ କୁତ୍ସିତ ରମଣ ( ବାତ୍ସ୍ୟାୟନ )। ଏପରି ରମଣମାନର ବର୍ଣ୍ଣନା ପ୍ରାଚୀନ କବିଗତ ପରମ୍ପରାର ଅନୁରୋଧରେ ହେଲେହେଁ ସୁରୁଚିର ଅନୁକୂଳ ନୁହେଁ ।

## ଚତୁଃତ୍ରିଂଶ ଛାନ୍ଦ

ପ୍ରଭାତରେ କେଳିଗୃହରୁ ସ୍ୱାମୀ ନିକଟରୁ ବାହାରି ଆସିବା ସମୟରେ ମଦାଳସା ଲାବଣ୍ୟବତୀର ଅଳସଭଙ୍ଗୀ ବା ଶୃଙ୍ଗାରମୟୀ ଚେଷ୍ଟାର ବର୍ଣ୍ଣନା । ସେହି କାଳର ଲାବଣ୍ୟବତୀର ଛବି କି ଶୋଭନ, ବାସ୍ତବ ଓ ଜୀବନ୍ତ ଭାବରେ ଉପସ୍ଥାପିତ କରି ହୋଇଅଛି ତାହା, ଭାବୁକର ଚିତ୍ତହିଁ ଗ୍ରହଣ କରିବାରେ ସମର୍ଥ । କି ଶୃଙ୍ଗାର, କି ରସିକତା ଓ କି ମଧୁର ଭାବର ଉନ୍ମାଦନାରେ ଲାବଣ୍ୟବତୀର ସମ୍ଭୋଗଚିହ୍ନ ଦର୍ଶନରେ ତଥା ଅଳସଭଙ୍ଗୀ ବିଷୟରେ ତର୍କଣାମାନ ହୋଇଅଛି ତାହା ବହିରଙ୍ଗା ରୂପିଣୀ ଭାଷାଦ୍ୱାରା ଅଭିବ୍ୟକ୍ତ କରି ହୋଇ ପାରେ ନାହିଁ । ଲାବଣ୍ୟବତୀର ନିତ୍ୟକର୍ମ ସମାପ୍ତି ପରେ ପୂର୍ବରାତ୍ରିର ଅନିଦ୍ରା ନିବାରଣାର୍ଥ ଶୟନ । ଏ ଛାନ୍ଦଟି ମଧ୍ୟ ବଉଳକଶା ବୃତ୍ତରେ ରଚିତ । ଧନ୍ୟ ରସିକ କବି ! ଏପରି ପରିହାସମୟୀ, ଶୃଙ୍ଗାରମୟୀ ଓ ରସମୟୀ ରଚନା ସାହିତ୍ୟ-ରାଜ୍ୟରେ ଏକାନ୍ତ ବିରଳ କହିଲେ ସତ୍ୟର ଅପଲାପ ହେବ ନାହିଁ ।

## ପଞ୍ଚତ୍ରିଂଶ ଛାନ୍ଦ

ସପ୍ତମଙ୍ଗଳା ଓ ଅଷ୍ଟମଙ୍ଗଳାଦି ଶେଷରେ ଚନ୍ଦ୍ରଭାନୁର ଅପର ତିନି ମିତ୍ର ଗୁଣନିଧି, ରତିଧ୍ୱଜ ଓ ପୁରନ୍ଦର—ଲାବଣ୍ୟବତୀର ତିନି ସଖୀ କାମକଳା, ହାରାବଳୀ ଓ ମେଘମାଳାକୁ ବିବାହ କଲେ । ଏମାନଙ୍କର କର୍ଣ୍ଣାଟ ପ୍ରତ୍ୟା-ଗମନାର୍ଥ ଆୟୋଜନ । ନାନାବିଧ ବହୁମୂଲ୍ୟ ଯୌତୁକ ସହିତ ଚନ୍ଦ୍ରଭାନୁଙ୍କର ସଖାମାନଙ୍କ ସହ କର୍ଣ୍ଣାଟ ଯାତ୍ରା । ଦେବତାମାନେ ନାରଦଙ୍କ ମୁଖରୁ ଲାବଣ୍ୟବତୀର ଶୋଭା ଶୁଣି ଈର୍ଷ୍ୟାରେ "ଦମ୍ପତୀଙ୍କର ବିଚ୍ଛେଦ ହେଉ" ଏ ରୂପ ଶାପ ପ୍ରଦାନ । ଦେବରମଣୀମାନେ ଲାବଣ୍ୟବତୀର ବିବାହରେ ସେମାନଙ୍କର ଭାବୀ ବିରହ ଆଶଙ୍କା ଦୂର ହେଲା ଦେଖି ସନ୍ତୋଷରେ 'ବର୍ଷକରେ ସେମାନଙ୍କର ମେଳନ ହେବ ଓ ତତ୍ପରେ ସେମାନେ ସୌଖ୍ୟରେ ଜୀବନ ଯାପନ କରିବେ; ଏହି ଆଶୀର୍ବାଦ କରି ସିନ୍ଧୁଦେଶସ୍ଥିତା ନିଶ୍ୱାସ ଚଣ୍ଡିକାଙ୍କୁ ଦମ୍ପତୀଙ୍କ ବିଚ୍ଛେଦ ଓ ମିଳନ କାର୍ଯ୍ୟ ସମ୍ପାଦନ ନିମିତ୍ତ ନିଯୋଜିତ କଲେ । ଲାବଣ୍ୟବତୀର ଶୋଭାର ଉତ୍କର୍ଷ ଦର୍ଶାଇବା ଛଳରେ କବିଙ୍କର ଏହି ଚତୁର ପ୍ରସ୍ତାବନା । ନାରଦ ଆପାତତଃ କଳହପ୍ରିୟ ଓ ଅନିଷ୍ଟକାରୀରୂପେ ଜ୍ଞାତ; କିନ୍ତୁ ପ୍ରକୃତରେ ଜଗତର ମଙ୍ଗଳ ତଥା ଶାନ୍ତିବିଧାନ ତାଙ୍କର କାର୍ଯ୍ୟ । ଏପରି ଦେବତାଙ୍କ ଦ୍ୱାରା ଶାପଗ୍ରସ୍ତ କରାଇ

ଚନ୍ଦ୍ରଭାନୁଙ୍କ ଦ୍ୱାରା କାଳକେତୁ ସଂଶପ୍ତକଙ୍କ ବିନାଶ ସାଧିତ ହୋଇଥିଲା । କର୍ଣ୍ଣାଟ ଦେଶରେ ଉପସ୍ଥିତ ମାତ୍ରେ ବରକନ୍ୟାଙ୍କର ଯଥାବିଧି ମାଙ୍ଗଳିକ କାର୍ଯ୍ୟ ନିଷ୍ପାଦନ । ଲାବଣ୍ୟବତୀର ସୌନ୍ଦର୍ଯ୍ୟ ପ୍ରଶଂସା କର୍ଣ୍ଣାଟ ଦେଶୀୟ ନାରୀମାନଙ୍କ ମୁଖରେ ଯେପରି ସରସ ଓ ଚମତ୍କାର ଭାବରେ ସଂବାହିତ, ତାହା ଅନ୍ୟତ୍ର ବିରଳ ଓ ତାହା କବିଙ୍କ ସୌନ୍ଦର୍ଯ୍ୟ ଉପାସକତ୍ୱର ଜ୍ୱଳନ୍ତ ନିଦର୍ଶନ । ତତ୍ପର ନବଦମ୍ପତି ସୁଖରେ ବାସ କଲେ ଓ ଯଥାକାଳରେ ଯଥାବିଧି ସିଂହଳ ରାଜପୁତ୍ର ଓ ମନ୍ତ୍ରୀଙ୍କୁ ବିଦାୟ ଦିଆଗଲା ।

## ଷଟ୍‌ତ୍ରିଂଶ ଛାନ୍ଦ

ଏହି ଛାନ୍ଦର ପ୍ରାରମ୍ଭରେ କବି ପ୍ରଧାନ ଋତୁମାନଙ୍କରେ କାଳୋପଯୋଗୀ ବିହାର ଶ୍ଳେଷରେ ବର୍ଣ୍ଣନ କରିଅଛନ୍ତି । କବିଙ୍କ ଉକ୍ତିରେ "ଏମନ୍ତ କାଳ-ମାନଙ୍କେ ନୃପ ନନ୍ଦିନୀର ସଙ୍ଗେ । ଗନ୍ଧନାମଶାଳୀ ଜଗତୀ ଅଙ୍କରେ ବିହାର କରାଇ ରଙ୍ଗେ" । ଲାବଣ୍ୟବତୀର ଟୀକା ଦ୍ରଷ୍ଟବ୍ୟ । ରସ ରଙ୍ଗରେ ଆମୋଦ ପ୍ରମୋଦରେ କାଳାତିପାତ କରିବା ବିଷୟ ଅତି ସୁନ୍ଦର ପରିପାଟିରେ ବର୍ଣ୍ଣିତ ।

## ସପ୍ତତ୍ରିଂଶ ଛାନ୍ଦ

କବି ଉପେନ୍ଦ୍ର ୩୬ ଛାନ୍ଦର ଶେଷରେ ୩୭ ଛାନ୍ଦର 'ମାନ' ବିଷୟ ସୂଚନା ଦେଇଅଛନ୍ତି । "ଏହି ସମୟରେ ବୀରମାତା ବଧୂକୁ ଦେଖିବା ପାଇଁ ନିଅଇ । ପ୍ରିୟା ପ୍ରତିପଟ୍ଟ ପେଡ଼ିରେ ଥିଲା ତା ଫେଡ଼ି ପୁତ୍ରକୁ ଦେଖଇ । ଏହି ସମୟରେ ତରମେ ଉବମବରନା ପ୍ରବେଶ ହେଲା । ପୁଣି କେ ସଦୃଶ ହେଲାଣି ସପତ୍ନୀ ହେବା ଶଙ୍କାକୁ ଘେନିଲା । ସ୍ୱଭାବେ କୋପନା ଚନ୍ଦ୍ରମ ଲପନା ନ ମଣିଲୁ ନିଜ ସ୍ନେହ । ଜଳେ ପ୍ରତିବିମ୍ବ ନିରେଖି କେଶରୀ ଯେମନ୍ତ କଲକ କୋହ ।" ସପତ୍ନୀର ପ୍ରତିପଟ୍ଟ ନିଜର ଅନୁପସ୍ଥିତିରେ ସ୍ୱାମୀ ଦେଖୁଥିବାରେ ଶଙ୍କା କରି ଲବଣ୍ୟବତୀ ମାନ କଲା । ମାନକାଳୀନ ନାରୀର ଲକ୍ଷଣ ଯଥାଯଥ ବର୍ଣ୍ଣିତ ହୋଇଅଛି । ଲାବଣ୍ୟବତୀର ମାନଭଙ୍ଗ ନିମିତ୍ତ ଚନ୍ଦ୍ରଭାନୁର ଚାଟୁକ୍ତି ଅତି ସୁନ୍ଦର ଓ ମର୍ମସ୍ପୃକ୍ । ଚାଟୁକ୍ତିର ଶେଷ କଥା "ଲବ ଅନ୍ତର ବିଶେ କାତର ହୋଇ ମାତର ଗୋରି । ନୋହେ କପଟ ଦେଖି ଲମ୍ପଟ ତୋ ରୂପପଟ ଧରି" ଇତ୍ୟାଦି । ଏହା ଶ୍ରବଣେ ଲାବଣ୍ୟବତୀର "ଏହି ବଚନାମୃତ ରଚନା କଲା ଶୋଚନା ଦୂର । ବକ୍ରେ ଚାହିଁଲା ମନ ମୋହିଲା ନେହୁଁ ରହିଲା ଶୀର । ବଳେ ବାହାର ହେଲା ତାହାର ହାସମୀହାରଭାନୁ । ଛାଡ଼ ହୁଡ଼ିଲା କଥା ପୋଡ଼ିଲା ବୋଲି ଜଡ଼ିଲା ତନୁ ।" ଏହି ଅକାରଣ ମାନଜନନ ଓ ଭଙ୍ଗରେ ଚନ୍ଦ୍ରଭାନୁର ଅନୁକୂଳତ୍ୱ ତଥା ଚରିତ୍ରବତ୍ତାରେ ଲାବଣ୍ୟବତୀର ଦୃଢ଼ ପ୍ରତ୍ୟୟ ଏବଂ ନିଜର ଅବିମୃଷ୍ୟକାରିତା ତଥା ଚପଳତାଜନିତ ବୃଥା କୋପରେ ନିତାନ୍ତ ଦୁଃଖିତା

ତଥା ଲଜ୍ଜିତା ହୋଇ କାନ୍ତଙ୍କ ପ୍ରତି ବିଶେଷ ଅନୁରକ୍ତି ଦର୍ଶାଇ। କବି ନିଜର ଅପୂର୍ବ ଚାତୁର୍ଯ୍ୟ ତଥା ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରିଅଛନ୍ତି ।

## ଅଷ୍ଟତ୍ରିଂଶ ଛାନ୍ଦ

ବସନ୍ତର ଚନ୍ଦ୍ରମା ନିଶିରେ ସୁରତି ଶେଷରେ ଚନ୍ଦ୍ରଭାନୁ ଲାବଣ୍ୟବତୀର ଶୋଭା ଗୁଣକୁ ପ୍ରଶଂସି ରସଗର୍ଭ ବଚନକୁ ଭାଷିବାକୁ ଲାଗିଲେ । ନାନାବିଧ ଚାଟୂକ୍ତିରେ ନିଶ୍ଚୟ କଲେ ଯେ ଲାବଣ୍ୟବତୀ କଦାଚ ମାନ କରିବ ନାହିଁ ଓ ସେ ନିଜେ କେବେହେଲେ ପ୍ରବାସ କରିବେ ନାହିଁ । "ଏରୂପେ ଚାଟୂପ୍ରକାଶି ବଲ୍ଲଭ ବଲ୍ଲଭୀ ତୋଷି, ଅନୁଗ୍ରହ ଚୁମ୍ବ ଆଲିଙ୍ଗନ । ଲଭ ହେଲେ ହରଷିତ ନିଶ୍ଚୟ କଲେ ଏମନ୍ତ ରସବତି ନ କରିବୁ ମାନ ରେ । ଜୀବେଶ୍ୱର । ପରବାସ ନ କରିବ କେବେ । କଲ ଏମନ୍ତ ସମ୍ମତ ଶଙ୍କା ହୋଇଗଲା ହତ ମାତିଲେ ବିଳାସ ମହୋତ୍ସବେ ସେ ॥ ଏହି ଛାନ୍ଦରେ କବି ଏକପତ୍ନୀବ୍ରତକୁ ବିଶେଷ ପ୍ରଶଂସା କରିଅଛନ୍ତି । ସେ ଏଥିର ମଧ୍ୟ ପକ୍ଷପାତୀ ଥିଲେ ।

## ଊନଚତ୍ୱାରିଂଶ ଛାନ୍ଦ

ଦୁଷ୍ଟ ପୁଲୋମ କାଳକେୟଗଣ ଅସପ୍ତକ ସହ ଋଷିବୃନ୍ଦଙ୍କ ଯାଗନାଶ କରନ୍ତେ ଋଷିମାନେ ଚନ୍ଦ୍ରଭାନୁଙ୍କୁ ରକ୍ଷା କରିବା ନିମନ୍ତେ ଉଚ୍ଚରେ ଆହ୍ୱାନ କଲେ । ସର୍ବଜ୍ଞ ମୁନିଗଣ ଦେବତାଙ୍କ ଶାପ ଜାଣି ପାରି ସିନ୍ଧୁଦେଶସ୍ଥିତା ନିଃଶ୍ୱାସିକା ଚଣ୍ଡୀଙ୍କୁ 'ଚନ୍ଦ୍ରଭାନୁଙ୍କୁ ମାୟାରେ ହରଣ କରିବାକୁ' ପ୍ରେରଣ କଲେ । କାବେରୀକୂଳସ୍ଥ ରସୋଦୟ ବନରେ ଚନ୍ଦ୍ରଭାନୁ ସ୍ୱ ସଖାଙ୍କ ସହ ସ୍ୱ ସ୍ୱ ପତ୍ନୀମାନଙ୍କ ସଙ୍ଗରେ ବିହାର କରୁଥିଲେ । ନିଶ୍ୱାସିକା ଚଣ୍ଡୀ ମରାଳୀ ରୂପେ ହରଣ କରିବାର ପ୍ରତୀକ୍ଷାରେ ରହିଲେ । ଲାବଣ୍ୟବତୀର 'କୁସୁମ ସମୟ ଉଦୟ' ହେବାରୁ ଚନ୍ଦ୍ରଭାନୁ ସ୍ୱ ଚାରି ସଖାଙ୍କ ସଙ୍ଗରେ ଓ ଲାବଣ୍ୟବତୀ ନିଜର ଚାରିସଖୀଙ୍କ ସଙ୍ଗରେ "ଭିନ୍ନ ଭିନ୍ନ ହୋଇ, ବନରେ କେଳି ବିରଚିଲେ ତହିଁ ।" ଏହି କାଳରେ ପ୍ରଚଣ୍ଡ ବାତର ରଜଯୋଗରେ ଚାରିମିତ୍ରଙ୍କ ସହ ଚନ୍ଦ୍ରଭାନୁର ନେତ୍ର ମୁଦ୍ରିତ ହେବାରୁ ଚଣ୍ଡୀ ସେମାନଙ୍କୁ ହରଣ କରି ଇଳାବୃତ୍ତ ଖଣ୍ଡରେ ନେଇ ରଖିଲେ । ବାତର ନିବୃତ୍ତିନ ପରେ ମିତ୍ର ସହ ଚନ୍ଦ୍ରଭାନୁଙ୍କ ଅନ୍ତର ହେବା ଜାଣି ସଖୀଙ୍କ ସହ ଲାବଣ୍ୟବତୀ ଦୁଃଖାର୍ଣ୍ଣବରେ ମଗ୍ନ ହେଲା । ଜ୍ୟୋତିଷ କନ୍ୟା 'ଶକୁନେ ଜାଣିଲା ବିଚ୍ଛେଦ ବୋଲି' । କର୍ଣ୍ଣାଟରାଜ ଏହା ଜାଣି ଇଷ୍ଟଦେବୀ ଦୁର୍ଗାଙ୍କୁ ଉଭା କରାଇ ( କାଳସୀ ଦ୍ୱାରା ) ଦେବଙ୍କ ଶାପହେତୁ ବିଚ୍ଛେଦ ବିଷୟ ଜାଣିଲେ । ଏଣେ ମାୟା ଦୂର ହୁଅନ୍ତେ ସଖାଙ୍କ ସହ ଚନ୍ଦ୍ରଭାନୁ ବିଚ୍ଛେଦ ଜାଣି ଦୁଃଖରେ କାତର ହେଲେ । ଚନ୍ଦ୍ରଭାନୁଙ୍କ ଶୋକ ହୃଦୟସ୍ପର୍ଶୀ । କବି ନିଜର ପତ୍ନୀମୃତ୍ୟୁଜନିତ ଦୁଃଖକୁ ନାନା ବ୍ୟପଦେଶରେ ନାୟକମୁଖରେ ବ୍ୟକ୍ତ କରିଅଛନ୍ତି । କାହିଁକି ଦାସରେ ଏଡ଼େ କପଟ; କପଟ ଭିତରେ ଯାଉଛି

ଘଟେ । ଘଟ ଆଉ କେତେ ଦିନ ରହିବ; ଜୀବ ଯେବେ ଭିନ୍ନ କରି ଦେଇବ । ବୁଡ଼ିଲେ ଚେତନା । ଭୋଗ ନ କରନ୍ତି କି ବେଦନା ॥ ଭୋଗ କରୁଥାଇଁ ଯୋଗରେ ମୁହିଁ । ଯୋଗରେ ଶିବ ଯୋଗରେ ମନାଇଁ । ଯାହା କଲି ତେର ମୋର ବିଚ୍ଛେଦ । ନୋହିଲି କାହିଁପାଇଁ ଶିରଚ୍ଛେଦ । ଯୁବାଙ୍କୁ ଯୁବତୀ । ବିଚ୍ଛେଦରୁ ଆଉ ନାହିଁ ବିପତ୍ତି ॥ ଛାନ୍ଦ ୩୯-୨୨-୨୩ ପଦ । ବିରହରେ ଚନ୍ଦ୍ରଭାନୁ ଉନ୍ମତ୍ତ ପ୍ରାୟ ହୋଇ ରାମଚନ୍ଦ୍ରଙ୍କ ପକ୍ଷୀୟ ମର୍କଟ ସେନାପତିଙ୍କ ନାମଧାରୀ ପାବନ, ଜାମ୍ବବ, ଡାଳମ୍ବ, କୁନ୍ଦ, ପନସ, କଞ୍ଚନ, ଚନ୍ଦନ ବୃକ୍ଷମାନଙ୍କୁ ଅନୁରୋଧ କଲେ । ତୁମ୍ଭେମାନେ ଅନୁରାଗୀ ହୋଇ "ଶ୍ରୀରାମଙ୍କୁ ଦେଲ ହିକଲି ବନିତା" ବର୍ତ୍ତମାନ ଦୟା ପରବଶ ହୋଇ ମୋ ବନିତା ଦିଅ । ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ କଲି ମାତ୍ରେ ଦେବର୍ଷି ନାରଦଙ୍କ ବୀଣାନାଦ ସହ ବାଣୀ ମଧ୍ୟ ଶୁଣାଗଲା, "ଯୁବରାଜନ ମନରେ ନ ଭଲ । ବାଳା ଲଭିବ କାରୁଣ୍ୟ ସମ୍ଭାଳ । ଅମର ଶାପରେ । ହେବ ବିଚ୍ଛେଦ ମାତ୍ର ସମ୍ପ୍ରତିରେ ।" ଏହାର ଶ୍ରବଣ ପରେ ତାଙ୍କର ଜ୍ଞାନ ହେଲା ଯେ ସଖୀଙ୍କ ସହ ସ୍ଥାନାନ୍ତରିତ ହୋଇ ଇଳାବୃତ୍ତ ଖଣ୍ଡରେ ସ୍ଥାପିତ ହୋଇଅଛନ୍ତି । ତତ୍ପରେ ବ୍ୟାକୁଳ ହୋଇ ମିତ୍ରଙ୍କ ସହ ଇତସ୍ତତଃ ଭ୍ରମଣ କରନ୍ତେ କିନ୍ନରୀମାନେ ଏରୂପ ଦର୍ଶନରେ ମୁଗ୍ଧ ହେବେ ଏହି ହେତୁରେ କିନ୍ନରମାନେ ମିତ୍ର ସହ ଚନ୍ଦ୍ରଭାନୁଙ୍କୁ ମଣିଗୁହା ମଧ୍ୟରେ ସ୍ଥାନ ଦେଲେ । କବି ସ୍ୱ ଗ୍ରନ୍ଥରେ ଚଣ୍ଡୀଙ୍କୁ ସ୍ମରଣ କରିବାର ସୁଯୋଗ ଦେବା, ଜ୍ୟୋତିଷବିଦ୍ୟାର ତଥା କାଳସୀର ମାହାତ୍ମ୍ୟ, ନିଜର ଦୁଃଖାନୁଭୂତିର ପ୍ରକାଶ; ସୁନ୍ଦର ଭଙ୍ଗୀରେ ଚନ୍ଦ୍ରଭାନୁର ଉନ୍ମତ୍ତତାର ପରିଚୟ; ରାମନାମର ମାହାତ୍ମ୍ୟ ତଥା ଚନ୍ଦ୍ରଭାନୁର ଅପ୍ରତିମ ରୂପର ଆଭାସ ନିଜର ଅପୂର୍ବ ବୁଦ୍ଧିମତ୍ତାରେ ପ୍ରଦର୍ଶିତ କରିଅଛନ୍ତି ।

## ଚତ୍ୱାରିଂଶ ଠାରୁ ଚତୁଃଚତ୍ୱାରିଂଶ ଛାନ୍ଦମାନ

କବି ଉପମା ଶ୍ଳେଷାଦି ଅଳଙ୍କାର ଯୋଗେ ଗ୍ରୀଷ୍ମାଦି ଋତୁମାନଙ୍କର ଜୀବନ୍ତ, ସରସ ତଥା ଜ୍ୱଳନ୍ତ ଚିତ୍ର ପ୍ରଦାନ କରିଅଛନ୍ତି । ସେ ବସନ୍ତ ଋତୁରେ ବିଚ୍ଛେଦ ଘଟାଇ ଗ୍ରୀଷ୍ମ, ବର୍ଷା, ଶରତ୍, ହେମନ୍ତ ଓ ଶିଶିର ଋତୁମାନଙ୍କରେ ନାୟକ ନାୟିକାଙ୍କୁ ବିରହଯନ୍ତ୍ରଣା ଭୋଗ କରାଇ ପୁନଶ୍ଚ ବସନ୍ତରେ ମିଳନ କରାଇଛନ୍ତି । ଋତୁମାନଙ୍କ ଉପଯୋଗୀ ବିଷୟମାନଙ୍କ ଉପସ୍ଥାପନରେ କବିଙ୍କର ପ୍ରକୃତ ରହସ୍ୟଜ୍ଞତାର ପରିଚୟ ପ୍ରଦାନ କରେ । ଭିନ୍ନ ଭିନ୍ନ ଋତୁକାଳୀନ ନାୟକ ନାୟିକାଙ୍କ ସଂଯୋଗଜ କ୍ରିୟାକଳାପ ଓ ବିରହରେ ତଦ୍ ତଦ୍ ଅଭାବରେ ଯେ ଦୁଃଖାନୁଭୂତି ସେ ସମସ୍ତ ଅତ୍ୟନ୍ତ ମନୋହର ପ୍ରାଣସ୍ପର୍ଶୀ ବାକ୍ୟବିନ୍ୟାସରେ ଉପନିବଦ୍ଧ ହୋଇଅଛି । ପ୍ରତ୍ୟେକ ଋତୁରେ ବିରହୀ ନାୟକର ଖେଦୋକ୍ତିରେ କବିଙ୍କ ସ୍ୱ ହୃଦୟଭାବ ସ୍ପଷ୍ଟତଃ ପ୍ରକାଶମାନ ହୋଇଅଛି । ଗ୍ରୀଷ୍ମଋତୁ ବର୍ଣ୍ଣନାରେ "ପରେ ପରେ ଅଣି ସରବେ କରାଇ

ବିଧାତା ବିଧାନ ଦେଖ । ପୀରତି ହୋଇ କଥାଏ ଉପୁଜଇ ପରମ ରମ୍ୟଟି ସୁଖ ।” × × × × “ଏହା ସୁମରିବା ଠାରୁ ମରିବାର ଭଲ ଘେନୁଅଛି ମନେ । ପୁନଶ୍ଚ ଦିନ ଦିନକରେ କନକଅଙ୍ଗୀର ଅନେକ ଭାବକୁ ଧାୟି । ଜୀବ ଥିବାଯାକ ଜୀବକା କରି ମୁଁ ବୁଲୁଥିବି ଯୋଗୀ ହୋଇ । ଗୁରୁଶୀଳା ନାମ ଉଚ୍ଚାରୁଁ ଉଚ୍ଚାରୁଁ ମାରୁଁ ଏକା ମୋତେ ମାର । ରସିକ ସଂସାର ମଧ୍ୟରେ ପ୍ରଶଂସା ସାର ହୋଇ ରହୁ ମୋର ।” ପୁନଶ୍ଚ ବର୍ଷା ଋତୁରେ—“ସୁନ୍ଦରୀ ଯେତେ ଗୁଣବତୀ ତେତେ । ଜୀବନପ୍ରଭୃ ମୋ ବନିତ୍ରୀ କେତେ । ଥାଉ ଆଉ ଏ ଘେନାଘେନ ଭାବ । ମନୁ ଜୀବ ଯିବାଯାଏ ନ ଯିବ । ଦଇବ କି କଲା । କାହିଁ ବିଚ୍ଛେଦ ଦଣ୍ଡ ରଖିଥିଲା ।” ଶରତ୍ ଋତୁର ବର୍ଣ୍ଣନା ଅବସରରେ ଚନ୍ଦ୍ରଭାନୁ ଲାବଣ୍ୟବତୀର ମୃଦୁତା ଓ ଶୀଲତାକୁ ପ୍ରଶଂସା କରିବା, “ଆଜ ଯାଏ ସେ ଚତୁରୀବଚନ । ନେନେ ମନେ କରିଅଛି ସଦନ । ସେହି ଦିନେ ପ୍ରଥମେ କଥା ଶୁଣା । ଦିନେ ସାଥୀ ପଢ଼ାଉଁ ସୁଲକ୍ଷଣା । ଜାଣି ଲୁଚି ମୁଁ ଶୁଣିଲି ସ୍ୱଚ୍ଛେ । ସାସ୍ତ୍ର ପଢ଼ିଦେଲ ଯେ କାନ୍ତ ପଛେ । ସଲଜ୍ଜିତ ଜିତେନ୍ଦ୍ରିୟ ମୋହିନୀ । ଦେଇ ଗୁରୁ ଚିବୁକରେ ତର୍ଜନୀ” ଇତ୍ୟାଦି । ସ୍ତ୍ରୀର ସ୍ୱାମୀ ସମୀପରେ ଉଚ୍ଚରେ ଭାଷଣ କରିବା ଅନୁଚିତ । ଶାସ୍ତ୍ରୀ ପଢ଼ାଇବାରେ ଉଚ୍ଚ ସ୍ୱରରେ ପଢ଼ାଉଥିବାବେଳେ ଚନ୍ଦ୍ରଭାନୁ ଉପସ୍ଥିତ ହେବା ଓ ଶାସ୍ତ୍ରୀର ତାହା କହିବାରେ ଲାବଣ୍ୟବତୀ ଲଜ୍ଜିତ ହେବା ବିଷୟଟି କବି ବର୍ଣ୍ଣନା କରି ନାରୀ ସମୟୁକ୍ତତାର ସୁନ୍ଦର ପରିଚୟ ପ୍ରଦାନ କରି ଅଛନ୍ତି । ଶରତ୍ ଋତୁରେ ନାୟକର ଖେଦୋକ୍ତି:— “ଯିବ ସହସ୍ର ଜନ୍ମେ କି ପାସୋର । ଅମୃତରୁ ପ୍ରିୟାବାଣୀ ମଧୁର । ମନ ମୋହର ଭ୍ରମୁଛି କରତେ, ମଶା ମଶାରିରେ ପଡ଼ି ଯେମନ୍ତେ ।” ପ୍ରିୟାବିରହରେ କି ଆକୁଳ ସ୍ପନ୍ଦନ; ଉନ୍ମାଦନ ହେତୁ ମେଳନ ନିମନ୍ତେ ଅସମ୍ଭାବ୍ୟ ଅଦ୍ଭୁତ କଳନା ପରେ ନିଜର କର୍ତ୍ତବ୍ୟ ବିମୂଢ଼ତାସୂଚକ ଉକ୍ତିକୁ ବିଜୟ ମଜୁମଦାର କି ବୀଭତ୍ସ ଅର୍ଥ କରିଅଛନ୍ତି । ବୀଭତ୍ସ ମତ ପ୍ରକାଶ ବୀଭତ୍ସ ରୁଚିର ବହିଃପ୍ରକାଶ ମାତ୍ର । ହେମନ୍ତ ଋତୁରେ “ଆଉ ପାଇବି କି ଯୁବତିବରକୁ ନାହିଁ ଏ ପରତେ । ଯଗୀ ହୋଇ ଯାଇ ଦେଲି ଭାବମାନ ଜପିବି ନିରତେ । ବାଇଁଶି ତରୁତଳେ ବସି କାଶିବାସୀ ତୋଷି ଏ କାମନା । ଗଙ୍ଗାସାଗରେ ଝାସି ହେଲେ ଲଭିବି ଗଜେନ୍ଦ୍ରଗମନା ।” ଶିଶିର ଋତୁରେ ୪୪ ଛାନ୍ଦର ୩ ପଦରୁ ୧୧ ପଦମାନଙ୍କ ମଧ୍ୟରେ “କଷଟି ପାଷାଣେ ବାରବାନି ସୁନା ଗିରି ପରି ହୋଇ ଯେହ୍ନ । ପଙ୍କଜ ପଲ୍ଲବ ଶେଜେ ଶୋଇଥିବ ମୋହର ବଲ୍ଲଭୀ ସେହ । ହେ ଗୁଚ୍ଛକୁ ତାକୁ ମ ଭର । ଏତିକି ପ୍ରାର୍ଥନା ମୋର ।୮। ଆହୁରି କଥାଏ ଯଥା ଏକ ନାମ ଅଶ୍ୱିନୀକୁମାର ଦୁଇ । ସେହ୍ନ ପ୍ରକାରେ ତା ମୋର ଏକ ପ୍ରାଣ କେବଳ ଯୁଗଳ ଦେହୀ । ହେ ଯେବେ ମୋର ପ୍ରାଣ ଯିବ । ବାଳାଦେହେ ସମ୍ଭାଇବ ।୧୦।

କାଳିଦାସଙ୍କ ଉତ୍ତରମେଘର ଛାୟା ଏଥିରେ ପତିତ ହେବା ସମ୍ଭବ । ଏହାପରେ ନାୟକର ଖେଦରେ କବିଙ୍କ ମନୋଗତ ଭାବ ସ୍ପଷ୍ଟରୂପେ ପ୍ରକାଶମାନ । କବି ନିଜ ଉକ୍ତି ସାର୍ଥକ କରି "ରସିକ ସଂସାରମଧ୍ୟରେ ସାର" ରୂପେ ପ୍ରଶଂସା-ଭାଜନ ହୋଇଅଛନ୍ତି । ନାୟିକା ଲାବଣ୍ୟବତୀର ବିରହଜନିତ ଖେଦରେ ସରଳପ୍ରାଣ ପତିବ୍ରତାର ଉଚ୍ଛ୍ୱାସ, ଆବେଗ କରୁଣଲହରୀରେ ଭାସମାନ ହୋଇ ପ୍ରୀତିର ସର୍ବୋତ୍ତମତ୍ୱ ପ୍ରକାଶ କରୁଅଛି । ନାୟକର ବିଳାପରେ କବି କବିହୃଦୟଗତ ଅନୁଭୂତିର ସହଜ କରୁଣ ହୃଦୟବଲ୍ଲୀର ବିଧୂନନ ସ୍ୱତଃ ପ୍ରକାଶମାନ ହୋଇଅଛି ।

## ପଞ୍ଚଚତ୍ୱାରିଂଶ ଛାନ୍ଦ

ଚନ୍ଦ୍ରଭାନୁଙ୍କଦ୍ୱାରା କାଳକେୟ ସଂଶପ୍ତକ-ମାନଙ୍କ ଜୟରେ ଚନ୍ଦ୍ରଭାନୁଙ୍କ କୀର୍ତ୍ତିର ଜଗତ୍ ବ୍ୟାପିବା ଅଦ୍ଭୁତ କଳନାବିଭବର ପରିଚୟ ପ୍ରଦାନ କରେ । ଏହି ଛାନ୍ଦରେ ବୀର, ଭୟାନକ, କରୁଣ ଓ ବୀଭତ୍ସ ରସମାନଙ୍କର ଯଥାଯଥ ଚିତ୍ର ପ୍ରଦତ୍ତ ହୋଇଅଛି । ଚନ୍ଦ୍ରଭାନୁଙ୍କୁ ନବରସରେ ନବଗ୍ରହଙ୍କ ସଙ୍ଗେ ତୁଳନା କରି କବି ନିଜର ପାଣ୍ଡିତ୍ୟ ତଥା ବୁଦ୍ଧିଚତୁରତାର ପରିଚୟ ପ୍ରଦାନ କରିଅଛନ୍ତି ।

## ଷଟ୍‌ଚତ୍ୱାରିଂଶ ଛାନ୍ଦ

ସ୍ୱଦେଶଗତ ପୁରୁଷଙ୍କୁ ଚନ୍ଦ୍ରଭାନୁ ଦେଖି ରାଜ୍ୟର ତଥା ସ୍ୱପ୍ରିୟାର କୁଶଳବାର୍ତ୍ତା ପଚାରିବା ଲାବଣ୍ୟବତୀ ବିରହରେ ସାତିଶୟ କ୍ଷୀଣ ତଥା ମୃତକଳ୍ପା ହୋଇଥିବା ଶୁଣି ସିଦ୍ଧିଜାତୀୟ ହୟପୃଷ୍ଠରେ ପବନ-ଗତିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ଓ ଅଜ୍ଞାତସାରରେ ଉପସ୍ଥିତ ହୋଇ ହଠାତ୍ ପ୍ରିୟାକୁ ଆଶ୍ଳେଷ କଲେ, ପ୍ରିୟାର ମାନ କରିବାର ଅବସର ନ ଥିବା ବିଷୟ କବି ନାୟକର ଭାବୀ ସ୍ୱପ୍ରିୟା ବିଷୟକ ଭାବନାକୁ ଏପରି ମନୋହର ହୃଦୟସ୍ପର୍ଶୀ ଭାଷାରେ ତଥା ନାଟକୀୟ ଛଟାରେ ଅଭିବ୍ୟକ୍ତ କରିଅଛନ୍ତି, ତାହା ପାଠ କଲେ ଭାବୁକର ହୃଦୟ ସ୍ୱତଃ ପ୍ରୀତିରସରେ ଆର୍ଦ୍ର ହେବ । "ଅଜାଗେ ମୁଁ ପଛୁଁ ଯାଇଁ କରିବି ଅଶ୍ଳେଷ । ନ ପାଇବ ସୁମୁଖୀ ମାନକୁ ଅବକାଶ ।" ପୁଣି ଭାବନା ପରେ—"ତ୍ୱରେଗେ ବୋଲିବ ଅଇଲି ତୋ ଲୋଡ଼ିଲି ଦାସ । ନ ପାଇବ ସୁମୁଖୀ ମାନକୁ ଅବକାଶ"—ପୁଣି ଅନ୍ୟ ଭାବନା ପରେ "ଚମକ ଶୃଙ୍ଖିବା ବେଳେ ଜାଣିବ ହରଷ । ନ ପାଇବ ସୁମୁଖୀ ମାନକୁ ଅବକାଶ ।" ପୁନଶ୍ଚ ଭାବନାନ୍ତର ପରେ "ଶୁଣି ଏ ବାଣୀ ଅଧିକ ଦ୍ରବିବ ମାନସ । ନ ପାଇବ ସୁମୁଖୀ ମାନକୁ ଅବକାଶ ।" ସର୍ବଶେଷ ଭାବନା ପରେ "ସଖୀ ଡାକଦେବ ଅନ୍ନ ନିଅଛାଇ ଆସ । ନ ପାଇବ ସୁମୁଖୀ ମାନକୁ ଅବକାଶ ।" ୨୧ ପଦଠାରୁ ୩୦ ପଦ ପର୍ଯ୍ୟନ୍ତ ଦେଖ । ଚନ୍ଦ୍ରଭାନୁଙ୍କର କାଞ୍ଚୀ

ନଗର ପ୍ରବେଶବେଳେ ବନ୍ଦୀମାନଙ୍କ ମୁଖରୁ ଅଦ୍ଭୁତ କୀର୍ତ୍ତିଗାନ ଶ୍ରବଣ; ରାଜା ସେ କବିତ୍ୱର ଅବେଶରେ ତୁଷ୍ଟ ହୋଇ ରାଜକୁମାରଙ୍କର ଅଭିଷେକ କରାଇବା ସଂକଳ୍ପ; ଚନ୍ଦ୍ରଭାନୁ ଲାବଣ୍ୟବତୀ ନିକଟକୁ ଗଲାବେଳେ ଲାବଣ୍ୟବତୀର ବିରହ-ଯନ୍ତ୍ରଣାର ଉପଶମ ନିମନ୍ତେ ଉପଚାରର ଆୟୋଜନ ଦେଖି ଓ ସଖୀମାନଙ୍କ ସଖେଦ ସାନ୍ତ୍ୱନାବାଣୀ ଶୁଣି ଉନ୍ମନା ହେବା, ଚନ୍ଦ୍ରଭାନୁଙ୍କ ଆଗମନବାର୍ତ୍ତା ଶୁଣି ଗାତ୍ରୋତ୍ଥାନ କରିବାରେ ଚେଷ୍ଟା କରନ୍ତେ ଲାବଣ୍ୟବତୀକୁ ସବ୍ୟଗ୍ର ଆଲିଙ୍ଗନ କରିବା ଅତି ଚମତ୍କାରଭାବେ ବର୍ଣ୍ଣିତ ହୋଇଅଛି ।

## ସପ୍ତଚତ୍ୱାରିଂଶ ଛାନ୍ଦ

ଚନ୍ଦ୍ରଭାନୁର ଲାବଣ୍ୟବତୀକୁ ଗୂଢ଼ବଚନ ଅତି କାରୁଣ୍ୟମୟ, ସ୍ନେହଗର୍ଭିକ ଓ ହୃଦୟସ୍ପର୍ଶୀ । କବି ନିଜର ମନୋଭାବକୁ ନାୟକମୁଖରେ ଅତି ସୁନ୍ଦର, ସରସ, ସହଜ ଓ ମର୍ମନ୍ତୁଦ ବାଣୀରେ ଅଭିବ୍ୟକ୍ତ କରି ଶ୍ରେଷ୍ଠ ରସିକ ହୃଦୟବତ୍ତାର ପରିଚୟ ପ୍ରଦାନ କରିଅଛନ୍ତି । "ଏବେ ସେ ଅନୁଭବରେ । ବିଚ୍ଛେଦ ବିପତ୍ତିରୁ ବଡ଼ ହୋଇ ରମ୍ଭୋରୁ ଧାତା ବିହି ନ ଥିବ ରେ ।" ୧୩ ପଦ । "ଯେ ଜନ ନାରୀହିତେ, ରହେ ପୁଣି ଜୀବିତେ ଜନମାନଙ୍କୁ ବଞ୍ଚେ ରେ । ଇନ୍ଦ୍ରିକରେ ଯେ ଥାଇ ସେ କୁଳଶ ନୁହଇ ସେହି କୁଳଗ ନଶ୍ଚେ ରେ । ପ୍ରାଣବନ୍ଧୁ । ନାରୀ ପୁରୁଷ ଦୁଇ ରେ । ଯେନ ଏକ ଜୀବନ କେବଳ ତନୁଭିନ୍ନ ଯୋଗେ ଏକତ୍ୱ ହୋଇ ରେ ।" ୧୮ ପଦ । "ଦରଶନକୁ ଦୂର ହେଲି ନ ପାଇବାରୁଁ ମୋର ଅଶେଷ ବ୍ୟଥା ରେ । ଭିନ୍ନ ନୋହେ ଏ ଖେଦ ତୋର ମୋର ବିଚ୍ଛେଦ ହୋଇ ରହିଲା କଥାରେ । ପ୍ରାଣବନ୍ଧୁ । କରିବେ ପର ହାସ୍ୟରେ । ରସିକ ପ୍ରିୟାହାନେ ଏ ରହିଲା ଜୀବନେ ଏଥି ଉପାୟ ବସ ରେ ।" ମିଳନ ପରେ ଦମ୍ପତୀ ଆମୋଦ ପ୍ରମୋଦରେ ସୁଖମୟ ଜୀବନ ଯାପନ କଲେ ।

## ଅଷ୍ଟଚତ୍ୱାରିଂଶ ଛାନ୍ଦ

ରାଜା ଚନ୍ଦ୍ରଭାନୁଙ୍କୁ ଅଭିଷିକ୍ତ କରାଇ ନୃପତିପଦବୀ ପ୍ରଦାନ କଲେ । ଚନ୍ଦ୍ରଭାନୁଙ୍କ ରାଜତ୍ୱରେ କର୍ଣ୍ଣାଟ ରାଜ୍ୟର ସୁଖ ସମୃଦ୍ଧିର ବର୍ଣ୍ଣନା । କବି କାବ୍ୟର ଉପସଂହାରରେ ସ୍ୱ କାବ୍ୟ ଲାବଣ୍ୟବତୀର ଲକ୍ଷଣ ନିର୍ଦ୍ଦେଶ କରି କହିଅଛନ୍ତି "ନାନା ଅଭିଧାନ ବିଧାନ ପରି । ନାଟକ କାବ୍ୟ ଅଙ୍ଗେ ମାଧୁରୀ । ଦୃଷ୍ଟି ସୃଷ୍ଟିରେ ହୋଇଛି ବିଚିତ୍ର । ରସିକ ଚିତ୍ତ ମୋହନ ମନ୍ତ୍ର × × × । ଧନୀ ବଣିକ ପସରା ସମାନ । ବିବିଧ ରସ ଦ୍ରବ୍ୟରେ ପୂର୍ଣ୍ଣ ।" ଏପରି ବିବିଧ ରସପୂର୍ଣ୍ଣ ରସିକମୋହନ, ନାଟକୀୟ ଛଟାପୂର୍ଣ୍ଣ ବିଚିତ୍ର କାବ୍ୟ ପ୍ରକୃତରେ ପୃଥିବୀର ସାହିତ୍ୟରାଜ୍ୟରେ ବିରଳ ।

## ଲାବଣ୍ୟବତୀ କାବ୍ୟରେ ସୂକ୍ତି ସରଳ ମଧୁର ପଦ୍ୟାବଳୀ

(୧) ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ । (୨) ଏ ସଂସାର ଖେଳ-ଘରର ସଦୃଶ । (୩) ଜନ୍ମ ଅନ୍ଧ ନୟନକୁ ଲଭିଲେ ଯେମନ୍ତ । (୪) ରସିକା ଭଜିଲୁ ଭାବ ରସକ ଜାଣିଲୁ । (୫) ବୋଇଲୁ ମୁଁ ନ ମଲି ଦେଖିଲି ଏତେ ଦୁଃଖ । (୬) ସୁନ୍ଦର ପଣରେ ତାର ସେହି ପଟାନ୍ତର । (୭) ଶୋଭାକୁ ବର୍ଣ୍ଣନ୍ତୁ କବି ବୁଦ୍ଧି କରି ତହିଁ । (୮) ଯେ ଗୀ ଜୟମୋହନାସ୍ତ୍ର ମାରି ଭିଆଇଲୁ । (୯) ସୁନ୍ଦର ତାହା ଅଙ୍ଗରେ ସୁନ୍ଦର ହୋଇଲେ । (୧୦) ନାହିଁ ନଥିଲଟ ନାହିବ ସଂସାର । (୧୧) ବ୍ୟାଧିବନ୍ତର ବାଞ୍ଛିତ ଉପଶ୍ୱର ବୈଦ୍ୟ ବିହିଲାଭ ପରି । (୧୨) ମୂର୍ଖ ସ୍ୱଭାବ ଅନ୍ଧକ୍ଷିରଜା ପରି ସେ କାହୁ ରତ୍ନ ପ୍ରକାଶିବ । (୧୩) କିସ ପୁଣ ଦେଖା ନ ଯାଇ ଯେବେ ଥାଇ ଜୀବରେ । ବିଷମ ସମସ୍ୟା ପୂରଣହେଲା ଏହି ଠାବରେ । (୧୫) ବିନ୍ଦୁ ବିନ୍ଦୁ ଜଳ ରହିଛି ଗୃହୁ କୁଟିଳ ବାଳେ । ତୁଷାର ବୃଷ୍ଟି କି ହୋଇଛି ନବ ତମାଳଦଳେ । ନବଘନେ କିବା ଉଇଁଛି ତାର ତାରକାଶ୍ରେଣୀ । ମୋତି ପଟନ କି ହୋଇଛି ନୀଳମଣି ଧରଣୀ । (୧୬) ପରଦ୍ରବ୍ୟ ପରସ୍ତ୍ରୀ ହରଣକୁ । ଲେଖୁ ଶୁଭ କରି ତହୁଁ ମରଣକୁ । (୧୭) ଉଇ ତରୁଫଳେ ଖଟେ ଆଶାୟୀ ପରି । (୧୮) ବାହ୍ୟରେ ଆରମ୍ଭ ସେ ଅନ୍ତରେ ବ୍ୟାକୁଳ । ଭସ୍ମ ଆଚ୍ଛନ୍ନରେ ଥାଇ ଯଥା ଅନଳ । (୧୯) ଗୁରୁଦ୍ରୋହୀ ପୁଣ ସ୍ୱର୍ଗଭୋଗ ପାଇଛି...ଜଳ ଉପରେ ଶିଳା ଭାସି ଅଛନ୍ତି । ଛାନ୍ଦ -୬୧।୬୨ । (୨୦) ନଟରେଖେ କାଗଜଚକ୍ର ଯଥା କୁତୁକୀ । (୨୧) କର୍ଣ୍ଣ ତେଡରେ ଯଥା ମୃଗ ଘଣ୍ଟି ଶବଦେ । (୨୨) ତନ୍ମନା ହେଲୁ ରାମାରୂପ ଲୋକନେ ବିଷମ୍ଭୁ ପଛକୁ ପକାଇ । (୨୩) ଚମତ୍କାରରେ ଚମତ୍କାର । (୨୪) ଯାହାର ଯହିଁ ସେ ବଳଇ ପ୍ରେମ । (୨୫) ଯେବେ ଏ ଯୁବା ବୟସେ । ଭବ୍ୟ ରାମା ନାହିଁ ପାଶେ । କି ଲାଭ ତହୁଁ ନୃପତିସମ୍ପତ୍ତି ଥାଇ । (୨୬) ଦୁର୍ଗା ମୋ ଦୁର୍ଗତି ହର । (୨୭) ଏକା ଏ ନୋହେ ହରଷ...ସେ କି ସମାନ ଛା୧୧—୧୯ ପଦ । (୨୮) ବେନ୍ଦୁ ପଲ୍ଲବେ ଥୁଆ କି ଫୁଲ୍ଲ କମଳ । (୨୯) ଭଜୁ ନ ଭଜୁ ବାନ୍ଧବୀ...ବିନାଶ ହୋଇ—ଛା୧୧—୨୫ । (୩୦) ଉଟି ଭାଙ୍ଗନ୍ତେ ଅଳସ......ସମ୍ଭାବନା କଲୁ ପ୍ରାୟ ଉଠିଲୁ ଛନ୍ଦେ ଛା୧୧-୨୬।୨୭ ପଦମାନ (କବିଙ୍କ ସୌନ୍ଦର୍ଯ୍ୟବୋଧର ସୁନ୍ଦର ନିଦର୍ଶନ) । (୩୧) ପିଶୁନ ଧାତା କି କଲୁ ଦାରୁଣ କୃତ । (୩୨) ଚେତି ଚଉଦିଗ ଚାହିଁଲୁ...ଏତେ ବ୍ୟାକୁଳ କମ୍ପି କଲୁ । ଛା ୧୨—୧୨ ପଦମାନ ( କରୁଣ ମଧୁର ସରସ ପଦାବଳୀ ) । (୩୩) କାହା ମନେ ଥିଲା ଅଗାଧସମୁଦ୍ର ଚକ୍ଷୁ ଭିତରେ ସମାଇବ । (୩୪) ସବୁ ବଡ଼ ଦଇବ । (୩୫) ପବନକୁ ପାଶ ପାଢ଼ି ବସିଥିଲେ ସେ କାହିଁ ହୋଇବ ବନ୍ଧନ । (୩୬) ତୁଳାପାଟେ ଭଣା ଅଧିକ ପଦାର୍ଥ ପଡ଼ିଲେ କି ସମେ ରହିବ । (୩୭) କରମବଶରେ ସ୍ଥଳ ନ ପାଇ ମୁଁ ବୁଡ଼ିଲି । (୩୮) କଲୁ କଥା ଯେହୁ ଅନ୍ୟଥା କରିଛି ଏମନ୍ତ ଦାରୁଣ ଦଇବ । (୩୯) ଦୁଃଖ ସହି ଧଇର୍ଯ୍ୟ ହେଲେ କାର୍ଯ୍ୟ ଲଭି ଅବଶ୍ୟ । (୪୦) ବେଗ ଋଣ ଶତ୍ରୁ ଶେଷକୁ

ରଖିଲେ - ଆପଣାର ବାଧ ଏ କଥା । (୪୧) ବଡ଼ ହୋଇ ବସ ହୋଇବ ଅର୍ଜିଲା କର୍ମ ସିନା ଭୋଗ କରିବ । (୪୨) ସର୍ପ ପାତର ନାଚିକା ଲାଗିଲେ ଯଥା ଛାଡିକା କିଛି କିଛି ହୋଏ ଭଳ ତେମନ୍ତ ମନ । ( ୪୩ ) ଦୁଇ କରେ ଭୁଞ୍ଜେ ଭୋଗୀ । ହେଲେ କି ସୁଖୀ । (୪୪) ହେମନ୍ତ ଋତୁ ପ୍ରବେଶ···ସମୁଦ୍ରେ ଫୁଲ ଛା୧୩-୫୯ । ୭୪ ପଦମାନ ( ସୁନ୍ଦର ସରଳ ସାନ୍ତ୍ୱନାବାଣୀ ) । ଚନ୍ଦ୍ରଭାନୁର ବିଳାପ—୧୪ ଛାନ୍ଦଟି ଅତି ସରସ ଓ ହୃଦୟସ୍ପର୍ଶୀ । ( ୪୫ ) ଜଳ କଳଶ ଚନ୍ଦ୍ରବିମ୍ବକୁ ଧରି । ପାରିଲି ନାହିଁ ସୁଧା ଭୋଗ ତ କରି । (୪୬) ସ୍ୱର୍ଗସମ୍ପଦ ଯେଉଁ କର୍ମରେ ଥାଇ । ବଚନ ମଣେ ବଜ୍ରପତନ ତହିଁରେ । (୪୭) ପ୍ରଭୁ ସେ ବଡ଼ କରେ ଦାସଜନକୁ । (୪୮) ଦୁର୍ବଳ ମାରିବାକୁ ସମସ୍ତେ ଆଗ । (୪୯) ଜୀବନରୁ ଅଧିକ କେହି ନ ଲେଖ । (୫୦) ବିଷହିଁ ହୋଏ ହିତ ସନ୍ନିପାତରେ । (୫୧) ଆରତ ହେଲେ କାର୍ଯ୍ୟ ନୁହଇ ବେଗ । କାଳକୁ ଗ୍ରହ ଭୋଗ ହୁଅଇ ଯୋଗ । (୫୨) ନାସିରୁ ହୋଇ ବଡ଼ ଜଗତେ ନାହିଁ । (୫୩) କାଚ କଳଶେ ଯଥା ଜଳ ଗୁପତ । ପଡ଼ିଲା ପରି ଦିଶେ ନ ପଡ଼ଇ ତ ଯେ । ହସିଲା ବେଳେ ଖସି ପଡ଼ିଲା ପରି । ଖସି ନ ପଡ଼େ ତଥା ଅମୃତଧାରି ଯେ ( କବିଙ୍କ କି ସୌନ୍ଦର୍ଯ୍ୟ ବୋଧ ) ଛା୧୪-୨୫ । ( ୫୪ ) କଳେବରକୁ ଯଥା ନ ଛାଡ଼େ ଛାଇ । ମୁଁ ତାକୁ ନ ଛାଡ଼ିବି ତେମନ୍ତ ହୋଇ । (୫୫) କାନ୍ତ ହୋଇଛି ପାଟଳୀ ଆମ୍ର ପ୍ରତିଦ୍ୱନ୍ଦ୍ୱୀ । (୫୬) ମାନ ସର ହେଲେ ସିନା ମରାଳୀ ରସିବ···ଏହି ବିଧିରେ ମିଳିଲେ ହେବ କି ସମ୍ମତ ଛା୧୭—୧୨ । ୧୩ ପଦ । (୫୭) ବିଧାତା ଘଟାଇ ଦେଇ ଯେ ଯୋଗ୍ୟ ଯହିଁକି । ( ୫୮ ) କାର୍ଯ୍ୟକାଳେ ମିଥ୍ୟା କହିବାର ଦୋଷ ନାହିଁ । ( ୫୯ ) ଧାତାରୁ ଦାରୁଣ ହୋଇ ନାହିଁ ତ ସଂସାରେ । (୬୦) ଧାତା ସୁନ୍ଦର ସଂସାରେ । ଜନ୍ମୁ ରାଜା କରିଅଛି ସ୍ତ୍ରୀ ପୁରୁଷରେ । ( ୬୧ ) ରବିକର ପରଶେ ଦୋଷିଲେ ପଦ୍ମ ତୋଷ······ ଆନନ୍ଦରେ ନୃତ୍ୟ କରି ବାଣୀ ପ୍ରକାଶଇ । ଛା୧୮-୪୭ । ୪୭ ପଦ । (୬୨) କାହିଁକି ବୋଇଲା ପୁରୁଷ ସାର । ବାଳାଠାରେ ନାହିଁ ବନସ୍ତ ଯାର । (୬୩) ଡଳଗଲେ ଘଟ ତାଳସିବ ସିନା ପରିପୂର୍ଣ୍ଣ ସ୍ନେହବାରି ରେ । (୬୪) ଆଉ ଦୁର୍ଲଭ ହୋଇ ତୋତେ କେ ଅଛି କେବଳ ଦୁର୍ଲଭ ତୁହି ରେ । (୬୫) ଗୁଣ ସରିତ ସଂଗ୍ରହକୁ ସାଗର ବିଗ୍ରହ କଷ୍ଟସ୍ତ ତୋହୋର । (୬୬) ଥିବ ଥିଲେ ନରପତି ଶୋଭି ପାଇ···ନୟନ ନ ଥାଇ ଦେବ ଦରଶନେ ଗଲା ପ୍ରୟ ଉପହାସରେ । ଛା ୧୯-୧୨ ପଦ । ( ୬୭ ) ଅନଳେ ଦହିଲେ ସୁବର୍ଣ୍ଣକୁ କଳଙ୍କ । କେବେ ଛାଡ଼ଇ ଚନ୍ଦ୍ର ଚନ୍ଦନ । (୬୮) ନୂତନ ଅନ୍ଧେ ପ୍ରାପତ ହେଲା କି ନୟନ । (୬୯) ମୂର୍ଖକୁ ବୁଝାଇବାର ଅତି କଷ୍ଟ ଜାଣ । ( ୭୦ ) ଦରିଦ୍ର ରତନ ପାଇ ହରାଇଲା ପରିସ୍ତ ହୋଇଲା ବିମତ । (୭୧) ବୁଡ଼ିଲା ସଂସାର ମୋର । (୭୨) ଆକାଶପ୍ରକାଶ ଚନ୍ଦ୍ର ଧରିବାକୁ ନିଃଶ୍ରେଣୀ କାହିଁ ଖୋଜଇ । (୭୩) କରମେ ଯାହା ବିଧି ଲେଖିଥିବ ଭୋଗ କରିବ ତାହା । (୭୪) ହାଟକ ଝଟକ ସହିବାର ନୁହଇ । ଜନନୀ ଜନକ

ଷ୍ଟଡ଼ ସବୁ ମିଳଇ । (୭୫) ଯେ ଯାହା ଅର୍ଜଇ ସେ ତାହା ଭୁଞ୍ଜଇ ଏଥି ଅଛି କହିଁ ସଂଶୟ । (୭୬) ଚନ୍ଦ୍ରଭାନୁର ଅନୁଶୋଚନା ଓ ଶଙ୍କା :—"ଆସିବ ମୁଖର ବମ୍ବ କେହ ଆଲିଙ୍ଗନେ···ତେବେ ବା ହୋଇବ କନ୍ୟା ତାତ ସୀତକାର । ଶ୍ଳ ୨୯—୨।୧୨ ପଦମାନ ଅତି ସୁନ୍ଦର କରୁଣଭାବପୂର୍ଣ୍ଣ ଆଶଙ୍କା । (୭୭) ବିନା ମେଘେ ଘନରସ ବରଷା ହୋଇବ । ଭସ୍ମ ହୋଇଥିବା ଜନମୂର୍ତ୍ତିକି ପାଇବ । ୭୮) ନାଶରୁ ଅଧିକ ହୋଇ ନାହିଁ ତିନି ପୁରେ । ପରମ ପଦାର୍ଥ ଏକା ବୋଲାଇ ସେ ନାଶ । (୭୯) ହୀର ମାଲା ମାଣିକ୍ୟ ମୁକୁତା ବଦ୍ରୁମର । ମୂଲ୍ୟ ଅଛି ମୂଲ୍ୟ ନାହିଁ ସ୍ତ୍ରୀ ରତନର । (୮୦) ଯାହାଠାରେ ଅଭିଳାଷ କରେ ଯାହା ମନ । ସେହି ତାର ସକଳ ସୁଗତି ବୋଲି ଘେନ । (୮୧) ସୁଖୀ ହୋଇଥିବେ ନୃପ ଉପକାରୀ ନୋହି । ବଦ୍ୟା ଥିବ ବଳ୍ୟସ୍ତ୍ରୀ ମିଳଥିବ ତହିଁ ଯେ । କି ହେବ ଇନ୍ଦ୍ର ହୋଇଲେ ସର୍ବ ସମ୍ପଦେ ସେ । ସ୍ତ୍ରୀହୀନ ଠାରୁ ପାପୀ ନାହିଁ ମହୀଦେଶେ । (ଉପେନ୍ଦ୍ରଭଞ୍ଜଙ୍କ ଦ୍ୱିତୀୟ ସ୍ତ୍ରୀ ଗୁଣବତୀ ମହାବିଦୁଷୀ ଥିଲେ—ତାଙ୍କୁ ଲକ୍ଷ୍ୟ କରି ଲେଖା ହୋଇଛି) । (୮୨) ତୃଷାର୍ତ୍ତ ବିନା ସଲିଳ ପାଶେ ଉପଗତ । ପାଣି ତୃଷାର୍ତ୍ତ ପାଖକୁ ଆସେ କି ଘେନ ତ । (୮୩) ଚରଣୁଧର୍ତ୍ତ ପାଇଲୁ କି ପୀୟୂଷ-ରସ । (୮୪) କାନ୍ତା କାନ୍ତକର ପଦ୍ମ କୋକନଦ ଶିରୀ । ସ୍ୱୈର କରଥିଲେ ବୋଲି ଲୁଣବନ୍ଧ ଦେଇ । (୮୫) ବୃଷ୍ଣିଲୋକ ବୁଦ୍ଧ ହେଲେ କହେ ବାଳକେ ତ ଆର ଦାଗୀ । (୮୬) ଜୀବ ଥିବାପାକ ଥିବ ସେବ । ଦୀପ ସେ କାଳେ ଯିବଟି କଭି । (୮୭) ସ୍ୱୈର କରଅଛି ବାଳା ସର୍ବ ଶୋଭା ଶିରୀ । ଏଣୁ ଆଣୁଛନ୍ତି କି ମଦନ ପାଶେ ଧରି । (୮୮) ଯେ ଯାହାର ତାକୁ କି ନ ଲାଗେ ତା ବେଦନା । (୮୯) କି କରନ୍ତି କି ବୋଲନ୍ତି ନ ପାରନ୍ତି ଜାଣି । ପିତ୍ତରୋଗ ହୋଇଲେ ଅଧିକ ଯଥା ପ୍ରାଣୀ । (୯୦) ଯୋଷାମୁଖେ ସ୍ୱେଦବିନ୍ଦୁ ଗୃହିଁ ପୁଂସଲୋଭା । ଇନ୍ଦୁ ଅମୃତବିନ୍ଦୁ ବହିଲା ପ୍ରାୟ ଶୋଭା । (୯୧) ଶିବର ଆଉ କି ଇଚ୍ଛା ଲଭିଲେ ଶିବାକୁ । (୯୨) ମନ୍ଦ କରିବା ପରେ ନୋହେ ଉଚିତ ଧରଥିବୁ ଦ୍ରବ୍ୟଟକେ । (୯୩) ଅଛି ପ୍ରତିମାକୁ ପଠିଆଇ ରଖି ନେନେ । (୯୪) କେ ଯିବ କାଳତରୁ ସନ୍ନିଧାନ । କାମନା ହେଲା ଉତ୍ତରୁ ପୂର୍ଣ୍ଣ । (୯୫) ମୁକଳ ଗୃଭୂଷା ଉପରେ ଗୃଭୂଷା କହଇ ଚତୁରା ବାଣୀ । (୯୬) ନ ପାଇ ମଧୁ ଭୁଲନ୍ତି ମଧୁକର କି ମଧୁରକୁ । (୯୭) ଯୁବାଙ୍କୁ ଯୁବତୀ ବିଚ୍ଛେଦରୁ ଆଉ ନାହିଁ ବିପତ୍ତି । (୯୮) ବିପତ୍ତି ବିଚ୍ଛେଦରୁ ବଡ଼ ହୋଇ ରମ୍ଭୋରୁ ଧାତା ବହି ନ ଥିବ ରେ । (୯୯) ନାରୀ ପୁରୁଷ ଦୁଇ । ଘେନ ଏକ ଜୀବନ କେବଳ ତନୁ ଭିନ୍ନ ଯୋଗେ ଏକତ୍ୱ ହୋଇ । (୧୦୦) କରିବେ ପରି ହାସ୍ୟରେ । ରସିକ ପ୍ରିୟାହୀନେ ଏ ରହିଲା ଜୀବନେ ଏଥି ଉପାୟ କିସ ରେ ।

## ଛାନ୍ଦ

ଛନ୍ଦ ଶବ୍ଦରୁ ଛାନ୍ଦ ଶବ୍ଦ ନିଷ୍ପନ୍ନ । ଛନ୍ଦ ଶାସ୍ତ୍ର ନୂତନ ନୁହେଁ । ଛନ୍ଦ ବେଦାଙ୍ଗ ଅଟେ । ଛନ୍ଦଜ୍ଞାନ ବିନା ବେଦାର୍ଥଜ୍ଞାନ ଅସମ୍ଭବ । ପଦହୀନ ଲୋକର ଯେପରି ଦୁରବସ୍ଥା ଛନ୍ଦ ବିନା ବେଦର ଅବସ୍ଥା ମଧ୍ୟ ତଦ୍ରୂପ । "ଛନ୍ଦଃ ପାଦୌ ତୁ ବେଦସ୍ୟ" ପାଣିନି । ବୈଦିକ ଓ ଲୌକିକ ଭେଦରେ ଛନ୍ଦର ବିସ୍ତୃତ ପିଙ୍ଗଳ ଛନ୍ଦସୂତ୍ରାଦିରେ ପ୍ରଦତ୍ତ ହୋଇଅଛି । ବୈଦିକ ଛନ୍ଦ ସାତଗୋଟି । ତାହା ଯଥାକ୍ରମେ ଗାୟତ୍ରୀ, ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ, ପଂକ୍ତି, ତ୍ରିଷ୍ଟୁପ ଓ ଜଗତୀ । ଏହି ପ୍ରତ୍ୟେକ ବୈଦିକ ଛନ୍ଦ ଆର୍ଷୀ, ଦୈବୀ, ଆସୁରୀ, ପ୍ରାଜାପତ୍ୟା, ଯାଜୁଷୀ, ସାମ୍ନୀ, ଆର୍ଚ୍ଚୀ ଓ ବ୍ରାହ୍ମୀ ଭେଦରେ ଆଠ ପ୍ରକାର । ସେମାନଙ୍କ ଅକ୍ଷରବିନ୍ୟାସରେ ତାରତମ୍ୟ ଅଛି । ଆର୍ଷୀଟି ସାଧାରଣତଃ ପ୍ରଚଳିତ । ତହୁଁ ଗାୟତ୍ରୀ ପ୍ରଭୃତି ଆର୍ଷୀ ଭେଦରେ ଯଥାକ୍ରମେ ୨୪, ୨୮, ୩୨, ୩୬, ୪୦, ୪୪ ଓ ୪୮ ଅକ୍ଷର ବିଶିଷ୍ଟ । ଅନ୍ୟାନ୍ୟଙ୍କ ଅକ୍ଷରବିନ୍ୟାସମାନ ନିମିତ୍ତ ପିଙ୍ଗଳ ଛନ୍ଦସୂତ୍ର ଦ୍ରଷ୍ଟବ୍ୟ । ଛନ୍ଦମାନଙ୍କର ସ୍ଥଳବିଶେଷରେ ଏକପାଦ, ଦ୍ୱିପାଦ, ତ୍ରିପାଦ ଓ ଚତୁଷ୍ପାଦ ହୁଏ । ଅକ୍ଷରମାନଙ୍କ ତାରତମ୍ୟ ହେତୁ ଗାୟତ୍ର୍ୟାଦି ଭିନ୍ନ ଭିନ୍ନ ଆଖ୍ୟା ଧାରଣ କରନ୍ତି । ଯଥା—ଗାୟତ୍ରୀ ୨୧ ଅକ୍ଷର ବିଶିଷ୍ଟ ହୋଇ ତିନି ପାଦରେ ସପ୍ତାକ୍ଷର ହେଲେ ପାଦନିଚୃତ ଗାୟତ୍ରୀ ହୁଏ । ଯେ ଗାୟତ୍ରୀ ଛନ୍ଦ ପ୍ରଥମ ପାଦରେ ଛଅ ଅକ୍ଷର, ଦ୍ୱିତୀୟ ପାଦରେ ଅଷ୍ଟାକ୍ଷର, ତୃତୀୟ ପାଦରେ ସପ୍ତାକ୍ଷର, ସେହି ତ୍ରିପାଦ ଗାୟତ୍ରୀକୁ ଅତିପାଦନିଚୃତ କହନ୍ତି । ଏହିପରି ଅକ୍ଷରବିନ୍ୟାସର ତାରତମ୍ୟରେ ଗାୟତ୍ରୀର ନାନା ଭେଦ ପରିଦୃଷ୍ଟ ହୁଏ । ଏହିପରି ଉଷ୍ଣିକ୍, ଅନୁଷ୍ଟୁପ୍ ଆଦିଙ୍କର ନାନା ଭେଦ ମଧ୍ୟ ପରିଦୃଷ୍ଟ ହୁଏ । ଅଗ୍ନି ସବିତାଦି ଓ ଅଗ୍ନିବେଶ୍ୟ କାଶ୍ୟପାଦି ସେମାନଙ୍କର ଯଥାକ୍ରମେ ଦେବତା ଓ ଋଷି ଅଟନ୍ତି । ସେମାନଙ୍କର ବର୍ଣ୍ଣ ସିତ, ସାରଙ୍ଗାଦି । ଷଡ୍ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ ଯଥାକ୍ରମେ ଗାୟତ୍ର୍ୟାଦି ସପ୍ତ ବୈଦିକ ଛନ୍ଦମାନଙ୍କର ସପ୍ତ ସ୍ୱର । ପୁନଶ୍ଚ ଗାୟତ୍ରୀ ଉଦାତ୍ତ; ତ୍ରିଷ୍ଟୁପ୍ ଅନୁଦାତ୍ତ (ନୀଚ); ଜଗତୀ ସ୍ୱରିତ ବୋଲନ୍ତି । ନିଷାଦ ଗାନ୍ଧାର—ଉଦାତ୍ତ; ଋଷଭ ଓ ଧୈବତ—ଅନୁଦାତ୍ତ; ଷଡ୍ଜ, ମଧ୍ୟମ ଓ ପଞ୍ଚମ ସ୍ୱରିତ ଅଟନ୍ତି । ନିଷାଦାଦି ସପ୍ତସ୍ୱରମାନେ ଉଦାତ୍ତାଦି ସ୍ୱରତ୍ରୟର ଅନ୍ତର୍ଗତ । ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ସ୍ୱରମାନେ ଗାୟତ୍ରୀ, ତ୍ରିଷ୍ଟୁପ୍ ଓ ଜଗତୀମାନଙ୍କର ଅନୁଗତ । ତେବେ କିପରି ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ ଓ ପଂକ୍ତିମାନଙ୍କରୁ ସ୍ୱର ବର୍ଣ୍ଣାଦି ସମ୍ଭବ ହୁଅନ୍ତି ? ଉଷ୍ଣିଗାଦି ଚାରିଗୋଟି ଗାୟତ୍ର୍ୟାଦି ତିନିଗୋଟିର ଆଶ୍ରିତ ହେତୁ ସ୍ୱରବର୍ଣ୍ଣାଦି ସମ୍ଭବ ହୁଅନ୍ତି । ନାରଦଶିକ୍ଷାଦି ଗ୍ରନ୍ଥମାନ ଦ୍ରଷ୍ଟବ୍ୟ । ପ୍ରତ୍ୟେକ ଛନ୍ଦର ଚତୁର୍ଭାଗର ଏକ ଭାଗକୁ ପାଦ କହନ୍ତି । ୨୪ ଅକ୍ଷର ଗାୟତ୍ରୀର

୭ ଅକ୍ଷରରେ ଏକ ପାଦ—ତେଣୁ ଏହା ସମବୃତ୍ତ । ନ୍ୟୂନାଧିକ ପଦଦ୍ୱାରା ଛନ୍ଦର ସମାପ୍ତି ହେଲେ ସେହି ଅକ୍ଷରମାନଙ୍କ ଦ୍ୱାରା ସେହି ଛନ୍ଦର ପାଦ ଧରିବାକୁ ହେବ, ତାହା ବିଷମ ବୃତ୍ତ । ଲୌକିକ ଛନ୍ଦ ତ୍ରିବିଧ—ଗଣଛନ୍ଦ, ମାତ୍ରାଛନ୍ଦ ଓ ଅକ୍ଷରଛନ୍ଦ । "ଆଦୌ ତାବଦ୍ ଗଣଚ୍ଛନ୍ଦୋ ମାତ୍ରାଛନ୍ଦସ୍ତତଃ ପରମ୍ । ତୃତୀୟ ମକ୍ଷରଚ୍ଛନ୍ଦଃଛନ୍ଦସ୍ତ୍ରେଧା ତୁ ଲୌକିକମ୍ । ଆର୍ଯ୍ୟାଦ୍ୟୁଦ୍‌ଗୀତି ପର୍ଯ୍ୟନ୍ତଂ ଗଣଚ୍ଛନ୍ଦଃ ସମୀରିତମ୍ । ବୈତାଳୀୟାଦି ଚୂଳିକାନ୍ତଂ ମାତ୍ରାଛନ୍ଦଃ ପ୍ରକୀର୍ତ୍ତିତମ୍ । ସାମାନ୍ୟାଂ ଦୁତ୍କୃତିଂ ଯାବଦକ୍ଷର ଛନ୍ଦ ଏବ ଚ ।" କେତେକ ଦ୍ୱିବିଧ କହି ମାତ୍ରା ଛନ୍ଦ ଓ ଅକ୍ଷରଛନ୍ଦ ଧରନ୍ତି । ବୈଦିକ ଛନ୍ଦରୁ ଯୋଗ ବିଯୋଗ କରିଲେ ଲୌକିକ ଛନ୍ଦର (ସଂସ୍କୃତ ଛନ୍ଦର) ଉତ୍ପତ୍ତି । ଓଡ଼ିଆ ଛନ୍ଦ ସଂସ୍କୃତ ବୃତ୍ତ, ଟିକ, ଟମାଳୀ ପ୍ରଭୃତିରୁ ଉଦ୍ଭୂତ—ଏହାର ଯଥାଯଥ ବିଚାର ସହଜସାଧ୍ୟ ନୁହେଁ ।

ରାଗ ଓ ଛନ୍ଦ ଏକ ବିଷୟ ନୁହେଁ । ରାଗ ଭାବାତ୍ମକ ଓ ବ୍ୟାପକ; ଛନ୍ଦ ତାଳବିଷୟକ ତଥା ସଙ୍କୀର୍ଣ୍ଣ । ରାଗ ବିଶେଷ ଭିନ୍ନ ଭିନ୍ନ ତାଳ ବା ଛନ୍ଦରେ ବୋଲି ହୋଇ ପାରେ । ରାଗକୁ ଅକ୍ଷରଦ୍ୱାରା ନିୟମିତ କରି ନିର୍ଦ୍ଦେଶ କରିବା ପ୍ରମତ୍ତତାର ବିଷୟ ।

ଯେ ସ୍ୱର ରଚନା ରସ ଜନ୍ମାଇ ଚିତ୍ତକୁ ରଞ୍ଜିତ କରେ ତାହା ରାଗ ନାମରେ କଥିତ । ସ୍ୱରମାନଙ୍କ ସମଷ୍ଟିରେ ରାଗ ନିଷ୍ପନ୍ନ ହୁଏ । ସ୍ୱର-ଶବ୍ଦ-ଧ୍ୱନି ବା ନାଦ ଦୁଇ ଭାଗରେ ବିଭକ୍ତ—ଧ୍ୱନ୍ୟାତ୍ମକ ଓ ବର୍ଣ୍ଣାତ୍ମକ । ସୀତାର, ମୃଦଙ୍ଗ ପ୍ରଭୃତିରୁ ଯେ ରାଗ ଜାତ ହୁଏ ଓ ଯାହାର କିଛି ଅର୍ଥ ନ ଥାଏ ତାକୁ ଧ୍ୱନ୍ୟାତ୍ମକ ସ୍ୱର; ସଂସ୍କୃତ, ଓଡ଼ିଆ ପ୍ରଭୃତି ଭାଷାରୂପୀ ଯେ ଶବ୍ଦ ଓ ଯାହା ଅର୍ଥବିଶିଷ୍ଟ ତାକୁ ବର୍ଣ୍ଣାତ୍ମକ ସ୍ୱର କହନ୍ତି । ସ୍ୱର ସାଧାରଣତଃ ତ୍ରିବିଧ—ହ୍ରସ୍ୱ, ଦୀର୍ଘ ଓ ପ୍ଲୁତ । ଗାନ ବିଷୟରେ ଧ୍ୱନ୍ୟାତ୍ମକ ସ୍ୱର ମୁଖ୍ୟ ସାତଗୋଟି । ସା, ରେ, ଗ, ମ, ପ, ଧ ଓ ନି । ସପ୍ତକ ତିନିପ୍ରକାର, ଷଡ଼୍‌ଜ, ମଧ୍ୟ ଓ ତାର—ଏହାକୁ ଯଥାକ୍ରମେ ମନ୍ଦ୍ର, ମଧ୍ୟ ଓ ତାର ବା ଅନୁଦାତ୍ତ, ସ୍ୱରିତ ଓ ଉଦାତ୍ତ କହନ୍ତି । ମନ୍ଦ୍ରସପ୍ତକ ସାଧାରଣ ସ୍ୱରର ହୁଏ । ମଧ୍ୟସପ୍ତକ ମନ୍ଦ୍ର ସ୍ୱରର ଦ୍ୱିଗୁଣ ଉଚ୍ଚ ଧ୍ୱନିରେ ହୁଏ । ତାର-ସପ୍ତକ ମଧ୍ୟର ଦ୍ୱିଗୁଣରୁ ହୁଏ । ସ୍ୱରର ଆରୋହକୁ ତାନ କହନ୍ତି । ସପ୍ତ-ସ୍ୱରର ତାନ ସମ୍ପୂର୍ଣ୍ଣ । ଷଟ୍‌ସ୍ୱରର ତାନ—ଷାଡ଼ବ । ପଞ୍ଚସ୍ୱରର ଔଡ଼ବ, ଚତୁଃସ୍ୱରର ସ୍ୱରାନ୍ତର, ତ୍ରିସ୍ୱରର ସାମିକ, ଦ୍ୱିସ୍ୱରର ଗାଥିକ ଓ ଏକସ୍ୱରର ଆର୍ଚ୍ଚିକ । ଗମକ—କୌଣସି ସ୍ୱରକୁ କମ୍ପିତ କରିବାକୁ ଗମକ କହନ୍ତି । ସ୍ୱରର ଆରୋହ ଅବରୋହକୁ ମୂର୍ଚ୍ଛନା କହନ୍ତି । ସ୍ୱର ଶ୍ରୁତିମାନଙ୍କରେ ଗଠିତ ଅର୍ଥାତ୍ କେତେକ ଶ୍ରୁତିରେ ସ୍ୱର ହୁଏ । ସପ୍ତସ୍ୱରର ସମୂହକୁ ଗ୍ରାମ କହନ୍ତି । ମନ୍ଦ୍ର, ମଧ୍ୟ ଓ ତାର ଭେଦରେ ତାହା ଷଡ଼୍‌ଜ, ମଧ୍ୟମ ଓ ଗାନ୍ଧାର ନାମରେ ଖ୍ୟାତ ।

ରାଗ ପ୍ରଧାନତଃ ୬ ଗୋଟି :—ରାଗମାନେ ଭିନ୍ନ ଭିନ୍ନ ଋତୁରେ ଗୀତ ହୁଅନ୍ତି । ହିନ୍ଦୋଳ, ଦୀପକ, ମେଘ, ଭୈରବ, ଶ୍ରୀ ଓ ମାଲକଂସ୍ ଯଥାକ୍ରମେ ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରଦ, ହେମନ୍ତ ଓ ଶିଶିର ଋତୁର ଅଟନ୍ତି । ପ୍ରତ୍ୟେକ ସ୍ୱରର ପାଞ୍ଚ ରାଗିଣୀ, ଆଠ ଉପରାଗ ଓ ଆଠ ଉପରାଗିଣୀ । ରାଗ—ପୁରୁଷ, ରାଗିଣୀ—ସ୍ତ୍ରୀ, ଉପରାଗ ତାଙ୍କ ପୁତ୍ର ଓ ଉପରାଗିଣୀ ତାଙ୍କ ପୁତ୍ରବଧୂ । ତେଣୁ ସେମାନେ ଯଥାକ୍ରମେ ୬ ରାଗ, ୩୦ ରାଗିଣୀ, ୪୮ ଉପରାଗ ଓ ୪୮ ଉପରାଗିଣୀ । ରାଗ ରାଗିଣୀ ନାମକରଣରେ ଶାସ୍ତ୍ରକାରମାନେ ଏକମତ; କିନ୍ତୁ ଉପରାଗ ଓ ଉପରାଗିଣୀର ନାମକରଣରେ ଅନୈକ୍ୟ ପରିଦୃଷ୍ଟ ହୁଏ ।

*ରାଗ—ହିନ୍ଦୋଳ ରାଗିଣୀ—ପଟମଞ୍ଜରୀ, ବଲ୍ଲବଲ୍ଲୀ, ଲଳିତା, ଦେଶାକ୍ଷ ଓ ରାମକଲି; ଉପରାଗ—ମଙ୍ଗଳ, ଶୋଭ, ବିଭାସ, ବିନୋଦ, ଗୌରି, ପ୍ରଧାନଚନ୍ଦ୍ରବିମ୍ବ ଓ ଆନନ୍ଦ; ଉପରାଗିଣୀ—ପାର୍ବତୀ, ପୂର୍ବୀ, ଚୈତୀ, ସରସ୍ୱତୀ, ଦେବଗିରି, ତରୁଣୀ, କେରବୀ ଓ ଲୀଳାବତୀ । ରାଗ—ଦୀପକ; ରାଗିଣୀ—କାମୋଦୀ, ଦେଶୀ, କାନଡ଼ୀ, କେଦାରୀ ଓ ନଟ; ଉପରାଗ—କଳିଙ୍ଗ, କୁନ୍ତଳ, କମଳ, କୁସୁମ, ଚମ୍ପକ, ରାମ, ଲହଲ ଓ ହିମାଳ; ଉପରାଗିଣୀ—ଜୟନ୍ତଜୟନ୍ତୀ, ମଙ୍ଗଳଗୁର୍ଜ୍ଜରୀ, ମନୋହରୀ, ଅହିରୀ, ଯମନ, ହମୀର, ଶଙ୍କର, ବିହାଗଡ଼ା । ରାଗ—ମେଘ, ରାଗିଣୀ—ଦେଶକାରୀ, ଭୂପାଳୀ, ଗୁର୍ଜ୍ଜରୀ, ମହ୍ଲାରୀ ଓ ଟଙ୍କଳ; ଉପରାଗ—ଗଜାଧର, କେଦାର, ଜାଲନ୍ଧର, ସାରଙ୍ଗ, ନଟନାରାୟଣ, ଶହାନା, କଲ୍ୟାଣ ଓ ଶଙ୍କରାଭରଣ; ଉପରାଗିଣୀ:—ମାଣ୍ଡ, କାନଡ଼ନଟ, କଦମ୍ବନଟ, ଗୌରୀ, ବିହାରୀ, ପରଜ, ନଟମଞ୍ଜରୀ ଓ ଶୁଦ୍ଧନଟ । ରାଗ—ଭୈରବ; ରାଗିଣୀ—ଭୈରବୀ, ମଧୁମାଧବୀ, ସିନ୍ଧବୀ ଓ ବଙ୍ଗାଳୀ; ଉପରାଗ—ହର୍ଷ, ତିଳକ, ପୂରିୟା, ମାଧବ, ସୋହନ, ବିଲନେହ, ମଧୁ ଓ ପଞ୍ଚମ; ଉପରାଗିଣୀ—ବଳବଳୀ, ସୁହା, କୁମାର, ଫଳଗୁର୍ଜ୍ଜରୀ, ସୋରଠୀ, ଅନଦାହୀ, ପଟହମଞ୍ଜରୀ ଓ ଖାରୀ । ରାଗ—ଶ୍ରୀ; ରାଗିଣୀ—ମାଳଶ୍ରୀ, ମାଳବୀ, ଆଶାବରୀ ଓ ବସନ୍ତ; ଉପରାଗ—ସିନ୍ଧୁ, ମାଳବ, ଗୌଡ଼, କୁମ୍ଭ, ଗୁଣସାଗର, ଗମ୍ଭୀର, ଶଙ୍କର ଓ ବିହାଗଡ଼ା; ଉପରାଗିଣୀ—ସରସ୍ୱତୀ, ବିଜୟା, କୁମ୍ଭୀ, ସିରେ, ମୋହନୀ, ଖେମ, ସହସ୍ରଶୀର୍ଷ ଓ ଧାନଶ୍ରୀ । ରାଗ—ମାଲକସ୍; ରାଗିଣୀ—କକୁଭ, ଖମ୍ବାବତୀ, ଗୁଣକଳୀ, ଗୌରୀ ଓ ତୋଡ଼ୀ; ଉପରାଗ—ମାରୁ, ମେବାଡ଼ା, ପ୍ରବଳ, ବଡ଼ହଂସ, ଭ୍ରମର, ଚନ୍ଦ୍ରକ, ଖୋକର ଓ ନନ୍ଦ; ଉପରାଗିଣୀ—ଧନାଶ୍ରୀ, ଜୈତାଶ୍ରୀ, କାମୋଦୀ, ଗନ୍ଧାରି, ସୁଧରାଇ, ଦୁର୍ଗା, ଭୀମପଲଶୀ ଓ ମାଳଶ୍ରୀ । ଏହି ବିଭାଗ କରଣରେ ମଧ୍ୟ ଶ୍ରୀରାଗର ରାଗିଣୀରେ ମାଳଶ୍ରୀ, ଧନାଶ୍ରୀ ଓ ମାଲକସ୍

---

*"ସାମବେଦାତ୍ ସ୍ୱରା ଜାତାଃ ସ୍ୱରେଭ୍ୟୋ ଗ୍ରାମ ସମ୍ଭବଃ । ଗ୍ରାମେଭ୍ୟୋ ଜାତୟୋ ଜାତା ଜାତିଭ୍ୟୋ ରାଗ ସମ୍ଭବଃ । ସପ୍ତସ୍ୱରାସ୍ତ୍ରୟୋ ଗ୍ରାମା ମୂର୍ଚ୍ଛନାସ୍ତ୍ୱେକ ବିଂଶତିଃ । ଦ୍ୱାବିଂଶତିଶ୍ଚ ଶ୍ରୁତୟ ଏତେଭ୍ୟୋ ରାଗସମ୍ଭବଃ ।"

ରାଗର ଉପରାଗିଣୀରେ ମାଳଶ୍ରୀ ଓ ଓ ଧନାଶ୍ରୀ ପଃ ଦୃଷ୍ଟ ହୁଏ । ନାମରେ ଐକ୍ୟ ଥିଲେହେଁ ଗୀତ ସ୍ଥିତରେ ପାର୍ଥକ୍ୟ ଅଛି । ଅନ୍ୟ ଏକ ମତରେ ଭୈରବର ଉପରାଗରେ ବିଭାସ, ଦେବସାଖ, ଲଳିତ, ବିଳାବଲ ଓ ବଙ୍ଗାଳ ଏ ପାଞ୍ଚଟି ତିଳକ, ସୋହ୍ନ, ବଲକେହ୍ନ, ମଧୁ ଓ ପୂରିୟା ସ୍ଥାନରେ ଗୃହୀତ; ଉପରାଗିଣୀ ସମାନ । ମାଲକସ୍ ରାଗର ଉପରାଗରେ ବଡ଼ହଂସ ଉଭୟତ୍ର ସମାନ; କିନ୍ତୁ ଅନ୍ୟ ସାତଟି ସ୍ଥାନରେ ଗନ୍ଧାର, ମାଳବଗୌଡ଼ା, କାମୋଦା, ଶହାନା, ମକର, ସୁଧ ଓ ସିକଠ ଗୃହୀତ । ଉପରାଗିଣୀ ଉଭୟତ୍ର ସମାନ । ଶ୍ରୀରାଗରେ—ରାଗିଣୀ ମାଲବୀ ସ୍ଥାନରେ ମାରୁ ଗୃହୀତ । ଅନ୍ୟମାନେ ସମାନ । ଉପରାଗରେ ସଙ୍କର ଉଭୟତ୍ର ସମାନ । ଅନ୍ୟ ସାତଗୋଟି ସ୍ଥାନରେ ଶ୍ରୀଖନ, ଗୋଳାହଲ, ସାବନ୍ତ, ଖଠ, ବଡ଼ହଂସ, ଦେସକର ଓ ରାଗେଶ୍ୱର ଗୃହୀତ । ଉପରାଗିଣୀରେ ସିରେ ଓ ସହସ୍ରଶୀର୍ଷା ସ୍ଥାନରେ ସୁରବ ଓ ଶିଶିରବସା ଗୃହୀତ । ମେଘ ରାଗରେ—ରାଗିଣୀ ସମାନ । ଉପରାଗରେ ଗଜଧର, ଗନ୍ଧାର, ଜାଲନ୍ଧର, ସାରଙ୍ଗ, ନଟନାରାୟଣ ଓ କଲ୍ୟାଣ ସ୍ଥାନରେ କଳାପର, ବାଗେଶ୍ରୀ, ପୂରିୟା, ସତଭ, କାନଡ଼ା ଓ ତିଲଙ୍ଗ ଗୃହୀତ । ଉପରାଗିଣୀରେ ଗୌଣ୍ଡ ଓ ବହାଗୀ ସ୍ଥାନରେ କାବଦୀ ଓ ବହାଦରୀ ଗୃହୀତ । ହିନ୍ଦୋଲ ରାଗରେ ରାଗିଣୀ ସମାନ । କିନ୍ତୁ ଉପରାଗରେ ୮ଟି ନୂତନ ଯଥା—ବସନ୍ତ, ମାଳବା ମାରୁ, ବଳହାର, ଲଙ୍କଦହନ, କୁଶଳ, ଧ୍ୱଜ, ନାଗଧ୍ୱଜ । ଉପରାଗିଣୀରେ କେବଳ କେରବୀ ସ୍ଥାନରେ ଗରବୀ ଗୃହୀତ—ଅନ୍ୟମାନେ ସମାନ । ଦୀପକ ରାଗର ରାଗିଣୀ ସମାନ । ଉପରାଗରେ କୁସୁମ ସମାନ; ଆଉ ସାତଗୋଟି ନୂତନ । ଯଥା—ନଟନାରାୟଣ, ବହାଗଡ଼ା ମଙ୍ଗଳାପଠକ, ଅଡ଼ାନା, ରହସ ମଙ୍ଗଳ, ମକରନ୍ଦ ଓ ଠଙ୍କ । ଉପରାଗିଣୀ ସମାନ । ଏ ଦୁଇଟି ମତର କେବଳ ଅନୈକ୍ୟ ପ୍ରଦର୍ଶିତ ହେଲା—ଏହିପରି ପ୍ରାୟ ୧୭ ପ୍ରକାର ମତ ଦେଖାଯାଏ । ଏପରି ସ୍ଥଳରେ ଏ ବିଷୟରେ ସ୍ଥିର ନିର୍ଣ୍ଣୟ କରିବା ସହଜ ବ୍ୟାପାର ନୁହେଁ । "ନାସୌମୁନିର୍ଯସ୍ୟ ମତଂ ନ ଭିନ୍ନମ୍" ଏ ଉକ୍ତିଟି ଅକ୍ଷରେ ଅକ୍ଷରେ ସତ୍ୟ । ତହିଁ 'ମହାଜନୋ ଯେନ ଗତଃ ସପନ୍ଥାଃ' ଧରିବାକୁ ହୁଏ; ଅର୍ଥାତ୍ ଯେଉଁ ଦେଶରେ ଯାହା ପାରମ୍ପର୍ଯ୍ୟକ୍ରମେ ପ୍ରଚଳିତ ତାହାକୁ ଅବଲମ୍ବନ କରିବାକୁ ହେବ । ଓଡ଼ିଆ କାବ୍ୟ କବିତା ଓ ଚୌତିଶା ଚଉପଦୀମାନଙ୍କରେ ରାଗ ରାଗିଣୀର ନିର୍ଦ୍ଦେଶ ହେତୁ ଓ ଉପରି କଥିତ ରାଗ, ରାଗିଣୀ ଉପରାଗ ଓ ଉପରାଗିଣୀ ମଧ୍ୟରୁ କେତେକ ସେହି ସବୁ ହୋଇଥିବାରୁ ସେମାନଙ୍କ ବିଷୟରେ କିଞ୍ଚିତ୍ ଆଭାସ ମାତ୍ର ପ୍ରଦତ୍ତ ହେଲା । ଓଡ଼ିଆ ଭାଷାର ପ୍ରାଚୀନ କବିତା ଆମ୍ଭେମାନେ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ପ୍ରକାଶିତ ବୌଦ୍ଧଗାନ ଓ ଦୁହାରେ ଦେଖିବାକୁ ପାଉଁ । କାହ୍ନୁପାଦ, ଲୁଇପାଦ, ସରୋରୁହ ବଜ୍ର, ଶବରପାଦ, ଭୁସୁକୁ ପ୍ରଭୃତି ଉତ୍କଳୀୟ ଥିଲେ । ସେମାନଙ୍କ ଗୀତରେ ପଦସ୍ଥିତ ପାଦମାନଙ୍କରେ ଅକ୍ଷର-

ବିନ୍ୟାସରେ ସମତା ନାହିଁ । ଉଦାହରଣ ସ୍ୱରୂପ ଗୁଜ୍ଜରି ରାଗର ଗୀତର ପାଦମାନଙ୍କରେ ୧୦, ୧୧, ୧୨, ୧୩, ୧୪, ୧୫ ଅକ୍ଷର ବିନ୍ୟାସ ଦେଖିବାକୁ ପାଉଁ । ଅର୍ଜୁନଦାସଙ୍କ ରାମବିଭା, ନରସିଂହଙ୍କ ପଦ୍ମମଳାକାବ୍ୟ ପ୍ରଭୃତିରେ ଛନ୍ଦମାନଙ୍କର ପଦଗୁଚ୍ଛିତ ପାଦମାନଙ୍କରେ ଅକ୍ଷରସମତା ନାହିଁ । ପୁନଶ୍ଚ ଶାରଳା ମହାଭାରତ, ଦାଣ୍ଡୀ ରାମାୟଣ, ଅଚ୍ୟୁତଙ୍କ ହରିବଂଶ, ଚୈତନ୍ୟଦାସଙ୍କ ବିଷ୍ଣୁଗର୍ଭପୁରାଣାଦିରେ ମଧ୍ୟ ଅକ୍ଷରସମତା ନାହିଁ । ଏହିପରି ଲେଖା ହେବା ବହୁ ପରେ ପାଦମାନଙ୍କର ଅକ୍ଷରସମତା ରଖିବାକୁ କବିମାନେ ଚେଷ୍ଟା କଲେ । ଦୀନକୃଷ୍ଣ ଦାସ ରସବିନୋଦରେ ଏହି ବିଷୟରେ କହିଅଛନ୍ତି । ଏ ଗ୍ରନ୍ଥ ଚରଣକୁ ଚାହିଁ । ନବ ଅକ୍ଷର ପରଛିନ୍ନ । ଅଷ୍ଟ ଅକ୍ଷର ହୋଇ ନାହିଁ । ଦଶ ହୋଇବ ଅବା କାହିଁ । × × × × ଅକ୍ଷର ଗଣିମ ହସ୍ତରେ । ତେବେ ସେ ଲେଖିବ ପତ୍ରରେ ॥ ବେଦରେ ତଥା ସଂସ୍କୃତରେ ବିଷମ ବୃତ୍ତ ଓ ସମବୃତ୍ତର ପଦ୍ୟାବଳୀ ପରିଲକ୍ଷିତ ହୁଏ । ସମବୃତ୍ତ ଓ ବିଷମ ବୃତ୍ତରେ ରାଗ ମଧ୍ୟ ଅକ୍ଷୁଣ୍ଣ ରହେ । ଯେଉଁମାନେ କୌଣସି ରାଗକୁ ଅକ୍ଷର ନିୟମରେ ନିୟନ୍ତ୍ରିତ କରନ୍ତି ସେମାନେ ଛନ୍ଦଶାସ୍ତ୍ର ଓ ସଙ୍ଗୀତ ଶାସ୍ତ୍ରରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ସେମାନେ ପାଠକ ଓ ଗାୟକଙ୍କୁ କେବଳ ଧନ୍ଦିକରେ ପକାନ୍ତି । ଏକ ବିଶିଷ୍ଟ ରାଗର ନାନା ବୃତ୍ତ ହୋଇପାରେ; ତେଣୁ ଅକ୍ଷରବିନ୍ୟାସରେ ପାର୍ଥକ୍ୟ ହେବା ସ୍ୱତଃସିଦ୍ଧ । ଉଦାହରଣ ସ୍ୱରୂପ ଗୋଟିଏ ରାଗର ଭିନ୍ନ ଭିନ୍ନ ଅକ୍ଷରବିନ୍ୟାସମାନଙ୍କରେ ପଦ୍ୟମାନ—ଯଥା :—କେଦାର ଜଗମୋହନ ନବମଛନ୍ଦ, ପଞ୍ଚମଛନ୍ଦ, ରସକଲ୍ଲୋଳ ତୃତୀୟଛନ୍ଦ, କିଶୋରଚନ୍ଦ୍ରାନନ୍ଦ ଚମ୍ପୂ 'ଖ' ଗୀତ ଓ 'ଜ' ଗୀତ ପ୍ରଭୃତି ଦ୍ରଷ୍ଟବ୍ୟ । ଉପେନ୍ଦ୍ର ପ୍ରଭୃତି କବିମାନଙ୍କର କାବ୍ୟ କବିତା ଓ ଚଉପଦୀ ପ୍ରଭୃତିରେ ସାଧାରଣତଃ ରାଗ ଓ ବାଣୀର ନିର୍ଦ୍ଦେଶ ପାଉଁ, କ୍ୱଚିତ୍ ତାଳର ଉଲ୍ଲେଖ ଥାଏ । ଗୋଟିଏ ରାଗର ନାନା ବାଣୀ ବା ବୃତ୍ତି ହୋଇପାରେ । ଭିନ୍ନ ଭିନ୍ନ ରାଗର ମଧ୍ୟ ଗୋଟିଏ ତାଳ ହୋଇପାରେ । ସେହି ପ୍ରାଚୀନ କବିମାନଙ୍କ ସମୟରେ ଉକ୍ତ ବାଣୀମାନଙ୍କର ଗାନରୀତି ସର୍ବଜନ ଜ୍ଞାତ ଥିଲା । ଆଜିକାଲି କିନ୍ତୁ ତନ୍ମଧ୍ୟରୁ କେତେକ ବାଣୀର ଗାନରୀତି ଜଣା ନ ଥିବାରୁ ଗାନ କରିବାରେ ବିଶେଷ ଅସୁବିଧା ହୁଏ । ଯେଉଁ ସ୍ଥଳରେ ତାଳ ନିର୍ଦ୍ଦିଷ୍ଟ ହୋଇଅଛି ସେହି ଛନ୍ଦର ଉକ୍ତ ରାଗର ଗାନ ସହଜରେ ହୋଇପାରେ । ଦୀନକୃଷ୍ଣଙ୍କ ଜଗମୋହନ ଛନ୍ଦର କେତେକ ଛନ୍ଦରେ ରାଗ ଓ ବାଣୀ କେତେକ ଛନ୍ଦରେ କେବଳ ରାଗ ଓ କେତେକ ଛନ୍ଦରେ ରାଗ ଓ ତାଳ ନିର୍ଦ୍ଦିଷ୍ଟ ହୋଇଅଛି । ଜଗମୋହନ ଛନ୍ଦ:—ଷଷ୍ଠ ଛନ୍ଦ—ବସନ୍ତ ରାଗ—ରୂପକତାଳ; ଅଷ୍ଟମ ଛନ୍ଦ—ଗୁଜ୍ଜରୀ ରାଗ—ଖେମଟା ତାଳ; ନବମ ଛନ୍ଦ—ରାଗ କେଦାର—ତାଳ ଝମ୍ପା; ଉପେନ୍ଦ୍ରଙ୍କ—ଲାବଣ୍ୟବତୀର ୩୬ ଛନ୍ଦ—ରାଗ ରାଜବିଜେ—ତାଳ ରୂପକ ପ୍ରଭୃତି ଦିଆ ଯାଇଅଛି । ତାହା ଗାଇବାରେ ଅସୁବିଧା ହେବ ନାହିଁ । କିନ୍ତୁ ଯେଉଁ ସ୍ଥଳରେ କେବଳ ରାଗର ଉଲ୍ଲେଖ ହୋଇଅଛି ତାହା ଯଥାଯଥ ଗାନ କରିବା

ଅନ୍ତ'କ୍ଷେକର । ଯେଉଁ ସ୍ଥାନରେ ରାଗ ଓ ବାଣୀ ଉଭୟ ପ୍ରଚଳିତ ହୋଇଅଛି--ବାଣୀ ବା ବୃତ୍ତିର ପ୍ରଚଳନ ଥିଲେ—ଗାନ କରିବା ସହଜସାଧ୍ୟ ହୁଏ । ବାଣୀ ବା ବୃତ୍ତିର ପ୍ରଚଳନ ନ ଥିଲେ ଅର୍ଥାତ୍ ତାର ଗାନ ଜଣା ନ ଥିଲେ, ରାଗର ପ୍ରକୃତ ଗାନ ହୋଇ ପାରିବ ନାହିଁ । ରାଗର ବାଣୀ ଥିଲେ ଅବଶ୍ୟ ତାହାର ବିଶିଷ୍ଟ ରୀତି ଜଣାଯାଏ ଓ ତାର ଅକ୍ଷର ବିନ୍ୟାସ ଅବାଧରେ ଗ୍ରହଣ କରିପାରୁଁ । ଅକ୍ଷରବିନ୍ୟାସର ଭିନ୍ନତାରେ ରାଗ ନାନା ଆକୃତି ଧାରଣ କରିପାରେ; କିନ୍ତୁ ଅକ୍ଷର ବିନ୍ୟାସରେ ଶୁଦ୍ଧ ରାଗକୁ ନିୟମିତ କରିବା ପୂର୍ଣ୍ଣ ଭ୍ରମାତ୍ମକ । ଓଡ଼ିଶାରେ ଶୁଦ୍ଧ ରାଗ ବ୍ୟତୀତ ଆମ୍ଭେମାନେ ଅନେକ ମିଶ୍ର-ରାଗ ଦେଖିବାକୁ ପାଉଁ । ଶୁଦ୍ଧ:—ଭୈରବ, ମେଘ ପ୍ରଭୃତି । ମିଶ୍ର: —କେଦାର+ଗୌଡ଼ା=କେଦାର ଗୌଡ଼ା; ପାହାଡ଼+କେଦାର=ପାହାଡ଼ିଆ କେଦାର । କଲ୍ୟାଣ+ଆହାରୀ=କଲ୍ୟାଣ ଆହାରୀ; ମଙ୍ଗଳ ଗୁଜ୍ଜରୀ, ବସନ୍ତ ବରାଡ଼ି ଇତ୍ୟାଦି । କେଉଁ ତାଳରେ ବା ବୃତ୍ତିରେ ପାହାଡ଼ ଓ କେଦାର ବୋଲାଯାଏ ତାହା ଠିକ୍ କରି ପରେ କିପରି ମିଶ୍ର ପାହାଡ଼ କେଦାର ବୋଲାଯିବ ତାହା ନିର୍ଣ୍ଣୟ କରିବାକୁ ହେବ । ଏ ବିଷୟ ବଡ଼ ଗୁରୁତର । ଦୁଃଖର କଥା, ଛନ୍ଦ ଓ ଗୀତର ରାଗ-ରାଗିଣୀ ବିଷୟରେ ତଥା ଗୀତି ରୀତିର ନିର୍ଣ୍ଣୟ ବିଷୟରେ ଯଥାଯଥ ଅନୁଶୀଳନ, ଆଲୋଚନା ଏ ପର୍ଯ୍ୟନ୍ତ ଆମର ଏହି ଉତ୍କଳଖଣ୍ଡରେ ହୋଇ ନ ଥିବାରୁ ଲୋକେ ନିଜ ଇଚ୍ଛା ଅନୁସାରେ ମନମଉଜି ଗାନ କରି ବିଷମ ବିଭ୍ରାଟ ଉପସ୍ଥିତ କରାଉଅଛନ୍ତି । ଏ ବିଷୟରେ ପ୍ରକୃତ ଓ ପ୍ରକୃଷ୍ଟ ଆଲୋଚନା କରିବାକୁ ହେଲେ ବୈଦିକ ସୂକ୍ତ, ବୌଦ୍ଧ ଓ ଜୈନ ସ୍ତୋତ୍ରଗୀତି, ସଂସ୍କୃତ ଓ ପ୍ରାକୃତ କାବ୍ୟ କବିତା, ପୃଥ୍ୱୀରାଜ ରାସୋ, ମରହଟ୍ଟୀ ନାମଦାସ ପ୍ରଭୃତି ପ୍ରାଚୀନ କବିଙ୍କର କୃତି; ଚଣ୍ଡୀଦାସ, ବିଦ୍ୟାପତି, ଶୂରଦାସ, ମୀରାବାଈ, କବୀର ପ୍ରଭୃତିଙ୍କ ହିନ୍ଦୀ କବିତା; ପ୍ରାଚୀନ ଉତ୍କଳ କାବ୍ୟ କବିତା ଓ ଗୀତ ପ୍ରଭୃତି ବୈଦିକ ଶିକ୍ଷା, ପିଙ୍ଗଳଛନ୍ଦ ସୂତ୍ର, ପ୍ରାକୃତ ପିଙ୍ଗଳ, ଅନ୍ୟାନ୍ୟ ଛନ୍ଦଗ୍ରନ୍ଥ ତଥା ସଂସ୍କୃତ, ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ସଙ୍ଗୀତ ଶାସ୍ତ୍ର ସହିତ ଶ୍ରମ ଓ ଅଭିନିବେଶ ସହ ଆଲୋଚନା କଲେ ତଥ୍ୟ ସମ୍ଭବତଃ ନିର୍ଣ୍ଣୀତ ହେବ । ଏ ବିଷୟରେ ଆଲୋଚନା କରିବାକୁ ଗଲେ ଆମ୍ଭମାନଙ୍କୁ ମୋର ପ୍ରିୟବନ୍ଧୁ ମଧୁପୁର ପଟ୍ଟାୟତ ଶ୍ରୀ ବଳଭଦ୍ରଚନ୍ଦ୍ର ଧୀରଙ୍କ ସାହାଯ୍ୟ ଅବଶ୍ୟ ନେବାକୁ ହେବ । ସେ ଆଜୀବନ ସଙ୍ଗୀତଶାସ୍ତ୍ରର ଆଲୋଚନା କରି ତଦ୍ ବିଷୟରେ ଯେ ପାଣ୍ଡିତ୍ୟ ଲାଭ କରିଅଛନ୍ତି, ତାହା ଅନନ୍ୟ ବିରଳ କହିଲେ ସତ୍ୟର ଅପଲାପ ହେବ ନାହିଁ ।

ବର୍ତ୍ତମାନ କାଗଜର ଦୁର୍ଲ୍ଲଭତା ହେତୁ କେତେକ ବିଷୟ ଆଲୋଚିତ ହୋଇ ପାରି ନାହିଁ ଓ କେତେକ ସ୍ଥଳରେ ବିଷୟ ସଂକ୍ଷିପ୍ତରୂପେ ସୂଚିତ ହୋଇଥିବାରୁ ଭାଷାର ସରଳତା ରହିପାରି ନାହିଁ । ଲାବଣ୍ୟବତୀ ବିଷୟରେ ବିସ୍ତୃତ କାହୁଁ

କରୁଁ କେତେକ ବିଶେଷ ଅନାବଶ୍ୟକ ବିଷୟ ବାଧ୍ୟ ହୋଇ ଲେଖିବାକୁ ପଡ଼ିଅଛି । ବିଦ୍ୟାରେ ପାରମ୍ପରିକତାର ଅଭାବ ଓ ନିଜର ବିଶେଷ ଅସୁବିଧାହେତୁ ଟୀକାରେ ସ୍ଥଳେ ସ୍ଥଳେ ଭ୍ରମ ପ୍ରମାଦ ରହି ଯାଇଅଛି । ସହୃଦୟ ପାଠକବର୍ଗଙ୍କୁ ସବିଶେଷ ଅନୁରୋଧ ଯଦି ଅନୁଗ୍ରହପୂର୍ବକ ଅନୁରାଗୀ ହୃଦୟରେ ଭ୍ରମ ପ୍ରମାଦ ଦର୍ଶାଇ ଦିଅନ୍ତି ତାହା ସାଦରରେ ଗ୍ରହଣ କରି ଚିରକୃତଜ୍ଞତା-ପାଶରେ ଆବଦ୍ଧ ରହିବି । ପ୍ରସିଦ୍ଧ ପ୍ରାଚୀନ ଟୀକାକାର ଲୋକନାଥ ଦାସଙ୍କ ଲାବଣ୍ୟବତୀର ଟୀପ୍ପଣୀର ମୁଁ ସାହାଯ୍ୟ ଗ୍ରହଣ କରିଅଛି । ସେ ମହାଶୟ ଜଣେ ବିଶିଷ୍ଟ ପଣ୍ଡିତ ଥିଲେ, କିନ୍ତୁ ଦୁଃଖର କଥା—ସେ ସ୍ଥଳେ ସ୍ଥଳେ ମାତ୍ର ଟିପ୍ପଣୀ ଦେଇଅଛନ୍ତି । ତାଙ୍କ ଟିପ୍ପଣୀ ମୋତେ ଏ କାର୍ଯ୍ୟ ସାଧନ କରିବାରେ ବିଶେଷ ସାହାଯ୍ୟ ପ୍ରଦାନ କରିଅଛି । କେତେକ ସ୍ଥଳରେ ଲୋକନାଥଙ୍କ ଧୃତପାଠ ତଥା ଟିପ୍ପଣୀ ମୁଁ ଗ୍ରହଣ କରି ନାହିଁ । ଗ୍ରହଣ ନ କଲେହେଁ ତାଙ୍କ ପାଠ ଓ ଟିପ୍ପଣୀ ମୋ ଟୀକାରେ ଉଲ୍ଲେଖ କରି ମୋ ନିଜ ମତ ଖ୍ୟାପନ କରିଅଛି ।

**ପୋଥି ପ୍ରାପ୍ତି**—ମୋର ସ୍ୱର୍ଗତ ପ୍ରିୟବନ୍ଧୁ ଦେଶପ୍ରାଣ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମୋର ଅନୁରୋଧକ୍ରମେ ଘୁମୁସର ତଥା ଗଞ୍ଜାମରୁ ଅନ୍ୟ ପୋଥିମାନଙ୍କ ସହିତ ୪ଖଣ୍ଡ ଲାବଣ୍ୟବତୀ ପୋଥି ଆଣି ଦେଇଥିଲେ । ମୁଁ ମଧ୍ୟ କଟକ, ପୁରୀ ଓ ଗଡ଼ଜାତମାନଙ୍କରୁ ୫ ଖଣ୍ଡ ପୋଥି ପାଇଥିଲି—ତନ୍ମଧ୍ୟରେ ଲୋକନାଥ ଦାସଙ୍କ ପୋଥି ଉଲ୍ଲେଖଯୋଗ୍ୟ । ପରେ 'କାଂ' ନାମକ ସିଂହଳର ଜଣେ ଉଚ୍ଚ କର୍ମଚାରୀ ସାହେବ ମୋ ନିକଟକୁ ଚରିତ ଛାପା ଲାବଣ୍ୟବତୀର ଚିତ୍ର ଗୋଟି ଖେଦା ପଠାଇଥିଲେ । ଲାବଣ୍ୟବତୀ ପୋଥିର ବିଷୟ କଣ ସେ ତାହା ଜାଣିବାକୁ ମୋତେ ଅନୁରୋଧ କରିଥିଲେ । ମୁଁ ତାଙ୍କୁ କର୍ଣ୍ଣାଟ ରାଜକୁମାରଙ୍କର ସିଂହଳ ରାଜକନ୍ୟାଙ୍କ ସହ ବିବାହ ବିଷୟ ବର୍ଣ୍ଣିତ ଥିବା ଲେଖି ପଠାଇଲି ଓ ମଧ୍ୟ ସମଗ୍ର ମୁଦ୍ରିତ ଲାବଣ୍ୟବତୀ ଗ୍ରନ୍ଥଟି ପଠାଇବାକୁ ଅନୁରୋଧ କରନ୍ତେ ସେ ତାହା ପଠାଇ ଦେଇଥିଲେ ।

ପରେ ରେଭେନ୍ସା କଲେଜ ମିଉଜିଅମରୁ ଦୁଇଖଣ୍ଡ ଲାବଣ୍ୟବତୀ ପାଇଲି । ଏପରି ବାରଖଣ୍ଡ ଲାବଣ୍ୟବତୀ ଗ୍ରନ୍ଥ ଓ ମୁଦ୍ରିତ ଗ୍ରନ୍ଥ ମିଳାଇ ଶୁଦ୍ଧ ପାଠ ପ୍ରଦାନ କରିବାରେ ଯଥାସାଧ୍ୟ ଚେଷ୍ଟା କରିଅଛି ।

ବାଚାଳତାରେ ଅନେକ ଅବାନ୍ତର କଥା କହିଥିବି । ସହୃଦୟ ପାଠକ-ବର୍ଗ ସ୍ୱ ଉଦାର ହୃଦୟରେ କ୍ଷମା କରିବା ହେବେ ।

ଗ୍ରାମ—ନାରଣପୁର,
୧୮।୧୨।୪୪ } ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି

# ଲାବଣ୍ୟବତୀ

---

## ପ୍ରଥମ ଛାନ୍ଦ

### ରାଗ—ନଳିନୀଗୌଡ଼ା

( ରାମବିଭା ପ୍ରଥମଛାନ୍ଦ ବାଣୀରେ )

ଜୟ ଜୟ ଜୟ ରାମ ଜନକସୁଖଦ ।
ଭୀମ ହରଷ ଦାନରେ ସଦା ବିଶାରଦ ହେ ॥ ୧ ॥

---

୧ । ଆଦ୍ୟରେ ଜୟ ଶବ୍ଦ ମଙ୍ଗଳ ବଚନ । ଲିପିଦୋଷ ଗଣଦୋଷ ନାଶାର୍ଥ । ଜୟ ଶବ୍ଦର ପୁନଃ ପୁନଃ ତିନିବାର ପ୍ରୟୋଗ—ଆଦରାର୍ଥରେ ବା **ଆନନ୍ଦ** ପ୍ରକାଶପୂର୍ବକ ।

ରାମଚନ୍ଦ୍ରଙ୍କ ପକ୍ଷେ:—ରାମ—ଦଶରଥନନ୍ଦନ । ଜନକସୁଖଦ ହେ ରାମ ଜୟ କି ଜୟଯୁକ୍ତ ହୁଅ (ଏହାଦ୍ୱାରା ରାମଙ୍କର ସର୍ବୋତ୍କର୍ଷ ଖ୍ୟାତିରେ କବିଙ୍କର ନମସ୍କାର ସୂଚିତ ହେଲା)—ଜନକ ଯେ ଜନକ ଋଷି (ସୀତା ସ୍ୱୟମ୍ବର କାଳରେ ଶିବଧନୁ ଭଙ୍ଗଦ୍ୱାରା) ତାଙ୍କର ସୁଖଦାତା ଅଟ ବା ଦଶରଥ ଯେ ରାମଚନ୍ଦ୍ରଙ୍କ ପିତା ତାଙ୍କର ସତ୍ୟରକ୍ଷା କରିବାଦ୍ୱାରା ଅର୍ଥାତ୍ ନିଜର ବନକୁ ଯିବା ଓ ଭରତକୁ ରାଜା କରାଇବା ରୂପ ଯେ ବରଦାନର ପ୍ରତିଶ୍ରୁତି ପୂରଣଦ୍ୱାରା ସୁଖଦାତା ଅଟ । ଭୀମ ହରଷ ଦାନରେ—ମହାଦେବଙ୍କ ମନରେ **ଆନନ୍ଦ** ପ୍ରଦାନ କରିବାରେ, ସଦା—ସର୍ବଦା ବିଶାରଦ—ଚତୁର ନିପୁଣ ଅଟ ( ଶିବଙ୍କର ରାମତାରକମନ୍ତ୍ର ଜପଦ୍ୱାରା ) ବା ହେ ଜୟ କି ହେ ବିଜୟ ହେ ରାମ ଜୟ ଜୟ—ଜୟଯୁକ୍ତ ହୁଅ ।

ପରଶୁରାମ ପକ୍ଷେ:—ଜନକସୁଖଦ—ଜନକ ଯେ ଜମଦଗ୍ନି ତାଙ୍କର ସୁଖଦାତା—(ତାଙ୍କ ବଚନ ପରିପାଳନରେ—ମାତୃ ଶିରଚ୍ଛେଦରୂପ) । ଜୀବତେ ବାକ୍ୟକରଣଂ ମୃତାହେ ଭୂରିଭୋଜନଂ । ଗୟାୟାଂ ପିଣ୍ଡଦାନେନ ତ୍ରିଭିଃ ପୁତ୍ରସ୍ୟ ପୁତ୍ରତା । ଭୀମ—ଦୁଷ୍ଟଜନ, ବୀରପୁରୁଷ—ଦୁଷ୍ଟ କ୍ଷତ୍ରିୟମାନଙ୍କର, ହରଷ ଦାନରେ—ସୁଖ ଖଣ୍ଡନ କରିବାରେ । ସେ ୨୧ ଥର ପୃଥିବୀକୁ ନିକ୍ଷତ୍ରିୟ କରିଥିଲେ । ( ଦାନ—ଖଣ୍ଡନ ) ।

ଚନ୍ଦ୍ରହାସଶୋଭିକର ସମସ୍ତ କାଳର ।
ଲକ୍ଷଣବନ୍ତ ଅଲକ୍ଷ୍ୟ ମୁଖ ମନୋହର ଯେ । ୨ ।

---

ବଳରାମ ପକ୍ଷେ:—ଜନକସୁଖଦ—ଜନକ ଯେ ଜନପଦ ତାହାର ସୁଖପ୍ରଦ ବା ଜନକ ଯେ ଜନଗଣ—ଜନମାନେ ତାଙ୍କର ସୁଖଦାତା (ଜନକ—ଏଠାରେ ଜନଶବ୍ଦରୁ ସ୍ୱାର୍ଥରେ କ ପ୍ରତ୍ୟୟ) ବଳରାମ—ଶିବ ରୂପୀ ହେତୁ ସେ ଜନପ୍ରିୟ—ଜନପ୍ରିୟ ନାମ ଶିବଙ୍କର ) ବଳରାମ ତଦ୍ରୂପ ଲୋକମାନଙ୍କ ପ୍ରିୟ । ଭୀମ ହରପଦାନରେ—ଦୁଷ୍ଟ ଲୋକଙ୍କ ସୁଖ ଖଣ୍ଡନରେ ବା ମାରଣରେ ବା ଭୀମସେନଙ୍କ ହର୍ଷଖଣ୍ଡନରେ—ବଳରାମ ଦୁର୍ଯ୍ୟୋଧନଙ୍କ ମିତ୍ର ହେତୁ ଗଦାବିଦ୍ୟାରେ ଦୁର୍ଯ୍ୟୋଧନଙ୍କୁ ନିପୁଣ କରାଇ ଭୀମଙ୍କୁ ସର୍ବଦା ଦୁର୍ଯ୍ୟୋଧନଦ୍ୱାରା ଦୁଃଖ ପ୍ରଦାନ କରୁଥିଲେ । ( ନାମର ଏକଦେଶ ଗ୍ରହଣରେ ଭୀମସେନ ସ୍ଥାନରେ ଭୀମପଦ ଗ୍ରାହ୍ୟ ) । ରାମଚନ୍ଦ୍ର ଉପେନ୍ଦ୍ର-ଭଞ୍ଜଙ୍କ ଇଷ୍ଟଦେବତା ହେତୁ ତାଙ୍କୁହିଁ ନମସ୍କାର ପ୍ରଦତ୍ତ ହେଲା ।

ରାମ ପକ୍ଷେ :—ଚନ୍ଦ୍ରହାସଶୋଭିକର—ଚନ୍ଦ୍ରହାସ ଯେ ଉଜ୍ଜ୍ୱଳ ଖଡ୍ଗ ଶୋଭା ପାଉଛି କରରେ ଯାହାଙ୍କର । ସମସ୍ତ କାଳର ଲକ୍ଷଣବନ୍ତ—ଲକ୍ଷଣ ଯେ ସୁମିତ୍ରାପୁତ୍ର ଲକ୍ଷ୍ମଣ ସେ ସଦା ସର୍ବଦା ତାଙ୍କର ଅନୁଗତ । ( ସମସ୍ତ କାଳର ଖଡ୍ଗ ହସ୍ତରେ ତାଙ୍କର କ୍ଷତ୍ରିୟ ହେତୁ ଏ ଅର୍ଥ ମଧ୍ୟ ହୋଇ ପାରେ) । ଅଲକ୍ଷ—ଅନୁପମ, ନାହିଁ ଲକ୍ଷ୍ୟ— ସଦୃଶ ଯାହାଙ୍କର । ହେ ମୁଖ ମନୋହର—ମୁଖ ଯାହାଙ୍କର ଅତି ସୁନ୍ଦର ଅଟଇ ।

ପର୍ଶୁରାମ ପକ୍ଷେ:—ହେ ଚନ୍ଦ୍ରହାସଶୋଭିକର—ଚନ୍ଦ୍ର ଯେ ମେଚକ ନୀଳଗୁଣ ତାହାର ହାସ୍ୟ ଯେ ପ୍ରକାଶ ଯହିଁରେ ଏବଂଭୂତ ଯେ ଶୋଭା ତାହାର ଆକର କି ସ୍ଥାନ ଅଟେ । ଚନ୍ଦ୍ରଃ ସ୍ୱର୍ଣ୍ଣେଽପି କର୍ପୂରେ ଚନ୍ଦ୍ରଃ ମେଚକକାମ୍ୟୟୋରିତ୍ୟଜୟଃ । ହାସଃ କଳାପ୍ରକାଶୟୋଃ ଇତି ବୈଜୟନ୍ତୀ । ନୀଳମେଘ ତୁଲ୍ୟ । ଲକ୍ଷଣବନ୍ତ—୩୨ ଲକ୍ଷଣଯୁକ୍ତ—ହସ୍ତ ପଦାଦିର ଶୁଭ-ଲକ୍ଷଣଯୁକ୍ତ :—ହସ୍ତରେ ଗଦା ଶଙ୍ଖ ପ୍ରଭୃତି; ପାଦରେ ଚକ୍ର, ଯବ, ଅର୍ଦ୍ଧଚନ୍ଦ୍ର ପ୍ରଭୃତି । ଅଲକ୍ଷ ମୁଖ ମନୋହର—ଅନୁପମ ମୁଖ ହେତୁ ସେ ସୁନ୍ଦର ବା ଚନ୍ଦ୍ରହାସ—ଖଡ୍ଗ ସଦୃଶ ପରଶୁ ଧାରଣ କରିଥିବାରୁ—ଚନ୍ଦ୍ରହାସ ଶୋଭିକର ମହାଦେବଙ୍କ ଶିଷ୍ୟ ହେତୁ ଚନ୍ଦ୍ରହାସ—ଚନ୍ଦ୍ରଙ୍କ ଆବର୍ତ୍ତିବ କରେ—ମସ୍ତକରେ ଶୋଭା ପାଉଛି ଯାହାଙ୍କର, ତାଙ୍କ ରୂପ ମହାଦେବ ସଦୃଶ ହେତୁ ସେ ମଧ୍ୟ ଚନ୍ଦ୍ରମୌଳି ।

ବଳରାମ ପକ୍ଷେ :—ଚନ୍ଦ୍ରହାସଶୋଭିକର—ଚନ୍ଦ୍ର ଯେ ଚନ୍ଦ୍ରମା ତାଙ୍କର ହାସ କି ପ୍ରକାଶ ଅର୍ଥାତ୍ ଚନ୍ଦ୍ର କାନ୍ତିର ଆକର କି ସ୍ଥାନ ଅଟ ।

କବି ଭାରତୀକ ଅଗୋଚର ଛବି ଯାର ।
ସୁମନାବୃନ୍ଦବନ୍ଦିତ ଏଣୁ ନିରନ୍ତର । ୩ ।
ମହାଶୟ ବଳରିପୁ ପରେ ତାପକର ।
ଛନ୍ଦଭଙ୍ଗ କୃତରୁ କାତର ଅରି-ପୁର । ୪ ।

---

ଲକ୍ଷଣଚନ୍ଦ୍ର—କଳଙ୍କଯୁକ୍ତ ଯେ ଚନ୍ଦ୍ର—ସେହି ସେ ଅଲକ୍ଷ ଅନୁପମ ଯହିଁର ଏପରି ମୁଖ ଯାହାଙ୍କର ଅର୍ଥାତ୍ ଚନ୍ଦ୍ରଙ୍କଠାରୁ ତାଙ୍କର ମୁଖ ସୁନ୍ଦର ।

୩ । ରାମ ପକ୍ଷେ:—କବି ଯେ ବାଲ୍ମୀକି ତାଙ୍କ ଭାରତୀକୁ—ବଚନକୁ; ଅଗୋଚର—ଅଜ୍ଞାତ; ଛବି—ଦ୍ୟୁତି, କାନ୍ତି ଯାହାର । ସୁମନାବୃନ୍ଦ—ଦେବସମୂହ । ବନ୍ଦିତ—ପୂଜିତ । ନିରନ୍ତର—ସର୍ବଦା ।

ପଶୁରାମ ପକ୍ଷେ:—କବି—କାବ୍ୟକର୍ତ୍ତା ତାଙ୍କର ଭାରତୀ ଯେ ଭାଷା ତହିଁକି ଅଗୋଚର—ଅଜଣା—ଛବି ଯେ କାନ୍ତି ଯାହାର । ସୁମନାବୃନ୍ଦ—ମନସ୍ୱୀ ସମୂହ—ତାଙ୍କଦ୍ୱାରା ବନ୍ଦିତ—ପୂଜିତ ।

ବଳରାମ ପକ୍ଷେ:—କବି ଯେ ଶୁକ୍ର; ଭାରତୀ ଯେ ସରସ୍ୱତୀ ସେ ଦୁହିଁଙ୍କ ଅଗୋଚର—ଅନାଶ୍ରୟ, ଛବି—ଶୋଭା ଯାହାଙ୍କର ଅର୍ଥାତ୍ ଶୁକ୍ର ଓ ସରସ୍ୱତୀ ସେ ଦୁ-ହିଁ ଭୁମି ଶୋଭାକୁ ସମାନ ନୁହନ୍ତି । ଉଭୟ-ଶୁଭ୍ରବର୍ଣ୍ଣ ଅଟନ୍ତି ବା ଉଭୟଙ୍କ ବର୍ଣ୍ଣନାର ଅତୀତ । ସୁମନାବୃନ୍ଦ—ସାଧୁବୃନ୍ଦ (ବା ଗୋପୀମାନେ) ।

୪ । ରାମ:—ମହାଶୟ ବଳରିପୁପରେ—ମହାଶୟ ବଳ—ଅତିଶୟ ବଳ ଯାହାର ଏପରି ରିପୁ—ଶତ୍ରୁ ଯେ ରାବଣ ତା ଉପରେ ତାପ ବା କୋପ କରି—ତତ୍ପ୍ରତି ତେଜ ବା କ୍ରୋଧ ପ୍ରକାଶକାରୀ ଅଟ । ଛନ୍ଦ—ଶତ୍ରୁ ରାଜା ରାବଣର ଶ୍ୱେତାତପତ୍ର ତାହାର ଭଙ୍ଗ ଯେ ଭେଦ ବା ନାଶ କରିବାରୁ (ଛନ୍ଦଭଙ୍ଗ—ରାଜ୍ୟଚ୍ୟୁତି, ରାଜଛନ୍ଦର ଧ୍ୱଂସ) । ଅରିପୁର—ଲଙ୍କାପୁରସ୍ଥ ଜନମାନେ । କାତର—ଅଧୀର ।

ପଶୁରାମ ପକ୍ଷେ:—ହେ ମହାଶୟ ବଳ—ଅତ୍ୟଧିକ ବଳଶାଳୀ; ରିପୁପରେ କୋପକର—ରିପୁ ଯେ ଶତ୍ରୁରାଜାମାନେ ସେମାନଙ୍କ ଉପରେ କୋପକାରୀ । ଛନ୍ଦଭଙ୍ଗ—ରିପୁନାଶ ତାହା କରିବାରୁ କାତର ହେଲେ ଅରିପୁର ।

ବଳରାମଙ୍କ ପକ୍ଷେ—ହେ ମହାଶୟ—ମହାନ୍ ଅଟେ ଆଶୟ ଅଭିପ୍ରାୟ ଯାହାଙ୍କର, ଉଚ୍ଚାଭିଳାଷୀ; ବଳ—ବଳ ବୋଲି ନାମ ଯାହାର । ଅରିପୁର ଛନ୍ଦ—ଅରିପୁର ହେଲା ଭୂମଣ୍ଡଳ, ଭଙ୍ଗ—ଭେଦ କରିବାରୁ କାତର ହେଲେ, ଏଠାରେ ଅରିପୁର—ଦୁର୍ଯ୍ୟୋଧନପୁରସ୍ଥ ଜନମାନେ । ଭୂମଣ୍ଡଳକୁ ଛନ୍ଦ କହନ୍ତି; ଯଥା—ଛନ୍ଦପଦ୍ଧତି

ସହସ୍ରକର ଉନ୍ନତହର ତେଜବାନ ।
ହରପକ୍ଷ ସଦାନନ୍ଦ ତୋଷ ବବର୍ଦ୍ଧନ ହେ ।:୫ ।

ସେ ପ୍ରଭୁ କଞ୍ଜଚରଣେ କର ଉତ୍ପର ।
ଭଞ୍ଜ ବୀରବର କବି ମାନସଭ୍ରମର ହେ । ୬ ।

---

(ଲୋକନାଶ) ସହସ୍ରାର୍ଜୁନଙ୍କୁ ପରାସ୍ତ କରିବାରୁ କ୍ଷତ୍ରିୟମାନେ ଛତ୍ରଭଙ୍ଗ ହୋଇ ତ୍ରସ୍ତ ହୋଇଥିଲେ—ବଳରାମ କ୍ରୁଦ୍ଧ ହୋଇ ହସ୍ତିନାପୁରକୁ ମୁଷଳରେ ଟାଣିବାକୁ ଉଦ୍ୟତ ହୁଅନ୍ତେ ଦୁର୍ଯ୍ୟୋଧନାଦି ସମସ୍ତେ ଭୀତତ୍ରସ୍ତ ହୋଇଥିଲେ ।

୫ । ରାମ ପକ୍ଷେ:—ସହସ୍ରକର ଉନ୍ନତହର ତେଜବାନ—ସହସ୍ରକର—ସୂର୍ଯ୍ୟ, ଉନ୍ନତ—ତେଜରୁ ଉତ୍କର୍ଷକୁ ହରଣକାରୀ ଯେ ଅଟନ୍ତି, ସୂର୍ଯ୍ୟଙ୍କୁ ବଳି ତେଜସ୍କର । ହରିପକ୍ଷ—ସୁଗ୍ରୀବାଦି ମର୍କଟମାନଙ୍କର ସହାୟ । ସଦା ଆନନ୍ଦଯୁକ୍ତ ଯେ ଯୋଗିଜନ ସେମାନଙ୍କର ସୁଖକୁ ବର୍ଦ୍ଧନକାରୀ (ରମନ୍ତେ ଯୋଗିନୋ ଯସ୍ମିନ୍ ସ ରାମଃ) ବା ସଦାନନ୍ଦ ଯେ ମହାଦେବ ତାଙ୍କ ତୋଷ ବର୍ଦ୍ଧନକାରୀ ।

ପର୍ଶୁରାମ ପକ୍ଷ:—ସହସ୍ର କର—ସହସ୍ରାର୍ଜୁନ ତାର ଉନ୍ନତ—ଗର୍ବ ତାର ହରଣକାରୀ । ତେଜୋବାନ୍—ତେଜସ୍ୱୀ । ହରିପକ୍ଷ—ହରି ଯେ ଭଗବାନ୍ ସେ ପକ୍ଷ କି ବଳ ଯାହାଙ୍କର—ବିଷ୍ଣୁଙ୍କର ଅବତାର ହେତୁ । ସଦାନନ୍ଦ—ସର୍ବକାଳରେ ଆନନ୍ଦଯୁକ୍ତ ଓ ତୋଷବବର୍ଦ୍ଧକ—ଭୂମିଦାନ କରିବାରୁ କଶ୍ୟପଙ୍କର ସନ୍ତୋଷକୁ ବଢ଼ାଇଥିଲ ବା ସଦାନନ୍ଦ ଯେ ମହାଦେବ ତାଙ୍କର ଶିଷ୍ୟ ହୋଇ ତାଙ୍କର ଆନନ୍ଦ ବଢ଼ାଇଥିଲ ।

ବଳରାମ ପକ୍ଷ :—ସହସ୍ରକ—ର ଉନ୍ନତ ହର ତେଜୋବନ୍ତ—ସହସ୍ର ସଂଖ୍ୟକ କ ମସ୍ତକ ଯାହାଙ୍କର ଏବଂଭୂତ ଯେ ଶେଷ ଅର୍ଥାତ୍ ଶଙ୍କର ତାଙ୍କର ଉନ୍ନତ—ଗର୍ବ ତାକୁ ହରଣ କରେ ଯେ ତେଜ ସେଥିରେ ଯୁକ୍ତ—ମହାଦେବଙ୍କ ଗର୍ବ ହରଣ କରିବାରେ ତେଜସ୍ୱୀ ବା ବାଣାସୁରର ଗର୍ବ ନାଶକାରୀ ଓ ତେଜସ୍ୱୀ । ହରିପକ୍ଷ—ହରି ଯେ ଶ୍ରୀକୃଷ୍ଣ ତାଙ୍କର ପକ୍ଷ । ସଦା—ସର୍ବଦା ନନ୍ଦ ଯେ ବ୍ରଜରାଜ ତାଙ୍କର ତୋଷ ବର୍ଦ୍ଧନକାରୀ ଅଟ । ( ସହସ୍ରକର—ସୂର୍ଯ୍ୟ, ସହସ୍ରାର୍ଜୁନ ଓ ଶେଷଦେବ ବା ବାଣାସୁର) ।

୬ । କଞ୍ଜଚରଣେ—ପଦ୍ମରୂପ ପାଦରେ ବା ପଦ୍ମ ସଦୃଶ ପାଦରେ (ମଧ୍ୟ: କ: ବା ରୂପକ ସମାସ) । ତତ୍ପର—ସେବା । ମାନସଭ୍ରମର—ମାନସ ରୂପ

ମୂର୍ତ୍ତିବନ୍ତ କର ମୃଦୁ ଗୀତ ବର୍ତ୍ତୁରଇ ।
ଏଣୁ କର ଥିବ ଅଲଙ୍କାରଯୁକ୍ତ ହୋଇ । ୭ ।
ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ ।
ଅର୍ଥୀଜନପ୍ରକରକୁ ଆନନ୍ଦ କରିବ ହେ । ୮ ।
ଡରଲରେ ସାବର୍ଣ୍ଣ୍ୟ ଯା ବ୍ୟାକରଣେ ଲିଖ ।
ସୁଚିତ୍ତେ କରଇ ଏହି ଗୀତ ହିତ ପାଇଁ ଯେ । ୯ ।
ବୁଝାଇଲେ ଜଡ଼ଜନ ଭାବକୁ ପାଇବ ।
ଖଳ ଖର ଚୂତାଙ୍କୁର ପ୍ରାୟେକ ଗ୍ରାସିବ ହେ । ୧୦ ।

---

ଭ୍ରମର, ମନରୂପ ଭ୍ରମର । ପଦ୍ମରେ ଭ୍ରମର ଲାଗି ରହିଲା ପରି ମୋ ମନ ରାମଙ୍କ ପାଦସେବାରେ ସର୍ବଦା ଲାଗିରହୁ ।

୭ । ମୃଦୁ ଗୀତ—କୋମଳ ମଧୁର ଗୀତସମୂହ ରୂପ କାବ୍ୟ ହେଲା ମୂର୍ତ୍ତିଧାରୀ । ଯେପରି ଦେହଧାରୀର ଦେହରେ ଅଲଙ୍କାର ଥାଏ ସେହିପରି ଏ କାବ୍ୟରେ ଅଲଙ୍କାରମାନ ଅଛି । (ଏଠାରେ ଅଲଙ୍କାର ଦ୍ୱାରା ରସ, ଗୁଣ, ରୀତି, ବୃତ୍ତି, ଦୋଷ, ଅଲଙ୍କାର ଶବ୍ଦ ସାଧାରଣ ଭାବରେ ଗୃହୀତ ଯଥା 'ଅଲଙ୍କାର ଶାସ୍ତ୍ର' ।

୮ । ପଦ—ପ୍ରୟୋଗାର୍ହ ଶବ୍ଦକୁ କହନ୍ତି (ସୁପ୍ତିଙନ୍ତଂ ପଦମ୍)—ସେ ପଦମାନ ସରଳ—ଧ୍ୱନିରେ—ଶବ୍ଦରେ । ଶ୍ରବଣ—କର୍ଣ୍ଣ । ମୋହିବ—ତୃପ୍ତ କରିବ । ଅର୍ଥୀଜନପ୍ରକରକୁ—(ଅର୍ଥ କଲା ଲୋକ ଯେ ଅର୍ଥୀ—ପଣ୍ଡିତ । ପ୍ରକର—ସମୂହକୁ ) ପଣ୍ଡିତମାନଙ୍କୁ ଆନନ୍ଦ ପ୍ରଦାନ କରିବ । ପଦ ସରଳ ହେଲେହେଁ ବ୍ୟଞ୍ଜନା ବୃତ୍ତିରେ ଆଶ୍ଚର୍ଯ୍ୟାର୍ଥ ପ୍ରଦାନ କରି ପଣ୍ଡିତମାନଙ୍କ ମନରେ ସନ୍ତୋଷବିଧାନ କରିବ ।

୯ । ଡ ର ଓ ଲ ବର୍ଣ୍ଣମାନଙ୍କୁ ସମାନ ବର୍ଣ୍ଣ କହନ୍ତି—ଏହା ବ୍ୟାକରଣରେ ଲେଖା ଅଛି । ସୁଚିତ୍ତେ—ଭଲ ମନରେ; ଏଣୁ ବ୍ୟାକରଣର ଏହି ଲକ୍ଷଣକୁ ଲକ୍ଷ୍ୟ କରି । ହିତ ପାଇଁ—କାବ୍ୟର ଓ ଲୋକଙ୍କର ମଙ୍ଗଳ ପାଇଁ ।

୧୦ । ମୂର୍ଖଙ୍କୁ ବୁଝାଇଲେ ସେ ମଧ୍ୟ ଅର୍ଥକୁ ବୁଝିବ, କିନ୍ତୁ ଖଳ (ଦୁଷ୍ଟ) ଖର (ଗଧ) ପରି ଚୂତାଙ୍କୁର—ଆମ୍ବ ବଉଳକୁ ଗିଳି ଦେବ, କିନ୍ତୁ ବୁଝିବ ନାହିଁ—ତାର ଆସ୍ୱାଦ ପାଇବ ନାହିଁ; ନ ଗ୍ରାସିବ ପାଠ ଗ୍ରହଣ କଲେ—ଯେପରି ଗଧ ଚୂତାଙ୍କୁରକୁ ଖାଏ ନାହିଁ, ସେହିପରି ଦୁଷ୍ଟ ଲୋକ ଏ କାବ୍ୟର ଭାବ ଗ୍ରହଣ କରିବ ନାହିଁ ।

ମଧୁ ମକ୍ଷି ଉଚ୍ଛିଷ୍ଟେ ଅମୃତାଦର ସୁରେ ।
କରନ୍ତି ଯେମନ୍ତ ସାଧୁଜନେ ସେ ପ୍ରକାରେ ହେ । ୧୧ ।

ଏବେ ଚିତ୍ତ ରୁଚିତ ରଚିତ ସୁମଧୁର ।
ଶ୍ରୁତିବଦନରେ ପାନ କର ବୁଧ ନର ହେ । ୧୨ ।

ଧନେ କଇଲାସେ ବସି ଏକାନ୍ତେ ଗଉରୀ ।
ପଶାରଙ୍ଗେ ରସିବାକୁ ସ୍ୱସଙ୍ଗେ ବସୁର ହେ । ୧୩ ।

ଏକ କନ୍ୟା ଏ ଅଦ୍ଭୁତେ ମନୁଁ ଜାତ ହେଲ ।
ସୁଷମାରେ ସମରେ ତ୍ରିଲୋକରେ ନ ଥାଇ । ୧୪ ।

ଯେ ଜଗତଜନନୀ ସେ କଲ୍ପ ମନୋରଥ ।
ଜାତ ଦିବ୍ୟ ସୁନ୍ଦରୀ କିମ୍ପାଇଁ ହେବ ବ୍ୟର୍ଥ । ୧୫ ।

ଅଜ କି ପ୍ରଶଂସିବା ଉମାରୁ ଜନ୍ମ ଯାର ।
ଶାମ୍ବୁକୁଁ ମୁକୁତା ଜାତ ହୋଇଲା ପ୍ରକାର ଯେ । ୧୬ ।

---

୧୧ । ସୁରେ—ଦେବତାମାନେ । ମଧୁମକ୍ଷି ଉଚ୍ଛିଷ୍ଟେ—ମହୁକୁ ଯେପରି ଅମୃତବତ୍ ଆଦର କରନ୍ତି, ସେପରି ସାଧୁଲୋକମାନେ ଦୋଷ ଥିବଲେହେଁ ମୋର ଏ କାବ୍ୟକୁ ରସ ଓ ଗୁଣଦୃଷ୍ଟିରେ ଆଦର କରିବେ ।

୧୨ । ଚିତ୍ତ ରୁଚିତ—ମନକୁ ରୁଚିବା ଏହି ଅତି ମନୋହର ରଚିତ କାବ୍ୟକୁ । ଶ୍ରୁତିରୂପ ବଦନରେ—କର୍ଣ୍ଣରୂପ ମୁଖରେ ପାନ କର । ଏ ମନୋହର କାବ୍ୟକୁ ସୁମନରେ ପଣ୍ଡିତମାନେ ଶ୍ରବଣ କରିବା ଉଚିତ ।

୧୩ । କଇଲାସ—କୁବେରଙ୍କ ପର୍ବତ । ଏକାନ୍ତେ—ଏକୁଟିଆ ହୋଇ । ଗଉରୀ—ପାର୍ବତୀ । ପଶାରଙ୍ଗେ—ପଶା ଖେଳରେ । ରସିବାକୁ—ଖୁସିରେ ସମୟ କଟାଇବାକୁ ।

୧୪ । ଅଦ୍ଭୁତେ—ଆଶ୍ଚର୍ଯ୍ୟ ଭାବରେ । ସୁଷମରେ—ପରମଶୋଭାରେ । ସମରେ—ତୁଳ୍ୟ, ସାଦୃଶ୍ୟରେ । ତ୍ରିଲୋକରେ—ତିନି ଭୁବନରେ; ସ୍ୱର୍ଗରେ, ମର୍ତ୍ତ୍ୟରେ ଓ ପାତାଳରେ ।

୧୫ । ଜଗତଜନନୀ—ପୃଥିବୀର ମାତା । ମନୋରଥ—ଇଚ୍ଛା । ଦିବ୍ୟ ସୁନ୍ଦରୀ—ପରମ ଲାବଣ୍ୟମୟୀ କନ୍ୟା । ବ୍ୟର୍ଥ—ଅକାରଣ ବା ଜନ୍ମ କାହିଁକି ଅକାରଣ ହେବ ।

୧୬ । ଉମାରୁ—ପାର୍ବତୀଙ୍କଠାରୁ । ଶାମ୍ବୁକୁଁ—ଶାମୁକାରୁ ; ଶାମୁକାରୁ ଜାତ ମୁକ୍ତା ଯେପରି ଶାମୁକାଠାରୁ ସୁନ୍ଦର ଓ ମୂଲ୍ୟବାନ୍, ସେପରି ଏ କନ୍ୟା ପାର୍ବତୀଙ୍କଠାରୁ ବେଶି ସୁନ୍ଦରୀ ।

ବାଞ୍ଛାରୁ ଉତ୍ପତ୍ତି ବାଞ୍ଛାବତୀ ନାମ ଦେଇ ।
ଖେଳେ ବୁଲାଇଲେ ମତ୍ତ ଦୁହେଁ ବସି ତହିଁ ଯେ । ୧୭ ।
ଏ ସମୟେ ଶୁଭିଲା ଡମରୁ ଗରୁନାଦ ।
ପାର୍ବତୀ ମନରେ ଜାତ ଏମନ୍ତ ବିଷାଦ ଯେ । ୧୮ ।
ହରନେତ୍ରଗତ ଯେବେ ହେବ ଏ ଶୋଭାଙ୍ଗୀ ।
ଯିବ ସିନା ମୋହର ସୁଭାଗୀପଣ ଭାଙ୍ଗି । ୧୯ ।
ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ ।
ଏ ସଂସାର ଆମ୍ଭ ଖେଳଘରର ସଦୃଶ । ୨୦ ।
କିଛି କାଳ ଅଗମ୍ୟ ଅରଣ୍ୟେ ଏହୁ ଥାଉ ।
ଜନ୍ମାନ୍ତେ ପୁରୁଷସଙ୍ଗ ବିଳାସକୁ ପାଉ ଯେ । ୨୧ ।
ଗଣଦେବୀ ଜଣକୁ ଏମନ୍ତ ଆଜ୍ଞା ଦେଲେ ।
ସେ ନେଇ ଘୋର କାନନେ ପୁରେକ ରଚିଲେ ଯେ । ୨୨ ।
ତହିଁ ରଖି କହିଲେ ଲଙ୍ଘିବୁ ଯେବେ ଦ୍ୱାର ।
କିଛି କାଳେ ପ୍ରାଣୀ ହତ ହୋଇବ ତୋହର ଯେ । ୨୩ ।

---

୭ । ବାଞ୍ଛାରୁ—ଇଚ୍ଛାରୁ । ଉତ୍ପତ୍ତି—ଜନ୍ମ ।

୮ । ଗରୁନାଦ—ଗୁରୁଗମ୍ଭୀର ସ୍ୱର । ମନରେ—ମନରେ । ବିଷାଦ—ଦୁଃଖ ।

୯ । ହରନେତ୍ରଗତ—ମହାଦେବଙ୍କ ଆଖିରେ ଯେବେ ଏ ପଡ଼ିବ । ଶୋଭାଙ୍ଗୀ—ସୁନ୍ଦରୀ । ସୁହାଗୀପଣ—ସ୍ୱାମୀଙ୍କର ସ୍ନେହଭାବ, ପ୍ରିୟବାଲ୍ଲଭ୍ୟ ।

୧୦ । ବିଷବୃକ୍ଷ ସ୍ଥାପି—ବିଷବୃକ୍ଷ ଲଗାଇ ତାକୁ ଛେଦନ କଲେ ଦୋଷ ଜାତ ହୁଏ । "ବିଷବୃକ୍ଷୋଽପି ସଂବର୍ଦ୍ଧ୍ୟ ସ୍ୱୟଂ ଛେତ୍ତୁମସାମ୍ପ୍ରତମ୍" କୁମାର ସମ୍ଭବ । ମୁଁ ଏ କନ୍ୟାକୁ ଜାତ କରିଛି । ମୋ ସ୍ୱାମୀ ମହାଦେବ ଏହାକୁ ଦେଖିଲେ ଏହାର ପ୍ରଣୟରେ ପଡ଼ିବେ, ମୋର ଦକ୍ଷା ମୂର୍ତ୍ତିଠାରୁ ବଳି ପଡ଼ିବ, ଏ କନ୍ୟା ବିଷର କାର୍ଯ୍ୟ କରିବ, ତେବେ କଣ ଏହାକୁ ନାଶ କରିବି । ଏହାକୁ ନାଶ କଲେ ମୋର ପାପ ହେବ । ଏ ସଂସାର ଆମ୍ଭର ଖେଳଘର ପରି । ସବୁ ମାୟାରେ ଅବଯାତ । ୨୧ । ତହୁଁ କିଛି କାଳ ଲୋକଙ୍କ ପ୍ରବେଶର ଅଯୋଗ୍ୟ ଘୋର ବନରେ ରହି ଅନ୍ୟ ଜନ୍ମରେ ପୁରୁଷସଙ୍ଗ ସୁଖକୁ ପାଉ । (ସଙ୍ଗବିଳାସ—ସଙ୍ଗଲୀଳା) । ୨୨ । ଗଣଦେବୀ—ଅନୁଚରୀ ; ଦେବୀ । ଘୋର କାନନେ—ଗହନ ବନରେ । ପୁର—ମନ୍ଦିର, ନଅର । ରଚିଲେ—ନିର୍ମାଣ କଲେ ।

ମଧୁ ମକ୍ଷି ଉଚ୍ଛିଷ୍ଟେ ଅମୃତାଦର ସୁରେ ।
କରନ୍ତି ଯେମନ୍ତ ସାଧୁଜନେ ସେ ପ୍ରକାରେ ହେ । ୧୧ ।

ଏବେ ଚିତ୍ତ ରୁଚିତ ରଚିତ ସୁମଧୁର ।
ଶ୍ରୁତିବଦନରେ ପାନ କର ବୁଧ ନର ହେ । ୧୨ ।

ଧନେ କଇଲାସେ ବସି ଏକାନ୍ତେ ଗଉରୀ ।
ପଶାରଙ୍ଗେ ରସିବାକୁ ସ୍ୱପଙ୍ଗେ ବଗୃହ ହେ । ୧୩ ।

ଏକ କନ୍ୟା ଏ ଅଦ୍ଭୁତେ ମନୁ ଜାତ ହେଉ ।
ସୁଷମାରେ ସମରେ ତ୍ରିଲୋକରେ ନ ଥାଉ । ୧୪ ।

ଯେ ଜଗତଜନନୀ ସେ କଲ୍ପ ମନୋରଥ ।
ଜାତ ଦିବ୍ୟ ସୁନ୍ଦରୀ କିମ୍ପାଇଁ ହେବ ବ୍ୟର୍ଥ । ୧୫ ।

ଅଜ କି ପ୍ରଶଂସିବା ଉମାରୁ ଜନ୍ମ ଯାର ।
ଶାମୁକୁଁ ମୁକୁତା ଜାତ ହୋଇଲା ପ୍ରକାର ଯେ । ୧୬ ।

---

୧୧ । ସୁରେ—ଦେବତାମାନେ । ମଧୁମକ୍ଷି ଉଚ୍ଛିଷ୍ଟେ—ମହୁକୁ ଯେପରି ଅମୃତବତ୍ ଆଦର କରନ୍ତି, ସେପରି ସାଧୁଲୋକମାନେ ଦୋଷ ଥିଲେହେଁ ମୋର ଏ କାବ୍ୟକୁ ରସ ଓ ଗୁଣଦୃଷ୍ଟିରେ ଆଦର କରିବେ ।

୧୨ । ଚିତ୍ତ ରୁଚିତ—ମନକୁ ରୁଚିବା ଏହି ଅତି ମନୋହର ରଚିତ କାବ୍ୟକୁ । ଶ୍ରୁତିରୂପ ବଦନରେ—କର୍ଣ୍ଣରୂପ ମୁଖରେ ପାନ କର । ଏ ମନୋହର କାବ୍ୟକୁ ସୁମନରେ ପଣ୍ଡିତମାନେ ଶ୍ରବଣ କରିବା ହେଉ ।

୧୩ । କଇଲାସ—କୁବେରଙ୍କ ପର୍ବତ । ଏକାନ୍ତେ—ଏକୁଟିଆ ହୋଇ । ଗଉରୀ—ପାର୍ବତୀ । ପଶାରଙ୍ଗେ—ପଶା ଖେଳରେ । ରସିବାକୁ—ଖୁସିରେ ସମୟ କଟାଇବାକୁ ।

୧୪ । ଅଦ୍ଭୁତେ—ଆଶ୍ଚର୍ଯ୍ୟ ଭାବରେ । ସୁଷମରେ—ପରମଶୋଭାରେ । ସମରେ—ତୁଲ୍ୟ, ସାଦୃଶ୍ୟରେ । ତ୍ରିଲୋକରେ—ତିନି ଭୁବନରେ; ସ୍ୱର୍ଗରେ, ମର୍ତ୍ତ୍ୟରେ ଓ ପାତାଳରେ ।

୧୫ । ଜଗତଜନନୀ—ପୃଥିବୀର ମାତା । ମନୋରଥ—ଇଚ୍ଛା । ଦିବ୍ୟ ସୁନ୍ଦରୀ—ପରମ ଲାବଣ୍ୟମୟୀ କନ୍ୟା । ବ୍ୟର୍ଥ—ଅକାରଣ ବା ଉଲ୍ଟା, କାହିଁକି ଅକାରଣ ହେବ ।

୧୬ । ଉମାରୁ—ପାର୍ବତୀଙ୍କଠାରୁ । ଶାମୁକୁଁ—ଶାମୁକାରୁ; ଶାମୁକାରୁ ଜାତ ମୁକ୍ତା ଯେପରି ଶାମୁକାଠାରୁ ସୁନ୍ଦର ଓ ମୂଲ୍ୟବାନ୍, ସେପରି ଏ କନ୍ୟା ପାର୍ବତୀଙ୍କଠାରୁ ବେଶି ସୁନ୍ଦରୀ ।

ବାଞ୍ଛାରୁ ଉତ୍ପତ୍ତି ବାଞ୍ଛାବତୀ ନାମ ଦେଇ ।
ଖେଳେ ବୁଲାଇଲେ ମନ୍ତ ଦୁହେଁ ବସି ତହିଁ ଯେ । ୧୭ ।
ଏ ସମୟେ ଶୁଭିଲା ଡମରୁ ଗରୁନାଦ ।
ପାର୍ବତୀ ମନ୍ତରେ ଜାତ ଏମନ୍ତ ବିଷାଦ ଯେ । ୧୮ ।
ହରନେତ୍ରଗତ ଯେବେ ହେବ ଏ ଶୋଭାଙ୍ଗୀ ।
ଯିବ ସିନା ମୋହର ସୁଭାଗୀପଣ ଭାଙ୍ଗି । ୧୯ ।
ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ ।
ଏ ସଂସାର ଅମ୍ଭ ଖେଳଘରର ସଦୃଶ । ୨୦ ।
କିଛୁ କାଳ ଅଗମ୍ୟ ଅରଣ୍ୟେ ଏହୁ ଥାଉ ।
ଜନ୍ମାନ୍ତେ ପୁରୁଷସଙ୍ଗ ବିଳାସକୁ ପାଉ ଯେ । ୨୧ ।
ଗଣଦେବୀ ଜଣକୁ ଏମନ୍ତ ଆଜ୍ଞା ଦେଲେ ।
ସେ ନେଇ ଘୋର କାନନେ ପୁରେକ ରଚିଲେ ଯେ । ୨୨ ।
ତହିଁ ରଖି କହିଲେ ଲଂଘିବୁ ଯେବେ ଦ୍ୱାର ।
କିଛି କାଳେ ପ୍ରାଣ ହତ ହୋଇବ ତୋହର ଯେ । ୨୩ ।

---

୧୭ । ବାଞ୍ଛାରୁ—ଇଚ୍ଛାରୁ । ଉତ୍ପତ୍ତି—ଜନ୍ମ ।

୧୮ । ଗରୁନାଦ—ଗୁରୁଗମ୍ଭୀର ସ୍ୱର । ମନ୍ତରେ—ମନରେ । ବିଷାଦ—ଦୁଃଖ ।

୧୯ । ହରନେତ୍ରଗତ—ମହାଦେବଙ୍କ ଆଖିରେ ଯେବେ ଏ ପଡ଼ିବ । ଶୋଭାଙ୍ଗୀ—ସୁନ୍ଦରୀ । ସୁହାଗୀପଣ—ସ୍ୱାମୀଙ୍କର ସ୍ନେହଭାବ, ପ୍ରିୟବାଲ୍ଲଭ୍ୟ ।

୨୦ । ବିଷବୃକ୍ଷ ସ୍ଥାପି—ବିଷବୃକ୍ଷ ଲଗାଇ ତାକୁ ଛେଦନ କଲେ ଦୋଷ ଜାତ ହୁଏ । "ବିଷବୃକ୍ଷୋଽପି ସଂବର୍ଦ୍ଧ୍ୟ ସ୍ୱୟଂ ଛେତ୍ତୁମସାମ୍ପ୍ରତମ୍" କୁମାର ସମ୍ଭବ । ମୁଁ ଏ କନ୍ୟାକୁ ଜାତ କରିଛି । ମୋ ସ୍ୱାମୀ ମହାଦେବ ଏହାକୁ ଦେଖିଲେ ଏହାର ପ୍ରଣୟରେ ପଡ଼ିବେ, ମୋର ଦଶା ମୃତ୍ୟୁଠାରୁ ବଳି ପଡ଼ିବ, ଏ କନ୍ୟା ବିଷର କାର୍ଯ୍ୟ କରିବ, ତେବେ କିଣ ଏହାକୁ ନାଶ କରିବି । ଏହାକୁ ନାଶ କଲେ ମୋର ପାପ ହେବ । ଏ ସଂସାର ଆମ୍ଭର ଖେଳଘର ପରି । ସବୁ ମାୟାରେ ଅତଯାତ । ୨୧ । ତହୁଁ କିଛି କାଳ ଲୋକଙ୍କ ପ୍ରବେଶର ଅଯୋଗ୍ୟ ଘୋର ବନରେ ରହି ଅନ୍ୟ ଜନ୍ମରେ ପୁରୁଷସଙ୍ଗ ସୁଖକୁ ପାଉ । ( ସଙ୍ଗବିଳାସ—ସଙ୍ଗଲୀଳା ) । ୨୨ । ଗଣଦେବୀ—ଅନୁଚରୀ ; ଦେବୀ । ଘୋର କାନନେ—ଗହନ ବନରେ । ପୁର—ମନ୍ଦିର, ନଅର । ରଚିଲେ—ନିର୍ମାଣ କଲେ ।

ଯେବଣ ପୁରୁଷ କର ଗ୍ରହଣ କରିବ ।
ଆନ ତନୁ ପ୍ରାପତରେ ସେ ପତି ହୋଇବ ଯେ । ୨୪ ।

ଏତେ କହି ସେ ଦେବୀ ହୋଇଲା ତିରୋହିତ ।
ଗହନରେ ବାଞ୍ଛାବତୀ ଦିବ୍ୟପୁରେ ସ୍ଥିତ ଯେ । ୨୫ ।

ଏମନ୍ତରେ ଗଲା ତହିଁ କେତେ ସମ୍ବତ୍ସର ।
ପ୍ରଭାକର ନାମେ ଏକ କ୍ଷତ୍ରିୟକୁମାର ଯେ । ୨୬ ।

ତପ ତା ଅକଥନୀୟ ଦିବ୍ୟ ନାରୀଶ୍ରଦ୍ଧେ ।
ପଞ୍ଚାଗ୍ନି ସ୍ଥାପନ କରେ ତପଋତୁ ମଧ୍ୟେ । ୨୭ ।

ପ୍ରାବୃଟ କାଳରେ ଗୃହୋଦରକୁ ନ ଯାଇ ।
ଝଞ୍ଜାବାତ ଜଳପାତ କରକା ସହଇ ଯେ । ୨୮ ।

ଶୀତେ ଜଳଶାୟୀ ଭୂମିଶଯ୍ୟା ବସ୍ତ୍ରହୀନେ ।
ମୃତ୍ତିକା ଶଙ୍କର ପୂଜା କରେ ପ୍ରତିଦିନେ ଯେ । ୨୯ ।

---

୨୩ । ଲଂଘିବୁ—ଛାଡ଼ିକରି, ଡେଇଁଯିବୁ । ପ୍ରାଣହତ—ମୃତ୍ୟୁ । ୨୪ । ପୁରୁଷ କର—ପୁରୁଷ ହାତ, ପତିରୂପେ ବରଣ କରିବ । ତନୁ—ଦେହ । ପତି—ସ୍ୱାମୀ ।

୨୫ । ତିରୋହିତ—ଅନ୍ତର୍ହିତ । ଗହନରେ—ବନରେ । ଦିବ୍ୟପୁରେ—ସୁନ୍ଦର ଭବନରେ ।

୨୬ । ସମ୍ବତ୍ସର—ବର୍ଷ । କ୍ଷତ୍ରିୟକୁମାର—କ୍ଷତ୍ରିୟ ସନ୍ତାନ । ୨୭ । ତପ—ତପସ୍ୟା । ଅକଥନୀୟ—ଅମାପ । ଦିବ୍ୟନାରୀ—ପରମା ସୁନ୍ଦରୀ ସ୍ତ୍ରୀ । ଶ୍ରଦ୍ଧେ—ସ୍ନେହରେ, ଲୋଭ ଲୋଭରେ । ପଞ୍ଚାଗ୍ନି—ଅନ୍ୱାହାର୍ଯ୍ୟପଚନ—ଦକ୍ଷିଣ, ଗାର୍ହପତ୍ୟ, ଆହବନୀୟ, ସଭ୍ୟ ଓ ଆବସଥ୍ୟ । ଚାରି ପାଖରେ ଚାରି ଅଗ୍ନି ଓ ଆକାଶରେ ସୂର୍ଯ୍ୟ; ତପଋତୁ—ଗ୍ରୀଷ୍ମଋତୁ ଜ୍ୟେଷ୍ଠ ଓ ଆଷାଢ଼ ମାସ । ୨୮ । ପ୍ରାବୃଟକାଳରେ—ବର୍ଷା ଋତୁରେ । ଶ୍ରାବଣ ଓ ଭାଦ୍ର । ଗୃହୋଦରକୁ—ଘର ଭିତରକୁ । ଝଞ୍ଜାବାତ—ବାତ୍ୟା, ତୋଫାନ । ଜଳାଘାତ—ବର୍ଷାମାଡ଼ । କରକା—କୁଆପଥର ।

୨୯ । ଶୀତେ—ଶୀତଋତୁରେ । ଜଳଶାୟୀ—ପାଣି ଭିତରେ ପଶି ରହିବା । ଭୂମିଶଯ୍ୟା—ମାଟିରେ ଶୋଇବା । ବସ୍ତ୍ରହୀନେ—ଶୀତ ଲୁଗା ନ ପିନ୍ଧି । ମୃତ୍ତିକାଶଙ୍କର—ମାଟିର ମହାଦେବ ।

ସେ ସୁକୃତରାଶି ଅସି ତୁଲ ହୋଇ ତାର ।
କେଦାରେଶ୍ୱର ଦର୍ଶନେ କଲା ବଳାତ୍କାର ଯେ । ୩୦ ।
ଯାଉଁ ଯାଉଁ ସେ ଅଗମ୍ୟ ଅରଣ୍ୟେ ମିଳିଲା ।
ରତ୍ନମୟ ପୁର ଗୃହ ଚିତ୍ତରେ ଭାଳିଲା ଯେ । ୩୧ ।
କିନ୍ନରୀ କିନ୍ନର ବା କାହାର ଏଥି ସ୍ଥିତି ।
ଦେଖିବା ବସ୍ତୁରେ ଦେଖେ ପ୍ରାଙ୍ଗଣେ ଯୁବତୀ ଯେ । ୩୨ ।
ଚନ୍ଦ୍ରକୁ ନିନ୍ଦା କରୁଛି ମୁଖହାସକାନ୍ତି ।
ସାରଙ୍ଗକୁ ନିନ୍ଦୁଛି ନୟନ ଭ୍ରୂରୁ ଗତି ଯେ । ୩୩ ।
ନାସା-ମଧ୍ୟ ଓଷ୍ଠ ନିନ୍ଦେ ତରୁଣ ହରିକି ।
ଅପବାଦ ଅପସରି ଲକ୍ଷ୍ୟ ସେ ନାରୀକି ଯେ । ୩୪ ।
ଅମର ସମ୍ପତ୍ତି ଲଭି ବିଲୋକନ ମାତ୍ରେ ।
ନାରୀ ରୂପ ପିତୁଳା ଲେଖନ ହେଲା ନେତ୍ରେ ଯେ । ୩୫ ।

---

୩୦ । ସୁକୃତରାଶି—ପୁଣ୍ୟସବୁ । ତୁଳ—ଏକାଠି । କେଦାରେଶ୍ୱର ଦର୍ଶନେ—ତନ୍ନାମକ ମହାଦେବଙ୍କୁ ଦେଖିବା ନିମନ୍ତେ । କଲା ବଳାତ୍କାର—ତାକୁ ବଳପୂର୍ବକ ପ୍ରବର୍ତ୍ତାଇଲା ।

୩୧ । ଅଗମ୍ୟ ଅରଣ୍ୟେ—ଗହନ ବନରେ । ଚିତ୍ତରେ ଭାଳିଲା—ମନରେ ଭାବିଲା ।

୩୨ । କିନ୍ନରୀ କିନ୍ନର—ଦେବଯୋନିବିଶେଷ; ମନୁଷ୍ୟର ଶରୀର ଓ ମୁଣ୍ଡଟି ଅଶ୍ୱର; ଏପରି ଜୀବ କୁବେରଙ୍କର ଅନୁଚର, ବୀଣା ବାଦନରେ ପଟୁ । ପ୍ରାଙ୍ଗଣେ—ଅଗଣାରେ । ସ୍ଥିତି—ବାସ । ଯୁବତୀ—ସ୍ତ୍ରୀ । ୩୩ । ମୁଖହାସକାନ୍ତି—ଚନ୍ଦ୍ରମା, କର୍ପୂର ଓ ସୁବର୍ଣ୍ଣ । ମୁଖ ଚନ୍ଦ୍ରକୁ; ହାସ କର୍ପୂରକୁ ଓ କାନ୍ତି ସୁବର୍ଣ୍ଣକୁ ନିନ୍ଦା କରୁଛି । ସାରଙ୍ଗ—ମୃଗ, ଧନୁ ଓ ମତ୍ତହସ୍ତୀ—ନୟନ (ଆଖି) ମୃଗକୁ, ଭ୍ରୂରୁ (ଭ୍ରୂଲତା) ଧନୁକୁ ଓ ଗତି (ଚାଲି) ମତ୍ତହସ୍ତୀକୁ ନିନ୍ଦା କରୁଛି । ୩୪ । ତରୁଣ ହରି—ତରୁଣ ଶୁକ, ତରୁଣ ସିଂହ ଓ ତରୁଣ ସୂର୍ଯ୍ୟ । ନାସା (ନାକ) ତରୁଣ (ଅଳ୍ପକାଳର, ଶିଶୁ) ଶୁଆ ଥଣ୍ଟକୁ । ମଧ୍ୟ (କଟିଦେଶ)—ସିଂହ ଶାବକର କଟିକୁ । ଓଷ୍ଠ (ଓଠ) ରକ୍ତିମାରେ ବାଳସୂର୍ଯ୍ୟ ଅରୁଣକୁ ନିନ୍ଦୁଛି । ଅପବାଦ—ନିନ୍ଦା । ଅପସରି—ଦୂର ହୋଇ ଯାଇଛି । ଦୁର୍ଗୁଣ ନାହିଁ —ସେ ସର୍ବଗୁଣ ବିଭୂଷିତା ଏପରି ଲକ୍ଷ୍ୟ ହେଉଛି ।

୩୫ । ଅମର ସମ୍ପତ୍ତି—ସ୍ୱର୍ଗସୁଖ ବା ଅମର ପଲକ । ନିର୍ନିମେଷ ନୟନ—(ଆଖିପତା ପଡ଼ିଲା ନାହିଁ); ବିଲୋକନ—ଦେଖିବା । ପିତୁଳା—ମୂର୍ତ୍ତି ।

ସେ ପ୍ରେମମଞ୍ଜରୀ-ଶୋଭାପଞ୍ଜରୀ ହୋଇଲା ।
ପୁଂସନେତ୍ର-ଖଞ୍ଜରୀଟ ତହିଁରେ ରହିଲା । ୩୬ ।

ରାମ ଶବ୍ଦ ବହୁବଚନରେ କଲା ଜପ ।
ରମା ବପତ୍ନୀ ଭଜିତ ସେହି କାଳେ ବହି କୋପ ଯେ । ୩୭ ।

ଶରୀର ମଧ୍ୟଲେପକୁ ଶରୀର ମଧ୍ୟକୁ ।
ଯୋଖି ପ୍ରହାରିଲା ବରୀବଣ ତା ବଧକୁ ଯେ । ୩୮ ।

ତାକୁ ସ୍ତୁତି କଲା ତୋ ନାରୀରେ ଇଚ୍ଛା ମୋର ।
ଭାବ କି ହୋଉଛି ପର ଏ ଆନ ପ୍ରକାର ଯେ । ୩୯ ।

ଜାଣ ନାହିଁ ଅଭିଧାନ ବିଧାନମାନଙ୍କୁ ।
କହନ୍ତି ବିଧୁ ଚନ୍ଦ୍ରମା ବସ୍ତୁ କର୍ପୂରକୁ । ୪୦ ।

---

ଲେଖନ—ଅଙ୍କିତ । ନେତ୍ରେ—ଚକ୍ଷୁରେ । ସେ ମୂର୍ତ୍ତି ଆଖିରେ ରହିଲ ତହୁଁ ଆଖିପତା ପଡ଼ିଲା ନାହିଁ । ୩୬ । ପ୍ରେମମଞ୍ଜରୀ—ସେ ସ୍ନେହଲତା ବା ସ୍ନେହକଳିକା । ଶୋଭାପଞ୍ଜରୀ—ଶୋଭାର ଆଧାରଭୂତ ବା ସ୍ଥାନ । ପୁଂସନେତ୍ର—ପ୍ରଭାକର ପୁରୁଷର ଆଖି ହେଲା ଖଞ୍ଜରୀଟ—ଖଞ୍ଜରୀଟ ଚଢ଼ାଇ ସେଠାରେ ରହିଲା ବାସ କଲା । ତା ଆଖି ସେ ନାରୀଠାରେ ଲାଖି ରହିଲା ।

୩୭ । ରାମଶବ୍ଦ ବହୁ ବଚନରେ 'ସଂସ୍କୃତରେ ରାମା' ଉଡ଼ିଆରେ ଅର୍ଥ ହେଲା ସ୍ତ୍ରୀ । ରମା ବପତ୍ନୀଭ ହେଲା—ମାର—କନ୍ଦର୍ପ । କୋପ ବହି—ରାଗ ହୋଇ ।

୩୮ । ଶରୀର ମଧ୍ୟ ଲେପକୁ—ଅର୍ଥାତ୍ ଶରକୁ । ଶରୀର ମଧ୍ୟକୁ—ଦେହ ଭିତରକୁ ଯୋଖି ପ୍ରହାରିଲା—ଶର ସନ୍ଧାନ କରି ପ୍ରୟୋଗ କଲା । ବଧକୁ—ମାରିବା ପାଇଁ ।

୩୯ । ସେ ପ୍ରଭାକର କାମଦେବକୁ ସ୍ତୁତି କଲା—ତୁ ଭାବକୁ ଯେ ମୁଁ ତୋ ସ୍ତ୍ରୀଠାରେ କି ରତିରେ ମୋର ମନ ବଳୁଛି; ତହୁଁ ମୋର ପର—ଶତ୍ରୁ ହେଉଛୁ; ଏ ଆନ ପ୍ରକାର—ଏହା ଠିକ୍ ନୁହେଁ, ରତି ପଦରେ ସୁରତି ତହିଁରେ ମୋର ଇଚ୍ଛା । ତୁମ୍ଭେ ନ ଜାଣି ମୋଠାରେ ଶତ୍ରୁତା କରୁଛ । ୪୦ । ତୁମ୍ଭେ କଣ ଅଭିଧାନ—କୋଷଗ୍ରନ୍ଥର ବିଧାନ—କାର୍ଯ୍ୟ ବା ନିୟମ ଜାଣ ନାହିଁ । ଯେପରି ବିଧୁ ଏହି ଶବ୍ଦ ଚନ୍ଦ୍ରମା, ବସ୍ତୁ ଓ କର୍ପୂରରେ ପ୍ରବର୍ତ୍ତେ, ସେହିପରି ରତିଶବ୍ଦ ତୋ ପ୍ରିୟାରେ ଓ ସୁରତରେ ମଧ୍ୟ ପ୍ରବର୍ତ୍ତେ ।

ଏ କାଳରେ ପୁଂସଠାରେ ରାମା ଦୃଷ୍ଟିପାତ ।
ଜନ୍ମ ଅନ୍ଧ ନୟନକୁ ଲଭିଲେ ଯେମନ୍ତ ଯେ । ୪୧ ।

ମନମଥ ମଥନେ ଥରିଲା ହେଲା ଜାନୁ ।
କଦମ୍ବକୋରକ ଶୋଭା ଲୁଟି କଲା ତନୁ ଯେ । ୪୨ ।

ନେତ୍ର ବଡ଼ସୀରେ ସେ ଧଡ଼ସି ଅନୁରାଗେ ।
ପୁରୁଷ ମନମୀନକୁ ଧରିନେଲା ବେଗେ ଯେ । ୪୩ ।

ସେକାଳେ ସୁବେଣୀମଣି ଧୀବର ହୋଇଲା ।
ଉରଜ କୁବେଣୀ ସଙ୍କଟରେ ପକାଇଲା ଯେ । ୪୪ ।

ସେ ସମୟେ ପୁରୁଷ କହିଲା ଯୋଡ଼ି କର ।
ହେ ରସ ଉଦୟା ସୁହୃଦୟା ଦୟା କର ହେ । ୪୫ ।

ତପତ ତପନୀୟାଙ୍ଗୀ ତପଫଳ ମୋର ।
ଦ୍ରୁହସିତେ ଇଷିତେ ସଫଳ କରି କର ଯେ । ୪୬ ।

---

୪୧ । ପୁଂସଠାରେ—ପୁରୁଷଠାରେ । ରାମା ଦୃଷ୍ଟିପାତ—ସ୍ତ୍ରୀର ଦୃଷ୍ଟି ପଡ଼ିଲା । ଜନ୍ମରୁ ଅନ୍ଧ ଚକ୍ଷୁ ପାଇଲେ ଯେପରି ଆନନ୍ଦିତ ହୁଏ, ସେହିପରି ସେ ପୁରୁଷ ବା ସ୍ତ୍ରୀ ଆନନ୍ଦିତ ହେଲେ । ୪୨ । ମନମଥ ମଥନେ—କନ୍ଦର୍ପ ପୀଡ଼ାରେ । ଥରିଲା ହେଲା—କମ୍ପିବାକୁ ଲାଗିଲା (ସାତ୍ତ୍ୱିକ ବିକାର) କଦମ୍ବକୋରକ ଶୋଭା—କଦମ୍ବକୋରକ ନ୍ୟାୟ ଅର୍ଥାତ୍ ଏକ କାଳରେ କଦମ୍ବକଳି ଫୁଟି ପଡ଼ିଲା ଶୋଭାକୁ ତାର ଶରୀରପୁଲକ ନିନ୍ଦା କଲା, ଦେହଯାକ ରୋମାଞ୍ଚ ଦେଖାଗଲା । ( କମ୍ପ ଓ ପୁଲକ—ସାତ୍ତ୍ୱିକ ଭାବ ଜାତ ହେଲା ) ।

୪୩ । ନେତ୍ରବଡ଼ସୀରେ—ଆଖିରୂପ ବନସୀରେ । ଧଡ଼ସି—ଶୀଘ୍ର । ଅନୁରାଗେ—ସ୍ନେହ ବା ପ୍ରୀତିରେ ପୁରୁଷର ମନରୂପ ମାଛକୁ । ଆଖିରେ ପୁରୁଷକୁ ରଖିଲା ଅର୍ଥାତ୍ ତାଠାରେ ପୁରୁଷ ବଶ ହେଲା ।

୪୪ । ସୁବେଣୀମଣି—ସୁନ୍ଦର କେଶଯୁକ୍ତ ସ୍ତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠା । ସେ ବାଞ୍ଛାବତୀ ଯେ ଧୀବର କେଉଟ ହେଲା । ଉରଜକୁବେଣୀ—ସ୍ତନରୂପ ମାଛ ଖାଲୋଇ ତାର ସଙ୍କଟରେ—ସଂକୀର୍ଣ୍ଣ ପରିସର ମଧ୍ୟରେ ରଖିଲା । ବର୍ତ୍ତୁଳ ସ୍ତନଦ୍ୱୟ ମଧ୍ୟରେ ଯେ ଅତି ସଂକୀର୍ଣ୍ଣ ସ୍ଥାନ ଅଛି, ତା ମଧ୍ୟରେ ବାସ କରାଇଲା ।

୪୫ । ରସଉଦୟା—ରସର ଶୃଙ୍ଗାରର ଉଦୟ ଯାହାଠାରେ—ରସବତୀ ଓ ସୁହୃଦୟା—ଦୟାମୟୀ । ୪୬ । ତପତ ତପନୀୟାଙ୍ଗୀ—ଜଳନ୍ତା ସୁନାର

ଅତି ଦୀନ କ୍ଷୀଣ ହୀନ ମୁଁ ମଦନ ଶରେ ।
ରକ୍ଷା କର କକ୍ଷା କର କୁଟିଳାକ୍ଷୀ ବାରେ ଯେ । ୪୭ ।

ଏ ବଚନ ସ୍ୱୀକାର କଟାକ୍ଷେଁ ଅଣିଲା ।
ରସିକା ଭଜିଲା ଭାବ ରସିକ ଜାଣିଲା ଯେ । ୪୮ ।

ଏକେ ତ ଏକାନ୍ତ ଦୁହେଁ ତରୁଣ ତରୁଣୀ ।
ଭେଟ ଯାହା ଲୋଡ଼ୁ ଥାଇ ଫୁଲ-ଧନୁ-ପାଣି ଯେ । ୪୯ ।

ପଞ୍ଚବିଶିଖକୁ କେତେ ଲକ୍ଷ୍ୟ ଅବା କଲା ।
ଭଲ ଲକ୍ଷ୍ୟ ନାଗର ନାଗରୀ ହୃଦ ହେଲା ଯେ । ୫୦ ।

ପୂରୁଷ ନିକଟ ଲଭିବାକୁ କୃଶକଟୀ ।
ଭାବବତୀ ମନେ କରି ଅଇଲା ପାଖେଟି । ୫୧ ।

ଯୁବା ଦେହ ବହି ଏ ଉତ୍ସବୁଁ ବଡ଼ କରି ।
ଉତ୍ସବ ଭୋଗ କାହିଁଠୁ କେ କହୁ ବିଚାରି । ୫୨ ।

ଦଇବେ ଦେହଲୀ ବଳି ବିବଳିଶୋଭିତା ।
ଆଲିଙ୍ଗନ କଲା ପୁଂସ ହୋଇଣ ଲୋଭିତା । ୫୩ ।

---

ବର୍ଣ୍ଣ ଥିଲା ଅଙ୍ଗ ଯାହାର—ତପ୍ତ ସ୍ୱର୍ଣ୍ଣଶରୀର । ମୋର ତପଫଳ—ତପସ୍ୟାର ଫଳସ୍ୱରୂପ । ଦ୍ରହସିତେ—ଅଳହାସ୍ୟ ସହିତରେ, ସ୍ମିତରେ । ଛିଟିତ—ଅଳକରେ । ସଫଳ—ଫଳଯୁକ୍ତ କର ।

୪୭ । କକ୍ଷା କର—ମୋର ପ୍ରାର୍ଥନାକୁ ପୂରଣ କରି ବା ମୋର ସହାୟ ହୋଇ । କୁଟିଳାକ୍ଷୀ—ଗୋ ବାଙ୍କଚାହାଣି । ବାରେ—ଥରେ । ୪୮ । ସ୍ୱୀକାର—ଅଙ୍ଗୀକାର । କଟାକ୍ଷେ—କୁଟିଳ ନେତ୍ରପାତରେ, ଆଡ଼ ଚାହାଣିରେ । ଭଜିଲା ଭାବ—ଆଶ୍ରିଲା ପ୍ରୀତି ବା ସ୍ନେହ ।

୪୯ । ଏକାନ୍ତ—ଜନଶୂନ୍ୟ । ଦୁହେଁ—ଦ୍ୱିତୀୟଯୁତଃ । ତରୁଣ ତରୁଣୀ—ଯୁବକ ଯୁବତୀ । ଫୁଲଧନୁପାଣି—ଫୁଲ ଧନୁ ହାତରେ ଯାହାର—କନ୍ଦର୍ପ ।

୫୦ । ପଞ୍ଚବିଶିଖକୁ—ପାଞ୍ଚଟି ଶରକୁ ବା ପାଞ୍ଚଶର ଥିବା ଧନୁକୁ ( ଅରବିନ୍ଦ, ଅଶୋକ, ଚୂତ, ନବମାଳିକା, ନୀଳୋତ୍ପଳ—ଏହି ପାଞ୍ଚ ଶର ;। ଆଗରୁ ଅନେକ ଲକ୍ଷ୍ୟ କରିଥିଲା । ବର୍ତ୍ତମାନ ଉପଯୁକ୍ତ ଲକ୍ଷ୍ୟସ୍ଥଳ ହେଲା ସେ ଦୁହିଙ୍କ ହୃଦୟ ।

୫୧ । କୃଶକଟି—କ୍ଷୀଣକଟି ସେ ସ୍ତ୍ରୀ । ଭାବବତୀ—ରସମୟୀ । ପାଖେଟି—ଫେରି । ୫୨ । ଉତ୍ସବ—ସୁଖ, ହର୍ଷ ।

ଚୁମ୍ବିବା ବେଳକୁ ମୁଖରାଜୀବ ତାହାର ।
ଜୀବହୀନ ହୋଇଣ ରହିଲା କଳେବର ଯେ । ୫୪ ।

ରୁହିଁ ତରୁଣ ଅରୁଣ-ଓଷ୍ଠୀର ଏ ସ୍ଥିତ ।
ବଦନ ପବନ ଏକତେ ଦତ୍ତକଲା ଶ୍ରୁତି ଯେ । ୫୫ ।

ଲୋତକ ଜଳରେ ଆଗ ଧୋଇଦେଲା ମୁଖ ।
ବୋଇଲା ମୁଁ ନ ମର ଦେଖିଲି ଏତେ ଦୁଖ ଯେ ।୫୬ ।

ଏ ସମୟରେ ଶୁଭିଲା ଅଶରୀରୀ ବଣୀ ।
ଗଙ୍ଗାସାଗର ସଙ୍ଗମେ ତ୍ୟାସ ପୁଂସମଣି । ୫୭ ।
ଏ ବଲ୍ଲଭୀକି ଲଭିବୁ ନୃପସୁତ ହେଇ ।
ଅନଳେ ନ ଦହି ସେହିଠାରେ ଯାଅ ଥୋଇ ଯେ । ୫୮ ।

ଏ ବଚନେ କିଛି ସନ୍ତାପକୁ ଶାନ୍ତି କଲା ।
ବଙ୍ଗ ଦେଶେ ଯାଇ ଗଙ୍ଗାସାଗରେ ତ୍ୟଜିଲା ଯେ । ୫୯ ।
କର୍ଣ୍ଣାଟ ଦେଶରେ କାଞ୍ଚିନାମେ ନଗ୍ର ସାର ।
ଶଶିଶେଖର ନାମରେ ତହିଁ ନରେଶ୍ୱର ଯେ । ୬୦ ।

ଶଶିରେଖା ନାମେ ତାର ପଟ୍ଟ ଯେ ମହିଷୀ ।
ପୁତ୍ରାର୍ଥେ ଅନେକ ବ୍ରତେ ଦ୍ୱୋଷି କାଶୀବାସୀ ଯେ । ୬୧ ।

---

୫୩ । ଦେହଳୀ—ଦୁଆରବନ୍ଧ ଓ ଦ୍ୱାରର ସ୍ଥାନ । ତ୍ରିବଳିଶୋଭିତା—ଉଦରରେ ତିନୋଟି ରେଖା ବା ମୋଡ଼ିଆ ଅଛି ଯାହାର—ଶୋଭାବତୀ । ୫୪ । ମୁଖରାଜୀବ—ମୁଖପଦ୍ମ । ଜୀବହୀନ—ମୃତ । କଳେବର—ଦେହ । ୫୫ । ତରୁଣ ଅରୁଣ ଓଷ୍ଠୀର—ବାଲ ସୂର୍ଯ୍ୟ ସଦୃଶ ଲାଲ ଓଷ୍ଠ ଯାହାର ସେ ସ୍ତ୍ରୀର । ସ୍ଥିତ—ଅବସ୍ଥା, ମୃତ ଶରୀର । ବଦନପବନ—ଫୁଙ୍କ । ଦତ୍ତ କଲା—ଦେଲା । ଶ୍ରୁତି—କାନ । ୫୬ । ଲୋତକ ଜଳରେ—ଲୁହରେ ।
୫୭ । ଅଶରୀରୀ ବାଣୀ—ଆକାଶରୁ ବଚନ । ଗଙ୍ଗାସାଗରସଙ୍ଗମେ—ଗଙ୍ଗା ଓ ସମୁଦ୍ରର ମିଳନ ସ୍ଥାନରେ । ତ୍ୟାସ—ବୁଢ଼ ପ୍ରାଣଦଅ । ପୁଂସମଣି—ପୁରୁଷଶ୍ରେଷ୍ଠ ।
୫୮ । ବଲ୍ଲଭୀକୁ—ପ୍ରୀୟାକୁ, ସ୍ତ୍ରୀକୁ । ନୃପସୁତ—ରାଜପୁତ୍ର । ଅନଲେ—ଅଗ୍ନିରେ
୫୯ । ସନ୍ତାପକୁ—ଦୁଃଖକୁ । ୬୦ । କର୍ଣ୍ଣାଟ ଦେଶ—ଦ୍ରାବିଡ଼ । ନରେଶ୍ୱର—ରାଜା ।
୬୧ । ପଟ୍ଟ—ପ୍ରଧାନ । ମହିଷୀ—ରାଣୀ, ସ୍ତ୍ରୀ । ପୁତ୍ରାର୍ଥେ—ପୁଅ ପାଇବା ପାଇଁ ।

ଅତି ଦୀନ କ୍ଷୀଣ ହୀନ ମୁଁ ମଦନ ଶରେ ।
ରକ୍ଷା କର କକ୍ଷା କର କୁଟିଳାକ୍ଷୀ ବାରେ ଯେ । ୪୭ ।

ଏ ବଚନ ସ୍ୱୀକାର କଟାକ୍ଷେ ଅଣିଲା ।
ରସିକା ଭଜିଲା ଭାବ ରସିକ ଜାଣିଲା ଯେ । ୪୮ ।

ଏକେ ତ ଏକାନ୍ତ ଦୁହେ ତରୁଣ ତରୁଣୀ ।
ଭେଟ ଯାହା ଲୋଡ଼ୁ ଥାଇ ଫୁଲ-ଧନୁ-ପାଣି ଯେ । ୪୯ ।

ପଞ୍ଚବିଶିଖକୁ କେତେ ଲକ୍ଷ୍ୟ ଅବା କଲା ।
ଭଲ ଲକ୍ଷ୍ୟ ନାଗର ନାଗରୀ ହୃଦ ହେଲା ଯେ । ୫୦ ।

ପୁରୁଷ ନିକଟ ଲଭିବାକୁ କୃଶକଟୀ ।
ଭାବବତୀ ମନେ କର ଅଇଲା ପାଟେଟି । ୫୧ ।

ଯୁବା ଦେହ ବହି ଏ ଉତ୍ସବୁଁ ବଡ଼ କର ।
ଉତ୍ସ ଓ ଭୋଗ କାହିଁରୁ କେ କହୁ ବଗ୍ଭର । ୫୨ ।

ଦାଇବେ ଦେହଲୀ ବଳି ନିବଳିଶୋଭିତା ।
ଅଲିଙ୍ଗନ କଲା ପୁଂସ ହୋଇଣ ଲୋଭିତା । ୫୩ ।

---

ବର୍ଣ୍ଣ ଥିଲା ଅଙ୍ଗ ଯାହାର—ତପ୍ତ ସ୍ୱର୍ଣ୍ଣଶରୀର । ମୋର ତପଫଳ—ତପସ୍ୟାର ଫଳସ୍ୱରୂପ । ହ୍ରସିତେ—ଅଲହାସ୍ୟ ସହତରେ, ସ୍ମିତରେ । ଇଙ୍ଗିତ—ଅଲକରେ । ସଫଳ—ଫଳଯୁକ୍ତ କର ।

୪୭ । ରକ୍ଷା କର—ମୋର ପ୍ରାର୍ଥନାକୁ ଯୂରିଣ କରି ବା ମୋତେ ଅଙ୍ଗୀକାର କର । କୁଟିଳାକ୍ଷୀ—ଗୋ ବାଙ୍କଚାହାଣି । ବାରେ—ଥରେ । ୪୮ । ସ୍ୱୀକାର—ଅଙ୍ଗୀକାର । କଟାକ୍ଷେ—କୁଟିଳ ନେତ୍ରପାତରେ, ଆଡ଼ ଚାହାଣିରେ । ଭଜିଲା ଭାବ—ଆଶ୍ରିଲା ପ୍ରୀତି ବା ସ୍ନେହ ।

୪୯ । ଏକାନ୍ତ—ଜନଶୂନ୍ୟ । ଦୁହେ—ଦ୍ୱିତୀୟତଃ । ତରୁଣ ତରୁଣୀ—ଯୁବକ ଯୁବତୀ । ଫୁଲଧନୁପାଣି—ଫୁଲ ଧନୁ ହାତରେ ଯାହାର—କନ୍ଦର୍ପ ।

୫୦ । ପଞ୍ଚବଶିଖକୁ—ପାଞ୍ଚଟି ଶରକୁ ବା ପାଞ୍ଚଶର ଥିବା ଧନୁକୁ ( ଅରବିନ୍ଦ, ଅଶୋକ, ଚୂତ, ନବମାଲକା, ନୀଳୋତ୍ପଳ—ଏହି ପାଞ୍ଚ ଶର ) । ଆଗରୁ ଅନେକ ଲକ୍ଷ୍ୟ କରିଥିଲା । ବର୍ତ୍ତମାନ ଉପଯୁକ୍ତ ଲକ୍ଷ୍ୟସ୍ଥଳ ହେଲା ସେ ଦୁହିଙ୍କ ହୃଦୟ ।

୫୧ । କୃଶକଟି—କ୍ଷୀଣକଟି ସେ ସ୍ତ୍ରୀ । ଭାବବତୀ—ରସମୟୀ । ପାଟେଟି—ଫେରି । ୫୨ । ଉତ୍ସବ—ସୁଖ, ହର୍ଷ ।

ଚୁମ୍ବିବା ବେଳକୁ ମୁଖରାଜୀବ ତାହାର ।
ଜୀବହୀନ ହୋଇଣ ରହିଲା କଳେବର ଯେ । ୫୪ ।

ତହିଁ ତରୁଣ ଅରୁଣ-ଓଷ୍ଠୀର ଏ ସ୍ଥିତ ।
ବଦନ ପବନ କେତେ ଦତ୍ତକଲା ଶ୍ରୁତି ଯେ । ୫୫ ।

ଲୋତକ ଜଳରେ ଆଗ ଧୋଇଦେଲା ମୁଖ ।
ବୋଇଲା ମୁଁ ନ ମର ଦେଖିଲି ଏତେ ଦୁଖ ଯେ ।୫୬ ।

ଏ ସମୟରେ ଶୁଭିଲା ଅଶରୀରୀ ବାଣୀ ।
ଗଙ୍ଗାସାଗର ସଙ୍ଗମେ ଝାସ ପୁଂସମଣି । ୫୭ ।
ଏ ବଲ୍ଲଭୀକି ଲଭିବୁ ନୃପସୁତ ହୋଇ ।
ଅନଳେ ନ ଦହ ସେହିଠାରେ ଯାଅ ଥୋଇ ଯେ । ୫୮ ।

ଏ ବଚନେ କଷ୍ଟ ସନ୍ତାପକୁ ଶାନ୍ତି କଲା ।
ବଙ୍ଗ ଦେଶେ ଯାଇ ଗଙ୍ଗାସାଗରେ ଝାହିଲା ଯେ । ୫୯ ।
କର୍ଣ୍ଣାଟ ଦେଶରେ କାଞ୍ଚିନାମେ ନଗ୍ର ସାର ।
ଶଶିଶେଖର ନାମରେ ତହିଁ ନରେଶ୍ୱର ଯେ । ୬୦ ।

ଶଶିରେଖା ନାମେ ତାର ପଟ୍ଟ ଯେ ମହିଷୀ ।
ପୁତ୍ରାର୍ଥେ ଅନେକ ବ୍ରତେ ତୋଷି କାଶୀବାସୀ ଯେ । ୬୧ ।

---

୫୩ । ଦେହଳୀ—ଦୁଆରବନ୍ଧ ଓ ଦ୍ୱାରର ସ୍ଥାନ । ତ୍ରିବଳିଶୋଭିତା—ଉଦରରେ ତିନୋଟି ରେଖା ବା ମୋଡ଼ିଆ ଅଛି ଯାହାର—ଶୋଭାବତୀ । ୫୪ । ମୁଖରାଜୀବ—ମୁଖପଦ୍ମ । ଜୀବହୀନ—ମୃତ । କଳେବର—ଦେହ । ୫୫ । ତରୁଣ ଅରୁଣ ଓଷ୍ଠୀର—ବାଲ ସୂର୍ଯ୍ୟ ସଦୃଶ ଲାଲ ଓଷ୍ଠ ଯାହାର ସେ ସ୍ତ୍ରୀର । ସ୍ଥିତି—ଅବସ୍ଥା, ମୃତ ଶରୀର । ବଦନପବନ—ଫୁଙ୍କ । ଦତ୍ତ କଲା—ଦେଲା । ଶ୍ରୁତି—କାନ । ୫୬ । ଲୋତକ ଜଳରେ—ଲୁହରେ ।

୫୭ । ଅଶରୀରୀ ବାଣୀ—ଆକାଶରୁ ବଚନ । ଗଙ୍ଗାସାଗରସଙ୍ଗମେ—ଗଙ୍ଗା ଓ ସମୁଦ୍ରର ମିଳନ ସ୍ଥାନରେ । ଝାସ—ବୁଡ଼ି ପ୍ରାଣଦିଅ । ପୁଂସମଣି—ପୁରୁଷଶ୍ରେଷ୍ଠ ।

୫୮ । ବଲ୍ଲଭୀକୁ—ପ୍ରିୟାକୁ, ସ୍ତ୍ରୀକୁ । ନୃପସୁତ—ରାଜପୁତ୍ର । ଅନଳେ—ଅଗ୍ନିରେ

୫୯ । ସନ୍ତାପକୁ—ଦୁଃଖକୁ । ୬୦ । କର୍ଣ୍ଣାଟ ଦେଶ—ଦ୍ରାବିଡ଼ । ନରେଶ୍ୱର—ରାଜା ।

୬୧ । ପଟ୍ଟ—ପ୍ରଧାନ । ମହିଷୀ—ରାଣୀ, ସ୍ତ୍ରୀ । ପୁତ୍ରାର୍ଥେ—ପୁଅ ପାଇବା ପାଇଁ ।

ତା ଉଦର ଆକାଶରେ ପ୍ରକାଶ ହୋଇଲା ।
ଅକଳଙ୍କ କଳାନିଧି ପରିପ୍ରାୟେ ଶୋହିଲା ଯେ । ୬୨ ।

ଆହ୍ଲାଦେ ଚନ୍ଦ୍ର ତେଜେ ଭାନୁ ଭାବ କରି ।
ଚନ୍ଦ୍ରଭାନୁ ନାମ ଦେଲେ ବିଚାରି ବିଚାରି । ୬୩ ।

ବେଦ ବେଦାନ୍ତେ ବିଧାତା ବ୍ୟାକରଣେ ହର ।
ସଙ୍ଗୀତରେ ନାରଦ ଶୃଙ୍ଗାରଶାସ୍ତ୍ରେ ମାର । ୬୪ ।

କବିପଣେ ଗଣେଶ ଜ୍ୟୋତିଷେ ବୃହସ୍ପତି ।
ଅଶ୍ୱାରୋହେ ମିହିର ଭୈରବ ପରି ଗତି । ୬୫ ।

ଧନୁର୍ଦ୍ଧରେ ଅର୍ଜ୍ଜୁନ ଗଦାରେ ବୃକୋଦର ।
ଦାନୀରେ କର୍ଣ୍ଣ ମାନୀରେ କୁରୁ ଦଣ୍ଡଧର । ୬୬ ।

ବଳିଷ୍ଠରେ ବଳି ଧାର୍ମିକରେ ଯୁଧିଷ୍ଠିର ।
ସୁନ୍ଦରପଣରେ ତାର ନୋହି ପଟାନ୍ତର । ୬୭ ।

---

କାଶୀବାସୀ—ଶିବ । ୬୨ । ଉଦର ଆକାଶରେ—ଗର୍ଭରୂପ ଗଗନରେ ପ୍ରକାଶ ହୋଇଲା—ଉଦିତ ହେଲା, ଜନ୍ମ ହେଲା । ଅକଳଙ୍କ କଳାନିଧି—କଳଙ୍କଶୂନ୍ୟ ଚନ୍ଦ୍ର । ଶୋହିଲା—ଶୋଭା ପାଇଲା । ୬୩ । ଆହ୍ଲାଦେ—ଶୀତଳ ଓ ସ୍ନିଗ୍ଧ ଗୁଣରେ । ତେଜେ—ପ୍ରତାପରେ । ଭାନୁ—ସୂର୍ଯ୍ୟ; ଭୀମକାନ୍ତ ।

୬୪ । ବେଦ ବେଦାନ୍ତେ—କର୍ମକାଣ୍ଡ ଓ ଜ୍ଞାନକାଣ୍ଡରେ; ଋକ, ସାମ, ଯଜୁ ଓ ଅଥର୍ବ ଚାରିବେଦ, ଉପନିଷଦ୍ ଓ ମୀମାଂସା ଦରେ । ବିଧାତା—ବ୍ରହ୍ମା । ହର—ମହାଦେବ । ଶୃଙ୍ଗାର ଶାସ୍ତ୍ରରେ—କାମଶାସ୍ତ୍ରରେ । ମାର—କନ୍ଦର୍ପ ।

୬୫ । କବିପଣେ—କବିତ୍ୱରେ । ବୃହସ୍ପତି—ଗୁରୁ । ଅଶ୍ୱାରୋହେ—ଘୋଡ଼ା ଚଢ଼ିବାରେ । ମିହିର—ସୂର୍ଯ୍ୟ । ଭୈରବ—ମହାଦେବଙ୍କ ଅଂଶାବତାର ।

୬୬ । ଧନୁର୍ଦ୍ଧରେ—ଧନୁର୍ଧାରୀଙ୍କ ମଧ୍ୟରେ । ବୃକୋଦର—ଭୀମ । ଦାନୀରେ—ଦାନୀଙ୍କ ମଧ୍ୟରେ । ମାନୀରେ—ଅଭିମାନୀଙ୍କ ମଧ୍ୟରେ । କୁରୁ ଦଣ୍ଡଧର—ଦୁର୍ଯ୍ୟୋଧନ ।

୬୭ । ବଳିଷ୍ଠରେ—ଅତି ବଳବନ୍ତଙ୍କ ମଧ୍ୟରେ । ବଳି—ବଳିଦୈତ୍ୟ । "ବାଳି" ପାଠରେ—ମର୍କଟରାଜ । ସୁନ୍ଦରପଣରେ—ସୌନ୍ଦର୍ଯ୍ୟରେ । ପଟାନ୍ତର—ତୁଳନା ଅର୍ଥାତ୍ ଅନ୍ୟ କେହି ସରିସମ ନାହିଁ ।

ମନ୍ତ୍ରୀ ଜ୍ୟୋତିଷ ସାଧୁତ ପୁରୋଧା କୁମର ।
ନାମ ଗୁଣନିଧି ବସନ୍ତକ ପୁରନ୍ଦର ।୬୮ ।

ରତ୍ନଧ୍ୱଜ ସହିତେ ଏ ଗୃହ ମିତ୍ର ହିତ ।
ଜାଣି ଦିନ ଭିନ୍ନ ନୋହେ ଏହାଙ୍କ ସଙ୍ଗତ ।୬୯ ।

ହେ ରାମ କୃଷ୍ଣ ସୁନ୍ଦର କଳାପମଣ୍ଡନ ।
ରାଧାପତିରୁଚିହାସ ଅଘବଖଣ୍ଡନ ।୭୦ ।

ଉପେନ୍ଦ୍ର ଭଞ୍ଜ ବୀରବର ମନୋରଥ ।
ଏ ଗୀତ ପୂର୍ଣ୍ଣ ହେବାରେ କର ଏହା ସାର୍ଥ ଯେ ।୭୧ ।

---

## ଦ୍ୱିତୀୟ ଛାନ୍ଦ

### ରାଗ-ପଟ୍ଟମଞ୍ଜରୀ

ଶୁଣ ହେ ସୁଜନେ ରସ କର୍ଣ୍ଣ ମନଲୋଭା
ରତ୍ନାକର ମଧ୍ୟରେ ସିଂହଳ ଦ୍ୱୀପ ଶୋଭା ଯେ ।୧ ।

---

୬୮ । ସାଧୁତ—ମହାଜନ, ସୌଦାଗର । ପୁରୋଧା—ପୁରୋହିତ ।୬୯। ହିତ—ଉପକାରୀ ।

୭୦ । ରାମ ଓ କୃଷ୍ଣ ଉଭୟଙ୍କୁ କବି ବନ୍ଦନା କରୁ ଅଛନ୍ତି । ହେ ରାମ:—ସୁନ୍ଦର—ତୁମ୍ଭେ ସୁନ୍ଦର, ଅତିଶୟ ଶୋଭାବିଶିଷ୍ଟ ( ସୀତାପତିଂ ସୁନ୍ଦରମ୍ ) । କଳାପମଣ୍ଡନ — କଳାପଭୂଷଣ ସେଥିରେ ମଣ୍ଡନ — ଶୋଭମାନ (ନାନାଳଙ୍କାରଧାରିଣମ୍) ବା କଳାପ—ତୂଣୀର ଓ ଜଟାଗୁଚ୍ଛ ସେଥିରେ ଭୂଷିତ ( ବାଲ୍ୟାବସ୍ଥାରେ କାକପକ୍ଷଧାରୀ ଓ ବନଚରଣେ—ଜଟାଜୁଟ ଧାରଣ କରିଥିଲେ । ) ରାଧାପତିରୁଚିହାସ—ରାଧାପତି—ଅନୁରାଧା ନକ୍ଷତ୍ରର ସ୍ୱାମୀ ଚନ୍ଦ୍ର, ତାଙ୍କର ରୁଚି—କାନ୍ତି ତା ପରିହାସ—ହସ ବା ଶୋଭା ଯାହାଙ୍କର । ଅଘବଖଣ୍ଡନ—ପାପ ବିନାଶକ । ( କୃଷ୍ଣ ପକ୍ଷେ ) । ସୁନ୍ଦର—ସକଳସୁନ୍ଦର ସନ୍ନିବେଶ-ଭାଃ । ୧୦ ) କଳାପ ମଣ୍ଡନ—ମୟୂରପୁଚ୍ଛଧାରୀ । ରାଧାପତି—ରାଧାଙ୍କ ସ୍ୱାମୀ । ରୁଚିହାସ—ସଦାସ୍ମିତ ବଦନ । ଅଘବଖଣ୍ଡନ—ଅଘାସୁରନାଶକ ।୭୧। ମନୋରଥ—ମନକାମନା; ଇଚ୍ଛା ସାର୍ଥ—ସଫଳ ।

୧ । ସୁଜନେ—ସାଧୁଲୋକମାନେ । କର୍ଣ୍ଣମନଲୋଭା—କାନ ଓ ମନରେ ସନ୍ତୋଷ ଦେବା । ରସ—ପ୍ରୀତିକର ବିଷୟ । ରତ୍ନାକର—ସମୁଦ୍ର । ସିଂହଳ—ଲଙ୍କା ।

କହିବାର ନୋହେ ସେ କଟକ ଛଟକକୁ
ରତ୍ନ ଝଟକରେ ହସେ ଆନ କଟକକୁ ଯେ । ୨ ।

ଅଛନ୍ତି ଧନଦସମ ଧନବନ୍ତମାନେ ।
କର୍ଣ୍ଣେ ଶୁଣା ଅଛୁ ସମାନଙ୍କୁ ଏକା ଦାନେ ଯେ । ୩ ।

ଯେତେ କୋଟି ସୁବର୍ଣ୍ଣ ଯାହାକୁ ମିଳେ ତହିଁ
ତେତେ ଗୋଟି କଳଶ ସେ ମନ୍ଦିରେ ବସାଇ ଯେ । ୪ ।

ଗୋରେଚନା ପ୍ରାକାରେ ଯହିଁରେ ମୃଗମଦ
ନିତ ଜୀର୍ଣ୍ଣ ବସନକୁ ଯାଚନ୍ତି ପୁଳିନ୍ଦ ଯେ । ୫ ।

କୁଙ୍କୁମ ଉକୁଟାଇ ହୁଅନ୍ତି ନାରୀ ଯହିଁ
ହରିଦ୍ରାରେ ଆଦର କରିବେ କାହିଁ ପାଇଁ ଯେ । ୬ ।

ମାର୍ଗ ମାର୍ଜନେ ରଜନୀକର ଅଣି ଯାଇ
ରଜନୀକର ଅଣନ୍ତି ଶକଟରେ ବହି ଯେ । ୭ ।

ହରୀତକୀ ପାଇଁ ଡଆରିଲେ ବୈଦ୍ୟକୁଳ ।
ଭାରିବାହେ ଭାବରେ ଅନ୍ତ୍ରୀକାତଫଳ ଯେ । ୮ ।

---

୨ । ଛଟକ—ଶୋଭାଗୃହସ୍ତୀ । ଝଟକ—ଦୀପ୍ତି । କଟକ—ନଗର । ଆନ—ଅନ୍ୟ ।

୩ । ଧନଦ—କୁବେର । କର୍ଣ୍ଣ—କାନ ଓ କର୍ଣ୍ଣଦାତା । ଧନଦ—ଧନଦାତା । କେହି କୁବେରଙ୍କୁ ଦେଖି ନାହିଁ, ତା କେବଳ କାନ ଶୁଣିଛି । ଏ ଅର୍ଥ ତେତେ ଯୁକ୍ତିଯୁକ୍ତ ନୁହେଁ । ବରଂ କର୍ଣ୍ଣ ଦାତା; କର୍ଣ୍ଣଙ୍କଠାରେ ଦାତାପଣ ଏହାଙ୍କ ଦାତାପଣ ସଙ୍ଗେ ସମାନ ।

୪ । ସୁବର୍ଣ୍ଣ—ସୁନା ମୋହର, ସୁନା ମାଢ଼ । କଳସ—ମାଠିଆ; ସେଠିକି ସୁନାମାଠିଆ । ମନ୍ଦିର—ଘର । ୫ । ଗୋରେଚନା—ହରିଦ୍ରା ବର୍ଣ୍ଣକ (ହଳଦିଆ ବର୍ଣ୍ଣର ପଦାର୍ଥ) ଯାହାକି ଗୋରୁଙ୍କ ମୂତ୍ରରୁ, ପିତ୍ତରୁ ବା ମସ୍ତକରୁ ବାହାରେ । ମୃଗମଦ— କସ୍ତୁରୀ । ଜୀର୍ଣ୍ଣ ବସନକୁ—ଚିରା ଲୁଗା ପାଇଁ । ପୁଳିନ୍ଦ—ଶବର, ମ୍ଳେଚ୍ଛ ଜାତିବିଶେଷ ।

୬ । କୁଙ୍କୁମ—ଜାଫ୍ରାନ କେଶର । ଉକୁଟାଇ—ଲଗାଇ ହୋଇ, ଲିପ୍ତ ହୋଇ । ହରିଦ୍ରାରେ—ହଳଦୀରେ । ଆଦର—ଆଗ୍ରହ । ୭ । ମାର୍ଗ ମାର୍ଜନେ—ବାଟ ପରିଷ୍କାର କରିବ ରେ । ରଜନୀକର—ଧୂଳିସବୁ । ରଜନୀ—କର୍ପୂର । କର—ହସ୍ତରେ । ଶକଟରେ—ବଳଦ ଗାଡ଼ିରେ । ୮ । ହରିତକୀ—ହରିଡ଼ା । ଡଆରିଲେ—ବୁଝାଇ କହିଲେ । ବୈଦ୍ୟକୁଳ—ବଇଦସବୁ ।

ଶବରୀ ଶର୍ବରୀ ଶେଷୁ ଅରଣ୍ୟକୁ ଯାଇ
ହରି-ବିଦାରିତ-କରି-ମୋତି ପଡ଼ିଥାଇ ଯେ । ୯ ।
ବଦରୀ ଆଦର ନେଇ ସରୋବରେ ଧୋଇ
ବକା ତ ନ ଯିବ ବୋଲି ଅସନ୍ତି ପକାଇ ଯେ । ୧୦ ।
ଖଣ୍ଡପରଶୁଧାରଣ ପୁର ପରିସ୍କାରେ
ନ ଦହନ୍ତି ଶାମ୍ବୁକ ମୁକୁତା ବହ୍ନିନରେ ଯେ । ୧୧ ।
ଯହିଁ ହେମ କମନୀୟ କମ କରେ ହୋଇ
ସେ ଗ୍ରହଣ ବାରବାନେ ଦୂକପାତ ନାହିଁ ଯେ । ୧୨ ।
ଶିଶୁକାନ୍ତ ମେଧାବନ୍ତ ମଦନଶଲାକା
ଭକ୍ଷନ୍ତି ଲବଙ୍ଗ ନାଗବଲ୍ଲୀ ଦଳ ଏକା ଯେ । ୧୩ ।
ଏଣୁ କଣ୍ଠରୋଧ ବାଧହୀନ ଦିବ୍ୟତାନ
ଶିଖି ବସ୍ତୁ ଚରିତ କରନ୍ତି ଭୂମି ଗାନ ଯେ । ୧୪ ।

---

ଭିରବାହେ—ଭିରୁଆମାନେ । ଜାତିଫଳ—ଜାଇଫଳ ।

୯ । ଶବରୀ—ଶବରୁଣୀ । ଶର୍ବରୀ—ରାତି । ଅରଣ୍ୟ—ବଣ । ହରିବିଦାରିତ—ସିଂହଦ୍ୱାରା ଚିରା ହୋଇଥିବା । କରିମୋତି—ହାତୀମୁଣ୍ଡ ଚିରିବାରେ ଯେଉଁ ଗଜମୋତି ମିଳେ ।

୧୦ । ବଦରୀ — ବରକୋଳି । ଆଦରି — ଆଗ୍ରହ କରି । ସରୋବରେ—ପୋଖରୀରେ । ୧୧ । ଖଣ୍ଡ ପରଶୁଧାରଣ—ମହାଦେବ । ପୁର—ମନ୍ଦିର । ପରିସ୍କାରେ— ସଫାଇ ବା ଚୂନ କରିବାରେ । ଶାମୁକ ନ ଦହନ୍ତି —ଚୂନ ସକାଶେ ଶାମୁକା ପୋଡ଼ନ୍ତି ନାହିଁ; କିନ୍ତୁ ମୁକୁତା ପୋଡ଼ନ୍ତି । ୧୨ । ହେମ—ସୁନା । କମନୀୟ କମ—ସୁନ୍ଦର କାରିଗରି । କରେ—ହାତରେ । ଯେଉଁ ସୁନ୍ଦର ସୁନାରେ କାରିଗରି କାମ ହାତରେ ତିଆରି ହୁଏ, ସେ ସୁନା ତୁଳନାରେ ବାର ଥର ନିଆଁରେ ପୋଡ଼ା ହୋଇଥିବା ସୁନା କିଛି ନୁହେ ବା ସେ ସୁନାର କମ ହାତରେ ପିନ୍ଧିଲେ ଏ ସୁନାକୁ ଦୃଷ୍ଟି ଦିଆଯାଉ ନାହିଁ । ଗ୍ରହଣ—ପିନ୍ଧିବା ବା ବଗୃର ।

୧୩ । ଶିଶୁକାନ୍ତ—ପିଲଦାନ୍ତ । ମେଧାବନ୍ତ—( ମେଧାବୀ ) ଶୁକ । ମଦନଶଲାକା—ଶାରୀ । ନାଗବଲ୍ଲୀ ଦଳ—ପାନ । ୧୪ । ଏଣୁ—ଏହେତୁ । ଶୁଆ ଓ ଶାରୀ ପିଲଦାନ୍ତ ଲବଙ୍ଗ ଓ ପାନର ପତ୍ର ଭକ୍ଷିବାରୁ ତାଙ୍କର କଣ୍ଠ ପରିଷ୍କାର । ବାଧାହୀନ—ପରିଷ୍କାର, ଶ୍ଳେଷ୍ମାଦି ଦୋଷ

ଗଜ ହୟ ଉପଜୀବୀ ଭ୍ରମନ୍ତି କେଦାରେ
ମାର୍ଗ ଜ୍ୟୋତିଙ୍କି କରି ଜବସ ମନରେ ଯେ । ୧୫ ।
ବାମକର ଗ୍ରହଣେ ଜାଣନ୍ତି ଯହିଁ ମିଛ
ଭାବନ୍ତି ଏଣୁ ପଥରେ କି ପଥର ସ୍ୱଚ୍ଛ । ୧୬ ।
ବଜ୍ରଜାତି ବିନା ଗଜ ନ ଅଣନ୍ତି ବନୁ
ଅଶ୍ୱଶାଳେ ବନ୍ଧା ନୋହେ ସିନ୍ଧୁଜାତି ବିନୁ ଯେ । ୧୭ ।
ମୂଷିକରେ ନେପାଳୀ ପାଳନା ସୁଆଦରେ
ଗନ୍ଧମାର୍ଜାର ପୋଷିତ ବିଡ଼ାଳ ପଦରେ ଯେ । ୧୮ ।

---

ରହିତ, ତାହାଁ ବ୍ୟବଧାନ ମଧୁର ସ୍ୱର ବିସ୍ତାର । ଶିଖି—ଶିଖା କରି । ଭ୍ରମି—ବୁଲି ବୁଲି, ଉଡ଼ି ଉଡ଼ି ସଞ୍ଚାର ।

୧୫ । ଗଜ ହୟ—ଘୋଡ଼ା ହାତୀ । ଉପଜୀବୀ—ଜୀବିକା ଅର୍ଜନକାରୀ । କେଦାରେ—କିଆରୀମାନଙ୍କରେ । ମାର୍ଗ ଜ୍ୟୋତିଙ୍କି—ନୀଳମଣି କାନ୍ତିକି । ଜବସ—ଘାସ ।

୧୬ । ବାମକର ଗ୍ରହଣେ ( ବାମ ସ୍ୱାର୍ଥେ କ ) ପ୍ରତିକୂଳ ଭାବର ବିଷୟର ଯୋଗ ବା ଆଦର । ଯହିଁ—ଯେଉଁ ସ୍ଥାନରେ ଲୋକେ ମିଛ ମଣନ୍ତି ଅର୍ଥାତ୍ ସମସ୍ତ ବିଷୟ ଅନୁକୂଳ । ବା ବାମାକର—ସ୍ତ୍ରୀର ହସ୍ତ ଧରିବା ପରସ୍ତ୍ରୀ ହରଣ—ମିଛ ମଣନ୍ତି ( ପାଠାନ୍ତର ଲୋକନାଥ ଧୃତ ପାଠ ) ବା ବାଁମକର ପ୍ରତିକୂଳ କି ନିଷିଦ୍ଧ ଖଜଣା ନେବା ମିଛ ମଣନ୍ତି । ବା ମକର ଗ୍ରହଣେ ଜାଣନ୍ତି ଯହିଁ ମତ୍ସ୍ୟ—ବା ମକର ମଣିକି ଯାହା ମାଛ ବୋଲି ଛାଡ଼ନ୍ତି । ପଥରେ—ବାଟରେ । ପଥର—ପାଷାଣ, ପ୍ରସ୍ତର । ସ୍ୱଚ୍ଛ—ନିର୍ମଳ, ଚକ୍‌ଚକ ।

୧୭ । ବଜ୍ରଜାତି ଗଜ—ଉତ୍କୃଷ୍ଟ ଜାତୀୟ ହସ୍ତୀ । ପାଲକାପ୍ୟମତେ ଭଦ୍ର, ମନ୍ଦ୍ର, ମୃଗ ତ୍ରିବିଧ ଓ ଶୁକ୍ରନୀତି ମତେ ଭଦ୍ର, ମନ୍ଦ୍ର, ମୃଗ ଓ ମିଶ୍ର ଭେଦରେ ଚତୁର୍ବିଧ ଏବଂ ଭଦ୍ର ଉଭୟ ମତେ ସର୍ବୋତ୍କୃଷ୍ଟ । କବି ବୋଧହୁଏ ଭଦ୍ରକୁ ବଜ୍ରରୂପେ ଗ୍ରହଣ କରି ଅଛନ୍ତି । ସିନ୍ଧୁ ଜାତୀୟ ଅଶ୍ୱ—ସିନ୍ଧୁ ଦେଶରେ ଜାତ ଓ ପାଳିତ ଅଶ୍ୱ । (ଆରବୀୟ ବା ପଶ୍ଚିମାଞ୍ଚଳର ଅଶ୍ୱ ବା ବ୍ରହ୍ମଦେଶର ଅଶ୍ୱ ମଧ୍ୟ—ସିନ୍ଧୁ—ସମୁଦ୍ର ଅଞ୍ଚଳ ଦେଶ ) ।

୧୮ । ସୁଆଦରେ—ଅତି ସ୍ନେହରେ । ନେପାଳୀ—ନେପାଳ ଦେଶର ମୂଷା ( ପାର୍ବତ୍ୟ ହିମାଚଳ ଦେଶରୁ ଆଗତ ) ଗନ୍ଧମାର୍ଜାର—ଗନ୍ଧଆପଟନା ବିଲେଇ । ବିଡ଼ାଳ—ବିଲେଇ ।

ମାଳୀଅଳି ଦକ୍ଷିଣାବର୍ତ୍ତିକ ବନା କମ୍ବୁ
ନ ଘେନନ୍ତି ଦେବାକୁ ହରଚରଣେ ଅମ୍ବୁ ଯେ । ୧୯ ।
ଏକମୁଖୀ ରୁଦ୍ରାକ୍ଷ ଗ୍ରହଣ ଯୋଗୀ କରେ
ବାଳକେ କିଣନ୍ତି ଦ୍ରାକ୍ଷା କେବଳ କୋଳରେ ଯେ । ୨୦ ।
ଖଡ଼୍‌ଗ ଚର୍ମ ଅଡ଼େଣୀ ଧାରଣର ପାଇ
ଖଡ଼୍‌ଗ ଚର୍ମରୁ ଆନ ଚର୍ମ ନ ଯୋଗାଇ ଯେ । ୨୧ ।
ଯହିଁ ବ୍ରହ୍ମଜାତ ବଜ୍ରକବାଟ ମିଳଇ
ବଜ୍ର କବଚରେ ଅନୁରାଗ ଥିବ କାହିଁ ଯେ । ୨୨ ।
ପଦ୍ମିନୀ ଜନମସ୍ଥାନ ପଦ୍ମାକର ପୁରୀ
ଆନ ଜାତି ନାରୀଏ ଯହିଁରେ ପରଗୃହୀ ଯେ । ୨୩ ।

---

୧୯ । ମାଳୀଅଳି—ମାଳୀମାନେ । ଦକ୍ଷିଣାବର୍ତ୍ତିକ କମ୍ବୁ—ଡାହାଣ ମୁଖୀ ଶଙ୍ଖ (ଉତ୍କୃଷ୍ଟ) ହର ଚରଣେ ଅମ୍ବୁ—ମହାଦେବଙ୍କଠାରେ ପାଣି ।

୨୦ । ଏକମୁଖୀ ରୁଦ୍ରାକ୍ଷ—ଗୋଟିଏ ମୁଖ ଥିବା ରୁଦ୍ରାକ୍ଷ (ଦୁଷ୍ପ୍ରାପ୍ୟ ଓ ଉତ୍କୃଷ୍ଟ) ଯୋଗୀ—ମହାଦେବଙ୍କ ଉପାସକ । କରେ—ହାତରେ । ଦ୍ରାକ୍ଷା—ଅଙ୍ଗୁର । କୋଳି—ବରକୋଳି ।

୨୧ । ଖଡ଼୍‌ଗ—ଖଣ୍ଡା । ତା ସହିତ ଚର୍ମଆଡ଼ଣି—ଚମର ଢାଲ । ଖଡ଼୍‌ଗ ଚର୍ମରୁ—ଗଣ୍ଡା ଚମରୁ । (ଯେ ଢାଲ ଲୋକେ ସେଠାରେ ବ୍ୟବହାର କରନ୍ତି ସେ ସମସ୍ତ ଗଣ୍ଡା ଚମର ଉତ୍କୃଷ୍ଟ ଢାଲ) ଧାରଣର—ଧରିବା ନିମନ୍ତେ । ନ ଯୋଗାଇ—ଉପଯୁକ୍ତ ନୁହେଁ ।

୨୨ । ବ୍ରହ୍ମଜାତ ବଜ୍ରକବଚ—ଉତ୍କୃଷ୍ଟ ଜାତୀୟ ହୀରାର କବଚ । ବଜ୍ରକବଚ—ଲୌହ ବା ଇସ୍ପାତର ସାଞ୍ଜୁ । ଅନୁରାଗ—ଆଦର । ୨୩ । ପଦ୍ମିନୀ—ଉତ୍କୃଷ୍ଟ ଜାତୀୟା ସ୍ତ୍ରୀ । ପଦ୍ମିନୀ—ପଦ୍ମଗନ୍ଧା (ଭବନ୍ତି କମଲନେତ୍ରା ନାସିକା କ୍ଷୁଦ୍ର ରନ୍ଧ୍ରା । ଅବିରଳକୁଚଯୁଗ୍ମା ଚାରୁକେଶୀ କୃଶାଙ୍ଗୀ ମୃଦୁବଚନସୁଶୀଳା ଗୀତବାଦ୍ୟାନୁରକ୍ତା ସକଳତନୁସୁବେଶା ପଦ୍ମିନୀ ପଦ୍ମଗନ୍ଧା । ଆନଜାତି ନାରୀଏ—ଶଙ୍ଖିନୀ, ଚିତ୍ରିଣୀ ଓ ହସ୍ତିନୀ ଜାତି ସ୍ତ୍ରୀମାନେ । ପଦ୍ମାକର ପୁରୀ—ପୁରୀ ଲଙ୍କା ହେଲା ଗୋଟିଏ ପଦ୍ମପୂର୍ଣ୍ଣ ସରୋବର ବା ପଦ୍ମାକର ଲକ୍ଷ୍ମୀଙ୍କର ଜନ୍ମସ୍ଥାନ ଯେ ସମୁଦ୍ର ତନ୍ମଧ୍ୟସ୍ଥ ପୁରୀ ଲଙ୍କା । ପରଗୃହୀ—ଦାସୀ ।

କିନ୍ନରୀ ଗୀତ ଶ୍ରବଣ ଯହିଁ ନିତ୍ୟ ନିତ
ମହୀ ମଧ୍ୟେ ସ୍ୱର୍ଗ ସେ ହୋଇଛି ଉତ୍ପତ୍ତି ଯେ । ୨୪ ।
ସେ ନଗର ନରବର ନାମ ରତ୍ନେଶ୍ୱର ।
ବନ୍ଧ୍ୟୁଲ୍ଲତା ନାମେ ପଟ୍ଟମହିଷୀ ତାହାର ଯେ । ୨୫ ।
ପଞ୍ଚଶର ସମେ ପଞ୍ଚସୁତ କଲେ ଜାତ
ଦିବ୍ୟ କୁମାରୀ ପ୍ରାପତେ କରେ ନାନା ବ୍ରତ ଯେ । ୨୬ ।
ଚଇତ୍ର ମଙ୍ଗଳବାରେ ଆରମ୍ଭି ପୂଜାକୁ
ପଞ୍ଚମ ପାଳିରେ ତୋଷ କଲା ଗିରିଜାଙ୍କୁ ଯେ । ୨୭ ।
ବାଞ୍ଛାବତୀ ପିଣ୍ଡ ଥିଲା ଅଗମ୍ୟ କାନନ
ଆପଣେ ଅମ୍ବିକା ଯାଇଁ କରି ସଂଜୀବନ ଯେ । ୨୮ ।
ବୋଇଲେ ସୁନ୍ଦରୀ ହୁଅ ରସାଳର ଫଳ
ଆଜ୍ଞା ଅବଧାରିଲା ସେ ରାମା ତତକାଳ ଯେ । ୨୯ ।
କରେ ଘେନି ସ୍ୱପ୍ନବେଶେ ମହାଦେବୀ କରେ ।
ଦେଇଗଲେ ସେ ଆମ୍ବକୁ ପାର୍ବତୀ ସତ୍ୱରେ ଯେ । ୩୦ ।
ଚେତ ଯୁବତୀ ଦେଖିଲା ହସ୍ତେ ଅଛି ଚୂତ
ତାହା ଭକ୍ଷି ମୃଗାକ୍ଷୀ ନାୟକ ସଙ୍ଗେ ରତ ଯେ । ୩୧ ।

---

୨୪ । କିନ୍ନରୀ—ସର୍ବାଙ୍ଗ ଶରୀର ମନୁଷ୍ୟାକୃତି ଓ ମୁଖ ଅଶ୍ୱର; କିନ୍ନର—ଦେବଯୋନି ବିଶେଷ; ତାଙ୍କ ସ୍ତ୍ରୀମାନେ ବୀଣାବାଦନ ଓ ସଙ୍ଗୀତରେ ପାରଙ୍ଗମା । ନିତ୍ୟ ନିତ୍ୟ—ପ୍ରତ୍ୟହ । ମହୀ ମଧ୍ୟେ—ପୃଥିବୀ ମଧ୍ୟରେ । ଉତ୍ପତ୍ତି—ଜନ୍ମ ।

୨୫ । ନରବର—ନୃଶ୍ରେଷ୍ଠ, ରଜା । ପଟ୍ଟମହିଷୀ—ପ୍ରଧାନ ରାଣୀ ।

୨୬ । ପଞ୍ଚଶର ସମେ—କନ୍ଦର୍ପ ତୁଲ୍ୟରେ । ସୁତ—ପୁତ୍ର । ଦିବ୍ୟକୁମାରୀ—ସୁନ୍ଦରୀ କନ୍ୟା । ପ୍ରାପତେ—ପାଇବା ଲାଗି । ବ୍ରତ—ଦେବତା ପୂଜାରେ ଉପବାସ କରଣ । ୨୭ । ପଞ୍ଚମପାଳିରେ—ପଞ୍ଚମ ଥର । ଗିରିଜାଙ୍କୁ—ପାର୍ବତୀଙ୍କୁ । ୨୮ । ପିଣ୍ଡ—ମୃତ ଶରୀର । ଅମ୍ବିକା—ପାର୍ବତୀ । ସଂଜୀବନ କରି—ଜୀଆଇଁ । ୨୯ । ରସାଳ—ଆମ୍ବ । ଅବଧାରିଲା—ପ୍ରତିପାଳନ କଲା, ନିର୍ଣ୍ଣୟ କଲା । ରାମା—ସ୍ତ୍ରୀ, ବାଞ୍ଛାବତୀ । ୩୦ । କରେ—ହସ୍ତରେ । ମହାଦେବୀ—ବନ୍ଧ୍ୟୁଲ୍ଲତ, ପାଟରାଣୀ । ସ୍ୱପ୍ନାବେଶେ—ନିଦ୍ରାରେ ଅଭିଭୂତ ହେବା ସମୟରେ । ସତ୍ୱରେ—ଶୀଘ୍ର । ୩୧ । ଚୂତ—ଆମ୍ବ । ମୃଗାକ୍ଷୀ—ହରିଣନୟନା, ପାଟରାଣୀ ।

ଶୁଭବେଳେ ଗର୍ଭ ଦର୍ଭହାସୀ ଶୁଭ୍ରକେଶୀ
କେତେ ଦିନେ ଶୋଭି ତାର ଆନ ଆନ ଦିଶେ ଯେ । ୩୨ ।
କାନ୍ତି ସୁବର୍ଣ୍ଣେ ଦୋହଦ ପାରଦ ମିଶିଲା
ରଜତ ପିତୁଳା ତୁଲ୍ୟା ଅବଳା ଦିଶିଲା ଯେ । ୩୩ ।
କ୍ଷୀଣ ଯାଇ ପୀନ ହେଲା ରେକ ସଂଖ୍ୟା କଟୀ
ଖସି ନିତମ୍ବ ବିମ୍ବକୁ ଆଶ୍ରେ କଲା ଶାଟୀ ଯେ । ୩୪ ।
ବେଶରେ ଅବେଶ ହେବା କ୍ରମରେ ତୁଟିଲା ।
ଆହାରେ ବମନା ହୋଇ ଗମନେ ଫୁଟିଲା ଯେ । ୩୫ ।
ବାହାର ହୋଇଲା ପତିବିହାରରୁ ମତି
ମହିଳା ମହୀ ଶୟନେ ବଳାଇଲା ପ୍ରୀତି ଯେ । ୩୬ ।
ଦିବ୍ୟରୁଚିକି ରୁଚିଲା ମୃତ୍ତିକା ଭକ୍ଷଣ ।
ଚଞ୍ଚଳ ଚଳନମାନ ଛାଡ଼ିଲା ଈକ୍ଷଣା । ୩୭ ।

---

ନାୟକ—ସ୍ୱାମୀ । ରତ—ରମଣରେ ନିଯୁକ୍ତ । ୩୨ । ଦର୍ଭହାସୀ—ଅଳ୍ପ ହାସିନୀ, ସ୍ମେରମୁଖୀ । ଶୁଭ୍ରକେଶୀ—ଉଜ୍ଜ୍ୱଳ ଓ ଚିକ୍କଣ କେଶ ଯାହାର—ସୁକେଶୀ । କେତେଦିନେ—କିଛିଦିନ ପରେ । ଆନ ଆନ—ଭିନ୍ନ ଭିନ୍ନ ପ୍ରକାର ।

୩୩ । ଦୋହଦ—ଦୋହଦ ଅବସ୍ଥା ଅର୍ଥାତ୍ ଗର୍ଭାବସ୍ଥାର ଲକ୍ଷଣ ହେତୁ କାନ୍ତି ସୁବର୍ଣ୍ଣ—କାନ୍ତି ସୁବର୍ଣ୍ଣ ସଦୃଶ ସେଥିରେ ପାରା ମିଶିବାରୁ ବର୍ଣ୍ଣ ପାଣ୍ଡୁର—ଶେତା ପଡ଼ିଲା ପରେ ରଜତ ପିତୁଳା—ରୂପାର ମୂର୍ତ୍ତି; କ୍ଷୀଣ ଯାଇ ପୀନ ହେଲା—ସରୁ ଥିଲା ତାହା ମୋଟ ହେଲା । ରେକ ସଂଖ୍ୟା କଟି—ଅଣ୍ଟା ହାତ ବେଢ଼ାରେ ରହିବାପରି ଗଣନା ହେଉଥିଲା । ନିତମ୍ବବିମ୍ବକୁ—ସ୍ତ୍ରୀ କଟିର ପଶ୍ଚାଦ୍ଭାଗକୁ ନିତମ୍ବ କହନ୍ତି ( ପଶ୍ଚାତ୍ ନିତମ୍ବଃ ସ୍ତ୍ରୀକଟ୍ୟାଃ ) । ବିମ୍ବ—ମଣ୍ଡଳ, ଗୋଲାକାର ପ୍ରଦେଶ । ଶାଟୀ—ଶାଢ଼ୀ । ଅଣ୍ଟା ମୋଟା ହେବାରୁ ଶାଢ଼ୀ ପିଚ୍ଛକୁ ଟଳି ଆସିଲା । ୩୫ । ଆବେଗ—ଆଗ୍ରହ, ସ୍ନେହ । ତୁଟିଲା—ଛାଡ଼ିଲା । ଆହାରେ ବମନ—ଖାଦ୍ୟରେ ଅରୁଚି । ଗମନେ ଫୁଟିଲା—ଯିବା ଆସିବାରେ ବିରକ୍ତ ବା କଷ୍ଟ ବୋଧକଲା । ୩୬ । ପତିବିହାରରୁ—ପତି ସହବାସରୁ । ମତି ବାହାର ହୋଇଲା—ମନ ଛାଡ଼ିଲା । ମହିଳା—ସ୍ତ୍ରୀ, ରାଣୀ । ମହୀ ଶୟନେ—ଭୂଇଁରେ ଶୋଇବାକୁ । ବଳାଇଲା ପ୍ରୀତି—ଆଦରିଲା ।

୩୭ । ଦିବ୍ୟରୁଚି—ଯାହାର ଭଲ ପଦାର୍ଥ ଖାଇବାପାଇଁ ଆଦର ( ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ, ଆହାର୍ଯ୍ୟାଦି ବିଷୟରେ ଅଭିଳାଷ ) ତାର

ପୃଥୁରୋମାନସୂଚୀ ଉଦର ପୃଥୁତର
ଅତି ଶୋଭା ନାଭି ଲେକ୍ଷିଲ୍ଲି ପରକାର । ୩୮ ।
କାପ୍ତୁର ଦଶିଲ୍ ଓଷ୍ଠ ଛୁଟିଯାଇ ରଙ୍ଗ ଯେ
ଘନ ଘନ ଜୃମ୍ଭା ପୁନଃ ପୁନଃ ମୋଡ଼େ ଅଙ୍ଗ ଯେ । ୩୯ ।
ଶ୍ୟାମଳ କୋମଳଅଙ୍ଗୀ ସ୍ତନ ଅଗ୍ର ବହି ।
ହରଧର ଶୃଙ୍ଗେ ଜଳଧର ପରି ଶୋହି ଯେ । ୪୦ ।
ଦଶମାସ ଶେଷେ ରସବତୀ ଅଶକତ ।
ଉତ୍ତମ ଲଗ୍ନ ମଗ୍ନରେ ସୁତା ପ୍ରସବିତ ଯେ । ୪୧ ।
କବି ବର୍ଣ୍ଣିବ କି ଗୃହମୁଖ ସଙ୍ଗେ ବାଦ ।
ଅଚଳ ମଦନ ମହୀପତି ବହି ମଦ । ୪୨ ।
ଉଦରଶୋଭା ଉଦଧି ମନ୍ଥିଲ୍ଲା ଉଦ୍‌ବେଗେ ।
ଉରଜ ମନ୍ଦର ବଳି ସର୍ପରଜ୍ଜୁ ଯୋଗେ । ୪୩ ।
ତହିଁରୁ ଜାତ ଜଗତମୋହିନୀ ସ୍ୱଭାବେ ।
ଅବଶ୍ୟ ହୋଇବେ ହର ତପଭଙ୍ଗ ଏବେ ଯେ । ୪୪ ।

---

ବର୍ତ୍ତମାନ ଗର୍ଭାବସ୍ଥାରେ ମାଟି ଖାଇବାରେ ମନ ବଳିଲା । ଈକ୍ଷଣ—ଦୃଷ୍ଟିର ଚଞ୍ଚଳ ଦୃଷ୍ଟିପାତ ସ୍ଥିରତାକୁ ପାଇଲା । ୩୮ । ପୃଥୁରୋମାନସୂଚୀ—ମସ୍ତ୍ୟନସୂଚୀ । ଉଦର—ପେଟ । ପୃଥୁତର—ମୋଟ ।

୩୯ । କାପ୍ତୁର—ବିବର୍ଣ୍ଣ, ନୀରସ । ରଙ୍ଗ ଛୁଟିଯାଇ—ରଙ୍ଗିମା, ଲାଲଗୁଣ ନଷ୍ଟ ହୋଇ । ଘନ ଘନ—ବାରମ୍ବାର । ଜୃମ୍ଭା—ହାଇ । ୪୦ । କୋମଳଅଙ୍ଗୀ—ଶିରୀଷ ପୁଷ୍ପ ପରି ସୁକୁମାର ଶରୀର । ସ୍ତନଅଗ୍ର—ଚୂଚୁକ । ଶ୍ୟାମଳ—କୃଷ୍ଣ, କଳାରଙ୍ଗ । ହରଧର ଶୃଙ୍ଗେ—କୈଳାସ ଶିଖରରେ । ଜଳଧର—ମେଘ । କୈଳାସ ପର୍ବତ ଧଳା, ତା ଉପରେ ମେଘ କଳା—ସେପରି କୁଚର ଅଗ ଦେଖାଗଲା ।

୪୧ । ରସବତୀ—ରସିକା ସ୍ତ୍ରୀ । ଅଶକତ—ଗର୍ଭଭରରେ ଅସମର୍ଥ । ମଗ୍ନଲଗ୍ନରେ—ଲଗ୍ନ ଯୋଗରେ । ସୁତା ପ୍ରସବିତ—କନ୍ୟା ଜାତ ହେଲା ।

୪୨ । କବି—କାବ୍ୟକର୍ତ୍ତା । ବର୍ଣ୍ଣିବ—କଳ୍ପନା ବଳରେ ସ୍ଥିର କରି । ଗୃହମୁଖ—ବ୍ରହ୍ମା । ବାଦ—ବିବାଦ । ଅଚଳ—ବିଧାନ କରି । ମଦନମହୀପତି—କାମରାଜା । ମଦ—ଗର୍ବ । ବହି—ଧାରଣ କରି । ୪୩ । ଉଦରଶୋଭାଉଦଧି—ପେଟରୂପ ଶୋଭାର ସମୁଦ୍ର । ଉଦ୍‌ବେଗ—ଉତଲା । ଉରଜ ମନ୍ଦର—ସ୍ତନ ହେଲା ମନ୍ଦର ପର୍ବତ । ବଳି—ପେଟର ମୋଡ଼ଥ,

ଧାତ୍ରୀ ଧରଣୀଭୂଷାକୁ ନାଭିଚ୍ଛେଦ କରି ।
ଗଣକଗଣ କର୍ଷଣ ଜାତକ ବିଚାରି ଯେ । ୪୫ ।
ସୂତିକାଗୃହରେ ଯେତେ ବିଧି ଶେଷ କଲେ ।
ଦଶ ବଂଶ ଦିନେ ଦୋଳି ଶୟନ କରାଇଲେ ଯେ । ୪୬ ।
ଆସିଥିଲେ ବ୍ରହ୍ମଋଷି ଶୋଭାରାଣି ଗୃହିଁ ।
ବିଚାରିଲେ କେତେ କଳ୍ପ ଶ୍ରମ କଲା ବିହି ଯେ । ୪୭ ।
ମୁଖ ହେବ ଏମନ୍ତ ବିଚାରି ପଦ୍ମ ବିଧୁ ।
ହସ୍ତ ବଳା କରି ଆଗୁଁ ଗଢ଼ିଥିଲା ସାଧୁ । ୪୮ ।
ତହୁଁ ବାସ ଅହ୍ଲାଦ ଦର୍ପଣରୁ ଝଳି ।
ଲହରୀରୁ କୁଟିଳ ଅଞ୍ଜନପୁଞ୍ଜୁଁ କାଳି । ୪୯ ।
କୁରଙ୍ଗରୁ ତରଙ୍ଗ ବିଦ୍ରୁମୁ ରଙ୍ଗ ହରି ।
ଲବଣୀ ଶିରୀଷରୁ କୋମଳ ବଳେ ଜୁରି ଯେ । ୫୦ ।

---

ସର୍ପରଜ୍ଜୁ—ସାପ ଦଉଡ଼ି । ଜଗତମୋହନୀ—ପୃଥିବୀସ୍ଥ ଲୋକଙ୍କ ମୋହକାରିଣୀ । ସ୍ୱଭାବେ—ସହଜରେ । ହରତପଭଙ୍ଗ—ମହାଦେବଙ୍କ ତପସ୍ୟା ଭାଙ୍ଗିବା ନିମନ୍ତେ । ପାର୍ବତୀଙ୍କ ସେବା ସମୟରେ ମହାଦେବଙ୍କ ତପ ଭଙ୍ଗ କରିବାକୁ ସମର୍ଥ ହୋଇ ନ ଥିଲା । ଶିବଙ୍କ ନେତ୍ରାନଳରେ ଭସ୍ମୀଭୂତ ହୋଇଥିଲା । ବର୍ତ୍ତମାନ ସେ ଦାଉ ସାଧିବାକୁ ମନ ବଳାଇଲା । ସମୁଦ୍ର ମନ୍ଥନରେ—କ୍ଷୀର ସମୁଦ୍ରରେ ମନ୍ଦର ଖୁଆଦଣ୍ଡ, ବାସୁକୀ ରଜ୍ଜୁ ହୋଇଥିଲା—ବର୍ତ୍ତମାନ ପେଟ ହେଲା ସମୁଦ୍ର, ସ୍ତନ ହେଲା ମନ୍ଦର, ବଳି ହେଲା ବାସୁକୀ । ୪୫ । ଧାତ୍ରୀ—ଧାଈ । ଧରଣୀଭୂଷାକୁ—ପୃଥିବୀମଣ୍ଡନାକୁ । ନାଭିଚ୍ଛେଦ କରି—ନାହି କାଟି । ଗଣକ—ଜ୍ୟୋତିଷ ।

୪୬ । ସୂତିକା—ଛୁତିକା, ପ୍ରସବଗୃହରେ । ବିଧି—କାର୍ଯ୍ୟ । ଦୋଳିଶୟନ—ଝୁଲି ଖଟଶଯ୍ୟା । ୪୭ । ବ୍ରହ୍ମଋଷି—ନାରଦ ସନକାଦି । କଳ୍ପ—ମହାଯୁଗ । ଶ୍ରମ—ପରିଶ୍ରମ । ୪୮ । ବିଧୁ—ଚନ୍ଦ୍ର । ହସ୍ତବଳା—ହାତରେ ଶରୀରର ଉପାଦାନ ପ୍ରସ୍ତୁତ କରି । ସାଧୁ—ସତ୍‌ପୁରୁଷ ବ୍ରହ୍ମା । ୪୯ । ବାସ—ସୁଗନ୍ଧ । ଆହ୍ଲାଦ—ଲାବଣ୍ୟ । ଦର୍ପଣରୁ—ଧାତୁଦ୍ରବ୍ୟରୁ ମାଜି ଚକ୍‌ଚକ କରି ଲୋକେ ପୂର୍ବେ ମୁଖ ଦେଖୁଥିଲେ । ଝଳି—ନିର୍ମଳତା, ପ୍ରସନ୍ନତା । ଲହରୀରୁ କୁଟିଳ—ବାଳର ଭଙ୍ଗିମା ବା କୁଟିଳତା (କୁଞ୍ଚକୁଞ୍ଚିଆ) ଆଣିଲା ସମୁଦ୍ରର ଢେଉଠାରୁ । କେଶର କୃଷ୍ଣତା—ଅଞ୍ଜନ ସମୂହରୁ କଳା ଆଣି ତିଆରି କରିଥିଲା । କୁରଙ୍ଗରୁ ତରଙ୍ଗ—ହରିଣ ଚକ୍ଷୁରୁ ଚଞ୍ଚଳତା ଆଣି

ସୁବର୍ଣ୍ଣରୁ ବର୍ଣ୍ଣ ରାଜହଂସଠାରୁ ଗତି ।
ଏରୂପେ ଉପମାବର୍ଗ ଯେତେକ ଅଛନ୍ତି ଯେ । ୫୧ ।
ସବୁଠାରୁ ସାର ସାର ଭାଗ ଆଗ ଆଣି ।
ପୁରଟ ପ୍ରତିମା ପରି ରଚିଲା ରମଣୀ ଯେ । ୫୨ ।
କବି ଯେତେ ଥିଲେ ସୀକାର ତା ନ କଲେ ।
ବିଧାତା ବିଧାନ କାହୁଁ ହେବ ଏ ବୋଇଲେ ଯେ । ୫୩ ।
ଦେଖ ପଦ୍ମ ଲପନଶୋଭାକୁ ଯାର ହାରି ।
ଚରଣତଳେ ଶରଣ ପଶିଅଛି ଡରି ଯେ । ୫୪ ।
ପଦ୍ମଜାତ ସିନା ବନ୍ଧି ବନ୍ଧିଲା କେମନ୍ତେ ।
ଏମନ୍ତ ସମ୍ମତ ହେଲା ସମସ୍ତଙ୍କ ଚିତ୍ତେ ଯେ । ୫୫ ।
ସବଂମତେ ସର୍ବ ଶୋଭା ସ୍ଥାନ ବୋଲି ବାଳୀ ।
ଲାବଣ୍ୟବତୀ ନାମକୁ ଦେଲେ ଭଲି ଭଲି ଯେ । ୫୬ ।
ବଳକ୍ଷ-ପକ୍ଷର କଳାକର କଳା ପରି
ଦିନୁଦିନୁ ଶୋଭାବୃଦ୍ଧି ନରେନ୍ଦ୍ରକୁମାରୀ । ୫୭ ।

---

ଅଧିରେ ଭରିଲା । ଓଷ୍ଠକୁ ବାନ୍ଧିଲା ବନ୍ଧୁମ—ପୋହଳା । ରଙ୍ଗ—ଲାଲଗୁଣ । ହରି—ଚୋରି କରି । ଲବଣୀ ଶିରୀଷ—ଲହୁଣୀ ଓ ଶିରୀଷ ଫୁଲର ସୁକୁମାରତା । ବଳେ—ଜୋରରେ । ଜୁରି—ଲୁଟି ଶରୀର ନିର୍ମାଣ କଲା । ସେ କନ୍ୟା ପଦ୍ମିନୀ, ତାର ମୁଖ ଲାବଣ୍ୟମୟ କାନ୍ତିଯୁକ୍ତ, କେଶ କୁଟିଳ ଓ ନୀଳ, ଚକ୍ଷୁ ଚଞ୍ଚଳ । ଅଧର ଲାଲ ଏବଂ ଶରୀର ଅତି ସୁକୁମାର । ତାର କାନ୍ତି ସୁନା ପରି ଓ ଗତି ରାଜହଂସର ଗତିପରି । ଉପମା—ଉପମାନ ( ଅଧିକ ଗୁଣବିଶିଷ୍ଟ ଓ ପ୍ରସିଦ୍ଧ ପଦାର୍ଥ ) । ସାର ସାର ଭାଗ—ଉତ୍କୃଷ୍ଟ ଅଂଶ । ପୁରଟ ପ୍ରତିମା—ସ୍ୱର୍ଣ୍ଣ ମୂର୍ତ୍ତି । ରମଣୀ—ସ୍ତ୍ରୀ

୫୩ । ସୀକାର—ଅଙ୍ଗୀକାର, ମାନିବା । ବିଧାତା ବିଧାନ—ବ୍ରହ୍ମାଙ୍କ ତିଆଣ । ୫୪ । ଲପନ—ମୁଖ । ଚରଣ ତଳେ—ସେହି କନ୍ୟାର ପାଦରେ । ତା'ର ପାଦ ପଦ୍ମ ହେଲା । ୫୫ । ସବୁ କବିମାନେ ମନରେ ଠିକ କଲେ ବ୍ରହ୍ମା ତ ପଦ୍ମରୁ ଜାତ, ସେ କପରି ଏ କନ୍ୟାକୁ ନିର୍ମାଣ କଲେ ଅର୍ଥାତ୍ ଗଢ଼ିଲେ । ୫୭ । ବଳକ୍ଷ ପକ୍ଷର—ଶୁକ୍ଳ ପକ୍ଷର । କଳାକର—ଚନ୍ଦ୍ର । ନରେନ୍ଦ୍ରକୁମାରୀ—ରାଜକନ୍ୟା ।

କେତେ ଦିନେ ଜଙ୍ଘ ଭଙ୍ଗି ଧରି ବିମ୍ବାଧରୀ ।
କରିଗମନରେ ପୁଣି ମହୀ ଶୋଭା କରି ଯେ । ୫୮ ।
ରଜନୀକରବଦନା ରଜ-ନିକରରେ ।
କରଇ ଖେଳ ରଚନା ଶିଶୁଙ୍କ ସଙ୍ଗରେ ଯେ । ୫୯ ।
ରବି ରଥ ରଖେ ବଶ ହୋଇ ତା ସୁଷମେ ।
ଏଣୁକରି ଦୀର୍ଘ ଦିନ ଜାଣିଲି ଗ୍ରୀଷମେ ଯେ । ୬୦ ।
ବିଶ୍ୱସୃକ ବିଶ୍ୱକର୍ମୀ ଶିଳ୍ପୀ ହୋଇ ଗୋପେ ।
ନିର୍ମିଣି ବାରଣଦନ୍ତପିତୁଳା ତା ରୂପେ ଯେ । ୬୧ ।
ଲିପି ଲେପି କୁଙ୍କୁମ ଦିଅନ୍ତି ନେଇ କରେ ।
ହେବ କି ନୋହିବ ସମ ଏମନ୍ତ ଶଙ୍କାରେ ଯେ । ୬୨ ।
ମନକୁ ନ ଆସି ଆରଦିନ ଚିତ୍ରକର ।
ହୋଇ ଚିତ୍ରେ ବିଚିତ୍ର ଲେଖନ୍ତେ ଶୋଭା ତାର ଯେ । ୬୩ ।
ତଥାପି ସୁଷମା ସମା ପ୍ରତିମା ତ ନୋହି ।
ଶୋଭାକୁ ବର୍ଣ୍ଣନ୍ତି କବି ବୃତ୍ତି କରି ତହିଁ ଯେ । ୬୪ ।

---

୫୮ । ଜଙ୍ଘ—ଠିଆ । ଭଙ୍ଗି—କାନ୍ତ । ବିମ୍ବାଧରୀ—ବିମ୍ବସଦୃଶ ଅଧର ଯାହାର ସେ କନ୍ୟା, ଲାବଣ୍ୟବତୀ । କରିଗମନରେ—ହାତୀ ପରି ଝୁଲି ଚାଲିବାରେ । ମହୀ—ପୃଥିବୀ ।

୫୯ । ରଜନୀକରବଦନା—ଚନ୍ଦ୍ରମୁଖୀ । ରଜ-ନିକରରେ—ଧୂଳିରାଶିରେ । ୬୦ । ସୁଷମେ—ପରମ ଶୋଭାରେ । ଦୀର୍ଘ—ବଡ଼ । ସୂର୍ଯ୍ୟ ସେ କନ୍ୟାର ଶୋଭାରେ ଚକିତ ହୋଇ ଗତି ବନ୍ଦ କରିବାରୁ ଖରା ଦିନ ବଡ଼ ହେଲା ବୋଲି କବି ବର୍ଣ୍ଣନା କରେ ।

୬୧ । ବିଶ୍ୱସୃକ୍—ବିଧାତା; ବିଶ୍ୱକର୍ମୀ—ଶିଳ୍ପୀ । ସ୍ୱର୍ଗର ବିଶ୍ୱକର୍ମା କାରିଗର ହୋଇ । ଗୋପେ—ଲୁଚିକରି । ବାରଣଦନ୍ତ ପିତୁଳା—ହାତୀଦାନ୍ତର ମୂର୍ତ୍ତି । ତା ରୂପେ—ସେ କନ୍ୟା ରୂପର ତୁଳନାରେ ।

୬୨ । ଲିପି ଲେପି—ଘସି ବୋଳି । କୁଙ୍କୁମ—ଜାଫ୍ରାନ କେଶର । ଶଙ୍କାରେ —ଭୟରେ, ଧୋକାରେ । ୬୩ । ସେ ମନକୁ ନ ଆସିବାରୁ ଚିତ୍ରକର ହୋଇ ଚିତ୍ର କରି ଶୋଭା ବଢ଼ାଇବାରେ ଚିତ୍ରକାରେ ରଞ୍ଜନ କଲେହେଁ । ସୁଷମା—ସୁନ୍ଦରୀ । ସମା—ତୁଳ୍ୟ ପ୍ରତିମା ନ ହେବାରୁ କବିର ବ୍ୟବସାୟ ଅଶ୍ରୟ କରି ତାର ଶୋଭା ବର୍ଣ୍ଣନା କରିବାକୁ ଲାଗିଲେ ।

ଏମନ୍ତ ଯଶ ତେମାର ଜଗତେ ଶୁଭିଲା ।
ଯୋଗୀ ଜନ୍ମ ମୋହନାସ୍ତ୍ର ମାର ଭିଆଇଲା ଯେ । ୬୫ ।
ଏ ବର୍ଗରେ ମହେଶ ପାଷାଣ ହେଲେ ଜବା ।
ଯୁବା ହେବାଯାଏ ଅଲ୍ପ ଶରୀରେ ନ ଥିବା ଯେ । ୬୬ ।
ପଢ଼ାଶୁକେ ଶିଳାଧୂପ କୋକିଳେ ବରଷା
ହୋଇଲା ପାଠ ପଠନ କାଳ ମୃଦୁ ଭାଷା ଯେ । ୬୭ ।
ସରସ୍ୱତୀ ଗୋଚରରେ ବଦ୍ୟା ଥିଲା ଯେତେ ।
ଦେଲେ କହି ଶୋଭା ଦ୍ୱନ୍ଦ୍ୱ ନ କରବୁ ମୋତେ ଯେ । ୬୮ ।
ଲଜ୍ଜାପଟ୍ଟମହିଷୀକି ଘେନି ଯଉବନ —
ରାଜା ଆସି ଆକର୍ଷିଲା ଅଙ୍ଗଦେଶମାନ ଯେ । ୬୯ ।
ପାଦ ଉର ନିତମ୍ବ ଜଘନ ଉରୁ ସଇ
ଶାଢୀ ପାଇ ଏମାନେ ହୋଇଲେ କୃତକୃତ୍ୟ ଯେ । ୭୦ ।

---

୬୫ । ଯଶ—ଶୋଭାଗୁଣ । ଯୋଗିଜନ ମୋହନାସ୍ତ୍ର—ତାକୁ ଦେଖି ଯୋଗୀମାନେ ଯୋଗ ଛାଡ଼ିଲେ । ସେ ଯୋଗୀମାନଙ୍କ ପ୍ରତି ସୁକୁମାର ପ୍ରହରଣ ହେଲା । ମାର—କନ୍ଦର୍ପ । ଭିଆଇଲା—ସୃଷ୍ଟି କଲା ।

୬୬ । ମହେଶ—ଶିବ । ପାଷାଣ—ପଥର । ଯୁବା ହେବାଯାଏ—ଯୁବତୀ ହେବା ପର୍ଯ୍ୟନ୍ତ । ଶରୀରେ—ରକ୍ତମାଂସ ଦେହରେ । ୬୭ । ପାଠ ପଠନକାଳ ମୃଦୁଭାଷା—ସେ କନ୍ୟାର ପାଠ ପଢିଲା ବେଳେ ମଧୁର ବଚନ ଶୁଣି କୋକିଳ ଓ ଶାରୀ ମୂକ ହେଲେ । ଶିଳାଧୂପ—କର୍ପୂର ଧୂଆଁରେ ପଢ଼ା ଶୁକର ପାଟି ଫିଟେ ନାହିଁ ଓ ବର୍ଷାକାଳରେ କୋକିଳ ପାଟିରୁ କଥା ବାହାରେ ନାହିଁ । ଏମାନେ ଲଜ୍ଜାରେ ନୀରବ ହେଲେ ।

୬୮ । ଗୋଚରରେ—ଜାତସାରରେ, ଜାଣନ୍ତାରେ । ଶୋଭାଦ୍ୱନ୍ଦ୍ୱ—ସୌନ୍ଦର୍ଯ୍ୟରେ ବିବାଦ । ସରସ୍ୱତୀଙ୍କଠାରୁ ସେ ସୁନ୍ଦରୀ ଥିଲା । ୬୯ । ଲଜ୍ଜା ପଟ୍ଟମହିଷୀକି—ଲଜ୍ଜରୂପ ପାଟରାଣୀକୁ । ଯଉବନ ରାଜା—ଯୁବାବସ୍ଥା ହେଲା ରାଜା । ଅଙ୍ଗଦେଶମାନ—ଶରୀରଯାକ । ଆକର୍ଷିଲା—ଅଧିକାର କଲା, ବ୍ୟାପିଗଲା ଅର୍ଥାତ୍ ଯୌବନ ଓ ଲଜ୍ଜା ଉଭୟେ କନ୍ୟାକୁ ଆଶ୍ରିଲେ ।

୭୦ । ରାଜା ଯେପରି ତାଙ୍କର ସଭାସଦଙ୍କୁ ଶାଢ଼ୀ ପୁରସ୍କାର ଦିଅନ୍ତି, ସେହିପରି ଯୌବନ-ରାଜା ପାଦମାନଙ୍କୁ ନିଜର ସଭାସ୍ଥ କର୍ମଚାରୀଙ୍କୁ, ଉର—ସ୍ତନ, ନିତମ୍ବ—ପିଚ୍ଛ, ଜଘନ ଓ ଉରୁ—ଜଙ୍ଘ ସନ୍ଧି—ଏହି ସ୍ଥାନମାନେ ଶାଢ଼ୀ ପାଇ । କୃତକୃତ୍ୟ—ସଫଳକାମ, ସନ୍ତୁଷ୍ଟ, ଶୋଭାବନ୍ତ ଦିଶିଲେ ।

କୁଚ ଅଙ୍କୁରିବାରେ ବସନ ଭିଡ଼ ଦାଣେ
ହୃଦୟବେଦୀରେ ଅଭିଷେକ କୁମ୍ଭ କି ସେ ଯେ । ୭୧ ।
ଏ ସମୟ ମାହୁନ୍ତ ସୁନ୍ଦରୀ-ମତ୍ତକରୀ
ଅନ୍ତଃପୁର ଝୋପରେ ରଖିଲ୍ବ ବଳେ ଧରି ଯେ । ୭୨ ।
ନେତ୍ରାଞ୍ଚଳେ ଚଞ୍ଚଳ ପ୍ରବେଶ ହେଲା ଆସି
ଚତୁରୀ ଚଲ୍ଲୀ ଗୃତ୍ତୁରୀମାନଙ୍କୁ ପ୍ରକାଶି । ୭୩ ।
ଏ ପ୍ରତୀତ ଯୁବାଜିତ ଇଚ୍ଛା କରି ଭୀରୁ
ଶର ବନ୍ଧ ଶିଖେ କି ଫଂସାର-ଗୁରୁଠାରୁ ଯେ । ୭୪ ।
ସୁନ୍ଦରୀ ସଂସାରେ ସେ ହେବାରୁ ଚକ୍ରବର୍ତ୍ତୀ
ଦେଲ କି ପ୍ରତିଅଙ୍ଗରେ ଭୂପତି ସମ୍ପତ୍ତି ଯେ । ୭୫ ।
କୁନ୍ତଳ ଦେଶରେ ଚୂଡ଼ା ଶୋଭା କରାଇଲା ।
ବଦର୍ଭରେ ହାସକୁ ପ୍ରଭୁତ୍ୱ ପଣ ଦେଲା ଯେ । ୭୬ ।

୭୧ । କୁଚ—ସ୍ତନ । ଅଙ୍କୁରିବାରେ—ଉଦ୍‌ଗମ ହେବାରେ । ହୃଦୟ ବେଦୀରେ—ଛାତି ହେଲା ବେଦୀ; ଅଭିଷେକ କୁମ୍ଭ—ରାଜଗାଦିରେ ବସିଲା ବେଳେ ଯେ ବେଦିରେ କଳସ ବସେ, ସେ ବର୍ତ୍ତମାନ ଯୌବନରାଜାର ଅଭିଷେକ କଳସ ହେଲା ।

୭୨ । ଏ ସମୟ—ଏ ଯୁବା କାଳ ହେଲା ମାହୁନ୍ତ—ହସ୍ତୀଚାଳକ । ବଣୁଆ ପାଗଳା ହାତୀକୁ ଧରିବା ନିମନ୍ତେ ବଣରେ ଝୋପ କରିଥାଆନ୍ତି । ସେଥିରେ ତାକୁ ପକାଇ ମଣ କରନ୍ତି । ସେହିପରି ଏ କନ୍ୟା ହେଲା ମତୁଆଳ ହାତୀ । ଅନ୍ତଃପୁର ଝୋପ ହେଲା, ସେଥିରେ ଏ କାଳରୂପ ମାହୁନ୍ତ ଜବରଦସ୍ତିରେ ରଖିଲା । ୭୩ । ନେତ୍ରାଞ୍ଚଳେ—ନେତ୍ରଦେଶରେ ଅର୍ଥାତ୍ ନେତ୍ରକୋଣରେ । ଚଞ୍ଚଳ—ଚଞ୍ଚଳତା ଆସି ପହଞ୍ଚିଲା । ଚତୁରୀ—ସୁନ୍ଦରୀ । ଚଲ୍ଲୀଗୃତ୍ତୁରୀମାନଙ୍କୁ—ଭ୍ରୂଲତାର ନୃତ୍ୟମାନଙ୍କୁ ପ୍ରକାଶ କଲା ।

୭୪ । ପ୍ରତୀତ—ବୋଧ, ଜଣା । ଭୀରୁ—ସୁନ୍ଦରୀ । ଯୁବାଜିତ ଇଚ୍ଛା କରି—ଯୁବକମାନଙ୍କୁ ଜିଣିବାକୁ ଇଚ୍ଛା କରି । ତାର କୋଣେଇ ଚାହିଁବା ହେଲା ଶର ବନ୍ଧିବା । ଫଂସାରଗୁରୁଠାରୁ—କାମଦେବଠାରୁ । ୭୫ । ସୁନ୍ଦରୀ—ସଂସାରେ—ସୁନ୍ଦରୀମାନଙ୍କ ମଧ୍ୟରେ । ଚକ୍ରବର୍ତ୍ତୀ—ମଣ୍ଡଳବର୍ତ୍ତୀ ଅର୍ଥାତ୍ ରାଜା ବା ଶ୍ରେଷ୍ଠା । ଭୂପତିସମ୍ପତ୍ତି—ରାଜାର ଐଶ୍ୱର୍ଯ୍ୟ ଉତ୍ତମ ରୂପ-ଲାବଣ୍ୟ । ( ଶ୍ଳେଷରେ ଅଙ୍ଗ ଦେଶରେ ରାଜତ୍ୱ କଲା ) ।

୭୬ । କୁନ୍ତଳ ଦେଶରେ—କୁନ୍ତଳ ନାମକ ହାଇଦ୍ରାବାଦର ଦକ୍ଷିଣ-ପଶ୍ଚିମ ଦେଶ ଓ କେଶଭାଗରେ । ଚୂଡ଼ା—ମୁକୁଟ ଓ ଜୁଡ଼ା । ବଦର୍ଭ—

ମାଳବରେ କଣ୍ଠକୁ ମଣ୍ଡିତ କଲା ନେଇ
ଗୌଡ଼ରେ ଶୋଭିତ କଲା ଉରଜକୁ ଯହିଁ ଯେ । ୭୭ ।
କାଞ୍ଚୀରେ ରଞ୍ଜନ କଲା ମଧ୍ୟକୁ ନିରତ
କନକ କଟକେ କଲା ପାଦକୁ ପୂଜିତ ଯେ । ୭୮ ।
ମଣି ରମଣୀମଣିକି ଶାଣ ଯଉବନ
ବହୁମୂଲ୍ୟ ପ୍ରଭାକୁ ବଢ଼ାଇ ଦିନୁ ଦିନ ଯେ । ୭୯ ।
ଉପମା ଅଣିବ କାହୁଁ ମହାକବି ହେଲେ
ସୁନ୍ଦରେ ଯାହା ଅଙ୍ଗରେ ସୁନ୍ଦର ହୋଇଲେ ଯେ । ୮୦ ।
ଜୟ ଜଗନ୍ନାଥ ରାମ ଶ୍ରେୟର ନିଳୟ
ମୁନିଗଣ କାମଦାୟୀ ପଦ୍ମବାସୀ ପ୍ରିୟ ହେ । ୮୧ ।

---

ଦେଶବିଶେଷ ଓ ଈଷତ୍ ବା ଅଳ୍ପ ପରିମାଣରେ । ହ୍ରାସକୁ ପ୍ରବୃତ୍ତି ପଣ ଦେଲା—ସେ ଦେଶର ଲୋକମାନେ ସୁଖୀ ହେଲେ ଓ ହ୍ରାସହିଁ ପ୍ରଧାନ ହେଲା—ଅଳ୍ପହାସ (ସ୍ମିତ) ସେ ନାରୀର ଦୃଷ୍ଟିଗୋଚର ହେଲା ।

୭୭ । ମାଳବରେ—ଦେଶ ବିଶେଷରେ ଓ ପୁଷ୍ପାଦି ବା ରତ୍ନାଦିର ଉତ୍କୃଷ୍ଟ ମାଳରେ । କଣ୍ଠକୁ ମଣ୍ଡିତ—ଗ୍ରୀବାଦେଶ ସୁସଜ୍ଜିତ କରାଇଲା । ଗୌଡ଼ରେ—ଗୌଡ଼ ଦେଶରେ ଓ କାଞ୍ଚଲିରେ । ଉରଜ—ଯଉବନ ଓ ସ୍ତନକୁ । ଶୋଭିତ—ଶୋଭାବନ୍ତ ।

୭୮ । କାଞ୍ଚୀରେ—କାଞ୍ଚୀ ଦେଶରେ ଓ କଟି ମେଖଳାରେ । ମଧ୍ୟକୁ—ମଧ୍ୟଭାଗକୁ, କମରକୁ । ରଞ୍ଜନ କଲା—ଶୋଭିତ କଲା । ନିରତ—ସର୍ବଦା । କନକ କଟକେ—ସ୍ୱର୍ଣ୍ଣପୁରୀ ଲଙ୍କା ଓ ସୁବର୍ଣ୍ଣ ବଳାରେ । ପାଦକୁ ପୂଜିତ—ଲଙ୍କାରେ ସେ ରାଜା ପାଦପୂଜା ପାଇଲେ; ସୁବର୍ଣ୍ଣବଳା ପାଦରେ ଶୋଭା ପାଇଲା ।

୭୯ । ମଣି ହେଲା ରମଣୀମଣି—ଶ୍ରେଷ୍ଠ । ଶାଣ ହେଲା ଯୌବନାବସ୍ଥା ଯେପରି ଶାଣରେ ବସେଇଲେ ମଣିର ଦୀପ୍ତି ବଢ଼େ, ସେହିପରି ଯୁବାବସ୍ଥା ତାର ପ୍ରଭା—କାନ୍ତିକୁ ବିଶେଷ ଭାବରେ ବଢ଼ାଇଲା । ୮୦ । ଉପମା—ଉପମାନ । ସୁନ୍ଦରେ—ସୁନ୍ଦର ଅଳଙ୍କାରମାନ । ଅଙ୍ଗରେ—ଅଙ୍ଗ ସ୍ପର୍ଶରେ । ସୁନ୍ଦର—ଶୋଭା ପାଇଲେ । ଆଭରଣସ୍ୟାଭରଣଂ ବିଭୂଷିତସ୍ୟ ବିଭୂଷଣମ୍ ( ବିକ୍ରମ ଉର୍ବଶୀରେ ଉର୍ବଶୀଙ୍କ ବର୍ଣ୍ଣନା ) ।

୮୧ । ଜଗନ୍ନାଥ ଓ ରାମଙ୍କ ସ୍ତୁତି:—ହେ ଜଗନ୍ନାଥ—ହେ ନୀଳାଚଳନାଥ । ରାମ—ରମଣୀୟ, ସୁନ୍ଦର । ଶ୍ରେୟର ନିଳୟ—ମୁକ୍ତିର ଆଧାର ।

ଉପଇନ୍ଦ୍ର ଭଞ୍ଜ ବୀରବରର ଭାବିତ
ନିର୍ଦ୍ଦୋଷରେ ଏହି ଗୀତ ହୋଇ ସମାପତ । ୮୨ ।

---

## ତୃତୀୟ ଛାନ୍ଦ

### ରାଗ—କେଦାର, ଚକ୍ରକେଳିବାଣୀ ।

ଶୁଣ ରସିକେ ନବ ଯଉବନୀ । ହୋଇ ବନିତା ମଣ୍ଡିଲା ଅବନୀ ।
ଏଣୁ ଉପମାଗଣେ ନିରନ୍ତର । କି କରିବା ଭାବି ହେଲେ କାତର ।୧
ଝଳ କାନ୍ତିରେ ଲଭିଣ ଭୀତକି । କଲା କଣ୍ଟକ ଦୁର୍ଗକୁ କେତକୀ ।
ପାଏଁ ମନ୍ଦର କୁଚ ବଢ଼ିବାରେ । କମ୍ପି ବୁଡ଼ି ନ ମଲା ପାରିବାରେ ।୨
ନାସା ପୁଡ଼ା ଫୁଲିବାର ଅନାଇ । ଭାଷାବନ୍ଧେ ଶୁକ ମନ ମନାଇ
ମୁଖେ ପ୍ରଭୁର ପରିଭବ-ପଣ । ସୁଖେ ଦର୍ପ ହରୁଁ କଲା ଦର୍ପଣ ।୩

---

ମୁନିଗଣ କାମଦାୟୀ—ମୁନିଙ୍କ ଅଭୀଷ୍ଟଦାତା । ପଦ୍ମବାସୀ ପ୍ରିୟ—ଲକ୍ଷ୍ମୀପ୍ରିୟ । ରାମ ପକ୍ଷେ:—ଜଗନ୍ନାଥ—ଜଗତର ପ୍ରଭୁ । ଶ୍ରେୟର ନିଳୟ—ମଙ୍ଗଳ ନିଧାନ । ମୁନିଗଣ କାମଦାୟୀ—ମୁନି ବାଞ୍ଛା ପୂର୍ଣ୍ଣକାରୀ (ଦଣ୍ଡକାରଣ୍ୟବାସୀ ଉଗ୍ରତପାଦି ଋଷିଙ୍କର) ପଦ୍ମବାସୀ—ପଦ୍ମର ଗନ୍ଧ ଥିବା ପଦ୍ମିନୀ କନ୍ୟା ସୀତାଙ୍କ ପତି ।

---

୧ । ରସିକେ—ରସିକମନେ । ନବଯଉବନୀ—ନୂତନ ଯୁବତୀ । ବନିତା—ସୁନ୍ଦରୀ ସ୍ତ୍ରୀ । ଅବନୀ—ପୃଥିବୀ । ମଣ୍ଡିଲା—ଶୋଭା କରାଇଲା । ଉପମାଗଣେ—ଉପମାନମାନେ—ଚନ୍ଦ୍ର ଚନ୍ଦନାଦି । ନିରନ୍ତର—ସର୍ବଦା । କାତର—ଦୁଃଖିତ । ଲାବଣ୍ୟବତୀର ଯୌବନଶୋଭା ସେମାନଙ୍କୁ ନିନ୍ଦା କଲା । ୨ । କେତକୀ—କେତକୀଫୁଲ । ଝଳ କାନ୍ତିରେ—ଝଟକ ଥିବା ଶୋଭାରେ ଅର୍ଥାତ୍ ଲାବଣ୍ୟରେ । ଭୀତକି—ଭୟରୁ । କଣ୍ଟକ ଦୁର୍ଗକୁ—କଣ୍ଟାରେ ଗଡ଼ କରି ତା ମଧରେ ରହିଲା । ଅର୍ଥାତ୍ ତାର ଶୋଭାରେ ଲଜ୍ଜିତ ହୋଇ କଣ୍ଟକବିଦ୍ଧ ହେଲା ବା ଭୟରେ ଲୁଚି ରହିଲା । ତାର ସ୍ତନ ବଢ଼ିବାରେ ମନ୍ଦର ଲଜ୍ଜା ପାଇ ଭାବୁଛି ମୁଁ କାହିଁକି ପାରିବାରେ—ସମୁଦ୍ରରେ ଅର୍ଥାତ୍ ସେ ଉଚ୍ଚସ୍ତନୀ ।

୩ । ଶୁକଚଞ୍ଚୁଠାରୁ ସୁନ୍ଦରୀର ନାସାପୁଡ଼ା ସୁନ୍ଦର ହେବାରୁ ଭାଷାବନ୍ଧେ—ଗୀତ ଗାନ କରି ଶୁକ ତାର ମନ ଖୁସି କରାଇଲା । ଦର୍ପଣର ସ୍ୱଚ୍ଛତାର ଦର୍ପ

କମ୍ବୁକଣ୍ଠ ଦେଖି ଅତ ଅଡ଼ିବୁ । ସମ ନୋହେ ବୋଲି ଡାକେ ପ୍ରାତରୁ
ନେତ୍ର ସଙ୍ଗେ ଲକ୍ଷିବେ କି ସୁମରି । ମୀନ ଜଳହୀନରେ ଯାଏ ମରି ।୪।
ହୋଇ ହାସରେ କୁସୁମ ବିଜିତ । ମକରନ୍ଦ-ଛଳେ ଅଶ୍ରୁ ତେଜିତ ।
ରମ୍ଭା ଉପମା ପଦ-ପ୍ରଦେଶକେ । ଆଉ କେହୁ ସମ ହେବା ଅଂଶକେ ।୫।
କୁନ୍ଦକୋରକ-ହୀରକରଦନା । ସୁଧାକର-ସରସିଜ-ବଦନା
ଏ ପ୍ରୟୋଗ ପରଂପରା ଅଛି ତ । ବାଳାଠାରେ ବର୍ଣ୍ଣିବାର କୁତ୍ସିତ ।୬।
କଞ୍ଜ-ଖଞ୍ଜନ-ଗଞ୍ଜନ-ଲୋଚନା । ମତ୍ତପରଭୃତଜିତ-ବଚନା ।
ଏ ବିଧିରେ ବର୍ଣ୍ଣିଲେ ସେ ଚତୁରୀ । କେତେ ହୋଇବ କବିତା ଚାତୁରୀ ।୭

---

—ଠେକ । ହବୁଁ—ନଷ୍ଟ ହେବାରୁ । ଦର୍ପଣ ସୁଖେ—ସହଜରେ, ସ୍ୱତଃପ୍ରବୃତ୍ତ ହୋଇ ମୁଖେ—ମୁଖ ଆଗରେ ରହି ପରଚାର ପଣ—ସେବକ ଭାବ ପ୍ରଚାର—ପ୍ରକାଶ କଲା । ମୁଖର ସ୍ୱଚ୍ଛତା ଦର୍ପଣକୁ ବଳିଲା ।୪। କମ୍ବୁ—ଶଙ୍ଖ । ଅଡ଼ିବୁ—ଦୁଃଖରୁ । ସମ—ସମାନ । ପ୍ରାତରୁ—ସକାଳୁ । ନେତ୍ର—ଚକ୍ଷୁ । ଲକ୍ଷିବେ—ତୁଳା କରିବେ କି—କଣ କରିବେ ନାହିଁ ଏହା ସୁମରି—ଭାବି । ମୀନ—ମାଛ । ଜଳହୀନରେ—ପାଣି ଶୁଖିଯିବାରେ । କଣ୍ଠ ଶଙ୍ଖଠାରୁ ଓ ଆଖି ମାଛଠାରୁ ସୁନ୍ଦର ।

୫। କୁସୁମ—ଫୁଲ । ବିଜିତ—ହାରିଯାଇ । ମକରନ୍ଦ—ଫୁଲମହୁ । ଛଳେ—ନାମରେ । ଅଶ୍ରୁ ତେଜିତ—ଲୁହ ଢାଳୁଛି । ହାସ କୁସୁମବିକାଶଠାରୁ ସୁନ୍ଦର । ରମ୍ଭା—ସ୍ୱର୍ଗର ବେଶ୍ୟା, ଅତି ସୁନ୍ଦରୀ ସେ, ଉପମା—ତୁଳନା ହେଲା ପାଦସ୍ଥାନରେ (ରମ୍ଭୋରୁ) ଆଉ କିଏ ସମାନ ହେବ ଆଉ କୌଣସି ଅଙ୍ଗ ସାମାନ୍ୟ ଭାଗକୁ ।

୬। କୁନ୍ଦକୋରକ ହୀରକରଦନା—କୁନ୍ଦକଢ଼ି ଓ ହୀରା ଦନ୍ତୀ । ସୁଧାକର-ସରସିଜ ବଦନା—ଚନ୍ଦ୍ର ଓ ପଦ୍ମମୁଖୀ । ପ୍ରୟୋଗ—ବ୍ୟବହାର । ପରମ୍ପରା—ଶତାନୁଗତିକଭାବେ ଥିଲେହେଁ । କୁତ୍ସିତ—ନିନ୍ଦନୀୟ କଥା । ବାଳାଠାରେ—ଲାବଣ୍ୟବତୀ କନ୍ୟାଠାରେ ।

୭। କଞ୍ଜ ଖଞ୍ଜନ ଗଞ୍ଜନ ଲୋଚନା—ପଦ୍ମ ଓ ଖଞ୍ଜନପକ୍ଷୀକୁ ତିରସ୍କାର କରୁଛି ଚକ୍ଷୁ ଯାହାର । ମତ୍ତପରଭୃତଜିତବଚନା—ଆନନ୍ଦରେ ଉନ୍ମତ୍ତ କୋକିଳର କଥା ପର କଥା ଯାହାର । ଚତୁରୀକୁ—ଲାବଣ୍ୟବତୀକୁ । ବିଧିରେ—ପ୍ରକାରରେ । କବିତାଚାତୁରୀ—କାବ୍ୟର ଛଟା । କେତେ ହୋଇବ—କଣ ହେବ ନାହିଁ ।

ଯହିଁ କୃଶ କଳା ମନ୍ଦ ଶୋଭିତ । ତାହି ଗୁହିଁ ହୋଇଥାଇ ଲୋଭିତ ।
ତହିଁ ସୁନ୍ଦରେ ସୁନ୍ଦର ହୋଇଲେ । କିସ ଅଧିକ ହୋଇବ ବୋଇଲେ ।୮।
ଏ ପ୍ରକାରେ ସୁନ୍ଦରୀ କୃଶୋଦରୀ । ଅଛୁ ଦିନେ ସେ ଶୟନ ଆଦରି ।
ନିଦ୍ରାନାଶ ଅବକାଶ ଅଶରେ । ଜଗିଛନ୍ତି ଏତେ ସଖୀ ପାଶରେ ।୯।
ନିଜ ଧାତ୍ରୀପୁତ୍ରୀ ହେମମଞ୍ଜରୀ । ଅକ୍ଷିପକ୍ଷୀ ବନ୍ଦୀ କି ସେ ପଞ୍ଜରୀ ।
କାମକଳା ନାମ ମନ୍ତ୍ରୀ ଦୁହିତା । ବିହି ବିନ୍ଧାଣୀ ବୋଲାଇ ବିହିତା ।୧୦।
ରତିରେଖା ସୁରେଖା ଶିବରେଖା । ହାରାବଳୀ ଚନ୍ଦ୍ରାବଳୀ ଏ ଲେଖା ।
ରତ୍ନମାଳା ମେଘମାଳା ବିମଳା । ପ୍ରେମଶୀଳା ସୁଶୀଳା ପରିମଳା ।୧୧।
କଳ୍ପଲତା ମଦାଳସା ବଞ୍ଜୁଲା । ପ୍ରେମସୁଧାନିଧି ପ୍ରଭ୍ରମଞ୍ଜୁଲା ।
ଷୋଳସାମନ୍ତସୁତା ରୂପ ସରି । କାହୁଁ ହୋଇବେ ସ୍ୱର୍ଗ ଅପସରୀ ।୧୨।
ଅଙ୍ଗ ସ୍ୱେଦ ନୋହିବାକୁ ଜନିତା । ଗୃହେ ଫୁଲବ୍ୟଜନ କେ ବନିତା ।
ଖଦ ଚାମର ରାଜ ଉପଚାର । ଭଳି କେହି ୨ କଲେ ପ୍ରଚାର ।୧୩।

---

୮ । ଯହିଁ—ଲାବଣ୍ୟବତୀ ଶରୀରରେ । କୃଶ—କ୍ଷୀଣତା; କଳା—କାଳିଆ ଗୁଣ ଓ ମନ୍ଦ—ମନ୍ଦଭାବ—ଯାହା କି ଅଶୋଭାକର । ଯାହା କି ଶୋଭାହାନି କରିବାର ପଦାର୍ଥ ସେସବୁ ତାଠାରେ ଶୋଭା ପାଇଲେ ଅର୍ଥାତ୍ ତାର କୃଶ କଟି, କଳା ବାଳ—ଚକ୍ଷୁରେ, କେଶରେ ଓ ଉଦାର ମଧରେ । ମନ୍ଦ—ସ୍ମିତରେ ଓ ଗତିରେ ଶୋଭାଜନକ । ତାହି—ସେ ସବୁକୁ ଦେଖିବାରେ, ଲୋଭିତ—ଲୋଭଯୁକ୍ତ । ସେସବୁ ଦେଖିବାକୁ ଲୋଭ ହୁଏ । ସେମାନେ ସେହି ସୁନ୍ଦର ଶରୀରରେ ସୁନ୍ଦର ହେଲେ । ୯ । କୃଶୋଦରୀ—କ୍ଷୀଣକଟି, ସୁନ୍ଦରୀ । ଶୟନ—ଶଯ୍ୟା । ନିଦ୍ରାନାଶ ଅବକାଶ—ନିଦ ଭାଙ୍ଗିବା ସମୟ ।

୧୦ । ଧାତ୍ରୀପୁତ୍ରୀ—ଧାଈଝିଅ । ଅକ୍ଷି......ପଞ୍ଜରୀ—ଆଖିରୂପ ଚଢ଼ାଇକୁ ସେ ହେଲା ପଞ୍ଜୁରି, ସେ ବଡ଼ ଶୋଭାବତୀ । ସମସ୍ତଙ୍କ ଆଖି ତାଠାରେ ଲାଖି ରହିଥିଲା । ବିହି...... ବିହି ତା—ତାର ସୌନ୍ଦର୍ଯ୍ୟ ଏପରି ଯେ ତାକୁ ତିଆରି କରି ବ୍ରହ୍ମା ବିନ୍ଧାଣୀ—ନିର୍ମାଣକର୍ତ୍ତାର ପରିଚୟ ଦେଲା । ୧୨ । ସରି—ତୁଲ୍ୟ । ଅପସରୀ—ଅପସରାମାନେ ତୁଲ୍ୟ ନୁହନ୍ତି ।
୧୩ । ଅଙ୍ଗସ୍ୱେଦ—ଦେହର ଝାଳ । ଜନିତ—ଜାତ । ଫୁଲ ବ୍ୟଜନ—ଫୁଲ ବିଞ୍ଚଣା । ବନିତା—ସ୍ତ୍ରୀ । ଖଦ—ମୟୂର ପିଚ୍ଛ ପ୍ରଭୃତିରେ ତିଆରି ଏକପ୍ରକାର ଚାମର । ଉପଚାର—ସେବା, ଖଟଣି । ପ୍ରଚାର—ବ୍ୟବହାର, ଚାଳନା ।

କର ଚରଣେ କର ନିବେଶନ । ଧୀରେ ଧୀରେ କେ କରେ ଆଶ୍ୱାସନ
ପୂଗ ଖଦିର ଚୂର୍ଣ୍ଣେ କେ ଶୋଭଙ୍ଗୀ । ଦିବ୍ୟପଳିତ ନାଗବଲ୍ଲୀ ଭଙ୍ଗି ।୧୪।
ଧାଉଁଛି ଝୀନବାସ କୁଞ୍ଚି ସତ୍ୱରେ । ଡଞ୍ଚି ରଖୁଛି କେ ଗୁଆ ଅଡରେ
ଦଳମାନ ହରି କରି ସେବତୀ । ଗୁନ୍ଥୁଅଛି ମାନିଆ, କେ ଯୁବତୀ ।୧୫।
ଝରି ଶିକୁଳି ଗଭାକୁ ମାଳିକା । କରୁଛନ୍ତି କେହି କେହି ବାଳିକା
ଭରି ଲବଣୀ ସିନ୍ଦୂର ଦଳନା । କରୁଅଛି ବସି କେଉଁ ଲଲନା ।୧୬।
ମୃଗମଦ ଗୋଳୁଛି କେଉଁ ମିତ । କୁଚ ବଚନ୍ଧ ଚିତ୍ରଙ୍କ ନିର୍ମିତ ।
ପେଡ଼ି ଫେଡ଼ି କେ ବାଛୁଛି ରତନ । ଅଳଙ୍କାରେ ଯେଉଁମାନେ ଯତନ ।୧୭।
ଘନସାର ମିଶାଇ ଚନ୍ଦନରେ । କେହୁ ଥୋଇଛି ହରଷ ମନରେ
ସଖୀମାନଙ୍କର ଏହୁ ବ୍ୟାପାର । ପରିବାରିକା ଅଛନ୍ତି ଅପାର ।୧୮।
ଫୁଲ ଫଳଙ୍କର ନାମ ଢ଼ିଦିତ । ଧରି ଝରି ପରଖ କେ ମୂଦିତ ।
କେହୁ କରୁଛି ମୁକୁର ମାର୍ଜନା । କେ ଖରଡ଼ ପାରିବାରେ ରଞ୍ଜନା ।୧୯

୧୪ । କର......ନିବେଶନ—ହାତକୁ ପାଦରେ ରଖି । ଆଶ୍ୱାସନା—ଆଉଁଶିବା, ଦେହରେ ସୁଖପ୍ରଦାନ କରିବା । ପୂଗ—ଗୁଆ, ଖଦିର—ଖଇର । ଚୂର୍ଣ୍ଣ—ଚୂନ । ଶୋଭଙ୍ଗୀ—ସୁନ୍ଦରୀ । ଦିବ୍ୟ ପଳିତ ନାଗବଲ୍ଲୀ—ସୁନ୍ଦର ପାଚିଲା ପାନ ।

୧୫ । ଝୀନ ବାସ—ପାତଳ ଶାଢ଼ୀ । ସତ୍ୱରେ—ଶୀଘ୍ର । ଡଞ୍ଚି—ଉପରେ ଛୁଞ୍ଚି (ଉତ୍-ଉତ୍‌ସିଞ୍ଚନ) ଦଳମାନ—ପାଖୁଡ଼ାସବୁ । ହରି—ଏକାଠି କରି, ସଂଗ୍ରହ କରି । ମାନିଆ—ଫୁଲର ଗଭାବିଶେଷ । ୧୬ । ଝରି—ଫୁଲଗୁଚ୍ଛ । ଶିକୁଳି—ଶୃଙ୍ଖଳାକାର ଫୁଲର ଛୋଟ ହାର । ଗଭାକୁ ମାଳିକା—ମୁଣ୍ଡରୁ ଝୁଲୁଥିବା ପୁଷ୍ପଗୁଚ୍ଛ ନିମନ୍ତେ ଛୋଟ ମାଳାସବୁ । ଲବଣୀ—ଲହୁଣୀ । ଦଳନା—ଦଳିବା । ଲଲନା—ସ୍ତ୍ରୀ । ୧୭ । ମୃଗମଦ—କସ୍ତୁରୀ । କୁଚ—ସ୍ତନ । ବଚନ୍ଧ ଚିତ୍ରକ—ମନୋହର ପତ୍ର ରଚନା । ନିର୍ମିତ—ତିଆରି । ପେଡ଼ି ଫେଡ଼ି—ପେଟରା ଖୋଲି । ଯତନ—ସୁନ୍ଦର । ୧୮ । ଘନସାର—କର୍ପୂର । ପରିବାରିକା—ପରିଚାରିକା, ପୋଷ୍ୟାମାନେ । ଫୁଲ...ଢ଼ିଦିତ—ଫୁଲ ଓ ଫଳର ନାମ ଧାରଣୀ । ଝରି—ଜଳପାତ୍ରବିଶେଷ । ପରଖ—ପିକଦାନୀ । ମୂଦିତ—ଆନନ୍ଦିତ । ମୋଦିତ ପାଠ ମଧ୍ୟ ସମୀଚୀନ । ମୁକୁର ମାର୍ଜନା—ଲୁହା ଓ ରୁପାର ଫଳକ, ଯାହାକୁ ମାଜି ସଫା କରି ମୁହଁ ଦେଖନ୍ତି । ଖରଡ଼—ଆସନ, ବିଛଣା । ରଙ୍ଗିନ୍ ସୂତା ଓ ଲୋମରେ ତିଆରି ।

ଅପସର କେ ଦେଉଛନ୍ତି ସତ୍ତ୍ୱରେ । ପୀଠ ପକାଉଛନ୍ତି କେହୁ ଚତ୍ୱରେ
ଜଳ ଅଣୁଛନ୍ତି କେ ହେମକୁମ୍ଭରେ । ନାହିଁ ଅସର ଏହି ଆରମ୍ଭରେ ।୨୦।
ଶୁକ୍ଳପକ୍ଷ ଦଶମୀ ଗୁରୁବାରେ । ସିଦ୍ଧି ସାଧ୍ୟଯୋଗ ଯୋଗ ହେବାରେ
ଦିନ ଅଷ୍ଟଦଣ୍ଡ ଭୋଗ ଆଦିତ୍ୟ । ଶୁକ୍ରବେଳା ତୁଳାଲଗ୍ନ ବିଦିତ ।୨୧।
ପୁଷ୍ୟା ନକ୍ଷତ୍ର କର୍କଡ଼ା ଚନ୍ଦ୍ରରେ । ବୃହସ୍ପତି ଛନ୍ତି ଉଚ୍ଚ କେନ୍ଦ୍ରରେ ।
ସ୍ଥିତ, ସଉର ମଙ୍ଗଳ ମକରେ । ମେଷେ ଅସୁରଗୁରୁ ଲୀଳା କରେ ।୨୨।
ଧନ୍ୟ ହୋଇଅଛି ରାହୁ କନ୍ୟରେ । ବୁଧ ମିଥୁନରେ କେତୁ ମୀନରେ
ସିଂହେ ସ୍ଥିତ ହୋଇଛନ୍ତି ବିକର୍ତ୍ତନ । ସୌମ୍ୟ ଗ୍ରହ ଲଗ୍ନେ ପତନ ।୨୩।
ଏ ସମୟରେ ରମଣୀରତନ । ରତ୍ନ ଲଭିଣ ଭଜିଲା ଚେତନ ।
ନିଦ୍ରାଗିରି ହତେ ପବି ପତନ । ଯାହା ଚଳିଲାଟି କାମ କେତନ ।୨୪।
କାନ୍ତମାଳାକୁ ଠାରି ନେତ୍ରାନ୍ତରେ । ଗଲେ ଗୋପ୍ୟ ମନ୍ଦିରେ ତରତରେ
ଘନଲେଖା ସେ କେଡ଼େ ବିବେକରେ । ରଙ୍ଗପାଟ ଦୁକୂଳେ ନେଇ କରେ
ଯାଇଁ ଏକାନ୍ତେ ଯତ୍ନେ ରତ୍ନବେଣୀ । ଜଙ୍ଘା ସନ୍ଧିକି ସେ ଦୃଷ୍ଟି ନିବେଶି
ବିମ୍ବ ସ୍ଫଟିକ ବାଡ଼ରେ ଯେସନ । ଫୁଲ୍ ମନ୍ଦାର ହେମନ୍ତ ପ୍ରସନ୍ନ । ୨୬।

---

ରଞ୍ଜନା—ହୃଷ୍ଟା, ଖୁସି । ୨୦ । ଅପସର—ଡକାଆ । ସତ୍ତ୍ୱରେ—ଶୀଘ୍ର । ପୀଠ—ପୀଠଉ, ଗୃଉଲ ଚୂନାର ପାଣିରେ କେ ଖୋଟି ବା ଡିଡା ପକାଉଛନ୍ତି । ଚତ୍ୱରେ—ଅଗଣାରେ । ହେମକୁମ୍ଭରେ—ସୁନା ମାଠିଆରେ । ଅସର—ଛୁଟି । ଆରମ୍ଭ—ବ୍ୟାପାର, କାର୍ଯ୍ୟ ।

୨୧ । ସିଦ୍ଧି ସାଧ୍ୟ ଯୋଗ—ଜ୍ୟୋତିଷ ଶାସ୍ତ୍ରରେ ସିଦ୍ଧି ଓ ସାଧ୍ୟ ଯୋଗ ଏକବିଂଶ ଓ ଦ୍ୱାବିଂଶ ଯୋଗରୂପେ ସୁପରିଚିତ । ଯୋଗ ହେବାରେ—ଘଟିବାରେ । ଆଦିତ୍ୟ—ସୂର୍ଯ୍ୟ; ଗୁରୁବାର ଦିନ ପ୍ରଥମ ଦୁଇଘଡ଼ି ଗୁରୁବେଳା, ତା ପରେ ମଙ୍ଗଳ ଓ ତା ପରେ ରବିଙ୍କ ବେଳା, ତା ପରେ ଶୁକ୍ରଙ୍କ ବେଳା । ସଉର—ଶନି । ଅସୁରଗୁରୁ—ଶୁକ୍ର । ଲୀଳା କରେ—ବିରାଜୁଛନ୍ତି, ବିଦ୍ୟମାନ । ବିକର୍ତ୍ତନ—ସୂର୍ଯ୍ୟ । ସୌମ୍ୟ—ଚନ୍ଦ୍ରପୁତ୍ର ବୁଧ । ୨୪ । ରମଣୀରତନ—ସ୍ତ୍ରୀଶ୍ରେଷ୍ଠ । ଚେତନ—ସଂଜ୍ଞା । ନିଦ୍ରାଗିରି—ନିଦ୍ରାରୂପ ପର୍ବତ । ପବି—ବଜ୍ର । ସେ କନ୍ୟାର ନିଦ ହେଲା ପର୍ବତ ତା ଉପରେ ବଜ୍ର ପଡ଼ିବାରୁ କନ୍ଦର୍ପ ପତାକା ପ୍ରକାଶ ପାଇଲା ।

୨୫ । ନେତ୍ରାନ୍ତରେ—ଆଖିକୋଣରେ । ଗୋପ୍ୟମନ୍ଦିର—ଗମ୍ଭୀର ଘରର ଗୁପ୍ତସ୍ଥାନ । ତରତର—ଶୀଘ୍ର । ବିବେକରେ—ବିଚାରରେ । ରଙ୍ଗପାଟଦୁକୂଳେ—ନାଲିଆ ପାଟ ଲୁଗାକୁ । କରେ—ହସ୍ତରେ । ୨୬ । ଏକାନ୍ତେ—ଏକୁଟିଆ ସ୍ଥାନରେ । ଯତ୍ନେ—ସାବଧାନଭାବରେ । ରତ୍ନବେଣୀ

ଚୂର୍ଣ୍ଣ ଭୂମିରେ ମଣ୍ଡଳ ଆକାରେ । ଦ୍ରାବ ହିଙ୍ଗୁଳ ଢାଳିଲା ପ୍ରକାରେ ।
ଦେଖି ସୁଖୀ ହୋଇ ଆନ ବସନ । ଫିଙ୍ଗି ହେଲା ସ୍ମରପୁର ଦର୍ଶନ ।୨୭।
ହେମପଦକରେ କାମ-ବଣିକ । କଲା ନାୟକ କି ଦିବ୍ୟ ମାଣିକ୍ୟ ।
ଯୁବାଜୟୁଙ୍କୁ ପାହୀରେ ସଂକଳ୍ପ । କଲେ କି କର, ବିମ୍ବେ ନାହିଁ ବିକଳ୍ପ ।୨୮।
ଯଉବନମାଳୀ ସ୍ତନଶମ୍ଭୁରେ । ପୂଜାବିଧି ସାରି ଦିବ୍ୟ କମ୍ବୁରେ ।
ପାରିଜାତ ପ୍ରସାଦ କି ଥୋଇଛି । ସେହି ପ୍ରକାରେ ରୁଚିର ହୋଇଛି ।୨୯।
ବାଳଭାନୁ ଜାନୁ-ଚିର-ଗୁହାରେ । ସ୍ଥିତ ତା ଭାନୁ କି ଆଗ ବାହାରେ ।
ଅଧୋମୁଖରୁ ଶୋଣିତ ବମନ । କଚ୍ଛପ କି କରଇ ଯେନ ମନ ।୩୦।

---

—ରତ୍ନାଳଙ୍କାରରେ ବେଶ ଯାହାର, ସେ କନ୍ୟା । ଦୃଷ୍ଟି ନିବେଶି—ଚକ୍ଷୁ ପକାଇ । ସ୍ଫଟିକ ବାଡ଼ରେ—ସ୍ୱଚ୍ଛ ଶୁକ୍ଳ ପ୍ରସ୍ତର କାନ୍ଥରେ । ବିମ୍ବ—ପାଚିଲା କାଇଁତ କାକୁଡ଼ି ( ଖୁବ ଲାଲ ) ପ୍ରସନ୍ନ—ନିର୍ମଳ, ଉଜ୍ଜ୍ୱଳ ।

୨୭ । ଚୂର୍ଣ୍ଣଭୂମିରେ—ଚୂନଲିପା ସ୍ଥାନରେ । ମଣ୍ଡଳ ଆକାରେ—ଗୋଲାକାରରେ । ଦ୍ରବ ହିଙ୍ଗୁଳ—ତରଳ ଉତ୍କୃଷ୍ଟ ସିନ୍ଦୂର ( Vermillion ) । ଆନବସନ—ଅନ୍ୟ ଶାଢ଼ୀ । ସ୍ମରପୁର—ଯୋନି । ଦିବ୍ୟହିଙ୍ଗୁଳ ପାଠରେ—ଭଲ ସିନ୍ଦୂର । ଦ୍ରାବ ହିଙ୍ଗୁଳ—ହିଙ୍ଗୁଳକୁ ତରଳ କରି ।

୨୮ । ହେମ ପଦକରେ—ସୁନାର ପଦକ ( କଣ୍ଠଭୂଷଣ ) । ମାଣିକ୍ୟ—ଲାଲମଣି (ଇନ୍ଦ୍ରଗୋପ ବା ସାଧବଘର ବୋହୂ ବର୍ଣ୍ଣର ମଣି ) । ନାୟକ—ଚନ୍ଦ୍ରାଧିଷ୍ଠ ମଣି, ପଦକ ମଧ୍ୟର ମଣି । ଯୁବାଜୟୁଙ୍କୁ—ଯୁବକମାନଙ୍କୁ ଜିଣିବା ନିମନ୍ତେ । ପାହୀରେ—ତମ୍ବାପାହିରେ । ସଂକଳ୍ପ—ନିୟମ, ପ୍ରତିଜ୍ଞା । କର—ସୂର୍ଯ୍ୟଙ୍କ କିରଣ । ବିମ୍ବେ—ପାଚିଲା କାଇଁତ କାକୁଡ଼ିରେ । ବିକଳ୍ପ —ସନ୍ଦେହ, ଭ୍ରାନ୍ତି । ଏ ତମ୍ବାପାହୀ ସୂର୍ଯ୍ୟକିରଣ ବା ବିମ୍ବଫଳ ନୁହେଁ ।

୨୯ । ଯଉବନ ମାଳୀ—ଯୌବନ ହେଲା ଭୋପା ବା ପୂଜକ । ସେ ସ୍ତନ—କୁଚ ହେଲା ମହାଦେବ ତାଙ୍କୁ । ଦିବ୍ୟ କମ୍ବୁରେ—ଅତି ସୁନ୍ଦର ଶଙ୍ଖରେ ପାରିଜାତ ପ୍ରସାଦ—ସ୍ୱର୍ଗ ମନ୍ଦାରର ଉଜ୍ଜ୍ୱଳତା କି ନିର୍ମଳତା ଅର୍ଥାତ୍ ଶଙ୍ଖ ମଧ୍ୟରେ ଉଜ୍ଜ୍ୱଳ ସ୍ୱର୍ଗ ମନ୍ଦାର ସ୍ଥାପନ କରିଛି । (ପାରିଜାତ କୁସୁମ ପାଠ ମଧ୍ୟ ଗ୍ରହଣୀୟ ।)

୩୦ । ବାଳଭାନୁ—ବାଳସୂର୍ଯ୍ୟ, ଅରୁଣ । ଜାନୁ ଚିରଗୁହାରେ—ଜଙ୍ଘର ଊର୍ଦ୍ଧ୍ୱଦେଶ ହେଲା ପର୍ବତ ତା ଗହ୍ୱରେ କି ମଧ୍ୟ ପ୍ରଦେଶରେ । ସ୍ଥିତ—ଅଛି । ତା ଭାନୁ—ଦୀପ୍ତି । ଆଗ ବାହାରେ—ବାହାରକୁ ପ୍ରକାଶ ପାଉଛି । ଅଧୋମୁଖରୁ—ମୁହଁକୁ ତଳ କରିବାରୁ ମୁହଁ ତଳୁ । ଶୋଣିତ ବମନ—ରକ୍ତବାନ୍ତି । କଚ୍ଛପ—କଇଁଛ ।

ଶିବ ଶେଖମା କର ମାନସରେ । ରତି କି ଜଘନ-ପେଢ଼ ଶେଷରେ ।
ନବନୀତରେ ସିନ୍ଦୂର ଗୋଳିଲା । ଏହି ଉପମାରେ ଚିତ୍ତ ଭୁଲିଲା ।୩୧।
ମୋହ ସଙ୍ଗେ ହୋଇ ପର୍ଶ ସମାନ । କର ମାରପୁର ଏହି ଗୁମାନ ।
ଉଡ଼ାଇଲା କି ସୁରଙ୍ଗ ପତାକା । ଏଣୁ ପଡ଼ିଲା ଚଳଦଳେ ଡକା ।୩୨।
ଧାତା କୋମଳେ ଏ ତନୁ ରଚିଲା । ଅନୁରାଗ ପୂର୍ଣ୍ଣ କରି ସଞ୍ଚିଲା ।
ଭଲ୍ଲ ମଧ୍ୟ ଶିରଦେଲା ନଖରେ ।. ବ୍ୟକ୍ତ ହୋଇଛି କି ଇଚ୍ଛା ସୁଖରେ ।୩୩
ଗୋରୋଚନା ଲକ୍ଷ ବଡ଼ ଲକ୍ଷଣ । କହି ଯେହ୍ନ ବୋଲନ୍ତି ବିଚକ୍ଷଣ ।
ତାଙ୍କ ଉପରେ କିବା ସେ କ୍ରୋଧରେ । ମହା ଆରକ୍ତିମାକୁ ମୁଖେ ଧରେ ।୩୪
ଦେଖି ଏମନ୍ତ ଶୋଭା ତାମରସ । ଫୁଲବାସିନୀର ଜାତ ହରଷ ।
ଭରୁସନ୍ଧି ରୁନ୍ଧି ରଙ୍ଗ ଦୁକୂଳ । ଚିହ୍ନି ସଖୀ ଜାଣିମାତ୍ର ଅକୁଳ ।୩୫।
ନାହିଁ ଭାଙ୍ଗୁ ଜେମା ଯିବା ବିଧାନ । ସଖୀମାନେ କଲେ ଅନୁସନ୍ଧାନ
କିପାଁ ନୋହିଲା ମର୍ଦ୍ଦନମାଜଣା । ବଳେ ଗଲା ତ ନ ଯାଇ ଏ ଜଣା ।୩୬
କେ ବୋଇଲା ଅତ୍ୟନ୍ତ ରସମୟ । ପ୍ରକଟିଲା କି କୁସୁମ ସମୟ !
କେ ବୋଇଲା ସେ ପୀରତି-ଲମ୍ପଟ । ଅମୃତାରେ କି କରନ୍ତା କପଟ ।୩୭

---

୩୧ । ମାନସରେ—ମନରେ । ଜଘନପେଢ଼—ଜଙ୍ଘ ହେଲ ପେଢ଼ ତାର ଶେଷରେ—ଶେଷଭାଗରେ; ଊର୍ଦ୍ଧ୍ୱଦେଶରେ । ନବନୀତରେ—ଲହୁଣୀରେ । ଉପମା—ସାଦୃଶ୍ୟ ।

୩୨ । ମାରପୁର—ଗୁହ୍ୟ ପ୍ରଦେଶ, ଯୋନି, କନ୍ଦର୍ପର ଗୃହ । ଗୁମାନ—ଅଭିମାନ ସୁରଙ୍ଗ ପତାକା—ଲାଲ ପତାକା । ଚଳଦଳେ—ଅଶ୍ୱତ୍ଥପତ୍ରରେ । ଡକା—ଫରଫର ଶବ୍ଦ । ଅଶ୍ୱତ୍ଥପତ୍ର ଭଳି ପାତଳ, ତାଠାରୁ ପାତଳ ଲାଲରେଖା ପଡ଼ିଥିଲା ଯେ ତାକୁ କବି ଲାଲପତାକା କହିବାରୁ ଅଶ୍ୱତ୍ଥ ପତ୍ର ଦୁଃଖରେ ବୋବାଳି କରୁଛି ।

୩୩ । କୋମଳେ—ସୁକୁମାରତାରେ । ତନୁ ରଚିଲା—ଲାବଣ୍ୟବତୀର ଦେହ ଗଢ଼ିଲା । ଅନୁରାଗ ସଞ୍ଚିଲା—ସ୍ନେହ ଅର୍ଥାତ୍ ରକ୍ତିମା ପୂର୍ଣ୍ଣ କରି ସ୍ଥାପିଲା । ବ୍ୟକ୍ତ—ପ୍ରକାଶ ।

୩୪ । ଗୋରୋଚନା—ଗାଈଠାରୁ ବାହାରିବା ପିତ୍ତ; ପୀତରକ୍ତ । ବିଚକ୍ଷଣ—ପଣ୍ଡିତ । ଆରକ୍ତିମା—ବିଶେଷ ଲାଲ ଗୁଣକୁ । ୩୫ । ତାମରସ ଫୁଲ ବାସିନୀ—ପଦ୍ମଫୁଲର ସୁଗନ୍ଧ ଯାହାଠାରେ ପଦ୍ମିନୀ କନ୍ୟା ଲାବଣ୍ୟବତୀର । ରୁନ୍ଧି—ଭିଡ଼ । ରଙ୍ଗଦୁକୂଳ—ଲାଲ ଶାଢ଼ୀ । ରସମୟ—ସୁଖକର । କୁସୁମ ସମୟ—ଋତୁକାଳ । ପୀରତିଲମ୍ପଟ—ପ୍ରୀତିରେ ଶ୍ରେଷ୍ଠ,

କେ ବୋଇଲା ଛଳି ଏ ଭାରତୀକ । ଲାଜ ବଳଆଇ ଥିବ ପ୍ରୀତକ ।
ଏହି ସମୟକୁ ହୋଇ ସୁବେଶ । ପାଟ ଜଉତପସୁତା ପ୍ରବେଶ ।୩୮।
ସ୍ଥିର ମପାଇ ମୂଳ କର କାଳ । ଜେମା ପାଶକୁ ଚଳିଲେ ତତ୍କାଳ
ଯାଉଁ ପଥରେ ଦେଖିଲେ ଚେଟୀକ । ଘେନି ଆସୁଅଛି ନାଟ ଶାଟୀକ ।୩୯
ବାସେ ଗୋଡ଼ାଇ ଅଛନ୍ତି ଅଳିଏ । ଏ ସଙ୍କେତୁଁ ସତ କର ଆଳୀଏ ।
ଯାଇଁ ନୃପସୁତା ପାଶେ ମିଳିଲେ । ହାସ ରହସ ଭାଷରେ ଛଳିଲେ ।୪୦।
ତୁମ୍ଭ ଆମ୍ଭ ପ୍ରୀତ ନୋହେ ଅଜର । ଯଉବନ ସଙ୍ଗୁଁ ସଙ୍ଗ ଲାଜର ।
ତାହା ସଙ୍ଗୁଁ କଲୁ ଏତେ ଅନ୍ତର । କି କରିବୁ ସଙ୍ଗ ହେଲେ କାନ୍ତର।୪୧
ବାଣୀ କୋକିଳୁଁ ମଧୁର ହେବାରୁ । ନଖଳିଆଳୀ ଛବି ବହିବାରୁ ।
ହୃଦ ନ ଦରେ ଚିତ୍ତ ରଞ୍ଜିବାରେ । ସ୍ତନ-କମଳ କଢ଼ି ବଢ଼ିବାରେ।୪୨।
କାନ୍ତି କେତକୀ ଦନୁ ଦନୁ ଗୃରୁ । ଗୃହୁଁ ଅମ୍ଭେମାନେ ମନେ ବରୁଚୁଁ ।
ପୁଷ୍ପ ସମୟ ହେଲାନି ନିକଟ । ସତ କହ ହୋଇଲା କି ପ୍ରକଟ ।୪୩।

---

ପ୍ରୀତ୍ତପ୍ରବାଣ। ।୩୮। ଛଳି—ପରିହାସ କରି । ଭାରତୀ—କଥା । ବଳଆଇ—ବଳି ।୩୯। ମୂଳ କରି—ଠିକ କରି, ନିର୍ଣ୍ଣୟ କରି । କାଳ—ସମୟ । ଜେମା—ରାଜକନ୍ୟା । ତତ୍କାଳ—ସେହିକ୍ଷଣି । ଚେଟୀକ—ଦାସୀକି । ନାଟ ଶାଟୀକ—ଭଲ ପିନ୍ଧିଲା ଶାଢ଼ୀ । ( ଲାଟ ମଧ୍ୟ ନାଟ ଅର୍ଥରେ ) ପାଲଟା ଶାଢ଼ୀ—ବଦଳା ଶାଢ଼ୀକୁ ।

୪୦ । ବାସେ—ପଦ୍ମଗନ୍ଧରେ । ଅଳି—ଭଅଁର । ସଙ୍କେତୁଁ—ଚିହ୍ନରୁ । ଆଳୀଏ—ସଙ୍ଗିନୀମାନେ । ହାସ...ଛଳିଲେ—ଗୋପନୀୟ କଥା ହସ ପରିହାସ କରି କହିଲେ ।୪୧। ତୁମ୍ଭ...ଅଜର—ଆମ୍ଭମାନଙ୍କ ପ୍ରୀତି କ୍ଷଣସ୍ଥାୟୀ ନୁହେଁ । ଯଉବନ...ଲାଭ—ବର୍ତ୍ତମାନ ଯୌବନଲାଭ କରୁଁ କରୁଁ ଲାଜକୁ ସଙ୍ଗ କଲୁ । ତାହା...ଅନ୍ତର । ଲାଜ ସଙ୍ଗ ହେବାରୁ ଆମକୁ ଦୂରରେ ରଖିଲୁ । କାନ୍ତର ସଙ୍ଗ—ସ୍ୱାମୀ ସଙ୍ଗ ଲାଭ କଲେ କଣ କା ନ କରିବୁ ?

୪୨ । କୋକିଳୁଁ—କୋଇଲି ସ୍ୱରରୁ । ବାଣୀ—ତୋ କଥା । ନିଆଳୀ ଛବି—ନିଆଳୀ ଫୁଲର ଶୋଭା । ହୃଦ...ବଢ଼ିବାରେ—ହୃଦୟ (ସ୍ଥିତ) ରୂପ ନଦରେ—ନଈରେ ଚିତ୍ତ—ମନ । ରଞ୍ଜିବାରେ—ଆସକ୍ତ ହେବାରେ, ବିକ୍ଷେପ ଭାବରେ ବଳିବାରେ । ସ୍ତନ—କୁଚରୂପ କମଳ କଢ଼ି—ପଦ୍ମକଢ଼ି ଆସ୍ତେ ବଢ଼ିବାକୁ ଲାଗିବାରେ ।୪୩। କେତକୀ କାନ୍ତି—କେତକୀ ପୁଷ୍ପର ପାଣ୍ଡୁର ବର୍ଣ୍ଣ ( ଶ୍ୱେତରେ ଈଷତ୍ ପୀତ ମିଶ୍ରିତ ) ଦିନୁ ଦିନୁ ଗୃରୁ—

ଶୁଣି ସଖୀଏ କହିଲେ ଏସନ । ନ କହିଲେ କହିଲେକ ବସନ ।
ବନେ ବିକଶିତ ହେଲେ ମାଧବୀ । ମଧୁପେ କି ନ ଜାଣନ୍ତି ବାନ୍ଧବୀ ।୪୪।
ପାଟସୂତ୍ରରେ ଗୁନ୍ଥିଣ ମୌକ୍ତିକ । ଜେମା ଲୁଚାଇ ଲୋଡ଼ୁଛୁ ଜ୍ୟୋତିକ ।
କେତେବେଳ ଯାଏ ସୂର୍ଯ୍ୟ ଉଦିତ । କରିପାରେ କୁଜ୍ଝଟି ଆଚ୍ଛାଦିତ ।୪୫।
କିଛୁ ବେଳ ଲୁଚନ୍ତା ପକ୍ଷ୍ମଳାକ୍ଷୀ । ଦିନାନ୍ତରେ ତ ଘେନ ନାହିଁ ଲାକ୍ଷା ।
ଅବା ସିନ୍ଦୂର ପୋଛିଲ କହିବ । ଅଗ ଅଞ୍ଚଳ ନୋହେ ସେ ନୋହିବ ।
ସହଚରୀ ପରିହାସ-ସରିତେ । ମୃଦୁଭାଷୀ ଭାସିଗଲା ତୁରିତେ ।
ମୁଖ ନତ କରିଲା ନିଜ ଉରଜେ । କ୍ଷିତି ଟୁକି ଆରମ୍ଭିଲା କରଜେ ।୪୭।
ପ୍ରେମଶୀଳା ମାତା ପାଶେ ଜଣାଇ । ସ୍ମରମନ୍ଦିର ସମ୍ଭାର ଅଣାଇ ।
ମାଷ ତଣ୍ଡୁଳରେ ଗୃହ ଗଢ଼ାଇ । ବାସ ପ୍ରାକାର ପ୍ରକାରେ ବେଢ଼ାଇ ।୪୮।

---

ସୁନ୍ଦର, ସୁବର୍ଣ୍ଣବର୍ଣ୍ଣ ଲଭିବାରୁ । ପୁଷ୍ପ ସମୟ—ଋତୁକାଳ । ପ୍ରକଟ—ପ୍ରକାଶ ।

୪୪ । ବସନ—ଶାଢ଼ୀ । ବିକଶିତ—ପ୍ରସ୍ଫୁଟିତ । ମଧୁପେ—ଭ୍ରମରମାନେ । ୪୫ । ପାଟସୂତ୍ରରେ—ଲାଲସୂତାରେ । ମୌକ୍ତିକ—ମୁକ୍ତା ( ଯା ବର୍ଣ୍ଣ ଧଳା ) । ଜ୍ୟୋତିକ ଲୁଚାଇ ଲୋଡ଼ୁଛୁ—ଲାଲ ସୂତାର ରକ୍ତିମାକୁ ଲୁଚାଇବାକୁ ଇଚ୍ଛା କରୁଛୁ ( ସେ ଋତୁମତୀ ଏ କଥା ଲୁଚାଉଛୁ ) ଉଦିତ ସୂର୍ଯ୍ୟ—ଆକାଶରେ ଥିବା ସୂର୍ଯ୍ୟ । କୁଜ୍ଝଟି—କୁହୁଡ଼ି କେତେ କାଳ ଘୋଡ଼ାଇପାରେ ।

୪୬ । ପକ୍ଷ୍ମଳାକ୍ଷୀ—ସୁନ୍ଦର ନେତ୍ର ଲୋମଯୁକ୍ତ ଚକ୍ଷୁ ଯାହାର ସେ ସୁନ୍ଦରୀ । ଦିନାନ୍ତରେ—ଦିନେ ହେବ—ଗତକାଲି । ଲକ୍ଷା—ଅଳତା; ସେ ଭୁଲାଇ କହିପାରେ ଅଳତା ଦାଗ ଲାଗିଛି, କିନ୍ତୁ ସେ ତ ଅଳତା କାଲି ଗ୍ରହଣ କରିନାହିଁ । ସିନ୍ଦୂର କାନିରେ ପୋଛିଛି କହିପାରେ; କିନ୍ତୁ ସିନ୍ଦୂର ଯେ ପୋଛିବ ସେ ଲୁଗାର ଆଗପାଖ କାନିରେ ପୋଛିବ; କିନ୍ତୁ କଚ୍ଛାପାଖ କାନିରେ ନୁହେଁ ।

୪୭ । ସହଚରୀ...ତୁରିତେ—ସଙ୍ଗିନୀମାନଙ୍କ ଥଟ୍ଟା ପରିହାସ ରୂପ ନଦୀରେ ସେ ଅଳ୍ପବଚନା ଲାବଣ୍ୟବତୀ ଶୀଘ୍ର ଭାସିଗଲା—ନିଜର ଧୈର୍ଯ୍ୟ ରକ୍ଷି ଉତ୍ତର ଦେଇ ପାରିଲା ନାହିଁ । ନିଜ ଉରଜେ—ନିଜ ସ୍ତନରେ । କ୍ଷିତି—ଭୂମି । କରଜେ—ନଖରେ । ଟୁକି ଆରମ୍ଭିଲା—ଚିରିବାକୁ ଲାଗିଲା ।

୪୮ । ସ୍ମରମନ୍ଦିର—ଗୋପ୍ୟଘର, ଗମ୍ଭୀରିଘର । ସମ୍ଭାର—ଜିନିଷ ପତ୍ର । ମାଷ ତଣ୍ଡୁଳରେ—ବିରି ଚାଉଳରେ । ବାସ—ଲୁଗା, ପ୍ରାକାର ପ୍ରକାରେ—ପାଚେରି ପରି ।

ଗୃହପାଶେ ଗୃହଗୋଟି ମାର୍ଗଣେ । ଅବଲମ୍ବେ ପୋତଲେ ସଖୀଗଣେ ।
ନାରକେଳ ଚେଳ ଦୁର୍ବାରୋପକୁ । ଭର ସମୀପେ ଥୋଇଲେ ସୂର୍ପକୁ ।୪୯।
ମଧ୍ୟେ ବସାଇଲେ ନବବାଳୀକି । ଶୁଭ ଅର୍ଥେ ଦେଇ ହୁଳହୁଳିକି ।
ସେହି ଶବଦ ଜନକ ଶୁଣିଲେ । ଜୀର୍ଣ୍ଣ ମୃଦୁସୁଲ୍ଲିଠାରୁ ଜାଣିଲେ ।୫୦।
ଉଚ୍ଛୁଳିଲା ପୁରଦ୍ୱାର ବାଦ୍ୟରେ । ବାଦ୍ୟ ଏମନ୍ତ କହେ କି ନାଦରେ ।
ଯୁବା ହୋଇ ସାହା ହେଲା ଯୁଗତେ । ମଦନକୁ ଏ ଶୁଭିଲା ଜଗତେ ।୫୧।
ଯୋଗୀଜୟ ମୂଳ ମନମଥର । ଲଭି ଏ ଭୟ ମହେଶ ପଥର ।
ଅସ୍ମ ଦମ୍ଭ କେତେ ଭାବ ବହନେ । ଋଷି ପଶିଲେ ନିମିଷ ଗହନେ ।୫୨।
ଜାଣ୍ତି ଗୃହେ ଶୋହେ ବାଳା ଉଚିତେ । ଏହି ଉପମା ଜାତ ହୋଏ ଚିତ୍ତେ ।
କର ସଂକଳ୍ପ ସେ ସାତ ଦିନକୁ । ଉଠେ କି ରତିଦେବୀ ନୂଜନକୁ ।୫୩।
ସାତ ଦୀପହିଁ ହୋଇଛୁ ଦୀପିତ । ସାତକୁମ୍ଭ କୁମ୍ଭ କୁଚ ସ୍ଥାପିତ ।
ଶ୍ରୁବ ଶ୍ରୁଚ ରୋମାବଳି ନାଭି ତା । ଜଘନ ତ ହେମବେଦୀ ଶୋଭିତା ୫୪

୪୯ । ଗୃହ ଗୋଷ୍ଠି ମାର୍ଗଣ—ଗୃହ ଗୋଟି ଶର ଅବଲମ୍ବେ—ଶୀଘ୍ର । ନାରକେଳ—ନଡ଼ିଆ । ଚେଳ—ଲୁଗା । ଦୁର୍ବାରୋପକୁ- ଦୁବର ଆରୋପକୁ ସ୍ଥାପନକୁ । ସୂର୍ପକୁ—କୁଲାକୁ । ନଡ଼ିଆ, ଲୁଗା ଓ ଦୁବକୁ କୁଲାରେ ସୁଗଇ ଥୋଇଲେ ।

୫୦ । ବାଲୀକି—ନୂଆ କନ୍ୟାକୁ । ଜୀର୍ଣ୍ଣ ମୃଦୁସୁଲ୍ଲି—ବୁଢ଼ୀ ଦାସୀଠାରୁ ।

୫୧ । ଉଚ୍ଛୁଳିଲା—କମ୍ପିଲା, ବ୍ୟାପିଲା । ନାଦରେ—ଶବ୍ଦରେ । ଯୁବା ହୋଇ—ଯୁବତୀ ହୋଇ, ସାହା—ସହାୟ । ଯୁଗତେ—ଉପଯୁକ୍ତ ଭାବରେ । ମଦନକୁ—କାମକୁ । ଏ କନ୍ୟା ମଦନର ସହାୟ ହେଲା, ଏହା ସଂସାରକୁ ଶୁଣାଗଲା ।

୫୨ । ମନମଥର—କନ୍ଦର୍ପର । ଯୋଗୀଜୟ ମୂଳ—ଯୋଗୀକୁ ଜୟ କରିବା ଔଷଧ । ମହେଶ—ମହାଦେବ ପଥର ପାଲଟିଲେ । ଦମ୍ଭ—ଧୈର୍ଯ୍ୟ । ବହନେ—ଶୀଘ୍ର । ନିମିଷ ଗହନେ—ନିମିଷବନେ ଅର୍ଥାତ୍ ନୈମିଷାରଣ୍ୟରେ (ନୈମିଷ ପାଠାନ୍ତର) ।

୫୩ । ଉଚିତ—ଯଥାର୍ଥ ଭାବରେ । ଉପମା—ତୁଳନା । ସଂକଳ୍ପ—କାମନା ।
୫୪ । ଦୀପିତ—ଜ୍ୱଳନ୍ତ । ସାତକୁମ୍ଭ କୁମ୍ଭ—ସ୍ୱର୍ଣ୍ଣର କଳସ । ସେ ହେଲା କୁଚ—ସ୍ତନ । ସ୍ଥାପିତ—ଥୁଆ । ଶ୍ରୁବ ଶ୍ରୁଚ—ଯଜ୍ଞୀୟ ପାତ୍ରଦ୍ୱୟ ହେଲେ । ରୋମାବଳୀ—ରୋମସବୁ ଯେଉଁ ରୋମରେଖା ଉଦର ମଧ୍ୟରେ ବିଦ୍ୟମାନ । ଜଘନ—ଜଙ୍ଘ ହେଲା ଯଜ୍ଞର ସ୍ୱର୍ଣ୍ଣବେଦୀ ।

ଗୁରୁ ସୁଉରୁ କଦଳୀକାଣ୍ଡରେ । ଶୋଭା ବରାଙ୍ଗ ଅଦ୍ଭୁତକୁଣ୍ଡରେ ।
ଦୀପ୍ତ ଶ୍ରବଣ ତାଟଙ୍କ ଅଳକ୍ତ । ବକ୍ତ୍ର ବିକାରରେ କର ଚଳନ୍ତି ।୫୫।

ଯହିଁ ବରଣ ବ୍ରାହ୍ମଣ ସଂଗୃହୀ । ମନ୍ତ୍ର ମଙ୍ଗଳ ଗୀତକୁ ଉଚ୍ଚାର ।
ନିଃସଂଶୟରେ ଏ କଥା ଉଦୟ । ପଶୁ ହୋଇବେ ଯୁବା ସମୁଦାୟ ।୫୬।

ସିଦ୍ଧ ହେବ ଏହି ବାଞ୍ଛା ତାହାର । ଅଜ ବଲ୍ଲଭୀ ନୋହିବ ନାହାର ।
ଭିକ୍ଷୁ ନାପିତ ରଜକ ଉଲ୍ଲାସେ । ପୂର୍ଣ୍ଣସ୍ନାନ ସାରି ଦାନ କଲା ସେ ।୫୭।

ଦିବ୍ୟ ତଇଲ ତଣ୍ଡୁଳ ଅମ୍ବର । ଅବଶେଷ ପକାଇଲେ ସମ୍ବର ।
ବେଶ କରି ସାରି ନୃପନନ୍ଦନା । କରିଲେ ରବିଅର୍ଘ୍ୟ ବନ୍ଦନା ।୫୮।

ବେଶ କରିବାକୁ ଆଗ ଦଶିଲା । ନେତ୍ରାଞ୍ଜନ ବିବେକକୁ ଧ୍ୱଂସିଲା ।
ଏଣୁ ଉପମା ଗଣେ ଅନୁକୂଳ । ଅଭଦ୍ରତା ଭଜି ହେଲେ ଅକୂଳ ।୫୯।

---

୫୫ । ଗୁରୁ ସୁଉରୁ—ସୁନ୍ଦର ଉରୁ ପ୍ରଦେଶ । କଦଳୀକାଣ୍ଡରେ—କଦଳୀ ଗଛର ଗଣ୍ଡିରେ । ବରାଙ୍ଗ—ଶରୀରର ଉତ୍କୃଷ୍ଟ ଅଂଶ, ଏଠାରେ ଗୁହ୍ୟ ପ୍ରଦେଶ ; ସେ ହେଲା ଅଦ୍ଭୁତ କୁଣ୍ଡ—ହୋମ କୁଣ୍ଡ । ଦୀପ୍ତ ଶ୍ରବଣ ତାଟଙ୍କ—ଉଜ୍ଜ୍ୱଳ କାନର ତଡ଼ଙ୍କ । ଅଳକ୍ତ—ଅଳତା ପାଣି । ବକ୍ତ୍ର ବିକାରରେ—ମୁଖଭଙ୍ଗୀରେ ।

୫୬ । ସେହି ଯଜ୍ଞରେ ବରଣ କରା ବ୍ରାହ୍ମଣ ହେଲା ସଂଗୃହୀ—ଦୂତୀ ; ଏଠାରେ ସଖୀମାନେ । ନିଃସଂଶୟରେ—ନିଃସନ୍ଦେହରେ । ଉଦୟ—ଜଣା । ଏ ଯଜ୍ଞରେ ପଶୁ—ବଳି । ଯୁବା ସମୁଦାୟ—ଯୁବକମାନେ ।

୫୭ । ବାଞ୍ଛା—ମନକାମନା । ସିଦ୍ଧ—ସଫଳ । ବଲ୍ଲଭୀ—ସ୍ତ୍ରୀ । ନାହା—ନାଥ, ସ୍ୱାମୀ । ଭିକ୍ଷୁ—ଭିକାରି । ନାପିତ—ଭଣ୍ଡାରୀ । ରଜକ—ଧୋବା । ଉଲ୍ଲାସେ—ମନଖୁସିରେ । ପୂର୍ଣ୍ଣ ସ୍ନାନ—ଅଭିଷେକ, ସାତଦିନ ପରେ ଋତୁସ୍ନାନ ।

୫୮ । ଦିବ୍ୟ—ଉତ୍କୃଷ୍ଟ । ତଇଲ—ତେଲ । ତଣ୍ଡୁଳ—ଚାଉଳ । ଅମ୍ବର—ଲୁଗା । ସମ୍ବର—ଜଳ । ରବି—ସୂର୍ଯ୍ୟ । ଅର୍ଘ୍ୟ—ପୂଜା । ବନ୍ଦନା—ନମସ୍କାର । ୫୯ । ବେଶ କରିବାକୁ—ବେଶ କରିବା ସମ୍ବନ୍ଧରେ । ନେତ୍ରାଞ୍ଜନ—ଆଖିରେ କଜ୍ଜଳ । ବିବେକ—ହିତାହିତ ଜ୍ଞାନ । ଧ୍ୱଂସିଲା—ନାଶ କଲା । ଅନୁକୂଳ ଉପମାଗଣେ—ଉପଯୁକ୍ତ ଉପମାନମାନେ—ଚନ୍ଦ୍ର, ପଦ୍ମ ଆଦି । ଅଭଦ୍ରତା—ଶୋଭାହୀନତା ; ଅକ୍ଷୋଭ, ଅଚଳ ।

ପୁଣି ଇଷ୍ଟଦେବୀ ନିଜ ମାତାଙ୍କୁ । ନିଉଛାଳି ଯେ କରାଇଲେ ତାଙ୍କୁ ।
ଏଥିଉତ୍ତାରେ ଜ୍ୟୋତିଷକୁମାରୀ । କର ଯୋଡ଼ି କହେ ଭୋ ସୁକୁମାରୀ ୬୦।
ହେଲି ମେଲାଣି ବର ଭୁବନରେ । ଏକା ଥିବ ଦଦ୍ୟ ଅବଧାନରେ ।
କେମା ବାସ ଅଳଙ୍କାର ଅପାର । ସ୍ନେହବାଣୀ କହି ଦେଲା କୃପାର ।୬୧।
ପଢ଼ା ଶୁକ ଗୋଟିଏ ସେହୁ ମାଗି । ସ୍ନେହେ ଦତ୍ତ କଲା ତାହା ହେମାଙ୍ଗୀ
ଗଲା ସେ ନାରୀ କର୍ଣ୍ଣାଟ ଦେଶକୁ । ଶୁକ ଆସିବ କାର୍ଯ୍ୟ ଉଦ୍ଦେଶକୁ ।୬୨।
କାନ୍ତି ଗନ୍ଧଫଳୀ ଝଳି ବଳିତ । ଯେ କର୍ବୁର କାନ୍ତ ଦର୍ପ ଦଳିତ ।
ଭାବ ସୀତାରାମ ପାଦ-ସାରସ । ଉପଇନ୍ଦ୍ର ବୀରବର ହରଷ ।୬୩।

---

ଆକୁଳ—ଦୁଃଖିତ । ୬୦ । ଇଷ୍ଟଦେବୀ—ପାର୍ବତୀ । ନିଜ ମାତା—ନିଜର ଜନନୀ । ନିଉଛାଳି—ବନ୍ଦନା ।

୬୧ । ବରଭୁବନରେ—ଉତ୍କୃଷ୍ଟ ଗୃହ ବା ସ୍ୱାମୀଗୃହକୁ । ଦବ୍ୟ ଅବଧାନରେ—ଆଜ୍ଞା ପ୍ରତିପାଳନ ନିମିତ୍ତ । ବାସ—ଲୁଗାପଟା । ଅପାର—ଅନେକ । କୃପାର—ଦୟା କରି ।

୬୨ । ହେମାଙ୍ଗୀ—ସୁନାଦେହୀ ଲାବଣ୍ୟବତୀ । କାର୍ଯ୍ୟ ଉଦ୍ଦେଶକୁ—ବିବାହ ପ୍ରସ୍ତାବ କରିବା ନିମିତ୍ତ । ୬୩ । କାନ୍ତି—ଦୀପ୍ତି, ଶୋଭାରେ । ଗନ୍ଧଫଳୀ—ଚମ୍ପାକଳି । ତାହାର ଝଳି—ଝଟକକୁ । ବଳିତ—ବଳି ପଡ଼ୁଛି । ପୁଣି କର୍ବୁର—ସ୍ୱର୍ଣ୍ଣ ବା ହରିତାଳ । ତାର କାନ୍ତି—କମନୀୟତା, ଶୋଭା । ତଦ୍‌ଜନିତ ଯେ ଦର୍ପ—ଗର୍ବ ତାକୁ । ଦଳିତ—ଜିଣିଛି ଏପରି ଯେ ସୀତା । ରାମଙ୍କ ବିଷୟରେ—କାନ୍ତି ଶୋଭାରେ ବଳି ପଡ଼ୁଛି ଗନ୍ଧଫଳୀ—ପ୍ରିୟଙ୍ଗୁଲତାର ବର୍ଣ୍ଣର ଦୀପ୍ତିକି—ରାମଚନ୍ଦ୍ର । କର୍ବୁର କାନ୍ତ—କର୍ବୁର ଯେ ରାକ୍ଷସ ସେମାନଙ୍କର କାନ୍ତ ସ୍ୱାମୀ ଯେ ରାବଣ ତାଙ୍କର ଦର୍ପ ଦଳିତ—ଗର୍ବକୁ ଯେ ଚୂର୍ଣ୍ଣ କରି ଅଛନ୍ତି । "କର୍ବୁର କାନ୍ତ" ପାଠରେ—କର୍ବୁର ଧାତୁର ପରି ବର୍ଣ୍ଣ ବା ଜଳର କାନ୍ତିର ଯେ ଦର୍ପ—ଦେଇ ତାକୁ ଦଳିତ—ପରାଜିତ କରି ଅଛନ୍ତି ଯେ ରାମଚନ୍ଦ୍ର । ପାଦସାରସ—ପାଦପଦ୍ମ ।

## ଚତୁର୍ଥ ଛାନ୍ଦ

### ରସକୋଇଲି ବାଣୀ—( ପ୍ରାନ୍ତାନୁପ୍ରାସ )

ଏଥୁଅନ୍ତେ ଶୁଣ ରସିକ ଜନେ । ଦିନେ ବିଚାର କଲେ ସଖୀମାନେ ।
ଆମ୍ଭ ସଜନୀ ଯେ ସୁନ୍ଦରୀ ସାର । ନାହିଁ ନ ଥିଲା ନୋହିବ ସଂସାର ।
ପୁଣି ତ ଶୋଭା ବୟସେ ଯେ ।
ଆମ୍ଭ ଲୋଚନକୁ କବିବଚନକୁ ପବିତ୍ର କରିବା ବେଶେ ଯେ । ୧ ।
ଏମନ୍ତ ଭାବ ଜଣାଇଲେ ଯାହିଁ । ଜନନୀ ତର୍ଜିଲେ ଆଜ ଡକାଇ ।
କି କର ତୁମ୍ଭେ ଜେମା ପାଶେ ଥାଇ । ସୁବେଶ ନିତ ନ କର କିପାଇଁ ଗୋ ।
କେ ଜାଣେ କାହା ମାନସ ଗୋ ।
ତୋ ମନେ କରୁଛୁ ଭୂଷଣଭୂଷା ମୁଁ କାହିଁକି ହୋଇବି ବେଶ ଗୋ ।୨।
ରସ ବିଷୟ ଶ୍ରବଣ କରିବା । ବନ୍ଧ ପଟଳ ପଟକୁ ଚାହିଁବା ।
ଦିବ୍ୟ ଅଳଙ୍କାରେ ମଣ୍ଡନ ହେବା । ଏତେ କଥାରେ ବଶ ହୋନ୍ତି ଯୁବା ଯେ
ଶୁଣି ସୀତ୍କାର କରି ଯେ ।
ବ୍ୟାଧିବନ୍ତର ବାଞ୍ଛିତ ଉପଚାର ବୈଦ୍ୟ ବିହିଲାର ପରି ଯେ । ୩ ।
ଭଙ୍ଗୀରୁ ଜାଣିଲେ ସଙ୍ଗିନୀବ୍ରାତ । ହେଲା କୋମଳ ଅଙ୍ଗୀ ଅଙ୍ଗୀକୃତ ।
ତାଙ୍କ ନୟନବିକାରରୁ ଜାଣି । ଚତୁରୀ ପରିବାରୀମାନେ ଆଣି ଯେ ।
ଚାଙ୍ଗୁଡ଼ି ଭୂଷଣପେଡ଼ି ଯେ ।
ଯତନ ରତନ ମଣ୍ଡନ ବସନ ବାନ୍ଧିଲେ ସଜନୀ ଫେଡ଼ି ଯେ । ୪ ।

---

୧ । ସୁନ୍ଦରୀସାର—ସୁନ୍ଦରୀ ଶ୍ରେଷ୍ଠ । ଲୋଚନକୁ—ଆଖିକୁ । କବିବଚନକୁ—କାବ୍ୟକର୍ତ୍ତାର ବର୍ଣ୍ଣନାକୁ । ପବିତ୍ର—ଶୁଦ୍ଧ । ୨ । ତର୍ଜିଲେ—ଭର୍ତ୍ସନା କଲେ । ମାନସ—ମନ । ଭୂଷଣଭୂଷା—ଅଳଙ୍କାରର ଅଳଙ୍କାର । ଅଳଙ୍କାର ତୋ ଶରୀରରେ ରହିଲେ ଅଳଙ୍କାରର ଶୋଭା-ନ୍ୟୂନ ତହୁଁ ତା ଗ୍ରହଣ କରିବା ଅଯୁକ୍ତ [ଆଭରଣସ୍ୟାଭରଣଂ ବିଭୂଷିତସ୍ୟ ବିଭୂଷଣମ୍—ବିକ୍ରମୋର୍ବଶୀ ] ।

୩ । ରସ—ଶୃଙ୍ଗାର ରସ । ବନ୍ଧପଟଳପଟ—ଚଉଷଠି ରତିବନ୍ଧର ଛବି ପୋଥି । ଦିବ୍ୟ ଅଳଙ୍କାର—ଅତି ସୁନ୍ଦର ଗହଣାରେ । ମଣ୍ଡିତ—ଭୂଷିତ । ଏତେ କଥା—ଏହି ସବୁ ବିଷୟରେ । ବଶ—ଅଧୀନ । ସୀତ୍କାର—ଅଙ୍ଗୀକାର; ହଁ କରି । ବ୍ୟାଧିବନ୍ତ—ରୋଗୀ । ବାଞ୍ଛିତ—ଇଚ୍ଛା କଲା । ଉପଚାର—ଚିକିତ୍ସା । ବିହିଲା—ବିଧାନ କଲା, ନିର୍ଦ୍ଦେଶ କଲା । ୪ । ଭଙ୍ଗୀ—ଇଙ୍ଗିତ । ସଙ୍ଗିନୀବ୍ରାତ—ସଖୀସମୂହ

ମଞ୍ଜୁ ବଜୁଳ୍ରାଜ ପର୍ଯ୍ୟେ ରାଜ । ଗୁନ୍ଧିଁଲେ ନୟନ ହୋଇବ ବୁଜ ।
ଅଳକାକୋଷେ ଥିବ ଅବା ତୁଳ । ହେଜି କରିବ ଧାତା ଅବା ମୂଲ ସେ
ଏକାଳେ ସଜାଡ଼ି ଆଣି ଯେ ।
ଫୁଲଗୁଞ୍ଜୁଡ଼ି ଚିତ୍ରକପେଡ଼ି ଫେଡ଼ି ସୁବାସ ଭରିଲ ପୁଣି ଯେ । ୫ ।
ସଜବଧି ସଜ ସଜନୀ ଦେଖି । ଆସନେ ବସାଇ ପ୍ରସନ୍ନମୁଖୀ ।
ଆଗେ ଦେଖାଇଲେ ମୁକୁର ମାଜି । ହାରି ନିର୍ମଳେ କି ଶରଣ ଭଜି ସେ
ଫେଡ଼ିଲେ କୋମଳ ବାଳ ଯେ ।
ବେଗରେ ତରଲ ଯୋଗରେ ଶଇଲସ୍ତନାସ୍ୟେ କଲେ କୋମଳ ଯେ । ୬ ।
ଚରମେ ପଡ଼ି ମନୋରମ ଦଶେ । ମଧ୍ୟେ କି ଜାଣି ଦିନ ଦୁଇ ପାଶେ ।
ପ୍ରଭା ବୃନ୍ଦି ଦେଖି ମୁଖଚନ୍ଦ୍ରର । ପଳାଇ ଯାଉଛନ୍ତି କି ଅନ୍ଧକାର ସେ ।
ସଖୀଏ ଜାଣନ୍ତି ବିଶେଷେ ଯେ ।
ଗୁମର ମୟୂର ପିଚ୍ଛୁ ଯା ଗୁଳନ୍ତି ନିଜଗୁଞ୍ଜିଛନ୍ତି କେଶେ ଯେ । ୭ ।

---

କୋମଳ ଅଙ୍ଗୀ—ସୁକୁମାର ଦେହା ଲାବଣ୍ୟବତୀ । ନୟନବିକାର—ଚକ୍ଷୁର ଭଙ୍ଗୀ । ପରିବାରିମାନେ—ସଖୀମାନେ । ଯତନ—ସୁନ୍ଦର । ମଣ୍ଡନ—ଭୂଷଣ । ବସନ—ଲୁଗା । ଫେଡ଼ି—ଖୋଲି । ୫ । ମଞ୍ଜୁ ବଜୁଳ୍ରାଜ ପର୍ଯ୍ୟେ ରାଜି—ସୁନ୍ଦର ବଜୁଳ ସମୂହ ପ୍ରାୟ ଶୋଭା ପାଏ । ଅଳକା କୋଷେ—କୁବେର ପୁରୀ ଅଳକାର ରତ୍ନ ଭଣ୍ଡାରରେ । ତୁଳ ଅବା ଥିବ—ସେହି ଅଳଙ୍କାରମାନଙ୍କ ସଦୃଶ ପଦାର୍ଥ ଥାଇପାରେ । କୁବେରଙ୍କ ଭଣ୍ଡାରରେ ନବନିଧି ଥାଏ । କବି ବର୍ଣ୍ଣନା କରୁଅଛନ୍ତି—ସେଠାରେ ଥିଲେ ଥାଇପାରେ । ମେରୁଶୃଙ୍ଗର ଉପରିଭାଗରେ ହିମାଳୟର ଶୃଙ୍ଗବିଶେଷରେ ଅବସ୍ଥିତ ଅଳକାପୁରୀ, ଯକ୍ଷରାଜ କୁବେରଙ୍କ ରାଜଧାନୀ । ହେଜି—ସେମାନଙ୍କର ମୂଲ୍ୟ ନିରୂପଣ ବ୍ରହ୍ମା ଭାବି ଅବା ଠିକ୍ କରି ପାରନ୍ତି । ଗୁଞ୍ଜୁଡ଼ି—ଗୁଞ୍ଜଡ଼ା, ଡାଲି । ଚିତ୍ରକ ପେଡ଼ି—ନାନା ବର୍ଣ୍ଣରେ ଚିତ୍ରିତ ଉଜ୍ଜ୍ୱଳ ପେଡ଼ି ବା ନାନା ବର୍ଣ୍ଣ ଓ ଚିତ୍ରିତ ଥିବା ପେଡ଼ି । ସୁବାସ—ସୁଗନ୍ଧ ।

୬ । ସଜବଧି ସଜ—ସଜାଇବା ବା ଭୂଷିତ କରିବାର ପଦାର୍ଥମାନ । ସଜନୀ—ସଖୀ । ପ୍ରସନ୍ନମୁଖୀ—ସରସମୁହିଁ ଲାବଣ୍ୟବତୀ । ମୁକୁର ମାଜି—ଦର୍ପଣ ଘଷି ମାଜି । ନିର୍ମଳେ—ସ୍ୱଚ୍ଛତାରେ । ସଖୀମାନେ ତା ମୁଖ ସମ୍ମୁଖରେ ଦର୍ପଣ ରଖିଲେ ନାହିଁ; କିନ୍ତୁ ଦର୍ପଣ ସ୍ୱଚ୍ଛତାରେ ଲାବଣ୍ୟବତୀଠାରୁ ଊଣା ହେତୁ ତାଠାରେ ଶରଣ ପଶିଲା । ଶଇଲସ୍ତନାସ୍ୟେ—ଉଚ୍ଚ କୁଚବତୀ ସଖୀମାନେ । ୭ । ଚରମେ—ପିଠିରେ । ମନୋରମ—

ମର୍ଦ୍ଦଳାକାର କଙ୍କତିକା ଝଳି । କାଗୁଲ୍ଭ କମ ସୁଷମ ପିତୁଳ ।
ସୁସଞ୍ଜ ଘଞ୍ଜ ଦଶନ ଆବଳୀ । ଗଳିବ କି ନାହିଁ କୁନ୍ତଳ ଭାଲି ସେ
ଆଳୀ ଖଡ଼ିକା ଗଳାଇ ଯେ,
ନୁହେ ଝଙ୍କାରି ଦେଲେ ବେଶକାରୀ କି, ଦେଲା କେଶ କୁଣ୍ଡିଆଁଇ ଯୋ ।୮।
ମାଙ୍ଗଭାଗ ରଖି ଉତ୍ତମାଙ୍ଗରେ । ଅଯତ୍ନ କରି ସାମଳିଲା ଧୀରେ ।
କଟିର ଧରି ମୂଳେ ଭିଡ଼ା ଭିଡ଼କ୍ରେ । ଅଦ୍ଭୁତ ଉପମା ଜନ୍ମିଲା ଚିତ୍ତେ ସେ ।
କି କୋକନଦ ମଧ୍ୟରୁ ଯେ ।
ସ୍ରବୁଛି କାଳନ୍ଦୀ ଦ୍ରବୁଛି ଶୃଙ୍ଗାର ହା ହା ସେ ଅତ୍ୟନ୍ତ ଗୁରୁ ଯେ । ୯ ।

---

ସୁନ୍ଦର । ମଧେ...ପାଶେ—ପିଠି ମଝିରେ ବାଳ ପଡ଼ିଥିବାରୁ ପିଠିର ଦୁଇପାଖ ଦିବସ ( ଉଜ୍ଜ୍ୱଳ ) ଓ ତାହା କାଳିଆ ହେତୁ ନିଶି ( ଅନ୍ଧାର ରାତ୍ରି ) ବୋଲି କବି ତର୍କଣା କରୁଅଛି । ବିଶେଷ—ଏ ବିଷୟ । ସଖୀମାନେ ଯେ ମୟୂରପୁଚ୍ଛର ଚଅଁର ଢାଳୁଛନ୍ତି ତାହାଦ୍ୱାରା ଲାବଣ୍ୟବତୀର କେଶକୁ ବନ୍ଧାଉ ଅଛନ୍ତି—(କେଶର ଶୋଭାକୁ ସେ ଗୁମର ସରି ନୁହେଁ )। କିଉଶ୍ଚଉଛନ୍ତି କି—ସେମାନେ—ସଖୀମାନେ—ଉକ୍ତ କେଶକୁ ଗୁମରଦ୍ୱାରା ବନ୍ଧାଉଛନ୍ତି କି )।

୮। କଙ୍କତିକା—ପାନିଆ । ମର୍ଦ୍ଦଳାକାର —ମୃଦଙ୍ଗ ଆକାରର । ଝଳି—ଶୋଭା । କାଗୁଲ କମ—କାରୁକାର୍ଯ୍ୟ ବିଶେଷ । ସୁଷମପିତୁଳ—ଅତି ସୁନ୍ଦର ରୂପର ପଦାର୍ଥ । ସୁସଞ୍ଜ ଘଞ୍ଜ—ଅତି ସୁନ୍ଦର ଲଗାଲଗି । ଦଶନଆବଳୀ—ଦାନ୍ତସବୁ । କୁନ୍ତଳ—କେଶ । ଆଳୀ—ସଖୀ । ନହେ—ନଖରେ । ଝଙ୍କାରି—ଘଷି ଦେଇ (ଜୋରରେ ନଖ ଚଳାଇବାରେ ଝଂ ଝଂକାର ଶବ୍ଦ କରି)। ବେଶକାରୀ କି —ଯେ ବେଶକାରିଣୀକୁ ପାନିଆ ଦେଲା । ତହୁଁ ସେ ବେଶକାରିଣୀ କେଶ କୁଣ୍ଡାଇ ଦେଲା ।

୯ । ମାଙ୍ଗ—ସୀମାନ୍ତ । କେଶକୁ ଦୁଇପାଖ କରି ମଝିରେ ଶିରୀ ରଖିବାକୁ ମାଙ୍ଗ କହନ୍ତି । ଉତ୍ତମାଙ୍ଗରେ—ମୁଣ୍ଡରେ । ଅଯତ୍ନ କରି—ସାବଧାନତାର ସହିତରେ । ସାମଳିଲା—ଠିକ୍‌କଣ କଲା । ମୂଳେ—କେଶର ମୂଳଭାଗକୁ । ଭିଡ଼ା—ଲାଲ ପାଟସୂତା । ଭିଡ଼କ୍ରେ—ଜୋରରେ ବାନ୍ଧିବାରେ । ଅଦ୍ଭୁତ ଉପମା—ଆଶ୍ଚର୍ଯ୍ୟ ତୁଳନା । କୋକନଦ—ରକ୍ତପଦ୍ମ । କାଳନ୍ଦୀ—ଯମୁନା ନଦୀ (କୃଷ୍ଣବର୍ଣ୍ଣ ହେତୁ କେଶର ସାମ୍ୟ) । ସ୍ରବୁଛି—ଝରୁଛି, ବହି ଯାଉଛି ଓ ଶୃଙ୍ଗାର —ଆଦିରସ । ଦ୍ରବୁଛି—ଗଳି ପଡୁଛି । ତାହା ସେ ଜୁଡ଼ା ବାନ୍ଧିବା ସମୟର ଦୃଶ୍ୟ । ଅତ୍ୟନ୍ତ ଗୁରୁ—ଅତି ସୁନ୍ଦର ।

ରଙ୍ଗଭଣ୍ଡି ଭଳି ଦିବ୍ୟ ଜୁଡ଼ାକୁ । ସଜାଡ଼ିଲେ ଯୁବା ଜ୍ଞାନବୁଡ଼ାକୁ ।
ତମ ବିଦାରି କି ହୋଏ ବାହାର । ପ୍ରଭାତେ ପ୍ରଭାବନ୍ତ ପ୍ରଭାକର ସେ ।
ବେନି ବିଧିପାଶ ସିନ୍ଧି ଯେ ।
ଯୋଗୀଜନମନ ମୃଗବନ୍ଧନେ କି କଲେ କିଆପତ୍ରୀ ବାନ୍ଧାଯେ ।୧୦।
ସିନ୍ଦୂର ଗାର ସୀମନ୍ତିରେ ଦେଲେ । ବିଧୁନ୍ତୁଦକୁ ବିଧୁ ହାଣିଥିଲେ ।
ଶୁଣି ନାହିଁ କି ସେ ରଥାଙ୍ଗ ଘାତ । ଆଜ ହୋଇଛି ରକତ ବ୍ୟକତ ସେ ।
ସେ କ୍ଷତ କ୍ଷତଜ ଗ୍ରହି ଯେ,
ଲାଲସେ ଆସେ ବଦନ ବିଧୁପାଶେ ନ ଗରାସେ ଭୟେ ପାଇ ଯେ ।୧୧।

---

୧୦ । ରଙ୍ଗଭଣ୍ଡି ଭଳି—ଲାଲିଆ ପାଠଡୋରି କେଶ ମଧ୍ୟରେ ଭରି । ଦିବ୍ୟ—ସୁନ୍ଦର । ଯୁବାଜ୍ଞାନବୁଡ଼ାକୁ—ଯୁବକଙ୍କ ଧୈର୍ଯ୍ୟ ନାଶ କରିବା ନିମିତ୍ତ । ତମ—ଅନ୍ଧକାର ( ବା ଅଦ୍ଭୁତ କଳ୍ପନାରେ ରାହୁକୁ ) । ବିଦାରି—ଭେଦ କରି । ପ୍ରଭାତେ—ସକାଳେ । ପ୍ରଭାବନ୍ତ—ଉଜ୍ଜ୍ୱଳ । ପ୍ରଭାକର—ସୂର୍ଯ୍ୟ । ପାହାନ୍ତାରେ ଅନ୍ଧାର ଘୋଟି ରହିଥାଏ । ହଠାତ୍ ପୂର୍ବ ଗଗନରେ ସୂର୍ଯ୍ୟ ଉଦିତ ହେଲେ, ଯେପରି ଦେଖାଯାଏ ସେପରି କଳା ବାଳ ମଧ୍ୟରୁ ଲାଲ ସୂତା ଦେଖାଯାଉଛି । ବେନିବିଧି ପ୍ରାଣ ସିନ୍ଧି—ଦୁଇପ୍ରକାର ଫାଶ ଏ କେଶରେ ଦିଆହୋଇଛି । ଯୋଗୀ... ବନ୍ଧନେ—ଜିତେନ୍ଦ୍ରିୟ ଯୋଗୀମାନଙ୍କ ମନ ହେଲା ହରିଣ—ତାକୁ ବାନ୍ଧିବାକୁ । କିଆପତ୍ରୀ—କେତକୀ ଫୁଲ ପାଖୁଡ଼ା ତାର ବେଢ଼ ଦେଲେ କି ? ଭଡ଼ା ଓ ଭଣ୍ଡିରେ ଦୁଇ ପ୍ରକାର ଫାଶରେ ବାନ୍ଧି କିଆ ବେଢ଼ ସ୍ୱରୂପ କିଆପତ୍ର ଦେବାରୁ ଯୋଗୀଙ୍କ ମନରୂପ ହରିଣ ସେଥିରୁ ବର୍ତ୍ତିଯାଇ ପାରିବ ନାହିଁ, ଯୋଗୀ ଦେଖିଲେ ଭୁଲିଯିବେ ।

୧୧ । ସୀମନ୍ତିରେ—ସୁନ୍ଦରୀରେ । ଦୁଇପାଖକୁ କରି ହୋଇଥିବା କେଶର ମଧ୍ୟସ୍ଥିତ ମାଙ୍ଗରେ । ବିଧୁନ୍ତୁଦ—ରାହୁ । ବିଧୁ ହାଣିଥିଲେ—ଚନ୍ଦ୍ର ହାଣିଥିଲେ ଏହା ଶୁଣିବା ମାତ୍ରେ ବିରୋଧ ହେଲା; କିନ୍ତୁ ବିରୋଧ ପରିହାର ହେଲା ବିଧୁ—ବିଷ୍ଣୁ ( ଅମୃତ ପରଶିବା ସମୟରେ ରାହୁ ଲୁଚି ଦେବତାଙ୍କ ସଙ୍ଗେ ବସି ଅମୃତ ଖାଉଥିଲେ, ଚନ୍ଦ୍ର ଓ ସୂର୍ଯ୍ୟ ଏ କଥା ବିଷ୍ଣୁଙ୍କୁ କହିବାରୁ ସେ ଚକ୍ରାଘାତରେ ମସ୍ତକ ଛେଦନ କରିଥିଲେ । ତହୁଁ ତାର ଶିର ହେଲା ରାହୁ ଓ ଅବଶିଷ୍ଟ ଅଙ୍ଗ କେତୁ ନାମରେ ଜ୍ଞାତ ହେଲା ) । ରଥାଙ୍ଗ—ସୁଦର୍ଶନ ଚକ୍ର । ଘାତ—ବ୍ରଣ । ବ୍ୟକତ—ପ୍ରକାଶିତ । କ୍ଷତକ୍ଷତଜ—ଘାଆର ରକ୍ତ । ଲାଲସେ—ଅତି ଆଗ୍ରହରେ । ବଦନବିଧୁ ପାଶେ

ଜ୍ୟୋତମୋତ ମଥା ଜାଲି ମଣ୍ଡିଲେ । ମଣ୍ଡିଲେ ନାହିଁ ଧଇର୍ଯ୍ୟ ଖଣ୍ଡିଲେ
କି ନୀଳମଣୀ ଧରଣୀରେ ଅସି । ଗବାକ୍ଷେ ଗଲା ପ୍ରକାଶିତ ଶଶୀ ସେ
ଜୁଡ଼ା ଜାଲି ଏ ସଦୃଶା ଯେ ।
ଶ୍ୟାମଳ କମଳ କଳିରେ କଲି କି ସେକ୍ଷଣ ସୁଧା ବରଷାଯେ । ୧୨ ।
ତାରତର ଚନ୍ଦ୍ରମୁଖୀ ଝଞ୍ଜିଲେ । ଖଞ୍ଜିଲେ କି ଅବା ମନ ରଞ୍ଜିଲେ ।
ନବଘନରେ କି ଯାଉଛି ପଶି । ଏଣୁ ଅର୍ଦ୍ଧଚନ୍ଦ୍ର ରୁଚିର ଦିଶି ସେ ।
ନୀଳ ପୀତ ରଙ୍ଗ ଫୁଲେ ଯେ ।
ଗର୍ଭା କଲେ ଶୋଭା ଇନ୍ଦ୍ରଧନୁ ପ୍ରଭା ଉପମେୟ ତାହା ତୁଲେ ଯେ ।୧୩।
ବଙ୍କ ଡଉଁରି ହେମ ଦୁବଟିରି । ଦେଖିବାରୁ ଦିଶିଲା ଏମନ୍ତ ପରି ।
କାମ ଯମୁନା ଜଳକେଳି ଇଚ୍ଛି । ସୁବର୍ଣ୍ଣ ନାବ କ୍ଷେପଣୀ କରିଛି ସେ ।
ଦୁବ ଯା କର୍ମଲି ହୋଇ ସେ ।
ଠାରେ କି ନାକ ନର ନାଗ ନଗରେ ଏ ସମାନେ ଶୋଭା ନାହିଁ ଯେ ।୧୪।

---

—ମୁଖଚନ୍ଦ୍ର ପାଖକୁ । ଏଠାରେ ରାହୁରୂପ କେଶ ବନ୍ଧା ହୋଇଥିବାରୁ ମୁଖ ଉପରକୁ ପଡ଼ିଲା ନାହିଁ ।

୧୨ । ଜ୍ୟୋତ ମୋତ ମଥାଜାଲି—ଜ୍ୟୋତିର୍ମନ୍ତ ମୋତିରେ ନିର୍ମିତ ମସ୍ତକର ଜାଲି ସଦୃଶ ଅଳଙ୍କାରବିଶେଷ । ଧଇର୍ଯ୍ୟ—ଯୁବକଙ୍କ ଧୈର୍ଯ୍ୟ ନାଶ କଲେ । ନୀଳମଣି ଧରଣୀରେ—ନୀଳମଣିମୟ ସ୍ଥାନକୁ ( ଗୃହ ଅର୍ଥରେ ) ଗବାକ୍ଷେ—ଝରକାରେ । ଶଶୀ—ଚନ୍ଦ୍ର । ସଦୃଶ—ତୁଲ୍ୟ । ଶ୍ୟାମଳ କମଳ କଳିରେ—ନୀଳପଦ୍ମ କଢ଼ରେ । ସୁଧା ବରଷା—ଅମୃତବିନ୍ଦୁ ବର୍ଷା ହେଲା କି ( ଅମୃତର କଣ୍ଠ ଧଳା ବୋଲି କଳ୍ପିତ )

୧୩ । ତାରତର—ଉଜ୍ଜ୍ୱଳତର । ରଞ୍ଜିଲେ—ମୁଗ୍ଧ କଲେ । ନବଘନରେ —ନୂଆ ମେଘରେ (ବର୍ଷି ନ ଥିବା ମେଘ ଭାବ କଳା ) । ଅର୍ଦ୍ଧଚନ୍ଦ୍ର ପଶିବାରୁ ରୁଚିର—ଶୋଭା । ନୀଳ ପୀତ ରଙ୍ଗ—ନେଳିଆ, ହଳଦିଆ, ଲାଲିଆ । ଗର୍ଭା—ମସ୍ତକର ଭୂଷଣ ନିମିତ୍ତ ପୁଷ୍ପମାଳା । ଇନ୍ଦ୍ରଧନୁ ପ୍ରଭା —ନୀଳବର୍ଣ୍ଣବିଶିଷ୍ଟ ଇନ୍ଦ୍ରଧନୁର ଶୋଭା । ଉପମେୟ—ସାଦୃଶ୍ୟ । ତୁଲେ —ସହିତରେ ।

୧୪ । ବଙ୍କ ଡଉଁରି-ବଙ୍କା ଡେଉଁରିଆ, ଅର୍ଦ୍ଧଚନ୍ଦ୍ରତୁଲ୍ୟ ସୁନା ଅଳଙ୍କାର । ହେମଦୁବଟିରି —ସୁନାର ଦୁବକେରି । କାମ—କନ୍ଦର୍ପ । ଯମୁନା ଜଳକେଳି—ଯମୁନା ନଦୀରେ ଜଳକ୍ରୀଡ଼ା (ନାବକେଳି) । ସୁବର୍ଣ୍ଣ ନାବ—ସୁନାର ଡଙ୍ଗା ହେଲା ବଙ୍କା ଡଉଁରିଆ । ଦୁବଟିରି ହେଲା କ୍ଷେପଣୀ—ଆହୁଲା । କର୍ମଲି

ସହଜେ ତ କତୁରିତ ଅଳକା । ପକାଇଲେ ଭୃଙ୍ଗଶ୍ରେଣୀରେ ତକା ।
ଦମ୍ଭ ଆରମ୍ଭ ବିନାଶନ ଆଶେ । ମଞ୍ଜୁଳ କଲେ ଅବତଂସ ଶେଷେ ।
ଏମନ୍ତ ଚିତ୍ତରେ ଭାଳି ଯେ ।
ମର୍କତ ନଳୀରୁ ବାହାର ଯାଉଛି କି ଅତି ଜ୍ୱଳିତ ଗୁଳି ଯେ । ୧୫ ।
ଅଳିକ ଊର୍ଦ୍ଧ୍ୱେ ଝିଲମିଲି ମାଳୀ । ଝଟକେ ଛଟକେ ଖଞ୍ଜିଲେ ଆଳୀ ।
ଏମନ୍ତ ଅଦ୍ଭୁତ ନ ଥିଲା ଦେଖା । ବିନା ମେଘରେ ସ୍ଥିର ବିଦ୍ୟୁତରେଖା ।
ପାଶକେ ଧାଡ଼ିଏ ତାରା ଯେ ।
ଇଚ୍ଛାରେ ନେତ୍ର ବନ୍ଦୀ ହେବ ମଣ୍ଡିଲା ଅନଙ୍ଗ ବିଚିତ୍ର କାରା ଯେ । ୧୬ ।
ଲଲାଟପଟ୍ଟ ଅର୍ଦ୍ଧଫର ପର । ମୃଗମଦ ତହିଁ ତିଳକ କର ।
ରାହୁ ବାଦ ଇଚ୍ଛି ନିଶାନାୟକ । ଭିଆଇ ଆଣି ଅଡ଼ଣି ସାୟକ ସେ ।
ରହିଛି ସଂଯତ ହୋଇ ଯେ ।
ଅଲଙ୍ଘ୍ୟ ନିୟମ ସୀମାକୁ ଲଙ୍ଘିଲେ ହାଣିମ ସଂଶୟ ନାହିଁ ଯେ । ୧୭ ।

---

ହୋଇ—ଥରି ଥରି । ଠାରେ—ଇଙ୍ଗିତ କରେ, ଇସାରା ଦିଏ । ନାକ—ସ୍ୱର୍ଗ । ନର—ମର୍ତ୍ତ୍ୟ, ନାଗ, ପାତାଳ; ନଗରେ—ପୁରରେ ।

୧୫ । ସହଜେ ତ—ସ୍ୱଭାବତଃ । କତୁରିତ ଅଳକା—କତୁରା ହୋଇଥିବା ଚୂର୍ଣ୍ଣକୁନ୍ତଳ (ଚୂନଚୂନିଆ ବାଳ) । ଭୃଙ୍ଗଶ୍ରେଣୀରେ—ଭଅଁରମାନରେ । ତକାପକାଇଲେ—ବୋବାଳି ଛାଡ଼ିଲେ । ସେମାନେ ଲଜ୍ଜାରେ ଭୋ ଭୋ କରି କାନ୍ଦିଲେ । ଚୂର୍ଣ୍ଣକୁନ୍ତଳ ଭଅଁରଶ୍ରେଣୀକୁ ଲଜ୍ଜା ଦେଲେ—ତାକୁ ଶୋଭାରେ ବଳି ପଡ଼ିଲେ । ଦମ୍ଭ ଆରମ୍ଭ—ଠେକପଣ ଓ ଚେଷ୍ଟା । ବିନାଶନ ଆଶେ—ନାଶ କରିବା ଉଦ୍ଦେଶ୍ୟରେ । ଶେଷରେ—କର୍ଣ୍ଣ ପାର୍ଶ୍ୱରେ । ମଞ୍ଜୁଳ ଅବତଂସ—ସୁନ୍ଦର ଭୂଷଣ କଲେ । କର୍ଣ୍ଣ ପାର୍ଶ୍ୱରେ ଚୂର୍ଣ୍ଣକୁନ୍ତଳକୁ ମୋଡ଼ି ସୁନ୍ଦର କର୍ଣ୍ଣଭୂଷଣ ସ୍ୱରୂପ କଲେ । ମର୍କତନଳୀରୁ—ନୀଳମଣିର ବନ୍ଧୁକରୁ । ଅତିଜ୍ୱଳିତ—ଅତି ଉଜ୍ଜ୍ୱଳ । ଗୁଳି—ଗୁଳା ।

୧୬ । ଅଳିକ ଊର୍ଦ୍ଧ୍ୱେ—କପାଳର ଉପରିଭାଗରେ । ଝଟକେ—ଶୀଘ୍ରରେ । ଛଟକେ—ଭଙ୍ଗୀରେ । ଆଳୀ—ସଖୀ । ଅଦ୍ଭୁତ—ଆଶ୍ଚର୍ଯ୍ୟ । ବିଦ୍ୟୁତରେଖା—ବିଜୁଳିର ଧାର । ଝିଲମିଲି ମାଳୀ—ସୁନାର ଉଜ୍ଜ୍ୱଳ ସୀମନ୍ତ ଭୂଷଣ । ପାଶକେ ଧାଡ଼ିଏ ତାରା—ଛୋଟ ଛୋଟ ସୁନାର ବା ମୋତିର ଝରା ହେଲେ ତାରାର ମାଳ । ଅନଙ୍ଗ—କାମଦେବ । ବିଚିତ୍ରକାରା—ଅଦ୍ଭୁତ କାରାଗାର ଘର । ଲୋକମାନଙ୍କ ଚକ୍ଷୁ ସେଥିରେ ଲାଖି ରହିବ ।

୧୭ । ଅର୍ଦ୍ଧଫର—ଅଧା ଢାଲ । ଲଲାଟପଟ୍ଟ—କପାଳଦେଶ । ମୃଗମଦ—କସ୍ତୁରୀ । ନିଶାନାୟକ—ଚନ୍ଦ୍ର । ଆଡ଼ଣି—ଢାଲ । ସାୟକ—ଖଣ୍ଡା ।

କର୍ଣ୍ଣେ ତାଙ୍କ ମଣ୍ଡଲେ ବତୁର । କବି ଗୀଷ୍ପତି ନାମ୍ଭ ଅଣି ଧର ।
ଜୀବ ଭାର୍ଗବଙ୍କୁ ବାନ୍ଧିଲା କି ସେ । ଆନନ ବେନିପାଶେ ବେନିପାଶେ ସେ
ନେତ୍ରାନ୍ତେ କରେ ତର୍ଜନ ଯେ ।
ଶ୍ରୁତରେ ଉପମା ନାହିଁ ତ ବୋଲନ୍ତି ତୁମ୍ଭେ କର କି ବର୍ଣ୍ଣନ ହେ ।୧୮।
ରତନ ଫୁଲ ଅତହିଁ ଯତନ । ଝଲକେ ଝଲକା ଏ ଅନୁମାନ ।
ହର ମାରଙ୍କୁ ଭସ୍ମ କରି ଦେଲା । ଏ ତା ଛନକ ରତିଠାରେ ଥିଲା ସେ
ଜଣି ଶୋଭାରେ ତାହାକୁ ଯେ ।
ଲୋକେ ବଢ଼ାଇ ଜାଣିମାକୁ ଛଡ଼ାଇ ମଣ୍ଡନ କଲେ ଏହାକୁ ଯେ ।୧୯।

---

ଲମ୍ବାଠ ହେଲା ଡାଲ, ତଳକ ହେଲା ଖଣ୍ଡା । ସଂଯତ—ସ୍ଥିର ଭାବରେ ଜଗି ଅଛ । ଅଳକା—ଚୂର୍ଣ୍ଣକୁନ୍ତଳ । ନ୍ୟୁମ ସୀମା—ଯଥାବଧି ସ୍ଥାନ- (ରହିବାର ପ୍ରାନ୍ତ ଦେଶ) । ଲଙ୍ଘିଲେ—ବଳକ ଗୁଲି ଆସିଲେ । କୁନ୍ତଳ ହେଲା ବାନ୍ଧ, ସେ ମୁହଁକୁ ଗୁଲି ଆସିଲେ ହାଣିବ । ଏହି ଉଦ୍ଦେଶ୍ୟରେ (ଅଦ୍ଭୁତ ଉପମା) ।

୧୮ । କର୍ଣ୍ଣେ—କାନରେ । ତାଠଙ୍କ—ତଡ଼କି ବା କାପ ଦୁଇଟି । କବି—ଶୁକ୍ର, କାବ୍ୟକର୍ତ୍ତା । ଗୀଷ୍ପତି—ବାକ୍‌ପତି; ବାକ୍ୟ ବ୍ୟବହାରରେ ସମସ୍ତଙ୍କଠାରୁ ଶ୍ରେଷ୍ଠ, ବୃହସ୍ପତି ବା ଗୁରୁ । ଜୀବ ଭାର୍ଗବଙ୍କୁ—ଗୁରୁ ଓ ଶୁକ୍ରଙ୍କୁ । ଆନନ ବେନିପାଶେ—ମୁହଁର ଦୁଇ ପାଖରେ । ବେନିପାଶେ—ଦୁଇଟା ଫାଶରେ । ଉଜ୍ଜ୍ୱଳତାରେ ବୃହସ୍ପତି ଓ ଶୁକ୍ର ନକ୍ଷତ୍ର ସଦୃଶ ହେତୁ ଶିକୁଳିରେ ଦୁଇଟି ତାଠଙ୍କ କାନରେ ବନ୍ଧାଥାଏ । ନେତ୍ରାନ୍ତେ—ନେତ୍ର-କୋଣର ଗୁଳନାରେ । ତର୍ଜନକରେ—ତିରସ୍କାର କରେ । ଶ୍ରୁତରେ—ବେଦରେ । କର୍ଣ୍ଣରେ ଉପମା ନାହିଁ—ତୁଳ୍ୟ ନାହିଁ ବୋଲି ସମସ୍ତେ କହନ୍ତି—ତୁମ୍ଭେ କବି ଓ ବାକ୍‌ପତି ହୋଇ କି ବର୍ଣ୍ଣନା କରୁଛ—ଏହିହେତୁ ତୁମ୍ଭେ ଦୁହେଁ ଦୋଷୀ; ସେହିହେତୁ ପାଶବଦ୍ଧ ଓ ତିରସ୍କାରର ପାତ୍ର । ତାଠଙ୍କ ଥିବା କର୍ଣ୍ଣର ଉପମା ନାହିଁ ।

୧୯ । ରତନ ଫୁଲ ଅତିହିଁ ଯତନ—ରତ୍ନ ଫୁଲ ଅତି ସୁନ୍ଦର । ଝଲକା—କର୍ଣ୍ଣଭୂଷଣ ବିଶେଷ । ଝଲକେ—ଜକ ଜକ ହୋଇ ଶୋଭା ପାଉଛି । ଅନୁମାନ—ସମ୍ଭାବନା, ତର୍କଣା । ହର—ମହାଦେବ । ମାର—କନ୍ଦର୍ପ । ଛନକ—ଛତା । ରତିଠାରେ—କନ୍ଦର୍ପର ସ୍ତ୍ରୀଠାରେ ଥିଲା । ଲାବଣ୍ୟବତୀ ଶୋଭାରେ ତାକୁ ବଳି ପଡ଼ିବାରୁ । ଲୋକେ—ସଂସାରରେ । ବଢ଼ାଇ ଜାଣିମାକୁ—ଲାବଣ୍ୟବତୀର ରତିଠାରୁ ବଡ଼ପଣ ଜାଣିବା ନିମନ୍ତେ ରତିଠାରୁ ତା ଛଡ଼ାଇ ଆଣି ଲାବଣ୍ୟବତୀକୁ ତଦ୍ଦ୍ୱାରା ଭୂଷିତ କଲେ ।

ମଲ୍ଲୀକଢ଼ି ତ ପରଂପରା କହି । ମଣିଲି ବେନି ଖଞ୍ଜା ପରି ସେହି ।
ଖଞ୍ଜିଲେ ସଜନୀ ଏହି ବିବେକେ । ଭ୍ରମିଲେ ପୁଂସ ମନ ଚଞ୍ଚରୀକେ ସେ ।
ତହିଁ କେ ପଡ଼ିବ ପୁଣି ଯେ ।
ବାଳୀ ବୋଲି ବାଳୀ ଗୁପତ ଶାଙ୍କୋଳ ପାଶରେ ରଖିଲା ଆଣି ଯେ ।୨୦
ନେତ୍ର ବାଣ ଭ୍ରୂରୁ କମାଣ ଯୋଗେ । ମରମକୁ ଭେଦେ ବନା ପ୍ରୟୋଗେ
ଯାହା କଜ୍ଜଳ ଗୁଣ ତହିଁ ଦେଲେ । ଆଉ କି ସଖୀ ସୃଷ୍ଟି ରଖିଥିଲେ ସେ
ବଡ଼ ବଙ୍କ ସୁକୁମାରୀ ଯେ ।
କୁତ୍ସିତ ଜୀବକୁ ଏ ଶସ୍ତ୍ରେ ମାରିବା ନ ବନେ ଏହା ବିଚାରି ଯେ । ୨୧ ।
ଶ୍ରବଣକୁ ଯାହା ଲଞ୍ଜୀ ଲାଗିଛି । ସେ କି ଅକ୍ଷିକି ତାକି ଶିଖାଉଛି ।
ବ୍ରହ୍ମହତ୍ୟା ହେବ ଧାତା ବଧରେ ।'ତୋ ଅରି କୁରଙ୍ଗ ହରି ତା ଧରେ ସେ
ପାରିଲେ ତାହାକୁ ମାରି ଯେ ।
କାହିଁଛୁ କାହିଁଛୁ ବୋଲି ଖୋଜିବାରେ ଚଞ୍ଚଳ ଗତିକି ତାରି ଯେ । ୨୨

---

୨୦ । ମଲ୍ଲୀକଢ଼ି—କର୍ଣ୍ଣଅଳଙ୍କାର ବିଶେଷ, ମଲ୍ଲୀଫୁଲର କୋରକ ବା କଳି । ପରମ୍ପରା– ଲୋକମାନେ ଧାରାବାହିକଭାବରେ, କ୍ରମାନ୍ୱୟରେ କହି ଆସୁଛନ୍ତି ବେନି—ଦୁଇଗୋଟି । ଖଞ୍ଜା—ଘେରା ହୋଇଥିବା ବାସସ୍ଥାନ । ଖଞ୍ଜିଲେ —କର୍ଣ୍ଣରେ ଯୋଗ କଲେ । ଏହି ବିବେକ—ଏହି ବିଚାରରେ । ପୁଂସମନ ଚଞ୍ଚରୀକେ—ପୁରୁଷଙ୍କ ମନ ହେଲା ଭଅଁର । ବାଳୀ—କନ୍ୟା; ବାଳୀ —ବାଉଳ, କର୍ଣ୍ଣଭୂଷଣ । ଶାଙ୍କୋଳ—ଶୃଙ୍ଖଳ; ବେଡ଼ି; ବାନ୍ଧିବାର ଜଞ୍ଜିର । ମଲ୍ଲୀକଢ଼ି ହେଲା କଇଦଘର, ପୁରୁଷମନ ସେଠାରେ ପଡ଼ିଲେ ବାଉଳ ହେଲା, ବେଢ଼ି ସେଥିରେ ବନ୍ଦୀହୋଇ ରହିବ । ୨୧ । ନେତ୍ର —ଆଖି, ହେଲା ବାଣ—ଶର । ଭ୍ରୂରୁ—(ଭ୍ରୂଲତା) ହେଲା କମାଣ— ଧନୁ । ମରମକୁ...ପ୍ରୟୋଗ—ବିନା ଶରଗୁଳନାରେ ହୃଦୟକୁ ବିଦାର୍ଣ୍ଣ କରୁଛି । କଜ୍ଜଳ ଆଖିରେ-କଜ୍ଜଳ ଦେବା ହେଲା ଗୁଣ-ଧନୁର ଦଉଡ଼ି । ସୃଷ୍ଟି—ଯୁବା ସୃଷ୍ଟି କି ରଖିଥିଲେ—ନାଶ କରିଥିଲେ । କଜ୍ଜଳ ରୂପ ଦଉଡ଼ି ଯୋଗ କରିବାରୁ ସଖୀମାନେ ସୃଷ୍ଟି କି ନାଶ କରି ସାରିଥିଲେ; ତହୁଁ ବୁଦ୍ଧିମତୀ ଲାବଣ୍ୟବତୀ । କୁତ୍ସିତ ଜୀବକୁ—ଇତର ପ୍ରାଣୀଙ୍କୁ, ସେ ଶସ୍ତ୍ର ଗୁଡ଼ୁ ନାହିଁ ।

୨୨ । ଶ୍ରବଣକୁ—କାନକୁ । ଲଞ୍ଜୀ—କଜ୍ଜଳକଳାର ଗାର । ଶିକ୍ଷା ଦେଉଛି —ଉପଦେଶ ଦେଉଛି । ଧାତା—ବିଧାତା, ବ୍ରହ୍ମା । ତୋ ଅରି କୁରଙ୍ଗ —ତୋର ଶତ୍ରୁ ହରିଣ—ହରିଣର ନୟନ ତୋ ସଙ୍ଗରେ ଶତ୍ରୁତା

ଘୋଣାରେ ଦେଲେ ମୋତି ନାକଚଣା । ଠିକଣା କଲି ଏ ଉପଲକ୍ଷଣା
ମାରି ନେବ ମନମୀନ ଓଠାରି । ଥୋପ ଲଗାଇ କି ବଡ଼ଶୀ ଧରି ସେ ।
ପୁଟକେ ମାଣିକ୍ୟ ଗୁଣା ଯେ ।
ଝଟକେ କି ଦିଶେ ଅନଳ ଜ୍ୟୋତି ସେ ଛଟକେ କରୁଛି ବଶା ଯେ । ୨୩
ଗଣ୍ଡେ ଗୃଣ୍ଡେ କରି ମକରୀ ଝଲି । ମୁକୁର ବିମ୍ବେ କି ତମାଳ ବଲ୍ଲୀ ।
ଚିବୁକେ ଭ୍ରମରୀ ଓଷ୍ଠ ବନ୍ଧୁକୁ । ମଧୁ ନ ପିଏ କି ଏହି ବିବେକୁ ସେ ।
ନାସାକୀର ଅଛି ଝାମ୍ପି ଯେ ।
ବିମ୍ବ ହୋଇଥିଲେ ଜମ୍ବୁ ଭାବି ମୋତେ ନ ପୁଣ ଚଞ୍ଚୁରେ ଚାପି ଯେ । ୨୪

କରୁଥିବା ହେତୁ ସେ ଶମ୍ଭୁ । ସେ ତୋ ଭୟରେ ହର—ମହାଦେବଙ୍କ ଠାରେ ଶରଣ ପଶିଛି । ମହାଦେବ ସ୍ୱହସ୍ତରେ ହରଣଶିଶୁକୁ ଧାରଣ କରନ୍ତି । କାହିଁଛି—କାହିଁ ଅଛି:—ଆଖିର ଗତି ଚଞ୍ଚଳ ହୋଇଛି ସେ ହରଣକୁ ଖୋଜିବାରେ । ଦୃଷ୍ଟିପାତ ଏଡ଼େ ସୁନ୍ଦର ଯେ ତାହା ବଳରେ ବ୍ରହ୍ମା ଓ ମହାଦେବ ମଧ୍ୟ ଜଡ଼ତା ଆଚରଣ କରିବେ—ହରଣ ତ ଦୂରର କଥା ।

୨୩ । ଘୋଣାରେ—ନାକରେ । ମୋତି ନାକଚଣା—ମୋତିବସା ନାକଚଣା । ଠିକଣା କଲି—ନିର୍ଣ୍ଣୟ କଲି । ଉପଲକ୍ଷଣା—ଉପମା । ମନମୀନ—ମନ ହେଲା ମାଛ । ଥୋପ—ମାଛ ଧରିବା ଲାଗି ବନସୀରେ ଲଗ ହେବା ଆହାର । ପୁଟକେ—ଅଳ୍ପ ଗୋଟିଏ ପୁଡ଼ାରେ, ମାଣିକ୍ୟ ଗୁଣା—ଲାଲମଣି (ମାଣିକ୍ୟ—ଲାଲଆ ମଣି—ଯାହାର ବର୍ଣ୍ଣ ସ ଧବଗର ବୋହୂର ପରି ) । ଝଟକେ—ଦୀପ୍ତିରେ । ଅନଳଜ୍ୟୋତି—ନିଆଁର ତେଜ । ଛଟକେ—ଲୀଳାରେ ଲୋକଙ୍କ ମନକୁ ବଶ କରୁଛି ।

୨୪ । ଗଣ୍ଡେ—ଗାଲରେ । ଗୃଣ୍ଡେ—ଶୀଘ୍ର । ମକରୀ ଝଲି—ଶୋଭାଯୁକ୍ତ ମଗର ଆକୃତିର ବକ୍ରରେଖା ବା ବନ୍ଧନୀ ( କସ୍ତୁରୀ ପ୍ରଭୃତି କଳାରଙ୍ଗରେ) ମୁକୁରବିମ୍ବେ—ଦର୍ପଣମଣ୍ଡଳରେ କି ଦେହରେ । ତମାଳବଲ୍ଲୀ—ତମାଳଲତା, ଏଠାରେ ପନ । ଚିବୁକେ—ଥୋଡ଼ିରେ । ଭ୍ରମରୀ—ଚିତ୍ରମାଛି । ସେ ମାଛି, ଓଷ୍ଠ ବନ୍ଧୁକୁ—ଅଧର ବିମ୍ବକୁ । ମଧୁ ନ ପିଏ କି ଏହି ବିବେକୁ—ଅଧରବିମ୍ବରୁ ଯେପରି ରସ ନ ପିଏ ଏହି ବିଚାରରୁ । ନାସାକୀର—ନାକ ହେଲା ଶୁଆ । ଝାମ୍ପି ଅଛି—ଢାଙ୍କି ରହିଅଛି । ଅଧର ଯେ ହେଲା ବିମ୍ବ—କଇଁଚ କାକୁଡ଼ି, ସେ ଭାବୁଛି ଯେ ମୁଁ ଯେବେ ଜମ୍ବୁଫଳ ହୋଇଥାନ୍ତି ସେ ମୋତେ ତା ଥଣ୍ଟରେ ଚାପିଦେଇ ଥାଆନ୍ତା—ଚିବୁକ ଓ ଓଷ୍ଠ ମଧ୍ୟରେ ଚିତ୍ରମାଛି ଅଙ୍କିତ ନାକ ଶୁକ ପକ୍ଷୀ ପରି ଓ ଅଧର—ବିମ୍ବପରି, ଯାହା କି ଜମ୍ବୁକୁ ଶୋଭାରେ ବଳି ପଡ଼ୁଛି ।

କଣ୍ଠେ ଦିଅନ୍ତେ ମୋତି ଗୁପସର । ରହିଲେ ଉପମାଏ ଅପସର ।
କି କମ୍ବୁ ଜିଣିଲା ଯଶ ପ୍ରକାଶ । ମତ୍ତ କପୋତେ କି କରୁଛି ହାସ ସେ ।
ଯୋଡ଼-ମାଳି କାଚମାଳୀ ଯେ ।
ଅଭି ମାଳଅଳି କେତେକ କହିବା ଯେତେକ ମଣ୍ଡିଲେ ଅଳି ଯେ । ୨୫ ।
ଫୁଲ ଲମ୍ବି କଲା ଚରମ ଶୋଭା । ଖେଳାଇବା ପାଇଁ ଭରମ ପ୍ରଭା ।
ଶରମେ କାମ କି ମଣ୍ଡନ କଲା । ନୀଳରଙ୍ଗ ପୀତବର୍ଣ୍ଣେ ଶୋଭିଲା ସେ ।
ବଚନ ଦୃଷ୍ଟି ପ୍ରକଟି ଯେ ।
କି ଇନ୍ଦୀବର ଶୋଣକଞ୍ଜ କୁମୁଦ ନିର୍ଜଳ ନଦୀରେ ଫୁଟି ଯେ । ୨୬ ।
ରୋମାବଳି-କର ଅଛି ପ୍ରସାରି । ଯଉବନ ଗଜ କୁଚ ଅମାରି ।
ଚୋଳ ଘୋଡ଼ଣୀ କି ମଣ୍ଡଣୀ ହାରି । ପ୍ରବାଳମାଳା କି ବଉଲ ଝରି ସେ ।
ପଦକ ମାହୁନ୍ତ ସ୍ଥାନୀ ଯେ ।
ଧନ୍ୟ ଧନ୍ୟ ରାମା ସୁଷମା କଲେ ତା ଏହି ଉପମାକୁ ଦେନି ଯେ । ୨୭ ।

---

୨୫ । ମୋତି ଗୁପସର—ମୋତିରେ ତିଆରି ଗୁମସର (କଣ୍ଠ ଅଳଙ୍କାରବିଶେଷ) ଉପମା—ଉପମାନ, ଅପସର—ହଟିଗଲେ; ତା ସରସମ କିଛି ନାହିଁ । କମ୍ବୁ—ଶଙ୍ଖ; ଯଶ ପ୍ରକାଶ—କୀର୍ତ୍ତିର ପ୍ରଭାବ । ଶଙ୍ଖ ଧଳା ଓ କୀର୍ତ୍ତି ଧଳା । କଣ୍ଠ ଶଙ୍ଖାକୃତି ହେତୁ ଓ ମୁକ୍ତାର ଗୁପସର ଯୋଗହେତୁ ଧବଳତାରେ ଯଶର ଧବଳତା ଠିକକୁ ବଳିପଡ଼ୁଛି । ମତ୍ତ କପୋତ—ହର୍ଷ ବା ମଦରେ ମତ୍ତଥିବା କପୋତର କଣ୍ଠ ଗୁଞ୍ଜନକୁ ସେ କଣ୍ଠ ଜିଣିଯାଇଛି । ଯୋଡ଼ମାଳି ଓ କାଚ ମାଳି, ମାଳ ଅଳି ମାଳାସବୁ ମଣ୍ଡିଲେ—ଖଞ୍ଜିଲେ; ଅଳି—ସଖୀମାନେ ।

୨୬ । ଫୁଲ—ପାଟଫୁଲ, ଝୁମ୍ପା । ଚରମ—ପିଠି । ଭରମ ପ୍ରଭା—ସୁନାର କାନ୍ତି । ଖେଳାଇବା ପାଇଁ—ଚୁଳିବା ପାଇଁ । ଶରମେ—ସୁଖରେ । କାମ—କନ୍ଦର୍ପ । ନୀଳରଙ୍ଗ ପୀତବର୍ଣ୍ଣେ—କେଶରଙ୍ଗ ନୀଳ—ପୀତ ହେଲା ତାର ପିଠିର ବର୍ଣ୍ଣ । ବଚନ—ଅତି ଆଶ୍ଚର୍ଯ୍ୟଜନକ । ଦୃଷ୍ଟି—ଦେଖା । ପ୍ରକଟି—ପ୍ରକାଶ ପାଇଲା । ଇନ୍ଦୀବର—ନୀଳକଇଁ (ବାଳ) ଶୋଣକଞ୍ଜ—ଲାଲ ପଦ୍ମ (ଫୁଲ) କୁମୁଦ—କଇଁ (ପିଠିର ବର୍ଣ୍ଣ) ନିର୍ଜଳ ନଦୀ—ଜଳ ନ ଥିବା ନଈରେ । ଏହା ପିଠିର ଶୋଭା ବର୍ଣ୍ଣନ ।

୨୭ । ରୋମାବଳି କର—ଉଦର ମଧ୍ୟରେ ଯେ ରୋମ ସମୂହର ରେଖା ସେ ହେଲା ହାତୀଶୁଣ୍ଢ, ପ୍ରସାରି—ଲମ୍ବାଇଛି । ଯଉବନ—ଯୁବାବସ୍ଥା ହେଲା ଗଜ (ହାତୀ) କୁଚ—ସ୍ତନ, ସେ ହେଲା ହାଉଦା । ଚୋଳ—କାଞ୍ଚୁଲା, ସେ ହେଲା ଘୋଡ଼ଣୀ—ହାଉଦା ଉପର ଢାଙ୍କୁଣି (ସ୍ତନର ଆବରଣ) । ମଣ୍ଡଣି

ବାହୁଟିସାର ଭିବ ଦେଲେ ତହିଁ । ଜ୍ଞାନ ତାଡ଼ନକୁ ତାଡ଼କୁ ବହି ।
ଅତୁଳ୍ୟଠାରେ ମଣିବନ୍ଧ ପଟଛି । ଅତୁଳ୍ୟ ମଣ୍ଡିଲେ ଅତ୍ୟନ୍ତ ସ୍ୱଚ୍ଛେ ସେ ।
ଦେଲେ ମରକତ ଚୁଡ଼ି ଯେ ।
କର ଚମ୍ପାଦାମ ଭ୍ରମରେ ଭ୍ରମରେ ଭ୍ରମରେ କି ଅବା ଜଡ଼ି ଯେ । ୨୮ ।
ସଖୀମାନେ ପାଞ୍ଚ ଅଙ୍ଗୁଳି ଗୃହି । କଲେ ପାଞ୍ଚ ପାଞ୍ଚ ନାଗ୍ରିଚ ଏହି ।
ପାଞ୍ଚନାଗ୍ରିଚ ଭସ୍ମ ହୋଇଲା ଦିନ । ଥୋଇଲା କି ଦେଖି ଏ ରମ୍ୟ ସ୍ଥାନ ସେ
ଭେଦିବ ପଞ୍ଚ-ମନକୁ ଯେ ।
ପଞ୍ଚରତ୍ନ ଦେଇ ପୂଜା କରିବା କି ବୋଲି ମୁଦି ଦେଲେ ତାକୁ ଯେ ।୨୯।

---

—ସାଜସଜ୍ଜା ହୋଇଲା ହାର—ହାର ପ୍ରବାଳ ମାଳା ହୋଇଲା ବଉଳଝଡ଼ି—ରଥ ଓ ହାଉଦାଦିରେ ମଣ୍ଡିତ ହେବା ମାଳ "ଉଚ ଖଟାଙ୍ଗ କୁଚ ବଉଳଝଡ଼ି" କୋ: ବ୍ର: ସୁ: । ପଦକ—କଣ୍ଠ ଭୂଷଣବିଶେଷ, ସେ ହୋଇଲା ମାହୁନ୍ତ—ହସ୍ତୀଚାଳକ । ସ୍ଥାଣୀ—ପ୍ରତିନିଧି ସ୍ଥାନରେ ବସିଛି । ରାମା—ସୁନ୍ଦରୀ (ବାମା ପାଠ ମଧ୍ୟ ଗ୍ରହଣୀୟ) ସୁଷମା—ଅତି ଶୋଭା ।

୨୮ । ବାହୁଟି ସାର... ..ତହିଁ—ବାହୁଟିକୁ ସାର ଏ ଏହା ଭିବ ବାହୁରେ——ସାର ଉତ୍କୃଷ୍ଟ ବାହୁଟି—ହସ୍ତାଭରଣ ବିଶେଷ । ଜ୍ଞାନ ତାଡ଼ନକୁ—ଜ୍ଞାନ ଭ୍ରଂଶ କରିବାକୁ । ତାଡ଼—ବାହୁର ଅଳଙ୍କାର ବିଶେଷ । ବହି—ଖଞ୍ଜି । ମଣିବନ୍ଧ—ହାତର କଟି ବା ପ୍ରକୋଷ୍ଠ । ପଟଛି—ଚଳକୁ (ମଣିରେ ବନ୍ଧା ହୋଇଲା ପରି ଯେ ମଣିବନ୍ଧ) । ଅତୁଳ୍ୟଠାରେ—ଅସମ ଯେ ବାହୁର ସ୍ଥାନରେ । ଅତୁଳ୍ୟ—ଖଡ଼ୁ (ଯାହାର ସମାନ ଅଳଙ୍କାର ଆଉ କେହି ନୁହେଁ) । "ବ୍ରହ୍ମାଣ୍ଡରେ ନାହିଁ ସେ ହସ୍ତ ତୁଲ କହିବା ତର୍କେ ବ୍ରହ୍ମା ତେଣୁ ଦେଲା ଅତୁଳ କରି ନାମ କଟକେ" ବୈ: ବି: । ସ୍ୱଚ୍ଛେ—ଭଲରୂପରେ । ମରକତ ଚୁଡ଼ି—ହରିତ୍ ନୀଳମଣି ନିର୍ମିତ ଚୁଡ଼ି । କର—ହସ୍ତକୁ । ଚମ୍ପାଦାମ ଭ୍ରମରେ—ଚମ୍ପାମାଳ ଭ୍ରାନ୍ତିରେ । ଭ୍ରମରେ ଭ୍ରମରେ—ଭ୍ରମରମାନେ । ଜଡ଼ି—ଲାଖି ରହିଛନ୍ତି କି ।

୨୯ । ପାଞ୍ଚ—ଭାବନା । ପାଞ୍ଚ ନାଗ୍ରିଚ—ପାଞ୍ଚଶର । ପଞ୍ଚନାଗ୍ରିଚ—ପଞ୍ଚଶର, ମଦନ । ରମ୍ୟ—ସୁନ୍ଦର । ଭେଦିବ ପଞ୍ଚମନକୁ—ମନ, କୁମନ, ବିମନ, ସୁମନ ଓ ଅମନ ବା ପଞ୍ଚଜ୍ଞାନ ଇନ୍ଦ୍ରିୟମାନଙ୍କୁ—ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ ବା ଚିତ୍ତ, ବୁଦ୍ଧି, ଅହଙ୍କାର, ମନ ଓ ଇନ୍ଦ୍ରିୟ । ପଞ୍ଚରତ୍ନ—କେତେକଙ୍କ ମତରେ ନୀଳା, ହୀରା, ପଦ୍ମରାଗ, ମୁକ୍ତା ଓ ପୋହଳା ବା ସୁନା, ରୂପା ମୁକ୍ତା; ରାଜାବର୍ତ୍ତି ଓ ପୋହଳା ବା ସୁନା, ହୀରା, ନୀଳା, ପଦ୍ମରାଗ ଓ ମୁକ୍ତା । ମୁଦି—ମୁଦ୍ରିକା ।

ହରିତାଳି କାଳୀ ଘେନି ବନିତା । ପଦ ଉପରେ ଉକୁଟିଲେ ଶିତା ।
ସୁନା କଚ୍ଛପ ବଧି ବିରଚନା । ଫୁଙ୍କିଲେ ତହିଁ ମରକତ ମୀନା ସେ ।
ଟିବଢ଼ରେ ସରୁ ଅଳତା ଯେ ।
ପାଟସୂତ୍ର ଫାନ୍ଦେ ଫାନ୍ଦିଲା ତାହାକୁ କିବା କଉତୁକୀ ଧାତା ଯେ । ୩୦ ।
ହଂସକ ଯାହାଟି ଖଞ୍ଜିଲେ ପାଦେ । ହଂସକୁ ଏମନ୍ତ କହିବ ନାଦେ ।
ଇଚ୍ଛାରେ ତ ସମ ନୋହେ ଗତିକି । ଭୀତ ନ ଲଭିବ କିଛି ଏଥିକି ସେ ।
ତୁମ୍ଭେ ତ ପୋଷିଲ ପକ୍ଷୀ ଯେ ।
ଅକ୍ଷି ନ ଥିବାର ମିତ୍ରେ ଲକ୍ଷିବାକୁ ତୁମ୍ଭର କି ଦୋଷ ଅଛି ଯେ । ୩୧ ।
ବଳା ପାଦେ ଅଛି ଅବଳା କେହି । ଏହି ବିଚାରେ କି ଖଞ୍ଜିଲେ ସହି ।
ହୋଇଅଛି ପୁଣି ଅତି ଝୁମକ । ଯୁବା ଚେତନା ଚମକ ଠମକ ସେ ।
ମଣ୍ଡିଲେ ମଞ୍ଜୁ ମଞ୍ଜୀର ଯେ ।
ନିପୁର ନିପୁରପର ଅତୁରକୁ ସ୍ମର କି ସାଜିଲା ତୂର ଯେ । ୩୨ ।

---

୩୦ । ବନିତା—ସ୍ତ୍ରୀ ସଖୀ । ହରିତାଳୀ ଓ କାଳୀ—ଏ ଦୁଇ ରଙ୍ଗ । ଉକୁଟିଲେ—ଚର୍ଚ୍ଚିତ କଲେ । ସୁନା କଚ୍ଛପ ବଧି ବିରଚନା—ସୁନା କଇଁଛର ରୂପ ଗଢ଼ିଲେ । ଫୁଙ୍କିଲେ...ମୀନା—ବଣିଆ ଯେପରି ସୁନାକାମ ଦେହରେ ଜଡ଼ାଉ କଲାବେଳେ ନିଆଁରେ ବସାଇ ଫୁଙ୍କି ଦିଏ ସେହିପରି ଏଠାରେ ନୀଳମଣି ଜଡ଼ିତ ହୋଇଛି । ବେଢ଼ରେ—ପାଦକରରେ । କଉତୁକୀ—ମଉଜିଆ । ଧାତା—ବ୍ରହ୍ମା । ପଟସୂତ୍ର—ଲାଲିଆ ସୂତାର । ଫାନ୍ଦେ—ଫାଶରେ । ଫାନ୍ଦିଲା—ବାନ୍ଧିଲା ।

୩୧ । ହଂସକ—ପାଦ ଅଳଙ୍କାରବିଶେଷ; ନୂପୁର ବା ପଦବଳୟ (ହଂସ ଇବ କାୟତି—ହଂସପରି ଶବ୍ଦ କରେ ବୋଲି ତା ନାମ ହଂସକ ) ହଂସକୁ—ହଂସପକ୍ଷୀକୁ । ନାଦେ ସ୍ୱ ମନୋହର ଶବ୍ଦରେ । ଲାବଣ୍ୟବତୀର ଗତିକି ସମାନ ନ ହୋଇ । ଭୀତି—ଭୟ । ଅକ୍ଷି ନ ଥିବାର—ଯାହାର ଆଖି ନାହିଁ—କଣା, ଶୁକ୍ର ତାଙ୍କ ନାମ କବି ତାଙ୍କର ମିତ୍ରେ—କବିମାନେ; ଲକ୍ଷିବାକୁ—ହଂସକ ସଙ୍ଗରେ ତୁଳନା କରିବା ନିମିତ୍ତ ଏହା ହୋଇଅଛି—ତୋର କିଛି ଦୋଷ ନାହିଁ । ହଂସର ଧ୍ୱନିଠାରୁ ହଂସକର ଶବ୍ଦ ମଧୁର ।

୩୨ । ବଳା...ସହି—ସେ କିରୂପେ ଅବଳା ତାହାର ତ ବଳା ଅଛି ଏହି ବିଚାରରେ ସଖୀମାନେ ତା ପାଦରେ ବଳାକୁ ଖଞ୍ଜିଲେ । ଝୁମକ—ଝୁମ ଝୁମ ଶବ୍ଦ, ଝଙ୍କାର । ଯୁବା...ଠମକ—ଯୁବକଙ୍କର ଚେତନାକୁ ଚମକାଇବାରେ ସେ ହେଲା ନାଗରୀ । ( ଠମକ—ନାଗରୀ ) । ମଣ୍ଡିଲେ—ଭୂଷିତ କଲେ ।

ଛନ୍ଦାଇବ ସେ ଝିଙ୍କାରୀ ଝଙ୍କାର । ବଢ଼ାଇବ ପୁଣି କାମ-ବିକାର ।
ପ୍ରପଦେ ଦେଲେ ଝୁଣ୍ଟିଆ ବାଜେଣୀ । ନ ଜାଣି କାହିଁକି ଏଡ଼େ ସାଜେଣି ସେ
ସହଚରୀ ହୋଇ ଲୋଭୀ ଯେ ।
ଶାଢ଼ୀ ପାଲଟିବା ପାଇଁ ସେ ଅବନୀ-ଶୋଭୀ କରାଇଲେ ଉଭା ଯେ । ୩୩ ।
ବାହାର କଲେ ନୀଳ-ଝୀନ-ଶାଢ଼ୀ । ସିନ୍ଦୂରୀ ଧଡ଼ୀ ଫୁଲ-ଲଙ୍ଗ ପଡ଼ି ।
ରଖିଲେ ରହିବ ମୁଠା ଭିତରେ । ସତେ ରଖିଥିଲେ ବଂଶ-ନଳିରେ ସେ ।
ଉଞ୍ଚିଲେ କୁଞ୍ଚିଲେ ସଖୀ ଯେ ।
ବାଲା ବଳ ଆଞ୍ଚି କାଚ୍ଛ ପିନ୍ଧାଇଲେ ଉପମାଏ ରୁଣ୍ଡ ଦେଖି ଯେ ୩୪ ।
ଉରଜେ ପଡ଼ି ମୋହିଲା ନେତ୍ରକୁ । ମୁଦ ଥୋଇଲା କି କଳାଛନ୍ଦକୁ ।
ସ୍ଫୁଟ ଦୁଇ ଲୁଚି ରୁଚି ଦଶିଲା । ଯନ୍ତ୍ରଭୂମ୍ମୀ କି ନୀଳକସ କଲା ସେ ।
ନିତକାଣ୍ଡ ରେଲ ଜଘନେ ଯେ ।
ରୋମାବଳୀଦଣ୍ଡମଣ୍ଡନଚିରାଳ ପରାୟୁ ପରତେ ମନେ ଯେ ୩୫ ।

---

ମଞ୍ଜୁ—ସୁନ୍ଦର । ମଞ୍ଜୀର—ନୂପୁର । ତ୍ରିପୁର—ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ । ତ୍ରିପୁରପର—ମହାଦେବ (ତ୍ରିପୁରାସୁରଙ୍କ ରିପୁ—ଶତ୍ରୁ—ମହାଦେବ ତ୍ରିପୁରକୁ ନିଜ ଶରାଗ୍ନିରେ ପୋଡ଼ିଥିଲେ) ଆଡରକୁ ଭୟ ଦେବା ନିମନ୍ତେ । ସ୍ମର—କନ୍ଦର୍ପ । ତୂର ସାଜିଲା—ତୂରୀ ଠିକ୍ କରି ବଜାଇଲା । ବିଗ୍‌ବିଜୟରେ ବାହାରି ।

୩୩ । ପ୍ରପଦେ—ପଦର ଅଗ୍ରଭାଗ ଅର୍ଥାତ୍ ଅଙ୍ଗୁଳିରେ ବା ପାଦର ବୁଢ଼ା ଆଙ୍ଗୁଠିରେ ବାଜେଣି—ଶବ୍ଦକାରୀ ଝୁଣ୍ଟିଆ, ସ୍ତ୍ରୀମାନଙ୍କର ପାଦଅଙ୍ଗୁଳିର ଅଳଙ୍କାର ବିଶେଷ, ମୁଦ୍ଦ ଆକାରର । ଝିଙ୍କାରୀ—ଝିଣ୍ଟିକାଜାତୀୟ ପୋକ; ଝଙ୍କାର—ଝୁଁ ଝୁଁ ଶବ୍ଦକୁ ଛଡ଼ାଇବ—ସେ ଅଉ ଲଜରେ ବା ଭୟରେ ଶବ୍ଦ କରିବ ନାହିଁ—"ଝିଲ୍ଲୀଡାକ କର୍ଣ୍ଣେ ଶୁଣି ଝୁଣ୍ଟିଆ ପଶୁଯେ ମଣି" ବି:ଚି: । କାମବିକାର—କାମଚେଷ୍ଟା । ସାଜେଣି—ସାଜ ସଜ୍ଜା । ସହଚରୀ—ସଖୀ । ପାଲଟିବା ପାଇଁ—ବଦଳିବା ପାଇଁ । ଅବନୀଶୋଭୀ—ପୃଥିବୀମଣ୍ଡନା ଲାବଣ୍ୟବତୀ । ଉଭା—ଠିଆ ।

୩୪ । ଝୀନ—ପାତଳ । ଲଙ୍ଗ—ଚିହ୍ନ । ଏତେ ସରୁ ଯେ ବଂଶନଳୀରେ—ବାଉଁଶ ନଳୀରେ ଉଞ୍ଚିଲେ; କୁଞ୍ଚିଲେ—ଲୁଗାକୁ ସଜାଡ଼ି କୁଞ୍ଚ ପକାଇଲେ । ଆଞ୍ଚି—କଳ । କାଚ୍ଛ ପିନ୍ଧାଇଲେ—ଭିଡ଼ି କଚ୍ଛ ମାରି ପିନ୍ଧାଇଲେ । ଉପମାଏ ରୁଣ୍ଡ—ଉପମାନ ଏକତ୍ର ।

୩୫ । ଉରଜେ—ସ୍ତନରେ । ନେତ୍ର—ଚକ୍ଷୁକୁ । ମୁଦ...ଛନ୍ଦକୁ—କଳାବର୍ଣ୍ଣ ଛନ୍ଦ (ଅସ୍ଫୁଟ ଛବି—ଯାହାକି ସ୍ତନାଗ୍ର ଯେ ଚୁଚୁକ ତା ସଙ୍ଗେ ସମାନ ବା

ନିବଡ଼ ନୀବୀ ଛବି ଗଲା ଜଣା । କାମମନ୍ଦିର ଜାଗ୍ରତକୁ ଠଣା ।
ରଖିଲେ ଲୁଣ୍ଠି ଆଗେ ଲମ୍ବି ପଡ଼ି । ଜାଣେ ମଦନ ଯାଇଥିଲା ପୋଡ଼ି ସେ ।
ଜୀବ ଦେବ କରେ ଶାନ୍ତି ଯେ ।
ଯୁବାଙ୍କ ଅଧୋଗତିକି ବର୍ଣ୍ଣିବ କି ତେମନ୍ତ ଏ ଧୂମପନ୍ତି ଯେ ୩୭ ।
ବାଜିବା ବେଳକୁ ଯେଉଁ ରସନା । ଯୋଗୀକି ବୋଲିବ ଯୋଗେ ରସନା
ଯୋଗୀଙ୍କି ବୋଲିବ ଯୋଗରେ ରସ । କଲା କେଳିରେ ନ ଲଭ ବରସ ସେ
ଭାବି କେଶରୀକଟିକି ଯେ ।
ଅତି ହରଷରେ ବାନ୍ଧିଲେ ବାନ୍ଧବୀ ବାଜେଣୀ କ୍ଷୁଦ୍ରଘଣ୍ଟିକି ଯେ । ୩୭ ।
ଭୁଞ୍ଜାଇଲେ ତହିଁ ଉତ୍ତରୁ ପାନ । ଏବେ ଅଧର ଦୁଜେ ପରସନ୍ନ ।
ବିଦ୍ରୁମ ଉପି ରଙ୍ଗାଇଲେ ପୁନ । ଅରୁଣ କଲା କି ସିନ୍ଦୂରେ ସ୍ନାନ ସେ ।

---

ମଣ୍ଡଳୀକ ରର ସ୍ତନାଗ୍ରକୁ କବି ଛତ୍ରରୂପେ ଗ୍ରହଣ କରି ଅଛନ୍ତି ) । ଶ୍ଳିଚ —ପିଙ୍ଗ । ରୁଚି—ସୁନ୍ଦର । ଯନ୍ତ୍ରତୁମ୍ବୀ—ଲାଉରେ ଯେ ବାଜା—ସୀତାର, ବୀଣା ଓ ତମ୍ବୁରା । ନୀଳକରୀ—ନେଳିଆ ରଙ୍ଗରେ କଣ୍ଠକୁ ବର୍ଣ୍ଣିଦିଆ । ଚେଲ—ବସ୍ତ୍ର । ଜଘନେ—ଜଙ୍ଘରେ । ତ୍ରିକୋଣ—ତିନିକୋଣିଆ ହୋଇ ଥାଏ । ରୋମାବଳୀ ଦଣ୍ଡମଣ୍ଡନ ଚଞ୍ଚଳ—ଉଦର ମଧ୍ୟସ୍ଥ ରୋମରେଖା ହେଲା ପତାକାର ବାଡ଼ି, ସେଥିରେ ଲଗା ହୋଇଥିବା ଚଞ୍ଚଳ—ପତାକା । ପରିସ୍ପୃ ପରତେ ମନେ—ପରି ମନରେ ବୋଧହୁଏ ।

୩୬ । ନିବଡ଼—ଦୃଢ଼ । ନୀବୀ—ସ୍ତ୍ରୀର କଟିବନ୍ଧନ, ଖୋସଣିର ଛବି—ଶୋଭା ବା ସ୍ୱରୂପ । କାମମନ୍ଦିର ଜାଗ୍ରତକୁ—ଗୁହ୍ୟ ଦେଶକୁ ପ୍ରବେଶ ବା ପ୍ରକାଶକୁ ଏ ହେଉଛି ଠଣ —ଉପଯୁକ୍ତ ସ୍ଥାନ, ସିକାକୁ ବାଟ । ରଖିଲେ —ରଚିଲେ । ଜଣେ......ଧୂମପନ୍ତି—ନୀଳ ଲୁଗାର ଶେଷଭାଗ ଯାହାକୁ ସଖୀମାନେ ଆଗରେ ଲୁଣ୍ଠିକରି ରଖିଲେ ତାହାକୁ ଗୁହିଁ ଏମନ୍ତ ଉତ୍ପ୍ରେକ୍ଷା ହେଲା କି ? କାମଦେବ ମହାଦେବଙ୍କ କୋପାନଳରେ ପୋଡ଼ି ଯାଇଥିଲା, ଏହା ସେ ଲାବଣ୍ୟବତୀ ଜାଣି ମଦନକୁ ଜୀବ ଦେବ ବୋଲି ତାହା ଶାନ୍ତ କାରଣ ଯୁବାମାନଙ୍କର ଅଧୋଗତି ହେବ, ଏପରି ବର୍ଣ୍ଣିବ କନ୍ଦର୍ପର ଅଭାବରେ ଯୁବକମାନଙ୍କର ଆଉ ଗତି ନାହିଁ । ପୋଡ଼ା ହେଉଥିବା ଲୋକ ଉପରେ ଜଳ ସେଚନ କଲେ ଧୂମ ଊର୍ଦ୍ଧ୍ୱଗତି କରେ । କନ୍ଦର୍ପ ଅଭାବରେ ଯୁବକମାନଙ୍କର ଏହିପରି ଅଧୋଗତି ହେବ । ସେହିପରି ଏ ଧୂମପନ୍ତି ଅଟେ ।

୩୮ । ଏକ ଅଧର—ପ୍ରଥମତଃ ଅଧର ଯାହା ବିମ୍ବଫଳ ପରି ଲାଲ ଦ୍ୱିତୀୟତଃ ନିର୍ମଳ । ବିଦ୍ରୁମ ଉପି—ପୋହଳା ବୋଳି, ପୁଣି ଲାଲ କଲେ ଯେପରି

ଶ୍ରୀକରେ ମୁକୁର ଦେଇ ଯେ ।
ହେଲି କି ନୋହିଲି ବୋଲି ପଚାରିଲେ ରମଣୀ ହସିଲି ହୋଇ ଯେ । ୩୮
ଘୋଡ଼ାଇ ଦେଲେ ଯେ ଜରି ଘୋଡ଼ଣୀ । ଶମ୍ପାରେ ଆଚ୍ଛାଦିତ ନିଶାମଣି ।
ରୋପଣି ଚିତ୍ର ଅତୁଳା ପିତୁଳା । କେ କଲା କରି କେହି ସ୍ଥିର ହେଲା ସେ
ଅକ୍ଷି ପକ୍ଷୀ-ଅଠାକାଠି ଯେ ।
ଘୋଡ଼ାଇ ଦେଲେ କି ଏହି ଭାବନାରେ ଦିନା କେତେ ଥାଇ ସୃଷ୍ଟି ଯେ ୩୯
ହିରଣ୍ୟ ତନୁରେ ଯେ ଯତକାରୀ । ଦାସବତ୍ସଳ ରାମ ନରହରି ।
ଧ୍ୟାନେ ଅର୍ଜିତ ଅଘକରୀ ହତ । ଜଦଇନ୍ଦ୍ର ବୀରବର ରଚିତ ଯେ ।
ରସିକସିନ୍ଧୁକୁ ଚନ୍ଦ୍ର ଯେ ।
କବି ସେ ଜାଣିମେ ଯେତେ ଶ୍ରମ ଏଥି ଏ ବେଶପେଶଲ ଛାନ୍ଦ ଯେ । ୪୦

---

ତାହି ହେଲା । ଅରୁଣ—ବାଲରବି, ସିନ୍ଦୂରରେ ଗାଧୋଇଲେ ଯାହା ଏ ତାହା । ଶ୍ରୀକରେ—ଶୋଭାଯୁକ୍ତ ହସ୍ତରେ । ମୁକୁର—ଆରଶି । ହେଲ......ହୋଇ—ଏ ବେଶ ମନକୁ ମାନିଲା କହିବାରୁ ସେ ହସିଲା ।

୩୯ । ଘୋଡ଼ଣୀ—ଓଢ଼ଣା । ଶମ୍ପାରେ—ବିଜୁଳିରେ । ନିଶାମଣି—ଚନ୍ଦ୍ର । ରୋପଣ—ଅତି ପତଳା ଲେପ ଯାହା ଲଗାଇଲେ ଜିନିଷର ଖୁବ ଉଜ୍ଜ୍ୱଳତା ବାହାରେ; ସେଥିରେ ଚିତ୍ର ମନୋହର ହୋଇଥିବା ଅତୁଳ ପିତୁଳା—ଅସମ ମୂର୍ତ୍ତି । କର କେହି—ହାତ କପରି । ଅକ୍ଷି ...କାଠ—ଅଠାକାଠିରେ ଯେପରି ପକ୍ଷୀ ଲାଗିଲେ ବନ୍ଦୀ ହୁଅନ୍ତି, ସେହିପରି ଏହି ଲାବଣ୍ୟବତୀର ମୂର୍ତ୍ତି ଦେଖି ସମସ୍ତେ ଜଡ଼ବତ୍ ବନ୍ଦୀ ହେବେ । ତାକୁ ଓଢ଼ଣିରେ ଘୋଡ଼ାଇ ଦେଲେ ସୃଷ୍ଟି ଆଉ କେତେ ଦିନ ଥାଉ ଅର୍ଥାତ୍ ସମସ୍ତେ ଧୈର୍ଯ୍ୟଚ୍ୟୁତ ହୋଇ ପ୍ରାଣ ହରାଇବେ ।

୪୦ । ରାମଙ୍କ ପକ୍ଷେ:—ହିରଣ୍ୟତନୁ—ସୁବର୍ଣ୍ଣ ଶରୀର ଯାହାର ଏପରି ଯେ କନକ ମୃଗ ତାହାର ଯତକାରୀ—ନାଶକାରୀ । ଦାସ ଯେ କେଉଟ ତାଠାରେ ସ୍ନେହଯୁକ୍ତ । ନରସିଂହ ପକ୍ଷରେ:—ହିରଣ୍ୟ ଯେ ହିରଣ୍ୟ-କଶିପୁ ତାର ତନୁ—ଦେହ ତାର ନାଶକାରୀ ପୁଣି ଦାସ ଯେ ପ୍ରହଲ୍ଲାଦ ତାଠାରେ ସ୍ନେହଯୁକ୍ତ । ଧ୍ୟାନେ ଅର୍ଜିତ—ଧ୍ୟାନରେ ପ୍ରାପ୍ତ । ଅଘ ରୂପ କରୀ-ହତ—ପାପରୂପ ହସ୍ତୀ ଯାହାଙ୍କ ଦ୍ୱାରା ନଷ୍ଟ ହୁଏ । ରସିକମାନେ ହେଲେ ସମୁଦ୍ର, ତାକୁ ଉଲ୍ଲାସ ପ୍ରଦାନ ବିଷୟରେ ସେ ଚନ୍ଦ୍ର । ବେଶ ପେଶଲ—ବେଶ ଚାତୁରୀ ।

## ପଞ୍ଚମ ଛାନ୍ଦ

### ରାଗ-ବସନ୍ତ

ଏହି ସମୟରେ ସୁନ୍ଦରୀ ଛାମୁରେ ପ୍ରଭୃମଞ୍ଜୁଳା ଜଣାଇଲା ।
ଅତି ମଧୁର ମଧୁଋତୁ ପ୍ରବେଶ କିଛି ଦିନ ହେଲା ହୋଇଲା ।
ଶ୍ରବଣ । କର ନାହୁଁ ନବ କାମିନୀ ।
ପିକ ବଚନେ ପୁନଃ ପୁନଃ ପ୍ରକାଶ କଲାନି ଅନ୍ଧାର ଯାମିନୀ । ୧ ।
ମଳୟଶିଖରୀଶିରୀ ଚୋର କରି ବହିଲାନି ମନ୍ଦ ସମୀର ।
ସୁମନାଙ୍କ ବାସ ଚୋରାଇ ନେବଟି ବୋଲି କହିଲାନି ଭ୍ରମର ।
କେଶର । କେଶରେ ହେଲେଣି ମଞ୍ଜୁଳ ।
କେଶରେ ମଣ୍ଡନ କରିବା ଭଳିରେ ଫୁଟିଲେଣି କେତେ ବଞ୍ଜୁଳ । ୨ ।
ମଲ୍ଲୀ ମାଧବୀ ମକରନ୍ଦସାଧବୀ ହେଲେଣି ବାନ୍ଧବୀ କାନନେ ।
ତୁଷାର ନାଶ ଗୃହି ହାସ ପ୍ରକାଶ କଲେଣି ପଙ୍କଜ-ଆନନେ ।
ହେଲାଣି । ଚର୍ଚ୍ଚରୀ ପ୍ରକଟ କଟକେ ।
ଅତନୁ ଫୁଲର-ବଶିଖ କାର୍ମୁକେ ଘେନି ତର୍ଜିଲାନି କାମୁକେ ୩ ।

---

୧ । ସୁନ୍ଦରୀ—ଲାବଣ୍ୟବତୀର । ଛାମୁରେ—ସମ୍ମୁଖରେ । ମଧୁର—ସୁନ୍ଦର । ମଧୁଋତୁ—ବସନ୍ତଋତୁ । ନବକାମିନୀ—ନୂତନ ସ୍ତ୍ରୀ, ପ୍ରାପ୍ତଯୌବନା । ଅନ୍ଧାର ଯାମିନୀ—କୁହୁ (ଅମାବାସ୍ୟା ତ୍ୱମାବସ୍ୟା ଦର୍ଶଃ ସୂର୍ଯ୍ୟେନ୍ଦୁସଙ୍ଗମଃ, ସାଦୃଷ୍ଟେନ୍ଦୁଃ ସିନୀବାଲୀ ସା ନଷ୍ଟେନ୍ଦୁକଳା କୁହୂଃ—ଅମର) ପିକ କୁହୁ କୁହୁ ରବ ଦେଲା ।

୨ । ମଳୟଶିଖରୀଶିରୀ—ମଳୟ ପର୍ବତର ସମ୍ପଦ ହେଉଛି ଚନ୍ଦନ ଗନ୍ଧ । ମନ୍ଦ ସମୀର—ଗନ୍ଧ ବହନ କରିଥିବାରୁ ଅତି ଧୀର—ଦକ୍ଷିଣା ପବନ । ସୁମନାଙ୍କ ବାସ—ଫୁଲଙ୍କ ଗନ୍ଧ, ସ୍ତ୍ରୀଙ୍କ ବସ୍ତ୍ର । କେଶର—ନାଗେଶ୍ୱର ଗଛ । କେଶରେ—କଞ୍ଜଳ ବା ଫୁଲର କେଶ କାର ନାଡ଼ୀ । କେଶରେ—ଜୁଡ଼ାରେ । ମଞ୍ଜୁଳ—ସୁନ୍ଦର । ବଞ୍ଜୁଳ—ଅଶୋକ ବା କେଶର । କେଶର ହେଲେଣି ମଞ୍ଜୁଳ—ବଉଳ ଓ ନାଗେଶ୍ୱର ଗଛମାନ ଫୁଲରେ ସୁନ୍ଦର ଦିଶିଲେଣି । ୩ । ମକରନ୍ଦ ସାଧବୀ—ପୁଷ୍ପରସରେ ପୂର୍ଣ୍ଣ ହୋଇ କାନନେ— ବନରେ ବାନ୍ଧବୀ ହେଲେଣି—ମିତ୍ର ହେଲେଣି—କାନନରେ ଫୁଟିଲେଣି । ତୁଷାର—ହିମ । ପଙ୍କଜ—ପଦ୍ମ । ଆନନେ—ମୁଖରେ । ପଦ୍ମ ଫୁଟିଲାଣି । କଟକେ—ନଗରରେ । ଚର୍ଚ୍ଚରୀ—ଉତ୍ସବ ବା ଗାନବାଦ୍ୟ । ଅତନୁ—କନ୍ଦର୍ପ । ଫୁଲର ବଶିଖ—ଫୁଲଶର (ଅରବିନ୍ଦ, ଅଶୋକ, ଚୂତ

ଦୋଳା ଲୀଳା ସରଗଲ୍ପନ ହରିର ଶରୀର ହେଲାଣି ସ୍ୱେଦକୁ ।
ଚନ୍ଦନ କର୍ପୂର ସୁଧାଲେପପୁର ବ୍ୟଞ୍ଜନ ବଢ଼ାଇ ମୋଦକୁ ।
ଚତୁର । ଜାଣି ନ ଥିବୁ ତୁ କପାଇଁ ।
ଅତି ଅଭିରାମ ଆରାମ ଦେଖିବା ବିଜେ କରିବାକୁ ଜଣାଇଁ । ୪ ।

ସଜନୀନିକର ଜାଣି ସୀତ୍କାର ମାର୍ଗ ପରିଷ୍କାର ରଖିଲେ ।
ଅମଳ କମଳକୋମଳଚରଣ ପୀଡ଼ା ନୋହିବାକୁ ପାଞ୍ଚିଲେ
ପଣୀରେ । ଗନ୍ଧସାର ଗୋଳି ସିଞ୍ଚିଲେ ।
ଯୁବତୀ ସେବତୀ ପାଖୁଡ଼ା ମିଶାଇ ଘନସାର ଚୂର ବିଞ୍ଚିଲେ । ୫ ।

ଝରି ପରିଖ ବଟଣା ପାନମୁଣା ସଜନୀ ସଜାଡ଼ିଲେ ତହିଁ ।
ମନ୍ତ୍ରିନନ୍ଦନୀ ଜଗତବନ୍ଦନୀକୁ କରଭର ଦେଇ ଉଠାଇ ।
ସୁନ୍ଦରୀ । ସୃଷ୍ଟି-ରାଜା ରାଜକୁମାରୀ ।
ବତୁର ଶ୍ୱେତ ଆତପତ୍ର ଟେକିଲେ ଚାମର ଚାଳନ ପ୍ରଚୁର । ୬ ।

---

ନବମାଲିକା ଓ ନୀଳୋତ୍ପଳ) । କାର୍ମୁକେ—ଧନୁରେ । ଯୋଜ—ଆରୋପ କରି । ତର୍ଜିଲାଣି—ଧମକ ଦେଲାଣି । କାମୁକଙ୍କର ମନରେ କାମ ଉଦୟ ହେଲାଣି । ୪ । ଦୋଳାଲୀଳା—ଦୋଲ ଉତ୍ସବ । ହରିର—କୃଷ୍ଣଙ୍କର । ସ୍ୱେଦକୁ—ଝାଳକୁ, ଗରମ ହେତୁ ଝାଳ ବୋହିଲାଣି । ସୁଧାଲେପପୁର—ଚୂନବୋଳା ଘର—କୋଠାଘର । ବ୍ୟଜନ—ବିଚଣା । ମୋଦକୁ—ହର୍ଷକୁ ଏସବୁ ଗରମରେ ପ୍ରୀତିକର । ଅଭିରାମ—ସୁନ୍ଦର । ଆରାମ—ଉପବନ, ପୁଷ୍ପବାଟିକା ଅର୍ଥାତ୍ ଫୁଲବଗିଚା ।

୫ । ସଜନୀନିକର—ସଖୀସବୁ । ସୀତ୍କାର—ଅଙ୍ଗୀକାର । ମାର୍ଗ—ବାଟ । ଅମଳକମଳ କୋମଳଚରଣ—ଶୁଭ୍ର ପଦ୍ମ ସଦୃଶ କୋମଳ ପାଦ । ପଣୀରେ—ସୁବାସ ଜଳରେ, ଉତ୍ତମ ଜଳରେ । ଗନ୍ଧସାର —ଚନ୍ଦନ । ଯୁବତୀ—ସଖୀମାନେ ବା ହଳଦୀ । ଘନସାର—କର୍ପୂର । ୬ । ଝରି—ଗଡ଼ୁ, ଏକ-ରକମ ଲୋଟା । ପରିଖ—ପିକଦାନୀ । ପାନମୁଣା—ପାନର ଥଳି ବା ଡବା । ମନ୍ତ୍ରୀନନ୍ଦନୀ—ମନ୍ତ୍ରୀଝିଅ । ଜଗତବନ୍ଦନୀକୁ—ସଂସାରପୂଜ୍ୟାକୁ । କରଭର—ହାତପଇଠ କରି । ରାଜକୁମାରୀ—ରାଜକନ୍ୟା । ସୃଷ୍ଟି ରାଜା—ସ୍ତ୍ରୀ ସୃଷ୍ଟି ଅର୍ଥାତ୍ ସ୍ତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠଭୂତା । ଶ୍ୱେତ ଆତପତ୍ର—ଧଳା ଛତା (କଳା ଛତା ଆତପ ଆକର୍ଷଣ କରେ ବୋଲି ତା ପ୍ରକୃତରେ ଗ୍ରହଣୀୟ ନୁହେ ) । ଚାମର ଚାଳନ ପ୍ରଚୁର—ଚାମର ପକାଇ ପକାଇ ।

କେଉଁ ପ୍ରବୀଣା ବୀଣାକୁ ବଜାଉଛି ଯାଉଛି ପ୍ରତୀତ ହୋଉଛି ।
ବନ୍ଧୁରେ ବନ୍ଧୁର ବୀଥିଟି ଏଥିରେ ସାବଧାନ ଥାଅ କହୁଛି ।
ଗମନେ । କେମାର ମୋ ମନେ କରଇଁ ।
ମନମଥ ରଥଯାତ୍ରା କି କରୁଛି ପଥ ମନୋରଥ ପୂରେଇଁ । ୭ ।

ଲଲାଟେ ଲପନ ଚନ୍ଦ୍ର ଦରପଣ ଚିକୁର ଚାମର ଯହିଁରେ ।
ତରଙ୍ଗ କୁରଙ୍ଗ-ନୟନ ତୁରଙ୍ଗ କି ରଙ୍ଗ କରଇ ତହିରେ ।
କଳଶ । ଚକ୍ର କୁଚ ଶ୍ରୋଣୀ ଚଟୁଳ ।
କଟିମେଖଳା ଘଣ୍ଟି ଯହିଁ ପ୍ରକଟି ଅଞ୍ଚଳ-ପତାକା ଚଞ୍ଚଳ । ୮ ।

ଶୋଭି ଏ ବିଧିରେ ପ୍ରବେଶ ସଧୀରେ ପୀନ-ସ୍ତନାଏ ବିପିନରେ
ବୁଲିବା ଖେଳିବା କୁସୁମ ତୋଳିବା ଆରମ୍ଭିଲେ ତୋଷ ମନରେ ।
ତହିଁରେ । ଛଳଉକ୍ତିମାନ କହିଲେ ।
ଶୁଣି ପରଭୃତ ଚକିତ ସ୍ତକିତ ମୁନି ବିଭୂତିକ ବହିଲେ । ୯ ।

---

୭ । ପ୍ରବୀଣା—ବାଦ୍ୟକୁଶଳା । ପ୍ରତୀତ—ବୋଧ, ଜଣା । ବନ୍ଧୁରେ—ମିତ୍ରରାଜ କନ୍ୟାକୁ । ବନ୍ଧୁର—ଉଚ୍ଚା ନୀଚ୍ଚ, ଅସମତଳ । ବୀଥି—ମାର୍ଗ, ବାଟ । ସାବଧାନ—ହୁସିଆର । ମନମଥ—କାମଦେବ । ମନୋରଥ ପଥ—ନିଜ ଇଚ୍ଛାର ମାର୍ଗ ।

୮ । ଲଲାଟଲପନ ତାର—ଭାଲ ଓ ମୁଖ ହେଲା ରଥର ଚନ୍ଦ୍ର ( ସୁନାର ଚନ୍ଦ୍ର) । ଦରପଣ—ଆରଶି । ଚିକୁର—କେଶ ହେଲା ଚାମର—ରଥର ଚଅଁର । ତାର ତରଙ୍ଗକୁରଙ୍ଗ ନୟନ—ଚଞ୍ଚଳ ହରିଣ ନୟନ ହେଲା ରଥର ତୁରଙ୍ଗ—ଅଶ୍ୱ । ରଙ୍ଗ—ନୃତ୍ୟ ଓ ଝପଟ । ଚଟୁଳ—ଥଇବା, ଚଞ୍ଚଳ ବା ସୁନ୍ଦର । କୁଚ ଓ ଶ୍ରୋଣୀ—ସ୍ତନ ଓ ପିଚ୍ଛ ହେଲେ ରଥର କଳଶ ଓ ଚକ୍ର । କଟିମେଖଳା—ଅଣ୍ଟାସୂତା ବା କିଙ୍କିଣୀ ସେ ହେଲା ରଥର ଘଣ୍ଟି । ପ୍ରକଟି—ପ୍ରକାଶ ପ.ଏ । ଅଞ୍ଚଳ—ତାର ଲୁଗାକାନି ହେଲା ରଥର ଚଞ୍ଚଳ ପତାକା ।

୯ । ବିଧିରେ—ପ୍ରକାରରେ । ସଧୀରେ—ଝୁଲି ଝୁଲି ଯିବାରୁ ଅସ୍ତେ ଅସ୍ତେ । ପୀନସ୍ତନାଏ—ବଡ ସ୍ତନାଏ, ସୁନ୍ଦରୀମାନେ । ବିପିନରେ—ବନରେ । ଛଳଉକ୍ତିମାନେ—ପରିହାସରେ ବକ୍ର କଥାସବୁ । ଯେଉଁ ମଧୁର କଥାମାନ ଶୁଣି ପରଭୃତ—କୋକିଳ । ଚକିତ—ଆଶ୍ଚର୍ଯ୍ୟ ହୋଇ । ସ୍ତବ୍ଧ—ଥକା, ଜଡ଼ ହୋଇ । ମୁନିବିଭୂତିକ—ମୁନିର ସମ୍ପଦ କି ମୌନ ଦଶା. ସେ ଅଜପା ମନ୍ତ୍ର ଜପିବାରୁ ବା ସମାଧିସ୍ଥ ହୁଏ ବୋଲି ସେ ଜଡରେ

କହେ ଏକ ନାରୀ ବିଶେଷେ ସୁନାରୀ ଏ ଦେଶରେ ବାସ କରିଛୁ ।
ଭୃଙ୍ଗ କିଂପୁରୁଷ ଚଞ୍ଚଳ-ମାନସ ଏଥି ତହିଁ ପୁଣ ଯାଉଛୁ ।
ତହିଁକି । ଛଳି କହିଲା କହିଁ ଭୀରୁ ।
ମହାବିବେକୀ ହୋଇ ତୁ କିପାଇଁ ମଧୁପନାମକୁ ବିସୋରୁ । ୧୦ ।

ଏକକୁ ଚାହିଁ ଆରେକ ସଖୀ କହି ନିକଟେ ନାଗେଶ୍ୱର ମୋର ।
ହୋଇଲା ହୋଇଥାଇଟି ନାଗେଶ୍ୱର ସୁପର୍ଣ୍ଣରେ କର ଆଦର ।
ସେ ଛଳେ । ଚିହ୍ନିଲା ନାଗେଶ୍ୱର କହି ।
ସୁମନାଭୂଷଣ ସମ୍ପତ୍ତି ପାଇବ ତାରପରେ ଯାଇ ଆରୋହ । ୧୧ ।

---

ନାମ ଭଜନ ବା ଗାନ କରେ ନାହିଁ ! କୋକିଳ ସବୁ ସେ ସ୍ତ୍ରୀଙ୍କ ମଧୁର ଆଳାପ ଶୁଣି ଭୀତ ଓ ଲଜ୍ଜିତ ହୋଇ ଚୁପ ହୋଇ ରହିଲେ ।

୧୦ । ସୁନାରୀ—ଉତ୍ତମ ନାରୀ ଓ ସୁନାରୀ ଫୁଲ । ଭୃଙ୍ଗ—ଭଅଁର । କିଂପୁରୁଷ—କୁତ୍ସିତ ପୁରୁଷ । ଚଞ୍ଚଳ ମାନସ—ଅସ୍ଥିର ମନରେ । ଯେପରି କୁତ୍ସିତ ପୁରୁଷ ଗୋଟିଏ ସ୍ତ୍ରୀ ଛାଡ଼ି ଅନ୍ୟ ସ୍ତ୍ରୀ ନିକଟକୁ ଯାଏ ସେହିପରି ଭ୍ରମର ସୁନାରୀ ଫୁଲ ଛାଡ଼ି ଅନ୍ୟ ଫୁଲ ପାଖକୁ ଯାଉଛୁ ବା ଭୃଙ୍ଗ ଓ କିଂପୁରୁଷ, ଭୃଙ୍ଗ—ଭଅଁର ଓ ଲମ୍ପଟ । କିଂପୁରୁଷ—କନ୍ନର ଓ କୁତ୍ସିତ ପୁରୁଷ, ଏ ଅର୍ଥ ମଧ ହୋଇପାରେ ( ଭଅଁର ଫୁଲରୁ ରସ, କନ୍ନର ବେଶ ନିମନ୍ତେ ପୁଷ୍ପ ) । ଛଳ—ପରିହାସ କରି ବକ୍ରୋକ୍ତିରେ କହିଲା । ମହାବିବେକୀ—ବଡ଼ ବିଚାରଶୀଳ ହୋଇ । ମଧୁପ—ଭଅଁର ଓ ମଦୁଆ ନାମ ବିସୋରୁ—ଭୁଲି ଯାଉଛୁ । ( ଭଅଁର ମଧୁ ସଂଗ୍ରହ ନିମିତ୍ତ ମଦ୍ୟପ ଅସଚ୍ଚରିତ୍ର ଅର୍ଥାତ୍ ଲମ୍ପଟ ) ।

୧୧ । ନାଗେଶ୍ୱର—ନାଗେଶ୍ୱର ଫୁଲ । ନାଗେଶ୍ୱର—ନାଗେଶ୍ୱର ଫୁଲ ଓ ସର୍ପଶ୍ରେଷ୍ଠ । ସୁପର୍ଣ୍ଣ—ପଳାଶ ଓ ଗରୁଡ଼ । ନାଗେଶ୍ୱର—ଐରାବତ । ସୁମନା ଭୂଷଣ ସମ୍ପତ୍ତି—ଇନ୍ଦ୍ର ସମ୍ପତ୍ତି । ଆରୋହ—ଚଢ଼ । ଜଣେ ସଖୀ କହିଲା, ମୋର ଏହି ନାଗେଶ୍ୱର ଫୁଲ ଗଛ । ଅନ୍ୟ ଜଣେ କହିଲା, ନାଗେଶ୍ୱର ଯେବେ ହେଲା ତେବେ ହେଉ ପୁଣି ସୁପର୍ଣ୍ଣରେ କି ପଳାଶରେ ଆଦର କର । ବକ୍ରୋକ୍ତିରେ—ଏ ଯେବେ ନାଗେଶ୍ୱର ଅର୍ଥାତ୍ ସର୍ପଶ୍ରେଷ୍ଠ ବୋଲି କହୁଚ ତେବେ ସୁପର୍ଣ୍ଣରେ ଗରୁଡ଼କୁ ଆଦର କଲେ ଭୟ ଭାଙ୍ଗିଯିବ । ସେ ଛଳ କହିଲା ନାଗେଶ୍ୱର—ହସ୍ତୀ ଶ୍ରେଷ୍ଠ—ଐରାବତ କହ । ସୁମନାଭୂଷଣ—ଦେବତାଙ୍କ ମଣ୍ଡନସ୍ୱରୂପ ଯେ ଇନ୍ଦ୍ର ତାଙ୍କ ସମ୍ପତ୍ତି ପାଇବୁ । ତା ଉପରେ ଆରୋହ—ଚଢ଼ ।

କେ କାହାକୁ କହେ ମୋହପାଇଁ ସଖି ରଖିଥିବୁ ଏକା କରୁଣା ।
ଦେବବଲ୍ଲଭରୁ ଲଭିବାକୁ ତୋତେ ବିଧାତା କଲାନି ଫୁରୁଣା ।
ସେ ଶୁଣି । ବୋଇଲା ଏ କଥା ଛାଡ଼ ରେ ।
ଖୋଜିଲେ ନ ପାଇ ମୁଁ ବନ୍ଧୁ ଜୀବକୁ ପଡ଼ିଲି ବରାହ ଦାଢ଼ରେ । ୧୨ ।
କେଉଁ ଗୃହଦ୍ୱାରେ ଚତୁରୀଏ କହେ ସହଚରୀ ମୁଖ ଅନାଇଁ ।
ବଶ କରବୀରେ ହୋଇଲା ଜତ୍ୱରୁ ମଲ୍ଲି ମଲ୍ଲି ହୋଉ କିପାଇଁ
ସେ ବୋଲେ । ଭଙ୍ଗୀରେ ଅଳିକି ଚେତାଇ ।
ନାଆଳୀ ହେଲାନି ଦେଖିଲି ଜତ୍ୱରୁ ପଲାଶପାଶେ ଯା ଗମଇଁ । ୧୩ ।
କେ କହେ ଅଶୋକ ଲଭିଲୁ ବଲ୍ଲଭୀ କେତକୀ ହେଲାଣି ମୋହର
ସେ କହେ ସୁବର୍ଣ୍ଣକାନ୍ତିହର ସେହୁ ଦୋଡ଼ାଇ ଯିବୁଟି ଶରୀର ।

---

୧୨ । କରୁଣା—ଦୟା ଓ ଫଳବିଶେଷର ଗଛ । (ଏଠାରେ ଫଳ, ହେଉଛି ଲେମ୍ବୁଜାତୀୟ) ଦେବବଲ୍ଲଭ—ଇନ୍ଦ୍ର (ଇନ୍ଦ୍ରଙ୍କ ପରି ସ୍ୱାମୀ) ଓ ପୁନ୍ନାଗ ଗଛ । ବିଧାତା—ବ୍ରହ୍ମା । ଫୁରୁଣା—ସ୍ଫୁର୍ତ୍ତି । ଖୋଜିଲେ...ଜୀବକୁ—ହେ ବନ୍ଧୁ ଖୋଜିଲେ ମୁଁ ଜୀବକୁ—ପ୍ରାଣକୁ (ପ୍ରାଣପତିକୁ) ନ ପାଇ—ପାଉ ନାହିଁ ବନ୍ଧୁଲି ଫୁଲକୁ ମୁଁ ଖୋଜି ପାଉନାହିଁ । ବରାହ ଦାଢ଼ରେ—ବରାହ ଦାନ୍ତ ଆଗରେ ପଡ଼ିଲି କି ମଲି ଓ ବରେହାଦାଢ଼ ଫୁଲ ଅଗରେ ପାଇଲି ।

୧୩ । ଚତୁରୀଏ—ଏକ ଚତୁର ସ୍ତ୍ରୀ । ଗୃହଦ୍ୱାରେ—ଛଟକରେ । ବଶ...... କିପାଇଁ—କନିଅର ଫୁଲରେ ବଶ ହେଲା ଉତ୍ତାରୁ ମଲ୍ଲୀ ମଲ୍ଲୀ ଫୁଲ ବୋଲି କାହିଁକି ହେଉଛୁ, ଅନ୍ୟାର୍ଥରେ—ବୀରେ—ଏକ ବୀର ପୁରୁଷ । ବଶକରି —ବଶହେଲା ଉତ୍ତାରୁ ମଲ ମଲ (ମରିଗଲି ମରିଗଲି) କାହିଁକି ମିଛରେ ହୋଉଛୁ । ଭଙ୍ଗୀରେ ସେ—ଚତୁର୍ଯ୍ୟରେ ସେ । ଅଳିକି—ସଖୀଙ୍କୁ । ଚେତାଇ—ବୁଝାଇ । ନାଆଳୀ...... ଗମଇଁ—ନାଆଳୀ ଫୁଲ ତ ଫୁଟିଲାଣି, ସେଥିରେ ବାସ ଅଛି—କାହିଁକି ନିର୍ଗନ୍ଧ ପଲାଶ ଫୁଲ ନିକଟକୁ ଯାଉଛୁ (ନିର୍ଗନ୍ଧା ଇବ କିଂଶୁକାଃ) । ନାଆଳୀ ନିର୍ଗତ ହୋଇଛୁ ଆଳୀ ସଙ୍ଗିନୀ ଯାହାର—ଏକାକିନୀ ହେବା ଦେଖିବା ଉତ୍ତାରୁ ପଲାଶ—ବ୍ୟାଘ୍ର ପାଶକୁ ଯେ ଗମଇ, ମରିବାକୁ ଯାଉଛୁ ବା ବୀରପୁରୁଷ ବଶକର ହେଲା ଉତ୍ତାରୁ ତୁ କାହିଁକି ମଲ ମଲ ବୋଲୁଛୁ । ତହୁଁ ସେ କହିଲା ନାଆଳୀ —ଅଗ୍ନିସମୂହ ହେଲାନି—ଏମନ୍ତ ଦେଖିଲି ଉତ୍ତାରୁ ସେ ପଲାଶ ପାଖକୁ ଯାଉଛି—ପଲାଶ ଉପରେ ଅଗ୍ନି ଆରୋପ କରା ହେଉଛି (ବର୍ଣ୍ଣ ସାଦୃଶ୍ୟରୁ)

୧୪ । ଅଶୋକ—ଅଶୋକଫୁଲ, ଶୋକ ନାହିଁ ଏହି ଅବସ୍ଥାକୁ ଲଭିଲୁ । ବଲ୍ଲଭୀ—ପ୍ରିୟ ସଜନୀ । କେତକୀ—କେତକୀଫୁଲ । ସେଥିରେ କଣ୍ଟା

ଏକାଳେ । ଅଭି ଜଣେ ଆସି ପଗୃଛ ।
ଦେଖାଇ ଛରୁ ଛୁରଅନା ପାଶକୁ ଯିବ କି ନ ଯିବ ବଗୃର । ୧୦ ।
ଦେଖରେ ରସାଳବିଟପୀ ପ୍ରବାଳ ବକୁଳମାଳରେ ଶୋହୁଛି ।
ଶୋଭି ବନପ୍ରିୟ ଅବଲମ୍ବ ଥିଲେ ବହୁତ ରୋଲମ୍ବ ମୋହୁଛି ।
ଏମନ୍ତ । ଭାଷି ବନେ କରୁ ବିଳାସ ।
ଦେଖିଣି ଚର୍ଚ୍ଚରୀବିଧି ସହଚରୀ ପଢ ପରିବାରୀ ପ୍ରବେଶ । ୧୫ ।
ଦେଖି ହରଷ ଦୃଷ୍ଟିପାତ ସାରସଜାତଗତ ରସପଣ୍ଡିତା ।
କମନୀୟକମ ଚଉତନା ଦେନି କାଞ୍ଚୁଲିରେ ହେଲା ମଣ୍ଡିତା ।
ବାନ୍ଧିଲା । ଭିଡ଼ି ମଧ୍ୟେ ଶାଢ଼ୀ ପଣତ ।
ଫଗୁମୁଣା ଖୋସି ହସିବାର ଗୃହିଁ ସଖୀଏ ସାଜିଲେ ତୁରିତ । ୧୬ ।

---

ଅଛି, ମୋତେ ଫୋଡ଼ି ପକାଇବ, ତହୁଁ ତୋର ମୁଖ ମୋର ଦୁଃଖ । ସୁବର୍ଣ୍ଣକାନ୍ତିହର—ସେ କେତକୀ ଫୁଲ ସୁନାର କାନ୍ତିକୁ ଗୃରି କରିଅଛି ସେହି କାନ୍ତିରେ ଶରୀର ଘୋଡ଼ାଇ ହୋଇ ଯିବୁ—ତାର ପରି ସୁନ୍ଦର କାନ୍ତିଯୁକ୍ତ ହେବୁ (ଆଉ ଅର୍ଥ ମଧ ହୁ କେତକୀ ବେଷ୍ଟିତା ହେଲେ ଭ୍ରମର—ଲମ୍ପଟ ତୋତେ ବ୍ୟସ୍ତ କରିବେ ନାହିଁ । କେତକୀ ପାଖକୁ ଭ୍ରମର ଯାଆନ୍ତି ନାହିଁ ) । ଛୁରୀଅନା—ସେ ଫୁଲ ପାଖକୁ ଯିବ କି ନାହିଁ ଭାବୁଛି; କାରଣ ଅନା—ଦେଖ ସେ ଛୁରୀ ମୋତେ ଚିରି ବା ଭୁଷି ପକାଇବ (ବା ଅଦୃଷ୍ଟ ହେଉଛି ଛୁରୀ—ସେ ପୁରୁଷ ମୋତେ ଛୁଇଁଲେ ମୁଁ ଲଣ୍ଡଭଣ୍ଡ ହୋଇଯିବି ) ।

୧୫ । ରସାଳ ବିଟପୀ—ଆମ୍ବଗଛ ଓ ରସକୁ ପ୍ରଦାନ କରୁଛି ଯେ ଏପରି ବିଟପିନୀ ଭୂଷ୍ଟରଦା ସ୍ତ୍ରୀ । ପ୍ରବାଳ ବକୁଳ ମାଳାରେ ଶୋହୁଛି—ନୂଆ କଅଁଳିଆ ପତ୍ର ଓ ବଉଳରେ ଶୋଭନ୍ତ ଓ ପୋହଳା ବଉଳମାଳା ( ବଉଳ ଢୋଳ ପରି ଏ ହାର ହୋଇଛି ) ସେ ଶୋଭିତ । ଶୋଭି···ଶୋହୁଛି—କୋକିଳ ଆଶ୍ରୟ କରିଥିଲେହେଁ ଅନେକ ଭଅଁର ସେଠାରେ ଲଗି ରହିଛନ୍ତି । ତାର ସ୍ୱାମୀ ଥିଲେହେଁ ଅନେକ ଉପପତିଙ୍କୁ ବଶ କରିଛି । ବିଳାସ—ଲୀଳା । ଚର୍ଚ୍ଚରୀ—ଲୀଳାମୟ ଉତ୍ସବ, ଯେଉଁଥିରେ ଗୀତ ବାଦ୍ୟ ଓ ଆମୋଦ ପ୍ରମୋଦ ହୁଏ, ଏଠାରେ ଦୋଳ ଉତ୍ସବ । ବିଧି—ଫଗୁ, ଅତର ପିଚକାରୀ, ପାନ ପ୍ରଭୃତି ଉପକରଣ । ସହଚରୀ ପରି—ସଙ୍ଗିନୀ ସଦୃଶ । ପରିବାରୀ—ପରିଗୃରିକା । "ସହଚରୀ—ପରିବାରିକାଏ ପାଠାନ୍ତର—ସହଚରୀ—ଦାସୀ—ପାଠ ମଧ ଚଳପାରେ" । ୧୬ । ହରଷ—ଆନନ୍ଦିତ । ଦୃଷ୍ଟିପାତ—ଗୃହାଣୀ । ସାରସଜାତଗତି—ହଂସଜାତୀ ଗୃଲି । ରସପଣ୍ଡିତା—ରସକୁଶଳା । କମନୀୟ କମ—ସୁନ୍ଦର କାରୁକାର୍ଯ୍ୟ

ଉନ୍ମତ୍ତ-ମତ୍ତ କାମିନୀ ସଙ୍ଗେ ରଙ୍ଗେ ତରଙ୍ଗେ ଖେଳିଲେ କାମିନୀ।
ମହୀ ଆକାଶେ ଏକାବେଳେ ପ୍ରକାଶେ କିଅବା ଅନେକ ଦାମିନୀ
କି ବାସେ। ଚଳପୁଷ୍ପଲତା ହେମର।
ମହା ଅନୁରାଗ ପରାଗବୃଷ୍ଟିରେ ହୋଇ ଅଛନ୍ତି ତତପର। ୧୭।
କଞ୍ଜଖଞ୍ଜନଗଞ୍ଜନନେତ୍ରୀକି କି ଧିକ ସୁହାଇ ସଧାଉଛି।
ଅତି ଅସାଧ ହୋଇ କିଏଁ ସୃଷ୍ଟି କି ରହିଅଛି ମନେ ଧ୍ୟାଉଛି।
ନାହିଁ କି। ଏତିକ ବିବେକ ତାହାର। °
(କୋଟିଏ ବ୍ରହ୍ମାଣ୍ଡ ଗୋଟିଏ ଭଙ୍ଗୀରେ ଜିଣିମା ଗୁମାନ ଯାହାର। ୧୮

---

ହୋଇଥିବା। ଚଉତନା—ରୁମାଲ। ମଣ୍ଡିତା—ଭୂଷିତା। ଫଗୁମୁଣା—ଅବିର ଥଳି।

୧୭। ଉନ୍ମତ୍ତମତ୍ତକାମିନୀ—ଯୌବନ ମଦରେ ଅତ୍ୟଧିକ ମତ୍ତ ହୋଇଛି ଯେ ସୁନ୍ଦରୀ ଓ ମନର ଉନ୍ମାଦକାରିଣୀ ସ୍ତ୍ରୀ ଲାବଣ୍ୟବତୀ। ରଙ୍ଗେ—ଲୀଳାରେ। ତରଙ୍ଗେ—ଡେଇଁ, ନାଚି, କୁଦି ଓ ଆଗ ପଛକୁ ଧାଁ ଦଉଡ଼ କରି। କାମିନୀ—ସ୍ତ୍ରୀମାନେ। ମହୀ ଆକାଶେ—ପୃଥିବୀରୂପ ଆକାଶରେ। ଅନେକ ଦାମିନୀ—ବହୁତ ବିଜୁଳି। ଏହି ସୁନ୍ଦରୀମାନେ ବିଜୁଳି ପରି ଦେଖାଗଲେ। ହେମର ଚଳ ପୁଷ୍ପଲତା—ସୁନାର ଚଳନ୍ତି ଫୁଲଗଛ। ମହାଅନୁରାଗ ପରାଗ ବୃଷ୍ଟିରେ—ବଡ଼ ସ୍ନେହରୂପ ଫୁଲଧୂଳି (ପୁଷ୍ପରେଣୁ) ପକାଇବାରେ। ତତ୍‌ପର—ଆସକ୍ତ। ଲାଗି ପଡ଼ି ଅଛନ୍ତି (ଏଠାରେ ଲାଲ ଅବିର ମଧ୍ୟ ପକାଇବା ସୂଚିତ)।

୧୮। କଞ୍ଜଖଞ୍ଜନଗଞ୍ଜନନେତ୍ରୀକି—ପଦ୍ମ ଓ ଖଞ୍ଜନ (ଶୋଭା ଓ ଖଞ୍ଜନର ଚଞ୍ଚଳତା) କୁ ତିରସ୍କାର କରୁଛି ନେତ୍ର ଯାହାର ତାକୁ—ଲାବଣ୍ୟବତୀକୁ। ଧିକ ସୁହାଇ—ଦମ ରଖାଇ, ଆୟାସ ସହିବାକୁ କରାଇ (ଅର୍ଥାତ୍ ବେଦମ ନ କରାଇ)। ସଧାଉଛି—ଖେଳାଲୀଳାରେ ଲଗା ହୋଇଛି। ଅତି...ଧ୍ୟାଉଛି—ମନେ ଚିନ୍ତା କରୁଛି ଏପରି କି କେଉଁ ସଂସାର ଅଛି ଯାହାକୁ ମୁଁ ବଶ କରି ନାହିଁ। ବିବେକ—ବିଗୃହ। ଗୋଟିଏ ଭଙ୍ଗୀରେ—ଏକ ମାତ୍ର ଭଙ୍ଗୀରେ। ଗୁମାନ—ଅଭିମାନ, ଠେକ "କଞ୍ଜନ ଖଞ୍ଜନ ଗଞ୍ଜନ ନେତ୍ରୀକି" ଧିକ ସୁହାଇ ସଧାଉଛି।" ଏ ପାଠରେ କାମଦେବ ଓ ଖଞ୍ଜନ ପକ୍ଷୀକୁ ଶୋଭାରେ ଓ ଚଞ୍ଚଳତାରେ ତିରସ୍କାର କରୁଛି ଯେ ନେତ୍ର ତାର ପାଠ ମଧ୍ୟ ସମୀଚୀନ—ଏ ପାଠ ଲୋକନାଥ ଗ୍ରହଣ କରି ଅଛନ୍ତି କିନ୍ତୁ ଗୃହୀତ ପାଠ ସମୀଚୀନ।

ମୁଠାରୁ ଫିଟିଯିବାରେ ଏ ପ୍ରତୀତ ଫଗୁ ଫିଙ୍ଗିବାରେ ଲଳନା !
ବସନ୍ତରାଜା ବଶକୁ କି କରନ୍ତି ରଙ୍ଗପାଟଚେଲ ଚୂଳନା ।
ସେ ରଜ । ଯାଇ ଶୂନ୍ୟେ ରୁଣ୍ଡ ହୋଇଲା ।
ଅତ୍ୟନ୍ତ ଗୁଣିକ ଦାଗ ପରିବାର ମାଣିକ୍ୟଛନ୍ଦ କି ଧଇଲା ।୧୯।
କଙ୍କଣ କ୍ୱଣିତ ଧ୍ୱନିରୁ ମଣିତ ଭୁଜ ଭଣ୍ଡିମ କି ବାଇଲା ।
ଭଇବାଟ ବାଣୀ ମଙ୍ଗଳ ଗୀତ କି ଅଭିଷେକ ବେଳେ ହୋଇଲା ।
ସ୍ୱଭାବେ । କୁଚ ପୂର୍ଣ୍ଣକୁମ୍ଭ ରାଜଛି ।
ଚାରୁ ଚୋଳ ଚୂତ ପଲ୍ଲବ ସଂଯୁତ ହାର ଉପହାର ସାଜଛି । ୨୦ ।
ରମଣୀ ରମଣୀୟ କଲେ ଅବିରଗୁଣ୍ଡିରେ ସେ ବନସରଣୀ ।
ମହୀ ମହିଳା ଋତୁକାଳ ଲଭିଲା ଏସନ ମାନସକୁ ଅଣି ।
ସେ ଧୂଳି । କାହିଁ ପବନ ଯୋଗେ ଉଡ଼ି ।
ଶୁଭସୂଚକ କହି ଜଉତିଷ କି ଯାଉଛି ଶିରେ ବାନ୍ଧି ଶାଢ଼ୀ । ୨୧ ।

---

୧୯ । ପ୍ରତୀତ—ବୋଧ । ଫଗୁ—ଅବିର । ଲଳନା—ସ୍ତ୍ରୀ । ଅବିର ଉଡ଼ିବାରୁ ଆକାଶରେ ଜଣା ଯାଉଛି ରଙ୍ଗପାଟଚେଲ ଚୂଳନା—ଲାଲିଆ ପାଟଲୁଗା ଉଡ଼ାଉ ଅଛନ୍ତି କି—ବସନ୍ତରାଜାଙ୍କୁ ଅଧୀନ କରିବାକୁ । ସେ ରଜ—ଅବିରଧୂଳି । ଶୂନ୍ୟେ ରୁଣ୍ଡ—ଆକାଶରେ ବ୍ୟାପିଲା । ଗୁଣିକ—ଗୁଣବନ୍ତ । ଦାଗପରିବାର—ଦାଗ ହେଲା ଭୃତ୍ୟ । ମାଣିକ୍ୟ-ଛନ୍ଦ—ଲାଲମଣିର ଛତା । (ମାଣିକ୍ୟ—ସାଧବଧର ବୋହୂର ବର୍ଣ୍ଣ) ।

୨୦ । କଙ୍କଣକ୍ୱଣିତ ଧ୍ୱନିରୁ—କଙ୍କଣର କୁଣ କୁଣ ଶବ୍ଦରେ । ମଣିତ—ବୁଝା ପଡୁଛି ଭୁଜରୂପ ଭଣ୍ଡିମ—ନାଗରା । ଭଇବାଟ ବାଣୀ—ବଉପାଟିଙ୍କର ହସି ଖେଳି କଥା ହେବା । ମଙ୍ଗଳ ଗୀତ— ରାଜାଙ୍କ ବିଜୟ କାଳରେ ଭାଟ ମଙ୍ଗଳ ଗୀତ ଗାଏ । ଅଭିଷେକ—ରାଜାଙ୍କ ଗାଦି ବସିବା । ସ୍ତ୍ରୀମାନଙ୍କ କୁଚ—ସ୍ତନ ହେଲା ମଙ୍ଗଳକର ପୂର୍ଣ୍ଣ କଳସ । ଚାରୁ... ସାଜଛି —ସୁନ୍ଦର କାଖିଲାରେ ହାର ପଡ଼ିବା ହେଲା ଆମ୍ବର କଅଁଳିଆ ପତର ହାର । ଉପହାର —ଭେଟି ଦିଆହୋଇ ଶୋଭା ପାଉଛି ।

୨୧ । ରମଣୀ—ସ୍ତ୍ରୀ । ରମଣୀୟ—ସୁନ୍ଦର । ବନସରଣୀ—ବନଭାଗ । ମହୀମହିଳା—ପୃଥିବୀ ନାରୀ; ଋତୁକାଳ ଲଭିଲା—ରଜସ୍ୱଳା ହେଲା । ମାନସ—ମନ ପବନରେ ଉଡ଼ି ଯିବାରୁ ଏପରି ଜଣାଯାଉଛି । ଜ୍ୟୋତିଷ ଶୁଭ ସୂଚନ କରି ଫେରି ଯାଉଥିବା ବେଳେ ନାଲି ଶାଢ଼ୀ ବାନ୍ଧି ଯାଉଛି କି ?

ପନୀର ନୀର ପିଚକା ନିରନ୍ତର ଖେଳନ୍ତେ ନୀରରୁହଦୃଶା ।
ମଞ୍ଜୁ ମଞ୍ଜୀର ଘନରବ ମଧୁର ବସନ୍ତେ କରେ କି ବରଷା ।
ବିଜୁଳି । ପରି ଝଳି ଭୂଷା ରତନ —
ଅଙ୍ଗରାଗେ ଅନ୍ଧ ଭୃଙ୍ଗ ଜଡ଼ପଡ଼େ ହୋଏ କି କରକାପତନ । ୨୨ ।

କୁଙ୍କୁମ ପିଚକା ବାଜି ନିରଜର ସୁନ୍ଦର ଉରଜ କାହାର ।
କନକାଚଳରୁ କିବା ହରିତାଳ ପ୍ରବାହ ହେଉଛି ବାହାର ।
କର୍ପୂର । ଗୁଣ୍ଡି ମଣ୍ଡିତ କାହା ସ୍ତନ ।
ସୁବର୍ଣ୍ଣ ସ୍ୱୟମ୍ଭୂ ଶମ୍ଭୁଯୁଗଳ କି ହୋଇଲେ ଭସ୍ମ ବିଲେପନ ।୨୩।

କାହା କୁଚ ଫଗୁସଙ୍ଗରୁ ସୁସଙ୍ଗ ଏହି ପାଞ୍ଚ ହୋଏ ମାନସେ ।
ହୃଦୟ ସରୋବର ମଧ୍ୟେ ଜଦୟ କୋକନଦ କଳି ଯୁଗ୍ମ ସେ ।
କାହାର । ଛିଡ଼ି ହାର ଖସେ ମୁକୁତା ।
ପୟୋଧର ଛଳେ କ୍ଷୀରବିନ୍ଦୁ ବୃଷ୍ଟି କରିବାରେ କି ସେ ଶୋଭିତା ।୨୪।

---

୨୨ । ପନୀର ନୀର—ସୁବାସ ଜଳ । ନିରନ୍ତର—ଲାଗି ଲାଗି । ନୀରରୁହଦୃଶା—ପଦ୍ମନୟନା । ମଞ୍ଜୁ—ସୁନ୍ଦର । ମଞ୍ଜୀର—ନୂପୁରର ଶବ୍ଦ ହେଲା । ଘନରବ—ମେଘର ଶବ୍ଦ ସେ ଥିଲା ମଧୁର । ବସନ୍ତେ—ବସନ୍ତକାଳରେ ବରଷା କଲା କି ? ଭୂଷାରତନ—ଅଳଙ୍କାର ରତ୍ନର ଝଳ—ଦୀପ୍ତି ସେ ହେଲା ବିଜୁଳି । ଅଙ୍ଗରାଗେ—ସୁଗନ୍ଧ ଶରୀର, ଲେପମଖା ଶରୀର ଗନ୍ଧ ଲୋଭରେ ଅନ୍ଧ ହୋଇ ଭୃଙ୍ଗ ଭ୍ରମର ଶରୀରରେ ପଡ଼ିବାରୁ ଜଣାଗଲା ଯେପରି କୁଆପଥର ବର୍ଷା ହେଲା ।

୨୩ । କୁଙ୍କୁମପିଚକା—ନାଲିରଙ୍ଗର ପାଣି ପିଚକାରୀରୁ ବାହାରି ବାଜିବାରୁ । ଉରଜ—ସ୍ତନ । କନକାଚଳରୁ—ସୁନା ପର୍ବତରୁ । ପ୍ରବାହ—ସ୍ରୋତ । କର୍ପୂର ଗୁଣ୍ଡି—କର୍ପୂର ଧୂଳି । ସୁବର୍ଣ୍ଣ ସ୍ୱୟମ୍ଭୂ ଶମ୍ଭୁ ଯୁଗଳ—ସୁନାର ସ୍ତନରୂପ ଶିବଦ୍ୱୟ ବା ବ୍ରହ୍ମା ଓ ଶିବ (ସ୍ୱୟମ୍ଭୂ—ସ୍ତନ, କାମଦେବ, ବ୍ରହ୍ମା, ବିଷ୍ଣୁ, ଶିବ ଆଦି ଅର୍ଥରେ ପ୍ରଯୁକ୍ତ) । ଭସ୍ମ ବିଲେପନ—ପାଉଁଶ ବୋଳି ହେଲେ କି ?

୨୪ । ସୁସଙ୍ଗ—ଅତି ସୁନ୍ଦର । ହୃଦୟ ସରୋବର—ଛାତି ହେଲା ପୋଖରୀ । କୋକନଦ କଳିଯୁଗ୍ମ—ରକ୍ତପଦ୍ମର ଦୁଇଟି କଳି । ପୟୋଧର—ମେଘ ଓ ସ୍ତନ । ହାରରୁ ମୁକ୍ତା ଖସିବାରୁ ଜଣାପଡ଼ୁଛି ଯେପରି କି ସ୍ତନରୂପ ମେଘରୁ ଦୁଧବିନ୍ଦୁ ଝରୁଛି କି ?

କାଶ୍ମୀର ରଜ କେ ମାରନ୍ତେ ପାଲଟି ଗ୍ରୀବା ବକ୍ର କରି ରହିଁଲା ।
ମନ୍ଦ ମରୁତେ କି ଉଲଟି ନଳିନ ଅଳି ସଂଯୁତରେ ରହିଲା ।
କେ କାହା । ମୁଖେ କସ୍ତୂରୀପଙ୍କ ଢାଳି ।
ମୃଗାଙ୍କ କଳଙ୍କ ଛଡ଼ାଇ ଦେବାକୁ ବହୁ ଯାଉଛୁ କିବା କାଳୀ ।୨୫।
କାହା ଲଲାଟୁଁ ସିନ୍ଦୂର ବହୁ ପଡ଼େ ସ୍ୱେଦ ହୋଇବାରୁ ଜନିତ
କେଶ ରାହୁ ଦନ୍ତଘାତରୁ ବ୍ୟକତ ଇନ୍ଦୁ ଦେହରୁ କି ରକତ ।
ସେ କାଳେ । ଅତି ଚଞ୍ଚଳ ନେତ୍ର ଗତି ।
ଦଗଧରାକୁ କି ଶ୍ୟାମଳ କୋମଳ କମଳେ ମଣ୍ଡନ୍ତି ଯୁବତୀ ।୨୬।
ରତ୍ନ କିରଣେ ଭାନୁପ୍ରଭା ପ୍ରକାଶି ଶ୍ରବଣେ ତାଟଙ୍କ ଚଳନ୍ତି ।
ପ୍ରମଦା ପ୍ରମୋଦଭରେ କି କରନ୍ତି ଅନଙ୍ଗ ମଙ୍ଗଳ ଆଳତି ।
ଚଳିତ । ନାସିକା ମୋତି ଉରହାର ।
ବାଜେ ନୂପୁର ନାଦେ କି ନାଚୁଛନ୍ତି ନର୍ତ୍ତକୀ ଗୁଣେ ଅହଙ୍କାର ।୨୭।

---

୨୫ । କାଶ୍ମୀରରଜ—ଜାଫ୍ରାନକେଶରର ଧୂଳି । ଗ୍ରୀବା—ବେକ । ବକ୍ର—ବଙ୍କା । ମନ୍ଦ ମରୁତରେ—ଧୀର ବାୟୁରେ । ନଳିନ— ପଦ୍ମ; ଓଲଟିପଡ଼ି । ଅଳି—ଭ୍ରମର । ମୁହଁ ହେଲା ପଦ୍ମ, ତାର କେଶର ହେଲା ଜାଫ୍ରାନକେଶର ଧୂଳି ଓ ଚକ୍ଷୁ ହେଲା ଭ୍ରମର । କସ୍ତୂରୀପଙ୍କ—କସ୍ତୂରୀଗୋଳା ପାଣି । ମୃଗାଙ୍କ—ଚନ୍ଦ୍ର । ତାଠାରୁ କଳଙ୍କ—କଳା ଚିହ୍ନ । କାଳୀ—କଳା ରଙ୍ଗ । ଚନ୍ଦ୍ର ହେଲା ମୁଖ ।

୨୬ । ଲଲାଟୁ—କପାଳରୁ । ସ୍ୱେଦ—ଝାଳ । କେଶ ରାହୁ—ବାଳ ହେଲା ରାହୁ । ଦନ୍ତଘାତରୁ—ଦାନ୍ତରେ କାମୁଡ଼ିବାରୁ ମୁଖ ହେଲା ଚନ୍ଦ୍ର; ସେହି ଚନ୍ଦ୍ରକୁ ଦନ୍ତରେ ଆଘାତ କରିବାରୁ ଚନ୍ଦ୍ରରୁ ରକ୍ତ ବାହାରୁଛି କି? ଦଗଧରାକୁ—ଦଗମଣ୍ଡଳକୁ ଶ୍ୟାମଳ କୋମଳ କମଳେ—ନୀଳ କଅଁଳ ପଦ୍ମରେ ଭୂଷିତ କରୁଅଛନ୍ତି କି? ସ୍ତ୍ରୀମାନଙ୍କର ଚତୁର୍ଦ୍ଦିଗକୁ ଚଞ୍ଚଳ ନେତ୍ର ଚାଳିବାରେ ଏପରି ତର୍କଣା ହେଉଛି; କାରଣ ତାଙ୍କର ଚକ୍ଷୁରୁ ମଧୁର ନିର୍ମଳ ନୀଳରଶ୍ମି ଚାରିଆଡ଼ରେ ବିକ୍ଷିପ୍ତ ହୋଇ ପଡ଼ୁଛି ।

୨୭ । ରତ୍ନକିରଣେ—ରତ୍ନର ଜ୍ୟୋତିରେ । ଭାନୁପ୍ରଭା—ସୂର୍ଯ୍ୟଙ୍କ ତେଜ । ଶ୍ରବଣେ—କାନରେ । ଚଳନ୍ତି—ଦୋହଲନ୍ତି । ତାଟଙ୍କ—ଟଙ୍କା; କର୍ଣ୍ଣଭୂଷଣ । ତାଟଙ୍କ ସୂର୍ଯ୍ୟ ପରି ଉଜ୍ଜ୍ୱଳ । ପ୍ରମଦା—ଯୌବନ ମଦରେ ମତ୍ତ ସ୍ତ୍ରୀମାନେ ପ୍ରମୋଦଭରେ ହର୍ଷର ପୂର୍ଣ୍ଣତାରେ, ଅତି ଉତ୍କଣ୍ଠାରେ । ଅନଙ୍ଗ—କାମଦେବ । ମଙ୍ଗଳ ଆଳତି—ବନ୍ଦାପନା କରୁଅଛନ୍ତି କି? ନାସିକା ମୋତି ଉରହାର ଚଳନ୍ତି—ନାକର ମୋତି

କେଉଁ ଲତାରୁ କୁସୁମ ଖସିବାରୁ ଏମନ୍ତ ହୋଉଛୁ ପରତେ ।
ଧନ୍ୟ ଧନ୍ୟ ବୋଲି ପ୍ରଶଂସା କରି କି ରଜ ବର୍ଷୁଛନ୍ତି ନାରତେ ।
ପରାଗ, ଛଳେ ସିଞ୍ଚୁଛନ୍ତି କର୍ପୂର ।
ପଲ୍ଲବଛଳେ ପଣନ୍ତେ ବର୍ଷୁଛନ୍ତି ଉପକାର କୃତେ ତାଙ୍କର । ୨୮ ।
କେଉଁ କେଉଁ ତରୁ ତରୁଣୀମାନଙ୍କୁ ପକ୍ଷୀ ନିନାଦରେ କହନ୍ତି ।
ଏପରି ଉତ୍ସବ କେବେ ନୋହିଥିଲା ଦେଖି ନ ଥିବ ସୁରପତି ।
କେ ତରୁ,—ଶାଖା ନୋଇଁଛନ୍ତି ଫଳଭରେ !
କି ପରିରମ୍ଭ ଆରମ୍ଭ କରୁଛନ୍ତି ରମ୍ଭୋରୁ ପାଦ ଲାଗି ଶିରେ । ୨୯ ।
ଏମନ୍ତ ବେଳେ ଏକ ସଖୀ କହିଲା ତିନି ପ୍ରହର ହେଲା ବେଳ ।
ସ୍ନାନ ମାନଙ୍କୁ ଅବଧାନ ନୋହିଲା ଏତେକେ ରହୁ କୁତୂହଳ ।
ଶୁଣି ସେ, ସେ କଥା କଲା ଅଙ୍ଗୀକାର ।
ଏହି ସମୟେ ଥୋକାଏ ଦାସୀ ଆସି ନେଲେ ମାର୍ଜଣା ସମ୍ଭାର ।୩୦।
ସରୋବରତୀରେ ପ୍ରବେଶ ସୁବେଶ ଉଲଟି ସମ୍ପୂର୍ଣ୍ଣ ଏ ଛାନ୍ଦ ।
କବିଗୁମ୍ଫ ଅନେକ ଅଛି ପୂରି ଘେନିଲେ ଜନ୍ମିବ ଆନନ୍ଦ ।

---

(ନୋଲକ) ଓ ଛତିର ହାର ଦୋହଲୁଛନ୍ତି । ବାଦେ—ବିବାଦରେ ବାଜି ରଖି । ନୂପୁର ନାଦେ କି—ନୂପୁର ହେଲା ବାଦ୍ୟକାର ତା ସଙ୍ଗେ ବାଦ କରି, ନର୍ତ୍ତକୀଗୁଣେ ଅହଙ୍କାର —ନାଚଲାବାଲାର ଗୁଣ ଗର୍ବରେ ନାଚୁ ଅଛନ୍ତି । ନୂପୁର ପାଦରେ ବାଜୁଛି, ହାର ଓ ନାକର ମୋତି ଚଞ୍ଚଳ ଦୋହଲୁଛନ୍ତି । ନର୍ତ୍ତକୀଗଣ ଅହଙ୍କାର, ପାଠ ମଧ୍ୟ ଚଳପାରେ ।

୨୮ । କୁସୁମ ଖସିବାରୁ—ଫୁଲ ଝଡ଼ିବାରୁ । ପରତେ—ଜଣା । ସେ ନାରୀମାନେ ପ୍ରଶଂସା କରି ରଜ ନିକ୍ଷେପ କରୁଛନ୍ତି କି ? ପରାଗଛଳେ - ପୁଷ୍ପରେଣୁ ରୂପରେ । ପଲ୍ଲବଛଳେ—ପତ୍ରରୂପରେ । ଉପକାରକୃତ—ଉପକାର କରିବାରୁ ।

୨୯ । ତରୁ—ବୃକ୍ଷ । ତରୁଣୀ—ସ୍ତ୍ରୀ । ପକ୍ଷୀନିନାଦରେ—ପକ୍ଷୀମାନଙ୍କ ଶବ୍ଦରେ । ସୁରପତି—ଇନ୍ଦ୍ର । ଫଳଭରେ—ଫଳର ଭରରେ—ପୂର୍ଣ୍ଣତାରେ । ପରିରମ୍ଭ ଆରମ୍ଭ—ଆଲିଙ୍ଗନ ନିମନ୍ତେ ପ୍ରଯତ୍ନ । ରମ୍ଭୋରୁ ପାଦ ଲାଗି ଶିରେ—ସ୍ତ୍ରୀର ପାଦକୁ ଶିରରେ—ମୁଣ୍ଡରେ ଲଗାଇ ।

୩୦। ଅବଧାନ—ମନ ବା ଦୃଷ୍ଟି । କୁତୂହଳ—ଉତ୍ସବ । ମାର୍ଜଣା ସମ୍ଭାର—ସ୍ନାନର ସାମଗ୍ରୀ ।

୩୧ । ସରୋବର ତୀରେ—ପୁଷ୍କରିଣୀ କୂଳରେ । ସୁବେଶ ଉଲଟି—ଭଲ ବେଶ ପିନ୍ଧାଇବା । ଗୁମ୍ଫ—କାବ୍ୟକୌଶଳ ବା ଛଟା । ଘେନିଲେ—

ଜାଣିଲା । ଜନ ମନକୁ ଏ ତୋଷିବ ।
ମୂର୍ଖ ସ୍ୱଭାବ ଅଦୃଷ୍ଟରଜା ପର ସେ କାହୁଁ ରତି ପ୍ରକାଶିବ । ୩୦
ଅନନ୍ତ ଭୂଷଣ ବୃଷଧନୁଯୁତ ସୁହୃଦ ଭବତାପ ନାଶୀ ।
ଶ୍ରୀନିଳୟ ଦ୍ୱିଜରାଜ ବଦନମାୟ ଜନକସୁଖକୁ ପ୍ରକାଶି ।
ସୁମର । ମନେ ସେ ରାମଚନ୍ଦ୍ର ଶିବ ।
କହେ ଉପେନ୍ଦ୍ର ଭଞ୍ଜ ବୀରବର ଯୁବା ଜନ କର୍ଣ୍ଣେ ଉତ୍ସବ । ୩୧ ।

---

ବୁଝିଲେ । ଅଦୃଷ୍ଟରଜା—ଅପ୍ରାପ୍ତଯୌବନା ବାଳିକା । ରତି—ସନ୍ତୋଷ, ରମଣ ।

୩୧ । ଅନନ୍ତ ଭୂଷଣ—ଅନନ୍ତ ଯେ ଶେଷଦେବ ତାହାଙ୍କ ଭୂଷଣ ଅଟନ୍ତି (ବିଷ୍ଣୁ ଯୋଗନିଦ୍ରାରେ ଅନନ୍ତ ସର୍ପଙ୍କ କ୍ରୋଡ଼ରେ ଶୟନ କରନ୍ତି ବା ଅନନ୍ତଭୂଷଣ—ଅସଂଖ୍ୟ ଭୂଷଣ ଯାହାଙ୍କର ( ରାମଚନ୍ଦ୍ରଙ୍କ ଧ୍ୟାନରେ—ନାନାଲଙ୍କାରଧାରୀ ବୋଲି ସେ କଥିତ ) । ବୃଷଧନୁଯୁତ—ବୃଷ ଯେ ଧର୍ମ; ଧନୁ ଯେ କୋଦଣ୍ଡ ସେଥିରେ ଯୁକ୍ତ, ଧର୍ମରକ୍ଷକ ଓ କୋଦଣ୍ଡ-ଧାରୀ । ସୁହୃଦ ଯେ ସୁଗ୍ରୀବ ବା ବିଭୀଷଣ ତାଙ୍କର ଭବ ଜନ୍ମର ତାପ—ଦୁଃଖ, ତ୍ରିତାପ (ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ) ନାଶକାରୀ । ଶ୍ରୀନିଳୟ—ଶ୍ରୀନିବାସ ( ଲକ୍ଷ୍ମୀ ଯାହାଙ୍କଠାରେ ବାସ କରନ୍ତି )

## ଷଷ୍ଠ ଛାନ୍ଦ

**ରାଗ ରାମକେରୀ—ଯୋଗୀ ସମାଦ ବାଣୀରେ ଗାଇବ ।**

ମନ ଦେଇ ଶୁଣ କୋବିଦେ ନୃପସୁତା ସୁକେଶୀ ।
କୂଳରେ ବକୁଳମୂଳରେ ପୀଠ ଉପରେ ବସି । ୧ ।
ସରସୀ ଶୋଭିତ ଅନାଇଁ ମନ ନେନ୍ତ୍ର ଲୋଭିତ ।
ତଟଘଟନା ବିଦ୍ରୁମରେ ପକ୍ଷୀପନ୍ତି ବିମ୍ବିତ । ୨ ।
କି ନୀଳଶାଢ଼ୀ ରଙ୍ଗଧଡ଼ି ହଂସାବଳୀ ହୋଇଛି ।
ଅବନୀ ବନିତା ବିସ୍ତାରେ କିବା କିଣିବା ଇଚ୍ଛି । ୩ ।
ପାବଚ୍ଛ ସ୍ୱଚ୍ଛ ସ୍ଫଟିକରେ ନୀରତୀର ପ୍ରତୀତ ।
ସୁବେଣୀ ସ୍ପରଶ ଭାବ କି ତହିଁ ତ୍ରିବେଣୀ ଖ୍ୟାତ । ୪ ।

---

୧ କୋବିଦେ—ପଣ୍ଡିତମାନେ । ନୃପସୁତା—ରାଜକନ୍ୟା । ସୁକେଶୀ—ଉତ୍ତମ ବାଳବିଶିଷ୍ଟା; ସୁନ୍ଦରୀ । କୂଳରେ—ତଟରେ । ବକୁଳ—ବଉଳଗଛ । ପୀଠ—ଚଉତରା ।

୨ । ସରସୀ—ପୁଷ୍କରିଣୀ । ଶୋଭିତ—ସୌନ୍ଦର୍ଯ୍ୟ । ଲୋଭିତ—ଲୋଭନୀୟ । ବିଦ୍ରୁମରେ—ପୋହଳାରେ । ଘଟନା—ନିର୍ମିତ । ସମୂହ—ପନ୍ତି । ବିମ୍ବିତ—ପ୍ରତିଫଳିତ ।

୩ । ନୀଳଶାଢ଼ୀ—ପୁଷ୍କରିଣୀ ଜଳ ହେଲା ନୀଳ ଶାଢ଼ୀ । ତଟ ହେଲା- -ଲାଲଧଡ଼ି —ସେଥିରେ ହଂସସମୂହ ଥିବାର ଜଣାଯାଉଛି । ଅବନୀବନିତା—ପୃଥିବୀରୂପ ସ୍ତ୍ରୀ; ବିସ୍ତାରେ—ମେଲା ହେବାରେ; କିଣିବାକୁ ଇଚ୍ଛା କରୁଛି କି ?

୪ । ପାବଚ୍ଛ—ପାହାଚ । ସ୍ୱଚ୍ଛ ସ୍ଫଟିକରେ—ନିର୍ମଳ ଧଳା କାଚ ପଥରରେ ନିର୍ମିତ ତହିଁ ନୀର—ଜଳରେ । ତୀର—କୂଳ । ପ୍ରତୀତ—ଜଣାଯାଉଛି । ସୁବେଣୀ—ସୁନ୍ଦର କେଶପାଶ ଯାହାର, ସୁକେଶୀ ଲାବଣ୍ୟବତୀ ସ୍ପରଶ—ସ୍ପର୍ଶ ଯୋଗ ହେତୁ । ତହିଁ—ସେଠାରେ—ତ୍ରିବେଣୀ । ଖ୍ୟାତ—ପ୍ରସିଦ୍ଧ; ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ଯୋଗ । ନୀର—ଯମୁନା । ତଟ—ଗଙ୍ଗା । ଲାବଣ୍ୟବତୀ—ସରସ୍ୱତୀ । ଭାବନା ହୁଅଇ । ଜଳରେ ପାବଚ୍ଛ ପ୍ରତିବିମ୍ବିତ ଓ ଲାବଣ୍ୟବତୀର ଯୋଗ, କଳା, ଧଳା ଓ ପୀତ ରଙ୍ଗ । ଜଳକୁ କବି ନୀଳବର୍ଣ୍ଣ ରୂପେ ବର୍ଣ୍ଣନ କରିଅଛନ୍ତି—ଏହା କବି ସମୟୋକ୍ତି ବିରୋଧ ଯଥା—କବି କଳ୍ପଲତାରେ 'ସାମାନ୍ୟ ଗ୍ରହଣେ ଶୌକ୍ଲ୍ୟଛଦାମ୍ଭଃ ପୁଷ୍ପବାସସାଂ' ଇତି—କିନ୍ତୁ ଏଠାରେ ସେ ସାମାନ୍ୟ ଉକ୍ତିରେ ବର୍ଣ୍ଣନା ନ କରି ବିଶେଷଭାବରେ ବର୍ଣ୍ଣନ କରି କବିଗୃହସ୍ଥ ଦର୍ଶାଇ ଅଛ

ଦ୍ୱୀପ ଦଣ୍ଡୀ ଲଭି ମରାଳପନ୍ତି ଦିଏ ଭଉଁରୀ ।
ବଡ଼ ବଡ଼ଭୀକ ବେଢ଼ିକି ଶୋଭି ଚୂର୍ଣ୍ଣ ଚଉଁରୀ । ୫ ।
ଜଳ ଜମ୍ବାଳ ଅବଳରେ ହୀନ ମନ ହରୁଛି ।
ଜଳ ନିର୍ମଳରେ ଆଦର ଆଦରଶୁଁ ସାରୁଛି । ୬ ।
ଗଭୀର ଗୁଣକୁ ପଣ୍ଡିତଠାରୁ ଗୃହୀତ କରି ।
ନର୍ତ୍ତକୀଠାରୁ ଭଉଁରୀ ଶିକ୍ଷା ପରି ଏହାରି । ୭ ।
ଅମୃତ ସଙ୍ଗତେ ହୋଇଛି ମିତ ମଧୁର ପଣେ ।
ବିଧୁର ସ୍ନେହକୁ ବିଧୁର କରେ ଶୀତଳ ଗୁଣେ । ୮ ।
କାମଶରାଳୀରେ ପ୍ରକାଶ ମାନ ସୁଖଦାନରେ ।
କୁମୁଦରେ ଯେଣୁ ବଦିତ ତେଣୁ ହରି ପ୍ରକାରେ । ୯ ।

---

୫ । ଦ୍ୱୀପଦଣ୍ଡୀ—ପୁଷ୍କରିଣୀ ମଧ୍ୟସ୍ଥ ଦେବାଳୟବିଶେଷ । ମରାଳପନ୍ତି—ରାଜହଂସସବୁ । ଭଉଁରୀ ଦିଏ—ଦ୍ୱୀପଦଣ୍ଡୀ ଚାରିପାଖରେ ପାଣିରେ ବୁଲନ୍ତି ଅଛନ୍ତି । କବି ତର୍କଣା କଲେ ବଡ଼ ବଡ଼ଭୀକ—( ବଡ଼ଭୀ—ବଲ୍ଲଭୀ ଶୁଦ୍ଧାନ୍ତେ ବଡ଼ଭୀ ଚନ୍ଦ୍ରଶାଲେ ସୌଧୋର୍ଦ୍ଧ୍ୱବେଶ୍ମନି—କୋଠା ଉପର ଘର ) ଏଠାରେ ଅତି ଉଚ୍ଚ କୋଠାଘର । ତାର ଚାରିପାଖରେ ଥିବା ଚୂର୍ଣ୍ଣ ଚଉଁରୀ—ଚୂନଲେପା ପ୍ରାଙ୍ଗଣଭୂମି ଶୋଭି ପାଉଛି ।

୬ । ଜଳ—ପାଣି । ଜମ୍ବାଳ—ପଙ୍କ । ଅବଳ—ଗୋଳିଆ । ହୀନ—ରହିତ । ଜଳ ଅତି ସ୍ୱଚ୍ଛ ହେତୁ । ନିର୍ମଳରେ—ସ୍ୱଚ୍ଛତାରେ । ଆଦରଶୁ—ଦର୍ପଣରୁ । ଆଦର—ଆଗ୍ରହ । ସାରୁଛି—ରହୁ ନାହିଁ । ଜଳ ଦର୍ପଣଠାରୁ ସ୍ୱଚ୍ଛ । ୭ । ଗଭୀର ଗୁଣକୁ—ଗଭୀରତା—ଗାମ୍ଭୀର୍ଯ୍ୟ ( ଗଭୀରପଣ ) ନର୍ତ୍ତକୀ—ନାଚବାଲୀ । ଭଉଁରୀ—ବୁଲି ବୁଲି ବା ଘୂରି ଘୂରି ନାଚିବା । ୮ । ଅମୃତ—ସୁଧା ତା ସଙ୍ଗେ ମିତ ବସିଛି—ଜଳର ନାମ ମଧ୍ୟ ଅମୃତ କାରଣ ଜଳରେ ମଧୁର ଗୁଣ ମିଷ୍ଟଭାବ ଅମୃତ ପରି ଅଛି । ବିଧୁର—ଚନ୍ଦ୍ରର ସ୍ନେହକୁ, ଆଦରକୁ । ବିଧୁର—ତୁଚ୍ଛ । ଶୀତଳ ପଣେ—ଥଣ୍ଡା ଗୁଣରେ ।

୯ । କାମଶରାଳିରେ—କନ୍ଦର୍ପର ଶରସମୂହରେ । ଏ ପୁଷ୍କରିଣୀରେ ଅରବିନ୍ଦ ଓ ନୀଳୋତ୍ପଳ ପ୍ରଚୁର ପରିମାଣରେ ପ୍ରସ୍ଫୁଟିତ ହେତୁ ସୁଖ ଦେବାରେ ବିରାଜିତ [ ଅରବିନ୍ଦ, ଅଶୋକ, ଚୂତ, ନବମଲ୍ଲୀ ଓ ନୀଳୋତ୍ପଳ—କନ୍ଦର୍ପର ଶର ] କାଦମ୍ବ ଓ ଶରାଳୀ ପକ୍ଷୀମାନଙ୍କରେ ନେତ୍ରସୁଖ ବିରାଜମାନ । କୁମୁଦରେ—କଇଁରେ ଓ ବିଷ୍ଣୁଙ୍କ ନାମ ବିଶେଷରେ

ସର ଶୋଭା ଦେଖି, ଦେଖି ସେ ସରେ ମର୍ଦ୍ଦନବନ୍ଧି ।
ବକ୍ଷପ୍ରମାଣ ଜଳେ ଯାଇଁ ବିଜେ ଲାବଣ୍ୟନିଧି । ୧୦ ।
କବି ବଚୃଷଲା ବିଶେଷ ହେଲା ତୁମ୍ବୀ ବୁଡ଼ିଲା ।
ନ ବୁଡ଼ି ଶଇଳ ସଲିଳ ଉପରରେ ରହିଲା । ୧୧ ।
କିସ ପୁଣି ଦେଖା ନ ଯାଇ ଯେବେ ଥାଇ ଜୀବରେ ।
ବିଷମ ସମସ୍ୟା ପୂରଣ ହେଲା ଏହି ଠାବରେ । ୧୨ ।
ଅପୂର୍ବ ଅମ୍ବୁଜ ମୁଖକୁ ଭାବି ଭୃଙ୍ଗ ଚକୋର ।
ଚୁମ୍ବିବା ଲୋଭରେ ଧାଇଁଲେ ଶ୍ରୁତି ଗ୍ରହିଁ କାତର । ୧୩ ।

---

( ବିଷ୍ଣୁଙ୍କ ନାମ—କୁମୁଦ=କୁ—ପୃଥିବୀ ତାହାର ଆନନ୍ଦଦାତା ) ବିଦିତ—ଜଣା, ହରି ବିଷ୍ଣୁଙ୍କ ରୂପରେ ।

୧୦। ମର୍ଦ୍ଦନବନ୍ଧି—ଘଷାଘଷି କାମ । ସର—ପୁଷ୍କରିଣୀ । ସରେ—ଶେଷ ହୁଏ । ଲାବଣ୍ୟନିଧି—କାନ୍ତିର ତରଳତା ଯେ ଲାବଣ୍ୟ ତାର ସ୍ଥାନ ଯେ ଲାବଣ୍ୟବତୀ [ ମୁକ୍ତାଫଳେଷୁ ଛାୟାୟାସ୍ତରଳତ୍ୱମିବାନ୍ତରା । ପ୍ରତିଭାତି ଯଦଙ୍ଗେଷୁ ତଲ୍ଲାବଣ୍ୟମିହୋଚ୍ୟତେ ] । ବକ୍ଷପ୍ରମାଣେ—ଛାତି ବୁଡ଼ିବା ପାଣିରେ । ୧୧ । କବି—କାବ୍ୟକର୍ତ୍ତା । ବିଶେଷ—ଆଶ୍ଚର୍ଯ୍ୟ । ତୁମ୍ବୀ—ଲାଉ; ପିଣ୍ଡ ସ୍ଥାନରେ । ଶଇଳ—ପାହାଡ଼ । କୁଚ ଉପଲକ୍ଷରେ । ଜଳରେ ବୁଡ଼ିଲା ନାହିଁ ଭାସିଲା ଏହାହିଁ ଆଶ୍ଚର୍ଯ୍ୟ । ତୁମ୍ବୀ ପିଣ୍ଡ ବୁଡ଼ିଲା—ଯେ କି ହାଲୁକା ସେ ଭାସିବାର କଥା ସେ ବୁଡ଼ିଲା । ଶୈଳ ସ୍ତନ ଭାସିଲା—ଯେ ଭାରି ସେ ବୁଡ଼ିବାର କଥା ସେ ଭାସିଲା । ୧୨ । ଜୀବରେ ଥିଲେ—ପ୍ରାଣରେ ଥିଲେ ଅସମ୍ଭବ ସମ୍ଭବ ହୁଏ । ବିଷମ ସମସ୍ୟା—ଅଦ୍ଭୁତ ପ୍ରସଙ୍ଗ । ପୂରଣ ହେଲା—ଘଟିଲା । ୧୩ । ଅପୂର୍ବ......କାତର । ଭୃଙ୍ଗ—ଭଅଁର । ଚକୋର ପକ୍ଷୀ—ଏ ଦୁହେଁ ମୁଖକୁ କହିଲେ ଅପୂର୍ବ—ଆଶ୍ଚର୍ଯ୍ୟ । ଅମ୍ବୁଜ—ପଦ୍ମ ଓ ଚନ୍ଦ୍ର ଏପରି ଭାବି ଚୁମ୍ବିବା ଲୋଭରେ ଦୁହେ ଧାଇଁଲେ । ଶ୍ରୁତି କି ଗ୍ରହିଁ କାତର ହେଲେ—ଅସ୍ଥିର ହେଲେ—ଭ୍ରମର ଶ୍ରୁତିକି ଚମ୍ପାପୁଷ୍ପ ମଣି କାତର; ଚକୋର ଶ୍ରୁତିକି ଫାଶ ମଣି ମଧ୍ୟ କାତର ହେଲା । ଅପୂର୍ବ ଅମ୍ବୁଜ—ଚନ୍ଦ୍ରର ବିକାଶ ରାତିରେ, ପଦ୍ମର ବିକାଶ ଦିନରେ ଏହାର ଯେ ମୁଖ ପଦ୍ମ ଓ ମୁଖଚନ୍ଦ୍ର ଅହୋରାତ୍ର ଅମ୍ଳାନ ଭାବରେ ବିକାଶ ଲାଭ କରେ । 'ଚମ୍ପକଂ ପାଟଳୀପୁଷ୍ପଂ ଶ୍ରୁତି ଦୋଲା ଚ ପାଶକ ଇତି କବି ଚିନ୍ତାମଣିଃ ।

କେଶ ଦରଶନେ ରଥାଙ୍ଗ ଥାଇଁ ଆହାର ବଶେ ।
ବିଚ୍ଛେଦ ଭୟରୁ ପଳାଇ ଗଲେ ନ ରହି ପାଶେ । ୧୪ ।
ନୟନ ଉଜ୍ଜ୍ୱଳ କଜ୍ଜଳ ଲକ୍ଷ୍ମୀ ଅନାଇ ଦେଇ ।
ଗଭୀର ଜଳରେ ପଶିଲେ ମୀନ ଭୟକୁ ପାଇ । ୧୫ ।
ଭୁରୁ ନୟନ ଅଞ୍ଜନକୁ ଚାହିଁ ଖଞ୍ଜନମାନେ ।
କୁରଙ୍ଗ ହୋ ଅମ୍ଭେ ମଲୁଇଁ ବୋଲି ଡାକିଲେ ସ୍ୱନେ । ୧୬ ।
ସମ୍ଭରେ ସଜନୀ ଅମ୍ଭରେ ସେହିକାଳେ ପଶିଲେ ।
ହାସ ପରିହାସ ସରସ ଉକ୍ତିମାନ ଭାଷିଲେ । ୧୭ ।
ଦେଖ ରେ ନଳିନ ନଳିନୀ ନଳିନୀରେ ପୂରିତ ।
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ । ୧୮ ।

୧୪ । ରଥାଙ୍ଗ—ଚକ୍ରବାକ । କେଶ ଦରଶନେ—କେଶକୁ ଦେଖି । ଆହାର ପାଇଁ ଧାଇଁଲା କାରଣ ସେ ମନେ କରିଥିଲା ଏ ଶୈବାଳ । ବିଚ୍ଛେଦ ଭୟରୁ—ତା ସ୍ତ୍ରୀଠାରୁ ବିରହ ଘଟିବ ଏହି ଭୟରେ ତା ପାଖରେ ନ ରହି ପଳାଇ ଗଲା, କାରଣ ଭାବିଲା ଏ ରାତ୍ରି ( ରାତ୍ରିରେ ଚକ୍ରବାକ ଦମ୍ପତୀ ମଧ୍ୟରେ ବିରହ ହୁଏ ) ।

୧୫ । ଆଖିର ଚକଚକିଆ କଜ୍ଜଳର ଲକ୍ଷ୍ମୀକି ଦେଖି ଗଭୀର ପାଣିରେ ମାଛ ଯାଇ ଲୁଚିଲା—ଭୟରେ ମନେ କଲା ଏ ଲକ୍ଷ୍ମୀ ନୁହେଁ ଏ ଜାଲ, ଏଥିରେ ମୋତେ ମାରି ପକାଇବ ।

୧୬ । ଚକ୍ଷୁ ଭୁରୁ—ଭ୍ରୂଲତା । ନୟନ—ଆଖି ଅଞ୍ଜନ—କଜ୍ଜଳକୁ ଦେଖି ଖଞ୍ଜନ ପକ୍ଷୀସବୁ ଡାକ କରି କହିଲେ 'ହେ ହରିଣମାନେ ଆମ୍ଭେ ସବୁ ମଲୁ । ସାବଧାନ ହୁଅ । କୁରଙ୍ଗ—ହରିଣ । କାରଣ ସେମାନେ ମନେ କଲେ ଭ୍ରୂଲତା ହେଲା ଧନୁ, ଆଖି ହେଲା ଶର ଓ ଅଞ୍ଜନ ହେଲା ଗୁଣ, ବାନ୍ଧିଲେ ମରିବୁ—ତେଣୁ ଭୟରେ ଏପରି କହିଲେ । ଚକ୍ଷୁର ଶୋଭା ମାଛ, ଖଞ୍ଜନ ଓ ହରିଣକୁ ତିରସ୍କାର କରୁଛି ।

୧୭ । ସମ୍ଭରେ—ଆଡ଼ମ୍ବର ସହକାରେ । ଅମ୍ଭରେ—ଜଳରେ । ସରସହାସ ପରିହାସ ଉକ୍ତିମାନ—ଥଟ୍ଟା, ନକଲ ଓ ଛଳରେ କଥାବାର୍ତ୍ତା ହେଲେ । ( ସମ୍ଭାରେ—ପାଠ ସମୀଚୀନ ନୁହେ—ଅନ୍ୟ ପାଠମାନ ଦ୍ରଷ୍ଟବ୍ୟ ) ।

୧୮ । ଅତି ସ୍ନେହରେ ରୁ ଓ ରେ ପ୍ରଯୁକ୍ତ ହୁଏ । ରେ ନଳିନ—ପଦ୍ମିନୀ କନ୍ୟା, ନଳିନୀ ଯେ ପୁଷ୍କରିଣୀ ସେ ନଳିନରେ ପଦ୍ମଲତାରେ ପୂର୍ଣ୍ଣ ହୋଇଛି । ଭ୍ରମରେ—ଭ୍ରମରମାନେ । ଭ୍ରମରେ—ମଦମତ୍ତ ହେତୁ ଭ୍ରମବଶରେ । ଭ୍ରମରେ—ଭ୍ରମୀର ଚକ୍ରାକାରରେ ବା ଜଳର

ବ-ଗ୍ରଜ ବଗ୍ରଜ ଅଛନ୍ତି ମୀନ ଭକ୍ଷଣ ପାଇଁ ।
ଗ୍ରଜୀବ ଗ୍ରଜୀବନୟନା ଏଥି ଖେଳା କରଇ । ୧୯ ।
ସଲିଳେ ଉଡ଼ୁପ ଦେଖ ରେ ହୋଇଅଛୁ ଶୋଭନ ।
ସଲିଳେ ଉଡ଼ୁପବଦନା ଖେଳିବାକୁ ମୋ ମନ । ୨୦ ।
ନବୀନ ଜୀମୂତ ଜୀମୂତସ୍ତନା କି ଏ ଉଦିତ ।
ଏ ନୀଲ କମଳ କମଳବନ୍ଧୁ ବହି ତେମନ୍ତ । ୨୧ ।
ଭୁବନ ଏଥିରେ ପୂରିତ ମୋହେ ସର୍ବ ଭୁବନ ।
ଜୀବନବନ୍ଧୁ ଏ ନିଷ୍ଟୟେ ପ୍ରଣୀଙ୍କର ଜୀବନ । ୨୨ ।

ଭଉଁରୀ ସଦୃଶ ଭ୍ରମଣ କରୁଅଛନ୍ତି ମଧ୍ୟ ଯମକ । ବା ଭ୍ରମ—ଜଳନିର୍ଗମ ତହିଁରେ ଏ ଯେଉଁ ସରୋବର ଶୋଭିତ ଅଛଇ ।

୧୯ । ଗ୍ରଜୀବନୟନା—ପଦ୍ମଲୋଚନା । ବଗ୍ରଜ—ପକ୍ଷୀସମୂହ ଅର୍ଥାତ୍ ମତ୍ସ୍ୟରଙ୍କାଦି ପକ୍ଷୀ ସମୂହ ମୀନମାନଙ୍କୁ ଭକ୍ଷିବା ନିମନ୍ତେ ବଗ୍ରଜ ଅଛନ୍ତି—ଶୋଭି ପାଉଛନ୍ତି । ପୁଣି ଏଥି—ଏହି ସଙ୍ଗରେ ଗ୍ରଜୀବ ଯେ ମତ୍ସ୍ୟବିଶେଷ ଖେଳା କରୁଅଛି ["ଗ୍ରଜୀବଂ ନଳିନେ ନା ତୁ ହରିଣମୀନୟୋଃ ] ଲୋକନାଥ ଗ୍ରଜୀବଶବ୍ଦରୁ ( ଷେଉଲ )' କହିଅଛନ୍ତି ତାହା ପ୍ରାମାଦିକ; କାରଣ ଅମରକୋଷରେ ମତ୍ସ୍ୟ ବିଶେଷମାନଙ୍କ ନାମ ଦେଇ "ଗ୍ରଜୀବ ଶକୁଲସ୍ତିମିଃ' ଲିଖିତ ଅଛି । ପୁନଶ୍ଚ ସେ ଗ୍ରଜବକୁ ଗ୍ରଇଗଡ଼ା ମାଛ କହିଅଛନ୍ତି— ଏ ମାଛ ଏ ଅଞ୍ଚଳରେ ଅପ୍ରସିଦ୍ଧ । ଗ୍ରଜୀବ ଶକୁଳ ଓ ତିମି ଭିନ୍ନ ଭିନ୍ନ ମାଛଙ୍କ ନାମ ।

୨୦ । ହେ ଉଡ଼ୁପବଦନା—ହେ ଚନ୍ଦ୍ରମୁଖି । ସଲିଳ ଯେ ଜଳ ସେଥିରେ ଉଡ଼ୁପ ନୌକା ଶୋଭି ପାଉଅଛି । ସଲିଳେ—ଲୀଳାର ସହିତ ନୌକା ଖେଳିବାକୁ ମୋ ମନ ଆଦ୍ୟ ଯମକ—୨୧ । ଜୀମୂତସ୍ତନା—ହେ ଦିରସ୍ତନା, ନବୀନ ଜୀମୂତ—ନୂଆମେଘ ଏ ଉଦିତ—ପ୍ରକାଶିତ କାରଣ ନୀଳ କମଳ— ନୀଳପଦ୍ମ । କମଳ ବନ୍ଧୁକୁ—ଜଳବନ୍ଧୁକୁ ବହିବାରୁ ନୂଆ ମେଘ ପରି ଦିଶୁଛି । ନୂଆ ମେଘରେ ଜଳ ଥାଏ । ନୀଳପଦ୍ମର ମେଘ ସହିତ ସାଦୃଶ୍ୟ । ମଧ୍ୟ ଯମକ ।

୨୨ । ଭୁବନ—ଜଳ । ଭୁବନ—ସଂସାର । ପ୍ରାଣୀଙ୍କର ଜୀବନବନ୍ଧୁ—ପ୍ରାଣୀଙ୍କର ପ୍ରାଣବନ୍ଧୁ ତହିଁ ଏ ଜୀବନ—ପ୍ରାଣ ଓ ଜଳ । ଆଦ୍ୟ ଯମକ ।

ଅହି-ମକର ତାପ ନାଶେ ଶୋଭି ସାରସ ଚକ୍ରେ
ଅହି ମକର ତାପ ନାଶେ ଶୋଭି ସାରସ ଚକ୍ରେ । ୨୩ ।
ଯଶ ପ୍ରକାଶିବ ସୁମନ—ସର ସୁମନଶର
ମହୀକି ଆଣିଲା ସୁମନ—ସର ସୁମନସର । ୨୪ ।
ମନ୍ଦିକା ପୁଚ୍ଛିଲା ଜେମାକୁ ଗୁରୁବର୍ଣ୍ଣେ ଏସନ
ଏକାକ୍ଷରେ ଖ୍ୟାତ ଧରଣୀ କରଭୂଷା ନିରଣ୍ଣ । ୨୫ ।
ବଶିଷ୍ଠ ନାମ ଖ୍ୟାତ ମୁନି ଯାହା କରେ ସେ ହେବ ।
ପ୍ରାକର୍ମ ଦ୍ୱିବର୍ଣ୍ଣ ବଲେମେ ରାମକୁମର ଥିବ । ୨୬ ।

୨୩ । ଅହିମକର—ସୂର୍ଯ୍ୟ; ତାଙ୍କର ତାପକୁ ଏ ସର ତାପ ନାଶ କରେ । ସାରସଚକ୍ରେ—ପଦ୍ମ ସମୂହରେ ଶୋଭି ପାଉଛି । ଅହି—ସର୍ପ; ମକର—ମଗର, ତାଙ୍କର ଦୁଃଖର ନାଶକାରୀ ଏ ସର । ସାରସଚକ୍ରେ—ହଂସସମୂହ ବା ହଂସ ଓ ଚକ୍ରବାକମାନଙ୍କରେ ଏ ଶୋଭି ପାଉଛି । ଏ ସବ ଯମକ ବା ମହାଯମକ । କ୍ରୀଡ଼ା ସରୋବରରେ ଅହି ମକର ବର୍ଣ୍ଣନା କବି ସମୟୋକ୍ତିର ବିରୋଧୀ; ତହୁଁ କବିଙ୍କ ବର୍ଣ୍ଣନାର ଉପରିଲିଖିତ ଅର୍ଥରେ ଦୋଷ ଆସୁଛି । ତେବେ କବିଙ୍କ ଉକ୍ତି ସମର୍ଥନ କଲେ—ଅହି—ନୋହି (ଅ—ନ; ହି—ଅବଧାରଣେ) ନିଶ୍ଚିତରୂପେ ନାହାନ୍ତି ମକର ଦୁଷ୍ଟ ମତ୍ସ୍ୟମାନେ ଯହିଁରେ ଓ ତାପ ନାଶେ—ଲୋକଙ୍କ ଦୁଃଖକୁ ନାଶ କରେ । ସଚକ୍ରରେ—ଚକ୍ରବାକରେ ଯୁକ୍ତ ହୋଇ ଶୋଭିର ସାରସେ ଅଛି—(ଲୋକ) କିନ୍ତୁ ଏପରି କ୍ଳିଷ୍ଟ କଳ୍ପନା ନ କରି ନାହିଁ ହିମକର—ଶୀତଳକର ଯାହାଠାରୁ ସେ ଅହିମକର ତହୁଁ ତାପ—ଗ୍ରୀଷ୍ମତାପ ନାଶରେ—ଅନ୍ୟ ପୂର୍ବବତ୍ ।

୨୪ । ଏହି ସୁମନସର—ପୁଷ୍ପପୂର୍ଣ୍ଣ ପୋଖରୀ—ବିଶେଷତଃ ନୀଳଉତ୍ପଳ ଓ ଅରବିନ୍ଦରେ ପୂର୍ଣ୍ଣ ଏହି ପୋଖରୀ । ସୁମନଶର—କନ୍ଦର୍ପର ଯଶ କି ଯଶତା ପ୍ରକାଶ କରିବ କାରଣ ସେ କନ୍ଦର୍ପ ସୁମନସରେ—ଉତ୍ତମମନରେ । ସୁମନସର—ଦେବସରୋବର କି ମାନସ ସରୋବରକୁ ମହୀକି ଆଣିଲା । "ଯଶ ପ୍ରକାଶିବ" ଏ ପାଠ ଗ୍ରହଣ କଲେ ସୁମନସର ଯେ କନ୍ଦର୍ପ । ସୁମନସର ଯେ କନ୍ଦର୍ପର ପୁଷ୍ପଶରଦ୍ୱୟ ଅରବିନ୍ଦ ଓ ନୀଳୋତ୍ପଳ, ତାର ସୌନ୍ଦର୍ଯ୍ୟାଦି ଯଶ ପ୍ରକାଶ ହେବ, ଏଥି ସକାଶେ ମହୀକୁ ଆଣିଲା ।

୨୫ । ମନ୍ଦିକା—ମନ୍ତ୍ରୀଝିଅ । ଗୁରୁବର୍ଣ୍ଣେ—ଗୁରୁ ଅକ୍ଷରରେ । ଏସନେ—ଏପରି ।

ବ୍ୟସ୍ତେ ବସନ୍ତାଦ ଫୁଲେକ ପୁଣି ତହିଁର ନାମ ।
ସମସ୍ତ ପଢ଼ିଲେ ହୋଇବ ଜଳେ ଥିବା କୁସୁମ । ୨୭ ।
ଚତୁରୀ ତୁରିତେ ଜାଣିଲା ହସି କହିଲା ତହିଁ ।
କଂସ କରିବର ପତ୍ନୀଙ୍କୁ ମୋତେ ପରତେ ହୋଇ । ୨୮ ।
'ଫଳ' ଦେନା ବର୍ଣ୍ଣ ପ୍ରାନ୍ତରେ ଦେଲେ ମୁକୁତା ନାମା ।
ଶୁଣି ଧନ୍ୟ ବୋଲି ପ୍ରଶଂସା କଲେ ସକଳ ବାମା । ୨୯ ।
ଏ ବିଧିରେ ଭୃଷି ଭାରତୀ ଜଳ କ୍ଷେପଣ କରି ।
ଦେଖିଲା ନ ଥିଲା ଚଞ୍ଚଳା ବରଷିବାର ବାରି । ୩୦ ।
ଉତ୍ତାନ ପ୍ଳବନେ ଉରଜମାନେ କି ମନୋହର ।
ନଳଦୀକ୍ଷା ପାଇ ନାଶିକି ଭେଳା କଲେ ଭୂଧର । ୩୧ ।

---

୨୭ । ଏକାକ୍ଷରେ ଖ୍ୟାତ ଧରଣୀ—'କୁ' । କରଭୂଷା—ହାତର ଅଳଙ୍କାର "ବଳୟ" ପୁଣ ବୟସ ନାମ ଖ୍ୟାତ—ବୟ (ବ୍ୟସ୍ତ କଲେ) । ମୁନି ଯାହା କରେ "ଲୟ"; ପ୍ରାକର୍ମ ଦ୍ୱିବର୍ଣ୍ଣେ—ଦ୍ୱିବର୍ଣ୍ଣ ସେ ପରାକ୍ରମ—ଶକ୍ତି ବୁଝାଇବ—"ବଳ" ବଲେମେ—ଓଲଟାଇଲେ ରାମକୁମର—"ଲବ" । ବ୍ୟସ୍ତ ବସନ୍ତାଦ ଫୁଲେକ—ଓଲଟାଇ ପଢ଼ିଲେ ବସନ୍ତକାଳର ଏକ ଆଦ୍ୟଫୁଲ "ବକୁଳ" । ତହିଁର ନାମ "କୁଳ" ସମସ୍ତ ..କୁସୁମ—ଏକାଠି ପଢ଼ିଗଲେ ହେବ ଜଳର ଫୁଲ "କୁବଳୟ" ।

୨୮ । କଂସ କରିବର—କୁବଳୟ କଂସର ହାତୀ । ପରତେ—ଜଣାଯାଇ ।

୨୯ । ଫଳ ଏହି ଦୁଇ ଅକ୍ଷର ଶେଷରେ ଯୋଗ କଲେ ମୁକୁତା ନାମ ହେବ "କୁବଳୟ ଫଳ" କୁବଳୟ—ପୃଥିବୀ ବଳୟ ଯାହାର ସେ ସମୁଦ୍ର ତାର ଫଳ—ମୁକ୍ତା । ସକଳବାମା—ସବୁ ସ୍ତ୍ରୀ । ୩୦ । ଏ ବିଧିରେ—ଏହି ପ୍ରକାରରେ । ଭାରତୀ—କଥା । କ୍ଷେପଣ କରି—ପକାଇ । ଦେଖିଲା ନ ଥିଲା—ଦେଖା ନ ଥିଲା । ଚଞ୍ଚଳା—ବିଜୁଳି—ପ୍ରକୃତ ଅର୍ଥରେ ଚଞ୍ଚଳା ସ୍ତ୍ରୀମାନେ—ବାରି—ଜଳ ବର୍ଷା କରିବାରୁ ଯେ ଏଠାରେ ବିଦ୍ୟୁତ୍ ବର୍ଣ୍ଣିର ସ୍ତ୍ରୀମାନେ । ୩୧ । ଉତ୍ତାନ ପ୍ଳବନେ—ଚିତ୍ ହୋଇ । ପ୍ଳବନେ —ପହଁରିବାରେ । ଉରଜମାନେ—ସ୍ତନସବୁ । ନଳଦୀକ୍ଷା ପାଇ—ସୁଗ୍ରୀବଙ୍କ ମନ୍ତ୍ରୀ ନଳ ଯେ ରାମଙ୍କ ସେନାପତି ; ସେତୁବନ୍ଧ ସମୟରେ ସେ ମନ୍ତ୍ରବଳରେ ପର୍ବତମାନଙ୍କୁ ସମୁଦ୍ରରେ ସ୍ଥାପନା କରୁଥିଲେ ସେ ସବୁ ନ ବୁଡ଼ି ସମୁଦ୍ରରେ ଭାସୁଥିଲା । ଏହି ନଳଦୀକ୍ଷା ପାଇ ନାରୀମାନେ ସ୍ତନରୂପ ପର୍ବତରେ ଭେଳା ତିଆରି କଲେ କି ?

ଅଙ୍ଗ କି କୁସୁମ ନାରାଜ ରଙ୍ଗ ବହିତ୍ର ଲୀଳା ।
କରୁଛି ଏମନ୍ତ ଶୋଭାକୁ ପୁଣି ବହିଲେ ବାଳା । ୩୨ ।
ବୁଡ଼ି କେ କାହାର ଚରଣ ଧରୁଁ ଜାଣି ସେ ଭାଷି
ଗଡରେ ଗଜ ଅଛି ବୋଲି ମୋତେ କୁମ୍ଭୀର ଗ୍ରାସି । ୩୩ ।
ନାରୀ ନଦୀ ବାରି ନୋହିଲେ ଭହି ଘଡ଼ିଏ ଯାଏ ।
ହାସ କୁମୁଦ, ନେତ୍ର ମୀନ, ମୁଖ କମଳ ପ୍ରାୟେ । ୩୪ ।
ଜଘନ ପୁଳିନ, ଉରଜ ଚକ୍ରବାକ ମିଥୁନ
ରୋମାବଳୀ ଅଳି ଆବଳୀ, ଗତି ହଂସ ସମାନ । "୫ ।
ଉଦର କମଳ ପଲାଶ, ନାଭି ଜଳ ଭଉଁରି
କର କୋକନଦ, ସୁବାହୁ ଯହିଁ ମୃଣାଳ ସରି । ୩୬ ।
ବାଳୀ ଜଳେ ମିଳି କରନ୍ତି କେଳି ଏ ହୋଏ ଜଣା
ସଖୀ ସଙ୍ଗେ ମିଶି କ୍ରୀଡ଼ଇ ଯହିଁ ଚଞ୍ଚଳେକ୍ଷଣା । ୩୭ ।
କାହିଁକି ଏମନ୍ତ ବୋଇଲେ ବୋଲି କେବା ବୋଲିବ
ସୁଲକ୍ଷଣାକୁ ଏ ଲକ୍ଷଣା କାହୁଁ ସମାନ ହେବ । ୩୮ ।
ସ୍ନାନ ଅବଶେଷେ କୂଳକୁ କୁଳପାଳିକା ଆସି
ଗତ୍ରର ଅଙ୍ଗରେ ଜଡ଼ି ସେ ଶାଢ଼ୀ ଏମନ୍ତ ଦିଶି । ୩୯ ।

---

୩୨ । କୁସୁମ ନାରାଜ—ପୁଷ୍ପବାଣ କନ୍ଦର୍ପ ସେ ହେଲା ରାଜ—ରାଜା, ବହିତ୍ରଲୀଳା —ବୋଇତ ଖେଳା କରୁଛି । ସେହି ଶୋଭାକୁ କନ୍ୟାମାନେ ଧାରଣ କଲେ ବା କନ୍ଦର୍ପରାଜ ବହିତ୍ରଲୀଳା—ଚନ୍ଦ୍ରମାନଙ୍କର ବୋଇତ ଲୀଳା କରୁଛି କି (କନ୍ୟାମାନଙ୍କର ମୁଖ ହେଲା ଚନ୍ଦ୍ରମାନ) । ୩୩ । ଗଡରେ ଗଜ ଅଛି ବୋଲି—ଗଜଗମନା ହେତୁ । ଗଜକୁ କୁମ୍ଭୀର ଧରିଥିଲା । ହରି କୁମ୍ଭୀରକୁ ଚକ୍ରରେ ଛେଦନ କରି ଗଜକୁ ରକ୍ଷା କରିଥିଲେ ।

୩୪ । ହାସ ହେଲା କୁମୁଦ—କଇଁ । କମଳ—ପଦ୍ମ । ପୁଳିନ—ନଦୀତୀର, ବାଲୁକାମୟ ପ୍ରଦେଶ । ଉରଜ—ସ୍ତନ । ଚକ୍ରବାକ ମିଥୁନ—ଚକ୍ରବାକ ଓ ଚକ୍ରବାକୀ । ରୋମାବଳୀ—ରୋମସବୁ । ଅଳି ଆବଳୀ—ଭ୍ରମର ସମୂହ । ଉଦର—ପେଟ । କମଳପଲାଶ—ପଦ୍ମପତ୍ର । କର—ହସ୍ତ । କୋକନଦ—ରକ୍ତପଦ୍ମ । ମୃଣାଳ—ପଦ୍ମନାଡ଼ । ଚଞ୍ଚଳେକ୍ଷଣା—ଚଞ୍ଚଳନୟନା, ଲାବଣ୍ୟବତୀ । ୩୮ । ସୁଲକ୍ଷଣାକୁ—ସୁନ୍ଦରୀ ଲକ୍ଷଣବତୀକୁ । ଲକ୍ଷଣା—ସାଦୃଶ୍ୟ । ୩୯ । କୁଳପାଳିକା—ସାଧ୍ୱୀ ବା ଉଚ୍ଚ ବଂଶୀୟା

ସ୍ଫଟିକ ବାଡ଼ ପୁଟି ଦଶେ କସ ହେମ ପିତୁଳା
ସ୍ତନ ସଂପୁଟେକି ବାରଣଦନ୍ତ ପିଧାନ କଲା । ୪୦ ।
ଅତି ଜରଜର ନୀରରେ ଯହୁଁ ଏମନ୍ତ ଭାବ
ସେ ଚନ୍ଦ୍ରଶିଳ ଶଇଳ କି ହାସଚନ୍ଦ୍ରରେ ଦ୍ରବ । ୪୧ ।
ବିନ୍ଦୁ ବିନ୍ଦୁ ଜଳ ରହିଛି ଗୁରୁ କୁଟିଳ ବାଳେ
ତୁଷାର ବୃଷ୍ଟି କି ହୋଇଛି ନବ ତମାଳ ଦଳେ । ୪୨ ।
ନବଘନେ କିବା ଉଇଁଛି ତାର ତାରକାଶ୍ରେଣୀ
ମୋତିପତନ କି ହୋଇଛି ନୀଳମଣି-ଧରଣୀ । ୪୩ ।
ଅଙ୍ଗ ଅଙ୍ଗନାର ପୋଛିଲେ ସଖୀମାନେ ସତ୍ୱରେ
କେଶ ପୋଛି ଦେଇ ଗଣ୍ଠି କି ଦେଲେ ଅଗ୍ର ଭାଗରେ । ୪୪
ଉଞ୍ଚି ଦେଲେ ପୀତାମ୍ବରକୁ ଊରୁସନ୍ଧିକି ରୁନ୍ଧି ।
ପିନ୍ଧି ନିତମ୍ବିନୀ ନିବିଡ଼େ ନୀବୀବନ୍ଧକୁ ବାନ୍ଧି । ୪୫ ।

---

ସ୍ତ୍ରୀ । ଗଉର—ଈଷତ୍ ପୀତ ଶ୍ୱେତ । ୪୦ । ସ୍ଫଟିକ—ଧଳା କାଚ ପଥର । ହେମପିତୁଳା—ସୁନାମୂର୍ତ୍ତି । ସ୍ତନସଂପୁଟେ—ସ୍ତନଫଳୁଆ । ବାରଣଦନ୍ତ—ହାତୀଦାନ୍ତ । ପିଧାନ—ଢାଙ୍କିବା ।

୪୧ । ଜରଜର—ଆବୃତ । ନୀରରେ—ଜଳରେ । ଚନ୍ଦ୍ରଶିଳଶୈଳ—ଚନ୍ଦ୍ରକାନ୍ତମଣିର ପାହାଡ଼ । ହାସ ଚନ୍ଦ୍ରରେ—ହାସ ରୂପକ ଚନ୍ଦ୍ରରେ । ଦ୍ରବ—ତରଳ ଯାଇ । ଚନ୍ଦ୍ରଦ୍ୱାରା ଚନ୍ଦ୍ରକାନ୍ତ ତରଳେ ।

୪୨ । ଗୁରୁ କୁଟିଳବାଳେ—ସୁନ୍ଦର କୁଞ୍ଚୁକୁଞ୍ଚିଆ ବାଳରେ । ତୁଷାର-ବୃଷ୍ଟି—କାକର ବର୍ଷା, (ଧଳା) ନବତମାଳଦଳେ—ନୂଆ ତମାଳ ପତ୍ରରେ ; (କଳା)

୪୩ । ନବଘନେ—ନୂଆ ମେଘରେ । ତାର ତାରକାଶ୍ରେଣୀ—ଉଜ୍ଜ୍ୱଳ ନକ୍ଷତ୍ର ସମୂହ । ନୀଳମଣି ଧରଣୀ—ନୀଳମଣିର ଭୂଇଁରେ । ମୋତି ପତନ କି—ମୋତିସବୁ ପଡ଼ିଛି କି ?

୪୪ । ଅଙ୍ଗ—ଦେହ । ଅଙ୍ଗନା—ସୁନ୍ଦରୀ ସ୍ତ୍ରୀ । ସତ୍ୱରେ—ଶୀଘ୍ରରେ । ୪୫ । ଉଞ୍ଚିଦେଲେ—ଭିଡ଼ି ପିନ୍ଧାଇ ଦେଲେ । ପୀତାମ୍ବର—ହଳଦିଆ ପାଟ ଶାଢ଼ୀ । ଊରୁ ସନ୍ଧିକି—ଜଙ୍ଘର ଉପରଭାଗର ମଝି ଜାଗାକୁ । ରୁନ୍ଧି—ବନ୍ଦ କରି । ନିତମ୍ବିନୀ—ସ୍ଥୂଳନିତମ୍ବ (ପିଚ୍ଛ) ଅଛି ଯାହାର ସେ ସୁନ୍ଦରୀ । ନିବିଡ଼େ—ଦୃଢ଼ରେ । ନୀବୀବନ୍ଧ—କୋଷଣି ଗଣ୍ଠି ।

ଠୋର୍ ହୋଇଲା ଗୋର୍ ଦେହ ଅଲିଙ୍ଗନକୁ ପାଇଁ
ଧଡ଼ି ନ ଥିଲେ ଶାଢ଼ୀ ଥିଲା ପର ଦିଶନ୍ତା ନାହିଁ । ୪୬ ।
ଜଣାଇଲେ ଏବେ ମନ୍ଦିରେ ଯିବା, ଅସ୍ତ ଦିନେଶ
ଜଗତମୋହିନୀ ଜଗତୀପରେ ହେବୁ ସୁବେଶ । ୪୭ ।
ଶୁଣିକରି କରପଇଠ ଦେଇ ବଜେ ସୁନ୍ଦରୀ ।
କାମକଳାକୁ ସେ ଆକ୍ଷେପି ସଜନୀକି ପଚାରି । ୪୮ ।
ହରିକରେ କିସ ଶୋଭନ୍ତି ରବେ କେ ହୋଏ ଭିନ୍ନ,
କାମେ କାମୁକ କି କରନ୍ତି, ଭ୍ରମ କାହିଁ ଶୋଭନ । ୪୯ ।
ଚକ ବରଜରାଜ, ସଂସାର କରତା କେ ଅଟଇ ।
ନୃପତି ଆଗରେ କି ବୋଲି ପ୍ରତିହାରୀ ଡାକଇ । ୫୦ ।
କି ଶୋଭା କରେ ଚନ୍ଦ୍ରକର, ତାର୍ କାହିଁ ଉଦିତ
ବିଷ୍ଣୁର ସର୍ବଦା ମଣ୍ଡନ କି କି କହ ତ୍ୱରିତ । ୫୧ ।
କେ କହେ କମଳ ରଥାଙ୍ଗ ଦର ଗଦା ନନ୍ଦକ
ମଣିମା ହରତ ଅମ୍ବର ବୋଲି ହୋଏ ବିବେକ । ୫୨ ।

---

୪୬ । ଠୋର—ଶୋଭା, ସୁନ୍ଦର । ଆଲିଙ୍ଗନକୁ ପାଇ—ଦେହରେ ଲାଗି ରହିବାରୁ । ଧଡ଼ି......ନାହିଁ—ହଳଦିଆ ପାଟ ସଙ୍ଗରେ ଦେହ ମିଶି ଯାଉଛି । କେବଳ ଧଡ଼ି ହେତୁ ଲୁଗା ବୋଲି ବାରି ହେଉଛି । ୪୭ । ମନ୍ଦିରେ—ଘରକୁ । ଦିନେଶ—ସୂର୍ଯ୍ୟ । ଜଗତୀ—ମଣ୍ଡପ, ଅଟ୍ଟାଳୀ । ୪୮ । କରପଇଠ—ହାତରେ ହାତଭିଡ଼ି । କାମକଳାକୁ—ମନ୍ତ୍ରୀ କୁମାରୀକୁ । ଆକ୍ଷେପି—ଇଙ୍ଗିତ କରି, ସୂଚେଇ । ସଜନୀକି—ସଖୀଙ୍କି ୪୯ । ହରିକରେ—ବିଷ୍ଣୁଙ୍କ ହସ୍ତରେ । କିସ ଶୋଭନ୍ତି—କଣ ଶୋଭାପାଏ 'ପଦ୍ମ' । ରବେ—ରବିରେ । କେ ହୋଏ ଭିନ୍ନ—ପୃଥକ୍ (ପତି ପତ୍ନୀଠାରୁ) ଚକ୍ରବାକ, ଚକ୍ରବାକୀ । କାମେ—ଶୃଙ୍ଗାରରେ । କାମୁକ କି କରନ୍ତି—'ଦର' । ଭ୍ରମ କାହିଁ ଶୋଭନ—ଭ୍ରମର କାହିଁରେ ଶୋଭା—ଗଦା । ୫୦ । କେ ବରଜରାଜ—ଗଉଡ଼ରଜା—ନନ୍ଦ । ସଂସାର କରତା କେ ଅଟଇ—'କ'—ବ୍ରହ୍ମା । ନୃପତି—ରଜା । କି ବୋଲି—କଣ । ପ୍ରତିହାରୀ—ପଡ଼ିହାରୀ, ମଣିମା । ୫୧ । କି...କରେ—କାହାକୁ ଚନ୍ଦ୍ର ସ୍ୱ କିରଣରେ ଶୋଭା ପ୍ରଦାନ କରେ—'ଦର' ହରିତ । ତାର୍ କେଉଁଠାରେ ପ୍ରକାଶିତ—ଅମ୍ବର । ବିଷ୍ଣୁଙ୍କ—ହରିଙ୍କ ସବୁବେଳେ ମଣ୍ଡନ କଣ କଣ ହେବ କହି ଦେଖି ।

୫୨ । ପଦ୍ମ, ରଥାଙ୍ଗ (ଚକ୍ର) ଦର (ଶଙ୍ଖ) ଗଦା । ନନ୍ଦ (କୃଷ୍ଣଙ୍କ ପିତା—ଗଉଡ଼ରଜା ) କ (ବ୍ରହ୍ମା)—ମଣିମା (ଅବଧାନ) ହରିତ (ଦିଗ) ।

ଶ୍ରବଣେ ପ୍ରଶଂସା ସଂସାର ସାର ରମଣୀ କଲା
ସଦନେ ପ୍ରବେଶ ହୋଇ ସେ ପୁଣି ସୁବେଶ ହେଲା । ୫୩ ।
ଏଠାରୁ ଏ ଛାନ୍ଦ ସମ୍ପୂର୍ଣ୍ଣ ଏତେ ଲକ୍ଷଣେ ଯୁକ୍ତ
ଶ୍ଳେଷରେ ଅଭଙ୍ଗ ସଭଙ୍ଗ ଭଙ୍ଗାଭଙ୍ଗହିଁ ବ୍ୟକ୍ତ । ୫୪ ।
ଛଅବିଧ ଯମକ ଆଶୟ ରୂପକରେ ଦୀପକ
ବହିର୍ଲପି ଅନ୍ତର୍ଲିପିକା ଯେମନ୍ତ କର୍ଣ୍ଣରୋଚକ । ୫୫ ।
ବଳି ଛଳି ରାମ ବାମନ ମୂର୍ତ୍ତି ମନରେ ଧ୍ୟାୟି
ଉପେନ୍ଦ୍ର ବୀରବର ଯେ ଏହୁ ରସ କହଇ । ୫୬ ।

---

ଅମ୍ବର—ଆକାଶ । ବିବେକ—ବିଚାର । ବିଷ୍ଣୁଙ୍କ ପକ୍ଷରେ ପଦ୍ମ, ଚକ୍ର, ଶଙ୍ଖ, ଗଦା । ନନ୍ଦକ—କୃଷ୍ଣଙ୍କ ଖଡ୍ଗ । ମଣି—କୌସ୍ତୁଭ । ମା ଲକ୍ଷ୍ମୀ । ହରିତ ଅମ୍ବର—ପୀତାମ୍ବର ।

୫୩ । ସଂସାରସାର- ସଂସାର ମଧ୍ୟରେ ଶ୍ରେଷ୍ଠ । ରମଣୀ—ସ୍ତ୍ରୀ । ସଦନେ—ଘରେ ।

୫୪ । ଲକ୍ଷଣେ—ଗୁଣରେ । ଶ୍ଳେଷ—ବାକ୍ୟାଳଙ୍କାର । ଶବ୍ଦ ବା ବାକ୍ୟର ଦୁଇ ବା ତତୋଽଧିକ ଅର୍ଥରେ ଶ୍ଳେଷ ହୁଏ—ତାହା ପ୍ରକୃତି, ପ୍ରତ୍ୟୟ, ଲିଙ୍ଗାଦି ଭେଦରେ ୮ ପ୍ରକାର । ପୁଣି ପଦର ଭଙ୍ଗରେ ଓ ଅଭଙ୍ଗରେ ଓ ଭଙ୍ଗାଭଙ୍ଗରେ ତ୍ରିବିଧ । ବ୍ୟକ୍ତ—ପ୍ରକାଶିତ । ଯମକ ପଦର ଆବୃତ୍ତିରେ ହୁଏ—ତାହା ଆଦ୍ୟ, ପ୍ରାନ୍ତ, ମଧ୍ୟ, ଆଦ୍ୟପ୍ରାନ୍ତ, ଆଦ୍ୟମଧ୍ୟ, ସର୍ବଯମକ ଏ ରୂପ ଛଅ ପ୍ରକାର । ରୂପକ—ଉପମାନର ଉପମେୟରେ ଅଭେଦ ବା ଉପମାନର ରୂପକୁ ଉପମେୟ ଉପରେ ଆରୋପକୁ ରୂପକ କହି । ଆଶୟରେ—ପ୍ରକରଣାର୍ଥରୁ ଅନ୍ୟ ଏକ ଅର୍ଥ ପ୍ରକାଶ ପାଇଲେ । ଦୀପକ—ଦୁଇଗୋଟି ପଦାର୍ଥ ଏକ ପ୍ରସଙ୍ଗରେ ଅନ୍ୱୟ ହେଲେ ଦୀପକ ହୁଏ । ବହିର୍ଲପି ଓ ଅନ୍ତର୍ଲପି—ଗୂଢ଼ୋକ୍ତିର ଶବ୍ଦ ସମସ୍ୟା ନେଇ ବିଚାର ।

୫୬ । ବଳି—ଦୈତ୍ୟରାଜ, ବଡ଼ ଦାତା; ବିଷ୍ଣୁଭକ୍ତ । ତାର ଦାନ ଧର୍ମରେ ଇନ୍ଦ୍ର ଭୀତ ହୋଇ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ବିଷ୍ଣୁ ଅଦିତି ଗର୍ଭରେ ଉପେନ୍ଦ୍ର ନାମରେ ଜନ୍ମ ପରିଗ୍ରହ କରି ବାମନରୂପେ ତ୍ରିପାଦ ଭୂମି ମାଗିଥିଲେ—ଶୁକ୍ରଙ୍କ ନିଷେଧ ସତ୍ତ୍ୱେ ସେ ଦାନ ଦେଲେ ଓ ସ୍ୱମସ୍ତକରେ ବିଷ୍ଣୁଙ୍କ ପାଦଗୃହ ଯୋଗେ ପାତାଳରେ ରହିଲେ । ବାଳିଛଳି—ପାଠ ସମୀଚନ ନୁହେଁ—ବାଳି ପାଠରେ ଅର୍ଥ ସୁଗମ—ମର୍କଟରାଜ ବାଳିକୁ ଗଛ ପଛରେ ରହି ମାରି ସୁଗ୍ରୀବକୁ ସାହାଯ୍ୟ କରିଥିଲେ ।

# ସପ୍ତମ ଛାନ୍ଦ

## ଗ୍ରଗ ଭୂପାଳ—ଚଣ୍ଡିକା ବାଣୀ

(ବାଜବରର ସିଂହଳରେ ଭେଜନ୍ଦ ଦଶା ଦେଖାଇବା)

ଏଥୁଅନ୍ତେ ଶୁଣ ଜନେ ମନ ଦେଇ ।
ମନୋହର ବସନ୍ତ ଋତୁକୁ ଗ୍ରହି । ୧ ।
ବଡେ ଅଗ୍ରମେ କର୍ଣ୍ଣାଟରାଜ-ସୁତ ।
ସମୀପରେ ରହିଛନ୍ତି ଗୁରୁ ମିତ । ୨ ।
ସ ବୁଧାନ ମଣିମା ଝୁଣ୍ଟିଆ ତାଙ୍କେ ।
ସେବାନ୍ତି ପୁଣ ତହିଁ ଖଟଣୀ ଲୋକେ । ୩ ।
ଯଶ ବର୍ଣ୍ଣନା କରନ୍ତି ଭାଟେ ଶ୍ଳେଷେ ।
ଏକ ପଦରେ ଗୀତ କବିତ୍ୱବଶେ । ୪ ।
ଚନ୍ଦ ନହ ଭାଷ ପର ବୀର ଦାନ୍ତୀ ।
କୀର୍ତ୍ତି ନାଷ୍ଟେ ତାର ହାର ଧୀର ମାନୀ । ୫ ।
ଯାନ ଜବ ପେଖି ପର ଦର୍ପହୀନେ ।
ପ୍ରାପ୍ତସୁଖ ଭାଜନାପ୍ତ ପ୍ରତିଦିନେ । ୬ ।

---

୨ । ଅଗ୍ରମେ—ବଗିଚାରେ, ଉପବନରେ । ୩ । ଝୁଣ୍ଟିଆ—ସେବକ ବିଶେଷ । ଖଟଣୀ—ନିଯୋଗିଆ । ୪ । ଭାଟ—ସ୍ତୁତିପାଠକ । ଶ୍ଳେଷେ—ଦୁଇ ଅର୍ଥରେ । କବିତ୍ୱବଶେ — କବିପଣରେ । ୫ । ଚନ୍ଦ ନହ ଭାଷ ବୀରଦାନ୍ତୀ—ହେ ବୀର, ହେ ଦାନ୍ତୀ ତବ ଭାଷ—ତୁମ୍ଭର ବଚନ କଥା ଚନ୍ଦ—ଚନ୍ଦ୍ର । ନହ—ନୁହେଁ କି ( କାକୁ ) —ଆପଣଙ୍କ ବାକ୍ୟ ଚନ୍ଦ୍ର ପରି ଶୀତଳ । ବା ହେ ବୀରଦାନ୍ତୀ—ହେ ବୀରଦନ୍ତା ( ଦାନ—ଛେଦନ, ଦୋ-ଅବଖଣ୍ଡନେ ) । ତବ ଭାସ—ତୁମ୍ଭର ଶରୀରକାନ୍ତି ଚନ୍ଦ— ସୁବର୍ଣ୍ଣ ବା କର୍ପୂର ନୁହେଁ କି—ତୁମ୍ଭ କାନ୍ତି ସୁବର୍ଣ୍ଣ ବା କର୍ପୂର ପରି । କୀର୍ତ୍ତି ନଷ୍ଟେ ତାର ହାର ଧୀର ମାନୀ—ହେ ଧୀର ହେ ମାନୀ—ହେ ଶିଷ୍ଟ ହେ ଉନ୍ନତମନା, ତୁମ୍ଭର କୀର୍ତ୍ତି ନଷ୍ଟେ ତାର ହାର—ଉଜ୍ଜ୍ୱଳ ମୁକ୍ତାହାର । ପକ୍ଷେ କୀର୍ତ୍ତି ଯେ ପ୍ରସାଦ—ପ୍ରସନ୍ନତା—ନିର୍ମଳତା ଓ ଅନୁଗ୍ରହ ସେ ନଷ୍ଟେ ମୁକ୍ତାହାର ବା ନକ୍ଷତ୍ର ହାର । ଧୀର ମାନୀ—ପଣ୍ଡିତମାନଙ୍କ ମଧ୍ୟରେ ଅଭିମାନବନ୍ତ ଅଟନ୍ତି । ୬ । ଯାନ ଯବପେଖି ପରଦର୍ପହୀନେ—ଯାନ— ଯୁଦ୍ଧଯାତ୍ରାକୁ—ଜବାପେଖି—ଯେବେ ଦୃଷ୍ଟି ହୁଏ—ପର-ଶତ୍ରୁ-ସେ ଦର୍ପହୀନ ହୁଏ । ପକ୍ଷେ-ଜାନ୍—ପ୍ରାଣକୁ ଜବ ପେଖି—ଯେବେ ବା

ଭେଟନ୍ତି କବି ଗୀତ କରି ନିବଧିରେ ।
ପ୍ରାନ୍ତଯମକ ଶୃଙ୍ଖଳା ଗୋମୂତ୍ରରେ ।୭।

ଦ ର ଚ ୟ ହ ର ଧୀ ର ପ୍ର ଶଂ ସା ର ।
ସା ର ସା ୟୁ କ ର କ ର ଏ ସଂ ସା ର ।୮।
ସା ର ସା ର ଜି ତ ଗ ତି ହେ କୁ ମା ର ।
ମା ର ପ ର ସ ତ ଅ ତି ସୁ କୁ ମା ର ।୯।

---

ଶୀଘ୍ର ଦୃଷ୍ଟି ଦିଅ—ଯଦି ଯୁଦ୍ଧରେ ପ୍ରାଣଠାରେ ମମତା ରଖ—ପର—ପ୍ରଧାନ । ଦର୍ପହୀନ —ଗର୍ବଶୂନ୍ୟ ହେବ । ଅର୍ଥାତ୍ ପ୍ରାଣଭୟ ରହିଲେ ଯୋଦ୍ଧା ଗର୍ବଶୂନ୍ୟ ହୁଏ । ( ଜାନ୍ ଯାଉ ପଛେ ମାନ ଥାଉ ମାନ ବରବର ଜାନ୍‌କ ) ଜବାପେକ୍ଷୀ—ଜବ ଅପେକ୍ଷା କର । ଏଥିରେ ମଧ ଉଭୟ ଅର୍ଥ ଆସିବ । ବା ଯାନ ଯବ ପେକ୍ଷେ—( ପେଷିବୁ ପେଖୁ ପତନ୍ତ୍ର—ଯଥା ଭିଷା, ଭିଖା ) ଯୁଦ୍ଧଯାତ୍ରାରେ ଯେବେ ସୈନ୍ୟ ପଠାଅ ଇତ୍ୟାଦି:—ପ୍ରାୟ ସୁଖ ଭଜନୀୟ ପ୍ରତିଦିନେ—ତୁମ୍ଭେ ପ୍ରତିଦିନ ଭଜନୀୟ —ସେବନୀୟ ଅଟ । ପ୍ରାୟ ବହୁଳ ସୁଖ ଯାହାର ଏପରି ତୁମ୍ଭେ । ସୁଖୀ ଓ ଲୋକସେବ୍ୟ ।

୭ । ନିବଧିରେ— ତିନି ପ୍ରକାରରେ; ପ୍ରାନ୍ତ ଯମକ —ଶେଷରେ ପଦର ଆବୃତ୍ତି । ଶୃଙ୍ଖଳା —ପୂର୍ବବାକ୍ୟର ଶେଷ ଓ ପରବାକ୍ୟର ପ୍ରଥମରେ ସମାନ ଅକ୍ଷର ବିଶିଷ୍ଟ ରଚନା । ଗୋମୂତ୍ର—ପ୍ରଥମ ବାକ୍ୟର ପ୍ରଥମ ବର୍ଣ୍ଣ ସହିତ ଦ୍ୱିତୀୟ ବାକ୍ୟର ଦ୍ୱିତୀୟ ବର୍ଣ୍ଣ ପ୍ରଥମ ବାକ୍ୟର ତୃତୀୟ ସହିତ ଦ୍ୱିତୀୟ ବାକ୍ୟର ଚତୁର୍ଥ ବର୍ଣ୍ଣ ଏହିପରି ପାଠ କଲେ ପ୍ରଥମ ବାକ୍ୟର ସମସ୍ତ ଅକ୍ଷର ପାଇବ ଓ ସେହିପରି ଦ୍ୱିତୀୟ ବାକ୍ୟ ପାଠ କଲେ ଦ୍ୱିତୀୟ ବାକ୍ୟର ପ୍ରଥମ ବର୍ଣ୍ଣ ସହିତ ପ୍ରଥମ ବାକ୍ୟର ଦ୍ୱିତୀୟ ବର୍ଣ୍ଣ ଓ କ୍ରମାନୁସାରେ ପଢ଼ିଲେ ହେବ । ତଳ ଉପର ଧରି ପଢ଼ିବ ।

୮ । ଦରଚୟ ହର ଧୀର ପ୍ରଶଂସାର—ଦରଚୟ ହର—ଭୟସମୂହ ନାଶକାରୀ । ଧୀର ପ୍ରଶଂସାର—ପ୍ରଶଂସା କରିବାରେ ତୁମ୍ଭେ ଧୀର—ଜିତେନ୍ଦ୍ରିୟ, ଶିଷ୍ଟ ଅଟ । ସାର ସାୟକର କର ଏ ସଂସାର—ଏ ସଂସାର ସାର—ଏ ସଂସାରରେ ତୁମ୍ଭେ ଶ୍ରେଷ୍ଠ ଅଟ ଓ ସଂସାର ପାଳକ ହେତୁ, ତୁମ୍ଭ କର—ତୁମ୍ଭ ହସ୍ତ । ସାୟକର—ଶର ବା ଖଡ୍‌ଗଯୁକ୍ତ ( ରା—ଦାନାଦାନୟୋଃ ସାୟକଂ ରାତି—ସାୟକର—ସାୟକଯୁକ୍ତ )

୯ । ସାରସାର ଜିତ ଗତି ହେ କୁମାର— ସାରସାରଜିତଗତି ହେ କୁମାର —ସାରସା ଯେ ହଂସ ତାର ଜିତ—ଜିଣିଛି ଗତି କି ଯେ—ହଂସର

ହଟ ଦେଖାଇ ଅଛନ୍ତି ନଟ ତହିଁ ।
  ଚଢ଼ି ବଂଶଶଲାକାରେ ଢୋଲ ବାଇ । ୧୦ ।
ନାଟ କରୁଅଛନ୍ତି ଗଣିକା ଅଳୀ ।
  ଗୀତ ଗାଉଅଛନ୍ତି ଗୁଣିକେ ମିଳି । ୧୧ ।
ଗଜ ଅଶ୍ୱ ରତନ ବସନ ମାନ ।
  ମୂଲ୍ୟ କରୁଛନ୍ତି ଜ୍ଞାନଶୀଳ ଜନ । ୧୨ ।
ରାଜାମାନେ ଗତ ଯୁଦ୍ଧ କଥା ଭାଷି ।
  କରୁଛନ୍ତି ସାଧନ ପଦାନ୍ତ ଆସି । ୧୩ ।
ବସନ୍ତକ ମୁଖ ଚାହିଁ ପରହାସେ ।
  ଏହି ସମୟରେ ଗୁଣନିଧି ଭାଷେ । ୧୪ ।
ତୁମ୍ଭ କନ୍ୟା ଲଭ ହେଲା ଦ୍ୱୀପାନ୍ତରେ ।
  କିନ୍ତୁ ଅପୂର୍ବ ପଦାର୍ଥ ଏ ଜଗତରେ । ୧୫ ।
ଯୁବରାଜ ଗୁମ୍ଫରେ ନ କଲ ଭେଟି ।
  ଶୁଣି ସଲଜ୍ଜ ହୋଇ ସେ ବେଗେ ଉଠି । ୧୬ ।
ନିଜ ରମଣୀ ପାଶରୁ ନେଇ କୀର ।
  ଦେଲା, ପଢ଼ା ଶୁଣି ସର୍ବେ ତୋଷଭର । ୧୭ ।

---

ଗତକୁ ଜଣଉଛୁ ( ଗୋମୂତ୍ର ଅନୁରୋଧରେ ସାରସ—ସ୍ଥାନରେ ସାରସା—ଓଡ଼ିଆରେ ମଧ୍ୟ ହଂସକୁ ସାରସା କହନ୍ତି ) ହେ କୁମାର—ଲୀଳାପ୍ରିୟ, ଶବ୍ଦହନ୍ତା ବା ଅତି ସୁନ୍ଦର ( କୁମାରୟତୀତି—କ୍ରୀଡ଼ତୀତି କୁମାରଃ । କୌ ପୃଥିବ୍ୟାଂ ଶତ୍ରୂନ୍ ମାରୟତି, କୌ—ପୃଥିବ୍ୟାଂ ମାର ଇବ ଆଚରତି ବା ) ମାରପର ସତ ଅତି ସୁକୁମାର —ହେ ସୁକୁମାର ତୁମ୍ଭେ ମାର ପର—କନ୍ଦର୍ପଠାରୁ ଶ୍ରେଷ୍ଠ ଶୋଭାରେ ଏ କଥା ସତ ବା ମାରପର—ଜିତେନ୍ଦ୍ରିୟ—ଏ ଅର୍ଥ ହୋଇପାରେ ମଧ୍ୟ ।

୧୦ । ହଟ—ତାମାସା । ନଟ—ଯେ ନିଜେ ନାଚେ ବା ବାଉଁଶ ରାଣୀକୁ ନଚାଏ । ବଂଶଶଲାକା—ଲମ୍ବା ବାଉଁଶ ପୋତି ତା ଉପରେ ଚଢି କସରତ୍ ହେଉଛୁ ଓ ତଳେ ଢୋଲ ବଜାଇ । ୧୧ । ଗଣିକାଅଳୀ—ବେଶ୍ୟାମାନେ ।

୧୨ । ଜ୍ଞାତଶୀଳ—ଚତୁର ଗ୍ରାହକ (ଜ୍ଞାନଶୀଳ ପାଠାନ୍ତର) ୧୩ । ସାଧନ—କସରତ, ଯୁଦ୍ଧବିଦ୍ୟା ଅଭ୍ୟାସ । ୧୫ । ଦ୍ୱୀପାନ୍ତର—ଅନ୍ୟ ଦ୍ୱୀପରେ—ଭିନ୍ନ ଦେଶରେ, ବୈଦେଶରେ । ୧୭ । କୀର—ଶୁକପକ୍ଷୀ । ତୋଷଭର—ସନ୍ତୁଷ୍ଟ ।

ଏହିକାଳେ ଜଣାଇଲା ବେବଙ୍କର ।
ଆସି ବୋହିତୁଆଳେକ ଅଛି ଦ୍ୱାର । ୧୮ ।
ବୋଲେ ସିଂହଳଦ୍ୱୀପୁଁ ଆସିଛୁ ମୁହିଁ ।
ଇଚ୍ଛା ମୋର ଯୁବରାଜ ଭେଟ ପାଇଁ । ୧୯ ।
ଶୁଣି ନୃପସୁତ କଲା ସୀକାର ।
ଆଣି ଛାମୁରେ ଭେଟାଇ ପ୍ରତିହାର । ୨୦ ।
ଶିରେ କର ଦେଇ ଭେଟି ଏତେ ଦ୍ରବ୍ୟ ।
ଦେଲା ପ୍ରମୋଦ ଚିତ୍ତରେ ସେ ସାଧବ ।୨୧।
ମେଷଚକ୍ଷୁ ନୀଳା ବ୍ରହ୍ମକାନ୍ତ ହୀରା ।
ତାର ମୁକୁତା କୁକ୍କୁଟଡିମ୍ବ ପରା । ୨୨ ।
ଅଛି ସୁମାଣିକ୍ୟ ପଦ୍ମରାଗ କାନ୍ତି ।
ଅଷ୍ଟବକ୍ର ପ୍ରବାଳହିଁ ପନ୍ତି ପନ୍ତି । ୨୩ ।
ଚନ୍ଦ୍ରକାନ୍ତ ପାଷାଣ ନୀଳେନ୍ଦ୍ର ମଣି ।
ଲକ୍ଷ୍ମୀନାରାୟଣ ଶିଳା ନୋହେ ଗଣି । ୨୪ ।
ଅଗୁରୁ ଚନ୍ଦନ ଅତର ଶ୍ରୀ କର୍ପୂର ।
ଜଳୁଁ ପାତିଲ ଚୂଆ ପନୀରନୀର । ୨୫ ।

---

୧୮ । ବେବଙ୍କର—ଦ୍ୱାରୀ । ବୋହିତୁଆଳେକ—ବୋଇତରେ ଯେ ବାଣିଜ୍ୟ କରେ ।

୨୦ । ପ୍ରତିହାର—ଦ୍ୱାରପାଳ, ଦ୍ୱାରୀ । ୨୧ । ପ୍ରମୋଦଚିତ୍ତ—ଖୁସି ମନ । ସାଧବ—ବେପାରୀ ।

୨୨ । ମେଷଚକ୍ଷୁ ନୀଳ—ରତ୍ନବିଶେଷ ଯାହାର ଜ୍ୟୋତି ମେଣ୍ଢାର ଆଖି ପରି । ବ୍ରହ୍ମକାନ୍ତ ହୀରା—ଉତ୍କୃଷ୍ଟ ଜାତିର ହୀରା ବା ବ୍ରହ୍ମଦେଶର ହୀରା । ତାର ମୁକୁତା—ଉଜ୍ଜ୍ୱଳମୁକ୍ତା କୁକୁଡ଼ା ଅଣ୍ଡା ପରି । ୨୩ । ସୁମାଣିକ୍ୟ—ଉତ୍ତମ ମାଣିକ୍ୟ (ରତ୍ନବିଶେଷ, ଇନ୍ଦ୍ରଗୋପ ଅର୍ଥାତ୍ ସାଧବଘର ବୋହୂ ରଙ୍ଗର) ପଦ୍ମରାଗ—ଲାଲମଣି । ଅଷ୍ଟବକ୍ର ପ୍ରବାଳ—ଆଠବାଙ୍କିଆ ପୋହଳା । ପନ୍ତି ପନ୍ତି—ପେନ୍ଥା ପେନ୍ଥା ।

୨୪ । ଚନ୍ଦ୍ରକାନ୍ତ ପାଷାଣ—ଚନ୍ଦ୍ରକାନ୍ତ ମଣି । ନୀଳେନ୍ଦ୍ର ମଣି—ନୀଳମଣି । ଲକ୍ଷ୍ମୀନାରାୟଣ ଶିଳା—ଶାଳଗ୍ରାମମାନ । ଅଗୁରୁ—ଅଗୁରୁଚନ୍ଦନ । ପନୀର ନୀର—ସୁବାସ ଜଳ ।

ସୋମରାଜ କୁଆଁଦ ଜାହ୍ନବୀଜଳ ।
ମନୋହର ବଂଶପତ୍ରୀ ହରିତାଳ । ୨୬ ।
ରୌପ୍ୟ ଇକ୍ଷ୍ୱାକୁ ଫୁଲ ତୁଲାରେ ତହିଁ ।
ଜମ୍ବୁନଦ ବିନା ଆନ ହେମ ନାହିଁ । ୨୭ ।
ମଣି ପଦରେ ମିହିରମଣି ଲେଖା ।
ଦନ୍ତେ ଦନ୍ତିଦନ୍ତ ନଖେ ବ୍ୟାଘ୍ରନଖ । ୨୮ ।
ଚର୍ମ ଆସନରେ ସାର ଗୁଲଦାର ।
ଚର୍ମ-ଅଡ଼ଣୀ ଖଡ଼୍ଗ ଚର୍ମ ସାର । ୨୯ ।
ଭନା ତରବାରି ବୃନ୍ଦ ଯମଧାର ।
ଶଙ୍ଖ ଦକ୍ଷିଣାବର୍ତ୍ତିକ ଶୁଦ୍ଧତର । ୩୦ ।
ଏକମୁଖୀ ରୁଦ୍ରାକ୍ଷରେ ସୁଶୋଭନ ।
ପୁଚ୍ଛ କନକମୃଗ ଚଉଁରିମାନ । ୩୧ ।
ଶୁଭ୍ର କାଗଜ ଲାହୁରି ଦେଶଜାତ ।
ବାସ କାଞ୍ଚନ ଲତା ଅପରିମିତ । ୩୨ ।

---

୨୬ । ସୋମରାଜ—ଗନ୍ଧଦ୍ରବ୍ୟ ବିଶେଷ; ବାକୁଚି । କୁଆଁଦ—କସ୍ତୁରୀ । ଜାହ୍ନବୀଜଳ—ଗଙ୍ଗାପାଣି । ବଂଶପତ୍ରୀ ହରିତାଳ—ବାଉଁଶ ପତ୍ରିଆ ହରିତାଳ ।

୨୭ । ରୌପ୍ୟ—ରୁପା । ଇକ୍ଷ୍ୱାକୁ ଫୁଲ—ପିତାଲଉ ଫୁଲ, ତା ପରି ଧଳା ଓ ନିର୍ମଳ । ଜମ୍ବୁନଦ—ଉତ୍କୃଷ୍ଟ ସୁନା । ହେମ—ସୁନା । ୨୮ । ମିହିରମଣି—ସୂର୍ଯ୍ୟକାନ୍ତ ମଣି । ଦନ୍ତିଦନ୍ତ—ହାତିଦାନ୍ତ । ୨୯ । ଗୁଲଦାର—ଫୁଲ ବା କାରୁକାର୍ଯ୍ୟ ଖଚିତ ଚର୍ମାସନବିଶେଷ; ଗୁଲଜାର—ଅର୍ଥ ଲାଲ ମଧ୍ୟ ହୋଇପାରେ (ପୋଥିମାନଙ୍କରେ ବୋଲଦର ଓ ବୋଲଦାର) ଚର୍ମ ଅଡ଼ଣୀ—ଚମଢାଲ । ଖଡ଼୍ଗଚର୍ମ—ଗଣ୍ଡାଚମ । ସାର—ଶ୍ରେଷ୍ଠ—ଗଣ୍ଡା ଚମର ଢାଲ ।

୩୦ । ଭନା—ସ୍ତ୍ରୀମାନଙ୍କ ବ୍ୟବହାର ନିମିତ୍ତ ଶ୍ରେଷ୍ଠ ଉତ୍କୃଷ୍ଟ ତରବାରି । ଯମଧାର—ବଡ଼ ଲମ୍ବା ଦୁଇ ପାଖ ଧାରଥିବା ତରବାରି । ବୃନ୍ଦ—ଉତ୍କୃଷ୍ଟ । ଦକ୍ଷିଣାବର୍ତ୍ତିକ—ଡାହାଣମୁଖୀ ଶଙ୍ଖ । ୩୧ । କନକ ମୃଗ ଚଉଁରି—ସୁନା ହରିଣର ପୁଚ୍ଛରେ ଯେ ଚଅଁର ହୁଏ । ୩୨ । ଶୁଭ୍ର କାଗଜ—ଧଳା କାଗଜ । ଲାହୁରି—ଲାହୋର ଦେଶରେ ନିର୍ମିତ । ବାସ—ଲୁଗା । କାଞ୍ଚନଲତା—ହଳଦିଆ ଓ ଶ୍ୟାମଳବର୍ଣ୍ଣର ଧଡ଼ିଥିବା ଉତ୍କୃଷ୍ଟ

ସିନ୍ଧୁଜାତ ହୟ ଭାରବାହ ଖର ।
ବଜ୍ରଜାତ ଗଜ ପାଟଭାଲ କୀର । ୩୩ ।
ନେପାଳକା ମୂଷିକା ସାଳିଆ ଗୃଷ୍ଟି ।
ଲବଙ୍ଗର ଲତା ଜାତିଫଳ ତରୁ । ୩୪ ।
ଚକୋରକ ଧନଜ୍ଞାତା ପାରାବତ ।
କଲପେଡ଼ା ଶୂନ୍ୟଖୁସି ସୁରଞ୍ଜିତ । ୩୫ ।
ଲୋହ ଚୁମ୍ବକ ପରଶୁରାବ ଯହିଁ ।
ଦାସୀନେତ୍ର ଗଜସ୍ତିବେତ୍ରରେ ଶୋହି ।୩୬।
ଶୃଙ୍ଗ କମାଣ ତୀର ଗୃତକପତ୍ର ।
ଲାଗି କି ବଚନ ବଶ କରେ ନେତ୍ର । ୩୭ ।
ମାନଦସ୍ତି ଶାୟୁକ ଉତ୍ତମ ଫସି ।
ଅଛି ସେଗଣ ବର୍ତ୍ତୁକ ଚନ୍ଦ୍ର କର । ୩୮ ।

---

ବସ୍ତ୍ର । ଅପରମିତ—ଅସଂଖ୍ୟ । ୩୩ । ସିନ୍ଧୁ ଜାତ ହୟ—ସିନ୍ଧୁ ତଥା ଆରବଦେଶର ଘୋଡ଼ା । ଭାରବାହ ଖରେ—ଭାର ବୋହୁବା ଗଧ । ବଜ୍ରଜାତ ଗଜ—ଉତ୍କୃଷ୍ଟ ଜାତୀୟ ହସ୍ତୀ (ଭଦ୍ର ଜାତୀୟ ସ୍ଥାନରେ) । ପାଟଭାଲ କୀର—ମୁହଁର ଦୁଇପାଖରେ ଲାଲ ଚିହ୍ନ ଥିବା ଶୁଆ—ମଦ୍ନା ଜାତୀୟ ବା ଚନ୍ଦନା ।

୩୪ । ନେପାଳକା ମୂଷିକା—ନେପାଳୀ ମୂଷା । ସାଳିଆ—ସାଳିଆପତନୀ । ଜାତୀଫଳ—ଜାଇଫଳ । ତରୁ—ଗଛ । ୩୫ । ଚକୋରକ—ଚକୋର ପକ୍ଷୀ । ଧନଜ୍ଞାତା—ଧନର ହେଳ ଜାଣନ୍ତା । ପାରାବତ—ପାରା । କଲପେଢ଼ା—ଯନ୍ତ୍ରପେଢ଼ି । ଶୂନ୍ୟଖୁସି—ଖାଲିପାତ୍ର—(ଯହିଁରେ କିଛି ନାହିଁ) । ସୁରଞ୍ଜିତ—ଚିତ୍ରିତ ।

୩୬ । ଲୋହ—ଲୁହା । ଚୁମ୍ବକ—ଚୁମ୍ବକ ପଥର । ପରଶୁରାବ—ସ୍ପର୍ଶମଣି ପଥର । ଦାସୀନେତ୍ର—ଭଲ ଉପରଣ ଶାଢ଼ୀ । ଗଜସ୍ତିବେତ୍ର—ଉତ୍ତମ ବେତବିଶେଷ ବା ହଳଦୀବୋଳା ବେତ । ୩୭ । ଶୃଙ୍ଗ—ଶିଙ୍ଗା; ଶୃଙ୍ଗେ ତୁ ପୌରୁଷଂ ଶ୍ରେଷ୍ଠଂ ଶାର୍ଙ୍ଗେତୁ ମହାପ୍ରାଣିନାଂ—ବୀର ସର୍ବସ୍ୱ । କମାଣ—ତୋପ ବା ବନ୍ଧୁକ । ତୀର ଗୃତକପତ୍ର—ଶରରେ ଗୃତକପତ୍ର ଖଞ୍ଜା ହୋଇଛି । ୩୮ । ମାନଧାରୀ—ମାନଧର (ମାନ ଦାର ବା ମାନଧାରୀ)—ମନକାମନା ପୂର୍ତ୍ତିକାରୀ, ମାନ ରକ୍ଷାକାରୀ । ସାୟୁକ

ଦେଖି ଦ୍ରବ୍ୟ ପଦାର୍ଥ ସମ୍ମୋହନରେ ।
  କରେ ସାଧୁଙ୍କୁ ପ୍ରଶଂସା ସୁମନରେ ।୩୯।
ଏକ ଦେଶେ ନ ମିଳେ ବସ୍ତୁ ବଲେ ।
  କେଉଁ ଦେଶରୁ ଆଗତ ପଚାରିଲେ ।୪୦।
ସେ ବୋଇଲା ସିଂହଳ ଦ୍ୱୀପର ମୁହିଁ ।
  ଏ ଦେଶକୁ ଅସିଛି ବାଣିଜ୍ୟ ପାଇଁ ।୪୧।
ଯେହୁ ଲାବଣ୍ୟବତୀ ସମ୍ଭବସ୍ଥାନ ।
  ତହିଁ ଅପୂରୁବ କେଉଁ ଦ୍ରବ୍ୟମାନ ।୪୨।
ଲକ୍ଷ୍ମୀପରପୂରିତ ସେ ସବୁକାଳେ ।
  ଏବେ ଅଧିକ ରାଜକୁମାରୀ ବଳେ ।୪୩।
ହେଉ ନାହିଁ ଯେ ଭରସା ତାହାଙ୍କର ।
  ଏହା କହିବାକୁ ଛନ୍ତି ଅନୁସର ।୪୪।
ହର ଉତ୍ସଙ୍ଗସଦନ ମୋର ଭ୍ରଷ୍ଟ ।
  ନୋହୁ ତାଙ୍କୁ ନ ବରବୁ ମୋ ପୃଷ୍ଟ ।୪୫।
ଏ ବଚନ ଶ୍ରବଣେ ସେ ସ୍ତ୍ରୀରମଣେ ।
  ପରସ୍ପରେ ଠାରାଠାରି ହେଲେ ନେଣେ ।୪୬।
ମନ୍ତ୍ରୀସୁତ ବୋଇଲା ଭୃତ୍ୟଙ୍କୁ ଚାହିଁ ।
  ଧନ କେତେ ଲୋଡ଼ ହୋ ପଚାରି ଯାଇ ।୪୭।

---

—ଧନୁ ବା ଖଡ୍ଗ । ଫରୀ—ଢାଲ । ରୋଗଣ—ଉଜ୍ଜ୍ୱଳକାରକ ଲେପ ବା ଅଙ୍ଗରାଗ । ବର୍ଣ୍ଣିକ ରଞ୍ଜକର—ରଙ୍ଗରେ ରଞ୍ଜିତ କରିବା । ବର୍ଣ୍ଣିକ—ହଳଦୀ, କୁଙ୍କୁମ ପ୍ରଭୃତି, ଯାହା ଲଗାଇଲେ ଦେହର ରଙ୍ଗ ଫୁଟି ଉଠେ । ୩୯ । ଦ୍ରବ୍ୟ ପଦାର୍ଥସମୂହ—ଉତ୍କୃଷ୍ଟ ଜିନିଷମାନ । ସାଧୁଙ୍କୁ— ବେପାରୀକୁ, ବୋହିତୁଆଳକୁ । ୪୦ । ସମ୍ଭବ—ଜନ୍ମ । ୪୪ । ଏହା କହିବାକୁ ଲକ୍ଷ୍ମୀଙ୍କର ଭରସା—ସାହସ ହେଉନାହିଁ ତହୁଁ ଲାବଣ୍ୟବତୀକୁ ଅନୁସର ଅଛନ୍ତି; ପ୍ରାର୍ଥନା କରିବାକୁ ରହି ଅଛନ୍ତି ।

୪୫ । ହର.....ପୃଷ୍ଟ—ହର ଉତ୍ସଙ୍ଗ—ହରଙ୍କ କ୍ରୋଡ଼; ହେଉଛି ମୋସଦନ—ରହିବା ସ୍ଥାନ, ଭ୍ରଷ୍ଟ ନୋହୁ—ଚ୍ୟୁତ ନୋହୁ ମୁଁ ସେଥିରୁ ବଞ୍ଚିତ ନ ହେବି; ଏ ମୋର ପୃଷ୍ଟ—ଅନୁରୋଧ ହରଙ୍କୁ ବରଣ କରିବୁ ନାହିଁ ।

ଏ ବଚନକୁ ଡାକିଲ ପ୍ରତିହାରୀ ।
ହୁଅ ସମସ୍ତେ ମେଲାଣି ନିଜ ପୁରୀ । ୪୮ ।

ତାହା ଡାକ ପ୍ରମାଣେ ନିର୍ଜନ ସଭା ।
ପୁଚ୍ଛେ ସାଧୁରେ ନୃପଜ ହୋଇ ଲୋଭା ।୪୯।

ତୁମ୍ଭେ ଯାହା କହିଲ ହେ ଅଲୌକିତ ।
ସତେ ଏମନ୍ତ ସୁନ୍ଦରୀ ମଞ୍ଚେ ଜାତ ।୫୦।

ସେ ବୋଇଲା ଆମ୍ଭ ପରେ ଏତେ କଥା ।
ଯେନ ପ୍ରଥମପଦରେ ନାହିଁ ମିଥ୍ୟା ।୫୧।

ପରଦ୍ରବ୍ୟ ପରସ୍ତ୍ରୀଙ୍କ ହରଣକୁ ।
ଲେଖୁଁ ଶୁଭ କରି ତହୁଁ ମରଣକୁ । ୫୨ ।

ନାହିଁ ଖଳ ଦୁର୍ଜନ ନିର୍ଦ୍ଧନ ଜନ ।
ଶୁଣିଲାର ପ୍ରସଙ୍ଗ ନ କହୁଁ ପୁନ । ୫୩ ।

ଦୂତ କବି ଭାଟ ତିନିଜଣୁ କଣେ
ନୋହୁଁ, ଅଧିକ କହିବୁ କି କାରଣେ ।୫୪।

ଯାହା ସମେ ବ୍ରହ୍ମାଣ୍ଡ ଉଦରେ ବର ।
ନାହିଁ, ଜଳିଗଲା ଦନୁ ପଞ୍ଚଶର । ୫୫ ।

---

୪୭ । ଦିନ କେତେ ଭୋଗ—ଦିନ କେତେ ଘଡ଼ି ହେଲା । ୪୮ । ପ୍ରତିହାରୀ — ପହରୀ, ଦ୍ୱାରପାଳ । ମେଲାଣି—ବିଦାୟ । ୫୦ । ଅଲୌକିତ—ଆଶ୍ଚର୍ଯ୍ୟ । ମଞ୍ଚେ—ମର୍ତ୍ତ୍ୟରେ, ପୃଥିବୀରେ ।

୫୧ । ଆମ୍ଭପରେ—ଆମ୍ଭଠାରେ । ଏତେ କଥା—ଏତେ ବିଷୟ । ପ୍ରଥମ ପଦରେ— ପ୍ରଥମତଃ ଏ ବିଷୟରେ ମିଥ୍ୟା ନାହିଁ ଏହା ଯେନ, ଏହା ସବୁ ସତ୍ୟ ।

୫୨ । ପରଦ୍ରବ୍ୟ ଓ ପରସ୍ତ୍ରୀ ହରଣଠାରୁ ମୃତ୍ୟୁକୁ ଶ୍ରେୟସ୍କର ମଣୁଁ ।

୫୩ । ଖଳ—ଅନିଷ୍ଟକାରୀ । ଦୁର୍ଜନ—ଦୁଷ୍ଟଲୋକ । ନିର୍ଦ୍ଧନ—ଦରିଦ୍ର । ପ୍ରସଙ୍ଗ—ବିଷୟ ।

୫୪ । ଦୂତ, କବି, ଭାଟ ଏମାନେ ବାହୁଲ୍ୟ କରି କହନ୍ତି । ଏହା ଆମ୍ଭେ ନୋହୁଁ ତା ବାହକ କହିବୁ । ୫୫ । ବ୍ରହ୍ମାଣ୍ଡ ଉଦରେ—ଜଗତ ମଧ୍ୟରେ । ବର—ସ୍ୱାମୀ । ସମେ—ସମାନକୁ, କଳ୍ପରେ । ପଞ୍ଚଶର—

ତାଙ୍କୁ ସମାନ ଦେବାକୁ ଅଛି ଏହି ।
ଯାହା ଦର୍ପଣ ମଧ୍ୟରେ ଦଶେ ସେହି ।୫୬।
ତାଙ୍କୁ ଏରୂପେ ନିର୍ମାଣ କଲା ବହି ।
କୀଟ କାଟୁ ଯେମନ୍ତ ଅକ୍ଷର ହୋଇ । ୫୭ ।
ଯେତେ କବି ବର୍ଣ୍ଣିଛନ୍ତି ଯେତେ ନାରୀ ।
ଠିକେ କହି ରମ୍ଭା ରତି ନୋହେ ସରି ।୫୮।
ବଢ଼ି କରି ବୋଲନ୍ତି ଲାବଣ୍ୟବତୀ ।
ସେହି ଜନମ ହୋଇଛି ଏବେ କ୍ଷିତି । ୫୯ ।
ଯଥା ନ ଦେଖି ନ ଖାଇ ସୁଧା ନାମ ।
ସର୍ବମତେ କହି ସ୍ୱାଦୁ ମନୋରମ ।୬୦।
ତଥା ଆଗୁଁ ଜାତ ହେବ ବୋଲି ବାମା ।
ଖ୍ୟାତ ହୋଇଲା ଲାବଣ୍ୟବତୀ ନାମା ।୬୧।
ହାସ ଅଧର ଗୃହିଁଲେ ଏ ସଂଶୟ ।
କରିଅଛି କାହା ଶୋଭା କେ ହୃଦୟ । ୬୨ ।
ବାଳଅରୁଣ କି ସୁଧାସ୍ନାନ କରି ।
ଅନୁରାଗ ହରଷ ମିଶିଲା ପରି । ୬୩ ।
କିବା ମାଣିକ୍ୟକୁହରୁ ମୋତି ଜ୍ୟୋତି ।
ଦିଶେ ତଥା ଫୁଟିକରି ଦନ୍ତପନ୍ତି । ୬୪ ।

---

କନ୍ଦର୍ପ ଭସ୍ମ ହେଲା ବନୁ କନ୍ଦର୍ପ ପରି ସୁନ୍ଦର ନ ଥିବାରୁ ଏପରି ଉକ୍ତି । ୫୭ । କୀଟ କାଟୁ ଯେମନ୍ତ ଅକ୍ଷର—ଘୂଣାକ୍ଷର ନ୍ୟାୟ ଅକସ୍ମାତ୍ ହୋଇ ପଡ଼ିଛି । ଶତ-ଚେଷ୍ଟାରେ ଏପରି ସୁନ୍ଦର ରୂପ ହୋଇପାରେ ନାହିଁ ।

୫୮ । ରମ୍ଭା—ଅପ୍ସରା । ୬୦ । ସୁଧା—ଅମୃତ । ୬୧ । ଲାବଣ୍ୟମୟୀ—ମାଧୁର୍ଯ୍ୟ-ମୟୀ ।

୬୨ । ହାସ ଓ ଅଧର ମଧ୍ୟରେ କାହା ଶୋଭା କିଏ ନେଇଛି କହିବା ସନ୍ଦେହର କଥା ।

୬୩ । ବାଳଅରୁଣ—ସକାଳ ସୂର୍ଯ୍ୟ । ୬୪ । ମାଣିକ୍ୟକୁହରୁ—ମାଣିକ୍ୟ ଗହ୍ୱରରୁ । ବଂଶ .... ଦନ୍ତପନ୍ତି—ଓଷ୍ଠ ଲାଲ, ତନ୍ମଧ୍ୟରୁ ଦନ୍ତ ଦେଖା ହେଉଛି ସେହିପରି ।

ସେ ଅଧରରେ ଶୋଭି ତାମ୍ବୁଲ ବୋଳ ।
କେ କାହାକୁ ରଙ୍ଗ କଲା ହୋଏ ଗୋଳ ।୬୫।
ହାହା ରଦନ ସେ କାଳେ କି ସୁନ୍ଦର ।
ସିନ୍ଦୂରରେ ମାଜିଲା କି ହୀରା ସାର ।୬୬।
ବୋଲ ଡୋକିବା ବେଳେ ଦିଶଇ ଗଲେ ।
ଫଗୁ ପିଚକା ଯେମନ୍ତ କାଚନଳେ ।୬୭।
ଗାଲେ ଥାଇ ପାନପିକ କି ମଞ୍ଜୁଳ ।
ପକ୍ୱ ନାରଙ୍ଗ ପାୟୁ ଗଣ୍ଡସ୍ଥଳ । ୬୮ ।
ଅଙ୍ଗେ ଅଛୁ ନବ ପୁଷ୍ପ ନବ ପକ୍ଷୀ ।
ଏକ ଏକ ଅଙ୍ଗେ ଲାଖି ରହେ ଆଖି । ୬୯ ।
ଭିଆଇଛୁ ଗୁଣି ଅଣି ଶୋଭାସାର ।
ଜଗଜ୍ଜୟ୍ଷୁ ଜଙ୍ଗମ ମୂରତି ମାର । ୭୦ ।

---

୬୫ । ତାମ୍ବୁଲ ବୋଳ—ପାନରଙ୍ଗର ଲେପ । ରଙ୍ଗ—ଲାଲ; ଓଠକୁ ପାନ ବା ପାନକୁ ଓଠ ।

୬୬ । ହା, ହା—ବିସ୍ମୟବାଚକ ଶବ୍ଦ । ରଦନ—ଦାନ୍ତ । ହୀରାସାର—ଉତ୍କୃଷ୍ଟ ହୀରା ।

୬୭ । ଫଗୁ—ଅବିର । ପିଚକା—ଜଳନିକ୍ଷେପ କରିବା ଯନ୍ତ୍ର ଏଠାରେ ନଳ । ଫଗୁ ପିଚକା—ଅବିର ପାଣି । ୬୮ । ମଞ୍ଜୁଳ—ସୁନ୍ଦର । ନାରଙ୍ଗ—ନାରଙ୍ଗଫଳ । ଗଣ୍ଡସ୍ଥଳ—ଗାଲ ।

୬୯ । ନବକାନ୍ତ ପୁଷ୍ପ—ମୁଖ—ପଦ୍ମ । ଅଧର—ବନ୍ଧୁଲୀ । ହାସ ମଲ୍ଲିକା ବା କାଶ । ଦନ୍ତ—କୁନ୍ଦ । ନାସା—ତିଳଫୁଲ । କର୍ଣ୍ଣ—ଚମ୍ପା । ନେତ୍ର—ନୀଳୋତ୍ପଳ । ଗଣ୍ଡ—ମଧୁକ ପୁଷ୍ପ । ଊର୍ଦ୍ଧ୍ୱ ଓଷ୍ଠ—ମନ୍ଦାର । ନବକାନ୍ତ ପକ୍ଷୀ :—ଗତି—ରାଜହଂସ । ରୋମାବଳୀ—ମଧୁମକ୍ଷିକା । ସ୍ତନ—ଚକ୍ରବାକ । କଣ୍ଠ—କପୋତ । ନାସା—ଶୁକ । ନେତ୍ର—ଖଞ୍ଜରୀଟ । ଡୋଳା—ଭ୍ରମର । କେଶ—ମୟୁର । ବଚନ—କୋଇଲ ।

୭୦ । ଭିଆଇଛୁ......ସାର—ସେହି ସେହି ପୁଷ୍ପ ଓ ପକ୍ଷୀମାନଙ୍କଠାରୁ ଶୋଭାର ସାର (ଶ୍ରେଷ୍ଠାଂଶ, ଉତ୍କୃଷ୍ଟ ଅଂଶ) ବାହାର କରି । ଭିଆଇଛୁ—ନିର୍ମାଣ କରିଛୁ । ଜଗଜ୍ଜୟ୍ଷୁ—ଜଗତକୁ ଜିଣିବାରେ ସମର୍ଥ । ଜଙ୍ଗମ ମୂରତି—ଚଳନ୍ତ ପ୍ରତିମା । ମାର—କନ୍ଦର୍ପ ।

ଅଥ ମନ୍ମଥର ମନଭେଦୀ ଶର ।
ମରମକୁ ଭେଦିବାରେ ମନୋହର । ୭୧ ।
ହର ପଥର ହେଲେ କାତର ଘୋଟି ।
ହେନ ଏଥର ଯିବ ହୃଦୟ ଫୁଟି । ୭୨ ।
ରୂପ ଚୁମ୍ବକଶିଳର ମିତ୍ର କଏ ।
ହୃଦୁଁ କାଢ଼ିନେବ ମନ ଲୌହ ପ୍ରାୟେ ।୭୩।
ବରବର୍ଣ୍ଣିନା ବର୍ଣ୍ଣନା କଲି ଯେତେ ।
ଉପମା କଲିଁ ତାହା ହୀନ ହେତେ ।୭୪।
ଭାବ ହାବ ଲୀଳା ବିଳାସାଦି ଶନ୍ତ୍ର !
ଯାହା ଅଙ୍ଗେ ହୋଇଛନ୍ତି ମୂର୍ତ୍ତିବନ୍ତ । ୭୫ ।

---

୭୧ । ଅଥ—ପୁଣି । ମନ୍ମଥର—କନ୍ଦର୍ପର । ମନଭେଦୀ—ମନକୁ ଭେଦ କରିବାରେ ସମର୍ଥ । ମରମକୁ—ହୃଦୟକୁ । ମନୋହର—ସୁନ୍ଦର ।

୭୨ । ହର—ମହାଦେବ । କାତର ଘୋଟି—କାତରତା ବା ଆକୁଳତାରେ ଘାରି ହୋଇ ଦୁଃଖଗ୍ରସ୍ତ । ହେନ—ବୁଝ, ଧରି—ହର ଏଥର ଏ ମଦନକୁ ଦେଖିଲେ ତାଙ୍କ ହୃଦୟ ଫୁଟିଯିବ । ୭୩ । ଏ ରୂପ ଚୁମ୍ବକ-ପଥରର ମିତ କି ହୃଦରୁ ମନ ଲୌହାକୁ ଟାଣିନେବ—ମନ ବିହ୍ୱଳ ହେବ ସେ ଜ୍ଞାନଶୂନ୍ୟ ହେବେ ।

୭୪ । ବରବର୍ଣ୍ଣିନା—ଦିବ୍ୟ ନାରୀ ଲାବଣ୍ୟବତୀ । ଲାବଣ୍ୟବତୀ ସଙ୍ଗେ ଯାହାକୁ ତୁଳନା କଲୁ ସେଥିରେ ଲାବଣ୍ୟବତୀର ହେତେ ହୀନ ହେଲା—ତାକୁ ଆମେ ଶ୍ରେଷ୍ଠ କରିଦେଲୁ ।

୭୫ । ଭାବ—ପ୍ରେମର ପ୍ରଥମାବସ୍ଥାକୁ ଭାବ କୁହାଯାଏ ବା ମଦନବିକାର-ଶୂନ୍ୟ ଚିତ୍ତରେ ପ୍ରଥମ ବିକାର ହେବାକୁ ଭାବ କହନ୍ତି । "ନିର୍ବିକାରାତ୍ମକେ ଚିତ୍ତେ ଭାବଃ ପ୍ରଥମବିକ୍ରିୟା" ହାବ—ଭ୍ରୂଲତା, ନେତ୍ରାଦି ବିକାରଦ୍ୱାରା ସମ୍ଭୋଗ ଇଚ୍ଛା ପ୍ରକାଶକାରୀ ଭାବକୁ ହାବ କହନ୍ତି । "ଭ୍ରୂନେତ୍ରାଦିବିକାରୈସ୍ତୁ ସମ୍ଭୋଗେଚ୍ଛା ପ୍ରକାଶକଃ । ଭାବ ଏବାଳ୍ପ ସଂଲକ୍ଷ୍ୟ ବିକାରୋ ହାବ ଉଚ୍ୟତେ ।" ଲୀଳା :—ମନୋହର ଅଙ୍ଗ, ବେଶ ଓ ଅଳଙ୍କାରାଦି ଦ୍ୱାରା ପ୍ରିୟର ଅନୁକରଣକୁ ଲୀଳା କହନ୍ତି । "ପ୍ରିୟାନୁକରଣଂ ଲୀଳାରମ୍ୟୈର୍ବେଶ-କ୍ରିୟାଦିଭିଃ ।" । ଉଃ ନୀଃ । ବିଳାସ :—ଯିବାରେ, ଠିଆ ହେବାରେ, ବସିବା ପ୍ରଭୃତିରେ ମୁହଁ, ଆଖି ପ୍ରଭୃତିର କାର୍ଯ୍ୟରେ ପ୍ରିୟସମାଗମ ହେତୁ ଯେ

ତାହା ଶୋଭା କହିଲେ ସରିବ କାହିଁ ।
ପୂର୍ବେ ନ ଥିଲା ନୋହିବ ଏବେ ନାହିଁ ।୭୬।
ରାଜା କହୁଛି ତେମାକୁ କରି ବର ।
ମୋର ମିତ୍ର ମନ୍ତ୍ରୀକି ହୋଇଛି ଭାର । ୭୭ ।
କନ୍ୟା ଅନୁରୂପେ ଆଉ ବର ନାହିଁ ।
ମନ ପ୍ରଧାନ ବର୍ତ୍ତିକୁ ଅଛି ତହିଁ । ୭୮ ।
ଶୁଣି ମନ୍ତ୍ରୀସୁତ କଲା ଏ ଉତ୍ତର ।
ଅମ୍ଭ ନୃପତିସୁତ ନୂତନ ମାର । ୭୯ ।
ହୋଇବ କି କାର୍ଯ୍ୟ ଉଦ୍‌ଯୋଗ କଲେ ।
ଶୁଣି ଶୁକ ପଢ଼ି ଦେଲା ସେହି କାଳେ । ୮୦ ।
ସୁଧାପାନ କଲା ରାହୁ ଉପାୟରେ ।
ପ୍ରୀତି ହୋଇଅଛି ଚନ୍ଦ୍ର କୁମୁଦରେ । ୮୧ ।
ଗୁଞ୍ଜ ତୁଲା ହୋଇଛି ସୁବର୍ଣ୍ଣ ତୁଲେ ।
କର୍ମ ସବୁ ଉଚ ନୀଚ ପାଞ୍ଚ କଲେ । ୮୨ ।
ଶୁଣି କୁମାରବର ଆଶ୍ଚର୍ଯ୍ୟ ହେନି ।
ବୋଲେ ତୁହି ଦେଖିଛୁ କି ମେଧାବିନୀ । ୮୩ ।

---

ତାତ୍‌କାଳିକ ବିଶିଷ୍ଟ ଭାବ ତାକୁ ବିଳାସ କହନ୍ତି । "ଗତିସ୍ଥାନାସନାଦୀନାଂ-ମୁଖନେତ୍ରାଦି କର୍ମଣାମ୍ ତାତ୍‌କାଳିକଂ ତୁ ବୈଶିଷ୍ଟ୍ୟଂ ବିଳାସଃ ପ୍ରିୟ-ସଙ୍ଗଜମ୍ ।" ଉଃ ନୀଃ । ମୂର୍ତ୍ତିବନ୍ତ—ଶରୀର ଧରି ଅଛନ୍ତି । ବରାବର ଦେଖା ଦେଉ ଅଛନ୍ତି । ଅନୁଭାବରେ ଭାବ, ହାବ ହେଳା ଓ ଲୀଳା ବିଳାସାଦି ଅଷ୍ଟାବିଂଶ ଅଳଙ୍କାରମାନେ ଯାହା ଅଙ୍ଗରେ ମୂର୍ତ୍ତି ଧରି ଅଛନ୍ତି । ( ସାହିତ୍ୟ ଦର୍ପଣ ଦେଖ ) ।

୭୭ । ବର—ସ୍ୱାମୀ । ଭାର—ଦାୟିତ୍ୱ । ୭୮ । ଅନୁରୂପେ—ସମାନରେ । ପ୍ରଧାନ—ଶ୍ରେଷ୍ଠ । ଶ୍ରେଷ୍ଠ ପୁରୁଷ ସଙ୍ଗରେ ବର୍ତ୍ତିକୁ ମନ ଅଛି । ୭୯ । ନୂତନ ମାର—ନୂଆ କନ୍ଦର୍ପ । ୮୦ । ଉଦ୍‌ଯୋଗ—ଚେଷ୍ଟା । ଯତ୍ନ କଲେ କାର୍ଯ୍ୟ ସିଦ୍ଧ ହୁଏ (ହୁଏ ବି ନାହିଁ) । ୮୧ । ରାହୁ—ସିଂହିକା ପୁଅ । ସୁଧା—ଅମୃତ । ଉପାୟରେ—କୌଶଳରେ । ସେହି ଉପାୟରେ ଚନ୍ଦ୍ର ଓ କଇଁରେ ପ୍ରୀତି ।

୮୨ । ସୁବର୍ଣ୍ଣ ତୁଲେ—ସୁନା ସହିତରେ । ତୁଲା—ଓଜନ । ପାଞ୍ଚ—ଭାବ । ଭଲେ—ଭଲ ଭାବରେ । କର୍ମରେ ସବୁ ପଦାର୍ଥ ଉଚ୍ଚ ଓ ନୀଚ ହୋଇଛି ।

୮୩ । କୁମାରବର—କୁମାରଶ୍ରେଷ୍ଠ । ମେଧାବିନୀ—ଶୁକ ।

କୀର କହିଲା ସେ ରସାଭୂଷା ଯୋଷା ।
ଶିଶୁକାଳରୁ ମୁହିଁ ତାହାଙ୍କ ପୋଷା । ୮୪ ।

ଶୁଣି ଚଞ୍ଚୁ ଚରଣକୁ ଧରି ତାର ।
ପୁଣ ଧଇଲା ବୋଇତଅଳ କର । ୮୫ ।

ବାମା ନାମ ମୋହନ ଉଚାଟ ଘର ।
ରୂପେ କି ଥିବ ନୋହୁଛି ସେ ଗୋଚର । ୮୬ ।

ତୁମ୍ଭ ବଚନ ବସନ୍ତ ଋତୁ ହେଲା ।
ତାହା ଯୋଗୁଁ ଅଶୋକତରୁ ପଲ୍ଲବିଲା । ୮୭ ।

କଲେ ନାରଣ ହୋଇ ଗ୍ରୀଷମକାଳ ।
ତାକୁ ଜାଳି ଦେବଟି ବିରହାନଳ । ୮୮ ।

ଶୁଣି ସେ ବୋଇଲେ କୀର ହୁଅ ସ୍ଥିର ।
ଅମ୍ଭମାନଙ୍କୁ ଯେମନ୍ତ ଉପାୟ କର । ୮୯ ।

ପରବେଶ ହେଲେ ପୁଷ୍ପକାଳ ସାର ।
ପିକ ନ ଲଭଇ କି ସହକାର । ୯୦ ।

ଏ ବଚନେ ଶାନ୍ତି ଲଭିବାକୁ ପୁନଃ ।
ଖଡ଼ ପକାଇ କଲେ ଶକୁନମାନ । ୯୧ ।

ସାଧୁତକୁ ତହିଁ ଅନୁକୂଳ ଦେଲେ ।
ବିଜ୍ଞ ବ୍ରହ୍ମଚାରୀ ଜଣେ ସଙ୍ଗ କଲେ । ୯୨ ।

---

୮୪ । କୀର—ଶୁକ । ରସାଭୂଷା ଯୋଷା—ପୃଥିବୀମଣ୍ଡନା ସ୍ତ୍ରୀ । ୮୫ । ଚଞ୍ଚୁ—ଥଣ୍ଟ । ଚରଣ—ପାଦ ।

୮୬ । ବାମା—ସ୍ତ୍ରୀ । ଉଚାଟ—ଉଚ୍ଚ । ମୋହନ ଘର—ମୁଗ୍ଧ କରିବା ପାତ୍ର । ଗୋଚର—ଜଣା । ୮୭ । ବଚନ—କଥା । ସେ ବସନ୍ତକାଳ ଅଶୋକତରୁ—ଅଶୋକରୂପ ଗଛ । ପଲ୍ଲବିଲା—କଅଁଳିଲା । ୮୮ । ଗ୍ରୀଷମକାଳ —ଖରା ଦିନ । ବିରହାନଳ—ବିଚ୍ଛେଦରୂପ ଅଗ୍ନି । ୯୦ । ସାର—ଉତ୍କୃଷ୍ଟ । ପୁଷ୍ପକାଳ—ବସନ୍ତ ସମୟ । ସହକାର—ଆମ୍ବ । ପିକ—କୋଇଲି । ନ ଲଭଇକି—ପାଏ ନାହିଁ କି ?

୯୧ । ଶକୁନ—ଶୁଭସୂଚକ । ଲକ୍ଷଣମାନ ବା ଚିହ୍ନ । ୯୨ । ଅନୁକୂଳ କଲେ —ବିଦାୟ ନେଲେ—ମେଲାଣି ହେଲେ । ବିଜ୍ଞ—ପଣ୍ଡିତ । ବ୍ରହ୍ମଚାରୀ —ଜିତେନ୍ଦ୍ରିୟ ପୁରୁଷ ।

ଶୂନ୍ୟେ ସେ କାଳେ ଶୁଭ୍ର ଅଟାଯ୍ୟୀ ଭ୍ରମେ ।
ଗଲ ଦକ୍ଷିଣେ ଦ୍ୱିଜ ଗୋମାୟୁ ବାମେ । ୯୩ ।
ପଛୁଁ ପବନ ବହିଲା ହୋଇ ସ୍ୱଚ୍ଛ ।
ଗୋପୀ ଧୀବରୀ ଡାକିଲେ ଦଧି ମାଛ । ୯୪ ।
ଆଶା ବଢ଼ିଲା ଶୁଭସୂଚକ ଜାଣି ।
ଛନ୍ଦ ସମାପତ ତୋଷ ପୁଂସମଣି । ୯୫ ।
ଲୀଳା ରୋହିତଶରୀର ଦରହାରୀ ।
ଶ୍ରୁତିନିସ୍ତାରକ କୀର୍ତ୍ତିଖ୍ୟାତିକାରୀ । ୯୬ ।
ମୀନମୂର୍ତ୍ତି ରଘୁପତି ଶ୍ରୀପଯ୍ୟୂର ।
ଭାବେ ଉପେନ୍ଦ୍ର ଭଞ୍ଜ ବୀରବର । ୯୭ ।

---

୯୩ । ଶୁଭ୍ର ଅଟାଯ୍ୟୀ—ଧଳା ଚିଲ । ଶୂନ୍ୟେ—ଆକାଶରେ । ଭ୍ରମେ—ଭ୍ରମୁଅଛି । ଦ୍ୱିଜ—ବ୍ରାହ୍ମଣ । ଗୋମାୟୁ—ବିଲୁଆ । ବାମେ ଶବ ଶିବା କୁମ୍ଭା ଦକ୍ଷିଣେ ଗୋମୃଗଦ୍ୱିଜାଃ ।

୯୪ । ପଛୁ—ପଛରୁ । ସ୍ୱଚ୍ଛ—ଭଲ ଭାବରେ । ଅନୁକୂଳ ପବନ ବହିଲା । ଗୋପୀ—ଗଉଡୁଣୀ । ଧୀବରୀ—କେଉଟୁଣୀ । ଦଧି—ଦହି । ଅନୁକୂଳ ବେଳେ ଦହିମାଛ ଦର୍ଶନ କରନ୍ତି । ତୁ ଏବେ ଦହି ମାଛ କର । ମୋର ବେଳ ହେଉଛି ଉଚ୍ଛୁର । ( ପ୍ରେ: ପ: )

୯୫ । ଶୁଭସୂଚକ—ମଙ୍ଗଳଚିହ୍ନ । ପୁଂସମଣି—ପୁରୁଷ ଶ୍ରେଷ୍ଠ ।

୯୬ । ଲୀଳା.....କାରୀ :—ବିଷ୍ଣୁ ପକ୍ଷେ ଲୀଳାରେ ରୋହିତ ଶରୀର—ମତ୍ସ୍ୟ ଶରୀର ଅଟନ୍ତି । ଦର ଯେ ଶଙ୍ଖାସୁର ତାର ସଂହାରକାରୀ । ଶ୍ରୁତି ଯେ ବେଦ ତାହାର ଉଦ୍ଧାରକାରୀ ଓ କୀର୍ତ୍ତି ଯେ ଯଶ ତାହାର ଖ୍ୟାତି କି ପ୍ରକାଶକାରୀ ଏପରି ମତ୍ସ୍ୟଶରୀର ବିଷ୍ଣୁ (ମୀନମୂର୍ତ୍ତି) ଲୀଳା କରିବା ନିମନ୍ତେ ଆରୋହିତ କଲେ—ଧାରଣ କଲେ ଶରୀର—ନରଦେହ ଯେ । ଦରହାରୀ—ଭୟ ନିବାରଣକାରୀ । ଶ୍ରୁତି—ଶ୍ରବଣ ମାନଙ୍କେ ନିସ୍ତାରକାରୀ ଓ କୀର୍ତ୍ତିକୁ ପ୍ରକାଶକାରୀ ରଘୁପତି—ରାମଚନ୍ଦ୍ର । ଶ୍ରୀପଯ୍ୟୂର—ଶୋଭାଯୁକ୍ତ ପାଦକୁ । ଭାବେ—ଚିନ୍ତଇ ।

## ଅଷ୍ଟମ ଛାନ୍ଦ

(ଲାବଣ୍ୟବତୀର ଶିବପଠ ଘେନି ସନ୍ନ୍ୟାସୀର ଦେଶଭ୍ରମଣ ଓ ଚନ୍ଦ୍ରଭାନୁ ପାଶେ ପ୍ରବେଶ)

### ରାଗ—ମଙ୍ଗଳଗୁଜ୍ଜରୀ

ଏଥୁ ଅନନ୍ତରେ ରସ ଶୁଣ ସୁଜନ ।
ମନ୍ତ୍ରୀକି ଡାକି ସିଂହଳଦ୍ୱୀପ ରାଜନ । ୧ ।
ବୋଇଲା କିଶୋରଦଶା ପ୍ରାପ୍ତ କୁମାରୀ ।
ଝଟ ବେଗେ ବର ଦେବା ବିବାହ କରି । ୨ ।
ଶୁଣିଲେ ସୁନ୍ଦରୀଶୋଭା ହର ତୋଷରେ ।
ହର ଘେନିଯିବେ ଅବା ବିଧିବଶରେ । ୩ ।
ନୃପତି ହୋଇ ପ୍ରମାଦ ସମ୍ପତ୍ତିବାଧ ।
ଶ୍ରୀଶ୍ରୀସ୍ନେହ ତୁଟିଗଲେ ସେ ହେବେ କ୍ରୋଧ । ୪ ।
ଶୁଣି କର ଯୋଡ଼ି କହେ ସଚିବ ତହିଁ ।
ମୋହ ବିଚ୍ଛିକୁଁବର ଦିଶୁ ତ ନାହିଁ । ୫ ।
ଶିବଙ୍କୁ ଦେଲେ ପାର୍ବତୀ ଶାପ ପଡ଼ିବ ।
ଭସ୍ମଭୂଷଣ ଅଙ୍ଗେ ଏ କେହି ଜଡ଼ିବ । ୬ ।

---

୧ । କିଶୋରଦଶା :—ଦଶବର୍ଷରୁ ଷୋଳବର୍ଷ ପର୍ଯ୍ୟନ୍ତ କିଶୋର ଅବସ୍ଥା ।

୩ । ହର—ବସ୍ତୁ । ତୋଷରେ—ଖୁସିରେ । ହର ଘେନିଯିବେ—ସ୍ୱେଚ୍ଛାକରି ନେବେ । ବିଧିବଶରେ—ଦୈବବଳରେ ।

୪ । ନୃପତି—ରାଜା । ପ୍ରମାଦ—ଦୁଃଖ । ସମ୍ପତ୍ତିବାଧ—ଧନ ଦୌଲତ ହାନି । ବିଷ୍ଣୁଙ୍କର ଶ୍ରୀଶ୍ରୀ ସ୍ନେହ—ଲକ୍ଷ୍ମୀଠାରେ ଶ୍ରଦ୍ଧା ତୁଟିଗଲେ ସେ ଲକ୍ଷ୍ମୀ ଆମ ଉପରେ ରାଗିବେ । ଲାବଣ୍ୟବତୀଠାରେ ବିଷ୍ଣୁ ଆସକ୍ତ ହେଲେ ଲକ୍ଷ୍ମୀ ଆମ ଉପରେ ରାଗିବେ, ତହୁଁ ଆମ୍ଭର ସମ୍ପତ୍ତିହାନି ହେବ । ତହୁଁ ଶୀଘ୍ର ବର କରି ବିବାହ ଦେବା । ଆଉ ଲକ୍ଷ୍ମୀଙ୍କ କ୍ରୋଧର ଶଙ୍କା ରହିବ ନାହିଁ ।

୫ । ସଚିବ—ମନ୍ତ୍ରୀ । ୬ । ଭସ୍ମଭୂଷଣ ଅଙ୍ଗେ—ପାଉଁଶ ବୋଳା ଦେହରେ । କେହି ଜଡ଼ିବ—କିପରି ମିଶିବ ।

ଚନ୍ଦ୍ର ତ କ୍ଷୀଣ କଳଙ୍କୀ ତହିଁ କି ସୁଖ ।
ଅଶ୍ୱିନୀକୁମାର ହେଲେ ତୁରଗମୁଖ । ୭ ।
କୁସୁମଧନୁ ଅତନୁ ଅଛୁ ଅଙ୍ଗ କେ ।
ଚିତ୍ରପଟ ଭୁଲଇବା ମାନବଲୋକେ । ୮ ।
ରୁଣ୍ଡ ଦଣ୍ଡଧରପନ୍ତି କରିବା ଆଣି ।
ଇଚ୍ଛାବର କରୁ ପଛେ ରମଣୀମଣି । ୯ ।
ଭୂପତି ଶୁଣି ତହିଁକି କଲା ସମ୍ମତ ।
ମାନବେ ଲେଖା ନ ଗଲା ସୁନ୍ଦରୀ ଚିତ୍ର । ୧୦ ।
ଜ୍ଞାନାନନ୍ଦ ନାମେ ଏକ ସନ୍ନ୍ୟାସୀ ଥିଲା ।
ସଚିବ ପ୍ରୀତିରେ ମୟ ସମୀପେ ଗଲା । ୧୧ ।
ସେକାଳେ ସେ ବିଶ୍ୱକର୍ମା ଏକଚିତ୍ତମନେ ।
ନିର୍ମାଣୁଛନ୍ତି ପିତୁଳା ଜେମା ସମାନେ । ୧୨ ।
ଜଗତମଞ୍ଜୁ ମଞ୍ଜୁଷମଧ୍ୟେ ପ୍ରତିମା ।
ଦର୍ପଣେ ଫୁଟି ଦିଶୁଛି ଜେମା ସୁଷମା । ୧୩ ॥
ଏକାଳେ ସନ୍ନ୍ୟାସୀ କରି ସାମ ଗାୟନ ।
ଲାବଣ୍ୟବତୀ ସ୍ୱରୂପ ଦେନିଲା ଦାନ । ୧୪ ।

---

୭ । କ୍ଷୀଣ—କୃଶ, ସରୁ (କଳା କ୍ରମେ ହ୍ରାସ ହେତୁ) । କଳଙ୍କୀ—କଳଙ୍କ ଯୁକ୍ତ, କଳା ଦାଗ ହେତୁ । ଅଶ୍ୱିନୀକୁମାର ସୁନ୍ଦର ହେଲେହେଁ ସେ ତୁରଗମୁଖ—ଘୋଡ଼ାମୁହାଁ ।

୮ । କୁସୁମଧନୁ—କନ୍ଦର୍ପ, ସେ କିନ୍ତୁ ଅତନୁ—ଦେହହୀନ । ମାନବ ଲୋକେ—ମନୁଷ୍ୟ ସଂସାରରେ, ମର୍ତ୍ତ୍ୟରେ । ୯ । ରୁଣ୍ଡ—ଏକତ୍ର । ନରବରପନ୍ତି—ରାଜା ସମୂହ । ଇଚ୍ଛାବର—ସ୍ୱୟମ୍ବର । ୧୦ । ଭୂପତିବର—ରାଜଶ୍ରେଷ୍ଠ । ମାନବେ—ମନୁଷ୍ୟଦ୍ୱାରା—ଲେଖା ନ ଗଲା—ଅଙ୍କିତ ବା ଲିଖିତ ହୋଇ ପାରିଲା ନାହିଁ ।

୧୧ । ସଚିବ—ମନ୍ତ୍ରୀ । ମୟ—ଦାନବ ଓ ଅସୁରଙ୍କ ଶିଳ୍ପୀ ।

୧୨ । ବିଶ୍ୱକର୍ମା—ଶିଳ୍ପୀ । ଏକଚିତ୍ତମନେ—ସ୍ଥିରଚିତ୍ତରେ ।

୧୩ । ଜଗତମଞ୍ଜୁ—ସଂସାରରେ ମନୋହର । ମଞ୍ଜୁଷ—ପେଡ଼ି । ସୁଷମା—ଅପୂର୍ବ ସୌନ୍ଦର୍ଯ୍ୟ । ୧୪ । ସାମଗାୟନ—ସାମବେଦର ମନ୍ତ୍ର ଗାନ କରି ।

ଦାନ ଦେଲାବେଳେ ମାନ କହିଲେ ଏତେ ।
ଅସ୍ତୁ ବନ୍ଧାଣିତ୍ୱ ଖ୍ୟାତ କର ଜଗତେ । ୧୫ ।
ସୀକାର କରି ଯୋଗୀ ବାହୁଡ଼ି ଆସି ।
ଦେଖାଇ ସ୍ୱରୂପ ମନ୍ତ୍ରୀ ମତକ ତୋଷି । ୧୬ ।
ସେ ବୋଇଲେ ଧର୍ମତାତ ଅମ୍ଭେ ତୁମ୍ଭର ।
ଅସ୍ତୁ ବୋଲେ ଏହା ଦେନି ଭ୍ରମ ସଂସାର । ୧୭ ।
ଦେଖାଇ ଭୂପତିଗଣେ ବଶ କରିବ ।
ଦୋଷ ଗୁଣ ସୁନ୍ଦରପଣକୁ ବୁଝିବ । ୧୮ ।
ଏ ବଚନେ ଶିଷ୍ୟ କରେ ପେଡ଼ା ବୁହାଇ ।
ଶୁଣ ଏବେ ଏତେ ଦେଶ ଭ୍ରମିଲା ସେହି । ୧୯ ।
ଯେଉଁ ଦେଶେ ଯେଉଁ ରୂପେ କଲେ ଆଦର ।
କହୁଥାଇ ତାହା ମହୀପତି ନିକର । ୨୦ ।
କୁନ୍ତଳେ କୁନ୍ତଳବର୍ଣ୍ଣେ ସାରିଲେ ଦିନ ।
ମତ୍ସ୍ୟଜନ ମତ୍ସ୍ୟପରି ନିମିଷହୀନ । ୨୧ ।
ନିଷେଧ ନିଷେଧ ଅନ ଲୋକନ କଲେ ।
ମାଳବରେ ମାଳା କରି ତାହା ଜପିଲେ । ୨୨ ।
ମଘରେ ମଘବାପଦ ପାଇଲା ପରି ।
ବିଦେହ ବିଦେହଶରେ ହୋଇଲେ ଘାରି । ୨୩ ।

---

୧୫ । ବନ୍ଧାଣିତ୍ୱ—କାରିଗରପଣିଆ; ଶିଳ୍ପିତ୍ୱ । ଖ୍ୟାତ—ପ୍ରଚାର ।
୧୬ । ସ୍ୱୀକାର—ଅଙ୍ଗୀକାର, ସମ୍ମତ । ସ୍ୱରୂପ—ପ୍ରତିରୂପ, ମୂର୍ତ୍ତି ।
୧୭ । ଧର୍ମତାତ—ଧର୍ମପିତା । ୨୦ । ମହୀପତିନିକର—ରାଜା ସବୁ ।
୨୧ । କୁନ୍ତଳେ—କୁନ୍ତଳ ଦେଶରେ । କୁନ୍ତଳବର୍ଣ୍ଣେ—ରୂପ ଦେଖି ବାଳର ରଙ୍ଗ ପରି କଳା ପଡ଼ିଗଲେ ( ଦୁଃଖରେ ) । ମତ୍ସ୍ୟଜନେ—ମତ୍ସ୍ୟଦେଶର ଲୋକମାନେ । ମତ୍ସ୍ୟପରି ନିମିଷହୀନ—ଆଖିପତା ନ ପକାଇ ଅଣ୍ଟର୍ଯ୍ୟ ହୋଇ ଦେଖିଲେ ।
୨୨ । ନିଷଧ ଦେଶର ଲୋକେ ଅନ୍ୟ ଦେଖିବାକୁ ବାରଣ କଲେ । ମାଳବରେ—ମାଳବ ଦେଶର ଲୋକେ ମାଳାକରି—ଆଦର କରି ସେ ଲାବଣ୍ୟବତୀ ନାମ ବାରମ୍ବାର କହିବାକୁ ଲାଗିଲେ। ୨୩ । ମଘରେ—ମଗଧ ଦେଶରେ । ମଘବାପଦ—ଇନ୍ଦ୍ରପଦ । ବିଦେହ—ଦେଶରେ । ବିଦେହଶରେ—କନ୍ଦର୍ପ ଶରରେ ।

କନାଉଜେ କନ୍ୟା ଉଜ ଶୁଭିଲା ବାଣୀ ।
ମରୁଦେଶେ ମରୁ ରମ୍ଭା ଏମନ୍ତ ଭଣି । ୨୪ ।
ଅଙ୍ଗରେ ଅଙ୍ଗନାଅଙ୍ଗ ପ୍ରଶଂସା କଲେ ।
ଏହି ରମା ବୋଲି କଳି କଳିଙ୍ଗେ ହେଲେ ।୨୫।
ଧାତା ହାଟ ଏହି ମରହଟ୍ଟ ବଗୁର ।
ସଉରାଷ୍ଟ୍ରେ ଭ୍ରମି ସଉଦାମିନୀ ସ୍ଥିର । ୨୬ ।
ଚୋଳେ ନିଚୋଳେ ଘୋଡ଼ାଇ ରଖିବା ଚିନ୍ତା ।
ଦ୍ରାବଡ଼େ ନିବଡ଼େ ଅଲିଙ୍ଗନେ ମମତା ।୨୭।
ଗୁଜୁରାଟ ସ୍ମିତବଦନେ ଦେଖିବା ଇଚ୍ଛା ।
ବଦର୍ଭରେ ଦର୍ଭହାସୀ ଦର୍ଶନବାଞ୍ଛା ।୨୮।
ଉତ୍କଳେ ଉତ୍କଳ ହୋଇ ବରହେ ଭାସି ।
ଗଉସ୍ତ ଏ ଗଉରବ ଗଉଡ଼େ କରି ।୨୯।
ନେପାଳେ କପାଳେ ଥିଲେ ପାଇବା ଭାବ ।
ମାଗଧେ ମାଗଧମୁଖେ ବର୍ଣ୍ଣାନ୍ତି ଛବ ।୩୦।

---

୨୪ । କନାଉଜେ—କନୌଜ ଦେଶରେ । କନ୍ୟାଉଜ—କନ୍ୟାଶ୍ରେଷ୍ଠ । ମରୁଦେଶେ—ମାରୁଆଡ଼ ଦେଶରେ । ରମ୍ଭା ମରୁ—ଶୋଭାରେ ଲଜ୍ଜା-ପାଇଁ ରମ୍ଭା ଆସ୍ୱର୍ଗ ବୁଡ଼ ମରୁ । ଅଙ୍ଗଦେଶରେ ଅଙ୍ଗନାଅଙ୍ଗ—ସ୍ତ୍ରୀ ଲାବଣ୍ୟବତୀର ଶରୀର । କଳିଙ୍ଗ ଦେଶରେ ଏହି ରମା—ଲକ୍ଷ୍ମୀ—ଶୋଭା ଦେବୀ ବୋଲି ଲୋକଙ୍କ ମଧ୍ୟରେ କଜିଆ ହେଲା ବା କଳିଙ୍ଗ ଲୋକମାନେ କଳନା କଲେ ।

୨୬ । ଧାତା ହାଟ—ବିଧାତାଙ୍କ ଅପୂର୍ବ କୁହୁକ ଚାତୁରୀ । ମରହଟ୍ଟରେ—ଦେଶରେ । ସଉରାଷ୍ଟ୍ରେ—ଦେଶରେ । ସ୍ଥିର ସଉଦାମିନୀ—ସ୍ଥିର ବିଜୁଳି ।

୨୭ । ଚୋଳେ—ଚୋଳ ଦେଶରେ । ନିଚୋଳେ—କାଞ୍ଚୁଲି ମଧ୍ୟରେ । ଦ୍ରାବଡ଼—ଦେଶରେ । ନିବଡ଼େ—ଦୃଢ଼ଭାବରେ । ମମତା—ଅତି ଆଗ୍ରହ । ଗୁଜୁରାଟ—ଗୁଜୁରାଟ ଦେଶରେ । ବଦର୍ଭରେ—ବେରାରରେ । ଦର୍ଭହାସୀ ସ୍ତ୍ରୀ ମୃଦୁହାସୀ—ସ୍ମିତବଦନା ।

୨୯ । ଉତ୍କଳଦେଶରେ ଉତ୍କଳ—ଉତ୍କଣ୍ଠିତ । ୩୦ । ଗଉସ୍ତ—ପାର୍ବତୀ । ଗଉରବ—ମର୍ଯ୍ୟାଦା । ଗଉଡ଼େ - ବଙ୍ଗଦେଶରେ । ମାଗଧେ—ମଗଧ ଦେଶରେ ( ମଗଧ ସ୍ୱାର୍ଥେ ଅ ) ମାଗଧ ମୁଖେ—ଭାଟ ମୁହଁରେ ।

କୁଞ୍ଜଗଲେ ଗଲେ ବାହ୍ନ ବୁଲିବା ସ୍ନେହ୍ନୀ ।
ବଙ୍ଗାଳୀ ଗାଲ ଉପମାବଳିଙ୍କ ଦେଇ ।୩୧।
ଲୋମଶ ଲୋମହର୍ଷିତ ଦେଖି ଭୁବତ । '
କଳେବରେ କଳେବରେ ଆନନ୍ଦ ଜାତ । ୩୨ ।
କେରଳେ ଭାବେ କେରଳମାୟା ହୋଇବ ।
ଯମନ ମନରୁ ଭିନ୍ନ ନୋହିଲା ଭାବ । ୩୩ ।
ସିନ୍ଧୁରେ ଭାଷିଲେ ସିନ୍ଧୁରେ ଯେ ହାସିବ ।
ସିନ୍ଧୁରଗମନା ପ୍ରତିଅଙ୍ଗେ ମିଶିବ । ୩୪ ।
ବାଳା ଭୁଲାପିତୁଲାଙ୍କୁ ଗୃହିଁ ସବ୍ରଗେ ।
ପିତୁଳା କରି ରଖିଲେ ନୟନଯୁଗେ । ୩୫ ।
ବଦଗଧେ ବଦଗଧ କାମ ଦହନେ ।
ସେ ଭାବନା ନ ଛାଡ଼ିଲେ ରଜନୀ ଦନେ । ୩୬ ।
କେ ବୋଲେ ପଟ କି ଏ କାହାର କପଟ ।
ଦେଖିଲେ କାମ୍ପିତ ଚିତ୍ତ ହୋଏ ଲମ୍ପଟ । ୩୭ ।
କେ ବୋଲେ ଏ କେହି ହେଲା ଦମ୍ଭ ରହିଲା ।
ଶାତକୁମ୍ଭ କୁମ୍ଭଭରଜାଙ୍କୁ ବହିଲା । ୩୮ ।

---

ଉପମାବଳିଙ୍କ—ଉପମାନ, ଚନ୍ଦ୍ର, ପଦ୍ମ ପ୍ରଭୃତିଙ୍କୁ ତୁଚ୍ଛ କରି ଗାଲଦେଲେ । ଏ କନ୍ୟା ଏହାର ସଙ୍ଗେ ସମାନ, ଏ ହେତୁ ।

୩୨ । ଲୋମଶ ଦେଶରେ ଲୋମହର୍ଷିତ—ଆଶ୍ଚର୍ଯ୍ୟରେ ତାଙ୍କ ରୋମ ଠାଙ୍କୁରି ଗଲା ( ପୁଲକ ) । କଳେବରେ—କଳେବର—ଟକୋଲର୍ଗ ଦେଶରେ । କଳେବରେ—ଶରୀରରେ ।

୩୩ । କେରଳେ—କେରଳ ଦେଶର ଲୋକ ଭାବଲେ । କେରଳ ମାୟା—କେଳା କୁହୁକ । ଯମନ—ଯବନ । ୩୪ । ସିନ୍ଧୁରେ—ସମୁଦ୍ରରେ । ସିନ୍ଧୁରଗମନା—ଗଜଗାମିନୀ ଲାବଣ୍ୟବତୀ । ୩୫ । ପିତୁଲାଙ୍କୁ—କନ୍ୟାର ସମ ମୂର୍ତ୍ତିଙ୍କ—ଚନ୍ଦ୍ରପଟଙ୍କୁ । ସବ୍ରଗେ—ଅତି ଶ୍ରଦ୍ଧାରେ । ପିତୁଳା—ଆଖି ଡୋଳା ବା ପୁଅ । ନୟନଯୁଗେ—ଦୁଇ ଆଖିରେ । ୩୬ । ବଦଗ୍ଧେ—ବଦଗ୍ଧମାନେ—କଳା ବିଳାସରେ ଚତୁର କ ରସିକମାନେ । କାମ-ଦହନେ ବଦଗ୍ଧ—କନ୍ଦର୍ପଜ୍ୱାଳାରେ ବଶେଷ ଭାବରେ ଦଗ୍ଧ ହୋଇ । ୩୭ । କେ ‥ କପଟ—ଏ କାହାର କୁହୁକ ବା ଇନ୍ଦ୍ରଜାଲ । ଲମ୍ପଟ—ଲାଳସାଯୁକ୍ତ, ଲୋଲୁପ । ୩୮ । କେହି ହେଲା—କପରି ହେଲା । ଦମ୍ଭ ରହିଲା—ନର୍ମାଣକାରୀର ଧୈର୍ଯ୍ୟ ରହିଲା । ଶାତକୁମ୍ଭକୁମ୍ଭଭରଜାଙ୍କୁ—

କେ ବୋଲେ ସତେ କାମିନୀ ଅଛି ଏମନ୍ତେ ।
କେମନ୍ତେ ଗଢ଼ିଲା ବିହି ଅପୂର୍ବ କେତେ । ୩୯ ।

କେ ବୋଲେ ସତେ ଏରୂପେ ଥିଲେ ତରୁଣୀ ।
ଏତେକାଳେ ଅଲଙ୍କୃତା ହେଲା ଧରଣୀ । ୪୦ ।

କେ ବୋଲେ ମୋହନ ମୂର୍ତ୍ତିବନ୍ତ ହୋଇଲା ।
ସକଳ ସୁନ୍ଦର ଅଙ୍ଗେ ଯେଣୁ ଅଇଲା । ୪୧ ।

କେ ବୋଲେ କହିବା ନୋହେ ନେତ୍ରସୁକୃତ ।
ଦେଖିଲାଇଁ ଲାବଣ୍ୟବତୀର ଆକୃତ । ୪୨ ।

ବଗୃବଲେ ଯୁବାସୃଷ୍ଟି କିବା ପ୍ରଳୟ ।
ହୋଇବ ହୋଇଛି ଉତପାତ ଉଦୟ । ୪୩ ।

ବିଦ୍ୟୁସ୍ଥିର ଇନ୍ଦୁଚିର ନିଶି ଦିବସ ।
ଅମଳିନ ହୋଇ ତ ନଳିନ ବିକାଶ । ୪୪ ।

---

ସୁନାକଳସ ପରି ସ୍ତନ ଯାହାର ଏପରି କନ୍ୟାକୁ ବିହିଲା—ନିର୍ମାଣ କଲା ।

୩୯ । କାମିନୀ—ସ୍ତ୍ରୀ । ୪୦ । ତରୁଣୀ—ସ୍ତ୍ରୀ । ଅଲଙ୍କୃତା—ଭୂଷିତା । ଧରଣୀ—ପୃଥିବୀ ।

୪୧ । ମୋହନ—ମୋହିବା ଗୁଣ (କାମଦେବର) । ମୂର୍ତ୍ତିବନ୍ତ ହୋଇଲା—ଶରୀର ଧରିଲା ।' ସକଳ ସୁନ୍ଦର—ସମସ୍ତ ସୌନ୍ଦର୍ଯ୍ୟ ( ସକଳ ସୁନ୍ଦର ସନ୍ନିବେଶ—ଭାଗବତ ଏକାଦଶ, କୃଷ୍ଣଙ୍କ ମୂର୍ତ୍ତି ) । ୪୨ । କଥନ ନୋହେ—କହି ହେବ ନାହିଁ । ନେତ୍ରସୁକୃତ—ଚକ୍ଷୁର ପୁଣ୍ୟ । ଆକୃତ—ରୂପ ।

୪୩ । ଉତପାତ—ଉତ୍ପାତ; କୌଣସି ଅସାଧାରଣ ଘଟନା ଯାହାଦ୍ୱାରା ବିପଦ ସୂଚିତ ହୁଏ, ଅଶୁଭ ଶକୁନ, ଯେପରି ବିଦ୍ୟୁତ୍ କପିଳ ବର୍ଣ୍ଣ ଦେଖା ହେଲେ ଝଡ଼ ହୁଏ ସେହିପରି ଏ ଲାବଣ୍ୟବତୀର ଉଦୟ—ପ୍ରକାଶ ବା ଜନ୍ମରେ ଯୁବାସୃଷ୍ଟି—ଯୁବକସଂସାର; ପ୍ରଳୟ—ବିନଷ୍ଟ ହେବ ।

୪୪ । ବିଦ୍ୟୁସ୍ଥିର—ଏ ଲାବଣ୍ୟବତୀର ଶୋଭାକୁ ଠିକ୍ ବର୍ଣ୍ଣନା କଲେ କହିବା ଯେ ଏ ସ୍ଥିର ବିଜୁଳି; ନିଶି ଦିବସ—ଦିନରାତି; ଚିରସ୍ଥାୟୀ ଉଦିତ ପୂର୍ଣ୍ଣ ଭାବରେ ଇନ୍ଦୁ—ଚନ୍ଦ୍ର, ଅମଳିନ—ଅମ୍ଳାନ; ସର୍ବିରେ ମଧ୍ୟ ନଳିନ ପଦ୍ମ—ମୁଖପଦ୍ମ ।

ପୁଣି ବସ୍ତିରଲେ ବଳଭୂମି ବସ୍ତିର ।
ଅଙ୍ଗେ ଅନଙ୍ଗ ରହିଲା କି ଦୁର୍ଗ କରି । ୪୫ ।

ଦେଖି ଏ ପ୍ରତ୍ୟକ୍ଷ କଥା କରୀକି ହରି ।
ମାରେ ଏବେ ଆରୋହିଛି ହରିକି କରୀ । ୪୬ ।

ଦର୍ଶନେ ଖଞ୍ଜନ ଯୋଗ ଅଗେ ଦେଇଛି ।
କଞ୍ଜପରେ ରଞ୍ଜନ ଖଞ୍ଜନ ହୋଇଛି । ୪୭ ।

ଯେ ନିର୍ମାଣ କେତେ ଅନୁମାନ କି ତାର ।
ନୋହେ ସେ ପୁରୁଷ କେଉଁ ଥଯୁ ତା କର । ୪୮ ।

ହେଲେ ହୋଇଥିବ ଅବା ବିଧାତାମାତା ।
ମନେ ମନାସିବା କଥା ହୁଅଇ କି ତା । ୪୯ ।

---

୪୫ । ବଳଭୂମି—ଦୃଢ଼ସ୍ଥାନ, ସୈନ୍ୟଙ୍କ ରହିବା ସ୍ଥାନ ( ଜଳଭୂମି ପାଠରେ ଜଳଦୁର୍ଗ ) । ଅନଙ୍ଗ—କାମଦେବ ଏହା ଶରୀରକୁ ଗଡ଼ କରି ରହିଲା ।

୪୬ । ଦେଖି ଏ ...... କରୀ :—ଏ ସବୁଏ ଦେଖା କରୀ କି—ହସ୍ତୀକି ହରି —ସିଂହ ମାରେ, କିନ୍ତୁ ହରିକି – ସିଂହକୁ । ଆରୋହିଛି—ଉପରେ ବସିଛି । କରୀ-ହସ୍ତୀ ଲାବଣ୍ୟବତୀର କଟି ହେଲା ସିଂହ ଓ କରୀ ହେଲା କରିକୁମ୍ଭ ସ୍ତନ ତା ଉପରେ ରହିଛି । (ଅଙ୍ଗୀ ଅଙ୍ଗ ଅର୍ଥରେ) ୪୭ । ଦର୍ଶନେ···ହୋଇଛି—କଞ୍ଜ—ପଦ୍ମ, ସେ ହେଲା ମୁଖ, ଖଞ୍ଜନ ଯେ ଖଞ୍ଜରୀଟ ପକ୍ଷୀ ସେ ହେଲା ନେତ୍ର । ସେ ରଞ୍ଜନ—ଶୋଭନ—ତାକୁ ଦର୍ଶନ କରିବାରେ ଖଞ୍ଜନ ଯୋଗକୁ ପ୍ରଥମରେ ଦେଉଛି । ଏକୋହି ଖଞ୍ଜନ-ବରେ ନଳିନୀଦଳସ୍ଥୋ ଦୃଷ୍ଟଃ କରୋତି ଚତୁରଙ୍ଗ ବଳାଧିପତ୍ୟମ୍ । ଇତି । ଗ୍ରନ୍ଥାନ୍ତରେ—ଏକୋଽପି ଖଞ୍ଜନବରେ ସରସୀରୁହସ୍ଥୋ ଦୃଷ୍ଟଃ କରୋତି ନଶିଳାବନପାଳକତ୍ୱମ୍ ।

୪୮ । ଅନୁମାନ—କଳ୍ପନା ବିଚାର । ୪୯ । ବିଧାତା—ବ୍ରହ୍ମା ସେ ମାତା—ଜନ୍ମଦାତ୍ରୀ । ମନେ ମନାସିବା କଥା—ମନର କଳ୍ପନାରେ ଏ ସୃଷ୍ଟି କାରଣ । କୃତ୍ରିମ ଉପାୟରେ ଆଉ ବାଙ୍କ ହୋଇଯିବ । ମନରେ ଯାହା କଳ୍ପିତ ହୁଏ, ତାହା କାର୍ଯ୍ୟରେ ପରିଣତ ହୁଏ ; କିନ୍ତୁ କିଛି ଅଭାବ ରହିଯାଏ ।

ପ୍ରୟାଗେ ଅଯୁଗ୍ମ ସୀତାସଦୃଶ ପରି ।
ଏ ରୂପକୁ ଅଛୁ କି ସେ ନିର୍ମାଣ କରି । ୫୦ ।

ଏମନ୍ତେ ରମା ପ୍ରଶଂସା ସଂସାରେ ଖ୍ୟାତ ।
ନୃପତି ସମୂହ ହେଲେ ଉତ୍ସନ୍ନଚିତ୍ତ । ୫୧ ।

ମନକୁ ପ୍ରେଷିତ କଲେ ସିଂହଳଦ୍ୱୀପ ।
ଶୟନେ ଦେଖିଲେ ସ୍ୱପ୍ନେ ବାଳାସ୍ୱରୂପ । ୫୨ ।

ଅସର ପାଇ ବନ୍ଧିଲା କୁସୁମଶର ।
ସାରିଲେ ଉଶୀରବାଟୀ ଶିଶିରକର । ୫୩ ।

ଶିଶିରକରରେ ରବି ଛବି ପାଇଲେ ।
ନବପଲ୍ଲବଶୟନ କରି ଶୋଇଲେ । ୫୪ ।

ଦ୍ୱିଜ ଚୂର୍ଣ୍ଣୀଭୂତ କରି ଚଣ୍ଡୀବରଣ ।
ପ୍ରତିପାଦନ କରିବାରେ ହେଲେ ନିପୁଣ । ୫୫ ।

ଚମ୍ପାଗୋରୀ ଅନୁକମ୍ପା କରିବାପାଇଁ ।
ଶିବେ ଗୋଦୋହନ କରି ଚମ୍ପା ଚଢ଼ାଇ । ୫୬ ।

ଆଜାନୁସ୍ତନୀ ନୟନେ ଦେଖିବାପାଇଁ ।
ଗଣେଶଙ୍କୁ ଲଡ଼ୁ ଦେବା ଟଣାନ ନାହିଁ । ୫୭ ।

---

୫୦ । ପ୍ରୟାଗେ...ପରି—ରାବଣ ଯେପରି ମାୟାରେ ସୀତା କରି ରାମଚନ୍ଦ୍ରଙ୍କୁ ଦେଖାଇଥିଲା ସେହିପରି ଏ ମାୟା ସୃଷ୍ଟି କି ? ଇନ୍ଦ୍ରଜିତ ମାୟା ସୀତାକୁ ହନୁମାନ ଆଗରେ ଯୁଦ୍ଧକ୍ଷେତ୍ରରେ ହାଣିଥିଲା । ମେଘନାଦର ଅନୁରୋଧରେ ଜମ୍ବୁମାଳୀର ପୁତ୍ର ସିଂହନାଦ ନିଜ ଭଉଣୀ ସୁକାନ୍ତିକୁ ନେଇ ପ୍ରୟାଗରେ ବୁଡ଼ାଇ ମାୟା ସୀତା କରାଇଥିଲା ସେହି ସୁକାନ୍ତି ଯେ ମାୟା ସୀତା ହୋଇଥିଲା ସେ ଅବିକଳ ସୀତା । ଦାଣ୍ଡି ରାମାୟଣ ।

୫୧ । ଉତ୍ସନ୍ନ—ଉତଲା । ୫୨ । ପ୍ରେଷିତ—ପଠାଇଲେ । ୫୩ । ଅସର—ଅବସର, ସୁଯୋଗ, ବେଳ । କୁସୁମଶର—କନ୍ଦର୍ପ । ଉଶୀର—ବେଣାଚେର । ଶିଶିରକର—(ଚନ୍ଦ୍ର) କର୍ପୂର । ୫୪—ରବିଛବି—ସୂର୍ଯ୍ୟଙ୍କ ତାପ—(ରବିତାପ ପାଠାନ୍ତର) ବିରହରେ ଚନ୍ଦ୍ର ସୂର୍ଯ୍ୟଙ୍କ ପରି ଅସହ୍ୟ ହେଲା । ନବ ପଲ୍ଲବ ଶୟନ—ନୂଆ କଅଁଳଆ ପତ୍ରର ଶେଯ । ୫୬ । ଚମ୍ପାଗୋରୀ—ଚମ୍ପାଫୁଲପରି ଗୌରବର୍ଣ୍ଣା ।

କରେ ଛୁଇଁମାକୁ ରାମା କୁଚକଳସୀ ।
ରମାବଲ୍ଲଭଙ୍କୁ ଦେଲେ ଲକ୍ଷେ ତୁଳସୀ । ୫୮ ।

କାମଶାସ୍ତ୍ର ଦେଖି ସ୍ତ୍ରିରାବଶୀକରଣ ।
କଲେ ମନ୍ତ୍ର ମନ୍ତ୍ରୌଷଧି ମଣି ଭିଆଣ । ୫୯ ।

ଶୋଭା ଅର୍ଥେ ମଣ୍ଡି ହେଲେ ରତ୍ନାଲଙ୍କାର ।
ପଉଣ୍ଡ୍ରକ ବାସୁଦେବ ହେଲା ପ୍ରକାର । ୬୦ ।

କେତକୀଫୁଲ ବାଞ୍ଛିତ ଯଥା ମଧୁପ ।
ତଥା ନୃପମଣ୍ଡଳ ବାଳାରେ ଲୋଲୁପ । ୬୧ ।

ନ ତୁଟିଲା ଅଡ଼ ଆଶା କେବେ ତାଙ୍କର ।
ବିରହିଣୀ ନାୟିକା ବିକଳୀ ପ୍ରକାର । ୬୨ ।

ଉଇତରୁଫଳେ ଖର୍ବେ ଆଶାୟୀ ପର ।
ଲାବଣ୍ୟବତୀ ନାମକୁ ମନ୍ତ୍ରର କର । ୬୩ ।

ବାଳା ପ୍ରତିଅଙ୍ଗ ଶୋଭା ମାନସେ ଥୋଇ ।
ଅପଣା ଶୋଭାକୁ ଆଦରଶରେ ଚାହିଁ । ୬୪ ।

ବାହ୍ୟରେ ଅରମ୍ଭ ସେ ଅନ୍ତରେ ବ୍ୟାକୁଳ ।
ଭସ୍ମ ଆଚ୍ଛନ୍ନରେ ଥାଇ ଯଥା ଅନଳ । ୬୫ ।

---

୫୮ । କୁଚକଳସୀ—ସ୍ତନରୂପ ମାଟିଆ । ରମାବଲ୍ଲଭ—ବିଷ୍ଣୁ । ୫୯ । କାମଶାସ୍ତ୍ର—ବାତ୍ସ୍ୟାୟନାଦିଙ୍କ କାମଶାସ୍ତ୍ର—ସ୍ତ୍ରୀ ବଶୀକରଣ ମଣି ମନ୍ତ୍ର ଔଷଧାଦି ପ୍ରୟୋଗରେ ସ୍ତ୍ରୀ ବଶ କରାନ୍ତୁଏ । ୬୦ । ପଉଣ୍ଡ୍ରକ—ବାସୁଦେବ ଯେପରି ପୌଣ୍ଡ୍ରକ ରାଜା ନକଲି ଗଦା ପଦ୍ମାଦି ଧରି କାଠ ଗରୁଡ଼ ଉପରେ ଚଢ଼ି ବିଷ୍ଣୁ ସାଜିଥିଲେ ସେହିପରି ରାଜାମାନେ ଭୂଷଣ ଗ୍ରହଣ କଲେ ।

୬୧ । କେତକୀ...ମଧୁପ—ଭ୍ରମରର ଯେପରି କେତକୀ ଫୁଲରେ ଅଭିଳାଷ—ନିରାଶ

୬୨ । ବିରହିଣୀ ବିକଳୀ ପ୍ରକାର—ବିରହରେ କାତର ନାୟିକାର ଅପାନ ବା ରାଜପରି ସେ ନାୟିକା ପ୍ରିୟଲାଭ ନିମିତ୍ତ ଅସ୍ଥିର, ତାହୁଁ ସେ ପିଣ୍ଡ ମାଡ଼ି କେଉଁଠି ବସିପାରେ ନାହିଁ । ୬୩ । ଉଚ ତରୁ ଫଳ—ଡେଙ୍ଗାଗଛର ଫଳପାଇଁ ; ଖର୍ବ—ବାମନ, ବାଙ୍ଗର ।

୬୪ । ଆଦରଶରେ—ଦର୍ପଣରେ । ବାହ୍ୟରେ—ବାହାରେ ( ବ୍ୟାଜରେ—ପାଠାନ୍ତର, ଛଳରେ) । ଅରମ୍ଭ—ଦମ୍ଭ । ଅନ୍ତରେ—ମନ ମଧ୍ୟରେ ।

୬୫ । ଭସ୍ମଆଚ୍ଛନ୍ନରେ—ପାଉଁଶ ଘୋଡ଼ାଇବା ଭିତରେ । ଅନଳ—ଅଗ୍ନି ।

ବିଚକ୍ଷଣ ଜନ ପେଷି ସିଂହଳଦ୍ୱୀପେ ।
ପ୍ରୀତି ଲଗାଇଲେ ରତ୍ନେଶ୍ୱର ମହୀପେ । ୬୬ ।
ଲାବଣ୍ୟବତୀ ସ୍ୱରୂପ ଅସିବା ଘୋଷ ।
ଅଗୁଁ ପ୍ରକଟ ହୋଇଲା କର୍ଣ୍ଣାଟଦେଶ । ୬୭ ।
ଚନ୍ଦ୍ରଭାନୁ ଭୂପେ ଯାହା ସାଧୁତ କହି ।
ତାକୁ କେ କାମିନୀ ରୂପ କେ ପଟେ ଲିହି । ୬୮ ।
ରୂପକାର ରଙ୍ଗାଜୀବ ମହୀରେ କାହିଁ ।
ମନକୁ ଆସେ ମଘବାଭୁବନେ ନାହିଁ । ୬୯ ॥
ହୋଇଥିଲା ମୋ ନେତ୍ରର ବିଧାତା ଋଣୀ ।
ଶୁଝିବ ବୋଲି ଆଣେ ପ୍ରତିତରୁଣୀ । ୭୦ ।
ଗୁରୁଦ୍ରୋହୀ ପୁଣ ସ୍ୱର୍ଗଭୋଗ ପାଇଛି ।
ସାତସିନ୍ଧୁ ଚଳୁ ଭିତରରେ ରହିଛି । ୭୧ ।
ପକ୍ଷ ବିନା ହୋଇଅଛି ଗଗନଗତି ।
ଜଳ ଉପରେ ଶଇଳ ଭାସିଅଛନ୍ତି । ୭୨ ।
ଯେଉଁ ଦଇବେ ହୋଇଛି ଏତେ ବିଧାନ ।
ସେହି ଦଇବେ ହେଲା କି ବାଲାରତନ । ୭୩ ।

---

୬୬ । ବିଚକ୍ଷଣ—ଚତୁର । ପେଷି—ପଠାଇ । ମହୀପେ—ରାଜାଙ୍କଠାରେ । । ୬୭ । ସ୍ୱରୂପ—ପ୍ରତିମୂର୍ତ୍ତି । ଘୋଷ—ଶବ୍ଦ । ପ୍ରକଟ—ପ୍ରକାଶ । ୬୮ । ରୂପକାର—ମୂର୍ତ୍ତି ତିଆରି କରିବା ଲୋକ । ରଙ୍ଗାଜୀବ—ଚିତ୍ରକର । ମଘବାଭୁବନେ—ଇନ୍ଦ୍ରପୁରରେ ।

୭୦ । ବିଧାତା—ବ୍ରହ୍ମା । ପ୍ରତିତରୁଣୀ—ତରୁଣୀ ସ୍ତ୍ରୀ ଲାବଣ୍ୟବତୀର ପ୍ରତିନିଧି ବା ପ୍ରତିରୂପ "ପ୍ରତିନିଧି ପ୍ରତିଦାନୟୋଃ" ଏହି ଅର୍ଥରେ ପ୍ରତି ବସେ ।

୭୧ । ଗୁରୁଦ୍ରୋହୀ—ଚନ୍ଦ୍ର । ବୃହସ୍ପତିଙ୍କ ସ୍ତ୍ରୀ ତାରାକୁ ହରଣ କରିଥିବାରୁ ସେ ଗୁରୁଦ୍ରୋହୀ ; ତାହେଲେ ଦୈବବଶରୁ ସ୍ୱର୍ଗଭୋଗୀ ବା ଇନ୍ଦ୍ର ଗୁରୁପତ୍ନୀ ହରଣ କରିଥିଲେହେଁ ସହସ୍ରଯୋନି ହୋଇ ସୁଦ୍ଧା ସ୍ୱର୍ଗରେ ରାଜା ହୋଇ ଅଛନ୍ତି । ସାତସିନ୍ଧୁ...ରହିଛି । ଅଗସ୍ତ୍ୟ ଋଷି ସାତ ସମୁଦ୍ରକୁ ଚଳୁ କରି ଦେଇଥିଲେ । ୭୨ । ପକ୍ଷ...ଗଗନପତି—ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ବୁଝାଉଛି ବା ହନୁମାନ ପକ୍ଷ ନ ଥିଲେହେଁ ପକ୍ଷୀପରି ସମୁଦ୍ର ଲଙ୍ଘନ କରିବାବେଳେ ଆକାଶରେ ଉଡ଼ିଯାଇଥିଲା । ଜଳ...ଭାସି ଅଛନ୍ତି—ସେତୁ ବାନ୍ଧିବା ସମୟରେ ନଳଙ୍କ ହସ୍ତସ୍ପର୍ଶରେ ପର୍ବତମାନେ ସମୁଦ୍ରରେ ଭାସି ରହିଥିଲେ ।

ଜ୍ୟେଷ୍ଠେ ତୃଷିତ ଚାତକ ଯେମନ୍ତ ହୋଇ ।
ଜଳଦ ଦର୍ଶନେ ତନମନ କରଇ । ୭୪ ।
ଅଷାଢ଼େ ଘନଦୁର୍ଦ୍ଦିନେ ଚକୋରପନ୍ତି ।
ଅଶା ଯେସନ୍ତେ ଶରଦ ଅଗମେ କରନ୍ତି । ୭୫ ।
ସ୍ୱରୂପ ପ୍ରବେଶେ ତଥା ଠେକିଲା ଆଶା ।
ଅସର ହୋଇଲା ତେଣୁ ବାସର ନିଶା । ୭୬ ।
ପାଲ୍ଟେଠାଇ ପଠିଅଇ ମନକୁ ମୋଦେ ।
କର୍ଣ୍ଣ ଡେରେ ଯଥା ମୃଗ ଘଣ୍ଟି ଶବଦେ । ୭୭ ।
ସପ୍ରେମ ନୟନ ସେହି ଦିଗକୁ ଠେକି ।
ନିରେଖେ କାଗଜଚକି ଯଥା କୁତୁକୀ । ୭୮ ।
ନିଦା କ୍ଷୁଧା ବାଧା କରି ପାରିଲେ ନାହିଁ ।
ଅଳପ ଅନୁରାଗ କି ହୋଇବ କହି । ୭୯ ।
ବିନାୟକ ପୂଜ୍ୟ ସଦାଶିବ ତୋଷଦ ।
ସୁମନସ ଗଣର ଯେ ହରେ ବିଷାଦ । ୮୦ ।

---

୭୪ । ଜ୍ୟେଷ୍ଠେ—ଜ୍ୟେଷ୍ଠମାସରେ । ତୃଷିତ—ଶୋଷୀ । ଜଳଦ—ମେଘ । ତନମନ—ତନ୍ମନା; ଏକାଗ୍ରଚିତ୍ତ ହୁଏ । ଦେହ ଓ ମନ ତାର ଏକ ହୋଇଯାଏ ।

୭୫ । ଘନଦୁର୍ଦ୍ଦିନେ—ମେଘଯୋଗୁଁ ଘୋର ବର୍ଷାଦିନରେ ଚକୋର ପନ୍ତି—ଚକୋର ସବୁ । ଶରଦ ଅଗମେ—ଶରତକାଳ ଅସିବାକୁ, ଚନ୍ଦ୍ରଙ୍କଠାରୁ କିରଣ ପାଇବା ପାଇଁ ।

୭୬ । ସ୍ୱରୂପ—ଲାବଣ୍ୟବତୀର ପ୍ରତିମୂର୍ତ୍ତି । ଠେକିଲା—ବଢ଼ିଲା । ଅସର—ସରିଲା ନାହିଁ । ବାସର—ଦିନ । ନିଶା—ରାତି । ୭୭ । ପାଲ୍ଟେଠାଇ—ଲେଉଠାଇ । ମୋଦେ—ଖୁସିରେ । ୭୮ । କାଗଜ ଚକି—ଗୁଡ଼ି । କୁତୁକୀ...କୌତୁହଳାକ୍ରାନ୍ତ ଲୋକ, ମଜ୍ଜକ !

୭୯ । ଅନୁରାଗ—ସ୍ନେହ । ୮୦ । ମହାଦେବଙ୍କ ପକ୍ଷେ—ବିନାୟକ ଯେ ଗଣେଶ ତାଙ୍କର ପୂଜ୍ୟ । ସଦାଶିବ—ମହାଦେବଙ୍କ ନାମ । ତୋଷଦ—ସନ୍ତୋଷକାରୀ । ସୁମନସଗଣ—ସାଧୁଗଣଙ୍କର ଦୁଃଖ ହରଣକାରୀ । ରାମଙ୍କ ପକ୍ଷରେ:—ବିଶିଷ୍ଟ ନାୟକ—ଶ୍ରେଷ୍ଠ ପୁରୁଷ । ପୂଜ୍ୟ—ପୂଜନୀୟ । ସଦାଶିବ—ମହାଦେବ । ତାଙ୍କର ତୋଷକାରୀ । ସୁମନସଗଣ—ଦେବଗଣ; ତାଙ୍କର ଦୁଃଖନାଶକାରୀ । ବିନାୟକ—ବି,ପକ୍ଷୀ ତାର

ଉପଇନ୍ଦ୍ର ଭଞ୍ଜ ବୀରବର ବର୍ଣ୍ଣରେ ।
ଏ ଗୀତ ଶେଷ କରିବି ତାଙ୍କ କୃପାରେ । ୮୧ ।

---

## ନବମ ଛାନ୍ଦ
(ଚନ୍ଦ୍ରଭାନୁ ନିକଟରେ ଲାବଣ୍ୟବତୀର ଚିତ୍ରପଟ ସହ ସନ୍ନ୍ୟାସୀର ପ୍ରବେଶ)

### ରାଗ—ସାମନ୍ତଗୁର୍ଜରୀ

ହୋଇଲା ପ୍ରବେଶ ଗ୍ରୀଷମ ସମୟ ସୁଷମା ପ୍ରୌଢ଼ା ଯୁବତୀକି ।
ରଜନୀ ମନୋହର କର ବହିଲା ପକ୍ୱଚୂତଫଳକାନ୍ତିକି ।
ପ୍ରଫୁଲ୍ଲ । ମଲ୍ଲିକା ହାସକୁ ବିକାଶି ।
ରସିକଭ୍ରମର ଗୃଢ଼ୁକୁ ନିରତ ପାଟଳି ଶ୍ରବଣ ନିବେଶି । ୧ ।
ଝିଙ୍କାରୀ ଝଙ୍କାର ଝୁଣ୍ଟିଆ ଝମକେ ଚମକ ପକାଇ ଯୁବାରେ ।
ରଖିଲା ମନକୁ ଘନରସେ ନେଇ ଚନ୍ଦ୍ରକିରଣେ ଶୋଇବାରେ ।
ଶାଲ୍ମଳୀ । ରଙ୍ଗେ ଅନୁରାଗ ଦେଖାଇ ।
ବନବାଟପକୁ ବର ହଦାବାଗ୍ନି ଯୋଗରେ କି ଦହି ପକାଇ । ୨ ।

---

ନାୟକ—ଶ୍ରେଷ୍ଠ—ଗରୁଡ଼ ତା ଦ୍ୱାରା ପୂଜ୍ୟ ଯେ ବିଷ୍ଣୁ । ଏଠାରେ ରାମ ଓ ବିଷ୍ଣୁଙ୍କ ଅଭେଦୋପଚାର !

---

୧ । ସୁଷମା—ସୁନ୍ଦରୀ । ପ୍ରୌଢ଼ା—ପ୍ରପ୍ତବୟସ୍କା; ବୃଦ୍ଧିମତୀ । ଯୁବତୀ ହେଲା ରାତ୍ରୀ ସେ ରାତ୍ରୀ ମନୋହର ପକ୍ୱଚୂତଫଳ କାନ୍ତିକି—ପାଚିଲା ଆମ୍ବଫଳର ଶୋଭାକୁ ବହିଲା—ଧାରଣ କଲା । ପ୍ରଫୁଲ୍ଲ—ପ୍ରସ୍ଫୁଟିତ । ମଲ୍ଲିକା—ମଲ୍ଲୀଫୁଲ । ବିକାଶି—ପ୍ରକାଶ କରି । ରସିକ—ନାଗର ହେଲା ଭ୍ରମର । ଗୃଢ଼ୁକୁ—ତୋଷାମଦ କଥା, ପାଟଳି ଶ୍ରବଣ ନିବେଶି—ପାଟଳି ଫୁଲ ରୂପ କାନ ଦେଇ । ନିରତ—ସଦା ସର୍ବଦା । ରାତ୍ରି ହେଲା ଯୁବତୀ, ତାର କାନ୍ତି ପାଚିଲା ଆମ୍ବର ବର୍ଣ୍ଣ, ହାସ ହେଲା ମଲ୍ଲୀ, ତାର କାନ ହେଲା ପାଟଳିଫୁଲ, ଭ୍ରମର ହେଲା ରସିକ । ୨ । ନାଗରୀ ଝୁଣ୍ଟିଆ—ପାଦ ଅଙ୍ଗୁଳିର ମୁଦ୍ରିର ଝମକ—ଶବ୍ଦ ହେଲା ଝିଙ୍କାରୀ ଝଙ୍କାର—ଝିଙ୍କାରୀ ପୋକର ଝିଁ ଝିଁ ଶବ୍ଦ । ଚମକ—ଦକା । ଘନରସେ—ଶୃଙ୍ଗାର-ରସେ ବା ରତିରେ ଓ ଜଳରେ । ଶାଲ୍ମଳୀ ରଙ୍ଗେ—ଶିମୁଳୀ ଫୁଲର

କେତେ ରଞ୍ଜନ ବ୍ୟଜନପ୍ରଭଞ୍ଜନପରଶେ ଶ୍ରାନ୍ତିକୁ ନାଶିଲା
ଜଳଯନ୍ତ୍ରପୁର କର୍ପୂର ଚନ୍ଦନ ମଣ୍ଡନରେ ଚିତ୍ତ ବହିଲା ।
ହାସିଲା । ଶୁଚି ମୂର୍ତ୍ତିବନ୍ତ ହୋଇଲା ।
ବିଦେଶ ନ ଯାଅ ବୋଲି ଜନକଙ୍କୁ କି ରଜେ ତୃଷାନଳ ଥୋଇଲା । ୩ ।
ଏମନ୍ତ କାଳେ କାନନେ ନୃପସୁତ ପୁଷ୍କରିଣୀ ମଧ୍ୟ-ମଣ୍ଡପେ ।
ରହାଇ ମିତ୍ରସଙ୍ଗ ବାଳାର ପ୍ରସଙ୍ଗ ପକାଇ ତାହା ନାମ ଜପେ ।
ପ୍ରକାଶେ । ବେଳେ ବେଳେ ଏହି ଭାଷକୁ ।
ସାଧୁ କହିଲା ପରି ବିଧୁବଦନା ଅଛି ଆସୁଛି ମାନସକୁ । ୪ ।
କହିଲେ ମିତେ ନ ଘେନ ଏତେ ଚିତ୍ତେ ଥିଲକୁ ନ କି ଜଗତ ।
ଘଟେଣି ଘଟସ୍ତନା ସମେ ଘଟନା ମିଳିଲା ହୋଇଛି ଆଗତ ।
ଏକାଳେ । ମାଳିକ କହେ ସାବଧାନେ ।
ମହଲାରୁଁ ଆସିଛି ନାମ ମଦନିକା ଗଣିକା ଛବି ଦରଶନେ । ୫ ।

---

ନାଲ ରଙ୍ଗରେ । ଅନୁରାଗ—ସ୍ନେହ । ବନବିଟପକୁ—ବନର ବୃକ୍ଷକୁ (ଅନ୍ୟ ଅର୍ଥରେ ବନରୂପ ନାମଟିକୁ) ବିରହଦାବାଗ୍ନି—ବିରହ-ରୂପ ବନ ଅଗ୍ନିରେ । ୩ । କେତେ ରଞ୍ଜନ—କେତେ ପ୍ରୀତିକର । ବ୍ୟଜନପ୍ରଭଞ୍ଜନପରଶେ—ବିଚଣା ପବନ ଯୋଗରେ । ଶ୍ରାନ୍ତିକି—କ୍ଳାନ୍ତିକୁ । ଜଳଯନ୍ତ୍ରପୁର—ଯେଉଁ ଘରେ ଯନ୍ତ୍ରରେ ପାଣି ଫୁଆରା ବାହାରେ ସେଥିରେ ସ୍ନାନ କରିବାକୁ ହୁଏ । ଚିତ୍ତ ରହିଲା—ମନ ସୁହାଇଲା । ଶୁଚି—ଗ୍ରୀଷ୍ମଋତୁ । ମୂର୍ତ୍ତିବନ୍ତ—ଶରୀର ଧାରଣ କଲା । ରଜେ—ଧୂଳିରେ । ତୃଷାନଳ—ତପ୍ତନିଆଁ ।

୪ । କାନନେ—ବନରେ, ଏଠାରେ ଉପବନରେ । ନୃପସୁତ—ରାଜକୁମାର । ପୁଷ୍କରିଣୀ ମଧ୍ୟ ମଣ୍ଡପେ—ଲୀଳା ସରୋବର ମଧ୍ୟସ୍ଥ ଦ୍ୱୀପଦଣ୍ଡୀ ରୂପ ମଣ୍ଡପରେ ବାଳାର—ଲାବଣ୍ୟବତୀ କନ୍ୟାର । ଜପେ—ବାରମ୍ବାର ଉଚ୍ଚାରଣ କରୁଛି । ବିଧୁବଦନା—ଚନ୍ଦ୍ରବଦନା । ଅଛି—ବର୍ଣ୍ଣନା ଅନୁସାରେ ସୁନ୍ଦରୀ ଓ ମନ ମାନୁଅଛି ।

* । କହିଲେ.....ଆଗତ—ମିତ୍ରମାନେ କହିଲେ ଏପରି ମନରେ ଭାବ ନାହିଁ ଜଗତରେ ସେପରି ଗଠନର ମୂର୍ତ୍ତି ନ ଥିଲେ, କିପରି ଘଟସ୍ତନା ସମେ—କୁମ୍ଭ ପରି ସ୍ତନ ଯାହାର ସେ ଲାବଣ୍ୟବତୀ ତାହା ସମାନରେ ଘଟନା ମିଳିଲା—ଉପଯୁକ୍ତ ମୂର୍ତ୍ତି ଆସିଛି । ମାଳିକ—ମାଳୀ । ସାବଧାନେ—ସମ୍ମୁଖରେ—ଏ ପାଠ ସମୀଚୀନ, ରାଜାମାନଙ୍କ ସମ୍ମୁଖରେ କହିଲେ, ଏ ଶବ୍ଦ ବ୍ୟବହାର ହୁଏ । ସନ୍ନିଧାନେ—ନିକଟରେ । ଗଣିକା—ବେଶ୍ୟା ।

ପଶ୍ଚାତେ କୁମାର ପ୍ରଶଂସା ଯାହାର ଶୁଣୁଥିଲାଇଁ ଏ ସେ ନାରୀ ।
ଯାହା ଜନମକାଳୁଁ ମର୍ତ୍ତ୍ୟମଣ୍ଡଳେ ଅସିଲେ ନାହିଁ ଅପସରୀ ।
ତହିଁ କି । ହୋଇ କନ୍ୟା ମନ୍ଦିନନ୍ଦନ ।
ଜାଣି ସୀଜକାର ଅଣି ମାଳାକାର ଭେଟାଇଲା ରାମାରତନ । ୬ ।

ନବଯଉବନ ଶାଣରେ ଶାଣିତ କାହା ମନ ବଶ ନୋହିବ ।
ସ୍ତମ୍ଭନ ମୋହନ ବଶ ଉଚ୍ଚାଟନ ମୂର୍ତ୍ତିବନ୍ତ କଲା ଦାଇବ ।
ଦେଖିଲ । ମାନେ ଗାନେ ଅଙ୍ଗି ଲଖିଲ ।
ଗୁଣପରେ ଗ୍ରେପ ବସାଇ କୋପଭରେ ମାର ମରମରେ ଯୋଖିଲା । ୭ ।

ସୁବର୍ଣ୍ଣ ସୁବର୍ଣ୍ଣବଳୟ ଯାହାର ଏ ସଂଶୟକୁ କରାଉଛି ।
କାହାକୁ କେ ବଳି ତାରତମ୍ୟ ଅଳ ବାରଣହିଁ ଯହୁଁ ନୋହୁଛି ।
ଚିକୁର । ଲୋଟଣୀଜୁଡ଼ାରେ ଶୋଭନ ।
ଏ ଭାବେ ବାନ୍ଧବୀ ପୁରୁଷଙ୍କ ମନ ବୋଲି କି କରୁଛି ବନ୍ଧନ । ୮ ।

ମୋତିଜାଲି ଝଳି ତାରତାରକା କି ଉଦୟ ହେଲେ ନବ ଘନେ ।
କିବା ଚନ୍ଦ୍ରକୁ ଗ୍ରାସୁଁ ସୁଧାବିନ୍ଦୁକୁ ବହୁଛି ରାହୁ ଅପଘନେ ।
ତଳକୁ । ଦିବ୍ୟ ଚନ୍ଦ୍ରମୁଖୀ ଲୁଳିତ ।
ଅର୍ଦ୍ଧେନ୍ଦୁ ଅଧୋଭାଗେ ଲଭି ଉଦୟ ସପ୍ତରଚି କିବା ଜ୍ୱଳିତ । ୯ ।

---

୬ । ଅପସରୀ—ସ୍ୱର୍ଗବେଶ୍ୟା । ରାମାରତନ—ସ୍ତ୍ରୀଶ୍ରେଷ୍ଠ । ୭ । ଶାଣିତ—ଶାଣଦିଆ । ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ ଯଥାକ୍ରମରେ ଲୋକଙ୍କୁ ଜଡ଼, ମୁଗ୍ଧ, ଅଧୀନ ଓ ଉନ୍ମତ୍ତ କରିବା ତାନ୍ତ୍ରିକ ବିଧି; ଏମାନେ କଣ ଶରୀର ଧରିଲେ କି ?। ଗୁଣପରେ—ଧନୁରେ । ଗ୍ରେପ—ଶର । କୋପଭରେ—କ୍ରୋଧପୂର୍ଣ୍ଣ ହୋଇ । ମାର—କନ୍ଦର୍ପ । ମରମରେ—ହୃଦୟରେ । ୮ । ସୁବର୍ଣ୍ଣ—ସୁନ୍ଦର ଶରୀର କାନ୍ତି । ସୁବର୍ଣ୍ଣ ବଳୟ—ସୁନା ବଳା । ତାରତମ୍ୟ—ପାର୍ଥକ୍ୟ, ତୁଳନା । ବାରଣ—ଚିହ୍ନା (ବାରି ହେବା, ପୃଥକ୍ କରଣ) ଚିକୁର—କେଶ । ଶୋଭନ—ସୁନ୍ଦର ।
୯ । ମୋତିଜାଲି ଝଳି—ମୁକ୍ତା ଜାଲର ଶୋଭା ( ଯାହାକୁ ମୁଣ୍ଡରେ ପିନ୍ଧନ୍ତି ) ବା ଝଟକ । ତାରତାରକା—ଉଜ୍ଜ୍ୱଳ ନକ୍ଷତ୍ର । ନବଘନେ—ନୂଆ ମେଘ ( ଜଳପୂର୍ଣ୍ଣ ଥିବାରୁ ଅତି କୃଷ୍ଣ ) କେଶ ହେଲା ନବଘନ । ମୋତିଜାଲି—ତାରତାରକା । ସୁଧାବିନ୍ଦୁକୁ—ଅମୃତ ଟୋପାସବୁ ( ସୁଧା—ଶୁକ୍ଳ ) ଅପଘନେ—ଦେହରେ ( ରାହୁ—କାଳିଆ ) କେଶରେ ତର୍କଣା । ଦିବ୍ୟ—ଅତି ସୁନ୍ଦର । ଲୁଳିତ—ଝୁଲୁଛି । ଅର୍ଦ୍ଧେନ୍ଦୁ—ଅର୍ଦ୍ଧଚନ୍ଦ୍ର ।

ଗୁରୁ ଅଳକା ଝିଲମିଲ ମାଳିକା ଅଗ୍ରେ ଲମ୍ବିତ କ୍ଷୁଦ୍ର ମୋତି ।
ହେମଲତା ଶିଖେ ମଧୁକରପନ୍ତି ମଧୁ କିବା ସଞ୍ଚୁ ଅଛନ୍ତି ।
କସ୍ତୁରୀ । ଊର୍ଦ୍ଧ୍ୱ ତିଳକ ଭାଲଦେଶେ ।
ବିକାଶ ସାରସ ମଧ୍ୟୁ ଅଲିବଂଶ ଗମିତ କି ତମାଳ ପାଶେ । ୧୦ ।
ତାଙ୍କ ହାର୍ଦ୍ଦରେ ହସୁଛି ଶ୍ରବଣ ପାଶାଦି ଉପମାମାନଙ୍କୁ ।
ଅଦ୍ଭୁତ ବକ୍ରମଲ୍ଲୀକଟି ଧରଛି ଧଇର୍ଯ୍ୟ-ଧରଧ୍ୱଂସନକୁ ।
ବଦନ । ବିକାରେ କର୍ମକୁ ବହିଛି ।
ହା ହା ବାଲୀ ଫୁଲଝଲକାଝଲକ ପଲକ ଘଉଡ଼ ଦେଉଛି । ୧୧ ।
ଲୁଳିତ-ଜ୍ୟୋତିଜ୍ୱଳିତମୋତିବର ଜ୍ଞାନ ନାଶେ ନାସେ ତାହାର ।
ନିର୍ମଳ ଭାବର ବିମ୍ବଓଷ୍ଠ ବିମ୍ବାଧରୀ ଅର୍ଦ୍ଧଅରୁଣୋତର ।
ଅରୁଦ୍ରା । ରୋହିଣୀ କି ଚେଦନ କୋଳରେ ।
କଳଙ୍କହୀନ ପର୍ବଶର୍ବରୀଶ କି ଉଦିତ ଶରଦ କାଳରେ । ୧୨ ।

---

ଅଧୋଭାଗେ—ତଳରେ । ସପ୍ତର୍ଷି—ସାତଜଣ ଋଷି ଉଜ୍ଜ୍ୱଳ ତାରକା ରୂପରେ । ଆକାଶରେ ବିଦ୍ୟମାନ—ମରୀଚ, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ ।

୧୦ । ଗୁରୁ—ସୁନ୍ଦର । ଅଲକାଝିଲମିଲ ମାଳିକା—ମୁଣ୍ଡରେ ଲାଇଥିବା ସୁନ୍ଦର ଅଳଙ୍କାରରେ ଜାଲ ପରି ବୁଣା ହୋଇଥିବା ଅଙ୍ଗ । ହେମଲତା—ସୁନାର ଲତା । ଶିଖେ—ଉପର ଭାଗରେ । ମଧୁକରପନ୍ତି—ଭଅଁର ସବୁ । କସ୍ତୁରୀ ଊର୍ଦ୍ଧ୍ୱ ତିଳକ—କସ୍ତୁରୀରେ ଯେ ଉପରକୁ ଟିକା ପଡ଼ିଛି । ଭାଲ—କପାଳ । ବିକାଷ—ଜଣା ଯାଉଛି । ସାରସ—ପଦ୍ମ । ଅଲିବଂଶ—ଭ୍ରମରଧାଡ଼ି ।

୧୧ । ତାଙ୍କ ହାର୍ଦ୍ଦରେ—ତଣ୍ଟିରେ ଯେ ହାର ଅଛି । ହସୁଛି—ଜିଣୁଛି । ଶ୍ରବଣ—କାନ । ପାଶ—ଫାଶ । ଉପମା—ଉପମାନ । ବକ୍ର—ହାର । ଧଇର୍ଯ୍ୟଧରଧ୍ୱଂସନକୁ—ଧୀରଲୋକ ନାଶକୁ । ଝଲକ—କର୍ମନ । ପଲକ ଘଉଡ଼ ଦେଉଛି—ଆଖିପତା ପକାଇ ଦେଉ ନାହିଁ ।

୧୨ । ଲୁଳିତ—ଝୁଲୁଛି । ଜ୍ୟୋତି ଜ୍ୱଳିତ ମୋତିବର—କାନ୍ତିରେ ଝଟକୁଥିବା ମୋତିଶ୍ରେଷ୍ଠ । ନାଶେ—ନଷ୍ଟ କରେ । ନାସେ—ନାକରେ । ବିମ୍ବାଧରୀ—ବିମ୍ବୋଷ୍ଠୀର, ଓଷ୍ଠ ହେଲା କଇଁଚ କାକୁଡ଼ (ବିମ୍ବ) ଅର୍ଦ୍ଧ—ତଳ ଓଠ । ଅରୁଣତର ତାଠାରୁ ଲାଲ । କଳଙ୍କହୀନ—ନିଷ୍କଳଙ୍କ । ପର୍ବଶର୍ବରୀଶ—ପୂର୍ଣ୍ଣଚନ୍ଦ୍ର । ଉଦିତ—ଉଇଁଛି ।

ବଶୀକରଣ ବିବିଧ ମଣି ମନ୍ତ୍ର ଔଷଧି ଯେତେ ନେନେ ଅଛି ।
ଶୂଳୀ ଭଲି ଯତି ତାଳି ଅନାଇଲେ ଟଳିବେ ମନକୁ ପାଉଛି ।
ଯହିଁର । ଅଞ୍ଜନ ଦମ୍ଭକୁ ଗର୍ବସେ ।
ଭାଲ ଗଣ୍ଡ ଖଣ୍ଡଚନ୍ଦ୍ରମା-ସୁଷମାସୀମାବାର ଗାର ପରି ସେ । ୧୩ ।
ରୋମାବଳୀ ଝଳି ମର୍କତ ପ୍ରବାଳ କଟି ଘଣ୍ଟିରବ ସଂଯୁତ ।
ଉରଜଯୁଗ୍ମ ତୁମ୍ବୀ ସାର ତ୍ରିବଳି ଶବ୍ଦବଲ୍ଲକୀ କଲା ଖ୍ୟାତ ।
ବଧିରେ । ବଧିର ବୁଦ୍ଧି ଭ୍ରମ ହେଲା ।
ମନ୍ଦ ମଧୁର ଘନସାର ହାସଟି ଜାଣିଲି ଏତେଦୂର କଲା । ୧୪ ।
କରବାଅଁଳା ପାଟଡୋର ଚରମେ ଭିଡ଼ି ଅଛାଦନ୍ତି ଯତନେ ।
ହିରଣ୍ୟଗର୍ଭ ହୁଡ଼ି ବ୍ୟକ୍ତ ନୋହିବ ଏହି କାମନା କରି ମନେ ।
ତାହାର । ଖୋଲ ପରିପ୍ରେ ସଂଦଶର ।
ଉଚ୍ଚ ପୃଥୁଳ ଗୋପିତ ନୋହେ କଦା ନେବ ଅବନୀ ନ ଦେଖଇ ।୧୫।

୧୩ । ବଶୀକରଣ—ଲୋକକୁ ନିଜର ଅଧୀନରେ ରଖିବା । ବିବିଧ—ନାନାପ୍ରକାର ଶୂଳୀ—ମହାଦେବ । ଯତି—ଜିତେନ୍ଦ୍ରିୟ । ଦମ୍ଭ—ଦୃଢ଼ତା, ଧୈର୍ଯ୍ୟ । ଗର୍ବସେ—ଲେପ କରୁଛି । ସେ ଅଞ୍ଜନ ଗାର—କପାଳ ଓ କପୋଳର । ଖଣ୍ଡ ଚନ୍ଦ୍ରମା ସୁଷମାସୀମାବାର ଗାର—କପାଳ ଓ କପୋଳ ଏ ଉଭୟ ଚନ୍ଦ୍ରର ଅଂଶ—ଏହି ଅଂଶଦ୍ୱୟର ସୀମା ନିରୂପକ ସୁନ୍ଦର ରେଖା ।

୧୪ । ରୋମାବଳି—ଉଦରମଧ୍ୟସ୍ଥ ସୂକ୍ଷ୍ମ ରୋମାଳି ରେଖା । ମର୍କତ ପ୍ରବାଳ—ନୀଳମଣିର ବୀଣାଦଣ୍ଡ । କଟି—ଅଣ୍ଟା । ଘଣ୍ଟିରବସଂଯୁତ—କ୍ଷୁଦ୍ର କିଙ୍କିଣୀ ଶବ୍ଦଯୁକ୍ତ । ଉରଜଯୁଗ - ସ୍ତନଦ୍ୱୟ । ତୁମ୍ବୀସାର—ଉତ୍କୃଷ୍ଟ ଲାଉ । ତ୍ରିବଳି—ଉଦରରେ ତିନୋଟି ମୋଡ଼ିଆ ସେ ହେଲା ବୀଣାର ତନ୍ତ୍ରୀ ବ ଗୁଣ—ତନ୍ତୁ । ଶବ୍ଦବଲ୍ଲକୀ—ମନୋହର ବୀଣା । ଖ୍ୟାତ—ପ୍ରକାଶ । ଘନସାର—କର୍ପୂର ।

୧୫ । ଚରମେ—ପିଠିରେ, କାଞ୍ଚୁଲି ଦୁଇ ପାଖରେ ଯେ ଡୋରି ତାକୁ ପିଠିରେ ଭିଡ଼ି ସୁନ୍ଦର ଭାବରେ ଘୋଡାଇଛି । ହିରଣ୍ୟଗର୍ଭ ହୁଡ଼ି—ବ୍ରହ୍ମା ଭ୍ରମ । ବ୍ୟକ୍ତ ନୋହିବ—ପ୍ରକାଶ ହେବ ନାହିଁ । କାମନା—ଇଚ୍ଛା । କୁଚରେ ବ୍ରହ୍ମା ଭ୍ରମ ନ ହେଉ ଏହି କାମନା କରି କାଞ୍ଚୁଲିର ଦୁଇପାଖ ଡୋରି ଜୋରରେ ପିଠିରେ ବାନ୍ଧିଲା । ସେହି କାଞ୍ଚୁଲି ହେଲା ବ୍ରହ୍ମାଙ୍କର ଜନ୍ମକାଳୀନ ଅଣ୍ଡକଟାହ ରୂପ ଖୋଲ । ଅର୍ଥାତ୍ କୁଚର ଉଚ୍ଚତା ଖର୍ବ କରିବା ନିମିତ୍ତ ଜୋରରେ କାଅଁଳା ଭିଡ଼ି ବାନ୍ଧିଥିଲା । କିନ୍ତୁ ତାହାର ସ୍ୱଭାବତଃ ଉଚ୍ଚତା ଓ ପୃଥୁଳତା (ମୋଟାଭାବ) ଗୋପିତ ଅପ୍ରକାଶିତ

ଏମନ୍ତ ମଣୁଛୁ ଅଙ୍ଗରାଜ ପଦ ଅନଙ୍ଗଠାରେ ସମ୍ଭାବିତ ।
ମହାଉତପାତ ମନ୍ଦ ବୋଲି ତାକୁ କରିଅଛୁ କି ସେ ଗୋପିତ ।
ସେ କଥା । ଯୁକ୍ତ ନୋହଇ ଦେଖିବାର ।
ଚୀର ଅଚ୍ଛାଦିତ ଏଥିକୁ କରିଛୁ ଫଳ ଚୁମ୍ବୁଛୁ ମଧୁକର । ୧୬ ।
କର ସନାଳ କୋକନଦ ବାହାର କି ତନୁ ଶୋଭା ସରସୀରୁ ।
ଅଙ୍ଗୁଳି ପଛେ ଆନ ଭୂଷା ଧରିଛି ରୂପଗର୍ବିତା ଲକ୍ଷଣାରୁ ।
ରୁଣିତ । କିଙ୍କିଣୀ କଟୀରେ ଝଞ୍ଜିଛୁ ।
କାମିନୀକି କାମରଥ ବୋଲିବାର ସ . ଘଣ୍ଟିଚୟ ସାଜିଛୁ । ୭ ।
ନାହିଁ ତୁଲା-କୋଟି-ଜଗତରେ ବୋଲି ଦେଖାଛୁ ପାଦରେ ଆଦରେ ।
କ୍ଷୁଦ୍ର ନାରୀ ଧନ୍ୟ ବୋଲାଇ ଅଳକ୍ତ ପଦରାଗ ବ୍ୟକ୍ତ ହେବାରେ ।

---

ନ ହୋଇ ରହିଲା—ତହୁଁ ନେତ୍ର—ଚକ୍ଷୁ—କୁଚର ଉଚ୍ଚତା ହେତୁ ଅବନୀ—ପାଦତଳ ଭୂଇଁ ଦେଖି ପାରିଲା ନାହିଁ । ବା ହିରଣ୍ୟଗର୍ଭ—ହିରଣ୍ୟ ସ୍ୱର୍ଣ୍ଣ ଗର୍ଭରେ ଯାହାର ଏପରି ଯେ ମେରୁ ବା ମୈନାକ ପର୍ବତ ସେହି ଭ୍ରମ—( ସ୍ତନର ଉଚ୍ଚତା ହେତୁ ) ।

୧୬ । ଅନଙ୍ଗଠାରେ—ଯାହାର ଅଙ୍ଗ ନାହିଁ ସେ ଅନଙ୍ଗ ତା ଠାରେ । କୁଚଠାରୁ ଅଙ୍ଗରାଜ ପଦ—ଶ୍ରେଷ୍ଠ ଅଙ୍ଗ ପଦ । ସମ୍ଭାବିତ—କଳ୍ପିତ । ଏହି ବିରୋଧ ହେତୁ ମହା ଉତପାତ—ମହା ଅନର୍ଥ । ମନ୍ଦ—ଖରାପ । ଗୋପିତ—ଲୁଚାଇ ଅଛ । ଯୁକ୍ତ—ଉଚିତ । ଚୀର—ବସ୍ତ୍ର, ଶାଢ଼ୀ । ଅଚ୍ଛାଦିତ—ଘୋଡ଼ ହୋଇଛୁ । ମଧୁକର—ଭ୍ରମର, ଚୁଚୁକ ସେ ହେଲା, ଭ୍ରମର ( ସେହି ଆକୃତି ହେତୁ ) ସ୍ତନ ଉପରେ ଚୁଚୁକ ସେ ଭ୍ରମର ଚୁମ୍ବୁଛି—ସ୍ପର୍ଶ କରୁଛି । ଫଳ—ସ୍ତନ ।

୧୭ । କର—ହାତ । ସନାଳ କୋକନଦ—ନାଡ଼ ଲାଗିଥିବା ରକ୍ତପଦ୍ମ । ତନୁଶୋଭା ସରସୀରୁ—ଶରୀରର ଶୋଭା ହେଲା ପୋଖରୀ । ଅଙ୍ଗୁଳି—କଳିଆରି । ଆନଭୂଷାର ପ୍ରୟୋଜନ ନାହିଁ କାରଣ ଅଙ୍ଗୁଳି ପିନ୍ଧିଥିବା ହେତୁ । ରୂପଗର୍ବିତା ଲକ୍ଷଣରୁ—ରୂପ ଶୋଭାର ଗର୍ବ ବହିବାରୁ । ରୁଣିତ—ଶବ୍ଦ କରିବା । କାମିନୀକି—ସ୍ତ୍ରୀକୁ । କାମରଥ—କନ୍ଦର୍ପର ରଥ । ଘଣ୍ଟିଚୟ—ରଥରେ କ୍ଷୁଦ୍ର ଘଣ୍ଟିକା ଥିବା ପରି ଏ ଘାଗୁଡ଼ି ସବୁ ପିନ୍ଧିଛୁ ।,

୧୮ । କୋଟିଜଗତରେ—ଅସଂଖ୍ୟ ବ୍ରହ୍ମାଣ୍ଡରେ । ତୁଳା—ସମାନ ନାହିଁ ଏଥିହେତୁ ତୁଳାକୋଟି—ନୂପୁର । ଆଦରେ—ଆଗ୍ରହରେ । କ୍ଷୁଦ୍ରୀ ନାରୀ—ଭଣ୍ଡାରୀର ସ୍ତ୍ରୀ । ଅଳକ୍ତ—ଅଳତା । ପଦରାଗ ବ୍ୟକ୍ତ

ଦିଶୁଛୁ । ଏପରି ଟିରେ ତନୁ ଗଉର ।
ଚମ୍ପକ ଗର୍ଭ ପଟନୀ ଶାଢ଼ୀ ଥିବା ଚକୁର ଧଡ଼ରୁ ଗୋଚର । ୧୮ ।
କାର୍ଯ୍ୟକୁ କାରଣ କରି କହିଲାଇଁ ମଦନାକାର ଶୋଭା କିଛୁ ।
ବସ୍ତୁରି କହି ବସିଲେ ଏହି ଶଙ୍କା ବହୁତ ସ୍ଥନ୍ଦ ହେବା ଅଛୁ ।
ଶୋଭିଲୁ । ସୁହିଁ ସ୍ଥଗିତ ହେ ନପୁଂସ ।
ଜଣେ ଜଣାଇ ସିଂହଳପତିକେମାସ୍ୱରୂପ ହୋଇଲା ପ୍ରବେଶ । ୧୯ ।
ସମ୍ଭ୍ରମେ ଉଠି ପାଶ୍ଳେଟି ସିବା ମନ ଜାଣି ନିଷେଧ କଲେ ହିତ ।
ଅଧ ଆସ ବୋଲି ସନ୍ନ୍ୟାସୀପାଶକୁ ଦୂତ ଉପରେ ଗଲେ ଦୂତ ।
ପ୍ରବେଶ । ଅସନ ଦେଇ ବସାଇଲେ ।
ଚତୁର ମିବେ ଚତୁର ଚାରବଧୂ ପ୍ରଶଂସା ଧୀରେ କଥା ହେଲେ । ୨୦ ।
କେ ବୋଲେ ସୁହିଁ ଚଞ୍ଚଳ ଚକ୍ଷୁପକ୍ଷ୍ମପତନେ ବୁଦ୍ଧି କରେ ବଣା ।
ଚନ୍ଦ୍ରେ ଚକୋର ବସି ସୁଧା ପିଇବା ମତ୍ତେ କି କମ୍ପାଇଛୁ ଡେଣା ।
କେ ବୋଲେ- ସୁହିଁ ନାସାପୁଲ୍ଲପୁଣଙ୍କୁ ।
ଏ ଚତୁରୀର ଏ ଚତୁରୀ କରଛୁ ବିଜୟୁଁଟି ଫୁଲବାଣକୁ । ୨ ।
କେ ବୋଲେ ସୁହିଁ ସୁହିଁ ଦେଇ ନୟନ ସ୍ତନ ଉପରେ ଯା ନିଅଇ ।
ଏହି ଶିବ ସେବ କାମ ପରାଭବ ନ କରିବ ଏହା କହଇ ।
କେ ବୋଲେ । ସୁହିଁତ ମଧୁରହାସକୁ ।
ଅଧର ଦେଖାଇ ଦେଉଛୁ. ତରୁଣଅରୁଣ ଜିଣିଲା ଯଶକୁ । ।

---

ହେବାରେ—ପାଦର ରକ୍ତିମା ପ୍ରକାଶ ପାଇବାରେ । ତନୁ—ଦେହ ।
ଗଉର—ଶ୍ୱେତ ପୀତବର୍ଣ୍ଣ । ଚମ୍ପକଗର୍ଭ—ଚମ୍ପା ଫୁଲର ଶିରମାଳା ।
ପଟନୀ ଶାଢ଼ୀ—ପାତଳା ସୁନ୍ଦର ଶାଢ଼ୀ । ଚକୁର ଧଡ଼ରୁ ଗୋଚର—ବାଳର ଶେଷ ଭାଗରୁ ଜଣାପଡ଼ୁଛି । ୧୯ । ଶଙ୍କା—ଭୟ । ସ୍ଥଗିତ—ସ୍ଥିର । ପୁଂସ ଜଣେ—ଜଣେ ପୁରୁଷ । ସ୍ୱରୂପ—ପ୍ରତିନିଧି । ୨୦ ।
ସମ୍ଭ୍ରମେ—ତ୍ୱରାରେ । ପାଶ୍ଳେଟି ଯାଇ—ଫେରି ଆସିବାକୁ । ଚତୁର ମିବେ—ଚତୁର ମିତ୍ରମାନେ । ଚତୁର ବାରବଧୂ—ଚତୁର ବେଶ୍ୟା । ଧୀରେ—ଧୀର ବାକ୍ୟରେ, ଅସ୍ତ୍ରେ ଆସ୍ତେ.ବା ବୁଦ୍ଧିରେ ।
୨୧ । ଚକ୍ଷୁପକ୍ଷ୍ମପତନେ—ଆଖିପତା ପକାଇବାରେ । ମତ୍ତେ—ମଦମତ୍ତଭାବରେ ।
ଚତୁରୀ—ଚତୁରୀ ସ୍ତ୍ରୀ । ଚତୁରୀ—ଚତୁରପଣ । ଫୁଲବାଣକୁ—ଫୁଲବାଣ ପାଇ ।
୨୨ । ଶିବ—ସ୍ତନରୂପ ମହାଦେବ । କାମପରାଭବ—କନ୍ଦର୍ପପୀଡ଼ା । ତରୁଣ ଅରୁଣ—ବାଳସୂର୍ଯ୍ୟ ଯଶକୁ—ଲାଲପଣକୁ । ୨୩ । ପ୍ରତିପ୍ରତିମା—ପ୍ରତିରୂପ,

ସନ୍ନ୍ୟାସୀ ଭୃଷି ଯାହା ପ୍ରତିପ୍ରତିମା ଅଣିଛୁ ଦର୍ଶନ ଦେବାକୁ ।
ଏ ଯୋଷା ଯୋଗ୍ୟ ନୋହେ ତା ପଦଘଷା-ଉପଳ ଉପମା ହେବାକୁ ।
ଭୋ ଯତି । କି କହ ମନ୍ତ୍ରିଜ ବୋଇଲା ।
ପ୍ରତ୍ୟକ୍ଷ କଥାରେ କଉଁ ଅନୁମାନ ବୋଲ ସେ ପେଡ଼ାକୁ ଫେଇଲା ।୨୩।
ଏ ବାମାକୁ ବାସ ଉପହାର ଦିଅ ଅଧିକାରୀକି ଆଜ୍ଞା ଦେଇ ।
ଚନ୍ଦନା ହେଲା ରମା ରୂପ ଲକନେ ବିଷୟ ଚକ୍ଷୁକୁ ପକାଇ ।
ସମ୍ପୂର୍ଣ୍ଣ । ଏ ଛାନ୍ଦ ଚତୁର୍ବିଂଶପଦ ।
ଅଯୋଧ୍ୟାଇନ୍ଦ୍ର ଧ୍ୟାନରେ ଉପଇନ୍ଦ୍ର ନାଶିବ ଅର୍ଜିତ ଆପଦ ।୨୪।

---

ଶବ୍ଦାର୍ଥ । ଯୋଷା—ସ୍ତ୍ରୀ । ପଦଘଷାଉପଳ—ପାଦଘଷା ପଥର । ଉପମା—ଉପମାନ ବା ସାଦୃଶ୍ୟ । ମନ୍ତ୍ରିଜ—ମନ୍ତ୍ରୀପୁଅ । ଫେଇଲା—ଖୋଲିଲା ।

୨୪ । ବାମା—ସ୍ତ୍ରୀ । ବାସ—ଲୁଗା । ଉପହାର— ପୁରସ୍କାର । ଅଧିକାରୀ—ଗନ୍ତାଘରିଆ । ଚନ୍ଦନା- ଉଜ୍ଜ୍ୱଳ । ଅଯୋଧ୍ୟା ଇନ୍ଦ୍ର—ରାମଚନ୍ଦ୍ର । ଲକନେ—ଦେଖିବାରେ । ଅର୍ଜିତ— ପ୍ରାପ୍ତ । ଆପଦ—ଦୁଃଖ ।

## ଦଶମ ଛାନ୍ଦ

( ଚିତ୍ରପଟ ଦର୍ଶନ )

### ରାଗ—ଦେଶାକ୍ଷ । ସଜନୀ ଚଉତିଶାବାଣୀ

ଏଥୁ ଅନନ୍ତରେ ରସିକସାର । କର୍ଣ୍ଣମୁଖରେ ସୁଧା ପାନ କର ।
ନୃପସୁତ ଆଗେ ପେଡ଼ି ଫେଡ଼ିଲା । ଫେଡ଼ିଲା ନାହିଁ ନୟନ ପଡ଼ିଲା ।
କି ପଡ଼ିଲା । ନାହିଁ ଜଡ଼ିଲା ଯେନ । ଜଡ଼ିଲା ନାହିଁ ଟି ବୁଡ଼ିଲା ଜ୍ଞାନ । ୧ ।
ମୂର୍ତ୍ତିବନ୍ତ କଲା ମଦନକଳା; କନକନିଭ ମଦନ ପିତୁଳା ।
କାଚବାଡ଼ିପୁରେ ବସିଲା ପରି । ମୁକୁରେ ପୂରି ଦିଶୁଛି ମାଧୁରୀ ।
କି ସୁନ୍ଦର । ସତେ ଆଉ କାହିଁଛି । ସଚିତ୍ର ହୋଇ ବିଚିତ୍ର ହୋଇଛି । ୨ ।
ସରସିଜେ ଶିଶୁଅଳିଆବଳୀ । ବସିଥିଲା ପରି ଅଳକା ଝଳି ।
ଅଧରେ କି ଅଛି ହାସ ଝଳକ । କର୍ପୂରେ ମାଜିଲା ପରି ମାଣିକ୍ୟ ।
କି ସୁନ୍ଦର । ପୁଣି ପକ୍ଷ୍ମଗୃଭୁରୀ । ଝୁଲିଦେବା ପରି ଧୈର୍ଯ୍ୟକତୁରୀ । ୩ ।
ଆଗ ଅନୁରାଗ ଭ୍ରମ ଉପୁଜି । ରାମା କି ପ୍ରତିମା ନ ପାରେ ହେଜି ।
ଚକିତ ସ୍ତିମିତ ଦଣ୍ଡେ ହୋଇଲା । ମନେ ମନେ ଲକ୍ଷେ ଚୁମ୍ବନ ଦେଲା
କି ସୁନ୍ଦର । ମନ ନୟନ ପ୍ରାଣ । ସେହି ଶୋଭାରେ କଲା ସମର୍ପଣ । ୪ ।

---

୧ । ରସିକ ସାର—ଶ୍ରେଷ୍ଠ ରସିକ । କର୍ଣ୍ଣମୁଖରେ—କାନରୂପ ମୁହଁରେ । ସୁଧା—କାବ୍ୟାମୃତ । ଜଡ଼ିଲା—ଲାଖି ରହିଲା । ୨ । ମଦନକଳା—କାମକଳା । କନକନିଭ—ସୁନା ତୁଲ୍ୟ । ପିତୁଳା—ମୂର୍ତ୍ତି । କାଚବାଡ଼ିପୁରେ—କାଚରେ ଘେରା ହୋଇଥିବା ଘର । ମୁକୁରେ—ଦର୍ପଣରେ । ମାଧୁରୀ—ଶୋଭା ।

୩ । ସରସିଜ—ପଦ୍ମ । ଶିଶୁଅଳିଆବଳି—ଛୁଆ ଭଅଁରସବୁ । ଅଳକା—ଚୂନଚୂନିଆ ମୁଣ୍ଡର ବାଳ, ଚୂର୍ଣ୍ଣ କୁନ୍ତଳ । ଝଳି—ଶୋଭା । ଝଳକ—ଶୋଭା । ପକ୍ଷ୍ମ—ଆଖିପତା । ଗୃଭୁରୀ—ଛଟକ । ଧୈର୍ଯ୍ୟ, ଜଭୁରୀ—ଧୈର୍ଯ୍ୟକୁ କାଟି ଦେବାପାଇଁ କତୁରୀ । କାମ କତୁରୀ ମଧ୍ୟ ପାଠାନ୍ତର । ଯୁବା ଧୈର୍ଯ୍ୟ ଛେଦନ କତୁରୀ ମଧ୍ୟ ପାଠ ଅଛି ।

୪ । ଅନୁରାଗ—ସ୍ନେହ । ରାମା କି ପ୍ରତିମା—ସ୍ତ୍ରୀ ସ୍ୱୟଂ ବା ତା ଛବି । ହେଜି—ବୁଝି । ଚକିତ—ଆଶ୍ଚର୍ଯ୍ୟ । ସ୍ତିମିତ—ସ୍ଥିର । ସମର୍ପଣ—ଦାନ, ମନ

ଏଣୁ ସେ ସୁତନୁ ତନୁତନୁଙ୍କୁ । ଅନେଣ ଅନୁଅନ ଅନୁମାନଙ୍କୁ ।
ଅଲୋକିତ ହେଲେ ଲୋକିତ କର । କରଇ ଉପମା ନୋହିଲେ ସର
କି ସୁନ୍ଦର । କବି ବଚନ ପଥ । କୃତାର୍ଥ କରଣେ ହେଲ ସମର୍ଥ । ୫ ।
ବେଣୀ ଶୋଭା ଅବା ସାଧିବା ପାଇଁ । ରତୀଶ ପଟ୍ଟୀଶ ଅଛୁ ଭିଅଇ ।
କନକ ପିହାଣିଅ ଲୁଥ ସମ । ମୁକୁତାଜାଲ ମୁଠାଜାଲ ଭ୍ରମ ।
କି ସୁନ୍ଦର । ପୁଣି ଦଣେ କୁସୁମେ । ପୂଜା କରେ କି ଜଗଜ୍ଜୟୀ କାମେ ।୬।
ଦ୍ୱିତୀୟାତିଥି ଭ୍ରମ ସେହିଠାରେ । ଅବତଂସ ଚନ୍ଦ୍ରଝୁମ୍ପି ଥିବାରେ ।
ଜାଜ୍ୱଲ୍ୟ ତାରକା ଗୁନ୍ଦଦାଖିତ । ସୁଧାବିନ୍ଦୁ ଦ୍ରବ ଦରଶେ ମୋତି ।
କି ସୁନ୍ଦର । କାମରତ୍ନତୋରଣା । ଝିଲିମିଲି ମାଳୀ ସେହି ଲକ୍ଷଣା । ୭ ।

---

ଚକ୍ଷୁ ଓ ପ୍ରାଣ ସେ ଶୋଭାରେ ଜଡ଼ିଗଲା । ୫ । ସୁତନୁ— ସୁନ୍ଦରୀ । ତନୁ ତନୁଙ୍କୁ—ସୁକୁମାର ଦେହକୁ—(ତନୁ—କୃଶ ଅର୍ଥ; ସୁକୁମାର ଅର୍ଥରେ ପ୍ରଯୋଜ୍ୟ) ଅନୁଅନ—ଭିନ୍ନ ଭିନ୍ନ । ଅନୁମାନଙ୍କୁ— ତର୍କଣାକୁ । ଅଲୋକିତ—ଆଶ୍ଚର୍ଯ୍ୟ । ଲୋକିତ—ଦେଖା । ଉପମା— ତୁଳନା । କୃତାର୍ଥ—ସଫଳ । ସମର୍ଥ—କ୍ଷମ ।

୬ । ସାଧିବା—ଘଟଣା । ରତୀଶ—କନ୍ଦର୍ପ । ପଟ୍ଟୀଶ—ତୀକ୍ଷ୍ଣଧାରବିଶିଷ୍ଟ ବର୍ଚ୍ଛା । ପଟ୍ଟିଶୋ ଲୋହଦଣ୍ଡୋ ଯସ୍ତୀକ୍ଷ୍ଣଧାରଃ କ୍ଷୁରୋପମଃ । କନକ- ପିହାଣିଅ—ସୁନାର ଅଳଙ୍କାରବିଶେଷ, ଯାହା ବେଣୀର ଅଗ୍ରଭାଗରେ ଲଗାନ୍ତି । ଭଲ ନଲ ବେଣୀ "ହେଲା ଏ ଦୃଷ୍ଟି । କୁବୁଷ୍ଟଙ୍କ ଗଣ୍ଡି କଙ୍କାର ଫୁଟି । ରାଜହଂସପନ୍ତି ସାମନ୍ତୀ । ସ୍ୱର୍ଣ୍ଣପିହାଣିଆ ଅଗ୍ରତେ ତଥି । ବଣା ଏକହଂସୀ; କାଳନ୍ଦୀ ସ୍ରୋତେ ଯାଉଛି ଭାସି ।" କୋଃ ବ୍ରଃ ସୁଃ । ଲୁଥ ସମ—ଡାଙ୍ଗ ପିଠିରେ ପଡ଼ିବା ଚନ୍ଦ୍ର କମ୍ବଳ ପରି । ସେଥିରେ ମୁକୁତାର ଜାଲରେ ମୁଠା କ ମୋଡ଼ିଅ ବସି ସୁନ୍ଦର ଜାଲ ଭ୍ରମ ହୋଇଛି ଯେପରି ହାତୀର ପିଠି ଉପର ଗାଲଗୁରେ ଜାଲ ଉଦ୍ଭବ ହୋଇଥାଏ । ଜଗଜ୍ଜୟୀ କାମେ—ସଂସାରଜେତା କନ୍ଦର୍ପକୁ ।

୭ । ଅବତଂସ—କର୍ଣ୍ଣଭୂଷଣ । ଚନ୍ଦ୍ରଝୁମ୍ପିରେ ଝୁମ୍ପି ଥାଏ । ଜାଜ୍ୱଲ୍ୟ— ତେଜୀୟାନ୍ । ଖଚିତ—ଜଡ଼ିତ । ଯେପରି ଦ୍ୱିତୀୟା ତିଥିରେ ଦ୍ୱିତୀୟା ଚନ୍ଦ୍ରର କିରଣ ଓ ଜକଜକ ହୋଇଥିବା ତାରକା ଦେଖାଯାନ୍ତି ସେହିପରି ଚନ୍ଦ୍ରଝୁମ୍ପିରେ ଗୁନ୍ଦଆ କୁଚିର ତଳକୁ ଯେଉଁ ଝୁମ୍ପିମାନ ଥାଏ ସେ ସବୁ ହେଲେ ତାରକା—ସେ ଝୁମ୍ପି ସବୁ ମୋତିର । କବି ତର୍କଣା କରୁଛନ୍ତି ଯେ ସେ ସବୁ ଚନ୍ଦ୍ରଙ୍କଠାରୁ ସୁଧାଦ୍ରବ—ତରଳ ଅମୃତବିନ୍ଦୁ ସବୁକି ? ରତ୍ନ- ତୋରଣା—ରତ୍ନର ଫାଟକ, ସୁନାଫାଟକ ( ସୁନା ପଦାର୍ଥ ମଧ୍ୟରେ ଏକତମ ହେବାରୁ ) ଲକ୍ଷଣା—ସାଦୃଶ୍ୟ ।

କର୍ଣ୍ଣ ହୋଇଅଛି ବନ୍ଧଅବାସ । ଏଥିକି ଉପମା କରିବା କିସ ।
ଭାଳୁ ଭାଳୁ ଦୃଷ୍ଟି ପତନ ହେଲା । ବାଳୀ ବୋଲି ମନେ ଯତନେ କଲା ।
କି ସୁନ୍ଦର । ଫୁଲ ସୁମଲ୍ଲୀକଢ଼ି । ଝଲକା ଉପମାକୁ ନଲା ହୁଡ଼ି । ୮ ।
ଭାଲ ଚାହିଁ କଲା ଭଲ ବିଚାର । ଏ ହେମକାଗଜପଟ୍ଟ ଧାତାର ।
ଲେଖିଛି ଚିତ୍ରକବନ୍ଧ ଏଥିରେ । ଏ ବାଳା ସମାନ ନାହିଁ ପୃଥ୍ୱୀରେ ।
କି ସୁନ୍ଦର । ଗୁଣେ ନାଗ ଭୁବନେ । ସ୍ୱର୍ଗପୁରେ ଆଉ ଅଛି ସମାନେ । ୯ ।
ବଡ଼ କି ଚତୁର ପାଞ୍ଚିବା ଏହା । ବଡ଼କହି ଜଡ଼ ଦେଖିଲେ ଯାହା ।
ରଙ୍ଗ ଶୁକ୍ଳ କଳା ତନ୍ନିଜାତ । ଚୋପିଛନ୍ତି ଅଛି ଅକ୍ଷରପନ୍ତି ।
କି ସୁନ୍ଦର । ଦୃଷ୍ଟି ଟଳିବ ନାହିଁ । ଦେଖୁଥିଲେ ତାର ଚିତାକୁ ଚାହିଁ । ୧୦
ଶିବଶିର କଳାଙ୍କର କଳାଏ । କଳା ହୋଇ ବିଷଜ୍ୱାଳାର ଭୟେ ।
ଲାବୁଠାରେ ଭୂରୁ ପଳାଇ ଆସି । ଲକ୍ଷପ୍ରକାରେ ଏହି ଲକ୍ଷ୍ୟ ଦିଶି ।
କି ସୁନ୍ଦର । ପର୍ଶୁରାମ ପରଶୁ । ବାମା ବହେ ରାମା ଶବ୍ଦବଶୁଁ । ୧୧ ।

---

୮। ବନ୍ଦୀ ଆବାସ—ବନ୍ଦଆ ନାମକ ଅଳଙ୍କାରର ସ୍ଥାନ ବା କଏଦୀ ଘର । ବାଳୀ—ସ୍ତ୍ରୀ, ବାଉଳି —କର୍ଣ୍ଣଭୂଷଣ ବିଶେଷ । ସୁମଲ୍ଲୀକଢ଼ି—ଭଲ ମଲ୍ଲୀଫୁଲର କଢ଼ି ବା ଉତ୍ତମ ମଲ୍ଲୀକଢ଼ି ଗହଣା । ଝଲକା—କର୍ଣ୍ଣଭୂଷଣ ବିଶେଷ । ହୁଡ଼ି—ଭୁଲି । ଝଲକାର ଉପମା ନାହିଁ ।

୯। ଭାଲ—କପାଳ । ଭଲ—ଭଲ୍ଲ, ଅର୍ଦ୍ଧଚନ୍ଦ୍ରାକୃତି ଶରବିଶେଷ । ହେମକାଗଜପଟ୍ଟ—ସୁନା କାଗଜପତ୍ର ବା ପଟା । ଚିତ୍ରକବନ୍ଧ—ମନୋହର କବିତା । ନାଗଭୁବନେ—ପାତାଳରେ । ସୌନ୍ଦର୍ଯ୍ୟରେ ଓ ଗୁଣରେ ସ୍ୱର୍ଗ, ମର୍ତ୍ତ୍ୟ ପାତାଳରେ ସମାନ କେହି ନାହିଁ ।

୧୦। ଏ ନାୟିକା ବଡ଼ ବା ଚତୁରୀ ଏହା ଲୋକେ ପାଞ୍ଚିବେ । ଜଡ଼—ମୂର୍ଖ । ସେ କେବଳ କହିବ ସେ ବଡ଼, କିନ୍ତୁ ଚତୁର ବୋଲି କହିବ ନାହିଁ । ଅକ୍ଷର ପନ୍ତି—ଅକ୍ଷର ସବୁ । ଦୃଷ୍ଟି ଟଳିବ ନାହିଁ—ଆଖିପତା ପଡ଼ିବ ନାହିଁ ।

୧୧। ଶିବଶିର—ମହାଦେବଙ୍କ ମୁଣ୍ଡର ଚନ୍ଦ୍ର । କଳାଏ—ଏକ କଳା । ବିଷଜ୍ୱାଳାର—ମହାଦେବଙ୍କ କଣ୍ଠସ୍ଥିତ କାଳକୂଟ ବିଷର ଜ୍ୱାଳା । ଭୟେ—ଭୟ କରି । କଳା ହୋଇ—କଳା ପଡ଼ି । ଲାବୁଠାରେ—ଲାବଣ୍ୟବତୀଠାରେ; ପଳାଇ ଆସି ଭୂରୁ—ଭ୍ରୂ ଲତା ରୂପେ ଅଛି । ଲକ୍ଷ...ଦିଶି—ଏହି ପ୍ରକାରରେ ଦେଖା ଯାଉଛି । ପର୍ଶୁରାମ—ଜମଦଗ୍ନିଙ୍କ ପୁଅ, ସେ ସର୍ବଦା ହସ୍ତରେ ପରଶୁ (ଫାରସା) ଧରି ଥାଆନ୍ତି । ବାମା—ଏ ସୁନ୍ଦରୀ ସେହି ପରଶୁକୁ ଭ୍ରୂଲତାରୂପେ । ରାମା ଶବ୍ଦ ବଶୁଁ—ରାମା ସ୍ତ୍ରୀ

ଅତି-ବଚିତ୍ର କୁସୁମକା ନୟନ । ଅଞ୍ଜନଲଙ୍ଗି ବ୍ୟାଜେ ମହାମୂନ ।
ନ ମାରୁଁ ଚାହାଁଣି ଛଟକ କରି । ମରମକୁ ଭେଦ ଯାଏ ବାହାରି ।
କି ସୁନ୍ଦର । ଦୃଷ୍ଟି କହୁଇ ସତ । ଅନ୍ୟେ ରକତ ହେବାରୁ ବ୍ୟକତ । ୧୨ ।

ଏ ପାଖେ ଚାହିଁଲା ଅନେକ ବାର । ଆପଣା ଗାତ୍ରକୁ ନେତ୍ରକୁ ତାର ।
କ୍ଷତ ନ ଦେଖି ଲଭିଲା ଉତ୍ପୂର । ଚମତ୍କାରରେ ଚମତ୍କାର ।
କି ସୁନ୍ଦର । ସମେ ଆନ ନ ଦଶି । ଏହି ପଦକ ସେ ହୋଇଲା ଘୋଷି । ୧୩ ।

ଯହିଁ ନୟନରେ ଏତେ ବଡ଼ାଇ । ମୃଗକୁ ଦେଲା ନଗର ଛଡ଼ାଇ ।
ବୁଡ଼ା କରିଦେଲା ମୀନ କମଳ । ମୋ ସଙ୍ଗେ ହୋଇଥାଅ ବୋଲି ତୁଲ
କି ସୁନ୍ଦର । ପଦ୍ମ ଥିଲାକୁ ଦୋଷେ । ଦଣ୍ଡ ଧଆଇଲା ତୁହିନ ବଶେ । ୧୪

---

—ଏ ଛାନ୍ଦରେ ଯମ ଥିବାରୁ ମିଳତ୍ୱ ହେତୁ ଧାରଣ କରିଅଛି । ଯମା ବହେ ଯମ ଶବଦ ବର୍ଣ୍ଣୁ—ପାଠାନ୍ତର ଅର୍ଥ ସୁଗମ । ୧୨ । ବଚିତ୍ର କୁସୁମକା—ଅଦ୍ଭୁତ କୁସୁମ । ନୟନ—ଆଖି । ଅଞ୍ଜନ ଲଗି—ଆଖି-କୋଣରେ ସରୁ କଳା ଗାର । ବ୍ୟାଜେ—ଛଳରେ, ବାହାନାରେ । ମହାମୂନ—ଅତିତୀକ୍ଷ୍ଣ । ଛଟକ—ଲୀଳା । ଅନ୍ୟେ···ବ୍ୟକତ—ସେ ଲଙ୍ଗ କଳା ହେଲେହେଁ ଆଖି ମଧ୍ୟର ରକ୍ତିମା—ଅନ୍ୟକୁ ଭେଦ ବାହାରି ଆସିବାରେ ତା ଦେହର ରକ୍ତରୂପେ ଧରା ହୋଇଛି ।

୧୩ । ଏ ପାଖେ—ଏହି ବିଗ୍ରହରେ । ସେ ନାୟକ, ରସିକଶ୍ରେଷ୍ଠ, କର୍ଣ୍ଣାଟ ରାଜପୁତ୍ର । ଆପଣା ଗାତ୍ରକୁ—ନିଜ ଦେହକୁ । ତାର ନେତ୍ରକୁ—ସେ ଚିତ୍ରପଟରେ ଆଖିକୁ । କ୍ଷତ—ନିଜ ଦେହରେ ଖଣ୍ଡିଆ । ଉତ୍ପୂର ଲଭିଲା —ଆଗ୍ରହରେ ବ୍ୟଗ୍ର ହେଲା । ଚମତ୍କାରରେ ଚମତ୍କାର—ଏ ଅତି ଅଦ୍ଭୁତ ବିଷୟ । ସମେ ଆନ ନ ଦଶି—ଏ ଆଖି ତୁଲ୍ୟ ଆଉ କିଛି ନାହିଁ ।

୧୪ । ବଡ଼ାଇ—ବଡ଼ପଣ । ମୃଗକୁ—ହରିଣକୁ । ନଗର—ସହର, ଏଠାରେ ମନୁଷ୍ୟଙ୍କ ବାସସ୍ଥାନ । ମୀନ କମଳ—ମାଛକୁ ପାଣିରେ ବୁଡ଼ାଇ ଦେଲା ( କମଳ—ପଦ୍ମ ଓ ଜଳ ) ତୁଲ—ସମାନ । ପଦ୍ମଫୁଲକୁ ଦୋଷ— ପଦ୍ମ ସେ ନୟନ ସଙ୍ଗେ ସରି ହେବାକୁ ଇଚ୍ଛା କରିବାରୁ ଯେ ଦୋଷ ସେଥି ହେତୁ । ତୁହିନବଶେ—ତା ଉପରେ କାକର ପକାଇ । ଦଣ୍ଡ ଦଆଇଲା—ଜାଳି ଦେଲା ।

ଗଣ୍ଡ ଶଶିଙ୍କ ପ୍ରମାଣ ମକରୀ । ଏ ଅନୁମାନକୁ ଆନ ନ କରି ।
ନାଗରଥ ସଜ ହେବା ହେତୁରେ । ମଣ୍ଡିଲା କନ୍ଦର୍ପ ନିଜ କେତୁରେ ।
କି ସୁନ୍ଦର । ନାସାପୃଷ୍ଠ ଭେଶର । ତୂଣୀରସ୍ଥିତ ରତ୍ନପୁଙ୍ଖ ଶର । ୧୫ ।
ଏମନ୍ତ ସାଜେଣି ଗୃହିଁ କି ତରି । ସ୍ୱୟମ୍ଭୂ ଶମ୍ଭୁ କୁଚରୂପ ଧରି ।
ଅଚ୍ଛାଦିତ ହୋଇ ଚୋଳ-କବଚେ । ବାଳାରେ ଶରଣ ଉତ୍ତମ ପାଏଁ
କି ସୁନ୍ଦର । ହାର ଜାହ୍ନବୀ କି ସେ । ରୋମାଳୀ କାଳ ଭୁଜଙ୍ଗମ ପାଶେ
ଫଂପୃଷ୍ଠ ଉପମା ଉରଜେ ମଞ୍ଜୁ । ମୁକୁତାମାଳା କୁନ୍ଦା କାଳରଜ୍ଜୁ ।
ଯଉବନ ରାଜା ସର୍ବସ୍ୱ ତହିଁ । ପ୍ରେମାଳଙ୍କାର ସହିତେ ପୁରାଇ ।
କି ସୁନ୍ଦର । ଭରି ଘୋଡ଼ାଇଅଛି । ଜାଗ୍ରତପଣେ ଲକ୍ଷାକୁ ଦେଇଛି । ୧୭ ।

---

୧୫ । ଗଣ୍ଡ ଶଶିଙ୍କ ପ୍ରମାଣ ମକରୀ—ଗାଲରେ ଯେ ଚିତା ନାଇଛି ତା ହେଲା ମକର ଆକାରର । ଅନୁମାନ—ତର୍କଣା । କେତୁ—ପତାକା; ଗାଲର ଏ ଚିତା ହେଲା ନାଗରଥର ପତାକା । ନାସାପୃଷ୍ଠ—ନାକପୁଡ଼ା । ଭେଶର—ଅଳଙ୍କାର ବିଶେଷ । ତୂଣୀର—ଶରମୁଣା । ସ୍ଥିତ—ଥିବା । ରତ୍ନପୁଙ୍ଖ ଶର—ପୁଙ୍ଖ ବାଣର ପକ୍ଷଯୁକ୍ତ ସ୍ଥାନ; ଏ ଶରରେ ପକ୍ଷୀର ପକ୍ଷ ନ ଥାଇ ରତ୍ନର ପକ୍ଷ ଅଛି ।

୧୬ । ସାଜେଣି—ସାଜସଜ୍ଜା; ଶୋଭା । ସ୍ୱୟମ୍ଭୂ ଶମ୍ଭୁ—ଆପେ ଆପେ ଜନ୍ମିଛନ୍ତି ଯେ ମହାଦେବ । କୁଚ—ସ୍ତନ । ଚୋଳ କବଚେ—କାଞ୍ଚୁଲି ରୂପ ସାଞ୍ଜୁରେ । ହାର ହେଲା ଜାହ୍ନବୀ—ଗଙ୍ଗା । ମହାଦେବଙ୍କ ଶିରରେ ଗଙ୍ଗା, କୁଚ ଉପରେ ମୁକ୍ତାହାର । ରୋମାଳୀ—ଉଦରସ୍ଥିତ ସରୁ ରୋମ ରେଖା; କାଳଭୁଜଙ୍ଗ ପାଶେ—କାଳସର୍ପ ନିକଟରେ ଅଛି । କାଳଭୁଜଙ୍ଗମ କି ସେ—ପାଠାନ୍ତର, ପୂର୍ବ 'କି ସେ' କି ସେ ସଙ୍ଗେ ଏ ପଦର ପାଠ ସମୀଚୀନ ନୁହେ । ପୂର୍ବ ପଦର ପାଠରେ ଦଶେ ପଙ୍କ୍ତି ଏ ପଦର କି ସେ —ପଢ଼ିବା ମଧ୍ୟ ସମୀଚୀନ ।

୧୭ । ଫଂପୃଷ୍ଠ—ଫରୁଆ; ମଞ୍ଜୁ—ସୁନ୍ଦର । ଉରଜେ—ସ୍ତନରେ । ଉପମା—ତୁଲ୍ୟ । ମୁକୁତା ମାଳ ହେଲା କୁନ୍ଦା; କାଳରଜ୍ଜୁ—କୁନ୍ଦା ହେବା ସମୟର ଦଉଡ଼ି । ଫରୁଆକୁ କୁନ୍ଦରେ ବସାଇଲେ ଦଉଡ଼ିରେ ଟାଣି କରିବାକୁ ହୁଏ । ତହିଁ—ସେ ଫରୁଆରେ । ଯଉବନରାଜା ସର୍ବସ୍ୱ—ଯୌବନ ହେଲା ରାଜା, ତାହାର ସମସ୍ତ ଧନ । ପ୍ରେମାଳଙ୍କାର—ପ୍ରେମରୂପ ଗହଣା । ଜାଗ୍ରତପଣେ—ହୁସିଆର ପଣ । —ଲକ୍ଷା ବାହାରର ଚିହ୍ନମାନ ଅଛି ।

ନୀଳଜଳଦ ବିଜୁଳିକି ଭିଡ଼ି । ଥିଲା ପରି କରେ ମର୍କତ ଚୁଡ଼ି ।
ଭୁଜେ ବାଜୁବନ୍ଧ ରତ୍ନ ମାଧୁରୀ । ନଦୀ ଲହରୀରେ କହ୍ଲାର ପରି ।
କି ସୁନ୍ଦର । ଜଣି ଅଶୋକକଳୀ । ମାଣିକ୍ୟମୁଦିରେ ଝଳି ଅଙ୍ଗୁଳି । ୧୮ ।
ଚିବୁକ ଚତୁର୍ଥୀଚନ୍ଦ୍ର ଭ୍ରମରୀ । କଳଙ୍କ ଅଛିଲା ପରି ଅଙ୍କୁରି ।
ଗୃପସରୀରେ ମନୋରମ ଗଳା । ବ୍ୟାଧ ବୁଦ୍ଧି କି ବାନ୍ଧି ଏବେ କଲା ।
କି ସୁନ୍ଦର । ମତ୍ତ କପୋତ ପାଶେ । ବାନ୍ଧି ଥୋଇଛନ୍ତି ଗିରି ପରେ କି ସେ
'ସୁନ୍ଦରୀ ଅବଳା ପଦକୁ ଛଳି । ତ୍ରିବଳୀ ବନ୍ଧନ ହୋଇଛନ୍ତି ବଳୀ ।
ଅଛି କି ନାହିଁ ଏ ସଂଶୟ ମଧେ । ଭାଙ୍ଗି ପଡ଼ିବାକୁ ସେ ଗୁଣେ ବାନ୍ଧେ
କି ସୁନ୍ଦର । ତହିଁ ଖଞ୍ଜି କିଙ୍କିଣୀ । ଏଣୁ କଟୀ ଥିବା ହେଉଛି ଜାଣି । ୨୦
ପିନ୍ଧାଇଅଛି ବାସ କୁଞ୍ଚା ଦେଇ । ଗଢ଼ିଛି ପୁଣି ପିତୁଳା ବସାଇ ।
ନାଭିକି ଅଧ ତନୁମାନେ ଢାଳ । ଗୁଲ୍‌ଫ ପର୍ଯ୍ୟନ୍ତ ନୋହିଲା ଗୋଚର
କି ସୁନ୍ଦର । ତହିଁ ଦିଶୁଛି ପାଦେ । ସ୍ଥଳସରସିଜ ଶୋଭାରେ ନିନ୍ଦେ । ୨୧

---

୧୮ । ନୀଳ ଜଳଦ—ନେଳିଆ ମେଘ । ବିଜୁଳିକି ଭିଡ଼ିଥିଲା ପରି—ବିଜୁଳିକୁ ଦୃଢ଼ ଭାବରେ ଧରିଥିଲା ପରି । ମର୍କତ ଚୁଡ଼ି—ନୀଳମଣିର ଚୁଡ଼ିରେ ହାତ ବନ୍ଧା ହୋଇଛି । ଭୁଜେ—ବାହୁରେ । ମାଧୁରୀ—ଶୋଭା । କହ୍ଲାର—ଶ୍ୱେତପଦ୍ମ । ଝଳି—ଶୋଭି ।

୧୯ । ଚିବୁକ—ଥୋଡ଼ି, ସେ ହେଲା ଚତୁର୍ଥୀଚନ୍ଦ୍ର—ଚଉଠି ଚନ୍ଦ୍ର । ସେଥିରେ ଯେ ଭ୍ରମରୀ—ଭ୍ରମର ଆକାରର ଚିହ୍ନ, ସେ ଚନ୍ଦ୍ରର କଳଙ୍କ—କଳା ଦାଗ । ଅଙ୍କୁରି—ନିର୍ଗମ ହୋଇଛି । ଗୃପସରୀ—ଗଳାର ଅଳଙ୍କାରବିଶେଷ । ମନୋରମ—ସୁନ୍ଦର । ବ୍ୟାଧବୁଦ୍ଧି—ଶବରର ପାଞ୍ଚ । ବାନ୍ଧି—ବାନ୍ଧିଛି । ମତ୍ତ କପୋତ—ମଦରେ ମତ୍ତ ହେବା କାପ୍ତା ପରି ଯେ ଗଳା ତାକୁ ଗୃପସରୀ ରୂପ ଫାଶରେ ବାନ୍ଧିଛି କି ? ଗିରିପରେ—ପର୍ବତରୂପ ସ୍ତନର ଉପରି ଭାଗରେ ।

୨୦ । ଅବଳା ପଦକୁ—ବଳ ନାହିଁ ଏହି ନାମକୁ । ଛଳି—ତିରସ୍କାର କରି, ଦୂର କରି । ତାର ଉଦରରେ ଯେ ତ୍ରିବଳୀ ଅଛି ସେ ତିନସ୍ଥାନରେ ବାନ୍ଧି ହୋଇ ବଳୀ—ବଳବତୀ ହୋଇଛି କି ଏଠାରେ ବଳ ଦୈତ୍ୟକୁ ମଧ୍ୟ ଶ୍ଳେଷରେ ବୁଝାଉଅଛି । ମଧେ ମଧ୍ୟଦେଶ, କମର ଅଛି....ସଂଶୟ —ଏତେ କ୍ଷୀଣ ଯେ ତାହାର ଅସ୍ତିତ୍ୱରେ ସନ୍ଦେହ; କାଳେ ଭାଙ୍ଗିପଡ଼ିବ ସେଥି ହେତୁ । ଗୁଣେ—ଦଉଡ଼ିରେ; ଦଳିରୂପ ଦଉଡ଼ିରେ । ୨୧ । ବାସ—ଲୁଗା, ଶାଢ଼ୀ । ଗଢ଼ିଛି—କୁଞ୍ଚ ପକାଇଛି । ପିତୁଳା ବସାଇ

ତୋଡ଼ର ଚୂଳା ମୃଗମଦ ଶୋଭା । ପଶ୍ଚିମାଣୀ ମୁଣ୍ଡିଆରେ ରଞ୍ଜିତା ।
ହୋଇଛି ବ୍ୟକ୍ତ ଅଳକ୍ତ ରାଗରେ । ଶରଣ ରକ୍ଷଣ ଅନୁରାଗରେ ।
କି ସୁନ୍ଦର । ଚରଣକୁ ବାଳାର । ଶରଣ ଅର୍ଥରେ ପ୍ରସାରୁ କର । ୨୨ ।
ମିତ୍ର କହେ ନୋହେ ଲାବଣ୍ୟଧାମ । ଅଟେ ଅଛି ସିନା ପ୍ରତିପ୍ରତିମା ।
ସନ୍ନ୍ୟାସୀ ଭାଷିଲ୍ଲ ସେହି କାଳକୁ । ଜେମା ସୁନ୍ଦରମା ତିଳ ତିଳକୁ ।
ହେ ସୁନ୍ଦର । ଅଙ୍ଗେ ଅଙ୍ଗେ ଏହାର । ନିର୍ମାଣି ସିନା ଅଛି ରୂପକାର ।୨୩।
କୁମାର ଦମ୍ଭକୁ ଊଣା ଦଶିଲ୍ଲା । ବଚନ ସଚିବସୁତ ଭାଷିଲ୍ଲା ।
ସୁବର୍ଣ୍ଣ ପୀଠରେ ବସ ଶ୍ରୀରାମ । ଯାହାର ଯହିଁରେ ବଳଇ ପ୍ରେମ ।
କି ଗୋସାଇଁ । ଏଥୁଁ ଅଧିକ ବୋଲ । ଆମ୍ଭ ବଚନରେ ନାହିଁ ଏହା ତୁଲ୍ୟ ।
ନୃପଜ ବୋଲେ କିପାଁ ନୋହିଥିବ । ଅଜୀବେ କଲା ଯେ କାମ ସଜୀବ
ସଜୀବ ବିଶେଷ ଗୁରୁଶିଖ ଧେନ । ଶୋଭା ହୋଇଥିବ ନବଯୌବନ ।
କି ସଂଘାତ । ନୟନର କି ତପ । ଦେଖିଲାଠିକି ସେ ବାଳା ସ୍ୱରୂପ । ୨୫

---

—ଛାଞ୍ଚରେ ବା କୌଣସି କାଠର ଛାଞ୍ଚ ପକାଇ କୁଞ୍ଚା କରାଯାଏ । ନାଭି......ଗୋଚର—ନାଭିଠାରୁ ଗୋଡ଼ ଗଣ୍ଠି ପର୍ଯ୍ୟନ୍ତ ଶରୀରର କୌଣସି ଅଙ୍ଗ ଦେଖାଯାଉ ନାହିଁ । ସ୍ଥଳସରସିଜ ଶୋଭାରେ—ସ୍ଥଳପଦ୍ମ ଶୋଭାକୁ ।

୨୨ । ତୋଡ଼ର ଚୂଳା—ତୋଡର-ପାଦର ଅଳଙ୍କାରବିଶେଷ, ତାର ଅଗ୍ରଭାଗ; ତୋଡ଼ର ହେଲା ପାଦର ମୁକୁଟ ଏବଂ ମୃଗମଦ ଶୋଭା—ପାଦରେ କସ୍ତୁରୀ ଲେପନ କରାଯାଇଛି । ପଶ୍ଚିମାଣୀ ମୁଣ୍ଡିଆରେ—ପଶ୍ଚିମ ଦେଶୀୟ ଅଙ୍ଗୁଳିର ମୁଦି । ରଞ୍ଜିତା—ଶୋଭିତ । ଅଳକ୍ତ—ଅଳତା । ରାଗରେ—ଲାଲ ଗୁଣରେ; କ୍ରୋଧରେ । ବ୍ୟକ୍ତ—ପ୍ରକାଶ । ଶରଣରକ୍ଷଣ—ଆଶ୍ରୟ ପ୍ରାର୍ଥୀର ରକ୍ଷାକାରୀ । ଅନୁରାଗରେ—ସ୍ନେହରେ । ଶରଣ ଅର୍ଥରେ—କାମବାଧାରୁ ରକ୍ଷା ନିମିତ୍ତ । ପ୍ରସାରୁ—ବଢ଼ାଉ, ଲମ୍ବାଉ । କର—ହାତ ।

୨୩ । ଲାବଣ୍ୟଧାମ—ଲାବଣ୍ୟର ସ୍ଥାନସ୍ୱରୂପା ଲାବଣ୍ୟବତୀ । ପ୍ରତିପ୍ରତିମା—ପ୍ରତିମୂର୍ତ୍ତି । ସୁନ୍ଦରମା—ସୌନ୍ଦର୍ଯ୍ୟ । ତିଳ ତିଳକୁ—ଅତି ସାମାନ୍ୟ ଅଂଶକୁ । ରୂପକାର—ଚିତ୍ରକାର । ଅର୍ଥାତ୍ ଚିତ୍ରକାର ଏ ଚିତ୍ରରେ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ଅଳ୍ପମାତ୍ର ଫୁଟାଇ ପାରିଛି । ୨୪ । ଦମ୍ଭକୁ ଊଣା ଦଶିଲା—ଧୈର୍ଯ୍ୟ କମିଗଲା । ସଚିବସୁତ—ମନ୍ତ୍ରୀପୁଅ । ଏହା ତୁଲ୍ୟ—ଏ ମୂର୍ତ୍ତିର ସମ ।

୨୫ । ନୃପଜ—ରାଜପୁତ୍ର । ଅଜୀବେ......ସଜୀବ—କନ୍ଦର୍ପ ଯେ ଅଜୀବ ପ୍ରତିମୂର୍ତ୍ତିକୁ ଜୀବନ୍ତ କରିଛି ବା ଯେ ପ୍ରତିମୂର୍ତ୍ତି ଅଜୀବ କାମକୁ ସେ ସଜୀବ

ଏରୂପେ ବୋଲି କରିବାକୁ ଧ୍ୟାନ । ଦ୍ୱାର ହେଲା ଗତି ଦେବାକୁ ଘେନ
ପ୍ରାଣେ ତ ଅଙ୍ଗ ନ ରଖିବ ମାର । ଏହି କଥା ହେଲା ଏଥିର ସାର ।
କି ସଂଘାତ । ଅମ୍ଭ ସୁକୃତରାଶି । ମିଳିଲା ଅଟେଳ ହୋଇ ତପସ୍ୱୀ । ୨୬ ।

ବୀରକୁ ଉଚ୍ଚାଟ କରି ସନ୍ନ୍ୟାସୀ । ଚକ୍ଷୁବନ୍ଧନ ମାୟାକୁ ପ୍ରକାଶି ।
ଶିଷ୍ୟ ସଙ୍ଗେ ସେହିକ୍ଷଣି ଅନ୍ତର । ପ୍ରତେ ଅନ୍ତର୍ଦ୍ଧାନ ହେଲା ପ୍ରକାର
କି ସୁନ୍ଦର । ମନେ ହେଲା ଏ ଧାତା । ନୋହିଲେ ଗଢ଼ନ୍ତା କି ଏ ବନିତା ।

ଚିତ୍ତୁଁ ନ ଛାଡ଼ିଲା ଏହି କାତର । ମାଗନ୍ତି ସୁଗତିସଙ୍ଗତି ବର ।
ଦମ୍ଭକୁ ହେଲା ତାହାର କାରଣ । ସ୍ୱରୂପକୁ ଛାଡ଼ିଯିବାରୁ ଜାଣ ।
ସେ ସୁନ୍ଦର । କଲା ଏହି ଭରସା । ପ୍ରାପତ ମୋତେ ହୋଇବ ସୁଦୃଶା ।

ରୂହୁଁ ପ୍ରତିମା ଚକ୍ଷୁ ନ ମିଳୁଛି । ତାତ ହକାରି ପ୍ରତିବନ୍ଧ ପଡ଼ି ।
ପ୍ରତିବନ୍ଧ ପଡ଼ି ହୋଇବ କିସ । ଲେଖା ହେଲା ସେ ରୂପ ପ୍ରତିଦେଶ ।
କି ସୁନ୍ଦର । ଚିତ୍ରପଟେ ତା କଲା । ସଭାରେ ବସିବା କାଳ ହରିଲା । ୨୯

---

କରୁଛି ଅର୍ଥାତ୍ ମୋଠାରେ କାମଭାବ ଜନ୍ମାଉଛି । ସଜୀବ—ସ୍ୱୟଂ ଲବଣ୍ୟବତୀ । ବିଶେଷ ଗୃଢ଼ୀ—ବିଶିଷ୍ଟ ହେଲା, ଲୀଳା ବିଳାସାଦି ଘେନ । ସଂଘାତ—ହେ ମିତ । ୨୬ । ଧ୍ୟାନ—ଚିନ୍ତା । ଦ୍ୱାର—ବାଟ । ଗତି ହେବାକୁ—କୃତାର୍ଥ ହେବାକୁ, ସଫଳ ହେବାକୁ । ସୁକୃତରାଶି—ପୁଣ୍ୟସବୁ, ସେ ତପସ୍ୱୀ ହୋଇ ପ୍ରତିମୂର୍ତ୍ତି ଆଣିଲା ।

୨୭ । ଉଚ୍ଚାଟ—ଉତଳା, ଚକ୍ଷୁବନ୍ଧନ । ମାୟା—ଯେଉଁ କୁହୁକଦ୍ୱାରା ରାଜପୁତ୍ରର ଚକ୍ଷୁ ମୁଗ୍ଧ ହେବ । ଅନ୍ତର—ଦୂର । ଅନ୍ତର୍ଦ୍ଧାନ—ଲିଭେଇ ଯିବା । ପ୍ରତେ—ବିଶ୍ୱାସ । ଧାତା—ବିଧାତା, ସୃଷ୍ଟିକର୍ତ୍ତା । ବନିତା—ସ୍ତ୍ରୀ ।

୨୮ । ଚିତ୍ତୁଁ—ମନରୁ । କାତରବର—କାତର ପ୍ରାର୍ଥନା । ସୁଗତି ସଙ୍ଗତି—ସୁନ୍ଦରୀର ସହିତ ଭେଟ । ସେହି ତପସ୍ୱୀଙ୍କୁ ସେ ରାଜକୁମାର ବିଧାତା ମଣି ତାଙ୍କୁ ପ୍ରାର୍ଥନା କଲା ମୋତେ ସୁନ୍ଦରୀ ସଙ୍ଗରେ ଭେଟ କରାଅ । ସ୍ୱରୂପକୁ ଛାଡ଼ି ଯିବାରୁ ଜାଣ—ତପସ୍ୱୀ ଲବଣ୍ୟବତୀର ଯେ ପ୍ରତିମୂର୍ତ୍ତି ଛାଡ଼ି ଯାଇଥିଲେ ସେ ହେଲା ଦମ୍ଭ ଧରିବାର ପ୍ରଧାନ ଉପାୟ । ସୁଦୃଶା—ସୁନ୍ଦରୀ । ୨୯ । ତାତ—ପିତା । ହକାରି—ଡାକରି । ପ୍ରତିବନ୍ଧ—ବାଧା । ପ୍ରତିଦେଶ—ପ୍ରତ୍ୟେକ ଦିଗରେ ।

ଯୋଗୀନ୍ଦ୍ର ପ୍ରବେଶ ସିଂହଳଦ୍ୱୀପେ । ଏକାନ୍ତେ କହିଲେ ମନ୍ତ୍ରୀ ସମୀପେ
କର୍ଣ୍ଣାଟଦେଶ ମହୀପତିସୁତ । କନ୍ୟାର ଅନୁରୂପେ ବର ସତ ।
କି ସୁନ୍ଦର । ଗୁଣ୍‌ଗ୍ରାମନ୍ଦର ସେହି । ତାର ତୁଲ୍ୟ ହୋଇ ଜଗତେ ନାହିଁ । ୩୦
ତାକୁ ଯେ ଦେଲେ ଯୁବରାଜ ପଦ । ଜାଣିଲେ ବଧାତା ଅତି କୋବଦ ।
ଆନ ରାଜପୁତ୍ରେ କୁଳଦେଶ୍ୱର । ଯୁବତୀ ଶତ୍ରୁ ରତନଚକ୍ରର ।
କି ସୁନ୍ଦର । ଜାତ କାମ ମହୀରେ । କୁମାର ଏଣୁ କହ ବଜ୍ଜନରେ । ୩୧
ତାର ବବେକ ପଖେ ରାଜପଣ । ଜାଣି କରଛୁ ତାକୁ ସମର୍ପଣ ।
ଭଡାଟ ହୋଇଛୁ ସ୍ୱରୂପ ଦେଖି । ତାକୁ ପ୍ରଦାନ କରବା ସୁମୁଖୀ ।
କି ସୁନ୍ଦର । କଥା ସଚିବ ଶୁଣି । ନୃପତି ଆଗେ ଜଣାଇଲେ ପୁଣି । ୩୨
କାହିଁଛି ସଦ୍ଗୁଣ ରାଜା ବୋଇଲେ । ମନ୍ତ୍ରୀ କହେ କେବେ ଲେଖା ନ ଗଲେ
ଭୂପତି କହେ ତାକୁ କି ପ୍ରକାରେ । ଦୂତ ନ ପେଷି ଅଣିବା ଏ ପୁରେ
କି ସୁନ୍ଦର । ପଞ୍ଚ ମନ୍ତ୍ରୀ କଥନ । କରବା ଅପୂର୍ବ ଯାତ୍ରା ରଚନ । ୩୩
ବଣ ହୋଇଛୁ ଘୋଷ ଶୁଣି ଅମ୍ଭ । ଅମ୍ଭର କନ୍ୟା ଯାଚିବା ନ ଦଶୁ ।
ସର୍ବସମ୍ମତେ ଏ ବଗ୍ରହ ମୂଳ । ଦୀର୍ଘଦିନରେ କଲେ ଯାତ୍ରା ଗୋଳ ।
କି ସୁନ୍ଦର । ଛନ୍ଦ ହୋଇଲା ଶେଷ । ରାମେ ରାମେ ସ୍ତୁତି ଅଭଙ୍ଗ ଶ୍ଳେଷ । ୩୪

---

୩୦ । ଏକାନ୍ତେ—ଏକୁଟିଆ । ମହୀପତିସୁତ—ରାଜପୁତ୍ର ଅନୁରୂପେ —ସଦୃଶ । ସତ—ନିଶ୍ଚୟ । ଗୁଣ୍‌ଗ୍ରାମନ୍ଦର—ସବୁ ଗୁଣରେ ପୂର୍ଣ୍ଣ ।

୩୧ । କୋବଦ—ପଣ୍ଡିତ, ଜ୍ଞାନୀ । କୁଳଦେଶ୍ୱର—ବଂଶଶ୍ରେଷ୍ଠ । ଅନ୍ୟ ରାଜପୁତ୍ରମାନେ ସମୟରେ ଯୁବରାଜ ହୁଅନ୍ତି, ଯାନ୍ତୁ ଏ ରାଜପୁତ୍ର—ଯୁବତୀମାନଙ୍କ ଚନ୍ଦ୍ରରୂପ ରତ୍ନକୁ ଚୋରି କରବାର ପୁରୁଷ । କାମ—କନ୍ଦର୍ପ । ମହୀରେ—ପୃଥିବୀରେ । ଜାତ—ଜନ୍ମ ହୋଇଛୁ । ବଜ୍ଜନରେ—ପଣ୍ଡିତମାନେ । କୁମାର ନାମ ଦେଇ ଅଛନ୍ତି—କୁ—ପୃଥିବୀ ସେଥିରେ ମାର କ କନ୍ଦର୍ପ ଏ ରାଜପୁତ୍ର ।

୩୨ । ବବେକ—ବଗ୍ରହ । ରାଜପଣ—ରାଜଗୀ । ସୁମୁଖୀ—ସୁନ୍ଦରୀ ଲବଣ୍ୟବତୀ । ସଚିବ—ମନ୍ତ୍ରୀ । ୩୩ । କାହିଁଛି—କାହିଁ ଅଛି । ସଦ୍ଗୁଣ—ତୁଲ୍ୟ, ରୂପ । କେବେ..ଗଲେ—ଏପରି ମୂର୍ତ୍ତି କେବେ ତିଆରି ହୋଇ ନାହିଁ । ଭୂପତି—ରାଜା । ପେଷି—ପଠାଇ । ପାଞ୍ଚ—ଭାବନା । ୩୪ । ଘୋଷ—ଶବ୍ଦ, ବଖ୍ୟାନ । ଯାଚିବା—ମାଗିବା । ନ ଦଶୁ—ନ ଜଣାଉ । ସର୍ବସମ୍ମତେ—ସମସ୍ତଙ୍କ ମତରେ । ଦୀର୍ଘ ଦିନରେ—ବହୁତ ଦିନ ଲଗାଇ ।

ତାତବତ୍ସଳ ମୁନିବେଶଧାରୀ । ଅଧିକ ଭୁଜ ଦର୍ପ-ହତକାରୀ ।
ଉପଇନ୍ଦ୍ର ଆରବର ଆବୃଇ । ଏ ଗୀତ ଶୁଭେ ଶେଷ ହେବା ପାଇଁ ।
ହେ ସୁଜନେ । ଶୁଣି ହୁଅ ସନ୍ତୋଷ । ଖଳକର୍ଣ୍ଣବଲେ ନୋହୁ ପ୍ରବେଶ । ୩୬

---

## ଏକାଦଶ ଛାନ୍ଦ

### ( ଲାବଣ୍ୟବତୀର ସ୍ୱପ୍ନ ଦର୍ଶନ )

### ଦଶା—ଗୈରୀ ( ସପନ ଉତଭଅ ବାଣୀ )

ଏଥୁଅନ୍ତେ ଶୁଣ ରସ ଗ୍ରୀଷଭେ ନଶି ପ୍ରବେଶ
ଉଦୟ ତାରାଜୀବେଶ ହେଲେ ଆକାଶେ ।
ଚକ୍ର-ସୁଖଚକ୍ର-ନକ୍ର ଛେଦନେ ହାରକ ଚକ୍ର
ଫିଙ୍ଗିଛୁ ତାତସିନ୍ଧିରେ କାମ କି ରୋଷେ ।
ବେଶ ହେବ କି ଗ୍ରନ୍ଥିବାଳୀ
ସ୍ଫଟିକ ପେଟୀରେ କିବା କସ୍ତୁରୀ ଦଳି । ୧ ।

---

୩୬ । ତାତବତ୍ସଳ—ତାତ ଯେ ପିତା ଦଶରଥ ତାଙ୍କଠାରେ ବତ୍ସଳ ସ୍ନେହ-ଯୁକ୍ତ । ମୁନିବେଶଧାରୀ—ରାମଚନ୍ଦ୍ର ମୁନିବେଶ ଧାରଣ କରିଥିଲେ । ଅଧିକ ଭୁଜଦର୍ପହତକାରୀ—ବହୁଭୁଜ ଯେ ରାବଣ (କୋଡ଼ିଏ ହାତ ତାହାର) ତାର ଗର୍ବନାଶକ । ତାତବତ୍ସଳ—ପିତା ଜମଦଗ୍ନିଠାରେ ସ୍ନେହଯୁକ୍ତ । ମୁନିବେଶଧାରୀ ସେ ତପସ୍ୱୀ ହେତୁ । ଅଧିକଭୁଜ ଦର୍ପ ହତକାରୀ—ସହସ୍ରାର୍ଜୁନ ଯେ କାର୍ତ୍ତିବୀର୍ଯ୍ୟ (ତାର ସହସ୍ର ହସ୍ତ) ତାର ଗର୍ବନାଶକ—ହସ୍ତକୁ ଛେଦନ କରି ତାକୁ ନାଶ କରିଥିଲେ । ଖଳ—ଦୁଷ୍ଟ । କର୍ଣ୍ଣବଲେ-କାନଗହ୍ୱରରେ ।

---

୧ । ନଶି—ରାତ୍ରି । ତାରାଜୀବେଶ—ଚନ୍ଦ୍ର । ଚକ୍ରସୁଖଚକ୍ରନକ୍ର—ଚକ୍ରବାକ ଓ ଚକ୍ରବାକୀର ସୁଖ ସମୂହ ହେଲା ନକ୍ର—କୁମ୍ଭୀର । ଛେଦନେ—ନାଶ କରିବାରେ । ହାରକଚକ୍ର—ହରିର ଚକ୍ର ( ଚନ୍ଦ୍ର ହେଲା ହରି ଚକ୍ର ) ତାତସିନ୍ଧିରେ—ପିତା କୃଷ୍ଣଙ୍କ କରାମତ ଭଳରେ । ରୋଷେ—କ୍ରୋଧରେ । ଗ୍ରନ୍ଥିବାଳୀ—ରାତ୍ରି ହେଲା ସ୍ତ୍ରୀ । ସ୍ଫଟିକ ପେଟିରେ—ପଥର କାଚର ପେଡ଼ିରେ । ବିଷ୍ଣୁ ହରି ଅବତାରରେ କୁମ୍ଭୀର ମୁହଁରୁ ଗଜକୁ ରକ୍ଷା କରିଥିଲେ ଓ ନିଜର ସୁଦର୍ଶନ ଚକ୍ରଦ୍ୱାରା କୁମ୍ଭୀରକୁ ନାଶ

ଅଜା କି ବିଭାବରୀଙ୍କ ହୋଇବ ବିଭା ବରି କି
ମଲ୍ଲୀମାଳା ଦେଇ ବଧୂ କିରଣେ ମଣି ।
ଏ ବିଚିତ୍ର ସ୍ୱୟମ୍ବର ନାହିଁକି ବରିଲା ବର
ଏତେକାଳେ ଦେଖାଗଲା ଏ କଥା ପୁଣି ।
ରବିଙ୍କରେ ମହୀମହିଳା ।
ତାପି ହୋଇଥିଲା କି ଚନ୍ଦନ ଲେପିଲା । ୨ ।
ଶୀତଳ ଯାହା କିରଣ ପରଶରେ ସମୀରଣ
ରଣରଣ ମିତ୍ରପଣ ଘେନି କି ଏବେ ।
ବିରହୀଗୁଣ ବହ୍ନି— ଠାରେ ଅଦରିଲା ତହିଁ
ସେ ଅଛି ଯା ଗର୍ଭେ ତହୁଁ ଜାତ ସ୍ୱଭାବେ ।
ପୁଂସ ହୋଇ ସୁଧାଚତ୍ୱର ।
ଚନ୍ଦ୍ର ଗୃହୀଁ ହୋଇଲା ଅଧିକେ କାତର । ୩ ।
ହାସ ନାସା ଗତି ସ୍ଥିତି ବଚନ ରମ୍ୟତା ପ୍ରୀତି
ଏକାନ୍ତ ହେବାଦ ଯେତେ କଥା ସୁମରେ ।

---

କରିଥିଲେ; ସେହିପରି କାମଦେବ ଚନ୍ଦ୍ରରୂପ ଛୁରାରେ ଚକ୍ର ପେଷି ଚକ୍ରବାକମାନଙ୍କର ସୁଖ ଛେଦନ କଲା କି । ରାତିରେ ଚକ୍ରବାକ ଦମ୍ପତୀର ବିଚ୍ଛେଦ ହୁଏ । ପୁଣି ରାତି ସ୍ତ୍ରୀବେଶ ହେବବୋଲି ଚନ୍ଦ୍ରରୂପୀ ସ୍ଫଟିକ ପେଡ଼ି ବାହାର କରିଛି କି ଓ ଗୃହପାଖରେ ଅନ୍ଧକାର ହେଲା କସ୍ତୁରୀର ଦଲା ହେବା । ୨ । ବିଭାବରୀଙ୍କ—ରାତ୍ରି କି । ବିଭା—ବିବାହ । ବରି—ବରଣ କରି । ବଧୂ—ଚନ୍ଦ୍ର । ମଲ୍ଲୀମାଳା ହେଲା କିରଣ । ରବିକରେ—ସୂର୍ଯ୍ୟଙ୍କ କିରଣରେ । ମହୀମହିଳା—ପୃଥିବୀ ରୂପିଣୀ ସ୍ତ୍ରୀ । ଚନ୍ଦନରୂପ କିରଣ ଲେପିଲା ।

୩ । ପରଶରେ—ଲାଗିବାରେ । ସମୀରଣ—ପବନ । ରଣରଣ—କନ୍ଦର୍ପ । ବହ୍ନି—ଅଗ୍ନି । ସେ ଅଛି ଯା ଗର୍ଭେ—ଅଗ୍ନି ସମୁଦ୍ରର ଗର୍ଭରେ ଥାଏ; ବାଡ଼ବାଗ୍ନି ସମୁଦ୍ରରେ ଥାଏ; ସେହି ସମୁଦ୍ରରୁ ଚନ୍ଦ୍ର ଜନ୍ମ ଲଭିଛି, ତହୁଁ ସୋଦର ଗୁଣ—ଭାଇ ଅଗ୍ନିର ଗୁଣ ଗ୍ରହଣ କରି ବିରହୀକୁ କାମାଗ୍ନିରେ ସନ୍ତପ୍ତ କଲା । ତହୁଁ ବିରହୀ ସୁଧାଚତ୍ୱରେ—ଚୂନ ଲେପା ଅଗଣାରେ । ଚନ୍ଦ୍ର ଗୃହୀଁ—ଅଗ୍ନି ଗର୍ଭରେ ଥିବା ଚନ୍ଦ୍ରକୁ ଗୃହୀଁ ଅଧିକ ବିକଳ ହେଲା । ଚନ୍ଦ୍ର, ଚନ୍ଦନ, ଭ୍ରମରାଦି ସଂଭୋଗରେ ସୁଖକର ହେଲେହେଁ ବିରହରେ ଦାହ ପ୍ରଦାନ କରନ୍ତି ଏହା ଅଳଙ୍କାରଶାସ୍ତ୍ରରେ ବର୍ଣ୍ଣିତ ଅଛି ।

ସ୍ୱରଭଙ୍ଗ ପ୍ରବଳରେ ଭାଷା କେ ବର୍ଣ୍ଣେ ଉଚ୍ଚରେ
ତଥାପି ବାଳା ଭାବନା ଥାଇ ତହିଁରେ ।
ସବର୍ଣ୍ଣାଦ ଶବଦ ଶୁଣି ।
ସାଧୁ ଶୁକ ଅଇଲେ କି ହୁଅଇ ଗୁଣି । ୪ ।
ଯେମନ୍ତ ଦେଖିଛୁ ଟିକେ ତେମନ୍ତ ଦଶଇ ନେକେ
କେମନ୍ତେ ଲଭିବ ମୂଳ ବଞ୍ଚିବ ଏହା ।
ଯେବେ ଏ ଯୁବା ବୟସେ ଦବ୍ୟ ରମା ନାହିଁ ପାଶେ
କି ଲାଭ ତହୁଁ ନୃପତି ସମ୍ପଦ ଥାଇ ।
ଆରତେ ସେ ଶମ୍ଭୁ ଶିବ
ତାଙ୍କୁ ଦେଖାଅ ନୋହିଲେ ଯାଉ ଏ ଜୀବ । ୫ ।
ତେଣେ ନୃପତିନନ୍ଦନୀ ରୁଚିରତର ଶୃଙ୍ଗନୀ-
ରାତିରେ ମଣ୍ଡି ଶୃଙ୍ଗନୀ ଚନ୍ଦ୍ରକୁ ଗୃହିଁ ।
ପଦ୍ମିନୀ ହେଲା କାତର ଭଜି ମଦନବିକାର
କରଇ ଚିତ୍ତେ ବଞ୍ଚିବ ଶ୍ୱାସ ପକାଇ ।

---

୪ । ହାସ—ହସିବା । ନାସା—ନାକ । ଗତି—ଗ୍ୟୁଲ । ରୀତି—ସ୍ୱଭାବ । ବଚନ ରମ୍ୟତା—କଥାର ରମଣୀୟତା । ପ୍ରୀତି—ସ୍ନେହ । ଏକାନ୍ତ ହେବାର—ଏକାଠି ହେବାର । ଏହି ସବୁ ସୁନ୍ଦରୀର ବିଶିଷ୍ଟ ଶୋଭାକୁ ନାୟକ ସ୍ମରଣ କରୁଛି । ସ୍ୱରଭଙ୍ଗ ପ୍ରବଳରେ—ପ୍ରୀତିରେ କଣ୍ଠରୁଦ୍ଧ ହେବାରୁ ଗଦ୍‌ଗଦ ଭାବର ପ୍ରବଳତାରେ ଭାଷାକେ—ପ୍ରତ୍ୟେକ ଶବ୍ଦର—ହାସ, ନାସା...... ଏକାନ୍ତ ପ୍ରଭୃତିର । ବର୍ଣ୍ଣେ ଉଚ୍ଚରେ—ଏକବର୍ଣ୍ଣ, ଆଦ୍ୟବର୍ଣ୍ଣ ଉଚ୍ଚାରିବାରୁ । ବାଳା...ତହିଁରେ—ସେଥିରେ ବାଳାର ଭାବନା ରହୁଛି—ଯଥା ହା ନାଗରୀବର ପ୍ରିୟେ । ପୁଣି ସବର୍ଣ୍ଣାଦ ଶବଦ ଶୁଣି—ହା ସା ନା । ସ ବର୍ଣ୍ଣ ଯେ ସ ଅକ୍ଷର ଆଦରେ ଯାହାର ଏପରି ଶବ୍ଦକୁ ଶୁଣିଲେ—ସାଧୁତ ଶୁକ ଏହି ଦୁଇ ଦୂତ ଅଇଲେ କି ଏପରି ଗୁଣି ହୁଅଇ—ଏଥିରେ ତନ୍ମନସ୍କତ୍ୱ ସୂଚିତ ହେଲା ।

୫ । ମୂଳ—ପ୍ରକୃତ ଲାବଣ୍ୟବତୀକି । ଦବ୍ୟ ରମା—ସୁନ୍ଦରୀ ସ୍ତ୍ରୀ । ଶିବ—ମହାଦେବ ।

୬ । ନୃପତି ନନ୍ଦନୀ—ରାଜକନ୍ୟା । ରୁଚିରତର—ଅତି ସୁନ୍ଦର । ଶୃଙ୍ଗନୀ ରାତିରେ—ଜହ୍ନ ରାତିରେ । ଶୃଙ୍ଗନୀ—ଚଉତରା । ପଦ୍ମିନୀ—ପଦ୍ମିନୀ ଜାତୀୟା କନ୍ୟା (ପଦ୍ମିନୀ ପଦ୍ମଗନ୍ଧା) । ପଦ୍ମ ଚନ୍ଦ୍ରକିରଣରେ ମଉଳି ଯାଏ,

ମୋହ ସମ କରମହୀନ ।
କାହିଁ ପତିସଙ୍ଗ ନାହିଁ ଲଭି ଯୌବନ । ୬ ।
ସୁବର୍ଣ୍ଣ ସମାନ ନାରୀ ବନସ୍ପୃ ଠାଙ୍ଗଣା ପରି
ବିରହ ଅନଳେ ହୋଇଥାଇ ଯେ ଦହି ।
ଭାବଜଳଯୁକ୍ତବଶେ କୋଳକଷଟିରେ କଷେ
ପରଶ ରସାଣ ପ୍ରୀତିବାନ ବଢ଼ାଇ ।
କମ କରି କରଇ ଭୋଗ ।
ଗୁଣିକ ବଣିକଛିଁ ବିହି ସରାଗ । ୭ ।
ଦୁର୍ଗା ଓମା ଦୁର୍ଗତି ହର ଏମନ୍ତ ବ୍ୟାକୁଳ ତାର
ହର ଉମା ଦୟା କଲେ ସେ ନାରୀ ପୁଂସେ ।
ନିଦ୍ରାବଶରେ ସ୍ୱପନ ଦେଖିଲେ ସତ ବିଧାନ
ଏକ ଯୋଗିନୀ ପ୍ରବେଶ କୁମାର ପାଶେ ।
କର ଧରି ନିଦ୍ରା ଭାଙ୍ଗିଲା ।
ଗଗନମାର୍ଗେ କୁମାରୀପୁରକୁ ନେଲା । ୮ ।

---

ସେହିପରି ପଦ୍ମିନୀ କନ୍ୟା ପ୍ରିୟଚିନ୍ତାରେ ଦୁଃଖିତା । ମଦନବିକାର—କାମର ବିକ୍ରିୟା; ଭାବ, ହାବାଦି ବା ଦଶା—କାମର ଦଶାରୁ କେତେକ । କରମହୀନ—ଭାଗ୍ୟହୀନ ।

୭ । ନାରୀ ଯେ ସ୍ତ୍ରୀ ସେ ସୁବର୍ଣ୍ଣ ସମାନ । ବନସ୍ପୃ ଯେ ପୁରୁଷ ସେ ଠାଙ୍ଗଣା ସମାନ । ବିରହ ଯେ ସେ ହେଲା ଅନଳ—ଅଗ୍ନି ତେଣୁ ସେ ଦହି ହୁଏ । ଭାବ ଯେ ସେ ହେଲା ଜଳ ତେଣୁ ସେଥିରେ ଯୁକ୍ତ କରେ । କୋଳ ଯେ ସେ ହେଲା କଷଟି ପଥର, ତେଣୁ ତାକୁ କଷଇ । ପରଶ (ସ୍ପର୍ଶ) ସେ ରସାଣ ପଥର ହେଲା ସେଥିରେ ପ୍ରୀତି ଦାନକୁ—ପ୍ରୀତିର ଚୈକକୁ ବଢ଼ାଏ । ଗୁଣିକ—ଗୁଣବନ୍ତ ଅଟେ । ଏପରି ଯେ ବଣିକ—ବଣିଆ ସେ ସରାଗରୁ ବିହି—ଶ୍ରଦ୍ଧା ଯୁକ୍ତରେ । କମ କରି, କଟକ କୁଣ୍ଡଳାଦି କମକୁ କରି ଭୋଗ କରେ ବା କାମ କରି କମନୀୟ କରି ଭୋଗ କରେ । ଏମନ୍ତ ମନେ କରି ବ୍ୟାକୁଳ ହେଲା ।

୮ । ଦୁର୍ଗତି—ଦୁଃଖ । ହରଙ୍କୁ ପୁରୁଷ ଉମାଙ୍କୁ ନାରୀ ଚିନ୍ତା କଲେ । ନିଦ୍ରାବଶରେ—ନିଦ୍ରିତାବସ୍ଥାରେ । ସତ ବିଧାନ—ପ୍ରକୃତ ଘଟନା । ଗଗନମାର୍ଗେ—ଆକାଶବାଟେ ।

ବୋଇଲେ ଲାବଣ୍ୟବତୀ ବୋଲଇ ଏହି ଯୁବତୀ
ଗୃହନୀରେ ଶୋଇଅଛି ପଲ୍ୟଙ୍କପର ।
ସଖୀ ବେଢ଼ି ଗୃହ ପାଶେ ଜ୍ଞାନହୀନ ନିଦ୍ରାବଶେ
ମନାଇ ପାରିଲେ ଭୋଗ କର ନାଗର ।
ଏତେ କହି ହେଲେ ଅନ୍ତର ।
ଶୋଭା ଗୃହିଁ ଲୋଭା ହୋଇ ଉଭା କୁମର । ୯ ।
ମନେ ପାଞ୍ଚେ ମଞ୍ଚେ ଜାତ କାହିଁକି ଏ ଅଦଭୁତ
ଏବେ ଜାଣିଲି ମୋହର ନୟନଭାଗ୍ୟେ ।
ଏ ବର୍ଣ୍ଣ ସୁବର୍ଣ୍ଣକମ ହୁଅନ୍ତା କି ତାରତମ
ଭିନ୍ନ ଭିନ୍ନ ଜାଣି ହେଲା ରତନ ଯୋଗେ ।
ହରଷ ଏମନ୍ତ ସ୍ୱରୂପ ।
ଏତେକାଳଯାଏ ହୋଇଥିଲା ଏ ଗୋପ୍ୟ । ୧୦ ।
ଏକା ଏ ନୋହେ ହରଷ ପୁଣି ମିଶିଛି ସରସ
ମିଳିଛି ଶୋଭା ବିଶେଷ ଦୀପ୍ତିକ ଯେଣି ।
ସୁବାସ ମନ୍ଦର ଏହି ବାସୁଅଛି ବ୍ୟକ୍ତ ହୋଇ
ବହିଲା ସୁକୃତ କରିଥିଲା ଅବନୀ ।
ଭାବ ହାବ ଲୀଳା ପ୍ରସନ୍ନ ।
ହୁଅନ୍ତି ଯାହା ପ୍ରସାଦେ ସେ କି ସମାନ । ୧୧ ।

---

୯ । ଜ୍ଞାନହୀନ—ଚେତନାଶୂନ୍ୟ । ମନାଇ—ବୁଝାଇ । ଅନ୍ତର—ଦୂର । ଉଭା—ଠିଆ ।

୧୦ । ମନେ ପାଞ୍ଚେ—ମନରେ ଭାବେ । ମଞ୍ଚେ—ମର୍ତ୍ତ୍ୟରେ । ଅଦଭୁତ—ଆଶ୍ଚର୍ଯ୍ୟ । ଏ ନାରୀର ବର୍ଣ୍ଣ ଓ ସୁବର୍ଣ୍ଣ କମ—ସୁବର୍ଣ୍ଣ ଅଳଙ୍କାର । ତାରତମ୍ୟ—ପୃଥକ୍ ବାରି ହୁଅନ୍ତା ନାହିଁ । ଏ ଭିନ୍ନ ଭିନ୍ନ—ନାରୀର ବର୍ଣ୍ଣ ସୁବର୍ଣ୍ଣ ପୃଥକ୍ ପୃଥକ୍ ରୂପେ ଜଣା ପଡ଼ିଲା ରତ୍ନ ହେତୁ । ଏ ହର୍ଷ-ସ୍ୱରୂପ । ଏତେକାଳ ପର୍ଯ୍ୟନ୍ତ ଗୁପ୍ତ ହୋଇଥିଲା ଏବେ ପ୍ରକଟ ହେଲା । ୧୧ । ହର୍ଷ କେବଳ ନୁହେଁ ପୁଣି ତହିଁରେ ରସ—ଶୃଙ୍ଗାର ରସ ମିଶିଅଛି । ଅଥବା ବହିରିନ୍ଦ୍ରିୟ ଯେ ଚକ୍ଷୁ, ଅନ୍ତରିନ୍ଦ୍ରିୟ ଯେ ମନ ଇନ୍ଦ୍ରିୟ ଏ ଦୁହିଙ୍କର ଅନ୍ୟ କାର୍ଯ୍ୟକୁ ଅବରୋଧ କରି, ଅପଣାର କାରଣାଦି ବିଭାବ ଓ ଅନୁଭାବାଦି ଯୁକ୍ତ ହେତୁ ଚମତ୍କାରୀ ଯେ ସୁଖ ତାହାକୁ ରସ ବୋଲି । ବହିରନ୍ତଃ-

ଅଣିମାଦ ସୁଖଦାୟୀ     ଶୋଇଅଛି ଅଣି ହୋଇ
, ପଲ୍ୟଙ୍କଅଙ୍କରେ ଦଶେ ଏମନ୍ତ ଶୋଭା ।
ରସାଣ ରଜତବାଡ଼େ     କନକଲତା କି କଡ଼େ
ବିଶଦ ଘନରେ କି ସେ ଚପଳା ପ୍ରଭା ।
ବାମକର କପୋଳତଳ ।
କେନ୍ଦୁପଲ୍ଲବେ ଥୁଆ କି ଫୁଲ୍ଲ କମଳ । ୧୨ ।
ଦୃଗବାରୁ ଶୋଭା ନେଇ     କି ନୀଳେନ୍ଦୀବରପତ୍ର
ଜଳଠାଇ ଦର୍ପଣେ ଥୋଇଛି କୁତୁକେ ।
କି ଅବା ଖଞ୍ଜନଯୁଗ     ନିଶ୍ଚଳ ହେବାରୁ ଯୋଗ
ଅଞ୍ଜନ ଅଠାକାଠିରେ ଏକାବେଳକେ ।

---

କରଣସ୍ୟୋନ୍ତ୍ୟାପାରାନ୍ତରରୋଧକଂ । ସ୍ବକରଣାଦ୍ ଫଣ୍ଡେଶି ଚମତ୍କାରୀ ସୁଖଂ ରସଃ । ପୁଣି ଗ୍ରାମ୍ରିକ କାନ୍ତିରୁ ଯେଜ ଶୋଭା ମିଳଛି । ସୁବାସ ମନ୍ଦର ଏହ—ସୁଗନ୍ଧର ଏ ଘର, ପଦ୍ମିନୀ ପଦ୍ମଗନ୍ଧା ହେତୁ ବାସ—ସୁଗନ୍ଧ । ବ୍ୟକ୍ତ—ପ୍ରକାଶ । ସୁକୃତ—ପୁଣ୍ୟ । ଅବନୀ—ପୃଥିବୀ । ବହିଲି—ସେ କନ୍ୟାକୁ ଧାରଣ କଲି । ଭାବ, ହାବ, ଲୀଳା ଓ ପ୍ରସନ୍ନ—ଏମାନେ ଯାହା ପ୍ରସାଦେ—ଯେଉଁ କନ୍ୟାର ଅନୁଗ୍ରହରୁ ଜାତ ହୁଅନ୍ତି, ତହୁଁ ସେ ସମାନ କି ? ତେଣୁ ସେ କନ୍ୟା ଅସାଧାରଣ ।

୧୨ । ଅଣିମାଦ—ଅଣିମା, ଲଘିମାଦ୍ୟ ଏ ଅଷ୍ଟ ଐଶ୍ୱର୍ଯ୍ୟର ସୁଖଦାନକାରୀ । ରସାଣ—ଉଜ୍ଜ୍ୱଳ । ରଜତବାଡ଼େ—ରୁପା କାନ୍ଥରେ କନକଲତା—ସୁନାଲତା । ବିଶଦଘନରେ—ନିର୍ମଳ ମେଘରେ ଅର୍ଥାତ୍ ଜଳଶୂନ୍ୟ ମେଘରେ ( ଜଳ ଥିଲେ ମେଘ କାଳିଆ, କିନ୍ତୁ ଜଳ ନ ଥିଲେ ଧଳା ) ଚପଳା ପ୍ରଭା—ବିଜୁଳି ଝଟକ । ବିଶଦ ଘନରେ ଚପଳା ପ୍ରଭା ନ ଥାଏ; ଏଠାରେ ତାହା ଉତ୍ପ୍ରେକ୍ଷା କରା ହେଉଛି । ବାମ—ମନୋହର ଏମନ୍ତ କରକୁ କପୋଳତଳ—ଗଣ୍ଡସ୍ଥଳରେ ଦେଇଛି । ( ବା ବାଁ ହାତକୁ ଗଣ୍ଡରେ ଦେଇଛି ) ବା "ବାମା" ପାଠ ଗ୍ରହଣ କଲେ—ସ୍ତ୍ରୀ କରକୁ ଗଣ୍ଡତଳେ ଦେଇଛି । ହାତ ହେଲା କେନ୍ଦୁର କଅଁଳିଆ ପତ୍ର ଓ ଗଣ୍ଡ ହେଲା ଫୁଟିଲା ପଦ୍ମ ।

୧୩ । ନୀଳେନ୍ଦୀବର ପତ୍ର—ନୀଳକଇଁ ପାଖୁଡ଼ା । କୁତୁକେ—କୌତୂହଳରେ । ଖଞ୍ଜନଯୁଗ—ଦୁଇଗୋଟି ଖଞ୍ଜନପକ୍ଷୀ; ଅଞ୍ଜନ—ନେତ୍ର ଅଞ୍ଜନରୂପ ଅଠା-

ମୀନଗ୍ରଣି ଉଦୟେ ଆସି ।
ମୃଗାଙ୍କ-ଅଙ୍କରେ ହେଲା ପରିଚୟେ ଦଶି । ୧୩ ।
ବାମା ବାମଦେବ ଦୁହିଁ ଯେଣୁ ତ୍ରିପୁରବିଜୟୀ
ଦ୍ୱନ୍ଦ୍ୱ କରି ପୂର୍ଣ୍ଣ ଚନ୍ଦ୍ର ଦ୍ୱିଭାଗ କଲେ ।
ଖଣ୍ଡେ ଖଣ୍ଡେ ଭାଲଦେଶେ କାରିତ ପ୍ରକାଶ ଅଶେ
କଷ୍ଟେଁ ପ୍ରମୋଦ ମାନସେ ଅଣି ବହିଲେ ।
ଘେନିଅଛି ଚନ୍ଦନପାଟୀ ।
ଲୋକକନେ ଏହି ଉପମା ମନେ ପ୍ରକଟି । ୧୪ ।
ଝିଲିମିଲିମାଳି ପାନ- ପନ୍ତିରେ ଅତି ଶୋଭନ
ମାର ମଙ୍ଗଳ ପଲ୍ଲବ-ତୋରଣୀ ପରି ।
କକୁରି କୁରୁଳି ଝଳି ବାତେ ଚଳେ ଅଳିଅଳି
ପକ୍ଷ ଗୁଳି କିବା ଉଡ଼ି ଯିବାକୁ ତ୍ୱରି ।
ମୁକୁତା ସୀମନ୍ତୀ ଉପରେ ।
କାଳନ୍ଦୀ ମଧ୍ୟେ କି ବହେ ଜାହ୍ନବୀଧାରେ । ୧୫

---

କାଠିରେ ଲାଗି ରହିଛନ୍ତି କି । ମୀନ—ମାଛ । ମୃଗାଙ୍କ ଅଙ୍କରେ—ଚନ୍ଦ୍ର କୋଡ଼ରେ । ଆଖି—ମାଲକଇଁ ଖଞ୍ଜନ ଓ ମୀନ ରାଶି; ମୁଖ ହେଲା ଦର୍ପଣ, ଚନ୍ଦ୍ର ।

୧୪ । ବାମା—ଲାବଣ୍ୟବତୀ । ବାମଦେବ—ମହାଦେବ । ତ୍ରିପୁରବିଜୟୀ—ଏ କନ୍ୟା ଶୋଭାରେ ତ୍ରିପୁର ସ୍ତ୍ରୀଙ୍କୁ ଜିଣିଛି । ମହାଦେବ ତ୍ରିପୁରକୁ ଜୟ କରିଥିଲେ । ଉଭୟେ ସମାନଧର୍ମୀ ଓ ସମାନ ଅଧିକାରୀ ହେତୁ । ଚନ୍ଦ୍ରଙ୍କୁ ଦ୍ୱିଖଣ୍ଡ କଲେ—ଖଣ୍ଡେ ଖଣ୍ଡେ ଉଭୟେ ଭାଲରେ ଧାରଣ କଲେ । ପ୍ରମୋଦ—ହର୍ଷ । ଚନ୍ଦନପାଟୀ ଥିବାରୁ ନାୟିକାଠାରେ ଏହି ଉପମା ; ପ୍ରକଟି—ପ୍ରକାଶ ପାଇଲା ।

୧୫ । ଝିଲିମିଲି ମାଳି ପାନପନ୍ତୀ ସଙ୍ଗେ ଯୋଗ ହେବାରୁ । ଶୋଭନ—ସୁନ୍ଦର । ମାର—କନ୍ଦର୍ପର ମଙ୍ଗଳପଲ୍ଲବ ତୋରଣୀ—ଶୁଭ ପତ୍ରର ଫାଟକ । କକୁରି କୁରୁଳୀ ଝଳି—କକୁରି ଛୋଟ ଛୋଟ ବାଳର ଶୋଭା । ବାତେ—ପବନରେ । ଅଳିଅଳି—ଭ୍ରମର ସବୁ । ପକ୍ଷ—ଡେଣା । ତ୍ୱରି—ଶୀଘ୍ର । ସୀମନ୍ତୀ ଉପରେ—ମସ୍ତକର କେଶ ମଧ୍ୟସ୍ଥିତ ଫାଙ୍କ, ସିନ୍ଥା । ମୁକୁତା ଥିବାରୁ ତର୍କଣା ହେଉଛି ଯେପରି କାଳନ୍ଦୀ—ଯମୁନା (କଳା ଜଳ) ମଧ୍ୟରେ ଜାହ୍ନବୀ—ଗଙ୍ଗାର ଗୋଟିଏ ଧାର ବୋହୁଛି କି ? (ଗଙ୍ଗାଜଳ ଧଳା)

ଶ୍ରଦ୍ଧାରୁ କରନ୍ତି ଯୋଷା    ଚୀନଚିକୁରକୁ ଖୋଷା
ଦିଶୁଛି ଯହ୍ନ ଚଉଁରୀ ରହ୍ନ ଭଉଁରୀ ।
କେତୁମୁଣ୍ଡ ତୁଣ୍ଡେ ପଶି    ଗଲାନି ଶରଦଶଶୀ
କେବଳ କିରଣ ଦିଶି କିଛି ମାଧୁରୀ ।
ଅଡ଼ଖୋଷା କୁସୁମ ତୋରୀ ।
ହାହାକାର କରି ରୁଣ୍ଡୀଭୂତ କି ତାରି । ୧୬ ।
ଗଣ୍ଡଖଣ୍ଡପରେ ପଦ୍ମ-    ରାଗ-ତାଟଙ୍କର ସଦ୍ମ
ଚନ୍ଦ୍ରଠାରେ ସାନ୍ଦ୍ର ସ୍ନେହୀ ଆରଦ୍ରା କି ବସେ ।
କରେ ବିପରୀତ ରତ    ସେପରି ହୋଏ ପ୍ରତୀତ
ମିଶି ଶଶିଜ୍ୟୋତ ଅସି ପୁଲେ କି ଦିଶେ
ଜଣାଉଛି ରସିକା କର୍ଣ୍ଣ ।
ଏତା ଶୋଭା ଯଶ ହେଲାନି ସ୍ୱର୍ଗରେ ପୂର୍ଣ୍ଣ । ୧୭ ।

---

୧୬ । ଚୀନ ଚିକୁରକୁ—ସୂକ୍ଷ୍ମ ଓ ଚିକ୍‌କଣ ବାଳକୁ । ଚୀନ—ସୂକ୍ଷ୍ମ ଓ ପରସ୍ପର ଅସଂଲଗ୍ନ ହେବାରୁ ଚିକ୍‌କଣ । ଯୋଷା—ସ୍ତ୍ରୀ । ଖୋଷା—ଜୁଡ଼ା । ଚଉଁରୀ—କେଶବନ୍ଧନ ନିମିତ୍ତ ରଜ୍ଜୁବିଶେଷ (ବିଶେଷତଃ ମନୁଷ୍ୟଙ୍କର ବାଳରେ ହୋଇଥାଏ) । ଯହ୍ନ—ସୁନ୍ଦର । ରହ୍ନ ଭଉଁରୀ—ରୁପା ବା ସ୍ଫଟିକର ଖିଲ । ଗର୍ଭିକ କଳା ଚଉଁରୀ । ପ୍ରକାଶ ରୂପା ଭଉଁରୀ । କେତୁମୁଣ୍ଡ ତୁଣ୍ଡେ—ରାହୁ ପାଟିରେ । ଶରଦଶଶୀ—ଶରତ୍‌କାଳର ଚନ୍ଦ୍ର । ମାଧୁରୀ—ଶୋଭା । ଧଳା ଖିଲର କିଛି ଅଂଶ ଦେଖା ହେଉଥିବାରୁ ଚନ୍ଦ୍ରକିରଣରୁ କିଛି ପ୍ରକାଶ ପାଉଥିବାରୁ ବର୍ଣ୍ଣନା ହେଉଛି । ଅଡ଼ଖୋଷା—ଖୋଷାର ଗୁରିଆଡ଼ରେ । କୁସୁମ ତୋରୀ—ଫୁଲଶୋଭା (ଧଳା ଫୁଲ ମଲ୍ଲୀ ପ୍ରଭୃତି) । ଖୋଷାରୂପ ରାହୁ ବାଲ ଭିତରେ ରୂପାଖିଲରୂପ ଚନ୍ଦ୍ର ପଶିଥିବାରୁ; ତାର ରୂପ ଫୁଲମାନେ ଦୁଃଖରେ ହା ହା କରି ରହିଛନ୍ତି—ଏହା କବିଙ୍କ ବର୍ଣ୍ଣନା । ଖୋଷା ଭିତରେ ରୂପା ଖିଲ ଓ ଖୋଷା ଗୁରି ପାଖରେ ଧଳାଫୁଲମାନ ଖଞ୍ଜା ହୋଇଅଛି ।

୧୭ । ଗଣ୍ଡଖଣ୍ଡପର—ଗାଲର ଉପରେ । ପଦ୍ମରାଗ ତାଟଙ୍କ—ପଦ୍ମରାଗ ବା ଲାଲମଣିର କର୍ଣ୍ଣାଳଙ୍କାର ତଡ଼ିକ । ସଦ୍ମ—ଘର, ସ୍ଥାନ । ସାନ୍ଦ୍ର—ଅତ୍ୟନ୍ତ, ପୂରା । ସ୍ନେହୀ—ଅନୁରାଗୀ, ଶ୍ରଦ୍ଧାଯୁକ୍ତ । ଆରଦ୍ରା—ଆର୍ଦ୍ରାନକ୍ଷତ୍ର । ଆର୍ଦ୍ରା ନକ୍ଷତ୍ରର ଆକାର ପଦ୍ମାକୃତି । ଅର୍ଦ୍ରା ନକ୍ଷତ୍ର ଚନ୍ଦ୍ରଙ୍କ ସ୍ତ୍ରୀ । ଚନ୍ଦ୍ରରୂପ ଗଣ୍ଡଖଣ୍ଡ ଉପରେ ଆଦ୍ରାରୂପ ତାଟଙ୍କ ରହିବାରୁ

ଅଛି ବଜ୍ରମଲ୍ଲୀ କଡ଼ୀ ବିଧାତା କି ବଜ୍ରେ ଗଢ଼ି
ସୁନ୍ଦରୀ ସଂସାରେ ଇନ୍ଦ୍ର କରି ଦେଇଛି ।
ଧଇର୍ଯ୍ୟ-ବୃତ୍ରଅସୁର ନାଶ କରଣ ଏଥିର
ଥିରଗମନା କି ଥିର ହୋଇ ବହିଛି ।
କହୁଛି ଝଲକା ଝଲକ ।
ମୁହିଁ ରଖି ନାହିଁ ସୁରନେତ୍ରେ ପଲକ । ୧୮ ।
ପାନ କଲ ପୂର ତୁଣ୍ଡେ ଫୁଟି ଦିଶୁଅଛି ଗଣ୍ଡେ
ମୁକୁରେ ଜବା କୁସୁମ ପ୍ରତିବିମ୍ବେ କି ।
ଶ୍ୱାସବଶେ ଫୁଲେ ଘୋଣା ତହିଁ ନୀଳା ନାକଚଣା
ଉତ୍‌ଫୁଲ୍ଲ ତିଳଫୁଲକୁ ଭୃଙ୍ଗ ଚୁମ୍ବେ କି ।
ଥୋପି ପଡ଼େ ରଙ୍ଗ ଅଧରେ ।
ଭସ୍ମହୀନ ପକ୍ୱବିମ୍ବେ ମନ ନ ଧରେ । ୧୯ ।

---

ବିପରୀତ ରତି—ପୁରୁଷାୟିତ । ପ୍ରତୀତ—ବୋଧ । ଶଶିଜ୍ୟୋତି—ଚନ୍ଦ୍ରଙ୍କ କିରଣ ସେ ମିଶି । ଫୁଲେ—ଆର୍ଦ୍ରା ନକ୍ଷତ୍ର ଯେ ପଦ୍ମସଦୃଶ ସେଥିରେ ଦେଖାଯାଉଛି—ଏ ଅଦ୍ଭୁତ ପ୍ରତୀତି—(ବା ଆର୍ଦ୍ରାର ଜ୍ୟୋତି ସହିତ ଚନ୍ଦ୍ରଜ୍ୟୋତି ମିଶି ପ୍ରଫୁଲ୍ଲ ଭାବରେ ଦେଖାଯାଉଛି ) । ତେଣୁ ସେ ରସିକାର କର୍ଣ୍ଣ ଜଣାଉଛି ତୋ ଶୋଭାର ଯଶ ସ୍ୱର୍ଗରେ ବ୍ୟାପି ଗଲଣି ।

୧୮ । ବଜ୍ର ମଲ୍ଲୀକଡ଼ି—ହୀରାର ମଲ୍ଲିକଡ଼ି (କର୍ଣ୍ଣାଳଙ୍କାର) । ବିଧାତା—ବ୍ରହ୍ମା । ବଜ୍ରେ—ବଜ୍ରରେ । ସୁନ୍ଦରୀସଂସାରେ—ସବୁ ସୁନ୍ଦରୀମାନଙ୍କ ମଧ୍ୟରେ ଇନ୍ଦ୍ର ଶ୍ରେଷ୍ଠ କରି ରଖିଛି; ଇନ୍ଦ୍ର ବଜ୍ରଧାରୀ ଏ ମଧ୍ୟ ବଜ୍ରନିର୍ମିତ ମଲ୍ଲୀକଡ଼ି ପିନ୍ଧିଛି, ତହୁଁ ଏ ମଧ୍ୟ ଇନ୍ଦ୍ର । ଧୈର୍ଯ୍ୟ ବୃତ୍ର ଅସୁର—ଇନ୍ଦ୍ର ବୃତ୍ରାସୁରକୁ ନାଶ କରିଥିଲେ ଏ ଯୁବକଙ୍କ ଧୈର୍ଯ୍ୟ ନାଶ କରୁଛି । ଏଥିରେ—ଏହାଦ୍ୱାରା (ବଜ୍ରଦ୍ୱାରା) । ଥିରଗମନା—ଧୀରଗାମିନୀ ଲାବଣ୍ୟବତୀ । ଝଲକା-ଝଲକ—କର୍ଣ୍ଣର ଭୂଷା, ଭୂଷଣର ଯେ ଦୀପ୍ତି ମୁଁ ସୁର—ଦେବତାଙ୍କ ନେତ୍ରରେ ପଲକ ରଖି ନାହିଁ—ଦେବତାମାନେ ଦେଖିବାରେ ଲୋଭୀ ହୋଇ ନିର୍ନିମେଷ ନୟନ ହୋଇଅଛନ୍ତି—ଆଖିପତା ପକାଉ ନାହାନ୍ତି ।

୧୯ । ମୁକୁରେ—ଆରଶିରେ । ଜବାକୁସୁମ—ମନ୍ଦାର ଫୁଲ । ପ୍ରତିବିମ୍ବେ କି—ପ୍ରତିଫଳିତ ହୋଇଛି କି । ଶ୍ୱାସବଶେ—ନିଶ୍ୱାସ ସମ୍ପର୍କରୁ । ଘୋଣା—ନାକ । ଫୁଲେ—ଫୁଲି ଫୁଲି ଉଠୁଛି । ନୀଳା ନାକଚଣା—ନୀଳାରେ ଖଚିତ ନାକଚଣା । ଉତ୍‌ଫୁଲ୍ଲ—ଫୁଟିଥିବା । ତିଳଫୁଲକୁ—ଖସାଫୁଲକୁ ।

ଦମ୍ଭ-ଉଦଧି-ମନ୍ଥନ ଅଚଳ ସ୍ତନ-ଚନ୍ଦନ
ଲେପନ ହୋଇ ଶୋଭନ ବସନ ଗଳି ।
ସୁଧାକୋଷ ବେନି ଆଣି ତାକି କି କାଚଢାକୁଣି
ଭଲ ଦୟିତଭୋଗକୁ ରଖିଛୁ ବାଳୀ ।
ସ୍ଫଟିକପ୍ରାସାଦ ସଦୃଶୀ ।
ନବଘନ କାନ୍ତି ଅଛି ତହିଁ କି ମିଶି । ୨୦ ।
ଯାଜିଲ ତାଡ଼ ସଜାଡ଼ି କଡ଼ଆଲୀ ଶଙ୍ଖଚୁଡ଼ୀ
ସୁପ୍ରୀତିରେ ଯେଣୁମାରୁ କାନ୍ତି ଅଧିକା ।
ସ୍ମୀରେ ସଞ୍ଚେ କର ସ୍ଥିତ ନଖେ ମଞ୍ଜୁ ମଞ୍ଜୁଅତ
ଖଚିତ ହୋଇଛି ପୁଣି ଚନ୍ଦ୍ର ତାରକା ।
ତୁମ୍ବୀ ଦଣ୍ଡସାର ଭଆଇ ।
ବୀଣା ହେବ ଗୁଣା ଆଣି ଯାଉଛି ବହି । ୨୧ ।

---

ଭୃଙ୍ଗ—ଭ୍ରମର । (ତିଳସଙ୍ଗେ ନାସିକା, ନୀଳା ନାକଚଣା—ଭ୍ରମର) । ରଙ୍ଗ ଅଧରେ—ଲାଲ ଓଷ୍ଠରେ । ଭସ୍ମ......ଧରେ—ପାଚିଲା କଇଁଚ କାକୁଡ଼ି ଉପରେ ଭସ୍ମ ଥିଲେ ସେ ପାଉଁଶିଆ ଦେଖାଯାଏ ତାର ଲାଲ ଗୁଣ କମିଯାଏ—କବି ତର୍କଣା କରୁଛନ୍ତି—ଭସ୍ମହୀନ ପକ୍ୱବିମ୍ବ ସେ ଅଧର ସଙ୍ଗେ ସରି ନୁହେଁ ।

୨୦ । ଦମ୍ଭଉଦଧିମନ୍ଥନ—ଯୁବକଙ୍କ ଧୈର୍ଯ୍ୟରୂ ସମୁଦ୍ର ମନ୍ଥା ହେଉଛି । ଅଚଳସ୍ତନ—ପର୍ବତରୂପ କୁଚ । ଚନ୍ଦନଲେପନ ହୋଇ ଶୋଭନ—ସେଥିରେ ଚନ୍ଦନବୋଳା ହୋଇଥିବାରୁ ସୁନ୍ଦର ଦେଖାଯାଉଛି; ଚନ୍ଦନ ହେଲା ଫେଣ ବସନ ଗଳି—ତା ମଧ୍ୟରେ ବସ୍ତ୍ର କି ଖାଡ଼ୀ ପଶି ଯାଇଛି—ସେ ହେଲା ତେଜ । ସୁଧାକୋଷ—ଅମୃତଭାଣ୍ଡ । ସେଥିରେ କାଚର ଢାକୁଣି ଦେଇଛି—(ଚନ୍ଦନ ଲେପନକୁ କାଚ ଢାକୁଣି ଧରାହୋଇଛି) ଦୟିତଭୋଗକୁ—ପ୍ରିୟର ଭୋଗ ନିମିତ୍ତ । ସ୍ଫଟିକପ୍ରାସାଦସଦୃଶୀ—ଧଳା କାଚ ପଥରର ମନ୍ଦିର ତୁଲ୍ୟ । ନବଘନ କାନ୍ତି—ନୂଆ ମେଘର ଶୋଭା; (ଏଠାରେ ନୀଳ ଶାଢ଼ୀ ବା ସ୍ତନାଗ୍ର ସୂଚିତ)

୨୧ । ସୁପ୍ରୀତିରେ—ଅତ୍ୟନ୍ତ ଶ୍ରଦ୍ଧାରେ । କାନ୍ତି—ଶୋଭା । ସ୍ମୀରେ—ପିଣ୍ଡିରେ । ସଞ୍ଚେ—ସୁନ୍ଦର ଭାବରେ । କରସ୍ଥିତ—ବାମହସ୍ତ ରହିଛି ସେହି ବାମକରର ଅଙ୍ଗୁଳି ନଖରେ ମଞ୍ଜୁଳ—ସୁନ୍ଦର ଯେ ମଞ୍ଜୁଅତି, ତଦ୍ୱାରା ଚନ୍ଦ୍ର ଓ ତାରା ଖଚି ହୋଇଅଛି । ତୁମ୍ବୀ—ଲାଉ, ସେ ହେଲା

ଦରଶନେ ରୋମରାଜି ଦଣ୍ଡେ ସଂଶୟ ଉପୁଜି
କରି ନାହିଁ ବେଣୀ ଫୁଟି ଦିଶୁଛି କସ ।
ଗୁହ୍ୟ କଚ୍ଛପଜଘନ ଭାଜିଲା ସନ୍ଦେହମାନ
ଏ ଏହା ବନ୍ଧନରଜ୍ଜୁ କଲା ମାନସ ।
ଊରୁ ଦେଖି ଦୂରୁଁ ସେନେହୀ ।
ମାଂସଳ ଗଉର ପକ୍ୱ ଚୂତ କି ସୋହି । ୨୨ ।
ଶାଢ଼ୀଧଡ଼ି ପଡ଼ି ଜଡ଼ି ନିବଡ଼େ ନୀବୀ ନିବାଡ଼ି
ଅଛି କେତେ ଛନ୍ଦେ ଭିଡ଼ି ବିବେକ ଭଲି ।
କଦଳୀସ୍ତମ୍ଭବିଧର ପବି ଛବି ମନୋହର
ଚିତ୍ତ ମତ୍ତ-ଦ୍ୱିରଦ-ବନ୍ଧନ-ଶିଙ୍କୁଳି ।
ଉପମା ବୁଡ଼ାଇବ କୁଠେ ।
ଶୋଭାନଦୀ କି ଭଉଁରୀ ଦେଇ ପ୍ରକଟେ । ୨୩ ।

---

ଚିହ୍ନ । ଦଣ୍ଡସାର—ଉତ୍କୃଷ୍ଟ ବୀଣାର ଦଣ୍ଡ ହେଲା ବାମକର ଗୁଣ—ତାର ଆଣିବାକୁ ବହୁ ଯାଉଛି ଇତ୍ୟାଦି ।

୨୨ । ରୋମରାଜି ଦରଶନେ—ଉଦରସ୍ଥିତ—ସୂକ୍ଷ୍ମ ରୋମରେଖା ଦେଖି । ଦଣ୍ଡେ ସଂଶୟ ଉପୁଜି—କ୍ଷଣକାଳ ପାଇଁ ସନ୍ଦେହ ହେଲା । କରି ନାହିଁ ବେଣୀ ଫୁଟି ଦିଶୁଛି କସ—ଏ ରୋମରାଜିକୁ ତ ବେଣୀ କରି ନାହିଁ ତେବେ ଏ କଣ ପ୍ରକାଶ ପାଉଛି—ଏହାଦ୍ୱାରା ଶରୀରର ଲାବଣ୍ୟାତିଶଯ୍ୟ ସୂଚିତ ହେଲା । କଚ୍ଛପ ଜଘନ—କଇଁଛ ଆକାରର ଜଙ୍ଘ ଏଠାରେ ଜଙ୍ଘ ମଧ୍ୟସ୍ଥ ଗୁହ୍ୟପ୍ରଦେଶ । ଏ ରୋମରାଜି ନୁହେଁ—ଏ ଏହାର ବନ୍ଧନରଜ୍ଜୁ—ବାନ୍ଧିବା ଦଉଡ଼ି । ଊରୁ—ଜାନୁର ଉପରିଭାଗ । ସେନେହୀ—ସ୍ନେହୀ । ମାଂସଳ—ସ୍ଥୂଳ । ଗଉର—ଶ୍ୱେତପୀତ । ପକ୍ୱଚୂତ—ପାଚିଲା ଆମ୍ବ ପରି ଶୋହୁଛି କି ?

୨୩ । ଶାଢ଼ୀଧଡ଼ି ପଡ଼ି ଜଡ଼ି—ଶାଢ଼ୀର ଧଡ଼ି ପଡ଼ି ଲାଗି ରହିଛି । ନିବଡ଼େ—ଟାଣ କରି । ନୀବୀ—ଖୋସଣି । ନିବାଡ଼ି ଅଛି—ପକାଇ ଅଛି । କେତେ ଛନ୍ଦେ—କେତେ ପ୍ରକାରରେ । ବିବେକ—ବୁଦ୍ଧି । ଭଲି—ଅନୁସାରେ । କଦଳୀସ୍ତମ୍ଭବିଧର—କଦଳୀ ଗଛ ପରି । ପବିଛବି ମନୋହର—ସେ ନୀବୀ ହେଲା ସୁନ୍ଦର ବଜ୍ରରୂପ । ଚିତ୍ତମତ୍ତଦ୍ୱିରଦ—ମନ ହେଲା ମତୁଆଲ ହାତୀ । ବନ୍ଧନଶିଙ୍କୁଳି—ବାନ୍ଧିବା ଝିଞ୍ଜିରି । ଉପମାକୁଠେ ବୁଡ଼ାଇବ—ଉପମାନ ସମୂହକୁ ବୁଡ଼ାଇବ । ତାହୁଁ ଶୋଭାର ନଦୀ ଭଉଁରୀ ଦେଇ କି ତା ପ୍ରକାଶ କରୁଛି—ନଈର ଭଉଁରୀରେ

ନିତମ୍ବ ନିଗମ ସ୍ଥାନ          ପାଶ ପାତିଛି ମଦନ
ଧରିବାକୁ ଅକ୍ଷିପକ୍ଷୀ  କରି ମମତା ।
କଲେ କି ନୟନ ମନ          ନୀବୀନ୍ତର ତାର ସଦନ
ହେଲେ ସେ ନୀବୀସଦନ ଏ ସଂଶୟ ତା ।
ଅବକାଶ ରଖିଲା ନାହିଁ ।
ଅଙ୍ଗ ଶୋଭା ଦେଖିବାକୁ ଉତ୍କଣ୍ଣ ଯହିଁ । ୨୪ ।
ଭଜୁ ନ ଭଜୁ ବାନ୍ଧବୀ          ଅଗ ମୁଁ ନିଦ୍ରା ଭାଙ୍ଗିବି
ତନୁ ହେଲେ ଛୁଇଁଥିବି ଏ ବଡ଼ ଲାଭ ।
ଯେ ପାରେ ବାଳା ମନାଇଁ          ନିଶ୍ଚେଁ ମଞ୍ଜେ ଇନ୍ଦ୍ର ସେହି
ମନରେ ଭାବନା କରି ପରମ ଶୁଭ ।
ଜାନୁ ଧରି ଦେଲା ଝୁଲାଇ ।
ପୁଂସ-କର ଲାଗି ନିଦ୍ରା ବିନାଶ ହୋଇ । ୨୫ ।
ଉଠି ଭାଙ୍ଗନ୍ତେ ଅଳସ          କି ଶୋଭା କୁଚକଳଶ
ଠେକି ହୋଏ କି ମେରୁକୁ ଜିଣିବା ଗର୍ବେ ।
ଊର୍ଦ୍ଧ୍ୱେ ଛନ୍ଦ କରି ବେଣୀ          ଶୋଭା ଲପନକୁ ଘେନି
ଚନ୍ଦ୍ରେ କି ବିଦ୍ୟୁପରିଧି ହୋଇଲା ଏବେ ।

---

ପଡ଼ିଲେ ବୁଡ଼ିଯିବ ତାର ରକ୍ଷା ନାହିଁ—ଏ ଯେ ନାବୀ ସେ ହେଲା ଭଉଁରୀ—ଅନ୍ୟାନ୍ୟ ଉପମାନ ମାନେ ଏହା ସମକ୍ଷରେ ରସାତଳକୁ ଯିବେ ।

୨୪ । ନିତମ୍ବ—କଟି । ନିଗମସ୍ଥାନ—ଗୂଢ଼ ପ୍ରଦେଶ । ମଦନ—କାମ । ଅକ୍ଷିପକ୍ଷୀ—ଆଖିରୂପ ପକ୍ଷୀ । ମମତା—ସ୍ନେହ । ନୟନ ମନ—ଆଖି ଓ ମନ । ତାଙ୍କ ସଦନ—ଘର ବା ନାବୀର ଘର ତାଙ୍କ ଆଖି ଓ ମନ । ସଂଶୟ—ସନ୍ଦେହ । ଅବକାଶ—ମଧ୍ୟରେ ଆଉ କୌଣସି ଭାବିବା'ର ସ୍ଥାନ ବା ଅବସର । ଉତ୍କଣ୍ଣ—ଉତଳା ।

୨୫ । ଭଜୁ—ସେବୁ । ତନୁ—ଦେହ । ମଞ୍ଜେ—ମର୍ତ୍ତ୍ୟରେ । ପରମ ଶୁଭ—ଅତ୍ୟନ୍ତ ମଙ୍ଗଳ । ବିନାଶ—କ୍ଷୟ । ୨୬ । କୁଚକଳସ—ସ୍ତନରୂପ ମାଠିଆ । ମେରୁକୁ—ମେରୁପର୍ବତକୁ । ଗର୍ବେ—ଅହଙ୍କାରରେ । ଲପନ—ମୁଖ । ବିଦ୍ୟୁପରିଧି—ବିଜୁଳିର ମଣ୍ଡଳ । ଜୃମ୍ଭା—ହାଇ । ସଜ୍ଜିତ—ଶୋଭିତ । ଦରବିକଶିତ—ଦରଫୁଟା । କୋକନଦ—ରକ୍ତ ପଦ୍ମ ।

ମୁଖ ଜୃମ୍ଭାବଶେ ରାଜିତ ।
ଦରବିକଶିତ କୋକନଦ ଯେମନ୍ତ । ୨୬ ।
ନୟନେ ଚଞ୍ଚଳ ମିଶେ          ଗଣବଣା ଏଣୀ କି ସେ
ଶର ପ୍ରାୟ ଯାଇ ପୁଂସଲକ୍ଷେ ପଡ଼ିଲା ।
ସେ ସୁନ୍ଦର ପାରାବାର          ରସରତନ-ଆକର
ମୀନ ପ୍ରାୟ ହୋଇ ତହିଁ ବେଗେ ବୁଡ଼ିଲା ।
ଲାଜେ ମୁଖ ନୁଆଇଁ ଘନେ ।
ସମ୍ଭାବନା କଲା ପ୍ରାୟ କଟିଲା ଛନ୍ଦେ । ୨୭ ।
ଭାଳୁଛି ନୁହଇ ମାର          ନାହିଁ ଫୁଲଧନୁଶର
ସୁଧାକର ନୋହେ ତହିଁ କଲଙ୍କ ଅଛି ।
ଅଜ ଦେବତାମାନଙ୍କୁ          କିପାଁ ଅଣିମା ମନକୁ
ମୋହର ସୁକୃତ ଏ ପୁରୁଷ ହୋଇଛି ।
ମୋର ପୁଣି ସୁକୃତ କେତେ ।
ଶୋଭା ଜାତ ହେବାକୁ ଏମନ୍ତ ଜଗତେ । ୨୮ ।
ନିକଟେ ଗୋଲୁଲେ ହର          ମୋହନରୂପକୁ ଧର
ଥିଲେ ନାଶ କରିଛନ୍ତି ଅବନୀଭାର ।

---

୨୭ । ନୟନେ—ଚକ୍ଷୁରେ । ଚଞ୍ଚଳ—ଚଞ୍ଚଳତା । ଗଣବଣା ଏଣୀ—ପଲଛଡ଼ା ହରିଣୀ । ଶର—ତୀର । ପୁଂସଲକ୍ଷେ—ପୁରୁଷ ହେଲା ଲକ୍ଷ୍ୟ ସ୍ଥାନ । ସୁନ୍ଦର ପାରାବାର—ସୌନ୍ଦର୍ଯ୍ୟର ସମୁଦ୍ର । ରସରତନ ଆକର—ଶୃଙ୍ଗାର ରସ ହେଲା ରତ୍ନ ତାହାର ଆକର ଖଣି କି ଆଧାର । ମୀନ—ମାଛ । ସୁନ୍ଦରୀ ଆଖି ସୁନ୍ଦରଠାରେ ପଡ଼ିଲା । ଘନେ—ବେଶି କରି, ଅଧିକ ଭାବରେ । ସମ୍ଭାବନା—ସମ୍ମାନନା, ଆଦର । ଛନ୍ଦେ—ଆତୁର ହୋଇ, ବ୍ୟଗ୍ର ହୋଇ ।

୨୮ । ଭାଳୁଛି—ଭାବୁଛି । ମଦନ—କାମ । ଫୁଲଧନୁଶର—ଫୁଲଧନୁ ଓ ଫୁଲଶର—ମୌର୍ବୀ ରୋଲମ୍ବମାଲା ଧନୁରଥ ବିଶିଖାଃ କୌସୁମାଃ ପୁଷ୍ପକେତୋଃ । ସୁଧାକର—ଚନ୍ଦ୍ର । ଚନ୍ଦ୍ରରେ କଲଙ୍କ ଅଛି, ଏହାଙ୍କଠାରେ କଲଙ୍କ ନାହିଁ । ସୁକୃତି—ପୁଣ୍ୟରୁ । ଶୋଭାବନ୍ତ ପୁରୁଷ । ଜଗତେ—ସଂସାରରେ ।

ଏତେ ବେଗେ ଅବତାର          କିମ୍ପା ହୋଇବ ତାଙ୍କର
କି ମୂର୍ତ୍ତିମନ୍ତ ଉପମାଦ୍ରବ୍ୟଙ୍କ ସାର ।
ଏରୂପେ ବିଗୃହୁଁ ସୁକେଶୀ ।
କ୍ଷୀର ନୀର ପ୍ରାୟ ମନ ପୂରୁଷେ ମିଶି । ୨୯ ।
ଏକାଳେ କରକୋରକ          କରି ତରୁଣତିଳକ
ବୋଇଲା ହେ ଜୀବେଶ୍ୱରି ବିନୟ ଘେନ ।
ଚରଣେ ଅଳତା ପରି          ପଛେ ପଛେ ଥିବି ସରି
ଅନୁସରିଥିବାକୁ ମୋ ହୋଉଛି ମନ ।
ମୋତେ ଦିଅ ବସନ ଭାଗ୍ୟ ।
ହେଲିନି ସବୁମତେ ମୁଁ କୃତାର୍ଥଯୋଗ୍ୟ । ୩୦ ।
ଯେବେ ମୋର ଭାଗ୍ୟ ନାହିଁ          ତୋତେ କି ଧାରନ୍ତି ଚୁହିଁ
ବିଶେଷତଃ ପାଦ ଛୁଇଁ ଏ କଥା ଭାବ ।
ମୋ ମତେ ମୁଁ ତୋ ସେବକ          ହେଲିନି କାମପାବକ
ଜାଳିଲେ ଏହୁ ଅଯଶ କାହାକୁ ହେବ ।
ବିନୟ ପ୍ରଶଂସାକୁ ବାଣୀ ।
ନାହିଁ ମୁଁ କି କହିବି ତୁ ଦୟାଳୁମଣି । ୩୧ ।

---

୨୯ । ନିକଟେ—ଅତି ଅଳ୍ପକାଳ ପୂର୍ବେ । ଗୋକୁଳେ—ବ୍ରଜରେ । ହରି—ବିଷ୍ଣୁ, ମୋହନ ରୂପକୁ—ସମସ୍ତଙ୍କୁ ମୁଗ୍ଧ କରିବାର ଶୋଭାକୁ । ଅବନୀ—ପୃଥିବୀ । ଅବତାର—ଜନ୍ମ । ଉପମା ଦ୍ରବ୍ୟଙ୍କ ସାର ମୂର୍ତ୍ତିମନ୍ତ—ଉପମାନ, ଚନ୍ଦ୍ର, ଚନ୍ଦନାଦିଙ୍କ ସାର ପଦାର୍ଥ ସବୁ ଶରୀର ଧରିଛନ୍ତି କି ? କ୍ଷୀର ନୀର—ଦୁଧ ଓ ପାଣି ।

୩୦ । କର—ହସ୍ତ । କୋରକ—ହାତ ଯୋଡ଼ି କରି ଫୁଲକଢ଼ି ପରି କରିବା—କରପୁଟରେ । ତରୁଣତିଳକ—ଯୁବାଶ୍ରେଷ୍ଠ । ଜୀବେଶ୍ୱରୀ—ପ୍ରାଣେଶ୍ୱରୀ । ସରି—ସଦୃଶ, ପରି; ଅନୁସରି ଥିବାକୁ—ପଛେ ପଛେ ଥିବାକୁ । ବସନ ଭାଗ୍ୟ—ଲୁଗାର ଭାଗ୍ୟ, ମୋତେ ସର୍ବଦା ଆଲିଙ୍ଗନ କରିଥା—ମୋତେ ନିଜର ବସ୍ତ୍ରରୂପେ ସର୍ବଦା ଘେନିଥା । କୃତାର୍ଥ—ସଫଳ । ଯୋଗ୍ୟ—ଉପଯୁକ୍ତ ।

୩୧ । ସେବକ—କିଙ୍କର । କାମପାବକ—କନ୍ଦର୍ପ ଅଗ୍ନି । ଅଯଶ—ନିନ୍ଦା । ବିନୟ ପ୍ରଶଂସାକୁ ବାଣୀ—ବିନୟରେ ପ୍ରଶଂସା କରିବା ନିମିତ୍ତ କଥା । ଦୟାଳୁମଣି—ଦୟାଶୀଳାଙ୍କ ମଧ୍ୟରେ ଶ୍ରେଷ୍ଠ ।

ମିଥ୍ୟା ନୋହେ ନଦ୍ରାବ୍ୟାଜେ ନେନ୍ତ୍ର ଯମଦାଢ଼ ତୁ ଯେ
ରଖିଥିଲୁ ପଦ୍ମକୋଷୁଁ କରି ବହାର ।
ହୃଦୟରେ ମାରି ଓଠାରି ଯୋଗ୍ଗ ଗଲୁ ଫୁଟି କରି
ଦେଖ ମୁକୁରେ ରୁଧିରେ ସେ ଜରଜର ।
ହାସ ଅଉଷଧି ପ୍ରକାଶ ।
ନ କଲେ ନବୀନା ନଷ୍ଟେଁ ଗଲି ମୁଁ ନାଶ । ୩୨ ।
ସେ ରମଣୀ-ଚନ୍ଦ୍ରମଣି ହୋଇଲା ଏମନ୍ତ ମଣି
ଗୂଢ଼ୋକ୍ତି ଚନ୍ଦ୍ରେ ଦ୍ରବୀଭୂତ କଲା ନାଗର ।
ହାସ ପୂରିଲା ପରତେ ଶ୍ରୀମୁଖ ପ୍ରସନ୍ନ ହୋଏ
ହେଲା ଜାଣି ବଙ୍କନେତ୍ରେ ତା ସୀତ୍କାର ।
କର ଧରି ଶିରେ ଲଗାଇ ।
ବୋଲେ କରି ସୁରସିକ ପଲ୍ୟଙ୍କେ ନେଇ । ୩୩ ।
ବସ ବସାଇଲା କୋଳେ ଲପନ ଚୁମ୍ବିବା ବେଳେ
ଜେମା କରେ ଦେଲା ବେଗେ ବତନମୁଦି ।
ଜେମା କାଢ଼ି ମୋତିମାଳା ଲମ୍ବାଇଲା ପୁଂସଗଳା
ପରସ୍ପର ବରଣେ ହୋଇଲେ ପ୍ରମୋଦୀ ।
ସେ କାଳକୁ ଅସ୍ତ ଚନ୍ଦ୍ରମା ।
କୁମାର ସ୍ୱରୂପ ବାଢ଼େ ଲେଖି ପ୍ରତିମା । ୩୦ ।

---

୩୨ । ନଦ୍ରାବ୍ୟାଜେ—ନିଦ ଛଳରେ । ନେତ୍ରଯମଦାଢ଼—ଚକ୍ଷୁରୂପ ଦୁଇପାଖ ଧାରୁଆ ଲମ୍ବା ଖଣ୍ଡା । ପଦ୍ମକୋଷ—ଆଖିପତା ମଝିରୁ । ମୁକୁରେ—ଆରଶିରେ । ରୁଧିରେ—ରକ୍ତରେ । ଜରଜର—ଓଦା । ହାସ-ଔଷଧୀଶ—ହାସରୂପ ଚନ୍ଦ୍ର । ହାସ ଅଉଷଧି—ହସ ରୂପ ଔଷଧ । ପ୍ରକାଶ—ବାହାର । କର ନବୀନା—ସୁନ୍ଦରୀ ।

୩୩ । ସେ ରମଣୀ—ସେ ସ୍ତ୍ରୀ ଲାବଣ୍ୟବତୀ । ଚନ୍ଦ୍ରମଣି—ଚନ୍ଦ୍ରକାନ୍ତମଣି । ଚନ୍ଦ୍ରକାନ୍ତମଣି ଚନ୍ଦ୍ରକିରଣରେ ତରଳିଲା ପରି । ନାଗରର—ରସିକର । ଗୂଢ଼ୋକ୍ତି ଚନ୍ଦ୍ରେ—ଖୋସାମତ ରୂପ ଚନ୍ଦ୍ର ଦ୍ୱାରା । ଦ୍ରବୀଭୂତ ହେଲା—ତରଳି ଗଲା; ନିଜେ ଅଣାୟତ୍ତ ହେଲା । ପ୍ରସନ୍ନ—ପ୍ରଫୁଲ୍ଲ । ବଙ୍କନେତ୍ରେ—ବାଙ୍କ ଦୃଷ୍ଟିରେ । ସୀତ୍କାର—ଅଙ୍ଗୀକାର; ହଁ କରିବା ।

୩୪ । ଲପନ—ମୁଖ । ପ୍ରମୋଦୀ—ଖୁସି, ଆନନ୍ଦିତ । କୁମାର ସ୍ୱରୂପ—କୁମାରର ନିଜ ରୂପ । ପ୍ରତିମା—ପ୍ରତିମୂର୍ତ୍ତି ।

ଦେବୀ ଯେ ମାୟା ହରିଲ		ବୀରଙ୍କୁ ସ୍ୱପ୍ନରେ ନେଲ
ରଜନୀ ବିନାଶ ନିଦ୍ରା ସେକାଳେ ହତ ।
ବକ୍ର କର୍ମା ନ ପଢ଼ିଲ		ଏ ଦଣ୍ଡ କାହିଁକି ହେଲ
ପିଶୁନ ଧାତା କି କଲ ଦାରୁଣ କୃତ ।
ରାମ ବୋଲି ବସ୍ମୃୟୁ ହୋଇ ।
ଉପଇନ୍ଦ୍ର ବୀରବର ଏ ରସ କହି । ୩୫ ।

——

## ଦ୍ୱାଦଶ ଛାନ୍ଦ

## (ଲାବଣ୍ୟବତୀର ବିଳାପ)

ରାଗ—କଉଶିକ; କୁମୁଦକାନ୍ତ ଚକ୍ରଡଣା ବାଣୀ ।

ତେଭ ଚତୁରୀ ଗୃହିଁଲ ଜଣି ନାଶେ ପାଶେ ନାହିଁ ଦିବ୍ୟ ତରୁଣ
ମାରି ହୃଦେ ହାଥ ନାଥ ନାଥ ବୋଲି ଅତି ଉଚେ କଲ କାରୁଣ ।
ଖୋଜେ ଅଧୀରେ । ଚେତନା ହତ ସେ ବିଧିରେ ।
ଶେଯ ଲେଉଟାଇ କବରୀ ଫିଟାଇ କର ଭରି କୁଚସନ୍ଧିରେ । ୧ ।

---

୩୫ । ମାୟା ହରିଲ—କୁହୁକ ଦୂର କଲ । ହତ—ନଷ୍ଟ । ପିଶୁନ—ଖଲ, ଦୁଷ୍ଟ । ଦାରୁଣକୃତ—ନିଷ୍ଠୁର କାର୍ଯ୍ୟ ।

---

୧ । ତେଭ—ତେଣୁ । ଜଣି ନାଶେ—ରାତ୍ରି ଶେଷରେ । ଦିବ୍ୟ ତରୁଣ—ସୁନ୍ଦର ଯୁବକ । କାରୁଣ—ବିଳାପ । ଅଧୀରେ—ଚଞ୍ଚଳ ଭାବେ । ଚେତନା ହତ—ଜ୍ଞାନ ନାଶ । ସେ ବିଧିରେ—ସେ ରୀତିରେ, ସୁନ୍ଦରର ଅଦର୍ଶନ ହେବା ଅବସ୍ଥାରେ । କବରୀ—ଜୁଡ଼ା । କୁଚ ସନ୍ଧିରେ—ଦୁଇ ସ୍ତନ ମଧ୍ୟରେ । ଏହାର ଆଶୟ ଅର୍ଥ ହେଉଛି ଯେ ନାୟକର ନାମ ଚନ୍ଦ୍ରଭାନୁ;—ଶେଯ—ଦୁଧଫେଣ ପରି ଧଳା—କ୍ଷୀର ସମୁଦ୍ର ମଧ୍ୟରେ ଚନ୍ଦ୍ର ଲୁଚିଗଲେ କି ? ସମୁଦ୍ର ମଧ୍ୟରେ ଭାନୁ ମଧ୍ୟ ଅସ୍ତ ହେଲେ ବୁଡ଼ି ଯାଆନ୍ତି । ଚନ୍ଦ୍ର ଓ ଭାନୁଙ୍କୁ ରାହୁ ଗ୍ରାସ କରେ, ତହୁଁ କବରୀ ହେଲା ରାହୁ । କୁଚ ସନ୍ଧି ଖୋଜିବା ହେଉଛି—ଲୋକାଲୋକ

ପୁଣି ବୋଲଇ ହେ ଜାଣି ମୁଁ ନ ଥିଲି ଦଇବ ତୁ ଏଡ଼େ ଦାରୁଣ ।
କ୍ଷୁଧାତୁରକୁ ସୁଧାତୁଲ୍ୟ ଭୋଜନ ପରଶିଲୁ କେଉଁ କାରଣ ।
ଭୁଞ୍ଜି ବସିବା—ବେଳେ କୁଳିଶ ବୃଷ୍ଟି କଲୁ ।
ଯେବେ କଲୁ ତେବେ ପରାଣ ନ ନେଲୁ ଏଡ଼େ ବ୍ୟାକୁଳ କମ୍ପା ଦେଲୁ । ୨।
ଏ ବାଣୀ ଶ୍ରବଣେ ଶୁଣି ସଖୀଗଣେ ପଚାରିଲେ ଏ କି ବିଷୟ ।
ତାରତରଳନୟନରେ ସରଳହୃଦୟା ପୁଚ୍ଛଇଛୁ ଲୁଅ ।
ବାଳୀରତନ । ବାଳିଶ ପରାୟ ହୋଇଲୁ ।
ପୁରୁଷପଦ ଦିବାକର ଅଗମ୍ୟ ପୁରେ କାହିଁ ପ୍ରିୟ ପାଇଲୁ । ୩ ।
ବୋଲେ ନାଗରୀ ସାଗରେ ସ୍ନାନ କରି ଯେମନ୍ତ ତୃଷା ନ ତୁଟିଲା ।
କଳ୍ପତରୁରେ ଫଳ ନାହିଁ ଯେମନ୍ତ ତେମନ୍ତ ଦଶାକୁ ଘଟିଲା ।
ଦିବ୍ୟ ପୁରୁଷେ । ଆସି ରସି ବସି ମୋ ପାଶେ ।
ଅଙ୍ଗେ ଅଙ୍ଗମେଳେ ରସ ଜାତବେଳେ ବିଚ୍ଛେଦ ହୋଇଲା କି ଦୋଷେ ।୪।
ଅଳୀ ଭାଳିଲେ ଚନ୍ଦନମହୀରୁହ ପରାୟେ ଏହି ଅନ୍ତଃପୁର ।
ଉରଗ-କଞ୍ଚୁକେ ବେଷ୍ଟିତ ହେବାରୁ ଗ୍ରାବି ଦିବସେ ଭୟଙ୍କର ।

---

ପର୍ବତରେ ଚନ୍ଦ୍ର ଓ ଭାନୁ ଅସ୍ତ ଗଲେ ରହନ୍ତି । ବା ତୁଳାରାଶିକୁ ଚନ୍ଦ୍ର ଓ ସୂର୍ଯ୍ୟ ଗଣ କରନ୍ତି ତହୁଁ ତୁଳିକା—ଶେଯ, ଓଲଟାଇଲା ତା ଭିତରେ ଥାଇ ପାରନ୍ତି ; ମେଘ କବରୀ ଆକାରର—ତନ୍ମଧ୍ୟରେ ଚନ୍ଦ୍ରଭାନୁ ଅଛନ୍ତି କି ? ଇତ୍ୟାଦି—ଦଶ ଦଶା ମଧ୍ୟରୁ—ଏ ଉନ୍ମାଦ ଦଶା ।

୨ । ଦାରୁଣ—ନିଷ୍ଠୁର । କ୍ଷୁଧାତୁରକୁ—ଭୋକିଲାକୁ । ସୁଧା ତୁଲ୍ୟ—ଅମୃତ ପରି । ଭୁଞ୍ଜି ବସିବା—ଖାଇବସିବା । କୁଳିଶ—ବଜ୍ର । ବ୍ୟାକୁଳ—ବ୍ୟାକୁଳତା । ଦେଲୁ—"କଲୁ ମଧ୍ୟ ପାଠାନ୍ତର" ।

୩ । ତାରତରଳ ନୟନରେ—ଉଜ୍ଜ୍ୱଳ ଚଞ୍ଚଳ ଚକ୍ଷୁରେ । ବା ତାର—ନକ୍ଷତ୍ର ପରି ଦୀପ୍ତିରେ ଛଳ ଛଳ ଚକ୍ଷୁରେ । ବାଳୀରତନ—ନାରୀଶ୍ରେଷ୍ଠ । ବାଳିଶ—ମୂର୍ଖ । ପୁରୁଷ ପଦ—ଅନ୍ୟ ପୁରୁଷର ସ୍ଥାନ । ଦିବାକର ଅଗମ୍ୟ ପୁରେ—ଯେଉଁ ନଅରରେ ସୂର୍ଯ୍ୟଙ୍କର କିରଣ ପଡ଼େ ନାହିଁ । ପ୍ରିୟ—କାନ୍ତ । ବା ପୁରୁଷ ପଦ—ଦିବ କର—ଅଣ୍ଡିରା କାନ୍ତ ।

୪ । ନାଗରୀ—ସ୍ତ୍ରୀ । ସାଗରେ—ସମୁଦ୍ରରେ । ତୃଷା—ଶୋଷ । କଳ୍ପତରୁରେ—କଳ୍ପ ଇଚ୍ଛାପ୍ରଦ ତରୁ—ବୃକ୍ଷ ; ଯେଉଁ ବୃକ୍ଷ ଅଭୀଷ୍ଟ ପ୍ରଦାନ କରେ ସେଥିରେ ଫଳ ନ ଥିବା ଅସମ୍ଭବ । ଦିବ୍ୟ—ଅତି ସୁନ୍ଦର । ରସଜାତବେଳେ—ସମ୍ଭୋଗାବସରରେ । ଅଙ୍ଗ—ଦେହ । ବିଚ୍ଛେଦ—ବିରହ । ୫ । ଅଳୀ—ସଖୀ । ଚନ୍ଦନମହୀରୁହ—'ଚନ୍ଦନ

ଅଛୁ ତହିଁରେ । ପବନର ମାନ ସ୍ମରଣ ।
ଏ କେଉଁ ଦେବତରେ ଗମ୍ୟ ହୋଇଥିବ ଭେଦ ତ ନ ଥିବ ମନୁଷ୍ୟ ।୫।
କେମାକୁ ପୁଚ୍ଛିଲେ ତାଣ୍ଡବଚନ୍ଦ୍ରକୁ ଦେଖିଛୁ ତ ଶିବସଦନେ ।
ତହୁଁ କେଉଁ ଦେବେ ବଶ ହେଲୁ ଏବେ କି ଅବା ରସିଲୁ ମଦନେ ।
ଶୁଣି ସୁନ୍ଦରୀ । ଶିର କମ୍ପାଇ କଲା ନାହିଁ ।
ଧାତ୍ରୀପୁତ୍ରୀ ମନ୍ତ୍ରୀସୁତାକୁ ବୋଇଲା ସ୍ୱପନରେ ଭୁଲ କପାଇଁ ।୬।
ଚିକୁରଶୋଭୀ ମୁକୁର ପ୍ରତିବିମ୍ବ ଆଲିଙ୍ଗନେ ଯେବେ ଆସିବ ।
ମୃଗତୃଷ୍ଣା ଜଳ ତୃଷ୍ଣାକୁ ନାଶିବ ସ୍ୱପ୍ନ ତେବେ ସତ ଦଶିବ ।
କହେ ସଚିବ—ସୁତା ସବୁ ବଡ଼ ଦଇବ ।
ଯାହା ମନେ ଥିଲା ଅଗାଧ ସମୁଦ୍ର ଚଳୁଭିତରେ ସମ୍ଭାଇବ ।୭।

---

ଗଛ । ଅନ୍ତଃପୁର—ରାଜାଙ୍କ ନଅର । ଉରଗ କଞ୍ଚୁକେ—ସାପକାତି-ଦ୍ୱାର । ବେଷ୍ଟିତ—ଆବୃତ । ଚନ୍ଦନ ଗଛରେ ସାପମାନେ ଥାନ୍ତି, ଏ ଅନ୍ତଃପୁରରେ ସର୍ପରୂପ ଅନ୍ତଃପୁରାଧ୍ୟକ୍ଷ ପ୍ରହରୀମାନେ ସର୍ବଦା ଜାଗ-ତିଆର ଅଛନ୍ତି । ଏ......ମନୁଷ୍ୟ—ଏ ସ୍ଥାନକୁ ମନୁଷ୍ୟ ଆସି ପାରିବ ନାହିଁ କୌଣସି ଦେବତା ହେଲେ ଆସିଥିବ । ଉରଗ କଞ୍ଚୁକେ—ଉରଗତ ହୋଇଅଛି କଞ୍ଚୁକ ଲୋହା ସାଞ୍ଜୁ ଯାହାଙ୍କର ଏପରି ଯେ ବୀର ପୁରୁଷ ତାଙ୍କ ଦ୍ୱାରା ବେଷ୍ଟିତ—ସୁରକ୍ଷିତ ।

୬ । ତାଣ୍ଡବ ଚନ୍ଦ୍ର—ମହାଦେବଙ୍କ ତାଣ୍ଡବ ନୃତ୍ୟ ସମୟରେ ସର୍ବ ଦେବଗଣ ଉପସ୍ଥିତ ଥାନ୍ତି—ସେହି ଚନ୍ଦ୍ର । ଶିବସଦନେ—ମହାଦେବଙ୍କ ମନ୍ଦିରରେ । ଶିର କମ୍ପାଇ—ମୁଣ୍ଡ ହଲାଇ । ଧାତ୍ରୀପୁତ୍ରୀ—ଧାଈ ଝିଅ । ମନ୍ତ୍ରୀସୁତାକୁ—ମନ୍ତ୍ରୀ ଝିଅକୁ ।

୭ । ଚିକୁରଶୋଭୀ—ଅତି ସୁନ୍ଦର କେଶରେ ଶୋଭା ପାଉଥିବା ସୁନ୍ଦରୀ ସ୍ତ୍ରୀ । ମୁକୁର ପ୍ରତିବିମ୍ବେ—ଆରଶିରେ ପ୍ରତିଫଳିତ ହେଲେ, ଦର୍ପଣରେ ଦେଖା-ଯିବା । ମୃଗତୃଷ୍ଣା ଜଳ—ମରୀଚିକା ପାଣି । ଆରଶିରେ ଦେଖାଯିବା ସୁନ୍ଦରୀ ଯେବେ ଆଲିଙ୍ଗନ କରିବ, ମୃଗତୃଷ୍ଣା ଜଳ ଶୋଷ ଯେବେ ନିବାରିବ, ତେବେ ସ୍ୱପ୍ନକଥା ସତ ହେବ । ସଚିବସୁତା—ମନ୍ତ୍ରୀଝିଅ । ଅଗାଧ ସମୁଦ୍ର........ସମ୍ଭାଇବ—ଅଗସ୍ତି ଋଷି ସପ୍ତ ସମୁଦ୍ର ଜଳକୁ ଚଳୁ କରି ଦେଇଥିଲେ—ପାନ କରି ଦେଇଥିଲେ । ସେ ଜଳକୁ ଚଳୁରେ—ଗଣ୍ଡୁଷରେ ଧରିଥିଲେ । ସପ୍ତ ସମୁଦ୍ର ଜଳ ଚଳୁରେ ତ ରହିଥିଲା—ସେହିପରି ଦଇବବଳରେ ଅସମ୍ଭବ ସମ୍ଭବ ହେବ ।

ସେ ପୁଣି ବୋଇଲା ସେ କଥା ସେରୂପେ ଏ କଥା କୁଜ୍‌ଝଟିପ୍ଳବନ ।
ପବନଙ୍କୁ  ପାଶ ପାଡି ବସିଥିଲେ ସେ କାହିଁ ହୋଇବ ବନ୍ଧନ ।
ପୁଣି ଯେ କହେ । ଉଷା ଅନିରୁଦ୍ଧ କେମନ୍ତ ।
ସେ ବୋଲେ ସତେ ଯଦୁପୁରେ ସେ ଥିଲା ଜାଣିଲି ଏ କାହିଁ ସମ୍ଭୂତ ।୮।
ପରିମଳା ନାମେ ସଜଣୀ ବୋଇଲା ଏକେମାକୁ ଅନାଇଁ ସଖୀକି ।
ଅଛି ଥାଉଁ ଦେଖି ନ ପାର ସଙ୍କେତ ଭୋଳ ହୁଅ କାହିଁ ପାଇଁକି ।
ନୋହେ ସ୍ୱପନ । ସତ ଗୁହ୍ୟ କି ନା ବାଳାକୁ ।
କହୁଁ ଦେଖିବାର ଏ ମାୟା ହେଲେ ହେବ ଲଭିଛି ବଲ୍ଲଭଲୀଳାକୁ ।୯।
ଗଣ୍ଡମଣ୍ଡଳ ପାଟଳ ଚୁମ୍ବିବାରେ ତାମ୍ବୂଲବୋଳ ତ ଲାଗିଛି ।
ପାନବଶରେ ରଦବାସ ବିଶେଷ ଶୋଭା-ଦନ୍ତଘତେ ଭାଜିଛି ।
ଚନ୍ଦ୍ର ଚନ୍ଦନ । ଠାଏବେ ଠାବେ ଅଙ୍ଗେ ଜଡ଼ିଛି ।
କାମକାତରେ ଭିଡ଼ିଛି ଉରଜରେ କଙ୍କଣ ପଦରେ ପୀଡ଼ିଛି ।୧୦।

---

୮ । ସେରୂପେ—ସେହିଭଳି । କୁଜ୍‌ଝଟି ପ୍ଳବନ—କୁହୁଡ଼ି ପହଁରିବା । ଉଷା ଅନିରୁଦ୍ଧ କେମନ୍ତ—ବାଣାସୁର କନ୍ୟାର ଶୟନଗୃହରେ ଶ୍ରୀକୃଷ୍ଣଙ୍କ ନାତି ଶାମ୍ବଙ୍କ ପୁଅ ଅନିରୁଦ୍ଧଙ୍କର ପ୍ରବେଶ ଓ ଉଭୟଙ୍କର ପତିପତ୍ନୀ ରୂପରେ ରହିବା ତ ଅତି ଅଦ୍ଭୁତ ବିଷୟ । ଅନିରୁଦ୍ଧ ତ ଯଦୁପୁରେ—ଦ୍ୱାରକାରେ ଥିଲେ । ସେ କପରି ଏ ଅନ୍ତଃପୁରରେ ସମ୍ଭୂତ—ଜାତ, ଉପସ୍ଥିତ ହେଲେ । ଅନିରୁଦ୍ଧଙ୍କୁ ମାୟା କନ୍ୟା ହରଣ କରି ଉଷାପୁରରେ ପହଞ୍ଚାଇଥିଲା ।

୯ । ସଙ୍କେତ—ଚିହ୍ନ । ବଲ୍ଲଭଲୀଳାକୁ—ସ୍ୱାମୀସମ୍ଭୋଗକୁ ।

୧୦ । ଗଣ୍ଡମଣ୍ଡଳ—ଗାଲ । ପାଟଳ—ଲାଲ । ତାମ୍ବୂଲବୋଳ—ପାନରସର ଚିହ୍ନ । ପାନବଶରେ—ଅଧରପାନ ଇଚ୍ଛାରେ ବା ବଳରେ । ରଦବାସ—ଓଷ୍ଠ । ବିଶେଷ ଶୋଭା—ଅତ୍ୟନ୍ତ ରମଣୀୟତା । ଦନ୍ତଘତେ—ଦନ୍ତଘାତରେ । "ଭାଜିଛି" ପାଠରେ ଶୋଭା କମି ଯାଇଛି । "ଦନ୍ତଗତେ ହୋଇଛି" ପାଠାନ୍ତର—ଅର୍ଥ ସଙ୍ଗତ ନ ଥିବାରୁ ଏ ପାଠ ପ୍ରାମାଦିକ । ଚନ୍ଦ୍ର—କର୍ପୂର । ଜଡ଼ିଛି—ଲାଗି ରହିଛି । କାମକାତରେ—କନ୍ଦର୍ପ ଭୋଳରେ । କଙ୍କଣ ପଦରେ ପିଡ଼ିଛି—କଙ୍କଣ ଦାଗ ଗୋଡ଼ରେ ବସିଛି ।

ଛୁଇଁ ମା ବେଳରେ ଶ୍ରୀଅଙ୍ଗ ଜେମାର ଦେଇଥିବ ସିନା ଆଦରେ ।
ଯଉଁ ମୁଦ୍ରିକା ଅନାମିକାମଣ୍ଡନ କେହି ଦେଖିଛ କି ଏ ପୁରେ ।
ଯହୁଁ ଦେଖାଇ । ଏରୂପେ ସଙ୍କେତ ନିକର ।
ଏକାଳେ ଜଣେ ଗୃହିଁ ବୋଲେ ବାଡ଼କୁ ସେ ପତ୍ର ଏ ଚିତ୍ର ସୁନ୍ଦର ।୧୧।
ଉପମାସୃଷ୍ଟି ଦୃଷ୍ଟି କରି ବିମ୍ବୋଷ୍ଠୀ ଦୁର୍ଲ୍ଲଭ ବଲ୍ଲଭରୂପକୁ ।
ଦେଖି ଭାଳିଲେ ପରମେଷ୍ଠୀ କୋଟିଏ କଲ୍ପ ଗୋଟିଏ କନ୍ଦର୍ପକୁ ।
ସର୍ବ ସଜନୀ । ଅନିମିଷ ହୋଇ ରହିଲେ ।
ନୋହିଲେ କାହିଁକି ଜଗତମୋହିନୀ ମନକୁ ମୋହିଲା କହିଲେ ।୧୨।
ପ୍ରବୋଧ କଲେ ଏ ବିଧିରେ ସଧୀରେ ବୁଦ୍ଧିରେ ଦେଖାଇ ପ୍ରମାଣ ।
ପୁରୁଷପଦେ ଏହାକୁ ସ୍ତ୍ରୀପଦେ ତୋତେ କଲା ଧାତା ନିର୍ମାଣ ।
ଆଉ ଆନରେ । ସଙ୍ଗତ କାହୁଁ ଭିଆଇବ ।
ତୁଲାପାତେ ଊଣା ଅଧିକ ପଦାର୍ଥ ପଡ଼ିଲେ କି ସମେ ରହିବ ।୧୩।
ଏତେ କହି ଦେଲେ ନିତକ ବତାଇ ସେ ଦିନୁ ବହିଲା ଷୀଣକୁ ।
ସ୍ୱପନସଙ୍ଗ ପ୍ରସଙ୍ଗ ଚିନ୍ତି ଚିତ୍ତ ଗୃହିଂ ହରୁଥାଏ ଦିନକୁ ।
ନିଦ୍ରା ହେବାକୁ । ଶରଧା ହୋଏ ଏହା ଭାବି ।
ପୁଣି ସେ ପୁରୁଷପାଶକୁ ଅଇଲେ ଅଞ୍ଚଳେ ଅଞ୍ଚଳ ବାନ୍ଧିବି ।୧୪।

---

୧୧ । ମୁଦ୍ରିକା—ମୁଦି । ଅନାମିକା—କାଣିଆଙ୍ଗୁଠି ପାଖ ଆଙ୍ଗୁଠି; ମୁଦି—ଆଙ୍ଗୁଠି; ସଙ୍କେତ ନିକର—ଚିହ୍ନସବୁ । ବାଡ଼କୁ—କାନ୍ଥକୁ । କାନ୍ଥରେ ରାଜକୁମାର ମୂର୍ତ୍ତି ଅଙ୍କିତ ହୋଇଥିବାରୁ ।

୧୨ । ଉପମାସୃଷ୍ଟି—ଉପମାନ ସବୁ; ଚନ୍ଦ୍ର, ପଦ୍ମ ପ୍ରଭୃତି । ବିମ୍ବୋଷ୍ଠୀ—ବିମ୍ବ ସଦୃଶ ଓଷ୍ଠ ଯାହାର ସେ ଲାବଣ୍ୟବତୀ । ଦୁର୍ଲ୍ଲଭ ବଲ୍ଲଭ ରୂପକୁ—ଦୁଷ୍ପ୍ରାପ୍ୟ ପ୍ରିୟମୂର୍ତ୍ତିକୁ । ପରମେଷ୍ଠୀ—ବ୍ରହ୍ମା । କୋଟିଏ କନ୍ଦର୍ପକୁ—କୋଟି କୋଟି କନ୍ଦର୍ପର ଲାବଣ୍ୟରେ ଏହି ନାଗରକୁ ଗୋଟିଏ କରି ନିର୍ମାଣ କରିଛି । ସଜନୀ—ସଖୀ । ଅନିମିଷ—ଆଖିପତା ନ ପକାଇ ।

୧୩ । ପ୍ରବୋଧ—ସାନ୍ତ୍ୱନା । ବିଧିରେ—ରୀତିରେ । ସଧୀରେ—ଧୀରଭାବରେ । ଧାତା—ବିଧାତା । ସଙ୍ଗତ—ମେଳନ । ଭିଆଇବ—ବିଧାନ କରିବ । ତୁଲାପାତେ—ତରାଜୁରେ । ଗୋଟିଏ ପାଖରେ ହାଲୁକା ଅରପାଖରେ ଓଜନିଆ ପଦାର୍ଥ ଦେଲେ ସମାନ ଓଜନ ତ ହେବ ନାହିଁ । ତହୁଁ ତୁମେ ଦୁହେଁ ପରସ୍ପରକୁ ସମାନ ।

୧୪ । ନିତ—ନିତ୍ୟକର୍ମ; ପ୍ରାତଃକୃତ୍ୟ । ଷୀଣକୁ—କୃଶତାକୁ । ସ୍ୱପନସଙ୍ଗ—ସ୍ୱପନରେ ମିଳନ ହେବା । ପ୍ରସଙ୍ଗ—ବିଷୟ । ଦିନକୁ ହରୁଥାଏ—କାଳ କଟାଉଥାଏ । ଅଞ୍ଚଳ—କାନି ।

ବିରହ ଅଧିକ ଧିକ କଲା ବେଣୀ ହାର ଭାର ଧରଣୀଶୟନ ।
ଅପଘନେ ଘର କଲା ସ୍ମରଜ୍ୱର ନୀରପୂର ହେଲା ନୟନ ।
ମହା ଆକୁଳ । ଜନିତ ହୋଇଲା ନିରତେ ।
ସ୍ତୋକ ସ୍ତୋକ କରି ତନୁକୁ କାଟିଲା ମଦନ ବସାଇ କରତେ ।୧୫।
ବୋଲଇ ସଖି ରେ ବିଚିତ୍ର ନାଗର-ସ୍ନେହସାଗରେ ନିମଜ୍ଜିଲି ।
ଅବଶ୍ୟ ଲଭିବି ଭାବରତନକୁ ଏମନ୍ତ ଚିତ୍ତରେ ହେଜିଲି ।
ଏତେ ବେଳକୁ । ଜୀବନ ଆଶାକୁ ଛାଡ଼ିଲି ।
କାମଭ୍ରମେ ପଡ଼ି କରମବଶରେ ସ୍ଥଳ ନ ପାଇ ମୁଁ ବୁଡ଼ିଲି ।୧୬।
ଯିବାକୁ ଜୀବ ଶୋଚନା ହୋଇ ନାହିଁ ଏହି କଥାକୁ ମନେ ଭାବି ।
ସାଗର ଝାସ ଫଳ ନିକି ବିଅର୍ଥ ହେବ ମନାସିବା ପାଇବି ।
କୃପା କରି କି । ଅଜ କର୍ଣ୍ଣଧାର ହୋଇବ ।
କଲା କଥା ଯେହୁ ଅନ୍ୟଥା କରନ୍ତି ଏମନ୍ତ ଦାରୁଣ ଦଇବ ।୧୭।
ସଖୀ କହିଲେ ଦୁଃଖ ସହି ଧଇର୍ଯ୍ୟ ହେଲେ କାର୍ଯ୍ୟ ଲଭି ଅବଶ୍ୟ ।
ହରି ଅରଘାତ ସହି ରହିଲାକୁ ରାହୁ ପିଇଛନ୍ତି ପୀୟୂଷ ।

---

୧୫ । ଅଧିକ— ପ୍ରବଳ । ଧିକ—ତୁଚ୍ଛ । ହାରି—ହାର । ଭାରି—ବେଣୀ ରଚନା । ଧରଣୀଶୟନ—ଭୂମିରେ ଶୋଇବା । ଅପଘନେ—ଦେହରେ । ସ୍ମରଜ୍ୱର—କନ୍ଦର୍ପଦାହ ବା ପୀଡ଼ା । ନୀରପୂର—ଲୋତକପୂର୍ଣ୍ଣ । ନିରତେ—ସବୁବେଳେ । ସ୍ତୋକ ସ୍ତୋକ—ଅଳ୍ପ ଅଳ୍ପ, ଟିକି ଟିକି କରି । ତନୁକୁ—ଦେହକୁ ।

୧୬ । ସ୍ନେହସାଗରେ—ପ୍ରେମ ସମୁଦ୍ରରେ । ମଜ୍ଜିଲି—ବୁଡ଼ିଲି । ଭାବରତନକୁ—ପ୍ରେମରୂପ ରତ୍ନକୁ । ହେଜିଲି—ବିଚାରିଲି । ଲୋକ ସମୁଦ୍ରରେ ବୁଡ଼ି ରତ୍ନ ଖୋଜି ଆଣେ, ମୁଁ ସେହିଭଳି ପ୍ରେମସମୁଦ୍ରରେ ବୁଡ଼ିଲି ପ୍ରେମରତ୍ନକୁ ପାଇବା ଆଶାରେ, କିନ୍ତୁ କାମଭ୍ରମେ—କନ୍ଦର୍ପର ଭଉଁରୀରେ ପଡ଼ି କରମବଶରେ—ଦୁର୍ଭାଗ୍ୟବଶତଃ । ସ୍ଥଳ—ଅଣ୍ଟାଏ ନ ପାଇ ।

୧୭ । ଶୋଚନା—ଦୁଃଖ, ସାଗର—ସମୁଦ୍ର । ଝାସ—ବୁଡ଼ିବା । ବିଅର୍ଥ—ନିଷ୍ଫଳ । କର୍ଣ୍ଣଧାର—ନାବିକ । ଦାରୁଣ—ନିଷ୍ଠୁର ।

୧୮ । ହରି—ବିଷ୍ଣୁଙ୍କ । ଅରଘାତ—ଚକ୍ରାଘାତ । ପୀୟୂଷ—ଅମୃତ । ତୃଷାର୍ତ୍ତୀ—ଶୋଷୀ । ମଙ୍ଗଳ ଚଳନେ—ମଙ୍ଗଳଗ୍ରହ ଚଳିଲେ ଘୋର ବର୍ଷା ହୁଏ । ଘନ—ମେଘ । ଅମୃତ ବଣ୍ଟନ ସମୟରେ ରାହୁ ଛଦ୍ମବେଶରେ ଦେବତାଙ୍କ ସଙ୍ଗରେ

ତୁ ଯେ ତୃଷାର୍ତ୍ତୀ—ମୃତକୀ ତୋ ତୃଷା ହରବ ।
ମଙ୍ଗଳ ଚଳନେ ଜ୍ଞ ଜୀବନ କି ଜଳ ବରଷା ନ କରବ ।୧୮।
ଏକାଳେ ବଳୟଶୋଭୀ କୁବଳୟନୟନୀ ମଳୟ ସମୀରେ ।
ଛଳେ ଭୋଗୀ ପ୍ରୀତି ତୁମ୍ଭଙ୍କୁ ବୋଲୁଛି ସେହି ଗୁଣ ବହ ମୋଠାରେ ।
ଅହେ ପବନ । ବୋଲାଅ ଜଗତଜୀବନ ।
ଏବେ ମୋ ଜୀବନ ନେବାକୁ ହୋଇଛ ଯଥା ସନ୍ନିପାତେ ଜୀବନ ।୧୯।
ଯହିଁ ତହିଁ ତୋତେ ମଧୁକାଳ ହୋଏ ଦକ୍ଷିଣ ଶବଦ ପ୍ରକଟ ।
ସେତୁ ହେତୁରେ ଯେଉଁମାନେ ରଖିଲେ କି ନନ୍ଦବ ସେ ତ ମର୍କଟ ।

---

ବସିଥିଲା; କର୍ଣ୍ଣୟ ହୋଇ ବସିଥିବାରୁ ସୁଦର୍ଶନ ଚକ୍ରଦ୍ୱାରା ବିଷ୍ଣୁ ତା ଶିରଚ୍ଛେଦନ କଲେ, କିନ୍ତୁ ତାର ଧୈର୍ଯ୍ୟ ଥିବାରୁ ସେହି କେବଳ ଅସୁରଙ୍କ ଭିତରେ ଅମୃତ ଖାଇଲା ।

୧୯ । ବଳୟଶୋଭୀ—ହାତ ବଳାରେ ଶୋଭା ପାଉଛି ଓ କୁବଳୟନୟନୀ—ନୀଳପଦ୍ମ ସଦୃଶ ନୟନ ଯାହାର ଏପରି ଯେ ଲାବଣ୍ୟବତୀ ସେ ମଳୟ ସମୀରେ—ଦକ୍ଷିଣା ପବନକୁ ଛଳ କହୁଛି । ଭୋଗୀ ପ୍ରୀତି—ଭୋଗୀଜନଙ୍କର ତୋଠାରେ ପ୍ରୀତି ପୁଣି ଭୋଗୀ ଯେ ସର୍ପ ତାଙ୍କର ତୋଠାରେ ପ୍ରୀତି । ସର୍ପ ପବନ ଭକ୍ଷଣ କରିବା ହେତୁ । ସେହି ଗୁଣ ମୋଠାରେ ବହ—ସର୍ପର ହିଂସ୍ରକ ଗୁଣ ତାହାକୁ ମୋଠାରେ ବହୁଛ ବା ତାହାର ସଂସର୍ଗଗୁଣକୁ ଆଚରୁଛ । ଅହେ ପବନ, ତୁମ୍ଭେ ଜଗତଜୀବନ—ସଂସାରର ପ୍ରାଣ ଏବେ ମୋର ଜୀବନ ନେବାକୁ ହେଉଛ । ଜୀବନ—ଜଳ । ସେ ଜୀବମାନଙ୍କର ଜୀବନ । ସେ ଯେପରି ସନ୍ନିପାତ ବିକାରରେ ଜୀବନକୁ ନିଏ ସେହି ପ୍ରକାରରେ ପବନ ଜୀବନ ହୋଇ ଏ ଅବସ୍ଥାରେ ମୋର ଜୀବନକୁ ନେଉଛୁ ।

୨୦ । ଯହିଁ ତହିଁ—ଯେ କୌଣସି ସ୍ଥାନରେ । ମଧୁକାଳ ହୋଏ—ବସନ୍ତକାଳ ହେଲେ । ତୋତେ—ତୋଠାରେ । ଦକ୍ଷିଣ ଶବ୍ଦ ପ୍ରକଟଇ, ଏ ଦକ୍ଷିଣ ପବନ ଏମନ୍ତ କୁହାଯାଏ । କିନ୍ତୁ ପ୍ରକୃତରେ ତୁ ଦକ୍ଷିଣ ନୋହୁ କିନ୍ତୁ ବାମ, ସେହି ହେତୁରେ—ସମୁଦ୍ର ବନ୍ଧନ କରିବା କାରଣରେ ମଳୟ ପର୍ବତକୁ ଉପାଡ଼ି ନ ନେଇ ରଖିଲେ ସେମାନେ ତ ମର୍କଟ ତାଙ୍କୁ କିଣ ନିନ୍ଦିବ; ସେ ତ ମର୍କଟ—ମାଙ୍କଡ଼ ବୁଦ୍ଧିହୀନ, ବିଜ୍ଞ ନୁହନ୍ତି । ଏହିହେତୁ ମଳୟ ପର୍ବତକୁ ରଖିଲେ । ମଳୟ ପର୍ବତ ଯେବେ ବନ୍ଧରେ ପୋତା ହୋଇ ଥାଆନ୍ତା ତୁ ଆଜି କାହିଁ ଜାତ ହୋଇ ଆସନ୍ତୁ । ଯେଣୁ କରି ତୁ ତନୁକୁ ପୋଡ଼ୁଛୁ । ତୁ ମନ୍ଦ ହେବାରୁ ତେଣୁ ମନ୍ଦ ମରୁତ ବୋଲୁଛି । ତୁ ପବନ

ମନ୍ଦ ମରୁତ । ବୋଲୁଛୁ ଯେଣୁ ତନୁ ପୋଡ଼ୁ ।
ଦେବତା ହୋଇଲେ ପୁଣି ମାତାଗୁଣ ରାବଣ ପରାୟେ ନ ଛାଡ଼ୁ ।୨୦।
ଲାଗିଲେ କିମ୍ପା ବ୍ୟଥିତ ନ କରୁ କାଳେ ବୋଲାଉ ଖଣ୍ଡଭୂତ ।
ଏତେକ ବିବେକ ଇନ୍ଦ୍ରର ନୋହିଲା ଦେହରୁ ହେବ ବଳବନ୍ତ ।
ଜଳ ପବନ । ଏକ ସିନା ସ୍ତୁତି ନ ଘେନ ।
ରାମଠାରୁ ଜଣାଯାଉଛି ନିସତ ହେବ ଗଲାକାଳେ ଜୀବନ ।୨୧।

---

ଦେବତା କିନ୍ତୁ ତୁ ମାତା ଦିତିର ଗୁଣ ( ଅସୁରୀ ଗୁଣକୁ ) ବହୁଛୁ; ଯେପରି ରାବଣ ସୁମାଳୀ ଦୈତ୍ୟର କନ୍ୟା ନିକଷାର ଗୁଣକୁ ବହିଲା । ପିତା ବିଶ୍ରବାର ଗୁଣ ଗନ୍ଧ କିଛି ରାବଣର ନ ଥିଲା; ସେହିପରି ରେ ପବନ ତୁ କଶ୍ୟପଙ୍କର ପୁତ୍ର ହେଲେହିଁ ତୁ ତୋର ମାତା ଅସୁରୀ ଦିତିର ଗୁଣକୁ ବହୁଛୁ ତେଣୁ ପରର ଅନିଷ୍ଟ କରୁଛୁ ।

୨୧ । ଲାଗିଲେ—ରେ ପବନ ତୁ ଦେହରେ ଲାଗିଲେ । ବ୍ୟଥିତ—ପୀଡ଼ିତ । ଖଣ୍ଡଭୂତ—ଖଣ୍ଡିଆ ଶରୀର । ଦିତି ଗୋଟିଏ ବଳବନ୍ତ ପୁତ୍ର ଲାଭ କରିବା ନିମନ୍ତେ କଶ୍ୟପଙ୍କୁ ପ୍ରାର୍ଥନା କରିଥିଲେ; ତହୁଁ ସେ ସନ୍ତୁଷ୍ଟ ହୋଇ ଦିତିଙ୍କୁ କହିଲେ ତୋର ବଳବନ୍ତ ପୁତ୍ର ହେବ କିନ୍ତୁ ତୁ ମଦନ ଏକାଦଶୀ ବ୍ରତ ପାଳନ କରିବୁ । ଦିତି ବ୍ରତ ପାଳନ କରି ରହିଲେ । ତାଙ୍କ ଗର୍ଭାବସ୍ଥାରେ ଥରେ ତାଙ୍କ ମୁଣ୍ଡବାଳ ଭୂଇଁରେ ପଡ଼ିଲାରୁ ଇନ୍ଦ୍ର କପଟରେ ତା ପେଟରେ ପଶି ଗର୍ଭକୁ ସାତଖଣ୍ଡ କରି କାଟିଲେ—ସେ ଶିଶୁମାନେ କାନ୍ଦିଲେ, ପୁଣି ପ୍ରତ୍ୟେକ ଖଣ୍ଡକୁ ୭ ଖଣ୍ଡ କରି କାଟିବାରୁ ସେମାନେ ୪୯ ଖଣ୍ଡ ହେଲେ । ଦିତିଙ୍କ ଚେତନା ଆସିବାରୁ ସେ କାଳେ ଅଭିଶାପ ଦେବେ, ତହୁଁ ଇନ୍ଦ୍ର ତାଙ୍କୁ ପ୍ରାର୍ଥନା କଲା; ସେ ଇନ୍ଦ୍ରଙ୍କୁ କହିଲେ ଦୈବର ଗତି ଅଲଙ୍ଘନୀୟ, କିନ୍ତୁ ସେମାନେ ବଳବନ୍ତ ହୋଇ ତୋ ସଙ୍ଗରେ ବରାବର ରହିବେ । ଏତେକ ବିବେକ—ଏତେକ ବିଚାର । ଦେହୀ ବା ଦେହ ହେବାରୁ—ଦେହ ରହିଲେ ବଳବାନ ହେବ, ଏହା ଇନ୍ଦ୍ରର ବିଚାର ହେଲା ନାହିଁ ସେ ତାକୁ ଅଣଚାଶ ମୂର୍ତ୍ତି ଦେଲେ । ଜଳ ଓ ପବନ, ତୁମ୍ଭ ଦୁହିଁଙ୍କର ସ୍ୱଭାବ ଏକ, ତହୁଁ ତୁମ୍ଭେ ଦୁହେଁ ସ୍ତୁତି କଲେ ପ୍ରସନ୍ନ ହୁଅ ନାହିଁ । ରାମଠାରୁ... ଜୀବନ—ସମୁଦ୍ର ପାରିହେବା କାଳରେ ରାମଚନ୍ଦ୍ର ଜଳଦେବତା ବରୁଣଙ୍କୁ ସ୍ତୁତି କରି କହିଥିଲେ ମୋର ସମୁଦ୍ର ତରଣକୁ ସୁଗମ କରିଦିଅ, ସେ ସ୍ତୁତି ନ ଶୁଣିଲାରୁ ରାମଚନ୍ଦ୍ର କ୍ରୁଦ୍ଧ ହୋଇ ସମୁଦ୍ରକୁ ଧ୍ୱଂସ କରିବାକୁ ଉଦ୍ୟତ ହୁଅନ୍ତେ ସେ ଆସି ଶରଣ ପଶିଲା ଓ ସମୁଦ୍ରତରଣର ସୁବିଧା କରିଦେଲା । ନିସତ—ସତ୍ତ୍ୱହୀନ, ବଳହୀନ; ସେହିପରି ତୋତେ ଦଗା ନ ଦେଲେ ତୁ ଶୁଣିବୁ ନାହିଁ ।

ପୁଣି ଶୁଣି ପିକବାଣୀ ଗୁଣି ଜଇମିନିଙ୍କ ମଣି ବଜ୍ରଘାତ ।
ଚେତନାବଶେ ଅବଶେ କସେ ଭାଷେ ମୋ ହତରୁ କରୁଁ ମହତ ।
ମୁଁ ଯେ ଅବଳା । ମୋ ବଧ ଜଗତେ କଳୁଷ ।
ବକୁଳଅସବ ଅଶୁଁ ଦ୍ୱିଜ ହେଲେ ହୋଇଲ କି ଜ୍ଞାନ-ବିନାଶ ।୨୨।
ପଞ୍ଚମସ୍ୱରେ ତୋ ପଞ୍ଚଶର ଥିଲା ପଞ୍ଚତ୍ୱ ଇଚ୍ଛା କରି ମୋର ।
କଳକଣ୍ଠ ନାମ ଅଦ୍ୟ ବର୍ଣ୍ଣ ଏବେ ଅଶ୍ଳେଷ କଲୁ କି ଆକାର
ଅଗୁଁ ଜାଣି ମୁଁ । ନ ଥିଲି ଏମନ୍ତ ବୋଲିଣ ।
ବ୍ୟାଧ ପୋଷି ବଧ କରୁଥିଲେ ତୁ କିମ୍ପା ଦେଖାନ୍ତୁ ବଡ଼ପଣ ।୨୩।

---

୨୨ । ପିକବାଣୀ—କୋଇଲିସ୍ୱର । ବଜ୍ରାଘାତ ମଣି—ବଜ୍ର ପଡ଼ିବା ଜାଣି । ଜଇମିନିଙ୍କ ଗୁଣି—ଜୈମିନି ଋଷିଙ୍କୁ ଗୁଣଇ—ଜୈମିନି ଋଷି ବଜ୍ର ନିବାରକ ଅଟନ୍ତି । ଅଗସ୍ତ୍ୟଶ୍ଚ ପୁଲସ୍ତ୍ୟଶ୍ଚ ବୈଶମ୍ପାୟନ ଏବ ଚ । ସୁମନ୍ତୁ ଜୈମିନିଶ୍ଚୈବ ପଞ୍ଚୈତେ ବଜ୍ରବାରଣାଃ”; ପୁନଶ୍ଚ ଜୈମିନେଶ୍ଚ କୀର୍ତ୍ତ-ନେନ ବିଦ୍ୟୁଦଗ୍ନିଭୟଂ ନାସ୍ତି ପଠିତେନ ଗୃହୋଦରେ । ଚେତନାବଶେ —ଚୈତନ୍ୟ ଅସିବା ପରେ । ଅବଶେ—ବଳହୀନତାରୁ । ହତରୁ—ନାଶରୁ । ମହତ—ବଡ଼ଲୋକପଣ ‘ମହତ୍ତ୍ୱ ପାଠାନ୍ତର’ । ଅବଳା—ସ୍ତ୍ରୀ । ମୋତେ ମାରିବାର ତୋର ଉଚିତ ନୁହେଁ । ଧର୍ମବନ୍ତ ଲୋକ ସ୍ତ୍ରୀବଧ କରନ୍ତି ନାହିଁ; କାରଣ ସ୍ତ୍ରୀବଧ ମହାପାତକ ମଧ୍ୟରେ ଗଣ୍ୟ ! ମତ୍ତଂ ପ୍ରମତ୍ତମୁନ୍ମତ୍ତଂ ସୁପ୍ତଂ ବାଳଂ ସ୍ତ୍ରିୟଂ ଜଡ଼ଂ । ପ୍ରପନ୍ନଂ ବିରଥଂ ଭୀତଂ ନ ରିପୁଂ ହନ୍ତି ଧର୍ମବିତ୍—ଭା । ବକୁଳ ଅସବ—ବକୁଳମଦ୍ୟ । ଅଶୁ—ଅଶନରୁ-ଭୋଜନରୁ ଦ୍ୱିଜ ହେଲେ—ପକ୍ଷୀ ଓ ବ୍ରାହ୍ମଣ ହେଲେ ଜ୍ଞାନ ବିନାଶ ହୋଇଲା । ଶବ୍ଦ ଛଳରେ ବିପକ୍ଷ ବୁଝାଇଲା । ତୁ ଦ୍ୱିଜ ମଦ୍ୟ-ପାନ କଲାରୁ ମହାପାତକ କଲୁ; ତୁ ମହାପାତକୀ ।

୨୩ । ରେ କୋକିଳ—ତୋର ପଞ୍ଚମ ସ୍ୱରରେ କାମର ପଞ୍ଚଶର—ଅରବିନ୍ଦ, ଅଶୋକ, ଚୂତ, ନଅଳି, ନୀଳୋତ୍ପଳ ବା ସ୍ତମ୍ଭନ, ମୋହନ, ବଶ, ଉନ୍ମାଦନ ଉଚାଟନ । ପଞ୍ଚତ୍ୱ—ମୃତ୍ୟୁ । ଆଶ୍ଳେଷ—ଯୋଗ । କଳକଣ୍ଠର ଆଦ୍ୟ-ବର୍ଣ୍ଣରେ ଆକାର ଯୋଗ କଲେ ତୁ କାଳକଣ୍ଠ ହେଲୁ । ତୋତେ କଳକଣ୍ଠ କହନ୍ତି—କଳ—ଅସ୍ଫୁଟ ମଧୁର ଧ୍ୱନିଯୁକ୍ତ ତୋର ସ୍ୱରକୁ କହନ୍ତି, ତାହା ଭୁଲ । କିନ୍ତୁ ତୁ କାଳକଣ୍ଠ—ବିଷସ୍ୱର ତୁ । ଏହା ମୁଁ ଜାଣିଥିଲେ ବ୍ୟାଧ—ଶବର । ବଧ—ହତ୍ୟା । ବଡ଼ପଣ ଅହଙ୍କାର ।

କୁସୁମଶରକୁ ପୁଣି ବୋଲୁଅଛୁ ହତ୍ୟା ଘେନାମ୍ଭ କ ମୋହର ।
ଏ କଇଁ ବଢ଼ାଇ ମନୁ ଜାତ ହୋଇ ମନ୍ମଥ ପଦ ପୁରସ୍କାର ।
ତୁ କି କସ୍ତୁରୀ—ଠାରୁ ଏ ଦୀକ୍ଷାକୁ ପାଇଲୁ ।
ପଶୁସମ୍ଭବ ଅଚେତ ଦ୍ରବ୍ୟ ସଙ୍ଗେ ବଗୁରେ ତୁଳନା ହୋଇଲୁ ।୨୪।
ଯେ ବୋଲେ ମାର ତାହାକୁ ତୁହି ମାର ନ ମାର ବୋଲେ ମୁଁ ନିରତେ ।
ମୋ ତନୁ ନାଶ କରି ବାସ କରିବୁ କାହିଁ ବଗୁର କରୁ ଏତେ ।
ଦେଖ ଅନଳ କାଷ୍ଠକୁ ନଷ୍ଟ କରି ଲିଭେ ।
ପ୍ରେତ ହେବାରୁ ପ୍ରେତପତି ସମୀପେ ନେବା ବଗୁର କରୁ ଏବେ ।୨୫।
ଯାହା କୁମର ତେଡ଼େ ଝିଙ୍କି କାକରି ଛାଡ଼ିବୁ ନୋହେ ଏ ବେଭାର ।
ଯାହାକୁ ମାର ତହିଁରୁ କେତେ ଭୂତ ପ୍ରାପତ ହେଲାଣି ତୋହୋର ।

---

୨୪। କୁସୁମଶରକୁ—କନ୍ଦର୍ପକୁ । ତୁ କଣ ମୋର ହତ୍ୟା ଘେନିବୁ । ତୁ ମୋ ମନରୁ ଜାତ ହୋଇ ମୋ ମନକୁ ମନ୍ଥୁଛୁ । ମନ୍ମଥପଦ ପୁରସ୍କାର—ମନକୁ ମନ୍ଥିବା ହେତୁ ଏ ଅର୍ଥ । ଏ ତୋର ପୁରସ୍କାର କି ? ପୁରସ୍କାର ନୁହେଁ । ତୁ କି ଏହି ଶିକ୍ଷା କସ୍ତୁରୀଠାରୁ ପାଇଲୁ । କସ୍ତୁରୀ ପଶୁସମ୍ଭବ—ପଶୁଠାରୁ ଜାତ—ସେ ପୁଣି ଅଚେତନ ଦ୍ରବ୍ୟ । ମୋ ବିଗ୍ଭରରେ ତୁ ତାର ତୁଳନା ହେଲୁ । କସ୍ତୁରୀ ହେତୁ ମୃଗ ନାଶ ଯାଏ, ସେହିପରି ତୁ ମନରୁ ଜାତ ହୋଇ ମନକୁ ମନ୍ଥୁଛୁ ।

୨୫। ଯେ ତୋତେ ମାର—କନ୍ଦର୍ପ ବୋଲି କହେ ତାକୁ ତୁହି ମାର—ନାଶ କର । ନିରତେ ସର୍ବଦା କହୁଛି ତୁ ମାର ନାହିଁ । ତନୁ—ଦେହ । ଅନଳ—ଅଗ୍ନି । କାଷ୍ଠକୁ ପୋଡ଼ି ପକାଇ ନିଆଁ ନିଭିଯାଏ ତୁ ମୋତେ ମାରିଲେ ତୁ ନିଜେ ମରିବୁ । ତୁ ପ୍ରେତ । ପ୍ରେତପତି—ଯମ । ମୋତେ ମାରି ଯମ ନିକଟକୁ ନେବୁ ଏପରି ବିଗ୍ଭର କରୁଛୁ ।

୨୬। ଯାହା କୁମାର—ତୁ ଶ୍ରୀକୃଷ୍ଣଙ୍କ ପୁତ୍ର । ତେଡ଼େ ଝିଙ୍କି—ତୋର ବାପର ସ୍ତ୍ରୀବଧ କରିବାର ତେଡ଼େ ଝିଙ୍କି ତୁ କି କରି ଛାଡ଼ିବୁ । ଏ ତୋର ବେଭାର ନୁହେଁ ଏହି ନ୍ୟାୟରୁ ତୁ ମୋତେ ମାରିବାର ମୂଳ କଲୁ । "ମୋ ବାପ ତ ପୂତନା ବଧ କରିଛନ୍ତି, ମୁଁ ସେ ରୂପେ ସ୍ତ୍ରୀବଧ କରିବି ।" ଭୂତ—ସମ୍ପତ୍ତି । ରେ କନ୍ଦର୍ପ, ଯାହାକୁ ତୁ ମାର ସେଥିରୁ ତୋର କେତେ ସମ୍ପଦ ପ୍ରାପ୍ତି ହେଲାଣି । ଏହି ସୁକୃତରୁ—ଏହି ଭଲ କାର୍ଯ୍ୟରୁ (ବ୍ୟଙ୍ଗୋକ୍ତି) ନିଶ୍ଚୟ ପୂର୍ବେ ଭୂତ ରୂପ ପାଇଥିଲୁ—ମହାଦେବଙ୍କଠାରେ ଶର ପ୍ରୟୋଗ କରିବାରୁ ଭସ୍ମ ହୋଇଯାଇ ଭୂତ ହେଲୁ । "ଭୂତ ସ୍ୱରୂପ ପାଠରେ—

ମୁଁ ତା ହୁଡ଼ିଛି । ଏହି ସୁକୃତରୁ ନାଶ୍ତସ୍ତି ।
ପୂର୍ବରେ ଭୂତ ସ୍ୱରୂପ ହୋଇଥିଲୁ ଅନୁଚିତ ଚିତ୍ତ-ଉଦୟ ।୨୬।
ରୋଗ ଋଣ ଶତ୍ରୁ ଶେଷକୁ ରଖିଲେ ଆପଣାର ବାଧ ଏ କଥା ।
ସର୍ବ ସର୍ବଜ୍ଞାତା କଲ୍ପ କଥା ପୁଣି କାହିଁକି କଲେ ସେ ଅନ୍ୟଥା ।
ନାହିଁ ଶୋଚନ । ହେଲେ ହେଲି ମୁଁ ହୀନମାନ ।
ପୁଣି ଜାଣିବେ ବିଷବୃକ୍ଷ ସ୍ଥାପିବା ଉମା କରିବା ଦିନ ମାନ ।୨୭।
କାମୀର କଉଁ ଦେବତାରେ ବିଶ୍ୱାସ ନିଶ୍ୱାସ ଦୁଇ କଥା ନାହିଁ ।
ସିନ୍ଧୁ ଶମ୍ବରେ ଶମ୍ବର ବୁଡ଼ାଇଲା ତେବେ ବହିଲୁ ଜୀବେ ତୁହି ।

---

ଭସ୍ମ ସ୍ୱରୂପ" । ଅନୁଚିତ ଚିତ୍ତ ଉଦୟ—ଅନୁଚିତ ବିଷୟରେ ମନ ଦେବା ହେତୁ ତୁ ଭୂତ ବା ଭସ୍ମ ହୋଇଥିଲୁ ବା ମୋର ତୋତେ ଅନୁନୟରେ ମୁଁ ଅନୁଚିତ ବିଷୟରେ ମନ ଦେଉଛି ।

୨୭ । ରୋଗ, ଋଣ ଓ ଶତ୍ରୁ ଶେଷକୁ ରଖିଲେ ଅର୍ଥାତ୍ ପୂର୍ଣ୍ଣ ଭାବରେ ନାଶ ନ କଲେ ଆପଣାର ବାଧ—ହାନି; ଏ କଥା—ଏହି ବିଷୟ ସର୍ବ—ମହାଦେବ ସେ ସର୍ବଜ୍ଞାତା—ସମସ୍ତ ବିଷୟ ଜାଣନ୍ତି, ତ୍ରିକାଳଦର୍ଶୀ । କଲ୍ପ କଥା—ସେ ତୋତେ ଭସ୍ମ କରି ଦେଇଥିଲେ ପୁଣି କାହିଁକି ତୋଠାରେ ଜୀବନ୍ୟାସ କଲେ; ତୋତେ ଜୀବନ ନ ଦେଇଥିଲେ ତୁ ଆମ୍ଭମାନଙ୍କୁ ଏପରି ପୀଡ଼ା ଦେଉଥାନ୍ତୁ କି ? ମୁଁ ହୀନମାନ ହେଲେ ହେଲି, ଏଥିକୁ ମୋର ଶୋଚନା ନାହିଁ । ଉମା ଯେ ପାର୍ବତୀ ସେ ମାନ କଲାଦିନ ବିଷବୃକ୍ଷ ସ୍ଥାପିବାର ଫଳ ପୁଣି ଜାଣିବେ । ବିଷବୃକ୍ଷ ପରି ଯେ ତୁ ତୋତେ ସଂସ୍ଥାପନା କରିବାର ଫଳ ପାଇବେ । ଏ ଦୁଷ୍ଟ କନ୍ଦର୍ପକୁ ଜୀବନ୍ୟାସ କରିବାରୁ ମୋତେ ପୀଡ଼ା ଦେଲା । ୨୮ । କାମୀ—କାମିନୀ ଓ କାମୀ ଦୁହିଁଙ୍କର । କୌଣସି ଦେବତାଠାରେ ନିଃଶ୍ୱାସ ବିଶ୍ୱାସ ଏ ଦୁଇ କଥା ନାହିଁ । କାମିନୀ ଓ କାମୀ; ଦ୍ୱନ୍ଦ୍ୱ ସମାସରେ ପୁରୁଷର ଏକଶେଷ ହୋଇଯାଏ । ଦେବତାନ୍ତରେ ବିଶ୍ୱାସ ନିଃଶ୍ୱାସ ଏ ଦୁଇ କଥା ଥିଲେ ତୁ ନାଶ ଯାନ୍ତୁ । ଏହି ଦୁଇ କଥା ନ ଥିବାରୁ ତୁ ନାଶ ନ ଯାଇ ରହିଛୁ । ତୋର ପ୍ରଦ୍ୟୁମ୍ନ ରୂପରେ ରୁକ୍ମିଣୀଙ୍କ କୋଳରେ ଜନ୍ମ ହୁଅନ୍ତେ ଶମ୍ବରାସୁର ତେତେ ଅନ୍ତଃଶାଳୁ ଚୋରାଇ ନେଇ ସମୁଦ୍ରରେ ପକାଇ ଦେଇଥିଲା । ତୋତେ ମାଛ ଗିଳି ଦେଇଥିଲା; ସେହି ମାଛକୁ କେଉଟ ଧରି ଶମ୍ବାରାସୁରକୁ ଭେଟି ଦେଇଥିଲା । ମାଛ କାଟନ୍ତେ ତୁ ସୁନ୍ଦର ଶିଶୁ ରୂପରେ ବାହାରିଲୁ । ଶମ୍ବରାସୁର ରତିକୁ ବଳପୂର୍ବକ ନିଜ ଘରେ ସ୍ତ୍ରୀ କରିବା ଉଦ୍ଦେଶ୍ୟରେ ରଖିଥିଲା । ଏ ଶିଶୁ ତୋର ସ୍ୱାମୀ କନ୍ଦର୍ପ ଜାତ ହୋଇଅଛି—ଏହା

ଏଡେ କହି ସେ । ଖର ଶ୍ୱାସ ତେଜି ମଉନ ।
ଆଳୀ ଅଙ୍କେ ଢଳି ପଡ଼ିଲା ବେଳକୁ କର୍ଣ୍ଣ ଫୁଙ୍କି କଲେ ଚେତନ ।୨୮।
ସଲିଲ ସିଞ୍ଚିଲେ ସଧୀରେ ବଞ୍ଚିଲେ ପଲ୍ଲବଶଯ୍ୟାରେ ଶୁଆଇ ।
ଦେଲେ ମୃଣାଳ ବ୍ୟାଳ ମଣି ଚମକ ସୁପର୍ଣ୍ଣ ସୁପର୍ଣ୍ଣ ବୋଲଇ ।
କରେ ଭଜନ । ଶିବ ଶିବ ବୋଲି ବନିତା ।
ଗଳାର ହାର କରୁ କରୁ ବାହାର ଫୁଟି ଫାଟିଗଲେ ମୁକୁତା । ୯ ।
ସହଚରୀଏ ତା ଚରିତ ଅନାଇଁ ତୁରିତେ ଏମନ୍ତ ଆଚରି ।
ଦୂର କରିଣ ଶୁକ ସାରୀ ପଞ୍ଜରୀ ଉପାଡ଼ିଲେ ପୁଷ୍ପମଞ୍ଜରୀ ।
ଜଳାକବାଟି । ଢଶୀର ବାଟି କଲେ ହତ ।
ବତୁରିଲେ ନବବଧୂ ବିଧୁ କେହି ନ ଦେଖିବ ଏହା ଭାବ ତ । ୩୦ ।

---

ନାରଦଙ୍କଠାରୁ ଶୁଣି ରତି ତାକୁ ଗୋପନରେ ବଢ଼ାଇ ସମସ୍ତ ବିଷୟ ଶିକ୍ଷା ଦେଇ ଶମ୍ବରାସୁରକୁ ତୋ ଦ୍ୱାରା ମରାଇଥିଲା । ତୋର ଜୀବନ ଅଛି, ସମୁଦ୍ରରେ ପଡ଼ି ବୁଡ଼ି ବଞ୍ଚିଲୁ । ଖରଶ୍ୱାସ—ଜୋରରେ ନିଃଶ୍ୱାସ ପକାଇ ମଉନ—ଚୁପ ହୋଇ ରହିଲେ । ଆଳୀ—ସଖୀ । ଅଙ୍କେ—କ୍ରୋଡ଼ରେ । ଚେତନ—ସଂଜ୍ଞା ଆଣିଲେ । ୨୯ । ସଲିଲ—ଜଳ । ସଧୀରେ—ଆସ୍ତେ ଆସ୍ତେ । ପଲ୍ଲବ ଶଯ୍ୟାରେ—କଅଁଳିଆ ପତ୍ରର ବିଛଣାରେ । ମୃଣାଳ—ପଦ୍ମନାଡ଼ । ବ୍ୟାଳ—ସର୍ପ । ସୁପର୍ଣ୍ଣ—ଗରୁଡ଼ । ସର୍ପରୁ ରକ୍ଷା ପାଇବା ନିମନ୍ତେ । ଶିବ—ମହାଦେବ—ମଙ୍ଗଳ କରନ୍ତୁ ବୋଲି ଭଜନ କଲା । ବନିତା—ସ୍ତ୍ରୀ । ମୁକୁତାହାର ଗଳାରୁ ବାହାର କରିବାରୁ, ଶରୀରର କାମାଗ୍ନି ଯୋଗରେ ସେ ଫୁଟି ଫାଟିଗଲା । ମୃଣାଳ ଓ ମୁକୁତା ଶୀତଳ ଉପଚାର ପ୍ରୟୋଗ ।

୩୦ । ସହଚରୀଏ—ସଖୀମାନେ । ଚରିତ—ଅବସ୍ଥା । ତୁରିତେ—ଶୀଘ୍ର ଆଚରି—କଲେ । ଶୁକ ସାରୀ ପଞ୍ଜରୀ ଗୃହରୁ ଦୂରକୁ ନେଇଗଲେ । ପୁଷ୍ପମଞ୍ଜରୀ—ଫୁଲ ଲତାମାନଙ୍କୁ । ଜଳାକବାଟି—ଝରକା ଫାଙ୍କ । ଢଶୀର—ବେଣାଚେର । ହତ—ବନ୍ଦ କଲେ । ନବବଧୂ—ନୂତନ ବାଳା । ବିଧୁ—ଚନ୍ଦ୍ର । ଦ୍ୱିବିଧ; ଆଲମ୍ବନ ଓ ଉଦ୍ଦୀପନ । ନାୟକର ନାୟିକା ଓ ନାୟିକାର ନାୟକ । ଆଲମ୍ବନ—ଯାହାକୁ ଆଶ୍ରୟ କରି ରତ୍ୟାଦି ଭାବ ଜନ୍ମ ହୁଏ । ଶୁକ ସାରୀ ଓ ଚନ୍ଦ୍ରାଦି ଉଦ୍ଦୀପନ ବିଭାବ, ଯେ ଭାବକୁ ତେଜାଇ ଦିଏ । ଶୁକ ସାରୀଙ୍କ ଭାଷା ଶ୍ରବଣ ଓ ପୁଷ୍ପ ଲତାରେ ପୁଷ୍ପ ଦର୍ଶନ ତଥା ଚନ୍ଦ୍ର ଦର୍ଶନ, କାମପୀଡ଼ା ବଢ଼ାଇବ । ବେଣାଚେର ବାଟି ଜଳାକବାଟି ବନ୍ଦ କରିବାରେ—ଚନ୍ଦ୍ର ଦେଖା ହେବ ନାହିଁ ଓ ଶୀତଳ ହେବ ।

ଜଣେ ବୋଇଲା ଅଛି ଯତ୍ନ କରି ଶଶ ଗୋପ୍ୟ ମନ୍ଦିରେ ରଖିଥିବା ।
କେ କହେ ଜନନୀ ହକରି ଦେସ ଛାଲେ ହେଲେ କି ଉପାୟ କରିବା ।
କହିଁ ସଜନୀ । ବୋଇଲା ଏ ବଚୁର ଭଲ ।
ଘାସ ଦିଆଇ ଶଶ କୃଶ ହରିବା ମାଡ଼ିବସୁ ଚନ୍ଦ୍ରମଣ୍ଡଳ । ୩୧ ।
କେ କହେ ଏ କିଛି ନୋହେ ଗଗନକୁ କେ ପୁଣି କରିବ ଗମନ ।
ରାହୁ ଯୋଡ଼ ହେବା ନିମିତ୍ତ କରିବା ଜରା ଦେବତାଙ୍କୁ ପ୍ରସନ୍ନ ।
ଶୁଣି ସେ ବୋଲେ । ସେ ପାପ ଶରୀର ଅମର ।
ସିଂହିକା ସୁତ ଉଦରକୁ ଚିରିବ ପରି ହନୁମାନ ପ୍ରକାର । ୩୨ ।
ଚତୁର ସଖୀ ବୋଇଲା ସର୍ବପର ବଚୁର ଏହି ରେ ସଜନି ।
କି ମନ୍ତ୍ରେ ବଶ କରନ୍ତାଇଁ ରହନ୍ତା ଏ ପୁରେ ଦରଶ ରଜନୀ ।
ମହାମାନ୍ତ୍ରିକ । ଜନମାନଙ୍କୁ ଗୋ ପଚାର ।
ମନ୍ତ୍ରୀନନ୍ଦନା ବୋଇଲା ଏଥୁଁ ଊହ୍ନ କରି କିମ୍ପା ବୃଥା ବଚୁର । ୩୩ ।

---

୩୧ । ଗୋପ୍ୟ ମନ୍ଦିରେ—ଗୁପ୍ତ ସ୍ଥାନରେ; ଗମ୍ଭୀର ଘରେ । ଶଶକୁ—ଠେକୁଆକୁ; ଭଲ ଘାସ ଖୁଆଇଲେ । ତା କୃଶ ହରିବା—ତାକୁ ମୋଟା କରିଦେବା, ତେଣୁ ସେ ଚନ୍ଦ୍ରଙ୍କ ଦେହଯାକ ବ୍ୟାପିଯିବ—ତହୁଁ ଚନ୍ଦ୍ର ଦର୍ଶନରେ କାମପୀଡ଼ା ହେବ ନାହିଁ ।

୩୨ । ଗଗନକୁ—ଆକାଶକୁ ଯାଇ ମୋଟା ଠେକୁଆ ଛାଡ଼ିବ ସେ ଚନ୍ଦ୍ରମଣ୍ଡଳ ବ୍ୟାପିବ—ସେ କଥା ହେବ ନାହିଁ । ରାହୁର ମୁଣ୍ଡ କେବଳ; ସେ ଚନ୍ଦ୍ରକୁ ଗିଳିଦିଏ, କିନ୍ତୁ ଚନ୍ଦ୍ର ଗଳିପଡ଼େ । ଜରାସନ୍ଧ ଜନ୍ମିଲା ପରେ ଦୁଇଫାଳ ହୋଇ ଯାଇଥିଲା, ଜରା ଦେବତା ତାକୁ ଯୋଡ଼ି ଦେଇଥିଲା । ସେହି ଜରା ଦେବତାଙ୍କୁ ଉପାସନା ଓ ବ୍ରତାଦି ଦ୍ୱାରା ସନ୍ତୁଷ୍ଟ କରାଇଲେ ସେ ରାହୁ ଓ କେତୁକୁ ଯୋଡ଼ି ଦେବେ, ତହୁଁ ଚନ୍ଦ୍ରକୁ ଗ୍ରାସ କଲେ ସେ ତା ଉଦରରେ ନଷ୍ଟ ହୋଇଯିବ । ସେହି ଚନ୍ଦ୍ରର ପାପ ଶରୀର—ଅମର—ନାଶ ହେବାର ନୁହେଁ । ହନୁମନ୍ତ ଲଙ୍କାକୁ ଯିବାବେଳେ ବାଟରେ ସିଂହିକା ତାକୁ ଗିଳି ପକାଇଲା । ହନୁମାନ ରାମନାମ ଉଚ୍ଚାରଣ କରି ତା ଗର୍ଭକୁ ଚିରି ବାହାରି ପଡ଼ିଥିଲା । ସେହିପରି ଏ ଅମର ଚନ୍ଦ୍ର ସିଂହିକା ସୁତ—ରାହୁ ତାର ପେଟକୁ ଚିରି ବାହାରି ଆସିଲା ।

୩୩ । ସର୍ବପର— ସବୁଠାରୁ ଶ୍ରେଷ୍ଠ । "ସର୍ବୋପରି ପାଠର ଅର୍ଥ ସବୁ ଉପରେ, ସବୁଠାରୁ ବଳି" । ଏପରି କି ମନ୍ତ୍ର ଅଛି ଯାହା ବଳରେ ଏ ନଅରେ ଦରଶରଜନୀ—ଅମାବାସ୍ୟା ରାତି । ମହାମାନ୍ତ୍ରିକ—ବଡ଼ଗୁଣିଆକୁ । ଏଥୁ ଊହ୍ନ—ଏହାଠାରୁ ଅଳ୍ପ ।

ବଡ଼ ହୋଇ କିସ ହୋଇବ ଅର୍ଜିଲା କର୍ମ ସିନା ଭୋଗ କରିବ
ସାଗର ମନ୍ଥନେ ଗରଳ ପାଇଲେ ଭୋଗ କଲେଟି ମହାଦେବ ।
ଶୁଣି ଏ ବାଣୀ । ସମସ୍ତେ ବୋଇଲେ ପ୍ରମାଣ ।
ଶିରୀଷଦେହା ରେ ଏହା ଅରଜିଲୁ ବୋଲି ଜଣେ କଲେ କାରୁଣ । ୩୪ ।
ଲାବଣ୍ୟନିଧିର କି ବ୍ୟାଧି ବୃଦ୍ଧି ଏ ଶବ୍ଦ ରାଜା ରାଣୀ ଶୁଣିଲେ ।
ହୋଇ ଉତ୍ସୁକ ଚିକିତ୍ସକ ମନ୍ତ୍ରୀକି ହକାରି କରାଇ ଆଣିଲେ ।
• ଶୁଣି ସେ ଯାଇଁ । ଦେଖିଲେ ରମଣୀ ରତନ ।
ଜରତା ମୃଦୁସୁଲ୍ଲି ଆଗେ କହିଲେ ଏ ଜ୍ୱରକୁ ଏହି ବିଧାନ । ୩୫ ।
ରସ ବିନା ଏ ନ ଘୁଞ୍ଚିବ ରୁଚିବ ମଧୁର ଆହାର ହୋଇଲେ ।
ଶାନ୍ତ ହେବ ତୀକ୍ଷ୍ଣ ତାପ ସ୍ୱନେ ଚନ୍ଦ୍ରଭାନୁରେ ଏକ ଶଯ୍ୟା କଲେ ।
ରୋଗ ବିଷମ । ରାଗଜନ୍ୟ ହୋଇ ହୋଇଛି ।
ପୁଟ ପାକରେ ଯେତେକ ଅଉଷଧି ଏ ଗୁଣ ନ କରିବେ କିଛି । ୩୬ ।

---

୩୪ । ଶିରୀଷଦେହା—ସୁକୁମାରାଙ୍ଗୀ । କାରୁଣ—ଦୁଃଖ । ୩୫ । ଲାବଣ୍ୟନିଧିର—ଲାବଣ୍ୟର ଆଧାରଭୂତା; ରାଜଜେମା । ବ୍ୟାଧିବୃଦ୍ଧି—ରୋଗ ବଢ଼ିବା । ଉତ୍ସୁକ—ଉତଲା, ଉତ୍କଣ୍ଠିତ । ଚିକିତ୍ସକ—ବୈଦ୍ୟ । ହକାରି—ଡାକରି ରମଣୀରତନ—ସ୍ତ୍ରୀ ଶ୍ରେଷ୍ଠ । ଜରତା—ବୃଦ୍ଧା । ମୃଦୁସୁଲ୍ଲି—ଅନ୍ତଃପୁରର ଦାସୀ । ବିଧାନ—ଉପାୟ ।

୩୬ । ଏ ଯେଉଁ ବ୍ୟାଧି । ରସ—ରସାୟନ ରସ ତାହାର ବିନା—ତଦ୍‌ବ୍ୟତିରେକେ ନ ଘୁଞ୍ଚିବ—ନ ହଟିବ । ମଧୁର—ସ୍ୱାଦୁ ଆହାର, ସେ ମଧ ରୁଚିବ ନାହିଁ । 'ନ' କାର ଏଠାରେ ଦୁଇ ସ୍ଥାନରେ ଲାଗିଲା ଦେହଳୀ ଦୀପିକା ନ୍ୟାୟରେ ତୀକ୍ଷ୍ଣ ତାପ—ଉତ୍କଟ ଦାହ (ସନ୍ତାପ) ସ୍ୱନେ—ସ୍ୱତରେ । ଚନ୍ଦ୍ରଭାନୁରେ —ଚନ୍ଦ୍ର କିରଣରେ ଶଯ୍ୟା କଲେ—ଶୁଆଇଲେ ତାହା ଶାନ୍ତ ହେବ—ଉପଶମ ହେବ । ରାଗ ଜନ୍ୟ ହୋଇ ହୋଇଛି —କାହିଁ ଜନ୍ମ ହୋଇ ହୋଇଛି ଏ ହେତୁ ରୋଗ ବିଷମ—ଉତ୍କଟ । ପିତ୍ତାଧିକ୍ୟ ହୋଇଛି । ପିତ୍ତାଧିକ୍ୟ ହେଲେ ସ୍ତ୍ରୀଠାରେ ବିଷମ । 'କଟ୍ୱମ୍ଳ ଲବଣାତ୍ ପିତ୍ତମିତି' ବୈଦ୍ୟଶାସ୍ତ୍ରେ । ପୁଟପାକରେ ଶୋଧିତ ଯେତେ ଔଷଧ ସେ ସବୁ କିଛି ଗୁଣ କରିବ ନାହିଁ (ପୁଟପାକ—ଭସ୍ମାଦି) । ଏ ଯେଉଁ ବିରହଜ୍ୱର ତାହା ରସ ଯେ ଶୃଙ୍ଗାର ରସ ତା ବିନା ଏ ଯିବ ନାହିଁ । ଆହାର ମଧ ମଧୁର ହେଲେ ସୁନ୍ଦର ହୋଇ ରୁଚିବ । ଚନ୍ଦ୍ରଭାନୁ ନାମକ ଯେ ରାଜକୁମାର ତା ସଙ୍ଗେ ଏକ ଶଯ୍ୟା ହେଲେ- ଅର୍ଥାତ୍ ଏକାଠାରେ ଶୋଇଲେ ଏ ତୀକ୍ଷ୍ଣ ତାପ ଶାନ୍ତ ହେବ । ଏ ରୋଗ ବିଷମ । ରାଗ ଯେ ପୁରୁଷଠାରେ ଅନୁରାଗ—ଆସକ୍ତି, ସେ ହେତୁ ହୋଇ ହୋଇଛି । ପୁଟପାକରେ ଯେତେ ଔଷଧି, ସେସବୁ କିଛି ଗୁଣ କରିବେ ନାହିଁ ।

ଇତରେ ଯେତେ ସଖୀ ଥିଲେ ଶ୍ରୁତରେ ରହିଲେ ବିରସ ମତରେ ।
ଚତୁରୀ ନାମେ ମାଳିନୀ ପରବେଶ ଏହି ସମୟେ ଅନ୍ତଃପୁରେ ।
ପୁଷ୍ପ ଗୁଞ୍ଜଡ଼ା । ଘେନି ସେ ନିକଟ ହୋଇଲା ।
ଯେମନ୍ତ ସୁବେଶ ଯହିଁକି ପ୍ରବେଶ ଅବ ଛାନ୍ଦକୁ ସେ ବହିଲା । ୩୭ ।
ହେ ରାମ କାମସୁନ୍ଦର ଗୁଣବନ୍ତ ଶିଳୀମୁଖ-ଧନୁ-ଧାରଣ ।
ସିତାମ୍ବୁଜମୁଖୀ ରତିପ୍ରମୋଦିତ ହରି ମିତ୍ରପଣ ପ୍ରମାଣ ।
ଜାଣ ବିରହ । ବିପତ୍ତି ହର ତତପର ।
କହେ ଉପେନ୍ଦ୍ର ଭଞ୍ଜ ବୀରବର ଏ ଛାନ୍ଦ ଅତି ମନୋହର । ୩୮ ।

---

୩୭ । ଶ୍ରୁତରେ—ଶୁଣିବା ପରେ ବା ଶୁଣି କରି । ବିରସ ମତରେ—ଦୁଃଖିତ ମନରେ । ୩୮ । ହେ କାମସୁନ୍ଦର—କନ୍ଦର୍ପ ସଦୃଶ ସୁନ୍ଦର । ହେ ଗୁଣବନ୍ତ—ଦୟା ଦାକ୍ଷିଣ୍ୟ ଶୌର୍ଯ୍ୟାଦି ଗୁଣଯୁକ୍ତ । ହେ ଶିଳୀମୁଖ-ଧନୁଧାରଣ—ଶର ଓ ଧନୁଧାରକ । ହେ ସିତାମ୍ବୁଜମୁଖୀ ରତି ପ୍ରମୋଦିତ—ସୀତାନାମ ଯେ ଅମ୍ବୁଜ ମୁଖୀ—ପଦ୍ମମୁଖୀ ଯେ ସ୍ତ୍ରୀ ତାଙ୍କର ରତି ଯେ—ପ୍ରୀତି ସେଥିରେ ପ୍ରମୋଦିତ—ହର୍ଷଯୁକ୍ତ ଅଛ । ହେ ହରି ମିତ୍ରପଣ—ହରି ଯେ ବାନର—ସୁଗ୍ରୀବ ତାଙ୍କଠାରେ ମିତ୍ରପଣ—ମିତ୍ର ବ୍ୟବହାର ଯାହାଙ୍କର । ହେ ପ୍ରମାଣ—ହେ ସତ୍ୟବାକ୍ ବା ସତ୍ୟସନ୍ଧ ।

କାମ ପକ୍ଷରେ:—ହେ କାମ, ହେ ରାମ—ରମଣୀୟ । ହେ ସୁନ୍ଦର । ହେ ଗୁଣବନ୍ତ ଶିଳୀମୁଖ ଧନୁଧାରଣ—ଗୁଣବନ୍ତ ହୋଇଛନ୍ତି—(ଗୁଣ—ଦଉଡ଼ି ସଦୃଶ ହୋଇଛି ) ଶିଳୀମୁଖ—ଭ୍ରମର ଯହିଁରେ ଏପରି ଯେ ଧନୁ—ପୁଷ୍ପଧନୁ ତାହାର ଧାରକ । "ମୌର୍ବୀରୋଲମ୍ବମାଲା ଧନୁରଥ ବିଶିଖାଃ କୌସୁମାଃ ପୁଷ୍ପକେତୋଃ" ।

ସିତାମ୍ବୁଜମୁଖୀ ରତି ପ୍ରମୋଦିତ—ଶ୍ୱେତପଦ୍ମ ମୁଖୀ ଯେ ରତି ଦେବୀ ତାଙ୍କଠାରେ ପ୍ରୀତିଯୁକ୍ତ । ହରି—ଯେ ଚନ୍ଦ୍ର ତାଙ୍କଠାରେ ମିତ୍ରପଣ—ମିତ୍ରତା ପ୍ରମାଣ ଯାହାଙ୍କର—ଚନ୍ଦ୍ର କନ୍ଦର୍ପ ମିତ୍ର ଏହା ଯଥାର୍ଥ ସ୍ୱତଃସିଦ୍ଧ । ତୁମ୍ଭେ ନାୟକ ନାୟିକାଙ୍କ ବିରହବ୍ୟଥା ଜାଣ । ତତପର—ଆସକ୍ତ ହୋଇ, ମନ ଲଗାଇ, ମୋର ବିପତ୍ତି—ଦୁଃଖ । ହର—ଦୂର କର । ମନୋହର—ସୁନ୍ଦର ।

## ତ୍ରୟୋଦଶ ଛାନ୍ଦ

### (ମାଲିନୀର ବେଶ ବର୍ଣ୍ଣନ)

ରାଗ କଉଶିକ—ମୁନିବର ବାଣୀରେ ଗାଇବ ।

ଏଥୁ ଅନନ୍ତରେ ରସ          ଶୁଣ ହେ ମାଳିନୀ ବେଶ
ଟଭାଫଳ ପରି ଖୋସା । ଖୋସିଛି ଯୋଷା ଯେ । ୧ ।
ଗର୍ଭକ କଲା ଚଉଁରୀ          ପ୍ରକାଶେ ରତ୍ନ ଭଉଁରି
ଖଞ୍ଜିଅଛି ଗୋଟି ଚମ୍ପା । ଧଇର୍ଯ୍ୟ କମ୍ପା ଏ । ୨ ।
ଅନ୍ଧାର ନିଶାରେ ନଭେ          ନିର୍ମଳ ତାରା କି ଶୋଭେ
ଦିଶଇ ତେମନ୍ତ ପରି । ଲୋଚନ-ବାରି ଏ । ୩ ।
ଏଥକୁ କେଶ ବିଭଙ୍ଗେ          ଧାରି ଦେଖାଇଛି ମାଙ୍ଗେ
ଘନ ରାହୁ ଭୃଙ୍ଗଶ୍ରେଣୀ । ଅଛି ମୁଁ ଜିଣି ଏ । ୪ ।
ଲଲାଟେ ଚନ୍ଦନ ଚିତା          ସିନ୍ଦୂର ବିନ୍ଦୁ ଶୋଭିତା
ଚନ୍ଦ୍ର କୋଳେ କି ସବିତା । ଏହି ଭଙ୍ଗିତା ଏ । ୫ ।

---

୧ । ଟଭାଫଳ—ଟଭାଲେମ୍ବୁର ଫଳ   ଯୋଷା—ସ୍ତ୍ରୀ । ୨ । ଗର୍ଭକ—ଭିତରେ ପୁରାଇବା । ଚଉଁରୀ—ସ୍ତ୍ରୀଙ୍କ କେଶରେ ନିର୍ମିତ କେଶବନ୍ଧନ ରଜ୍ଜୁ ବିଶେଷ । ରତ୍ନ ଭଉଁରୀ—ରତ୍ନ ନିର୍ମିତ ବା ଜଡ଼ିତ ଖିଲ । ଧଇର୍ଯ୍ୟ କମ୍ପା—ଲୋକଙ୍କ ଧୀରତାକୁ ଦୂର କରେ; ମନ ଚଞ୍ଚଳ କରେ ।

୩ । ନିଶାରେ—ରାତ୍ରିରେ । ନଭେ—ଆକାଶରେ । ଲୋଚନବାରି—ଆଖିର ବନ୍ଧଘର; ଆଖି ଲାଖି ରହେ । ଚମ୍ପା ଫୁଲସବୁ ଆକାଶର ତାରାପରି ଦେଖା ଯାଉଛି । ୪ । କେଶ—ବାଳ । ବିଭଙ୍ଗେ—ଛନଭଙ୍ଗ କରି । ମାଙ୍ଗେ—ବାଳକୁ ଦୁଇ ପାଖକୁ ଆଡ଼େଇ ମାଡିବା ଦ୍ୱାରା ମାଙ୍ଗ ପକା ହୁଏ । ତା ମଧ୍ୟରେ ଧାରି—ଗୋଟିଏ ରେଖା କେଶ ମଧ୍ୟରେ ଦେଖାଯାଏ । ଘନ—ମେଘ । ଭୃଙ୍ଗଶ୍ରେଣୀ—ଭ୍ରମରପନ୍ତିକୁ—କାଳିଆ ରଙ୍ଗରେ ସେ କେଶ ଜିଣିଛି ବୋଲି କହୁଛି ।

୫ । ଲଲାଟେ— କପାଳରେ । ସବିତା—ସୂର୍ଯ୍ୟ । ଭଙ୍ଗୀ—ଶୋଭା । ଚନ୍ଦନପାଟି ମଧ୍ୟରେ ସିନ୍ଦୂରବିନ୍ଦୁ । ଚନ୍ଦ୍ରକୋଳରେ ସୂର୍ଯ୍ୟପରି ବୋଧ; ଅଦ୍ଭୁତ ଉପମା ।

ଶ୍ରବଣେ ଗୃରୁ କୁଣ୍ଡଳ ଦୋହଲେ ଗଣ୍ଡମଣ୍ଡଳ
ସୁବର୍ଣ୍ଣ ପାଶୀ ଜପରେ । ଚିତ୍ତକୁ ହରେ ଏ । ୬ ।
ଫୁଲଗୁଣା ମାଠଗୁଣା କରଇ ବିବେକ ବଣା
ନାସା ପୁଟକେ ପୁଟକେ । ଥାଇ ଝଟକେ ଏ । ୭ ।
ଲାଞ୍ଛି ବହ୍ନିଛନେ କଜ୍ଜଳ ନୟନେ ଦିଶେ ଉଜ୍ଜ୍ୱଳ
ପଦ୍ମେ କି ଭ୍ରମର ଖେଳା ଚେମନ୍ତ ଡୋଳା ଏ । ୮ ।
କଣ୍ଠେ ସୁନାକଣ୍ଠି ମାଳୀ ପ୍ରବାଳେ ହୋଇଛି ଝଳି
ପଛକୁ ରୁଚିର ଫୁଲ । ମାନସ ଭୁଲ ଏ । ୯ ।
ଉଚ୍ଚ ଘଞ୍ଚ କୁଚ ବେନି ହେଲା ଦନୁ ଯଉବନୀ
ଦେଖି ତ ନାହିଁ ଅବନୀ । ଲୋଚନ ବେନି ଏ । ୧୦ ।
ମାରିବାକୁ ଯୁବାକୁଳ କାମ କର ଅନୁକୂଳ
ଚେକିଛି କି ଶାଢ଼ୀଘର । ତଥା ସୁନ୍ଦର ଏ । ୧୧ ।
ବଦମାଳୀ ପାଟବ୍ରତ ତାଡ଼ରେ ଭୁଜ ଦୀପିତ
କମ ଅଦ ଖଡୁବାହ୍ନି । ହସ୍ତରେ ଶୋହେ ଏ । ୧୨ ।

---

୬ । ଶ୍ରବଣେ—କାନରେ । ଗୃରୁ—ସୁନ୍ଦର । ଗଣ୍ଡମଣ୍ଡଳ—କପୋଳ ଭାଗ । ଫାଶୀ—ପାଶ, ଝିଞ୍ଜିର । ୭ । ଫୁଲଗୁଣା—ନାକର ଗହଣା; ଦେଉଳଆ ହୋଇ ତାର ନାଡ଼ ଥାଏ । ମାଠଗୁଣା—ମୋଟା ଫାସିଆ ପର, ଯେଉଁଥିରେ କିଛି କାମଦାମ ନ ଥାଏ, ନାକର ଗହଣା । ବିବେକ—ବିଗ୍ଧର ଶକ୍ତି, ବୁଦ୍ଧି । ନାସା—ନାକର । ପୁଟକେ—ପୁଡ଼ାରେ । ଝଟକେ—ଜକ୍ ଜକ୍ ହୁଏ । ଲାଞ୍ଛି—ସୂକ୍ଷ୍ମରେଖା, ଯାହା ଆଖିକୋଣରୁ ବାହାରକୁ ବଢ଼ାଇଥାଏ । କଜ୍ଜଳ—କଳା । ନୟନ—ଚକ୍ଷୁ । ଉଜ୍ଜ୍ୱଳ—ସଫା ।

୮ । ପ୍ରବାଳ—ପୋହଳାରେ । ଝଳି—ଶୋଭି । ରୁଚିର—ସୁନ୍ଦର । ମାନସ ଭୁଲ—ମନ ଭୁଲିଯାଏ । ୧୦ । ଘଞ୍ଚ—ଘନ, କଠିନ । ଯଉବନୀ—ଯୁବତୀ । ଅବନୀ—ପୃଥିବୀ, ଭୁଇଁ । ସ୍ତନ ଉଚ୍ଚ ହୋଇଥିବାରୁ ପାଦପାଖର ଭୁଇଁ ଆଖି ଦେଖି ପାରେ ନାହିଁ । ଲୋଚନ ବେନି—ଆଖି ଦୁଇଟି । ୧୧ । ଯୁବାକୁଳ—ଯୁବକମାନଙ୍କୁ । ଅନୁକୂଳ—ପ୍ରସ୍ତୁତ କର । ଶାଢ଼ୀଘର—ଲୁଗାର ଘର, ସ୍ତନ ଉପରେ ଲୁଗା ।

୧୨ । ବଦମାଳୀ—ବାହୁର ଅଳଙ୍କାର; ମେ ଡ କଣ୍ଟିରେ ରୁଆ ବସିଥିବାର ମାଳା । ପାଟବ୍ରତ—ଲାଲ ସୂତା ବା ଲାଲପଟର ସୂତା ଯାହାକୁ ବଳ କୌଣସି ବ୍ରତ କରିବା ସମୟରେ ସ୍ତ୍ରୀମାନେ ବାହୁରେ ଗ୍ରହଣ କରନ୍ତି ।

ବାମକରର ଅଙ୍ଗୁଳି    ହିସର ମୁଦ୍ରାରେ ଝୁଲି
ଚରଣେକେ ବଳା ପଟେ । ନାଦ ପ୍ରକଟେ ସେ । ୧୩ ।
ପ୍ରପଦରେ କଂସାମୁଦି    ଶବଦେ ଧୈର୍ଯ୍ୟ ଖେଦି
ବେଢ଼ରେ ଅଳତା ଶିନ । ଅତି ବଚନ ସେ । ୧୪ ।
ବ୍ୟକ୍ତ ବଞ୍ଚଣୀ ପଣନ୍ତ    ଉରୁଉପରେ ଲମ୍ବିତ
ବନ୍ଧନ ଛନ୍ଦନ ନୀବୀ । ମୋହନ ଛବ ସେ । ୧୫ ।
ସ୍ତନ ଉର୍ଦ୍ଧ୍ୱେ କଣ୍ଠତଳେ    ମଣିବନ୍ଧେ କରମୂଳେ
ପାଦ ପରେ ଚିବୁକରେ । କି ମନୋହରେ ସେ । ୧୬ ।
ହରତାଳୀ କାଳୀ ଚିତା    ଉକୁଟାଇଛି ବନିତା
ଦେହ ତ ଅତ୍ୟନ୍ତ ଗୋରା । ତହିଁକି ତୋରା ସେ । ୧୭ ।

---

ତାଡ଼—ବାହୁର ଅଲଙ୍କାର ବିଶେଷ; ତାରର ଜାଲରେ ବୁଣା ହୋଇ ମୁଣ୍ଡି ଥିବା ଗହଣା । ଭୁଜ—ବାହୁ । ଦୀପିତ—ଶୋଭିତ । କମ—ହସ୍ତର ଅଲଙ୍କାର ବିଶେଷ । ଖଡ଼ୁବାହା—ଖଡ଼ୁ ଓ ବାହା ହସ୍ତାଲଙ୍କାର । ହିସର—ଛିନୋଟି ମୋଡ଼ିଥିରେ ଛଅର । ଝୁଲି—ଶୋଭି । ଚରଣକେ—ପ୍ରତି ପାଦରେ । ବଳା—ପାଦର ବଳୟ । ପଟେ—ଗୋଟିଏ । ନାଦ ପ୍ରକଟେ—ଶବ୍ଦ ପ୍ରକାଶ କରେ । ୧୪ । ପ୍ରପଦେ—ପାଦର ଅଙ୍ଗୁଳିର ଅଗ୍ରଭାଗ ବା ପାଦର ବୁଢା ଅଙ୍ଗୁଳିର ଅଗ୍ରଭାଗ । ଧୈର୍ଯ୍ୟ ଖେଦ—ଲୋକର ଧୀରତା ଦୂର କରେ ବା ନାଶ କରେ । ବେଢ଼ରେ—ପାଦର ଧାରରେ । ଚାରିପାଖ ଧାରରେ । ବଚନ—ସୁନ୍ଦର ।

୧୫ । ବ୍ୟକ୍ତ—ଜଣାଯାଉଛି, ପ୍ରକାଶିତ । ବଞ୍ଚଣୀପଣନ୍ତ—ବଞ୍ଚଣାକାରର ଶାଢ଼ିକାନି । ଉରୁଉପରେ—ଜଙ୍ଘର ଉପରଭାଗରେ । ଲମ୍ବିତ—ପଡ଼ିଛି । ବନ୍ଧନ—ବନ୍ଧା ହୋଇଛି । ଛନ୍ଦନ—ଫାଶ ଦିଆହୋଇ । ନୀବୀ—ଖୋସଣି ଗଣ୍ଠି; ସ୍ତ୍ରୀଙ୍କ କଟିବନ୍ଧନ । ମୋହନଛବ—ଯାହାର ଶୋଭା ଲୋକଙ୍କୁ ମୁଗଧ କରିଦିଏ ।

୧୬ । ସ୍ତନଉର୍ଦ୍ଧ୍ୱେ—ଦୁଧର ଉପରେ । ମଣିବନ୍ଧ—ହାତର କଚଟି । କରମୂଳେ—ବାହୁର ମୂଳରେ । ପାଦପରେ—ପାଦ ଉପରେ । ଚିବୁକ—ଥୋଡ଼ି । କି ମନୋହରେ—କି ସୁନ୍ଦର ଭାବରେ । ୧୭ । ହରତାଳୀ କାଳୀଚିତା ବନିତା—ସେ ସ୍ତ୍ରୀ ସେହି ସବୁ ସ୍ଥାନରେ ହରିତାଳୀ ଯେ ହରିତାଳକା ଗଛ ଯେ ଖୋଟ ଗଛ ତା କ୍ଷୀର । କାଳୀ ଯେ ଅଙ୍ଗାର ଚୂର୍ଣ୍ଣ ଏ ଦୁହିଁରେ ।

ନୋହେ ଉଚ୍ଚ ଖର୍ବ ଅତି		କଥା ଏ ନୋହେ ଯୁବତୀ
ପୀନ ନୋହି କ୍ଷୀଣ ନୋହି । ଏମନ୍ତ ଦେହଶ୍ରୀ ଯେ । ୧୮ ।
ବବର୍ଜିତ ଗଣ୍ଡି ଶିରୀ		ପାଚିଲା ରସାଳ ପରି
ବୟସ ଷୋଳ ସତର । ଏଥିଭିତର ଯେ । ୧୯ ।
କୁସୁମ ଗୁଙ୍ଗଡ଼ା କରେ		ଗୋଡ଼ାଉଛନ୍ତି ଭ୍ରମରେ
ଗଜ ପରିଯେ ମନ୍ଥର । ଗମନ ତାର ଯେ । ୨୦ ।
ପର୍ଣ୍ଣାନ୍ତ ଦେଉଛି ଶିରେ		ଧରିଛି ଦକ୍ଷିଣ କରେ
ମୁଖ ହସିଲା ପରିଯେ । କି ଶୋଭା ପାଏ ଯେ । ୨୧ ।
ମନ୍ତ୍ରୀସୁତା ଆଗେ ନେଇ		ସୁମନ ସମ୍ଭାର ଥୋଇ
ଧୀରେ ହର ଉମା ଅଙ୍କ । କହିଲା ବଙ୍କ ଯେ । ୨୨ ।
ସତ କି ବୋଲ୍ ବଟୁର		କେତକୀଜିତ ଗଜୁରି
ଘୁମୁକୁ ନେଲା ସତ୍ୱରେ । ପ୍ରମୋଦଭରେ ଯେ । ୨୩ ।
ବୋଲେ ଜେମା ସାବଧାନ		ହୁଅ ଅପୂର୍ବ ବିଧାନ
କହୁଛି ଚତୁରୀ ଅସି । ସୁଧା ବରଷି ଯେ । ୨୪ ।
ରମା ଶୁଣି ବୋଲେ ବସ		କେମନ୍ତ କଥା ସେ ଭାଷ
ଶୁଣି ଆରମ୍ଭିଲା କହି । ମାଳିନୀ ତହିଁ ଯେ । ୨୫ ।
ତୋ ଖଟଣୀଫୁଲ୍ ମୋର		ଏଣୁ ଭଲ ବାଛି ତୋର
ବରକୁ ମୁଁ କହୁଥାଇଁ । ଦରେ ଜଣାଇଁ ଯେ । ୨୬ ।

---

୧୮ । ଖର୍ବ—ବାଙ୍ଗର, ଗେଡ଼ା । ପୀନ—ମୋଟା । କ୍ଷୀଣ—ପାତଳ । ଦେହଶ୍ରୀ—ଶରୀର ।

୧୯ । ବବର୍ଜିତ—ଶୂନ୍ୟ; ଦେଖା ହେଉ ନ ଥିବା । ରସାଳ—ଆମ୍ବ । ୨୦ । କୁସୁମ ଗୁଙ୍ଗଡ଼ା—ଫୁଲର ଛୋଟ ଡାଲା । କରେ—ହାତରେ । ଗଜ—ହସ୍ତୀ । ମନ୍ଥର—ଧୀର ( ଝୁଲି ଚାଲିବା ହେତୁ ) ।

୨୧ । ପର୍ଣ୍ଣାନ୍ତ—କାନ । ତାକୁ ଡାହାଣ ହାତରେ ଧରିଛି । ୨୨ । ସୁମନସମ୍ଭାର—ଫୁଲସାମଗ୍ରୀ । ହର ଉମା—ଶିବ ପାର୍ବତୀ । ବଙ୍କ—ବୁଦ୍ଧିମତୀ ।

୨୩ । କେତକୀଜିତ—ବର୍ଣ୍ଣରେ କେତକୀ ଫୁଲକୁ ଜିଣିଛି । ପ୍ରମୋଦଭରେ—ହର୍ଷର ପୂର୍ଣ୍ଣତାରେ । ସତ୍ୱରେ—ଶୀଘ୍ର । ୨୪ । ସାବଧାନ- ଶୁଣିବା ହେତୁ । ଅପୂର୍ବବିଧାନ—ଆଶ୍ଚର୍ଯ୍ୟ ଘଟଣା । ଚତୁରୀ—ବଙ୍କ । ସୁଧା—ଅମୃତ । । ୨୬ । ଖଟଣି—ନିଯୋଗ ।

ଗଲା କାଲି ଚତୁର୍ଦ୍ଦଶୀ    ହୋଇଥିଲି ଉପବାସୀ
ଦେଉଳ ଭିତରେ ଯାଇଁ । ଜାଗର ଦେଇ ସେ । ୨୭ ।
ବସିଥିଲି ଉଜାଗରେ    ରଜନୀ ଅଷ୍ଟ ପ୍ରହରେ
ଅଳପ ଆସିଲା ଢୁଳ । ଏମନ୍ତ ବେଳ ଯେ । ୨୮ ।
ଇଷିତେ କଥା ସୁମର    ଏଷଣି ସ୍ୱପ୍ନ ଠାକୁର
ଶିରେ ଜଟା ଅର୍ଦ୍ଧଶଶୀ । ମଞ୍ଜୁଳ ଧ୍ୱନି ଯେ । ୨୯ ।
କୁନ୍ଦ କ୍ଷୀର ଦର ରୁଚି    ତେଜରେ ଗଞ୍ଜିଛି ଶୁଚି
ହୋଇଛନ୍ତି ଦିଗମ୍ବର । ଭସ୍ମଧୂସର ଯେ । ୩୦ ।
ପାର୍ବତୀଙ୍କି ବାମକରେ    ଧରିଅଛନ୍ତି ସ୍ନେହରେ
ଦକ୍ଷିଣ କରରେ ବେଦ । ବଳେ ବିନୋଦ ଯେ । ୩୧ ।
ସେ ବେଦ ମୋତେ ଛୁଆଇଁ    ତକ୍ଷଣେ ମୋ ଚେତା ହୋଇ
ଗୃହୁଁ ଶିବ ଶିବା ରମ୍ୟ । କଲି ପ୍ରଣମ୍ୟ ଯେ । ୩୨ ।
ମୁଖ ମୃଦୁହାସେ ପୂର୍ଣ୍ଣ    କଲେ ମୋତେ ଅବଧାନ
ନୃପଜାପାଇଁ କି ମୋତେ । ଜଣାଉ ନିତ୍ୟେ ଗୋ । ୩୩ ।
ଚନ୍ଦ୍ରମୁଖୀ ଏ ନିଶାରେ    ଶୋଇଥିଲା ଚନ୍ଦ୍ରକରେ
ମୋର ଅଙ୍କାରେ ଯୋଗିନୀ ପୁରୁଷେ ଘେନି ଯେ । ୩୪ ।

---

୨୭ । ଜାଗର—ନ ଶୋଇ ବତି ଦେବା । ୨୮ । ଉଜାଗରେ—ଅନିଦ୍ରାରେ । ରଜନୀ—ରାତି । ଢୁଳ—ନିଦ୍ରା ।

୨୯ । ଇଷିତେ—ଅଳ୍ପକରେ । ଅର୍ଦ୍ଧଶଶୀ—ଆଧା ଚନ୍ଦ୍ର । ମଞ୍ଜୁଳ—ସୁନ୍ଦର । ୩୦ । କୁନ୍ଦ—ଧଳା ଫୁଲବିଶେଷ । କ୍ଷୀର—ଦୁଧ । ଦର—ଶଙ୍ଖ । ରୁଚି—କାନ୍ତି । ତେଜରେ ଶୁଚି—ତେଜରେ ସୂର୍ଯ୍ୟଙ୍କୁ ବଳିପଡ଼ୁଛି । ଦିଗମ୍ବର—ଉଲଗ୍ନ । ଭସ୍ମଧୂସର—ପାଉଁଶରେ ଧଳା ।

୩୧ । ବାମକରେ—ବାଁ ହାତରେ । ବେଦ—ବେତ । ବିନୋଦ—ମହାଦେବ । ୩୨ । ଶିବଶିବା—ହର ପାର୍ବତୀ । ରମ୍ୟ—ସୁନ୍ଦର । ପ୍ରଣମ୍ୟ—ନମସ୍କାର ।

୩୩ । ମୃଦୁ—ଅଳ୍ପ । ଅବଧାନ—ଚେତା । ନୃପଜା—ରାଜକନ୍ୟା । ନିତ୍ୟେ—ସବୁଦିନେ ।

୩୪ । ଚନ୍ଦ୍ରମୁଖୀ—ଚନ୍ଦ୍ର ସଦୃଶ ଲାବଣ୍ୟମୟ ମୁଖ ଯାହାର ସେ ଲାବଣ୍ୟବତୀ । ନିଶାରେ—ରାତିରେ । କରେ—କରଣରେ ।

ପ୍ରବେଶ ବାଳା ପାଶର ଚିହ୍ନାଇ ଦେଇ ଅନ୍ତର
ସେ ପୁଣି ନିଦ୍ରା ଭଜିଲା । ବିନିଦ୍ରୀ ହେଲା ଯେ । ୩୫ ।
ରମା ସୀତ୍‌କାର ବେଳେ ଆଲିଙ୍ଗନ ହେବା କାଳେ
ଯୋଗିନୀ ମାୟାର ବଶେ । ହରିଲା ପୁଂସେ ଯେ । ୩୬ ।
ଏଣୁ ବହୁତ ବ୍ୟଥିତ ହେଉଛୁ କେମାର ଜାତ
ତୁ ଯାଇ କହ ବାଳାକୁ । ଲଭିବ ତାକୁ ଯେ । ୩୭ ।
ମୁଁ ପୁଚ୍ଛା କଲି ଏମନ୍ତ କଉଁ ରାଜାର ସେ ସୁତ
ନାମ ତାର କିସ ପୁଣି । କହିଥିଲେ ଶୁଣି ସେ । ୩୮ ।
କର୍ଣ୍ଣାଟ କାଞ୍ଚୀ ନଗରେ ଶଶିଶେଖର କୋଳରେ
ହୋଇ ଯେ ଅଛି ଜନମ । ଲୋକାଭିରାମ ଯେ । ୩୯ ।
ଚନ୍ଦ୍ରଭାନୁ ତାର ନାମ କାମିନୀମୋହନ କାମ
ରମଣୀ ତାକୁ ପାଇବ । ସୁଖୀ ହୋଇବ ଯେ । ୪୦ ।
ସାଧୁ ଶୁକ ବ୍ରହ୍ମରୂପ ଘରବେଶ କାଲି ପର
ଯେବେ ତାହାର ସନ୍ଦେଶ । ହେବ ଏ ଦେଶ ଯେ । ୪୧ ।
ଏତେ ଆଜ୍ଞା ଦେଇ ହର ହୋଇଲା ବେଲୁଁ ଅନ୍ତର
ଆଜ ମୋତେ ନିଦ୍ରା ନାହିଁ । ଅଇଲି କହି ଯେ । ୪୨ ।
ନାମ ଶ୍ରବଣ ତାହାର ହେଲା ଚନ୍ଦ୍ରମା ପ୍ରକାର
ସଂଶୟ-ଅନ୍ଧାର ଦୂର । କଲା ସତ୍ୱର ଯେ । ୪୩ ।
ପୁଣି ସେ ଜଳ ପର୍ଯ୍ୟୟେ ଆଶାତରୁ ପଲ୍ଲବାଏ
ପ୍ରମୋଦ ପଦ୍ମ ପ୍ରକାଶେ । ରବ ସନ୍ତୋଷେ ଯେ । ୪୪ ।
ଶୁଣି ଯଥା ଘନଘୋଷ ତୃଷାର୍ତ୍ତି ଚାତକ ତୋଷ
ବରଷିବ କରି ମତ । ହୋଇ ତୃପତି ଯେ । ୪୫ ।

---

୩୫ । ଅନ୍ତର—ଦୂର । ୩୬ । ସୀତ୍‌କାର—ସମ୍ମତ । ଆଲିଙ୍ଗନ—କୋଳ । ୩୭ । ବ୍ୟଥିତ—ଦୁଃଖ । ୩୮ । ପୁଚ୍ଛା କଲି—ପଚାରିଲି । ସୁତ—ପୁଅ । ୩୯ । ଲୋକାଭିରାମ—ମନୁଷ୍ୟଙ୍କ ମଧ୍ୟରେ ଅତି ସୁନ୍ଦର । ୪୦ । କାମିନୀମୋହନ—ସ୍ତ୍ରୀ ମୋହକାରୀ ।

୪୧ । ସନ୍ଦେଶ—ଖବର । ୪୩ । ସଂଶୟ-ଅନ୍ଧାର—ସନ୍ଦେହ ରୂପ ଅନ୍ଧାର । ୪୪ । ଆଶାତରୁ—ଆଶାରୂପ ଗଛ; ପଲ୍ଲବାଏ—ଜନ୍ମାଏ । ପ୍ରମୋଦ—ହର୍ଷ । ରବସନ୍ତୋଷେ—ସୂର୍ଯ୍ୟଉଲ୍ଲାସ । ୪୫ । ଘନଘୋଷ—ମେଘଶବ୍ଦ । ତୃଷାର୍ତ୍ତି—ଶୋଷୀ । ତୋଷ—ଖୁସି । ତୃପତ—ତୋଷ ।

କେବଣ ଚକୋର ମୋହି  କର୍ପୂରକୁ ତ୍ୟୁ ଗୁହିଁ
ସେ ଚନ୍ଦ୍ର ହୋଇଲେ ଯଥା । ତଥା ଏ କଥା ଯେ । ୪୬ ।
ଚୂତ ହେଲେ ପଲ୍ଲବିତ  ଭାବ ହେବ ମୁକୁଳିତ
ପିକ ଯଥା ଅନନ୍ଦିତ । ହେଲେ ତେମନ୍ତ ଯେ । ୪୭ ।
ସନ୍ନିପାତର ନାଡ଼ିକା  ଲାଗିଲେ ଯଥା ଛାଟକା
କଚ୍ଛୁ କଚ୍ଛୁ ହୋଏ ଭଙ୍ଗ । ତେମନ୍ତ ମନ ଯେ । ୪୮ ।
ବାଳକ ପର୍ଯ୍ୟ ହୋଇ  ପୃଚ୍ଛା କଲେ ତାହି ତାହି
ମାଳଣୀକି କଲେ ଦାନ । ରତ୍ନ ବସନ ଯେ । ୪୯ ।
ଗିରଜା ନିମିତ୍ତେ ପୁଣି  ଦେଲେ ସେ ଶଢା କାଛେଣୀ
ଖଞ୍ଜିଲେ ମନ୍ଦାରମାଳୀ । ଉପନ ବଳି ଏ । ୫୦ ।
ଶମ୍ଭୁଅର୍ଥେ ଗୋଦୋହନ  ପାଇଁ ଦେଲେ ଧେନୁମାନ
ବିଲ୍ୱପତ୍ର ଜଳଶାୟୀ । ଭୋଗର ପାଇଁ ଯେ । ୫୧ ।

---

୪୬ । କେବଣ......ଏ କଥା—ଚକୋର ପକ୍ଷୀ ଚନ୍ଦ୍ରଙ୍କର କିରଣ ପାନ କରେ । ସେ ଚକୋର କର୍ପୂର ଗଦାକୁ ଦେଖି ଚନ୍ଦ୍ର ଭ୍ରମରେ ଖୁସି ହୁଏ, ତା ପରେ ଯେବେ ସେ ପ୍ରକୃତ ଚନ୍ଦ୍ରକୁ ଦେଖେ ତାର ସୁଖ ସେ କେତେ ବେଶି ହୁଏ, ତାହା କହିହେବ ନାହିଁ । ସେ ପରମ ସନ୍ତୋଷ ଲାଭ କରେ; ସେହିପରି ଶିବ ପାର୍ବତୀଙ୍କ କଥାରେ ନାୟକ ସାଙ୍ଗରେ ମେଳନ ହେବ ଏ କଥା ମନରେ ଭାବି ଆନନ୍ଦ ଦେଲା । ୪୭ । ଚୂତ—ଆମ୍ବଗଛ । ପଲ୍ଲବିତ—ପତ୍ର କଅଁଳିଲେ । ଭାବ-ମୁକୁଳିତ—ଭବିଷ୍ୟତରେ ବଉଳ ହେବ ଏହା ଭାବ ଯେପରି କୋଇଲି ଖୁସି ହୁଏ, ସେହିପରି ସେ ଖୁସି ହେଲା । ୪୮ । ସନ୍ନିପାତର ଥଣ୍ଡା ବେଶୀ ହୋଇଗଲେ ଜ୍ୱରରେ ଯେପରି ମନ୍ଦୁର ନାଡ଼ରେ ବସ୍ତୁ ଲାଗେ ଓ ନାଡ଼ ଛଡ଼ ଛଡ଼ ହୋଇ ଗଲେ, ସେହିପରି ମନ ବ୍ୟାକୁଳ ବା ଅସ୍ଥିର ହେଲା ।

୪୯ । ତାହି ତାହି—ବୁଝାଇ ବୁଝାଇ, ଥରକୁଥର ବା ସେହି ସେହି କଥା । ରତ୍ନ ବସନ—ସୁବର୍ଣ୍ଣାଦି ବସ୍ତ୍ର । ୫୦ । ଗିରଜା—ପାର୍ବତୀ । ଶଢା—ସୁନାଶଢା । କାଛେଣୀ—ଶାଢ଼ୀ । ମନ୍ଦାରମାଳୀ—ମନ୍ଦାରଫୁଲର ମାଳା । ଉପନ—( ଉପାୟନ ଶବ୍ଦଜ ) ଉପହାର, ପୂଜାଦ୍ରବ୍ୟ । ବଳି—ଭୋଗ ଦ୍ରବ୍ୟ ।

୫୧ । ଶମ୍ଭୁଅର୍ଥେ—ଶିବଙ୍କ ପାଇଁ । ଗୋଦୋହନ—ଗାଈ ଦୁହିଁବା; ଶିବଙ୍କ ମୁଣ୍ଡରେ ଦୁଧ ଢାଳିବା ପାଇଁ । ଧେନୁ—ଗାଈ । ବିଲ୍ୱପତ୍ର—ବେଲପତ୍ର । ଜଳଶାୟୀ—ମହାଦେବଙ୍କ ମୁଣ୍ଡରେ ପାଣି ଢାଳ ଲିଙ୍ଗ ବୁଡ଼ାଇ ଦେବା ।

ବସ୍ତ୍ରଠିକ ଦେଲେ ଗଣି          ନାଗ ଚନ୍ଦ୍ର ପାଇଁ ପୁଣି
ସୁବର୍ଣ୍ଣ ବଣିକ କରେ । ଦେଲେ ସତ୍ୱରେ ଯେ । ୫୨ ।
ଚତୁରାକୁ କହେ କେମା          ଜଣାଇବୁ ହର ଉମା—
ସ୍ଥମୂର୍ତ୍ତିରେ ବାଣୀ ଏମନ୍ତ । ମୋହ ଶପଥ ଗୋ । ୫୩ ।
ଯେବେ ଲଭିବି ସେ ଯୁବା          ମୋ ଜୀବ ଥିବାରେ ସେବା
ବିଘ୍ନହିଁ ନୋହିବ ଦିନେ । ବିଧି ବିଧାନେ ଯେ । ୫୪ ।
ନ ଥିଲେ ଲଭିବା ଯୋଗ          ମରଣ କରିବେ ବେଗ
ମୋ ଭୂଷା ଚମ୍ପା ଗଢ଼ାଇ । ପୂଜିବେ ସଙ୍ଘ ଯେ । ୫୫ ।
ପୁଣି ବୋଲେ ସହଚରୀ          ଆତୁର ନୁହ ସୁନ୍ଦରୀ
ଦୁଇକରେ ଭୁଞ୍ଜେ ଭୋଗୀ । ହେଲେ କି ସଖି ଗୋ । ୫୬ ।
ପକ୍ଷୀ ପକ୍ଷ ଥିଲେ ପାଇ          ଶକ୍ୟାନୁରୂପେ ଗମଇ
ହେଲଣି ଏ କାର୍ଯ୍ୟ ପୂର୍ଣ୍ଣ । ସୂଚକମାନ ଗୋ । ୫୭ ।
ଦିଶୁଛି ବିଧି ସୁମୁଖ          ସ୍ୱପ୍ନ ସତ୍ୟ ହେଲା ଦେଖ
କିଛିକାଳ ଧର ଧୈର୍ଯ୍ୟ । ଲଭିବୁ କାର୍ଯ୍ୟ ଗୋ । ୫୮ ।

---

୫୨ । ବସ୍ତ୍ରଠିକ—କଉଡ଼ି, ଅର୍ଥ । ନାଗ—ସର୍ପ । ଚନ୍ଦ୍ର—ଚନ୍ଦ୍ର; (ସର୍ପ ଓ ଚନ୍ଦ୍ର ତିଆରି କରିବା ପାଇଁ) ସୁବର୍ଣ୍ଣ—ସୁନା । ବଣିକ କରେ—ବଣିଆ ହାତରେ । ସତ୍ୱରେ—ଶୀଘ୍ର ।

୫୩ । ଚତୁରା—ମାଳିନୀ । ଶପଥ—ରାଣ । ୫୪ । ଜୀବ ଥିବାରେ ସେବା—ପ୍ରାଣ ଥିବାଯାଏ ପୂଜା । ବିଘ୍ନ—ବାଧା ବା ହାନି । ବିଧି ବିଧାନେ—ନିୟମ ଅନୁସାରେ ।

୫୫ । ଭୂଷା—ସୁନାର ଅଳଙ୍କାର । ଚମ୍ପା—ଚମ୍ପାଫୁଲ । ସଙ୍ଘ—ସଖୀମାନେ; ମହାଦେବଙ୍କର ପୂଜକ । ପର ଜନ୍ମରେ ଭେଟ ଲାଗି । ୫୬ । ସହଚରୀ—ସଖୀ । ଆତୁର—ବ୍ୟାକୁଳ । ଦୁଇ.....ସଖୀ—ଭୋଗୀ ଦୁଇ ହାତରେ ଖାଇଲେ ସୁଖୀ ହୁଏ କି ତୁମ୍ଭେ ଏଡ଼େ ତରତର ହୁଅ ନାହିଁ, ଅପେକ୍ଷା କର, ନିଶ୍ଚେ ମିଳନଜନିତ ସୁଖ ହେବ ।

୫୭ । ପକ୍ଷୀ—ଚଢ଼େଇ । ପକ୍ଷ—ଡେଣା । ଶକ୍ୟାନୁରୂପ—ଶକ୍ତି ଅନୁସାରେ । ସୂଚକମାନ—ଚିହ୍ନସବୁ । ୫୮ । ଦିଶୁଛି ବିଧି ସୁମୁଖ—ଦୈବ ଅନୁକୂଳ ହେଲଣି ।

ହିମନ୍ତ ଋତୁ ପ୍ରବେଶ    ପଦ୍ମବନ କରେ ଧ୍ୱଂସ
ମୂଳ ଥିବାରୁ ବସନ୍ତେ । ପଲ୍ଲବେ ସତେ ଯେ । ୫୯ ।
କ୍ଷୀଣ ହୋଇ କଷ୍ଟ ସହି    ଜୀବମାନେ ଥିଲେ ତୁହି
ଲଭିବୁ ପରମ ଭୋଗ । ଅଛୁ ଏ ଯୋଗ ଗୋ । ୬୦ ।
ମାଲତୀ ଅଗମ୍ୟ ବନେ    ଫୁଟିଲେ ଚତୁର ମନେ
ଭୃଙ୍ଗେ କି ଭୋଗ୍ୟ ନୁହଇ । ପରାଣ ସହି ଗୋ । ୬୧ ।
ଏ କଥା ଭାବ ତ ଚିତ୍ତ    ମଧୁମକ୍ଷିକା ସଞ୍ଚିତ
ଦେବଭୋଗ୍ୟ ହୋଏ କେହି । ଚତୁର ସହି ଗୋ । ୬୨ ।
ଫଣୀ ଜାଗ୍ରତେ ଚନ୍ଦନ    ଥିଲେହେଁ କର ଭାବନ
ଭୋଗ ହୋଉଛି କି ନାହିଁ । ପରାଣ ସହି ଗୋ । ୬୩ ।
ଯେବେଟି କୁସୁମ ଫୁଟେ    ତେବେ ସୁଗନ୍ଧ ପ୍ରକଟେ
ଯହିଁ ତହିଁ ନଦୀଜଳ । ସମୁଦ୍ରେ ଠୁଳ ଗୋ । ୬୪ ।
ଏମନ୍ତ ବଚନ ସିଦ୍ଧି    କର ମାନସ ପ୍ରବୋଧି
ଯତନେ କଲେ ଲଳନା । ସଖୀ ପାଳନା ଏ । ୬୫ ।

---

୫୯ । ହିମନ୍ତ.....ସତେ—ଶୀତଦିନ ଆସିଲେ ପଦ୍ମବନ ପୋଡ଼ିଯାଏ; କିନ୍ତୁ ପଦ୍ମର ମୂଳ ଥିଲେ ବସନ୍ତକାଳ ଆସିଲେ ପଦ୍ମ କଅଁଳେ ଓ ଫୁଟେ; ସେହିପରି ତୁ ଧୈର୍ଯ୍ୟ ଧରି ପ୍ରାଣ ରଖ, ତୋର ସୁଖ ହେବ । ୬୦ । କ୍ଷୀଣ.....ଯୋଗ—ଚିନ୍ତାରେ ଶୁଖିଯାଇ ଓ କଷ୍ଟ ସହି ପ୍ରାଣରେ ବଞ୍ଚି ରହିଲେ ଭଲ ଭୋଗ ହେବ ଏ ଯୋଗ ଦିଶିଲାଣି ।

୬୧ । ଅଗମ୍ୟବନେ—ଘୋର ଜଙ୍ଗଲରେ । ଭୃଙ୍ଗେ—ଭ୍ରମରଦ୍ୱାରା । ପରାଣ-ସହି—ହେ ପ୍ରାଣମିତ । ୬୨ । ମଧୁମକ୍ଷିକା—ମହୁମାଛି କେତେ କଷ୍ଟରେ ମହୁ ସଞ୍ଚେ ତା କାଳରେ ତ ଦେବତା ଭୋଗ କରନ୍ତି; ତୁ ଧୈର୍ଯ୍ୟ ଧର ।

୬୩ । ଫଣୀ—ସର୍ପ । ଜାଗ୍ରତେ—ବିଦ୍ୟମାନତାରେ; ବେଷ୍ଟନରେ । ଭାବନ—ଚିନ୍ତା ।

୬୪ । କୁସୁମ—ଫୁଲ । ସୁଗନ୍ଧି—ସୁବାସ । ପ୍ରକଟେ—ପ୍ରକାଶ ପାଏ । ଠୁଳ—ଜମା ।

୬୫ । ବଚନ ସିଦ୍ଧି କରି—ଭଲକରି କଥା କହି । ମାନସ ପ୍ରବୋଧି—ମନକୁ ବୁଝାଇ ବା ସନ୍ତୋଷ କରାଇ । ଯତନେ—ସାବଧାନତା ସହିତରେ । ଲାଳନପାଳନ କଲେ—ତା ଧନ କହାଇ ନେଲେ ।

ନାୟକ ସୁଖଦାୟକ ତା ନାମ କର ତାରକ
ଜପିଲା ହୃଦରେ ଧର । ଅବନୀଶିରୀ ଏ । ୬୭ ।
ମାଳିନୀ ବୃହଲ ତମଲଣି ଗଲା ନାଜ ପୁର ପୁଣି
ଏ ଛାନ୍ଦ ହୋଇଲା ଶେଷ । ଅତି ହରଷ ଏ । ୬୭ ।
ହଂସବଂଶକୁ ତୋଷିତ ସର୍ବଦା ଶ୍ରୁତିରଞ୍ଜିତ
କର୍ବୂରକାନ୍ତ ଗଞ୍ଜିତ । କାନ୍ତି ଦୀପିତ ଏ । ୬୮ ।
ସେ ରାମ ବିଧିରେ ଧ୍ୟାୟି ଭଞ୍ଜ ବୀରବର କହି
ତୁମ୍ଭ ରଚନା ସମସ୍ତ । ପୂରୁ ଏ ଗୀତ ହେ । ୬୯ ।

---

## ଚତୁର୍ଦ୍ଦଶ ଛାନ୍ଦ

### ( ଚନ୍ଦ୍ରଭାନୁର ଅନୁତାପ ଓ ଶୋକ )

ରାଗ—କଳହଂସ କେଦାର । ମଥୁରା ବଜେ ବାଣୀ

ଶୁଣ ରସିକ ରସ ଏଥୁଅନ୍ତରେ,
କୁମାର ଶୋଇଥିଲା ପୁରଚତ୍ଵରେ ଯେ ।
କାତର ହୋଇ ଗୃହେଁ ନିଦ୍ରା ବିନ ଖେ
ନାହିଁ ଯାମିନୀ ନାହିଁ କାମିନୀ ପାଖେ ଯେ । ୧ ।

---

୬୭ । ନାୟକ—କର୍ଣ୍ଣାଟ ରାଜପୁତ୍ର । ସୁଖଦାୟକ—ସୁଖଦାତା । ତାରକ—ମହାମନ୍ତ୍ର । ଅବନୀଶିରୀ—ପୃଥିବୀର ଶୋଭା ସ୍ୱରୂପିଣୀ ଲାବଣ୍ୟବତୀ ।

୬୮ । ବିଧି—ବ୍ରହ୍ମାଙ୍କ ପକ୍ଷରେ—ହଂସ ବଂଶକୁ ତୋଷିତ—ହଂସମାନଙ୍କୁ ସୁଖ ପ୍ରଦାନ କରନ୍ତି (ନିଜ ବାହନ ହେତୁ) । ସର୍ବଦା ଶ୍ରୁତି-ରଞ୍ଜିତ—ସବୁବେଳେ ବେଦରେ ତାହାଙ୍କର ମନ ଲୁଣ୍ଠ, କର୍ବୂରକାନ୍ତ ରଞ୍ଜିତ—ସୁନାର ବର୍ଣ୍ଣକୁ ବଳି ପଡ଼ୁଛି ଯାହାଙ୍କର ଶରୀରର ଶୋଭା । ଦୀପିତ ...ଜଳୁଛି ପଡ଼ । ରାମଙ୍କ ପକ୍ଷେ—ହଂସବଂଶକୁ—ସୂର୍ଯ୍ୟବଂଶ ଲୋକମାନଙ୍କର ଆନନ୍ଦଦାୟକ । ବେଦରେ ଯେ ସର୍ବଦା ଶ୍ରୁତ ହେଉଅଛନ୍ତି, ବେଦର ରଞ୍ଜକ ଅଟନ୍ତି । କର୍ବୂରକାନ୍ତ—ରାକ୍ଷସଙ୍କ ସ୍ୱାମୀ ରାବଣ ତାହାର ଗଞ୍ଜନକାରୀ; ଜେତା ଏବଂ କାନ୍ତିରେ—ଶୋଭାରେ ଜଳୁଛନ୍ତି—ଧ୍ୟାୟି—ଧ୍ୟାନ କରି । ରଚନା—ସୃଷ୍ଟି ବା ଏ କାବ୍ୟର ରଚନା । ପୂରୁ—ପୂର୍ଣ୍ଣ ହେଉ ।

---

୧ । ପୁରଚତ୍ୱରେ—ନଅରର ଅଗଣାରେ । ଯାମିନୀ—ରାତ୍ରି । କାମିନୀ—ସ୍ତ୍ରୀ, ଲାବଣ୍ୟବତୀ ।

ବସି ଘୋଷିଲା ଥାଇ ତାଠାରେ ମନ
ଏଣୁ ସ୍ୱପନେ ଦେଖା ଦେଲା ସେ ଧନ ଯେ
ଉରଦେଶକୁ ଗୃହୁଁ ଦେଖିଲା ହାର
କୁଙ୍କୁମେ ହୋଇଅଛି ସେ ଜରଜର ଯେ । ୨ ।
ଆହା ରେ ସୁକୁମାରି ନୃପକୁମାରି
ବୋଲି ହୃଦରେ ଦକ୍ଷ କରକୁ ମାରି ଯେ
ଜଳ କଳଶ ଚନ୍ଦ୍ରବିମ୍ବକୁ ଧରି
ପାରିଲି ନାହିଁ ସୁଧା ଭୋଗ ତ କରି ଯେ । ୩ ।
ମନୁ ମୂର୍ଚ୍ଛନ୍ତି ଅବା ସ୍ୱପନ ବୋଲି
ଜାଣିଲି ଏହି ଦେହେଁ କୃତାର୍ଥ ହେଲି ରେ
ସାକ୍ଷାତ ପରି ଦେଇ ସ୍ୱପନ ସଙ୍ଗ
କଲୁ ତ କାମବ୍ୟାଧ-କରକୁରଙ୍ଗ ରେ । ୪ ।
ସ୍ୱର୍ଗସମ୍ପଦ ଯଜ୍ଞ କର୍ମରେ ଥାଇ
ବଚନ ମନ୍ତ୍ରେ ବଜ୍ରପତନ ତହିଁ ରେ
ତୋର ହୃଦୟ ବନ୍ଧୁ କରୁଣାସ୍ଥାନ
ତହୁଁ ଅଙ୍କୁର ଯଥା କଠିନ ସ୍ତନ ରେ । ୫ ।

---

୨ । ବସି...ଧନ—ମନ ସର୍ବଦା ତାର ନାମ ଘୋଷିବାରୁ ସେ ଲାବଣ୍ୟବତୀ ସ୍ୱପ୍ନରେ ଆସି ଦେଖା ଦେଲା, ଏହି ଭାବନା ତାର ପ୍ରଥମେ ହୋଇଥିଲା କାନ୍ତୁ । ଉରଦେଶକୁ — ଛାତିକୁ । କୁଙ୍କୁମେ ...ଜରଜର —ଜାଫ୍ରାନ କେଶର ବା ହଳଦୀ ଲେମ୍ବୁ ରସ ଓ ଫିଟିକିରି ପ୍ରସ୍ତୁତରେ ତିଆରି ଲେପ-ବିକ୍ଷେପର ଚିହ୍ନ ଅଛି (ହାର ବା ଛାତି କୁଙ୍କୁମ ଲିପ୍ତ ହୋଇଅଛି) ।

୩ । ସୁକୁମାରି—କୋମଳାଙ୍ଗୀ । ନୃପକୁମାରି—ରାଜକନ୍ୟା । ଦକ୍ଷ କର—ଦକ୍ଷିଣ ହସ୍ତ । ଜଳ କଳଶେ—ପାଣି ମାଠିଆରେ । ଚନ୍ଦ୍ରବିମ୍ବ—ଚନ୍ଦ୍ରର ପ୍ରତିବିମ୍ବ—ଚନ୍ଦ୍ରର ପ୍ରତିବିମ୍ବ ବା ଛାଇ । ସୁଧାଭୋଗ—ଅମୃତ ଆସ୍ୱାଦନ ।

୪ । ମୂର୍ଚ୍ଛନ୍ତି—ଛାଡ଼ନ୍ତି । ସ୍ୱପନ—ମିଥ୍ୟା । କୃତାର୍ଥ—କୃତକୃତ୍ୟ, ସଫଳ-କାମ । ସାକ୍ଷାତ—ପ୍ରକୃତ । କାମବ୍ୟାଧକର କୁରଙ୍ଗ—କନ୍ଦର୍ପ ରୂପ ଶବର ହାତର ହରିଣ ପରି ମୋତେ ମାଇଲୁ ।

୫ । ସ୍ୱର୍ଗସମ୍ପଦ—ସ୍ୱର୍ଗସୁଖ । ବଚନ—ଆଶ୍ଚର୍ଯ୍ୟ । ବଜ୍ରପତନ—ତା ମୁଣ୍ଡରେ ବଜ୍ର ପଡ଼ିବା । କରୁଣାସ୍ଥାନ—ଦୟାର ସ୍ଥଳ । ଅଙ୍କୁର—ଜାତ ହୁଏ ।

ମନକୁ ଯେବେ ପାଶେ ରଖିଲୁ ତୋର
କି ଅପରାଧେ ମୋତେ କଲୁ ଅନ୍ତର ରେ ।
ଜାଣିମାରେ ମୋ ଦୋଷ ନାହିଁ ତ କିଛି
ଦିଶେ ଯା ଦିଶୁ ପୂର୍ଣ୍ଣ କରୁଣା ଅଛି ରେ । ୬ ।
କି ଅବା ମୋତେ କାନ୍ତ ବୋଲିବା ପାଇଁ
ଲାଜ ପାଇଲୁ ଗୃହୁ ଚନ୍ଦ୍ରମା ମୁହିଁ ରେ ।
ସେବ ମୁଁ ଥାନ୍ତି ପାଦେ ହୋଇ କୋୟୂର
ଏହା କ୍ଷମା ନ କଲୁ ନାଗରୀବର ରେ । ୭ ।
ଶିବ କେମନ୍ତେ ଦେଖ ବହିଲେ ଶିରେ
ଶଶୀ ଶବଦ ଥାଉଁ ଚନ୍ଦ୍ର ସ୍ନେହରେ ଯେ
ଏମନ୍ତ ଅଣ ତୋର ଅବଧାନକୁଁ
ପ୍ରଭୁ ସେ ବଡ଼ କରେ ଦାସଜନକୁ ରେ । ୮ ।
ଭସ୍ମକୁ ଅଙ୍କୁରାଇ ଯାହା ନୟନ
ତା ଥାଉଁ ଭସ୍ମ ହେଲେ ଆଶାୟି ଯେନ ରେ
ଏ ଅପଯଶ ଦୋଷ ହେବ କାହାର
ଚରଣ ଧରି ମୁଁ ଯେ ଶରଣ ତୋର ରେ । ୯ ।
କଲେ ତୁ ଶିର ଅନୁଗ୍ରହ ସୁଦନ୍ତି
ଅଳତାଚିହ୍ନେ ଚିହ୍ନକାର ହୁଅନ୍ତି ରେ ।
ସେବାରେ ଆଳୀ ଫୁଲଗୁନ୍ଥାରେ ମାଳୀ
ହୋଇ ଲଗାନ୍ତି କାମବଦନେ କାଳୀ ରେ । ୧୦ ।

---

କଠିନ ସ୍ତନ—ପଥର ପରି ଟାଣ ଦୁଧ । ୬ । ଅପରାଧେ—ଦୋଷରେ । ଦିଶେ ଯା ଦିଶୁ—ଦେଖିବାରେ ଦେଖାଯାଉ । ୭ । କୋୟୂର—ଶୃକର । ନାଗରୀବର—ରସିକା ଶ୍ରେଷ୍ଠ ।

୮ । ଶଶୀ ଶବଦ—କଳଙ୍କଯୁକ୍ତ ଶବ୍ଦ ତାଙ୍କ ନାମ ହେଲେହେଁ । ସ୍ନେହରେ--ଶ୍ରଦ୍ଧାରେ ମୋର ଦୋଷ ଥିଲେହେଁ ମୋତେ ତୁମ୍ଭେ ଅଙ୍ଗୀକାର କର । ଅବଧାନକୁ—ଈଶ୍ୱରଙ୍କୁ ।

୯ । ଭସ୍ମକୁ......ଯେନ—ଯେଉଁ ମହାଦେବଙ୍କ ଚକ୍ଷୁ କନ୍ଦର୍ପକୁ ପୋଡ଼ି ଭସ୍ମ କରି ଦେଇଥିଲା, ସେହି ନୟନ ଆଗରେ ଭସ୍ମରେ ଆଶାଯୁକ୍ତ ହେଲେ । ଅପଯଶ—ନିନ୍ଦା ।

୧୦ । ସୁଦନ୍ତୀ—ସୁନ୍ଦର ଦନ୍ତ ଯାହାର ହେ ସୁନ୍ଦରୀ । ଆଳୀ—ସଖୀ ।

ପରାଣେଶ୍ୱରୀ ବନା ଆନ ବଚନେ
ଡାକନ୍ତି ନାହିଁ ଛୋଟେ ରଜନୀ ଦିନେ ରେ
ପ୍ରସଙ୍ଗବଶେ ଆରମ୍ଭିଲେ ତୁ କୋପ
ଛଡ଼ାଉଥାନ୍ତି ଗୃହ୍ଣୁ ପ୍ରକାଶି ତାପ ରେ । ୧୧ ।
ଦ୍ରାକ୍ଷାରୁ ସ୍ୱାଦୁ ଘନସାରୁଁ ଶୀତଳ ।
ପିକୁଁ ସୁସ୍ୱର ଲବଣୀରୁ କୋମଳ ରେ ।
ଭାଷା କହିବା ବେଳେ ନାସା ଫୁଲଇ ।
ଚକ୍ରବର୍ତ୍ତୀ ପଣକୁ ଗଣନ୍ତି ନାହିଁ ରେ । ୧୨ ।
ଏତେ ସହିଲ୍ଲ ନାହିଁ ଖଳ ବିଧାତା ।
ମୁଁ ତାର କେଉଁ ଶତ୍ରୁ ନ କଲ୍ଲ ଚିନ୍ତା ଯେ ।
ତୁଷାର ନାଶ କରେ ଜନମସ୍ଥାନ ।
ତାଠାରେ ନ ସମ୍ଭାଦେ ଏ କୁଟମାନ ରେ । ୧୩ ।
ଦୁର୍ବଳ ମାରିବାକୁ ସମସ୍ତେ ଆଗ ।
କାମକୁ ମହାଦେବ କଲେ ଅନଙ୍ଗ ଯେ ।

---

କାମବଦନେ—କନ୍ଦର୍ପ ମୁହଁରେ । କନ୍ଦର୍ପ ମୋତେ ହଟହଟା କରୁଛି, ମୁଁ ତୋତେ ପାଇ ତୋର ସେବା କଲେ ମୁଁ ଦାଉ ସାଧି ନଥାନ୍ତି ।

୧୧ । ପରାଣେଶ୍ୱରୀ—ପ୍ରାଣେଶ୍ୱରୀ—ପ୍ରାଣର ମାଲିକ । ରଜନୀଦିନେ—ଦିନରାତ୍ରି ସର୍ବଦା । ପ୍ରସଙ୍ଗବଶେ—ବିଷୟାନୁରାଗରେ । କୋପ ଆରମ୍ଭିଲେ—କ୍ରୋଧ ପ୍ରକାଶ କଲେ । ତାପ—ଦୁଃଖ, ରାଗ । ଗୃହ୍ଣୁ—ବିନୟ କଥା । ପ୍ରକାଶ—କହି ।

୧୨ । ଦ୍ରାକ୍ଷା—ଅଙ୍ଗୁର । ଘନସାର—କର୍ପୂର ବା ଚନ୍ଦନ । ପିକୁଁ—କୋଇଲିଠାରୁ । ଲବଣୀ—ଲହୁଣୀ । ଏପରି କଥା କହିଲେ । ଚକ୍ରବର୍ତ୍ତୀପଣ—ଲକ୍ଷେ ରାଜାର ମହୁଡ଼ମଣି ଚିରକୁ ତୁଚ୍ଛ ମଣନ୍ତି ।

୧୩ । ଏତେ......ମାନ—ଦୁଷ୍ଟ ବିଧି ଏହା ଦେଖିବାକୁ ସହିଲ୍ଲ ନାହିଁ । ମୋଠାରେ କାହିଁକି ଶତ୍ରୁତା କଲ୍ଲ, ମୁଁ ତାର ଶତ୍ରୁତା କରି ନାହିଁ । ମିଛରୁ ମୋଠାରେ ଶତ୍ରୁତା କରୁଛି ତହୁଁ ସେ ଖଳ । ତାର ଜନ୍ମସ୍ଥାନ ହେଉଛି ପଦ୍ମ; ତୁଷାର—ହିମ ପଦ୍ମକୁ ନଷ୍ଟ କରେ; ତ ର ପିତୃଦ୍ରୋହୀ ଯେ ହିମ ତାଠାରେ ଏହି କପଟ ଚିନ୍ତା ଏହି ଖଳ ବୁଦ୍ଧି ତ କରୁ ନାହିଁ । ନ ସମ୍ଭାଦେ—ବିଧାନ କରୁ ନାହିଁ ।

୧୪ । ଅନଙ୍ଗ—ଦେହଶୂନ୍ୟ, କାମ । ତାଙ୍କ—ମହାଦେବଙ୍କ । ଦର୍ପଦଳନେ—ଗର୍ବନାଶରେ । ଭଳ—ସଦୃଶ, ସମକକ୍ଷ । ସେ ତାକୁ ପୋଡ଼ି

ନୋହିଲା ତାଙ୍କ ଦର୍ପଦଳନ ଭଲ ।
ବିନା ଦୋଷରେ ଶରେ ମୋତେ ତ ଜାଳ ରେ ।୧୦।
ମିତ୍ରେ ଶୁଣି ବୋଇଲେ ଜୀବକୁ ରଖ ।
ଜୀବନରୁ ଅଧିକ କେହି ନ ଲେଖ ହେ ।
ଜୀବନ ଥିଲେ ହୋଏ ସବୁ ପ୍ରାପତ ।
ହୋଅଇ ସମ୍ଭାବିତ ଅସମ୍ଭାବିତ ହେ । ୧୫ ।
ଧ୍ରୁବ ବାଳକ ବ୍ରହ୍ମଜ୍ଞାନ କହିଲା ।
ଅଗସ୍ତିଙ୍କ ଉଦରେ ସିନ୍ଧୁ ରହିଲା ଯେ ।
ପକ୍ଷ ନ ଥାଇ କପି ଗଗନଗତ ।
କର୍ପୂରରୁ ବରହେ ଜାତ ତପତ ଯେ । ୧୬ ।
ବିଷହିଁ ହୋଏ ହିତ ସନ୍ନିପାତରେ ।
ବାସୁକୀ ବିନା ପୃଥ୍ୱୀ ଧାରଣ ନରେ ଯେ ।
ରାଜ୍ୟ ନ ଥାଇ ସର୍ବ ସମ୍ମତେ ରାଜା ।
କନ୍ଦର୍ପ ପାଇଅଛି ପୃଥ୍ୱୀରେ ପୂଜା ଯେ । ୧୭ ।
ଜଳ ବସ୍ତିନେ ସବୁ କାଳେ ପ୍ରକାଶ ।
ସବିତା-କରେ ହୋଇଅଛି ସାରସ ଯେ ।

---

ପକାଇଲେ ତାଙ୍କର କିଛି ଅନିଷ୍ଟ କରୁ ନାହିଁ, ମୁଁ ତାର କିଛି ଅନିଷ୍ଟ କରି ନାହିଁ ଅଥଚ ମୋତେ ତା ଶରରେ ପୋଡ଼ି ପକାଉଛି ।

୧୫ । ସମ୍ଭାବିତ—ଯାହାକୁ ଭାବିଥିବ ତାହା ସମ୍ଭାବନାର ବିଷୟ ହେବ ନାହିଁ —ସମ୍ଭବ ଅସମ୍ଭବ ହେବ, ଘଟିଲା କଥା ଘଟିବ ନାହିଁ, ନଘଟିବା କଥା ଘଟିବ ।

୧୬ । ଧ୍ରୁବ—ନାରଦଙ୍କ ବା ସପ୍ତଋଷିଙ୍କ ଶିକ୍ଷାରେ ଧ୍ରୁବ ଶିଶୁ ବ୍ରହ୍ମଜ୍ଞାନୀ ହେଲା । ଅଗସ୍ତ୍ୟ ସପ୍ତ ସମୁଦ୍ର ଜଳ ପାନ କରିଥିଲେ । ହନୁମାନ ଆକାଶରେ ଉଡ଼ିଲା ( ଡେଣା ନ ଥାଇ ) କର୍ପୂର ବିରହରେ ଅଗ୍ନିପରି ଜ୍ୱାଳା ଦିଏ । ୧୭ । ବିଷ ଖାଇଲେ ଲୋକ ମରେ ; କିନ୍ତୁ ସନ୍ନିପାତରେ ବିଷ ଅମୃତ ପରି କାର୍ଯ୍ୟ କରେ । ବାସୁକି ପୃଥିବୀକୁ ପୃଷ୍ଠରେ ଧାରଣ କରେ କିନ୍ତୁ ନରଦ୍ୱାରା—ଅର୍ଜ୍ଜୁନଙ୍କ ଦ୍ୱାରା ପୃଥିବୀ ଧନୁଗୁଣରେ ଠେକା ହୋଇଥିଲା । ( ନର—ଅର୍ଜ୍ଜୁନ; ନାରାୟଣ—କୃଷ୍ଣ ) ।

୧୮ । ସବିତା କରେ—ସୂର୍ଯ୍ୟଙ୍କ କିରଣରେ । ସାରସ—ପଦ୍ମ । ଶ୍ରୁତି—କାନ । ମହେନ୍ଦ୍ର—ମହାଇନ୍ଦ୍ର, ସ୍ୱର୍ଗର ରାଜା । ଜନକଦ୍ରୋହୀ—ପିତାଦ୍ରୋହୀ ଯେ

ଶବଦ ଶୁଣେ ସର୍ପ ଶ୍ରୁତି ନ ଥାଇ ।
ପ୍ରହଲ୍ଲାଦ ମହେନ୍ଦ୍ର ଜନକଦ୍ରୋହୀ ହେ । ୧୮ ।
ଏ କଥାମାନ ଯଥା ହୋଇଛି ଯେନ ।
ତଥା ସତ ହୋଇବ ତୁମ୍ଭ ସ୍ୱପନ ହେ ।
ସ୍ୱପନ ଯେବେ ତୁମ୍ଭେ ସତ ନ କର ।
କହ କାହିଁକି ଅଛି ତା ଦେଲା ହାର ଯେ । ୧୯ ।
ଯେବେ ସୁଯୋଗ ନାହିଁ ତୁମ୍ଭ କର୍ମର ।
କାହିଁ ସିଂହଳ ଦ୍ୱୀପ କାହିଁ ଏ ପୁର ହେ ।
କାହିଁ ସିଦ୍ଧ ଯୋଗିନୀ କେ କାହିଁ ଥିଲା ।
ସ୍ୱପ୍ନ ପର ମାୟାରେ ସାକ୍ଷାତ କଲା ଯେ । ୨୦ ।
ଅରତ ହେଲେ କାର୍ଯ୍ୟ ନୁହଇ ବେଗ ।
କାଳକୁ ଚାହିଁ ଭୋଗ ହୁଅଇ ଯୋଗ ହେ ।
କୁମାର କହେ ମୋର ମୋହିଲା ଚିତ୍ତ ।
ଅରତ ହୋଇବାର ନୋହେ ଆୟୁତ୍ତ ଯେ । ୨୧ ।
ନାରୀରୁ ବଡ଼ ହୋଇ ଜଗତେ ନାହିଁ ।
ବାନରୀ-ରୂପେ ହେଲେ ପବନ ମୋହି ଯେ ।
ଏକେ ଅଦୃଷ୍ଟରଜା ଦୁଜେ ଧୀବରୀ ।
ପରାଶର ଋଷିର ବିବେକ ହରି ଯେ । ୨୨ ।
ଅମୂଲ୍ୟ ଗ୍ରାମାରନ୍ନୁ ଦେଖା ଜଗତରେ ।
ବଶ ନୋହିବ କେହୁ ଯୁବା ମାତରେ ଯେ ।

---

ସେ ବଡ଼ ପାପୀ; ପିତା ସ୍ୱର୍ଗସ୍ୱରୂପ, କିନ୍ତୁ ପାପୀ ହିରଣ୍ୟକଶିପୁର ଦ୍ରୋହ କରି ପୁଣି ପ୍ରହଲ୍ଲାଦ ଇନ୍ଦ୍ର ହେଲା ।

୨୧ । ଅରତ—ଆର୍ତ୍ତି, ବ୍ୟାକୁଳ । ବେଗ—ଶୀଘ୍ର କାର୍ଯ୍ୟ-ସିଦ୍ଧ ହୁଏ ନାହିଁ । ଅରତ...ଆୟୁତ୍ତ—ମୁଁ ତାକୁ କ୍ଷମତାର ଅଧୀନ କରି ପାରୁ ନାହିଁ, ଅଣଆୟତ୍ତରେ ଆକୁଳ ହୋଇ ପଡ଼ୁଛି ।

୨୨ । ବାନରୀରୂପେ—ହନୁମାନର ମାତା ଅଞ୍ଜନାର ରୂପରେ ପବନଦେବ ମୁଗ୍ଧ ହୋଇ ତା ସଙ୍ଗରେ ରମଣ କରିଥିଲେ, ତହୁଁ ହନୁମାନର ଜନ୍ମ । ସତ୍ୟବତୀ—କେଉଟର ଝିଅ; ଅଦୃଷ୍ଟରଜା—ଅପ୍ରାପ୍ତଯୌବନା । ପରାଶର ଋଷି ତାଠାରେ ଆସକ୍ତ ହୋଇ ରମଣ କରିବାରୁ ବ୍ୟାସ ଜନ୍ମିଥିଲେ ।

ଏମନ୍ତ ପଦାର୍ଥ କି ଲାବଣ୍ୟନିଧି ।
ସ୍ୱପ୍ନେ · । ପର୍ ଦେଖି ନ ଥିବେ ବିଧି ଯେ । ୨୩ ।
ବାଳୀର ଶୋଭା ସୁବେଶକୁ ସୁବେଶ ।
ଅଧରେ ସମାପତ ହୁଅଇ ହାସ ଯେ ।
ଅରୁଣ କୋଳେ ନବ ଚନ୍ଦ୍ରମା ଦଣି ।
ବିଜୁଳି ପର ଯାଇ ସେକ୍ଷଣି ମିଶି ଯେ । ୨୪ ।
କାଚ କଳସେ ଯଥା ଜଳ ଗୁପତ ।
ପଡ଼ିଲା ପର ଦଣେ ନ ପଡ଼ଇ ତ ଯେ ।
ହସିଲା ବେଳେ ଖସି ପଡ଼ିଲା ପର୍ ।
ଖସି ନ ପଡ଼େ ତଥା ଅମୃତଧାର୍ ଯେ । ୨୫ ।
ତା ନେତ୍ର ଗତାଗତ ଅପାଙ୍ଗ ସର୍ ।
ଦୁଇ ଦଗକୁ ଟାଳେ କେମନ୍ତେ କର ଯେ ।
ଅନଙ୍ଗ କି ତୁରଙ୍ଗ ଧାଡ଼ି ଦେଇ ।
ଟାର ସନ୍ଧାନେ ଧୈର୍ଯ୍ୟ ଘଉଡ଼ ନେଇ ସେ । ୨୬ ।

---

୨୩ । ଅମୂଲ୍ୟ—ଅପୂର୍ବ । ରମାରତ୍ନ—ସ୍ତ୍ରୀଶ୍ରେଷ୍ଠ । ଯୁବା ମାତରେ—ଯୁବକମାନେ । ବିଧି—ବ୍ରହ୍ମା ।

୨୪ । ବାଳୀର—ଲାବଣ୍ୟବତୀର । ଶୋଭା ସୁବେଶକୁ—ଉତ୍ତମ ବେଶର ଉତ୍ତମ ବେଶ । ଅଳଙ୍କାରର ଶୋଭାକୁ ତାର ଶୋଭା ବଢ଼ାଇଲା, କିନ୍ତୁ ତାର ଶୋଭାକୁ ଅଳଙ୍କାର ବଢ଼ାଇଲା ନାହିଁ—(ଆଭରଣସ୍ୟାଭରଣଂ ବିଭୂଷିତସ୍ୟ ବିଭୂଷଣମ୍ ବକ୍ରମୋବଂଶୀ । ଅଧରେ ସମାପତ ହୁଅଇ ହାସ—ମନ୍ଦ ହାସ୍ ହେତୁ ଓଷ୍ଠରେ ଜାତ ହୋଇ ଓଷ୍ଠରେ ଲୀନ ହୁଏ । ତାହା ସ୍ମିତ । ଅଧର ହେଲା ଅରୁଣ । ବାଳସୂର୍ଯ୍ୟ (ଲାଲ ହେତୁ) ଈଷତ ଦୃଶ୍ୟମାନ ଦନ୍ତ ଓ ହାସ—ଚନ୍ଦ୍ରମା ଓ ବିଜୁଳି ପର ଶୃଙ୍ଖିତ । "ଶୋଭ ଏବେ ଛାଡ଼ ହସି ପ୍ରିୟେ କଥା କହ ଗୋ । ରବିଚନ୍ଦ୍ର ମସୁଖ ବିକାଶୁ" ର: ମଞ୍ଜରୀ ॥

୨୫ । କଳଶ—ମାଠିଆ । ଗୁପତ—ବନ୍ଦ । ଯେପର୍ କାଚ ମାଠିଆରେ ପାଣି ଥାଇ ପଡ଼ିଲା ପର ଦେଖାଯାଏ କିନ୍ତୁ ପଡ଼େ ନାହିଁ । ସେହିପର୍ ସେ ସୁନ୍ଦର୍ୀ ହସିଲ ବେଳେ ଅମୃତଧାର୍ ଖସି ନ ଖସିଲା ପର୍; ହସ ଅତି ମଧୁର । ୨୬ । ଗତାଗତ—ଚୂଳନ, ଯିବା ଆସିବା; ଅପାଙ୍ଗ—ଆଖି କୋଣ, ସର୍ ପର୍ଯ୍ୟନ୍ତ । ଟାଳେ—ଚଳାଏ । ଅନଙ୍ଗ—କାମ । ତୁରଙ୍ଗ ଧାଉଡ଼—ଘୋଡ଼ା ଝପଟ । ଟାର ସନ୍ଧାନେ—ଶର ଯୋଜନାରେ । ଧୈର୍ଯ୍ୟ ଘଉଡ଼ ନେଇ—ଧୈର୍ଯ୍ୟ ଦୂର କର ଦେଉଛି ।

ଗୃହିଁବା ମାତ୍ରେ ବୁଡ଼ି ଯାଇ ଚେତନ ।
କେତେ ମାଧୁରୀ ତହିଁ ପକ୍ଷ୍ମପତନ ଯେ ।
ଯୋଜନା କି ବେନି ତାଟଙ୍କକୁ ସୁରାବ୍ଜ
ଉଦିତ ମୁଦିତକୁ ଭଜେ ନୀଳାବ୍ଜ ଯେ । ୨୭ ।
ସୁସଞ୍ଚ ଘଞ୍ଚ କୁଚ ଯେମନ୍ତ ଦିଶେ ।
କେମନ୍ତ ବୋଲି କୁହା ନ ଯିବ ଶେଷେ ଯେ ।
ଏମନ୍ତ ହେଲେ ବାଣୀ ପବନ ପାଇଁ ।
ବର୍ଣ୍ଣନ କରୁଥାଇ ଉପମା ଦେଇ ଯେ । ୨୮ ।
ସୁନ୍ଦର ସଦନେ କି ସ୍ୱର୍ଣ୍ଣ ପଞ୍ଜରୀ ।
ଧାଡ଼ି ରଖିଛି ଅକ୍ଷିପକ୍ଷୀକି ଧରି ଯେ ।
ମେରୁ ଏତିକି ବୋଲି ଉଚ୍ଚ ଦେଖାଇ ।
ମନ-ମିହିରକର ଛାଡ଼ି ନ ଯାଇ ଯେ । ୨୯ ।
ବାଲି ଅନେକ ଦାହ କନକବଲ୍ଲୀ ।
ଭୁଜାନ୍ତରକୁ କୋଡ଼ ସମସ୍ତେ ବୋଲି ଯେ ।

---

୨୭ । ଚେତନ—ଚେତା; ସଂଜ୍ଞା । ମାଧୁରୀ—ସୁନ୍ଦର । ପକ୍ଷ୍ମପତନ - ଆଖିପତା ପକାଇବା । ବେନି ତାଟଙ୍କ—ଦୁଇ କର୍ଣ୍ଣର ଦୁଇ ତଡ଼କି (ଅଳଙ୍କାର); ସୁରାବ୍ଜ—ସୂର୍ଯ୍ୟ ଓ ଚନ୍ଦ୍ର । ଯୋଜକ—ଧରିବା ଜଣ । ନୀଳାବ୍ଜ—ନୀଳୋତ୍ପଳ । ଚକ୍ଷୁଦ୍ୱୟ ହେଲେ ନୀଳୋତ୍ପଳ । ଉଦିତ—ବିକାଶ । ମୁଦ୍ରିତ—ସଂକୋଚ ତାହାକୁ ଭଜୁ ଅଛନ୍ତି । ଗୋଟିଏ ମାଣିକ୍ୟସମ୍ବନ୍ଧୀ ତାଟଙ୍କ ଓ ଗୋଟିଏ ହୀରକ ସମ୍ବନ୍ଧୀ ତାଟଙ୍କ । ସୂର୍ଯ୍ୟ ଚନ୍ଦ୍ର ରୂପେ ଉତ୍ପ୍ରେକ୍ଷା କଲି । ଉତ୍ପ୍ରେକ୍ଷା କରିବାରୁ ଦୋଷ ହେଲି ନାହିଁ ।

୨୮ । ସୁସଞ୍ଚ—ଅତି ସୁନ୍ଦର । ଘଞ୍ଚ—ଘନ, କଠିନ । ଶେଷେ ଅନନ୍ତ ବା ବାସୁକିଙ୍କ ଦ୍ୱାରା (ସହସ୍ର ମୁଖରେ ମଧ୍ୟ) ବାଣୀ—ସରସ୍ୱତୀ, ବାକ୍ୟ । ୨୯ । ସୁନ୍ଦର ସଦନେ—ଭଲ ଘରେ । ସ୍ୱର୍ଣ୍ଣ ପଞ୍ଜରୀ—ସୁନା ପିଞ୍ଜରା । ଲାବଣ୍ୟ-ବତୀ ହେଲି ସୁନ୍ଦର ସଦନ । ସ୍ୱର୍ଣ୍ଣ ପଞ୍ଜରୀ ହେଲି ସ୍ତନ । ଆଖି ହେଲି ସେଥିରେ ପକ୍ଷୀ; ଆଖି ଲାଖି ରହେ । ମେରୁ ପର୍ବତ ଏହି ପରିମାଣରେ ଉଚ୍ଚ । ସୂର୍ଯ୍ୟକିରଣ ମେରୁରେ ସର୍ବଦା ଥାଏ ସେହିପରି ମନ ହେଲି ମିହିରକର—ସୂର୍ଯ୍ୟ କିରଣ ଅତି ଉଚ୍ଚ ସ୍ତନ ।

ସ୍ତନ ମଧୁର ମଧୁକୋଷକୁ ଅଣି ।
ସଞ୍ଚିଲେ କି ରୋମାଳୀ ସରଘା ଶ୍ରେଣୀ ଯେ । ୩୦ ।
ଶୃଙ୍ଗାର ରସଲତା ରୋମାଳୀ ବ୍ୟାଜ ।
ଫଳିଛି ପ୍ରେମାମୃତ ଫଳ ଉରଜ ଯେ ।
ଇତର ଭାଗ୍ୟେ କି ଭୋଗ ହେବ ସେ ।
ଧନ୍ୟ ବର୍ଣ୍ଣିଲ ସ୍ତନ ମନ୍ତ୍ରିଜ ଭାଷେ ଯେ । ୩୧ ।
ଜାଣିଲି ସେହି ସ୍ତନ କଛି ସମାନ ।
ଲଭି ଏମାନ ଲଭିଲେ କି ଏ ମାନ ଯେ ।
ଶ୍ରୀଫଳ ଯେ ଶ୍ରୀବନ୍ତ ପ୍ରଥମେ ହୋଇ ।
ତୃଣରାଜ ପଦକୁ ପଛେ ପକାଇ ଯେ । ୩୨ ।

---

୩୦ । ଅନେକଦାହ କନକବଲ୍ଲୀ—ବହୁବାର ନିଆଁରେ ପୋଡ଼ା ହୋଇଥିବା ସୁନାର ଲତା । ଅତି ଉଜ୍ଜ୍ୱଳ ସୁନାର ଲତା ଏ କନ୍ୟା ଭୁଜାନ୍ତରକୁ—ଦୁଇ ଭୁଜର ମଧ୍ୟକୁ । ସ୍ତନ ହେଲା ମଧୁର ମଧୁକୋଷ—ମଧୁର ମହୁଙ୍କ ମହୁ ଫେଣା । ସରଘା—ଭଅଁରସବୁ ବା ମହୁମାଛି ସବୁ ହେଲେ ରୋମାଳି- ଉଦର ମଧ୍ୟସ୍ଥ ରୋମରେଖା । ସଞ୍ଚିଲେ—ସମ୍ପାଦିଲେ ।

୩୧ । ରୋମାଳି—ରୋମରାଜି ବା ରୋମର ରେଖା ସେ ହେଲା ଶୃଙ୍ଗାର ରସର ଲତା; ବ୍ୟାଜ—ଛଳନା; ରୋମାଳି ନୁହେଁ ସେ ଶୃଙ୍ଗାର ରସ· ଲତା । ଉରଜ—ସ୍ତନ ହେଲା ପ୍ରେମାମୃତମୟ ଫଳ । ( ଭାଗବତ—ନିଗମ କଳ୍ପତରୋର୍ଗଳିତଂ ଫଳଂ ଶୁକ ମୁଖାଦମୃତଦ୍ରବସଂଯୁତମ୍ ) ମନ୍ତ୍ରୀଜ—ମନ୍ତ୍ରୀପୁଅ ।

୩୨ । ସେହି ଲାବଣ୍ୟବତୀର ସ୍ତନ ସଙ୍ଗେ ସମାନ ହୋଇ ବଡ଼ ଠିକ ହେବାକୁ ନଡ଼ିଆ ଶ୍ରୀବନ୍ତ—ଶୋଭାଯୁକ୍ତ ହେବାକୁ ଶ୍ରୀଫଳ ବୋଲାଇ ତୃଣରାଜ ପଦକୁ ତ୍ୟାଗ କଲା । (ତୃଣରାଜ—ନଡ଼ିଆ) ବା ଶ୍ରୀଫଳ ଯେ ବେଲ ପ୍ରଥମରେ କି ଆଦ୍ୟରେ ଶ୍ରୀବନ୍ତ ହୋଇଥିଲା ଅର୍ଥାତ୍ ଶ୍ରୀ ଆଦ୍ୟରେ ତାର ଥିଲା । ପଛରେ ତୃଣରାଜା ଯେ ତାଳ ତାହାର ପଦକୁ ପକାଇଲା ଅର୍ଥାତ୍ ରାଜପଦ ତୃଣ ଶବ୍ଦର ପଛରେ ରହିଲା । ପ୍ରଥମ ଅର୍ଥ ସମୀଚୀନ । କାରଣ ସେହି ଗୋଟିଏ ଗଛର ନାମ ତ, ତାହା ପୂର୍ବରେ ଶ୍ରୀ ରହିବାରୁ ସେ ଶ୍ରୀଫଳ ବୋଲାଇଲା ଓ ପରେ ରାଜା ରହିବାରୁ ତୃଣରାଜ ବୋଲାଇଲା —ତହୁଁ ପ୍ରଥମ ନାମକୁ ଗ୍ରହଣ କରିବାରେ ତାର ଠିକ ଦ୍ୱିତୀୟରେ ନୁହେଁ—(କାରଣ ଅକ୍ଷରର ଅର୍ଥରେ ପାର୍ଥକ୍ୟ ଅଛି) ।

ରୁଦ୍ର ଶିବ ହେବାର ସଂଶୟ ଦୂର ।
ଏତେ କାଳକେ ଅସି ହେଲା ମୋହର ଯେ ।
ଯେବେ ଲଭିଲନ୍ତ ସେ ସ୍ତନସ୍ମରଣ ।
ଜାନୁସିଂହାସନେ ବସିବ ଅବଶ୍ୟ ଯେ । ୩୩ ।
କୁମାର ବୋଲେ ଆନ ବ୍ୟବସାୟକୁ ।
କର କି କାର୍ଯ୍ୟ ବର୍ଣ୍ଣୁଥିବା ତାହାକୁ ଯେ ।
କାନ୍ତି ଏମନ୍ତ ଝଳା ତହିଁକି ଗୃହଁ ।
ଭାଲେ ତିଳକ ଲେଖି ହୋଇବ ଯହିଁ ଯେ । ୩୪ ।
ପୀୟୂଷପିଣ୍ଡୁଳାକୁ ସୁନା ରସାଣ ।
ଏହା ଭାବ କି ଧାତା କଲା ଭିଆଣ ଯେ ।
ସଂସାରସାର ସବୁ ଲାବଣ୍ୟମାନ ।
ପ୍ରତିବିମ୍ବ ଦେବାକୁ ହେବାକୁ ସ୍ଥାନ ଯେ । ୩୫ ।

---

୩୩ । ରୁଦ୍ର—ଭୀଷଣ, ସେ ମଙ୍ଗଳକର ହେବେ; ଏହି ଯେ ସଂଶୟ ଥିଲା ତାହା ଦୂର ହେଲା । ମହାଦେବଙ୍କ ନାମ ରୁଦ୍ର ଓ ଶିବ; ଯେ ରୁଦ୍ର ସେ କପରି ଶିବ ହେବେ ଏହି ସଂଶୟ ଥିଲା, ବର୍ତ୍ତମାନ ସେ ପ୍ରସନ୍ନ ହେବାରୁ ସେ ସଂଶୟ ଦୂର ହେଲା । ବା ରୁଦ୍ର ଯେ ମହାଦେବ ସେ କାହିଁକି ଶିବ ହେଲେ—ଏ ସଂଶୟ ମୋର ଏତେକାଳେ ଦୂର ହେଲା । ବିଲ୍ୱସ୍ତନା ବୋଲିବାରୁ ଶ୍ରୀଫଳ ବୋଲାଇଲା ତାଳସ୍ତନା ବୋଲିବାରୁ ତୃଣରାଜ ସେ ବୋଲାଇଲା । ଶମ୍ଭୁସ୍ତନା ବୋଲିବାରୁ ମହାଦେବ ହେଲେ କି ଶୁଭଯୁକ୍ତ ହେଲେ । ପ୍ରଥମେ ବିଲ୍ୱୋପମା, ଦ୍ୱିତୀୟରେ ତାଳୋପମା, ତୃତୀୟରେ ଶିବୋପମା ହେଲା— ଏରୂପ କ୍ରମରେ । ସ୍ତନସ୍ମରଣ ଦୁଧ ଛୁଇଁବା । ଜାନୁସିଂହାସନ—ଜାନୁରୂପ ସିଂହାସନ । ୩୪ । ଅନ୍ୟ ବ୍ୟବସାୟ—ଅନ୍ୟ ପ୍ରସଙ୍ଗ, ଅନ୍ୟ ବିଷୟ ବର୍ଣ୍ଣନା କରିବା—ସ୍ତନ କେବଳ କଣ ବର୍ଣ୍ଣନା କରୁଥିବ । କାନ୍ତି—ଦୀପ୍ତି । ଝଳ—ଝଟକ; କାନ୍ତି ଏପରି ଘନ ଯେ ସେଥିରେ ତିଳକ ଲେଖି ହୋଇ ପାରିବ (ସୂଚୀଭେଦ୍ୟ ତମୋବତ୍) ।

୩୫ । ପୀୟୂଷପିଣ୍ଡୁଳାକୁ—ଅମୃତମୟ ମୂର୍ତ୍ତିକୁ । ରସାଣ—ଲେପ । ଭିଆଣ—ନିର୍ମାଣ । ସଂସାରସାର ଲାବଣ୍ୟ—ସଂସାରର ସବୁ ସୁନ୍ଦର ପଦାର୍ଥର ସାର । ପ୍ରତିବିମ୍ବ—ପ୍ରତିଫଳିତ ହେବାକୁ, ଦର୍ଶାଇବାକୁ ଏ ଉପଯୁକ୍ତ ସ୍ଥାନ । ଗଉରବ—ଠେକ । ଗଉର—ଶ୍ୱେତ ପୀତ । କୁଙ୍କୁମ ଶୋଭା—ହଳଦୀ, ଫିଟିକିର ଓ ଲେମ୍ବୁରସର ଲେପ । ଅବୟବେ—ଦେହରେ । ସିନ୍ଧୁକୁ—ସମୁଦ୍ରକୁ । ଯେପରି ନଦୀ ସମୁଦ୍ର ସଙ୍ଗେ ମିଶେ—ସେହିପରି ମୁଁ ତା ସଙ୍ଗରେ ମିଶିବାକୁ ସମୁଦ୍ରକୁ ଗୁରୁ କରିବ ।

କି ଗଜବର ଅନ୍ୟ ଗଜର ଦ୍ରବେ ।
କୁଙ୍କୁମ ଶୋଭା କରେ ଯେ ଅବୟବେ ଯେ ।
ସିନ୍ଧୁକୁ ଗୁରୁ କରି ମନ ଏମନ୍ତ ।
ମିଶିବ ଅଙ୍ଗେ ଜଳେ ଜଳ ଯେମନ୍ତ ଯେ । ୩୬ ।
ମମତା ଏହି ଖଗବର ପ୍ରକାର ।
ତା ଆଗେ ବସିଥିବ ଯୋଡ଼ଣ କର ଯେ ।
ଶିବ ପାର୍ବତୀ ଅର୍ଦ୍ଧଅଙ୍ଗ ପରିବେ ।
ସେ ଅଲିଙ୍ଗନ ହୋଇଥିବ ଶରୀରେ ଯେ । ୩୭ ।
ବିଷ୍ଣୁ କୋଳେଁ କମଳା ପରିାପ୍ତ ସେହି ।
ଅନ୍ତର ହୋଇ ଦଣ୍ଡେ ନ ଯିବି କାହିଁ ଯେ ।
କଳେବରକୁ ଯଥା ନ ଛାଡ଼େ ଛାଇ ।
ମୁଁ ତାକୁ ନ ଛାଡ଼ିବି ତେମନ୍ତ ହୋଇ ଯେ । ୩୮ ।
ଯେବେ ଜୀବନେ ଥିବି ଉପାୟ କରି ।
ତପେ ହେଲେ ମନାଇ ହର ଗଉରୀ ଯେ ।
ଲଭିବି ବଲ୍ଲଭୀ-ରତନ ଅବଶ୍ୟ ।
ଯୋଗେ ସଙ୍ଗମ ନୋହୁଁ ହୋଇଲେ ନାଶ ଯେ । ୩୯
ତାକୁ ପାଇବି ଅଛି ଏହି ଭରସା ।
ଚନ୍ଦ୍ର ଲଭିଲା ମଲ୍ଲ ଉତ୍ତାରୁ ଶଶା ଯେ ।
ତା ନାମ କରୁଥିବି ମୁଁ ସୁମରଣ ।
ଗଲେ ତ ଜୀବ ହେବ ମୋ ସୁମରଣ ଯେ । ୪୦ ।
ପ୍ରବୋଧା ସୁତ ବୋଲେ ତୋ ଶବ୍ଦ ମରୁ ।
ଦୁର୍ଗା କୃପାରୁ ଭେଟ କର ତୁ ଝାରୁ ଯେ ।

---

୩୭ । ମମତା ଏହି—ଏହି ଲୋଭ । ଖଗବର—ଗରୁଡ଼ । ଯେପରି ଗରୁଡ଼ ବିଷ୍ଣୁଙ୍କ ଆଗରେ ମୁଁ ସେପରି ତା ଆଗରେ ବସିବି ।
୩୮ । କମଳା—ଲକ୍ଷ୍ମୀ । କଳେବର—ଦେହ । ୩୯ । ହରଗଉରୀ—ଶିବ-ପାର୍ବତୀ । ବଲ୍ଲଭୀରତନ—ପ୍ରିୟାଶ୍ରେଷ୍ଠ । ୪୦ । ଶଶା ଯେପରି ଜୀଇଁ-ଥିଲାବେଳେ ଚନ୍ଦ୍ରଙ୍କୁ ପାଇବା କାମନାରେ ଧାଇଁ ଧାଇଁ ମଲା ଓ ମଲା ପରେ ଚନ୍ଦ୍ରଙ୍କୁ ପାଇ ତାଙ୍କ ଦେହରେ କଳଙ୍କ ହୋଇ ରହିଲା, ସେହିପରି ମୁଁ ପାଇବି । ସୁମରଣ—ସ୍ମରଣ ଓ ଭଲ ମୃତ୍ୟୁ ।

ସାଧୁତ ଶୁକ ବୃହସ୍ପତି ଯାଇଛୁ ।
ସେ ଆସିଲେ ଉପାୟ କରିବା କହୁ ଯେ । ୪୧ ।
ଦ୍ୱୀପ ସପତ ଶୋଭା ଜମ୍ବୁ ପ୍ଲକ୍ଷରେ ।
କୁଶ କ୍ରୌଞ୍ଚ ଶାକ ଶାଲ୍ମଳୀ ପୁଷ୍କରେ ଯେ ।
ଲବଣେକ୍ଷୁ ସୁରା ସର୍ପି ଦଧି ଦୁଗ୍ଧ ।
ପୟ ଏମାନ ସପତ ସମୁଦ୍ର ସିଦ୍ଧ ଯେ । ୪୨ ।
ପୂର୍ବେ ନରରାଜାଏ ଅଛନ୍ତି ଭ୍ରମି ।
ସିଂହଳଦ୍ୱୀପେ ଅଛୁ କରୀନ୍ଦ୍ରଗାମୀ ଯେ ।
ଏଥିପାଇଁ ଛାଡ଼ିବ କପାଁ ଜୀବନ ।
ଅନିରତେ କରିବା ଉପାୟମାନ ଯେ । ୪୩ ।
ସେ ତ ସ୍ୱଭାବେ ସ୍ତିରୀ ଧ୍ୱଂସ ଭଜିବ ।
ବଣିକ ଜଣେ ସିନା ବରୀ ହୋଇବ ଯେ ।
ଏମନ୍ତ ବଚନରେ ବୋଧିଲେ ଶତ୍ରୁ ।
ଏ ଛାନ୍ଦ ଅତି ରମ୍ୟ ହୋଇଲା ପ୍ରାନ୍ତ ଯେ । ୪୪ ।
ଦୈତ୍ୟହତ ଚତୁରଭୁଜ ରଞ୍ଜିତ ।
ଶିବିଭାନୁ ପରାୟ ତେଜ ଜ୍ୱଳିତ ଯେ ।
ହେ ରାମ ନାରାୟଣ ଦୁରିତ ଧ୍ୱଂସ ।
କହଇ ଉପେନ୍ଦ୍ର ଭଞ୍ଜ ଏ ରସ । ୪୫ ।

---

୪୧ । ସୁରବୋଧା ସୁତ—ପୁରୋହିତଙ୍କ ପୁଅ । ୪୨ । ସିଦ୍ଧ—ପ୍ରସିଦ୍ଧ, ଜଣା ।
୪୩ । କରୀନ୍ଦ୍ରଗାମୀ—ଗଜରାଜଗମନା ଲାବଣ୍ୟବତୀ । ଅନିରତେ—ସର୍ବଦା ।
୪୪ । ବଣିକ—ଉଚ୍ଚ ରାଜବଂଶଜାତ । ୪୫ । ହେ ଦୈତ୍ୟହତ ଚତୁର—ଦୈତ୍ୟ ଯେ ରାକ୍ଷସମାନେ ସେମାନଙ୍କ ହତରେ—ନାଶରେ ଯେ ଚତୁର—କୁଶଳ । ହେ ଭୁଜରଞ୍ଜିତ—ଭୁଜଦ୍ୱୟରେ ଶୋଭିତ । ଶିବିଭାନୁ—ଅଗ୍ନି ବା ସୂର୍ଯ୍ୟ । ନାରାୟଣଙ୍କ ପକ୍ଷେ—ଦୈତ୍ୟଙ୍କ ହାତରେ—ଅସୁରଙ୍କ ନାଶରେ ଚତୁର୍ଭୁଜରଞ୍ଜିତ—ଚାରିଗୋଟି ବାହୁରେ ଶୋଭିତ । ଦୁରିତ—ଦୁଃଖ ଓ ତାପ ।

## ପଞ୍ଚଦଶ ଛାନ୍ଦ

### ( ଐନ୍ଦ୍ରଜାଲିକର ମାୟା ଦେଖାଇବା )

ରାଗ—ବସନ୍ତଭୈରବ । ଭଙ୍ଗା ଦ୍ୱାଦଶ ଛାନ୍ଦ ବାଣୀ ବା କଳସା ବାଣୀ

ଶୁଣ ଜନେ ଏଣୁ ବିଧାତାଙ୍କୁ ବଡ଼ ବୋଲି ।
ବ୍ୟାଜେ ଧନ ଅର୍ଜନେ ଅନେକ ଦେଶ ବୁଲି ସେ ।
ସିଂହଳ ଦ୍ୱୀପେ ପ୍ରବେଶ ହେଲା ନଟବର ।
ଲୋକବଶକାରୀ ସେ ବିନୋଦ ନାମ ଧାର ଯେ ।
ହସ୍ତେ ଡାକ କାଖେ ଯାକଅଛି ସର୍ପପେଡ଼ି ।
ଦେହେ ଘଷି ହୋଇଛି ଚନ୍ଦନ ଦର୍ଗ ମାଟି ଯେ । ୧ ।
ମଲ୍ଲବିଦ୍ୟା ପଣ୍ଡିତ ଫଳିଛି ବାହୁ ବେନି ।
ତାହିଁ ତ ଶୋଭିତ ଯେ ମୟୂରଝୁଲି ଯେନି ଯେ ।
ବକ୍ର ଜୁଡ଼ାକୁ ବେଢ଼ିଛି ଅର୍ଗଳାର ଫୁଲ ।
ଜଙ୍ଘେ ଧରିଛି ଭଲ କଳା ଓରମାଲ ଯେ ।
ସୁନାମୋଡ଼ିଅ ପନସକଢ଼ିଅ କୁଣ୍ଡଳ ।
ଦୋହଲି ଶୋଭା କରୁଛି ତା ଗଣ୍ଡମଣ୍ଡଳ ଯେ । ୨ ।
ହସୁଁ ଦଶେ ସୁନାଖିଲି ଝଲ ଝଲ ଦନ୍ତ ।
ପାନେ ପାଚି ଯାଇଛି ସେ ଜମ୍ବୁଫଳ ମତ ଯେ ।
ସିନ୍ଦୂର ଶତାହିଁ ତା ହଠକେଶ୍ୱର ପଣେ ।
ବିଭୂତ ଘଷି ହୋଇଛି ଯୁଗଳ ଈକ୍ଷଣେ ଯେ ।
ବକଶାମଲ ବାନା ତା ଭୁଜଙ୍ଗ ପଇତା
ମହା ମହା ଗୁରୁମାନଙ୍କର ଦର୍ପହନ୍ତା ଯେ । ୩ ।

---

୧ । ବ୍ୟାଜେ—ଛଳରେ । ଡାକ—ଡମ୍ବରୁ । "ଡାକ ମଧ୍ୟମାକୁ ଡାକଅଣି-ମାକୁ ଏଠାକୁ କାହା ସାହସ" ବି: ଚ: ଚି: ।

୨ । ଫଳିଛି—ବ୍ୟାୟାମ ହେତୁ ମାଂସ ଓ ରକ୍ତ ଗୋଠା ବାନ୍ଧି ଖୁବ ଟାଣ ହୋଇଛି । ମୟୂର ଝୁଲି—ମୟୂର ପୁଚ୍ଛର ଗୋଛ । ଓରମାଲ ବା ଓରମାଲ—ଶୁନ୍ଦର ବା ବଡ଼ ରୁମାଲ । ବକ୍ରଜୁଡ଼ା—ଜୁଡ଼ା ବଙ୍କା ହୋଇ ବନ୍ଧା ହୋଇଛି ।

୩ । ଝଲ ଝଲ—ଚକ୍ ଚକ୍ । ଜମ୍ବୁଫଳ—ଜାମୁକୋଳ । ହଠକେଶ୍ୱର—କୁହୁକାର୍ଯ୍ୟ ଶ୍ରେଷ୍ଠ । ବିଭୂତ—ପାଉଁଶ । ଯୁଗଳ ଈକ୍ଷଣେ—ଦୁଇ ଆଖିରେ ।

ଧଣ୍ଡ ଶିକଳା ଚରଣେ କର କଙ୍କଣରେ ।
ବଜ୍ରିକଣ୍ଟ ହେମ ବାଳୀ ବାମ ଶ୍ରବଣରେ ଯେ ।
ପିନ୍ଧିଛି ପଚମ୍ନୀଫେଟା ପଚ୍ ମୀବୀ କର ।
ରଙ୍ଗପାଟ ଖଣ୍ଡୁ ଅଏ କଟିରେ ମାଧୁରୀ ଯେ ।
ବେଢିଛନ୍ତି ଶିଷ୍ୟ ଉପଶିଷ୍ୟ ବେଶ ହୋଇ ।
କେ ଚଉତନା କେ ପାଗ ମୁଣ୍ଡେ ମୁଣ୍ଡିଆଇ ଯେ । ୪ ।
ପିନ୍ଧ ଚଲନାକାଛକୁ ବାନ୍ଧିଛନ୍ତି ତହିଁ ।
ଭାଲେ କାଳୀ ଚିତା କେ ବଭୂତଭୂଷା ଦେଇ ଯେ ।
ବହିଛନ୍ତି ସେ ବଂଶଶଲାକା ଅଦ ଢୋଲ ।
ଘାଁଟ ନାଟ ଅରଟୀ ରଣପାଦ ମଞ୍ଜୁଳ ଯେ ।
ମଧ୍ୟବର୍ତ୍ତୀ ପ୍ରେମରୂପା ନାମେ ନଟୀସାର ।
ବୟସରେ ଷୋଡ଼ଶୀ ବେଶରେ ମନୋହର ଯେ । ୫ ।
ସେ ବିଟପୀ ବିଟପଧଇର୍ଯ୍ୟ ବିଟପିକି ।
ଛେଦନେ କୁଠାର ପରି ମନରେ ଭରକି ଯେ ।
ଚିତ୍ତେ କର ଧରିବାକୁ ଦର୍ପଣ ଟୁଟେକ ।
ମୁଖ ମାଠି ତଇଲେ କରନ୍ତି ଜକଜକ ଯେ ।

---

ବକଶାମାଲବାନା—ତା ପତାକାରେ ବଗ ଓ ବାଜପକ୍ଷୀ ଅଙ୍କିତ ଭୂଜଙ୍ଗ—ସାପ । ଦର୍ପହନ୍ତା—ଗର୍ବନାଶକାରୀ । ୪ । ଧଣ୍ଡଶିକଳା—ଗୋଡ଼ଶିକୁଳୀ—ପାଦବଳା ବା ଧଣ୍ଡସାପ ପାଦରେ ଶିକୁଳୀ ପରି ଗୁଡ଼ାଇ ହୋଇଛି ବା ପାଦରେ ଫୁଲମାଳା ଧାରଣ କରିଛି । ଚରଣେ—ପାଦରେ । ହେମବାଳୀ—ସୁନାର ବାଉଳ (କର୍ଣ୍ଣର ଅଳଙ୍କାରବିଶେଷ) ବାମ ଶ୍ରବଣରେ—ବାଁ କାନରେ । ପଚମ୍ନୀ—ପରିଧେୟ ବସ୍ତ୍ର, ପିନ୍ଧା ଲୁଗା । ଫେଟା—କମରରେ ଘେରିବା ଲୁଗା (ହିନ୍ଦୀ ଫେଣ୍ଟା ମଧ୍ୟ ଏହି ଅର୍ଥରେ) । ନୀବୀ ପର୍— ସ୍ତ୍ରୀର କଟିବନ୍ଧନ ଭୁଲ୍ଲି । ରଙ୍ଗ ପାଟ—ଲାଲ ପାଟ । ମାଧୁରୀ—ଶୋଭା । ଚଉତନା—ରୁମାଲ । ୫ । ଚଲନା କାଛ—ଟୁଲିବା ବା ଲମ୍ବିବା ଲେଙ୍ଗୁଟି ବା କାଛ । ଭାଲେ—କପାଳରେ । ବଂଶଶଲାକା—ଲମ୍ବ ବାଉଁଶ । ଘଟ—ମାଠିଆ । ଲଟ—ପିନ୍ଧା ଲୁଗା (ନାଟ ମଧ୍ୟ)—ନାଟ—ଶର ମଧ୍ୟ । ଅରଟୀ—ବାଦ୍ୟଯନ୍ତ୍ର ବିଶେଷ । ରଣପାଦ—କାଷ୍ଠପାଦଦ୍ୱୟ ପ୍ରଭୃତି । ମଞ୍ଜୁଳ—ସୁନ୍ଦର । ମଧ୍ୟବର୍ତ୍ତୀ—ମଝିରେ ଥିବା । ୬ । ବିଟପୀ—ଅସତୀ । ବିଟପ—ଲମ୍ପଟ । ବିଟପୀ—ଗଛ । କୁଠାର—

ଅଙ୍ଗେ ସଙ୍ଗ କରିଅଛି ସେ ବନ ହଳଦୀ ।
କାନ୍ତି ହୋଇଛି ପାଚିଲା ଅମ୍ବ ପ୍ରତିଦ୍ୱନ୍ଦୀ ଯେ । ୬ ।
କଉରୀରେ ଅଳକାକୁ ନୂତନେ ଖଣ୍ଡିଛି ।
ଫୁଲଗୁଚ୍ଛାଏ ଜୁଡ଼ାରେ ଯତନେ ମଣ୍ଡିଛି ଯେ ।
ଦଣ୍ଡିଛି ସେ ଜଳଦ ବକାଳୀମହୋଜ୍ଜ୍ୱଳ ।
ବହଳ କରି ଦେଇଛି ନୟନେ କଜ୍ଜ୍ୱଳ ଯେ ।
ମୃଗ ହୋଇଲାକୁ ଅଛି ଚଞ୍ଚଳ ଗୃହୁରି ।
ଖେଳାଭୂମିଯାକ ବାନ୍ଧିଦେଇଛି କସ୍ତୁରୀ ଯେ । ୭ ।
ଅଭ୍ରଚିତା ଶୁଭ୍ର ହୋଇଅଛି ଭାଲପଟେ ।
ଭାନୁକର ଲାଗି ଫୁଟକରି ଫୁଟ ଫୁଟ ଯେ ।
ଜାଣେ କି ତହିଁ ଜ୍ୱଳନ କାମଡାଳୀ ବହି ।
ଅଯୁଥିଲା ଉପମାକୁ ସେ ବାମା ଲଭଇ ଯେ ।
ଶରଲକ୍ଷ କଟାକ୍ଷ ତା ପାଇଁ ଯୋଗିରାଜି ।
ବାନ୍ଧିବା ଭ୍ରମ ଥରିଲେ ମୃଗଚର୍ମ ତେଜି ଯେ । ୮ ।
ବେଣ୍ଟ ପୃଷ୍ଠରେ ତା ଗୁଣା ନାକଚଣା ଅଛି ।
ନାସାଦଣ୍ଡ ଫୋଡ଼ାଇ ଗୁଣାଏ ଲଗାଇଛି ଯେ ।
ଜାନୁପୁରେ ମୋତେ ରତିବ ଚକ୍ଷଣାଗୁଣେ ।
ନାସା ନାହିଁ ବୋଲି ଶିକ୍ଷା ବହୁଛି ଆପଣେ ଯେ ।
ସୁନା ମଲ୍ଲୀକଢ଼ୀ ଫୁଲ ଜାଲିପଟିଆମ ।
ବାଳୀରେ କରିଛି ଶ୍ରବଣକୁ ମନୋରମ ଯେ । ୯ ।

---

ଲୁଚିଛି । ପ୍ରତିଦ୍ୱନ୍ଦୀ—ଶତ୍ରୁ । ୭ । ଅଳକାକୁ—ଚୂର୍ଣ୍ଣ କୁନ୍ତଳକୁ—ମୁଣ୍ଡଉପରେ ଚୂନଚୂନିଆ ବାଳ । ଜଳଦ ବକାଳି—ମେଘ ସଦୃଶ ବଗସମୂହଙ୍କୁ । ସେ ଚକ୍ଷୁ ମୃଗଧର୍ମ ଧରିବାରୁ ଚଞ୍ଚଳ ହୋଇ ଶୋଭା ପ୍ରକାଶିଲା । ଚକ୍ଷୁ ପଡ଼ିବା ଭୂଇଁଯାକ କସ୍ତୁରୀ ବାନ୍ଧିଲା ପରି ଚକ୍ଷୁର କୃଷ୍ଣ ରଶ୍ମିଦ୍ୱାରା କଳା ଦେଖାଗଲା । ୮ । ଅଭ୍ରଚିତା—ଅବରକ ଚିତା । ଶୁଭ୍ର—ଶ୍ୱେତରେ ଉଜ୍ଜ୍ୱଳ । ଭାନୁକର—ସୂର୍ଯ୍ୟଙ୍କ କିରଣ । କାମଡାଳୀ—କନ୍ଦର୍ପର ଡାଳ ପାରିଧି—ଶବରମାନେ ମୁଣ୍ଡରେ ନିଆଁ ପଲମ ହାତରେ ନିଆଁ ଖୁଣ୍ଟା ଧରି ବଣରେ ବୁଲି ମୃଗମାନଙ୍କୁ ମାରନ୍ତି, ଏହାକୁ ଡାଳ ପାରିଧି କହନ୍ତି । ସେ ସ୍ତ୍ରୀ କନ୍ଦର୍ପ ଡାଳପାରିଧି କରି ଆସିବା ତୁଳନାକୁ ଧରିଛି ।
୯ । ବେଣୀପୃଷ୍ଠରେ—ନାକର ଦୁଇ ପୁଡ଼ାରେ । ଗୁଣା, ନାକଚଣା—ନାକର

ତହିଁ ଝଲକାଇ ସେ ଝଲକା ଝଲକଙ୍କୁ ।
ଆସ ବୋଲି ପାଶକୁ ଡାକଇ ପୁରୁଷଙ୍କୁ ଯେ ।
ଅଧରେ ଯେ କରିଅଛି ପାନରଙ୍ଗସଙ୍ଗ ।
ପ୍ରବାଳ ଉପିଲ୍ଲ ଥୋପି ପଡ଼ଇ କି ରଙ୍ଗ ଯେ ।
କୁଟାଇଛି ଚିବୁକେ ମକ୍ଷିକା ଗୃହୁଶନ ।
ଓଷ୍ଠେ ମଧୁ ସଞ୍ଚିବାକୁ କି ସେ ଉପସ୍ଥିତ ଯେ । ୧୦ ।
ଲାକ୍ଷା ଶଞ୍ଚାରସେ ପରୁଇଛି ଦନ୍ତରାଜି ।
ଦେଉଛି ସେ ପାଚିଲା ଡାଳିମ୍ବମଞ୍ଜି ଗଞ୍ଜି ଯେ ।
କାଚମାଳୀ ମୋତି କଣ୍ଠା କଣ୍ଠିମାଳୀ ମଞ୍ଜୁ ।
କମ୍ବୁ କଣ୍ଠେ ଲଗାଇଅଛି କି କୁନ୍ଦା ରଞ୍ଜୁ ଯେ ।
ନବଘନ ଦେଲା ପ୍ରାୟ ଚିରଶୃଙ୍ଗ ଚିଳ ।
ଉଇ କୁଚେ ରାଜିତ ହୋଇଛି ନୀଳଚେଲୀ ଯେ । ୧୧ ।
କକ୍ଷ ଭୁଜ ଅର୍ଦ୍ଧକୁ ବୋଲି ସେ ଅଛି ଗ୍ରାସି ।
କାଳିନ୍ଦୀରୁ ମୃଣାଳ ବାହାର ପରି ଦିଶି ଯେ ।
ସେ ଭୁଜେ ବାନ୍ଧିଛି ରୁପାସୁତା ବଦମାଳୀ ।
ପାଣିରେ ତା ପାଣିକାଚ ମିହ୍ନା କଡ଼ଆଳୀ ଯେ ।

---

ଅଳଙ୍କାର ଦୁଇଗୋଟି । ନାସାଦଣ୍ଡି—ନାକପୁଡ଼ା । ରତ୍ନବିଚକ୍ଷଣ—ରତ୍ନକୁଶଳ । ଶ୍ରବଣକୁ—କାନକୁ । ମନୋରମ—ସୁନ୍ଦର ।

୧୦ । ଝଲକାଇ—ହଲାଇ, ଚହଲାଇ । ଝଲକ —କର୍ଣ୍ଣଭୂଷଣ ବିଶେଷ । ଝଲକ—ଘାପ୍ତି । ପ୍ରବାଳ—ପୋହଳା । ଉପିଲ୍ଲ—ଚିକ୍କଣ କରି ଲେପ ଦେବା । ଅଧରେ—ଓଠରେ । ମକ୍ଷିକା—ମାଛି । ମଧୁ—ମହୁ, ଅମୃତ ।

୧୧ । ଲାକ୍ଷା—ଅଲତା । ଚଞ୍ଚା—ତେନ୍ତୁଳି । ମୋତିକଣ୍ଠା—ମୋତିର କଣ୍ଠମାଳା । କଣ୍ଠିମାଳୀ—କଣ୍ଠର ମାଳାବିଶେଷ । ମଞ୍ଜୁ—ସୁନ୍ଦର । କମ୍ବୁକଣ୍ଠେ—ଶଙ୍ଖ ସଦୃଶ କଣ୍ଠରେ । କୁନ୍ଦା ରଞ୍ଜୁ—କୁନ୍ଦରେ ବସି ସଫା ହୋଇଥିବା ଦଉଡ଼ି । ନବଘନ—ନୂଆ ମେଘ—ଜଳ ବର୍ଷୁ ନ ଥିବାରୁ ଭାରି କଳା । ନୀଳଚେଲୀ—ନେଳିଆ କାଞ୍ଚୁଲି ।

୧୨ । କକ୍ଷଭୁଜ—କାଖ ନିକଟ ବାହୁ । ଅର୍ଦ୍ଧକୁ......ଗ୍ରାସି—କାଖମୂଳ ବାହୁର ଅଧକୁ ଘୋଡ଼ାଇ ଅଛି । କାଳିନ୍ଦୀ—ଯମୁନା (ତାର ପାଣି କଳା) ମୃଣାଳ —ପଦ୍ମନାଡ଼ । ପାଣିରେ—ହାତରେ । ପାଣିକାଚ—ହସ୍ତରେ ଗ୍ରହଣ

ଅଞ୍ଜନଚିହ୍ନେ ରଞ୍ଜନ କରଜ ପାପୁଲି ।
ଦର୍ପଣବସା ମୁଦରେ ଦୀପିତ ଅଙ୍ଗୁଳୀ ଯେ । ୧୨ ।
ଅଛି ଜଙ୍ଘତଳେ ଭିଡ଼ ଦେଇ କଟୀଡୋର ।
ପିନ୍ଧିଛି ସେ ଅତଲସ ଲହଙ୍ଗା ଉପର ଯେ ।
ବାନ୍ଧିଅଛି କ୍ଷୁଦ୍ର ଘଣ୍ଟି ବାଜେ ଝମ ଝମ ।
କଟେ ଉପରଣ ଜଗିପାଗ୍ଗୋଡ଼ା ସୁଷମ ଯେ ।
ରଣଝଣ ହୋଇ ଖଞ୍ଜା ଘାଗୁଡ଼ି ଚରଣେ ।
ଡାକେ ରସିକେ ସଞ୍ଚିତ ଧନ ବିତରଣେ ଯେ । ୧୩ ।
ରୋମାବଳୀ ଗୃହୁଁ ଜନେ ଭ୍ରମ ଉପୁଜଇ ।
ସ୍ତନପେଟୀରୁ କି କାଳବ୍ୟାଳ ବାହାରଇ ଯେ ।
ମୁଦୀ ଲଗାଇଛି ତିନି ତିନି ପ୍ରପଦରେ ।
ଧରିଛି ଅମୃତଘଷା ଧନୁ ବେନି କରେ ଯେ ।
ଏମନ୍ତରେ ନଟ ନଟୀ ରାଜଦ୍ୱାରେ ଯାଇ ।
ଦେଖିବାକୁ ଲୋକେ ଛନ୍ତି ସଙ୍ଗତେ ଗୋଡ଼ାଇ ଯେ । ୧୪ ।
ସିଂହଦ୍ୱାରେ ବସି ବଜାଇଲେ ଢୋଲ ତୁରୀ ।
ନୃପତି ଛାମୁରେ ଯାଇଁ ଜଣାଇଲେ ଦ୍ୱାରୀ ଯେ ।
ହେ ବିଭୋ ବନ୍ଧୁ କୁମୁଦବନ୍ଧୁ ମହାରାଜ ।
ଆସିଛି ଇନ୍ଦ୍ରଜାଲିକ କର୍ଣ୍ଣାଟ ରାଜ୍ୟ ଯେ ।

---

ଜରିବା ସରୁ ନୀଳକାଚ । ମିନା ଜଡ଼ାଉ କାମ (ହି—ମୀନା—ସୁନା ରୂପା ଆଦି ଉପରେ କରାଯିବା ରଙ୍ଗ ବିରଙ୍ଗ କାମ) । କରଜ—ନଖ—ଏଠାରେ ପାଞ୍ଚ ଅଙ୍ଗୁଳି ଉପର ବା ତଳ । ଦୀପିତ—ଶୋଭିତ, ଝଟକ । ଅଞ୍ଜନ ଚିହ୍ନେ—କଳା ଚିତାରେ ।

୧୩ । ଅତଲସ (ଆରବ୍ୟ ଶବ୍ଦ) ରେଶମୀ ବସ୍ତ୍ର । ଲହଙ୍ଗା—(ହି, ଲଙ୍କ—କାମର + ଅଙ୍ଗା—କମର ତଳର ସମସ୍ତ ଶରୀର ଢାଙ୍କିବା ପାଇଁ ସ୍ତ୍ରୀମାନଙ୍କ ଘାଗରା ପିନ୍ଧା) । ଉପରଣ—ଓଢ଼ଣୀ ଚଦର । ଜଗିପାଗ୍ଗୋଡ଼ା—ଶରୀର ଉତ୍ତରୀୟ ବସ୍ତ୍ର । ସୁଷମ—ସୁନ୍ଦର । ଘାଗୁଡ଼ି—କ୍ଷୁଦ୍ର ଘଣ୍ଟିକା—ପାଦର ଅଳଙ୍କାର ବିଶେଷ । ଧନ ବିତରଣେ—ଧନ ବାଣ୍ଟିବାରେ ।

୧୪ । ରୋମାବଳୀ—ଲୋମରେଖା—(ଉଦରର) । ସ୍ତନପେଟିରୁ—ସ୍ତନରୂପ ପେଡ଼ିରୁ । କାଳବ୍ୟାଳ—କୃଷ୍ଣସର୍ପ । ପ୍ରପଦ—ଗୋଡ଼ ଅଙ୍ଗୁଠି । ଅମୃତ ଘଷା—ସ୍ୱରବାଦ୍ୟ ବିଶେଷ (ଅମୃତଘୋଷା ? ) :—ଧନୁ ଦୁଇ ହାତରେ ଧରିଛି । ହେ ବିଭୋ—ହେ ପ୍ରଭୁ । ବନ୍ଧୁ କୁମୁଦ ବଧ

ଶୁଣି ତୁମ୍ଭ ଦାତୃଗୁଣ କରିବାକୁ ହଟ ।
ଆସୁ ବୋଲିବାକୁ ତହିଁ ନୃପତି ମୁକୁଟ ଯେ । ୧୫ ।
ଚାହିଁ ଦେଲେ ପ୍ରତିହାରୀ ଦଶ ବଂଶ ଧାଇଁ ।
ସମ୍ମୁଖରେ ସେ ଭେଟାଇଲେ ନଟ ନଟୀ ନେଇ ଯେ ।
ରାଜା ପଚାରିଲେ ଅହୋ କି କି ବିଦ୍ୟା ଜାଣ ।
ସେ କହିଲା ଦ୍ୱୀପେଶ୍ୱର ସାବଧାନେ ଶୁଣ ହେ ।
କୁହୁକ ଗୁଟିକାଞ୍ଜନ ସ୍ତମ୍ଭନ ମୋହନ ।
ବଶ ଉଚ୍ଚାଟନେ ଜାଣ ମୁଁ ଭୋଜରାଜନ ଯେ । ୧୬ ।
ଗଦ ଗଦେ ବିଷ ଝାଡ଼ନେ ମୁଁ ଧନ୍ୱନ୍ତରି ।
ଗୁରୁଏ ବୋଲନ୍ତି ମୋତେ ମହାଗୁରୁ କରି ଯେ ।
ମାୟା ରଚନରେ ମୟ ପରି ମୋତେ ଘେନ ।
ପୁଣି ଏ ଅଙ୍ଗନା ସାରେ ଗୁଣ ଅକଥନ ଯେ ।

---

ବନ୍ଧୁରୂପ କୁମୁଦକୁ ଆନନ୍ଦ ପ୍ରଦାନକାରୀ ଚନ୍ଦ୍ର । ଆପଣ ନିଜ ବନ୍ଧୁ ବାନ୍ଧବଙ୍କ ମନଆନନ୍ଦକାରୀ । ହଟ—ବାଜିଗରି, ତମାସା । ଦାତୃପଣ—ଦାନପଣ । ନୃପତିମୁକୁଟ—ରାଜଶ୍ରେଷ୍ଠ ।

୧୬ । ପ୍ରତିହାରୀ—ପଡ଼ିଆରି, ଦ୍ୱାରପାଳ । ଦ୍ୱୀପେଶ୍ୱର—ଲଙ୍କାର ରାଜା । କୁହୁକ—ବାଜିଗରି । ଗୁଟିକା—ଏକପ୍ରକାର ସିଦ୍ଧି, ମୁହଁରେ ଗୋଟିଏ ଗୁଳି ରଖିଲେ ଇଚ୍ଛାନୁସାରେ ସ୍ଥାନାନ୍ତର ଯାଇ ହୁଏ, ଲୋକ କେହି ଦେଖି ପାରନ୍ତି ନାହିଁ । ଅଞ୍ଜନ—କଜଳ, ଆଖିରେ ଘେନିଲେ ଦିବ୍ୟ ଶକ୍ତି ଆସେ । ଅପୂର୍ବ, ଭୂତ, ଭବିଷ୍ୟତ ପଦାର୍ଥ ଲୋକ ଦେଖି ପାରେ । ସ୍ତମ୍ଭନ—ଜଡ଼ ବା ସ୍ଥିର କରି ଦେବା । ମୋହନ—ମୁଗ୍ଧ କରି ଦେବା ଇତ୍ୟାଦିରେ । ବଶ—ଅଧୀନ କରି ଦେବା, ଅନାୟତ୍ତ କରିଦେବା । ଉଚ୍ଚାଟନ—ଉଚ୍ଛନ୍ନ କରି ଦେବା । ଏହି ବିଦ୍ୟାମାନଙ୍କରେ ମୁଁ ଭୋଜରାଜନ—ବିକ୍ରମାଦିତ୍ୟ; ସେ ଭୋଜବିଦ୍ୟାରେ ଅଦ୍ୱିତୀୟ ନିପୁଣ ଥିଲେ ।

୧୭ । ଗଦ—ବୃକ୍ଷ ବିଶେଷର ମୂଳ, ଯାହା ଖାଇଲେ ବିଷ ଛାଡ଼େ । ପଦ—ମନ୍ତ୍ର । ବିଷଝାଡ଼ନେ—ସର୍ପାଦିର ବିଷ ଦୂର କରିବାରେ । ଧନ୍ୱନ୍ତରି—ସ୍ୱର୍ଗବୈଦ୍ୟ, ବିଷ୍ଣୁଙ୍କ ଅବତାରବିଶେଷ । ଗୁରୁଏ—ଗୁଣୀ ବିଦ୍ୟାରେ ଗୁରୁ ବୋଲନ୍ତି । ସେମାନେ ମୋତେ ମହାଗୁରୁ—ପ୍ରଧାନ ଗୁରୁ । ମାୟା—

ନୃତ୍ୟ ଦେଖିଲେ ବାସବ ରମ୍ଭା ପାସୋରିବେ ।
ଗାନ ଶୁଣିଲେ ବୀଣାକୁ କିପାଁ ପ୍ରଶଂସିବେ ହେ । ୧୭ ।
ଅମ୍ଭ କୁଳ ଧର୍ମ ବିଦ୍ୟାରେ ତ ନାହିଁ ସରି ।
ତୁମ୍ଭେ କି ଆଜ୍ଞା କରୁଛ କହ ଦଣ୍ଡଧାରୀ ହେ ।
ନୃପତି ବୋଇଲେ ରହ କରିସାରୁଁ ସନ୍ଧ୍ୟା ।
ରାମାୟଣ ଦେଖାଅ ଜାଣିମା ତୁମ୍ଭ ବିଦ୍ୟା ହେ ।
କେତେବେଳେ ହେଲା ତହିଁ ସନ୍ଧ୍ୟା ଅବଶେଷ ।
ରାଜା ଅବରୋଧନାରୀ ଜଗତୀ ପ୍ରବେଶ ଯେ । ୧୮ ।
ବଢ଼ ବଡ଼ଭୀ-ମସ୍ତକ ମଣ୍ଡିଲା କୁମାରୀ ।
କେବଳ ଅଛନ୍ତି ସଙ୍ଗେ ପ୍ରିୟ ସହଚରୀ ଯେ ।
କରିଛି କରୀନ୍ଦ୍ରଗତି ଏ ପାଞ୍ଚ ସ୍ୱଭାବ ।
ରାମଚରିତ ଦେଖିଲେ କାମ ତୃପ୍ତ ହେବ ଯେ ।
ଏହିକାଳେ ଜାଲିକ ବୋଇଲା ନେଇ ବୁଝ ।
ନେଇ ବୁଜନ୍ତେ ବ୍ଦିଶିଲା ସେ ମାୟାସମାଜ ଯେ । ୧୯ ।
ଶୁହିଁ ଲୋମୋଦ୍‌ଗମ ଜନେ ଲୋମପାଦ ବୋଲେ ।
ଜରତୀ ରତୀରେ ଋଷ୍ୟଶୃଙ୍ଗ ଆସି ହେଲେ ଯେ ।

---

କୁହୁକ । ମୟ—ଦୈତ୍ୟ ଶିଳ୍ପୀ, ସେ ବଡ଼ ମାୟାବୀ । ଅଙ୍ଗନାସାରେ—ଏହି ସ୍ତ୍ରୀଶ୍ରେଷ୍ଠଠାରେ । ଅକଥନ—କହି ହେବ ନାହିଁ । ବାସବ—ଇନ୍ଦ୍ର । ରମ୍ଭା—ସ୍ୱର୍ଗବେଶ୍ୟା, ନୃତ୍ୟରେ ସୁନିପୁଣା । ଗାନରେ ସ୍ୱର ବୀଣାର ଆଳାପଠାରୁ ମଧୁର ।

୧୮ । ବିଦ୍ୟାରେ ତ ନାହିଁ ସରି—ବିଦ୍ୟାରେ ଆମ ସଙ୍ଗରେ କେହି ସମାନ ନାହିଁ । ଦଣ୍ଡଧାରୀ—ରାଜା । ଅବଶେଷ—ଶେଷ । ଅବରୋଧ ନାରୀ—ଅନ୍ତଃପୁର ସ୍ତ୍ରୀ । ଜଗତୀ ପ୍ରବେଶ—ନାଟ୍ୟ ମନ୍ଦିରରେ ଉପସ୍ଥିତ ହେଲେ ।

୧୯ । ବଢ଼ ବଡ଼ଭୀ ମସ୍ତକ—ଅତ୍ୟୁଚ୍ଚ ଚନ୍ଦ୍ରଶାଳା ଉପରେ (କୋଠା ଉପର ଘରକୁ ବଡ଼ଭୀ ଓ ଚନ୍ଦ୍ରଶାଳା କହନ୍ତି) କୁମାରୀ—ରାଜକନ୍ୟା, ଲାବଣ୍ୟବତୀ । ସହଚରୀ—ସଖୀ । କରୀନ୍ଦ୍ର ଗତି—ଗଜଗମନା ରାଜକନ୍ୟା । ପଞ୍ଚ—ଭାବନା । ସ୍ୱଭାବ—ନିଜ ଭାବ । ମାୟା ସମାଜ—ମାୟା ଖେଳ ।

୨୦ । ଲୋମୋଦ୍‌ଗମେ—ରୋମ ଠାକୁରିବାରେ । ଲୋମପାଦ—ଅଙ୍ଗ ଦେଶର ରାଜା; ଦଶରଥଙ୍କ ମିତ୍ର । ଅଙ୍ଗ ଦେଶରେ ଅନାବୃଷ୍ଟି ହେବାରୁ ସେ

ସେ ଦେଶରେ ବୃଷ୍ଟି କଲା ତୁଷ୍ଟି ହେଲେ ରାଜା ।
ଶାନ୍ତା କାନ୍ତା ଦେଇ କରି କଲେ ଦିବ୍ୟ ପୂଜା ଯେ ।
ଦଶରଥ ମନୋରଥ ସାର୍ଥ ହେବାପାଇଁ ।
ସେ ମୁନିଙ୍କ ଘେନି ଗଲେ ରଥରେ ବସାଇଯେ । ୨୦ ।
ରୁଚିରୁ ଚରୁ ସ୍ୱରୂପେ ହୋଇଲେ ପଦ୍ମନାଭ ।
କଉଶଲ୍ୟା କୈକେୟୀ ସୁମିତ୍ରା ଭଜି ଗର୍ଭ ଯେ ।
ଅଭିରାମ ଶ୍ରୀରାମ ଭରତ ଶୁଭବ୍ରତ ।
ସଲକ୍ଷଣ ଲକ୍ଷ୍ମଣ ଶତ୍ରୁଘ୍ନ ହେଲେ ଜାତ ଯେ ।
କ୍ରତୁ ରକ୍ଷା ହେତୁ ବିଶ୍ୱାମିତ୍ର ଆସି ନେଲେ ।
ବନେ ତାଡ଼କୀ ଶମନଭୁବନେ ପେଷିଲେ ହେ । ୨୧ ।
ସୁବାହୁ ସୁବାହୁ ତଳେ ମାରି ମାରିଚକୁ ।
ଆକାଶରେ ଶରେ ଉଡ଼ାଇଲେ ଯେ ଯଶକୁ ଯେ ।
ପଥରେ ପଥରେ ନାରୀ କରି କଲେ ମୋଦ ।
ଦାସବତ୍ସଲ ଦାସରେ ଧୁଆଇଲେ ପଦ ଯେ ।
ଖଣ୍ଡପରଶୁ କୋଦଣ୍ଡ ଦେଖି ଖଣ୍ଡ କରି ।
ସୀତାବିବାହ ନିର୍ବାହ ନୃପଦର୍ପ ହରି ଯେ । ୨୨ ।

---

ଜରତା ବେଶ୍ୟାଙ୍କୁ ପଠାଇ ଋଷ୍ୟଶୃଙ୍ଗଙ୍କୁ ବଣରୁ ଆଣିଥିଲେ । ରତା— ଆସକ୍ତା ହୋଇ । ତୁଷ୍ଟି—ସନ୍ତୋଷ । ଦଶରଥଙ୍କ କନ୍ୟା ଶାନ୍ତାଙ୍କୁ ଲୋମପାଦ ପାଳି ନେଇଥିଲେ । ଲୋମପାଦ ଋଷ୍ୟଶୃଙ୍ଗଙ୍କୁ କାନ୍ତା ସ୍ତ୍ରୀ ରୂପେ ପ୍ରଦାନ କଲେ । ଦଶରଥଙ୍କ ପୁତ୍ର ନ ହେବାରୁ ସେ ବଶିଷ୍ଠଙ୍କ ପରାମର୍ଶରେ ପୁତ୍ରେଷ୍ଟି ଯଜ୍ଞ କରିବା ନିମିତ୍ତ ଋଷ୍ୟଶୃଙ୍ଗଙ୍କୁ ସ୍ୱରାଜ୍ୟକୁ ନେଇଥିଲେ ।

୨୧ । ରୁଚିରୁଚରୁ—ସୁନ୍ଦର ଯଜ୍ଞାନ୍ନ । ପଦ୍ମନାଭ—ବିଷ୍ଣୁ । ସେହି ଚରୁ— ପାୟସାନ୍ନକୁ ତିନିରାଣୀ ଖାଇ ଗର୍ଭବତୀ ହେଲେ । ଅଭିରାମ—ସୁନ୍ଦର । କ୍ରତୁ—ଯଜ୍ଞ । ଶମନ ଭୁବନେ—ଯମ ପୁରକୁ । ୨୨ । ସୁବାହୁ— ଦୀର୍ଘବାହୁ, ରାମଚନ୍ଦ୍ର । ସୁବାହୁ—ଦୈତ୍ୟବିଶେଷ । ତଳେ— ଚପେଟାଘାତ ପରରେ ବା ତା ପରେ । ମାରୀଚକୁ ଶରରେ ଦୂରକୁ ପକାଇ ଦେଇଥିଲେ । ପଥରେ ପଥରେ—ପ୍ରସ୍ତର ମୂର୍ତ୍ତି ଧରିଥିବା ଅହଲ୍ୟାକୁ ବାଟରେ । ମୋଦ—ସନ୍ତୁଷ୍ଟ । ପଦରେ ପ୍ରସ୍ତରକୁ ସ୍ପର୍ଶ କରିବାରୁ ଶାପଗ୍ରସ୍ତା ଅହଲ୍ୟା ନିଜ ରୂପ ପ୍ରାପ୍ତ ହେଲା । ଦାସବତ୍ସଳ—

ବଜ୍ର ପର ଭୃଗୁପତି ଭୃଗୁକୁ ଭେଦିଲେ ।
ଅଭିଷେକ କରିବା ମମତା ଛାଡି କଲେ ଯେ ।
ମନ୍ତ୍ରିମନ୍ତ୍ରେ କାନ୍ତାନୁଜ ଘେନି ସଙ୍ଗେ ।
ରୁଚିର ଚିତ୍ରକୂଟରେ ବିହରିଲେ ରଙ୍ଗେ ଯେ ।
ବନ୍ଧ କଲେ ଶକ୍ରସୁତଚକ୍ର ନେତ୍ରରାଜି ।
ଭରତ ପ୍ରବୋଧି ସବୁର୍ଦ୍ଧିରେ ଗିରି ତେଜି ଯେ । ୨୩ ।

ବୀରାୟୁଧେ ବିରାଧ ବଧକୁ ବର୍ତ୍ତିଲେ ।
ଅମଲାନ ବସ୍ତ୍ର ବ୍ରହ୍ମ ଅସ୍ତ୍ରକୁ ପାଇଲେ ଯେ ।

---

ଭୃତ୍ୟସ୍ନେହୀ । ଦାସରେ—କେଉଟ ଦ୍ୱାରା । ଖଣ୍ଡପରଶୁ କୋଦଣ୍ଡ—ଶିବଧନୁ । ନିର୍ବାହ—ସମାପନ । ନୃପଦର୍ପ ହ[illegible]—ଧନୁ ଭାଙ୍ଗିବାକୁ ଆସିଥିବା ଅନ୍ୟ ରାଜାମାନଙ୍କ ଗର୍ବ ନାଶ କରି ।

୨୩ । ବଜ୍ରପର—ଅତି ସୁକଠିନ ଶରୀର । ଭୃଗୁପତି—ପରଶୁରାମ ରୂପ ଭୃଗୁ—ପର୍ବତ । ଅଭିଷେକ—ଯୁବରାଜ ରୂପେ ଅଭିଷେକ । ମନ୍ତ୍ରିମନ୍ତ୍ରେ—ମନ୍ତ୍ରୀର କୁଟ ମନ୍ତ୍ରଣାରେ । କାନ୍ତାନୁଜ—ସ୍ତ୍ରୀ ଓ ସାନଭାଇ ସୀତା ଓ ଲକ୍ଷ୍ମଣ । ରୁଚିର—ସୁନ୍ଦର । ରଙ୍ଗେ—କୌତୁକରେ । ଶକ୍ରସୁତ ଚକ୍ର—କାକମାନଙ୍କ । ସୀତା ଚିତ୍ରକୂଟରେ ମାଂସ ଶୁଖାଉଥିଲେ । କାକ ମାଂସ ଲୋଭରେ ଆସି ତାକୁ ଝାମ୍ପିବାରୁ ସୀତା ତାକୁ ଦୂର କରି ଦେଉଥିଲେ । ବାରମ୍ବାର ଏପରି ବିରକ୍ତ କଲା । ଶେଷରେ ସେ କାକ ଲାଗି ସୀତାଙ୍କର ଶରୀର କ୍ଷତ ବିକ୍ଷତ କରିବାରୁ ରାମଚନ୍ଦ୍ର ରାଗିଯାଇ ଶର ପେଷିଲେ । ଯାହା ଦ୍ୱାରା କାକମାନଙ୍କର ଚକ୍ଷୁ ନଷ୍ଟ ହେଲା । ସେମାନେ ଅନ୍ଧ ହେଲେ । ପରେ ସୀତାଙ୍କ ଅନୁରୋଧରେ ରାମଚନ୍ଦ୍ର ସେମାନଙ୍କୁ ଚକ୍ଷୁଦାନ ଦେଲେ କିନ୍ତୁ ସେ ସବୁ ବଙ୍କା କରି ଦେଲେ । ଭରତ ରାମଙ୍କୁ ଲେଉଟାଇ ନେବାକୁ ଆସିଥିଲେ । ତାଙ୍କୁ ପ୍ରବୋଧ—ସାନ୍ତ୍ୱନା ଦେଇ ଗିରି—ଚିତ୍ରକୂଟ ପର୍ବତ । ତେଜି—ତ୍ୟାଗ କରି ।

୨୪ । ବୀର—ଯୋଦ୍ଧା ରାମଚନ୍ଦ୍ର । ଆୟୁଧରେ—ଧନୁଶରରେ । ବିରାଧ—ଅସୁରବିଶେଷ । ରାମ ନାମରେ ଗୋଟିଏ ଗନ୍ଧର୍ବ ସେ କୁବେରଙ୍କ ରୂପ ତଥା ଚକ୍ଷୁର ଦୁର୍ବଳତାକୁ ଉପହାସ କରିବାରୁ କୁବେର ତାକୁ ଅଭିଶାପ ପ୍ରଦାନ କରିଥିଲେ । ତହୁଁ ସେ କୁରୂପ ରାକ୍ଷସ ଶରୀର ପ୍ରାପ୍ତ ହେଲା । ସେ ବିରାଧ ସୀତାଙ୍କୁ ଧରି ନେଇ ଯାଉଥିଲା । ଲକ୍ଷ୍ମଣଙ୍କ ଶରରେ ସେ ନ ମରିବାରୁ ରାମଚନ୍ଦ୍ର ତୀକ୍ଷ୍ଣ ଶରରେ ତାକୁ ହତ କଲେ । ସେ ମୁକ୍ତ ହୋଇ ଗନ୍ଧର୍ବତ୍ୱ ପ୍ରାପ୍ତ ହେଲା । ଅମଲାନ ବସ୍ତ୍ର—ସମୁଦ୍ର ମନ୍ଥନରୁ ଏ ଶାଢ଼ୀ

ଦଣ୍ଡକାରଣ୍ୟକୁ ମଣ୍ଡି ସୂର୍ପଣଖା ଦଣ୍ଡି ।
ଖର ଖର ଦୂଷଣ ତ୍ରିଶିର ଶିର ଖଣ୍ଡି ଯେ ।
ହେମସାରଙ୍ଗ ରଙ୍ଗରେ ଲଙ୍କା ଦଣ୍ଡଧାରୀ ।
ସୀତା ଶିତାଂଶୁମୁଖୀକି କଣ୍ଟକାରୁ ହରି ଯେ । ୨୮ ।
ମାର୍ଗରେ ବିନାଶି ଖଗ ଖଡ୍ଗ ପ୍ରହାରେ ।
ରହେ ଶୋକବତୀ ସୀତା ଅଶୋକ ବନରେ ।
ବାସେ ନ ଦେଖି ସୁମୁଖୀ ମହାଦୁଃଖୀ ରାମ ।
ବିଳାପ କଳାପ ମାପ କରଣେ କେ କ୍ଷମ ।
ରକ୍ଷଦେଶଗମନ ସନ୍ଦେଶ ପକ୍ଷୀ କହି ।
କବନ୍ଧ ବନ୍ଧନେ ପଡ଼ି ତାହା ନାଶ ବହି ଯେ । ୨୯ ।
ଫଳଦାନେ ମୋକ୍ଷଫଳ ଲଭିଲା ଶବରୀ ।
କ୍ଷୀରପାନେ ବର-ବରଜରେ ବାଞ୍ଛା ପୂରି ଯେ ।

---

ବାହାରିଥିଲା । ସେ ଖାଡ଼ୀ ମହାଦେବ ବ୍ରହ୍ମାଙ୍କୁ ଦେଇଥିଲେ । ବ୍ରହ୍ମା ପ୍ରୟାଗରେ ଯଜ୍ଞ କଲା ସମୟରେ ଏ ଖାଡ଼ୀ ଆଗ୍ନେୟ ଅଗ୍ନିଙ୍କୁ ଦେଇଥିଲେ । ବ୍ରହ୍ମାସ୍ତ୍ର—ଅଗସ୍ତି ଋଷି ରାମଙ୍କୁ ବ୍ରହ୍ମ ଅସ୍ତ୍ର ଦେଇଥିଲେ—"ଅନେକ ପ୍ରଶଂସା ଯେ ଆନନ୍ଦେ କରନ୍ତି । ଶ୍ରୀରାମଙ୍କୁ ଅଗସ୍ତି ଧନୁଶର ଦିଅନ୍ତି । ହେ ରଘୁନାଥ ଶୁଣସି ମୋର ବାଣୀ । ପୂର୍ବେ ଏ ଧନୁ ଶସ୍ତ୍ର ବହନ୍ତି ଚକ୍ରପାଣି । ଏ ଧନୁଶର ଯେ ଯୁଗତ ତୋହର । ତୁମ୍ଭେ ନାରାୟଣ ମାନବ ଅବତାର । ଦଇତବଳ ନାଶ ଧନୁ ଶସ୍ତ୍ର ଧର । ଏ ଧନୁ ଶସ୍ତ୍ର ଘେନ ଜିଣିଲ ଜନସୁତା । ମଣ୍ଡି—ଭୂଷିତ କରି । ସୂର୍ପଣଖା—ଲକ୍ଷ୍ମଣ ରାବଣଭଗିନୀ ସୂର୍ପଣଖାର ନାକ କାନ କାଟି ଦେଇଥିଲେ । ଖର—ଶୀଘ୍ର । ଖର ଦୂଷଣ ଓ ତ୍ରିଶିରା ଅସୁରମାନଙ୍କୁ ନାଶ କରି ହେମ ସାରଙ୍ଗ ରଙ୍ଗରେ—ସୁନା ହରିଣ ଲୀଳାରେ । ଲଙ୍କା ଦଣ୍ଡଧାରୀ—ଲଙ୍କାର ରାଜା ରାବଣ । ସୀତା ସୁମୁଖୀକି—ଚନ୍ଦ୍ରମୁଖୀ । କଣ୍ଟକାରୁ—ପର୍ଣ୍ଣକୁଟୀରରୁ ।

୨୯ । ମାର୍ଗରେ...ପ୍ରହାରେ—ଜଟାୟୁକୁ ରାବଣ ଖଡ୍ଗରେ ପ୍ରହାର କଲା । ଜଟାୟୁ ସୀତାଙ୍କୁ ରାବଣହାତରୁ ରକ୍ଷା କରି ପରାସ୍ତ ହୋଇ ମୂର୍ଚ୍ଛିତ ହୋଇ ପଡ଼ି ରହିଥିଲା । ବିଳାପ କଳାପ—କ୍ରନ୍ଦନ ସବୁ । ରକ୍ଷଦେଶ ଗମନ ସନ୍ଦେଶ ପକ୍ଷୀ କହି—ଲଙ୍କାକୁ ଯିବା କଥା ଜଟାୟୁ କହିଲା । ଦଣ୍ଡକାରଣ୍ୟରେ କବନ୍ଧ ରାମ ଲକ୍ଷ୍ମଣଙ୍କୁ ଗିଳିବାକୁ ବସିବା ସମୟରେ ଲକ୍ଷ୍ମଣ ତା ବାହୁ ଦୁଇଟି କାଟି ଦେଇଥିଲେ ।

୨୭ । ଶବରୀଠାରୁ ରାମଚନ୍ଦ୍ର ଆମ୍ବଫଳ ଖାଇଥିଲେ । ଶବରୀ ଆମ୍ବ ଚାଖି ରାମଚନ୍ଦ୍ରଙ୍କୁ ଖାଇବାକୁ ଦେଉଥିଲା । ଗୋଟିଏ ଆମ୍ବ ଦେହରେ ଶବରୀର

ତାମ କାମନାକୁ ମୁକ୍ତ ଚିତ୍ତେ ଜନ୍ମାଇଲେ ।
ପମ୍ପାସରେ କୋକଶୋକକାରକ ହୋଇଲେ ଯେ ।
ମିତ୍ରବଂଶୀ ମିତ୍ର ବସି ମିତ୍ରପୁତ୍ର ସଙ୍ଗେ ।
ଭେଦ ଶାଳ ଦୁନ୍ଦୁଭିଅସ୍ଥିକି ଗୃହିଲେ ରଙ୍ଗେ ଯେ । ୨୭ ।

---

ଦନ୍ତକ୍ଷତ ନ ଥିବାରୁ ରାମଚନ୍ଦ୍ର ସେ ଆମ୍ବ ଖାଇ ନ ଥିଲେ । ଶବରୀର ଭକ୍ତି ଓ ସ୍ନେହ ଦର୍ଶନରେ ତାକୁ ମୁକ୍ତି ଦେଇଥିଲେ । କ୍ଷୀରପାନେ... ପୂର୍—ଗୋପାଳମାନେ ରାମଚନ୍ଦ୍ରଙ୍କୁ ବନା ଅର୍ଥରେ ଦୁଗ୍ଧ ନ ଦେବାରୁ ଲକ୍ଷ୍ମଣଙ୍କ ଉକ୍ତିରେ ଦୁଗ୍ଧ ସବୁ ରକ୍ତାକାର ଧାରଣ କଲା । ତା ପରେ ବୃଦ୍ଧ ଗୋପାଳ ରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରିବାରୁ ଧେନୁମାନେ ଦୁଗ୍ଧ ଦେଲେ ଓ ରାମ ଲକ୍ଷ୍ମଣ ସୀତା ଦୁଗ୍ଧ ପାନ କଲେ । ବୃଦ୍ଧ ଗୋପାଳ ପୁତ୍ରବର ମାଗିବାରୁ ରାମଚନ୍ଦ୍ର କହିଲେ ଇହ ଜନ୍ମରେ ତୋର ପୁଅ ହେବ ନାହିଁ । ଦ୍ୱାପରରେ ମୁଁ ତୋର ପୁଅ ହୋଇ ଜନ୍ମ ହେବି । କାମ କାମନାକୁ... ଜନ୍ମାଇଲେ—ଊର୍ଦ୍ଧ୍ୱରେତାପାଦ ଋଷିମାନେ ରାମଚନ୍ଦ୍ରଙ୍କ ରୂପ ଦର୍ଶନରେ ମୁଗ୍ଧ ହୋଇ ତାଙ୍କ ଅଙ୍ଗସଙ୍ଗ ଲାଭ କରିବାକୁ ଇଚ୍ଛା କରିବାରୁ ରାମଚନ୍ଦ୍ର କହିଲେ ଦ୍ୱାପରରେ ତୁମ୍ଭେମାନେ ଗୋପୀରୂପରେ ଜନ୍ମଲଭ କରି ମୋ ସଙ୍ଗେ ରମଣ କରିବ । "ତହିଁ ତପ କରନ୍ତି ଅନେକ ତପିଜନ । ଦେଖି ନମସ୍କାର କରନ୍ତି ରଘୁନାନ । ଧନ୍ୟ ତୁ ଶ୍ରୀରାମ ଧନ୍ୟ ତୋର ରୂପ । ଏ ତୋତେ ରମଣୀ ଯେ କରେ ବଇଭୋଗ । ଆମ୍ଭେ ଯେବେ ରମଣୀ ହୋଇ ଜନ୍ମି ଥାନ୍ତୁ । ଏ ରଘୁନାଥଙ୍କୁ ରମଣ ରସ ଦ୍ୟନ୍ତୁ । ପମ୍ପା...ହୋଇଲେ —ପମ୍ପାସରୋବରରେ ରାମଚନ୍ଦ୍ର ସୀତା ବିରହରେ ବାଉଳ ହୋଇ ଚକ୍ରବାକ ଓ ଚକ୍ରବାକୀକୁ ସୀତାଙ୍କ ବାର୍ତ୍ତା ପଚାରିବାରୁ ସେ ରାଗି ରାମଙ୍କୁ ଭର୍ତ୍ସନା କଲେ । ତହୁଁ ରାମ ତାଙ୍କର ଚିରବିୟୋଗ ଘଟିବ ବୋଲି ଅଭିଶାପ ଦେଲେ । ପରେ ସେ ଅନୁନୟ ବିନୟ କରିବାରୁ ତାଙ୍କୁ କହିଲେ, ତୁମ୍ଭର ରାତ୍ରିରେ ବିଚ୍ଛେଦ ହେବ; କିନ୍ତୁ ଦିବସରେ ମିଳନ ହେବ । କୋକ—ଚକ୍ରବାକ । ଶୋକକାରକ—ଦୁଃଖ ପ୍ରଦାନକାରୀ । ମିତ୍ରବଂଶୀ—ସୂର୍ଯ୍ୟବଂଶଜାତ ରାମଚନ୍ଦ୍ର । ମିତ୍ରପୁତ୍ର—ସୂର୍ଯ୍ୟପୁତ୍ର ସୁଗ୍ରୀବ ସଙ୍ଗେ ମିତ୍ର ହୋଇ ସୁଗ୍ରୀବ ରାମଙ୍କ ଶକ୍ତି ପରୀକ୍ଷା ଛଳରେ କହିଲେ ଯେ ଏହି ସପ୍ତଶାଳ ଯେବେ ଶରରେ ଭେଦ କରିଦେବେ, ତେବେ ବାଳୀ ମରିବ । ତାର ଜୀବନ ଏହି ଶାଳ-ମାନଙ୍କରେ ଅଛି । ବାଳୀ ତିନିଗୋଟି ଶାଳ ମାତ୍ର ଭେଦ କରି ପାରିଥିଲା, ସପ୍ତଶାଳ ଭେଦ କରିଥିଲେ ସେ ଅମର ହୋଇଥାନ୍ତା । ରାମ ସେହି ସପ୍ତ

ଶାଖାମୃଗରାଜ ମୃଗରାଜକୋଟିବଳ ।
ଶର ଶରଭରେ କଲେ ବିନାଶ ଚପଳ ଯେ ।
ମାଲ୍ୟବନ୍ତ-ଧରଣୀଧରରେ ପୁର ରଞ୍ଚି ।
ରଘୁବୀର ବିରହେ ବରଷାକାଳ ବଞ୍ଚି ଯେ ।

---

ଶାଲବୃକ୍ଷମାନଙ୍କୁ ଶରଦ୍ୱାରା ଭେଦ କରିଥିଲେ । ଦୁନ୍ଦୁଭି ଅସୁର—ମୟ ଦୈତ୍ୟର ସାନ ଭାଇ । ମୟ ଦୈତ୍ୟ ବାଲୀଦ୍ୱାରା ପରାସ୍ତ ହୋଇ ନିଜର ପାତାଳପୁରକୁ ଯାଇ ଶୋକ କରନ୍ତେ ତାହାର ସାନଭାଇ ଦୁନ୍ଦୁଭି ବାଲୀସଙ୍ଗେ ଯୁଦ୍ଧ କଲା ଓ ବାଳୀଦ୍ୱାରା ହତ ହେଲା । ତାହାର ମୃତ ଶରୀର ଯେଉଁ ସ୍ଥାନରେ ପଡ଼ିଥିଲା ତାହାର ହାଡ଼ ପର୍ବତ ସମାନ "ଏ ଯେ ଦିଶୁଅଛି ଦୁନ୍ଦୁଭିର ହାଡ଼ । ପର୍ବତ ସମାନକୁ ଆସେ ସେହୁ ବଡ଼ । ଏହା ଯେହୁ ଯୁବେ ଗୋଡ଼େ ଫିଙ୍ଗି ଦିଅଇ । ସେହୁ ସେ ବାଳୀକି ବଧ କରି ପାରଇ ।" ଦା: ରା । କବନ୍ଧ ସ୍ୱର୍ଗରେ ଜଣେ ଦେବତା ଥିଲା—ସେ ଇନ୍ଦ୍ରକୁ ଭୟ ଦେଖାଇବାରୁ ସେ ତାକୁ ଅଭିଶାପ ଦେଲେ ଓ ସେ ଦୈତ୍ୟଶରୀର ପ୍ରାପ୍ତ ହେଲା । "ସୁରପତିଙ୍କ ଯେ ମୁଁ ଭୟ କରାଇଲି । ଶରୀର ବିକାଶି ମୁଁ ନୟନେ ତରାଟିଲି । ଶକ୍ରରାୟେ ମୋତେ କୋପେଣ ଶାପ ଦେଲା । ଦଇତ ଶରୀର ଧରସି ବୋଇଲା । ତହୁଁ ପଳାଇଲି ମୁଁ ମନେ ଭୟ କରି । କୋପେଣ ଇନ୍ଦ୍ର ମୋତେ ବଧାୟେକ ମାରି । ଯହୁଁ ବାସବ ମୋତେ ବଧାଏ ମାଇଲା । ପାଦ ଜଙ୍ଘ ମୋର ପେଟରେ ପଶିଲା । ଶିର ପଶିଲା ମୋ ହୃଦୟ ଭିତରେ । ଭାଗେ୍ୟଣ ଜୀବନ ମୋର ରହିଲା ହୃଦରେ । ଏତେ ବୋଲି ବାମ ପାଦ ମାଇଲେକ ତହିଁ । ହାଡ଼ର ସନ୍ଧିରେ ବଢ଼ି ଅଙ୍ଗୁଷ୍ଠି ଚୁମ୍ବଇ । ଇଷିତ ପ୍ରକାରେଣ ତାହାକୁ ଛାଟି ଦେଲେ । ଶୁଖିଲା ପତ୍ର ଛ ଗଗନେ ଉଡ଼ିଲେ ।

୨୨ । ଶାଖାମୃଗରାଜ—ଶାଖାମୃଗ ଶ୍ରେଷ୍ଠ । ବାନରରାଜ—ବାଲୀ । ମୃଗରାଜ କୋଟିବଳ—ସିଂହକୋଟି ବଳ; କୋଟିଏ ସିଂହର ବଳ; ଅଦ୍ଭୁତ ବଳଶାଳୀ । ଶର ଶରଭରେ— ଶରରୂପ ଶରଭଦ୍ୱାରା; ଶରଭ— ଅଷ୍ଟାପଦ ମୃଗବିଶେଷ, ପୌରାଣିକ ପଶୁ ବିଶେଷ—ତାହାର ଆଠ ଗୋଡ଼, ସେ ସିଂହଠାରୁ ବଳବାନ୍, ସିଂହକୁ ସେ ଅକ୍ଳେଶରେ ନାଶ କରେ । ଅଷ୍ଟପାଦ—ଶରଭ ସିଂହଘାତୀ—ମହାଭାରତ । ଚପଳ—ଶୀଘ୍ର । ଧରଣୀଧର—ପର୍ବତ । ରଞ୍ଚି—କଟାଇ । କୁକୁଲୁଟିକୁ...ଦେଇ— ବର୍ଷାକାଳରେ ରାମ ମାଲ୍ୟବନ୍ତରେ ସୀତା ବିରହରେ କାତର ହୋଇ ପାଗଳଙ୍କ ପରି ବୁଲିଲେ ଏବଂ ସୀତାଙ୍କ ବାର୍ତ୍ତା ପର୍ବତ, ବୃକ୍ଷ ଓ ପଶୁ ପକ୍ଷୀଙ୍କୁ ପଚାରିବାକୁ ଲାଗିଲେ । ସୀତାଙ୍କୁ ରାବଣ ଚୋରାଇ ଲଙ୍କା

କୁକ୍କୁଟକୁ ମୁକୁଟ ସେ ଚିତ୍ରକୂଟେ ଦେଇ ।
ଲଭି ବଲ୍ଲଭୀ ଉଦନ୍ତ ଦୂତ ପଠିଅଇ ଯେ । ୨୭ ।

ଜଳେ ସେତୁ କଲେ ଶିଳେ ନଳେ ଦେଇ ଯଶ ।
ଲଙ୍କା ବେଢ଼ି ଶଙ୍କା କରାଇଲେ ଦୈତ୍ୟବଂଶ ଯେ ।
ବକ୍ଷଧରପାଶ-ତ୍ରାସ ନାଶ କଲା ବୀଶ ।
ଅନୀକିନୀ ଅନେକ ହୋଇଲେ ରଣେ ନାଶ ଯେ ।

---

ନେଇଯିବା ବସ୍ତ୍ର କୁକ୍କୁଟ କହିଲା, କାରଣ ସେ ବେଦନ କରି ସୀତାଙ୍କ ନିଜର ବସ୍ତ୍ର କହୁଥିବା ଶୁଣିଥିଲା । ଏ ସମ୍ବାଦ କୁକ୍କୁଟଠାରୁ ପାଇ ରାମ ତାକୁ ବର ଦେଲେ । "ତୁ ସେ ମହାତ୍ମା ହୋ ଅଟୁ ଉପକାରୀ । ସଖୀର କାରତା ମୋ ହୃଦରେ ଅଛୁ ଧରି । ସେ ହେତୁ ବର ତୋତେ ଦେବଇଁ ଆଜ ମୁହିଁ । ଯେତେ ସମୟେକ ଥିବୁ ତୁହି ଭୂଇଁ । ଶିରରେ ମୁକୁଟ ତୋ ଥିବ ସପ୍ତଶାଖା । ଜାଣି ପଞ୍ଚାନ୍ତର ସେ ଅରୁଣର ରେଖା । ଚିତ୍ରକୂଟେ—ପର୍ବତଶୃଙ୍ଗରେ । ବଲ୍ଲଭୀ—ସ୍ୱପ୍ରିୟା ସୀତାଙ୍କର । ଉଦନ୍ତ—ଖବର ।

୨୮ । ଜଳେ—ସମୁଦ୍ର ଜଳରେ । "ନଳ ସେନାପତି ବିଶ୍ୱକର୍ମା ସୁତ । ବନ୍ଧର ବିଧାନ ସେ ଜାଣଇ ବହୁତ । ସେ ପିଲାଦିନେ ଋଷିଙ୍କ ଯଜ୍ଞ ପଦାର୍ଥ ଓ ସୂତା ଧୋତି ପୀଢ଼ା ସବୁ ନେଇ ପାଣିରେ ପକାଇ ଦିଏ । ଋଷିମାନେ ପିଲାକୁ ଶାପ ନ ଦେଇ କହିଲେ, ଯାହା ଏ ପାଣିରେ ପକାଇବ, ତାହା ନ ବୁଡ଼ି ଭାସିବ । "ଶୁଣିଣ ମୁନିମାନେ ବୋଇଲେ ଆରେ ବାଇ । ଆମ୍ଭର ଆଏଲକରେ କେବେହେଁ ନାଶ ଯାଇ । ଆଜହୁଁ ଯେତେକ ତୁ ପକାଇବୁ ଜଳ । ନ ବୁଡ଼ି ରହିବ ସେ ଜଳର ଉପର ।" ଜ: ରା: । ଶଙ୍କା—ଭୟ । ଦୈତ୍ୟବଂଶ—ଅସୁରମାନଙ୍କୁ । ବକ୍ଷଧର ପାଶତ୍ରାସ—ଇନ୍ଦ୍ରଜିତ ନାଗପାଶ ବନ୍ଧନରେ ରାମ ଲକ୍ଷ୍ମଣଙ୍କୁ ବନ୍ଧନ କରିଥିଲେ—ସେ ନାଗପାଶ ଭୟ । ବୀଶ—'ବି'—ପକ୍ଷୀ ତାଙ୍କର ଈଶ—ପ୍ରଭୁ —ଗରୁଡ଼ । ଗରୁଡ଼କୁ ରାମଚନ୍ଦ୍ର ସ୍ମରଣ କରିବାରେ ସେ ରଣସ୍ଥଳୀରେ ଉପସ୍ଥିତ ହୁଅନ୍ତେ ସର୍ପମାନେ ଭୟରେ ପଳାଇଲେ ଓ ରାମ ଲକ୍ଷ୍ମଣ ଉକ୍ତ ପାଶରୁ ମୁକ୍ତ ହେଲେ । ଅନୀକିନୀ—ସୈନ୍ୟଦଳ । ଅକ୍ଷୌହିଣୀର ଏକଦଶମାଂଶ ସୈନ୍ୟ । ୨୧୮୭ ରଥ, ୨୧୮୭ ହସ୍ତୀ; ୬୫୬୧ ଅଶ୍ୱ, ୧୦୯୩୫ ପଦାତିରେ ଅନୀକିନୀ ସୈନ୍ୟ ହୁଅନ୍ତି । ଘଟକର୍ଣ୍ଣ—କୁମ୍ଭକର୍ଣ୍ଣ, ରାବଣର ଭାଇ । ଘଟତ୍ୟାଗ—ଶରୀର ଛାଡ଼ିବା, ମୃତ୍ୟୁ । ଅତିକାୟ—ରାବଣର ପୁତ୍ର । ଲକ୍ଷ୍ମଣ ତାକୁ ଯୁଦ୍ଧରେ ମାରିଥିଲେ ।

ଘଟକର୍ଣ୍ଣ ଘଟତ୍ୟାଗ ଅତକାୟ କ୍ଷୟ ।
ସୁରହୁତଜିତ ହତ ବ୍ରହ୍ମାସ୍ତ୍ର ଉଦୟ ଯେ । ୨୮ ।

ହନୁମାନ ଗନ୍ଧମାଦନଗମନଲୀଳା ।
ଭରତ ଉଦନ୍ତ ପ୍ରାପ୍ତ ଲକ୍ଷ୍ମଣ ଜୀଇଲା ଯେ ।
ଶ୍ରୀରାମଚନ୍ଦ୍ର ନରେନ୍ଦ୍ର ଶର ସର୍ପ ନେଇ ।
ଲଙ୍କପତି ଅଙ୍କପେଟି ଭିତରେ ପୁରାଇ ଯେ ।
ଅଭୀଷଣ ବଭୀଷଣ ଅଭିଷେକ କରି ।
ବଇଦେହୀ ଦହୁ ଅନଳରେ ହେମ ପରି ଯେ । ୨୯ ।

---

କ୍ଷୟ—ମୃତ୍ୟୁ । ସୁରହୁତଜିତ ହତ—ଇନ୍ଦ୍ରଜିତର ଲକ୍ଷ୍ମଣଙ୍କ ଦ୍ୱାରା ନାଶ । ବ୍ରହ୍ମାସ୍ତ୍ର ଉଦୟ—ବ୍ରହ୍ମା ଶକତି ବା ବ୍ରହ୍ମ ଅସ୍ତ୍ର ରାବଣ ଲକ୍ଷ୍ମଣଙ୍କ ପ୍ରତି ପେଷିଥିଲା । ଯାହା ଘାତରେ ଲକ୍ଷ୍ମଣଙ୍କ ପ୍ରାଣ ନଷ୍ଟ ହୋଇଥିଲା ।

୨୯ । କପିକୁଳ ବୈଦ୍ୟ ସୁଷେଣଙ୍କ ଆଦେଶରେ ହନୁମାନ ଗନ୍ଧମାଦନ ପର୍ବତର ଶୃଙ୍ଗକୁ ବିଶଲ୍ୟକରଣୀ ସହିତ ଆଣିବା । ଭରତ ଉଦନ୍ତ ପ୍ରାପ୍ତ—ହନୁମାନ ଗନ୍ଧମାଦନକୁ ନେଇ ଆକାଶରେ ଆସିବା ସମୟରେ ଭରତ ତାକୁ ବାଟୁଳି ମାରିଥିଲେ । ସେଥିରେ ହନୁମାନର ମୋହ ହେବା ଏବଂ ଭରତଙ୍କ ସହିତ ଲକ୍ଷ୍ମଣଙ୍କ ଶକ୍ତିଭେଦ ଓ ତଥା ରାମ ସୀତାଙ୍କ ବିଷୟ କଥୋପକଥନ । ଉଦନ୍ତ ପ୍ରାପ୍ତ—ଖବର ପାଇବା । ଲକ୍ଷ୍ମଣ ଜୀଇଲା—ଗନ୍ଧମାଦନ ପର୍ବତସ୍ଥିତ ବିଶଲ୍ୟକରଣୀ ସୁଷେଣ ଆଣି ଜାମ୍ବୁବାନକୁ ଦେବା ବିଭୀଷଣର ଭଉଣୀ ଏକସ୍ତ୍ରୀ ବିଶଲ୍ୟକରଣୀକୁ ସ୍ୱର୍ଗର ପଞ୍ଜରରୁ ମଣିଶିଳାରେ ବାଟିଲା । ତାକୁ ନେଇ କ୍ଷତସ୍ଥାନରେ ଲେପାଗଲା । ମୃତ୍ୟୁ-ସଞ୍ଜୀବନୀ ମନ୍ତ୍ର ନ୍ୟାସ କରାଯିବାରେ ଲକ୍ଷ୍ମଣ ପୁନର୍ଜୀବନ ପ୍ରାପ୍ତ ହେଲେ । ଶ୍ରୀରାମଚନ୍ଦ୍ର ନରେନ୍ଦ୍ର—ରାମଚନ୍ଦ୍ର ହେଲେ ବିଷବୈଦ୍ୟ, ସାପୁଆକେଳା (ନରେନ୍ଦ୍ର, ବିଷବୈଦ୍ୟ, ସାପୁଆକେଳା) ସାପୁଆ କେଳା ଯେପରି ସାପକୁ ନେଇ ପେଡ଼ିରେ ପୂରାଏ ସେହିପରି ରାମଚନ୍ଦ୍ର ଅଗସ୍ତି ପ୍ରଦତ୍ତ ବ୍ରହ୍ମାସ୍ତ୍ର ଲଙ୍କପତି ଅଙ୍କ—ଉଦରରେ ପ୍ରବେଶ କରାଇଲେ । ରାବଣକୁ ମାରିଲେ । ଅଭୀଷଣ—ଶାନ୍ତ । ବୈଦେହୀ—ସୀତା । ଦହୁ—ପୋଡ଼ି । ଅନଳରେ—ନିଆଁରେ । ହେମ ପରି—ସୁନା ପରି । ସୀତାଙ୍କ ଅଗ୍ନିପରୀକ୍ଷା ହୋଇଥିଲା ।

ପୁଷ୍ପକରେ ପୁଷ୍କରେ ସବଳେ କଲେ ଗତି ।
ଯୋଦ୍ଧାବର ଅଯୋଧ୍ୟାରେ ହୋଇଲେ ନୃପତି ଯେ ।
ଦେଖାଉଁ ଦେଖାଉଁ ଅଭିଷେକ ମହୋତ୍ସବ ।
ଚନ୍ଦ୍ରଆନନାକ ଦେଖାଇଲା ଆନ ଭାବ ଯେ ।
କର୍ଣ୍ଣାଟରାଜନନ୍ଦନ ରାମ ଅଗେ ଭାସି ।
ବିଶ୍ୱମୂର ଅଗେ ବିଶ୍ୱକେତୁ ଯଥା ଶୋଭି ଯେ । ୩୦ ।
କୁମାରୀକି ଶୁଭୁଛି ଏମନ୍ତ ଜଣାଉଛି ।
ଆନ ବରେ ମୋର ପ୍ରୟୋଜନ ନାହିଁ କିଛି ଯେ ।
ହେ ରାମ ଶ୍ୟାମ ସୁନ୍ଦର ଅଛି ଦତ୍ତ କର ।
ସୁଗ୍ରୀବକୁ ତାକୁ ବିଭୂଷଣେ ମନୋଦରୀ ଯେ ।
ଲାବଣ୍ୟବତୀ ଯୁବତୀ-ଶିରୋମଣି ମୋର ।
ମନୋହାରୀ ହୋଇବ ଏମନ୍ତ କୃପା କର ଚିହ୍ନ । ୩୧ ।
ସେ ନବୀନା ବିନା ଅନେ ନ ରସେ ମୋ ମନ ।
ଦହନ କରୁଛି ମୋତେ ମଦନଦହନ ହେ ।
ପ୍ରଭୁ ତୁମ୍ଭେ ବିରହ ବିପଦ ଅନୁଭବୀ ।
ନ ଦେଲେ ଆଉ କାହା ଅଗେ ଜଣାଇବି ଯେ ।
କରୁଣାଲୋକନେ ରାମ ଅସ୍ତୁ ବାଣୀ ଭାଷି ।
ଦେଖି ଶୁଣି ଏମନ୍ତ ସେ କସ୍ତୁରୀସୁବାସୀ ଯେ । ୩୨ ।
ଅଳୀକି ଦେଖାଇ ଦେଲା ଅଙ୍ଗୁଳି ଦେଖାଇ ।
ସ୍ୱପନ ସମ୍ପତ୍ତି ଦାତା ପୁରୁଷ ମୋ ଏହି ଯେ ।

---

୩୦ । ପୁଷ୍କରେ—ଆକାଶରେ । ସବଳେ—ସୈନ୍ୟଙ୍କ ସହିତ । ଚନ୍ଦ୍ରଆନନାକି—ଚନ୍ଦ୍ରମୁଖୀ ଲାବଣ୍ୟବତୀକୁ । ବିଶ୍ୱମୂର—ବିଷ୍ଣୁ । ବିଶ୍ୱକେତୁ—କନ୍ଦର୍ପ । ଏଣେ ରାମାୟଣକୁ ତେଣେ କୁହୁକରେ ଲାବଣ୍ୟବତୀକୁ ଚନ୍ଦ୍ରଭାନୁକୁ ଦେଖାଉଛି । ୩୧ । ବରେ—ସ୍ୱାମୀରେ । ଯୁବତୀ ଶିରୋମଣି—ସ୍ତ୍ରୀ ଶ୍ରେଷ୍ଠା । ମନୋହାରୀ—ମନହରଣକାରୀ ।

୩୨ । ନବୀନା—ନୂତନା ସ୍ତ୍ରୀ । ଦହନ କରୁଛି—ପୋଡୁଛି । ମଦନଦହନ—କାମାଗ୍ନି । ବିରହ ବିପଦ—ବିରହ ଦୁଃଖ । ଅନୁଭବୀ—ଭୋଗୀ । କରୁଣାଲୋକନେ—ଦୟାପୂର୍ଣ୍ଣ ଦୃଷ୍ଟିରେ । କସ୍ତୁରୀସୁବାସୀ—କସ୍ତୁରୀର ସୁଗନ୍ଧ ପରି ଶରୀରର ଗନ୍ଧ ଯାହାର ଲାବଣ୍ୟବତୀ ।

୩୩ । ଅଳୀକି—ସଖୀକି । ସ୍ୱପନ ସମ୍ପତ୍ତି ଦାତା—ସ୍ୱପ୍ନର ଧନ ଦାନକାରୀ ମୋ ପ୍ରାଣପ୍ରିୟା । ସୁନ୍ଦର ସୃଷ୍ଟି ପୁରନ୍ଦର—ସୁନ୍ଦର ଜଗତରେ ଇନ୍ଦ୍ର, ସୁନ୍ଦର-

ସଖୀ ବୋଇଲା ସୁନ୍ଦର ସୃଷ୍ଟି-ପୁରନ୍ଦର ।
ଏଥର ଅଇଲେ ପାଶେ ଏ ଉପାୟ କର ଯେ ।
ଉଦ୍ଧତକୁ ବରୁର ନ କର କମ୍ବୁକଣ୍ଠୀ ।
ଭେଟୁଁ ଦେବୁ ଅଞ୍ଚଳେ ଅଞ୍ଚଳେ ଦୃଢ଼ ଗଣ୍ଠି ଯେ । ୩୩ ।

ବାହୁବନ୍ଧନେ ବାନ୍ଧିବୁ ଅତି ଯତ୍ନ କରି ।
ଯାଇ ନ ପାରିବ ଶେଷ ହୋଇଲେ ଶର୍ବରୀ ଗୋ ।
ରତିଭୋଗ ଯାଏ ଯେବେ ସହିବ ଦଇବ ।
ସେ ପ୍ରେମରଜ୍ଜୁରେ ବାନ୍ଧ ହୋଇଣ ରହିବ ଗୋ ।
ଯେଉଁ ରତିରସ ବଶ କରଇ ବ୍ରହ୍ମାକୁ ।
ଅଧିକ କି ବଳିବାର ପୁରୁଷ ଭ୍ରମକୁ ଗୋ । ୩୪ ।

ସଜନୀଏ ମଧୁର ବଚନ କହୁଁ କହୁଁ
ଜଗତୀ ପ୍ରବେଶ ସେ ସୁନ୍ଦର ଗୃହୁଁ ଗୃହୁଁ ଯେ ।
କୁମାରୀ ବରୁରେ ସ୍ୱପ୍ନସଙ୍ଗ ଦିନ ନିଶୀ ।
ସେହି ଶୁଭ ଯୋଗ ଯେଣୁ ବାହୁଡ଼ି କି ଅସି ଯେ ।
ଏମନ୍ତେ ସେ ରସିକ ପ୍ରକାଶେ ବଚନକୁ ।
କିଣିଲୁ ଧନ ଜୀବନ ମନ ଲୋଚନକୁ ଗୋ । ୩୫ ।

ମଧୁ ବିନା ମଧୁପର ଆନ ଗତି ନାହିଁ ।
ବିଧୁ ବିନା ଆନେ କି କୁମୁଦ ପ୍ରକାଶଇ ଗୋ ।
ବନ୍ଧୁ ବିନା ଆନ ଗତି ନାହିଁ ମୋ ଜଗତେ ।
ଆନକୁ ନ ବରି ଏକା ବରିବୁ ତୁ ମୋତେ ଗୋ ।
ଏତିକି ମାଗୁଣି ଗୋ କେତକୀବରନାକୁ
ସେ କୁମର କହୁ ଏ ବିନୟ ରଚନାକୁ ଯେ । ୩୬ ।

---

ଶ୍ରେଷ୍ଠ । ଉଦ୍ଧତକୁ—ଧୃଷ୍ଟତାକୁ । କମ୍ବୁକଣ୍ଠୀ—ଶଙ୍ଖ ସଦୃଶ କଣ୍ଠ ଯାହାର ସେ ଲାବଣ୍ୟବତୀ । ଅଞ୍ଚଳ—କାନି । ୩୪ । ଶର୍ବରୀ—ରାତ୍ରି । ଯେ ରତିରସ ବ୍ରହ୍ମାକୁ ବଶ କରେ, ସାମାନ୍ୟ ନରର ଭ୍ରମ ଜନ୍ମାଇବା କେତେ କଥା ।

୩୬ । ମଧୁ—ମହୁ । ମଧୁପ—ଭ୍ରମର । ବିଧୁ—ଚନ୍ଦ୍ର । କେତକୀବରନାକୁ—ଗୋରୀ ଲାବଣ୍ୟବତୀକୁ ।

ସଖୀ ବୋଲେ ଅମ୍ଭ ସଖୀ ସତ୍ୟର ଜନନୀ ।
ବରଣ ଯେ କରିଛୁ ମୁକୁତା ମାଳ ଦେଇ ଯେ ।
ଜୋଟିଙ୍କଲେ ଏ କଥା ହୋଇଛୁ ନାହିଁ ଆନ ।
ଘନି ତେଜ ଗଙ୍ଗାଜଳେ ଗୃଧ୍ରକର ମନ ଯେ ।
ତୁମ୍ଭେ ପୁରୁଷ ସହଜେ ଚନ୍ଦ୍ରମା ପ୍ରକାର ।
ତାରାପତି ହୋଇଲେ କୁମୁଦେ ଭୋଗ କର ଯେ । ୩୭ ।
ଚନ୍ଦ୍ରମୁଖୀ କି ରଖିଛୁ ସଖୀ ଥିଲା ଲାଜ ।
ମନେ କରେ ଗଳାରେ ବେଢ଼ାଇ ଦେବି ଭୁଜ ଯେ ।
ଜାଣି ତାହା ସହଚରୀ ଅନ୍ତର ହେବାକୁ ।
କୁହୁକକୁଶଳ ହରି ନେଲା ସେ ମାୟାକୁ ଯେ ।
କୁମାର କୁମାରୀ ସିତ ଆନକୁ ନ ଦିଶି ।
ରମାପ୍ରାଣ ଚରିତେ ସମସ୍ତେ ହେଲେ ତୋଷୀ ଯେ । ୩୮ ।
ରାଠ ହାଠକ କଠକ ଘୋଠକ ବଚନ ।
ହାଠ ବାଠ ଜୁର ଶାଢ଼ୀ ବାସ କଲେ ଦାନ ଯେ ।
ଯେତେ ଲୋକ ଦେଖୁଥିଲେ ଦେଲେ ସଭା ଜୁର ।
ସବୁରୂପେ ପୂର୍ଣ୍ଣ ହେଲା ମନୋରଥ ତାର ଯେ ।
ବ୍ୟାକୁଳ ଅନଳେ ଦଗ୍ଧ କୁଟିଳକଟାକ୍ଷା ।
ଶତ୍ରୁ ମିତ୍ର ହେଲା ପରା କଲା ମୋହ ରକ୍ଷା ହେ । ୩୯ ।
କେତେବେଳ ଏରୂପ ଭଜିଲା ଭବମୟୀ ।
ଜନନୀ ହକର କେତେ ଦଣ୍ଡକୁ ବଞ୍ଚାଇ ଯେ ।
ଏ ଭିତରୁ ଶଙ୍କା ଜପୁଜାଇ ଦେଲେ ଆଳୀ ।
ଗୁପତ କଥା ପ୍ରକଟ ହେଲେ ନବବାଳା ଗୋ ।
ତୁ ରାଜକୁମାରୀ ତୋତେ ହେବ ବଡ଼ ଲାଜ ।
ସରବ ଅମ୍ଭ ମହତ ନ ପାଇବୁ କାର୍ଯ୍ୟ ଗୋ । ୪୦ ।

---

୩୭ । ସତ୍ୟର ଜନନୀ—ସତ୍ୟର ଆଧାରଭୂତା ।

୩୮ । କୁହୁକକୁଶଳ—ମାୟାନିପୁଣ । ୩୯ । ରାଠ—ରାଜା । ହାଠକ—ସୁନା । କଠକ—ଖଡ଼ୁ । ଘୋଠକ—ଘୋଡ଼ା । ଜୁର—ଲୁଟି । ବ୍ୟାକୁଳ ଅନଳେ—ଦୁଃଖାଗ୍ନିରେ । କୁଟିଳକଟାକ୍ଷା—ଅପାଙ୍ଗନୟନା ।

୪୦ । ଏରୂପ ଭଜିଲା ଭବମୟୀ—ଏହି ମାୟା ଦେଖିବାରେ ଲାବଣ୍ୟବତୀ ରହିଲା । ଜନନୀହକର—ମାତାଙ୍କ ଡାକରା । ଦଣ୍ଡକୁ ବଞ୍ଚାଇ—କେତେକ୍ଷଣ ପରେ ।

ହଳାହଳ ପାନେ ପ୍ରାଣରକ୍ଷା ବାଞ୍ଛା କରୁ ।
ସନ୍ନିପାତକୁ ସେ ହିତ ହୁଏ ସିନା ଖିରୁ ଗୋ ।
ତେଜ ବେଗ ଜନମିଲେ ଆଉ ରକ୍ଷା କାହିଁ ।
ଚତୁର୍ଥର ଏତେକ ବିବେକ ହେଉ ନାହିଁ ଗୋ ।
ଏହି ବଡ଼ ଭୟ ତା ନିଗୂଢ଼ ହୋଇକରି ।
ପଳାଇଲି ପ୍ରାଣକୁ ରଖିଲି ବଳେ ଧରି ଯେ । ୪୧ ।
ନଟ ଯାଇ କେତେଦିନେ କର୍ଣ୍ଣାଟେ ପ୍ରବେଶ ।
କୁମାରକୁ କହିଲି ଦୁର୍ଲ୍ଲଭ କନ୍ୟା ବଶ ଯେ ।
ନାମ ଦେଶ ପଚାରିଲେ ତାହିଁ ପ୍ରକାଶିଲି ।
କୁମାର ବିଚାରେ ମୋର ସୁକୃତ ଦଶିଲି ଯେ ।
ଅଘକରୀନ୍ଦ୍ର-ପାରୀନ୍ଦ୍ର ଅଯୋଧ୍ୟା ନରେନ୍ଦ୍ର ।
ଭାବି ଛାନ୍ଦ ଶେଷ କଲା ଭଞ୍ଜ ଉପେନ୍ଦ୍ର ଯେ । ୪୨ ।

---

## ଷୋଡ଼ଶ ଛାନ୍ଦ

**( ଚନ୍ଦ୍ରଭାନୁର ମିତ୍ର ଆଗରେ ଲାବଣ୍ୟବତୀ ରୂପ କଥନ )**

ରାଗ—ଗୁର୍ଜ୍ଜରୀ । ଚନ୍ଦ୍ରାବତୀ ସ୍ୱୟମ୍ବର ବାଣୀ ବା ଭାଗବତ ବାଣୀ ।

ଇନ୍ଦ୍ରଜାଲିକ ମୁଖୁଁ ଶୁଣି । ବଶ ହେବାରୁ ପୃଥୁଶ୍ରୋଣୀ ।
ଚିତ୍ତାଇ ଶୋଭା ଅନୁରାଗ । କିଛି ପ୍ରକାଶେ ମିତ୍ର ଆଗ । ୧ ।

---

୪୧ । ହଳାହଳ—ବିଷ । ବିଷ ସନ୍ନିପାତରେ ହିତ କରେ, ଅନ୍ୟତ୍ର ନୁହେଁ । ବିବେକ—ବିଚାର । ନିଗୂଢ଼—ଗୁପ୍ତ ।

୪୨ । ସୁକୃତ—ପୁଣ୍ୟ । ଅଘକରୀନ୍ଦ୍ର—ପାପ ହେଲା ହସ୍ତୀଶ୍ରେଷ୍ଠ । ପାରୀନ୍ଦ୍ର—ସିଂହ ହେଲେ ଅଯୋଧ୍ୟା ନରେନ୍ଦ୍ର—ରାମଚନ୍ଦ୍ର, ମୋର ପାପ ନାଶ କରନ୍ତୁ ଏହା କବି ଉପେନ୍ଦ୍ର ଭଞ୍ଜ ପ୍ରାର୍ଥନା କଲେ ।

---

୧ । ଇନ୍ଦ୍ରଜାଲିକ—କୁହୁକିଆ, ବାଜିଗର । ପୃଥୁଶ୍ରୋଣୀ—ବିଶାଳ ନିତମ୍ବବତୀ; ସୁନ୍ଦରୀ । ଚିତାଇ—ମନେ ପକାଇ । ଶୋଭା—ସୌନ୍ଦର୍ଯ୍ୟ । ଅନୁରାଗ—ସ୍ନେହ । ପ୍ରକାଶେ—କହେ ।

ହା ହା ସେ ନରେନ୍ଦ୍ର-କୁମାରୀ । ଅବନୀଶେରୀ ସୁକୁମାରୀ ।
ପଲ୍ୟଙ୍କ ଅଙ୍କେ ଶୋଇଥିଲ୍ଲ । ସୁକୃତଦୂତୀ ଭେଟାଇଲ୍ଲ । ୨ ।
ସଂସାରେ ଯେତେ ଦୃଷ୍ଟି ଅଛି । ତାଠାବେ ପୁଷ୍ଟି ସୋହୋଇଛି ।
ଏଣୁ ଜଗତଜୟୀ ରୂପ । ପୁଣି କନ୍ଦର୍ପ ରସକୂପ । ୩ ।
ତହିଁ ନୟନ ମୀନ ପଡ଼ । କ ଶଙ୍କ ରହିବାର କୁଡ଼ ।
ଆଗ ପଛକୁ ସମ ଶୋଭା । ଶୋଭାବୃନ୍ଦରେ ହେମପ୍ରଭା । ୪ ।
ପ୍ରଭାମାନଙ୍କ ନିଜ ଧାମ । ଅନ୍ୟୋଽନ୍ୟ ନାମରୂପ ସମ ।
ସମ ନୋହିଲେ ଅଛ କାହିଁ । ମୁକୁର ଦେଖାକାଲେ ଦୁଇ । ୫ ।
ଅଲଙ୍କାରକୁ ଅଲଙ୍କାର । ନିଷ୍ଟୟ ସେହି ବ୍ରମାବର ।
ଭାବାଦ ଯେତେ ଅଲଙ୍କାର । ସେମାନେ ଅଲଙ୍କାର ତାର । ୬ ।

---

୨ । ନରେନ୍ଦ୍ରକୁମାରୀ—ରାଜକନ୍ୟା । ଅବନୀଶିରୀ—ସଂସାରର ଶୋଭାରୂପିଣୀ । ସୁକୁମାରୀ—କୋମଳାଙ୍ଗୀ । ପଲ୍ୟଙ୍କଅଙ୍କେ—ପଲଙ୍କରେ । ସୁକୃତଦୂତୀ—ତାର ପୁଣ୍ୟ ହେଲ୍ଲ ଦୂତୀ ।

୩ । ପୁଷ୍ଟି—ପୋଷକତା । ଅତି ସୁନ୍ଦର ଅନ୍ୟ ବ୍ୟକ୍ତିମାନଙ୍କର ଗର୍ବର କାରଣ ହୋଇଅଛି ଆଦର୍ଶଭୂତ ହେତୁ । ଜଗତଜୟୀ ରୂପ—ତାର ସୁନ୍ଦର ରୂପ ଜଗତକୁ ଜିଣିଛି । କନ୍ଦର୍ପରସକୂପ—ଶୃଙ୍ଗାରରସର ଭଣ୍ଡାର ।

୪ । ନୟନମୀନ—ଆଖିରୂପ ମାଛ । ଶଙ୍କ—ଆଶଙ୍କା । ରହିବାର କୁଡ଼—ସୁଖରେ ମଗ୍ନ ହେଉଛି, ବାହାରୁ ନାହିଁ । ଆଗ...ଶୋଭା—ଶରୀରରେ କୌଣସି ଅଙ୍ଗରେ ଶୋଭାର ହାନି ନାହିଁ । ଶୋଭା......ପ୍ରଭା—ପ୍ରଭା ହେଉଛି ଦେବତା ବା ମହାପୁରୁଷଙ୍କ ଶରୀରର ଜ୍ୟୋତିର୍ମଣ୍ଡଳ । ଏ ହେଉଛି ସମସ୍ତ ସୌନ୍ଦର୍ଯ୍ୟର ସ୍ୱର୍ଣ୍ଣମୟ ପ୍ରଭାମଣ୍ଡଳ ।

୫ । କେବଳ କାନ୍ତିର ମଣ୍ଡଳ ନୁହେଁ, କିନ୍ତୁ କାନ୍ତିର ଆଶ୍ରୟସ୍ଥଳ । ଅନ୍ୟୋଽନ୍ୟ......ସମ—ଅନ୍ୟତ୍ର ରୂପଠାରୁ ନାମର ପାର୍ଥକ୍ୟ ଥାଏ । ଏଠାରେ ନାମ ଯାହା, ରୂପ ମଧ୍ୟ ତାହା ଅତଏବ ଏକ । ସମ......ଦୁଇ—ଯେବେ କୁହ ତେବେ ଦର୍ପଣରେ ଦେଖିଲ୍ଲ ବେଳେ ପୃଥକ୍ ଭାବରେ ନାହିଁ ।

୬ । ଅଲଙ୍କାର......ବ୍ରମାବର—ତାର ଶୋଭାକୁ ଅଲଙ୍କାର ବଢ଼ାଉ ନାହିଁ, କିନ୍ତୁ ତାର ଶରୀରରେ ଅଲଙ୍କାର ଥିବାରୁ ଅଲଙ୍କାରର ଶୋଭା ବଢ଼ୁଛି, ଏହା ସତ୍ୟ । ଆଭରଣସ୍ୟାଭରଣଂ ବିଭୂଷିତସ୍ୟ ବିଭୂଷଣଂ—ବିଦ୍ଧମୋହିନୀ । ଭାବାଦ......ତାର—ଯୌବନରେ ସ୍ୱାଭାବିକ ଭାବରେ ଦେଖାଯିବା ଅଷ୍ଟାବିଂଶ ଅଲଙ୍କାର । ଭାବ, ହାବ, ହେଲା, ଶୋଭା, କାନ୍ତି, ମାଧୁର୍ଯ୍ୟ ପ୍ରଭୃତି ସେ ନାରୀର ଶୋଭା ବଢ଼ାଉଅଛନ୍ତି ।

ଅନୁରାଗର ବଶ ସେହି । ଅନୁରାଗକୁ ଜନମାଇ ।
ଯୌବନ ଶୋଭା ସେ କାମିନୀ । ଯୌବନ ଶୋଭା ତାହା ଘେନି । ୭ ।
ମୁଖ ପ୍ରଶଂସା କଳାକର । ତାହା ପ୍ରଶଂସା ମୁଖ ତାର ।
ତା ରୂପ ଅସ୍ତ୍ର କରି ଘେନ । ରୂପାସ୍ତ୍ର ବୋଲାଇ ମଦନ । ୮ ।
ଯୁବାସଂସାର ସଂହାରିଣୀ । ଯୋଗୀଏରେ ସଂସାର କାରେଣୀ ।
କୁଙ୍କୁମକାନ୍ତି ଅସମରେ । ସଙ୍କୋଚ ବହିଛି ନାମରେ । ୯ ।
ସୁନ୍ଦରୀ ପୁରନ୍ଦରୀ ନୋହି । ସୁନ୍ଦରୀ ପୁରନ୍ଦରୀ ଏହି ।
ଦେଖି ତା ସର୍ବାଙ୍ଗ ସୁନ୍ଦର । ଚିତ୍ରେ ଚିନ୍ତିବ ପୁରନ୍ଦର । ୧୦ ।
କି ତପ କରି ପିନ୍ଧା ଶାଢ଼ୀ । ସେ ବାଳା ପ୍ରତିଅଙ୍ଗେ ଜଡ଼ି ।
ଜାଣିଲେ ସେ ତପ ସାଧନ୍ତି । ତେତିକବେଳୁଁ ହୁଏ ମତି । ୧୧ ।
ନିଦ୍ରା ଭଗ୍ନ ସଂଲଗ୍ନ ବେଳେ । ଭଙ୍ଗୀଏ ଅନୁକୂଳ କଲେ ।
ଲୁଟି ଯେ କଲେ ଧୈର୍ଯ୍ୟ ଧନ । ପ୍ରଥମେ ଧରିନେଲେ ମନ । ୧୨ ।

---

୭ । ଅନୁରାଗ......ସ୍ନେହ—ସେ ନିଜେ ସ୍ନେହର ଅଧୀନ, କିନ୍ତୁ ସେ ଅନ୍ୟଙ୍କ-ଠାରେ ତା ପ୍ରତି ସ୍ନେହ ଜନ୍ମାଉଅଛି । ଯୌବନ.....ଘେନି—ଯୁବା-ବସ୍ଥାରେ ସୌନ୍ଦର୍ଯ୍ୟମୟୀ, ତା ହେତୁ ମଧ୍ୟ ଯୁବାବସ୍ଥା ଶୋଭା ପାଉଅଛି ।

୮ । ମୁଖ......ତାର । ମୁଖକୁ ପ୍ରଶଂସା କଲେ ଚନ୍ଦ୍ରକୁ ଆଣି ଥୋଇବୁ ସମତାରେ ଓ ଚନ୍ଦ୍ରକୁ ପ୍ରଶଂସା କଲେ ସେ ନାରୀର ମୁଖକୁ ଆଣି ଥୋଇବୁ । ମୁଖର ଚନ୍ଦ୍ର ଉପମାନ । ଚନ୍ଦ୍ରର ମୁଖ ଉପମାନ ତା—ମୁଖକୁ ଚନ୍ଦ୍ର ପ୍ରଶଂସା କରେ—ମୁଖର ଅଧିକ ଲାବଣ୍ୟ ହେତୁ ( ବ୍ୟତିରେକ ) ଏବଂ ତାର ମୁଖର ପ୍ରଶଂସା ହେଉଛି ତାର ମୁଖ । (ଅନନ୍ୱୟ) । ଘେନ—ମନେ କର । ରୂପ—ସୌନ୍ଦର୍ଯ୍ୟ । ରୂପାସ୍ତ୍ର—କନ୍ଦର୍ପର ନାମବିଶେଷ ।

୯ । ଯୁବା...ସଂହାରିଣୀ—ସେ ନାରୀକୁ ଯୁବକମାନେ ଦେଖିଲେ ହତଜ୍ଞାନ ହେବେ । ଯୋଗୀରେ...କାରଣୀ—ତାକୁ ଦେଖିଲେ ଯୋଗୀମାନେ ଗୃହସ୍ଥାଧର୍ମ ଗ୍ରହଣ କରିବାକୁ ଇଚ୍ଛା କରିବେ । କୁଙ୍କମ...ନାମରେ—ତାର କାନ୍ତି ସଙ୍ଗେ କୁଙ୍କୁମ ସମାନ ନ ହେବାରୁ ଲଜ୍ଜା ବା ସଙ୍କୋଚ ବୋଧରେ ନିଜର ନାମକୁ କୁଙ୍କୁମ ( କିଷ୍ଟଯୁ ମୁଁ ମନ୍ଦ ମନ୍ଦ ) ବୋଲି କରିଅଛି ।

୧୦ । ପୁରନ୍ଦରୀ—ଇନ୍ଦ୍ରଙ୍କ ପତ୍ନୀ ଶଚୀ ସୁନ୍ଦରୀ ନୁହେ କିନ୍ତୁ ସେ ସୁନ୍ଦରୀ ପୁରନ୍ଦରୀ—ସୁନ୍ଦରୀ ଶ୍ରେଷ୍ଠା । ସର୍ବାଙ୍ଗ ସୁନ୍ଦର—ଅତିସୁନ୍ଦର ରୂପ—ବିଶେଷଣ, ବିଶେଷ୍ୟ ଅର୍ଥରେ ( ରୂପ ଉହ୍ୟ ) । ପୁରନ୍ଦର—ଇନ୍ଦ୍ର । ମତି—ମନ ।

୧୨ । ନିଦ୍ରା......କଲେ—ତାହାର ନିଦ ଭାଙ୍ଗିଲା ବେଳକୁ ଯେତେବେଳେ ମୋର ମାୟାରେ ଭେଟ ହେଲା, ସେତେବେଳେ ତାର ଲୀଳା ଶୃଙ୍ଗାରମାନ

ଅଙ୍ଗ ଦେଶରେ ଲଜ୍ଜା ପ୍ରୀତି । ହୋଇ ଯେ ଥିଲେ ବେନି ମନ୍ତ୍ରୀ ।
ଏକେ କେତେବେଳେ ବଳିଆର । ହୋଇଲେ ଅନୁଗ୍ରହ ତାର । ୧୩ ।
ଉରଜ ପୃଥୁ ଚକ୍ରବର୍ତ୍ତୀ । ଦେଖାଇ ବିଶେଷ ଉନ୍ନତି ।
ଲେଖାଇ ନେଲା ହାତ ପତ୍ର । ହେଲି ବୋଲି ମୁଁ ତୋର ଭୃତ୍ୟ ।
କନକ ମହୀଧର ଠାରୁ । ଉଦରେ ରଖିଛି କି ଭୀରୁ ।
କସ୍ତୁରୀପଙ୍କ ବର୍ଣ୍ଣପନ୍ତି । ରୋମାଳୀ ବୋଲାଉ ଅଛନ୍ତି । ୧୫
ଯହିଁ ଏମନ୍ତ ଧୈର୍ଯ୍ୟବନ୍ତା । ରଖି ନ ପାରିଲା ଗୁରୁତା ।
ଆଉ କାହାର ତାକୁ ଚାହିଁ । ବାଞ୍ଛା ନୋହିବ ଦାସ ହୋଇ ।୧୬।

---

—ଭାବ, ହାବାଦି ଗୋଟି ଗୋଟି ହୋଇ ପ୍ରକାଶ ପାଇଲେ । ଲୁଟି ......ମନ—ସେହି ଭଙ୍ଗୀମାନଙ୍କ ଦ୍ୱାରା ମୋର ମନ ଲୁଟ ହେବାରୁ ମୋର ଧୈର୍ଯ୍ୟରୂପ ଧନ ନଷ୍ଟ ହେଲା ।

୧୩ । ଅଙ୍ଗ...ତାର—ସେହି ବାଳାର ଶରୀରରେ ଲଜ୍ଜା ଓ ପ୍ରୀତି ଦୁଇଟି ଦେଖାଦେଲେ—ସେ ବାଳା ହେଲା ରାଜା—ତାର ଦେହ ହେଲା ଦେଶ —ଓ ତାର ମନ୍ତ୍ରୀ ହେଲେ ଲଜ୍ଜା ଓ ପ୍ରୀତି; ଏ ଦୁହେଁ ରାଜ୍ୟରେ ଦେଖା-ଦେଲେ । ରାଜାର ଅନୁଗ୍ରହରେ ଯେପରି ମନ୍ତ୍ରୀ ବିଶେଷର ପ୍ରଭୁତ୍ୱ ବଳବତ୍ତର ହୁଏ, ସେହିପରି ତାର ଇଚ୍ଛା ଅନୁସାରେ କେତେବେଳେ ଲଜ୍ଜା (ପୁରୁଷ ଦର୍ଶନ ହେତୁ) କେତେବେଳେ ପ୍ରୀତି (ପୁରୁଷ ପ୍ରତି ଆକୃଷ୍ଟ ହୋଇ) ପ୍ରୀତି—ସ୍ନେହ ପ୍ରକାଶ ପାଉଥିଲା ।

୧୪ । ଉରଜ...ଭୃତ୍ୟ—ଉରଜ—ସ୍ତନ । ପୃଥୁ—ବିଶାଳ, ବିସ୍ତୃତ । ଚକ୍ରବର୍ତ୍ତି —ମଣ୍ଡଳାକାରରେ ସ୍ଥିତ ଅର୍ଥାତ୍ ଗୋଲ । ଉନ୍ନତି—ଉଚ୍ଚତା । ଅନ୍ୟାର୍ଥରେ ସ୍ତନ ହେଲା ପୃଥୁ ରାଜା; ସେ ଅତି ଉନ୍ନତ ରାଜା ଥିଲେ—ପୃଥିବୀ ତାଙ୍କୁ ଶସ୍ୟବୀଜ ପ୍ରଦାନ ନ କରିବାରୁ ପୃଥୁ ତାକୁ ଶାସ୍ତି ଦେବାକୁ ଉଦ୍ୟତ ହୁଅନ୍ତେ ସେ ତାଙ୍କ ବଶ୍ୟତା ସ୍ୱୀକାର କଲା । ସେହିପରି ମୋଠାରୁ "ମୁଁ ତାର ଭୃତ୍ୟ ହେଲି ବୋଲି ହାତଲେଖା ଲେଖାଇ ନେଲା—ମୁଁ ତାର ବିଶାଳ ସ୍ତନମଣ୍ଡଳ ଦେଖି ତାର ବଶ ହେଲି । ଲୋକେ ପଦ୍ମ ନିଜ କଣ୍ଠରେ ରଖନ୍ତି । ଏ ବାଳା ତା ଶରୀରରେ ରଖିଛି ବୋଲି କବି ତର୍କଣା କରି କହୁ ଅଛନ୍ତି—କନକମହୀଧର...ଭୀରୁ—ସୁନା ପର୍ବତ ମେରୁ ହେଲା ତାହାର ଉଚ୍ଚସ୍ତନର ତୁଲକୁ—ନିଜପେଟରେ ସେ ଭୀରୁ—ଭୟଶୀଳା ସୁନ୍ଦରୀ ରଖିଛି—ଅନ୍ୟତ୍ର ରଖିଲେ କାଳେ ଚୋରିଯିବ । କସ୍ତୁରୀ... ବୋଲାଉ ଅଛନ୍ତି—କବି ତର୍କଣା କରୁଅଛନ୍ତି ଯେ ସୂକ୍ଷ୍ମ ଲୋମରେଖା ତାର ସ୍ତନମଣ୍ଡଳଠାରୁ ନାଭିପର୍ଯ୍ୟନ୍ତ ଅଛି—ତା ପ୍ରକୃତରେ ତାହା ନୁହେଁ,

ବାଳୀ ଚାଳନ୍ତେବେଳେ ନେତ୍ର । ଜୀବନ ହୋଇଲା ଆରତ ।
ଖେଳି ଆସୁଛି କାଳ ଅହି । ଏ ମୋତେ ଦଂଶିବାର ପାଇଁ ।୧୭।
ପିଛଡ଼ା ପେଡ଼ା ମଧ୍ୟେ ଥିଲା । କିରୂପେ ପିଟି ଏ ଅଇଲା ।
ନ ମାନିବାରୁ ଗଦ ପଦ । ନାଶସ୍ତ ହେଲା ବିଷବୈଦ୍ୟ ।୧୮।
ଏକାଳେ ନେତ୍ର ବୋଧ ତାକୁ । ଢାଳି ଏ ଦେବ ଅମୃତକୁ ।
ଅଦ୍ଭୁତ ହୋଇଲୁ ଅମର । ଦେଖି ଏ ଶିଖା ପ୍ରାପ୍ତ ମୋର ।୧୯।
ଅନୁରାଗ ଗୃହାଣି ସେହି । ଅପାଙ୍ଗ ଥିଲା ସଖୀ ହୋଇ ।
ଶୋଭି ସେ ଦଶିଲା ଏମନ୍ତ । ଫୁଲ୍ଲାରବିନ୍ଦେ ଅଳିଯୁକ୍ତ ।୨୦।
ଅନଙ୍ଗ ପବନ ବିକାରେ । ଝୁଣ୍ଟିତ ଚାଳିଲା ପ୍ରକାରେ ।
ଧେନି ଶୁକଳ ରଙ୍ଗ କଳା । ପତନ ଦଗ ଚିତ୍ର କଲା ।୨୧।

---

କିନ୍ତୁ କସ୍ତୁରୀ କାଳରେ ଅକ୍ଷର ସମୂହ ଅଟନ୍ତି—ସେ ଲେଖା ପଣର ବର୍ଣ୍ଣ ସମୂହ । ଯହିଁ...ହୋଇ—ଯେଉଁଠାରେ ମୋ ଭଳି ଧୀର ସ୍ଥିର ନାୟକ (ଢ଼ଦାତ୍ତ ନାୟକ ହେତୁ) ତାର ଗାମ୍ଭୀର୍ଯ୍ୟ ରଖି ପାରିଲା ନାହିଁ—ଅଧୀନତା ସ୍ୱୀକାର କଲା ଆଉ ବା କିଏ ତାର ଦାସତ୍ୱ ସ୍ୱୀକାର କରିବ ନାହିଁ । ପୃଥିବୀ ପକ୍ଷରେ ମଧ ଗୁରୁତା ପ୍ରଯୋଜ୍ୟ—ଇତ୍ୟାଦି ।

୧୭ । ବାଳୀ...ପାଇଁ—ସେ ସୁନ୍ଦରୀ କୋଣେଇ ଚାହିଁଲାବେଳେ ମୁଁ କାମବାଣରେ ପୀଡ଼ିତ ହେଲି—ମନେ ହେଲା—କାଳୀୟୁନ୍ତୀ ନାଗ ମୋତେ କାମୁଡ଼ିବାକୁ ଆସୁଛି । ସେହି ସାପ ତ ଆଖିପତା ରୂପ ପେଡ଼ିରେ ଥିଲା, କିପରି ସେଠୁଁ ବାହାରି ଆସିଲା—ଏପରି ପ୍ରବଳ ଭାବରେ ଆସିଲା ଯେ ବିଷବୈଦ୍ୟର ମନ୍ତ୍ର, ମଣି ବା ଔଷଧରେ ବଶ ହେଲା ନାହିଁ—ତହୁଁ ସେ ହୁଳଗସ୍ତ ହୃତବୁଦ୍ଧି ଥିଲା । ସେହିପରି, ବିଷବୈଦ୍ୟରୂପ ମୁଁ ହତଜ୍ଞାନ ହେଲି । ଏଠାରେ ଚକ୍ଷୁର କୃଷ୍ଣରଶ୍ମିରେ କାଳୀୟୁନ୍ତୀ ନାଗର ସାଦୃଶ୍ୟ ଅଛି । ଏପରି ଅବସ୍ଥାରେ ସେ ଚକ୍ଷୁରେ ଯେ ଶୁକ୍ଳ ବର୍ଣ୍ଣ ଅଛି, ତାହାର ବଳରେ ଚକ୍ଷୁ ସେହି କେଳା ବା ମୋତେ ବୋଧ ହେଲା—ବିଷର ଭୟ କର ନାହିଁ —ଏଥିରେ ଅମୃତ ମଧ ଅଛି, ତାକୁ ଢାଳିଦେବ—ସେ ସୁଧାରୂପୀ ଦୃଷ୍ଟି-ପାତରେ ଅମର—ଅପୂର୍ବ ସୁଖଭୋଗ ହେଲା । ମୋର ଏପରି ସୌଭାଗ୍ୟ ଦେଖି—ତା ପରେ ଚକ୍ଷୁର ରକ୍ତିମା ଥିବାହେତୁ ସେହି ଦୃଷ୍ଟିରେ ଅନୁରାଗ ଗୃହାଣି—ପ୍ରୀତିଯୁକ୍ତ ଦୃଷ୍ଟିପାତ—ଅପାଙ୍ଗ—ନେତ୍ରପ୍ରାନ୍ତ ସେ ଗୃହାଣିରେ ଯୁକ୍ତ ଥିବା ହେତୁ—ଚକ୍ଷୁ କୋଣେଇ ଚାହିଁବା ହେତୁ—ଏପରି ଶୋଭା ଦିଶିଲା ଯେପରି ଫୁଟିଲା ପଦ୍ମରେ ଭ୍ରମର ଲାଖି ରହିଛି ।

୧୮ । ଅନଙ୍ଗ...କଲା—ଯେପରି ପବନରେ ପଦ୍ମ ଚଳିତ ହୁଏ—ସେହିପରି କାମ-ବଶରେ ତାର ଚକ୍ଷୁ ଶୀଘ୍ର ସଂଚାଳନ ଫଳରେ—ଧଳା, ଲାଲ ଓ କଳା ବର୍ଣ୍ଣର ଚକ୍ଷୁରଶ୍ମି ଚକ୍ଷୁପାତର ଦେଶକୁ ଏହି ତିନି ରଙ୍ଗରେ ଚିତ୍ରିତ କଲା ।

ମୋହର କି ଇତର ପୁଣ୍ୟ । ତ୍ରିବେଣୀ ଘାଟେ କଲି ସ୍ନାନ ।
କଟାକ୍ଷ ଅଙ୍କୁଶ ସଦୃଶୀ । ମତ୍ତ ମାତଙ୍ଗକୁ ଆକର୍ଷି । ୨୨ ।
ଉଚ୍ଛନ୍ନ ମାହୁନ୍ତ ଆରୋହ । ତାର ଆୟତ୍ତ କରିନେଇ ।
ଜାନୁ ଅର୍ଗଳର ନିକଟେ । ଥିଲା ଶିକୁଳା ନୀବୀକୂଟେ । ୨୩ ।
ନିବଡ଼େ ପକାଇଲା ବାନ୍ଧି । ଭ୍ରମମଦରି ପାନେ ବୋଧି ।
ଭାବିଲି ସ୍ୱର୍ଗଦ୍ୱାର ଏହି । ମୋକ୍ଷ ଏଥିରେ ଅଛି ରହି । ୨୪ ।
ସନ୍ଧିଧେ ମଧ୍ୟେ ସିଂହ ସ୍ଥିତ । ନୋହିଲେ ହୁଅନ୍ତା ଏମନ୍ତ ।
ନିତମ୍ବ ଚନ୍ଦ୍ରବିମ୍ବ ସତ । ସେ ସ୍ଥାନେ ହୁଅଇ ଉଦିତ । ୨୫ ।

---

୨୨ । ମୋର...ସ୍ନାନ—ମୋର ତ କମ ପୁଣ୍ୟ ନୁହେଁ, ମୁଁ ଗଙ୍ଗା (ଧଳା) ଯମୁନା (କାଳିଆ) ସରସ୍ୱତୀ (ନାଲିଆ) ଏହି ତିନି ନଦୀର ସଙ୍ଗମସ୍ଥଳ ଯେ ଅତି ପବିତ୍ରମନ୍ତ ତୀର୍ଥରେ ସ୍ନାନ କଲି—ସେ ବାଳୀର ଚକ୍ଷୁ ମୋ ଉପରେ ପଡ଼ିବାରୁ ମୁଁ କୃତକୃତ୍ୟ ହେଲି—ମୁକ୍ତିରୂପ ପରମାନନ୍ଦ ଲାଭ କଲି ।

୨୩ । କଟାକ୍ଷ—ତାର ଆଡ଼ଚକ୍ଷୁଚାହାଣି । ଅଙ୍କୁଶ ସଦୃଶୀ—ଆଙ୍କୁଡ଼ି ଭଳି । ମତ୍ତ ମାତଙ୍ଗକୁ ଆକର୍ଷି—ମୋର ମନ ହେଲା ବଣୁଆ ହାତୀ ତାକୁ ବଶକୁ ଆଣି । ଉଚ୍ଛନ୍ନ ମାହୁନ୍ତ—ବିହ୍ୱଳ ବା ଉଡଳା ହେବା ହସ୍ତୀର ଚାଳକ । ସେ ଆୟତ୍ତ କରିନେଇ—ତାର ଅଧୀନ କଲା ଅର୍ଥାତ୍ ମନ ମୋର ଉଚ୍ଛନ୍ନ ହେଲା । ଜାନୁ—ଦୁଇଜଙ୍ଘ ହେଲା ଅର୍ଗଳ । ଶିକୁଳା—ଲୁହା ଝଞ୍ଜିର । ନୀବୀକୂଟେ—ଖୋଷଣି ବନ୍ଧରେ । ନିବଡ଼େ—ଜୋରରେ । ଭ୍ରମ ମଦରି-ପାନେ—ଭ୍ରମରୂପ ମଦ ପିଆରେ ବୋଧି—ସ୍ଥିର କରି । ସ୍ୱର୍ଗଦ୍ୱାର—ସୁଖର ସ୍ଥାନ । ମୋକ୍ଷ—ପରମାନନ୍ଦ ରୂପ ମୁକ୍ତି । ନାୟକର ଚକ୍ଷୁ ନାୟିକାର ଜଙ୍ଘା, ଖୋଷଣି ପ୍ରଭୃତି ପଡ଼ିଲା ଓ ସେହି ସ୍ଥାନମାନ ଶୃଙ୍ଗାରରେ ସୁଖପ୍ରଦ ହେତୁ ଏରୂପ ବର୍ଣ୍ଣନା ।

୨୪ । ବାଳା ମୋତେ ଦେଖି ନିଜେ ଉତଲା ହୋଇ ତାର ଅଡ଼ ଚାହାଣିରେ ମୋର ମନକୁ ବଶ ତଥା ଉତଲା କରି ତାକୁ ତାର ଜଙ୍ଘାଦି ଦେଶରେ ନେଇ ରଖାଇଲା । ନୀବୀବନ୍ଧନ—ସ୍ୱର୍ଗଦ୍ୱାର—ତାର ମୋଚନରେ—ଖୋଲିବାରେ ସ୍ୱର୍ଗ ପ୍ରତି ଗମନ ଇତ୍ୟାଦି ।

୨୫ । ସନ୍ଧିଧେ......ଉଦିତ—ସେହି ଖୋସଣି ରୂପ ସ୍ୱର୍ଗଦ୍ୱାରର ନିକଟରେ—ବାଳାର ମଧ୍ୟଦେଶରେ ସିଂହ—କଟିଦେଶ—(ସିଂହକଟି ସୂକ୍ଷ୍ମତା ହେତୁ) ସିଂହ ଯେବେ ନୁହେଁ ଏପରି କଟି ସୂକ୍ଷ୍ମ ହୋଇ ନ ଥାଆନ୍ତା । ନିତମ୍ବ—ପିଚ୍ଛ । ଚନ୍ଦ୍ରବିମ୍ବ—ଚନ୍ଦ୍ରମଣ୍ଡଳ (ଶୁକ୍ଳତା ହେତୁ) ଉଦିତ—ପ୍ରକାଶିତ—ସ୍ୱର୍ଗଦେଶରେ । ସ୍ୱର୍ଗର ସିଂହଦ୍ୱାର । ସ୍ୱର୍ଗରେ ଚନ୍ଦ୍ର ଥାନ୍ତି ।

ଲଭିଲି ଯେତେ ପୁଣ୍ୟ ତେତେ । ଲଙ୍ଘି ତା ପାରନ୍ତି କେମନ୍ତେ ।
ଜଘନ ଭଦ୍ରାସନ ଗୋପ୍ୟେ । ବିଶ୍ରାମେ ଇନ୍ଦ୍ରପଦ ସ୍ଥାପେ । ୨୬ ।
ଏହି ଅଭୀଷ୍ଟ କରିଅଛି । ନ ଜାଣି ଧାତା କି ଲେଖିଛି ।
ମନ ବୁଦ୍ଧି ନୟନ ପ୍ରାଣ । ତାହାର କିଣା ହେଲେ ଜାଣ । ୨୭ ।
ଏଣୁ ମୋ ଭଲ ମନ୍ଦ କତି । ନୋହିଲା ନବୀନବନିତା ।
ମୋର ଦେହରେ ମୋ ଅୟତ୍ତ । କେହି ରହିଲା ଯେନି ଚିତ୍ତ । ୨୮ ।
ଦାହକନକବରଣୀକି । ସୁଭାଗ୍ୟ ଗଲା ମୋର ବିକି ।
ଓଷ୍ଠ ପ୍ରବାଳପାନେ ଥିଲା । ହାସ ମୁକ୍ତାରେ କିଣିଲା । ୨୯ ।
ସେ ତାହା ଯେନି ଗଲା ସିନା । ଏବେ ମୁଁ ପାଉଛି ବେଦନା ।
ରତିରତନ ବରତନ । ଦେଇ କରିବାକୁ ଯତନ । ୩୦ ।

---

୨୬ । ଲଭିଲି ...କେମନ୍ତେ—ମୋର ପୁଣ୍ୟ ଅନୁସାରେ ତାହା ମୁଁ ପାଇଲି—ତାହା ଅନ୍ୟଥା କରି ହେବ ନାହିଁ—ଅଲଂଘଣ ପାଇଁ । ଜଘନ ଗୋପ୍ୟେ—ଜଘନର ଗୁପ୍ତ ସ୍ଥାନରେ । ଭଦ୍ରାସନ—ଅତି ଉତ୍କୃଷ୍ଟ ସ୍ଥାନ, ଗୁହ୍ୟଦେଶ । ବିଶ୍ରାମେ—ସେଠାରେ ରହିବାରେ । ଇନ୍ଦ୍ର ପଦ—ଇନ୍ଦ୍ରଙ୍କ ପଦମର୍ଯ୍ୟାଦା ସୁଖସ୍ଥାନ—ପ୍ରଦାନ କରେ—ଦିଏ । ସ୍ୱର୍ଗରେ—ଇନ୍ଦ୍ରଙ୍କ ସୁଖାସନ ଓ ଇନ୍ଦ୍ରଙ୍କ ପରମ ସୌଖ୍ୟ ବିରାଜମାନ; ଏଠାରେ ମଧ୍ୟ ତାହା ।

୨୭ । ଅଭୀଷ୍ଟ—ମନର ଗାଢ଼ ଇଚ୍ଛା । ମୋର ମନ, ବୁଦ୍ଧି ପ୍ରଭୃତି ତାଠାରେ ଅର୍ପଣ କରିଅଛି ।

୨୮ । ନବୀନ ବନିତା—ନୂତନା ମୋର ମାଲିକ ହେଲା ନାହିଁ । ଅୟତ୍ତ—ସାମର୍ଥ୍ୟ । କେହ—କିପରି । ମୋ ଦେହରେ ମନ ସହିତ କିପରି ସମାର୍ଥ୍ୟ ମୋର ଅଛି—ଏହା ମୁଁ ଅନୁଧ୍ୟାନ କରୁଛି ।

୨୯ । ଦାହକନକବରଣୀକି—ଅଗ୍ନିରୂପ ସ୍ୱର୍ଣ୍ଣବର୍ଣ୍ଣର ସୁନ୍ଦରୀକୁ । ମୋର ଦୁର୍ଭାଗ୍ୟ ମୋତେ ବିକିଗଲା—ଅର୍ଥାତ୍ ମୋର ସୁଭାଗ୍ୟ ହେତୁ ମୁଁ ତାହାର ଦର୍ଶନ ଲାଭ କରିଥିଲି । ଓଷ୍ଠ......କିଣିଲା—ତାର ପ୍ରବାଳ ପାନସ୍ଥିତ ଓଷ୍ଠ ଅର୍ଥାତ୍ ଲାଲ ଓଷ୍ଠରେ ମୁକ୍ତାରୂପ ହାସଦ୍ୱାରା ମୋତେ କିଣିଲା । ଅର୍ଥାତ୍ ତାର ଅଧରବିମ୍ବପାନ ଆଶାରେ ମୁଁ ତାର ବଶ ହୋଇଥିଲି ।

୩୦ । ସେ......ବେଦନା—ସେ ସୁନ୍ଦରୀ ମୋ ଭାଗ୍ୟରୁ ( ତା ସହିତରେ ଭେଟ ତଥା ଆନନ୍ଦଲାଭ) । ଏବେ ବର୍ତ୍ତମାନ ବିରହହେତୁ; ବେଦନା—ଯନ୍ତ୍ରଣା । ରତିରତନ—ରମଣରୂପକ ନିଧି । ବରତନ—ମୂଲ୍ୟ । ଯତନ—ଆଦର ।

କେ ଯାଇ ଜଣାନ୍ତା ମୋ ପାଇଁ । କରୁଣାକଳ୍ପତରୁ ସେହି ।
ଅହା କରନ୍ତା ଏହା ଶୁଣି । ଗୁମ୍ଫକୁ ନିଆଇ ସେକ୍ଷଣି । ୩୧ ।
ଧଅନ୍ତା ଅଶେଷ ସନ୍ତାପ । ଦହନ୍ତା ପାଇବା ବଦାପ ।
ମନକୁ ମନାଇ ସେବାରେ । ମଜ୍ଜନ୍ତି ମୁଁ ନିଶି ଦିବାରେ । ୩୨ ।
ଯାହାର ନାସାଫୁଲ୍ଲ ପଣ । ଫୁଲ୍ଲାଇ ଦେଇ ଫୁଲବାଣ ।
ବଳୁରେ ଏ ତୃଣ ସମୀର । ଅସ୍ତ୍ରେ ତ କମ୍ପାଇବ ହର । ୩୩ ।
ସବୁ ସୁବେଶମାନେ ତାକୁ । ସେ ପୁଣି ସୁବେଶ ବେଶକୁ ।
ମଳିନ ହୋଇଥିଲେ ବେଶେ । ଜଗତ ମୋହି ପାରଇ ସେ । ୩୪ ।
ପଙ୍କ ମଧ୍ୟରେ ପଦ୍ମ ଥାଇ । ଯଥା ରସିକ ଭୃଙ୍ଗ ମୋହି ।
ଘେନନ୍ତି ଦେବତାଏ ଶିରେ । ବହନ୍ତି ବନ୍ଧୁ ସୂର୍ଯ୍ୟ କରେ । ୩୫ ।
ଶର ଜବଛୁ ଶମ୍ବରାର । ରାମା ସୁଷମା ସେହି ପର ।
ସ୍ୱଭାବେ ମୋର ବେନି ଆଖି । ଯହିଁ ପଡ଼ଇ ରହେ ଲାଖି । ୩୬ ।

---

୩୧ । କରୁଣାକଳ୍ପତରୁ—ଦୟାର ବାଞ୍ଛାବୃକ୍ଷ ଦୟା କରି ମୋର ବେଦନା ହରନ୍ତା ଓ ମନକାମନା ପୂରଣ କରନ୍ତା । ଗୁମ୍ଫକୁ—ତା ପାଖକୁ ।

୩୩ । ନାସାଫୁଲ୍ଲପଣ—ନାକ ଟେକିବା ଢଙ୍ଗ । ଫୁଲବାଣ—କନ୍ଦର୍ପ । ଅସ୍ତ୍ରେ—ଏପରି ଅସ୍ତ୍ରଦ୍ୱାରା । ହର—ମହାଦେବଙ୍କୁ । କମ୍ପାଇବ—ତାଙ୍କୁ ଯୋଗରୁ ଟଳାଇବ ଏବଂ ଏହା ପବନରେ ଘାସ ପରି ହେବ—ମହାଦେବଙ୍କୁ ବିଚଳିତ କରିବ । ସାମାନ୍ୟ କଥା—ଯେପରି ପବନରେ ଘାସ ଉଡ଼ିଯାଏ, ସେହିପରି ହେବ । ମୋତେ ମହାଦେବ ପୋଡ଼ି ପକାଇଥିଲେ, ବର୍ତ୍ତମାନ ମୁ ତାଙ୍କୁ ସହଜରେ ହରବର କରିବି ।

୩୪ । ସୁବେଶ—ଭଲ ଅଲଙ୍କାର । ମାନେ—ଶୋଭା ପାଏ । କିନ୍ତୁ ସବୁ ବେଶର ସେ ଅଲଙ୍କାର—ତା ଦେହରେ ଲାଗି ବେଶମାନଙ୍କର ଶୋଭା ବଢ଼େ । ସେ ସୁନ୍ଦରୀ । ବେଶରେ ମଳିନ ହୋଇଥିଲେ—ଅର୍ଥାତ୍ ଖରାପ ବେଶ ଧାରଣ କରିଥିଲେହେଁ ନିଜର ସହଜ ସୌନ୍ଦର୍ଯ୍ୟ ହେତୁ ଜଗତକୁ ମୋହି ପାରେ । "ଇୟମଧିକମନୋଜ୍ଞା ବଲ୍କଲେନାପି ତନ୍ୱୀ, କିମିବ ହି ମଧୁରାଣାଂ ମଣ୍ଡନଂ ନାକୃତୀନାମ୍"—ଶକୁନ୍ତଳା ।

୩୫ । ରସିକଭୃଙ୍ଗ—ରସଗ୍ରାହୀ ଭ୍ରମର । ବନ୍ଧୁ—ବିଷ୍ଣୁ । ଶମ୍ବରାରି—କନ୍ଦର୍ପ । ରାମା ସୁଷମା—ସୁନ୍ଦରୀର ଶୋଭା । ପଙ୍କରେ ଥାଇ ସୁଦ୍ଧା ପଦ୍ମର ଶୋଭା ଅତି ଉତ୍କୃଷ୍ଟ । ପଙ୍କ ତାର ଶୋଭାକୁ ନାଶ କରି ପାରି ନାହିଁ—କାରଣ ତା ସ୍ୱାଭାବିକ ସୁନ୍ଦର । ତେଣୁ ତାହା ଏପରି ଆଦର ଲଭିଛି ।

୩୬ । ଶମ୍ବରାର—କାମଦେବ । ରାମା—ସୁନ୍ଦରୀ ଲବଣ୍ୟବତୀର । ସୁଷମା—ସୌନ୍ଦର୍ଯ୍ୟ ପଦ୍ମପରି ଆଦରଣୀୟ ।

ସେ କୋଟି କୋଟି ହୋଇଥିଲେ । ସେ ଶୋଭା ଦେଖିଥାନ୍ତି ଭଲେ ।
ଅଙ୍ଗେକ ଶତ ଶତ ରଖି । ସୁଖୀ ହୁଅନ୍ତି ଦେଖି ଦେଖି । ୩୭ ।
ଯେ ବାଲା ଚରିତ ଅଶେଷ । ଏମନ୍ତ କହୁଁ କହୁଁ ପୁଂସ ।
ପୁରପ୍ରବେଶ କଲା ଆନ । ଏ-ଛାନ୍ଦ ହୋଇଲା ସମ୍ପୂର୍ଣ୍ଣ । ୩ ।
ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ । ବରହିକୋଷରୁ ସମ୍ଭବି ।
ମନୁଷ୍ୟ ଏହି ଅଦଭୁତ । ଭଞ୍ଜାନୁଭଞ୍ଜ ନାମ ସତ । ୩୯ ।
ବଂଶିଷ୍ଠ ବଶିଷ୍ଠ ପାଳକା । ଶ୍ରୀରାମେ ଦତ୍ତ ରାଜଟୀକା ।
ସେ କୁଳେ ରାଜା ଧନଞ୍ଜୟ । ସମସ୍ତ ଗୁଣର ନିଳୟ । ୪୦ ।
ଧୁମୁସର ଅଧିକପଣେ । ଲୋକେ ବିଖ୍ୟାତ କବିଗୁଣେ ।
ତଦ୍‌ବତ ତାହାଙ୍କ ତନୁଜ । ନରେଶ ନୀଳକଣ୍ଠ ଭଞ୍ଜ । ୪୧ ।
ତାହାଙ୍କ ଜ୍ୟେଷ୍ଠ ସୁତ ମୂର୍ହି । ଉପେନ୍ଦ୍ର ଭଞ୍ଜ ନାମ ବହି ।
ତାରକମନ୍ତ୍ର ପରସାଦେ । ମୋହର କବିପଣ ଉଦେ ।୪୨।
କଳଙ୍କବିହୀନ ମୋ ଗୀତ । ଖଳ-ରାହୁରେ ଅଦୂଷିତ ।
ବଚନ ସୁଧାକର ଏହି । ସୁମନାବୃନ୍ଦ ସୁଖଦାୟୀ । ୪୩ ।

---

୩୭ । ଅଙ୍ଗେକେ—ପ୍ରତ୍ୟେକ ଅଂଶରେ ।

୩୮ । ପୁର ପ୍ରବେଶ—ନିଜ ଘରେ ପହଞ୍ଚିବା । ୩୯ । ବରହିକୋଷରୁ—ମୟୂରର ଡିମ୍ବରୁ । ମନୁଷ୍ୟ ଜନ୍ମିବା ଅଦ୍ଭୁତ—ଆଶ୍ଚର୍ଯ୍ୟ କଥା । ଭଞ୍ଜାନୁଭଞ୍ଜ—ଭଞ୍ଜଉପାଧିଧାରୀ ଓ ତଦ୍‌ବଂଶଜ କ୍ଷତ୍ରିୟ ପ୍ରଭୃତି ।

୪୦ । ବଶିଷ୍ଠ—ପ୍ରଧାନ ଋଷି, କୁଳ ପୁରୋହିତ । ପାଳକା—ପାଳକ; ସର୍ବଦା ସେ ବଂଶର ମଙ୍ଗଳାକାଂକ୍ଷୀ । ଗୁଣର ନିଳୟ—ସର୍ବଗୁଣ ଯୁକ୍ତ । ୪୧ । ଅଧିକପଣେ—ବଡ଼ ଭାବରେ, ରାଜାରୂପରେ । ତଦ୍‌ବତ—ତାଙ୍କ ପରି ବିଖ୍ୟାତ ଓ ଗୁଣପୂର୍ଣ୍ଣ । ତନୁଜ—ପୁତ୍ର । ନରେଶ—ରାଜା । ୪୨ । ତାରକ ମନ୍ତ୍ର—ରାମତାରକ ମନ୍ତ୍ର । ପରସାଦେ—ଅନୁଗ୍ରହରେ; ବଳରେ । ଯେ ଜିତେନ୍ଦ୍ରିୟ ଓ ଯୋଗୀ ସେ କେବଳ ରାମତାରକ ମନ୍ତ୍ର ସାଧନ କରି ସିଦ୍ଧିଲାଭ କରନ୍ତି; ଏଣୁ ଉପେନ୍ଦ୍ର ଜଣେ ଜିତେନ୍ଦ୍ରିୟ ଯୋଗୀ ଥିଲେ ।

୪୩ । କଳଙ୍କହୀନ—ଦୋଷଶୂନ୍ୟ, ତହୁଁ ଖଳ ରାହୁରେ—ଦୁଷ୍ଟରୂପ ରାହୁଦ୍ୱାରା—ଅଦୂଷିତ— ଅସ୍ପୃଷ୍ଟ, ତହୁ ମୋ କାବ୍ୟ ପ୍ରଶଂସା ବଚନ ସୁଧାକର—ଏ ଅଦ୍ଭୁତ ଚନ୍ଦ୍ର, ସେ ଚନ୍ଦ୍ରକୁ ରାହୁ ଗ୍ରାସ କରେ, କିନ୍ତୁ ଏ ଚନ୍ଦ୍ରକୁ ସେପରି କେହି ଅଭିଭୂତ କରି ପାରିବ ନାହିଁ । ସୁମନାବୃନ୍ଦ—ଦେବତାସମୂହ ବା ପଣ୍ଡିତଗଣ । ସୁଖଦାୟୀ—ଆନନ୍ଦପ୍ରଦ ।

ନାରିକେଳ ଯେ ରସପୂର । ଭକ୍ଷି ନ ପାରଇ ବାନର
ତାର କି ସ୍ୱାଦୁ ନାଶ ହୋଇ । ପ୍ରସଙ୍ଗୁ ଗଲି ମଧ୍ୟ କହି । ୪୪ ।

---

୪୪ । ନାରିକେଳ—ନଡ଼ିଆ । ରସପୂର—ରସପୂର୍ଣ୍ଣ, ତନ୍ଦୁ ମଧୁର । ବାନର—ମାଙ୍କଡ଼; ଅଳ୍ପବୁଦ୍ଧି ଚପଳ ମତ ଲୋକ । ଭକ୍ଷି ନ ପାରେ—ଆସ୍ୱାଦ କରି ପାରେ ନାହିଁ । ଅର୍ଥାତ୍ ସହଜରେ ଉପରେ ଧରିହେବ ନାହିଁ ବୁଦ୍ଧି ଚାଳନା କଲେ ତାର ମାଧୁର୍ଯ୍ୟ ଓ ସ୍ୱାଦୁ ଲାଭ କରିବ ।

---

ମହାରାଜା ଶ୍ରୀ ରାମଚନ୍ଦ୍ର ଉତ୍କଳ ୟୁନିଭର୍ସିଟି ପ୍ରେସରେ ଶ୍ରୀ ପଦ୍ମଚରଣ ଦା,ସଙ୍କ
ଦ୍ୱାରା ମୁଦ୍ରିତ, ୧୯୫୨